ନର-କିନ୍ନର

ଶାନ୍ତନୁ କୁମାର ଆଚାର୍ଯ୍ୟ

Digitized by srujanika@gmail.com

ନର-କିନ୍ନର

[ଓଡ଼ିଶା ସାହିତ୍ୟ ଏକାଡେମୀଦ୍ୱାରା ପୁରସ୍କୃତ ଉପନ୍ୟାସ]

ଶାନ୍ତନୁକୁମାର ଆଚାର୍ଯ୍ୟ

ଗ୍ରନ୍ଥ ମନ୍ଦିର

Digitized by srujanika@gmail.com

ପ୍ରକାଶକ : ଅଭିରାମ ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨
ଗ୍ରନ୍ଥ ମନ୍ଦିର, ଶାଖା : ମେନ୍‌ରୋଡ୍‌, ବ୍ରହ୍ମପୁର-୧

ମୁଦ୍ରକ : ନବରତ୍ନ ପ୍ରିଣ୍ଟର୍ସ
ଝାଞ୍ଜିରିମଙ୍ଗଳା, କଟକ-୯

ପ୍ରଥମ ସଂସ୍କରଣ : ୧୯୬୨
ପୁନର୍ମୁଦ୍ରଣ : ୧୯୮୧
ପୁନର୍ମୁଦ୍ରଣ : ଅକ୍ଟୋବର, ୧୯୮୬

ମୂଲ୍ୟ : ଟ ୪୦.୦୦
ସାଦାବନ୍ଧେଇ : ଟ ୩୫.୦୦

Digitized by srujanika@gmail.com

ପଥପ୍ରଦର୍ଶକ ବନ୍ଧୁ ମହାପାତ୍ର ନୀଳମଣି ସାହୁଙ୍କୁ...

Digitized by srujanika@gmail.com

ପ୍ରଥମ ଭାଗ

ସେମାନେ ଆସୁ ନ ଥିଲେ—ଅଣଗୃଣର ଶ୍ଳେଷ ଶ୍ଳେଷ ହାବୁକା ବହୁତବେଳୁ ଆରମ୍ଭ ହୋଇଯାଇଥିଲେ ମଧ୍ୟ ସେମାନେ ଆସୁ ନ ଥିଲେ । ଆଉ କିଛି ସେପରି ବାକି ରହିଯାଇଥିଲା । ତା'ପରେ ହଠାତ୍ ଦୀପ ଜଳିଉଠିଲା । ବୁଢ଼ାର ଶୁଖିଲା ଜିଭ ଆଉ ଥରେ ତାଳୁକୁ ଛୁଇଁଲା । ଅଣଗୃଣର ହାବୁକା ଧିମେଇଗଲା । ବୁଢ଼ା ଆଖି ଖୋଲିଲା । ବାହାରେ ଭୟଙ୍କର କୁହୁଡ଼ି । ବହୁକଷ୍ଟରେ ବୁଢ଼ା ତାକୁ ଖୋଜି ପାଇଲା । ଟୋକାଟା ଗୁମ୍ମାରି ବସିରହିଥିଲା ସେମିତି । ତା'ପରେ ବୁଢ଼ାର ଶୁଖିଲା ହାତଟା ସାମାନ୍ୟ ଉପରକୁ ଉଠି ଅଣ୍ଡାଳିହେଲା—ଶୂନ୍ୟରେ ।

ରୁ —କୋଉଠି—ବାବା···

ନୀରବରେ ପିଲାଟି ଢଳିପଡ଼ିଲା ମରୁଥିବା ଲୋକର ଛାତି ଉପରେ । ବୁଢ଼ାର ନିର୍ଜୀବ ହାତ ଗୋଟାଏ ମୁହୂର୍ତ୍ତପାଇଁ ଛୁଇଁଲା ସେଇ ଗ୍ରେଟିଆ ମୁଣ୍ଡଟିକୁ; କିନ୍ତୁ ତା'ପରେ ସବୁ କାଠ-ହୋଇଗଲା । କାଠହୋଇଯିବାକୁ ପଡ଼ିଲା; ନଚେତ୍ ସେମାନେ ହୁଏତ ଆସିବା ପାଇଁ ଖୁବ୍ ବେଶୀ ଡେରିକରିବେ । ଏଥିମଧ୍ୟରେ ଏଇ ସଂସାରର ପ୍ରତି ଅନ୍ଧିକନ୍ଧିକୁ ମାଡ଼ିଯାଇଥିବା ତାର ପ୍ରତ୍ୟେକ ଚେରଗୁଡ଼ିକୁ ଟାଣି-ଓଟାରି ଓପାଡ଼ିଆଣି ସେ ଜମେଇଦେଇଥିଲା ତାର ନିଜ ଛାତିପାଖେ । କିନ୍ତୁ କେବଳ ଗୋଟିଏ ଚେରକୁ ସାହସ କରି ସେ ଓପାଡ଼ି ପାରି ନ ଥିଲା ଏପର୍ଯ୍ୟନ୍ତ । ସେଇଟିକ କାମକୁ ସେ ସେମାନଙ୍କ ହାତରେ ଛାଡ଼ିଦେଇ ଶୋଇପଡ଼ିବ ବୋଲି ଆଶା କରିଥିଲା । କିନ୍ତୁ ସେମାନେ ଆସୁ ନ ଥିଲେ ।

ଶେଷଥର ପାଇଁ ବୁଢ଼ାର ଓଠ ଥରିଉଠିଲା ।

ବୋଧହୁଏ ସେଇ ଅସ୍ପଷ୍ଟ ଆଉ ଖାପଛଡ଼ା ଶବ୍ଦଗୁଡ଼ିକର ଅର୍ଥ, ବାହାରକୁ କିଛି ଟାଇ ନଥିଲା । ପବନେ ପବନେ ସେମିତି ଉଭେଇଯାଇଥାନ୍ତେ ସେମାନେ । କିନ୍ତୁ ବୁଢ଼ାର ଛାତିରେ କାନ ଦେଇ ତାର ଭିତରର ପ୍ରତ୍ୟେକ ମର୍ମରକୁ ଶୁଣିନେଇଥିଲା ଜଣେ ।

ବୁଢ଼ାର ସେଇ ଖଣ୍ଡି ଖଣ୍ଡି ଆଉ ଫୁସ୍-ଫୁସୁ କଥା କେଇପଦକୁ ସରିବାକୁ ନ ଦେଇ ପିଲାଟା ଯେଉଁ ଚିତ୍କାର ହଠାତ୍ କରିଉଠିଲା, ତାହା ବୋଧହୁଏ ବୁଢ଼ା ଶୁଣିପାରିନାହିଁ । ହୁଏତ ସେ ଶୁଣିଛି କିମ୍ବା, ନା ସେ ଶୁଣିପାରିନାହିଁ ।

କିନ୍ତୁ ସେଥିରେ କିଛି ଯାଏ-ଆସେନା । କିଏ, କଅଣ, କେତେବେଳେ, କିପରି, କାହିଁକି ଓ କୋଉଠି ଚିତ୍କାର କରୁଥିଲା, ସେସବୁ ବିଷୟକୁ କାନ ଆଉ ନ ଥିଲା ତାର । ସେ ମରୁଥିଲା । ସେ ବୁଝିଥିଲା—ସେପରି ବିଶେଷ କିଛି ତାତ୍ପର୍ଯ୍ୟ ନ ଥିଲା ସେଇ ମରଣରେ । ବିଶେଷ କିଛି ଆଡ଼ମ୍ବର ନ ଥିଲା ସେଇ ମୃତ୍ୟୁରେ । ବିଶେଷ କିଛି ଉଦ୍ଦେଶ୍ୟ ନ ଥିଲା ସେଇ ମୃତ୍ୟୁରେ । ବିଶେଷ ରସାୟନିକ ଯୁଦ୍ଧ, ଷ୍ଟେଥୋସ୍କୋପ, ଇଂଜେକ୍ସନ୍ ସିରିଞ୍ଜ, ଥର୍ମୋମିଟର

Digitized by srujanika@gmail.com

ବା କିଛି ସେଓ, ନାସ୍ପାତି ବା ବେଦାନାର ଆଡ଼ମ୍ବର ନ ଥିଲା ମଧ୍ୟ । ବେଶ୍ ସହଜ ଆଉ ସରଳ ଭାବେ ତାର ମରିବାର କଥା । କିନ୍ତୁ କାହିଁକି କେଜାଣି, ଅଶରୀରୀର ଗତି ସ୍ଥିରହେଉ ନଥିଲା । ମାତ୍ର ବିବେକକୁ ଝାଡ଼ିଝୁଡ଼ି ଦେଇ ସଫା କରିସାରିଲା ପରେ ଆଉ କାହାରି ପାଇଁ ଅପେକ୍ଷା କରି ରହିବାର ଆବଶ୍ୟକତା ନ ଥିଲା ତାର । ଏଥର ଦୂରରୁ ସେମାନଙ୍କର ପାଦଶବ୍ଦ ସେ ସ୍ପଷ୍ଟ ଶୁଣିପାରିଥିଲା । ଆଉ ଟିକିକେ ସେମାନେ ଆସିଯିବେ । ଅଶରୀରୀର ଗତି ମନ୍ଥର ହୋଇ ଆସୁଥିଲା ।

ଅନେକ ସମୟ ପରେ··· ଶବର ଶୀତଳ ଚମଡ଼ା ଉପରୁ ମୁହଁ ଟେକି ଜର୍ଜ ଯେତେବେଳେ ତାର ଫୁଲିଲା ଫୁଲିଲା ଆଖି ନେଇ ସାରା ଘରଟାକୁ ଆଉ ଥରେ ଚାହେଁ, ଯେତେବେଳେ ସେ ଦେଖିଲା ତାର ଆଖି ଆଗରେ ଆଉ ଗୋଟାଏ ଅସମ୍ଭବ, ଭୟଙ୍କର ସଂସାର ମୁଣ୍ଡଟେକି ଉଠିଥିଲା । ଗତ ଚଉଦବର୍ଷ ଧରି ଯେଉଁ ଛୋଟ ସଂସାରଟି ଗୋଟିଏ ଖେଳପେଣ୍ଡୁ ହୋଇ ତାର ପାଦତଳେ ଗଡ଼ୁଥିଲା, ହଠାତ୍ ରୂପ ବଦଳେଇ ସେ ଆସି ଠିଆହୋଇପଡ଼ିଲା । କେବଳ ଠିଆହୋଇପଡ଼ିଲା ନାହିଁ, ତାର ସମସ୍ତ ବିଶାଳକାୟତା ବିସ୍ତାର କରି ସେ ଆସି ଲଦିହେଇପଡ଼ିଲା ହଠାତ୍—ଗୋଟିଏ ଛୋଟ ଚଉଦବର୍ଷ ପିଲାର ପିଠି ଉପରେ ।

ଉଠ୍, ଉଠା ମତେ !—ଟୋଇଠା ଉପରେ ଗୋଇଠା ଚଢ଼ାଇ ହାଙ୍କି ଉଠୁଥିଲା ସଂସାର ।

ଜର୍ଜ ଉଠି ଠିଆହେଲା । ଘରର ପ୍ରତି ଅନ୍ଧକନ୍ଦିକୁ ଆଉ ଥରେ ଚାହୁଁ ଚାହୁଁ ସେ ବୁଢ଼ାର ଶବକୁ ଡେଇଁପଡ଼ି ଆଗେଇଗଲା । ହାତର ଛୋଟିଆ ଥଳିଝଣ୍ଡକରେ ତାର ଗୋଟାଏ ଦୁ'ଟା ଛିଣ୍ଡା ଟ୍ରାଉଜର ଆଉ ଜାମା ଭର୍ତ୍ତିକରି ସେ ଥଳିଟିକୁ କାନ୍ଧରେ ପକାଇ ଠିଆହେଲା । ତା'ପରେ ସେ ଆଗେଇଗଲା—ସାମନା କାନ୍ଥର ଗୋଟାଏ କାଚ ଆଲମାରି ପାଖକୁ । ଆଲମାରିର କାଚରେ ହାତ ଦେଇ ସେ ଚମକିପଡ଼ି ପଛକୁ ହାତ ଫେରେଇନେଲା ।

ପଛରେ କାହାର ପାଦଶବ୍ଦ । ଚମକିପଡ଼ିଲା ସେ ।

ଚାରିଆଡ଼କୁ ଅନାଇଲା ।—କାହିଁ ? କିଏ କାହିଁ ?

ପାଦଶବ୍ଦ ହଠାତ୍ ବନ୍ଦ ହୋଇଗଲା ।

ଜର୍ଜ ଫେରି ଚାହିଁଲା ।

ମଡ଼ା ଛୁଇଁ ମଡ଼ା ପଡ଼ିରହିଥିଲା । କିଅଣ ଭାବି ପିଲାଟା ପୁଣି ଯାଇ ମଡ଼ା ପାଖରେ ହାମୁଡ଼େଇ ପଡ଼ିଲା । ଆଖି ଦୁ'ଟା ସେମିତି ଜଳଜଳ କରି ଚାହିଁଥିଲା; କିନ୍ତୁ କ୍ରମେ କ୍ରମେ ସେ ଦୁଇଟା ଭିତରକୁ ଭିତରକୁ ପଶିଯାଉଥିଲା । ବୁଢ଼ାର ଦରମେଲା ପାଟିକୁ ଚାହିଁ ପିଲାଟାର ଦେହ ଶୀତେଇ ଉଠିଲା । କିନ୍ତୁ ସେ ଆଉ ଚିହିଁରି ଉଠିଲା ନାହିଁ । ଖୁବ୍ ସାହସ ସଂଗ୍ରହ କରି ବୁଢ଼ାର ଶୁଖିଲା, କାଠୁଆ, ଥଣ୍ଡା ମୁହଁ ଉପରେ ଆଉ ଥରେ ହାତ ବୁଲେଇ ନେଲା । ତା' ପରେ ଜୋର୍ କରି ମଲା ଲୋକର ଆଁ ଟାକୁ ବନ୍ଦ କରିବାକୁ ଚେଷ୍ଟାକଲା; କିନ୍ତୁ ସେ ପାଟି ଆଉ ବନ୍ଦ ହେଲା ନାହିଁ । ବାରମ୍ବାର ସେ ଫେରିଆସିଥିଲା ତାର ସେଇ ଖୋଲା ଅବସ୍ଥାକୁ, ସତେ ଯେପରି ତାର ଅନେକ କିଛି କହିବାର ରହିଯାଇଥିଲା । କିନ୍ତୁ ସେସବୁ ଆଉ କିଛି

Digitized by srujanika@gmail.com

ପଶୁ ନ ଥିଲା ପିଲାଟାର କାନରେ ।

ମଡ଼ା ପାଖରେ ଆଣ୍ଠୁମାଡ଼ି ବସି ସେ ଆଉ ଥରେ ମଡ଼ାର ମୁହଁକୁ ନିରେଖି ଚାହିଁ ମନକୁ ମନ ଯେପରି କହିଲା—ମୁଁ ଜାଣେ—ତୁମେ ମୋର ବାବା ନୁହଁ; ତୁମେ ମୋର କେହି ନୁହଁ—କହିବ କହିବ ବୋଲି ବହୁତ ଦିନ ଡେରି କରିଦେଲ । ତୁମେ—ଭାବିଥିଲ—ନ କହି ମଧ୍ୟ ସ୍ୱଚ୍ଛନ୍ଦରେ ଚାଲିଯାଇପାରିବ !—କିନ୍ତୁ ଯାଇପାରିଲ ନାହିଁ ତୁମେ—ଠିକ୍ କରିଛ—ମନକୁ ପରିଷ୍କାର ନକରି ତୁମେ ଯାଇପାରିନଥାନ୍ତ ଆଦୌ । ତେବେ ଏତେ ଦିନଧରି ଲୁଚାଇ ରଖିଥିଲ କାହିଁକି ? ମୋତେ ଏତେ ଦିନ ବାନ୍ଧିରଖି, ମୋର ଆଖିକୁ ଅନ୍ଧକରି ମୋର ସ୍ୱାତନ୍ତ୍ର୍ୟକୁ କ୍ଷୁଣ୍ଣ କରି କାହିଁକି ତା'ହେଲେ ଧରିରଖିଥିଲ ? ଯଦି କୌଣସି ଡାକ୍ତରଖାନାର ନଳାଭିତରେ ମୁଁ କୁଆଁ କୁଆଁ ପାଟି କରୁଥିବାର ତୁମେ ଶୁଣିପାରିଲ, ତା' ହେଲେ କାହିଁକି ମୋର ସେଇ ଚିତ୍କାରକୁ ଚିରଦିନ ପାଇଁ ବନ୍ଦ କରି ନ ଦେଲ ? ମୋତେ ବଞ୍ଚାଇରଖିବାରେ କଅଣ ଉଦ୍ଦେଶ୍ୟ ଥିଲା ତୁମର—ବୁଢ଼ା ? ତୁମେ ତ ମୋର କୌଣସି ସାହାଯ୍ୟ ନେଇ ନାହଁ ? ମୋର ହାତଗୋଡ଼ କାଟି, ମୋର ଶରୀରରେ କ୍ଷତ ସୃଷ୍ଟି କରି, ତହିଁରେ ଜୀବାଣୁର ପ୍ରଲେପ ଦେଇ, ବୀଭତ୍ସ ଘାଆ ସୃଷ୍ଟି କରି ମୋତେ ଏକ ଦର୍ଶନୀୟ ଜୀବ କରି ତୁମର ଅନ୍ନସଂସ୍ଥାନ ତ କରିନ ? ତା'ହେଲେ କାହିଁକି ମତେ ବଞ୍ଚେଇ ରଖିଥିଲ ଏତେଦିନ ? କି ସ୍ୱାର୍ଥ ତୁମର ଏଥିରେ ଥିଲା ବୁଢ଼ା ! ଗୋଟାଏ 'ବାବା' ଡାକ କ'ଣ ତୁମକୁ ଏତେ ମୋହାନ୍ଧ କରିଦେଲା ?

ଚଉଦ ବର୍ଷର ପିଲାଟି ହୁଏତ ଅନେକ କଥା ବୁଝିଥିଲା । ଭାବପ୍ରବଣତା ତାର ପ୍ରତି ରୋମମୂଳରେ ଚେଇଁଉଠୁଥିଲା । ଅସଂଖ୍ୟ ପ୍ରଶ୍ନ, ଅସଂଖ୍ୟ ଚିତ୍କାର ଉଠୁଥିଲା ତାର ଛାତି ଭିତରୁ । ତାର ମୁହଁ ଆଉ କାନ ପ୍ରତି ମୁହୂର୍ତ୍ତରେ ରଙ୍ଗ ବଦଳାଉଥିଲା । ଘୃଣା, ଅପମାନ, ବ୍ୟର୍ଥତା, ନିଃସହାୟତା ଗୋଟିକ ପରେ ଗୋଟିଏ ମୁଣ୍ଡ ଟେକି ଉଠି, ତେଣା ପିଟି ପୁଣି ବୁଡ଼ିଯାଉଥିଲା ଗଭୀର ଭାବପ୍ରବଣତା ମଧ୍ୟରେ ।

ଡାକ୍ତରଖାନା ନଳାର କୁଆ ଉଠି ଠିଆହେଲା । ସାରା ଘରଟାକୁ ଗୋଟାଏ ନିର୍ବୋଧ ଦୃଷ୍ଟିରେ ଚାହିଁ ଚାହିଁ ତାର ମନେହେଲା, ହଠାତ୍ ଝନ୍‌କରି କିଛି ଗୋଟାଏ କୋଉଠୁ ଖିଲୁକି ଫିଟିଗଲା । ଜର୍ଜ ତାର ଥଳିଟିକୁ ଦରାଣ୍ଡି ନେଲା । ଛିଣ୍ଡା ପେଣ୍ଟ ଜାମା ଭିତରେ ଗ୍ଲେଟ ନରମ ଜିନିଷଟି ତାର ହାତର ସ୍ପର୍ଶ ପାଇ କ୍ଷୀଣକଣ୍ଠରେ ଉତ୍ତର ଦେଲା—କ୍ୟୁଁ... କ୍ୟୁଁ...କ୍ୟୁଁ । ସେ ଆସିଛି ! ସେଇ ନିର୍ଜନ ମୁହୂର୍ତ୍ତରେ ସାମାନ୍ୟ ରବର କଣ୍ଢେଇଟିର ଶବ୍ଦଟା ଯେ ଏତେ ଜୀବନ୍ତ ଶୁଣାଯାଇପାରେ ! ସେ ଶବ୍ଦରେ ଜର୍ଜ ପ୍ରଥମେ ଚମକିପଡ଼ିଲା । ତା'ପରେ ସେ ଆଉ ଥରେ ଅନୁଭବ କଲା—ସେଇ ନରମ ଜିନିଷଟିକୁ ତାର ଥଳି ଭିତରେ । ବେଶ୍ ଉଷୁମ ଆଉ ଜୀବନ୍ତ ଲାଗୁଥିଲା ସେ ସେଇ ମୁହୂର୍ତ୍ତରେ, ଆଉ ଜର୍ଜର ପ୍ରତିଟି ସ୍ପର୍ଶର ଜୀବନ୍ତ ଉତ୍ତର ମଧ୍ୟ ଦେଉଥିଲା ସେ ।

ହଠାତ୍ ଏକ ଅଦ୍ଭୁତ ଚେତନା ଜର୍ଜର ସର୍ବାଙ୍ଗରେ ଖେଳିଗଲା । ଥଳିଟିକୁ ଉଠାଇ ସେ ତାକୁ ଛାତିରେ ଜାକିଧରିଲା ।

Digitized by srujanika@gmail.com

ଦାଣଘରେ ସେ କୌଣସି ଜଣେ ସ୍ତ୍ରୀଲୋକକୁ ଭେଟିଲା । ଲୋକଟାର ମୁହଁକୁ ଚାହିଁବାର ଧୈର୍ଯ୍ୟ ଆଉ ପିଲାଟାର ନଥିଲା । ସ୍ତ୍ରୀଲୋକଟା ଟୋକାଟାର ମୁହଁକୁ ସିଧାସଳଖ ନ ଚାହିଁ କହିଲା—ହକ୍‌କା ହେଉଥିଲୁ ତ ?

ଥକ୍‌କାମାରି ହୋଇ ଠିଆହୋଇଯାଇ ଜର୍ଜ ସ୍ତ୍ରୀଲୋକଟାର ମୁହଁକୁ ଚାହିଁଲା । କିନ୍ତୁ ବେଶି ସମୟ ସେ ଚାହିଁପାରିଲା ନାହିଁ ସେଇ କୁଞ୍ଚିତ ମୁହଁଟାକୁ । ତାର ମୁହଁ ତଳକୁ ହୋଇଗଲା ।

ସ୍ତ୍ରୀଲୋକଟା ପୁଣି କହିଲା—ଯାହାହେଉ, ସବୁ ସ୍ୱୀକାର କରିଯାଇଛୁ । ସ୍ୱର୍ଗକୁ ଯାଇପାରେ ହେଲେ ସ୍ୱର୍ଗ ବହୁଦୂର ବାଟ । ହେଇ, ଦେଖ୍ ତଟି ।

କାବା-କାଠ ହୋଇ ଠିଆହୋଇ ରହିଲା ପିଲାଟା । ଲୋକଟା କିଏ—ଭୂତ କି ମଣିଷ କିଛି ଠିକ୍ କରିପାରିଲା ନାହିଁ ସେ । ଏ କିଏ ? ଏଇ ଘରେ ତ ସ୍ତ୍ରୀଲୋକର ପାଦ ପଡ଼େନା ! ଚଉଦ ବର୍ଷଧରି ପଡ଼ିନାହିଁ । ଏ ପୁଣି ଉଠିଆସିଲା କୋଉଠୁ ?

ସ୍ତ୍ରୀଲୋକଟା ଗୋଟାଏ ବିରାଟ ଲଫାପା ଭିତରେ ଆଙ୍ଗୁଠି ପୁରେଇଥିଲା । ତାର ଆଙ୍ଗୁଠି ତଳେ ଫଡ଼୍‌ଫଡ଼୍ ହେଇ ଗୋଟାଏ କରଡ଼ା କାଗଜର ଆବାଜ୍ ।

ଜର୍ଜର ଅଷ୍ଟାଙ୍ଗ ଶରୀର କମ୍ପିବାକୁ ଆରମ୍ଭ କଲା । କରଡ଼ା କାଗଜର ଖସ୍‌ଖସ୍ ଆବାଜରେ ତାର ଦାନ୍ତ ଥରିଉଠିଲା ।

ଭୂତ ଭଳି ହଠାତ୍ ଆଗକୁ ମାଡ଼ିଆସି, ଜର୍ଜର ବାଟ ଓଗାଳି ଠିଆହୋଇପଡ଼ି ସ୍ତ୍ରୀଲୋକଟା ଗୋଟାଏ ରୁକ୍ଷ ପୁରୁଷକଣ୍ଠରେ କହିଉଠିଲା—"ଏ ଘର ମୋର । ଦେଖା, ସେ କଅଣ ନେଇ ଚାଲିଛୁ ।"

ଗୋଟାଏ ଝାମ୍ପମାରି ସ୍ତ୍ରୀଲୋକଟା ପିଲାଟା ହାତରୁ ତାର ଏକମାତ୍ର ସମ୍ବଳ ସେଇ ଥଳିଟିକୁ ଛଡ଼େଇନେଇ ତାକୁ ଅଣ୍ଡାଳି ପକାଇଲା । ଥଳିର ଛିଣ୍ଡା ମଇଳା ପେଣ୍ଟ ଜାମିଜ୍‌ର ଫୁଲ୍‌ଟିଆ ଗନ୍ଧରେ ବିବ୍ରତ ହୋଇ ସ୍ତ୍ରୀଲୋକଟି ସେ ଥଳିଟିକୁ ଫୋପାଡ଼ିଦେଲା ।

କେଁ କେଁ—ଝିର୍ଣ୍ଣକାତର ରବର କଣ୍ଢେଇଟି ନିଜକୁ ଲୁଚାଇ ପାରିଲା ନାହିଁ ସେଇ ମୁହୂର୍ତ୍ତରେ ।

"କଅଣ ସେଇଟା ନେଇଯାଉଚୁ ତୁ ଚୋର— ମୋ ଘରୁ ?" ପୁଣି ଥରେ ଝାମ୍ପିନେଇ ଥଳି ଭିତରକୁ ମୁହଁ ପକେଇଲା ସେ ସ୍ତ୍ରୀଲୋକଟି ।

ଜର୍ଜର ମୁହଁ ରଙ୍ଗାପଡ଼ିଗଲା । ସେ ଦେଖିଲା—ସେଇ ରାକ୍ଷସୁଣୀଟା କିଭଳି ନିର୍ଦ୍ଦୟ ଭାବେ ଦଳିପକାଉଥିଲା ସେହି ଲହୁଣୀପିଣ୍ଡୁଳା ରବର କଣ୍ଢେଇଟିକୁ ।

"ଏଇଟା ମୋର ସମ୍ପତ୍ତି । ଏ ଘରର ସବୁ ଜିନିଷ ମୋର । ତୁ କିଏ ? ଯା, ଭାଗ୍ ।"

ସ୍ତ୍ରୀଲୋକଟାର ପଂଝା ଭିତରେ ପଡ଼ିଯାଇ ରବର କଣ୍ଢେଇଟି ଚିତ୍କାର କରି କରି ମରୁଥିଲା । ଅନ୍ୟ ହାତରେ ସେଇ କରଡ଼ା କାଗଜଖଣ୍ଡକ ଦାନ୍ତ ରଗଡ଼ି ହେଉଥିଲା ।

ଟୋକାଟା ଆଉ ସହିପାରିଲା ନାହିଁ । ମାଇଲା ଗୋଟାଏ ଝାମ୍ପ । ରବର କଣ୍ଢେଇଟାକୁ ହସ୍ତଗତ କରିବାମାତ୍ରେ ଏକାଡ଼ିଆଁ କେ ସେ ଆସି ପଡ଼ିଲା କେଉଁଠି କେଜାଣେ !

ସେ ପର୍ଯ୍ୟନ୍ତ ପିଲାଟା କିଛି ବୁଝିପାରୁନଥିଲା । ସେ ଆଦୌ ଠଉରି କରିପାରୁନଥିଲା

Digitized by srujanika@gmail.com

କଅଣ ସବୁ ଘଟିଯାଉଚି ତାର ଚଉପାଖେ ! କିଏ ସବୁ ଦଉଡ଼ୁଛନ୍ତି ତାର ପଛେ ପଛେ । କିଏ ସବୁ ଥୋକେ ଥୋକେ ଦଉଡ଼ୁଛନ୍ତି ପଛେ ପଛେ, ଆଉ କିଏ ସବୁ ଥୋକେ ପଳାଉଛନ୍ତି ମଧ୍ୟ ତା'ଠାରୁ ଦୂରକୁ ।

ଟେର—ଟେର—ଟେର—

ଅନ୍ତନାଃଶ୍ୱାସୀ ହୋଇ ଧାଉଁଥିଲା ଟୋକାଟା । ତାର ଗୋଡ଼ ଦାଉଁଦାଉଁ ପଡ଼ୁଥିଲା; ଆଉ ପ୍ରତ୍ୟେକଟି ଧାଉଁ ଶବ୍ଦ ସହିତ ମିଶି ଆଉ ଗୋଟିଏ ସମ୍ବେଦନଶୀଳ ଶବ୍ଦ ଯେତେ କ୍ଷୀଣ ହେଲେ ବି ଉଠୁଥିଲା ଯେ ଗୋଡ଼ ଉପରେ ଜକାହୋଇଥିବା ଧଳାଟାର ଆଣ୍ଠୁକୁଚ ମାଣ୍ଠୁକୁଚ ଭିତରୁ—କ୍ୟୁଁ...କ୍ୟୁଁ...କ୍ୟୁଁ ।

ଜର୍କ ଧାଉଁଥିଲା । ସେ କେବଳ ଯଥେଷ୍ଟ ଆଶ୍ୱସ୍ତି ପାଉଥିଲା ସେଇ ପ୍ରାଣମୂର୍ଚ୍ଛା ଦଉଡ଼ ଭିତରୁ । କେହି ଯେପରି ତାର ସାଙ୍ଗେ ସାଙ୍ଗେ ଧାଇଁ ଧାଇଁ ତା' କାନରେ ଖାଲି କହୁଥିଲା—ବେଶ୍ ବେଶ୍ ! ତୁ ଖସିଆସିଛୁ ! ତୁ ଖୋଲା ! ତୁ ସ୍ୱାଧୀନ ! ତୁ ସ୍ୱାଧୀନ ! ତୁ ସ୍ୱତନ୍ତ୍ର ! ତୁ ସ୍ୱତନ୍ତ୍ର !

ସବୁ ଗୋଡ଼ କାଢ଼ିବାର ପରମୁହୂର୍ତ୍ତରେ ଯେଉଁ ସମସ୍ୟାଟି ଅତି ଭୟଙ୍କର ଭାବେ ଦେଖାଦେଲା—ପ୍ରଥମ ଗୋଟାଏ ଦିନ ଗୋଟାଏ ରାତି ତାର କଟିଗଲା ସ୍ୱେଚ୍ଛାଉପବାସରେ । କିନ୍ତୁ ପରଦିନ ସକାଳୁ ସେ ଏପରି ମର୍ମନ୍ତୁଦ ଯନ୍ତ୍ରଣା ଅନୁଭବ କଲା ଯେ, ସେ ଦେଖିଲା ମଣିଷ ପ୍ରତି ତାର ସମସ୍ତ ଅଭିଯୋଗ ସତ୍ତ୍ୱେ ସେ ପୁଣି ଟାଣିହୋଇଯାଉଛି ସେଇମାନଙ୍କ ଆଡ଼କୁ । ଆଉ ସେଇ ଟାଣିହୋଇଯିବାର ମୂଳରେ ରହିଥିଲା ଗୋଟିଏ କଥା—ଖା—ଇ—ବା । ସେଇ ଗୋଟିଏ ବିଷୟ ବ୍ୟତୀତ ଅନ୍ୟ କୌଣସି ବିଷୟରେ ଚିନ୍ତାକରିବାର ବେଳ ବା ବଳ ମଧ୍ୟ ଆଉ ନ ଥିଲା । ସେ ଧୀରେ ଧୀରେ ଉଠିବାକୁ ଚେଷ୍ଟାକଲା ଓ ସେତିକିବେଳେ ସେ ଆବିଷ୍କାର କଲା ଯେ ଗତ ଦିନର ଅଭିମାନର ବଳ କୁଆଡ଼େ ତା'ଠାରୁ ଉଭେଇଗଲାଣି ଗୋଟାଏ ରାତି ଭିତରେ । ହୁଏତ ସେଗୁଡ଼ିକ ଉଭେଇ ଯାଇ ନ ଥିଲା; ବରଂ ଓହ୍ଲେଇଯାଇ ସେଗୁଡ଼ିକ ଠୁଳ ହୋଇଥିଲା—ମାତ୍ର ଗୋଟିଏ ବିନ୍ଦୁରେ ।

ମନର ଝଙ୍କା ବରଗଛର ଡାଳ ତଳୁ ଅଭିମାନର ଶିଅଗୁଡ଼ିକ କଟିଗଲା ପରେ ଓ ସେଇ ଡାଳଆଗୁଡ଼ିକର ମଞ୍ଜି ଭିତରୁ ସେଇ ପରିଚିତ ମଡ଼ମଡ଼ ଶବ୍ଦଗୁଡ଼ିକ ଆରମ୍ଭ ହେବା ପୂର୍ବରୁ—ପେଟ ଯେତେ ଯେତେ ହାଁ ହାଁ ହେବାକୁ ଲାଗେ, ଆଖି ସେତିକି ସେତିକି ଆବିଷ୍କାର କରେ ବାସ୍ତବ ଜଗତକୁ । ଦେ, ଖାଦ୍ୟ ଦେ ! ପେଟ ଭିତରେ ଜୀବନ ଗଁ-ଗଁ ହୋଇଉଠେ । ତାର ଉତ୍ତର ମିଳେ ଆଖି, ନାକ, କାନ, ଇନ୍ଦ୍ରିୟଗଣଙ୍କଠାରୁ । ହୁଏତ ପେଟଟାଇ ଜ୍ଞାନର ସର୍ବବୃହତ୍ ଅନୁପୂରକ ।

ଜର୍କର ପାଦ ଟଳୁଥିଲା, କିନ୍ତୁ ଏକ-ଲକ୍ଷ୍ୟ ହୋଇଥିବାରୁ ସେ ଚାଲିପାରୁଥିଲା ।

ସହରର ଦୋକାନବଜାର ଏପର୍ଯ୍ୟନ୍ତ ଖୋଲି ନ ଥିଲା । ଦୋକାନ ପିଣ୍ଡାରେ ମୁହଁ ଢାଙ୍କି

Digitized by srujanika@gmail.com

ଘୋଡ଼େଇ ହୋଇ ଏପର୍ଯ୍ୟନ୍ତ ଶବଗୁଡ଼ାକ ପଡ଼ିରହିଥିଲେ । ପେଟରେ ସେମାନଙ୍କର ପୂର୍ବ-ଘରର ଯଥେଷ୍ଟ ଖାଦ୍ୟ ସଞ୍ଚିତ ଥିଲା ନିଶ୍ଚୟ; ନଚେତ୍ ଏପର୍ଯ୍ୟନ୍ତ କଅାଁ ଜୀବ ପାଇ ଉଠି ନ ଥିଲେ ସେମାନେ ?

ଜର୍ଜ କିନ୍ତୁ ଜୀବନକୁ ସଂପୂର୍ଣ୍ଣଭାବେ ଅନୁଭବ କରୁଥିଲା—ତାର ପେଟ ଭିତରେ । ମୂଳରାସ୍ତା ଛାଡ଼ି ଏଥର ଗୋଟିଏ ଗଳିଭିତରକୁ ଯାଇ ସେ ଖାଦ୍ୟର ଅନ୍ୱେଷଣ କଲା । ଅଳ୍ପଦୂର ଯିବା ପରେ, ପ୍ରଥମ ଥର ପାଇଁ ଖାଦ୍ୟର ଗୋଟାଏ ପାଗଳକରା ବାସ୍ନା ସେ ଅନୁଭବ କଲା । ସେ ବାସ୍ନା ନାକବାଟେ ରକ୍ତକୁ ପଶିଯାଇ ତାକୁ ଏପରି ଚମକେଇଦେଲା ଯେ, ପେଟ ଭିତରେ କିଏ ଗୋଟାଏ ବାରମ୍ବାର ଗୋଇଠା ମାରିବାକୁ ଆରମ୍ଭ କରିଦେଲା । ତା' ପରେ ନାକ ହିଁ ବାଟ କଢ଼େଇ ଘେନିଗଲା ତାକୁ ଅବଶିଷ୍ଟ ବାଟ । ସେ ବାଟ ଖୋଜିବାପାଇଁ ଦୃଷ୍ଟି ବା ଦର୍ଶନର ଆବଶ୍ୟକତା ଆଉ ନ ଥିଲା ।

ଅଳ୍ପଦୂର ଯାଇ ଜର୍ଜ ଠିଆହେଲା ଗୋଟାଏ କାଠ-କ୍ୟାବିନ୍ ଦୋକାନର ଓଳିତଳେ । ଟିକିଏ ଦୂରଛଡ଼ା ହୋଇ ସେ ଠିଆହେଲା; କାରଣ କ୍ୟାବିନ୍‌କୁ ଘେରି ପଂଝାଏ ଲୋକ ଟାକି-ବସିଥାନ୍ତି । ସେଥିରୁ କେତେଜଣ କ୍ୟାବିନ୍ ଭିତରେ ପଡ଼ିଥିବା ଗୋଟାଏ ଘୋଡ଼ଚ ବା ବେଞ୍ଚ ଉପରେ ବସିଥାନ୍ତି । ଆଉ କେତେଜଣ କ୍ୟାବିନ୍ ଓଳିତଳକୁ ଲାଗି ଲମ୍ବ ହୋଇ ପଡ଼ିଥିବା ଖଣ୍ଡେ ଶୁଖିଲା କାଠଗଣ୍ଡି ଉପରେ ବସି ଉପରକୁ ଚାହିଁ ନାକେଇ ଥାଆନ୍ତି । କ୍ୟାବିନ୍‌ର ଗୋଟିଏ କଣକୁ ଗୋଦରା ମାଇକିନିଆଟାଏ ହୁତ୍ ହୁତ୍ ହୋଇ ଜଳୁଥିବା ଗୋଟାଏ ଡାହାଣିଆ କୋଇଲା ଚୁଲିକୁ ସଂପୂର୍ଣ୍ଣ ଆବୋରି ବସିଥାଏ ଓ ଗୋଟାଏ ଆଖିରେ ଗରାଖମାନଙ୍କୁ ନଘାକରି ଅନ୍ୟ ଆଖିରେ ସେ ଚୁଲି ଉପରେ ସିଝୁଥିବା ଜିନିଷଟିକୁ ଲକ୍ଷ୍ୟ କରୁଥାଏ ।

ଜର୍ଜ ଠିଆହେଲା । ଗୋଟାଏ ମୁହୂର୍ତ୍ତ ପାଇଁ ତା' ପେଟର ନିଆଁଟା ଦପ୍‌କରି ଲିଭିଗଲା । ଏତେଗୁଡ଼ାଏ ମଣିଷଙ୍କର ଏକାଠି ହୋଇଥିବା ସେ ଭୟଙ୍କର ଦୃଶ୍ୟଟା ପିଲାଟା ଆଡ଼କୁ ହାଁ-ହାଁ ହୋଇ ମାଡ଼ିଆସିଲା । ଜର୍ଜ ହଡ଼ବଡ଼େଇଗଲା । ଆଗକୁ ବଢ଼ିବାକୁ ତାର ସାହସ ଆଉ କୁଲେଇଲା ନାହିଁ । କିନ୍ତୁ ତାକୁ ବଢ଼ିବାକୁ ହିଁ ହେବ । ପଛରେ ତାର ସବୁ ଥିଲା ଶୂନ୍‌ଶାନ୍ । ଗୋଟିକିଆ ମଣିଷର ସଂସାର ଆଉ ପଛରେ ନ ଥିଲା । ପିଲାଟାର ପାଦ ଆପଣାଛାଏଁ ଆଗକୁ ଉଠିଲା । ଲିଭିଯାଇଥିବା ନିଆଁ ପେଟ ଭିତରେ ପୁଣି ଜଳିଉଠିଲା—ଦପ୍‌ଦପ୍ । ସାହସ ବାନ୍ଧି ଓଳିତଳ ପର୍ଯ୍ୟନ୍ତ ଚାଲିଗଲା ଟୋକାଟା ।

ବର୍ତ୍ତମାନ ଆସି ପହଞ୍ଚିଲା ଆଉ ଗୋଟିଏ ସମସ୍ୟା । ପାଟି ଫିଟାଇବାକୁ ହେବ । ପାଟି ନ ଫିଟିବା ପର୍ଯ୍ୟନ୍ତ ଏ ସଂସାର କାହାରିକୁ ଶୁଣିବନାହିଁ । ଏ ସଂସାର ମଉନମୁହାଁ, ପୋଡ଼ାମୁହାଁଙ୍କ ପାଇଁ କ୍ୱାଚିତ୍ ! ଏ ସଂସାର ମୁହଁ ଆଉ ପାଟିର ସଂସାର ।

କ୍ୟାବିନ୍ ଓଳିତଳେ ଠିଆହୋଇ ଜର୍ଜ ଚାରିଆଡ଼କୁ ଚାହୁଁଥାଏ । ଆଗରେ ଛଟାଗାଳି ପଡ଼ୁଥାଏ ସଂସାର । ଆ—ଆ—ପାଖକୁ ଟିକିଏ ଆ । ହୋଇ ଦେଖ, ନଖ ନାହିଁ, ଦାନ୍ତ ବି ନାହିଁ । ପାଖକୁ ଆ । ଦେଖ୍ ଭଲକରି । —ସେ ଲଙ୍ଗୁଡ଼ ହଲେଇ ଡାକୁଥାଏ । ଜର୍ଜ

Digitized by srujanika@gmail.com

ପାଖକୁ ପାଖକୁ ଲାଗିଯାଉଥାଏ । ତାର ଚୂଲ ଉପରର କଙ୍କାଳଟି ସେଁ-ସେଁ ହେବାକୁ ଆରମ୍ଭ କରିଦେଇଥିଲା ।

କିନ୍ତୁ ସେ କିଛି କହିବା ପୂର୍ବରୁ ଅନ୍ୟାନ୍ୟ ସବୁକିଛି କଥା ସ୍ପଷ୍ଟ ହୋଇଯାଇଥିଲା—ତାର ପୃଷ୍ଠପାଖେ ବେଳମୁଣ୍ଡାରେ ସେଇ ରୁକ୍ଷ ହାତଟାର ସ୍ପର୍ଶ ଯେତେ ଭୟଙ୍କର ଜଣାଯାଉ ନ ଥିଲା, ତା' ଅପେକ୍ଷା ଅଧିକ ଭୟଙ୍କର ଆଉ ବିକଟ ଶୁଣାଯାଉଥିଲା ସେଇ ହସଗୁଡ଼ାକ । ଟେବଲ ହେଇ ଦ'ଗଜ ହାତ ଦୂରରେ ଛୁଟିକିପଡ଼ି ଜର୍ଜ ସ୍ତମ୍ଭିତ ହୋଇ ଚାହିଁଲା ତାର ଆକ୍ରମଣକାରୀର ମୁହଁକୁ । ଲୋକଟା ରାଗି ନ ଥିଲା ଆଦୌ; ବରଂ ଖେଁ-ଖେଁ ହୋଇ ସେ ହସୁଥିଲା ଟୋକାଟାକୁ ଏମିତି ଚମକେଇ ଦେଇପାରିଚି ବୋଲି । କେବଳ ସେତିକି ନୁହେଁ, ତା' ହସରେ ଏମିତି କଅଣ ମଜାକଥା ଥିଲା କେଜାଣି, ଅନ୍ୟାନ୍ୟ ଲୋକେ ବି ଯୋଗ ଦେଇଥିଲେ ସେ ରହସ୍ୟରେ । ଜର୍ଜର ମୁହଁ କଳା ପଡ଼ିଯାଇଥିଲେ ମଧ୍ୟ ସେ କାନ୍ଦୁ ନଥିଲା । କିଏ ଗୋଟାଏ ଜୋର୍ କରି ତାର ବେଣ୍ଟିକୁ ଧରିନେଇଥିଲା; ତାକୁ କନ୍ଦେଇ ଦେଉ ନଥିଲା । ଟୋକାଟା କେବଳ ବଲବଲ କରି ଚାହୁଁଥାଏ ସମସ୍ତଙ୍କ ମୁହଁକୁ ।

କିନ୍ତୁ ଏତିକିବେଳକୁ ଗୋଟିଏ ଅଦ୍ଭୁତ ସ୍ୱର କୋଉଠୁ ବାହାରିଲା ହଠାତ୍ । ହଠାତ୍ ସବୁ ଚୁପ୍‌ଚାପ୍ ହୋଇଗଲା । ଖେଁ ଖେଁ ହସଗୁଡ଼ାକ ମରିଗଲା । ଜଣେଅଧେ ଝଙ୍କାର ଖାଇ ଗଲା ପରିକାକଲେ । ଜର୍ଜ ବୁଝିପାରିଲା ନାହିଁ । ସେ କେବଳ କୋଇଲା ଚୂଲି ଭିତରଟାକୁ ଇ ଲକ୍ଷ୍ୟ କଲା । ତାର ମନେହେଲା ଯେତେ କି ସେଇ କୋଇଲା ଚୂଲି ଭିତରେ କିଛି ଶକ୍ତି ରହିଛି । ତା'ରି ଭିତରୁ ସେଇ ଅଦ୍ଭୁତ ସ୍ୱରଟା ଉଠି ସମସ୍ତଙ୍କୁ ଥଣ୍ଡା କରିଦେଲା । କିନ୍ତୁ ପରେ ପରେ ଜର୍ଜର ସେ ଧାରଣା ପରିଷ୍କାର ହେଲା । ସେଇ ଗୋଦର ବୁଢ଼ୀଟାକୁ ଚାହିଁ-ଦେବାମାତ୍ରେ ସେ ବୁଝିନେଲା ସେଇ ଅଦ୍ଭୁତ ସ୍ୱରଟା କାହାର ବୋଲି । ଜର୍ଜବୋକାଙ୍କ ଭଳି ଅନେଇଥାଏ ବୁଢ଼ୀମୁହଁକୁ । ବୁଢ଼ୀର ଆଖି କିନ୍ତୁ ଟୋକା ଉପରେ ନଥାଏ । ସେ ଯେମିତି ଲମ୍ବ ରଖି ଦୁଇଟି କଙ୍କାଳକୁ ତା'ର ଚାହୁଁଥାଏ । ଗୋଟିଏ କଡ଼େ ଗରାଖ, ଅଉ ଅନ୍ୟକଡ଼େ ଚୂଲି ଓ ଚୂଲି ଉପରେ ପିନ୍ଧି ଥିବା କଙ୍କାଳଟି । ତା'ଛଡ଼ା ତା'ହାତରେ ଲୁହାଖଡ଼ିକା ଖଣ୍ଡିକ ମଧ୍ୟ ଦୁଇଆଡ଼କୁ ଲକ୍ଷ୍ୟ ରଖିଥାଏ । ବେଳେବେଳେ ସେ ଚୂଲି ଉପରେ ପିନ୍ଧି ଥିବା ସେଇ କଙ୍କାଳଟିକୁ କେଞ୍ଚି ଦଉଥାଏ; ଆଉ ଅନ୍ୟବେଳେ ଗରାଖମାନଙ୍କ ଆଡ଼କୁ ମୁହଁକରି ସେ ମୁଣ୍ଡ ହଲଉଥାଏ । ସେଇ ଆଙ୍ଗୁଠିକୁ ନଜର ରଖି ଗରାଖ ବସିରହିଥାଏ ।

ଜର୍ଜ ପୁଣି ଚାହିଁଲା ତାର ଆକ୍ରମଣକାରୀକୁ । ଦେଖିଲା ଲୋକଟି ଚୁପ୍ ହୋଇଯାଇଛି । ହଠାତ୍ ଜର୍ଜର ପେଟ ଭିତରଟା ପୁଣି ଥରେ ଗୋଳେଇଘାଣ୍ଟି ହୋଇଉଠିଲା । ସମସ୍ତେ ଚୁପ୍ ହୋଇ ବସିଥିଲେ । ଟୋକାଟା ଆଉ ସମ୍ଭାଳି ପାରିଲା ନାହିଁ । ସେ ପୁଣି ଉଠି ଠିଆ-ହେଲା । ଏଥର ଜବରଦସ୍ତି ସେ ଚୂଲି ଆଡ଼କୁ ଭଡ଼ିଯାଇ ସେଇ ଚୂଲିକୁ ଶୁଣେଇ ଶୁଣେଇ କହିଲା—"ମତେ ଭାରି ଭୋକ—ଦ' ଦିନ ହେବ ଖାଇନି—ଦେ ଖାଇବାକୁ ମତେ !"

"ସ୍ଟେପ୍ !"

ଜର୍ଜ କାବାହୋଇ ଚାହିଁଲା ଚୂଲି ଆଡ଼କୁ । ତାର ମନେହେଲା ଯେମିତି ଚୂଲି ଉପରେ

Digitized by srujanika@gmail.com

ସିଝୁଥିବା ସେଇ କଳପଟି ଉଦ୍ଧରୁ ଫୁଟି ବାହାରଆସିଲା ଫସ୍‌କଳା ପୁଳାଏ ବାମ୍ପମିଶା ପବନ ।

"ବ—ସେଇଠି ଯାଇ ବ' !"

ବୁଢ଼ୀ ତା' ଲୁହାଖଡ଼ିକା ଉଠେଇଲା । କେଳାର କାଉଁରକାଠି ଭଳି ଗୋଟାଏ ଚକର୍ କାଟିଲା ଲୁହାଖଡ଼ିକାଟା । ତା' ପରେ ସେ ସ୍ଥାନ ନିର୍ଦ୍ଦିଷ୍ଟ କରିଦେଲା—ଜର୍ଜ ପାଇଁ । ସୁଶିକ୍ଷିତ କୁକୁରଟିଏ ଭଳି ଜର୍ଜ ଯାଇ ବସିପଡ଼ିଲା ସେଇ ନିର୍ଦ୍ଦିଷ୍ଟ ଜାଗାରେ ।

ବୁଢ଼ୀ ସେମିତ ଦ୍ୱିକର୍ମକଭାବେ ଅନାଇଁଥାଏ—ଅର୍ଦ୍ଧେ ଚୁଲି ଉପରକୁ, ଆଉ ଆର ଅଧକ ଗରାଖମାନଙ୍କ ଆଡ଼କୁ । ଅନ୍ୟମାନଙ୍କ ସାଙ୍ଗେ ବସି ଜର୍ଜ ଗୋଟାଏ ଗରାଖ ପାଲଟିଗଲା ।

.. ଟୋକାଟାର ଅନଧିକାର ପ୍ରବେଶକୁ ସହ୍ୟ କରି ନପାରି ଅଥଚ ବୁଢ଼ୀର ଭୟରେ କିଛି ପ୍ରତିବାଦ କରିବାକୁ ସାହସ ନକରିପାରି ଗରାଖମାନଙ୍କ ଭିତରୁ ଜଣେ କିଏ ଭୟଙ୍କର କାଶି ଉଠୁଥାଏ । କିନ୍ତୁ ହଠାତ୍ ସେ କାଶ ବନ୍ଦ ହୋଇଗଲା । ପୁଣି ଥରେ ଉଠିଲା ବୁଢ଼ୀର ଲୁହାଖଡ଼ିକା ।

"ତୁ ଖର ! ଖିର ଜଣେ ତୁ ! ମୁଁ ତୋତେ ଭଲ ଜାଣେ । ମୋ ଗରାଖ କେମିତ ଭାଙ୍ଗୁ —ତୋ ଇଚ୍ଛା ଏଇଆ ।"

"କିଏ ତୋ ଗରାଖ ଭାଙ୍ଗୁଚି ବା ? ତୋ ମନ ଯେତେ ପାରେ ସେତେ ଗରାଖ ରଖୁନାଉଁ, କିଏ ମନାକରୁଚି ? ଆଣ ଆଗେ ଖାଇବାକୁ ଦେ; ପରେ ସେସବୁ କଥା । ମୁଁ ଆଗ ଆଇଚି, ମୁଁ ଆଗେ ଖାଇବି—"କ୍ୟାବିନ ଭିତରେ ଜମିକରି ବସିଥିବା ଗରାଖମାନଙ୍କ ଭିତରୁ ଜଣେ କିଏ ଆକ୍ରମଣକାରୀ ଖିରର ପକ୍ଷ ନେଇ କହିଲା । ଜର୍ଜର ଆଖି କ୍ୟାବିନ୍ ଭିତରକୁ ବୁଲିବା ପୂର୍ବରୁ ଲୁହାଖଡ଼ିକାଟା ଗୋଟିଏ ଶବ୍ଦଭେଦୀ ବାଣ ଭଳି ବୁଲିଯାଇଥିଲା ।

"ଓ ! ତୁ ଆଗେ ଆଇଚୁ—ନା ? ଅଲପେଇଷ, ଆଗେ ଯଦି ଆଇଚୁ, ଆଗେ ତ ଯିବୁ । କାହାର ଗରଜ ନାହିଁ ତୋତେ ରଖିବ ? ତିନିକୋଡ଼ି ବରଷ ତ ଏ ସଂସାରରୁ ଖାଇଲୁଣି । ଆଉ କେତେ ଖାଇବାକୁ ମନ ତୋର ! ପେଟୁ ! ପେଟା ହଣୁ ! ସକାଳୁ ସକାଳୁ କଜିଆ କରିବାକୁ ତିଆର ? ଅଲପେଇଷ, ଶିଙ୍ଘ ଘଷିହଉଚ ମୋ'ଠେଇଁ ?"

"ଆଉ କାହାଠେଇଁ ଘଷିବ ?"

କ୍ୟାବିନ ଓଳିଆଡୁ ଗୋଟାଏ ଟୋକା ଗରାଖ ଦାନ୍ତ ନିକୁଟି ଅନେଇଲା ବୁଢ଼ୀକୁ । ତା' ଦାନ୍ତ ନିକୁଟିବା ବାଗରୁ ସେ ବାରହୋଇପଡ଼ୁଥିଲା ଅନ୍ୟ ସମସ୍ତଙ୍କଠୁ । ଭାରି ରସିକ ଟୋକାଟାଏ । ଟୋକାଟାର ବୁଦ୍ଧିଆ କଥାଟାକୁ ତାରିଫ୍ କରି ଅନ୍ୟ ଗରାଖମାନେ ଦାନ୍ତନିକୁଟିବାକୁ ଆରମ୍ଭ କରିଦେଇଥିଲେ ।

"ସ୍ନେଫ୍..."ପୁଣି ସେମିତ ଗୋଟାଏ ବାମ୍ପମିଶା ଫୋଟକା ଶବ୍ଦ । ସାଙ୍ଗେ ସାଙ୍ଗେ ସିକଲି ଖସିପଡ଼ିଲା ସେଇ ରସିକ ଟୋକାଟାର ମୁହଁରୁ । ସେ ଆଖି ମିଟିମିଟି କରି ହସୁଥାଏ । କିନ୍ତୁ ବୁଢ଼ୀର 'ସ୍ନେଫ୍' ଶବ୍ଦଟା ତା'ଉପରେ ଠିକ୍ କାମ ଦେଖେଇଥାଏ ।

ସେଇ ଗଳା ଟୋକାଟାକୁ ଚୁପ୍ କରେଇଦେଇ ବୁଢ଼ୀ ଟିକିଏ ଖୁସି ହେଲା । ଜର୍ଜ ବୁଢ଼ୀ ମୁହଁକୁ କଣେଇ କଣେଇ ଚାହୁଁଥାଏ । ସ୍ତ୍ରୀଲୋକ ବୋଲି ସଂସାରର ଏଇ ଅଦ୍ଭୁତ ଜୀବ-

Digitized by srujanika@gmail.com

ଗୁଡ଼ାଙ୍କୁ ଏତେ ପାଖରୁ ସେ କେବେ ଦେଖି ନ ଥାଏ ତାର ଜୀବନରେ । ବୁଢ଼ାଠାରୁ କିନ୍ତୁ ସେ ଶୁଣିଥିଲା ଅନେକ ଗପ, ଏମାନଙ୍କ ବିଷୟରେ । ତା' ଛଡ଼ା ସେଇ ଯେ ତାର ଦେହର କଣ୍ଢେଇଟିକୁ ଛଡ଼େଇ ନେଇ ଯାଇଥିଲା, ଘର ଛାଡ଼ିବାବେଳେ—ସେ ଥିଲା ତା'ର ଜୀବନର ପ୍ରଥମ ଭେଟ କୌଣସି ସ୍ତ୍ରୀଲୋକ ସଙ୍ଗରେ ।

ଆରେ ବାପ୍‌ରେ ବାପ୍ ! ଟୋକାଟାର ଦେହ ଥରିଉଠିଲା । ସେ ଚମକି ଉଠି ଚାରିଆଡ଼କୁ ଚାହିଁଲା । ଟିକିଏ ଆଶ୍ୱସ୍ତ ହେଲା । ଚୋର ଚୋର ବୋଲି ଆଉ କେହି ତା' ପଛରେ ଗୋଡ଼ାଇ ନ ଥିଲେ । ବୋଧହୁଏ ବୁଢ଼ାକୁ ନେଇ ସେମାନେ କବର ଦେଇସାରିବେଣି ।

ଜର୍ଜର ଖିଆଲଟା ପଛକୁ ଚାଲିଯାଉଥିଲା । ଠିକ୍ ଏତିକିବେଳେ ସେଇ ଗୋଦଙ୍ଗ ମାଇକିନାଟାର କଣଆଖିଟା ତା ଆଖିରେ ମିଶିଗଲା । ଚୁଇଁକିନା ଲାଗିଗଲା ସେଇଟା ଜର୍ଜର ଦେହରେ । ସେ ମୁହଁ ବୁଲେଇନେଲା । ତା ଛାତି ଦମ୍‌ଦମ୍ ହେଲା । କିନ୍ତୁ ଏସବୁ ସତ୍ତ୍ୱେ ସେ ଲକ୍ଷ୍ୟ କଲା କଣ କେମିତି ବିଜୁଳି ଭଳି ଝଲକେ ଆସି ପୁଣି ଉଭେଇଗଲା । ସେଇଟା ସେଇ ମାଇକିନାର ଆଖି କଣରୁ ଆଉ ମୁହଁ ଉପରୁ ।

ହଠାତ୍ ଜର୍ଜର ଗୋଟାଏ ଖିଆଲ ହେଲା । ତାର ମନେହେଲା ଚୁଲି ଭିତରକୁ ଗୋଦରଗୋଡ଼ଟାକୁ ଲମ୍ବେଇ ଦେଇ ବସିଥିବା ସେଇ ବୁଢ଼ୀ ଅପ୍ସରୁଣୀର ଆଉ ବାଗେ ରୂପ ଅଛି କି କଅଣ ! ଗୋଟାଏ ରୂପରେ ସେ ଡରେଇଦଉଛି, ପୁଣି ଆର ରୂପଟାରେ ସେ ଭୁଲେଇଦଉଛି କି ?

ଜର୍ଜ ଡରିଗଲା । କିନ୍ତୁ ସେ ସ୍ଥାପରେ ଥରକୁ ଥର ଲକ୍ଷ୍ୟ କରିବାକୁ ଲାଗିଲା ସେଇ ବହୁରୂପୀ ବୁଢ଼ୀଟାର ରୁକ୍ଷ ମୁହଁକୁ । ବାରମ୍ବାର ସେ ଖୋଜିବାକୁ ଲାଗିଲା ସେଇ ଆରବାଗିଆ ମୁହଁଟାକୁ—ଯୋଉଟାକୁ ସେ ନଜର କରିଥିଲା କିଛି ସମୟ ପୂର୍ବରୁ । ହଠାତ୍ କାହିଁକି ସେଇ ବୁଢ଼ୀଟା ଆଉ ତାକୁ ଏତେ ଖରାପ ଲାଗିଲା ନାହିଁ । ଟିକିଏ ଚାହିଁ ଚାହିଁ ଆପଣାର ଭଳି ଜଣାଗଲା । ତାର ରାଗ, ହାତଉଠା, ଲୁଧା ଖଡ଼ିକା-କେଶ ଆଉ ଗାଳିଗୁଡ଼ାକୁ ମାନିନବା ପାଇଁ ତାର ମନହେଲା । ତେଣୁ ଧୈର୍ଯ୍ୟଧରି ସେ ସେଠି ବସିରହିଲା ଏବଂ ସେ ଆଶ୍ଚର୍ଯ୍ୟ ହେଲା ଯେ ବସିରହିବାକୁ ଆଉ ତାକୁ ବାଧୁନାହିଁ । ପେଟ-ଭୋକ ପେଟରେ ମରିଯାଇଥିଲା ସତେ ବା !

ଏଥିମଧ୍ୟରେ ଖାଦ୍ୟ ପ୍ରସ୍ତୁତ ହୋଇଯାଇଥାଏ । ପ୍ରତ୍ୟେକଙ୍କ ହାତରେ ଗୋଟିଏ ଗୋଟିଏ ପତର ପୁଡ଼ିଆ ଆଉ ଛୋଟ ଛୋଟ ଟିଲ୍‌ପରେ ଟିଲ୍‌ପେ ଗିଲ୍‌ପେ ଚାହା ଧରେଇଦେଇ ବୁଢ଼ୀ ଏତେବେଳକେ ଯାଇ ସିଧାସଳଖ ଅନେଇଲା ନୂଆ ହୋଇ ଆସିଥିବା ଟୋକାଟା ଆଡ଼କୁ । ଜର୍ଜର ମୁହଁ ପୋଡ଼ିହେଇଗଲା ।

"ଏଃ ! ଭାରି ପୋଡ଼ାମୁହାଁ ଝଣ୍ଡେ"—ଦାନ୍ତସନ୍ଧିରୁ ଝଣ୍ଡେ କଡ଼ାଳିଆ ମାଉଁସକୁ ଓଟାରି ଆଣୁ ଆଣୁ ଜଣେ ଦରବୁଢ଼ା ଗଣ୍ଡାଖ ଜର୍ଜ ଆଡ଼କୁ ଅନେଇ ମୁରୁକିହସା ଦଉ ଦଉ କହିଲା —"ରସଗୋଲ୍ଲା ଖାଇବୁ କିରେ ?"

Digitized by srujanika@gmail.com

ତା' କଥାର ମର୍ମ ନ ବୁଝିପାରି ଜର୍ଜ କେବଳ ଜଳଜଳ କରି ତାକୁ ଗୁହାଁଲା । ଲାଲ ଲାଲ ଆଖିକୁ ମିଟିମିଟି କରି ଦାନ୍ତନକୁଟି ଲୋକଟା ବଜାରୀଙ୍କ ଭଳି ହସୁଥିଲା । ତାର ସାମ୍ନାଦାନ୍ତ ଦୁଇଟା ନ ଥିଲା କମ୍ବା ଖୁବ୍ କଳାପଡ଼ିଯାଇଥିଲା । ସେଇ ଦ'ଟା ଯୋଗୁ ଆହୁରି ବୀଭତ୍ସ ସେ ଦେଖାଯାଉଥିଲା ।

ଦାନ୍ତଯନ୍ତରୁ ବାହାରିଥିବା ମାଉଁସଖଣ୍ଡକୁ ଏପାଖ ସେପାଖ କରି ଦେଖି ପୁଣି ତାକୁ ପାଟିରେ ପକେଇ ଦେଇ ଚୁକୁଲେଇ ଚୁକୁଲେଇ ଲୋକଟା କହିଲା—

"ଏମିତକା ମାଲ୍‌ଟାଏ ମୁଁ ଦେଖିଥିଲି ଥରେ ଦକ୍ଷିଣରେ ! ତୋର ମନେଅଛି କି ନା ବେ କାମାସ୍ତା ?"

କିନ୍ତୁ କାମାସ୍ତାକୁ କଥାରେ ଭାଗ ନ ଦେଇ ଲୋକଟା ଖୁବ୍ ସ୍ୱାର୍ଥପରଭାବେ କହିବାକୁ ଲାଗିଲା—"ବଡ଼ ଅଫିସର ଘରର ପିଲା ନ ହେଲେ ଏମିତି କନକ ଉଠୁରେ ନାହିଁ ! ନା କ'ଣ କଉଚୁ ବେ କାମାସ୍ତା ? ଦେଖ୍ ତ, ଏଇ ପୋଡାମୁହାଁଟାକୁ !" ପୁଣି ଦାନ୍ତ ଦେଖେଇ ଲୋକଟା ଅନେଇଲା ଜର୍ଜକୁ ।

ଜର୍ଜ ଯେତକ ଯେତକ ମୁହଁ ବୁଲେଇନବ ବୋଲି ଚେଷ୍ଟାକଲା ତାକୁ ସେତକ ଲାଗ-ଲାଗିଲା । ସେ ସେତକ ସେତକ କଟମଟ କରି ଫେରି ଗୁହାଁବାକୁ ଲାଗିଲା ଲୋକଟାର ମୁହଁକୁ ।

ହଠାତ୍ ଜର୍ଜର ସେଇ ପରିବର୍ତ୍ତିତ ଚେହେରାଟାକୁ ଦେଖି ଲୋକଟା ଟିକଏ ସଙ୍କୁଚିତ ହେଇଗଲା; କିନ୍ତୁ ପରମୁହୂର୍ତ୍ତରେ ଯାଙ୍ଗେ ଯାଙ୍ଗେ ଓଲଟିପଡ଼ି ସେ ପୁଣି ନେଫେଡ଼ିଦେଲା ତା' ଓଠ ଦ'ଟାକୁ । ଜର୍ଜର ବିରକ୍ତି ବା କ୍ରୋଧରେ ଆଦୌ ବିଚଳିତ ହେଲାନାହିଁ ଲୋକଟା । ଜୀବନରେ ବହୁ ଶିକାର ଅଭିଜ୍ଞତା ନିଶ୍ଚୟ ଥିଲା ସେ ଲୋକଟିର । ସେ ସତେ କି ଭଲକରି ବୁଝିଥିଲା—ଯେଉଁ ଶିକାର ଯେତେ ଖେଳ ଦେଖାଏ, ଡିଆଁମାରେ, ସେ ସେତେ ବଢ଼ିଆ ଶିକାର ।

ଲୋକଟି ତାର ଦୋସ୍ତର ଉଦ୍ଦେଶ୍ୟରେ କହିଲା ପରି ଆରମ୍ଭ କଲା । କିନ୍ତୁ ତାର କଥାରୁ ବୁଝାଯାଉଥିଲା ସତେ କି ସେ ଆଉ କାହାକୁ ସେ କଥାରେ ଭାଗଦେବା ପାଇଁ ଇଚ୍ଛୁକ ନଥିଲା । ଲୋକଟି କହିଲା—"ଦେଖ୍ ବେ କାମାସ୍ତା, କେମିତି ଲାଲ୍ ପଡ଼ିଯାଉଚି ! ଶାଳା, ତୋର ଦକ୍ଷିଣୀ ସାମାନ୍‌କୁ ବି ଏ ବଳିଯିବ । ସେ କି ସାମାନ୍ ବେ ? ସାମାନ୍ ଯେ ଏଇ । କି ବେ ଟୋକା, ତୁ ଏତେଦିନ ଥିଲୁ କେଉଁଠି ? କାହିଁ ହନେ ବୋଲି ତ ଆମ ରିକ୍ସାରେ ସବାର୍ ହୋଇନାହୁଁ ? କଅଣ ଇସ୍କୁଲ୍ ଫିସ୍କୁଲରେ ପାଠ ପଢୁନୁ କି ବେ ? ଓ ! ତା କହୁନୁ—ଆମେ ଏଣେ ଇସ୍କୁଲ ଖୋଲୁଚୁ କଅଣ ?"

ତା' ପରେ ଗଳା ସଫାକରି କାମାସ୍ତା ଆଡ଼କୁ ଟେରେଇକରି ଅନେଇ ଲୋକଟା ଫେରେ କହିଲା—"କବେ କାମାସ୍ତା ! ଏଇନେ ତୁ ଯୋଉ ଇସ୍କୁଲ୍ ଟୋକାକୁ ସବାର୍ କରୁଚୁ, ତା ଠଉଁ ଇଏ ସାମାନ୍ କେମିତି···କଅଣ···କବେ ଶୁଣୁଚୁ ନା ନାହିଁ ?"

ସେ ଆଉ କଅଣ କହିବ ବୋଲି ଯାଉଥାଏ; କିନ୍ତୁ କହି ନପାରି ଚୁପ୍ ରହିଗଲା । ତା' ତଣ୍ଟିରେ ଲାଗିଗଲା କିଛି ଖାଦ୍ୟ । ଖଁ-ଖଁ ହୋଇ ବାରମ୍ବାର କାଶି ସେ ତଣ୍ଟି ସଫା

Digitized by srujanika@gmail.com

କରିବାରେ ଲାଗିଲା । କିନ୍ତୁ କାଣ ବନ୍ଦ କରିବାକୁ ଅକ୍ଷମ ହୋଇ ସେ ବିରକ୍ତ ହୋଇଉଠି କହିଲା—"ଓଃ, କି ରାଗ ! ମାରିଦେବ ଏଇ ବୁଢ଼ୀ ଡାଆଣୀଟା ଆମକୁ—ଖାଲି ରାଗ ଖୁଆଇ ଖୁଆଇ ।"

ବୁଢ଼ୀର ନାଆଁ ପଡ଼ିବାକ୍ଷଣି ସେତେବେଳେ ଚନ୍ଦ୍ରଙ୍କି ଉଠୁଥାଏ ବୁଢ଼ୀ ତା' ଚୂଳମୁଣ୍ଡରେ । କଟମଟ କରି ଲୋକଟାକୁ ଅନେଇ ମେ ଝୁଣିପକେଇଲା ଭଳି ଦାନ୍ତ କାଟି କହୁଥାଏ—"କଅଣ କହିଲୁରେ ଅଲପେଇଷା, ଡାଆଣୀ ? ହଇରେ, ମୁଁ ଡାଆଣୀ ? ହଉ, ଆ ଆ ତତେ ଖାଉଚି ଆ ! ଅଲପେଇଷା କଥା କହି ଶିଖିଲାଣି !" ବୁଢ଼ୀ ଟିକିଏ ଦମ୍ ନେଲା । ତା' ମୁହଁରୁ ସର୍‌ସର ହୋଇ ଝାଳ ବୋହିପଡ଼ୁଥାଏ । ସେଗୁଡ଼ାକୁ ତା ନେଡ଼ି ପଛପଟେ ପୋଛି ଦେଉ ଦେଉ ସେ ପୁଣି କହିଲା, "ଅଲପେଇଷେ, କଉଚନ୍ଦ୍ର କଅଣ ନା ମୁଁ ତାଙ୍କୁ ଖାଇଚି । ନା ତେମେ ସବୁ କେଲେଇ ଖାଉଚ ମେତେ ? ଚଉଦବର୍ଷିଆ ଅଣ୍ଡାଠୁଁ ତମ ଷାଠିଏ ବରଷର ବୁଢ଼ା ଯାକେ—କିଏ ଖାଉଚି କାହାକୁ ? କହୁନୁ ? ଏଁ ? ଅଲପେଇଷ ଚୁନ ହୋଇଗଲୁ କାହିଁକି ? ମୁହଁରେ ବାଡ଼ ପଡ଼ିଗଲା କାହିଁକି ?' ବୁଢ଼ୀ ଚୁନ ହେଲା ।

ଗୋଟାଏ ଟୋକା, ଯାହାର ଖିଆସରିଥିଲା, ଗିଲାସଟାକୁ ମୁହଁରେ ଲଗେଇ ତାକୁ ଏକେବାରେ ତଳମୁହାଁ କରି କଅଣ କଗାଡ଼ ଶୋଷୁଥିଲା ସେଥିରୁ । ବୁଢ଼ୀର କଥା ଶୁଣି ତାକୁ ଏତେ ଜୋର୍‌ରେ ହସ ଲାଗିଲା ଯେ କାଚଗିଲାସଟା କେତେବେଳେ ତା ହାତରୁ ଖସିପଡ଼ି ଚୂନା ହୋଇଗଲା ।

ହଠାତ୍ ସେଇ ଦୁର୍ଘଟଣା ହେତୁ କିଛି ସମୟ ସମସ୍ତେ ଚକିତ ହୋଇ ଚୁପ୍ ହୋଇଗଲେ ।

ରାଗରେ କିଛି କହିପାରି କିଛି ସମୟ ଚୁପ୍ ହୋଇ ରହିଗଲା ବୁଢ଼ୀ—ସେଇ ଗୋଦଘା ମାଇକିନାଟା । ଗିଲାସଭଙ୍ଗାଳି ଟୋକାଟା ସେତେବେଳେ କଅଣ କରିବ କିଛି କବୁଝିପାରି ଚୂନା କାଚଗୁଡ଼ାକ ଏକାଠି କରି ତା ଭିତରୁ ବଡ଼ ବଡ଼ କେଇଟା ଅଂଶକୁ ବିକଳରେ ଯୋଖି ପକାଇବାକୁ ଆରମ୍ଭ କରିଦେଇଥିଲା ।

ଏତିକିବେଳେ ଗର୍ଜନ କରି ଉଠିଲା ବୁଢ଼ୀ । ବୁଢ଼ୀର ସୁରଟା ଖରି ପରୁଆ ହେଲେ ବି ମନ ଘରିଧରେଇଦବା ଭଳି ଗର୍ଜନଟାଏ କରିଉଠିଲା ସେ । ସମସ୍ତେ ତଟସ୍ଥ ହୋଇଗଲେ ବୁଢ଼ୀର ସେ ଶବ୍ଦରେ । ବୁଢ଼ୀ ରଡ଼ିକରି ଉଠିଲା—"ଆଣ ଛ'ଅଣା ।" ବୁଢ଼ୀର ମୁର୍ତ୍ତି ସେତେବେଳେ ଶହେ ଯୁବତୀଙ୍କ ଶକ୍ତିକୁ ଟପିପଡ଼ିଥାଏ । ସେ ଦାନ୍ତ କଡ଼ମଡ଼ କରି ହାଙ୍କୁଥାଏ—"ପଇସା ଥୋଉଚ୍‌ କଂନା ରେ ଅଲପେଇଷ, ଅବ ଦେଖିବୁ ? ଥୋ ଥୋ, ଅବ ପଇସା କାଢ଼ ଥୋ ! ଗ୍ଳାହା ଛଅ ପଇସା, ପକୁଡ଼ି ଗ୍ଳରିପଇସା, ଆଉ ମାଉଁସ ତିନିଅଣାରେ—ସମୁଦାୟ ଗିଲାସ ପଇସାକୁ ମିଶେଇ ଏଗାରଣା ଦ'ପଇସା ! ଥୋଇଦେ ସାଟ୍ରେ ଏଗାରଣା ପଇସା ମୋର—ଯଦି ଭଲଦଶା ଅଛି—ନଇଲେ ନଙ୍ଗଳା କରି ଛାଡ଼ିଦେବି ଅଲପେଇଷିକୁ—ଆଉ ଯଦି କ ଦବୁ—ହେଇ ଅନେଇଥା ଏଇ ତତଲ ଲୁହାଖଣ୍ଡିକାକୁ ! ହଁା, ଚଆଁ ଦେଇକରି ଛାଡ଼ିଦେବି ! କାଳ-କାଳକୁ ମନେରଖିଥିବ । ଅଲପେଇଷ, ଆଉ ଧନେ ମୋ

Digitized by srujanika@gmail.com

ଦୋକାନ ମାଲିକୁ କାହିଁ । ଅଲପେଇଶ, ନବାବ ହେଉଚ ! ଛଅ ପଇସାର ବୃହା ଖାଇବ, ଅଲପେଇଶ, ଛଅ ଅଣାର କଲବଲ ଗିଲାସ ମୋର ଭାଙ୍ଗିବ ଖଣ୍ଡିଆ ! ଏଇଠି···ଏଇଠି କେଉଁଟା ଗିଲାସ ତୁ ଯୋଗିଜାଣିଆ ଭାଙ୍ଗିଲୁଣି, ହେଜ ରଖିଚୁଟିକ ? ଛାଡ଼ଦେଇଥିଲି—ଛାଡ଼ ଦେଇଥିଲି ବୋଲି ଖଣ୍ଡିଆ ଅଧିକ ଅଧିକ ମାଡୁଚ ! ନା ଖଣ୍ଡିଆ, ତୁ ଏଇଥର ଶିଖ ! ଆଣ୍ ଏଗାରଅଣା ଦ ପଇସା ' ଅତ୍ବ ଅଣ୍···"

ବଲ୍‌ଗାଡ଼ ଦେଖି କୋଲଅ ବେପା ହେଲା ଭଳ ବୁଢ଼ୀର ରଡ଼ିରେ ଜର୍ଜର ପିଣ୍ଡରୁ ପ୍ରାଣ ଛୁଙ୍କ ଛୁଙ୍କ ଯାଉଥାଏ । ତାର ହାତଗୋଡ଼ ଥୋଲ ମାର ଆସୁଥାଏ । ସେ ପର୍ଯ୍ୟନ୍ତ ପେଟ ଭିତରକୁ ଯାହା ଯାଇଥାଏ ଭୟରେ ସେଗୁଡ଼ିକ ବାହାର ଆସିବାକୁ ଚେଷ୍ଟାକରୁଥାଏ । ସେ ଏଟୁ ବୁଝିପାରୁ ନ ଥାଏ । ସେଭି ଭୟଙ୍କର ଲୋକମାନଙ୍କ ସହିତ ସେ ସେତେବେଳେ ବସିଥାଏ, ସେମାନେ ପ୍ରତ୍ୟେକେ ଗୋଟାଏ ଗୋଟାଏ ହିଂସ୍ରଜନ୍ତୁ ପାଲଟିଯାଇଥାନ୍ତି ସେତେବେଳକୁ । ସମସ୍ତଙ୍କ ଉପରେ, ସବୁ ହିଂସତାର ଊର୍ଦ୍ଧ୍ୱ ଏକଜିତ କର ବସିଥାଏ ସେଇ ଗୋଦଳା ଦରବୁଢ଼ୀ ମାଇକିନିଆଁଟା ! ହଠାତ୍ କୁଆଡ଼େ ପାସୋରଦେଲା ଜର୍ଜ ବୁଢ଼ୀର ସେଇ ମୂର୍ତ୍ତିଟା, ଯୋଉଟାକୁ ସେ ଏପର୍ଯ୍ୟନ୍ତ ମନେରଖିଥିଲା ଓ ଯୋଉଟା ତାକୁ କୌଣସିମତେ ବାଞ୍ଛରଖିଥିଲା ସେଇ ଭୟଙ୍କର ଜାଗାରେ । ଜର୍ଜ ବୁଢ଼ୀ ମୂର୍ତ୍ତିକୁ ଆଉ ଥରେ ଦେଖେଇ ଦେଖିବାକୁ ଇଚ୍ଛା କରୁଥାଏ, କାଳେ ମିଳିଯିବ ସେଇ ପୂର୍ବ ମୂର୍ତ୍ତିଟା ! କିନ୍ତୁ ସେ ପାରୁ ନ ଥାଏ ।

ସେତେବେଳକୁ କାଠ କ୍ୟାବିନ୍‌ର କୋଳାହଳ ଅନେକ କମିଯାଇଥାଏ । ଗଳି ଭିତରେ କ୍ରମେ ଲୋକ ଚଳାଚଳ ଆରମ୍ଭ କରିଦେଇଥାନ୍ତି । ଖଣ୍ଡେ ଅଧେ ମଟରଗାଡ଼ି ବି ଚାଲିବାକୁ ଆରମ୍ଭ କରିଦେଇଥିଲା । ଟୋକାଟାର ସାମାନ୍ୟ ସାହସ ହେଲା । ତଥାପି ସେ ଭୁଲିପାରୁ ନଥାଏ ବୁଢ଼ୀମୂର୍ତ୍ତିକୁ । କେମିତି ଗୋଟାଏ କୋକୁଆଭୟ ତା' ହୃଦୟରେ ପଶିଯାଇଥାଏ । କଅଣ ହେବ ? କେମିତି ସେ ମୁକୁଳିବ ଏଠୁ ? କେତେ ପଇସାର ସେ ଖାଇଲାଣି ? ପଇସା କଅଣ ? ସେ ଆସିବ କୋଉଠୁ ଏଇଲେ ?

ପଇସା ' ହେବରେ ଗୋଟାଏ ସାପ ଚାଲିବାକୁ ଆରମ୍ଭ କରିଦେଇଥାଏ ତାର । ଜୀବନରେ ପଇସାର ସ୍ୱରୂପ ସେ ଦେଖି ନ ଥାଏ । ତା' ଛଡ଼ା ଖାଇବା ପାଇଁ, ପେଟ ପୁରେଇବା ପାଇଁ, ଲୋକ ମାରିବା ପାଇଁ ସେଇଟାର ଯେ ଦରକାର ଥାଏ, ସେକଥା ମଧ୍ୟ ବୁଢ଼ାଟା ପୁରେଇ ନ ଥିଲା ଏଡ଼େ ବଡ଼ ପିଲାର ମୁଣ୍ଡରେ । ଏବେ ହେବ କଅଣ ?

ତାକୁ ଲାଗିଲା, ସତେକି ପଇସା ବୋଲି ଜିନଷଟିକୁ ନ ଦେଲେ, ପଇସା ବଦଳରେ ସେ ବୁଢ଼ୀଟା ତା'ଠାରୁ ସେତିକି ପରିମାଣର ମାଂସ ଝୁଣିନେବ ଏଇଲେ ! ଇସ୍ ! ତା ଦେହ ଶୀତେଇ ଉଠିଲା । ତାର ମନେପଡ଼ିଲା ବହୁ ପିଲାଦିନର ଗୋଟାଏ କଥା, ଯୋଉଟା ସେ ତା ବାବାଠାରୁ ଶୁଣିଥିଲା । କେମିତି ସେତେବେଳେ ମଣିଷମାନେ ମଣିଷ ମାଂସ ଖାଉଥିଲେ, କେମିତି ମଣିଷ ସେତେବେଳେ ଫଳମୂଳ ଖାଇ ଶିଖି ନ ଥିଲା, ବାଡ଼ିବଗିଚାରେ ଫଳପରିବା କରି ଶିଖି ନ ଥିଲା । ଖାଲି ମାଂସ ଖାଉଥିଲା । କଅଁଳିଆ ପିଲାମାନଙ୍କ ମାଂସ

Digitized by srujanika@gmail.com

ଯେଉଁ କେମିତି ମଣିଷ ମଣିଷ ଭିତରେ, ଦଳ ଦଳ ଭିତରେ ଯୁଦ୍ଧ ହେଉଥିଲା । ସେ ଜାଣୁଥିଲା ଯେ ଧଣନଉଥିଲା ଅନ୍ୟ ରାଜ୍ୟର ସମସ୍ତ ମଣିଷଙ୍କୁ ଆଙ୍କ—ଗୋଟେଇ ଗୋଟେଇ ଅଖାରେ ପୂରେଇ—ଉଃ !

ଜର୍ଜର ମୁଣ୍ଡ ବୁଲେଇଦଉଥାଏ । ତାର ଗୁମ ଟାଙ୍କୁଣ ଉଠୁଥାଏ । ଆଉ ସମ୍ଭାଳି ନପାରି ସେ ତାର ଟିଳା ପାପୁଲି ଦୁଇଟା ଭିତରେ ତା' ମୁହଁକୁ ଘୋଡ଼େଇ ପକେଇଲା । ଏହିପରି ଅବସ୍ଥାରେ କେତେବେଳ ସେଠି ବସିଯାଇଥିଲା କେଜାଣି, ତାର ଖିଆଲ ନଥାଏ ।

ଏତକବେଳେ ଗୋଟାଏ ଅଦ୍ଭୁତ ଜିନିଷ ତା' ଦେହକୁ ଛୁଇଁଲା । ସେଇ ଜିନିଷଟାର କେମିତିକିଆ କେମିତିକିଆ ସ୍ପର୍ଶରେ ଜର୍ଜର ଚେତା ହେଲା; କିନ୍ତୁ ହଠାତ୍ ପାପୁଲି ଭିତରୁ ମୁହଁଟାକୁ କାଢ଼ି ସେଇ ଜିନିଷଟାକୁ ଦେଖିବାକୁ ତାର ସାହସ ହେଲାନାହିଁ । ଜିନିଷଟା ପୁଣି ଥରେ ତା ଦେହକୁ ଛୁଇଁଲା । ଏଥର ଜର୍ଜ ପୁରାପୁରି ଚମକି ପଡ଼ିଲା ଓ ମୁହଁଟାକୁ ପାପୁଲି ଭିତରୁ କାଢ଼ିନେଇ ସେ ଚାରିଆଡ଼କୁ ଚାହିଁଲା —କାହିଁ ? କଏ କାହିଁ ?

ଠିକ୍ ସେତକବେଳେ ତାର ମନେହେଲା ଯେମିତି ଗୋଟାଏ ସାପ ଆସ୍ତେ ଆସ୍ତେ ଲମ୍ବେଇ ହୋଇ ଉଠୁଥିଲା ତାର ପିଠିରେ—ତଳରୁ ଉପରଆଡ଼କୁ । ଜର୍ଜର ଦେହ ଥଣ୍ଡା ହୋଇ ଆସୁଥିଲା । ପଛ ଆଡ଼କୁ ହାତ ନେଇ ସେ ହଠାତ୍ ଛୁଟିଦେଲା ସେଇ ଥଣ୍ଡା ଥଣ୍ଡା ନରମା ନରମା ଜିନିଷଟାକୁ ତା ପିଠିର ବେଁଣିଗି ଉପରୁ ଓ ବୁଲିପଡ଼ି ସେ ଖୋଜିଲା କୋଉଠି ଛିଟି ହୋଇ ପଡ଼ିଥିଲା ବୋଲି ସେ ଦୃଶ୍ୟ ଜିନିଷଟା । କିନ୍ତୁ ସେ ଯାହା ଆବିଷ୍କାର କଲା, ସେଥିରେ ତା' ମୁଣ୍ଡ ଘୂରିଯିବାକୁ ଲାଗିଲା । ସେଇ ଶୀତୁଳିଆ, ଗୁମ ଟାଙ୍କୁରେଇ ଦଉଥିବା ଜିନିଷଟା ସେ ଆଉ କିଛି ନୁହେଁ, କେବଳ ଗୋଟାଏ ହାତ—ଯାହା ଉପରର ଚମ ଏତେ ନରମ ଯେ ତାହା ଅବିକଳ ଗୋଟାଏ ସାପ ଭଳି ଦେହକୁ ଲାଗୁଥିଲା. ଏକଥା ଜର୍ଜର ମୁଣ୍ଡରେ ଆଦୌ ପଶିପାରି ନଥିଲା ।

କିଛି ବୁଝିପାରୁ ନ ଥିଲା ଜର୍ଜ ସେଥିରୁ—"ଇଏ ପୁଣି କିପ୍ରକାର ମଣିଷ—ଇଏ କଅଣ ନୁହେଁ ଇଏ କଣ ସେଇ ମଣିଷ-ମାଉଁସଖିଆ ଯୁଗର ମଣିଷ—କଅଣ ଇଆର ଉଦ୍ଦେଶ୍ୟ—ପଇସା ପେଇଁ ଏ କଅଣ ମାଉଁସ ଝୁଣିନବ ସତରେ ?" ସେ ଆଁ କରି ଅନେଇଥିଲା ଆଉ ବରଡ଼ାପତର ଭଳି ଥରୁଥିଲା ।

କିଛି ବୁଝିପାରୁ ନ ଥିଲା ବି ବୁଢ଼ୀଟା । ଇଏ ପୁଣି ଆସିଲା କେଉଁଠୁ ? ସମସ୍ତଙ୍କ ଭଳି ଇଏ ବି କଅଣ ଦଉଡ଼ିଆଇଚ ଗରାଖ ହବାକୁ ? ଏଡ଼େ ସେଝିଡ଼ ଟୋକାଖଣ୍ଡେ— କେତେ ଭୋକ ପୁଣି ଅଛି ଇଆ ପେଟରେ ? ଛଅଟା ବସ୍ତା ପକେଇ ଦେଇ ପୁଉଣି ବଇଚ ଆଉକ ଆଶାକରି ? ନା, ନା—ଇଆ ଭିତରେ ଆଉ କିଛି କଥା ଅଛି । ଇଆ ଭିତରେ କିଛି ମରମ ଅଛି । ପଛଆଡ଼େ ଆଉ କାହାର ହାତ ଅଛି । ନଇଲେ ଏ ମୋ ଓଳି ମାଡ଼ି ନଥାନ୍ତା ।

ବୁଢ଼ୀ ଉପରକୁ ଅନେଇଲା । ସୂର୍ଯ୍ୟଦେବତାଙ୍କ ରଥ ଆକାଶର ମଥାନ ଆଡ଼କୁ ଆଉ ଘଡ଼ିକେ ଉଠିପଡ଼ିବ । ପୁଣି କାମରୁ ଫେରି ହାଁ-ହାଁ ହୋଇ ବେଢ଼ିଯିବେ ଯୋଗଣାଗୁଡ଼ାକ । ଭାତ ବସେଇଦବାକୁ ହବ ।

Digitized by srujanika@gmail.com

ସେତେବେଳକୁ ଦୋକାନ ଶୁନ୍‌ଶାନ୍ । ଯାହା ଯେଉଁ ଗରାଖ ଆସିବାର ଥିଲେ ସେମାନେ ସମସ୍ତେ ଯାଇଛନ୍ତି ସକାଳୁ ସକାଳୁ—ବରା, ପକୁଡ଼ି, ଶସ୍ତା ମାଉଁସଭଜା ଆଉ ଚହା କପେ କପେ ଖାଇ । ସମସ୍ତେ ଚାଲିଗଲେଣି ଯେଝାଯେଝାର ପେଟପାଟଣା ଫନ୍ଦଫିକର ନେଇ । ସମସ୍ତେ ପଳେଇଲେଣି । ସକାଳର ସବୁ ଗୋଳମାଳ ତୁଟିଗଲାଣି । ରାତି ଦିନରୁ ଉଠି ଚୁଲିଫୁଙ୍କି ଏତେଗୁଡ଼ାଏ ଲୋକଙ୍କର ହେପାଜତ୍ କାମ ସରିଚି ବୁଢ଼ୀର—ଯଦିଓ ହେପାଜତ୍ ସେ କାହାରି କରେନାହିଁ ବିନା ପଇସାରେ । ତଥାପି ସେମାନେ ସମସ୍ତେ ଯାଆନ୍ତି ସକାଳ ହେଲେ ଓ ସମସ୍ତେ ପୁଣି ଫେରିଆସନ୍ତି କୁଆକୋଇଲି ବସାକୁ ଫେରିଲାଭଳି ମୁହଁସଞ୍ଜ-ବେଳକୁ, କି ଖୁବ୍ ବେଶି ହେଲେ ରାତି ଦ'ଘଣ୍ଟା ପୂର୍ବରୁ । ପୁଣି ଆଖଡ଼ା ଜମେ । ପୁଣି ଚୁଲି ଲାଗେ । ପୁଣି ମାଉଁସ ସିଝେ ଚୁଲି ଉପରେ, ଆଉ ଚହା କେଟିଲିରେ ପାଣି ଫୁଟେ ଗବ୍ ଗବ୍ । ବୁଢ଼ୀର ଦ'ପଇସାର ବାଟ ଫିଟିଯାଏ ।

ଦ' ପଇସାର ବାଟ ଫିଟିଯାଏ ଅବଶ୍ୟ ! ଗରାଖ ଯୋଉଠିଁ ଜୁଟନ୍ତି, ପଇସାର ବାଟ ସେଠି ଫିଟେ ନିଶ୍ଚୟ; କିନ୍ତୁ ଏଇ ଅଲଅଲିଆ, ଦରଦରପାଚିଲା ହୁଏ ତ ଟିକିଏ ମସ୍ତକଞ୍ଚା ଗୋଦରାବୁଢ଼ୀଟା ଠେଇଁ କଅଣ ବା ଏମିତି ଅଛି ଯେ ପଇସାର ବାଟ ତାର ଫିଟିଯାଏ, ଆଉ ତାଆରି ଦୋକାନରେ ଆସି ଜୁଟନ୍ତି ଗରାଖ ! ଟାଙ୍ଗିଲି, ଟାପରା, ଖେଳ, କଉତୁକ ଆଉ ତାଡ଼ିଲି ଲୁହାର ଚିଆଁ ସବୁ ସହନ୍ତି ସେଇ ଗରାଖ । କିନ୍ତୁ ଗରାଖ ଛାଡ଼ନ୍ତି ନାହିଁ ଜମା ଏଇ ଦୋକାନକୁ । କିଏ ଆସିଚି ଦକ୍ଷିଣରୁ, କିଏ ଆସିଚି ଉତ୍ତରରୁ, କିଏ ବା ଆସିଚି ପୂର୍ବ ପଶ୍ଚିମରୁ, ଆଉ କିଏ ବି କୋଉଠୁ ନ ଆସି ଜନ୍ମ ହୁଅନ୍ତି ନର୍ଦ୍ଦମାର ପୋକଭଳି । ଏ ସହରକୁ ଦଶଦିଗର ଗରାଖ ଆସି ଠୁଳ ହେଇଛନ୍ତି ଏଇ ଗୋଦରାବୁଢ଼ୀର କାଠଦୋକାନର ଓଳିତଳେ । କଅଣ ଟାଣେ ତାଙ୍କୁ ? କିଏ ଏକାଠି କରେ ତାଙ୍କୁ ? କି ବାସନାରେ ଆମୋଦିତ ହୋଇ ଦଉଡ଼ିଆସନ୍ତି ଏଇ କୀଟପତଙ୍ଗଗୁଡ଼ିକ ? କାହାର ଭୋକ ଦିଏନି ପୂର୍ବ-ପଶ୍ଚିମ-ଉତ୍ତର-ଦକ୍ଷିଣ ବାରଜାତି ଢେରଗୋଲାର ସବାଖିଆ ନଅଁଶିଆ ଅବା ଗୋଠଛଡ଼ା ବାରବୁଲାଗୁଡ଼ାକ ଦଉଡ଼ିଆସନ୍ତି ବାଟ ଶୁଙ୍ଘି ଶୁଙ୍ଘି ଏଇ କାଠକ୍ୟାବିନ୍ ତଳକୁ ? କି ଭୋକ ସେ ? ପେଟର ଭୋକ ନା ମନର ଭୋକ ? କେତେ ଲୋକର ଭୋକକୁ ବା ସମ୍ଭାଳିପାରିବ ଏଇ ଗୋଟାଏ ଗୋଦରାବୁଢ଼ୀ, ତାର ଏଇ ଦ'କୋଡ଼ିରୁ ଦୁଇ ବା ଖୁବ୍ ଜୋର୍ ତିନି ଊଣା ବୟସରେ ?

ତଥାପି ସମ୍ଭାଳି ନିଏ ସେ—ଏଇ ବୁଢ଼ୀଟା ! ସବୁ ସମ୍ଭାଳି ନିଏ ସେ । ଗୋଟେ ମେଣ୍ଢା ଜଗିଲାଭଳି ଏକାଠେଇଁ ବସି ବସି ସେ ସମ୍ଭାଳିନିଏ ଗୋଠଟାଯାକର ପିଲା, ଛୁଆ, ଅଣ୍ଡା ବଚ୍ଚାଠୁଁ ଆରମ୍ଭ କରି ମାରଣା, ଦାଢ଼ିଆ, ପଥରଶିଂଘା ବୋଦା ପର୍ଯ୍ୟନ୍ତ । କମି ତାର ଶକ୍ତି ନୁହେଁ ।

ରୁଣ୍ଡ ହୁଅନ୍ତି ସବୁପ୍ରକାର ମଣିଷ ଏଇ କାଠ କ୍ୟାବିନ୍‌ର ଓଳିତଳେ । ଏଇଠି ଜଳୁଥାଏ ଗୋଟାଏ ଚୁଲି—ଅହରହ ! ଦିନରାତି ଜୁଲୁଜୁଲୁ ହଉଥାଏ ନିଆଁ ତାର ପେଟରେ ।

Digitized by srujanika@gmail.com

ଯେତେବେଳେ ସେ ଦପ୍‌କରି ଜଳଉଠେ ଲହୁଲହୁ ଜିଭ ବଢ଼େଇ । ଖଣ୍ଡ ଖଣ୍ଡ ହୋଇ ଅଜସ୍ର ମାଂସ ସିଝିଆସୁଛି କେଉଁ ଆଦିମକାଳରୁ ଏଇ ଚୁଲିରେ । କେତେ ମାଂସ ପୋଡ଼ି ପାଉଁଶ ହୋଇଯାଇଚି । କେତେଟାକୁ ତ ଭାତ କାଟେ ନାହିଁ ଏଇ ଚୁଲିରେ । କୋଇଲା କେଞ୍ଚି କେଞ୍ଚି ଫୁଙ୍କି ଫୁଙ୍କି ଧୂଆଁରେ ମୁହଁ ନାକ ରୁନ୍ଧ ହୋଇଯାଏ । ତଥାପି ହତଭାଗ୍ୟ ମାଂସଖଣ୍ଡକ ସିଝିପାରେ ନାଁ; କିନ୍ତୁ ସିଝୁ ନ ସିଝୁ—ସିଝିବାକୁ ପଗ୍ରେ କିଏ? ଚୁଲିନିଆଁରୁ ଅନ୍ତତଃ ଗୋଟାଏ ମୁହୂର୍ତ୍ତରେ ଉତ୍ତାପ ସଂଗ୍ରହ କରି ମାଂସଖଣ୍ଡକ ଯଥାସମ୍ଭବ ସିଦ୍ଧ, ନମନୀୟ କରିନେଇ ପାରିବାରେ ଇ ଯଥେଷ୍ଟ ଆନନ୍ଦ ଆଉ ଯଥେଷ୍ଟ ଆସ୍ୱାଦନ ମିଳିପାରୁଛି । ସତେକି ଏଇ ଚୁଲିଟା ଇ ଏକ ମାଂସାଶୀ ଜୀବନର ଚୂଡ଼ାନ୍ତ ଦର୍ଶନ, ଆଉ ମାଂସଖଣ୍ଡର ନିର୍ବାଣ ନିମିତ୍ତ ପ୍ରକୃଷ୍ଟ ସ୍ଥାନ—ଏଇ ଚୁଲି । ମାଂସର ମହାଯାତ୍ରା ଯେହେତୁ ସାର୍ଥକ ହୁଏ ଏଇ ଚୁଲିରେ ।

କିନ୍ତୁ ପୋଡ଼ିହେବାର ସେଇ ସଉକ ସେଠି ଅନଳରେ ଝାସଦେଇ ଜୀବନ ଓ ସୃଷ୍ଟିକୁ ସାର୍ଥକ କରିବା ପାଇଁ ଚୁଲିତ ଚୁଲି, ଗୋଟାଏ ନିଆଁ ଗଡ଼ ବି କାହିଁ ? - ଏଇ ପୃଥିବୀର ଏଇ ସୃଷ୍ଟିର ପ୍ରତି ଅନଳଲୋଲୁପ ରକ୍ତମାଂସ ଦେହଧାରୀ ଏଇ ଅଜସ୍ର କୀଟପତଙ୍ଗଙ୍କ ପାଇଁ ?

ତେଣୁ କେମା ବୀର ସାମଲ, ଯାହାର ଡାହାଣ ହାତ ବଣି ଆଙ୍ଗୁଠିରେ କଣନଖା ହୋଇ ପାଚି ପାଚି ଦ'ବରଷବେଳକୁ ପୂଜ ଭଡ଼କେଇ ସଢ଼ିବାକୁ ଲାଗିଲା, ଆଉ ପାଞ୍ଚବରଷ ବେଳକୁ ଛିଣ୍ଡିପଡ଼ିବା ପରେ ଜାତିଭାଇଏ ତାକୁ ଖୁମ୍ପି ଖୁମ୍ପି ଆଣି ସହରର କୁଷ୍ଠାଶ୍ରମର ହତା ଭିତରକୁ ଠେଲିଦେଇ ପଳେଇଗଲେ—ସେଇ ପାଞ୍ଚ ବରଷର ବୀର ପାଣ, ଦଶଲକ୍ଷ ଲୋକ ଭିଡ଼ର ଏଇ ପ୍ରକାଣ୍ଡ ସହର ଭିତରେ ଏକୁଟିଆଟି ହୋଇ ଯେତେବେଳେ ବଢ଼ି ଉଠିବ ସେ ଯିବ କୁଆଡ଼େ ?—କୋଉ ଚୁଲିକୁ ସେ ଯାଆନ୍ତା ? ସହର ତମାମ ବୁଲିବୁଲି ଖାଲି ମଣିଷଙ୍କ ମୁହଁକୁ ଅନେଇ କେତେ ବା ରହନ୍ତା ସେଇ ମଣିଷ କୋଳର ଉଷୁମ ଗ୍ରଣ୍ଡି ନଥିବା ପାଞ୍ଚବରଷର ଛୁଆଟା ? କାହା ଦେହରେ ଘଷିହେଇ, କାହା ଦେହରୁ ଉଷୁମ ନେଇ, କାହା କୋଳରେ ଶୁଅନ୍ତା ଏଇ ପର-ଆପଣା ଭଲ କରି ବୁଝିପାରି ନ ଥିବା ଛୁଆଟା ? କାହା ପାଖକୁ ସେ ଯାଆନ୍ତା ? ଏଇ ମଣିଷ-ଜଙ୍ଗଲର କୋଉ ଗଛ ମୂଳେ ସେ ଆଶ୍ରା ନିଅନ୍ତା ? ପକ୍ଷୀ ଟାଣ ହୋଇ ଉଡ଼ିଶିଖିବାଯାକେ କିଏ ତା ମୁହଁରେ ଆହାର ଦିଅନ୍ତା ? କୌଣସିମତେ ସେଇ ଛୁଆ ସେଦିନ ବଞ୍ଚିଯାଇଥିଲା ଏଇ କାଠ କ୍ୟାବିନ୍‌ର ଓଳିତଳେ । କୌଣସିମତେ ଏଇ ଚୁଲିମୁଣ୍ଡରୁ ଉଷୁମ ପାଇ ଉତୁରିଯାଇଥିଲା ସେଇ ବଗୁଡ଼ିଛୁଆ ବୀର ସାମଲ । ସେ ବଡ଼ ହେଲା । ରିକ୍‌ସା ଟାଣିଲା । ସକାଳୁ ସନ୍ଧ୍ୟା-ଯାକେ ପିଠିରେ ଲହୁ କଲବଲି, ରିକ୍‌ସାରେ ବସେଇ ତା ଜୀବନରେ ସେ କ'ଣ ଏଇ ସହରର ଅଧେ ଲୋକଙ୍କୁ ଏଠୁ ସେଠିକି ଆଉ ସେଠୁ ଏଠିକି କରି ନ ଥିଲା ? କେତେ ଲୋକଙ୍କର ଦେହର ଉଷୁମ ସେ ନ ଟାଣିଚି ଗୋଟାଏ ସୁଉକ, କି ଗୋଟାଏ ଅଧୁଲା, କି ବେଳେବେଳେ ଗୋଟାଏ ରୁପାଟଙ୍କାର ଉଷୁମ, ଚକଚକିଆ ଦେହବାଟ ଦେଇ ? କେତେ କୋଟ୍, ପେଣ୍ଟ, ପଞ୍ଜାବିର ଉଷୁମ ପକେଟରୁ, କେତେ ରଙ୍ଗର ଉଷୁମ ବ୍ଲାଉଜ୍ ଛାତିରୁ

Digitized by srujanika@gmail.com

ବାହାରୁଥିବା ତାପକୁ ସେ ଅନୁଭବ କରି ନ ପାରୁଛି ସକାଳେ, ସନ୍ଧ୍ୟାରେ, ଗ୍ରୀଷ୍ମରେ—ଏଇ ଗୋଟାଏ ଦୁଇଟା ନିର୍ଜୀବ ଧାତୁ ପଦାର୍ଥ ମଝିଦେଇ ! କିନ୍ତୁ କାହିଁ ? ଏଇ କାଠକ୍ୟାବିନ୍‌ର ବୁଢ଼ୀଟି ଛଡ଼ା କିଏ ତାର ହାତଟିକୁ ହେଲେ ଛୁଇଁଦେଇ ଗୋଟାଏ ମୁହୂର୍ତ୍ତ ପାଇଁ ଜ୍ଞାତ ଅବା ଅଜ୍ଞାତସାରରେ ଦେଇଦେଉଛି ହସି ହସି ଟିକିଏ ଉତ୍ତାପ ?

‘‘ନିଅ ! ଏତିକି ଉତ୍ତାପ, ତମର—ତମପାଇଁ ଏତିକି ଉତ୍ତାପଦେଲି କେମିତି ବୀର ସାମଲ !’’—ପଦଟିଏ କଥା କାହା ମୁହଁରୁ ବା ନିଗିଡ଼ିପଡ଼ୁଛି ? ତେବେ ବୀର ସାମଲ କାହିଁକି ବା ଛାଡ଼ି ଚାଲିଯିବ ଆଉ କୁଆଡ଼େ ? ଏଇ କାଠ କ୍ୟାବିନ୍ ଆଉ ଏଇ ଗୋଦରାବୁଢ଼ୀ ! ହଉ ପଛେ—କଅଣ ଅପୂରଣ ରହିଯାଉଛି ତାର ? କଅଣ ଅଧିକାଟା ବା ସେ ପାଉଛି ଆଉ କୋଉଠି ? କାହିଁକି ସେ ପଡ଼ି ନ ରହିବ ଏଇ କାଠ କ୍ୟାବିନ୍‌ର ଓଳିତଳେ ?

ପାଞ୍ଚବର୍ଷ ଦିନଠୁ ଆଜିଯାଏ ସେ ଦେଖିଆସୁଛି ଏଇ ବୁଢ଼ୀକୁ । କଅଣ ସେ ଦେଖିଥିଲା ଆଉ ଆଜି କଅଣ ସେ ଦେଖୁଛି—ସେ ଭିତରେ କିଛି ପାର୍ଥକ୍ୟ ଦେଖିପାରୁନାହିଁ ବୀର ସାମଲ । କିନ୍ତୁ ସେ ଦେଖୁଛି ଏଇ ଲୋକଟାକୁ, ଯିଏ ତା'ଠୁଁ ରୂପ, ଗୁଣ, ବଳ, ବୟସ ସବୁଥିରେ ଭିନ୍ନ । କିନ୍ତୁ ଆଜି ଏଇ ଭିନେ ମଣିଷଟି ତାକୁ ସଦାବେଳେ ଭଲ ଲାଗି ଲାଗି ଆସୁଛି । ବରା ଗୁଲୁଗୁଲା ଦେବେଇ ଇଆରି କୋଳରେ ଉଷୁମ ଟାଣି ଦିନେ ତାର ପେଟ ପୂରିଥିଲା । ଆଜି ବି ପେଟ ସେମିତି ପୂରୁଛି ତାର । ସେମିତି ଖାଉଛି ସେ ବରା ଗୁଲୁଗୁଲା, ମାଉଁସ ଆଉ ଚାହା । କେବଳ ସେଇ କୋଳରେ ସେ ବସୁନାହିଁ ଆଜି । କିନ୍ତୁ ସେ ଆଜି ବୁଝୁଛି—ଏଇ କୋଳଟାର ଅର୍ଥ ବାସ୍ତବିକ କଅଣ—ଯାହାକୁ କାମରେ ପ୍ରକାଶ ନ କରି, ଖାଲି କଥାରେ କଥାରେ କହିଦେଇ ସେ ଏବେ ପାଇଯାଉଛି ମଧ୍ୟ ଗୋଟାଏ ପ୍ରକାର ଅଦ୍ଭୁତ ଉଷୁମ ! ସେଇ ଗୋଟାଏ ମଣିଷ—ଗୋଟାଏ କୋଳ ତାର ! କେତେ ପ୍ରକାର ଅନୁଭୂତି ଆଉ ଉଷ୍ମତାର ଉତ୍ସରୂପେ ପ୍ରମାଣିତ ନ ହୋଇଛି ସେଇ କୋଳ ଆଜି ! ଖାଲି ବୀର ସାମଲ ନୁହେଁ—ଯିଏ କି ଏଇ କୋଳର ବିଭିନ୍ନ ରସକୁ କଳ୍ପନାରେ ହେଲେ ମଧ୍ୟ ଆସ୍ୱାଦନ କରିପାରିଛି, ଯିଏ କି ଏଇ କୋଳର ବିଭିନ୍ନ ମହାତ୍ମ୍ୟ ଦର୍ଶନ କରି ଚମତ୍କୃତ ହୋଇଛି ଓ ଜୀବନକୁ ଜୀବନ ବୋଲି ମଣିଛି । ଏଇ କୋଳକୁ ଘେରି ରହିଚନ୍ଦ୍ର ଦକ୍ଷିଣୀ ରିକ୍‌ସାବାଲା କାମାଖ୍ୟା, ଟ୍ରକ୍‌ବାଲା ରାମ ସିଂ, ପାଗଳା ଚରଣ ରାଓ ଆଉ ନଜର ମିଆଁ ବୁଢ଼ା—ତା'ଛଡ଼ା ଆହୁରି କେତେ କେତେ ଯେତେକଙ୍କ ପାଇଁ ଏଇ ଚୁଲିରେ ଚାହା କେଟିଲିରେ ପାଣି ଟଗ୍‌ବଗ୍ ହୋଇ ଫୁଟେ, ଚଡ଼୍ ଚଡ଼ ହୋଇ ଛଣାହୁଏ ପକୁଡ଼ି, ଆଉ ମାଉଁସ ମଧ୍ୟ ସିଝେ ।

ଆଉ ଏଇଠି ଆସି ଜୁଟିଯାଉଛି ଶେଷରେ ସେହିପରି ଗୋଟାଏ ହୋଟେଲ୍ ହାନମାନଆ ଅରକ୍ଷିତ ପିଲା । ସମସ୍ତେ ବଢ଼ୁଛନ୍ତି । ସେ ବି ବଢ଼ୁଛି । ବଢ଼ିଛି ବୀର ସାମଲ । ବଢ଼ୁଛି କାମାଖ୍ୟା । ବଢ଼ୁଛନ୍ତି ସମସ୍ତେ । ଆଉ ସବୁଠାରୁ ମଜାକଥା ହଉଛି, ଏସବୁ ଭିତରେ ବଢ଼ୁଥିବ ଆଉ ବଢ଼ୁଛି ବି ଏସବୁର କର୍ତ୍ତ୍ରୀ—ନିଜେ ବୁଢ଼ୀ—ଯାହା ଯୋଗୁ ଏଇ ସଂସାର, କିନ୍ତୁ କେହି ଜାଣେନା, କେହି କହିପାରିବ ନାହିଁ—ନା ବୀର, ନା କାମାଖ୍ୟା, ନା ରାମ ସିଂ,

Digitized by srujanika@gmail.com

ନା ପାଗଳ ଚରଣ ସାଉଁ ବା ଶଂକରଭର୍ ଖୋଦ୍ ନଜର୍ ମିଆଁ ବୁଢ଼ା—ଶେଷରେ ଚଉଦ ବର୍ଷର ଟୋକା ଜର୍ଜ ବି ବୁଝେନା । ହୁଏତ ଏଇ ଅଦ୍ଭୁତ ମଣିଷଟା ପକ୍ଷରେ ବଢ଼ୁଚୁ କି ଛୋଟ ହଉଚୁ କମ୍ବା ବଢ଼ିବା ଛୋଟିବା ହେଇ କେବଳ ଜୀବନ ସ୍ୱାର ପାଖ ପର୍ଯ୍ୟନ୍ତ । ସେ ଯେତିକି ସେତିକ ହେଇ ରହିଯାଉଚି ସମସ୍ତଙ୍କ ଆଖିରେ ।

× × × ×

“ଏ ଟୋକା ! କରେ, ସେଇତକ ବାସନକୁ ତେବେ କେଉଁଯନ୍ତ୍ର ମାଜିବୁ କରେ ? କରେ ହାତ ଝଅଟ କରୁନୁ । ଦେ, ଝଅଟ ଝଅଟ ପାଉଣି ସାଉଲ୍—ଦିନ ଆସି କୋଉଠେଇଁ ହେଲଣି, ତୋତେ ଦେଖାଯାଉଚନି ?”

ବୁଢ଼ୀର ଡାକିବା ଶୁଣି ଜର୍ଜ କାମରେ ମନଦେଲା । ଜଲ୍ଦି ଜଲ୍ଦି ଅଉ ଜୋର୍ ଜୋର୍ କରି ସେ ଘଷିବାକୁ ଲାଗିଲା ସେଇ ତେଲଚକଟା କରେଇଟାକୁ, ପାଉଁଶ କଣ୍ଡା ମିଶାକରି ।

ବୁଢ଼ୀ ପୁଣି ଡାକିଲା—“ଇଲେ ହେ. ଆଗ ଆସିକରି କଅଣ ଟିକିଏ ଖାଇଦେଇକରି ଯାଆରେ ! କାଲିଠୁଁ ତ ଭଲକରି ଗଣ୍ଡିଏ ଖାଇନୁ—ଭୋକ ଲାଗୁନାହିଁ ତତେ ?”

କିଛି ଉତ୍ତର ନ ଦେଇ ଟୋକାଟା ଆହୁରି ଶୀଘ୍ର ଶୀଘ୍ର ଘଷିବାକୁ ଲାଗିଲା କରେଇଟାକୁ । କେବଳ ମଝିରେ ମଝିରେ ଥରେ ଥରେ ସେ କଣେଇ କଣେଇ ଚାହୁଁଥାଏ ଘରଭିତରକୁ । ସେ ଦେଖୁଥାଏ—ଅନ୍ଧାରିଆ ସୁଡ଼ଙ୍ଗ ଭଳି ସେଇ ଲମ୍ବା ଗଳିଘରର ଶେଷମୁଣ୍ଡରେ ଯୋଉଠି ଗ୍ରେଟ ଗଳି କବାଟଟା ଦାଣ୍ଡପାଖ କେବିନ୍ ଘରକୁ ଲାଗିଥାଏ, ସେଇଠି ସେଇ ଗଳିକବାଟର ଏରୁଣ୍ଡି ଉପରେ ଗୋଡ଼ଲମ୍ବେଇ ବସିଥିଲା ବୁଢ଼ୀଟା—ଅଧା ଆଲୁଅ ଆଉ ଅଧା ଅନ୍ଧାରରେ । କ୍ୟାବିନ୍‌ଆଡ଼ୁ ଦାଣ୍ଡର ଆଲୁଅ ସାଥିରେ ମିଶି, ଭୁସି ଭୁସି ପଶିଆସୁଥିଲା. ଖୁବ୍ ପତଳା ଆଉ ଇସ୍ପାତ୍ ରଙ୍ଗବୋଳା କେତେ ପରସ୍ତ ଧୂଆଁ—ହୋଟେଲ୍ ଚୂଲିରୁ ଭିତରର ଅନ୍ଧାର ଆଡ଼କୁ । ପବନ, ଧୂଆଁ, ଆଲୁଅ ଅନ୍ଧାର ଦଙ୍ଗଲର ମିଶାମିଶି ଜାଗା ହଉଚି ସେଇଠି, ଯୋଉଠି ଗୋଡ଼ ଲମ୍ବେଇ ବସିପଡ଼ିଥିଲା ବୁଢ଼ୀଟା । ତାର ମୁହଁର ସମୁଦାୟଟା ପ୍ରାୟ ଲିଭିଯାଇଥିଲା ଭିତର ପାଖର ଅନ୍ଧାରରେ: କିନ୍ତୁ ଅମାବାସ୍ୟା ପୂର୍ବରାତିର ଜହ୍ନପରି ଅନ୍ଧାରକୁ ଆଲୁଅ ଏମିତି ତୀକ୍ଷ୍ଣଭାବେ ଗୋଟାଏ ଧାରରେ କାଟିପକାଉଥିଲା ଯେ ବୁଢ଼ୀର ମୁହଁର ସବୁ ଅଂଶ ପ୍ରାୟ ହଜିଯାଇଥିଲେ ମଧ୍ୟ ନିଜେ ବୁଢ଼ୀ ହଜି ଯାଇ ନ ଥିଲା । ସେ ତଥାପି ଦୃଶ୍ୟ ହେଉଥିଲା ଜର୍ଜକୁ, ଯଦିଓ ତାର ସମୁଦାୟ ଅସ୍ତିତ୍ୱ ସେତେବେଳକୁ ହଟିହଟି ଯାଇ ବାକି ରହିଯାଇଥିଲା ମାତ୍ର ଗୋଟାଏ ରେଖ ଧାର !

ବାସନ ମାଜୁ ମାଜୁ ଜର୍ଜ ଲକ୍ଷ୍ୟ କରୁଥାଏ ତାର ଆଖିଆଗର ଚିତ୍ରକୁ । ସତେ କି ଗୋଟାଏ ଦୂରବୀଣ୍ ଭିତର ଦେଇ ସେତେବେଳେ ସେ ଲକ୍ଷ୍ୟ କରୁଥିଲା ବାହାରର ଦୁନିଆକୁ । ବାହାରର ଦୁନିଆ—ଯୁଆଡ଼ୁ ମାତ୍ର ଗୋଟାଏ ଫାଙ୍କାଣ୍ଡି ପଥଦେଇ ଝରିଆସୁଥିଲା ଆଲୁଅ ସେଇ ଅନ୍ଧାରିଆ କାଠକ୍ୟାବିନ୍‌ର ବାଡ଼ପଟକୁ ।

ଜର୍ଜ ଚାହିଁଲା । ବହୁତବେଳ ଧରି ଚାହିଁଲା ସେ ହୁଏତ ସେଇ ଆଲୁଅ ଆଡ଼କୁ । କଅଣ ସେ ଦେଖୁଥିଲା କେଜାଣି ? କିନ୍ତୁ ତା' ପାଇଁ ଯଦି ଅନ୍ୟ ଜଣେ କିଏ ଦେଖିଥାନ୍ତା—ସେ

Digitized by srujanika@gmail.com

ଦେଖିଥାନ୍ତା ଦୂରବୀଣ୍ ନଳୀର ଭିତର ମୁଣ୍ଡରେ, ଯୋଉଠି ବୁଢ଼ିଆଣୀ ସୂତାର ଛକଟିଏ ଲଗାଯାଇଥାଏ ଦୃଶ୍ୟଭୂମିକୁ ମାପଚୁପ କରିବାକୁ, ବସିଥିଲା ସେଠି ଗୋଡ଼ ଲମ୍ବେଇଦେଇ ବୁଢ଼ୀଟିଏ ! ସ୍ତ୍ରୀଲୋକଟିଏ ! ସମସ୍ତର ଖୁଣ୍ଟଟିଏ !—ଆଉ ଏଇ ଛକଟିର ସାହାଯ୍ୟ ନେଇ ତ ଦୂରବୀଣ୍ ଦ୍ୱାରା ପରୀକ୍ଷା କରାଯାଏ ଦର୍ଶକର ଦୃଶ୍ୟଭୂମିକୁ !

ଟୋକାଟା ଦେଖୁଥିଲା । ସେ ବୁଝେ ନା କଅଣ ସେ ଦେଖୁଛି । ହୁଏ ତ ସେ ପରୀକ୍ଷା କରୁଥିଲା ସମସ୍ତର ବିଭିନ୍ନ ଅବସ୍ଥାକୁ । ତାର ଚିକ ମୁଣ୍ଡ ଲଗେଇ, ଅପରପକ୍ଷ ହେଲେ ମଧ୍ୟ କଚ୍ଛଟା ଇ ଦୃଷ୍ଟି ଦେଇ ସେ ଦେଖୁଥିଲା ସେମାନଙ୍କ ଅନେକ ରୂପକୁ ! ସେ ଦେଖୁଥିଲା ହୁଏ ତ ଅସ୍ଥିର ସମସ୍ତର ବିଭିନ୍ନ ରୂପକୁ—ଅତୀତକୁ, ବର୍ତ୍ତମାନକୁ ଆଉ ସେଥିସହିତ ଗୋଟାଏ ଝାପ୍‌ସା ଝାପ୍‌ସା ଭବିଷ୍ୟତକୁ—ସେଇ ଦୃଶ୍ୟଭୂମି ଉପରେ ।

ବୁଢ଼ୀ ବସିଥିଲା । ହୁଏତ ଗୋଟାଏ କନ୍ଥା ସିଲେଇରେ ବ୍ୟସ୍ତ ରହିଥିଲା ସେ । ଜର୍ଜର କାମ ଆଡ଼କୁ ଖିଆଲ ନ ଥିଲା ତାର । କେତେବେଳକେ କାନ ପାରି ସେ ଶୁଣିଲା । ବାରଆଡ଼ୁ ବାସନର ଝଣଝାଣ ଶବ୍ଦଟା ବନ୍ଦ ହୋଇଯାଇଥିଲା । ବୁଢ଼ୀ ଆଖି ଟେକି ଚାହିଁଲା । ତା'ପରେ ହଳେ ଉଠିଲା ।

ବୁଢ଼ୀର ସ୍ଥାନାନ୍ତର ସହିତ ଜର୍ଜର ସମସ୍ତ ଦୃଶ୍ୟଭୂମି ବଦଳିଗଲା । ସେ ଚମକିପଡ଼ିଲା । ତା'ପରେ ସେ ପୁଣି କାମରେ ମନଦେଲା ।

"ହଇରେ ହେ ଛତରଖିଆ ! ତେତେ କଅଣ ଲଗିଲାଣି କରେ ?" ବୁଢ଼ୀ ଗଳାଘରବାଟେ ଆସୁଥିଲା ବାଡ଼ିଆଡ଼କୁ ଓ ଗଡ଼ର ଗଡ଼ର ହୋଇ କହୁଥିଲା—"କରେ ସେତେବେଳୁ ପରା ମୁଁ ଡାକୁଚି ତେତେ, ଟିକଏ କଅଣ ପାଟିରେ ପକେଇ ଦେଇ ଯା' ବୋଲି । ସେତିକବେଳୁ ଝୁମାଣ ହୋଇକରି ବଇଚୁ ଏଠେ ! କାହିଁ କଅଣ କରୁଚୁ ଦେଖେଇଁ !"

ବାଡ଼ି ପାହାଚ ତଳକୁ ଓହ୍ଲେଇ ଆସି ବୁଢ଼ୀ ଆସି ଠିଆ ହୁଏ ଜର୍ଜ ପାଖରେ । ଜର୍ଜ ତଥାପି ମନ ଲଗାଇ କାମ କରିବାର ଛଳନା କରି ବାସନ ମାଜୁଥାଏ ।

"କରେ ତେତେ ପରା ମୁଁ କଅଣ କହୁଚି, ଏଣେ ଶୁଣୁନାହିଁ ନା କଅଣ ବା ? ତୋ କାନରେ ଝଣ୍ଡା ମାରିହୋଇଚି କରେ ? ଚଳେ ଖାଇବୁ ଯାଉନୁ ।"

ଜର୍ଜ ତଥାପି ଶୁଣୁ ନଥାଏ ।

"ହବାର କଥା ନାହିଁ—ଆରେ ଏଙ୍କୁ କଅଣ ନାଗିଲାଣି କରେ ? ଆରେ ଯା ଖାଇବୁ ଯାଆ !" କହୁ କହୁ ବୁଢ଼ୀ ଜର୍ଜ ହାତରୁ ଗୋଟାଏ ଅଧାମଜା ଡେକେଚି ଛଡ଼େଇବାକୁ ଆରମ୍ଭ କରିଦେଲା । ଜର୍ଜ ବୁଢ଼ୀହାତରୁ ଡେକେଚିଟାକୁ ଝିଙ୍କିନେଇ ମୁହଁ ବୁଲେଇ ପୁଣି ମାଜିବସିଲା ସେଇଟାକୁ ।

"ଏଁ ! କେଡ଼େ ଜିଦଖୋର ଟୋକାଟା ବା ! ହଇରେ ତୋର ଫେଣି କଅଣ ହେଲା ଆଜି ? ସେଦିନ ହିନା କଂସାଟାକୁ ପକେଇ ଚେପା କରିଦେଇଥିଲୁ ବୋଲି ଗାଳିଦେଇଥେଲି, ରୁଷିଥେଲୁ—ଆରେ ଗାଳି କଅଣ ଦେଇଥେଲି ବା ? କଇଲି—ବାପାରେ କଂସା ବାସନକୁ ହୁସିଆର କାରବାର କରିବୁ, ହାତରୁ ଖସିପଡ଼ିଲେ ଗଲା—ଚେପା ହୋଇଯିବ କି ଫାଟିଯିବ

Digitized by srujanika@gmail.com

—କହୁଥିଲି ତ କଅଣ ଖରାପଟା କଲି ? ଇଏ ଖାଲି ସୁକୁମାରୀ ଆଣ୍ଟାଏ ହୋଇଛି—ସ୍ୱାକୁ କହିବ ନାହିଁ: ଉଠିବ—ଆରେ ଯାଆରେ, ତୋ ଭଳି କେତେ ଲୋକଙ୍କୁ ଦେଖିଛି··· ।”

ଏତେ ବେଳଯାକେ ଜର୍ଜକୁ ଖାଲି ଭଲଲାଗୁଥିଲା ବୁଢ଼ୀର ଏଇ ଗାଳି ଆଉ ଆଦର । କିନ୍ତୁ ତାର ଏଇ ଶେଷପଦକ କଥାରେ ହଠାତ୍ କେମିତି ଜର୍ଜର ମନ ଖଞ୍ଚି ଗଲା । ତାକୁ ଆଉ ଭଲଲାଗିଲା ନାହିଁ ବୁଢ଼ୀର କଥା । କଥାଟାକୁ ଅନ୍ୟ ବାଗେ ନବାପାଇଁ ଜର୍ଜ ମୁହଁ ଫିଟେଇଲା—“ମତେ ଭୋକ-ଫୋକ ହଉନାହିଁ, ଯା । ମୁଁ ଖାଇବି ନାହିଁ । ମୋ ସାଙ୍ଗରେ କାହିଁ ଲାଗିଚୁ ? ଯା, ଏତକ ବାସନ ମୁଁ ମାଜିବି, ତା ବାଦ୍ ଯାଇ ଉଠୁଚି ଏଠୁ—”

ଟିକିଏ ନରମି ଯାଇ ବୁଢ଼ୀ କହିଲା—“ଆରେ-ହଉ ହେଲା ହେଲା, ଯାଆରେ—ମୋଅରି ପଛକେ ଦୋଷ ହେଲା—ଆଉ ଦିନେ ତତେ ବାସନ ମାଜିବା କଥା କହିବି ନାହିଁ—ଯା, ଏଥର ଗଲୁ—ଉଠ ଯା—ଖାଇବୁ ଯା—ଯାଆ ମ—କେତେ ଖୋସାମତି ଖୋଜୁଚୁ ଟୋକା ବକଟେନାକୁ ?”

“ତୁ କାହିଁକି ମତେ ଖୋସାମତି କରୁଚୁ କି ?” ଜର୍ଜ ଚାହିଁଲା ସିଧାସିଧି ବୁଢ଼ୀର ମୁହଁକୁ ଓ ପୁଣି ମୁହଁକୁ ତଳକୁ କରିନେଲା ।

“ମଲା, ନାକରେ ମରିଯାଉଚି ଟୋକା ଗୋଟାସୁଦ୍ଧା !” ବୁଢ଼ୀ କିନ୍ତୁ ଲକ୍ଷ୍ୟ କରିଥିଲା ଜର୍ଜର ହାବଭାବରୁ କିଛି କିଛି । ସେ ସାମାନ୍ୟ ରାଗିଯାଇଥାଏ । କିନ୍ତୁ ଟୋକାଟାକୁ ଚଢ଼େଇଲା ଭଳି କହୁଥାଏ—“ହାଇରେ ହେ ଖଲବା, ଅଲେଖଣା ! ଛଅ ମାସ ହେଲା ମୁଁ ତତେ ଖୋଉଚି ପେଉଚି ! ତୋଅର ତେବେ ପୁଣି ନାକ ! ମୁହଁକୁ ଚାହିଁକରି ସିଧାସଳଖ କଥା କହିପାରୁନାହିଁ ଯେ ଛୁଞ୍ଚିମୁହାଁ କଣେଇ କଣେଇ ହେଇ ଅନାଉଚି ମେତେ । ହାଇରେ ହେ ! କଅଣ ଦଶିଲାଣି ସେ ରୂପ—କାହିଁ କୋଉଥିରେ ତେତେ ମୁଁ ଊଣା କରିଚି କି ? କାହିଁ, ତୋ ଦେହରେ ମାଉଁସ ନାଗୁନାହିଁ ? ନାଗୁନାହିଁ ତୋର ଗୁଣରୁ ! ହେଇଟି ସବୁ ଦେଢ଼ଏ ହେଲା ନଗେଇଚି ମୁଁ ତୋ ପାଖେରେ ଖାଅ ଖାଅ ବୋଲି—ରୁଥିଲ୍, ଝିଉଠ୍, ରୁଲବୁଟି ସେ ପିଠାଖଣ୍ଡିକ ଥଣ୍ଡା ହୋଇଗଲାଣି । ଅଳପେଇସ ଗଣ୍ଡୁଡ଼, ଗଜିଆ କେମିତି ତା'ର ସୁବାସ ପାଇକରି ନାକେଇଥିଲା—ଦେତେ ନୁଚେଇଲେ ତା ଆଖି ନ ପାଇବ କୋଉଠିକି ? ଆଖିର ଝଣ୍ଡେ ନେଲା ତ ଗଲା ।”

କଥା କହିଲାବେଳେ ବୁଢ଼ୀର ହୋଉଁବ ନ ଥାଏ । କହୁ କହୁ କେତେ କଥା ସେ କହିଯାଏ । ଗପିବା ଗୋଟାଏ ତାର ସଉକ । ତାର ସ୍ୱରଟା ସରୁ ହେଲେ କଅଣ ହେବ ଗ୍ଳାଡରେ ବହୁତ ଜୋର୍ ତାର । କଥା କହି କହି ସେ ମଣିଷକୁ ନସ୍ତାନ୍ତ ନ କରି ଛାଡ଼େ ନାହିଁ । ଗପିଚାଲିଲା ସେ ଗଜିଆ କଥା । ହଠାତ୍ ଗଜିଆ ଉପରେ କାହିଁକି କେଜାଣି ତାର ମନ ତରଳିଗଲା । ଜର୍ଜ ବପିବପିକା ବାସନ ମାଜୁଥାଏ । ବୁଢ଼ୀର ସେ ଆଡ଼କୁ ନଜା ନ ଥାଏ । ସେ ଗୋଟାଏ ହୋଉଁବରେ ଗପ ଲଗେଇଦେଇଥାଏ । କହୁଥାଏ ସ୍ୱର ଲମ୍ବେଇ, “ଗଜିଆକୁ ରୁ ଚହ୍ନି ଚିହ୍ନିକି—ପିଠାଖଣ୍ଡେ ନେଇ ଯାଇଚି—ଯାଇଚି ଦେ. କୋଉଠିକି

Digitized by srujanika@gmail.com

କୋଉ କାନଚଗ୍ରିଟି ପାଖରେ କୁଳଗିରି କରୁଚ—ତୁ ତାକୁ ଚହ୍ନିଚୁଟି ?—ନାଇଁତ ଚହ୍ନିବୁ କୁଆଡ଼ୁ ! ଯେ ତ ଏଠେଣି ନ ଥେଲା—ବହୁତ ଦିନ ହେବ ନ ଥେଲା—ଏବେ କାଲି ଆଇଚ—ଝଣ୍ଟିଆ କାମ ନ କରି କୋଉଠି କୋଉ କୁଳ ମାଇକିନାର ପିଣ୍ଡା ଧରିଥେଲା ଯେ ଝଣ୍ଟିଆକୁ ଦେଲା ପାନେ ତା ଘଇତା । ଦବ ନାଇଁ ? ହଇରେ ତୋ ପେଟରେ ଖୋକ ହଉଚ ବୋଲି କଅଣ ଆନ୍ଧ ଜଣକର ଖୋକ ମାରିକରି ତେତେ ନଏ ଖାଇବାକୁ ଦବ ? ଅଲପେଇଷକୁ ମାରି ମାରି ସାଇବାଲା ଦରମଗ୍ରା କରି ଏମିତ କୋଉଠି ପକେଇ ଦେଇ ଆଇଲେ ଯେ ପଞ୍ଜ ପଡ଼ି ଅଲପେଇଷ ଦି ବରଷରେ ଯାଇଁ କତରୀ ଗ୍ରଡ଼ିଲା । କାଲି ଆସିକରି ମୁହଁ ଦେଖେଇଲା । ମୁଁ ତ ଭାବିଥେଲି ଯେ ମଲାଣି ବୋଲି । ଆହା, କ ହାନକରମା ଏଗୁଡ଼ାକ କି - କୋଉ ପାପରୁ ବିଧାତା ଏଗୁଡ଼ାଙ୍କୁ ଏ ଜନମରେ ଆଣି ଏମିତ କଲା—ବପ ନାଇଁ, ବାପ ନାଇଁ ଆହା ପଦଏ କଇବାକୁ ଭଲ ମାଇକିନାଆଁ ଝିଅଟିଏ ଆସି ସ୍ବାଙ୍କ କରମକୁ ପାଖରେ ରହନ୍ତା ! ଆରେ କେମିତ ଆସିବେ ? ଝଣ୍ଟିଆଙ୍କର କୋଉ ଗୁଣ ନାଇଁକି ? ମୁଁ ଜାଣିନାଇଁ ଏ ଝଣ୍ଟିଆଙ୍କ ଗୁଣ ? କୋଉ ମାଇପି ପିଲା ଆସି ସ୍ବାଙ୍କ ପାଖେ ରଇବ ? କାହା ଜୀବନକୁ ଭୟ ନାଇଁ କାହାର ? ଅଲପେଇଷେ ସେମିତ ବୁଲୁଚନ୍ତି ବାର-ଦୁଆର ଶୁଙ୍ଘି ମିଣ୍ଡା—କିଏ କେଗା ଦବ—କିଏ ଆଶ୍ରା ଦବ ଏଗୁଡ଼ାଙ୍କୁ ? କାହାକୁ ପରମାତ୍ମୁ ପିତା ନାଗୁଚ ଏଗୁଡ଼ାଙ୍କୁ ଆଶ୍ରା ଦବାକୁ ? ଅଲପେଇଷେ ଯୋଉ ଡାଳ ଧରିବେ ସେ ଡାଳ ଭାଙ୍ଗିବେ । ଏକା ମୁଇଁ ବୋଲି ସମ୍ଭାଳିଚ ଏ ଗୋଠକୁ । ମୁଇଁ ବୋଲି ସହୁଚ ସ୍ବାଙ୍କ ଜାଳା । ଓ ହୋ, ଓ ହୋ, ଦେଖୁନ—ଟୋକାବେଲି ବକଟେ—ସ୍ବାର ଫେଣି କେତେ ଗ୍ରଗ ? ହଇରେ ଘୋଡାମୁହାଁ !—ତୁ କଅଣ ମୋ ସାନ ଘଇତା କି ? ମୁଁ କଆଁ ତୋଅର ହାତଗୋଡ଼ ଧରି ଏତେ ନେହୁରା ହଉଚ ମ ? ତୁ ଖାଇଲେ କେତେ, ନ ଖାଇଲେ କେତେ ? ତୁ ଖାଇଲେ ମୋ ପେଟକୁ ଯିବ କି ?”

ଏକ ଦମ୍‌ରେ ଏତେଗୁଡ଼ାଏ କଥା କହିସାରି ବୁଢ଼ୀ ଟିକିଏ ଦମ୍ ନେଲା ସତେକି ତାର କଥାର କୋଥଳି ତୋରଣ୍ଟାକୁ ଏତେବେଳେ ବସିବସିକା ସେ ଫିଟେଇଥେଲା ଜାଣି । ଅନ୍ତତଃ ଜର୍ଜ ସେଇଆ ହିଁ ଭାବୁଥିଲା ବୁଢ଼ୀର କଥା ଶୁଣି ଶୁଣି । ସ୍ବାପରେ ଯାହା ଘଟିବ—ସେ ଭାବୁଥିଲା—ବୋଧହୁଏ ବିଶେଷ କିଛି କଷ୍ଟର କଥା ନୁହେଁ ସେ । କାରଣ କୋଥଳିର ତୋରଣ୍ଟା ଫିଟିଲା ପରେ ଆଉ ଅଛି କଅଣ ? ଆଉ ଯାହା ଥିଲା ସେ ସବୁ ଥିଲା ହାତ-ପାହାନ୍ତରେ—କୋଥଳି ଭିତରେ ।

ହାତ ଗୋଡ଼ ଧୋଇସାରି ଟୋକାଟା ଉଠି ଠିଆହେଲା । ଗୋଟାଏ କେମିତ ଖୋଲା ଖୋଲା ଭାବ କେମିତ ତାକୁ ଧରିନେଲା । ଛଅମାସ କାଳ ଦଳେ ଏକବାରେ ଖୋଲା ଆଉ କାମିକା ଲୋକଙ୍କ ମେଳରେ ପଡ଼ି ତା'ଆର ସଂସାର ସମ୍ବନ୍ଧରେ ବହୁ ବୁଦ୍ଧି ହୋଇଯାଇଥିଲା ଯେତେବେଳକୁ । କିନ୍ତୁ, ତଥାପି ଅନେକ କଥା ସେ ବୁଝି ପାରି ନ ଥିଲା ସେ ପର୍ଯ୍ୟନ୍ତ । ଅନେକ କଥାରେ ତାର କ୍ଷୁଦ୍ର ଅଭିଜ୍ଞତା ସନ୍ଦିଗ୍ଧ ହୋଇଉଠୁଥିଲା । ସେଇସବୁଗୁଡ଼ିକୁ ଅତି ଶୀଘ୍ର ବୁଝି ନେବାପାଇଁ ତାର ପ୍ରାଣ ହଠାତ୍ କାହିଁକି ବ୍ୟାକୁଳ ହୋଇ ଉଠୁଥାଏ ସେଦିନ ।

Digitized by srujanika@gmail.com

ହାତ ଧୋଇସାରି ନିଜ ଓଦା ହାତକୁ ନିଜ ପେଣ୍ଟ ପଛରେ ଘଷିଘଷି ଶୁଖେଇବା ତାର ଗୋଟାଏ ଅଭ୍ୟାସ । ସେଦିନ ମଧ୍ୟ ହାତ ଓଦା କରି ଅଭ୍ୟାସବଶତଃ ସେ ସେଇ ଓଦା ହାତଟାକୁ ନେଇଯାଉଥିଲା ପଛଆଡ଼କୁ । କିନ୍ତୁ ହଠାତ୍ ତାର କଅଣ ମନେହେଲା କେଜାଣି, ଭୁଲପଡ଼ି ସେ ବୁଢ଼ୀର ଶାଢ଼ୀ ପଣତଟାକୁ ଧରିପକେଇଲା ଓ ଯେମିତି ସେ ଦେଖିଥିଲା ଦିନର ହେଡ୍ ବୁଢ଼ା ନଜିର୍ ମିଆଁ ଯେମିତି ଖାଇସାରି ହାତଧୋଇ ବେଳେବେଳେ ଓଦା ହାତକୁ ତାର ବୁଢ଼ୀର କସ୍ତା ପଣତରେ ନିଠେଇ ନିଠେଇ କରି ପୋଛେ ଆଉ ଯଦି ମନହୁଏ ବୁଢ଼ୀର କସ୍ତାକାନିରେ ବି ରଗଡ଼ି ରଗଡ଼ି ତାର ପାଚିଲା ବାଘୁଆ ନିଶକୁ ପୋଛି ପୋଛି ସେଥିରୁ ତେଲଚିକଟା ଛଡ଼ାଏ, ଯେମିତି ରଗଡ଼ି ରଗଡ଼ି ନିଠେଇ ନିଠେଇ ସେ ପୋଛିବାକୁ ଆରମ୍ଭକଲା ତାର ହାତକୁ—ବୁଢ଼ୀର କାନିରେ ଓ ତାପରେ ସେ ନିଜର ସାହସକୁ ଦେଖି ନିଜେ ଆଶ୍ଚର୍ଯ୍ୟ ହେବା ସଙ୍ଗେ ସଙ୍ଗେ ସେ ଆହୁରି ଆଶ୍ଚର୍ଯ୍ୟ ହେଉଥିଲା ଯେ ତାର ଏଇ ଅପ୍ରତ୍ୟାଶିତ ବ୍ୟବହାର ପାଇଁ ବୁଢ଼ୀ ଆଦୌ ପ୍ରତିବାଦ କଲାନାହିଁ । ବରଂ ସେ ଟିକିଏ ହସିଦେଲା ।—ଗୋଟାଏ କେମିତିକା ହସ ।

ହଠାତ୍ କୌଣସି ଏକ ଅଦ୍ଭୁତ ଚେତନା ମୁଣ୍ଡ ଟେକି ଉଠିଲା ଟୋକାଟାର ଭିତରେ —ଧୀରେ ଧୀରେ । ତାକୁ ଭାରି ଡର ବି ଲାଗିଲା । କିନ୍ତୁ କାହିଁକି ତାର ଏଇ ଅଦ୍ଭୁତ ଅନୁଭୂତିଗୁଡ଼ିକ ଜନ୍ମ ହେଉଥିଲା ସେ ନିଜେ ବୋଧହୁଏ ଜାଣି ନ ଥିଲା ।

କଳି ବୁଢ଼ୀର ଲୁଗାକାନିଟାକୁ ନେଇ ମୁଣ୍ଡରେ ମାଡ଼ିଲା ଓ ନିଜକୁ ନଜିର୍ ମିଆଁ ଭାବି ସେ ବୁଢ଼ୀର ପଣତଟାକୁ ମାଡ଼ିଦେଲା ତାର ନାକତଳେ । ତା ପରେ, ଆସ୍ତେ ଆସ୍ତେ, ଅବଚଳିତ ଭାବେ, ତାର ଉପର ଓଠର ଉଦୀୟମାନ ସେହି କେତୋଟି ନରମ ରୁମ ଉପରେ ସେ ଚଳେଇଲା ସେଇ ପଣତଟିକୁ । ନଜିର୍ ମିଆଁ ମୂଛ ପଜେଇଲା ଭଳି— ତେଜୋଉଥିଲା ସେ ନିଜକୁ ।

ତଥାପି ବୁଢ଼ୀର ପ୍ରତିବାଦ ନାହିଁ । ସତେ କି ସେ ମଧ୍ୟ ଆମୋଦ ଅନୁଭବ କରିପାରୁଚି ତା ନିଜ ଭଳି—କଳି ଅନୁଭବ କଲା । ଧୀରେ କଳି ଛାଡ଼ିଦେଲା ବୁଢ଼ୀର ପଣତକୁ । "କାହିଁ ? ଦେ ଖାଇବାକୁ ଦେ ! ମତେ ଭୋକ ହଉଚି ।" କଳି ତା ଦାବୀ ପେଶ୍ କଲା । ବୁଢ଼ୀ ଏଥର ପିଲାଟାକୁ ଆଡ଼ଆଖିରେ ଟିକିଏ ଚାହିଁଲା ।—ଯେମିତି ସେ ଚାହିଁଥିଲା ଛଅ ମାସ ତଳେ, ଯେତେବେଳେ ଏଇ ବୋକା ଓଲମା, ମେଣ୍ଟାହୁଆଟା ବେକ ପତେଇ ତାର ଓଳିତଳେ ଆସି ପ୍ରଥମେ ଠିଆହୋଇଥିଲା ଆଉ ମାଗିଥିଲା ଠିକ୍ ଏହିପରି, ହକ୍ ଦାବୀ କଲା ଭଳି ଠିକ୍ ଏଇ ସୁରରେ– ଦେ ଖାଇବାକୁ ଦେ ! ସେତେବେଳେ ତାର ଏଇ ସ୍ୱର ଆଶ୍ଚର୍ଯ୍ୟ କରିଥିଲା ବୁଢ଼ୀକୁ ! କି ନିର୍ଭୀକ ! କି ନିର୍ବୁଦ୍ଧିଆ ଛୁଆଟାଏ ! ପୁଣି କାହୁଁ ଆସିଲାଣି ଏ, ଆଉ ଗୋଟିଏ ନିର୍ବାହ ଜୀବ । ସଂସାରରେ ତାର ଭୋକ ମେଣ୍ଟେଇବା ପେଇଁ ଆଉ କଣ କେହି ନ ଥିଲା ? ସେ ଆଇଚି ଏଇ କାଠ ଦୋକାନର ଗୋଦରୀ ବୁଢ଼ୀର ଓଳିତଳକୁ ! ବୁଢ଼ୀର ମନେ ପଡ଼ିଗଲା— ଗୋଟି ଗୋଟି ହୋଇ ତାର ମନେ ପଡ଼ି ଯାଉଥିଲା— ଛଅ ମାସ ତଳର

Digitized by srujanika@gmail.com

ସେଇ ମୁହଁ ସ୍ୱାର । ରାସ୍ତାରେ ଡେଇଁ ଶିଖୁଥିବା ନୂଆ କଅଁଳା ବାଛୁରୀଟିଏ ପରି କେତେ ନିସ୍ପୃହ ଦେଖାଯାଉଥିଲି ସେ । କିଛି ଜାଣିପାରୁ ନ ଥିଲି - ଗାଡ଼ି, ମଟର, ଘୋଡ଼ା— ଏମିତିକି ଚଳନ୍ତା ମଣିଷକୁ ମାଆ ବୋଲି ଭାବି ଦଉଡ଼ିଯାଉଥିଲି ଏଇ କଅଁଳା ବାଛୁରୀଟା —ଯାହା ପାରେ ତାଆର ପିଛୁ ଧରି ଆଣ୍ଠା ଖୋଜି ଖୋଜି । ଆଜି ପୁଣି ଦେଖ ! ଏ ପିଲା ସବୁ ବୁଝିନେଲାଣି । ଏତେ ବେଗି ବୁଝିନେଲା ଏ । ଯେତେ ଲୁଚେଇଲେ ବି ଲୁଚି ରହିଲା ନାହିଁ ସଂସାରଟା— ଇଆ ଆଖିରେ ।

ବୁଢ଼ୀର ମନକଥା କିଛି ବୁଝିପାରିଲା ନାହିଁ ଜର୍ଜ । ବୁଝିବାକୁ ଚେଷ୍ଟା ମଧ୍ୟ ସେ କଲାନାହିଁ ଆଦୌ । କଅଣ କହିବ କହିବ ବୋଲି କିଛି କହି ନପାରି ଜର୍ଜ ଖାଲି ବଲବଲ କରି ଅନେଇଲା ବୁଢ଼ୀର ମୁହଁକୁ ।

ଟୋକାଟାର ମନକଥା ସବୁ ବୁଝିପାରିଥିଲେ ମଧ୍ୟ ବୁଢ଼ୀ ଚୁପ୍ ହୋଇଥିଲା ଓ ଆଗେ ଆଗେ ଚାଲୁଥିଲା ସେ ଗଳି ଘରଭିତର ଦେଇ—କ୍ୟାବିନ୍ ଆଡ଼କୁ । ପଛେ ପଛେ ମନ୍ତ୍ରମୁଗ୍ଧ ପରି ଅନୁସରଣ କଲା ଜର୍ଜ । ବୁଢ଼ୀର ହାତରୁ ଖଣ୍ଡିଏ ପିଠା ଆଉ ଚାହା ଗିଲାସଟି ନେଇ ଜର୍ଜ କ୍ୟାବିନ୍‌ର ଗୋଟିଏ କଣରେ ପଡ଼ିଥିବା ଖଣ୍ଡେ ଟୁଲ ଉପରେ ବସିପଡ଼ିଲା ଓ ତା' ପରେ ବୋକାଙ୍କ ଭଳି ସେ ଚାହିଁରହିଲା କେବଳ ବୁଢ଼ୀର ମୁହଁକୁ ।

ଯେତେ ପିଲାଟିଏ ହେଲେ ବି ଜର୍ଜର ସେଇ ଚାହାଣି ବୁଢ଼ୀକୁ ଅସ୍ତବ୍ୟସ୍ତ କରି ପକେଇଲା । କିନ୍ତୁ କିଛି କହିଲା ନାହିଁ ବୁଢ଼ୀ । ସାପଟିଏ ଭଳି ସେ କେବଳ ପଶିଗଲେ ତାର ଅନ୍ଧାରିଆ ଗାତ ଭିତରକୁ—କ୍ୟାବିନ୍‌ର ଗଳି କବାଟ ଭିତର ଦେଇ···

ବୁଢ଼ୀର ଗତିପଥକୁ ଅନାଇ ଅନାଇ ଜର୍ଜ ପିଠା ଚୋବେଇ ଚାଲିଲା ଓ ମଝିରେ ମଝିରେ ଢୋକେ ଢୋକେ ଚାହା ମଧ୍ୟ ସେଥିରେ ଯୋଗକରୁଥିଲା ।

ଧୀରେ ଧୀରେ ଜର୍ଜର ଦୃଷ୍ଟି ନିଜ ଆଡ଼କୁ ବୁଲିଗଲା । ବିସ୍ମିତ ହୋଇ ସେ ନିଜ ଦେହର ବିଭିନ୍ନ ଅବୟବକୁ ଅପଲକ ଦୃଷ୍ଟିରେ ଅନେକ ସମୟ ପାଇଁ ଅନାଇ ରହିଲା । ହଠାତ୍ ତା ଦେହର ପ୍ରତ୍ୟେକ ଲୋମ ଟାଙ୍କୁରି ଉଠିଲା ଓ ତତ୍‌କ୍ଷଣାତ୍ ସେ ଅନୁଭବ କଲା, ସୃଷ୍ଟିରେ ସେ ମଧ୍ୟ ଜଣେ ହୋଇ ଉଠିଛି । ବୀର ସାମଲ, କାମାଖ୍ୟା, ରାମ ସିଂ, ଚରଣ ରାଓ ଏପରି କି ଦଳପତି ନଜର ମିଆଁ ବୁଢ଼ାର ସମକକ୍ଷ ହେଲାଭଳି ସେ ମଧ୍ୟ ଜଣେ ହୋଇଯାଇଛି ଏଥିମଧ୍ୟରେ ।

× × × ×

ସେ ଦିନ ସନ୍ଧ୍ୟାଟି ବେଶ୍ ଲାଗୁଥାଏ । ପାଗଟା ବି ସେମିତି ସୁହାଇଥାଏ । ଝିପିଝିପିଆ ବର୍ଷା ଅସରାଏ ଦିନ ଚାରିଟା ସାଢ଼େ-ଚାରିଟାବେଳେ ହୋଇଯିବାରୁ ଗରମ ଗୁଳୁଗୁଳି ଟିକିଏ କମିଯାଇଥାଏ । ମେଘବର୍ଷା ଛାଡ଼ିଯାଇଥାଏ । ହେଲେ, ଆକାଶରୁ ମେଘ ଉଡ଼ିଯାଇ ନ ଥାଏ । ବେଶ୍ ଗୁମ୍‌କରି ରଖିଥାଏ । ଆଗର ରାସ୍ତା ଆରପାଖ କବାଡ଼ିଙ୍କ ଦୋକାନଟା ବନ୍ଦ ଥାଏ । ବୋଧହୁଏ କବାଡ଼ି ବୁଢ଼ା ବର୍ଷାକୁ ଦେଖି ଅଟକିଯାଇଛି - ଘରେ । ତେଣୁ ଦୋକାନ ଆଜି ଅନ୍ଧାର । ଯାହା ରାତି ଘଡ଼ିଏ ଦି' ଘଡ଼ିଯାଏ ଲଣ୍ଠନ ଖଣ୍ଡେ ବା ଜଳେ,

Digitized by srujanika@gmail.com

ସେ ଘରେ ସେତିକି ବି ଆଜି ନାହିଁ । ରାସ୍ତାଟା କ୍ରମେ ଶୂନ୍‌ଶାନ୍ ହୋଇଯାଉଚି । ଅନ୍ଧାର ମାଡ଼ି ମାଡ଼ି ଆସୁଚି । ଗଳି ସେ ମୁଣ୍ଡରେ ବହୁତ ଦୂରରେ ଦିଶୁଚି ଗୋଟାଏ ମଇଳା ଧୂଆଁଳିଆ ଆଲୁଅ—ବୋଧହୁଏ ମେନ୍ ରାସ୍ତାର ବତିଖୁଣ୍ଟ ।

ଏତେବେଳଯାକେ ଜର୍ଜ କାମରେ ଲାଗିଥିଲା । ଅଟା ଦଳାଦଳି କରି, ବୋଲି, ରୋଟି ସେକି ମେକି ସେ ଟିକେ ଦମ୍ ନେବାପାଇଁ ପଦାକୁ ଆଇଲା । ସନ୍ଧ୍ୟାର ଚା' ଜଳଖିଆ ପରେ ଦଳର ଲଗୁଆ ଗରାଖମାନେ ଯେଝା ଯେଝା ଓରରେ ଗଲେଣି । ରାତିରେ ଖାଇଲାବାଲାଙ୍କ ଭିତରୁ ନଜିର୍ ମିଆଁ ବୁଢ଼ା କହିଯାଇଥାଏ ଯେ ସେ ଆସିବ ଖାଇବାକୁ ରାତି ଦଶଟାବେଳକୁ—ଫାଷ୍ଟ ସୋ ସିନେମା ପରେ ଓ ବରାଦ କରି ଯାଇଥାଏ ଯେ ରାତିରେ ତା' ପାଇଁ ରୋଟି ଯେମିତି ନଷ୍ଟେ ହୋଇଥିବ । ବୀର ସାମଲ ସେଦିନ ଡେରିରେ ଫେରିଥିଲା । ସେ ଭାରି ହାଲିଆ ହୋଇ ପଡ଼ିଥାଏ । ଚା' କପେ ଢୋକିଦେଇ ଲମ୍ବ ହୋଇ ସେ ପଡ଼ିଯାଇଥାଏ ପାଖଘର ବାରଣ୍ଡାରେ । ସେ ଘରଟା କାହାର କେଜାଣି. ଜର୍ଜ ଏତେଦିନଯାକେ ଜାଣି ନ ଥାଏ । କେବଳ ସେ ଲକ୍ଷ୍ୟ କରିଚି, ସେ ଘରର କବାଟ ସବୁବେଳେ ବନ୍ଦ ଥାଏ ଓ କବାଟରେ ଏଣୁତେଣୁ କଅଣ ସବୁ ଗାରଆ ହୋଇଥାଏ—ଚକ୍‌କଖଡ଼ିରେ । ତା'ଛଡ଼ା ବସି ବସି କାନ୍ଥରେ ତାର କିଏ ଜଣେ, ବୋଧେ ସେଇ ପାଗଳା ଚରଣ ରାଓ, ଖଣ୍ଡେ ଅଙ୍ଗାରରେ ଗୁଡ଼ାଏ ଏଣୁତେଣୁ ଚିତ୍ର ଆଙ୍କିଥାଏ ।

ଏଇ ଘରଟା ବେଳେବେଳେ ଜର୍ଜର ଗୋଟିଏ ଭାବିବାର କଥା ହୋଇପଡ଼େ । ଏତେଦିନ ହେବ ଏଇ କାଠକ୍ୟାବିନ୍‌ରେ ସେ ଆସି ରହିଲାଣି; କିନ୍ତୁ ଏ ପର୍ଯ୍ୟନ୍ତ ଏଇ ଘରର ସମୁଦାୟ ହାଲଚାଲ କଥା ସେ ଠଉର କରିପାରିଲାନାହିଁ । ବେଳେବେଳେ ଏମିତି ଗୋଟାଏ ଗୋଟାଏ ନିରୋଳା ମୁହୂର୍ତ୍ତରେ ଏଇ କାଠକ୍ୟାବିନ୍ ଆଗ କବିରାଜ ଦୋକାନ ପିଣ୍ଡାରେ ବସି ବସି ଚାରିଆଡ଼କୁ ନିଘାକଲାବେଳେ ଏଇ ଘରଟା ତା ଆଖିରେ ପଡ଼େ । ଘରକାନ୍ଥର ଅଙ୍ଗାର ଚିତ୍ରଗୁଡ଼ାକ ଜଳଜଳ ହୋଇ ଦେଖାଯାଏ ତା' ଆଖିରେ । ଏଇ ଚିତ୍ରଗୁଡ଼ାକୁ ଅନେଇ ଅନେଇ, ସେଗୁଡ଼ିକୁ ଦୂରରୁ ନିଠେଇ ଚାହିଁବାକୁ ଚେଷ୍ଟାକଲେ ଅନେକ ସମୟରେ ମହାଭୟଙ୍କର ରୂପଧରି ସେଗୁଡ଼ାକ ଉଠି ବସନ୍ତି ତାର ମନରେ । ସେତେବେଳେ ସେଗୁଡ଼ାକୁ ଆଉ ବେଶି ଚାହିଁଲେ ମନେହୁଏ ସତେ ଯେମିତି ସେଗୁଡ଼ାକ ସେଇ ଭୂତକୋଠି କାନ୍ଥର ଚିତ୍ର ନ ହୋଇ ହୋଇଉଠେ ସାରା ଗତ-ଆଗତ-ଭବିଷ୍ୟତର ଗୁଡ଼ାଏ ମଲା, ଦରମଲା, ଜିଅନ୍ତା ମଣିଷଙ୍କର ଚିତ୍ର । ଜର୍ଜର ଦେହ ଶୀତେଇଉଠେ । ତାକୁ ସବୁଆଡ଼ ମାଡ଼ି ମାଡ଼ି ପଡ଼େ । ଚାରିପଟୁ ଅନ୍ଧାର ଘୋଟି ଘୋଟି ଆସିଲା ଭଳି ତାକୁ ଜଣାପଡ଼େ । ସେ ଭାବିପାରେନା—ସେ କୋଉଠି ଥାଏ, ଥିଲା, ଆଉ ଯାଉଚି କୁଆଡ଼େ ? ତାର ମନେହୁଏ, ସତେ ଯେମିତି ଗୋଟାଏ ବିଟକିଟିଆ ଅନ୍ଧାର ରାତିରେ ହଠାତ୍ ତାର ନିଦ ଭାଙ୍ଗିଯାଇଚି ଆଉ ସେ ଉଠିବସି ଚାରିଦିଗକୁ କେବଳ ଦରାଣ୍ଡି ପକଉଚି । କିନ୍ତୁ ଆଗରେ ସେ ବାଟ ପାଉନାହିଁ । ତା ପରେ ସେଇ ଅନ୍ଧାରରେ ଦିଗ୍‌ଭ୍ରାନ୍ତ ହୋଇ ସେ ଚାଲିଚି—ଚାଲିଚି, ଆଉ ଚାଲିଚି । ସେ ଚାଲିବାର ସତେ କି ଆରମ୍ଭ ନ ଥିଲା କି ଶେଷ ନ ଥିଲା । ସେ କେବଳ

Digitized by srujanika@gmail.com

ଚାଲିଛି, ଆଉ ବେଳେବେଳେ ଅନ୍ଧାର ଯେତେବେଳେ ଆହୁରି ମାଡ଼ି ମାଡ଼ି ପଡ଼ୁଛି, ଚର୍ଦ୍ଦିଗରେ ସୁ ସୁ ପବନର ଗର୍ଜନ ତାକୁ ହାଁ-ହାଁ ହୋଇ ଗୋଡ଼ାଇ ଆସୁଛନ୍ତି ଚାରିଆଡ଼ୁ; ଯେତେ-ବେଳେ ସେ ବୁଦ୍ଧି ବାଟ ନପାଇ କେବଳ ଶୋଇପଡ଼ୁଛି, ଆଖି ବନ୍ଦ କରି ଦେଉଛି, ଘାଲେଇ କରି ପଡ଼ିଯାଉଛି; କିନ୍ତୁ ମୁଣ୍ଡ ଭିତରୁ ଭାବନାର ଶେଷନାହିଁ । ସେ ଦେଖିଚାଲିଛି ଯାହା— ଆଖି ଦ୍ୱାରା ନୁହେଁ, କଳ୍ପନା ଦ୍ୱାରା ।

ସନ୍ଧ୍ୟାବେଳର ହୋଟେଲ କାମରୁ ଟିକିଏ ଛୁଟି ପାଇ ସେ ଆସି ବସିପଡ଼ିଥିଲା— ଆଗଦୁଆରି କବିରାଜ ଦୋକାନର ବାରଣ୍ଡାରେ । ଦିନ ରାତିରାତି ହେଉଥିଲା । ବର୍ତ୍ତମାନ ଅନ୍ଧାର ଘୋଟିଆସିଲାଣି । ଜର୍ଜ ତା ଗାମୁଛାଟା ପାରିଦେଇ ଟିକିଏ ଲମ୍ବ ହୋଇଗଲା । ସନ୍ଧ୍ୟାବେଳର ମଇଳା ଆଲୁଅରେ ସେ ଦେଖିଥିଲା ସେଇ ଅଙ୍ଗାର ଚିହ୍ନଗୁଡ଼ାକୁ ସେଇ ଘରର କାନ୍ଥରୁ । ହଠାତ୍ ଅନ୍ଧାରରେ, ମନଭିତରେ ସେଇ ଚିହ୍ନଗୁଡ଼ାକ ପୁଣି ଦେଖାଗଲା ତା' ଆଖିକୁ । ଘାଲେଇ ପଡ଼ି ପଡ଼ି ଜର୍ଜ ସେଇ ଘରଟାର କଥା ଭାବୁଥିଲା ।

କି ଘର ସେ ? ଶୁଣାଯାଏ, କୁଆଡ଼େ ଏଇ ଘରଟାରେ ଆଗେ ଗୋଟାଏ କିଏ ପଚ୍ଛିମା ମାଇକିନିଆ ଭଡ଼ାରେ ରହୁଥିଲା । ଏବେ ବୁଢ଼ୀର ଯେମିତି ଦୋକାନ ଖୋଲିଛି ସେବେ ସେମିତିକା ଗୋଟାଏ ଦୋକାନ କୁଆଡ଼େ ଦେଇଥିଲା ସେ ପଚ୍ଛିମା ମାଇକିନା ଏଇ ଘରେ । ଭାରି କାଟ୍ତି ହେଉଥିଲା । କିନ୍ତୁ ଦିନେ ସକାଳୁ ଦେଖାଗଲା ସେ ମାଇକିନାକୁ କିଏ ଖୁନ୍ କରିଛି । ଡାକ୍ତରମାଇନାବେଳେ ଆଉ ଆଉ କଥା ଭିତରେ ଦେଖାଗଲା ଯେ ତାର ଗୋଟାଏ ପାଖ ଥନ ନଥିଲା । ସେଇଟାକୁ କିଏ କାଟି ନେଇଥିଲା । ଅନେକ କହିଲେ ଯେ ସେଇଟା କଟା ହୋଇ ନଥିଲା । କେହି ଦୁର୍ବୃତ୍ତ ତାକୁ ଦାନ୍ତରେ କାମୁଡ଼ି ଛିଣ୍ଡେଇ ଦେଇଛି । ସେଇ କଥାରୁ ଖୋଳତାଡ଼ କରି ପୁଲିସ ଯେତେବେଳେ ଏଇ ଚରଣ ରାଓକୁ ଆରେଷ୍ଟ କରି ହାଜତକୁ ନେଲା, ଚରଣ ରାଓର ସେତେବେଳେ ବିସ୍କୁଟ ବେପାର ଥିଲା । ସେତେବେଳେ ସେ ବାୟା ହୋଇ ନଥିଲା । ବେଳେବେଳେ ସେ ଏଇ ଗଳିକୁ ଆସୁଥିଲା ବିସ୍କୁଟ ବିକିରି କରିବା ପାଇଁ । ଚରଣ ରାଓକୁ ଦଶବରଷ ସଜା ହେଲା । ସେଇ ସଜାବେଳେ କାଳେ ଚରଣ ରାଓର ମୁଣ୍ଡବିଗିଡ଼ା ଆରମ୍ଭ ହୋଇଥିଲା । କାମାକ୍ଷୀ କହେ, କୁଆଡ଼େ ଚରଣ ରାଓ ସେଇ ପଚ୍ଛିମା ମାଇକିନାର ଥନଟାକୁ ଏ ପର୍ଯ୍ୟନ୍ତ ପାଖରେ ରଖିଛି । ତାକୁ ସେ କୋଉଠି ଲୁଚେଇ ରଖିଥିଲା, ଜେଲରୁ ମୁକୁଳିଲା ବାଦ୍ ତାକୁ ବାହାର କଲା । କାମାକ୍ଷୀ କହେ, କୁଆଡ଼େ ସେଇଟାକୁ ସବୁବେଳେ ଚରଣ ରାଓ ରଖିଥାଏ ତା' ପାଖରେ । ଏବେ ବି କୁଆଡ଼େ ଅଛି ସେଇଟା ତା' ପାଖରେ ।

ଜର୍ଜର ଦିହ ବୁଲେଇ ଆସେ । ସେ କଥା ଭୁଲି ଆଉ କିଛି କଥା ଭାବିବାକୁ ଚେଷ୍ଟା କରେ; କିନ୍ତୁ ପାରେନା । କାମାକ୍ଷୀ ତା' ମୁଣ୍ଡରେ ଆହୁରି ଅନେକ କଥା ପୂରେଇଥାଏ— ଏଇ ପାଗଳା ଚରଣ ରାଓ ବିଷୟରେ ।

କାମାକ୍ଷୀ କଥାଟା ସେଇ ଚଉଦ ପନ୍ଦର ବର୍ଷର ପିଲାକୁ କେମିତି କେମିତି ଲାଗେ । ସେ ବିଶ୍ୱାସ କରିପାରେ ନା, ପୁଣି ନ କରିବ ବି କାହିଁକି ? କାମାକ୍ଷୀ କହେ, ଚରଣ ରାଓ ଏବେ

Digitized by srujanika@gmail.com

ବ ସେଇ ସୁକୁଟା ଚମକୁ ତା ପାଖରେ ରଖିଚ ଓ ଅଧରାତରେ ସେ ତାକୁ ବାହାରକରେ ।

"ଅଧରାତରେ ?" ଭୟ-ବହ୍ୱଳ ହୋଇ ଜର୍ଜ ପଚ୍ଚରେ ।

"ହଁ, ହଁ—ଅଧରାତରେ, ନଶା ଗର୍ଜୁଥିଲବେଳେ, ଶ୍ମଶାନ-ଚଣ୍ଡୀ ମଶାଲ ନଗେଇ ଯେତେବେଳେ ବୁଲ ବାହାରନ୍ତ—" କାମାସ୍ୱା ବଡ଼ ବଡ଼ ଆଖିକର କହେ ।

"ତା ପରେ କଅଣ ହୁଏ କାମାସ୍ୱା ?" ପିଲଟା ଫଆରର ଜଟିଳତାକୁ ପ୍ରଶ୍ନ ନ କର କେବଳ କଥା ନହଉପରେ ପ୍ରଶ୍ନ ପଚ୍ଚରେ ।

କାମାସ୍ୱା ତାର ସବୁତକ କଥା ଛୋକାଟାର ମୁଣ୍ଡରେ ପୂରାଏ ।"ତୁ ଜାଣିନୁ—ପିଲଲୋକ, ମାଇକନଆ ଜନସ କଅଣ, ତୁ ଜାଣିନୁ ସେ ଜନସ କେମିତ ମଣିଷକୁ ପାଗଳ କରେଇଦଏ, ତୁ ବୁଝିପାରବୁ ନାହିଁ ଏଇଲେ—ଆଉ ଟିକେ ବଡ଼ ହ—ବଲେ ଜାଣିବୁ ।"

ଜର୍ଜର ସରଳ ମନର ଖେଳକୁ ଆହୁର ଜାଗତଆର କର ଶକ୍‌ସାବାଲ କାମାସ୍ୱା କହୁଗୁଲେ—"ସେ ପଦ୍ମମା ମାଇକନାଟା ଭାର ସୁନ୍ଦରୀ ଥେଲ । ଭାର ତାଗଫ ଜନଷ ଖଣ୍ଡେ ଥେଲ ସେ ! ଚରଣ ରାଓ ନଇଲେ ଆଉ କାହିଁ ଏ କାମ କରଥାନ୍ତା । ଚରଣ ରାଓ ତାକୁ ସିନା ଜୀବନରୁ ମାରଦେଇଚ, ହେଲେ ସେ ମାଇକନଆ ମରନାହିଁ । ସେ ଏବେ ବ ବଞ୍ଚିଛ । ରାତଅଧରେ ନଶା ଗର୍ଜୁଥିଲବେଳେ ତୁ କାନା, କାନ ଦେ ଶୁଣିବୁ । କେମିତ ଝୁଣୁଝୁଣୁ ହୋଇ ଶବ୍ଦ ହଉଥିବ ଏଇ ଘରେ, ଆଉ ପାଗଳା ଚରଣ ରାଓ ଖାଲ ନାଚୁଥିବ ନଙ୍ଗଳା ହୋଇ । ରାତଅଧରେ ଉଠିକର ଆ ଦେଖିବୁ । ଚରଣ ରାଓ କେମିତ ସେ ପଦ୍ମମା ମାଇକନାକୁ ଖୋଜକରୁଚ, ଆ ଦେଖିବୁ । ସେ କଅଣ କରେ ଜାଣିଚୁ ? ହେଇଟି ଶୁଣିଲୁ—ସେଇ ଯୋଉ ଶୁଖିଲ ଚମଖଣ୍ଡକୁ ସେ ଏପର୍ଯ୍ୟନ୍ତ ତା' ପାଖରେ ରଖିଚ, ସେଇଆକୁ ବାହାର କର ସେ କଅଣ କମିସ୍ୱା କରେ । ଦବ୍ୟସୁନ୍ଦର ସ୍ତ୍ରୀ ବାହାରେ ସେଇ ସୁକୁଟା ଚମ ଭିତରୁ, ଆଉ ବାହାରକର ସେ ନାଚେ । ଚରଣ ରାଓ କଛୁ କମି ମଣିଷ ନୁହେଁ..."

ଜର୍ଜର ଆଖି ବଡ଼ ବଡ଼ ହୋଇଯାଏ । ତାର ରୁମ ଟାଙ୍କୁର ହୁଏ । ସେ ଥରୁଥାଏ; ଉନ୍ନ ବେଳେବେଳେ ପିଲଟାର ନିଶ୍ୱାସ ହୁଏ ନାହିଁ । କାମାସ୍ୱାଟା ଭାର ଗାଲୁଆଟାଏ ବୋଲ ତାକୁ ନଜର ମିଆଁ କହୁଥାଏ । ସାହସ କର ଜର୍ଜ ପଚ୍ଚରେ—"ଆଚ୍ଛା, ମଣିଷ ମାଉଁସ କ'ଣ ଏତେଦେନଧର ପଚ ସଢ଼ି ନଯାଇ ରହୁଥାଏ ?"

କାମାସ୍ୱାକୁ ଏ କଥା କହୁଲେ କାମାସ୍ୱା ଭୁରୁଡ଼ ମାରିବାକୁ ଚେଷ୍ଟାକରେ । ଜର୍ଜ ବୁଝେ, ପୁଣି ବୁଝେନା । ସେ କାହିଁକି ଅବିଶ୍ୱାସ କରନ୍ତ ? ସେ କାହିଁକି ବା ତ ରୁମଗୁଡ଼ାକୁ ଟାଙ୍କୁରିବାକୁ ନ ଦବ ? କାହିଁକି ସେ ତାର ମନର ଉଦ୍ୟମ ଭାଙ୍ଗିବ ? ବନା ଦ୍ୱିଧା, ବନା ସନ୍ଦେହରେ ସବୁ କଥା ଦେଖିବା ଆଉ ଶୁଣିବାର ବୟସ ଏ । ସେ ଦେଖିଯାଏ, ଶୁଣିଯାଏ ଆଉ ସବୁକଛୁ ଅନୁଭବ କରଦେବାର ବ୍ୟାକୁଳତାରୁ ନିଜକୁ ବଞ୍ଚିତ କରିବାକୁ ଚେଷ୍ଟା କରେ ନା ସେ ।

ଜର୍ଜର ପ୍ରଶ୍ନର ଉତ୍ତର ଦେଇ କାମାସ୍ୱା କହେ—"ଆବେ, ତୁ ବେକୁବ୍, କଛୁ ବୁଝି-ପାରବୁନୁ—ଏଡ଼େ ଟିକେ ଛୁଆ ତୁ—ଗାଲ ଟିପିଦେଲେ ଏବେ ବ ଦୁଧ ନକଲ ପଡ଼ିବ

Digitized by srujanika@gmail.com

ତୋ'ଠୁଁ—ରୁ କଅଣ ବୁଝିବୁ ?—ଏତେ ଖୋଲେଇ ହଉଚୁ—ଚରଣ ଗୁପ୍ତ ଖାଲି ଓସ୍ତାଦ୍—ତା' ପାଖେରେ ବସ୍ତୁ ଇଲମ୍ ରହିଚ—କିଏ କହିଲ ବେ ତେତେ ମଲା ମଣିଷ ମାଉଁସ ପଚି ସଢ଼ିଯାଏ ? ଏ କଅଣ ଛେଳି ମାଉଁସ ହେଇଚ ? ଏ ଖୋଦ୍ ମଣିଷ ମାଉଁସଟି ! ଏ ମାଉଁସ ମରେନାହିଁ—ଯିଏ ତା ଇଲମ୍ ଜାଣେ, ସେ ତାକୁ କାମରେ ଲଗାଏ—ମଲାମଣିଷକୁ ବଞ୍ଚେଇଦବା ଏପାକାର୍ ଅଛି ଚରଣ ଗୁପ୍ତ ହାତରେ—ନଇଲେ ସେ ମାଇଲା କାହିଁକି ସେ ପଦ୍ମମା ମାଇକିନାକୁ ? ସେ କଥା ଯଦି ମନକୁ ନ ଆସୁଚ, ତା' ହେଲେ ଯା ସେ ପାଗଲା ପାଖକୁ—ନିଜ ଆଖିରେ ଦେଖି ଆସିବୁ—ଏକ ଥୋପିରେ ତୋ ଜୀବନ ନବ, ଆଉ ଫେରି ବଞ୍ଚେଇ ଦେଇନବା ତେତେ ସେ ମାଇକିନା ସାଙ୍ଗରେ ସେଇ ଘରେ ରଖିଦବ—ଯା—ଦେଖ୍—ଯା !" କାମାଖ୍ୟା ଚଢ଼ିଯାଏ ଟୋକାଟା ଉପରେ ।

ମଲାମଣିଷକୁ ପାଗଲା ଚରଣ ଗୁପ୍ତ ଜିଆଁଇ ଦେଇପାରେ ? ଏକଥା ଭଲକରି ଭାବିଲା ବେଳକୁ ଜର୍ଜର ଦେହ କଅଣ ହୋଇଯାଏ । ଚରଣ ଗୁପ୍ତକୁ ଦେଖିଲେ ଜର୍ଜର ଖାଲି ଭୟହୁଏ । ସେଥିପାଇଁ ସେ ତା ପାଖ ଭିଲରେ ବି ମାଡ଼େନା; କିନ୍ତୁ ଆଜି ଚରଣ ଗୁପ୍ତ ପ୍ରତି ଜର୍ଜର ଗୋଟାଏ କେମିତିକା କେମିତିକା ଭାବ ଜାତ ହୁଏ । ସେଥିରେ ଭୟ ଯେତିକି ଥାଏ, ଆଶ୍ଚର୍ଯ୍ୟ ଆଉ ଗୋଟାଏ ପ୍ରକାର କିମ୍ଭୂତ ଭକ୍ତିଭାବ ମଧ୍ୟ ସେଥିରେ ମିଶିଥାଏ । ଜର୍ଜ ଭାବେ—ଜୀବନ-ମରଣର ଗୁମର ଅଛି ଏଇ ଲୋକଟା ହାତରେ ? କେଡ଼େ ବଡ଼ ଶକ୍ତିଶାଳୀ ମଣିଷ ନୁହେଁ ଏ ! ମଲା ମଣିଷକୁ ବଞ୍ଚାଇ ଦିଏ ଏ ? ମଲା ମଣିଷ କଅଣ ତା' ହେଲେ ଜିଇଁପାରିବ ? ଯଦି ମଲା ମଣିଷ ଜିଇଁ ପାରିବ ତା' ହେଲେ ମାଟି, ଗୋଡ଼ି, ପଥର—ଏଗୁଡ଼ାକ କଅଣ ଜିଆଁଇ ହେବ ନାହିଁ ? ମନେକର, ସେମାନେ ସମସ୍ତେ ଜିଇଁଯିବେ । ଦିନେ ତ ସେମାନେ ନିଶ୍ଚୟ ଜିଅନ୍ତା ଥିବେ ? ସେମାନେ କଅଣ ଆମରି ଭଳି କଥାବାର୍ତ୍ତା କରୁଥିଲେ—ଡାଙ୍କ ଜିଇଁଥିଲାବେଳେ ? ଏବେ କଅଣ ଚେଷ୍ଟାକଲେ ସେମାନେ କହିପାରିବେ ନାହିଁ ?

କିନ୍ତୁ ଜର୍ଜର ସମସ୍ତ ଖିଆଲକୁ ପୁଣି ନଷ୍ଟ କରିଦିଏ ବୀର ସାମଲ; ଚରଣ ଗୁପ୍ତ କଥାକୁ ଆଉ ବାଗେଇକରି କହେ ବୀର ସାମଲ । ସେ କହେ ଯେ କୁଆଡ଼େ ସେଇ ପଦ୍ମମା ମାଇକିନାକୁ ଆଉ କିଏ ମାରିଥିଲା—ଚରଣ ଗୁପ୍ତ ନୁହେଁ । ବରଂ ଚରଣ ଗୁପ୍ତ ନିର୍ଦ୍ଦୋଷ । ହେଲେ ସେ ତାକୁ ବିସ୍କୁଟ ଵିକିରି କରିଥିଲା—ସେ ଦିନ; କିନ୍ତୁ ତାକୁ ଚରଣ ଗୁପ୍ତ ମାରି ନାହିଁ । ସେ କିଆଁ ମାରନ୍ତା ତାକୁ ? ଯେ ଯାହାକୁ ଭଲପାଏ, ତାକୁ କଅଣ ସେ ମାରେ ? ମନେକର, ନଜର ମିଆଁକୁ ବୁଢ଼ୀ ଭଲ ପାଉଚି, ସେ କ'ଣ ତାକୁ ଜୀବନରୁ ମାରିପକାଉଚି ? ଚରଣ ଗୁପ୍ତଠୁଁ ବିସ୍କୁଟ ନବାପାଇଁ ସେ ପଦ୍ମମା ମାଇକିନାର ଖାଲି ସବୁରି ଥାଏ । ସେତେବେଳେ ଚରଣ ଗୁପ୍ତ ଭଳିଆ ମଣିଷ ଗୋଟାଏ ଏ ସହରରେ ନ ଥିଲା । ଏବେ ମଧ୍ୟ ତାର କମ୍ତି ଜୋର ନାହିଁ ।

ଚରଣ ଗୁପ୍ତର ଜୋର ବିଷୟରେ ଜର୍ଜର ଧାରଣା ଥାଏ । ବୀର ସାମଲ କଥାକୁ ଜର୍ଜ ଅବିଶ୍ୱାସ କରେନାହିଁ । ସେ ଦିନର କଥା ମନେଥିବାଯାକେ ଜର୍ଜ ଚରଣ ଗୁପ୍ତକୁ ଚିହ୍ନିଥିବ ।

Digitized by srujanika@gmail.com

ଯବେ ଶେଲରେ ଶେଲରେ ଚରଣ ଗୁପ୍ତ ଧରିପକେଇଥିଲା କର୍ଜର ଗୋଟାଏ ବାହାକୁ । ଓଃହୋ, କି ପଂଝା ସେ ଲୋକଟାର ! ହାତର ଶିରଗୁଡ଼ାକ ଫୁଲିହୋଇଗଲା ଭଳି ଜଣାଗଲା କର୍ଜକୁ । ବଳରେ ସେ ପାଟିଟାଏ କରିପକେଇଲା । ସେଇ ପାଟିରେ ଡରିଯାଇ ବା ଯାହା-ହେଉ ଚରଣ ଗୁପ୍ତ ତାକୁ ମୁକୁଳେଇ ଦେଲା, ନଇଲେ କଅଣ ସେ କରିଥାନ୍ତା କେଜାଣି ସେଇ ପାଗଳାଟା । ଜୀବନରୁ ମାରିପକେଇଥାଆନ୍ତା କି କଅଣ । ହଁ, ତାର କଅଣ ଅଛି ? ଜୀବନ ମରଣ ତ ତା'ପାଖେ ସମାନ । କାମାଖ୍ୟା ବୋଧହୁଏ ସତକଥା କହେ । ନିଶ୍ଚୟ ଏ ପାଗଳା ସେ ପଚ୍ଛିମା ମାଇକିନାକୁ ମାରିଚି । ଚରଣ ଗୁପ୍ତ ଯାହାକୁ ଭଲପାଏ, ଯାହାକୁ ଶେଲକରେ, ତାକୁ ଇମିତି ଜୋର୍‌ରେ ଧରୁ ଧରୁ ଧରିପକାଏ । ବୋଧେ ସେ ଜାଣିପାରେ ନା ଅନ୍ୟ ଲୋକଙ୍କର ଦେହ ଅଛି ବୋଲି, ଅନ୍ୟ ଲୋକଙ୍କ ଦେହକୁ କାଟେ ବୋଲି । ବୁଢ଼ୀ କହୁଥିଲା—ଶ୍ରେଷ୍ଠ ଝୁଅଙ୍କ ହାତ ଯିମିତି କାଗଜ ଉପରେ ଦାବ ପଡ଼ିଯାଏ, ଚରଣ ଗୁପ୍ତର ସିମିତି ହୁଏ । ସେ ଜାଣି ପାରେ ନା, କେତେ ଜୋର୍‌ରେ ଧଇଲେ କାଗଜଟା ଭାଙ୍ଗି ନ ଯାଇ ରହିବ । ଏ ଚରଣ ଗୁପ୍ତଟା ଗୋଟାଏ ରାକ୍ଷସ । ସେ ମଣିଷ ନୁହେଁ—ବାଘ, ସିଂହ କିମ୍ବା ଗୋଟାଏ ରାକ୍ଷସ । ଭାରି କମିସ୍ତା ତାକୁ ଜଣା । ବୀର ଯାମଲ କହୁ ବୁଝିନାହିଁ ଏଇ ଚରଣ ଗୁପ୍ତକୁ । ସେ ନିଶ୍ଚୟ ମାରିଚି ସେଇ ପଚ୍ଛିମା ମାଇକିନାକୁ । ଅନ୍ୟ ଲୋକ କେହି ଏପରି କାମ କରିବ ନାହିଁ । ବୀର ଯାହା କହେ ଯେ ସେ ପଚ୍ଛିମା ମାଇକିନାକୁ କୁଆଡ଼େ ମାଇଲା ଗୋଟାଏ ମସ୍ତବଡ ଲୋକର ପୁଅ, ଯିଏ ଚରଣ ଗୁପ୍ତ ମୁଣ୍ଡରେ ଥଠାବୋଳଦେଇ ଖସିଗଲା—ସେ ସବୁ କଥା ମିଛ । ସେଥିରେ କର୍ଜର ବିଶ୍ୱାସ ହୁଏନା । ସେ ଯୁକ୍ତି କରେ, ଯଦି ଚରଣ ଗୁପ୍ତ ତାକୁ ମାରି ନ ଥାନ୍ତା ତା' ହେଲେ ସେଇ ମାଇକିନାଟା ପେଇଁ ଦଶ ଦଶବର୍ଷ ସଜା ଭୋଗି ପୁଣି କାହିଁକି ସେ ପଡ଼ିଛି ତାଆରି ପିଛା ? ମାଇକିନା ତ ମରିକରି ମାଟିରେ ମିଶିଲାଣି; ଚରଣ ଗୁପ୍ତ କିଆଁ ତାଆରି କଥା ଏପର୍ଯ୍ୟନ୍ତ ଭୁଲୁନାହିଁ ? କିଆଁ ସେଇ ବାରଣ୍ଡାରେ ହରଦମ୍ ଗଡ଼ୁଚି, ଆଉ ସେଇଠି ବସିବସିକା ଅଙ୍ଗାରରେ ଏମିତି ଭୟଙ୍କର ଚିତ୍ରଗୁଡ଼ାକ ଆଙ୍କୁଚି !

କର୍ଜ ଏ କଥା ବୀରକୁ ପଚାରେ । କାହିଁକି ନା, ବୀର ଚରଣ ଗୁପ୍ତକୁ ଭଲ ମଣିଷ ବୋଲି କହେ । ଖାଲି ସେତିକି ନୁହେଁ, ଚରଣ ଗୁପ୍ତ କୁଆଡ଼େ ମଣିଷଙ୍କୁ ଭଲପାଏ ବୋଲି ସେ କହେ । ଭଲପାଇବାର ପୁରା ଅର୍ଥ ଏପର୍ଯ୍ୟନ୍ତ ଭଲକରି ବୁଝିପାରିଲା ନାହିଁ କର୍ଜ । ସେ ବୁଝି ପାରେ ନା କେମିତି ଏଡ଼େ ଦୁର୍ଦ୍ଦାନ୍ତ ମଣିଷଟାଏ ଅନ୍ୟକୁ ଭଲପାଇପାରେ ବୋଲି । ବୀରକୁ ଏକଥା ପଚାରିଲେ ସେ କହେ—କୁଆଡ଼େ ସେ ଯାହାକୁ ଭଲପାଏ, ଯାହାପେଇଁ ସଜାଭୋଗେ ଆଉ ଯାହାପେଇଁ ମଣିଷ ପାଗଳ ହୁଏ, ତାକୁ କେମିତି ସେ ମନରୁ ଭୁଲିବ ? ସେଇଥିପେଇଁ ସେଇ ପଚ୍ଛିମା ମାଇକିନାର ବାରଣ୍ଡାରେ ଚରଣ ଗୁପ୍ତ ବସିବସିକା ଚିତ୍ର ଆଙ୍କେ । ପଚ୍ଛକଥା ପୁମର, ହେକି ହେଇ ହେଇ ତାକୁ କଷ୍ଟ ହେଲେ ସେ ଚିତ୍ର ଆଙ୍କେ—ମରଦ ମାଇକିନାମାନଙ୍କ ରାକ୍ଷସ ରାକ୍ଷାସୁଣୀ, ବାଘ ବାଘୁଣୀ ଭଳି କରି ଚିତ୍ର ଆଙ୍କେ । ତାକୁ ଆହୁରି କଷ୍ଟ ହେଲେ ସେ ତାର ସେଇ ରାକ୍ଷସ-ରାକ୍ଷାସୁଣୀମାନଙ୍କୁ

Digitized by srujanika@gmail.com

ନଙ୍ଗଳା କଣ ଚନ୍ଦ କରେ । ଖାଲି ସେତକ ନୁହେଁ—ସେଇ ଚନ୍ଦଗୁଡ଼ାଙ୍କୁ ବସି ବସି ବିକୃତ କରେ ସେ । କାହାର ହାତ କାଟିଦିଏ, କାହାର ଗୋଡ଼ କାଟିଦେଇ ସେ ଥାନରେ ଆଣି ଆଉ କାହାର କଟା ହାତଟାକୁ ଯୋଡ଼ିଦିଏ । କାହାର ଛାତି ଭିତରେ ଗୋଟାଏ ଶର ମୁନ ଖେଞ୍ଚିଦିଏ—ଛାତିରୁ ପିଚ୍‌ପିଚ୍ ରକ୍ତ ବାହାର କରେ । କାହାର ଆଖିକୁ ତାଡ଼ିଦିଏ । କାହାର ଓଠକୁ ଏମିତି ଆକୃତିର କରେ ଯେ ତାକୁ ଦେଖିଲେ ସହଜେ ଜଣାପଡ଼େନା ସେଇଟା ମଣିଷର ଓଠ କି ଆଉ କଣ । ସ୍ତ୍ରୀଲୋକଗୁଡ଼ାଙ୍କର ଚନ୍ଦକୁ ବିଭତ୍ସ କରିବାରେ ଚରଣ ରାଓର ହାତ ଭାରି ଝଜବଜ ହୁଏ । ଗୋଟାଏ ଗୋଟାଏ ସ୍ତ୍ରୀଲୋକଙ୍କୁ ସେ ନାନାପ୍ରକାରେ ବିକୃତ କରିଥାଏ । ସେମାନଙ୍କର ଗୋଡ଼ ଦୁଇଟାକୁ ଯେ ଖୁବ୍ ମୋଟା ମୋଟା ଆମ୍ବ ଡାଳଗଛ ଭଳି ଡେଙ୍ଗା ଡେଙ୍ଗା କରେ । ଗୋଡ଼ ଦୁଇଟା ମଣିଷର ଗୋଡ଼ଭଳି ଦେଖାଯାଏ ନା; ଜଣାଯାଏ ଯେମିତି ଗୋରୁଗାଈଙ୍କର ଗୋଡ଼ ଆସି ମଣିଷ ଦେହରେ ଝଙ୍କାଯାଇଛି । ହାତ ଦି'ଟାକୁ ସେ ସାପଭଳି ଚନ୍ଦ କରେ । ସେଗୁଡ଼ିକ ମୋଡ଼ି ମୋଡ଼ି ହୋଇ ଲମ୍ବି ଲମ୍ବି ବହୁଦୂର ବାଟଯାଏ ଯାଇଥାନ୍ତି । ଦେହଟାକୁ ସେ ଗୋଟାଏ ମସ୍ତବଡ଼ ଗଛର ଗଣ୍ଡି ଭଳି କରିଥାଏ । ସେ ଗଣ୍ଡି ଉପରେ ମଣିଷ ମୁଣ୍ଡଟିଏ ଝଙ୍କା ହୋଇଥାଏ; କିନ୍ତୁ ସେ ମୁଣ୍ଡଟି ଏଡ଼େ ଛୋଟ ଯେ ତାକୁ ମଣିଷ ମୁଣ୍ଡ କହିହେବନି । ଏଇ ମାଇକିନାଗୁଡ଼ାଙ୍କର ନଙ୍ଗଳା ଦେହକୁ ଚାହିଁ ଜର୍ଜ କାବା ହୁଏ । ବାପ୍‌ରେ ବାପ, ଏ କ'ଣ ମଣିଷ ? ଏଇ କ'ଣ ମାଇକିନା ? ଏଇମାନଙ୍କ ପେଇଁ ବୀର ସାମଲ, ନଜର୍ ମିଆଁ, ରାମ ସିଂ, କାମାକ୍ଷ୍ୟା ଆଉ ଏଇ ଚରଣ ରାଓ ପାଗଲ ସବୁ ଏମିତି ବାଉଳା ହେଉଛନ୍ତି ? ଇସ୍—ଜର୍ଜର ଦେହ ଗୋଲେଇଯାଏ । ସେ ଆଉ ସେ ଚନ୍ଦ ବିଷୟରେ ଚିନ୍ତା କରିପାରେନାହିଁ । ତାକୁ ଡରମାଡ଼େ ।

ବୀର ଯାହା କିଛି ଚରଣ ରାଓ ସପକ୍ଷରେ କହୁଥାଉ ପଛେ, ଜର୍ଜ ଚରଣ ରାଓକୁ ପ୍ରାଣରେ ଭୟକରେ । ଅବଶ୍ୟ ସେ କାମାକ୍ଷ୍ୟା କଥା ସତ କି ନାହିଁ ଠିକ୍ କରି ପାରେ ନା; କିନ୍ତୁ ଚରଣ ରାଓର ସେଇ ଝଗ୍ରାପ ଖୋଇଟା ଜର୍ଜକୁ ସନ୍ତ୍ରସ୍ତ କରିଦେଇଛି । ଚରଣ ରାଓର ପାଖାପାଖି ହୋଇକରି ସେ ସେଇଥିପାଇଁ ଆଦୌ ବସେ ନା । ତାକୁ ଡରମାଡ଼େ । ତାର ମନେହୁଏ ଯଦି ଦୈବାତ୍ ଚରଣ ରାଓ ତାକୁ ଭଲପାଏ, ତା' ହେଲେ ଦିନେ ସେ ତାକୁ କୋଉ ଅନ୍ଧାରିଆ ଜାଗାକୁ ନେଇ ତାର ତୋଣ୍ଟି ଚପିଦେବ । ତା'ବାଦ୍ ତାର ମଲା ଦେହଟାକୁ ନେଇ ଏମିତି ଜାଗାରେ ସେ ରଖିଦେବ ଯେମିତି ତାର ସୁରାକ ଆଉ କେହି ପାଇପାରିବେ ନାହିଁ । କିଛିଦିନ ବାଦ୍ ସମସ୍ତେ ଭୁଲିଭାଲିଗଲେ, ସେ ତାକୁ ପୁଣି ଜୀବନ ଦେଇଦେବ । ହେଲେ, ସେତେବେଳକୁ ସେଇ ମଲାରୁ ଜିଇଁଥିବା ମଣିଷର ଆଉ କିଛି ହେତୁ ନଥିବ । ସେ କେବଳ ଦଉଡ଼ିବାକୁ ଆରମ୍ଭ କରିଦେଇଥିବ କୁକୁର ଭଳି—ପାଗଳା ଚରଣ ରାଓର ପଛେ ପଛେ ।

ସେଦିନ ସନ୍ଧ୍ୟାଟି ସେମିତି ଖବ ଭବ ଯାଏ । ଦୋକାନରୁ ବୁଢ଼ୀର ପାଟି ଶୁଣି ଜର୍ଜ ଚେଇଁଉଠେ । ସେ ଜାଣେ ତାକୁ ଛୁଇଁନିଦ ଲାଗି ଲାଗି ଆସୁଥିଲା, ଆଉ ଟିକକେ ସେ ଶୋଇପଡ଼ିଥାନ୍ତା । ବୁଢ଼ୀର ଡାକ ପୁଣି ଶୁଭେ—"ଆରେ ହେ ଛତରଖିଆ ଟୋକା !

Digitized by srujanika@gmail.com

କରେ ଅଇତୁକା କ'ଣ ଶୋଇବା ବେଳ କରେ ? କରେ ଆଉନୁ—କରେଇରେ ଭଜାଗୁଡ଼ାକ ପୋଡ଼ିଯାଉଚ—ଏଣେ ମୋ ହାତ ଅସନା । ହଇରେ, ଆଉଚୁ ?''

ଜର୍ଜ ଆଖି ମଳମଳ ହଉଠେ । ଗୋଟାଏ ପରିସ୍ଥିତିରୁ ଆଉ ଗୋଟାଏ ପରିସ୍ଥିତିକୁ ଏତେ ଶୀଘ୍ର ତେଇଁପଡ଼ି ପାରେ ନା ମଣିଷପିଲା; କିନ୍ତୁ ଜର୍ଜର କଥା ଥିଲା ନିଆରା । ଛଅଟା ମାସ ସମସ୍ତ ତାର ଅନେକ ଗୁପ ମାରଦେଇ ଯାଇଥିଲା ଗୋଟାଏ ବାସ୍ତବ ଟୋକା ଦହରେ ଆଉ ମନରେ । ବୁଢ଼ା ଘରୁ ତଡ଼ାଖାଇବାର ମାସ ଛଅଟା ଭିତରେ ଟୋକାଟାର ଅନେକ କିଛି ବଦଳିଯାଇଥିଲା । ବୁଢ଼ାକୁ ଛାଡ଼ି ସେ ବର୍ତ୍ତମାନ ଆଦର ନେଇଥିଲା ଗୋଟାଏ ବୁଢ଼ୀକୁ ।

× × × ×

ଆହୁରି ଗୋଟାଏ ପ୍ରକାର ସନ୍ଧ୍ୟା ! କବାଗ୍ଭକ ଦୋକାନ ପିଣ୍ଡାରେ ଗଡ଼େଇ ଗଡ଼େଇ ହଉ ହଉ ପୁଣି ବାରବୃନ୍ଦଳିଆ କର ଗ୍ଭବେ ଯେ ଅନେକ କଥା । ସେଦନ କିନ୍ତୁ ଚରଣ ଗ୍ଭଓ ବା ସେଇ ଘରର କାନ୍ଥର ଅଙ୍ଗାର ଚକଗୁଡ଼ାକ ତା ମନରେ ନ ଥା'ନ୍ତି । ସେଦନ ଗ୍ଭସ୍ତାଟା ଏକେବାରେ ଅନ୍ଧାର । କବାଗ୍ଭକ ପିଣ୍ଡାରୁ ବସି ଜର୍ଜ ଗ୍ଭସ୍ତା ଆରପାଖ କାଠକ୍ୟାବନ୍ ତୁଲର ଲାଲଟହଟହ ନିଆଁ ଚଡ଼ଗୁଡ଼ାକୁ ଦେଖିପାରୁଥାଏ, ଦୋକାନ କବାଟର ପଟା ଫାଙ୍କରୁ । ତା' ଛଡ଼ା ଗୋଟାଏ ମସିଆ ଡିବି-ଆଲୁଅ ମଧ୍ୟ ସେ ଦେଖିପାରୁଥାଏ କ୍ୟାବନ୍ ପଛପଟ ଗଳିଘରୁ । ଗୋଟାଏ କଅଣ ଗ୍ଭଇ ମଝିରେ ମଝିରେ ସେଇ ଡିବି-ଆଲୁଅକୁ କାଟି ସେ ଘରେ ବିଚରଣ କରୁଥାଏ—ବୁଢ଼ୀ ବୋଧହୁଏ । ଏକଡ଼ ସେକଡ଼ ହଉଥାଏ ।

ଗ୍ଭସ୍ତାଟା ଏକେବାରେ ଅନ୍ଧାର । ଦୃରଛଅ ଘର ଛାଡ଼ି ଗୋଟିଏ ଧୋବା ଲଣ୍ଡ୍ରି । ସେଇଠି କୋଉଠି ଗୋଟାଏ କଅଁଳା କୁଆ ଗ୍ଭହା ଧରଥାଏ । ଲଣ୍ଡ୍ରି ଆଗରେ ଗୋଟାଏ କଏ ଏକଡ଼ ସେକଡ଼ ହଉଥାଏ । କିଛି ଜଣାଯାଉ ନ ଥାଏ ସେଇଟା କଅଣଟାଏ ବୋଲି । ବୋଧହୁଏ କଏ ଲୋକଟାଏ । ଅନ୍ଧାରରେ ବାରି ହଉ ନ ଥାଏ କିଛି; କିନ୍ତୁ ଧୋବଲୁଗାଟା ତାର ତଥାପି ଝାପ୍‌ସା ଝାପ୍‌ସା ହେଇ ଦେଖାଯାଉଥାଏ ସେଇ ଅନ୍ଧାରରେ ।

ମେନ୍ ଗ୍ଭସ୍ତାର ଯୋଉଠୁ ଏ ଗଳି ବାହାରିଚ, ସେଠି ଯୋଉ ଟେଲିକଳଟା ଅଛି, ସେ କଳ ଗ୍ଭଲିଥାଏ—ଘଟ୍—ଘଟ୍—ଘଟ୍ । ମଝିରେ ମଝିରେ ମେନ୍ ରୋଡ଼୍ ଉପରେ ମଟର ବସ୍ ଗୋଟାଏ ଭନ୍‌କନା ଗ୍ଭଲିଯାଉଥାଏ । ମଟର ଆଲୁଅରୁ କିଛି ଆଲୁଅ ଛିଟିକି ଆସି ଗଳିଟାକୁ ଝାପ୍‌ସା ଝାପ୍‌ସା କରଦେଇ ପୁଣି ବିଜୁଳି ମାଇଲଭଳି ଉଭେଇ ଯାଉଥାଏ । ସେତିକିବେଳେ ସେ ଲକ୍ଷ୍ୟକରେ ସେଇ ଲୋକଟାକୁ, ଯିଏ ଧୋବଲୁଗା ପିନ୍ଧି ଲଣ୍ଡ୍ରି ସାମନାରେ ଟହଲି ମାରୁଥାଏ । କଏ ସେ ଲୋକଟା ? ଅନ୍ଧାରରେ ସେଠି କଅଣ କରୁଚ ସେ ? ଜର୍ଜର ସନ୍ଦେହ ହୁଏ । ସେ ଉଠି ବସେ ଓ ଭଲକରି ଲକ୍ଷ୍ୟକରେ ତାକୁ । ସେ ଜାଣେ ଯେ ସେଇ ଲଣ୍ଡ୍ରିଟା ଗୋଟାଏ ଦକ୍ଷିଣୀ ଲୋକର । ସେ ଲୋକର କଅଣ ଗୋଟାଏ ରୋଗ ହେଇଥାଏ । ସଦାବେଳେ ସେ ଶୋଇରହିଥାଏ; କିନ୍ତୁ ତା ଲଣ୍ଡ୍ରି କାମ ଗ୍ଭଲୁରହିଥାଏ । କାମକରିବା ଲୋକଙ୍କ ଭିତରେ ଲୋକ ହଉଛନ୍ତି ତାର ମାଇପ ଆଉ ଗୋଟାଏ ବୁଢ଼ୀ । ସେ ବୁଢ଼ୀଟା ଯେ ସେ ଲୋକଟାର ମା' କି ତା ମାଇପର ମା, ସେ ବିଷୟରେ କିଛି ଚିନ୍ତା କରିବା

Digitized by srujanika@gmail.com

ତାହାର ଦରକାର ନ ଥାଏ । ବରଂ—ବଇଠିପାକ ସ୍ତ୍ରୀଲୋକ ମିଶି ଲଣ୍ଡ୍ରି ଚଳାନ୍ତି, ଆଉ ସେଇ ଘୋଡ଼ଣା ଲୋକକୁ ପଥ ଦଅନ୍ତି । ସେ ବୁଢ଼ୀର ଏଇ କାଠ କ୍ୟାବିନବାଲୀ ବୁଢ଼ୀ ସଙ୍ଗେ ଆଦୌ ପଡ଼େ ନାହିଁ—ସେଥିପାଇଁ ଜର୍ଜଙ୍କୁ ତା ବୁଢ଼ୀ ଆଦୌ ଛାଡ଼େ ନାହିଁ—ସେ ଲଣ୍ଡ୍ରିବାଲୀ ବୁଢ଼ୀ ସାଙ୍ଗେ କଥାବାର୍ତ୍ତା ହେବାପାଇଁ ।

ଜର୍ଜ ସେଇ ଧୋବଲୁଗାପିନ୍ଧା ଲୋକଟାକୁ ଆଖେଇଲା । ହଠାତ୍ ଲୋକଟା କୁଆଡ଼େ ଉଭେଇଗଲା । ଜର୍ଜ ଆଶ୍ଚର୍ଯ୍ୟ ହେଲା । ଆଖି ଆହୁରି ବଡ଼ ବଡ଼ କରି ସେ ଖୋଜିଲା । ଗଲା କୁଆଡ଼େ ସେ ? ଭିତରକୁ ନା ବାହାରକୁ ? ଗୋଟାଏ ଅଦ୍ଭୁତ ଜାଗା ଏ ଲଣ୍ଡ୍ରିଟା । ତାର ବାସିନ୍ଦାମାନେ ଆହୁରି ଅଦ୍ଭୁତ । ଗୋଟାଏ ଘୋଡ଼ଣା ଲୋକ: ତାକୁ ଘେରି ବ-ବଇଠା ସ୍ତ୍ରୀଲୋକ । ବୁଢ଼ୀଟା କିନ୍ତୁ ଭଲ ମଣିଷ । ଏଇ କାଠ କ୍ୟାବିନ୍ ଗୋଦରାଠୁଁ ଭଲ ନିଶ୍ଚୟ । କାରଣ ବନେ ହେଲେ ତାକୁ ରାଗିବାର କେହି ଦେଖିନାହିଁ । ଦିନଯାକ ଏତେ ଗହଳ ଚହଳ, ଏତେ ଗରାଖ ଆସନ୍ତି ଲୁଗା ପକାଇବା ପେଇଁ ହେଲେ ବନେ କାହା ସଙ୍ଗେ କଳି କରିବାର ବୁଢ଼ୀକୁ କେହି ଦେଖିନାହିଁ; କିନ୍ତୁ ସେ ଆଉ ମାଇକିନାଟା ଖରି ଜନ୍ତୁଖଣ୍ଡେ । ତା' ମୁହଁରେ ବାଡ଼ ବତା ନାହିଁ । ଘର ଦୁଆରମୁହଁରେ ଖଟି କରୁଥିବ, ଏଣେ କାହାକୁ ନାହିଁ କାହାକୁ ହେଲେ ସେ ଶୋଧୁଥିବ । ଗରାଖମାନଙ୍କ ସଙ୍ଗେ ଖରି କଳି ସେ ମାଇକିନାର । ଜୋର୍ ବି କିଛି କମ୍ ନାହିଁ ତା' ଦେହରେ ।

ଲଣ୍ଡ୍ରି କଥା ଭାବୁଭାବୁ ଜର୍ଜ କ୍ରମେ ସେଇ ମାଇକିନା କଥା ଚିନ୍ତାକରିବାକୁ ଲାଗେ । ଜର୍ଜ ଖରି ଡରେ ସେଇ ମାଇପିଟାକୁ । ଆରେ ବାପ୍‌ରେ ବାପ୍ ! କି ଭୀଷଣ ଜନ୍ତୁ—ମାଇକିନା-ଗୁଡ଼ାକ ! କଅଣ ଯେ କେତେବେଳେ ଏଗୁଡ଼ାଙ୍କର ଇଚ୍ଛା ହୁଏ । କି ଜୋର୍ ! ବନେ ଜର୍ଜ ନିଜ ଆଖିରେ ଦେଖିଚି କେମିତି ଗ୍ରୀମ ସିଂ ଝଟକାବାଲା ପାଙ୍ଗରେ ସେ ମାଇକିନାଅ ଲଗେଇଥିଲା ଝଟାପଟା । କଳି ପ୍ରଥମେ କିନ୍ତୁ ଆରମ୍ଭ ହେଲା ଏଇ କାଠକ୍ୟାବିନ୍‌ବାଲୀ ଗୋଦରାବୁଢ଼ୀଠୁଁ । ଗ୍ରୀମ ସିଂର ଜୋର ଉପରେ କ୍ୟାବିନ୍ ବୁଢ଼ୀର ଖରି ବିଶ୍ୱାସ । ସେ ଜାଣିଥିଲା ଯେ ଗ୍ରୀମ ସିଂ ପାଖରେ ଥିବାଯାଏ ସଂସାରରେ କେହି ତାର ଶତ୍ରୁ ନାହିଁ ବୋଲି ।

ସେଦିନ କଅଣ ପେଇଁ ତ ଲାଗିଲା—ହଁ, ଏଇ କୋଇଲା କଥାରୁ ତ ! ଲଣ୍ଡ୍ରିବାଲୀ ବୁଢ଼ୀର ଇସ୍ତ୍ରୀ ପାଇଁ କଅଣ କୋଇଲା ଦରକାର ପଡ଼ିଲା । କୁଆଡ଼େ କୋଉ ଅଫିସର-ଗରାଖର ଲୁଗା ଜରୁରୀ ଦରକାର ପଡ଼ିଅ:ଏ ଯେ ସେଇଲାଏ ଇସ୍ତ୍ରୀ କରି ନ ପଠେଇଲେ ନ ହୁଏ । ବୁଢ଼ୀ ତା ବୋହୂକୁ ପଠେଇଲା ଏ ବୁଢ଼ୀଠୁଁ କିଛି କୋଇଲା ଉଧାର ନବାକୁ । ଏ ବୁଢ଼ୀ ତ ଖଣ୍ଡେ କିନ୍ତୁ । କାହିଁକି କେଜାଣି ସେ ମାଇକିନାଟା ଉପରେ ଏତେ ରଗେଇ ଖବେଇ ହୁଏ କେଜାଣି ! ସେ ମାଇକିନାକୁ ଆଗରେ ପାଇ ବୁଢ଼ୀ ତା ଦାଉ ସାଧିଲା । ତାକୁ କୋଇଲା ନ ଦେଇ କହିଲା—ଯା' ତୋ ଶାଶୁକୁ ଡାକି ଦେ କୋଇଲା ନେଇଯିବ । ଅବଶ୍ୟ ଏ ବୁଢ଼ୀର ଏମିତି କହିବାରେ କିଛି ଦରକାର ନ ଥିଲା । କିଛି ନକହି କୋଇଲା ପୁଳାଏ ଦେଇ ଦେଇଥିଲେ କାମ ଛିଣ୍ଡି ଯାଇଥାନ୍ତା । କିନ୍ତୁ ଇଆର ତ ମନ ଝାଳି ରଗେଇ ଖବେଇ ହଉଥାଏ, କେମିତି ମଉକାଟାଏ ପାଇଲେ ସେ ବୁଢ଼ୀ ଉପରେ ଚଢ଼ିବସିବ—ଉପାୟ ଉଣ୍ଡୁଥାଏ ।

Digitized by srujanika@gmail.com

ବୋହୂ ଯାଇ ଶାଶୂକୁ ସେକଥା କହିଲା । ଶାଶୂକୁ ଜଣାପଡ଼ିଗଲା କାହିଁକି ଏ ଗୋଦସ୍ତ-ବୁଢ଼ୀ ତା ବୋହୂକୁ ନ ଦେଇ ତାକୁ ଡକେଇ ପଠେଇଛି କୋଇଲା ଦବାପାଇଁ । ତଥାପି ସେ ବୁଢ଼ୀ ଆସିଲା ସ୍ତ୍ରୀ ପାଖକୁ । ଏ ବୁଢ଼ୀ ଗୋଟାଏ ଶିକାସ୍ତ କୁଞ୍ଚି ଭଳି ଛକି ବସିଥିଲା । ସେ ସେମିତି ସ୍ତ୍ରୀର ପାଖ ମାଡ଼ିଛି ଝୁଣିଦେଲା କଷିକଣ ତାକୁ ।

ଗୋଦସ୍ତ ମୁହଁରେ ବାଡ଼-ବତା ନାହିଁ । ସେ ପାଟି ଫିଟେଇବା ମାନେ କଳି । ଲଣ୍ଡିବାଲା ବଗାହ । ବୁଢ଼ୀକୁ ନଜ ଓଳତଳେ ଦେଖି ସ୍ତ୍ରୀର ଜିଭ ଖଜବଜ ହେଲା । କୋଇଲା କଥା ଗଲା କୁଆଡ଼େ । ଦୁଃଖସୁଖ ହବା ବାହାନାରେ ଏ ବୁଢ଼ୀ ତାକୁ କହିଲା—"ନାତି ନାଁ କଅଣ ଦଉଚୁଲେ ?"

"ଅପନା" ସେ ବୁଢ଼ୀ ଉତ୍ତର ଦେଲା ।

"ଅପନା ?" ଗୋଦସ୍ତ ବୁଢ଼ୀ ହସିଦେଲା, ଆଉ କହିଲା—"କଅଣ ବଉଁଶ କୁଟୁମ୍ବ ସମିତଙ୍କୁ ଅପନା କରିଦବୁ କଲେ ବୁଢ଼ୀ ? କାହିଁ ତୋ ଆଗନାତି ନାଁ ତ ଅପନା !"

ଲଣ୍ଡିବାଲା ବୁଢ଼ୀ ଏ ବୁଢ଼ୀର ମତଲବ ନ ବୁଝିପାରି କହିଲା, "ହଁ, ସେଇ ନାତିଟା ତ —ଆଉ କ'ଣ ନୂଆ ନାତି ମୋର ହେଲେଣି କି ? ଆଉ ସନ ତ ହେଉଥିଲା—ସାଲ ଗୋଟାଏ ପୂରିନାହିଁ ଛୁଆକୁ; ଆଉ ଆଗ ନାତି ପଛ ନାତି କଣ କଉଚୁ ବା ?"

ଗୋଦସ୍ତ ବୁଢ଼ୀକୁ ହସ ମାଡ଼ିଲା । ବୁଢ଼ୀଟା ରଣଚଣ୍ଡୀ । ହେଲେ ହସିଲେ ସେ ଏମିତି କନ୍ଦର୍ପ ଦେଖାଯାଏ ନାହିଁ । ହସ ତା ମୁହଁକୁ ମନାଏ । ହସି ହସି ବୁଢ଼ୀ କହିଲା—"ଆଲୋ ନାହିଁ ବା, ସେ କଥା କହୁ ନ ଥିଲି—ପଚାରୁଥିଲି ଆଉ ମାସକୁ ଯୋଉ ନାତି ହେବ କଅଣ ଦବୁ ତା ନାଁ ?"

ସ୍ତ୍ରୀମ ସିଂ ଦୋକାନରେ ବସି ଗୁହା ଖାଉଥିଲା । କଅଣ ତା ମନକୁ ପାଇଲା କେଜାଣି ଖଣ୍ଡେ ପକୁଡ଼ ପାଟିରେ ପକେଇ ତାକୁ ମଛୁ ମଛୁ ଫେଁକନା ହସିଦେଇ କହିଲା— "ସ୍ତ୍ରୀମ ସିଂ କା ବେଟା ଅପନା ସିଂ ଥୋଡ଼ା ହୋତା ହୈ—ଓ କୁନ୍ଦନ ସିଂ ପୈଦା ହୋଗା ।"

ଗୋଦସ୍ତ ବୁଢ଼ୀ ସ୍ତ୍ରୀମ ସିଂର ସାହସ ପାଇ ଆହୁରି ଟିହାଇ କରି କହିଲା, "ହଁ ଲୋ ମା, ଆଜିକାଲି ସିଂହ, ବାଘ, କୁକୁର, ବିରାଡ଼ିଛୁଆ, ମଣିଷ ପେଟରୁ ଜନମ ହଉଚନ୍ତି । ନକିର ମିଆଁ ପଢ଼ି କହୁଥିଲା—ସେଣେ କୁଆଡ଼େ ଗୋଟାଏ ମାଇକିନା ପେଟରୁ ମାଙ୍କଡ଼ଛୁଆଟାଏ ଜନମ ହୋଇଚି ବୋଲି—ଆଉ କଅଣ କରିବ ବିଚାରି—ଟୋକାଟା ତ ଶେଯରୁ ଉଠିଲା ନାହିଁ—ସେଥିକୁ ବୋଙ୍ଗେ ବୋଙ୍ଗେ ଲୁଗା—ଲଣ୍ଡି ଗୋଟାକଯାକର କାମ ବ ମାଇକିନାଙ୍କ ମୁଣ୍ଡରେ—ସେଥିକୁ କାମ କରିବା ପେଇଁ ଏକା ମାଇକିନାଟେ—ଛୁଆ ଜନମ ନ କରିବ ତ ଏତେ ବଡ଼ କାମ ତୁଲେଇବ କିଏ ? ରହ, ଦେଖିବ, ଆଉ ବରଷ ଛଅଟାରେ—ଛୁଆ ଗୁଡ଼ାକ ଟିକେ ବଡ଼ ବଡ଼ ହେଇଯାଆନ୍ତୁ—ଦେଖିବ କେମିତି ବେଉସା ଜମିବ—ଶାଶୂ ବୋହୂଙ୍କର କାମ କମିବ—ଗଣ୍ଡିରେ ମାଉସ ନଗେଇ ଦହିଁକା ଦହେଁ ହେଣ୍ଡିମାରି ବୁଲିବେ—ବୋହୂ ଆହୁରି ରଙ୍ଗ କରିବ—ଶାଶୂ ତ ବୁଢ଼ୀ ହେଲା—ସେଇ ରଙ୍ଗ ଦେଖୁ

Digitized by srujanika@gmail.com

ବେହୋସ୍—ହଇଲେ ହେ ! ସେ କୋଉ-ଡାଇଭର କ ଲେ, ମଟର ଧକ୍କାରେ ଆଇଥେଲା କାଲି ଘିଚ ଦଇଟାରେ ? କଅଣ ଲୁଗା ରଇଯାଇଥେଲା କ ତାର ?”

ଲଣ୍ଠିବାଲା ବୁଢ଼ୀ ସେତେବେଳକୁ ସେଠି ନ ଥିଲା । ଚୁପ୍‌କରି ସେ ଫେରିଯାଇଥିଲା ଘରକୁ । କୋଇଲା ନବା କଥା ଭୁଲିଯାଇଥିଲା ସେ । ସେ ତା ଘରେ ଗୋଡ଼ ଦେଇଚ କ ନାହିଁ ଆଉ ଦେଖିବ କଅଣ ! ଲଙ୍ଗଳାମୁକୁଳା ହେଇ ସେଣୁ ଧାଇଁ ଆସିଲା ବୋହୂ ! କୁହାଟ ଉପରେ କୁହାଟମାନ ମାରି ଖଣ୍ଡମଣ୍ଡଳ କମ୍ପେଇ ଧାଇଁଆସୁଥିଲା ତେଣୁ ସେ ।

ମେଣେ ତା ଡାକରାରେ ବୁଢ଼ୀ ଏଣେ ନାଚୁଚ । ବୁଢ଼ୀର ସବୁ ଗୁମରତକ ଫିଟୋଉଥାଏ ସେଣେ ସେ ଧୋବଣୀ । ବୁଢ଼ୀ ବା କଣବ କଣ ? କଳାଘରେ ମଣ୍ଡି ପୋଡଚ ତ ହେଲେ ! ସେ ବୁଢ଼ୀର ନାଡ-ନାଉଣୀଙ୍କି ଦେଖି ଇଆର ତ ସହଜେ ମନ ପୋଡୁଥିଲା । ତେଣୁ ସେ ମାଇକନା ସେତେବେଳେ ଏ ଗୋଦଶ୍ଚିକୁ କଅଁଶୀ, ପୁତଖାଇ, ଘଇତାଖାଇ କରି ଶୋଧୁଥାଏ, ଏ ବୁଢ଼ୀର ବିଷ ଆଖୁର ଚଢ଼ୁଥାଏ । ସେଣୁ ସେତେବେଳେ ସେ କହୁଥାଏ— “ଆଲୋ ସବାଖାଇ, ଡାଆଣୀ, ବାଂଝି ! ତୋଅର ପୁଅ କଏ, ନାଡ କଏ ଆଉ ଘଇତା କଏ ଲୋ ! ଦୁନିଆଁ ଖାଇ ଖାଇ ଅଣ୍ଟିଲା ନାହିଁ ? ହଇଲେ ଗୋଦଶ୍ଚି ! କଅଁଲା ମାଉଁସ-ଖାଇ ଡାଆଣୀ ! ମୋ ଛୁଆଙ୍କ ଉପରେ ଫେଏର ତୋଅର ଆଖିଲେ ! ହଇଲେ ହେ ବାରବୁଲି···ମୋ ଛୁଆଙ୍କୁ କାଇଁକି ଅନଉଚୁ—ସେଇଆଙ୍କୁ କହୁନୁ—ସତ ତୋର ଏତେ ମନ, ସେଇ ଓଅସ୍ତମାନଙ୍କୁ କହ—ଧନ ନାହିଁ, ଘିଚ ନାହିଁ ସେଉଁମାନେ ତେତେ ଯେଉ-କରି ବଇଚନ୍ତି ସେଇଆଙ୍କୁ କଉନୁ—ମନରେ ଗରମ୍ ସବୁ ଏତେ ହଉଚ ତୋଅର !”

ପଥମେ ପ୍ରଥମେ ବୁଢ଼ୀଟା ମୋଟେ ହୁଁ ଦେଇ ନଥିଲା । ସେକଉଁ ତାର ପଦକୁ ଏକଉଁ ସ୍ବାର ପଦେ । ହେଲେ କଅଣ ହେଲା କେଜାଣି, ଶେଷକୁ ଶେଷକୁ ବୁଢ଼ୀ ପାଟିରେ ଆଉ ବଚନ ସରିଲା ନାହିଁ । କଥା ବଦଳରେ ତା ଆଖିରୁ ଲୁହ ଦ' ଧାର ଟୋପା ଗଡ଼ିପଡ଼ିଲା । ସାମ ସିଂ ସେ ପର୍ଯ୍ୟନ୍ତ ବୁଝି ନ ଥିଲା ସେ ବୁଢ଼ୀଟା ଦବ ଦବ ଯାଉଚ ବୋଲି । ତାର ମନେ ହେଲା ସେ ବୁଢ଼ୀକୁ ଦବେଇବା ଭଳି ଲୋକ ଏ ଯାକେ ଜନ୍ମ ହେଇ ନାହାନ୍ତି । କିନ୍ତୁ ସେତେବେଳେ ସେ ବୁଢ଼ୀ ଆଖିରେ ପାଣି ଜକଜକ ହଉଥିବାର ଦେଖି ପକେଇଲା, ସେତେବେଳେ ତା ବାହା କଟକଟ ଡାକିଲା ।

ସାମ ସିଂହଟା ହୁଣ୍ଡାଟାଏ । ଭୁସ୍‌କନା ଧାଇଁ ଯାଇ ସେ ଧୋବଣୀର ଚୁଟିଟାକୁ ଧରିପକେଇ ହାତଟାକୁ ଉଞ୍ଚେଇଥିଲା—ବ୍ରହ୍ମଜାବୁଡ଼ାଟାଏ କଷିଦବାପାଇଁ ତା ଗାଲରେ । ହେଲେ କଅଣ ହେଲା କେଜାଣି ସାମ ସିଂ ଭଲିଆ ଗୁଣ୍ଡା ଦ' ସେରୁ ଖାଇ ଗାଁ-ଗାଁ ହେଇ ବୁଲି ପଡ଼ିଗଲା । କଅଣ କମିଆ କଲା ସେ ମାଇକନା କେଜାଣି, ସାମ ସିଂର ହୋସ୍ ନ ଥିଲା ଆଉ କଥା କହିବାକୁ । ତାର ସେତେବେଳେ ହୋସ୍ ହେଲା ସେତେବେଳେ ସବୁ ଅଣ୍ଡା ପଡ଼ିଯାଇଥିଲା ।

ଧନେ ଲୁହେଁ ଦ'ଧନ ଲୁହେଁ, ପୁସି ଭଲହବାକୁ ସାମ ସିଂକୁ ଦ'ମାସ ଲଗିଲା । ସାମ ସିଂ ପଡ଼ୁଥାଏ କ୍ୟାବନ୍‌ର ଗୋଟାଏ କଣ୍ଟେ । ପ୍ରଥମେ ଗୋଟାଏ ଦନ ରକ୍ତ ଏମିତ

Digitized by srujanika@gmail.com

ବୋହିଲା ଯେ ଗୋଟା ଦଡ଼ଫଟା ଲୁଗା ବୁଡ଼ିଗଲା ସେ ରକ୍ତରେ । ବୁଢ଼ୀ ଯାଇ ଖୋଜି ଖୋଜି କଲରାପତ୍ର ଥୋଡ଼ାଏ କୋଉଠୁ ଆଣି ତାକୁ ବାଟିଲା । ସନ୍ଧ୍ୟାବେଳକୁ ଘର ସାମନା ଶିକ୍‌ମାରୁ ଫେରିଲା ବାଦ୍ ସେ ବି ତା' ବୁଦ୍ଧି ମୁତାବକ ସେବା-ଶୁଶ୍ରୂଷା କଲା ରାମ ସିଂର: ହେଲେ ରକ୍ତ ବନ୍ଦ ହେଉ ନଥିଲା । ଶେଷରେ ନଜର ମିଆଁ ଆସିଲା । ସବୁକଥା ଶୁଣି ସେ ବହେ ହସିଲା । ତା ବାଦ୍ ସେ ତା କୋଥଳି ଫିଟେଇଲା । ସେଥିରୁ ଗୋଟାଏ ବୁଟି ବାହାର କରି ସେ ତାକୁ ବଟାବଟି କରି କାମୁଡ଼ା ଜାଗାରେ ଲଗେଇବାରୁ ରକ୍ତ ବନ୍ଦ ହେଲା । ସେ ବୁଟିଟା ନଜର ମିଅଁ କୋଉ ଫକୀରଠୁଁ ପାଇଥିଲା । ସେଥିରେ କୁଆଡ଼େ ମଣିଷ ବିଷ କଟେ । ପାଗଳା ଚରଣ ରାଉ କହୁଲା, ମଣିଷ-ବିଷ ତ ମଣିଷ-ବିଷ, ସେଥିକୁ ଗର୍ଭିଣୀ ସ୍ତ୍ରୀଲୋକର ବିଷ ଆହୁରି ଭୟଙ୍କର । ଗର୍ଭିଣୀ ସ୍ତ୍ରୀଲୋକର ଦାନ୍ତ ଯୋଉଠି ବାଜିଥିବ, ସେ ବିଷକୁ ଛଡ଼େଇବା ପାଇଁ ଭଗବାନଙ୍କର ଶକ୍ତି ବି ନାହିଁ । କେବଳ ଯଦି ପାଡ଼ଟା ଶୁଖିଲା ଘଡ଼ଘଡ଼ି ଆଉ ଚଡ଼ଚଡ଼ି ଏକସାଙ୍ଗେ ପଡ଼ିବ, ତା ହେଲେ ଯାଇ ମଣିଷ-ବିଷ ଛାଡ଼ିବ । ସେ ଯାହା ହେଉ, ଦୈବଯୋଗକୁ ରାମ ସିଂ ବଞ୍ଚିଗଲା । ତାକୁ ନଜର ମିଆଁର ବୁଟି ବଞ୍ଚେଇ-ଦେଲା ଜାଣି । ବିଷତକ ଝଡ଼ିଗଲେ ଗଲା; ତେଣିକି ଘାଆ ଆପେ ଆପେ ଶୁଖିଯିବ ।

ରାମ ସିଂ ଯେତେବେଳେ ଯନ୍ତ୍ରଣାରେ ଛଟପଟ ହୁଏ, ଆଉ ଭୟଙ୍କର ଗର୍ଜନ କରେ, ସେତେବେଳେ ଜର୍ଜ ତା ମୁହଁକୁ ଚାହେଁ । ସେ ଦେଖେ —ରାମ ସିଂ ଦାନ୍ତ କଟମଟ କରୁଛି । ରାମ ସିଂର ଚେହେରା ବଡ଼ ଭୀଷଣ ଦେଖାଯାଏ । ସତେ କି ଗର୍ଭିଣୀ ମାଇକିନାର ବିଷ ରାମ ସିଂର ପ୍ରତି ଶିରାପ୍ରଶିରାରେ ସେତେବେଳେ ଚରିଯିବାକୁ ଆରମ୍ଭ କରିଥାଏ ।

ଗୋଟାଏ ସ୍ତ୍ରୀ ଲୋକର ଦାନ୍ତରେ ପୁଣି ଏତେ ବିଷ ! ତା ଛଡ଼ା ଗର୍ଭିଣୀ ହେଲେ ସେ ବିଷ ଏମିତି ପୁଣି ଜାଳିଦିଏ ? ମନେ ମନେ ଜର୍ଜ ସେଇ ଲଣ୍ଡ୍ରିବାଲୀ ମାଇକିନାଟାର ରୂପକୁ ତନ୍ନାକରେ । ପ୍ରଥମେ ପ୍ରଥମେ ସେ ମାଇକିନାକୁ ଦେଖିଲେ ଜର୍ଜକୁ ଭଲଲାଗୁଥିଲା । ଜର୍ଜ ସେତେବେଳେ ନୂଆ ନୂଆ ହେଇ ଏଠିକି ଆସିଥାଏ । ବେଳ ପାଇଲେ ସେ ବୁଲି ବୁଲି ହେଇ ସେଇ ଲଣ୍ଡ୍ରି ଆଡ଼କୁ ଯାଉଥିଲା । ଦୂରଛଡ଼ା ହେଇ ସେ ନଜର କରୁଥିଲା ସେ ଲଣ୍ଡ୍ରି ଘରପାଖେ ସବୁକଥାକୁ । ଅନେକ ସମୟରେ ସେ ମାଇକିନାଟା କାମରେ ଲାଗିଥାଏ—ଲଣ୍ଡ୍ରି ପଛପଟେ ଗୋଟାଏ ମସ୍ତବଡ଼ କୁଣ୍ଡରେ ଗୁଡ଼ାଏ ଲୁଗା ଜମେଇ ସେଥିରୁ ଗୋଟିଏ ଗୋଟିଏ ନେଇ ପିଟୁଥାଏ ଖଣ୍ଡେ କାଠପଟା ଉପରେ । ଲୁଗା ବାଡ଼େଇଲାବେଳେ ସେ ଆଗକୁ ନଇଁ-ପଡ଼ୁଥାଏ ଓ ପୁଣି ପଛକୁ ଝୁଲିପଡ଼ୁଥାଏ । ସେତେବେଳେ ସେ ଗୋଟାଏ ମସ୍ତବଡ଼ ଦମ୍ ନିଏ । ସ୍ ସ୍ ସ୍ କରି ଗୋଟାଏ ମସ୍ତବଡ଼ ନିଃଶ୍ୱାସ ସେ ଦାନ୍ତବାଟେ ଛାଡ଼େ—ପ୍ରତି ଥର ଲୁଗାଟା ପଟ୍ କରି କାଠରେ ପିଟିହେବା ସାଙ୍ଗେ ସାଙ୍ଗେ । ସେଇ ଶବ୍ଦରେ ଜର୍ଜର ଦାନ୍ତମୂଳ ଶୁଲେଇ ହୁଏ । ସେ ବି ଦାନ୍ତସନ୍ଧିରେ ସ୍ ସ ସୁ ସ୍ ସ୍ ସ୍ କରି ସିଁସିଁରି ମାରେ । ସିଁସିଁରି ମାରୁ ମାରୁ ସେ ସେଇ ସ୍ତ୍ରୀଲୋକଟାକୁ ନିରେଖି କରି ଦେଖେ, ତାର ମୁଦ୍‌ଗର ଭଳି ବାହାଟା ଉପରକୁ ଉଠୁଥାଏ, ପୁଣି ଝାଙ୍କି ହେଇ ତଳକୁ ଖସିପଡୁଥାଏ । କାମ କଲାବେଳେ ବି ସେ ବକର ବକର ହେଉଥାଏ । ନିଜ ଦେହ ଆଡ଼କୁ ତାର ଜମା ନଜର ନ ଥାଏ । ଜର୍ଜକୁ

Digitized by srujanika@gmail.com

ସେ ଦୃଶ୍ୟ ଦେଖିବାକୁ ଭଲଲଗେ । ସେ ଥରେଅଧେ ଇଚ୍ଛାକରିଥିଲା ସେ ମାଇକିନାଟା ପାଖକୁ ଯାଇ ତା ସାଙ୍ଗେ ଗପସପ କରିବାପାଇଁ; କିନ୍ତୁ ଜର୍ଜର ଭୟହୁଏ । ଆଖିକୁ ଯିନା ସୁନ୍ଦର ଦିଶୁଚ; କିନ୍ତୁ କାଳେ କାମୁଡ଼ା କିନ୍ତୁଟାଏ ହୋଇଥିବ ! ଦୂରରୁ ଗୋଟିଏ ଗୋଟିଏ କୁକୁର କେଡ଼େ ସୁନ୍ଦର ଦେଖାଯାନ୍ତି । ମନହୁଏ, ପାଖକୁ ଯାଇ ତାକୁ ଟେକିଆଣି କୋଳରେ ବସେଇ ଆଉଁସା ଆଉଁସି କରିବା ପାଇଁ; କିନ୍ତୁ ଟିକିଏ ପାଖ ହୋଇଗଲେ ସେ କାମୁଡ଼ା କୁକୁରଗୁଡ଼ାକ କେମିତି ଖିଙ୍କାରି ହୋଇ ଝିଙ୍କିରି ଟାଣି କାମୁଡ଼ ଗୋଡ଼ାଇ ଆସନ୍ତି ! ସେ ସ୍ତ୍ରୀ-ଲୋକଟା ଜର୍ଜର ଆଖିକୁ ସେମିତି ଦେଖାଯାଏ । ଏଡ଼େ ସୁନ୍ଦର ହେଲେ ବି ତାର ଗୁଣକଥା ଭାବିଲେ ଭୟରେ ଜର୍ଜର ଦେହ ଶୀତେଇଯାଏ । କାଳେ ସେ ଦଉଡ଼ିଆସିବ ପାଖକୁ ! ଚୋଟି କଣାକରି କାଳେ ଝୁଣିପକେଇବ ! ତା ପରେ ପରେ ଘଟିଲା ରାମ ସିଂ ଘଟଣା । ସେଇଦିନଠୁଁ ସେ ସ୍ତ୍ରୀଲୋକଟା ପ୍ରତି ଗୋଟିଏ କୋକୁଆଭୟ ହୋଇଯାଇଥାଏ ଜର୍ଜର । ଖାଲି ସେଇ କଥା କାହିଁକି ? ଜର୍ଜ ଆହୁରି ଅନେକ ଠେଇଁ ଅନେକ ଦେଖିଲାଣି । ସ୍ତ୍ରୀଲୋକଗୁଡ଼ାକ ପଣ ପଣ ହୋଇ ଏଠିସେଠି ବୁଲୁଛନ୍ତି, ଆଉ ମଣିଷକୁ କାମୁଡ଼ୁଚନ୍ତି ।

ସହରର ଠାଏ-ଅଧେ ଜେଗା ଏଥିଭିତରେ ବୁଲିବୁଲି ସେ କଲାଣି—ନଜର ମିଆଁ ସାଥିରେ କି ଖିର ସାମଲ ସାଥିରେ । ଯେତେଥର ସେ ଯୋଉ ସ୍ତ୍ରୀଲୋକଙ୍କୁ ଦେଖିଚି, ତାର ଖାଲି ସେଇ କଥା ମନେପଡ଼େ । ରାମ ସିଂର ଦାନ୍ତି କଟମଟ ଦୃଶ୍ୟ ତାର ମନେପଡ଼େ । ତାପାଇଁଙ୍କୁ ଚରଣ ରାଓର କଥା—'ମଣିଷ-ବିଷ ତ ମଣିଷ-ବିଷ—ସେଥିକୁ ମାଇକିନା ପୁଣି ଗର୍ଭିଣୀ ମାଇକିନାଙ୍କ ବିଷ !—ଆଦୌ ଛାଡ଼େ ନା ଏ ବିଷ'—କିଏ ଜାଣେ ? କିଏ ଗର୍ଭିଣୀ, କିଏ ନୁହେଁ ! ଆରେ ବାପ୍‌ରେ ବାପ୍ ! ଜର୍ଜ ସଦାବେଳେ ନଜର ମିଆଁର ପିଚ୍ଛା ଧରିଥାଏ । ବୁଢ଼ା ବିଚରା ହୁଣ୍ଡା ଖିର ସାମଲ କି ରାମ ସିଂ ଅପେକ୍ଷା ଖୁବ ଭଲ ମଣିଷ । ସେ ଜର୍ଜକୁ କେବେ ପାଖରୁ ଛାଡ଼େନାହିଁ କିମ୍ବା ଅନ୍ୟମାନଙ୍କ ଭଳି ସେ ମାଇକିନାଙ୍କ କଥା ଏତେ ଗପେ ନାହିଁ । ହେଲେ ଜର୍ଜ ଠିକ୍ ବୁଝିଥାଏ—ନଜର୍ ମିଆଁର ଆଶ୍ରା ଜାଗା ହଉଚି ମାତ୍ର ଗୋଟିଏ—ଆଉ ସେଇଟି ହଉଚି ଏଇ କାଠ କ୍ୟାବିନ୍‌ର ଗୋଦରା ବୁଢ଼ୀ !

ନଜର୍ ମିଆଁ ଜର୍ଜର କେବଳ ସାଙ୍ଗ ନୁହେଁ; ସେ ତା' ଗୁରୁ ମଧ୍ୟ । ଏଥିଭିତରେ ଅନେକ କଥା ସେ ଶିଖେଇସାଇଲାଣି ଜର୍ଜକୁ । କହେ ସେ—ପ୍ରଥମେ ଗୋଟାଏ କଥା ଦେଖ । ଏଡ଼େ ବଡ଼ ସହର ଭିତରେ ହଜାରେ ଗାଡ଼ି, ଘୋଡ଼ା, ମଟର ଆଉ ହଜାର ହଜାର ମଣିଷ, କେତେ କାଠକା ମଣିଷ ବି—ସ୍ତ୍ରୀ, ପୁରୁଷ, ପିଲା ଛୁଆ, ଟୋକାଟୋକୀ, ବୁଢ଼ାବୁଢ଼ୀ—ହଜାର କେଁ କାଁ ପେଁ ପାଁ—ହଜାର ରଙ୍ଗ—ହଜାର ବାସ୍ନା ଆଉ କେତେ କଅଣ—ଏଇ ବିଚିତ୍ର ସ୍ଥାନ ମଧ୍ୟରେ ମଣିଷ ଅ.ତଯାତ ହଉଚି । ଏଇ ସହରଟାକୁ ଦେଖି ଜର୍ଜ କାବା ହୁଏ । ସଂସାର କହିଲେ ସେ ଏଇ ବିଚିତ୍ର ସ୍ଥାନଟିକୁଇ ମନେ ମନେ ଚିନ୍ତାକରେ । ଏଇଆକୁଇ ସେ ଜାଣେ ପୃଥିବୀ ବୋଲି । ତେବେ ଅନେକବେଳେ ଜର୍ଜର ମନରେ ଏଇ ପୃଥିବୀ ବିଷୟରେ ନାନା ପ୍ରଶ୍ନ ଉଠେ । ପୃଥିବୀର ବିଚିତ୍ର ଜିନିଷ ଭିତରେ ଆଗ ସେ ହଜିଯାଏ । ତା'ପରେ ସେ ଯେତେବେଳେ ସେ ଭିତରୁ ବାହାରି ପୁଣି ଥରେ ଘରଆଡ଼କୁ ଫେରେ, ସେତେବେଳେ ଏଇ

Digitized by srujanika@gmail.com

ପୃଥିବୀର ସବୁ କଥା ତାକୁ ଭାରି ଆଶ୍ଚର୍ଯ୍ୟ ଲାଗେ । ସେ ବୁଝିପାରେନା ଏସବୁ ହୋଇଚ୍ଛି କିପରି ? ଏ ସବୁକୁ ଗଢ଼ିଲା କିଏ ?—ନା, ଆପେ ଆପେ ଏ ହୋଇଗଲା ? ଏହିଭଳି ଅନେକ ପ୍ରଶ୍ନ ଯେତେବେଳେ ତା' ମୁଣ୍ଡରେ ପଶେ, ସେତେବେଳେ ଜର୍ଜ ଏଇ ନଜିର୍ ମିଆଁ ବୁଢ଼ାର ଆଶ୍ରା ନିଏ । ଲୋକଟା ଭାରି ଜ୍ଞାନୀ ବୋଲି ତାର ଧାରଣା । ତା' ଛଡ଼ା ସାରା ପୃଥିବୀକୁ ସେ ବୁଝିଆଡ଼େ ବୁଲିଚି ! ଜର୍ଜ ଏଇ ନଜିର ମିଆଁକୁ ନଜିର ଗୁରୁ ବୋଲି ଡାକେ । ସେ ତା ନଜିର ଗୁରୁ ପାଖକୁ ଯାଇ ତାକୁ ପଚାରେ—ନଜିର ଗୁରୁ, ଏଇ ପୃଥିବୀ କେମିତି ଏଠିକି ଆସିଲା ? ଏ ପୃଥିବୀରେ ଏତେ ଲୋକ ଆସିଲେ କୋଉଠୁ ? ଏ ଗଛ, ବୃକ୍ଷଲତା, ପକ୍ଷୀ ଏଠାକୁ ଆସିଲେ କେମିତି ? ସବୁକୁ କିଏ ତିଆରି କରିଚି ?

ନଜିର ମିଆଁ ଜର୍ଜର ପ୍ରତ୍ୟେକ ପ୍ରଶ୍ନର ଉତ୍ତରଦେବାକୁ ଚେଷ୍ଟାକରେ । ତାକୁ ନିଜକୁ ବି ଭଲଲାଗେ ଏମିତି ସବୁ ବଡ଼ ବଡ଼ ପ୍ରଶ୍ନର ଉତ୍ତର ଆଉ କାହାକୁ ଦବାପାଇଁ । ଜର୍ଜଠାରେ ଗୋଟାଏ ବୁଢ଼ିଆ ପିଲାର ନିଶାଣ ସେ କିଛି ବାଣବା ଦିନଠୁଁ ନଜିର ମିଆଁ ଜର୍ଜର ସାଙ୍ଗ ବନିଯାଇଥାଏ । ସେ ଭାବେ, ତା' ଜୀବନରେ ଯେତେ ଯେତେ ଶିକ୍ଷା ସେ ପାଇଚି, ସବୁତକ ଏଇ ଟୋକା ଉପରେ ଅଜାଡ଼ି ଦେଇ ତାକୁ ଗୋଟାଏ ମୁନ୍ସୀ କରିଦେବାକୁ ।

ପ୍ରଥମେ ସହର ବା ଏଇ ପୃଥିବୀର ଉତ୍ପତ୍ତି ସମ୍ବନ୍ଧରେ ନଜିର ଜର୍ଜକୁ ଜ୍ଞାନଦିଏ । ନଜିର କହେ—ଖୋଦା ବୋଲି ଗୋଟାଏ ତାରିଫ୍ ଲୋକ ଏଇ ସହର, ଓରଫ୍ ଜମାନାକୁ ବନେଇଚି । ଆଗେ ଏଇ ସହରରେ ଆଦୌ ଲୋକବାକ ନ ଥିଲେ; ଏମିତିକି ଗୋଟାଏ ଘାସଗଛ ବି ନ ଥିଲା ଏଠି । ସବୁଆଡ଼େ ଥିଲା ଖାଲି ବାଲି—ଯାହାକୁ ମରୁଭୂମି ବା ରେଗାସ୍ଥାନ୍ କୁହାଯାଏ । ସୂର୍ଯ୍ୟକିରଣରେ ସେ ବାଲି ଖାଲି କୋଇଲା ନିଆଁ ଭଳି ଦାଉଦାଉ ଜଳୁଥାଏ । ପାଣିର ତ ନାଁଗନ୍ଧ ନ ଥିଲା, ଖାଲି ଏଇ ନିଆଁ ଉପରେ ଗୋଟାଏ ଝିଲ୍‌ମିଲ୍ ଝିଲ୍‌ମିଲ୍ ହୋଇ କିଛିଟା ଯାହା ନାଚୁଥିଲା—ସେଇଟା ଦୂରକୁ ପାଣିଭଳି ଦେଖାଯାଉଥିଲା···ଏଇ ଜଳନ୍ତା ମରୁଭୂମି (ରେଗାସ୍ଥାନ୍) ଦିନେ ଖୋଦାଙ୍କର ଆଖିରେ ପଡ଼ିଲା; ମକ୍କା ଯିବା ବାଟରେ ଦିନେ ଏଇଠି ଖୋଦାଙ୍କର ଓଟ ଅଟକି ଠିଆହୋଇଗଲା ।

ରେଗାସ୍ଥାନ୍‌ର ନିଆଁ ଦାଉରେ ଠିଆହୋଇ ଓଟ ଯେତେବେଳେ ନିଆଁକୁ ଗୁହାରି ଆହାବି-ଗଲା, ସେତେବେଳେ ଖୋଦାଙ୍କର ଆଖି ଖୋଲିଗଲା । ଖୋଦା ଓଟକୁ ପଚାରିଲେ—ରୋକିଗଲୁ କିଆଁ ?

ଓଟ ଉତ୍ତର ଦେଲା—ଖୋଦା ! ସାମନାରେ ଖଉଫ୍‌ନାକ ରେଗାସ୍ଥାନ୍ ଏଠାରେ ଗୋଟାଏ ଟୋପା ପାଣିର ଗନ୍ଧ ହେଉନାହିଁ କି ଏ ଖଣ୍ଡମଣ୍ଡଳରେ ଗୋଟାଏ କଣାପଇରର ବାସ୍ନା ମଧ୍ୟ ବାରି ହଉନାହିଁ । ସୂର୍ଯ୍ୟକିରଣରେ ଏହାର ବାଲି ଜଳୁଚି । ପରେ କି କୌଣସି କାରଣରୁ ଏ ରେଗାସ୍ଥାନ୍ ଅବ ଅବ ଛୁଟିକି ଆସିଚି ସୂର୍ଯ୍ୟଦିହକୁ । ହେ ଆଲ୍ଲା ! ତଳ ତାତି ଆଉ ଉପରର ତାତିରେ ମୋର ଦିହ ଜଳିଯାଉଚି, ଶୋଷରେ ମୋର ତଣ୍ଟି ଶୁଖିଯାଉଚି, ଭୋକରେ ମୋର ପେଟ ପୋଡ଼ିଯାଉଚି, ମୋର ପାଦ ଆଉ ଚଳୁନାହିଁ । ହେ ଖୋଦା ! ମତେ ଆହାର ଦିଅ—ମତେ ପାଣି ଦିଅ—ନଚେତ୍ ମୋର ଜୀବନ ଅବ ଅବ ଉଡ଼ିଯିବ !

Digitized by srujanika@gmail.com

ଓଟର ପ୍ରାର୍ଥନା ଶୁଣିପାରି ଏବଂ ଓଟଟିର କଷ୍ଟ ବୁଝିପାରି ଖୋଦା ଓଟ ପିଠିରୁ ଚାଲକୁ ଓହ୍ଲେଇଲେ । ପଛକୁ ଫେରିବେ କି ଆଗକୁ ଯିବେ ଏମିତି ଚିନ୍ତା ସେ କରୁଚନ୍ତି, ଏହିପରି ସମୟରେ ଉପରକୁ ତାଙ୍କର ନଜର ଗଲା । ସେ ଦେଖିଲେ—ବହୁତ ଉପରେ, ଆକାଶରେ ଯାଇଁ ଯାଇଁ ହୋଇ ପଶ୍ଚିମରୁ ପୂର୍ବକୁ ଛୁଟିଚାଲିଚି ବାଦଲ୍—ଧଳା ଧଳା ବାଦଲ୍—ଟଲ୍‌ବୁଲ୍ ଗରମ ବାମ୍ପ ଭଳି । ମରୁଭୂମିର ତାତିରେ ବାଦଲ ବି ବର୍ଷା କରୁଚି କୋଉଠି ? ଯାହା ବା ବର୍ଷୁଚି ସେଗୁଡ଼ାକ ଉପରେ ଉପରେ ପୁଣି ବାମ୍ପ ହୋଇ ଉଡ଼ି ଚାଲିଯାଉଚି ।

ଖୋଦା ଦେଖିଲେ ପଛକୁ ଫେରିବାର ଜରୁରତ୍ ନାହିଁ । ସେ ମେଘକୁ ଆଦେଶ ଦେଲେ—ରେ ମେଘ, ତୁ ଥିର୍‌ହ—ଠଇର ଯା—ଶାନ୍ତ୍ ହ—ଥଣ୍ଡା ହାଓ୍ୱା ସଙ୍ଗେ ମିଶି ତୁ ବର୍ଷା କର—ଏପରି ଶୀଘ୍ର ଆଉ ଏତେ ଜୋର୍‌ରେ ବର୍ଷା କର ଯେମିତି ଏ ମରୁଭୂମିର ତାତି ତୋର ପାଣିକୁ ଯେତିକି ଯେତିକି ବାମ୍ପ କରି ଦେଉଥିବ, ତୁ ସେତିକି ପାଣି ପୁଣି ନିଗାଡ଼ି ଦେ ତୋ ଦେହରୁ । ତା' ହେଲେ ଏ ମରୁଭୂମି ଥଣ୍ଡା ହୋଇଯିବ, ଆଉ ମୋର ଓଟର ତକଲିଫ୍ ବି ଯିବ ।

ଖୋଦାଙ୍କର ଆଦେଶ ନ ମାନିବାର ଜୁ ନଥିଲା ମେଘର । ପ୍ରଥମେ ମେଘଗୁଡ଼ାକ ଜମାଟ ବାନ୍ଧିଯାଇ ବହୁତ ସମୟ ଧରି ଆକାଶରେ ଚକ୍‌କର୍ କାଟି ବୁଲିଲେ । ମେଘ ଜମାଟ୍ ବାନ୍ଧିଯିବାରୁ ସୂର୍ଯ୍ୟ ଆଉ ଦେଖାଗଲା ନାହିଁ । ଅନ୍ଧାର ଘୋଟିଆସିଲା । ଏତିକିବେଳକୁ ଥଣ୍ଡା ପବନ ବି ମାଡ଼ିଆସିଲା । ପବନ ମେଘର ବାମ୍ପକୁ ଥଣ୍ଡା କରିଦେବା ମାତ୍ରେ ଟପ୍‌ଟପ୍ ହୋଇ ଗଳିପଡ଼ିଲା ବଡ଼ ବଡ଼ ପାଣିଠୋପା । ହେଲେ ମରୁଭୂମିର ତାତିରେ ସେ ପାଣି-ଠୋପାଟା ବି ରହିଲା କେତେକେ ? କିନ୍ତୁ ମେଘ ବି ଏଣେ ନଛୋଡ଼ବନ୍ଦା ।

ମେଘର ପାଣି ଆଉ ମରୁଭୂମିର ତାତି ମିଶି ଆଗ ଉଠିଲା ଗୁଡ଼ାଏ ଧୂଆଁ ଆଉ ଧୂଳି । ସେଇ ଧୂଆଁ-ଧୂଳିରେ ଚାରିଆଡ଼ ଆହୁରି କିଟ୍‌କିଟ୍ ଅନ୍ଧାର ହୋଇଗଲା । ଏମିତି ସେ କେତେ ଦିନ କେତେ ରାତି ଧରି ଅନ୍ଧାର ଘୋଟିରହିଲା କେଜାଣି ? କିନ୍ତୁ ସେଇ ସମୟ ଭିତରେ ଗୋଟାଏ ଅଚମ୍ଭା ଘଟିଗଲା । ମରୁଭୂମି ଥଣ୍ଡା ହୋଇ ତା ଉପରୁ ସେଇ ଅନ୍ଧାର ଚାଲିଯାଇ ପୁଣି ଥରେ ନୂଆ କରି ସକାଳ ହେଲା, ଆଉ ସୁନେଲି ସୂର୍ଯ୍ୟକିରଣ ଯେତେବେଳେ ଖେଳେଇ ହୋଇଗଲା, ସେତେବେଳକୁ ସେ ମରୁଭୂମି ଆଉ ମରୁଭୂମି ହୋଇ ନ ଥିଲା । ନାନା ଜାତିର ଗଛଲତା, ଫୁଲଫଳରେ ଜାଗାଟା ଭର୍ତ୍ତିହୋଇଯାଇଥିଲା । ସେଇ ହୁତ୍‌-ହୁତ୍ ହୋଇ ଜଳୁଥିବା ମରୁଭୂମିଟା ପୁଣି ଘଞ୍ଚଜଙ୍ଗଲ ପାଲଟିଗଲା । ରାତି ପୂର୍ବରୁ ଯୋଉଠି ଠୋପାଏ ପାଣି ତ ଦୂରର କଥା, ଯୋଉ ଜାଗାଟା ସୂର୍ଯ୍ୟ ଦିହରୁ ଛୁଟିକି ଆସିଥିଲା ବୋଲି ମନେହେଉଥିଲା, ସେ ଜାଗା ଉପରେ ପୁରୁଷେ ପୁରୁଷେ ଉଞ୍ଚ ବରଫ ଜମା ହୋଇଯାଇଥିଲା । ଧୀରେ ଧୀରେ ବରଫ ତରଳିଗଲା । ପାଣି ନିଗିଡ଼ିଗଲା । ନଈ ତିଆରି ହେଇଗଲା । ସମୁଦ୍ର ହେଇଗଲା । ସମୁଦ୍ରରେ କୁଆର ଉଠିଲା । ସମୁଦ୍ରରୁ ପାଣି ପୁଣି ଖରା-ଧାସରେ ବାମ୍ପ ହେଇଗଲା । ବାମ୍ପ ପୁଣି ବାଦଲ ହୋଇ ଆକାଶରେ ଉଡ଼ିଲା । ଖୋଦାଙ୍କ ହୁକୁମ ଜାରି ରହିଲା । ବର୍ଷା ହେଲା ।

Digitized by srujanika@gmail.com

ଖୋଦାଙ୍କ ଓଟ ମନଇଚ୍ଛା ପାଣି ପିଇନେଇ ଓ ଜଙ୍ଗଲରୁ ପେଟେ ପେଟେ ପତ୍ର ଖାଇ ତାର ଫିରିବାବାଟରେ ଚାଲିଲା । ତେବେ ସେଯାକେ ମଣିଷ ବୋଲି ଗୋଟାଏ ଜାନୁଆର୍‌ର ପାଦ ଏଇ ଜଙ୍ଗଲରେ ପଡ଼ି ନ ଥିଲା । ମଣିଷକୁ ଖୋଦା କେବେ ତିଆରି କଲେ ଓ କାହିଁକି ତିଆରି କଲେ ସେ କଥା ନଜର ମିଆଁର ଅକଲ ଭିତରେ ନ ଥିଲା । ତେବେ ସେ ଜର୍ଜ ମୁଣ୍ଡରେ ତା' ବିଷୟରେ ଆହୁରି ଅନେକ କଥା ଢୁକେଇଦେଇଥିଲା ।

କବରାଜ ପିଣ୍ଡାରେ ଗଡ଼ପଡ଼ ହଉ ହଉ ଥଣ୍ଡା ପବନ ଲାଗି ଜର୍ଜକୁ କେତେବେଳେ ନିଦ ଧରିଯାଇଚି । ହଠାତ୍ ଚିତ୍‌କିନା ଚୋକାଟାର ନିଦ ଭାଙ୍ଗିଗଲା । ଚମକି ପଡ଼ି ସେ କାନେଇଲା । କଅଣ ଗୋଟାଏ ଫଟ୍‌ଫଟ୍ ଶବ୍ଦ ତା' ପାଖରେ ଶୁଣି ସେ ଉଠି ବସିପଡ଼ିଲା । ଉଠିପଡ଼ି ଦେଖେ ତ ଗୋଟାଏ ଖଣ୍ଡିଆ କୁତ୍ତୀ କେତେବେଳୁ କୁଣ୍ଡଳୀ ପକେଇ ତା' ପାଖେ ଶୋଇଚି । ମଝିରେ ମଝିରେ ତାର କଅଣ ହଉଚି କେଜାଣି, ଖୁବ୍ ଜୋର୍‌ରେ ମୁଣ୍ଡଟାକୁ ହଲଉଚି । ଏତେ ଜୋର୍‌ରେ ମୁଣ୍ଡଟା ତାର ହଲୁଥାଏ ଯେ କାନ ଦଇଟା ଗୁଟି ହେଇ ତା ମୁଣ୍ଡରେ ବାର ବାର ବାଡ଼େଇ ହେଇ ଏମିତି ଫଟ୍‌ଫଟ୍ ହଉଚି ।

"ହେଃ, ହେଃ ··ଶାଲୀ ତେରୀ ବୁନିୟାଦ···ଯାଃ—ଯାଉଚ କନା ବେଃ"—ନଜର ମିଆଁର ଏଇ ଗାଳିଟା ଜର୍ଜକୁ ଭାରି ଚମତ୍କାର୍ ଗାଳିଭଳି ମାଲୁମ୍ ପଡ଼େ । ଏଇ ଗାଳି ଭିତରେ ନଜରର ପୁରୁଷର ଜୋର୍ ଆଉ ଦମାକ୍ ଯେତେ କି ପ୍ରକାଶ ପାଇଯାଏ । ମଣିଷର ପୁରୁଷପଣିଆଟା ଅନ୍ୟକୁ ଜଣେଇଦବାପାଇଁ ଯେତେ ଯେମିତି ଏଇ ମାତ୍ର ଗୋଟାଏ ଗାଳି ସମାରରେ ରହିଚି, ଯାହା କି ନଜର ମିଆଁ ଛଡ଼ା ଆଉ କାହାକୁ ମାଲୁମ୍ ନାହିଁ—ତା' ଛଡ଼ା ତା' ସାଙ୍ଗକୁ ନଜର ମିଆଁର ସେଇ ଦଲ୍‌ଦାରିଆ ଅମିଶ୍ର ସ୍ୱରଖଣ୍ଡିକ ବି ଜର୍ଜର ଅନୁକରଣୀୟ ହୋଇପଡ଼େ । ସୁବିଧା ପାଇଲେ ଜର୍ଜ ନଜର୍ ମିଆଁର ନିଜସ୍ୱ ସେ ଗାଳି ଆଉ କଣ୍ଠସ୍ୱରକୁ କାମରେ ଲଗେଇଦବାପାଇଁ ବରାବର ଓର ଉଣ୍ଡୁଥାଏ । ହଠାତ୍ କୁତ୍ତୀଟା ଉପରେ ରାଗିବାର ଆବଶ୍ୟକତା ଅନୁଭବ କରି ଜର୍ଜ ପାଟିକରି ଉଠିଲା—"ହେଃ, ହେଃ···ଶାଲୀ ତେରୀ ବୁନିୟାଦ···"

ନିଦରୁ ଉଠି ସେ କିଛି ସଫାକରି ଦେଖି ପାରୁ ନ ଥାଏ, କି ଭାବି ପାରୁ ନ ଥାଏ ମଧ୍ୟ । ଗାଳି ଦିଆସରେ କେତେବେଳେ ଯେ ତାର ସ୍ୱର କେତେ ଉଚ୍ଚକୁ ଚଢ଼ିଯାଇଥିଲା, ସେ ବିଷୟରେ ଆଦୌ ଖିଆଲ ନ ଥାଏ ଜର୍ଜର । କ୍ରମେ ସେ କୁତ୍ତୀ ପ୍ରତି ତାର ରାଗ ଚାଲି-ଯାଇଥିଲେ ବି ଖାଲି ଗାଳିଦବାପାଇଁ ସେ କୋଉ ଅଦୃଶ୍ୟ ଲୋକକୁ ଗାଳିଦେବାକୁ ଆରମ୍ଭ କରିଦେଇଥାଏ । ହଠାତ୍ ଏମିତି ଅଧିକାର ରଖି ଖୋଲଖୋଲ ଭାବେ କାହାକୁ ଗୋଟାଏ ଗାଳିଦେବା ପାଇଁ ତାକୁ ଭାରି ଭଲଲାଗୁଥାଏ । ସେ ନିଦବାଉଳାରେ ଶୂନ୍ୟକୁ ଗାଳି ଦଉଥାଏ; କିନ୍ତୁ ଗାଳି ଦଉ ଦଉ ନିଜ ସ୍ୱରକୁ ବି ସେ କାନଦେଇଥାଏ । ସେ ଶୁଣୁଥାଏ—କେତେ ଗମ୍ଭୀର ଆଉ କେତେ ଖାନ୍‌ଦାନୀ ଶୁଣାଯାଉଥାଏ ତାର ନିଜ ସ୍ୱରଟା ତା ନିଜକୁ ! କେବଳ ସେତିକି ନୁହେଁ—ତାର ଆତ୍ମଉପଲବ୍ଧି ଆହୁରି ଉଚ୍ଚକୁ ଉଠି ଯାଉଥାଏ । ନିଜର ଗର୍ଜନରେ ନିଜେ ଆଶ୍ଚର୍ଯ୍ୟ ହେଇ ସେ ଭାବୁଥାଏ—ବାପ୍‌ରେ ବାପ୍ !

Digitized by srujanika@gmail.com

କୋଉ ଦିନଠୁଁ ସେ ଚିପିଗଲାଣି ବୁଢ଼ା ନଙ୍କର ମିଆଁର ଗର୍ଜନକୁ ! ଗ୍ରାମ୍ ଫିଂ ! ଗ୍ରାମ୍ ଫିଂଟା ମାଇଚିଆଟାଏ । ଦେଖିବାକୁ ଯେମିତି ମୋଟା, ତା ତଣ୍ଟିଟା ସେମିତି ନରମା ! ଏଃ ! କଅଣ ଶୁଭେ ତା ସ୍ୱରଟା ? ଗର୍ଜନ କରିବ ଯଦି ଏମିତି ଗର୍ଜ—

ହଠାତ୍ ଜର୍ଜର ସ୍ୱର ଫାଟିପଡ଼ିଲା—"ହେଃ—ଶାଲା ଡେଖ୍ ବ୍ଲଡ୍‌ସ୍ୱାଇନ୍; ଡେଖ୍ ମା··· ଡେଖ୍ ବଦ୍ରନ୍··· ଡେଖ୍···"

ସେ ଯେ କେତେବେଳଯାକେ ସେମିତି ବକର୍ବକର୍ହେଉଥିଲା ତାର କିଛି ଖିଆଲନାହିଁ; କିନ୍ତୁ ତାର ସବୁ ବୁଦ୍ଧିଶୁଦ୍ଧି ଯାହା କୁଆଡ଼େ ଯାଇଥିଲା, ସେଗୁଡ଼ାକ ପୁଣି ଫେରିଆସିଲା ହଠାତ୍ ।

ଥଣ୍ଡା ପବନ ବାଜି ବୁଢ଼ୀକୁ ଗ୍ଲାଇନିଦ ଧରି ଆସିଥିଲା । ଜର୍ଜର ପାଟିରେ ତାର ନିଦ ଭାଙ୍ଗିଗଲା । ବିସ୍ମୟ ସେକଡ଼୍ୟୁ ବୁଢ଼ୀ ଡାକ ମାରିଲା—"କଅଣ କରେ ହେ ? ଆରେ କିଏ ସେ ?" ବୁଢ଼ୀ କିମ୍ବାଟ ମାରିଲା ଦୋକାନ ଭିତରୁ "କାହାର ଏମେତି ହିଂସା ଉଡ଼ିଯାଉଛି, ବେଳ ନବୁଡ଼ୁଣୁ କୋଉ ସେ ଅଲେଖଣୀ ପୁତଖାଇର ଦିହ ଏମିତି ଗରମ ହେଇଯାଉଛି— କୁଆଟାକୁ ମୋଅର ରଖେଇ ଥୋଇ ଦେଲେନାହିଁ ଏ ସବାଖାଇବ ! ହଇରେ କଅଣ ?"

ବୁଢ଼ୀର ଡାକରେ ଜର୍ଜର ମୁଣ୍ଡ ଠିକଣାହେଲା । ସେତେବେଳକୁ ସେ କୁଣ୍ଢାଟା କୁଆଡ଼େ ଯାଇସାରିଲାଣି । ଜର୍ଜର ଗାଳି ସେ ବୁଝୁ ବା ନ ବୁଝୁ ସେଠି ଯେ ଆଉ ରହିବାର କଥା ନୁହେଁ, ଏକଥା କୁଣ୍ଢାଟା ନିଶ୍ଚୟ ବୁଝିପାରି ପଳେଇଥିଲା ଅନେକବେଳୁ । ଖାଲି ଚୋଟାଏ ଫୁରୁକୁଟିଆ ଶବ୍ଦ ଯାହା ଉଠୁଥାଏ ତା ଶୋଇବା ଜାଗାରୁ । ବୁଢ଼ୀର ଡାକର ଜବାବ ନ ଦେଇ ଜର୍ଜ ଚୁପ୍ ରହିଲା ।

ଜର୍ଜକୁ ହଠାତ୍ ଏମିତି ଚୁପ୍ ହେଇଯିବାର ଦେଖି ବୁଢ଼ୀ ମନକୁ ପାପ ଛୁଇଁଲା । ତା' ପରେ କି ଖିଆଲ ତା' ମୁଣ୍ଡରେ ପଶିଲା କେଜାଣି, ବୁଢ଼ୀ ଲୁହାଖଣ୍ଡକାଟାକୁ ଗୋଟେଇ ଆଣି କାଠକ୍ୟାବିନ ତଳକୁ ଦବିଣ୍ଡି ଦବିଣ୍ଡି ଓହ୍ଲେଇ ଆସିଲା । ଧୀରେ ଧୀରେ ତା'ମୁଣ୍ଡକୁ ପିଞ୍ଚି ଚହଟୁଥିଲା । ଦି ଖେପାକେ ସଡ଼କଟାକୁ ପାରହୋଇ ବୁଢ଼ୀ ଯାଇ ପହଞ୍ଚିଲା କବିରାଜ ଦୋକାନ ପିଣ୍ଡାରେ—ଯୋଉଠି ଜର୍ଜ ଶୋଇଥିଲା ସନ୍ଧ୍ୟାବେଳୁ ।

ଜର୍ଜ ତା' ଗାମୁଛାକାନିକୁ ଗୋଟେଇଲା । ସେ ଦେଖିଲା ଆଉ ଶୋଇହେବ ନାହିଁ ଏଥର । ଭଲକରି ଅଳସ ଗୋଟାଏ ଭାଙ୍ଗି ସେ ଉଠିବାର ଉପକ୍ରମ କରୁଛି, ଏହି ସମୟରେ ଯାଇ ହାବୁଡ଼ିଗଲା ବୁଢ଼ୀ ।

"କିରେ କିଏ ସେ ? କିଏ ଆସିଥିଲା ଏଠିକି ? କାହାର ଏଡ଼େ ବହପ ମୋଘର ଭିତରୁ ମୋ ଉଡ଼ିଆଣି କୁଆକୁ ଘେରେଇ ନବ ? କିଏ ସେ ପୂତନା ?"—ବୁଢ଼ୀ ଗୋଟାଏ ବଦ୍ଧମୂଳ ଧାରଣା ଧରି ଆସି ପହଞ୍ଚିଲା ନିଶ୍ଚୟ । ଥରେ ଆରମ୍ଭ ହେଲେ ବୁଢ଼ୀର ପାଟି ଆଉ ବନ୍ଦ ହବାର ନୁହେଁ । ଜର୍ଜ ଏକଥା ଜାଣେ । ଆଉ ଜର୍ଜ ମଧ୍ୟ ଜାଣିଥିଲା—କାହାକୁ ଦେଖେଇ ଶୁଣେଇ ବୁଢ଼ୀ ବର୍ଷିଯାଉଥିଲା ତାର ଗାଳିଗୁଡ଼ାକୁ । ବାପ୍‌ରେ ବାପ୍ । ଏଇ କଅଣ ମାଇକିନା ? ଏଇ କଣ ମାଇକିନାମାନଙ୍କର ନିଜ ରୂପ ? ଖିର ସାମଲ କହୁଥିଲା ଏଇ କଣ ସ୍ତ୍ରୀଲୋକମାନଙ୍କର ନିଜ ରୂପ ? ଜର୍ଜ ଚୁପ୍ ରହିଲା । ତାକୁ ବିରକ୍ତ ଲାଗୁଥିଲା ଯେତିକି, ଖୁସି

Digitized by srujanika@gmail.com

ଲାଗୁଥିଲା ମଧ୍ୟ ସେତିକି । ସେ ଖୁସି ହଉଥିଲା ସେ ଯାହା ହଉ ବର୍ତ୍ତମାନ ବୁଢ଼ୀ ଆଖିରେ ସେ ଗୋଟାଏ ମଣିଷ ଭଳି ଦେଖାଗଲାଣି । ତା' ପୁରୁଷପଣିଆ ନିଶ୍ଚୟ ବୁଢ଼ୀ ଆଖିରେ ପଡ଼ିଲାଣି । ନାଇଲେ ସେ କିଆଁ ପଚାରୁଚି ସେ ସେଇ ଲଣ୍ଡି ବାଲା ମାଇକିନା ଏତେବେଳେ ଏଠିକି ଆସିଥିଲା ବୋଲି ?

ଜର୍ଜକୁ ଚୁପ୍ ରହିବାର ଦେଖି ବୁଢ଼ୀର ରାଗ ଆହୁରି ଚଢ଼ିଲା । ସେ ବୁଝିଲା ସେ ନିଶ୍ଚୟ ଏ ମୂଳରେ କିଛି କଥା ଅଛି । ତାର ପାଟି ଚଢ଼ିଲା—“କିରେ ? ହେ ପୋଡାମୁହାଁ ! କିରେ କହୁନୁ କାହିଁକି ? କିଏ ଆସିଥିଲା ଏଠିକି ? ତା ନାଁ'ଟା କହୁନୁ କାହିଁକି ? ଦେଖିବା କେଡ଼େ ମାଇପିପଣିଆ ଦେଖେଇ ହଉଚ ସେ—ଏଇକ୍ଷଣି କା ଓଟାଇ ଆଣିବ ସେ ସବାଖାଇ, ଛତରଖାଇ, ବାରଦୁଆରୀଙ୍କ ଲହଲହ ଡାହାଣୀ, ଚଉଗୁଣୀ ଜିଭକୁ—ସବାଖାଇଙ୍କ ଗ୍ରୀବା ଉପରେ ଚଢ଼ି···ଇଁରେ କହୁମ—ସେ ପିତାଶୁଣୀ କିଏ—କାହା ମୁହଁରେ ନିଆଁ ଦିଆ ହବାକୁ—କାହା ବଅଁଶ ବୁଡ଼ିମରିବାକୁ—କିଏ, ସେ କିଏ ?···

ଜର୍ଜ ଦେଖିଲା, ବୁଢ଼ୀର ଗାଳି ବନ୍ଦ ହବାର ନୁହେଁ । ଖାଲି ସେତିକି ନୁହେଁ, ଆଉ ଟିକିକେ ଯୁଦ୍ଧ ଆରମ୍ଭ ହୋଇଯିବ ଏଠି । ବୁଢ଼ୀର ପୋଉ ମୁହଁ ଆଉ ଯୁଆଡ଼କୁ କଥା ଯାଉଚି, ଏଥେରେ ସେ ଲଣ୍ଡି ବାଲା ମାଇକିନା କି ଆଉ ଚୁପ୍ ହେଇ ରହିବ ? ଆଉ ଟିକିକେ ସେ ବାହାରି ଆସିବ ଗାଡ ଭିତରୁ । ଦୁଇ ନାଗୁଣୀଙ୍କ ଯୁଦ୍ଧ ଲାଗିଯିବ ଆଉ ଟିକିକେ—ଆଖିପିଛୁଡ଼ାକ ଭିତରେ । ଦହେଁ ଗାଳିବେ ଦହିଁଙ୍କର ବଂଶ । ଶେଷକୁ ସେ ଲଣ୍ଡି ବାଲୀ କାହାକୁ କାମୁଡ଼ିବ ! ଅଉ ସେ ଲଣ୍ଡି ବାଲୀ ଯଦି ଗର୍ଭିଣୀ ହୋଇଥିବ, ତା' ହେଲେ ତ ସର୍ବନାଶ । ନାକର ମିଆଁ ନାହିଁ; ଔଷଧ ଦବ କିଏ ?

ବିରକ୍ତ ହେଇ ଜର୍ଜ କହିଲା—“ଆଲୋ ହେ, କାହିଁକି ଗୋଟାଏ ସେମିତି ଗର୍ଜନ କରୁଚୁ ? କାହାକୁ ତୁ ସମ୍ଭୁଚୁ ସେତିକିବେଳୁ ? କହିଲି ପରା ଗୋଟାଏ ବୁଲା କୁକୁରୀ ଆସି ଶୋଇଥିଲା ସେ ମୁଁ ତାକୁ ଘଉଡ଼ଉଥିଲି ସେତିକିବେଳୁ । ସେ ମୋଟେ ଉଠିଲାନାହିଁ ଏଠୁ । ଆଖର ତାକୁ ଦେଲି ଦି'ପାହାର; ସେଇଠୁ କେ କେଁ ହେଇକରି ଗଲା ସେ ଏଠୁ । ଏତିକି ବୁଝିପାରୁନୁ ? ପାଟିଟାଏ କରୁଚୁ ? ସତେ କି ଏଠି ଖାଲି ଲୋକ ଭର୍ତ୍ତି ହେଇଚନ୍ତି—ମୁଁ କୋଉଠି ଶୋଇଲି, କୋଉଠି ବସିଲି, ଲୋକେ ଖାଲି ଟିପି ନଉଚନ୍ତି—ତାଙ୍କୁ ଆଉ ଲୋକ ମିଳୁନାହାନ୍ତି ସେ ଦଉଡ଼ିଚନ୍ତି ମୋପାଖକୁ ।”

“ନାଇଁମ !” ଖିଙ୍କାରି ଉଠିଲା ବୁଢ଼ୀ, “ଛତରଖିଆ ଭଳେଇ ହଉଚ । ହଇରେ ମୁଁ ବଞ୍ଚି ଥାଉଁ ଥାଉଁ ମୋ ଘରେ ପଶି ଏ ଅନାଚାର ? ଆରେ ହେ, ମୁଁ କଣ ମଲିଣି ? କାହିଁକି ? ନ ହେଲା ନାଇଁ ଏବେ ଗେଲବସରପଣିଆ—ପୁଅପଣିଆ ଚୁଲିକି ଯାଉ—କହ, ସତ କହ—କହ କିଏ ଆସିଥିଲା ଏଠିକି ଏଇଲେ ।”

“ଆଲୋ, କେହି ନାଇଁ—କିଏ କାହିଁକି ଆସିବ ?” ଜର୍ଜର ପାଟି ବନ୍ଦ ହେଇଗଲା । କଥାଟାକୁ ଆଉ ବେଶି ନ ବୁଝେଇ ସେ ଦେଖିଲା ଚୁପ୍ ହେଇଯିବା ଭଲ । ସେଣିକି ଯିଏ ଯାହା ସେଥିରୁ ବୁଝିବ ବୁଝୁ ।

Digitized by srujanika@gmail.com

କିନ୍ତୁ ବୁଢ଼ୀ ଗାଲରେ ଚେଁକନା ଲାଗିଗଲା ଜର୍ଜର ସେଇ ପଦ ପଢ଼ାକିଆ, ବାର୍ଥିଗି ଗୁଆଁଗ ଉତ୍ତର । ହଠାତ୍ ବୁଢ଼ୀର ସବୁ ଅଭିମାନ ଖାଙ୍କି ପଡ଼ିଲା । ଜର୍ଜଠାରୁ ତେବେ ସୁଦ୍ଧା କୌଣସି ସଠିକ୍ ଜବାବ ନ ପାଇ ବୁଢ଼ୀର ମନଟା ହଠାତ୍ କାହିଁକି ଦବିଗଲା । ତଥାପି ଟୋକାଟାଠୁଁ ଠିକ୍ ଉତ୍ତର ପାଇବାକୁ ଆଶା ରଖି ସେ କହିଲା—"ଏଁ ? କଅଣ କହିଲୁ ? କେହି ଆସି ନାହିଁ ? ଏ ସନ୍ଧଆବେଳ ନାଗିଛି; ତୁ ସତ କହୁଛୁ ? କହ, ସତ କହ କିଏ ଆଇଥିଲା । କେହି ଜରୁର୍ ଆଇଥିଲା । ହାଇରେ ହେ ! ତୁ ମତେ କଅଣ କରି ପାଉଛୁ କରେ ? ଆରେ, ତୁ କଣ ଭାବୁଛୁ ମୋର ନାକ ନାହିଁ ? ତୁ କଣ ଭାବୁଛୁ ଏ ବୁଢ଼ୀଟା କିଛି ବୁଝିପାରେ ନାହିଁ—ତୋ ମନକଥା ମତେ ଜଣାନାହିଁ ? କାହା ଦେହଗନ୍ଧ କେମିତି, ତୁ କଣ ଭାବୁଛୁ ମୁଁ ଧରିମାରିବ ନାହିଁ ? ଏ ଝଟକେ ସେଇ ସବାଖାଇ ସେଇ ପୁରୁଖାଇ ଧୋବଣୀର କାଣ୍ଡ । ସବାଖାଇ ବରଷକୁ ଗୋଟାଏ ଲେଖାଏଁ ଜନମ କରୁଛି—ମାଫ ଦଇଟା ଯାଇନାହିଁ—କଅଁଳାଛୁଆ ସେତିକିବେଳୁ ତକାପକେଇଛି ବୋଲି ମୁଁ ଜାଣେଇଛି —ଆଉ ଏବେ ଏ ଡାଆଣୀ ଗୁହ ଚଟିବାକୁ ଆଇଛି ଖାଆରି ? ସେ ଯେ ଆସି ଏଠେଇଁ ହାଜର, ତା ଏବେ କେମିତି ଜାଣିବ ମୁଁ ? ମୋ ମନକେ ମୋ ପୁଅ ଭଲ । ତାକୁ କେହି ପାରିବେନାହିଁ । ଆରେ—କନ୍ଦିବ କାହାକୁ ? ଅପଣା ସୁନା ତ ଭେଣ୍ଡି । ହେ ଛତରଖିଆ···" ବୁଢ଼ୀ ପୁଣି ଚିଆଁଇ ଉଠିଲା—"ହେ ଛତରଖିଆ !" ବୁଢ଼ୀ ଡାକିଲା—"ହେଇ ଗୁହିଁଥା ଏଇ ଲୁହା ଖଣ୍ଡାକୁ ! କହ, ସତ କହ, ନାହିଁ ତ ଗୋଗଛବାଡ଼ିଆ କରି ନୋଳା ଫଟେଇଦେବି ସେ ଦେହରୁ । ନହୁଲୁହାଣ କରିଦେବି, ଆଉ ଅବ ସେ ମାଉସ ଚମ ସେ ଯୋଗିନୀଖାଇଏ, ସବାଖାଇଏଙ୍କ ଆଖି ଫୁଟିପଡ଼ିବ, ପାଟିରୁ ନାଳ ସଡ଼ସଡ଼େଇବ, ମୋ କଅଁଳା ଛୁଆଟାକୁ ରଖେଇ ଯୋଇ ଦେବେ ନାହିଁ !"

ଅନ୍ଧାର ଏକେବାରେ ଦୋଷିକରି ଥାଏ । ଜର୍ଜ ସେମିତି ବସିଥାଏ । ଜର୍ଜ ଗୁହିଁଲା ବୁଢ଼ୀ ମୁହଁକୁ । ମୁହଁର ସବୁ କମନୀୟ ଅଦୃଶ୍ୟ । ଜର୍ଜ ଗୁହିଁଲା ବୁଢ଼ୀର ପାଦକୁ । ପାଦ ମଧ ଅଦୃଶ୍ୟ । ଧୀରେ ଖସିପଡ଼ିଗଲା ତାର ଆଖି ଦଇଟା ଉପରକୁ । ବୁଢ଼ୀ ଆଦୌ ଅନୁଭବ କରିପାରି ନାହିଁ ଜର୍ଜର ସେଇ ଚିକ୍କଣ ଖସଡ଼ା ଆଖି ଦଇଟା କେତେଥର ଉପର-ତଳ ଖସି ଖସି ଯାଇଛି ତାର ଦେହ ଉପରେ । ତାର ଆଖି ଆଦୌ ଜର୍ଜ ଉପରେ ନ ଥିଲା । ସେ ତାର ନାକ ନେଇ ବ୍ୟସ୍ତଥିଲା । ଏ ପର୍ଯ୍ୟନ୍ତ ସେ କିଛି ଗୋଟାଏ ସମାଧାନରେ ପହଞ୍ଚି ପାରୁନଥିଲ । ଏ କି ଗନ୍ଧ ! ସତେ କଣ କୁକୁରଟାଏ ?—ମଣିଷ ନୁହେଁ ? ତୁକ୍ଷେଇଁ କି ସେ ଏମିତି ଫାଟିକରିଛ ? ଏମିତି ଭାବୁ ଭାବୁ ବୁଢ଼ୀର ସ୍ୱର ଦବିଗଲା । ତଥାପି ତାର ସନ୍ଦେହ ପୁରାପୁରି ତୁଟୁ ନ ଥାଏ । ସେ ବୁଝିପାରିଲା—ସେ ହାରିଯାଉଛି ! ତାର ଆଖି, ନାକ, କାନ ଆଉ ଠିକ୍ କାମ କରିପାରୁ ନାହାନ୍ତି । ସବୁ ଧୀରେ ଧୀରେ ଭୁଲ୍ ହେଇଯାଉଛି ତାର ।

ବୁଢ଼ୀର ସ୍ୱର ଥମିଯିବା ସାଙ୍ଗେ ସାଙ୍ଗେ ଜର୍ଜର ନିଆଁ ବି ଥମି ଥମି ଗଲା । ସେତେ-ବେଳକୁ ସେଇ ଲଣ୍ଠନ ଭିତରେ ଗୋଟାଏ ଆଲୁଅ ମିଞ୍ଜି ମିଞ୍ଜି ହେଇ ଜଳିବାକୁ ଆରମ୍ଭ କଲଣି । ବୋଧହୁଏ ବ୍ୟବସାୟ ସେଠି ଜମିଆସୁଛି ।

Digitized by srujanika@gmail.com

ଜର୍ଜର ମନେପଡ଼ିଲା ନଙ୍କର ମିଆଁ କଥା । ନଙ୍କର ଏ ପର୍ଯ୍ୟନ୍ତ ଆସିନାହିଁ । ରାତି କେତେ ହେଲାଣି କେଜାଣି ? ସେ ଯେକୌଣସି ମୁହୂର୍ତ୍ତରେ ଆସିଯାଇପାରେ । ତା ପରେ ସାର ସାମଲା ବି ଶୋଇବ ଆରପାଖ ପିଣ୍ଡାରେ ।

ଜର୍ଜର ଆଖି ମିଟିମିଟି ହୋଇଗଲା । ସେ ଖୁବ୍ ଜୋର୍‌ରେ ଭଙ୍ଗମୋଡ଼ି ହେଲା । ତା'ପରେ ଟିକଏ ସମୟ ବସିଲା ସେ ଚୁପ୍ ହୋଇ । ସେ ଉଠି ଠିଆହେଲା । ଚୁପ୍ ହୋଇ ପୁଣି ଟିକଏ ଅପେକ୍ଷା କଲା । ଧୀରେ ଧୀରେ ସେ ଓହ୍ଲାଇଗଲା ପିଣ୍ଡା ତଳକୁ । ତା' ପରେ ଆଉ କିଛି ପାଇଁ ଅପେକ୍ଷା ନକରି ସେ ଡଗଡ଼ଗ ହୋଇ ଚାଲିଯାଇ ରାସ୍ତା ଟପି ପଶିଲା କ୍ୟାବିନ ଭିତରେ ।

ଝୋକାଟାର ଯିବା ବାଟକୁ ଚାହିଁ ଠିଆହେଲା ବୁଢ଼ୀ । ସେ ଦେଖିଲା—ଜର୍ଜ ଉଠିଲା । ଉହୁଙ୍କାଟାଏ ମାରି ସେ ଉଠିଲା କ୍ୟାବିନ୍ ଉପରକୁ । ତା'ପରେ ସେ ଉଭେଇଗଲା କ୍ୟାବିନ୍ ଭିତରର ଅନ୍ଧାରରେ ।

ଧୀରେ ବୁଢ଼ୀ ନଇଁପଡ଼ିଲା । ଚଟାଣରେ ହାତ ମାରି ମାରି ଠାବକଲା ସେ ଜାଗାଟା—ଯେଉଁଠି ଜର୍ଜ ବସିଥିଲା । ଏପର୍ଯ୍ୟନ୍ତ ତା ଦେହର ଉଷୁମ ଛାଡ଼ି ନ ଥାଏ ଟାଇଲ୍ ଉପରୁ ।

ପୁଣି ଥରେ ଉଙ୍କିମାରିଲା—ସନ୍ଦେହ, ବୁଢ଼ୀର ପେଟଭିତରେ । ନାଃ—ଗନ୍ଧ ଆସୁଛି । ମଣିଷ ଦେହର ଗନ୍ଧ ଆସୁଛି । ନିଶ୍ଚୟ ଏଠିକି ଆସିଥିଲା ସେଇ ସବାଖାଉ—କଅଁଳ ମାଉଁସର ସୁଆଦ ପାଇକରି । ହଠାତ୍ ହାତଦ'ଟାକୁ ଭରାଦେଇ ବୁଢ଼ୀ ନଇଁପଡ଼ିଲା ତଳକୁ । ଉଷୁମ ଚଟାଣରେ ବାଜିଲା ତାର ନୋଥବଙ୍ଗା ନାକର ଅଗ । ଶହେହାତ ଦୂରରୁ କଥାପଦଏ ଶୁଙ୍ଘି ଦେଇ ଯୋଉ ନାକ ମଣିଷର ଦେହଗନ୍ଧକୁ, ଆଉ ମନର ଗନ୍ଧକୁ ବି ଆଖି ପିଛୁଳାକ ଭିତରେ ଠଉର କରିନେଇପାରେ, ସେ ନାକ ଆଜି ତାର ଢିଲେ ଲାଗିଲା । ତଥାପି ମନରୁ ସନ୍ଦେହର ମୂଳପୋଛ ହୋଇପାରିଲା ନାହିଁ ବୁଢ଼ୀର ।

ବୁଢ଼ୀ ମାଟି ଦରାଣ୍ଡି ପକେଇଲା । ମାଟିର ବାସ୍ନା ବାରିଲା । ତଥାପି କିଛି ଧରିପାରିଲା ନାହିଁ ସେ । ସବୁ ଖାଲି ଦୋ-ଦୋ-ପାଞ୍ଚ ଭିତରେ ଉହ୍ୟ ରହିଗଲା । ଥକାମରା ହୋଇ ଥୋଡ଼ାଏ ସମୟ ବସିପଡ଼ିଲା ବୁଢ଼ୀଟା । ତା ମୁଣ୍ଡ ଝାଙ୍କିଦେଉଥିଲା । କାନଟାକୁ ପାରୁଥିଲା ସେ । ପୁଣି କ'ଣ ଭାବି କାନ ଉଠେଇ ନେଇ ସେ ବସିଲା । କ୍ୟାବିନ୍ ଆଲୁଅରେ ସେ ଦେଖୁଥିଲା—ଝୋକାଟା ଏକଡ଼ ସେକଡ଼ ହେଉଥାଏ ଦୋକାନ ଭିତରେ । ତାର ଡେଙ୍ଗା ଡେଙ୍ଗା ଗୋଡ଼ର ଛାଇ ଦଇଟା ତାଳଗଛ ଭଳି ଲମ୍ବି ପଡ଼ିଥିଲା ବାହାରେ—ରାସ୍ତା ଉପରେ । କେଡ଼େ ବଡ଼ ଛାଇଟାଏ ! ଅର୍ଧାନ୍ଧିଆ ହୋଇ ଦେଖାଯାଉଛି—ବୁଢ଼ୀ ଶଦ୍ଧାକଲା । ମନରେ ତାର ସମସ୍ତର ଛାଇ ପଡ଼ିଥିଲା ।

ଏଇ ବୋଲି ବକଟେ ପିଲା । ବର୍ଷେ ଗୋଟାଏ ତଳର କଥା । ହେଇ ସେଦିନ ସେ ଆସି ପହଞ୍ଚିଥିଲା ଏଇ ଦୋକାନ ଓଳିତଳେ । ଶୁଖିଲାମୁହାଁ ହୋଇକରି ଏଡ଼େ ବକଟେନାକୁ ପିଲାଟା ହୋଇଥିଲା । ସତେ କି କଣ୍ଢେଇଟିଏ ଗଢ଼ିଦେଇ ଦରବ ଆଣି ଫୋପାଡ଼ି ଦେଇ ଚାଲିଗଲା ତା' ଦାଣ୍ଡରେ; ଆଉ ସେଦିନକବେଳେ କିଏ ଯେମିତି ଡାକିକରି କହିଥିଲା ତାକୁ—"ହେଇ ନେ ଲୋ ବୁଢ଼ୀ ! ଖୋଜୁଥିଲୁ ଯାହା ନେ ! ଏଥର ତୋ କରମ ଆଉ ତା' ଧରମ !"

Digitized by srujanika@gmail.com

ବୁଢ଼ୀର ପେଟ ପୁଣଉଠିଲା । ସେଇ ଶୁଖିଲା ମୁହଁଟିକୁ ଅନେଇ ଦେଇ ତା ଅନ୍ତରୁକୁଳା ଥରଉଠିଲା—ସତେକି ଛୁଆଟା ସେଇଠୁ ବାହାରଆସି ଆଗରେ ଉଭା ହୋଇଗଲା ! ଧରମଦେବତାକୁ ସାକ୍ଷୀରଖି ସେଇଦିନ ସେ ନିସ୍ତମ କରିଥିଲା—"ହେ ଧରମ ! ତୁଇ ସାକ୍ଷୀ ରହିଲୁ—ପିଲାଟାଏ ଯଦି ଆଣିଦେଲୁ, ତୁଇ ତାକୁ ଶୁଭବୁଦ୍ଧି ଦେ ! ସେ ମତେ ମାଆ-ଆଖିରେ ଦେଖୁ, ଆଉ ମୁଁ ତାକୁ ପୁଅ-ଆଖିରେ ଦେଖେଁ—ମୋ କୁଳକୁ ପାଣି ଦବାପେଇଁ ଏଇ ପିଲାଟିକି ତୁ ଆଇଷ ଦେ, ତା କଣ୍ଠରେ ବଳେ ଦ, ତାକୁ ଭଲ ବୁଦ୍ଧି ଦେ—ମୋର ଘର ହେଲା ନାହିଁ, ମୋର ଗଛଆ ହେଲା ନାହିଁ, ପାଞ୍ଚ ପାଞ୍ଚ ବରଷରୁ ପାଳିତ ପୁଏ ବଡ଼ ହେଲେ, ସମିତିଙ୍କ ଦେହର ରକତ ଉଷୁମ ହେଲା, ନାକତଳେ ନିଶ ଗଜୁରିଲା, ଆଉ ସମିତେ ଅନେଇଲେ ମତେ ପାଦଠଉଁ ମୁହଁ ପରିଯନ୍ତେ ! ସମିତିଙ୍କୁ ମୁଁ ଖାଇବାକୁ ଦେଇ ମଣିଷ କଲି. ଆଉ ମଣିଷ ହୋଇକି ସମିତିଙ୍କ ନଜର ପଡ଼ିଲା ମୋର ଉପରେ—ମେତେ ନ ଖାଇବାଯାକେ ତାଙ୍କ ମନ ସବୁର ହେଲାନାହିଁ—ସମିତେ ବାଇଆ ହେଲେ । ମୁଁ ମନା କଲି ନାହିଁ—କାହିଁ କରିଥାନ୍ତି ? ମୁଁ ଅନେଇଲି ତତେ—ତୁ ଧରମଦେବତା—ଯାହା ଚୌକିରେ ତୁଇ ବସିକରି ଆଇଥାନୁ—ଯାହା ପାଟିରୁ ତୋର ମାଆ ଡାକ ମୁଁ ଶୁଣିଥାଆନ୍ତି, ସେଇଆକୁ ମୁଁ ମୋଅର ବୋଲି ସିନା ଜାଣିଥାଆନ୍ତି ! ସେଇ ଦିନକୁ ଅନେଇ ଅନେଇ ଆଜିଦିନ ଆସି ହୋଇଗଲା । ତଥାନ୍ତେ ତୋଅର ମନ ହେଲାନାହିଁ—ତୁ ଆଇଲୁ ନାହିଁ—ମୁଁ ମଣିଷ ବୋଲି ମୋ କଥାକୁ ତୁ ହେଜ ରଖିଲୁ ନାହିଁ—ତୁ ଭାବିଲୁ, ଇଆର ଗୋଟାଏ କଥା କଣ ? ଇଏ ବୋଲି ମଣିଷର ବୋଲ ଶୁଣିବାକୁ କୋଉ ଗରଜ ପଡ଼ିଚି କାହାର ?—ଏଇ ରଣଚଣ୍ଡୀର କଥା କିଏ ଶୁଣୁଚି—ନା ? ମାତରକ ରେ ଦଇବ ! ତୁ କଅଣ ଅନ୍ଧ ହୋଇଗଲୁ ? ତୋ ଆଖି କ'ଣ ପୋଡ଼ିଜଳିଗଲା ? ତୋ କାନ କ'ଣ ଫୁଟିଗଲା ?"

ବୁଢ଼ୀର ଆଖିରୁ ଠପ୍‌ଠପ୍ ହୋଇ ଗଳିପଡ଼ିଲା ଲୁହ; କିନ୍ତୁ ସେ ଲୁହକୁ ପୋଛିବାକୁ ନଦେଇ, ଶୁଖିବାକୁ ନ ଦେଇ ବସିରହିଲା ବୁଢ଼ୀ ସେଇ ଅନ୍ଧାରିଆ ଘରରେ ଶୂନ୍ୟକୁ ଚାହିଁ—ଶୂନ୍ୟକୁ କଥା ଶୁଣେଇ ଶୁଣେଇ—ନିଜକଥା—ଆପଣା କଥା—କେହି ନ ଜାଣିଥିବା କଥା—ପେଟଭିତରର ସବୁ କଥା କହିଗଲିଲା ସେ—

"ରେ ଦଇବ ! ଘଇତା ମଲାଦିନ କାଚ ବାଡ଼େଇବା ବେଳର ମୋର ସବୁତକ ବାହୁନା କଅଣ ତୁ ଭୁଲିଗଲୁ ? କିଏ ମୋର ଏ ଦଶା କଲା ? ସିଏ ମତେ ଏତେସବୁ କଲା ସିଏ ଏଇଲେ କୋଉଁଠେଇ ? ତୁ କ'ଣ ଦେଖିନୁ ? ତୋ ଆଖି କଣ ଫୁଟିଥିଲା ? କିଏ ମୋ ପେଟଭିତରେ ପଶି କୋଳପକେଇଲା ? କିଏ ପୁଣି ପେଟର ଛୁଆକୁ ମୋର ବାହାର କରି ନର୍ଦ୍ଦମାରେ ନେଇ ପକେଇ ଦେଇଆସିଲା ? ସେମିତି ରକତ କୁଢ଼ୁବୁଢ଼ୁ ମୁଁ ହୋଇଥାଏ ! କିଏ ମତେ ଘରୁ ଭୁଲେଇ ନେଇ ଆସି, ରାସ୍ତାରେ ଆଣି ପକେଇ ଦେଇଗଲା ଏଠେଇଁ । ଘଇତା ମରିଥିଲା—ରାଣ୍ଡି ହୋଇଥିଲି—ପରକଥାରେ ଭୁଲିଲି—ଘଇତା ଯାଇଥିଲା—ଜାତି ଗଲା—ମହତ ହରେଇଲି—ହେଲେ ଆଉ ଯୋଉତକ ବା ଥିଲା, ସିଏ ବା କୋଉ ରହିଲା—ପେଟର ଛୁଆ ନର୍ଦ୍ଦମାରେ ସଢ଼ିଲା, ଆଉ ମେତେ ଆଣି

Digitized by srujanika@gmail.com

ସେ ଦାଣ୍ଡରେ ଫୋପାଡ଼ି ଦେଇ ନିସ୍ତାର ପାଇଗଲା—ତୁ ତ ସବୁ ଦେଖିଚୁ—ହଁ, ତା ବାଆଦ ମୋର ମରିବାର ଥିଲା—ମରିପାରିଲି ନାହିଁ ପେଟ ଗୃହିଣୀଙ୍କ ଯୋଗୁ ବଞ୍ଚିବାକୁ ତୁଇ ମୋତେ କାନେ କାନେ କହିଲୁ । ତୋଅରି କଥାରେ ପଡ଼ି ମୁହିଁ ଏଠେଇଁ ଦୋକାନ ମେଲିଲି । ସେଇ ଦିନଠଉଁ ଅନେଇ ବସିଚି ତୋ ହାତକୁ !—ଆଜି ଶେଷରେ ତୁଚ୍ଛା ମତେ ଫେଣି ଏତେ ଶାଆସ୍ତି ଦେଲୁଁ ଏଇ ବୟସରେ ?

"ତାହାକୁ ମୁଁ କେତେବେଳେ ଆଡ଼େଇ ଦେଇଥାଆନ୍ତି ?— ବୁଢ଼ା ନଜର୍ ମିଆଁକୁ ? କିଏ ଥିଲା ତାର ? ପଡ଼ି ପଡ଼ି ସୁକୁସୁକୁ ହଉଥିଲା ସେ କବିରାଜ ଦାଣ୍ଡପିଣ୍ଡାରେ । ବୁଢ଼ା କବିରାଜ ତା ଅଣ୍ଟାରେ ମୁହଁନଗେଇ ସବୁ ରସତକ ତା ପଇସା କରିବାରୁ ଶୋଷିଦେଲା ବାଆଦେ ସିଠ ଖଣ୍ଡକୁ ପକେଇ ଦେଇଥିଲା ବାହାରେ । ମୋ ଦୋକାନ ଦୁଆରେ ବସି ବସି ପକୁଡ଼ି ଆଉ ଗୁହା ବକୁ ବକୁ ମୁଁ ଅନେଇଥାଏ ସେଇ ସିଠଟାକୁ । କଅଣ ମନ ହେଲା, ସେଇଆକୁ ଜୀବନ୍ୟାସ ଦେଲି । ମୋ ହେପାଜତରେ ସେ ବୁଢ଼ା ବଞ୍ଚିଲା, ସେଇ ସିଠରେ ଆଖି ଖୋଲିଲା । ଫେଏଣି ସେ ମତେ ଅନେଇଲା ! ମୁଁ କିଛି କହିଲି ନାହିଁ । କାହିଁ କହିଥାଆନ୍ତି ? କୋଉ ସନମାନଟା ତୁ ରଖିଥିଲୁ କି ମୋର ? ସେ ମେତେ ଆଦରିଲା, ମୁଁ କଆଁ ନ ଆଦରିଥାଆନ୍ତି ତାକୁ !

"ତା ବାଆଦେ ଆସିଲା ଏଇ ପାଗଳ ଚରଣ ସାଉ ବୁଢ଼ା । ଦଶବରଷ ମିଆଦ ପୂରେଇ ସେ ବାହାରିଲା—ଚମଧୂଡ଼ୁକା ହେଇକରି—ରକ୍ତ ଶୋଷିଯାଇଥିଲା—ସେ ଆସିଲା—ମୋ ଦୁଆରେ ହାଜର ହେଲା—ଖାଇଲା ପିଇଲା—ଦେହରେ ତାକତ ହେଲା । ସେଇଠୁ ତାକତ ଖର୍ଚ୍ଚିବା ଦରକାର ପଡ଼ିଗଲା ତାଆର । ସେ ଅନେଇଲା ସୁରଦାରକୁ । କେହି ନାହିଁ, ଯାହା ଓଳଟାଲା ହେଲା, ସେଠୁ ପାଇଲା ଟେଙ୍କା । ବ୍ରେଣ୍ଡତଳେ ପକେଇ ଫେଣି ସଜାଦବା ପେଇଁ ବସିଥିଲେ ତାକୁ; କେତେ କୁହାବୋଲା କରି ଯମଠଉଁ ଛଡ଼େଇ ଆଣିଲି ତାକୁ ' ସେଇ ଦିନଠଉଁ ସେ କୁଆଡ଼େ ଗଲାନାହିଁ; ଏଇଠେଇଁ ବସିଲା । ବାରଅଞ୍ଜୁ ବାରକଥା ଗପିଲା । ମୋ ସାଙ୍ଗରେ ଥଟ୍ଟା ନକଲ ହେଲା । ଚୁଉପ୍ ହେଲା ।

"ତା ବାଆଦେ ଆଇଲେ ଅଜି ସମିତେ । ଆଇଲେ କଅଣ ବା ? ତୁଇ, ସିଏ ମେତେ ଏତେ ସ୍ନାନ ଅବସ୍ଥା କଲ, ତୁଇ ତ ଆଣି ଯୁଟେଇଲୁ ତାଙ୍କୁ ସବୁ ମୋ'ରି ପାଖରେ—ସେ କଅଣ ଆଇଲେ ?—ତାଙ୍କ ମନକୁ ? ମନକୁ ଆଇବାର ହେଇଥିଲେ ପାଞ୍ଚବରଷର ଛୁଆଟାକୁ ତା' ବାପ ମା' ଥାଉ ଥାଉ, ଗା ଲୋକେ ଆଣିକରି ବଡ଼ରୋଗ ହେଇଚି ବୋଲି ବଜାରରେ ଗୁଡ଼ିଦେଇଗଲେ ! ସେଇ ସାରୁ ' କଅଣ ସେ ହେଇ ନଥିଲା ? କିଏ ଜାଣିଥିଲା ସେ ବଞ୍ଚିବ ବୋଲି ? ନଜର ମିଆଁର ଜଡ଼ିବୁଟି ନ ଥାଏ, ନା ସେ ଭଲ ନ ହୁଏ । କୋଉଁର କାଖର କରି ବଡ଼େଇଲି - କୁଢ଼େଇଲି କେତେ ଆଶା କରିଥିଲି, କେତେ ପାଞ୍ଚି ପାଞ୍ଚିଥିଲି—କେତେ ତେତେ ଗୁହାରି କରି ନ ଥିଲି—ଧରମଦେବତା ! କହି ନ ଥିଲି ତେତେ—'ହେ ଧରମ ! ଏଇ ଟୋକାଟିକି ଶୁଭବୁଦ୍ଧି ଦେ ! ଏଇ ସାରୁକୁ ମଣିଷ କର !'—କାହିଁ ? କେଉଁ ଶୁଭବୁଦ୍ଧି ନଦେଲୁ ତା ମୁଣ୍ଡରେ ! ଏଇ କଥା ରୁ ତା'କାନରେ

Digitized by srujanika@gmail.com

କାନରେ ଶିଖେଇଲୁରେ ବାଡ଼ିପଡ଼ା, ରଇଜଳା ? ତୋଅଣ ନାଁ ଦଇବ ? ଅଲପେଇଷ, ଧରମ ବୋଲ କଏ ତୋ ନାଁ ଦେଇଚ ?—ସେ ବେଳ ଛୁଆ—ବଡ଼ ହେଲା ମୋର କୋଳରେ ଉପୁମରେ ସେକ ସେକ ସେ ଛୁଆକୁ ମୁଁ ମଣିଷ କଲି—ବଡ଼ ହେଲା—ଶକ୍ସା ଝାଣିଲା—ପଇସା କମେଇଲା, ପଇସା ଜମେଇକର ସେଇ ଫେଣି ପଇସା ଦେଖେଇ ମେତେ ଝିଝିକାରମାର ଡାକଲା ? ମୁଇଁ ଫେଣି ତା'ଠୁଁ ପଇସା ନେଲି । ତାକୁ ଘର୍ହା ଖୋଇଲି, ମାଉଁସ ଖୋଇଲି ! ତା ଆଖିର ସବୁତକ ଝଥା ସହିଲି ! ଖଣ୍ଡିଆ କେତେ ବାଗରେ କଥା କହ ଶିଖିଲା ! ସବୁ ସହିଲି । ସହିବ ନାଇଁ କଆଁ ? ତୁଇ ତ ପୋଗଜାଖିଆ ପେଟରେ ମୋର ଖେକ ଦେଇଥେଲୁ ଆଉ ମୁହଁରୁ ନାଜପାଣିତକ କାଢ଼ି ନେଇଥିଲୁ—ତୁଇ ଖଣ୍ଡିଆ ! କୋଉ ମୁହଁରେ ତୁ ମୋତେ କହୁବୁ—ମୁଁ ଅମୁକ ନାଇଁ ସମୁକ କରଥାଆନ୍ତି—ସମୁକ ନାଇଁ ଅମୁକ ବାଟରେ ଯାଇଥାନ୍ତି !...

"ନାଁ ପୋଗଜାଖିଆ, କାହାକୁ ବିଶ୍ୱାସ ନାଇଁ—କାହାର କଥାରେ ଭଲ ନଯାଇ—ଆଉ ଧରମ ତ ଜାଣିକର ନାହିଁ, ନାହିଁ, ନାହିଁ—ସେ ତ ସହଜେ ମଲାଣି ..."

ଧର୍ମ ପ୍ରତି ବୁଢ଼ୀର ଅଭିଯୋଗର ଆଦିଅନ୍ତ ନାହିଁ । ସେ ବକବକେଇ ଚାଲିଥିଲା । କାନ୍ଦ ଖଣ୍ଡକ ପାଖ କେତେବେଳୁ ସେ ଶୋଇପଡ଼ିଥିଲା ସେଇ ଅନ୍ଧାରରେ—କବିରାଜଙ୍କର ପିଣ୍ଡାରେ । ଖରାଦିନର ଗୁଳୁଗୁଳି କମିଯାଇଥିଲା ଅନେକଟା, ରାତିର ଶୀତଳ ପବନରେ ।

ରାତି କେତେ ଯେ ହେଲାଣି ସେବିଷୟରେ ଜର୍ଜର ଆଦୌ କିଛି ଧାରଣାନାହିଁ । ଆଖିବୁଜି ସେ ପଡ଼ିରହିଛି । କଡ଼ ବଦଲେଇଟାଇବାକୁ ଯେତେ ଇଚ୍ଛା କଲେ ବି ଦେହ କଟକଟ ଲାଗୁଚି । ବାଧହେଇ ସେ କଡ଼ ଲେଉଟେଉଚି । ମଝିରେ ମଝିରେ ଗୋଡ଼ଆଡ଼ୁ କଅଣ ଗୋଟାଏ ଉଠି ଆସୁଚି ତାର—ଅଣ୍ଟାଠାରୁ ପଣି ପଣି ସେଇଟା ଚାଲିଯାଉଚି ବିଜୁଳି ଭଳି ବେଁଣିଗି ବାଟ ଦେଇ, ମୁଣ୍ଡ ପର୍ଯ୍ୟନ୍ତ । ଭୟଙ୍କରଭାବେ ଦେହ ତାର ଭଡ଼ିମୋଡ଼ି ହେଇଯାଉଛି । ଯେତେକ-ବେଳେ ଭଡ଼ିମୋଡ଼ି ହେଇ ଉଠିଲାବେଳେ ଶବ୍ଦଟାଏ ନ କରିବାପାଇଁ ଯେତକ ସେ ଚେଷ୍ଟା କରୁଚି, ତଣ୍ଟିର ଖୁବ୍ ତଳୁ ଉଠୁଚି ସେତକ ଜୋର୍‌ରେ ଗୋଟାଏ ପବନ । ଅନ୍ୟବେଳ ହେଇଥିଲେ ଗୋଟାଏ ମସ୍ତବଡ଼ ଗଁ-ଗଁ ଶବ୍ଦକର ବାହାରଆସିଥାନ୍ତା ସେଇ ପବନଟା, ଆଉ ଜର୍ଜର ଛାତ ଭିତରଟା ଆଶ୍ୱସ୍ତ ହୋଇଯାଆନ୍ତା ଟିକଏ ! କିନ୍ତୁ ବର୍ତ୍ତମାନ ଶବ୍ଦ ଆଉ ବାହାରିପାରୁନାହିଁ । ଜୋର୍ କରି ଜର୍ଜ ତାକୁ ଚାପିଦଉଚି ଛାତି ଭିତରେ । ତଥାପି ସେଇ ଚାପା ନିଃଶ୍ୱାସଟା ବଡ଼ ଦଗାବାଜ୍ ଭାବେ ପଦାକୁ ବାହାରି ଆସି ଜଣା ପକେଇଦଉଚି ତା' ମନକଥା ।

ଭିତର ଘରେ କଅଣ ଗୋଟାଏ ଝଙ୍ଝଣ୍ ଶବ୍ଦ ଶୁଭିଲା । ନିଃଶ୍ୱାସ ବନ୍ଦକରି କାନପାରି ଜର୍ଜ ଶୁଣିଲା । --କଡ଼ ଲେଉଟାଇଲା ବୋଧହୁଏ ! ଜର୍ଜର କାନ ଭିତରେ କଅଣ ଗୋଟାଏ ଧସ୍‌ଧସ୍ ହେଇ ଆବାଜ କରି ଉଠିଲା । ପୁଣି ଥରେ ଶୁଭିଲା— ଝୁଣୁଝୁଣୁ ! ଜର୍ଜ

Digitized by srujanika@gmail.com

ଆଖି ମେଲି ଚାହିଁଲା । କଟିକଟି ଅନ୍ଧାର ଚାରିଆଡ଼େ । କିଛି ଦେଖାଯାଉନାହିଁ । ଦିଗଭ୍ରମ ହୋଇଯାଉଥିଲା ତାର । ସେ ଭଲକରି ମନେପକେଇଲା କୋଉ ଆଡ଼କୁ ମୁଣ୍ଡକରି ସେ ଶୋଇଥିଲା । ଠିକ୍ ମୁଣ୍ଡ ଉପରେ ଲଟ୍‌କା ହୋଇଥିଲା ତାର ଗୋଟାଏ କାଠର ଥାକ । ଧଡ଼୍‌ଧାଡ଼ ଗଳାପଡ଼ିବ ଯାହାସବୁ ତା ଉପରେ ଅଛି ।

ଜର୍ଜ ସେମିତି ନିଶ୍ଚଳ ହୋଇ ପଡ଼ିରହି କାନପାରିଲା । ହଠାତ୍ ତାର ମନେହେଲା, ସେଇ ଯୋଉ ଝୁଣୁଝୁଣୁ ଶବ୍ଦଟା ଶୁଭୁଥିଲା, ସେଇଟା ହୁଏତ ଗୋଟାଏ ମୂଷାର କାଣ୍ଡ ହୋଇପାରେ । ତାର ମନେପଡ଼ିଲା । ନଜିର ମିଆଁର ଅଇଁଠା ବାସନତକ ସେ ଗୋଟେଇ ପୋଟେଇ ଥୋଇଦେଇ ଆସିଥିଲା ଭିତର ଘରେ । ନଜିର ମିଆଁ ବହୁତ ଡେରିକରି ଫେରିଲା । ମଦ ଖାଇ ଟଳଟଳ ହଉଥିଲା ସେ । ଆସିଲାମାତ୍ରେ ସେ ଗାଁ-ଗାଁ ହୋଇ କଅଣ ଗୁଡ଼ାଏ କହିଲା—ଗୋଟାଏ ହେଲେ ପଦ ଜର୍ଜ ବୁଝିପାରୁ ନ ଥିଲା । କିଛି ବୁଝିବାକୁ ଚେଷ୍ଟା ନ କରି ସେ ନଜିର ଆଗରେ ଥୋଇଦେଇ ଆସିଲା ତାର ଖାଇବା ଜିନିଷତକ । କିଛି ଓଜର ଆପତ୍ତି ନ କରି ନଜିର ସେତକ ଖତମ୍ କରିଦେଲା । ଗିଲାସରୁ ପାଣି ନେଇ ଟିକେ ପାଣିହାତ କରି ସେ ଆଉଡ଼େଇଦେଲା ଡିବିଟାକୁ—ଦୂରକୁ । ନଜିର ମିଆଁର ଅବସ୍ଥା ବାରିପାରି ଜର୍ଜ ତାର ବିଛଣା ପାରିଦେଇ ଆସିଲା ଭିତର ଘରେ । ତା’ ପରେ ଡିବିଟା ନେଇ, ନଜିରର ହାତ ଧରି ସେ ଭିତର ଘରେ ପରା ହୋଇଥିବା ବିଛଣା ଉପରେ ଶୁଆଇଦେଇ ଆସିଲା ତାକୁ । ନଜିର ଢଳିପଡ଼ିଲା । ଅଇଁଠା ବାସନତକ ଗୋଟେଇ-ପୋଟେଇ ପୁଣି ଥରେ ନଜିରର ଶେଯବାଟ ଦେଇ ଗଲାବେଳେ ଜର୍ଜ ଚାହିଁଲା ତାକୁ । ନଜିର ମିଆଁର ଆଖି ବନ୍ଦ ହୋଇଯାଇଥିଲା । ତାର ଉପର ପଟାଟା କୁଞ୍ଚେଇ ହୋଇ ଯାଇଥିଲା—ସତେକି ଘୁମ ଭିତରେ ଖୁବ କଷ୍ଟ ଅନୁଭବ କରୁଥିଲା ସେ ।

ବହୁତ ବେଳୁ ବୁଢ଼ୀ ତା’ ଶେଯରେ ଶୋଇପଡ଼ିଥିଲା । ସେ ଜାଣିନାହିଁ ନଜିର କେତେ-ବେଳେ ଫେରିଚି । ନଜିରପାଇଁ ଅପେକ୍ଷା ନ କରି ଜର୍ଜକୁ ଖାଇବାପାଇଁ କହିଦେଇ ବୁଢ଼ୀ ଯାଇ ଶୋଇଥିଲା ଆଗରୁ । ସେତେବେଳକୁ ରାତି ବହୁତ ହୋଇଥିଲା । ବୁଢ଼ୀ ଖାଇବ କି ନ ଖାଇବ ଏକଥା ସେ ଆଉ ତାକୁ ପଚାରିନାହିଁ । କାହିଁକି କେଜାଣି ନିସ୍ତବ୍ଧରେ ସବୁ କାମ ଛିଣ୍ଡେଇଦବାପାଇଁ ତାର ଆଜି ମନ ଡାକୁଥିଲା । ଏମିତିକି ଆରପାଖ ଘର ବାରଣ୍ଡାରେ ଶୋଇପଡ଼ିଥିବା ବୀର ସାମଲକୁ ଡାକି ତା’ ଖାଇବା କଥା ବୁଝିବାକୁ ତାର ଇଚ୍ଛାହେଲା ନାହିଁ । କାହିଁକି କେଜାଣି ତାର ମନ ଆଜି ବିଦ୍ରୋହ କରିଉଠୁଥିଲା—କିଏ ଏତେ ଡାକିବ କାହାକୁ ହୋ ! ଖାଇଲେ ଖାଅ, ନଖାଇଲେ ନ ଖାଅ ! ଆଉ କୁକୁର ଭଳି ଏଠି ପଡ଼ିହବ ନାହିଁ । ଜର୍ଜକୁ ସେଇ ଘଟଣାଶୂନ୍ୟ ଜୀବନ ଖୁବ୍ ବିରକ୍ତିକର ବୋଧ ହେଉଥିଲା । ଆପେ ବି ସେ କିଛି ଖାଇଲାନାହିଁ । ଖାଲି ଅଇଁଠା ବାସନକୁସନକୁ ଗଦେଇ ଦେଇ ବିଛଣା ଧରିଲା ।

ବିଛଣା ଧରିଲେ ବି ନିଦ କାହିଁ ? ଆଖିକୁ ଯେ ନିଦ ଆସୁନାହିଁ; କିନ୍ତୁ ଏମିତି ଅନ୍ଧାରରେ ଏକୁଟିଆ ହୋଇ, ନିଛାଟିଆ ହୋଇ ଶୋଇବାକୁ ତାକୁ କାହିଁକି ଭଲଲାଗୁଥିଲା । ତାର କାନ ଆପେ ଆପେ ପାତି ହୋଇ ଯାଉଥିଲା । ଭିତର ଘରେ ମଦରେ ଟୁଲୁଟୁଲୁ ହୋଇ

Digitized by srujanika@gmail.com

ଶୋଇଚି ନଜିର ମିଆଁ, ଆଉ ଶୋଇଚି ବି ସେଇ ବୁଢ଼ୀଟା ! ନଜିର ମିଆଁ ଶୋଇଚି ଖଟ ଉପରେ, ଆଉ ସେମୁଣ୍ଡ ବାଡ଼କବାଟକୁ ଦରଆଉଜା କରି ଶୋଇଚି ବୁଢ଼ୀ ।

କାହିଁ ? ଜର୍ଜ କାନପାରିଲା । କିଛି ତ ସୋରଗୋଳ ନାହିଁ ! କିଛି ଫୁସ୍‌ଫୁସ୍ କଥାବାର୍ତ୍ତା ଶୁଭୁନି—ନଜିର୍ ମିଆଁର ସେଇ ବିରାଟ ଘୁଙ୍ଗୁଡ଼ି ଏପର୍ଯ୍ୟନ୍ତ ବନ୍ଦ ହୋଇନି—ଆଃ, କି ଶବ୍ଦ ! ତେବେ କ'ଣ ନଜିର୍ ମିଆଁ ମହିରେ କେତେବେଳେ— ? ନା, ନା—ନିଘୋଡ଼ ନିଦରେ ଶୋଇଚି ନଜିର୍ ମିଆଁ ! ତାର ବୋଧହୁଏ ହୋଷ ନାହିଁ ବୁଢ଼ୀ କଥା ଆଜି ।

ପୁଣି ଝୁଣୁଝୁଣୁ ଶବ୍ଦ ଶୁଭିଲା ସେଇ ଘର ଭିତରେ ।

ଏ କଣ ? ଏ ଯେ ବୁଢ଼ୀର ଚୁଡ଼ି ଶବ୍ଦ । ସେ ନିଶ୍ଚୟ ଉଠିଚି—କେବଳ ଉଠିନାହିଁ—ଘର ଧାରି ସେ ବୁଲୁଚି—ସାରା ଅନ୍ଧାର ଅଣ୍ଡାଳ ଅଣ୍ଡାଳ ସେ ବୁଲୁଚି—ନଜିର୍ ମିଆଁ ପେଇଁ !

ଜର୍ଜର ରକ୍ତରେ ନିଆଁ ଲାଗିଲା ।

ପୁଣି ସେଇ ଝୁଣୁଝୁଣୁ ଶବ୍ଦ !

ଜର୍ଜ ମନେପକେଇଲା ସେଇ ହାତ ଦିଇଟାକୁ । ନାଲି ନାଲି ପାଣିକାଚ ଭିତରେ ପଟେ ପଟେ ରୁପାକାଚ । ତାର କଳ୍ପନାରେ ଡେଣା ଲାଗିଆସୁଥିଲା । କହୁଣୀ ଉପରକୁ ପଟେ ପଟେ ବାଳ—ମାଉଁସ ଉପରେ ଚପି ହୋଇ ବସିଯାଇଛି ଦ'ପଟିଯାକ । ଏପାଖେ ପୁଳାଏ ଆଉ ସେପାଖେ ପୁଳାଏ—ଦ'ପୁଳା ମାଉଁସ—ଗୋରା ତକତକ ଚମ—ଏବେ ବି ପ୍ରବଳ ଜୋର୍ ଭର୍ତ୍ତି ହୋଇ ରହିଚି ସେଇ ପେଶୀ ଦିଇଟାରେ—

ପୁଣି ଭଡ଼ମୋଡ଼ ହେଲା ଜର୍ଜ । ନାଃ—ସେ ଉଠି ବସିଲା । ଘରଆଡ଼କୁ କନକନ ହୋଇ ସେ ନିଘାକଲା । କିଛି ନାହିଁ—କିଛି ଦେଖାଯାଉନାହିଁ, ସେ କଟିମିଟି ଅନ୍ଧାର ଘରଟା ଭିତରେ—ସେ ନିଜେ କାହାରିକି ଦେଖିପାରୁନାହିଁ—କେହି ବି ତାକୁ ଦେଖିପାରୁ ନଥିବେ ନିଶ୍ଚୟ ଏଇ ଅନ୍ଧାର ଭିତରେ ।

ହଠାତ୍ ଦପକରି ବନ୍ଦ ହୋଇଗଲା ଭିତର ଘରେ ନଜିର୍ ମିଆଁର ଘୁଙ୍ଗୁଡ଼ି । ଜର୍ଜ ଗୁରୁଣ୍ଡିବାକୁ ଆରମ୍ଭ କରିଦେଲା । ଗୁରୁଣ୍ଡି ଗୁରୁଣ୍ଡି, ଖୁବ୍ ସାବଧାନ ହୋଇ, ଧୀରେ ଧୀରେ ସେ ଗଲା ସେଇ ଗଳି ବାଟ ପର୍ଯ୍ୟନ୍ତ - ଯାହାକୁ ଟପିଲେ ପଡ଼ିବ ସେଇ ଅନ୍ଧାରଘର—ଯାହା ଭିତରେ ଉଭାହୋଇଥିଲେ ଜର୍ଜର ସୀମିତ ଜୀବନର ଦୁଇ ନିବେଦ ଦେବତା—ଯାହାଙ୍କୁ ଦେଖିବା ପାଇଁ ଜର୍ଜର ତରୁଣ ମନ ପ୍ରବଳଭାବେ ଆକର୍ଷିତ ହୋଇଉଠୁଥିଲା ।

ଜର୍ଜ ବୋଧହୁଏ ଅନ୍ଧଭାବେ ସେଇ ଅନ୍ଧାର ଭେଦକରି ସେଇ ଗଳିଘରକୁ ଟପି-ଯାଇଥାନ୍ତା; କିନ୍ତୁ ତାର ସମସ୍ତ ଉତ୍କଣ୍ଠାକୁ ଗୋଟିଏ ନିର୍ଦ୍ଦୟ ମୃଗତୃଷ୍ଣା ଆଡ଼କୁ ଠେଲିଦେଇ ଚୁଚୁନ୍ଦ୍ରାଟା ଚଁ ଚଁ ହୋଇ ଧାଇଁ ପଳାଇଗଲା ସେଇ ଅନ୍ଧାରିଆ ଘର ଭିତରୁ ବାହାରକୁ । ପଳେଇଗଲା ସେ ଜର୍ଜର ପାଖେ ପାଖେ ।

ସେଇ ଅପ୍ରତ୍ୟାଶିତ ଶବ୍ଦରେ ଟୋକାଟାର ସବୁ ଗରମ, ସବୁ ତାଉ ହଠାତ୍ ଶୀତୁଳ ପଡ଼ିଗଲା । ଗ୍ରନ୍ଥ ଧାଉଁକରି ହେଲା । ଲେପେଟେଇ ପଡ଼ି ଦୁଆରବନ୍ଧ କଡ଼ରେ ସେ ଲୁଚିଗଲା । ତାର ସବୁ ରକ୍ତ ପାଣିଫାଟିଗଲା ଯେପରି ! କୁଆଡ଼େ ଭୁଲିଗଲା ନଜିର୍ ମିଆଁ—କୁଆଡ଼େ

Digitized by srujanika@gmail.com

ଗୁଳିଗଲା ବୁଢ଼ୀର ପାଣିକାଚ, ବାଲି, ଆଉ ନୋଥ । କେବଳ ଖସର ଖସର ହୋଇ ଖଣ୍ଡେ ଚଗ୍ ଖବରକାଗଜ ଭିତରେ ପଶିଯାଉଥିଲା ଗୋଟାଏ ଗ୍ଭର ଜୀବ—ଚୂଚୁନ୍ଦ୍ରା ।

ଅନ୍ଧାର ଭିତରେ ଆଖି ଫାଡ଼ି ଜର୍ଜ ଗ୍ଭହିଁଲା । ନା—କିଛି ଦେଖାଯାଉନାହିଁ । ହଠାତ୍ ଗୋଟିଏ ହୀନବୋଧ ଜର୍ଜକୁ ଗ୍ରାସକଲା । ସେ ଦେଖୁଥିଲା—ତାର ଆଖି ଆଗରେ ଗୋଟାଏ ସାମାନ୍ୟ ଜୀବ ଚୂଚୁନ୍ଦ୍ରା—ଅନ୍ଧାର ଭିତରେ ବାଟ କାଟି, ସବୁକିଛିର ଓର ଠିକଣା କରି ନିଜର ଜୀବନକୁ ବଞ୍ଚାଇପାରୁଛି; ଅଥଚ ଗୋଟିଏ ମଣିଷ—ଯାହାର ଆଖି ସାମାନ୍ୟ ଗୋଟିଏ ଚୂଚୁନ୍ଦ୍ରାର ଆଖିଠୁ କେତେ ଉପରେ—ସେ କିଛି ଦେଖିପାରୁନାହିଁ—ଅନ୍ଧହୋଇ ଅନ୍ଧାରମହଲକରେ ଦୂରବୁଲୁଛି ମାତ୍ର ।

ଅନେକ ସମୟ—ତା'ପରେ ଝୋକାଟା ପଡ଼ିରହିଲା ସେଇ ଦୁଆରବନ୍ଧ ପାଖେ । ଆଗକୁ କିମ୍ବା ପଛକୁ ଯିବା ପାଇଁ ତାର ଆଉ ସାହସ କିମ୍ବା ବଳ ନ ଥିଲା ।

କଟିକଟି ଅନ୍ଧାର । ଦରାଣ୍ଡି ଦରାଣ୍ଡି ସେଇ ଅନ୍ଧାର ଭିତରେ ନିଜର ଶେଯଖଣ୍ଡିକୁ ପାଇବା ପାଇଁ ତାକୁ ବହୁତ ବେଳ ଲାଗିଗଲା । ଖୁବ୍ ଗୋଟିଏ ବଡ଼ ନିଃଶ୍ୱାସ ବାହାରି-ଆସିଲା ତାର ଛାତିରୁ । ଧୀରେ ଧୀରେ ଘରଟା ଆହୁରି ନୀରବ, ଆହୁରି ଭୀଷଣ ନିଛାଟିଆ ଲାଗିଲା ତାକୁ । ସେଇ ଅନ୍ଧାର ଭିତରେ ବିକଳ ହୋଇ ସେ ଯୁଆଡ଼କୁ ଗ୍ଭହିଁଲା ସେଣ୍ଟେ ମାଡ଼ିଆସୁଥିଲା ସେଇ କଳା ରାକ୍ଷସ । ଥୋଳ ଥୋଳ ହୋଇ ଅନ୍ଧାର ପଶିଗଲା ତାର ଆଖି, ନାକ, କାନ, ପାଟି—ନବରନ୍ଧ୍ର ଦେଇ । ତାର ମନେହେଲା ସେପରି ଶେଯ ସମେତ ସେ ଦବି ଦବି ଯାଉଛି ତଳକୁ—ଏମିତି ଗୋଟାଏ ତଳ ଆଡ଼କୁ, ଯୋଉଠି ହୁଏତ ତଳ ବୋଲି ଗୋଟାଏ ଜିନିଷ ନାହିଁ । ସେ କିନ୍ତୁ ଦବି ଦବି ଯାଉଛି ।

ଭୟ ବିକଳରେ ଜର୍ଜ ଦରାଣ୍ଡି ପକାଇଲା ତା' ନିଜକୁ । ସେଇ ଭୟଙ୍କର ଅନ୍ଧକାର ଭିତରେ ନିଜ ଦେହକୁ ନିଜେ ଅନୁଭବ କରିପାରିଲା ପରେ ସେ ସାମାନ୍ୟ ଟିକେ ଆଶ୍ୱସ୍ତ ହେଲା; କିନ୍ତୁ ଆଜି ତାର ମନ କାହିଁକି ମାନିଲା ନାହିଁ । ସେ ବଞ୍ଚିଛି ନା ମରିଛି—ଅନ୍ଧାର କଟିକଟି ଭିତରେ ସେଇ ଯୋଉ ଜିନିଷଟାକୁ ସେ ଅନୁଭବ କରୁଛି, ସେ କଣ ସେଇ ନିଜେ ନା ଆଉ କିଏ ?—ସନ୍ଦେହ ଉଙ୍କିମାରିଉଠିଲା ତାର ମନ ଭିତରେ ।

ସେଇ କଟିକଟି ଅନ୍ଧାର ଆଉ ନିଛାଟିଆ ମୁହୂର୍ତ୍ତ କେତୋଟି ଭିତରେ ଗୋଟାଏ ସାମାନ୍ୟ ମାଂସପିଣ୍ଡୁଳା ଭଳି ଇତସ୍ତତଃ ହୋଇ ଗଡ଼ି ଗଡ଼ି ଯାଇ ଶେଷରେ ସେ ଅଟକିଗଲା ।

ଯେତେବେଳେ ତାର ହୋସ୍ ହେଲା ସେ ବୁଝିପାରିଲା ଓ ସେଇ ଅସମ୍ଭବ ପରିବର୍ତ୍ତନକୁ ତାର ଗ୍ଭରିପାଖେ ଲକ୍ଷ୍ୟ କରି ଆଶ୍ଚର୍ଯ୍ୟ ହେଲା ।

ସେ ଦେଖିଲା ଅନ୍ଧାର କୁଆଡ଼େ ଉଭେଇଯାଇଛି ତାର ଗ୍ଭରିପାଖୁ । କାନ ଦେଇ ସେ ଶୁଣିଲା—ସେ ଆଉ ଏକୁଟିଆ ନାହିଁ । ଫିଁ ଫିଁ ହୋଇ ପୁରିଲା ପୁରିଲା ନିଃଶ୍ୱାସଗୁଡ଼ିଏ ପକାଇ କିଏ ସତେକି ତାର ଜୀବନ୍ତ ଉପସ୍ଥିତିକୁ ଜର୍ଜ ନିକଟରେ ଘୋଷିତ କରୁଥିଲା ।

କେବଳ ସେତିକି ନୁହେଁ—ଜର୍ଜର ଟିପତଳେ ଖିଲଖିଲ ହସି ସେ ଅଜ୍ଞାତ ବସ୍ତୁ ନିଜର ଅନୁଭୂତିକୁ ବ୍ୟକ୍ତ କରୁଥିଲା ମଧ୍ୟ । ଆଉ ହିକିଏ ଜୋରରେ ଜର୍ଜ ସେଇ ଅଦ୍ଭୁତ ପଦାର୍ଥଟି

Digitized by srujanika@gmail.com

ଉପରେ ହାତ ଦେଇ ଅନୁଭବ କଲା—କେଁ, କେଁ—ଏଥର ସେ ବସ୍ତୁ କାନ୍ଦଉଠିଲା । ବୋଧହୁଏ ତାକୁ କଷ୍ଟ ହେଉଚି । ସ୍ପଷ୍ଟ ବୁଝିହେଲା ଏଥର କାନ୍ଦଟା ।

ଅଭିଭୂତ ହୋଇ ଜର୍ଜ ପ୍ରଶ୍ନକଲା—ସେଇ ଅଦ୍ଭୁତ ପଦାର୍ଥ ତ ନୁହେଁ, ଜୀବଟିକୁ—"କିଏ ତୁ ? ତୁ କେମିତି ଏଠିକି ଆସିଲୁ ?

କେଁ କେଁ, କେଁ—ପୁଣି ସେ ଜୀବ ବାହୁନି ଉଠିଲା । ଏଥର ଖୁବ୍ ବଡ଼ ଗୋଟାଏ କୋହ ଉଠିଲା ତା ଗ୍ରୀବ ଭିତରୁ । ସ୍ପଷ୍ଟତଃ ଜର୍ଜର ସେଇ ଅଦ୍ଭୁତ, ଅସମ୍ଭବ ପ୍ରଶ୍ନର ଉତ୍ତର ଦେବା ପାଇଁ ଅଧିକ ଶକ୍ତି ତା' ଦେହରେ ନଥିଲା । ସେ ଖାଲି ଲଗିଲାଗି ଆସିଲା ଆହୁରି ପାଖକୁ ପାଖକୁ ଜର୍ଜର । ଆହୁରି ନିବିଡ଼ ଭାବେ ସେ ଜଡ଼ାଇ ଧରିଲା ଟୋକାଟାକୁ ।

ଜର୍ଜର ଆଖିରୁ ଲୁହ ବୋହିଲା । ଗୋଟାଏ ମସ୍ତବଡ଼ ପଥର ତା ଗ୍ରୀବ ଉପରେ ଆସି ଥୋଇହୋଇଗଲା ଭଳି ତାକୁ ଲାଗିଲା । ପିଲାଦିନର କଥା ତାର ମନେପଡ଼ିଲା । ବୁଢ଼ାର ମୁହଁଟା ଜଳଜଳ ହୋଇ ଦେଖାଗଲା ତାକୁ । ଏଇ ବୁଢ଼ା !—ତାର ବାବା । ବାବା ! ହୁଁଃ ! ଖାସା ବାବା—ନଳାରୁ ଗୋଟେଇ ଆଣିଥିଲା ! କାହିଁକି ? କି ଦରକାର ଥିଲା ତୋର ! କଣ ? ଧର୍ମ ' ସ୍ୱର୍ଗର ଲୋଭ—ସେଇଥିପାଇଁ ଧର୍ମ ଆଉ ଦୟା !—ଧର୍ମ ପାଇଁ କେଡ଼େ ଲୋଭ ତୋର ମତେ ବୁଢ଼ା !—ହଉ, ଯା, ଯା—ସ୍ୱର୍ଗକୁ ଯା—।

ଜର୍ଜ ମୁହଁ ବୁଲେଇଦେଲା । ବୁଢ଼ାର ମୁହଁ ଉଭେଇଗଲା । ଉଭେଇ ଗଲାବେଳେ କୌଣସି ପ୍ରକାର ଭାବ କିନ୍ତୁ ସେ ମୁହଁ ଉପରେ ଦେଖାଗଲା ନାହିଁ । ନା ସେ ହସୁଥିଲା, ନା କାନ୍ଦୁଥିଲା । ସେ କେବଳ ଧାଇଁଆସିଥିଲା ପିଲାଦିନର କଥାଗୁଡ଼ାକୁ ଟୋକାଟା ମନରେ ସ୍ମରେଇ ଦେଇ ଉଭେଇଯିବାକୁ ।

ବୁଢ଼ା ଚାଲିଗଲା ପରେ ଜର୍ଜ ଯେତେବେଳେ ପୁଣି ମୁହଁ ବୁଲେଇଲା, ସେତେବେଳେ ତାର ଆଖି ବୁଜି ବୁଜି ହୋଇ ଆସୁଥିଲା; କିନ୍ତୁ ଠିକ୍ ସେତିକବେଳେ ସେଇ ଅଦ୍ଭୁତ ଜୀବଟି ପୁଣି ଚେଇଁଉଠି ତା କାନ ପାଖେ ଓଠ ଲଗାଇ ଫୁସ୍‌ଫୁସ୍ ହୋଇ କହୁଥାଏ—ହେ, ଶୋଇ ପଡ଼ୁଚ କି ? ଉଠ, ଉଠ, ଉଠ—ନାଇଁ, ନାଇଁ, ନାଇଁ; ତମେ ଶୋଇପଡ଼ନା—ମତେ ଏକା ଛାଡ଼ିଦେଇ ତେମେ ବେଶ୍ ମଜାରେ ରହିଛ ତ ! ମୁଁ କଣ ତମର ମନେ ପଡ଼େ ନା ? ତେମେ ଜାଆଁ ସେଇ ଗୋଦରା ବୁଢ଼ୀଟାକୁ ଚିହ୍ନ ? ସେ କଣ ତମ ମନକଥା ବୁଝେ ? ହେଇ ଶୁଣ ! ସେ ଘରେ ଫଁ ଫଁ ନିଃଶ୍ୱାସ ମାରୁଛି—ଖାଲି ନିଃଶ୍ୱାସ ମାରୁନାହିଁ—ସେ କଡ଼ ଲେଉଟେଉଚି ଥରକୁ ଥର—କିନ୍ତୁ କଅଣ ହବ ? ନଜିର୍ ମିଆଁ ଆଜି ଆଉ ଶୁଣିବ ନାଇଁ ତାର ନିଃଶ୍ୱାସକୁ—ସେ ବେହୋସ ହୋଇ ଶୋଇଚି—ତାର ନିଃଶ୍ୱାସରେ ସାରା ଘରଟା ଗନ୍ଧେଇଯାଉଚି—ଏଃ !

ସେଇ କାନକୁହା କଥାଗୁଡ଼ାକ ଖୁବ ସୁନ୍ଦର ଲାଗୁଥିଲା ଜର୍ଜକୁ । ତାର ସାରା ଦେହଟାର ରୁମ ଟାଙ୍କୁରି ଉଠିଥିଲା—ଅଦ୍ଭୁତ ଭୟ ଆଶ୍ଚର୍ଯ୍ୟ ଆଉ ଆନନ୍ଦରେ ! ହାତ ବଢ଼େଇ ସେ ସେଇ ଜୀବଟିକୁ ଧରିଆଣି ତାର ଗ୍ରୀବରେ ଜାକିଧରିଲା । ସେତେବେଳକୁ ସେଇ ଘୃଷ୍ଟ; ପିଲାଦିନର ଖେଳସାଥୀ ଆଉ ବଡ଼ଦିନର ଭୁଲ ସାଥୀଟି କେବଳ ଗୋଟିଏ ସାମାନ୍ୟ ରବର

Digitized by srujanika@gmail.com

କଣ୍ଢେଇ ହୋଇ ବସି ରହି ନ ଥିଲା ଘରକଣର ଗୋଟିଏ ଅନ୍ଧାରିଆ ଅଳନ୍ଧୁଲଗା କାଠବାକ୍ସ ଭିତରେ । ସେ ଉଠିଆସିଥିଲା ତାର ସମସ୍ତ ରୂପଲାବଣ୍ୟ ନେଇ—ସେଇ ରାତିରେ—ଜର୍ଜର ସାଥୀ ହେବାପାଇଁ, ପିଲାଦିନର ପଦେଅଧେ କଥା ତାର କାନରେ କହି ତାକୁ ସାହା-ଭରସା ଟିକିଏ ଦବାପାଇଁ ।

ଜର୍ଜ ଅନୁଭବ କରୁଥିଲା—ସେଇ ଗ୍ରେଟ ରବର କଣ୍ଢେଇଟା ! ଏତେ ଟିକେ ଟିକେ ହାତ ଗୋଡ଼ ଥିଲା ତାର ! କିନ୍ତୁ ଏ କଣ ? ତାର ହାତ, ଗୋଡ଼ ବେଶ୍ ଲମ୍ବା ଲମ୍ବା ହୋଇ-ଯାଇଚି ତ ! ଖାଲି ସେତିକି ନୁହେଁ—ତାର ପୁଟୁପୁଟୁ ରବରର ହାତ ଦିଇଟା ଉପରେ ଗୁମ୍ଫି ହୋଇ ବସିଯାଇଚି ବ ସେଇ ମୋଟା ମୋଟା ଓଜନିଆ ରୁପାଖଡ଼ୁ ଦିଇଟା: ଆଉ ସେ ଖଡ଼ୁ ଦିଇଟାର ପଛେ ପଛେ ସେଇ ନାଲିନେଳିର ପାଣିକାଚ ଗୋଲ୍ଲକ ବ ସେମିତି ରହିଚି ! -

ସତେବା ଜର୍ଜର ଆଖି ଦିଇଟା ଅନ୍ଧାର ଭେଦକରି ସବୁକିଛି ଦେଖିପାରୁଥିଲା । ଏଥର ଜର୍ଜ ଭଲକରି ଜାଣିପାରୁଥିଲା, ତାର ଦେହକୁ ଲାଗି ସେଇ ଯେଉଁ ସରୁକଣ୍ଠର କେଁ କେଁ ଶବ୍ଦଟା, ସେଇ ନରମ ରବର ଦେହଟା ଭିତରୁ ପ୍ରତିଧ୍ୱନିତ ହେଉଥିଲା, ତାହା ଆଉ ସାମାନ୍ୟ ଗୋଟାଏ ଚୁଚୁନ୍ଦ୍ରା ମୂଷାର ଚିଁ ଚିଁ ଶବ୍ଦ ନୁହେଁ କିମ୍ବା ସାମାନ୍ୟ ଗୋଟାଏ ରବର କଣ୍ଢେଇର ଯାନ୍ତ୍ରିକ ଶବ୍ଦ ନୁହେଁ—ତାହା ଥିଲା ତାର ଏକମାତ୍ର ସାଥୀ, ସହଚର ଆଉ ବନ୍ଧୁର ଚିର ସହାନୁଭୂତିସୂଚକ ଶବ୍ଦ !

କାରଣ, ସେତେବେଳକୁ ସେଇ ଗ୍ରେଟ ପିଲାଦିନର ଖେଳସାଥୀ ଆଉ ବଡ଼ଦିନର ଭୁଲା ସାଥୀଟି କେବଳ ଗୋଟିଏ ସାମାନ୍ୟ ରବର କଣ୍ଢେଇ ହୋଇ ଆଉ ବସିରହି ନ ଥିଲା ଘରକଣର ଗୋଟିଏ ଅନ୍ଧାରିଆ ଅଳନ୍ଧୁଲଗା କାଠବାକ୍ସ ଭିତରେ—ସେ ଉଠି-ଆସିଥିଲା— ।

ପୁଣି ସେଇ କବରଖନ ଦୋକାନ ପିଣ୍ଡା— ।

ସେ ଦୋକାନଟା ଯେ କାହିଁକି ବୁଢ଼ା କବରଖନ ଆଣି ସେଠି ବସେଇଥାଏ ସେ ବିଷୟରେ କୌଣସି ଜ୍ଞାନ ନ ଥାଏ ଜର୍ଜର । ଅଧିକାଂଶ ଦିନ ସେ ଦେଖିଚି ବୁଢ଼ା ଲୁଆଙ୍ଗ୍ ଆସି ଦିନ ଦିନଟା ଘଣ୍ଟାବେଳକୁ ସେଠି ହାଜର ହୁଏ । ଗଳାମୁଣ୍ଡ ତେଳକଳଠୁଁ ଯେତେବେଳେ ଯେ କେହି ପିଆଡ଼କୁ ବଙ୍କାଉନା କାହିଁକି, ତାଙ୍କ ଭିତରୁ ବୁଢ଼ା କବରଖନକୁ ଠିକ୍ ଠଉରେଇ ନିଏ ଜର୍ଜ । ଖାଲି ପଗଡ଼ି ଆଉ ବାଡ଼ି ନୁହେଁ, ତା'ଠେଇଁ ଆଉ କେମିତି କଅଣ ଗୋଟାଏ ଫରକ ଥାଏ ଯୋଉଟା କି ତାକୁ ଅନ୍ୟମାନଙ୍କଠୁଁ ଅଲଗା କରିଦିଏ । ବୁଢ଼ା କବରଖନର ସେଇ ମଠୁଆ ମଠୁଆ ଚାଲି—ସତେ କି ଗୋଟାଏ ମସ୍ତବଡ଼ ବୋଝ ଲଦାହୋଇଚି ତା' ଉପରେ । ବେଳେବେଳେ ଜର୍ଜକୁ ହସ ମାଡ଼େ ବିଚରାର ଅବସ୍ଥା ଦେଖି । ସହରରେ ଏଥିଭିତରେ ସେ ଏତେ ବୁଲାବୁଲି କଲାଣି ଆଉ ଏତେ କିମ୍ଭୂତ-କିମାକାର ଲୋକ ତାର ନଜରରେ ପଡ଼ିଲେଣି, କିନ୍ତୁ ସେଥିଭିତରୁ କାହାକୁ ସେ ଏମିତି ଚାଲିବାର ଦେଖିନାହିଁ ।

Digitized by srujanika@gmail.com

ନଜିର ବୁଢ଼ୀ ଯାଙ୍ଗେ ସହର ତମାମ୍ ବୁଲି ବୁଲି ସେ ଦେଖିଛି ମଣିଷ, ଯୋଉ ମଣିଷ-ଗୁଡ଼ାଙ୍କର ହାତଗୋଡ଼ ସବୁ ଥାଇ ବି ସେମାନେ ଚାଲି ନ ପାରି ବଡ଼ ରାସ୍ତା ଉପରେ ଗାଡ଼ି ଘୋଡ଼ା ମଟର ସାଇକେଲ ଭିତରେ ବି, ଘୁଷୁରି ଘୁଷୁରି ଚାଲିଥାଆନ୍ତି ଗୋଟାଏ ଗୋଟାଏ ଟିନା କି ଥାଳିଆ ଦାନ୍ତରେ ଧରି । ନଜିର ବୁଢ଼ୀ କହେ, ସେ ଲୋକଗୁଡ଼ାକ ପେଶନା କରନ୍ତି—ଭିକ ମାଗନ୍ତି । ପେଟ ପୋଷିବା ପାଇଁ ସେମାନେ ଗୋଟାଏ ବାଟ ଧରିନେଇଛନ୍ତି ।

"ଭିକ ମାଗୁଛି !" ଜର୍ଜ ଆଶ୍ଚର୍ଯ୍ୟ ହୋଇ ପଚାରେ, "ଭିକ ଯଦି ମାଗୁଛି, ଚାଲିଚାଲିକା ଯାଇ ମାଗିଲେ ହଅନ୍ତା ନାହିଁ ? ଏମିତି ଘୁଷୁରୁଛି କାହିଁକି ?"

"ଉହୁଁ"—ମୁଣ୍ଡ ହଲେଇ ନଜିର ବୁଢ଼ୀ ଟୋକାଟାର କଥାକୁ କାନ ନ ଦେଇ ତାକୁ ଟାଣେ ଆଉ ଗୋଟାଏ ଆଡ଼କୁ ।

ଜର୍ଜ ଟାଣି ହୋଇ ପଳାଏ ନଜିର ବୁଢ଼ୀ ହାତରୁ । ସେ ଅଦ୍ଭୁତ ଲୋକଟାକୁ ଟିକିଏ ନିରେଖିକରି ଦେଖିବାପାଇଁ ତାର ଇଚ୍ଛା ହୁଏ । ସେ ବୁଝିପାରେ ନା ସେଗୁଡ଼ାକ କି ଜାତିର ମଣିଷ ବୋଲି । ତାକୁ ଆଶ୍ଚର୍ଯ୍ୟ ଲାଗେ । ସଂସାରରେ ଆହୁରି କେତେପ୍ରକାର ମଣିଷ ଅଛନ୍ତି, ଯାହାଙ୍କର ଏମିତି ଭଳିକି ଭଳି ଚାଲି ଅଛି । ସେ ବିଶ୍ୱାସ କରିପାରେନା ଯେ କେବଳ ପେଟପୋଷିବା ପାଇଁ ମଣିଷମାନେ ପେଶନା କରି ଏମିତି ଚାଲନ୍ତି ବୋଲି ! ତାର ଆଶଙ୍କା ହୁଏ, ଏ ସଂସାରରେ ସତରେ ଏମିତି ମଣିଷ ଅଛନ୍ତି ଯୋଉମାନଙ୍କର ଚାଲିବାର ଉପାୟ ହେଲା - ଏମିତି ଘୁଷୁରିବା କମ୍ବା ସେଥିପାଇଁ ଅନ୍ୟ ଯେକୌଣସି ଅସାଧାରଣ ଉପାୟ ଧରିବା । ଜର୍ଜର ଆଖି ସଦାବେଳେ ଘୂରୁଥାଏ ଏମିତି ଅଦ୍ଭୁତ ମଣିଷମାନଙ୍କୁ ଆବିଷ୍କାର କରିବାକୁ । ମଣିଷଟା ପ୍ରକୃତରେ କେତେ ଜାତିକା ଜୀବ ଏ ବିଷୟରେ ତାର ବହୁ ପିଲାଦିନୁ କୌତୂହଳ ଜାଗ୍ରତ ହୋଇଥାଏ । ଜର୍ଜ ଚାଲେ, ତାର ଅପ୍ରାପ୍ତବୟସ୍କ ଜ୍ଞାନ, ଚିନ୍ତା ଆଉ ସୀମିତ ଅନୁଭୂତ ନେଇ···ମଣିଷର ପିଛା ।

"ଆବେ ହେ ବେକୁନ୍‌କେ ବଚ୍ଚେ ?"—ବୁଢ଼ା ନଜିର ମିଆଁ ଜର୍ଜ ପଛରେ ଗୋଡ଼େଇ ଗୋଡ଼େଇ ଡାକେ, "ଆବେ କାହଁଦେଗା ଓ ! ହଁସୁଆ ନିକଲ୍ ଦେଗା ବେ ଦୁହ୍ମାରା—କେତନା ବଡ଼ା ବଡ଼ା ଦାନ୍ତ ହୈ ଉସ୍‌କା, ମାଲୁମ୍ ନେହିଁ ପଡ଼ତା ବେ ?···"

ଜର୍ଜ ଜାଣେ । ସେ ଭଲକରି ଜାଣିଥାଏ ଯେ ନଜିର୍ ମିଆଁ ତାକୁ ଛାଡ଼ିଦେଇ ଚାଲିଯିବ ନାହିଁ । ଯଦି ବା ଚାଲିଯାଏ ତେବେ ବୁଢ଼ୀ ତା ହଁସୁଆ ନିକାଳି ଦେବ । ନଜିର ମିଆଁର କୌଣସି ବାରଣକୁ କାନ ନ ଦେଇ ସେ ଯାଏ - ଯାହା ତାର ମନହୁଏ ଦେଖିବାକୁ । ନଜିର ବୁଢ଼ା ଧପାଉଥାଏ ଜର୍ଜର ପିଛା ।

ଏମିତି ଯାହା ଦେଖିବାର କଥା ସେ ଦେଖିଛି । କେବଳ ୪ଇ କାମୁଡ଼ା ପୋକ ଭଳିଆ ମଣିଷ ନୁହେଁ, ସେ ବି ଦେଖିଛି ଆହୁରି କେତେଭଳି ମଣିଷଙ୍କର କେତେଭଳି ଚାଲି ।

ମଣିଷ ଘୁଷୁରି ଘୁଷୁରି ନିଜେ ଚାଲେ । ମଣିଷକୁ ଦୋଥାରି ଘୋଷାରି ଆଉ ଜଣେ ମଣିଷ ବି ନେଇପାରେ । ମଣିଷର ହାତ ଗୋଡ଼ କାଟିଦେଲେ ବି ସେ ଚାଲିପାରେ, ବୁଲିପାରେ ଆଉ ପେଟ ପୋଷିପାରେ । କେତେ ପ୍ରକାର ବିଚିତ୍ର ଚକ୍କର କରି ପଶୁ, ପକ୍ଷୀ,

Digitized by srujanika@gmail.com

ଯାଏ, ଯତିଙ୍କ ନାନା ବ୍ରତ ଆଚରଣ କରି ମଣିଷ ବଞ୍ଚେ । ଅନ୍ଧ ହୋଇ ବାଡ଼ି ଠୁକୁଠୁକୁ କରି ମଣିଷ ବାଟ ବାରିପାରି ଚାଲେ । କେବଳ ଚାଲେନା, ପେଟ ପୋଷେ ଆଉ ସାଙ୍ଗର ଜଣେଅଧେଙ୍କୁ ବି ପୋଷେ । ମଣିଷ ସବୁ କିଛି କରିପାରେ । ତା' ପରେ ମଣିଷର ରୂପ ବି ଅନେକ । ସେ ସଦାବେଳେ ମଣିଷ ଚେହେରା ଧରି ବଞ୍ଚିବାକୁ ଭଲପାଏ ନା । ସେ ଭାଲୁ ହୋଇ ରାସ୍ତାରେ ନାଚେ, ବାଘ ହୋଇ ହାଉଁ ହାଉଁ ହୋଇ ଲୋକଙ୍କ ଆଗକୁ ଆସେ । ଏଇ ସବୁ ନାନାଜାତିକା ମଣିଷଙ୍କ ଭିତରେ ଜନ୍ମ ପାଇଥାଏ ଆଉ ଗୋଟିଏ କିସମର ମଣିଷଙ୍କର ଟେର୍ । ଏ ମଣିଷଗୁଡ଼ିକ ମଣିଷ କି ମାଙ୍କଡ଼, ସେ ବିଷୟରେ ସେ ସନ୍ଦେହରେ ପଡ଼େ । କାରଣ ଏଇ ଜାତିର ମଣିଷଙ୍କ ଭିତରୁ ଜଣଙ୍କ ସହିତ ତାର ଥରେ ମୁକାବିଲା ହୋଇଥିଲା । ସେଇ ଘଟଣାଟି ତାର ମନରେ ଏମିତି ଛାପହୋଇ ରହିଯାଇଛି ଯେ ସେଦିନଠୁଁ ସେ ଯେକୌଣସି ମଣିଷକୁ ଦେଖିଲେ, ତାର ଜାତି ନିର୍ଣ୍ଣୟ କରିବାକୁ ମନେ ମନେ ଲାଗିପଡ଼େ । ଘଟଣାଟି ଏହିପରି ଘଟିଥିଲା—

ନଜର ଚାଚା ଆଉ ଜନ୍ମ ଦହିକା ହେଁ ଦିନେ ରେଲଷ୍ଟେସନ୍ ଆଡ଼ୁ ଫେରୁଥାଆନ୍ତି । ନଜର ଚାଚା ମୁଣ୍ଡେଇଥାଏ ଟୋକେଇଏ ପୋଡ଼ା କୋଇଲା । ବଡ଼ିସକାଳୁ ଉଠି ସେ ଦୁହେଁ ଯାଇଥିଲେ ରେଲଲାଇନଏ ଲାଇନଏ । ରାତିଗାଡ଼ିରୁ ଯେତେ କୋଇଲା ଝଡ଼ିଥିଲା ସେଗୁଡ଼ିକୁ ଖୁଣ୍ଟି ଖୁଣ୍ଟି ଟୋକେଇରେ ପୂରେଇ ସେମାନେ ଫେରୁଥିଲେ ।

ରେଲଲାଇନରୁ କୋଇଲା ଗୋଟେଇବା ଭାରି କଷ୍ଟ କାମ । ଓଃ ! ନଈଁ ନଈଁକା ଅଣ୍ଟା ଭାଙ୍ଗି ପଡ଼ୁଥାଏ ପରିସରେ । ସେଥିରେ ପୁଣି ଝଗଡ଼ା ! ଏ ଝଗଡ଼ା କୋଇଲା ଖୁଣ୍ଟିବା ସାଙ୍ଗେ ମିଳାମିଶି ଥାଏ ବରାବର । ଝଗଡ଼ାଟା ଲାଗେ ଗୋଟାଏ ତମ୍ପମୁହାଁ ବୁଢ଼ୀ ସାଙ୍ଗେ ।

ସେଇ ତମ୍ପମୁହାଁ-ଥୋବଡ଼ା ବୁଢ଼ୀଟା ..। ବରଷକ ବାରମାସ ତା ସାଙ୍ଗରେ କଳି । ରାତିସାକ ତାକୁ ନିଦ ନ ଥାଏ ବୋଧହୁଏ । କାହାରି ନିଦ ଭାଙ୍ଗିବା ପୂର୍ବରୁ ଉଠିକରି ସେ ଚାଲିଥାଏ ରେଲଲାଇନେ ଲାଇନେ । ତାର ଫୁଲ୍‌କୁଟି ବାଳକୁ ଲମ୍ବେଇ ଦେଇ ନଇଁ ନଇଁ ସେ ଚାଲିଥାଏ । ଧୂଡ଼ି ଜାଙ୍ଗୁଲୁ ଜାଙ୍ଗୁଲୁରୁ ତାକୁ ସେଭଳି ଦେଖିଦେଲେ ଡର ଧଡ଼କାଟିବ । ଦୂରରୁ ସେ ଦେଖାଯାଏ ଗୋଟାଏ ଜଅଟ ଭଳି । ସତେକି ମୁହଁକୁ ତଳକୁ ଲଗେଇଦେଇ ଚୁଟିଚୁଟିକା ମାଟି ସଫା କରି କରି ସେ ଚାଲିଯାଏ ରେଲଲାଇନଏ ଲାଇନଏ ।

ଏ ଗୋଟାଏ ଭୟଙ୍କର ବୁଢ଼ୀ । ନଜର ଚାଚା ଥରେ କହୁଥିଲା ଏଇ ବୁଢ଼ୀ କଥା । କେମିତି ବହୁତଦିନତଳେ ଯେତେବେଳେ ଏ ବାଟେ ପ୍ରଥମେ ରେଲଲାଇନ ପଡ଼ିଲା, ସେତେବେଳେ କେମିତି ଏଇ କୋଇଲା ଗୋଟେଇବା କଥା କେହି ଜାଣି ନ ଥିଲେ । ପ୍ରତିଦିନ ସକାଳୁ ଉଠି ନଜର ମିଆଁ କାହାକୁ କିଛି ନ କହି ଚାଲିଯାଏ ରେଲଲାଇନକୁ; ଆଉ ଦିନ ନଅଟାବେଳକୁ ଗୋଟାଏ ବସ୍ତା କୋଇଲା ପିଠିରେ ପକେଇ ସେ ଘରକୁ ଫେରେ । ଏଇ ବସ୍ତା ପିଠରେ ପକାଇବା କଥାରୁ ପଡ଼େ । ନଜର ଆଖିରେ ନାଚିଉଠେ ନଜର ଚାଚାର ସେଇ ରୂପ ' ଆରେ ବାପ୍‌ରେ ବାପ୍ ! କେମିତି ସେ ଦେଖାଯାଉ ନ ଥିବ ସେତେବେଳେ । କୁଆଡ଼େ ଏଇ ନଜର ମିଆଁ ସେତେବେଳେ ଗୋଟିଏ ହାତରେ

Digitized by srujanika@gmail.com

ଦେଉଥିଲା—ମେଲଗାଡ଼ିକୁ ! ଏକା ଧକ୍କାକେ ସେ ଗୋଟାଏ ଗୋଟାଏ ମସ୍ତବଡ଼ ଗଛକୁ ଠେଲି ଓପାଡ଼ି ଦେଉଥିଲା । ଆରେ ବାପ୍‌ରେ ବାପ୍ ! ମଣିଷ ଦେହରେ ପୁଣି ଏତେ ବଡ଼ ରାକ୍ଷସିଆ ବଳ ଆସେ କୁଆଡ଼ୁ ? ଜର୍ଜ ତା ନିଜ ହାତକୁ ଚାହେଁ ! ତା ନିଜ ବାହୁକୁ ଚିପେ ଆଉ ଆଖି ବୁଜିକି ଚିନ୍ତା କରେ—ହେଁ, ଇଏ କି ଭୁଲ—ଇଆର ଶହେଗୁଣରୁ ବେଶି ନିଶ୍ଚୟ ହେଇଥିବ ନଜିର ଚାଚାର ବାହୁଟାମାନ ସେତେବେଳେ । ନହେଲେ ରେଲଗାଡ଼ିକୁ ସାମାନ୍ୟ ହାତଟାଏ ଅଟକେଇ ଦିଅନ୍ତା କେମିତି ?—ପୁଣି ମେଲ୍‌ଗାଡ଼ି ! ସେ ଅନ୍ଦାଜ କରେ, ସେତେବେଳକାର ନଜିର ମିଆଁକୁ—କାହାଭଳି ସେ ତା ହେଲେ ହେଇଥିବ ସେତେବେଳକୁ ? ସେମିତିକା ମଣିଷ ଆଉ କ'ଣ ଏ ଯୁଗରେ ଅଛନ୍ତି ?—ଏମିତି ଭାବୁ ଭାବୁ ତା'ର ଆଖିକୁ ଦେଖାଯାଏ ଗୋଟାଏ ଛବି, ଯୋଉ ଛବିଟାକୁ ସେଦିନ ସେ ଦେଖିଥିଲା ଜେଲଖାନା କାନ୍ଥରେ ମରାହେଇଥିବାର ।

"ଏ କ'ଣ ମଣିଷ ?"—ସେଇ ଛବିକୁ ଦେଖି ଆଶ୍ଚର୍ଯ୍ୟ ହେଇ ସେ ପଚାରେ ।

"ମଣିଷ ନୁହେଁ ଆଉ କ'ଣ ଜାନୁଆର୍ ?" ନଜିର ଚାଚା ତାର ଉତ୍ତର ଦିଏ । ତା ପରେ ସେ କହେ, "ଇଏ ହଉଚି ଗୋଟାଏ ପ୍ରକାର ମଣିଷର ଛବି । ଏମାନେ ସର୍କସରେ ଥାଆନ୍ତି ।"

ଜର୍ଜ ନଜିର ଚାଚାକୁ ଦର୍‌ଦାର କଲାଭଳି ପଚାରେ—"ଏମାନେ କଣ ସର୍କସରେ ଜନ୍ମହୁଅନ୍ତି ? ନଇଲେ ସର୍କସକୁ ଏମାନେ ଆସନ୍ତି କେମିତି ?"

ନଜିର ଚାଚାର ମନକୁ ଟୋକାଟାର ପିଲାଳିଆ କଥା ଖୁବ୍ ପାଇଯାଏ । ଟୋକାଟା ଯେ ଏଯାଏ କିଛି ଦେଖିନି; ଜାଣିନି, ଶୁଣିନି—ଗୋଟାଏ ମାଟିପିଣ୍ଡୁଳାଟିଏ ହେଇ ଏପର୍ଯ୍ୟନ୍ତ ପଡ଼ିଚି—ଖାଲି ସିଏକୁ ରୂପ ଦେଇଦେଲେ ହେଲା—ଟିକିଏ ଚକଟାଚକଟି କରି ଆଉ ଆଙ୍ଗୁଠିରେ ପାଲିସ୍ କରି, ଏକଥାକୁ ନଜିର ମିଆଁର ଲକ୍ଷ୍ୟ ଥାଏ । ହସିହସିକା ସେ କହେ, "ଆବେ, ଏ ବାତ୍ ମାଲୁମ୍ ନେହିଁ ?—ତୁ ଏତନା ବଡ଼ା ହୋଗିୟା, ତୁମ୍ହେ ଏତ୍‌ନାଇ ମାଲୁମ୍ ନେହିଁ କିଉଁସେରେ—? ତୋ ଶୁନ୍—ସର୍କସରେ ଯୋଉ ଶେର୍‌ଗୁଡ଼ାକ ଅଛନ୍ତି, ତାଙ୍କୁ ସବୁ ହଣ୍ଟରଓ୍ୱାଲି ଲଡ଼୍‌କୀମାନେ ଖେଳାନ୍ତି । ଶେର୍ ତୋ ଶାଲା ଏକଦମ୍ ଦମାକ୍‌ଦାର୍ ଜାନୁଆର୍—ସେ ଶାଲା ସବ୍ ସମଝି ପାରେ⋯"

ଖେଁ ଖେଁ ହେଇ ନଜିର ମିଆଁ ତା ପରେ ଏତେ ଜୋର୍‌ରେ ହସେ ଯେ ବିଚରା ଜର୍ଜ ତା ନିଜର ନିର୍ବୋଧତାକୁ ଲୁଚେଇବା ପେଇଁ ନଜିରର ରାକ୍ଷସିଆ ହସ ସାଙ୍ଗରେ ମିଶେଇ-ଦିଏ ନିଜର ହସକୁ । ତାର ଆଖି କିନ୍ତୁ ମିଟିମିଟି ହଉଥାଏ । ସେ କିଛି ବୁଝିପାରୁ ନଥାଏ—ନଜିର ମିଆଁର କଥାରୁ । ହୁଏତ ସେ ବିଶ୍ୱାସ କରେ ନଜିର୍‌ର ସେଇ ଇସାରାକୁ । ମଣିଷ ମଣିଷ ଆଉ ଶେର୍ ଶେର୍ ଏ ଧାରଣା ତାର ନ ଥାଏ । ସେ ଚିନ୍ତା କରିପାରେ ନାହିଁ ଯେ ଶେର୍ ଆଉ ସର୍କସର ହଣ୍ଟରଓ୍ୱାଲୀ ଦୁହେଁ ପୃଥକ୍ ପୃଥକ୍ ଜାତିର ଜୀବ ଓ ସେ ଦୁହିଁଙ୍କ ମଧ୍ୟରୁ ଖାସ୍ ସର୍କସ ପାଇଁ ଆଉ ଗୋଟିଏ ପ୍ରକାର ନୂଆ ଜୀବ ସୃଷ୍ଟି ହେଇପାରେ ନା ।

Digitized by srujanika@gmail.com

ଜେଲଖାନା କାନ୍ଥର ଚଉ ଦେଖି ସେ ଆଉ ଆଶ୍ଚର୍ଯ୍ୟ ହୁଏନା । ନଜର୍ ଷ୍ଟେସନ ମଡ଼କୁ ସେ ଗ୍ରହଣ କରିଯାଏ ।

ଜର୍ଜର ଧାରଣା ସେ ନଜର ମିଆଁ ଖୋଦ୍ ବ ଶେର୍ କା ବଚ୍ଚା । ନଚେତ୍ ତା ଦେହରେ ଏତେ ବଳ ଆସିଲା କୋଉଠୁ ? ଏଡ଼େ ବଡ଼ କୋଇଲା ବସ୍ତାକୁ ଶୂନ୍ୟେ ଶୂନ୍ୟେ ପିଠିରେ ପକେଇ ରେଲଷ୍ଟେସନଠାରୁ କ୍ୟାବିନ ଛକଯାଏ ଛ' ଛ' ମାଇଲ ରାସ୍ତା ଦି' ଖେପାକେ ସେ ପାରହୁଅନ୍ତା କେମିତି ? ନଇଲେ ମେଲଗାଡ଼ିକୁ ଗୋଟାଏ ହାତରେ ସେ ଯେତେ-ବେଳେ ଅଟକେଇ ଦେଉଥାନ୍ତା ?

ଏଇ ଶେର୍ କା ବଚ୍ଚା ସହିତ ପିଲାଦିନେ ମୁଲାକାତ୍ କୁଆଡ଼େ ହେଇଥିଲା ସେଇ ଡମ୍ପମୁହାଁ ବୁଢ଼ୀର ! ଜର୍ଜ ଭାବେ – ସେ ସେ କ ମୁଲାକାତ୍ ହେଇଥିବ, ଏ କଥା ଜର୍ଜ ସହଜରେ ଠଉରେଇପାରେ ।

ରେଲଲାଇନରେ ପ୍ରଥମେ ପ୍ରଥମେ ଗାଡ଼ି ଯିବାଆସିବା କରିବାର ମାସକ ପର୍ଯ୍ୟନ୍ତ ଯାହା କିଛି କୋଇଲା ନଜର ମିଆଁ ପାଇଥିଲା । ତା ବାଦ୍ ଦିନେ ହଠାତ୍ ନଜର୍ ମିଆଁର ବେବସା ବନ୍ଦ ହୋଇଗଲା ।

ଜର୍ଜ ମନେପକାଏ ନଜର୍ ମିଆଁର ସେଦିନର କଥା—

ସେ ଦିନ ବଡ଼ିସକାଳୁ ଉଠି ନଜର୍ ଦେଖେ ତ ବାହାରେ ଘୋର କୁହୁଡ଼ି ପଡ଼ିଚ । ମୁହଁକୁ ମୁହଁ ଦେଖାଯାଉନ । ନଜର୍ ଷ୍ଟେସନ ବାଡ଼ପଟେ ଗଲା । ନଇଁନଇଁକା ଖୁବ୍ ହୁସିଆରରେ ସେ କୋଇଲା ଗୋଟେଇବାକୁ ଆରମ୍ଭ କଲା । ସେମିତି ଚାଲି ଚାଲି ସେ ଯେତେବେଳେ ସିଗ୍ନାଲ୍‌ଖୁଣ୍ଟ ଟପିଲା, ସେତିକବେଳେ ତା ଅଣ୍ଟା ଭିତରେ ଗୋଟାଏ ପବନ ଅଟକିଗଲା । ନଜର ମିଆଁ ଠିଆହେଇ ପଡ଼ିଲା ସଳଖ ହେଇକରି । ଅଣ୍ଟା ଉପରେ ଅଧେ ଭିଡ଼ିମୋଡ଼ି ହେଇଚ ଏହି ସମୟରେ ତା ଆଖି ପଡ଼ିଗଲା—ଠିକ୍ କରି ସେଇ ଅଧା ମୋଡ଼ାହୋଇ ରହିଗଲା ଅଣ୍ଟାଟା—ଯବାନ୍ ନଜର୍ ମିଆଁର । ଆଉ ଯାଏ କୁଆଡ଼େ !

କୌଣସିମତେ ଅଣ୍ଟାକୁ ସଳଖି ନେଇକରି ନଜର ମିଆଁ ଖେପାକୁ ଖେପା ରେଲ-ସିଲିପଟ ଉପରେ ଚାଲିବାକୁ ଆରମ୍ଭ କଲା—ପଛେଇ ପଛେଇକା । ଖେପାକୁ ଖେପା ଆଗୁଆ ମାଡ଼ିଆସୁଥାଏ ସେ, ତେଣୁ ତା ମୁହଁ ତଳେ ଲାଗିଥାଏ । ବାଳ ଫିଟିକରି ତଳେ ଦୋହୁରୁଥାଏ । ଦେହରେ ଗୋଟାଏ ଠାଆରେ ବ ଲୁଗା ନ ଥାଏ । କୁହୁଡ଼ି କାଟିକାଟିକା ସେ ମିଶିଆସୁଥାଏ ।

ନଜର୍ ଦେଖିଲା – ନାଃ, ଆଉ ସ୍ୱା'ଠୁ ନିସ୍ତାର ନାହିଁ । ସେଉଠୁ ସେ ବାଟ କାଟିଲା । କୌଣସିମତେ ତା ଦୃଷ୍ଟିରୁ ଆଡ଼ୁଆଳ ହେଇ ରେଲଲାଇନରୁ ଓହ୍ଲେଇ ପଡ଼ି ନଜର୍ ଝୁ ମାରିଲା ।

କିନ୍ତୁ, ତା ପରେ ମାସଗୋଟାକଯାକେ ନଜର ମିଆଁ ବିଛଣାରୁ ଉଠିନାହିଁ । ଦି' ମୁହଁରେ ଛୁଟିଲା—ହଗା ଆଉ ବାନ୍ତି । ଦେହରେ ଖଇ ଫୁଟୁଥାଏ, ତାତିରେ ।

ମାସକ ପରେ ନଜର୍ ମିଆଁ ଶେଯରୁ ଉଠିଲା । ବୋଧହୁଏ ଉଠି ନ ଥାନ୍ତା ବ ।

Digitized by srujanika@gmail.com

ସେଥିପାଇଁ ଆହୁରି କେତେ କଥା । ସେଇ ଯୋଡ଼ି ବୁଢ଼ି—ଯୋଡ଼ି ବୁଢ଼ିଙ୍କୁ ଯେଉଁଦିନ ନଜିର୍ ମିଆଁ ଗ୍ରାମସିଂର ଘାଆରେ ଲଦେଇ ତାକୁ ଭଲକରିଥାଲା ସେଇ ବୁଢ଼ି, ଆଉ ଇଲମ ଯୋଉ ଫକିର ଦେଇଥିଲେ, ସେଇ ଫକିର ଆଲ୍ଲା ଜାଣ ବଞ୍ଚେଇ ଦେଇଗଲେ ନଜିର୍‌କୁ । ହଠାତ୍ ସେ ଆସି ପହଞ୍ଚିଗଲେ । ସତେକି ସେ ନଜିର୍‌ର ସବୁ ହାଲ କେମିତି ଠଉରେଇ ନେଲେ ସେଠୁ କୋଉଠୁ । ତାଙ୍କୁ ମାଲୁମ ତମାମ ଦୁନିଆର ହାଲଚାଲ ଜଣା ।

ନଜିର ମିଆଁ ସେତେବେଳକୁ ହାଡ଼କଙ୍କାଳ । କିନ୍ତୁ ଫକିରଙ୍କର ଗୋଟାଏ ଫୁଙ୍କରେ ନଜିର ମିଆଁ କାନ୍ଧରୁ ଓହ୍ଲେଇଗଲା ସେ ଭୂତ । ଫକିର ଚାଲିଗଲା । ଏ ପର୍ଯ୍ୟନ୍ତ ନଜିର ମିଆଁ ପିନ୍ଧିଥିଲା ତା ବେକରେ ସେଇ ତାବିଜଟାକୁ । କିନ୍ତୁ ଏଇ ଅଳ୍ପଦିନ ହେବ ସେଇଟାକୁ ବେକରୁ କାଢ଼ି ସେ ଜର୍ଜକୁ ଦେଇଚି ପିନ୍ଧିବା ପାଇଁ । ଏତିକି ନଜିର ଅବଶ୍ୟ ଦେଲା—ଏଇ କାଠ କ୍ୟାବିନ୍‌ବାଲା ଗୋଦଲା ବୁଢ଼ୀ ଯୋଗୁଁ । କାରଣ ବୁଢ଼ା ନଜିର୍‌ର ବଳ ରହିବାରୁ ସେ ଯେତେବେଳେ ଜର୍ଜକୁ ସାଙ୍ଗରେ କୋଇଲା ସେଣ୍ଟ ନବାକୁ ଚାହିଁଲା, ବୁଢ଼ୀ ତା କଥାରେ ମଙ୍ଗିଲା ନାହିଁ । ତା ଛଡ଼ା ରେଲଲାଇନ କଥା ଶୁଣିଲେଇ ସେ ଚହଙ୍କି ଉଠେ । ନଜିର୍‌କୁ ଗାଳିଦେଇ ସେ କହୁଥାଏ—"ଆଉ ! ତେତେ ଲୋକ ମିଳୁନାହାନ୍ତି କୋଇଲା ଗୋଟେଇବାକୁ ! ସେଇ ବୋଲି ଟୋକା—ତାଆର ଉପରେ ତୋର ଆଖି ! ନାଇଁ ସେ ଯିବନାହିଁ କୋଇଲା ହେଲେ ହେଲା, ନଇଲେ ନାହିଁ—କାହିଁ ? ଅଳପେଇଷ ତମେ ସବୁ ତ ବୁଢ଼ା ବୁଢ଼ାଟେମାନ ହେଇଚ ସେ ଡର ନାଗୁଚି ବୋଲି ବେକରେ ତାବିଜ ବାନ୍ଧିଚ. ହାତରେ ତଉଁରଅଟେମାନ ଝୁଲେଇଚ—ତୁମ ଦେହରେ ଆଖି ପଡ଼ିବନି—ତମ ଦେହ କଳକଳ ବଇଚ, ଆଉ କଅଁଳା ପିଲାଟାକୁ ଜାଣୁ ଜାଣୁ କେମିତି ହାଣମୁହଁକୁ ଠେଲିଦଉଚ ବା ?—ତା ଦେହରେ ସେ ଡାହାଣୀର ଆଖି ଯଦି ପଡ଼ିବ—ସେ ଆଉ ରହିବଟି କି ? ତା କଅଁଳା ମାଉଁସକୁ ଦେଖି ସେ ଡାହାଣୀ ପିଶାଚୁଣୀର ପାଟିରୁ ପାଣି ନାଳ ବୋହୁଥିବ…"

ସେଇଠୁ ନଜିର୍ ମିଆଁ ତା ତାବିଜଟାକୁ ଖୋଲିକରି ଆଣି ଜର୍ଜକୁ ଦେଲା । ସେତିକି-ବେଳେ ନଜିର ମିଆଁ ତା ପିଲାଦିନ କଥା କହୁଥିଲା । କହୁଥିଲା ସେ—କେମିତି ଶେଷରେ ସେଇ ରେଲଲାଇନ୍ ଡାଆଣୀ ସାଙ୍ଗରେ ତାର ମୁଲାକାତ୍ ହେଲା !

ନଜିର୍ ମିଆଁ କହେ—ଶେଯରୁ ଉଠିବାର ଛଅ ମାସ ବାଆଦ୍ ଯାଇ ନଜିର୍‌ର ତାକତ୍ ଫେରିଲା ! ସେ ତ ଶେର୍ କା ବଚ୍ଚା । ଡାହାଣୀକି ଛାଡ଼ିଦଉଚି ସେ କେତେବେଳେ !

ସେଦିନ ରାତିଅଧରୁ ଉଠି ନଜିର ମିଆଁ ଯାଇ ସିଗ୍‌ନାଲ ଖୁଣ୍ଟ ପାଖେ ବସିଲା । ଆଗ ଆଗ ତା ଛାତି ଟିକିଏ ଧଡ଼ପଡ଼ ହଉଥିଲା । ଭଲକରି ଦମ୍‌ମାରି ସେ ତାର ଗୁରୁ ଫକିରକୁ ମନେ ମନେ ଗୁଣିଲା । ତା ବାଦ୍ ଡର ଛାଡ଼ି ପଳେଇଗଲା ଦେହରୁ । ଏମିତି ଏମିତି ସେଇ ସିଗ୍‌ନାଲ୍ ଖୁଣ୍ଟି ପାଖରେ ବସୁ ବସୁ କେତେବେଳେ ତାର ଆଖି ବୁଜିହୋଇଯାଇଚି ।

କଅଣ ଗୋଟାଏ ଶବ୍ଦ ଶୁଣି ହଠାତ୍ ଆଖି ଫିଟେଇଦେଇ ନଜିର୍ ମିଆଁ ଯେତେ-ବେଳେ ଅନେଇ ଦିଏ, ସେତେବେଳେ ତାର ଅକଲ ଗୁଡ଼ୁମ୍ ହୋଇଗଲା । ସେ ଡାଆଣୀ ଯେ କେତେବେଳେ ଆସି ଏତେ ପାଖରେ ହାଜର ହୋଇଯାଇଥିଲା ଏକଥା ନଜିର୍‌ର ଖିଆଲ ନ ଥିଲା ।

Digitized by srujanika@gmail.com

ତେବେ ତାବଜଟା ତ ବେକରେ ଝୁଲୁଥିଲା । ପରବାଏ ନ ଥିଲା କିଛି ନଜର୍ ମିଆଁର । ହୁଁଃ ! ବୋଲି ଡେଇଁପଡ଼ିଲା ନଜର ମିଆଁ । ହେଲେ ଡାଆଣୀ ବି କିଛି କମ୍ ଜନ୍ତୁ ନୁହେଁ । ଗୋଟାଏ ଦୃଷ୍ଟିରେ ସେ ଛ' ଛ' ମାସ ଶେଯରେ ପକେଇଦେଇଥିଲା ନଜର୍ ମିଆଁ ଭଳି ଶେର୍ କା ବଚ୍ଚାକୁ । ତାର ଗଉଁ କିଛି କମ୍ ନୁହେଁ । ତେବେ ନଜର୍ ମିଆଁକୁ ଏମିତ ହଠାତ୍ ଆଗକୁ ଡେଇଁପଡ଼ିବାର ଦେଖି ତାର ଅକଲ ଟିକଏ ଗୁଡ଼ୁମ୍ ହେଇ ଆସୁଥିଲା । କିନ୍ତୁ ଏକାନଜରକେ ସେ ଡାଆଣୀ ଠଉର କରିନେଲା ତା ଆଗରେ ସେ କିଏ, ଆଉ କେଉଁଥିପେଇଁ ଆସିଥିଲା ସେଇ ବସ୍ତାଟାକୁ କାଖରେ ଜାକି ।

ନଜର୍ ମିଆଁ ଆଉ ଥରେ ହୁଁକାର ମାରି ହନୁମାନ୍ ଭଳି ଗୋଟାଏ ଡିଆଁରେ ଶୂନ୍ୟକୁ ଉଠି ପୁଣି ଦାଉଁକିନା ମାଟିରେ ପଡ଼ିଲା । ନଜର୍ ମିଆଁ କହୁଥିଲା—ଏତେ ଜୋରରେ ସେ ଆସି ତଳେ ପଡ଼ିଲା ଯେ ତା ଆରଦିନ ଦେଖାଗଲା ରେଲସିଲିପଟ୍ଠୁ ଗୋଟାଏ କୁଆଡ଼େ ତା ପାଦତଳେ ଘୁଷିହେଇ ଦ' ଦ' ଫୁଟ ମାଟି ଭିତରକୁ ଦବିଯାଇଥିଲା ।

ହେଲେ ଯେ ଯେତେ କୁସ୍ତି ଦେଖଉଥାଉ ନା କାହିଁକି, ତା ଆଗରେ ଡାଆଣୀର କୋଉ ପରବାଏ ଅଛି । ଡାହାଣୀ ତା ରୂପ ଧରିଲା । ନଜର୍ ମିଆଁ କହୁଥିଲା—କୁଆଡ଼େ ସେଇ ଡାହାଣୀଟା ନଜର୍‌କୁ ଦେଖି ତାକୁ ଡରେଇବା ପେଇଁ ସାଙ୍ଗେ ସାଙ୍ଗେ ତା ଲୁଗାଟାକୁ କାଢ଼ି ଫୋପାଡ଼ି ଦେଇ ଅଦ୍‌ଭୁତ ନଙ୍ଗଳା ହେଇ ହାଁ କରି ଠିଆହେଇଗଲା ଆସି ତା ଆଗରେ । ଖାଲି ସେତକ ନୁହେଁ । ସବୁ ଡାଆଣୀ ଆଉ ଚିରଗୁଣୀମାନେ ରାଗିଲେ ଯେମିତ ବୋବାନ୍ତି, ସେମିତ ଚ -ଚଁ ହେଇ ଖଣ୍ଡମଣ୍ଡଳ କମ୍ପେଇଦେଲା ।

ନଜର୍ ମିଆଁ ସତକଥା ମାନିଯାଏ । ସେ କହେ—ସେତେବେଳେ ତା ପାଦ ଖାଲି ଦବି ଦବି ଯାଉଥାଏ ମାଟି ଭିତରକୁ । ପେଟ ଭିତରେ ତା'ର ଗୋଟାଏ ବାଇ ଏକଡ଼ୁ ସେକଡ଼କୁ ବୁଲିଯାଉଥାଏ । ତା 'ଶେର୍ କା ବଚ୍ଚା'ପଣିଆ ଆଉ ଏକାହାତକେ ମେଲଗାଡ଼ି ଅଟକେଇଦବାପଣିଆ ସବୁ ପାଣିଫାଟିଯାଉଥାଏ । ତେବେ ଫକିର ଦେଇଥିବା ତାବଜଟାକୁ ଜାବୁଡ଼ି ଧରି ସେ ଖାଲି ଆଲ୍ଲାଙ୍କ ନାଁ ନଉଥାଏ । ଆଉ ସେଇଥିପାଇଁ କେବଳ ସେ ଠିଆ ହେଇ ରହିଥାଏ । କେବଳ ଠିଆହେଇ ନଥାଏ, ମୁହଁଭଙ୍ଗି ଦେଖେଇବାପେଇଁ ସେ ପାଟିଟାକୁ ବୁଜିକରି ହୁଁ, ହୁଁ ହଉଥାଏ ।

ତାର ସେଇ ହୁଁ, ହୁଁ ଶବ୍ଦରୁ ସେ ଡାହାଣୀ କଅଣ ଠଉରକଲା କେଜାଣି, ସେଇଠୁ ସେ ଦେଖେଇଲା ତାର ଅନ୍ୟ ରୂପ । ସେ ବୋଧହୁଏ ସେତେବେଳଯାକେ ନଜର୍ ମିଆଁକୁ ମଣିଷଟାଏ ଭାବି ଡରଉଥିଲା । କିନ୍ତୁ ନଜର୍ ମିଆଁର ହୁଁ-ହୁଁ ଶବ୍ଦ ଶୁଣିପାରି ଡାଆଣୀ ଠିକ୍ ବୁଝିନେଲା । ସେ ଦେଖିଲା ଯେ ଆଉ ଗୋଟାଏ ଜବରଦସ୍ତ ଭୂତ ଆସି ତା ରାସ୍ତାରେ ଘୂରିବାକୁ ବସିଲାଣି । ଭୂତ ଆଉ ଡାଆଣୀ—ଦୁହିଁକା ଦେହେଁ ଯଦି ଏକ ରାସ୍ତାରେ ଘୂରିଲେ, ତା ହେଲେ ତ ସର୍ବନାଶ ! ଦେଖାଯାଉ କିଏ କାହାକୁ ଛାଡ଼ୁଚି ?

ଡାଆଣୀ ନଛୋଡ଼ବନ୍ଧା । ସେ ତାର ଗ୍ରମୂଦାନ୍ତ ଦେଖେଇ ଥୋଡ଼ାଏ ଆଗକୁ ମାଡ଼ିଆସିଲା,

Digitized by srujanika@gmail.com

ତା ପରେ ବନ୍ଦେ ନାଚିଲା । ନଜର୍ ମିଆଁ ଦାନ୍ତକୁ କାଠ କରି ଖାଲି ହୁଁ, ହୁଁ ହେବାକୁ ଲାଗିଲା । ହଠାତ୍ ନଜର୍ ଦେଖିଲା— ଡାଆଣୀ ଯାହା ତାକୁ ଆଗକରି ଠିଆହୋଇଥିଲା ସେ କେତେବେଳୁ ବୁଲିପଡ଼ି ତାକୁ ପଛ କଲାଣି । ଖାଲି ସେତିକି ନୁହେଁ, ସେ ପୁଣି ତା'ର ଚାଲ୍ ବଦଳେଇଲାଣି । ତଳକୁ ନଇଁପଡ଼ି ସେ ମାଟିରେ ମୁହଁ ଲଗେଇଦେଲା ଆଉ ସାଡ଼୍ ସାଡ଼୍ କରି ପାଟିବାଟେ ଯେମିତି କଅଣ ଶୋଷାଡ଼ିପକଉଚି ସେମିତି ଶବ୍ଦ କଲା । ତା' ଛଡ଼ା ମଝିରେ ମଝିରେ ତ' ଗୋଡ଼ ଭିତରେ ଗଳି ଗଳି ସେ ଚାହୁଁଥିଲା ପଛକୁ—ପଛର ସଇତାନ ଆଡ଼କୁ ।

ଡାଆଣୀର ସେଇ ଚେହେରା, ରଙ୍ଗଢଙ୍ଗ ଦେଖି ନଜର୍ ମିଆଁର ପିଲେହି ପାଣି ହୋଇଯାଉଥିଲା । କିନ୍ତୁ ସେ ଆଣ୍ଠୁବାନ୍ଧି ଠିଆହୋଇଥାଏ । ଯେମିତି କେତେବେଳ ସେ ସେ ଠିଆହୋଇଥିଲା କେଜାଣି !

ହଠାତ୍, ଗୋଟାଏ ଧଡ଼୍ଧଡ଼୍ ଶବ୍ଦ ଶୁଣି ନଜିର୍ ମିଆଁ ଚମକି ପଡ଼ିଲା । ସେଇ ମେଦନୀଫଟା ଧଡ଼୍ ଧଡ଼୍ ଶବ୍ଦଟା ତା' ମୁଣ୍ଡକୁ ଠିକ୍ କରିଦେଲା । ଠିକ୍ ସେତିକିବେଳେ ରେଲଇଞ୍ଜିନର ମସ୍ତବଡ଼ ଆଲୁଅଟା ତାର ପଛପଟୁ ଆସି ତାର ଆଗ ରାସ୍ତାକୁ ସଫା କରିଦେଲା । ନଜିର୍ ଦ' ରେଲ ମଝିରେ ଠିଆହୋଇଥାଏ କାବା ହୋଇକରି । ସେ ବୁଝିପାରୁ ନ ଥାଏ କଅଣ ସେଠି ହୋଇଯାଉଥିଲା ସେତେବେଳେ । ପଛପଟୁ କାନ ଅତଡ଼ା ପକେଇ, ସିଟି ମାରି ମାଡ଼ିଆସୁଥିଲା ରେଲଗାଡ଼ି । ସେଥିପ୍ରତି ନଜର୍ ମିଆଁର ପରବାଏ ନ ଥିଲା; କିନ୍ତୁ ନଜିର୍ ମିଆଁର ଆଖି ଫାଡ଼ିହୋଇଗଲା । ଏ କ'ଣ ?—ନଜିର୍ ମିଆଁ କାବା କାଠ ହୋଇ ଆଗକୁ ଅନେଇଥାଏ । ଇଞ୍ଜିନ୍‌ର ତୋଫା ଆଲୁଅରେ ସେ ଦେଖିଲା—ଗୋଟାଏ ଧୋକଡ଼ୀ ବୁଢ଼ୀ ତରବର ହୋଇ ଲୁଗାଟାକୁ ବେଢ଼େଇ ହୋଇ ପଡ଼ି, କାଙ୍ଗୁଡ଼ି ଜାକି ପଳେଇଲା ଭଳି ପଳେଉଚି, ଆଉ କାଖରେ ତାର ସେଇ କୋଇଲା ଟୋକେଇଟା ବି ନବାକୁ ଭୁଲି ନଥାଏ ସେ ।

ନଜର ମିଆଁର ହୋସ୍ ହେଲା । ପଛରୁ ଝଙ୍କ୍, ଝଙ୍କ୍ ହୋଇ ରାକ୍ଷସ ଝୁଙ୍କିଆସୁଥାଏ । ଆଉ ଟିକକେ ବୋଧହୁଏ ସଫା କରିଦେଇଥାନ୍ତା ସେ । ଯାହାହେଉ, ଏକଡିଆଁକେ ସେ ଆସି ଲାଇନତଳେ ପଡ଼ିଲା । କୁଆଡ଼ୁ ଏତେ ଶକ୍ତି ଆସି ପଶିଲା ପୁଣି ତାର ଦେହରେ ! ନଜର୍ ମିଆଁ ହସି ହସି ଗଡ଼ିଗଲା । ସେ ହସୁଥିଲା ଯେତିକି, ସେତିକି ତା ମୁହଁ ପୋଡ଼ିଯାଉ-ଥିଲା ଲାଜରେ । ଏଇ ବୋଲି କୋଇଲା ଗୋଟେଇ ଧୋକଡ଼ୀ ବୁଢ଼ୀଟାଏ—ଛ' ଛ' ମାସ ଶେଯରେ ପକେଇଦେଲା ଗୋଟାଏ ଶେରକା ବଚ୍ଛା—ନଜର ମିଆଁକୁ ! କୋଇଲା ଗୋଟାଏ ନବ ବୋଲି କେତେ ଫନ୍ଦିଫିକର କରୁଥିଲା ସତେ ସେ ବୁଢ଼ୀଟା ! କେତେ ବାଗରେ ଚାଲି, କେତେ ଗୁହାଳିଆ ସଢ଼ସଢ଼ ଶୋଷଡ଼ା ଶବ୍ଦ, କେତେ ଲଙ୍ଗଳା ହୋଇ ଦାନ୍ତ ଖିଙ୍କାର, ନାଚ—ଓଃ ! ବୁଢ଼ୀଟାଏ ହେଲେ କଅଣ ହବ—ବେକୁବ୍ କରିଦେଲା ସେ ନଜର ମିଆଁ ପହିଲ୍‌ମାନକୁ !

ଧୁସ୍ ଧୁସ୍ ହୋଇ ଚାଲିଗଲା ରେଲଗାଡ଼ି ସେ ଦହିଙ୍କ ପାଖ ଦେଇ । ଝୁସ୍ ଝୁସ୍ ହୋଇ ଗ୍ରେଟ ପୋଡ଼ାକୋଇଲା ଖଣ୍ଡସବୁ ବାନ୍ଧି ସେ ଚାଲିଗଲା ।

Digitized by srujanika@gmail.com

ଗାର୍ଡ଼ ସାଇବ ଓବାଟା ପାଶ ହୋଇ କହନ୍ତୁଣ୍ଡି ନଜର୍ ମିଆଁ ସାଇ ହାକର ଟ୍ରେନଗଲା ଲାଇନ୍ ଉପରେ । ସେ ଦାନ୍ତ ରଗଡ଼ୁଥିଲା—ଉହୁ ହାରାମୀ ବୁଢ଼ୀ—ଆଉ ପାଇବୁ—ଡାଆଣୀ ବେଶ ମାଲ ସାହା ପାଇଗଲୁ, ଗଲୁ । ନଜର୍ ଲାଇନ୍ ଉପରେ ନଇଁପଡ଼ି ଗୋଟେଇ ଗ୍ଲାଲ । ଆସିଲା ବାଦ୍‌ବାଦର ବେଳ । ଗୋଟାଏ ପଟେ ନଜର୍ ମିଆଁ ପହିଲ୍‌ମାନ୍; ଆଉ ଆରପଟେ ଗୋଟାଏ ଖୋକଡ଼ୀ ବୁଢ଼ୀ ।

ମାଇକନାଗୁଡ଼ାକ ଭାରି ସିହ୍ନାଣିଆ । ଯେମିତି ହେଲେ ସେ ତୁମ ଅକଲ ଗୁଡ଼ୁମ୍ କରି ତୁମକୁ ବେକୁବ୍ ବନେଇଦେବେ ।

କୋଇଲା-ଗୋଟେଇ ବୁଢ଼ୀ ଦେଖିଲା ଗୋଟାଏ ଯୁଦ୍ଧ ଗଲା । ବୁଦ୍ଧିବଳରେ ଯୋଉ ରାଜ୍ୟକୁ ସେ ଦଖଲ କରି ଭୋଗକରୁଥିଲା, ଏବେ ଦିନ ସେ ରାଜ୍ୟ ବର୍ତ୍ତମାନ କୋରଦାରଆ ପୁରୁଷ ଲୋକର ହାତକୁ ଗଲାଣି । କିନ୍ତୁ ସେଥିପାଇଁ ଏତେ ଟିକେ ଦୁଃଖ ବା ଲାଜ ନ କରି ବୁଢ଼ୀ ସାଙ୍ଗେ ସାଙ୍ଗେ ଅବସ୍ଥାକୁ ଗୁଡ଼ି ବଦଳେଇଦେଲା ତାର ରାଜ୍ୟ ଅନନ୍ତଆରପଣିଆକୁ ।

"ଏ ପୁଅ ହେ !" କୋଉ ଜନ୍ମକଲା ମାଆଠୁଁ ବି ବେଶି କଅଁଳେଇ ଡାକିଲା ବୁଢ଼ୀ, ନଜର ମିଆଁକୁ, "ଏ ପୁଅ ! ଆରେ ହେ ! ମୋ ବାପାଟା ପରା, ଧନଟା ପରା, ଧରମ ହବ ତୋର, ବୁଢ଼ୀ ନୋକ—ଉଠି ପାରୁନାହିଁ, ମୋ ବେଉସା ବୁଡ଼ାନାରେ ହେ—ମୋ ପେଟ ଖଣ୍ଡେ ଅଙ୍ଗାର ରଖିଆଆରେ ହେ ! ସବୁତକ ଖୁଣ୍ଟି ନେଏ ନା—ମରିଯିବ ପରା—ଏ ପୁଅ ! ଏ ଧନ !..."

ସେଇଦିନଠୁ ନଜର ମିଆଁ ବୁଝିଲା ସେ ଚମ୍ପମୁହିଁ ବୁଢ଼ୀଟା କଏ ବୋଲି !

ଏବେ ବି ବେଳେବେଳେ ସେଇ ବୁଢ଼ୀ ସାଙ୍ଗରେ ଲାଗେ ନଜର ମିଆଁର । ହେଲେ ସେ ବୁଢ଼ୀର ଆହାର ମୁହଁରେ ପାହାର ଦିଏନାହିଁ ନଜର ମିଆଁ; ବରଂ ଜର୍ଜ ଦେଖିଛି, କେତେବାର ନଜର ମିଆଁ ତା ନିଜ ଟୋକେଇରୁ କାଢ଼ି କୋଇଲା ପକେଇଦିଏ ବୁଢ଼ୀର ଫାଲି ଟୋକେଇରେ ।

ନଜର ମିଆଁର ଏଇ ଡାତାପଣିଆ ଦେଖି ଜର୍ଜର ରାଗ ହୁଏ । ସେ ମନେ ମନେ ନଜର ମିଆଁକୁ ଗାଳିଦିଏ—ଶାଲା ସବୁ ବୁଢ଼ୀଙ୍କ ସାଙ୍ଗରେ ଦୋସ୍ତି ଜମେଇଛି ଶାଲା—ଶାଲା ଭାରି ଅମିର୍ ହୋଇଛି । ଟ୍ରେନଯାକ ଚଆଁଇ ଚଆଁଇ କୋଇଲା ଗୋଟାହବ, ଆଉ ଏଣେ ଏ ଶାଲା ଦାନ ବନେଇହବ ।—ଜର୍ଜର ପାଟିରୁ ବେଳେବେଳେ ବି ଗାଳି ବାହାରିପଡ଼େ ।

ସେମିତି ଗାଳି ଦିଆଦେଇ ହେଇ ଦିହଙ୍କା ଦିହେଁ ସେଦିନ ରେଲଷ୍ଟେସନଆଡ଼ୁ ଫେରୁଥାନ୍ତି କୋଇଲା ଅଖା ମୁଣ୍ଡେଇକରି । ନଜର୍ ମିଆଁ ବୁଝେଇ ଗ୍ଲୁଥାଏ ଜର୍ଜକୁ—"ଆବେ ହେ ହାରାମଜାଦା ! ଏତେ ହାମଭଲ ହଅନାଇଁ ବେ, ମରିଯିବୁ—ଶାଲାକୁ କେହି ପଚ୍ଛରିବେ ନାହିଁ, ସେ ବୁଢ଼ୀକୁ କୋଇଲା କାହିଁ ଦଉଚ ଓବାତ୍ତ ହମ୍‌କୁ ମାଲୁମ୍..."

"କାହିଁ ଦଉଚୁ କି ?" ଜର୍ଜ ଚଢ଼ିଯାଇ କହେ—"ତାଆଠୁଁ କିଛୁ ମୁନାଫା ଉଠେଉଥିବୁ ବୋଲି ଦଉଚୁନା—"

"ଆବେ ଗ୍ଲୁଲ୍‌ବେ ଶାଲା"—ନଜର୍ ମିଆଁ ଏଡ଼େ ବଡ଼ଟେ ଟୋକାଟାର ଏମିତିକା

Digitized by srujanika@gmail.com

ଠୋକ୍‌ରରେ ବସିଡ଼ି ଯାଇ କହେ, "ଶାଲା ଫାଲ୍‌ତୁ ବାତ୍ ବନ୍ଦକର—ଆବେ ଷାଠ୍ ଉମର ବୁଢ଼ୀୟାଠୁଁ ମୁଁ କି ଫାଇଦା ଉଠୋଉଚି ?"

ନଜର ମିଆଁର ପାଟି ଖଲଖଲ ହୁଏ । ପିଲାଟାଏ ହେଲେ ବି ଜର୍ଜକୁ ସାଙ୍ଗ ଭଳି ଭାବି ଟିକିଏ ରାଗମିଶା ଅଣ୍ଟାଳିଆ ସ୍ୱରରେ ସେ ଜର୍ଜର ଗୋଇ ଖୋଲେ—"ଶାଲା, ମୁଁ କ'ଣ ତୋ ଭଳି ନମକହାରାମ୍ କବେ ? ମାଁ କା ଉମର୍‌ର ବୁଢ଼ୀୟା ଦେହରେ ଆଁଖି ନଗେଇବି···"

ନଜର୍ ମିଆଁର ସେଇ ଗୁମର୍‌ଫିଟା କଥାଟା ଜର୍ଜର ଦେହରେ ବାଜେ । ତାର ଦେହ ତାତିଯାଏ ନଜର୍ ମିଆଁ କଥାରେ ।

"ମାଁ କ୍ୟାବେ ନଜର୍ ଗୃଦ୍ଧ ?" ତାର ପିତ୍ତ ଚଢ଼ିଯାଏ ମୁଣ୍ଡ ଉପରକୁ ଓ ଆପଣାଛାଏଁ ଝୋଲ୍‌ଟି କେଇପଦ ବାହାରିପଡ଼େ ତା ପାଟିରୁ । ସେ ଆକ୍ରମଣ କରିବସେ ନଜର୍ ମିଆଁକୁ । ସେ ମନ୍ତ୍ରରେ—

"ମାଁ କ୍ୟାବେ ? କୋନ୍ ? କିସିକା ମାଁ ? କୈସେ ମାଁ ? ଓ ବୁଢ଼ୀଆ ହମାରି ମାଁ ?"

"ହାଁରେ ଶାଲା"—ନଜର୍ ମିଆଁ ଟୋକାଟାର ରାଗ ଦେଖି ଭିତରେ ଭିତରେ ଲୁଚୁକିଉଠି ଟିକିଏ ଅନୁଭବ ବେଶି । ତାକୁ ସେ ପଚାରେ—"କ୍ୟା ବୋଲ୍‌ବେ ଲୌକ୍‌ରା ? ଓ ମାଁ ହାଏ ନେହିଁ ତୁହ୍ମାରି ? ତୁମ୍ କୋ ପାଲ୍-ପୋଷ୍ କର୍ ହେପାଜତ୍ କରତି—ତୁମ୍ ଶାଲା ବୋଲତା—ଓ ମାଁ ନେହିଁ ? ମାଁ ନେହିଁ ଔର କ୍ୟା···" ନଜର ମିଆଁ ଦାନ୍ତ ନିକୁଟି କହିଦିଏ ଶେଷ ପଦଟି, "ଔର୍ କ୍ୟା ଔରତ୍ ହୈ ଓ ?"

ନଜର୍ ମିଆଁ ଅପେକ୍ଷା କରେ, ତା' ପରେ ଟୋକାର ରମା-ବଦନକୁ । ଖିପଣ ବିରକ୍ତ ହେଇ ନଜର୍ ମିଆଁର ସେଇ ପ୍ରଶ୍ନର ଉତ୍ତର ଦେବାକୁ ସାହସ ନ କରି ଜର୍ଜ ଭାବେ—ବୁଲିପଡ଼ି ସେଇ ଥୋବରା ବୁଢ଼ା ମୁହଁରେ ଲଗାନ୍ତା ଦି ଥାପଡ଼, ଆଉ ପଚାରନ୍ତା ସେ—"ହଇବେ ବୁଢ଼ା ? କିଏ କାହା ମା'—କିଏ କାହା ବୋପା—କିଏ କାହା ଔରତ୍, କିଏ କାହାର କିଅଣ—ଏକଥା ମୁଁ ଦେଖିନାହିଁ ବେ ଦେଖୁବ୍ ବୁଢ଼ା ? ମୁଁ ପରା ନର୍ଦ୍ଦମାର ପୋକ ! ମେଡ଼ିକଲ ନଳା ଆଉ ନର୍ଦ୍ଦମାରୁ ପରା ମୋର ଜନ୍ମ ବୋଲି ସେ ବୁଢ଼ା କହିଯାଇଥିଲା ତା ମଲାବେଳେ ମତେ—ମୁଁ ଜାଣିନାହିଁ ଆବେ ବେ-ଅକଲ ନଜର୍ ମିଆଁ ! କିଏ ମୋର ମା'—କିଏ ମୋର ବାପା—କିଏ ମୋର ଔରତ୍ ଆଉ କିଏ ମୋର ଶାଳା କି କିଅଣ ? ଶାଲା ବୀର ସାମଲ ଯାହାକୁ ଅନଉଚି—ଯାହାକୁ ଥଟ୍ଟା ନକଲ କରୁଚି—କାମାଖ୍ୟା ଶକ୍‌ସାବାଲା—ଶାଲା ମୋ'ଶ ବେଲକୁ ତମର ସବୁ ଜାଣ ମରିଚି—ମା'—ମା'—ମା'—ଶାଲା ଛେଳିହୁଆ ଭଳିଆ ଲଗେଇଚୁ ଗୋଟାଏ ମୋ ସାଥିରେ ?"

ମନେ ମନେ ଏମିତି ଖିପଣ ଗୁଡ଼ାଏ ବକ ବକ ଜର୍ଜ ଚାଲିଥାଏ । ନଜର୍ ମିଆଁ ବି ମଝିରେ ମଝିରେ ଜର୍ଜକୁ ଠୁକେଇ ଦେଇ ଚୁପ୍ ହେଇଯାଇ ବାଟ ଚାଲିଥାଏ । ଚାଲି ଚାଲି ସେମାନେ ସେଇ ଷ୍ଟେସନ ଛକ ରାସ୍ତା ପ୍ରାୟ ଡେଇଁବା ଉପରେ । ଗୁଡ଼ାଏ ଗାଉଁଲି ଲୋକ ଆଗେ ଆଗେ ଧାଡ଼ି ବାନ୍ଧିକରି ଚାଲିଥାନ୍ତି ତାଙ୍କର । ସେଇମାନଙ୍କ ଧାଡ଼ି ଭିତରେ ପଶିଯାଇ ସେପଟକୁ ବାହାରିପଡ଼ିଲେ ଯୋଉ ଗଳିଟା ପଡ଼ିବ, ସେଇ ଗଳିକୁ ଧରିଲେ ସେମାନେ

Digitized by srujanika@gmail.com

ବାଟ ଖର୍ଚ୍ଚି ଚାଲି ଯାଇ ପାରନ୍ତେ ସହଜରେ—ଘରମୁହାଁ । କିନ୍ତୁ ଲୋକଗୁଡ଼ାକ ଇଏ ତା କାନ୍ଧକୁ ସିଏ ଆ କାନ୍ଧକୁ ଧରାଧରି ହୋଇ ଗୋଟାଏ ଧାଡ଼ିରେ ଚାଲିଥାନ୍ତି । ସହଜେ ସେ ଧାଡ଼ିକୁ ଖର୍ଚ୍ଚି ଆରପଟକୁ ଯିବା ଭାରି ମୁସ୍କିଲ । ସେମାନେ ଛଡ଼ାଛଡ଼ି ହଉ ନ ଥାନ୍ତି ଆଦୌ ।

ଜର୍ଜ ଆଉ ନଜର୍ ମିଆଁ ହତବୁଦ୍ଧି ହୋଇ ଠିଆହୋଇଗଲେ । ନଜର୍ ମିଆଁ ଦେଖିଲା, ଆଉ ହବନ । ସେ ଠିକ୍ ସେଇ ମଫସଲି ଲୋକଙ୍କ ଭିଡ଼ ଠେଲି ତାଙ୍କ ଧାଡ଼ିଟାକୁ ଖର୍ଚ୍ଚି ଦେଇ ଆରପଟକୁ ଚାଲିଯାଉଚି ଆଉ ଜର୍ଜ ବି ଖୋଜୁଛି ନଜର୍ ପିଛା, ଠିକ୍ ସେଇ ସମୟରେ ଗୋଟାଏ ଅଦ୍ଭୁତ କାଣ୍ଡ ଘଟିଗଲା ସେଠି ।

ତଟସ୍ଥ ହୋଇ ଜର୍ଜ ନଜର୍ ଚାରିକୁ ଆଗ କୁଣ୍ଢେଇ ପକେଇଲା । ତା'ପରେ ଯେତେବେଳେ ତାର ଆଖି, କାନମାନେ ପୁଣି ତାଙ୍କର ସ୍ୱାଭାବିକ ଅବସ୍ଥାକୁ ଫେରିଆସିଲେ ସେତକବେଳେ ସେ ଦେଖିଲା ଆଉ ଅନୁଭବ କଲା—ତାର ଚାରିପାଖର ସେଇ ପରିସ୍ଥିତିକୁ । ସେ ଦେଖିଲା, ଗୋଟାଏ ଅଦ୍ଭୁତ ଜୀବ ମାଙ୍କଡ଼ ଭଳି ହୁଙ୍କାର ମାରି ଭୁସ୍‌କିନା ଡେଇଁପଡ଼ିଲା ତଳକୁ ଠିକ୍ ତା'ରି ମୁଣ୍ଡ ଉପରୁ—ଗୋଟାଏ ଝଙ୍କା ବରଗଛ ଡାଳରୁ ତଳେ ଲଥ୍ କିନା ପଡ଼ିଯାଇ ସେ ଜୀବ ପୁଣି ଉଠି ଠିଆହେଲା ଓ ଆଖି ପିଛୁଡ଼ାକ ଭିତରେ ସେ ଗୋଟାଏ ମଫସଲିଆ ମାଇକିନାଠୁ କଅଣଟାଏ ଝାମ୍ପି ନେଇ ଦି ଖେପାକେ ରାସ୍ତା ଡେଇଁ ଆସି ହାଜର ହେଲା ସେଇ ଝଙ୍କା ବରଗଛମୂଳେ । ଲୋକେ ହାଁ-ହାଁ କରୁଥାନ୍ତି; କିନ୍ତୁ ସେଥିକୁ କାନ ନ ଦେଇ ସେ ଜୀବଟା ଖେପା ମାରି, ଡେଇଁ ଡେଇଁ ପୁଣି ଚଢ଼ିଗଲା ସେଇ ବରଗଛ ଉପରକୁ ।

ହାଁ, ହାଁ, ନେଇଗଲା, ନେଇଗଲା କହୁ କହୁ ସେ ଯାଇ ବସିଥିଲା ଗଛର ଶିଖରରେ । ସେତେବେଳକୁ ଯୋଉ ମାଇକିନିଆର ଜିନିଷ ଯାଇଥିଲା, ସେ ରଡ଼ି ପକେଇ ବାହୁନିବାକୁ ବସିଲାଣି । ତା ଦେଖାଦେଖି ତା ସାଙ୍ଗରେ ସହରକୁ ଆସିଥିବା ଅନ୍ୟ ମାଇକିନିଆମାନେ ରଡ଼ି ପକେଇବାକୁ ଆରମ୍ଭ କରିଦେଲେ । ମରଦଗୁଡ଼ାକ ଆଁ କରି ଠିଆହୋଇଥାନ୍ତି ଗଛ-ମୂଳରେ ।

ଉପରକୁ ଚାହିଁ ଜର୍ଜ ଦେଖିଲା ସେଇ ଅଦ୍ଭୁତ ଜୀବଟା ସିଏ କି ମାଙ୍କଡ଼ ଆଉ ବାଘ ମିଶା ଗୋଟାଏ ଅସମ୍ଭବ ରଙ୍ଗର ପାଉଁଶିଆ, ପଟା ପଟା ଆଉ ବିଦଘୁଟ କଳା ମୁହଁର ଜୀବଟାଏ ଭଳି ଦେଖାଯାଉଥିଲା—ସେ ଯାଇ ବସିଥିଲା ଉଚ୍ଚ ଡାଳରେ । ଖାଲି ବସି ନ ଥିଲା ସେ; ସେ ଯୋଉ ଜିନିଷଟାକୁ ତଳର ମାଇକିନିଆଟାର ହାତରୁ ଛଡ଼େଇ ନେଇଥିଲା, ସେଇଟାକୁ କାଖରେ ଜାକି ସେ ହୁଁକାର ମାରୁଥିଲା । ତା' ହୁଙ୍କାର ଯେତେ ଯେତେ ବଢ଼ୁଥିଲା, ସେଇ କାଖର ଜିନିଷଟା ସେତକି ସେତକି ରବାଦ କରୁଥିଲା—

କୁଆଁ, କୁଆଁ, କୁଆଁ ···

ଆଉ ତଳର ଲୋକେ ଯେତେବେଳେ ତା ଆଡ଼କୁ ଚାହୁଁଥିଲେ, ସେତେବେଳେ ଖିଙ୍କାରି ହୋଇ ସେ ଜୀବଟା ତାଙ୍କୁ ଗୋଡ଼େଇ ଆସୁଥିଲା ଓ କାଖର ସେଇ କୁଆଁ କୁଆଁ ହଉଥିବା ଜିନିଷଟାକୁ ତଳକୁ ଦେଖେଇ ଫୋପାଡ଼ିଦବ ବୋଲି ଉଞ୍ଚଉଥିଲା ।

Digitized by srujanika@gmail.com

ତଳର ଲୋକେ ଭୟ, ଆଶ୍ଚର୍ଯ୍ୟ ଆଉ କୌତୂହଳରେ ଥରୁଥିଲେ । କଏ କଏ ହାତ-ଯୋଡ଼ି ଉପରକୁ ଅନାଇ କଅଣ ସବୁ କହୁଥିଲେ; କିନ୍ତୁ ଗଛ ଉପରର ସେଇ ଅଦ୍ଭୁତ ଜନ୍ତୁଟି କାହାରି କଥାକୁ କାନ ନ ଦେଇ ଖାଲି ଖିଙ୍କାରିହଉଥାଏ ।

ଏମିତି କେତେ ସମୟ ଗଣ୍ଡଗୋଳ, ହୋ-ହା, ହଇଚଇରେ ବିତିଗଲା ପରେ ତଳର ଲୋକଙ୍କ ଭିତରୁ ଜଣେ କଏ କଅଣ ବୁଝିଲା କେଜାଣି, ସେ ବାହାରିପଡ଼ି ହାତଯୋଡ଼ି ଉପରକୁ ଅନେଇ କହିଲା—"ହେ ବୀର ହନୁମାନ୍ ! ତତେ ରାମଚନ୍ଦ୍ରଙ୍କର ଦୋହି—ତୁ ସେଇ ବାଳୁତ ଛୁଆଟିକି ତା ମା' କୋଳକୁ ଫେରେଇ ଦେ—ତୋର ପୁଣ୍ୟ ହବ, ତୋର ଯଶ ରହିବ । ହେ ବୀର ବଜରଙ୍ଗବଳୀ ! ତତେ କୋଉ କଥା ଅପୂର୍ବ ! ହେ ପବନନନ୍ଦନ ! ତୁ ଲାଲ-ଟହଟହ ବାଳସୂର୍ଯ୍ୟକୁ ଧରିବା ପାଇଁ ହାତ ନ ପତାଇ କୁଆଁ ସିଙ୍ଘାଣି ସଡ଼ସଡ଼ କଳାକୋଚଟ ମଣିଷଛୁଆକୁ ଧରିବାପେଇଁ ହାତ ପତେଇଚୁ ? ହେ ମାରୁତି ! ହେ · "

ସେ ଲୋକଟି ଏମିତି କାକୁତି ମିନତି ହେଇ ଗଛ ଉପରର ଜୀବକୁ, ହାତଯୋଡ଼ି ହେଇ, କଅଣ କହୁଥିଲାବେଳେ ଅନ୍ୟ ଜଣେ ଲୋକ ହଠାତ୍ ପ୍ରଥମ ଲୋକର କଥାରେ ତାଳଦେଇ ଚାଲେ ଗଡ଼ିବାକୁ ଲାଗିଲା । ନଜିର ମିଆଁ କହିଲା—ସେ ଲୋକଟା ଅଧିଆ ପଡ଼ିଗଲା ବୁଆଜେ । ସାଙ୍ଗେ ସାଙ୍ଗେ ତାକୁ ଏମିତି ତାଳ ହେବାର ଦେଖି ଛୁଆ ଅଣ୍ଡା-ବଚ୍ଚାଠୁଁ ବୁଢ଼ାବୁଢ଼ୀ ପର୍ଯ୍ୟନ୍ତ ଯେତେ ଦେଖଣାହାରି ସେଠି ଜମାହେଇଥିଲେ, ସମସ୍ତେ ଲମ୍ବ ଲମ୍ବ ହେଇ ଗଡ଼ିଲେ ତଳେ । ତା' ବାଦ୍ ସେଇ ପ୍ରଥମ ଲୋକଟା, ଯିଏ ବୀର ହନୁମାନ୍‌କୁ କଥା କହି ସନ୍ତୁଷ୍ଟ କରୁଥିଲା, ସେ ହନୁମାନ୍‌କୁ ପ୍ରଶ୍ନକଲା—"ହେ ବୀର ! ତୋର କୋଉ ଦ୍ରବ୍ୟ ଲୋଡ଼ା ମନ ଖୋଲି କହ—ତୋର ଭକ୍ତମାନେ ପଚାରୁଛନ୍ତି—କହ ! କୋଉ ଦ୍ରବ୍ୟରେ ତୁ ଶାନ୍ତ ହବୁ ? କୋଉ ଚିଜରେ ତୋର ତ୍ରେତୟା ଆଉ ଦ୍ୱାପର ଯୁଗର ଅପୂର୍ଣ୍ଣ ବାସନା ଏ କଳିଯୁଗରେ ଶାନ୍ତ ହବ ? ହେ ବୀର ବଜରଙ୍ଗବଳୀ ! କହ, କହ, ମନଖୋଲି କହ । ତୋ ମନକଥା ତୋ ଭକ୍ତଗଣଙ୍କ ନିକଟରେ ଖୋଲି କହ—କହ କୋଉ ଫଳମୂଳ, ଭୋଗରାଗ, ପଟା ପଛଡ଼ି କି କୋଉ ଧାତୁ ଦ୍ରବ୍ୟ—ସୁନା, ରୁପା, ଟଙ୍କା-ଟୋକର କି କଅଣ ତୋର ଦରକାର ? ହେ ମହାବୀର—ହେଇ ଦେଖ, ତୋ ଆଗରେ ତୋ ଭକ୍ତଗଣ କେମିତି ଅଧିଆ ପଡ଼ିଚନ୍ତି—ସେମାନେ ସମସ୍ତେ ତ ମଫସଲର ଲୋକ—ଯାଉଥିଲେ ଯାତ ଦେଖିବାକୁ—ଯାହା ଅଣ୍ଟାରେ ଯେତକ ପଣ୍ୟ ଅଛି, ସେତକ ଗ୍ରହଣ କରି ତୁ ତାଙ୍କୁ ରିଣରୁ ମୁକ୍ତକର ହେ ବୀର ହନୁମାନ୍ !"

ତାର ମୁହଁରୁ କଥା ସରିଚକି ନାହିଁ, ସାଙ୍ଗେ ସାଙ୍ଗେ ଜୟ ! ବୀର ହନୁମାନ୍ ଙ୍କ ଜୟ ! ଧ୍ୱନିରେ ଆକାଶ ଫାଟିପଡ଼ିଲା । ଜର୍ଜ କାଦାକାଠ ହେଇ ଠିଆହେଇ ସବୁ ଦେଖୁଥିଲା । ସେ ବୁଝିପାରୁନଥିଲା ତା ଆଗରେ ସେଠି କଅଣ ସବୁ ହେଇଯାଉଚି । ସେ ବୁଝିପାରୁନଥିଲା ଗଛ ଉପରର ସେଇ ବାଘମିଶା ମାଙ୍କଡ଼ରୂପୀ ଜିବଟାର କି ଶକ୍ତି ଅଛି ଯେ ଏତେ ଲୋକ ଭୂଇଁରେ ପଡ଼ି ମୁଣ୍ଡ ବାଡ଼େଇଚନ୍ତି ତା ପାଦତଳେ !

ତା'ପରେ ଜର୍ଜ ଦେଖିଲା ଯେ ଯାତ୍ରୀମାନେ ମାଟିଉପରୁ ଉଠିଲେ । ଗଛ ଉପରୁ ବୀର

Digitized by srujanika@gmail.com

ହନୁମାନ୍‌ର ଆଦେଶ ପାଇ ସେମାନେ ନିଜ ନିଜ ଅଣ୍ଟା ଅଣ୍ଡାଳିଲେ । ତା’ପରେ ଗୋଟି ଗୋଟି ହୋଇ ସେମାନେ ସେଇ ଝଙ୍କା ବରଗଛ ମୂଳକୁ ଯାଇ ସେଠି ଆଣ୍ଠୁମାଡ଼ି ବସି କ'ଣ ଗୋଟିଏ ଗୋଟିଏ ସେଠି ଥୋଇ ପୁଣି ବାହୁଡ଼ି ଆସି ଦୂରଛଡ଼ା ହୋଇ ଠିଆହେଲେ । କେବଳ ସେଇ ସ୍ତ୍ରୀଲୋକଟା ଗଛମୂଳେ ଏକୁଟିଆ ଠିଆହୋଇ ରହିଲା । ସେ ଭେଁ ଭେଁ ରକ୍ତ ପକାଉଥାଏ । ଉପରେ ତାର ଅଷ୍ଟାଙ୍ଗ ଶରୀର ଥରୁଥାଏ; କିନ୍ତୁ ସେ ଠିଆହୋଇଥାଏ—ତା ପିଲାକୁ ପାଇବା ଲୋଭରେ ।

ଜର୍ଜ ଚାହିଁଲା ସେଇ ସ୍ତ୍ରୀଲୋକଟାକୁ । ତାକୁ ଆଶ୍ଚର୍ଯ୍ୟ ଲାଗିଲା । ଏ ପୁଣି କି ପ୍ରକାର ମାଇକିନିଆ ? —ସେ ମନେ ମନେ ଭାବିଲା । ଛୁଆ ପେଇଁ ଏତେ ବିକଳ ଏଇଟା ହଉଚି କାହିଁକି ? କ'ଣ କରିବ ଏ ସେ ଛୁଆକୁ ନେଇ ?

ଜର୍ଜ ତା' ମନଭିତରେ ଏଇଟା କଥାକୁ ମିଳେଇକରି ଦେଖିପାରୁନଥିଲା । ମେଡ଼କଲି ନଲାର ଛୁଆ ଯାଙ୍କରେ ସେ ମଣିଷ କାଖର ଛୁଆକୁ ମିଳେଇକରି କିଛି ବୁଝିପାରୁନଥିଲା । ଛୁଆ ପ୍ରତି ସେଇ ସ୍ତ୍ରୀଲୋକଟାର ଲୋଭକୁ ଜର୍ଜ ସେ ସ୍ତ୍ରୀଲୋକର ସ୍ୱାର୍ଥପରତା ଛଡ଼ା ଆଉ କିଛି ବେଶି ଗୁରୁତ୍ୱ ତା ମନଭିତରେ ଦେଇ ପାରୁନଥିଲା । ହୁଏ ତ ସେଇ ସ୍ତ୍ରୀଲୋକର ଜାଗାରେ ଜର୍ଜ, କାଠନ୍ୟାବନର ଗୋଦରା ବୁଢ଼ୀକୁ ଠିଆକରେଇ ସେଇ ଦୃଶ୍ୟକୁ ଦେଖୁ-ଥିଲା । ସେ କିଛି ବୁଝିପାରୁନଥିଲା—କାଠକ୍ୟାବନ୍‌ର ଗୋଦରା ବୁଢ଼ୀଟା କାହିଁକି ତାକୁ ଏତେ ଦେଖିପାରୁଥିଲା । କୋଉ ଲୋଭରେ ଆଉ କୋଉ ଜିନିଷର ଆଶାରେ ସେ ବୁଢ଼ୀ ଆଜିକାଲି ତାକୁ ଏତେ ଦେଖିପାରୁଚି, ଜର୍ଜ ଚିନ୍ତା କରିପାରେନାହିଁ । ସେ ଜାଣେ ୱାର, କାମାସ୍କା, ଚରଣ ବଉ ଇତ୍ୟାଦି ଇତ୍ୟାଦି ସମସ୍ତଙ୍କଠୁଁ ସେ ବୟସରେ ଶ୍ରେଷ୍ଠ ଆଉ ସୁନ୍ଦର । ହୁଏ ତ ସେଥି ସହିତ ବୁଢ଼ୀର ଦେଖିପାରିବାପଣିଆର କିଛି ସମ୍ପର୍କ ଥାଇପାରେ । କିନ୍ତୁ ଏ ମାଇକିନାଟା ଏଡ଼େଟିକେ ଛୁଆପେଇଁ ଏତେ ବ୍ୟସ୍ତ କାହିଁ—ନଉ ତାକୁ ସେ ବାପମିଣା ମାଙ୍କଡ଼ଟା ଏବେ—ଦାନ୍ତ ତାକୁ କାମୁଡ଼ି, ଛେଚି—ଏତେ ଡର, ଭୟ, ଖୋସାମତ କାହିଁ ?

କିନ୍ତୁ ଜର୍ଜ ଦେଖୁଥିଲା । ସେ ସ୍ତ୍ରୀଲୋକଟା ସେମିତି ଠିଆହୋଇଥିଲା ଗଛମୂଳେ ଛୁଆ ଲୋଭରେ ।

ଧାଡ଼ିର ସବୁ ଲୋକ ଗଛମୂଳକୁ ଆସି ଅଣ୍ଟାର ଖୋସଣି ଝାଡ଼ିଦେଇ ଯେତେବେଳେ ଦୂରଛଡ଼ା ହୋଇଗଲେ, ସେତେବେଳେ ଯାଇ ଗଛ ଉପରର ଜୀବର ନିଦ ଭାଙ୍ଗିଲା । ଧୀରେ ଧୀରେ ସେ ତଳକୁ ଓହ୍ଲେଇଲା । ତା ପରେ ଖିଙ୍କାରି ହୋଇ ସେ ବହେ ନାଚିଗଲା । ତାର ସେଇ ରୁଦ୍ରମୂର୍ତ୍ତି ଦେଖି ଭକ୍ତଗଣ ଆହୁରି ଦୂରକୁ ଦୂରକୁ ପଳେଇଲେ । ମାଇକିନିଆଗୁଡ଼ାକ ଭୟରେ ନିଜ ନିଜ ଛୁଆଙ୍କୁ କୋଡ଼ରେ ଜାକି ମୁହଁ ଘୋଡ଼େଇ ପକେଇଲେ । ଜୀବଟା ଲୋକଙ୍କୁ ଘଉଡ଼େଇ ଦେଇ ଗଛମୂଳରେ ଠିଆହୋଇଥିବା ମାଇକିନା ପାଖକୁ ଯାଇ ତା ଗାଲକୁ ଟିକିଏ ଚିପିଦେଇ ପୁଣି ବହେ ଖିଙ୍କାରି ହୋଇ ଉଠିଲା । ସ୍ତ୍ରୀଲୋକଟା ଡରରେ ଥରି ଥରି ଓଲଟିପଡ଼ୁଥିଲା ତଳକୁ; ହେଲେ ହନୁମାନ୍ ତାକୁ ଧରିନେଇ ଅଟକେଇଦେଲା । ତା’ ପରେ ସେ ସେଇ ଉଦଅଣି ଛୁଆଟାକୁ ତା କୋଳକୁ ଫୋପାଡ଼ି ଦେଇ ଏମିତି ଗୋଟାଏ

Digitized by srujanika@gmail.com

ବକଟାଳ ଘବ ଦେଖି ସେ ସେ ଶବ୍ଦରେ ଯେ ଯୁଆଡ଼େ ହୁ' ଦେଲେ । ମାଇକିନାଟା ଧାଇଁ ଧାଇଁ ତା ସାଙ୍ଗସାଥୀଙ୍କ ପିଣ୍ଡ ଧଇଲା । ମଫସଲିଆ ଲୋକଗୁଡ଼ିକ କୌଣସିମତେ ସହରର ହନୁମାନ୍ କବଳରୁ ମୁକ୍ତ ପାଇ ଯେ ଯୁଆଡ଼େ ଛନଛନ ହୋଇ ପଳେଇଲେ । ତା ପରେ ଜର୍ଜ ଲକ୍ଷ୍ୟ କଲା ସେଇ ବାଘୁଆ ହନୁମାନ୍‌କୁ । ହନୁମାନ୍ ଲୋକଙ୍କୁ ଘଉଡ଼େଇ ଦେଇ ଗଛମୂଳକୁ ଗଲା । ଗଛମୂଳରୁ ତାର ପାଉଣାପଣ ଗୋଟେଇ ଗୋଟେଇ ସେ ତାକୁ ଅଣ୍ଟାରେ ମାରିଲା । ତା ପରେ ଯାଇ ସେ ପୁଣି ଗଛଡ଼ାଳରେ ବସିଲା—ଅନ୍ୟ ଯାତ୍ରୀଦଳର ବାଟ ଗୃହି ।

ତାର ସେଇ ପାଉଣାପଣ ଗୋଟେଇବା ଢଙ୍ଗଢ଼ାଙ୍ଗରୁ ଜର୍ଜ ବୁଝିଲା ଯେ ସେଇ ବାଘମିଶା ମାଙ୍କଡ଼ଟାଠେଇଁ ମଣିଷର ବୁଦ୍ଧି ସବୁତକ ଅଛି । ହୁଏତ ସେ ମଣିଷ—କିନ୍ତୁ ସର୍କସର ବାଘ ଭଳି, ମାଙ୍କଡ଼ବୃତ୍ତି ଆଚରଣ କରି ସେ ପେଟପୋଷୁଚି । ତେବେ ସେଦିନ ସେଠି ସେ ଦେଖିଲା—କେମିତି ମଣିଷ ଦ' ଗୋଡ଼ରେ ନ ଗୃଲି ଗୃରି ଗୋଡ଼ରେ ଗୃଲିଲେ ଭଲ ପେଟ ପୋଷିପାରେ, କେମିତି କଥା ନ କହି ଖେଙ୍କାଖେଙ୍କି କଲେ ତାକୁ ଲୋକେ ବେଶି ଭକ୍ତି କରନ୍ତି, ଡରନ୍ତି; କେମିତି ଭୂଇଁରେ ନ ଗୃଲି ଗଛଡାଳରେ ଯାଇ ବସିଲେ ଲୋକେ ପୂଜା କରନ୍ତି ।

ଅସରନ୍ତି ମଣିଷଙ୍କର ଅସରନ୍ତି ରୂପ ଅଛି । ଏ ଦୁନିଆରେ ଖାଲି ରୂପର ଭେଳିକି ଲାଗିଚି । କିଏ କେତେବେଳେ କୋଉ ବେଶ ପିନ୍ଧି, କୋଉ ରଙ୍ଗ ମାଖି ହୋଇ, କୋଉ ରୂପରେ ବାହାରୁଚି ସେ କଥା ବୁଝିବା, କଳିବା ମଣିଷ ମୁଣ୍ଡପକ୍ଷେ ଅସମ୍ଭବ । ତେବେ ଏଇ ଅସରନ୍ତି ରୂପର ଶୋଭାଯାତ୍ରାରୁ ଜର୍ଜ ଖୋଜି ଖୋଜି ବାହାରକଲେ ତାର ମନଲାଖି ଗୋଟିଏ ତଥ୍ୟ । ସେ ଦେଖୁଥିଲା—ଏ ସଂସାରରେ ଯିଏ ଯାହା ପ୍ରକୃତରେ ନୁହେଁ, ସେଇଆ ହୋଇପାରିଲେ ବା ସେଇଭଳି ବେଶ ପିନ୍ଧିଲେ ତାର ବେଶି ଆଦର ଥାଏ ଅନ୍ୟମାନଙ୍କ ଭିତରେ । ତା' ପେଟ ଭଲ ପୋଷାଏ । ସେ ଠିକ୍ ମଣିଷ ବୋଲି ସଂସାର କହେ ।

ଜର୍ଜ ତାର ଏଇ ଶ୍ରେଷ୍ଠବୁଦ୍ଧିରେ ବିଚାରି ସେଇ ବୁଢ଼ା କବିରାଜକୁ କଳିବସେ । ସେ ବୁଢ଼ାର ସେହି ଅଦ୍ଭୁତ ଗୃଲିରୁ କିଛି ଠଉର କରିପାରେ ନାହିଁ । ସେ ବୁଝିପାରେନା ବୁଢ଼ା କବିରାଜଟା କାହିଁକି ଏମିତି ଅଝଣ୍ଟିବା, ଅସଣୁଣା ହୋଇ ଗୃଲେ—'ଏମିତି ଗୋଡ଼ ଫରକଟା କରି ।

ଜର୍ଜ ବୁଢ଼ା କବିରାଜର ପିଣ୍ଡ ଧଇଲା । ବୁଢ଼ା କବିରାଜ ଧଇଁସଇଁ ହୋଇ ଆସି ପ୍ରଥମେ ପିଣ୍ଡାରେ ବସି ଟିକିଏ ଦମ୍ ନିଏ । ତା'ପରେ କୁନ୍ଥେଇ ମୁନ୍ଥେଇ ଉଠି ସେ ତାଲା ଫିଟାଏ ଦୋକାନଘରର ।

ଏବେ ତା ପାଇଁ ତାଲା ଫିଟେଇ ଦଉଚି ଜର୍ଜ । ପ୍ରଥମେ ପ୍ରଥମେ ତାଲା ଫିଟେଇ ଦେଇ କବାଟଟାକୁ ଭିତରକୁ ପେଲି ଫିଟେଇଦେଲାବେଳେ ଯୋଉ ପ୍ରଥମ ପବନପୁଳାକ ଭସ୍କିକରି ଆସି ତାର ନାକରେ ବାଜେ, ସେଇଟା ଜର୍ଜର ମୁଣ୍ଡ ଖରାପ କରିଦେଉଥିଲା ।

Digitized by srujanika@gmail.com

ସେଇ ବିଚିକଟିଆ ଗନ୍ଧଟା ଶୁଙ୍ଘିଦେଲେ ପ୍ରଥମେ ପ୍ରଥମେ ସେଇ ବୁଢ଼ା କବିରାଜଙ୍କ ପ୍ରତି କେମିତି ଗୋଟାଏ ଖରାପ ଧାରଣା ହେଉଥିଲା ଜର୍ଜର । ସେଇ ଅନ୍ଧାରିଆ ଘର, ତାର ଜୁଳୁଜୁଳୁ ଲଣ୍ଠନ ଆଲୁଅ, ଆଉ ସେଇ ଗନ୍ଧ ଜର୍ଜକୁ ଚେତେଇଦିଏ—ସତେ କି ଇଏ ହଉଚି ସେଇଭଳି ଗୋଟାଏ ଘର—ଯୋଉ ଘରେ ସେଇ ପଚ୍ଛିମା ମାଇକିନା ଆଗେ ରହୁଥିଲା । କବିରାଜଟା ବି ବେଳେବେଳେ ସେଇ ପାଗଲା ଚରଣ ରାଓ ଭଳି ଦେଖା-ଯାଉଥିଲା ଜର୍ଜକୁ । ତେବେ କବିରାଜ ଆଉ ପାଗଲା ଚରଣ ରାଓଙ୍କ ଭିତରେ ତଫାତ୍ ଥାଏ ଅନେକ । ପ୍ରଥମ କଥା ହେଲା ବୁଢ଼ା କବିରାଜଟା ଚରଣ ରାଓ ଭଳି ସେମିତିକିଆ ହୁଣ୍ଡାଟାଏ ନୁହଁ । କାହାକୁ ଗୋଟାଏ କାବୁକରି ଧରିପକେଇବା ପେଇଁ ବୁଢ଼ା କବିରାଜ ସବୁବେଳେ ବସି ନ ଥାଏ—ଚରଣ ରାଓ ଭଳି; କିମ୍ବା ସେଇ ପାଗଲା ଭଳି ମଲାମଣିଷ ବା ମଲାମଣିଷଙ୍କ ଚମ, ହାଡ଼ ସାଙ୍ଗରେ କିଛି କାମ ନ ଥାଏ ବୁଢ଼ା କବିରାଜର ।

ଅବଶ୍ୟ ମଝିରେ ମଝିରେ ଜର୍ଜର ସେଇ ଧାରଣା ଦୋହଲିଯାଉଥିଲା ବୁଢ଼ା ଉପରୁ । ସେଇଟା ହଉଚି ଯୋଉଦିନ ଦୈବାତ୍ ତାର ନଜରରେ ପଡ଼ିଗଲା କବିରାଜ ଦୋକାନର ଗୋଟାଏ ବୋତଲ ଉପରେ ଛପାହୋଇଥିବା ଚିଟଟିଏ । ଟିକିଏ ଝାପ୍‌ସା ଆଲୁଅ ଆଉ ଅନ୍ଧାର ଭିତରେ ସେଇ ଚିଟଟାକୁ ଦେଖିଦେଲେ ମଣିଷର ପିଲେହି ପାଣି ହେଇଯିବ । ତେବେ ସାହସ ବାନ୍ଧି ଜର୍ଜ ଦିନେ ସେଇ ଚିଟଟାକୁ ଭଲକରି ଦେଖିବା ପାଇଁ ପାଖକୁ ଗଲା; କିନ୍ତୁ ସେ ଯାହା ଦେଖିଲା, ସେଥିରେ ଭୟ ଆଉ ଘୃଣାରେ ତାର ଅଇ ଉଠେଇ ଆସିଲା ।

ବାପ୍‌ରେ ବାପ୍ ! କି ବିକଟାଳ ଏ ଚେହେରା ! ଇଏ କ'ଣ ମଣିଷର ମୁଣ୍ଡ, ଆଉ ଇଏ ଦି ଖଣ୍ଡ ମଣିଷ ଦେହର ହାଡ଼ ? ଏ ଦୁଇଟା ହାଡ଼ର ଛକ ଉପରେ ସେମିତିଆ ଗୋଟାଏ ଭୟଙ୍କର ମଣିଷର ମୁଣ୍ଡ ଥୁଆହେଇଚି କାହିଁକି ? କ'ଣ ଏହାର ଅର୍ଥ ? ଏ ବୁଢ଼ା କଣ ଚରଣ ରାଓ ଭଳି ଜଡ଼ିମନ୍ତ୍ର ଜାଣେ କି ?

ଜର୍ଜ କନକନ ହେଇ ପଛକୁ ଫେରି ଫେରି ଚାହେଁ । ଠିକ୍ ସେତିକିବେଳେ ପଛରୁ ଧାଡିଟାଏ କରି ଚମକେଇଦିଏ ବୁଢ଼ା କବିରାଜ ଟୋକାଟାକୁ ।

"ହେ, ହେ, ହେଃ...ଯାଆ ନା ତା' ପାଖକୁ ! ଆବେ ବିଷ ସିଏ, ବିଷ ! ସେଥିରେ ବିଷ ଅଛି ବେ—ମରିଯିବୁ—ଛୁଇଁ ନା—" ବୁଢ଼ା କବିରାଜ ତରଛେଇଦିଏ ଜର୍ଜକୁ ତା ପାଟିରେ ।

"ବିଷ ?" ଜର୍ଜ ବୁଢ଼ା ମୁହଁକୁ ଆବାକାବା ହେଇ ଚାହେଁ ।

ହାଡ଼ ଆଉ ମୁଣ୍ଡର ବେପାର ବି ଏ ବୁଢ଼ା କରୁଛି ? ତା ଆଖିକୁ ସେତିକିବେଳେ ବୁଢ଼ା କବିରାଜଟା ଚରଣ ରାଓ ଭଳି ଟିକିଏ ଦେଖାଯାଏ । ଚରଣ ରାଓ କଥା ମନେପଡ଼ିଯିବା ମାତ୍ରେ ଜର୍ଜ ପଳାଏ । ପଛେଇ ପଛେଇ ସେ ଘରୁ ବାହାରି ପଳାଉଥିବାବେଳେ ବୁଢ଼ା ଦେଖିନିଏ ସେଇ ଡେଙ୍ଗାଣ୍ଡାନ୍ ଟୋକାଟାକୁ । ଟୋକାଟାକୁ ଦେଖି ବୁଢ଼ାର କଥଣ ମନହୁଏ କେଜାଣି, ଘୁରୁଡ଼େଇବା ପାଇଁ ଚାହେଁନା ତାକୁ ଆଦୌ । ସେଇଠୁ କଥାଟାକୁ ବୁଲେଇ ନେଇ କବିରାଜ ବୁଢ଼ା ପୁଣି ଆପ୍‌ପତିଆ କରି ଡାକେ ତାକୁ—

Digitized by srujanika@gmail.com

"ଇବେ ଡଗଲୁ କରେ ? କଛ ନାହିଁ ମ ! ଉଡୁଛୁ କଅାଁ ? ବଷ ଯାଇ କୋଉଠି—ଏମିତ ଅବଚ୍ଛ ହଉଚୁ କଅାଁ ?"

ତଥାପି ଜର୍ଜର ବଶ୍ୱାସ କୁଳାଏ ନାହିଁ । ତାର ମନେହୁଏ ସତେ ଯେମିତ ତା' ପାଇଁ ଗୋଟାଏ ଫାନ୍ଦ ବସେଇଲଣି ସେ ବୁଢ଼ା—ତା ଦୋକାନରେ । ଚରଣ ଘାଓ ଯେମିତ ସେ ପଚ୍ଛମା ମାଇକନାକୁ କାମୁଡ଼ ପକେଇଲା, ଆଉ ଖଣ୍ଡେ ମାଉଁସ ଧର କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା ଗୁଣି ସାଧ୍ୱନାପେଇଁ, ଯେମିତ ଏ ବୁଢ଼ା ବୋଧହୁଏ ଛକଚ, ବନ୍ଧନ ଧର ତାକୁ ।

କନ୍ତୁ ଜର୍ଜର ଏଇ ସନ୍ଦେହ କାଳକ୍ରମେ ଦୂର ହେଇଯାଇଚ । କବରାଜ ବୁଢା ସଙ୍ଗେ ବର୍ତ୍ତମାନ ଧୀରେ ଧୀରେ ଭଲ ପଡ଼ଲଣି ତାର । ସେ ଜାଣେ, ଏ ବୁଢ଼ା ଯେମିତ କଛ ମାରାତ୍ମକ ଜୀବ ନୁହେଁ । ମାରାତ୍ମକ ହେଲେ ବ ସ୍ୱା ପାଖେ ଏମିତ କଛ ଇଲମ୍ ନାହିଁ, ଯାହାଦ୍ୱାରା ସେ ତାକୁ ମାରଦେଇ ପାରବ । ହଁ, ମଣିଷକୁ ମାରବାପାଇଁ ସ୍ୱା ପାଖରେ ଜନଷ ଅଛ, ମସଲା ଅଛ । ତେବେ ଯେମିତକା ସବୁ ଜନଷ ଉପରେ ବୁଢ଼ା ଶଙ୍ ମାର ଆଗରୁ ସାବଧାନ କରଦେଇଚ । ଯେତେବେଳଯାକେ ସେଇ ହାଡ଼ ଆଉ ମୁଣ୍ଡ ଶଙ୍ଠୁ ସେ ଦୂରରେ ଥିବ, ସେତେଦନଯାକେ ବପଦ କଛ ନାହିଁ—ଏ ଦୋକାନରେ ।

କବରାଜ ବୁଢ଼ା ସାଙ୍ଗେ ବନ୍ଧୁତା ଜମିବାର ଆଉ ଗୋଟିଏ କାରଣ ବ ଥିଲା ଜର୍ଜର । ବେଳେବେଳେ ଦରକାର ହେଲେ ବୁଢ଼ା ତା' ହାତରେ ଦୋକାନର କଛ କଛ କାମ କରେଇନଉଥିଲା । ବଶେଷତଃ ଦୋକାନର ସବୁ ଚେରମୂଳୀ କୁଟାକୁଟି କାମଗୁଡ଼ାକ— । ହେମାମଦସ୍ତା ଧଇଲେ ଘଣ୍ଟାକରେ ସବୁ କୁଟାକୁଟି କର ଯେତେ ଟେମଡ଼ା ଚେରମୂଳ ହେଲେ ବ ଚୂନାକର ଥୋଇଦଉଥିଲା ଜର୍ଜ । ଅବଶ୍ୟ ଏସବୁ କାମ ଥିଲା ଜର୍ଜର ନଜ ଦୋକାନ କାମ ବାହାରେ ।

କବରାଜ ଦୋକାନର ଏଇ ଚେରମୂଳ କୁଟାକୁଟି କାମ ବାହାରେ ଟୋକାଟାର ଆଉ ଗୋଟାଏ ଠାଆରେ ଯାଇ ମନଲାଗେଥାଏ । ବଳକା ସମସ୍ତ ଥିବାବେଳେ ଏଇ କୁଟାକୁଟି କାମ କରଦେଇ ଜର୍ଜ ଯାଇ ବସେ ସେଇ ଲମ୍ବା ଟେବୁଲଟା ପାଖରେ, ଯାହାର ଦରାଜରେ ଗୁଡ଼ାଏ ଅଦ୍ଭୁତ ଜନଷ ଥୁଆହୋଇଥିବା କଥା ତାର ଆଖିରେ ପଡ଼ୁଥାଏ । ପ୍ରଥମେ ପ୍ରଥମେ ସେଥିରେ ହାତ ଦେବାପାଇଁ ତାର ଭୟ ହୁଏ । କନ୍ତୁ ପରେ ଯେତେବେଳେ ସେ ଦେଖେ ଯେ କବରାଜ ବୁଢ଼ାର ସେଥିରେ କଛ ଓଜର ଆପତ୍ତି ନ ଥାଏ, ସେତେବେଳେ ଖୁବ୍ ସନ୍ତର୍ପଣରେ ଜର୍ଜ ହାତ ଦଏ ସେଇ ଜନଷଗୁଡ଼କରେ ।

ସେଇ ଜନଷଗୁଡ଼କ ଭତରୁ ଗୋଟିଏ ହେଉଚ ଲୁହାବସା ମୋଟା ରବର ନଳୀ, ଯାହାର ଦ' କଡ଼ର ଲୁହା ନଳୀକୁ କାନରେ ଗୁଞ୍ଜି ଧଇଲେ କେମିତ ତାବଦା ଶୁଭେ ଗୃଗଆଡ଼ । ଏଇ ନଳୀକୁ କାନରେ ଦେଇ ବୁଢ଼ା କବରାଜ, ତା ପାଖକୁ ଆସୁଥିବା ଲୋକଙ୍କ ଛାତରେ ଲଗେଇ କଅଣ ସବୁ ଶୁଣୁଥିବାର ଜର୍ଜ ଲକ୍ଷ୍ୟ କରଥାଏ ।

ସେଇ ପ୍ରଥମ ଥର—ଯେଉଁ ଥର ଜର୍ଜ ସେଇ ନଳୀଟିକୁ ତା ନଜ କାନରେ ଦେଇ

Digitized by srujanika@gmail.com

ନଳୀଟାର ଆରମୁଣ୍ଡକୁ ଆଣି ତା ନିଜ ଓଠରେ ଦେଇଥିଲା—ସେ ଥରର ମଜାଟା ତାର ଆଦୌ ପାସୋର ଯାଇ ନ ଥାଏ । ନିଜ ଓଠରେ ସେଇ ଅଦ୍ଭୁତ ଶବ୍ଦଗୁଡ଼ାକୁ ଶୁଣି ତାକୁ ଖୁବ୍ ଆଶ୍ଚର୍ଯ୍ୟ ଲାଗେ । ଖାଲି ଓଠରେ କାହିଁକି, ଦେହମୁଣ୍ଡ ଚତୁର୍ଦ୍ଦିଗ ଲଗେଇ ଲଗେଇ ପରୀକ୍ଷା କରେ ସେ ତା ନିଜ ଦେହକୁ—ସେଇ ନଳୀଦ୍ୱାରା । ସେ ଯେତିକି ଯେତିକି ତା ନିଜ ଦେହକୁ ପରୀକ୍ଷାକରେ ଓ ସେଇ ଖଣ୍ଡିଏ ସାଧାରଣ ଯନ୍ତ୍ରଦ୍ୱାରା ସେ ନିଜର ଶରୀରକୁ ଯେତିକି ଯେତିକି ଚିହ୍ନେ, ତାର ବିସ୍ମୟ ଆଉ କୌତୂହଳ ସେତିକି ସେତିକି ବଢ଼ିଉଠେ ।

ଟେବୁଲ ଦରାଜ ଭିତରର ସେଇ ନଳୀ-ଯନ୍ତ୍ର ବ୍ୟତୀତ ଆଉ କେତେଗୁଡ଼ାଏ ଜିନିଷପତ୍ର ବି ତାକୁ ଯନ୍ତ୍ରଆଡ଼କୁ ପ୍ରବୃତ୍ତ କରାଏ । ସେମାନଙ୍କ ଭିତରୁ ଗୋଟିଏ ଜିନିଷ ହେଉଛି ଗୋଟିଏ ବଡ଼ ଡବା—ଯାହା ଦେହକୁ ଲାଗିଥାଏ ଗୋଟାଏ ଖୁବ୍ ଲମ୍ବ ରବରନଳୀ । ରବରନଳୀ ଆଗରେ ଗୋଟାଏ କଅଣ ନାଡ଼ ଲାଗିଥାଏ । ଏଇଟିକୁ ନେଇ ଖେଳିବାକୁ ଜର୍ଜର ଇଚ୍ଛା ଡାକେ; କିନ୍ତୁ ପରେ ଅବଶ୍ୟ ଏଇ ଜିନିଷଟି ପ୍ରତି ଗୋଟାଏ ଭାରି ଅସୂୟା ଭାବ ଜାତହେଲା ତାର ଓ ସେଇଦିନଠୁଁ ସେ, ସେ ଜିନିଷଟାକୁ ଛୁଏଁ ନାହିଁ ।

ସେଇଟା ହେଲା ସେଇଦିନ, ଯୋଉଦିନ ଜର୍ଜ ସେଇ ଡବାରେ ପୂରାଏ ପାଣି ପୂରେଇ ସେ ପାଣିକୁ ରବରନଳୀବାଟେ ଉପରକୁ ଶୋଷାଉଥାଏ । ନଳୀବାଟେ ପାଣି ଶୋଷାହୋଇ ଆସି ତାର ପାଟିରେ ପଶେ, ଆଉ ସେ ତାକୁ କୁଳ୍‌କୁଳ୍ କରି ପଦାକୁ ଫୋପାଡ଼େ । ସେତେବେଳେ ସେ ସେଇ ଯନ୍ତ୍ରଟାକୁ ଗୋଟାଏ ଭାରି ସରଳ ଜିନିଷ ବୋଲି ଭାବୁଥାଏ; ଆଉ ଭାବୁଥାଏ ସେଇଟାକୁ ଯଦି କବିରାଜ ବୁଢ଼ା ତାକୁ ଦିଅନ୍ତା, ତା' ହେଲେ ସେ ସେଇଟାକୁ ଚାହା ଖାଇଲାବେଳେ ବ୍ୟବହାର କରନ୍ତା ।

ଶେଷକୁ ଦିନେ ସେ ମନକଥା ଖୋଲି କବିରାଜକୁ ଜଣେଇଲା । କବିରାଜ ବୁଢ଼ା ପ୍ରଥମେ ବୁଝିପାରିଲାନାହିଁ କେଉଁ ଜିନିଷଟା କଥା ସେ ତାକୁ କହୁଛି ବୋଲି । ସେଇଠୁ ଜର୍ଜ ସେଇଟାକୁ ଦରାଜ ଭିତରୁ ଆଣି ବୁଢ଼ାକୁ ଦେଖେଇଲା ।

"କଅଣ କରିବୁ ତୁ ଏଇଟାକୁ ନେଇ ?"—କବିରାଜ ବୁଢ଼ା ଚାହିଁଲା ଜର୍ଜକୁ, କିଛି ନ ଜାଣିଲା ଭଳି ।

"ଏଇଟାରେ ଚାହା ପିଇବାପାଇଁ ଭାରି ବଢ଼ିଆ ହେଉଛି—ତା ଛଡ଼ା ଚାହାକୁ ଏଠି ରଖି ତୁମେ ଖଣ୍ଡେ ଦୂରରେ ବସି ବେଶ୍ ଆରାମରେ ଶୋଷି ଶୋଷି ପିଇପାରିବ । ଏଇଟାକୁ ବୁଢ଼ୀକୁ ଦେଲେ ବି ସେ ତାକୁ ତା ଦୋକାନ କାମରେ ଲଗାଇବ; କାରଣ ଏତେଲୋକଙ୍କ ପାଇଁ ଗିଲାସ ନ ଦେଇ ବୁଢ଼ୀ ଏଇ ଯନ୍ତ୍ରଟାକୁ ତା ଦୋକାନରେ ରଖିଦେଲେ, ଗରାଖମାନେ ଏଥିରୁ ଶୋଷି ଶୋଷି ଚାହା ପିଅନ୍ତେ, ଆଉ ମଝିରେ ମଝିରେ ପକୁଡ଼ି ଖାଉଥାନ୍ତେ । ତୁମେ ମତେ ଏଇଟିକି ଦିବ ?"

ଜର୍ଜର ସେଇ ପିଲାଳିଆ କଥା କବିରାଜକୁ ବେଶ୍ ଭଲଲାଗୁଥିଲା । ସେ ଚୁପ୍ ହୋଇ ବସିଥିଲା । ବୁଢ଼ା କବିରାଜକୁ ଚୁପ୍‌ହୋଇ ବସିବାର ଦେଖି ଜର୍ଜ ବୁଢ଼ାକୁ କଥାଟା ଭଲକରି ବୁଝେଇବା ପାଇଁ ସେଇ ଯନ୍ତ୍ରରେ ଥୋଡ଼ାଏ ପାଣି ପୂରେଇଲା, ଆଉ ନଳୀଟାକୁ ଲମ୍ବେଇ

Digitized by srujanika@gmail.com

ନେଇ ଦୂରକୁ ଯାଇ ସେ ସେଇ ନଳୀ ଅଗଟାକୁ ମୁହଁରେ ଦବାକୁ ଯାଉଚ, ଏଇ ସମୟରେ ବୁଢ଼ା ପାଟିକରି ଉଠିଲା—"ଆବେ, ସେଇଟାକୁ ପାଟିରେ ଦେଏନା ବେ ! ଶଳା ସେଇଟା ଅସୁକ ଜିନଷ—ରୋଗୀମାନଙ୍କ ପେଟ ସଫା କରେଇବା ଜିନଷ ସେଇଟା । ଶଳା ନ ଜାଣି ନ ଶୁଣି ସବୁ କଥାକୁ ପାଟିରେ କାହିଁକି ଏତେ ପୁରେଇ ଦଉଚୁ ବେ···ମରିଯିବୁ··· ମରିଯିବୁ ।"

ରବର ନଳୀଟାକୁ ହାତରୁ ଫୋପାଡ଼ି ଦେଇ ଜର୍ଜ ବଲବଲ କରି ଅନେଇଲା ବୁଢ଼ା କବିରାଜର ମୁହଁକୁ । ତା' ପରେ ଯେତେବେଳେ ସେ କବିରାଜଠାରୁ ସବୁକଥା ବୁଝିଲା, ସେତେବେଳେ ତାର ମନେହେଲା ତଣ୍ଟିରେ ହାତ ପୁରେଇ ଥୋଡ଼ାଏ ବାନ୍ତି କରିପକେଇବା ମାଡ଼ି । କେତେଥର ସେ ସେଇଟାକୁ ନ ଜାଣିକରି ମୁହଁରେ ପୁରେଇ ନ ଥିବ !

ତା' ପରଠୁଁ ଏଣୁତେଣୁ ଜିନଷକୁ ପାଟିରେ ନ ପୁରେଇବା ପାଇଁ ସାବଧାନ ହୁଏ ଜର୍ଜ; କିନ୍ତୁ ସେଇ ରବରନଳୀ, କାଚନଳୀ ଆଉ ଅନ୍ୟାନ୍ୟ ଯନ୍ତ୍ରପାତି ଜିନଷ କାରବାର କରିବାର ସ୍ପୃହା ତାର ଭାଙ୍ଗିଗଲା ନାହିଁ ।

ବୁଢ଼ା କବିରାଜ ସାଙ୍ଗରେ ତାର ଗୋଟାଏ ପ୍ରକାର ମାୟା ଲଗିଆସିଥାଏ । ବୁଢ଼ା କବିରାଜର ଗୃହଠୁଁ ଆରମ୍ଭ କରି ତାର ଦୋକାନର ହରେକ୍ ଜିନଷ ଉପରେ ଜର୍ଜର ଗୋଟାଏ ଆକ୍ଷର୍ଷଣଭାବ ଥାଏ; କିନ୍ତୁ ଏ ପ୍ରକାର ଆକର୍ଷଣ ସହିତ ଭୟ ବେଶି ମିଶି ନ ଥାଏ । ତେଣୁ ସେ ଏହି ଦୋକାନରେ ବହୁତବେଳ ବସିବାକୁ ଭଲପାଏ ।

ବୁଢ଼ା କବିରାଜ ପ୍ରତି ତାର ସମସ୍ତ ଭୟଭ୍ରାନ୍ତି ଅବଶ୍ୟ ଯାଇ ନ ଥାଏ । ବିଶେଷତଃ ଯେତେବେଳେ ବୁଢ଼ା ବସୁ ବସୁ ହଠାତ୍ ଡୁଳେଇପଡ଼େ, ଆଉ ଓଲଟିପଡ଼ି ପୁଣି କଟମଟ କରି ଲାଲ ଆଖିରେ ଘରଦୋରକୁ ଅନାଏ—ସେତିକିବେଳେ ତାକୁ ଟିକିଏ ଡରଲଗେ; କିନ୍ତୁ ବୁଢ଼ାର ଢୁଳେଇବା ମଝିରେ ଯୋଉ ଜିନଷଟି ଅଛି, ତାକୁ ସେ ଦିନେ ଠଉରେଇନେଲା ।

ବୁଢ଼ା କବିରାଜର ରୋଗୀଙ୍କୁ ଜର୍ଜ ଦେଖେ । ପାଂଚଟା ରୋଗୀ ନିତିପ୍ରତି ଆସି ଜୁଟନ୍ତି ଦୋକାନ ପିଣ୍ଡାରେ । ପ୍ରାୟ ସେଇମାନେ ହିଁ ଦୋକାନର ଲଗୁଆ ଗରାଖ । ଏମାନଙ୍କ ଭିତରୁ ବୁଢ଼ୀଦୋକାନର ରାମ ସିଂ ବି ଜଣେ । ସ୍ୱାଙ୍କ ଛଡ଼ା ସେ ଆଉ ପ୍ରାୟ କୋଉ ନୂଆ ଗରାଖଙ୍କୁ ଦେଖେନାହିଁ । ଏଇମାନଙ୍କ ଆସିବା ପର୍ଯ୍ୟନ୍ତ ବୁଢ଼ା କବିରାଜ ଅପେକ୍ଷା ରଖିଥାଏ । ସେମାନେ ଆସି ଔଷଧ ନେଇସାରି ଗଲାଗଲା ପରେ ବୁଢ଼ା ଲଣ୍ଠନ ଦାଗିଦିଏ ଆଉ କବାଟରେ ତାଲା ପକାଏ ।

ଏହିସବୁ ଧରାବନ୍ଧା ଗରାଖଙ୍କୁ ଛାଡ଼ି କୋଉ ଅକାଳେ ସକାଳେ ଜଣେ ଜଣେ ନୂଆ ଗରାଖ ଆସି ପହଞ୍ଚନ୍ତି ବୁଢ଼ା କବିରାଜ ଦୋକାନରେ । ସେତିକିବେଳେ ବୁଢ଼ା କବିରାଜ ନାହାର କରେ ତାର ସେଇ ଛୁଞ୍ଚିଦେଖା ରବର ନଳୀକୁ, ଏମିତିକିଆ ଗୋଟାଏ ଗୋଟାଏ କେଳେ ଯନ୍ତ୍ର ଫୁଙ୍କୁଥାଉ ଥାଏ, ଜର୍ଜ ମନୋଯୋଗ ଦେଇ ଲକ୍ଷ୍ୟକରେ ବୁଢ଼ା କବିରାଜକୁ ତାର ରୋଗୀଦେଖାରେ । ତେବେ ଏସବୁ ଏତେ କମ୍ ଯେ କୋଉଠି ମାସକରେ ଦି'ମାସରେ ଏମିତିକିଆ ଛୁଞ୍ଚି ଦେଖିଲାଭଳି ରୋଗୀ ଆସି ପହଞ୍ଚନ୍ତି ବୁଢ଼ାପାଖରେ; କିନ୍ତୁ

Digitized by srujanika@gmail.com

ଏସବୁ ରୋଗୀ ଆସିବାଦିନ ବୁଢ଼ାକୁ ଖୁବ୍ ତତ୍ପର ହେବାର ଲକ୍ଷ୍ୟକରେ ମେ ।

ପ୍ରଥମେ ରୋଗୀକୁ ନେଇ ବୁଢ଼ା ଘର ଭିତରେ ଗୋଟାଏ ଭଙ୍ଗା ନଡ଼ନଡ଼ିଆ ବେଞ୍ଚ ଉପରେ ତାକୁ ଶୋଇବାକୁ କହେ । ତା'ପରେ, ରବର ନଳୀ ଦେଇ ତାର ଛାତି ଦେଖିବା ପୂର୍ବରୁ, ଜର୍ଜ ଦେଖେ, କବିରାଜ ବୁଢ଼ା ପହିଲେ ଲୋକଟାର ହାତକୁ ନେଇ ତା ମୁଠା ଭିତରେ ରଖି ଆଖି ବୁଜି କଅଣ ଭାବେ । ତା'ପରେ ମେ ତା ଛାତି ପରୀକ୍ଷା କରେ । ସେତେବେଳେ ସେ ରୋଗୀର ଛାତି ଉପରୁ ଲୁଗା କାଢ଼ିଦେଇ ସେଇ ନଳୀକୁ ତା ଛାତି ଉପରେ ରଖି କଣ ଶୁଣେ, ଆଉ ମଝିରେ ମଝିରେ ଲୋକଟାକୁ କହେ—ହେ ! ଜୋର୍‌ରେ ନିଃଶ୍ୱାସ ମାର—ନିଃଶ୍ୱାସ କମା—କାଶ୍—ଟୋଟି ସଫା କର୍ ଇତ୍ୟାଦି । ତା' ପରେ ମନହେଲେ ରୋଗୀର ପେଟରେ, ଛାତିରେ, ପିଠିରେ ଗୁଡ଼ାଏ ଠକ୍‌ଠକ୍ କରି ବାଡ଼ାଏ ତାର ମୋଟା ମୋଟା ଆଙ୍ଗୁଠି ଅଗରେ । ତା'ପରେ ତାର ହାତ ଯାଏ ରୋଗୀର ଆଖିପାଖକୁ । ଆଖିର ତଳ ପତାକୁ ଟାଣିଧରି ସେ କଅଣ ଦେଖେ । କେତେବେଳେ ହୁଏତ ସେ ଏମିତି କରୁ କରୁ ମୁଣ୍ଡ ହଲଉଥାଏ, ନହେଲେ ନାହିଁ । ଏମିତି ଏମିତି ସବୁକାମ ସରିଗଲେ ସେ ରୋଗୀକୁ ଉଠିବାକୁ କହେ । ତା' ପରେ ବୁଢ଼ା ଗୁମ୍‌ହେଇ ବସିପଡ଼ି ଅନେକବେଳ କଅଣ ଭାବେ । ଏହି ସମୟରେ ବୁଢ଼ା ଆଦୌ ଗୋଳମାଳ ବରଦାସ୍ତ କରିପାରେ ନାହିଁ । ଥରେ ଏଥିପାଇଁ ଖୁବ୍ ଗାଳିଟାଏ ଖାଇଥିଲା ଜର୍ଜ—ବୁଢ଼ାଠୁଁ । ଏହାପରେ ବୁଢ଼ା ନିଜେ ଉଠେ; ନଚେତ୍ ଜର୍ଜ ଯଦି ପାଖରେ ଥାଏ, ତା ହେଲେ ତାକୁ ଡାକିକରି କହେ ଆଲମାରିରୁ ଯାହା ଯାହା ଆଣିବାର ଥାଏ । ଔଷଦକୁ କାଗଜରେ ପୁଡ଼ିଆ ପୁଡ଼ିଆ କରି ବାନ୍ଧି କବିରାଜ ବୁଢ଼ା ରୋଗୀକୁ ଦିଏ ଆଉ କହେ, କୋଉ ବେଳାରେ କୋଉ ପୁଡ଼ିଆର ଔଷଦ ଖାଇବାକୁ । ତା ପରେ ବୁଢ଼ା ଅନାଏ ରୋଗୀକୁ ।

ଏଇଟା ଗୋଟାଏ ମଜାବେଳ । ଏତିକବେଳେ ଧରାପଡ଼େଯାଏ କାହାଠେଇଁ କୋଉ ରୋଗ ଥାଏ ବୋଲି । ଜଣେ ଜଣେ ଲୋକ ବୁଢ଼ା ମୁହଁକୁ ଚାହିଁ ହସିଦେଇ ଅଣ୍ଟାରୁ କିଛି ବାହାର କରି ଦିଏ । ନ ହେଲେ, ଆଉ ବେଳେବେଳେ ଆଉ ଏକ କିସମର ରୋଗୀ ବାହାରନ୍ତି ଯିଏ କି ବୁଢ଼ା ମୁହଁକୁ ଯେମିତି ଚାହିଁଦିଅନ୍ତି ସେମିତି ଭେ ଭେ କାନ୍ଦିଉଠନ୍ତି । ସେମାନେ କାହିଁକି କାନ୍ଦନ୍ତି ଜର୍ଜ ବୁଝିପାରେନାହିଁ । ତେବେ ଜର୍ଜ ଦେଖିଛି—ଏଇ କାନ୍ଦବାବାଲାଙ୍କୁ ବୁଢ଼ା ଆଦୌ ରାଗେ ନାହିଁ । କେବଳ କହିଦିଏ—ହଉ ଯା ଯା···ଟୋ ଦାତାପଣିଆ ବୁଝାଗଲା । ପଇସା ନ ଆଣି ଆଉ ଦିନେ ଆସିବୁ ନାଇଁ···!

ତା ପରେ ଲୋକଟା ସେଠୁ ଆଖି ଉହାଡ଼ ହେଇଗଲା ବାଦ୍ ବୁଢ଼ା ମୁହଁ ଗମ୍ଭୀର କରି କହେ—"ରୋଗୀଗୁଡ଼ାଙ୍କ ସାଙ୍ଗେ ବେଶି ଧିକ୍‌ଚକ୍ ହେଇ ଲାଭ ନାହିଁ—ସେଗୁଡ଼ାକ ହୁରୁଡ଼ି ଯାଆନ୍ତି, ଆଉ ଇଏ ବି ଏମିତିଆ ରୋଗ ଯେ ଏଆକୁ ଭଲ କରିବା ପାଇଁ ପୃଥିବୀରେ କାହାର କ୍ଷମତା ନାହିଁ । ସିଏ ଯାଉ; ଫେରେଣି ଆସିବ—ଯିବ କୁଆଡ଼େ ! ଥୋପ ତ ଦେଇଛି—"

ତା ପରେ ଦୁଃଖକରି ବୁଢ଼ା କହେ—"ଅରେ ବୁଝିଲୁ ! ଏଇ ହାତ—କୋଉ ରୋଗକୁ ସାଧ ନ କରିଛି ଏଇ ହାତଖଣ୍ଡିକ ! ଏମିତି ଦିନ ଥିଲା—ମଲାମଣିଷକୁ ଘିନକରି ଲୋକେ

Digitized by srujanika@gmail.com

ମୋ ପାଖକୁ ଆସୁଥିଲେ, ଆଉ ମୁଁ ତାଙ୍କୁ ଜୀବନ୍ୟାସ୍ ଦେଇ ଛାଡ଼ୁଥିଲି—"

ଏଇ କଥାଗୁଡ଼ାକ ଶୁଣିଲାବେଳକୁ ଜର୍ଜଙ୍କୁ ପୁଣି ଟିକେ ଡରମାଡ଼େ ଓ ଚରଣ ସାଓଁ କଥାଟା ତାର ମନେପଡ଼ିଥାଏ; କିନ୍ତୁ ବୁଢ଼ା ବଇଦ ଜର୍ଜଙ୍କର ସେ ଡରକୁ ଆଉ ଧାରେ ଭୁଲେଇଦିଏ । କ୍ରମେ ଜର୍ଜଙ୍କର ଭୟ କୌତୂହଳରେ ପରିଣତ ହୁଏ ।

ବୁଢ଼ା ପଚାରେ—"ମଣିଷ ମରେ କାହିଁକି ?" ତା'ପରେ ନିଜର ଉତ୍ତର ନିଜେ ଦିଏ ସେ । ସେ କହେ, "ରୋଗ ଖାଏ ମଣିଷକୁ—ସେଇ ରୋଗକୁ ମୂଳରୁ ମାରିଲେ ଗଲା । ରୋଗ ଯଦି ଏ ସଂସାରରୁ ମୂଳପୋଛ ହୋଇଯିବ, ତା ହେଲେ ମଣିଷର ମରିବାପାଇଁ ବାଟ ନ ଥିବ । ରୋଗକୁ ମୂଳପୋଛ କରିବାପାଇଁ କଫ, ବାତ ଆଉ ପିତ୍ତ—ଏ ତିନିଙ୍କୁ ଠିକଣା ବାଟରେ ନବାପାଇଁ ସୂତ୍ର ଯାହାକୁ ଜଣା, ସେଇ ଜାଣେ ମଣିଷକୁ ଅମର କରିଦବ । ଏ ସୂତ୍ର ପୃଥିବୀରେ କାହାକୁ ଜଣାନାହିଁ—ତେବେ..." କବିରାଜ ବୁଢ଼ା ଥଙ୍ଗେଇଯାଏ ।

ମରିବା ମାନେ କଅଣ, ଯଦିଓ ଜର୍ଜ ଜାଣିଥାଏ, ତେବେ ଅମର ଜିନିଷଟାକୁ ଭଲକରି ଅର୍ଥ କରିପାରେ ନାହିଁ ସେ । ବଲବଲ କରି ଯଦି ସେ ବୁଢ଼ା ମୁହଁକୁ ଚାହେଁ, ସେ ଦେଖେ ଯେ ବୁଢ଼ାର ମୁହଁ ଫୁଲିଚି—ସତେ କି ସେ ରାଗୁଚି କି ଦୁଃଖୁଚି !

ଜର୍ଜ ପଚାରେ—"ତେମେ କ'ଣ ସେ ସୂତ୍ର ପାଇଥିଲ ?"

ରାଗିଲା ଭଳିଆ କଟମଟ କରି ଚାହିଁ ବୁଢ଼ା କହେ—"ଆବେ !—ପାଇଥିଲି କ'ଣ ବେ—ପାଇଥିଲି କହୁଚି ଏ ବୋକା କାହାଁକା—ପାଇବା ଆଉ କେତେ ବାଟ ଥିଲା ?—ବିଶ୍ୱାସ ହଉନାହିଁ ତୋର—ନାହିଁ ? ଏଁ ? ତେବେ ହେଇ ଦେଖ୍ !"

ଏଥା କହି ବୁଢ଼ା ଭୂସ୍‌କିନା ଉଠିପଡ଼ିବାକୁ ଚେଷ୍ଟାକରେ ତା ନେଗାରୁ; କିନ୍ତୁ ସେ ଉଠି ପାରେନା । କଅଣ ଯେମିତି ତାକୁ ଜୋର୍‌କରି ତଳକୁ ଟାଣିଦିଏ । ବ୍ୟସ୍ତ ହୋଇପଡ଼ି ବୁଢ଼ା ଲଥ୍‌କରି ଚଉକରେ ବସିପଡ଼ି ତା ତଳପେଟକୁ ଜୋର୍‌କରି ଚିପି ଧରେ, ସତେ କି କିଛି ଗୋଟାଏ ଜୋର୍‌କରି କାମୁଡ଼ି ଧରେ ତାର ପେଟକୁ । ବଡ଼ ଅସ୍ଥିର ହୋଇଉଠେ ବୁଢ଼ାଟା ସେଇ ଯନ୍ତ୍ରଣାରେ । ତା' ପରେ ଗୋଟାଏ ଅଦ୍ଭୁତ ଶବ୍ଦ କରି କିଛି ଗୋଟାଏ ପବନ ଖେଳିଯାଏ ବୁଢ଼ାର ପେଟରେ । ବୁଢ଼ା ହାଲିଆ ହୋଇ ପଡ଼ିଯାଏ କିଛି ସମୟ । ଅନେକ ସମୟ ଦମ୍ ନେଇ ବୁଢ଼ା ତା'ପରେ ପାଟି ଫିଟାଏ—"ଏଇ ରୋଗ ମତେ ଖାଇଦେଲା ରେ ! ଏଇ ମୋର ବଳତକ ଖାଇଦେଲା । ଇଆରି ହାତରେ ଜାଣ ମୋର ପ୍ରାଣ ଆସି ରହିଲାଣି । କେମିତିକା କଅଣ ହେଲା, ଇଏ ଆସି ରହିଲା ମୋ'ଠିନି—ନଇଲେ ଇଏ ଯେତେବେଳେ ନ ଥିଲା—ସେତେବେଳେ—ଛାଡ଼, ସେତେବେଳ କଥା କାହିଁ ପଡ଼ିଚି । ସେତେବେଳେ ମୋର ଜୋର୍ ଥିଲା ଗୋଟାଏ ଘୋଡ଼ାର ଜୋର୍ । ବୁଲୁଥିଲି—ବଣ ଜଙ୍ଗଲ ବୁଲିବୁଲିକା କେତେ ମୂଳ-ପତ୍ର ଛେଲି ଯୋଗାଡ଼ କରୁଥିଲି । ଔଷଧ ବାଣ୍ଟୁଥିଲି—ମୋଫତ୍ ଔଷଧ—ହଜାର ହଜାର ଲୋକଙ୍କ ଉପକାର କରୁଥିଲି—"

କହୁ କହୁ ବୁଢ଼ା ହଠାତ୍ ଟେଙ୍ଗା ହୋଇଉଠେ । ସେ ହଠାତ୍ ପୁଣି ଉଠିପଡ଼ି ଠିଆ ହେଇଯିବାକୁ ଚେଷ୍ଟାକରେ; କିନ୍ତୁ କଅଣ ଭାବି ପୁଣି ଚୁପ୍ ହୋଇ ବସିପଡ଼େ । ତେବେ

Digitized by srujanika@gmail.com

ଉଦ୍‌ବେଗ ବେଶି ଫୁଟିଉଠେ ତାର କଥାରେ । ସେ କହେ-- "ଆରେ ହେ ! ଦେଖିବୁ ? ଦେଖିକୁ ? ଦେଖିବୁ ତାର ପ୍ରମାଣ ? ଦେଖିବୁ ମୁଁ କାହାର କାହାର ସେବା କରିଚି ? ଦେଖିବୁ ? ହେଇଟି ସୂହ୍ମା—ଆଣ୍ ସେଇଟାକୁ ।" ବୁଢ଼ା ହାତ ବଢ଼ାଏ ଆଉ କହେ— "ମୁଁ ତ ଉଠିପାରୁନାହିଁ—ଆଣ୍ ସେଇଟାକୁ ଯୋଉଟା ସେଠି ଟଙ୍ଗାହେଇଚି—ସେ କାହା ଫଟ ଦେଖୁଚୁ ତ ?—ସେଠି ମେଇ ବାଘୁଆ ନଣ ରଙ୍ଗ ଖଣ୍ଡାଟାଏ ଅଣ୍ଟାରୁ ଝୁଲେଇ ଯିଏ ଠିଆହେଇଚି ଯେଠି—ସେଇ ରଜାପିଲା—ତାକୁ କ'ଣ ଜଣା ନାହିଁ କାହାଠେଇଁ କୋଉଁ ଗୁଣ ଅଛି ? ସେଇ ଦେଇଚି ଯେ ସାର୍ଟିଫିକେଟ—ତାର ସାହସ ପାଇ କାମ କରୁଥିଲି— ଯେତେବେଳେ, ଯେତେବେଳେ ମୁଁ ବୁଲୁଥିଲି ଜଙ୍ଗଲରେ ! ଯେତେବେଳେ ମୁଁ ତା ପତ୍ତ ପାଇଥିଲି । ଆରେ ହେ ! ସେଇଟା ଯଦି ହାତପଇଠ ହେଇଯାଇଥାନ୍ତା ନା—ଅମଇ କଅଣ ବେ ?—ସାରୁ ପୃଥିବୀକୁ ଆଣିକରି ମୋ ପାଦତଳେ ଥୋଇଦେଇଥାଆନ୍ତି ଏଇଲେ । କି ଘର, କି ବାଡ଼ି, କି ଗାଡ଼ି-ମଟର ଦେଖୋଉଚନ୍ତି ମତେ ଏଗୁଡ଼ାକ ? —ଏଇ କୁକୁର-ଗୁଡ଼ାକ ? ସ୍ୱାଙ୍କ ସମସ୍ତଙ୍କୁ ଏକଜୁଟ କରି ମୋ ପାଦତଳେ ଖଟାଉଥାଆନ୍ତି ଏଇଲେ । ଆଖିର ସେ କାମ ହେଲାନାହିଁ—ମିଳିଲା ନାହିଁ ତାର ଓର—ଆଉ ମୋର ବ ବଳ ଖସିଗଲା—ଏଇ ରୋଗ ମତେ କାବୁ କରିପକେଇଲା—"

କିଛି ବୁଝେନା ଜର୍ଜ ବୁଢ଼ାର ଏଇ ଲମ୍ବା-ଚଉଡ଼ା କଥା ବା କାନ୍ଥରେ ଟଙ୍ଗାହେଇଥିବା ସେଇ ରାଜାପୁଅର ଫଟତଳେ ଲେଖାହେଇଥିବା ସେଇ ଅକ୍ଷରଗୁଡ଼ାକର ମହତ୍ତ୍ୱ । ତେବେ କଣ ଗୋଟାଏ ସେ ଠଉରାଏ । ତାର ମନେହୁଏ ସତେ କି କିଛି ଗୋଟାଏ ମସ୍ତବଡ଼ କଥା ଏଇ ଲୋକଟା ଟିକକରେ ତା ହାତପାହାନ୍ତରୁ ହରେଇବସିଚି ଓ ସାରା ଜୀବନ ବାଡ଼େଇ-ପିଟି ହଉଚି ସେଇଥିପାଇଁ । ଆହୁରି ଭଲକରି ସେଇ କଥାଟା ବୁଢ଼ା କବିରାଜଠୁ ବୁଝିବା ପାଇଁ ଜର୍ଜ ଖୋଳତାଡ଼ ପଚାରେ—"ଜଙ୍ଗଲରେ କଅଣ ଏମିତି ଜିନିଷ ସବୁ ଅଛି ଯୋଉ-ଥିରେ ହାତ ଦେଲେ ବା ଯାହାକୁ ଖାଇଦେଲେ ମଣିଷ ଆଉ ମରିବ ନାହିଁ ? ସେ ଜିନିଷଗୁଡ଼ାକର ପତ୍ତା ତୁମେ ପାଇଥିଲ ?"

ତାର କଥାରେ ଟୋକାଟାର ଏତେଦୂର ସ୍ପୃହା ଦେଖି ବୁଢ଼ା କବିରାଜ ଏମିତି ବିହ୍ୱଳ ହୋଇଯାଏ ଯେ ଅନେକ ସମୟଧରି ଅନେଇ ରହେ ପିଲାଟାର ମୁହଁକୁ । ବୁଢ଼ାର ମନେ-ହୁଏ, ବୋଧହୁଏ ସେଇ ବୁଝିବାପଣିଆରେ ବିଚକ୍ଷଣ ପିଲାଟାକୁ କୁହେଇ ଧରି ସେ କହେ କାନ୍ଦନ୍ତା । କେତେ ନ ବୁଝିଚ ସତେ ଏ ପିଲାଟା ତା କଥାକୁ—ଯୋଉ କଥାକୁ ରାଜା-ମହାରାଜାମାନେ ବି ବୁଝିପାରିଲେ ନାହିଁ କି ଧରିପାରିଲେ ନାହିଁ । ସେତେବେଳେ, ସେଇ ଭାବବିହ୍ୱଳ ମୁହୂର୍ତ୍ତିରେ କବିରାଜ ବୁଢ଼ାର ଇଚ୍ଛାହୁଏ ·ଟୋକାଟାକୁ ପାଖରେ ରଖିନବାକୁ । ଭାରି ବ୍ରିଲିଅଣ୍ଟ ଟୋକାଟାଏ, ଖୁବ୍ ମଗଜବାଲା ପିଲାଟାଏ ! ଟିକିଏ ବାଟ ଦେଖେଇଦେଲେ ଚଟ୍‌ପଟ୍ ଧରିନିଅନ୍ତା ବାଟଟା । ଖାସା କବିରାଜି କରନ୍ତା । ହୁଏତ ବୈଦ୍ୟରାଜ ଉପାଧି ପାଆନ୍ତା । ହୁଏତ ଅମରବୃକ୍ଷର ସନ୍ଧାନ ପାଇଯାନ୍ତା ଏ । ହୁଏତ ଭଗବାନଙ୍କର ଇଚ୍ଛା ଏହି ପ୍ରକାର । ଏ ଟୋକା ଯୁଟିଚି ଆସି ମୋ ପାଖରେ— ! ସ୍ୱା ପଛରେ କଣ କିଛି

Digitized by srujanika@gmail.com

ଉଦ୍ଦେଶ୍ୟ ନାହିଁ ?

ବୁଢ଼ାର ଆଖିକୁ ନିଜ ମୁହଁ ଉପରେ ବେଶୀ ସମୟ ସମ୍ଭାଳି ନ ପାରି ଜର୍ଜ ବୁଢ଼ାର କାନ୍ଧକୁ ପଛାଏ ହଲେଇ ଦେଇ କହେ—"କଅଣ ଶୋଇପଡ଼ିଲ ନା କଅଣ ତେମେ କବିରାଜବାବୁ ?—ମୁଁ ପରି ଏବେ କଅଣ ପଚାରୁଚ !"

"ଏଁ ? କଅଣ କହିଲୁ ବାଇଆ ?" ବୁଢ଼ା କବିରାଜର ହୋଅଚ୍ ହୁଏ । ତାର ପାନ୍ଥି ଫିଟେ ।

ଜର୍ଜ କାନ ଡେରି ବସିଥାଏ - କବିରାଜ ବୁଢ଼ାଠାରୁ ଅମରତନ୍ତ୍ର ଚିକାଏ ଶୁଣିବା ପାଇଁ, ଆଉ କବିରାଜ ବୁଢ଼ାର ବାଟୁଳି ପୁଣି ଛୁଟେ । ଖୁବ୍ ଜୋରରେ ଗୋଟାଏ କୁନ୍ଥେଇ କରି ବୁଢ଼ା ଡେରହେଇକରି ଚଉକରେ ବସେ । ଗୋଟାଏ ହାତ ଉଠେଇ ଜର୍ଜର କାନ୍ଧରେ ଥୋଇ ସେ କହେ, "ବଅସ୍, ବଅସ୍—ମୁଁ ଜାଣେ ତୁ ହବୁ—ତୋ ଚେହେରା କହିଦଉଚି ସେ କଥା—ବଅସ୍ ସେଠି, ଆଉ ଶୁଣ୍—ତେଣିକି ତୋ କର୍ମ—ଯଦି କର୍ମରେ ଥିବ ତ, ଉଠି ଉଠି ଚାଲିବୁ । ଏ କିଛି କମ୍ ବେଉସା ନୁହେଁ, ବୁଝିଲୁ ?—ହଜାରେ ବେଉସାକୁ ଏ ଟଙ୍କା-କାଟିଦେବ । ରଜାରାଜୁଡ଼ାମାନେ ଆଗେ ଆମକୁ ସେଇଥିପାଇଁ ଉପାଧି ଦେଇଥିଲେ କ—ବି—ରା—ଜ, ବୁଝିଲୁ ? ଦିନେ ଏମିତି ଥିଲା—ପୃଥିବୀର ସବୁ ଲୋକ - ଶ୍ରେଷ୍ଠଠୁଁ ବଡ଼ଯାକେ ସମସ୍ତଙ୍କ ଜୀବନନାଟିକା ଥିଲା ଆମରି ହାତରେ । ଏଇଥିରୁ ବୁଝ ତୁ, ଇଏ କି ଜିନିଷ ଥିଲା—କେତେ କରାମତି ଥିଲା ଏଇ ବିଦ୍ୟାର । ବଅସ୍ ବୋଇଲେ ରୋଗମାନେ ବସୁଥିଲେ—ଖଅସ୍ ବୋଇଲେ ଖସୁଥିଲେ ସେମାନେ ମଣିଷ ଦିହରୁ । ଖାଲି ରୋଗ ନୁହେଁ—ମଣିଷଙ୍କ ଭିତରେ ଯୋଉମାନେ ରଜା ବୋଲଉଥିଲେ, ସେମାନେ ପରି ଦିନେ ଏଇ ମୁଠା ଭିତରେ ଥିଲେ ! କିନ୍ତୁ କର୍ମ ବାବୁ ସବୁର ମୂଳ । କର୍ମ ଖରାପ ଆମର । ଟିକକେ ଖସିଗଲା - ସବୁ ଶକ୍ତି ଆମ ହାତରୁ । ନଇତ ବଣଜଙ୍ଗଲରେ ଏମିତି ଗୋଟାଏ ଚେର ହେଇ ନ ଥିଲା, ଏମିତି ଗୋଟାଏ ଘାସଗଛ ନ ଥିଲା, ଯାହାକୁ ଆମେ ଚହ୍ନି ନ ଥିଲୁ, କି ଯିଏ ଆମକୁ ଚହ୍ନି ନ ଥିଲା । ବାପ ଅଜା ଅମଳର ଚଉଦପୁରୁଷୀ ବିଦ୍ୟା ଏ । ଏଇ ପୁରୁଷରେ ଏ ଜାଣ ଚଲା ଆମହାତରୁ । ଏ ରୋଗ ଆମକୁ ଖାଇଲା । କୁଳ ବି ବୁଡ଼ିଲା ଏଇଠୁ ।"

କବିରାଜ ବୁଢ଼ା ଲକ୍ଷ୍ୟକଲା ଜର୍ଜକୁ । ଟୋକାଟା ବୁଢ଼ାର ଏଇ କାନ୍ଦଣା ଆଡ଼କୁ କାନ ଦେଇ ନ ଥିଲା ବୋଧହୁଏ । ସେ ଆଉ କଣ ଭାବୁଥିଲା ବସି ବସି । ହଠାତ୍ କବିରାଜ ବୁଢ଼ା ଚୁପ୍ ହୋଇଯିବା ମାତ୍ରେ ଜର୍ଜ ପଚାରିଲା—"ତେମେ ପରା ଅମରଗଛର ଚେର କଥା କହୁଥିଲ—କଅଣ ହେଲା ସେକଥା ? କ'ଣ ତାର ସନ୍ଧାନ ପାଇଲଣି ?"

"ପାଇଚ !" ମୁରୁକି ହସି ବୁଢ଼ା ଚାହିଁଲା ଟୋକାଟାର ମୁହଁକୁ । ଟୋକାଟାର କଳା କୁକୁଜୁକୁ ତେଗା ଆଖି ଦିଇଟା ଖାଲି ତତ୍ତ୍ୱ ପିଇବା ପାଇଁ ଅନେଇଁ ରହିଥିଲେ । ବୁଢ଼ା ଆଶ୍ଚର୍ଯ୍ୟ ହେଲା—ଅମରବୃକ୍ଷ କାହିଁକି ଏ ଟୋକାକୁ ଏତେ ଘାରିଚି ? ଆଉ କୁଆଡ଼କୁ ତାର ମନ ଚାଲୁନାହିଁ ତ !

Digitized by srujanika@gmail.com

ତା ପରେ ବୁଢ଼ାର ମୁହଁର ଭାବ ବଦଳିଯାଏ । ମୁହଁ ଆମ୍ବିଳା କରି ସେ କହେ — "ଏ ବିଦ୍ୟା ଏହିଭଳିଆ ଯଦି ଇଲମ୍ ମିଳିଯିବ ତ ବୋହିଯିବ ଏ ସଂସାର ତୁମ ପାଦତଳେ; ଯଦି ନ ମିଳିବ ତା ହେଲେ କୁଳନାଶ । ଗୋଟାଏ ମାତ୍ର ମୁହୂର୍ତ୍ତର କଥା । ଏକଡ଼ ସେକଡ଼ ହେଇଗଲେ କଥା ସରିଲା । ଯଦି ଏ ବାଟେ ନ ଯାଇ ସେ ବାଟେ ମୁଁ ଚାଲିଯାଇଥାନ୍ତି, ତା ହେଲେ ଏଇଲାଏ ପଶା କାଠି ଓଲଟିପଡ଼ିଥାନ୍ତା ମୋ ଭାଗ୍ୟରେ । ସ୍ୱାଙ୍କୁ ମୁଁ ବାଘ ବକରି କରି ପାଣି ପିଆଉଥାଆନ୍ତି ଏକା ତୁଠରେ । ଏ ନେଣ୍ଟିଗୁଡ଼ାକ ଜ ଡାକ୍ତର ବୋଲାଉଥାନ୍ତି ମୋ ଆଗରେ ! ହେଇ ହେଇ ଗୁଡ଼ାଏ ମୁର୍ଦ୍ଦାର କାଟୁଚନ୍ତି ଇଏ । କାହିଁକି ? ଆମ ବିଦ୍ୟାରେ କ'ଣ ନ ଥିଲା କି ମୁର୍ଦ୍ଦାର କାଟିବା ?—ହେଲେ ସେ ଶବବୃତ୍ତି କରିବାକୁ ଯିବ କିଆଁ ? ରୋଗ ତ ଭଲ କରିବ—ସେଥିପାଇଁ ଏତେ ଅପକର୍ମ କରିବାର କି ଦରକାର ? ମାତ୍ର ଗୋଟିଏ ଜିନିଷ ତ ଆମେ ସମସ୍ତେ ଖୋଜୁଚୁ !—ସେ ପୁଣି କିଛି ନୁହେଁ, ସାମାନ୍ୟ ଚେର ଖଣ୍ଡେ —ଛୁଆଁଇଦେଲେ ମଲା ମଣିଷ ଉଠି ବସିବ—ସେତକ ଯଦି ହାତପାଷ୍ଟ ହେଇଯାଇଥାନ୍ତା ତା ହେଲେ ଇଏ ନୀଚ ଲୋକେ କାଟୁଥାନ୍ତୁ କେତେ ମୁର୍ଦ୍ଦାର କାଟୁଚନ୍ତି । ରାତି ନାହିଁ, ଦିନ ନାହିଁ, ବଣରେ ବଣରେ ବୁଲି ବୁଲି କେତେ ଥର ଯେ ବାଘ ହାବୁଡ଼େ ନ ପଡ଼ିଚି, କେତେଥର ଯେ ଭାଲୁ ଗୁଣ୍ଡି ନ ଥାନ୍ତା, କେତେଥର ଯେ ମାଲେରିଆରେ ମରୁ ମରୁ ବଞ୍ଚିଚି—ଆହେ ! ସବୁ ମୋର କୁଆଡ଼େ ଚାଲିଗଲା ? ଏତେ ମୋର ଗବେଷଣା —ସବୁ ପଣ୍ଡ ହେଇଗଲା ! ସବୁ ବାଧା ଏଡ଼େଇ ଏଡ଼େଇ ଠିକ୍ ଜାଗାରେ ଗଛଟାକୁ ଠାବ କରୁ କରୁ, ଗଛକୁ ଚିହ୍ନଟ କରୁ କରୁ···ଏତେ କଥା ଯେ ହେଇଯିବ କିଏ ଜାଣିଥିଲା !— ଆରେ ବାପ୍‌ରେ ବ ପ୍ ! ଏତେ ବାଦ ! ଏତେ ଅହଂକାର ! ଏତେ ହିଂସା···"

ଜର୍ଜ ସମ୍ଭାଳି ପାରିଲା ନାହିଁ । କବିରାଜ ବୁଢ଼ା ପୁଣି କଥା ବାହାରକୁ ପଲେଇଯିବା ପୂର୍ବରୁ ଜର୍ଜ ତାକୁ ଚୋକିଦେଇ ପଚାରିଲା—"କଣ କହିଲ ? ଗଛ ଚିହ୍ନଟ କଲ ଆଉ ଚେରଟାକୁ ଆଣିବାକୁ ସମୟ ହେଲା ନାହିଁ ? ଆଃ, ଏଡ଼େ ବଡ଼ ମଉକାଟାଏ ହରେଇ ଦେଲ ! ଆଚ୍ଛା, ସତରେ କହିଲ—ତୁମେ କଣ ଠିକ୍ ଦେଖିଛ ?—ନିଜ ଆଖିରେ ? —ସେଇ ଗଛ ? ଯିଏ ମଣିଷକୁ ଅମର କରିଦେଇ ପାରିଥାନ୍ତା ଆଉ ମଲାମଣିଷ ଜୀଇଁ-ଉଠିଥାନ୍ତା—ଜୀଇଁଲା ମଣିଷ ଆଉ ମରି ନ ଥାନ୍ତା, କବିରାଜେ ? ଏମିତି କ'ଣ ଔଷଧ ମତେରେ ଅଛି ?"

ବିଦ୍ୟା ଉପରେ ଟୋକାଟାର ପ୍ରଥମରୁ ଏମିତି ଅବିଶ୍ୱାସ ଆଉ ସନ୍ଦେହ ହଉଥିବାର ଅଶୁଭ ସୂଚନାକୁ କବିରାଜ ବୁଢ଼ା ଠିକ୍ ଠଉରେଇନେଲା । ବୁଢ଼ା ଟିକେ ଚିଡ଼ିଗଲା । ଏ ବୋଲି ମେଞ୍ଚଡ଼ ଟୋକା, ସେ ପୁଣି ସନ୍ଦେହ କରୁଚି—ବିଦ୍ୟାକୁ ? ହଠାତ୍ ବୁଢ଼ା କବିରାଜ ତେଜିଉଠି ଟୋକାଟାକୁ ଦବେଇଦବାପାଇଁ କହିଉଠିଲା—"ଆରେ ହଁ ବେ ହଁ ! କେତେ ଫଂଟେଇ ହଉଚୁ ? ସେଇ ବୃକ୍ଷଠେଇଁ ତୋର ଲଖ ମରଚ ମୁଁ ଜାଣେ—ତୁ ଶଳା ମହାନ୍ ପିଆଣିଆ ଟୋକା ଅଛୁ—ମୁଁ ଦେଖୁଚି—ଇଲମ୍‌ଟିକ କେମିତି ପାଇଗଲେ ତୁ ଚମ୍ପଟ୍ ଦେବୁ । ଏଇଥିକୁ ତୁ ଛକଚୁ—ମୁଁ ଜାଣେ ନାହିଁ ତୁମ ସବୁ ଧପ୍‌ପାବାଜଙ୍କୁ ?

Digitized by srujanika@gmail.com

ଏମିତ ଧପେଇ ଧପେଇ ଏ କଳା ବାଳ ମୋର ଧଳା ହେଲଣି ଟି—ଆଉ ତୁ କଟ ଫଟେଇ ହଉଚୁ ! ଆରେ ହେ ! ଜ୍ଞାନ ଏତେ ସହଜ ଜନିଷ ନୁହେଁ ମ ! ପାଇଗଲେ ଚମ୍ପଟେ ଟାଏ ମାରବୁ ବୋଲି ଛକଚୁ ତୁ !"

ଜର୍ଜର ମୁହଁ ରଙ୍ଗା ପଡ଼ିଗଲା । ସେ ବୁଝିପାରିଲା ନାହିଁ କବିରାଜ ବୁଢ଼ା ଏମିତ କାହିଁକ ରାଗିଯାଏ ସବୁ କଥାରେ—ସେ ବୁଝିପାରେ ନା । ସେ ଚୁପ୍ ହେଇ ବସିଲା ।

ବୁଢ଼ା କଛ ସମସ୍ତ କ'ଣ ପରଖିଲା ଭଳି ଅନେଇ ରହିଲା ଟୋକାଟାର ମୁହଁକୁ । ତା ପରେ ନରମି ଯାଇ କହିଲା—"ହେ, ହେ ଟୋକା ! ମୁଁ ଜାଣେ ତୁ କାହିଁକ ଏତେ ହାଇଁପାଇଁ ସେ ଅମରବୃକ୍ଷ ପେଇଁ—ତେବେ ତୁ ଯାହା ଭାବୁଚୁ ସେ ମୁଁ ତାର ସନ୍ଧାନ ନ ପାଇକର ତୋ ଆଗରେ ସ୍ବତର ଦେଖୋଉଚ, ସେ କଥାଟି ବାପ ଭୁଲିଯା—ଆବେ ହେ ! ତୁ ସସ୍ବୁତ ପଢ଼ିଚୁ ?—ଆଗ ପାଠ ପଢ଼ ବେଟା !—ପାଠ ପଢ଼ !—ଶ୍ରୀଅକ୍ଷର ବିବର୍ଜିତ ହେଇ ତୁ ଯାହା ଭାବଚୁ ଅମରବୃକ୍ଷର ସନ୍ଧାନ ପାଇଯିବୁ ବୋଲି, ସେ ଆଶା ଛାଡ଼ ! ଆ, ମୋର ଶିଷ୍ୟ ହ ! ବିଦ୍ୟା ଶିଖ୍ ! ମନ୍ତ୍ର ନେ ! ଦୀକ୍ଷା ଧର୍—ତା' ହେଲେ ସବୁକଛ ଜାଣି-ପାରବୁ—ଅମୃତବୃକ୍ଷ କଥା କହୁଚୁ ? ତେବେ ଶୁଣ୍—ଯେଉଁ ମହାମହିମ ବୃକ୍ଷର ପତ୍ର କର୍ତ୍ତିତ—ନମ୍ବପତ୍ର ସଦୃଶ, ଶରୀର-କାଣ୍ଡ କଣ୍ଟକତ—ଅବକଳ ମଦନଶରବିଦ୍ଧ ଶରୀରର ଲୋମରାଜ ସଦୃଶ ସେଗୁଡ଼ିକ ଉତ୍ତେଜିତ—ଯାହାର ବଲକଳ ଲୋହିତବର୍ଣ୍ଣ—ଯାହାର କ୍ଷୀର କର୍ଣ୍ଣିକାର କ୍ଷୀର ସଦୃଶ କନ୍ତୁ ସୁମିଷ୍ଟ ଆଉ ଅମୃତ, ଯାହାର କୋରକ ଶ୍ୱେତ-ଅପରାଜିତା ସଦୃଶ···ସେଇ ହଉଚ ଅମୃତବୃକ୍ଷ । ଆରେ ଟୋକା ! ଏଇ ଆଖି ଦେଖିଚ ସେଇ ଅମୃତ, ଧନ୍ୱନ୍ତରୀ ପ୍ରକୃତର ବୃକ୍ଷକୁ ! ତୁ କ'ଣ ଭାବଚୁ ମୁଁ ସେ ବୃକ୍ଷକୁ ନ ଦେଖି ଚତେ କହୁଚ ?"

ବୁଢ଼ା ପୁଣି ସନ୍ଦେହ ଆଖିରେ ଦେଖିଲା ଜର୍ଜକୁ । କନ୍ତୁ ଜର୍ଜ ମନପ୍ରାଣ ଢାଳି ବୁଢ଼ାର କଥାଗୁଡ଼ିକୁ ଶୁଣୁଥାଏ । ଟୋକାଟାର ସେଇ ଅକପଟ ମୁହଁଭଙ୍ଗୀକୁ ବୁଢ଼ା କେତେଦୂର ବୁଝେ କେଜାଣି ? କନ୍ତୁ ସେ ତୁଟନଶ୍ଚିତ ହେବାକୁ ଚାହୁଁଥିଲା ଯେ ତାର ଜୀବନର ସେଇ ପ୍ରକାଣ୍ଡ ପ୍ରେମାଞ୍ଜଳର ପରକଳ୍ପନାକୁ ଯେମିତ ପୁଣି ଥରେ ଗୋଟାଏ ମେଞ୍ଚଡ଼ ଟୋକା ହସି ଉଡ଼େଇ ନ ଦଏ ।

ଶିଷ୍ୟର ବିଶ୍ୱାସ ଜନ୍ମାଇଲା ଭଳି ଗୋଟାଏ ପ୍ରକାଣ୍ଡ ହସ ହସି ବୁଢ଼ା କବିରାଜ କହେ—"ହେଁ, ମୁଁ ଯେତେବେଳେ ମୋର ଗବେଷଣା ସାରି ଫେରିଆସି କହେ ଯେ ମୁଁ ଶାସ୍ତ୍ରରେ ଉଲ୍ଲେଖଥିବା ଅମୃତବୃକ୍ଷର ସନ୍ଧାନ ପାଇଚ, ଏଇ ବେଇମାନ୍, ନମକ୍‌ହାରାମ୍ ଲୋକେ ସେତେବେଳେ ହସିଦେଲେ ମୋ କଥାରେ । ଲୋକେ କଅଣ ମ ! ଏଇ, ଏଇ, ଏଇ—ଏଇ ମୋର ପୃଷ୍ଠପୋଷକ—ଏ ଶାଳା କୁଆଡ଼େ ମୋ ପୃଷ୍ଠପୋଷକ !"

ବୁଢ଼ା ରାଗିଯାଇ ସେଇ ଚିତ୍ର ଆଡ଼କୁ କଟମଟ କରି ଅନେଇଲା । ହଠାତ୍ ବୁଢ଼ା କଥାରୁ କଛ ଠଉର କରି ନ ପାରି ଜର୍ଜ କନକନ ହେଇ ଏଣିକ ତେଣିକ ଚାହୁଁଥିଲା । ତାକୁ ଅନ୍ୟମନସ୍କ ହେବାର ଦେଖିପାରି ବୁଢ଼ାର ଆଉ ଟିକେ ରାଗ ଉଠିଗଲା । ଟୋକାଟା ଉପରେ

Digitized by srujanika@gmail.com

ପାଟି କରିଉଠିଲା ସେ—"ଜବେ ! ଶୁଣିବାକୁ ମନ ଅଛି ନା ନାହିଁ ? ସଫାକରି କହୁନୁ କାହିଁକି ? ତୁଚ୍ଛେଳିକି ମୁଁ ସମସ୍ତ ସାରୁଚି ଏ ଗୋଟାଏ ଭୂନ୍ଦୁ ଓଲୁ ଉପରେ !—ହେ, ଆରେ ହେ ଓଲୁ ଅନ୍ଧା କାହିଁକା, ଏଣେ ଦେଖ୍ ! ଏଣେ ଏ ଫଟୋକୁ ଚାହିଁ—ହେଇ ସେଇ ଯେ ଘୋଡ଼ସବାର ହୋଇ ଟଙ୍କାଟୋକା ଠିଆହୋଇଛି, ସେଇ ଥିଲା ମୋ ପୃଷ୍ଠପୋଷକ । ସେଇ ଲୋକକୁ ମୁଁ ଯେତେବେଳେ ଜକୁଟି ହୋଇ କହିଲି—ମଣିମା, ମତେ ରାଜକୋଷରୁ କିଛି ପାଣ୍ଠି ସାହାଯ୍ୟ ଦିଆଯାଉ; ଆଉ ମୋ ସହିତ ଦଶଟି ସବାନ୍ ଲୋକ ଦିଆଯାଉ ଯିଏ କି ମୋ ସାଙ୍ଗରେ ବଣ ଭିତରେ ବୁଲିପାରିବେ—ବର୍ମି ହାଇଟା ଭିତରେ ମୁଁ ଆଣିକରି ଥୋଇଦେବି ସେଇ ଅମରବୃକ୍ଷକୁ ମଣିମାଙ୍କ ପାଦତଳେ—ମୋ କଥା ଶୁଣି ସେ ବେଇମାନ୍ ଲୋକ କଅଣ କହିଲା ଜାଣୁ ? ଓଃ ! ହେ ଭଗବାନ୍ ! କେତେ ନିମକହାରାମ୍ ଲୋକଙ୍କ ହାତରେ ତୁମେ ରାଜଦଣ୍ଡ ଦେଇଚ ଏ ପୃଥିବୀରେ ! କେତେ ହଜାର ଥର ମୁଁ ସ୍ୱାର ପ୍ରାଣରକ୍ଷା କରି ନ ଥିବି । କେତେ ହଜାର ଥର ସ୍ୱା ବୋମା, ତା ବୋପା, ତା ବୋପାର ବୋପା ଏମିତି ଅଠାନବେ ପୁରୁଷ ପର୍ଯ୍ୟନ୍ତ ମୋ ବୋପା ବଡ଼ବୋପାଏ କେତେ ଥର ଏଇ ନିମକହାରାମ୍ ବଂଶଟାକୁ ବଞ୍ଚେଇ ନ ଥିବେ !—ଏଇ ନିମକହାରାମ୍ ଯେତେବେଳେ ଗୋଟାଏ ନର୍ସର ପାଲରେ ପଡ଼ିଆଏ ଆଉ ସେଇଥିପାଇଁ ଭାବୁଥାଏ ବୋଧେ—ଯେମିତି ସାରା ଚରକ ଆଉ ସୁଶ୍ରୁତ ବିଦ୍ୟା ତାର ପାଦତଳେ ଲୋଟୁଥିଲା—ଶାଳା, ଆଖିର ମାରିଦେଲା ଗୋଟାଏ ଟୋଇଠା ମୋ କଥାକୁ । ମୋ କଥାକୁ କାନ ତ ଦେଲା ନାହିଁ, ଓଲଟି ହସିଲା ଆଉ ମୋ ଭଳିଆ ଜ୍ଞାନୀ ଲୋକକୁ ସେ କହିଲା—ପାଗଲାଟାଏ ! ଖାଲି ସେତିକି ନୁହେଁ, କହିଲା—ସ୍ୱାକୁ ବାନ୍ଧ, ଧର, ହାଣ, ମାର !"

ବୁଢ଼ା କବିରାଜ ଦମ୍ ନେଇ ପୁଣି ଗର୍ଜିଉଠେ—"ଆରେ ! ତା ବକ୍ରେଇ ବଳିଆର—ଟିକିକେ ଖସିଗଲା—ନଇଲେ କିଏ ପାଗଳ କିଏ ଭଲ, ଏ ସଂସାରରେ ମୁଁ ତାକୁ ଦେଖେଇ ଦେଇଥାନ୍ତି । ମୋ ଗୋଡ଼ତଳେ ଇଏ, ଇଆର ହଜାର ପୋଇଲା, ନର୍ସ, ଡାକ୍ତର, ଡାକ୍ତରାଣୀ ଆସି ଗଡ଼ୁ ନ ଥାନ୍ତେ ଏଇଲେ ? କିନ୍ତୁ କଅଣ ହବ ବାବୁ ! କର୍ମ ! କର୍ମ ! କର୍ମ ! ଆମ କର୍ମରେ ଅଛି ବଳକା କୁଟି କୁଟି ମରିବା ଆଉ ଏଇ ପଂଝାଏ ଗୁଳିଆଙ୍କୁ ହରଦିନ କିଛି କିଛି ମାଲମାଣି ଯୋଗେଇ ଯୋଗେଇ ଶେଷକୁ ଏଇ ବେମାରରେ ମରିବା—ଆମେ କିଏ ଆଉ ଆମର ବୃକ୍ଷ କିଏ ? ହେଃ—ଆଉ କେତେ କହିବି ସେଗୁଡ଼ାକ…"

ଜର୍ଜ ଅନ୍ୟମନସ୍କ ହୁଏ । କବିରାଜ ବୁଢ଼ାର କଥା ଶୁଣି ଶୁଣି ତାକୁ ବିରକ୍ତ ଲାଗେ । ଭାରି ଗପୁଡ଼ି ବୁଢ଼ାଟାଏ; ବାଇଆଟାଏ ବି । ଟିକିଏ ଜର୍ଜ ଏମିତି ଚେତିକି ଯାହେଁ ।

"ଶୁଣୁଚୁ ନା ଶୁଣୁନୁ ବେ !"—ଟୋକାଟାକୁ ପୁଣି ଅନ୍ୟମନସ୍କ ହେବାର ଦେଖି ବୁଢ଼ା ଚିହିଙ୍କି ଉଠେ ।

ଜର୍ଜ ହସିଦିଏ ଟିକିଏ । କିଛି ଅର୍ଥ ନ ଥାଏ ସେ ହସରେ । ହଠାତ୍ ବୁଢ଼ା ଚମକି ଉଠେ । ହସୁଚି କଅଣ ଏ ମେଞ୍ଚଡ଼ ଟୋକାଟା ? ତା ପରେ ପ୍ରକାଶ୍ୟରେ ସେ କହେ—"ଜବେ ? ତତେ ହସ ମାଡ଼ୁଚି କିଆଁ ? ଏଥିରେ ହସିବାର କଅଣ ଅଛି ଯେ ?"

Digitized by srujanika@gmail.com

ତା ପରେ ଖୁନ୍ ଖୁନ୍ ଉଗ୍‌ଦାର୍ ହେଇଉଠି ବୁଢ଼ା କହିପକାଏ—"ରୁ ଶଳା ବିଶ୍ୱାସ କରୁନୁ ମୁଁ ଦିନେ ଏଡ଼େ ବଡ଼ କବିରାଜ ଥିଲିବୋଲି—ନାହିଁବେ ? ଶଳା, ତୋ ଦ୍ୱାରା ପାଠ-ଫାଠ କିଛି ହବ ନାହିଁ ବେ ଯା ପଳା - ମୋର ଏମିତି ବଦ୍‌ମାସ୍ ଲୋକ ଦରକାର ନାହିଁ ଶିଷ୍ୟ ହବା—ଯା ପଳା ଉଠୁଚୁ କି ନାହିଁ ବେ ?"

ଜର୍ଜ ଟିକିଏ ଅପ୍ରତିଭ ହେଇପଡ଼େ ବୁଢ଼ାର କଥାରେ । ସତେ କଥାଟାକୁ ବେଶି ବେଳ ପେଟଭିତରେ ଚାପି ରଖି ନ ପାରି ସେ ପୁଣି କହେ—"ସେ ଅମରଗଛ କଥାଟା କଅଣ ହେଲା କହୁନ କିଆଁ ? ତମେ ପରା ଯାଇଥିଲ ତା ମୂଳପାକେ ? ପୁଣି ରଜାକୁ ଧନ ମାଗିବାକୁ—କିଆଁ ତେବେ ଘରକୁ ଫେରିଲ ?"

"ଆବେ ବୋକା ଟୋକାଟା !" କବିରାଜ ବୁଢ଼ା ଚହକିଁ ଉଠି କହେ, "ସେ ହଉଚି ଆଉ ବେଳକର କଥା—ମୁଁ ସେତେବେଳେ ପାଠ ପଢ଼ୁଥାଏ—ଦଶହଜାର ବର୍ଷ ତଳର ପୋଥି ଖେଳେଇକରି ମୁଁ ସେ ତଥ୍ୟ ଜାଣୁଥାଏ ସେତେବେଳେ । ସେଇ ପଢ଼ିଲାବେଳେ ମୁଁ ସାହାଯ୍ୟ ମାଗୁଥିଲି ରଜାକୁ- ତା ପରେ ସେ ଯୋଉଠୁ ମନାକରିଦେଲା, ମୁଁ ଚୁପ୍ ହେଲି । ହେଲେ ମୁଁ ଗବେଷଣା ଚଳେଇଥାଏ । ବିଦ୍ୟା ସାଧି ସାଧି ମୁଁ ଗ୍ଳଲି । ହଜାର ହଜାର ବର୍ଷର ପୋଥି ଘାଣ୍ଟିଲି—ଶେଷକୁ ଦଶହଜାର ବର୍ଷ ତଳର ଗୋଟିଏ ପୋଥିପତ୍ରରେ ମୁଁ ତାର ସୂଚନା ପାଇଲି—ସେମିତିକା ବୃକ୍ଷ ସେ ଆମର ବଣ-ଜଙ୍ଗଲରେ ଅଛି, ନିଷ୍ଟସ୍ତ ଅଛି, ଏଥିରେ ସନ୍ଦେହ ନାହିଁ—ପ୍ରତି ଯୁଗକୁ ଯୁଗ ଏଇ ଗଛର ଓର ମଣିଷ ଅଳ୍ପେ ବହୁତେ ପାଇଚି—ହନୁମାନ୍ ବୋଲି ଗୋଟାଏ ମାଙ୍କଡ଼ ସେ ଯୁଗରେ ଗନ୍ଧମାର୍ଦନ ବୋଲି ଗୋଟାଏ ପାହାଡ଼କୁ ଟେକି ପିନ୍ଧିଆସିଲା ଏଇ ଗଛ, ନ ହେଲେ ବି ଏମିତିକିଆ ଗୋଟାଏ ଗଛ ପାଇଁ ···ସେ ତ୍ରେତୟା ଯୁଗର କଥା—ଦ୍ୱାପରରେ ବି ଏମିତି କେତେ ଘଟଣା ଘଟିଛି—ସତ୍ୟ ଯୁଗ କଥା ତ ଛାଡ଼ । ଆଉ ଏ ଚାଲିଛି କଳି···କଳିଯୁଗର ଶେଷବେଳା ଆସି ପହଞ୍ଚି-ଯାଉଚି—ଆଉ ତୁ ଦେଖ୍ !—ଯୋଉ ଦିନ ଏଇ ଅମରବୃକ୍ଷର ସନ୍ଧାନ ମିଳିଯିବ, ସେଦିନ ପୁଣି ଯୁଗ ଓଲଟି ପଡ଼ିବ । ମୋ କଥା ମନେରଖ୍ ଟୋକା—ଏଇ ଗଛର ସନ୍ଧାନ ଦିନେନା ଦିନେ କେହି ପାଇବ—ହୁଏତ ଆଜି ନଇ ତ କାଲି—ନିଷ୍ଟସ୍ତ ନା ନିଷ୍ଟସ୍ତ ତାକୁ ମଣିଷ ଖୋଜି ବାହାର କରିବ—ମୁଁ ତ କହୁଚି, ମୁଁ ତା ପତ୍ତା ପାଇଚି ବୋଲି—ହେଲେ ଏଇ ରୋଗ ମତେ ଖାଇଦେଲା—ମୁଁ ଏକ ଜେଗାରୁ ଦି'ଜେଗା ହେଇପାରୁନି—ପୋଥିପତ୍ର ଅଣ୍ଡାଳିବାକୁ ଜୋର ଥିଲେ ବି ଆଉ ନାହିଁ ସେ । କେତେ ଦିନଠୁଁ ମୁଁ ପାଞ୍ଚିଚି—ଗୋଟାଏ ଗରିବ, ବୁଦ୍ଧିଆ ପିଲା ଦେଖି, ତାକୁ ଉପଯୁକ୍ତ ଶିକ୍ଷା ଦେଇ ମୁଁ ସେ ଗୁପ୍ତମନ୍ତ୍ର ଶିଖାନ୍ତି—ତାକୁ ଇଲମ୍ ଦେଇ ଦିଅନ୍ତି—ହେଇ ଗ୍ଳହାଁ ! ଧନ ଦଉଲତ କିଛି ସାର ନୁହେଁ ରେ ପିଲା—କିଛି ସାର ନୁହେଁ—ଏକା ସାରଦ୍ରବ୍ୟ ହଉଚି ଜ୍ଞାନ । ଜ୍ଞାନ ଯାହା ହାତରେ—ତା ହାତରେ କଅଣ ନାହିଁ ? କୋଉ ଗନ୍ତାଘରର ଚାବି ନାହିଁ ତା ହାତରେ ?"

ଧୀରେ ଧୀରେ କବିରାଜ ବୁଢ଼ାର କଣ୍ଠ ଶିଥିଳ ହୋଇଯାଉଥାଏ । ଘଷି ଗୋଦରି ଗୋଦରି ହେଇ ଶେଷରେ ମୁଣ୍ଡାଏ କଫ ଜମିଯାଇ ତାର କଣ୍ଠସ୍ୱର ଏକାବେଳକେ ବନ୍ଦହୋଇଗଲା ।

Digitized by srujanika@gmail.com

କିଛି ସମୟ ଚୁପ୍‌ଚାପ୍ ହୋଇଗଲା ସବୁ । ଜର୍ଜ ଦେଖିଲା—ଗୋଟାଏ ତୂଳା ଗୁଞ୍ଜି-ଯାଇଥିବା ତକିଆ ଭଳି ସେମେଟା ବୁଢ଼ାଟା ପଡ଼ିଯାଇଥିଲା ତା ଚଉକିରେ । ତାର ତଣ୍ଟି ଉପରେ ଧୋଡ଼କା ଚମଡ଼ାଟା ଭିତରେ ଆବୁଭଳି ଫୁଲି ଉଠି କିଛି ଗୋଟାଏ ଜିନିଷ ସେଠି ଚଲାବୁଲା କରୁଥିଲା ଉପରୁ ତଳକୁ ଆଉ ତଳୁ ଉପରକୁ ।

ହଠାତ୍ ମସ୍ତବଡ଼ ଗୋଟାଏ କାଶ ଉଠିଲା ବୁଢ଼ାର । ତା'ପରେ ଜର୍ଜ ଦେଖିଲା—ସେଇ ତୂଳାକଣ୍ଢେଇ ବୁଢ଼ାର ସେମେଟା ଖୋଳଟା ପୁଣି ଭରିଉଠିଲା—ପଞ୍ଜାବି କୁର୍ତ୍ତାର ଢ଼ିଲା ଆଉ ଲମ୍ବା ଖୋଳ ଭିତରୁ ଚମକିଆସି ବୁଢ଼ାର ଗୋଟାଏ ହାତ ସିଧାସଳଖ ହୋଇ ଲମ୍ବିଗଲା ଘରର ଗୋଟାଏ କଣକୁ ।

"କିରେ ?" କଟମଟ କରି ଦୁଇଟା ଜଳନ୍ତା ଆଖି ହଠାତ୍ ଦପ୍‌ଦପ୍ ଜଳି ଉଠିଲା ଟୋକାଟାର ସାମନାରେ ।

"ସତ କହ ! ଜବାବ ଦେ"—ସେ ଆଖି ହଠାତ୍ ବଳବଳେଇ ଉଠିଲା, "ତୁ ମୋ ଶିଷ୍ୟ ହବୁ ? ଅମରବୃକ୍ଷର ସନ୍ଧାନ ଆଣି ତୁ ମତେ ଦେବୁ ନା ନାହିଁ ? କହ ।"

ସେ ଆଖି ଗୋଟାଏ ମୁହୂର୍ତ୍ତ ପାଇଁ ଲିଭିଯାଇ ପୁଣି ତେଜିଉଠିଲା । ଜର୍ଜ ଚମକି ପଡ଼ିଲା । ବୁଢ଼ାର କନାଘୋଡ଼ିଆ ହାତଟା ପଞ୍ଜାବି ଭିତରୁ ସେମିତି ଲମ୍ବିଥିଲା—ଘରର ସେଇ କଣକୁ—ଗୋଟାଏ ଥୁଣ୍ଟା କାଠଗଛର ଖେଣ୍ଡା ଡାଳ ଭଳି ।

"ଶିଷ୍ୟ ହବୁ ? ନ ହବୁ ନାହିଁ ?—ହବୁ ଯଦି, ତା ହେଲେ କହ—ଆଉ ହେଇ ଦେଖ୍ । ସେଇ କଣରେ ସେଇ ଯୋଉ ପୋଥିର ଆଲମାରି..."

ଅଗ୍ନୁନକ ଭାବେ ବୁଢ଼ା ପୁଣି ଚରକି ଉଠେ । ତା ପରେ ସେଇ କଥା ଅଧାରେ ତାର ତଣ୍ଟି ପୁଣି ଶୁଖିଯାଏ । ସେ ଚୁପ୍ ହୋଇଯାଏ ।

ପୋଥି ଆଲମାରି ?—ଜର୍ଜ କନକନ ହୋଇ ଚାହେଁ ।

ଟୋକାଟାର ମନରୁ ଡର ଛଡ଼େଇବା ପେଇଁ ତରତର ହୋଇ ଉଠି ବୁଢ଼ା ତାର ସ୍ୱର ବଦଳେଇ ପୁଣି ପଚାରେ—"ଆବେ, କନକନ ହଉଚୁ କଅଣ ? ପୋଥି ଦେଖିନୁ—ପୋଥି ? ସବୁ ଜ୍ଞାନ ଯାହା ପତରରେ ଲେଖା ହୋଇ ରହିଛି—!

ଜର୍ଜ ମୁଣ୍ଡ ହଲାଏ । ହସି ହସି ବୁଢ଼ା କହେ—"ଶଳା ଟୋକା—ଏଡ଼ୁଟେ ହେଲୁଣି—ପୋଥି କେମିତି ଦେଖିଲୁ ବେ ?"

ସାମାନ୍ୟ ଅପମାନିତ ହୋଇ ଜର୍ଜ ଚେଇଁଉଠି ଚାହେଁ ବୁଢ଼ାକୁ । ତାର କାନ ନାଲି ହୋଇ ଆସୁଥାଏ । ଦାନ୍ତ କେଫେଡ଼ି ସେ କହେ—"ପୋଥି ତ ! ପୋଥି ମୁଁ ଦେଖିନି ? ବଦ୍ଧ ତ ? ଟିକିଏ ଟିକିଏ ଅକ୍ଷର ଚିହ୍ନି ପଢ଼ି ପାରିବି ଯେ ହେଲେ ତମ ଭଳି ଜୋର ଜୋର ପଢ଼ିପାରିବି ନାହିଁ—"

ଜର୍ଜକୁ ବେଶି କୁହାଇ ନ ଦେଇ, ବୁଢ଼ା କହେ—"ଆବେ ନାହିଁ ବେ—ସେ ପୋଥି ଏ ପୋଥି ନୁହଁ ତମର । ଆଜିକାଲି ତୁମେ ସବୁ କୋଉ ଲେମ୍ବୁଲୁଣ ପୋଥି ପଢୁଚ ? କଳା-ଧଳାରେ ଗାରଆ ମାରଆ ଏଣୁତେଣୁ କଅଣ ଗୁଡ଼ାଏ—ଛିଃ । ସେଇଆକୁ ଯୋଷି ପକେଇ

Digitized by srujanika@gmail.com

ଆଜିକାଲି ପଂଝାଏ କୁଆଡ଼େ ଡାକ୍ତର ହେଇଛନ୍ତି—ରୋଗୀ ଦେହରେ ହାତ ଛୁଇଁଲେ ତାର ପିଣ୍ଡ ଚହଟି ଉଠୁଚ, ଆଉ ସେ ମରୁଚ । ଆବେ, ମୁଁ ସେ ପୋଥି କଥା କହୁନାହିଁ—ମୁଁ ଯୋଉ ପୋଥି କଥା କହୁଚ—ତାକୁ ମଣିଷର ହାତ ଲେଖିନ—ସେ ଯେ କାହା ହାତର ଅକ୍ଷର—ଦଶ ହଜାର, କୋଡ଼ିଏ କ ଶହେ କେତେ କେତେ ଯୁଗର ସେ ପୋଥି—ଏ ପର୍ଯ୍ୟନ୍ତ କେହି ହିସାବ କରିନ ତାର ବୟସ—ଆଉ ସେଇ ପୋଥି କଥା ମୁଁ କହୁଚ—ଆବେ ! ଅମର ହବୁ ! ଅମର ! ଜମା ମରିବୁ ନାହିଁ—ଜମା ମରିବୁ ନାହିଁ—ଖଣ୍ଡାରେ ହାଣିଲେ—ନିଆଁରେ ପୋଡ଼ିଲେ—ପାଣିରେ ବୁଡ଼େଇ ଦେଲେ ବି ମରିବା କଅଣ ଜାଣିବୁ ନାହିଁ—ଆଉ ଯାହା ଦେହରେ ଛୁଏଁଇ ଦବୁ, ସେ ଉଠି ବସିବ—ସେ ମଡ଼ା ହଉ, ସେ ହାଡ଼ ମାଉଁସ, କାଠ, ପଥର, କୁଣ୍ଢା ଯାହା କିଛି ହଉ ପଛକେ । କଅଣ କହୁଚୁ ? ହେ ପୋଡ଼ାମୁହାଁ ! କି ବେ, କଅଣ କହୁଚୁ ? କହୁନୁ କାହିଁକି ?"

ଜର୍ଜର ସାରା ଦେହରେ ଗୋଟାଏ ମୃଦୁ ବିଜୁଳିର ସୁଅ ଖେଳିଯାଏ । ପାଗଳ ଚରଣ ସାଓର ମୁହଁ ତାର ମନେପଡ଼େ । ମଲା ମଣିଷକୁ ବଞ୍ଚେଇବାର ଉପାୟ··· । ହାଡ଼, ମାଉଁସ, କାଠ, ପଥର, କୁଣ୍ଢା—ସବୁ କିଛି ଉଠି ବସେ ? ତା ହେଲେ ତଫାତ୍ କଅଣ ? ଶୁଖୁଆ ଚମକୁ ନେଇ ଦିବ୍ୟସୁନ୍ଦର ନାରୀମୂର୍ତ୍ତି କରି ଜଣେ ତାକୁ ଭୋଗକରେ—ଆଉ ଏ ବୁଢ଼ା ? କଅଣ ସ୍ୱାର ମତଲବ ? ଜର୍ଜର ମନଟାରେ ସନ୍ଦେହ ପୁଣି ଉଙ୍କିମାରିଉଠେ । ସେ କବିରାଜ ଦୋକାନର ଘରଆଡ଼କୁ ଅନାଏ । ମିଞ୍ଜି ମିଞ୍ଜି ହେଇ ଜଳୁଥିବା ଲଣ୍ଠନର ଆଲୁଅ ପାଖେ ପାଖେ ସେଇ ଘରର ଆସବାବପତ୍ରଗୁଡ଼ିକର ଲମ୍ବା ଲମ୍ବା ଛାଇଗୁଡ଼ିକ ଟିକିଏ ହଲଚଲ ହେଲପରି ଜଣାପଡ଼ନ୍ତି । ଏମାନେ ସମସ୍ତେ ଜୀବନ୍ତ ? ଖାଲି ଛୁଅଁଇଦେଲେ ବଞ୍ଚିଉଠିବେ ଏମାନେ ? ଜୀବନ ତା ହେଲେ ସବୁଠି ରହିଛି—ସବୁରି ଦେହରେ ରହିଚ—ଖାଲି ଛୁଆଁଇ ଦେଲେ ଚେତା ପାଇ ଉଠି ବସିବେ ସେମାନେ ? ଟୋକାଟାର ମୁଣ୍ଡର ସବୁ ମସଲି ଚହଲି ଉଠନ୍ତି । ଅସ୍ତବ୍ୟସ୍ତ ହେଇ ସେ ପଚାରେ—"ତେମେ ସତେ ସେ ଗଛର ସନ୍ଧାନ ପାଇଚ, କବିରାଜବାବୁ ? ପାଇଥିଲ ସଦ···"

"ହଁ, ହଁ ବେ ! ପାଇଚ ! ପାଇଚ !! ପାଇଚ !!! କେତେ ଫଟେଇହଉଚୁ ତୁ ! ମୁଁ ସବୁ ଜାଣେ--ସବୁ ଜାଣେ ମୁଁ—ମାଟି ତଳେ ସବୁ ତଥ୍ୟ ପୋତିରଖିଚ ମୁଁ—ଆଉ ତୁ ମୋର ଶିଷ୍ୟ ହବୁ ସଦ···"

ବୁଢ଼ାର ମୁଣ୍ଡଟା ଖୁବ୍ ଜୋରରେ ହଲିଉଠେ । ମିନିଟି ମିନିଟି ଧରି ଆପଣାଛାଏଁ ସେ ହଲୁଥାଏ ସତେ କି ଗୋଟାଏ ଅଫଣ୍ଡିବା ମୂର୍ତ୍ତି ଦେହରେ କେହି ଆଣି ଖଞ୍ଜିଦେଇଥାଏ ଗୋଟାଏ ସ୍ପ୍ରିଂଦିଆ ପଗଡ଼ିବନ୍ଧା ମୁଣ୍ଡ ।

ବହୁତ ସମୟ ମୁଣ୍ଡ ଟୁଙ୍ଗାର ସାରି ବୁଢ଼ା ତା କଥାକୁ ସେଦିନ ପାଇଁ ବନ୍ଦ ରଖେ । କେବଳ ପଦୁଟିଏ କହିଦେଇ ସେ ଚୁପ୍ ହୁଏ—"ହବୁ, ହବୁ, ତୁ'ଟା ହବୁ—ତୋ ଚେହେରା କହିଦଉଚ···"

କଥାଟାକୁ ଏମିତି ଅଧାପନ୍ତରିଆ କରି ବନ୍ଦ କରିଦେବାରେ ଜର୍ଜ ବୁଢ଼ା ଉପରେ ଖପର

Digitized by srujanika@gmail.com

ଅସନ୍ତୁଷ୍ଟ ବିହ୍ୱଳିଉଠେ । ଗୁଁଙ୍ଗୁଁଇ ହୋଇ ସେ ଉଠେ । ଯଦି ଦୋକାନ ବନ୍ଦ ବେଳା ହୋଇଥାଏ ତା ହେଲେ ଲଣ୍ଠନ ବାଳି ଦେଇ ସେ ବୁଢ଼ାର ହାତ ଧରି ବାହାରକୁ ନେଇ ଆସେ ଓ କବାଟରେ ତାଲା ଲଗେଇ ସେ ବୁଢ଼ାକୁ ପାହାଚ ତଳକୁ ହାତଧରି ଓହ୍ଲେଇ ଦେଇ ଡିଆଁଟାଏ ମାରିଦିଏ ମାମନା ପାଖ କ୍ୟାବିନ୍‌କୁ । ନଚେତ୍ ଅନ୍ୟବେଳ ହୋଇଥିଲେ ସେ ବୁଢ଼ାକୁ ତା ଦୋକାନରେ ଛାଡ଼ିଦେଇ ପଳେଇଆସେ ।

ଜର୍ଜର ବାଟକୁ ଅନେଇ ଅନେଇ ବୁଢ଼ା ମନେ ମନେ ହଜାର କଥା, ହଜାର ସ୍ୱପ୍ନ ଦେଖିନିଏ । ତା ପରେ ସେ ଟିକିଏ ହସିଦିଏ ।

ଏମିତି ଦିନେ ହେଉଥିଲି ଷଣ୍ଡାମାର୍କ ଟୋକାଟାଏ ମୁଁ । ରଜାପୁଅମାନେ ବି ଡରି-ଯାଉଥିଲେ ସେ ଚେହେରା ଦେଖି ! ଆଉ ଆଜି ବସିଚି ମୁଁ ଏଠେଇଁ—ମୋ ନିଜ ଦେହକୁ ନିଜେ ଜାବୁଡ଼ି ଧରି । ହାଃ, ହାଃ, ହାଃ—ମୁଁ ନିଜେ ହସୁଚି, ମତେ ଦେଖି ଆଉ ହସୁଛନ୍ତି ବି ପଂଝାଏ ।

ଇଏ କଅଣ ହେଲା—ବୁଢ଼ା ନିଜକୁ ନିଜେ ପଚାରେ । ନିଜକୁ ନିଜେ ଥୋଡ଼ାଏ ଆଉଁସି ଆଉଁସି ଅନୁଭବ କରି ଖୁବ୍ ଆଶ୍ଚର୍ଯ୍ୟ ଆଉ ବିରକ୍ତ ହୋଇ ସେ କହେ—ଏତେ ରୋଗ ଏଇ ହାଡ ଭଲକରିଚି, ଅଥଚ ଏଇ ରୋଗଟା—ଏଇ ଗୋଟାକ ମତେ କାବୁ କରିଦେଲା ! ବାଇଶି ବର୍ଷ ବୟସରୁ ଇଏ ବଢ଼ୁଚି ସେ ଆଜି ଆସି ହେଲା ଅଣଷଠି ! କୋଉ ଔଷଧକୁ ଶୁଣୁନାହିଁ—କମିବ କଅଣ; ବରଂ ବଢ଼ି ବଢ଼ି ଚାଲିଚି ଏ !

ତା ପରେ ପୁଣି ଗୋଟାଏ ଦୀର୍ଘଶ୍ୱାସ ନେଇ ସେ ନିଜକୁ ନିଜେ ଅଭିଶାପ ଦିଏ । ତା ପରେ ଖୁବ୍ ଅନିଚ୍ଛାସତ୍ତ୍ୱେ ସେ ଚିନ୍ତାକରେ—ତା ହେଲେ କ'ଣ ସେଇ ମୂର୍ଖ ଡାକ୍ତର-ମାନେଇ ସତ ଆଉ ମୁଁ, ଅମୃତବୃକ୍ଷର ଗବେଷକ ବୈଦ୍ୟରାଜ—ମୁଁ ମିଛ ? ସ୍ୱାକୁ ନ କାଟିଲେ, ଖାଲି ଔଷଧ ଖାଇ ଏ ଯିବନାହିଁ ?—ଯାଏନା ଏ ? ମୋର ସବୁ ଜ୍ଞାନ ମିଛ ? ମୋର ଏତେ ଯୁଗର ଗବେଷଣା ବୃଥା ?

ବୁଢ଼ା ଅସ୍ଥିର ହୋଇପଡ଼େ । ହଠାତ୍ ଖୁବ୍ ଜୋରରେ ଠେଲିହୋଇ ଚଉକିରୁ ଉଠିପଡ଼ି ସେ ଠିଆହୁଏ—"ହେ ଯାଆ ବେ—ମାରି ଗୁଲି ।" ବୁଢ଼ା ରବେଇ-ଖବେଇ ହୋଇଉଠେ ବହେ ଓ ତା' ପରେ ପୁଣି କହିଯାଏ ମନେ ମନେ, ଆପେ ଆପେ ସେ କହେ ନିଜକୁ—ହେ ଯାଆବେ, ଯେତେବେଳେ ହେଇଥାନ୍ତା ସେତେବେଳେ ତ ହେଇନାହିଁ, ଆଉ ଏଇଲେ ମଲାବେଳକୁ ଏ ବାହ୍ୱ ଯିବ ସେଗୁଡ଼ାକଙ୍କ ଗୋଡ଼ତଳକୁ ?—ଡାକ୍ତର ବୋଲେଇହେବେ ସେମାନେ ! ନାଇଁ, ନାଇଁ, ନାଇଁ—ହସନ୍ତୁ, ଯିଏ ପାରେ ସେ ହସନ୍ତୁ—ଏ ମୁଣ୍ଡ ତଳକୁ ନଇଁବ ନାହିଁ । ଏଇ ମୁଣ୍ଡ ! ଏଇ ତ ପୁଣି ଦିନେ ଅମୃତବୃକ୍ଷର ସନ୍ଧାନ ପାଇଥିଲା ? ଏଇ ମୁଣ୍ଡ ପୁଣି ଲକ୍ଷ ଲକ୍ଷ ବର୍ଷ ତଳର ପୋଥି ଆଉଡ଼େଇ ଆଉଡ଼େଇ ଶରୀରର ସେଇ ଗୁପ୍ତ ବିଦ୍ୟାଟିକୁ ଜାଣିରଖିଥିଲା ? ଏବେ କର୍ମ ଖରାପ—ହାତପଇଠ ହେଇପାରିଲା ନାହିଁ ! ନହେଲା ନାହିଁ । ଦଇବ ଦୁର୍ଯୋଗକୁ ହାତ କାହାର ? ଦଶହଜାର ବର୍ଷ ତଳେ ଗଛର ଚେହେରା ଯାହା ଥିଲା, ଆଜି କ'ଣ ସେଇ ଚେହେରା ହେଇକରି ରହିଥିବ ସେ ଗଛର ?

Digitized by srujanika@gmail.com

ସେ କ'ଣ ବଦଳି ନ ଥିବ ?—ତାର କର୍ତ୍ତିତ ପତ୍ର, କଣ୍ଟକିତ ଦେହ, କର୍ଣ୍ଣିକାର କ୍ଷୀର, ଶ୍ୱେତକୋରକ—କଣ କିଛି ବଦଳି ନାହିଁ ଏଇ ଦଶ ହଜାର ବର୍ଷ ଭିତରେ ? ହୁଏତ ବଣଜଙ୍ଗଲରେ ଆଉ କୋଉ ରୂପରେ ଥିବ ସେ ଅମରବୃକ୍ଷ କେଜାଣି ? ହୁଏତ ତାର କର୍ତ୍ତିତ ପତ୍ର ସ୍ନିଗ୍ଧ ସରଳ ହୋଇସାରିବଣି—ହୁଏତ ତାର କଣ୍ଟକିତ ଦେହ କୋମଳ, ଚିକ୍କଣ, ସ୍ନିଗ୍ଧ, ଶ୍ୟାମଳ ହେଇସାରିବଣି—ତାର କୋରକ ହୁଏତ ଧରିବଣି ଅନ୍ୟ ଏକ ରଙ୍ଗ—ହୁଏତ ଏଇ ରୂପ ପରିବର୍ତ୍ତନର ସାଥେ ସାଥେ ଗୁଣର ମଧ୍ୟ ଯଥେଷ୍ଟ ପରିବର୍ତ୍ତନ ହେଇସାରିଲଣି—ହୁଏତ ସେଇ ଅମରବୃକ୍ଷ ଆଜି ଅତୀବ ମନୋହର ରୂପସମ୍ଭାରବିଶିଷ୍ଟ ଗୋଟାଏ ବିଷବୃକ୍ଷରେଇ ପରିଣତ ହେଇସାରିବଣି । ଏଇ ସହସ୍ର ସହସ୍ର ବର୍ଷର ବ୍ୟବଧାନ ମଧ୍ୟରେ—ତା' ହେଲେ ?

କବିରାଜ ବୁଢ଼ା କିଡ଼ ଲେଉଟାଏ । ସିଡ଼ାରେ କାହାର ପାଦଶବ୍ଦକୁ କାନଦେଇ ସେ ଦୁଆରମୁହଁ ଆଡ଼କୁ ଅନେଇ ରହେ । ଚହଲା ଚହଲା ଶବ୍ଦ ! ଟିକିଏ ବେଳ ପରେ ଆସି ପହଞ୍ଚିଯାନ୍ତି ଲାଗୁଆ ଗରାଖମାନେ । କବିରାଜ ବୁଢ଼ା ଦରଜା ଖୋଲି ଆଲମାରି ଗୁଡ଼ିକ ବାହାର କରେ ।

ଭସ୍ମ, ରସ, ଧାନ ଆଉ ଆଉ ଔଷଧର ଅନ୍ୟାନ୍ୟ ଉପକରଣଗୁଡ଼ିକୁ ଟେବୁଲ ଉପରକୁ ଆଣି ବୁଢ଼ା ବିଭିନ୍ନ ଗରାଖର ଚାହିଦା ଅନୁଯାୟୀ ଗ୍ରେଟ ଗ୍ରାଟ ଗୁଳିଗୁଡ଼ିଏ ବାନ୍ଧି ବାନ୍ଧି ଚାଲାକରୁଥାଏ—ସତେ କ'ଣ ଏ ଜଗତରେ ସେଇ ମହାମହିମ ବୃକ୍ଷର ସନ୍ଧାନ ଆଉ ମିଳିବ ନାହିଁ ? ବିଧାତା କ'ଣ ଚାହେଁନା ମଣିଷ ନୀରୋଗ ହେଉ, ଅମର ହେଉ, ସୁଖୀ ରହୁ; ଆଉ କବିରାଜ, ବୈଦ୍ୟ, ବ୍ରାହ୍ମଣ, ବେଦ, ଚରକ, ସୁଶ୍ରୁତ ଏମାନେ ପୁଣି ଫେରିଆସନ୍ତୁ—ଆଉ ଏଇ କୁକର୍ମୀ ତଥାକଥିତ ଡାକ୍ତରଗୁଡ଼ାକ ନରକକୁ ଯାନ୍ତୁ !

ବାହାରେ ଗରାଖଙ୍କ ଭିଡ଼ ବଢ଼ି ଉଠେ । ହାତ ତରତର କରି ବୁଢ଼ା ବଳିପକାଏ ଦାଅଣା, ପୁଡ଼ିକ, ଅଧ ଭରିଏ ଆଉ ଭରିକ ଔଷଧର ମାଲ ସବୁକୁ ।

ଉତ୍କଟ ଗନ୍ଧରେ ଦୋକାନ ସରଗରମ ହେଇଉଠେ । ଅମୃତବୃକ୍ଷକୁ ମୁହୂର୍ତ୍ତିକ ପାଇଁ ଭୁଲିଯାଇ ବୁଢ଼ା ପଇସା ଗଣିବାରେ ବ୍ୟସ୍ତ ରହିଯାଏ ।

ବାହାରେ ଗୋଟାଏ କିଏ ରସିକ ରିକ୍‌ସାବାଲା ତଣ୍ଟି ସଫାକରି ନୈଶକାଳୀନ ନିଷାଦ ସଙ୍ଗୀତରେ ସ୍ୱର ସଂଯୋଜନା ଆରମ୍ଭ କରିଦେଇଥାଏ । ଗୋଟାଏ ବୁଢ଼ା କ୍ଷୟକାଶ ରୋଗୀ ଝଟକାବାଲା ଅବୋଧ ମନକୁ ବୋଧଦେବାକୁ ଯାଇ ମନବୋଧ ଚଉତିଶାରୁ ଗୋଟିଏ ଧାଡ଼ି ଧରୁ ଧରୁ ଝୁଣ୍ଟି ପଡ଼ୁଥାଏ ଥରକୁ ଥର—ଉହାକୁ ଉହା ଖୁଁ ଖୁଁ କାଶରେ ।

ବୁଢ଼ା କବିରାଜର କାନ ସବୁ ଶୁଣୁଥାଏ, ଆଉ ସବୁ ବୁଝୁଥାଏ । କାହାର କୋଉ ନାଡ଼ିରେ କଫ, ବାତ, ପିତ୍ତ ଚାଲିବାକୁ ଆରମ୍ଭ କଲାଣି—ସବୁକଥା ସେ ଜଳଜଳ କରି ଦେଖିପାରୁଥାଏ ସେଇ ବିଭିନ୍ନ କଣ୍ଠର ବିଭିନ୍ନ ସ୍ୱରରୁ; କିନ୍ତୁ ବୁଢ଼ାର ଅସୀମ ଭାବନାର ଆଦିଅନ୍ତ ନ ଥାଏ । ଦଶହଜାର ବର୍ଷତଳର ପୋଥିଅକ୍ଷରଠାରୁ ଆଜିର ଏଇ କଳାଧଳା ଅକ୍ଷର ପର୍ଯ୍ୟନ୍ତ ବିଭିନ୍ନ ଲିପିରେ ସେ ଦେଖୁଥାଏ ସେଇ ମହୌଷଧି ବୃକ୍ଷର 'ବିଷ୍ଣୁସହସ୍ରନାମ !'

Digitized by srujanika@gmail.com

ଗରାଖ ପତଳା ହୋଇଯାଉଥାନ୍ତି ।
ଧନ ଗୁଳିଯାଏ ।
କବରାଜ ଦୋକାନ ଅନ୍ଧାର ହୁଏ ।

ଏଇ କେତେ ଧନ ଉଦ୍ଦେଶ୍ୟହୀନ ସ୍ଥିତି ମଧ୍ୟରେ ଯେ ଜର୍ଜ ଘରମୁହାଁ ନ ହୁଏ, ତା ନୁହେଁ । ସେ ଯେ ଗୋଟାଏ ଅମଣିଷ, ଅର୍ଦ୍ଧମଣିଷ ବା ଅସାମାଜିକ ହୋଇ କୌଣସି ଅସାଧାରଣ ଜୀବଭାବେ ପ୍ରଥମରୁ ଜନ୍ମ ହୋଇଥିଲା ତା' ତ ନୁହେଁ । ବେଳେବେଳେ ତାର ପୂର୍ବକଥା ସବୁ ମନେପଡ଼ୁଥିଲା । ପ୍ରତ୍ୟେକ ମଣିଷ ଭଳି ସମସ୍ତର ଉକାଣିରେ ପହଁରି ପହଁରି ଅତୀତକୁ ଅନୁଭବ କରିବାର ଶକ୍ତି ଥିଲା ତାର । ମନେପଡ଼ୁଥିଲା ତାର ସେଇ ଘରଟାର କଥା, ଯୋଉ ଘରେ ଚଉଦ ପନ୍ଦର ବର୍ଷ କାଳ ସେ କଟେଇଥିଲା । ଘର ପଛର ସେଇ ଗ୍ରେଟ ବାଡ଼ବଗିଚାର କଥା ମନେପଡ଼ୁଥିଲା—ଯୋଉ ବାଡ଼ିରେ ଏତେଗୁଡ଼ାଏ ଧନ ଖେଳିକୁଦି ସେ କଟେଇଥିଲା । କିନ୍ତୁ ସବୁଠୁ ବେଶି ମନେପଡ଼ୁଥିଲା ତାର ସେଇ ଦାଢ଼ିଆ ମୁହଁଟା—ସେଇ ସରୁଆ ପତଳା ହୋଇ ଜର୍ଜ ବି ମୁହଁଟା, ଯାହାର ଅଧିକରୁ ବେଶି ଭାଗ ଲୁଚିଥିଲା ସେଇ ଗହଳିଆ ଧରପାଚିଲା ଦାଢ଼ୀ ଭିତରେ, ଆଉ ଆରତକ, ଯୋଉତକ ଦେଖି ସେ ଚିହ୍ନୁଥିଲା ସେ ମୁହଁଟାକୁ ଅନ୍ୟାନ୍ୟ ଦାଢ଼ିଆମାନଙ୍କ ମୁହଁଭିତରୁ—ତାର ବାବା ବୋଲି, ସେଇ ମୁହଁଟା—ସେଇ ମୁହଁଟା ଅନେକବେଳେ ଆସି ତା ଆଖିରେ ନାଚ ତାକୁ ଅସ୍ତବ୍ୟସ୍ତ କରୁଥିଲା ।

ଯେତେବେଳେ ସେ ମୁହଁ ଆସି ନାଚେ ଆଖି ଆଗରେ ତାର, ଜର୍ଜର ସମସ୍ତ ଉତ୍ସାହ ହଠାତ୍ ଖର୍ଚ୍ଚି ପଡ଼େ । ଗୋଟାଏ ମୁହୂର୍ତ୍ତ ଭିତରେ ଏଇ ଟୋକାଟା—ଯିଏ ସବୁ କୁଆଡ଼େ ଭୁଲିଯାଇ ହୁଏତ ନିଷ୍ଟିନ୍ତ ହୋଇ ସେଇ ବୁଢ଼ା କବରାଜର ହେମାମଦସ୍ତାରେ ତାର ମାଂସପେଶୀର ସମସ୍ତ ଜୋଅର୍ ଖଟାଇ ଦେଇ ତାଆର ଭିତରେ ଅମରତ୍ୱର ତତ୍ତ୍ୱ ଭଜି-ହଉଥାଏ, କିମ୍ବା ବୁଢ଼ା ନଜିର ମିଆଁ ସାଙ୍ଗରେ ଟକ୍କର ଦେଇ ରେଳଲାଇନ ଉପରୁ କୋଇଲା ଗୋଟାଉଥାଏ, ଆଉ ବାଘ-ମଣିଷ, ମାଙ୍କଡ଼-ମଣିଷ ଏବଂ ପୋକ-ମଣିଷମାନଙ୍କ ପାଖରେ ନିଜକୁ ପକାଉ ପକାଉ ହତାଶ ଅବା ଆଶାନ୍ୱିତ ହେଉଥାଏ ଅଥବା ସେଇ ସବୁ ନିରୁତିଆ ବେଳଗୁଡ଼ାକରେ ଯେତେବେଳେ ଦୋକାନ ଶୁନ୍‌ଶାନ୍ ହେଇଥାଏ ଆଉ ସବୁକାମ ସାରି ବୁଢ଼ୀ ଯେତେବେଳେ ବାଡ଼ କବାଟଟାକୁ ଚୁପ୍‌କିନା ଆଉଜେଇ ଦେଇ ଆର କଡ଼େ ବାଲ୍‌ଟି ଟଣ୍‌ଟଣ୍ କରେ, ପାଣି ଚବ୍‌ଚବ୍ କରେ, ଆଉ ସଡ଼ର ସଡ଼ର କରି ଲୁଗା ଚୁପୁଡ଼ାଚୁପୁଡ଼ି କରୁଥାଏ, ସେଇ ସବୁ ଲଣ୍ଡଭଣ୍ଡ ମୁହୂର୍ତ୍ତରେ କଳାକବାଟି ଠେଲି ଆଖି ମାଡ଼ିଦେଇ ବସ୍ତୁପର ଉକ୍ରଣ୍ଠା ମେଣ୍ଟାଉଥିବାବେଳେ ମଧ୍ୟ ଯଦି ମନେପଡ଼ିଯାଏ ସେଇ ମୁହଁଟା—ସେତେବେଳେ ସବୁ କିଛି ଖସିଯାଏ ଟୋକାଟାର ମୁଣ୍ଡରୁ—ସବୁ କିଛି ହୁଗୁଳିଯାଏ—ସବୁ କିଛି ଶିଥିଳ ହୋଇଯାଏ । ସବୁ କିଛି ବିପର୍ଯ୍ୟସ୍ତ ହୋଇଯାଏ ଜର୍ଜର

Digitized by srujanika@gmail.com

ସ୍ୱପ୍ନରାଜ୍ୟରେ ଏବଂ ଏଇ ନିଶାଖସା ମୁହୂର୍ତ୍ତଗୁଡ଼ାକ କେତେ ଭୟଙ୍କର ସତେ ଗୋଟାଏ ପନ୍ଦର ଷୋହଳ ବର୍ଷ ବୟସର ଅପରିପକ୍ୱ ମନ ପକ୍ଷରେ !

ସେତେବେଳେ ସେ ହୁଏତ—ଗୋଟାଏ ଅନ୍ଧାରିଆ ଗୁହାର ଜୀବ ପାଲଟିଯାଏ—ଯାହାକୁ ତାର ଅତିପ୍ରିୟ ଅନ୍ଧାର ମୁଲକରୁ ଜବରଦସ୍ତ ବାହାରକରି ଆଣି ଗ୍ଲାଡ଼ ଧଆ-ଯାଇଥାଏ ଗୋଟାଏ ଦିଗଶୂନ୍ୟ ଝଲମଲ ଆଉ ଲଙ୍ଗଳା ଆଲୁଅରେ ଫାଟିପଡ଼ୁଥିବା ଅନ୍ୟ ଏକ ଗୁହାରେ ! ଗୋଟାଏ ଜଲକା ବାଦୁଡ଼ି ବା ଚେମେଡ଼ି ଚଢ଼େଇ ଭଳି ଦିଗ୍ଭ୍ରାନ୍ତ ହୋଇ, ଗୁଡ଼ାଏ ବାଡ଼େଇ ପିଟି ହୋଇଯାଏ ସେ ସେତେବେଳେ—ଆକତା-ମାକତା ହୋଇ ଏକଡ଼ୁ ସେକଡ଼କୁ ଓ ସେକଡ଼ୁ ଏକଡ଼କୁ ଗୁଡ଼ାଏ ଧାଁଧପଡ଼ କରୁ କରୁ ପିଲାଦିନ, ପଛକଥା, ପଛମୁହଁ ଆଉ ପଛସ୍ମୃତି ମନେପଡ଼ିଯାଇ ମନଟା ଗୁଡ଼ାଏ ଛେଚକୁଟି ହୋଇଯାଏ ତାର ସେତେବେଳେ; ଆଉ ସେ ଛୁଟିଗଲେ ସେଇ ଆଲୁଅ ଝଲମଲ ଘରଟା ଭିତରେ ଅତିଷ୍ଠ ହୋଇ !

ଜର୍ଜର ଏଇ ଭୟଙ୍କର ଅତିଷ୍ଠ ଦଉଡ଼କୁ ଆଉ ପଂଝାଏ ଏକେବାରେ ଅନ୍ଧଲୋକ ଆଦୌ ସହ୍ୟ ନ ପାରି ବା ବୁଝି ନ ପାରି ଖୁବ୍ ଈର୍ଷାନ୍ୱିତ ହୋଇଉଠନ୍ତି । ସେମାନେ ଭାବନ୍ତି ଏଇ ଯେ ଜୀବନଟା କାନ୍ଥରେ ଛେଚି ବାଡ଼େଇ ହୋଇ ଧାଉଁଚି, ସେଇଟି ଆଲୁଅ ଜଲକା ଜୀବଟିଏ ନୁହଁ—ସେ ଏକ ଆଲୁଅ ବଗୋର, ଉମରମଗ୍ନ ଜୀବ ! ଅଣ୍ଡାଳି ଅଣ୍ଡାଳି ସେଇ ଅନ୍ଧମାନେ ଥୁଅନ୍ତି ଗୋଟିଏ ଗୋଟିଏ ନିସ୍ତୁକ ଦୁହପାହାର ସେଇ ପଥହରା ପ୍ରାଣୀଟି ଉପରେ । ସେଇ ମାଡ଼ରେ କାବୁ ହୋଇ ଜର୍ଜ ପଡ଼ିଯାଏ; କିନ୍ତୁ ସେଇ ସାଂଘାତିକ ଠୋକରଟାଇ ତାର ଜଲକା ଆଖିକୁ ଫେରାଇଦିଏ—ସବୁ ଜିନିଷକୁ ଦେଖିବାର ଶକ୍ତି । ପ୍ରଥମ ଥର ପାଇଁ ଜର୍ଜ ଆବିଷ୍କାର କରେ ନିଜକୁ ଆଉ ତାର ପଛେ ପଛେ ଠେଙ୍ଗା ଧରି ଅଣ୍ଡାଳି ହେଉଥିବା ସେଇ ଅନ୍ଧ ଲୋକଗୁଡ଼ାକୁ । ତାର ଆଖି ଖୋଲିଯାଏ । ପୂର୍ବ ଓ ପରର ସ୍ମୃତାଖିଅଗୁଡ଼ିକୁ ଏକାଠି କରି ଜର୍ଜ ଆଖି ବୁଲେଇଯାଏ ଗୋଟିଏ ଜୀବନର ଏମୁଣ୍ଡରୁ ସେମୁଣ୍ଡ ଯାଏ । କେବଳ ସେତିକି ନୁହେଁ, ସ୍ମୃତାଖିଅଗୁଡ଼ିକୁ ସେ ଆଗକୁ ଲମ୍ବାଏ । ଭବିଷ୍ୟତର ଅନ୍ଧାର ଭିତରକୁ ବଢ଼ାଏ ସେ ସେଗୁଡ଼ିକୁ । ବିସ୍ମିତ ହୁଏ ସେ । ଏଇ ତା'ହେଲେ ଜୀବନ ! ସେ ବଞ୍ଚିବ ତା' ହେଲେ ଏଇ ଜୀବନ ପାଇଁ । ଏ ଜୀବନ ଜନ୍ମହେବ ଗୋଟିଏ ନର୍ଦ୍ଦମା ଭିତରେ, ଆଉ ଶେଷ ହେବ ଗୋଟାଏ କୋଇଲା ଧୂଆଁରେ ଭରପୂର ସଙ୍କୀର୍ଣ୍ଣ କାଠକ୍ୟାବିନ୍ ଭିତରେ ? ଗୁଡ଼ାଏ ପୋକ-ମଣିଷ, ବାଘ-ମଣିଷ, ମାଙ୍କଡ଼-ମଣିଷଇ ତାର ଜୀବନର ମୂଲ୍ୟ ନିର୍ଦ୍ଧାରଣ କରିବେ । ଜୀବନ କ'ଣ ଏଇଆ ? ଜୀବନର ଆଉ କିଛି କିଛି ମାନେ ନାହିଁ ?

ଜର୍ଜ ତା' ନିଜ ଉପାୟରେ, ନିଜର ଭାଷାରେ, ସମ୍ପୂର୍ଣ୍ଣ ନିଜସ୍ୱ ରୀତିରେ ପ୍ରକାଶକରେ ତାର ବିସ୍ମୟକୁ ସେଇ କାଠକ୍ୟାବିନ୍ ଘରର ବିଭିନ୍ନ ପରିସ୍ଥିତି ମଧ୍ୟରେ ଏବଂ ସେତେବେଳେ ସେ ସଂପୂର୍ଣ୍ଣ ଅବୋଧ ହୋଇଉଠେ ସେଇ ସଂକୀର୍ଣ୍ଣ ପରିସରର ଅଧିବାସୀଙ୍କ ଚକ୍ଷୁରେ ।

Digitized by srujanika@gmail.com

ଷାର ସାମଲ, ପାଗଳା ଚରଣ ରାଉ ଓ ବୁଆଧସ୍ୱ କାମାଖ୍ୟା ଏମିତିକି ଏଇ ବୁଢ଼ା ନଜର ମିଆଁ, ବୁଢ଼ା କବିରାଜଙ୍କ ଭଳି ମଣିଷ ଚହଲିବା ଶକ୍ତଥିବା ଲୋକଗୁଡ଼ାକ ବେଳେବେଳେ ଜର୍କର ପିଛ ପଡ଼ନ୍ତି । ସେମାନେ ସମସ୍ତେ ଲକ୍ଷ୍ୟ କଲେଣି ଯେ ଏ ଟୋକାଟା ବେଳେବେଳେ ବଡ଼ ଅବାଗିଆ କାମ ସବୁ କଲଣି । ଅନ୍ୟ ସବୁ କାମ ଭିତରେ ସେ ଗୋଟାଏ ରବର କଣ୍ଢେଇକୁ ଧରି ଅନେକ ସମୟରେ ବସୁଚ । କେବଳ ବସୁନାହିଁ—ଛୋଟ ପିଲଙ୍କ ପରି ତାକୁ କାଖରେ ଜାକ ବୁଲୁଚ, ବସୁଚ, ଶୋଉଚ, ଆଉ ତା ସହିତ କଣ କଥାବାର୍ତ୍ତା କରୁଚ ମଧ୍ୟ । ଟୋକାଟା ଯେ ବାୟା ହେବାକୁ ଯାଉଚ କି ବାୟା ହେଇଗଲଣି ବୋଧହୁଏ— ଏବିଷୟରେ ସେମାନଙ୍କର ସନ୍ଦେହ ହୁଏ । ଗୋଟିଏ ଜୀବନ ନଥିବା ଜିନିଷ ସାଙ୍ଗେ ଏଡ଼େ ଟୋକାଟାଏ ଏମିତି ଗପସପ କ'ଣ କରୁଚ ?—ଆଶ୍ଚର୍ଯ୍ୟ ହୁଅନ୍ତି ସେମାନେ ।

"ଏଡ଼େ ବଡ଼ ବୁଢ଼ା-ଟୋକାଟା ! ଗୋଟାଏ କଣ୍ଢେଇ ଧରିକରି କ'ଣ ଖେଳୁଚୁ ବେ ? କଅଣ ତା ଦେହରେ ଅଛି ଦେଖେଁ...'' ଗୁଣ୍ଡା ଷାର ସାମଲ ବେଳେବେଳେ ଜର୍କ ହାତରୁ ତାର ସେଇ ଗ୍ରେଟିଆ ରବର କଣ୍ଢେଇଟାକୁ ଛଡ଼େଇ ନେଇ ତାକୁ ତାର ହାତମୁଠା-ଭିତରେ ରଖି ଜୋର୍‌କରି ଚିପିଦିଏ—କଣ୍ଢେଇର ପେଟକୁ ।

ଚିଁ, ଚିଁ ହେଇ ଚୁଚୁନ୍ଦ୍ରାଛୁଆଟାଏ ଭଳି ସେଇ କଣ୍ଢେଇଟା ଚିହିରି ଉଠି ପୁଣି ବନ୍ଦ-ହେଇଯାଏ । ଷାରକୁ ମଜାଲାଗେ । ସେ ଆହୁରି ଜୋର୍ ଜୋର୍ ଆଉ ବେଶି ବେଶି ଥର ଚିପିପକାଏ ସେଇ କଣ୍ଢେଇଟାକୁ ।

"ଆରେ ! ମୋର ସେଇଟାକୁ ଏମିତି ଚିପିପକଉଚୁ କିଆଁ ବା ? ଦେ, ଦେଇ ଦେ, ଯଦି ଭଲଦରି ଅଛୁ ତ ଦେଇ ଦେ ! ତୁ ଗୋଟାଏ କଣ୍ଢେଇ ତୋର୍ କିଣି ଆଣୁନୁ ? ସ୍ୱାର ତାର କଣ୍ଢେଇ ଧରିକରି ଚିପିପକଉଚୁ କାହିଁକି ନା ?''

ଜର୍କ ରାଗିକରି ଷାର ସାମଲ ହାତରୁ ଛଡ଼ାଏ କଣ୍ଢେଇଟାକୁ । ଜର୍କର ପ୍ରତିବାଦକୁ କାନ ନ ଦେଇ ଷାର ସାମଲ କେବଳ ଚିପିହେଉଥାଏ ସେଇ ନରମ ରବରର କଣ୍ଢେଇଟିକୁ । ତାକୁ ଭାରି ମଜାଲାଗେ ଚିପିବାକୁ ଓ ତା ଫଳରେ ଏମିତି ଗୋଟାଏ ଚିଁ ଚିଁ ଚିଁ ଶବ୍ଦର ଶୁଣିବାକୁ । ଷାର ହାତରୁ କଣ୍ଢେଇଟାକୁ ଛଡ଼େଇ ନେଇ କାମାଖ୍ୟା ବି ଥୋଡ଼ାଏ ଚିପିପକାଏ ତାକୁ; ଆଉ ଖୁବ୍ ଖେଚଡ଼ା କଥାଗୁଡ଼ାଏ କହେ ସେ ଜର୍କକୁ ।

ରାଗିଯାଇ ଜର୍କ ସେମାନଙ୍କ ଉପରକୁ ପାଟିକରେ, ଆଉ ପାଟିକୁ ଯାହା ଆସେ କହିଯାଏ । କିନ୍ତୁ କଣ୍ଢେଇଟା ଜର୍କ ହାତକୁ ଫେରେନାହିଁ । ସେ ହାତକୁ ହାତ ହେଇ ବୁଲିଯାଏ ଅନ୍ଧମାନଙ୍କର ହାତର ହାତୀଟିଏ ଭଳି ।

ସମସ୍ତଙ୍କ ଦେଖାଦେଖି ଚରଣ ରାଉ ପାଗଳା ବି ହାତ ବଢ଼ାଏ, କିନ୍ତୁ କେମିତି ସେମାନଙ୍କର ସୁବୁଦ୍ଧି ହୁଏ, ଚରଣ ରାଉ ହାତକୁ ଦିଅନ୍ତି ନାହିଁ ସେମାନେ କଣ୍ଢେଇଟାକୁ । ସେମାନେ ସମସ୍ତେ ଜାଣନ୍ତି ଯେ ଚରଣ ରାଉର ହାତ ଥରେ ଜାବ ପଡ଼ିଗଲେ ସେଥିଭିତରୁ ଆଉ କୋଉ ଜିନିଷ ମୁକୁଳିକରି ଫେରେ ନାହିଁ ।

କଣ୍ଢେଇଟା ଡେଇଁବୁଲେ ହାତକୁ ହାତ । ଚରଣ ରାଉର ହାତ ଡେଇଁ ସେଇଟା ବୁଢ଼ାର

Digitized by srujanika@gmail.com

ହାତ ପର୍ଯ୍ୟନ୍ତ ନ ଯିବା ଯାକେ ଏ ପ୍ରଶ୍ନଟି ପଡ଼ି ନ ଥାଏ । ପ୍ରଶ୍ନଟି ହଉଚ କଣ୍ଢେଇଟା ପୁଅ କି ଝିଅ ବୋଲି । କାହାରି ଗରଜ ସେତେବେଳଯାକେ ପଡ଼ି ନ ଥାଏ କଣ୍ଢେଇଟାକୁ ପରୀକ୍ଷା କରିବାକୁ କିମ୍ବା ତା ବିଷୟରେ ପଦେଅଧେ ଚର୍ଚ୍ଚା କରିବାକୁ । ସେମାନେ ସମସ୍ତେ ଜିନିଷଟିକୁ ଛୁଇଁ, ଚପାଚପି କରି, ଟଣାଓଟରା କରି କେବଳ ଅନୁଭବ କରିବା ପେଇଁ ପାଗଳ ହେଇଉଠିଥାନ୍ତି । ଏକା ସେଇ ବୁଢ଼ୀ—ଦେଖେ ସେ କଣ୍ଢେଇଟାକୁ ଓଲଟପାଲଟ କରି ଆଉ ଜର୍ଜ ହାତକୁ ବଢ଼େଇ ଦଉ ଦଉ କହେ—"ଏଇମିତି ରବର କଣ୍ଢେଇଦେରେ ସୁନାନାକି ଝିଅଟାଏ—ଯୋଗିଜାଷିଆ ଛଡ଼େଇ ନେଇକରି ନଳାରେ ପକେଇଦେଲି ପରି ମୁଁ ନେତା ପାଇ ଉଠି ଧୂଣ୍ଡାକି ପକେଇଲାବେଳକୁ ଆଉ କଣ ଥିଲା ? ନଳାପାଣିରେ କୁଆଡ଼େ ଭସିଯାଇଥିଲା ।"

"ନାଇଁ ମ, ମଲଛୁଆଟେ ହେଇଥିବ—ଜିଅନ୍ତା ଛୁଆକୁ ନଳାରେ କେମିତି ପକେଇବାକୁ ତା ହାତ ଗଲା—" ନଜର ମିଆଁ ବୁଢ଼ା ଜର୍ଜ ହାତରୁ ରବର କଣ୍ଢେଇଟାକୁ ନେଇ ତାକୁ ଆଉଁସୁ ଆଉଁସୁ ବୁଢ଼ୀକୁ ଭୁଲେଇବାକୁ ଚେଷ୍ଟା କରୁଥାଏ ।

"ମଲା—ତୁ ଅଲପେଇଷ କେମିତି ଦେଖିଲୁ ବା—ତୁ ତ ଅଲପେଇଷ ମରୁଥିଲୁ କବିରାଜ ଦୁଆରେ ପଡ଼ାପଡ଼ିକିନା—ମୁଁ ତେତେ ବଞ୍ଚେଇଲି—ଆଉ ତୁ ମୋ କଥା କେମିତି ଦେଖିଲୁ ବା—ଏମିତିଆ ରବର କଣ୍ଢେଇ ଭଳି ଛୁଆଟାଏ ପରି—ଗୋରା-ତକତକ ହେଇ ଥାକୁଲ ଥାକୁଲ ଛୁଆଟାଏ—ହେଲେ ଅଲପେଇଷର ହାତ କେମିତି ଗଲା ଏ କାମ କରିବାକୁ—ମେତେ କେତେ କଥା କଉଥିଲା କେତେ ଲୋଭ ଦେଖୋଉଥିଲା—ନଇଲେ ମୁଁ କିଆଁ ଉଠି ଆସିଥାନ୍ତି ଘିଡଅଧରେ ସେ ଅଲପେଇଷ ସାଙ୍ଗରେ ! ମୋର କଅଣ ନଥିଲା କି—ଶାଶୁ ନଥିଲା, ନା ଶଶୁର ନଥିଲା ନା ନଣନ୍ଦ, ଦିଅର, ଯାଆ କିଏ ନଥିଲେ ? ବାପଘର ନୋକ ତ ଏବେ ବି ବଞ୍ଚିଚନ୍ତି—ଶୁନିଆଁ କଉଥିଲା ସେ କୁଆଡ଼େ ଦେଖିଆଇଚ ମୋ ଭାଇକୁ ଆଉ ଭାଉଜକୁ କିଏ ନଥିଲେ ? ଏକା ନଥିଲା ଜଣେ ନୋକ—ଯାହା ଯୋଗୁ ମୁଁ ଏତେ ଅବସ୍ଥା ହେଲି—ବାଡ଼ପଡ଼ାକୁ ବାଡ଼ି ଖାଇଲି—ମୋ ହାତରୁ କାଚ ଛଡ଼େଇ ନେଇ ନୂଚକରି ପଳେଇଲା ସେ !"

ଜର୍ଜର ସବୁତକ ରକ୍ତ ଉଠଯାଏ ତା କାନମୁଣ୍ଡାକୁ । ସେ ବୁଢ଼ୀ ମୁହଁକୁ ଅନେଇ ପାରେନା । ତଳକୁ ମୁହଁ ପୋତି ସବୁ କଥା ଶୁଣୁଥାଏ ।

ବୀର ସାମଲ ଖତେଇ ହେଇ କହେ—"ତାର କ'ଣ ଦୋଷ ବା—ସେ ତ ମଲା ମଲା—ତୁ କିଆଁ ପଳେଇ ଆଉଥିଲୁ କି ଯାହା ସାଥିରେ ପାରେ ତା ସାଥିରେ ? ତୁ କୋଉ ଭଲ ଲୋକ ବା ? ଏଇଠି କ'ଣ ଆମେ ଦେଖୁନୁ ତୋ ଭଲପଣିଆ ? ନା କଅଣ କଉଚ ହୋ ନଜର ଭାଇ ! ତମ ବୁଢ଼ୀକୁ ତେମେ ତ ଚହ୍ନିଥିବ—ଆଉ କଅଣ କହିବା ?"

ନଜର ମିଆଁ ତାର ଗ୍ରେଟ ନଡ଼ିଆ ସଢ଼େଇ ହୁକାଟା ଉପରୁ ମୁହଁ ନ କାଢ଼ି ଖାଲି କଟମଟ କରି ଅନାଏ ବୀର ସାମଲ ମୁହଁକୁ ।

ବୀର ସାମଲ କାହିଁକି ଡରିଯାଆନ୍ତା ! ସେ କାହିଁକି ମାଡ଼ଟାଏ ନ ଦେଇ ଛାଡ଼ିଦଅନ୍ତା

Digitized by srujanika@gmail.com

ସେଇ ବୁଢ଼ା, ଘନକୁ ଘନ ଘବଯାଉଥିବା ଘଲପଣ ଗେଧକୁ । ସେ ତ କେତେ କେତେ ଟୋକା ଗେଧ ମାଙ୍କଡ଼ଙ୍କୁ ପାର କରି ସାରିଲଣି ଏଥିମଧ୍ୟରେ । ନଜର ମିଆଁକୁ ପାରକରି ଦଳର ରାଜା ହବାର ଇଚ୍ଛା କାହାର ନାହିଁ ? କାମାସ୍ୱାର ନାହିଁ ନା ରାମ ସିଂର ନାହିଁ, ନା ଶିକାଆର ନାହିଁ, ନା ପାଗଳ ଚରଣ ରାଉତର ନାହିଁ ? ଷାର କଥା ଗୁଡ଼ଡ଼ଥିଲା ? ସେ ଖେଙ୍କିବାକୁ ଆରମ୍ଭ କରିଦେଇଥିଲା ବୁଢ଼ା ନଜର ମିଆଁକୁ ବହୁତ ଦିନୁ । କେବଳ ବୁଢ଼ୀର ଡରରେ ସେ ବାହାରକୁ ଦେଖେଇନ୍ତି ଭଲ କିଛି କରୁ ନ ଥିଲା; କିନ୍ତୁ ଦିନେ ନା ଦିନେ ସେ କିଛି ଗୋଟାଏ କାଣ୍ଡ କରି ବସିବ, ଏଥିରେ ସନ୍ଦେହ ନ ଥିଲା । ଦିନୁ ଦିନୁ ବେଶି ବେଶି ଉଗ୍ର ସେ ହେଉଉଠୁଥିଲା । ତାର ଉଗ୍ରପଣିଆ ଆଉ ନଜର ମିଆଁର ଦବ ଦବ ଯିବା କଥାକୁ ବୁଢ଼ୀ ଠିକ୍ ଲକ୍ଷ୍ୟ କରିଥିଲା । ତେଣୁ ଭୟରେ ବୁଢ଼ୀ ଷାର ସାମଲ କଥାରେ ବେଶି ପ୍ରତିବାଦ କରୁନାହିଁ ଆଜିକାଲି । ଷାର ନଜରଙ୍କ ଭିତରେ ବାଦବିବାଦ ହେଲେ ବୁଢ଼ୀ ସେଠୁ ଉଠି ପଳାଏ । ହେଲେ ଶେଷପର୍ଯ୍ୟନ୍ତ ବୁଢ଼ୀ ନଜରକୁ ପାଖରୁ ଅନ୍ତର କରେନାହିଁ ।

ନଜର ମିଆଁ ହୁକା ଭିତରୁ ଗୋଟାଏ ମସ୍ତବଡ଼ ଦମ୍ ଧୂଆଁ ଶୋଷି ନେଇ, ତାକୁ ଧୀରେ ଧୀରେ ଗ୍ରୀବ ଭିତରେ ଖେଳେଇ ମୁହଁରୁ ବାହାର କରୁ କରୁ କହେ, "ଆବେ ହେ ଷାର କା ବଚ୍ଚା ! ଶାଲା ଦମାକ୍ କିଛି କମ୍ ତ ନୁହେଁ ବେ ! ଅରେ ବାତ୍ ବଢ଼ଉଚୁ ରୁ ମତେ ! ଶାଲା ! ଆବେ ବେ ବଫୁ—ଉମର ଖସିଗଲା ଅବ—କଇତୋ ଦେଖିଥାନ୍ତୁ ଅବ ଶାଲା—ସୁଅର୍ କା ବଚ୍ଚା !"

"ଏ, ଏ ନଜର ସ୍ୱକ୍—ଖବର୍‌ଦାର୍—ଯାହା କହିବୁ କହ—ବାପା ମା' ନାଆଁ ଧରିବୁନାହିଁ କଇଦେଉଚି—ନଇଲେ ହାଁ—ଜାଣିଥା—ମୁଁ ଷାର ସାମଲ ।"

"ଆବେ ଚୁଲ୍ ଶାଲା—ତୁ ତ ଶାଲା ସୁଅର୍ କା ବଚ୍ଚା—ଫେର୍ ଫେର୍ ବୋପା ମା' କଥା ବଢ଼ଉଚୁ କଅବ ବେ ? ଶାଲା ବୋପା ବାତ୍ କରୁଚି—ଆବେ ବୋପା ତୁହ୍ମାର୍ କାହାଁ ବେ ? ହମେ ତୋ ତିଶ୍ ବତିଶ୍ ସାଲ୍ ହେଲା ତୁହ୍ମେ ଦେଖୁଚୁ କାହାଁ ହାସ୍ ଶାଲା ତୁହ୍ମାର ବୋପା ? କିଧର୍ ଗିୟା ? ତୁମ୍ ତୋ ସହର୍ କା ମଇଲଖାନା କା ବଚ୍ଚା ହୋ—କ୍ୟା ମାଲୁମ୍ ତୁହ୍ମିଇ ହୋଗା କୋଇଁ ଏକ୍ ସୁଅର୍ ୟା ଏକ ଗିଧଡ଼୍ କା ବଚ୍ଚା ।—କ୍ୟା ମାଲୁମ୍ ?"

ତା ପରେ ଷାର ସାମଲ ଅସ୍ତବ୍ୟସ୍ତ ହୋଇଉଠେ । ତା'ର ଆଖି ନାଲି ଟହଟହ ହେଇଯାଏ । ସେ ପାଇକଙ୍କ ଭିଡ଼ ଠିଅହୁଏ । ସତେକି ପିତାମାତାର ସମସ୍ତ ରହସ୍ୟ ସମାଧାନ ହେଇଯାଏ ମଣିଷର ଏଇ କଷ୍ଟ ଭିଡ଼ାଭିଡ଼ି, କମର କଷାକଷି ଆଉ ଦୁମ୍‌ଦୁମ୍ ଶବ୍ଦ କେଇଟା ଭିତରେ !

ନଜର୍ ମିଆଁ କିଛି କରେ ନାହିଁ । କେବଳ କଟମଟ କରି ଷାରକୁ ଥୋଡ଼ାଏ ବେଳ ଅନାଏ ।

ବୁଢ଼ୀ ସେତେବେଳକୁ ଉଠି ଚାଲିଯାଇଥାଏ । ଆଉ କିଛିଦିନ ତଳେ ହୁଏତ ଏ କଥା ଘଟିଥିଲେ ସେ ହସି ଉଡ଼େଇ ଦେଇଥାନ୍ତା ଏସବୁ କଥାକୁ । ଷାର ସାମଲକୁ ପୋଷ୍-

Digitized by srujanika@gmail.com

ମନେଇବା ପେଇଁ ଏତେଟିକେ ସମସ୍ତ ବ ଲଗି ନ ଥାନ୍ତା ତାକୁ । କିନ୍ତୁ ସେ ଜାଣିଥିଲା ଲଗାମ୍‌ଟା ଧୀରେ ଧୀରେ ଖସିଯାଉଥିଲା ତା ହାତରୁ । ପୁରୁଷର ଶକ୍ତ ଆଗରେ କେତେ ଦିନ ବା ଆଣ୍ଠୁ ବାନ୍ଧି ଠିଆ ହୋଇ ରହନ୍ତା ସେ ! ତଥାପି ସେ ବିଶ୍ୱାସ କରେ ଖୀରକୁ । ପାଞ୍ଚ ବରଷ ଦିନଠୁଁ କୋଡ଼ର କାଖର କଣ ମଣିଷ କରିଚ ତାକୁ । ସେ ଯେ ବଡ଼ ହୋଇ ଏ କାଣ୍ଡ ଭିଆଇବ, ଏ କଥା ତାର ବିଶ୍ୱାସ ନ ଥାଏ; କିନ୍ତୁ ଖୀରର ଆଖି ଦିଇଟାକୁ ସଦାବେଳେ ହାଁ ହାଁ ହଉଥିବାର ଦେଖି ବୁଢ଼ୀର ସବୁ ଦନ୍ତ ମିଳେଇ ମିଳେଇ ଯାଉଥାଏ ।

ଏ ସବୁ ଭାଉଁରୀ ଭିତରେ ପଡ଼ିଯିବାବେଳେ ଜର୍ଜର ମୁଣ୍ଡ ଘୂରେଇଦିଏ । ବୁଝିପାରେ ନା ସେ—କଅଣ ନେଇକରି ଏ ଧସ୍ତାପସ୍ତା ! କଏ କଲାରୁ, କଏ କର୍ଦ୍ଦମାରୁ ବା କଏ କୋଉଠୁ ଆସିଲେ ବା ଯାଏ କେତେ, ଆସେ କେତେ କାହାର ? ବାବା, ମା, କାଚ, ଚୁଡ଼ି, ସିନ୍ଦୂର—ଏତେ କଥା ନେଇ କଆଁ ଏତେ ଧସ୍ତାପସ୍ତା ଏଇ କାଠ-କ୍ୟାବିନ୍‌ରେ ? ସମସ୍ତେ ତ ବଞ୍ଚିଚନ୍ତି, ଖାଉଚନ୍ତି, ପିଉଚନ୍ତି ଆଉ ସେଇ ଗୋଦରୀ ବୁଢ଼ୀକୁ ଆଣ୍ଟାକରି ପଡ଼ିରହିଚନ୍ତି ! ତା' ହେଲେ ବେଳେବେଳେ ପୁଣି ଏ କାମୁଡ଼ାକାମୁଡ଼ି ରାଗ ରୋଷ କାହିଁକି ? ହଠାତ୍ କାହିଁକି ବାପ, ମା, ଜାତି, ଗୋଷ୍ଠୀ ନେଇ ଏମାନେ ଏମିତି ଚମକି ଉଠୁଚନ୍ତି ?

ତଥାପି ଜର୍ଜର ମନ ମାନେ ନାହିଁ । ହଠାତ୍ ଗୋଟାଏ କଳାଧଳା ଦାଢ଼ିର ବଣ ଭିତରୁ ଗୋଟାଏ ମୁହଁ ଝାପ୍‌ସା ଝାପ୍‌ସା ହୋଇ ଦେଖାଯାଏ ତାକୁ—ଯିଏ ତାକୁ ମନେପକେଇଦିଏ ପୁଣି ସେଇ ଗତ କଥା—ଗୁଡ଼ାଏ ଆସିବା କଥା—ଭୁଲିଯିବା କଥାଗୁଡ଼ାକୁ ।

ଓଃ, କି କୁତ୍ସିତ, କର୍ଦ୍ଦମ୍ୟ ଓ ବୁଢ଼ାଟା—ଜର୍ଜର ଗ୍ରୁତି ଭିତରୁ ଉଠେ କୋହ ଗୋଟାଏ ଓ ଲମ୍ଫିଯାଏ ସେଇଟା—ମରି ତ ଯାଇଥାନ୍ତୁ ! ପାଟି ଫିଟେଇଲୁ କାହିଁକି ? କିଏ ତତେ କହିଥିଲା କହିବାକୁ ଏତେ କଥା—ସବୁ କଥା ଗ୍ରୁତିରେ ରଖି ମରିଯାଇଥିଲେ କ'ଣ ଏତେ କଷ୍ଟ ହୋଇଥାନ୍ତା ତତେ ? କୋଉ ଜନ୍ମରେ କିଏ କଅଣ ଥିଲି ବୋଲି ଡାକି ବଜେଇ ଦୁନିଆକୁ କହିବାରେ କଅଣ ଦରକାର ଥିଲା ତୋର ।

ଲୋକ ମରିଯାଏ—ଗୋଟାଏ ଜନ୍ମକଥା ଭୁଲିଯାଇ ଏକେବାରେ ନୂଆକରି ଆଉ ଗୋଟାଏ ଜନ୍ମ ହବାପାଇଁ ସେ ମରେ—ସାଫ୍-ସୁତର ହୋଇ ଆଉ ଗୋଟାଏ ଜୀବନ ବଞ୍ଚିବାପେଇଁ ସେ ମରେ । କିନ୍ତୁ କଅଣ ହବ ?—ନୂଆ ଜନ୍ମ ହୋଇକରି ଯଦି ଗତ ଜନ୍ମର ସବୁତକ ଚିହ୍ନ ପୁଣି ଗୋଡ଼େଇଯାଏ ତାର ପଛେ ପଛେ ?

ଟୋକାଟା ଦିଗ୍‌ଦାର୍ ହୋଇଯାଏ । ମନେ ମନେ ଗୁଡ଼ାଏ ବକେ ସେ ସେହି ଦାଢ଼ିଆ ବୁଢ଼ାକୁ । କିନ୍ତୁ ପର ମୁହୂର୍ତ୍ତରେ, ଯେତେବେଳେ ଖୀର ପାମେଲ ଆଉ ଦଳ ଦାନ୍ତ କାମୁଡ଼ାକାମୁଡ଼ି ହୋଇ ଯୁଦ୍ଧ କରନ୍ତି, ଆଉ ଭୟଙ୍କର ସେଇ ଜାନ୍ତବଯୁଦ୍ଧ ଭିତରେ ଦୁର୍ବଳ ମାନବିକତା ଆସି ପୁଣି ଜର୍ଜକୁ ଗ୍ରାସକରେ, ତାର ସେଇ ନିଃସଙ୍ଗ ମୁହୂର୍ତ୍ତଟିର ସୁଯୋଗ ନେଇ, ସେତେବେଳେ ତାର ସବୁ ରାଗ କୁଆଡ଼େ ପାସୋରିଯାଏ । କୁଆଡ଼େ ଭୁଲିଯାଏ ସେ ନିଜର ମନର ବ୍ୟଥା—ଜନ୍ମକଥା, ସେତିକାଲି ନାଲି କଥା ଓ ଏଇ ଜନ୍ତୁମାନଙ୍କର କଥା—ସେ କେବଳ ବସି ବସି ଭାବିବାକୁ ଲାଗେ ସେତେବେଳକାର ସେଇ ନିଃସହାୟ

Digitized by srujanika@gmail.com

ଦାଢ଼ିଆ ବୁଢ଼ାଟିର କଥା, ଯିଏ ତାକୁ ଅନ୍ତତଃ ମେଡ଼ିକାଲ ନଳାଭିତରୁ ଉଠାଇଆଣି ବଞ୍ଚାଇ ଦେଇଥିଲା, ଯିଏ ତାକୁ ପୁନର୍ଜନ୍ମ ଦେଇଥିଲା, ଯିଏ ତାର ଅଣନିଃଶ୍ୱାସୀ ଶିଶୁକଣ୍ଠରୁ ଢୋକଢୋକ ନଳାପାଣି ବାହାର କରି ତାର କୁଆଁ କୁଆଁ ରାହାଧରା କାନ୍ଦକୁ ପୁଣି ଫେରେଇଆଣିଥିଲା ସେଇ କଣ୍ଠ ଭିତରକୁ, ଯିଏ ତାକୁ ବଢ଼େଇ-କୁଢ଼େଇ ପକ୍ଷୀ ଲଗେଇ ଦେଇ ଲୁଣି ଫୁର୍‌କନା ଉଡ଼େଇଦେଇଥିଲା ବାହାରକୁ—ସେଇ ବୁଢ଼ାଟିର କଥା ପୁଣି ଆପଣାଛାଏଁ ଆସିଯାଏ ମନ ଭିତରକୁ ।

"କ'ଣ ପାଇଁ ସେ ବୁଢ଼ାର ଦୟା ହେଲା ?"—ଜର୍ଜ ପଚାରେ ନିଜକୁ ନିଜେ ।

ହଠାତ୍ ପୁଣି ଓଲଟିପଡ଼େ ତାର ସନ୍ଦେହୀ ମନ । ତା' ପରେ ସେ ପୁଣି ନିଜକୁ ନିଜେ ପଚାରେ—"ଦୟା ? ଦୟା ହେଲା ?—ନା ଡରମାଡ଼ିଲା ତାକୁ—ଧର୍ମବୋଲି ଗୋଟାଏ ଅଦୃଶ୍ୟ ଭୟଙ୍କର ଜୀବ ଘାବୁକ୍ ମାରି ଏ କାମ କରିବାକୁ ତାକୁ ବାଧ୍ୟ କଲା ? ନା ଆପେ ଆପେ ସେ କଲା ?

"କମ୍ପା", ଆଉରି ଧକ୍କତା ଭରିଉଠିଲେ ବେଳେବେଳେ ଦାନ୍ତ କଡ଼ମଡ଼ କରି, ଜବରଦସ୍ତି ହସିଉଠି ନିଜକୁ ନିଜେ ପଚାରେ ସେ— 'କମ୍ପା ଆଉ କିଛି ଉଦ୍ଦେଶ୍ୟ ଥିଲା— ଯାହା ଅଛି ଏଇ ଘର ସାମଲ ଆଉ କାମାସ୍କାର ସଂସାରର ସବୁ କଅଁଳ ମାଉିସଧାଶ୍ରୀ ଶିଶୁମାନଙ୍କ ପ୍ରତି ?—ଇସ୍କୁଲିଆ ପିଲାଙ୍କ ପ୍ରତି—ଯାହାକୁ ସେମାନେ ଶିକ୍ଷାରେ ନବା-ଆଣିବା କରିବା ପାଇଁ ଏତେ ଧରାପରା କାମୁଡ଼ାକାମୁଡ଼ି ହୁଅନ୍ତି ନିଜ ନିଜ ଭିତରେ ?"

ଜର୍ଜର ମୁଣ୍ଡ ଝାଇଁ ଝାଇଁ ହେଇଯାଏ । ତା ଆଖିରୁ ଲୁହ ବୋହିପଡ଼େ । ଦାନ୍ତକୁ ଦାନ୍ତ ଜାକ ପଡ଼ିଯାଏ । ଓଠ ଥର ଥର ହୋଇଯାଏ । ଉହାକୁ ଉହା କୋହ ବାହାରିଆସେ ତା' ତଣ୍ଡି ଭିତରୁ । ସେ ବୁଝିପାରେ ନା, କାହିଁକି ସେ ଏତେ ନିର୍ଦ୍ଦୟ ହେଇଯାଉଚି ଦିନକୁ ଦିନ । କାହିଁକି ଏତେ କଠୋର ହୋଇଉଠୁଚି—ସେ ତାର ବସ୍ତିରେ ଅନ୍ୟମାନଙ୍କ ପ୍ରତି ଓ କାହିଁକି ଏତେ ଘୃଣା କରିବାକୁ ଆରମ୍ଭ କରିଚି ସେ ଏଇ ମଣିଷଗୁଡ଼ାଙ୍କୁ ! ସେ ଭାବେକରେ—ଏ ପୃଥିବୀର ସବୁ ମଣିଷଗୁଡ଼ାକ କ'ଣ ଏମିତି ପୋକ-ମଣିଷ ! ଏମିତି ବାଘ, ମାଙ୍କଡ଼, ଗାଈ, ଗୋରୁ, କୁକୁର—ସବୁ ପ୍ରକାର ଜୀବଶ୍ରେଣୀର ମଣିଷଇ ମଣିଷ ? ଅଧିକା ଆଉ କିଛି ନୁହେଁ ।

ସାଧାରଣତଃ ଏମିତି ଅବସ୍ଥା ତାର ହୁଏ—ବେଶି ଥର ରାତିରେ । ଦିନଗୁଡ଼ିକ ବେଶ୍ କଟିଯାଏ । ଦିନର ଘଟଣା ତାର ଆଖିକୁ ଝଲସେଇ ଦେଇ ତାକୁ ଅନ୍ଧ କରିଦିଏ । ସହରର ଭିନ୍ନ ଭିନ୍ନ ଲୋକ ଭିନ୍ନ ଭିନ୍ନ ହରରଙ୍ଗୀ ଜୀବ; ଜନ୍ତୁ, ଏପରି କି କୋଠାବାଡ଼ି ପର୍ଯ୍ୟନ୍ତ— ସବୁ ତା' ଆଗରେ ନୂଆ ଆଉ ପ୍ରଥମ ହେଇ ଝଲମଲ କରିଉଠନ୍ତି ଦିନବେଳେ; କିନ୍ତୁ ରାତି କଥା ଭିନ୍ନେ ।

ରାତିଗୁଡ଼ିକ ଭୟଙ୍କର ରୂପ ଧରି ଆସି ପହଞ୍ଚିଯାଉଥିଲେ ତା ଆଗରେ । ସେତେବେଳେ ସେଇ ଅନ୍ଧାରିଆ ଗୁମ୍ଫାର ଜୀବଟି ଗୁମ୍ଫା ଭିତରକୁ ଫେରିଆସେ । ଅନ୍ଧାର ତା'ର ଆଖି

Digitized by srujanika@gmail.com

ଖୋଲିଦିଏ । ଜଲଜଲ କରି ସବୁକଥା ଦେଖାଯାଏ ସେତିକବେଳେ ଆଉ ସେଇ ଭୟଙ୍କର ନିଃସଙ୍ଗ, ଏକା ଏକା ସମସ୍ତ ଓ ତା ସାଙ୍ଗେ ସାଙ୍ଗେ ଦେଖାଯାଉଥିବା ସେଇ ଭୟଙ୍କର ଦୃଶ୍ୟ-ସମୂହ ଜର୍ଜର ପ୍ରାଣତନ୍ତ୍ରୀକୁ ଦୋହଲାଇଦିଏ । ସେତେବେଳେ କି ବୁଢ଼ୀ ! କି ନଜର ! କି କଦର୍ଯ୍ୟ ବୁଢ଼ା ! କୋଉ ଲୋକ ତାର ସେ ବ୍ୟଥାକୁ କମେଇଦେଇପାରେ ? ବା କାହିଁକି ବି ସେଥିରେ କାହାକୁ ଅଂଶୀଦାର କରିବା ପାଇଁ ଜର୍ଜ ଇଚ୍ଛାକରିବ ? ସ୍ୱାର୍ଥପର ଭାବେ ଆପଣାର ନିଃସଙ୍ଗତାକୁ ଆପେଇ ଉପଭୋଗ କରିବାକୁ ଜର୍ଜର ଅବଚେତନରେ ହଠାତ୍ ଜାଗିଉଠେ ଏକ ଅଦ୍ଭୁତ ପିପାସା ।

ଚୁପ୍‌ଚୁପ୍ ଜର୍ଜ ଉଠିଯାଏ ସେଇ ଅନ୍ଧାରିଆ ଘରଭିତରକୁ । କାଠ ଥାକରୁ ଦରାଣ୍ଡି ଦରାଣ୍ଡି ତାର ଥଳିଟିକୁ ବାହାରକରେ ସେ । ତା' ପରେ ସେ ହାତ ଗଳେଇ ଥଳିର ଅବଗୁଣ୍ଠନ ଭିତରୁ ଧୀରେ ବାହାର କରି ଆଣେ ତାର ଆକାଙ୍କ୍ଷାଶୀ ସେଇ କଣ୍ଢେଇଟିକୁ ।

ଭାରି ଭଲଲାଗେ ଜର୍ଜକୁ, ସେଇ କଣ୍ଢେଇଟା ସାଙ୍ଗରେ ସେଇ ଅନ୍ଧାର ଜୁଡ଼ୁବୁଡ଼ୁ ଗୁହା ଭିତରେ ଟିକେ ଫାସୁଫାସୁ ହେଇ କଥାକାଣ୍ଠୀ କରିବାକୁ ଓ ସେତିକବେଳେ ହଠାତ୍ ସମଗ୍ର ବିଗତ ଜଗତ୍ ପୁଣି ଫେରିଆସେ ତାର ଅପରୂପ ରଙ୍ଗ, ରୂପ ଆଉ ଭାଷା ଘେନି – ସେଇ ଶ୍ରେଷ୍ଠ କଣ୍ଢେଇଟିର ସାଥିରେ । ନିଃସଙ୍ଗତାର ଅତ୍ୟାଚାରରୁ ଗୋଟିଏ ମୁହୂର୍ତ୍ତ ରକ୍ଷା ପାଇଯାଇ ଜର୍ଜ କୃତକୃତ୍ୟ ହୋଇଯାଏ ଓ କେବଳ ସେତିକି ନୁହେଁ—ସେ ସ୍ୱପ୍ନ ମଧ୍ୟ ଦେଖେ ସେଇ ଅଖଣ୍ଡ ନୀରବତା ମଧ୍ୟରେ । ସେ ସ୍ୱପ୍ନ ଦେଖେ—ସେ ଉଡ଼ିଯାଆନ୍ତା ସେଇ ନୀରବ, ନିସ୍ତବ୍ଧ ରାଜ୍ୟକୁ ଯୋଉଠି ଆଉ କେହି ନଥାନ୍ତେ, ନ ଥାନ୍ତେ ଏଇ ବାପା, ମାଙ୍କଡ଼, ମାଙ୍କଡ଼ସା—ବୀର ସାମଲ, କାମାଖ୍ୟା, ଚରଣ ରାଓ, ଗଜିଆ ପ୍ରଭୃତି—ନ ଥାନ୍ତା ବି ସେଇ ଗୋଦରା, ଅସୁରୁଣୀ ବୁଢ଼ୀଟା । ପ୍ରତି କଥାରେ, ପ୍ରତି ପାଦରେ ପ୍ରତିବନ୍ଧକ ହେବାପାଇଁ ନ ଥାନ୍ତେ କେହି; କେବଳ ଥାଆନ୍ତେ ସେଇ ଦୁହେଁ—ସେ ଆଉ ତାର ସଂପୂର୍ଣ୍ଣ ନିର୍ଜୀବ କଣ୍ଢେଇଟି ।

ଏଇଭଳି ସ୍ୱପ୍ନରେ ଭୋଳଥିବାବେଳେ ଜର୍ଜର ଆଖିର ରଙ୍ଗିନ୍ ପର୍ଦ୍ଦା ଉପରେ ଆସି ଠିଆହୁଏ ପୁଣି ସେଇ ବୁଢ଼ା । ପୁଣି ସେଇ ଦାଢ଼ିଆ ବୁଢ଼ା ! ସେ ଆସେ । କେବଳ ଆସେ ନା—ସେ କଥା କହେ ମଧ୍ୟ ।

"ଜର୍ଜ !" ତଥାପି ବେଶ୍ ଆପଣାର ସ୍ୱରରେ ଡାକେ ସେ, "ମୋର କ'ଣ ଭୁଲ ଅଛି କହିଲୁ ! ତୁ ମତେ ଭୁଲିଯାଉଚୁ କିଆଁ ? ମୁଁ ତୋର ପ୍ରାଣଦାତା—ଏ କଥା ଭୁଲିଯାଉଚୁ ତୁ କିଆଁ, ଜର୍ଜ ! ତୁ କୃତଘ୍ନ ହୋ ନା—"

"ଜର୍ଜର ସ୍ୱପ୍ନରେ ବାଧାପଡ଼େ । ସେ ତାର ସଙ୍ଗିନୀକୁ କ୍ଷଣକାଳ ପାଇଁ ଭୁଲିଯାଇ ସେଇ ବୁଢ଼ାର କଥାକୁ କାନ ଦିଏ ।

ଇଙ୍ଗିତ କରି ସତେ ବା ବୁଢ଼ା ପୁଣି କହେ; କିନ୍ତୁ ଏଥର କୌଣସି କଠିଣ ଅବୋଧ ଭାଷାରେ—"କୃତଘ୍ନ ! କୃତଘ୍ନ ନୋହୁଁ ତୁ ? ଆରେ ! ଯେଉଁ ଦିନରୁ ମନୁଷ୍ୟ ଜୀବନରେ ପ୍ରେମ, ବିବାହ ଆଉ ସନ୍ତାନ ଦାୟିତ୍ୱର ଭୟରେ ଲୁଚି ଲୁଚି ଏଇ ପୃଥିବୀରେ ବାସକରେ,

Digitized by srujanika@gmail.com

ଯେଉଁ ଯୀଶୁ ନାଗର ପ୍ରତ୍ୟକ୍ଷ ଆକର୍ଷଣକୁ ସହ୍ୟ କରିବାକୁ ଅକ୍ଷମ ହୋଇ ଆବାଲ୍ୟ ବ୍ରହ୍ମଚର୍ଯ୍ୟର ବର୍ମତଳେ ଆତ୍ମଗୋପନ କରି ଧର୍ମ ଆଉ ସତ୍ୟାସ୍ତର ବୃଥା ବ୍ୟସ୍ତକରି ଆତ୍ମରକ୍ଷା କରେ—ସେଇ ଭଣ୍ଡାଳୁ କ୍ଷୁଦ୍ରପ୍ରାଣ ମଣିଷଟା କାହିଁକି ସାହସ କଲା ଗୋଟିଏ ମାଂସପିଣ୍ଡୁଲା ଶିଶୁକୁ ଗୋଟେଇ ଆଣି ତାର ଦାୟିତ୍ୱ ଗ୍ରହଣ କରିବାକୁ, ସେଇ ଭୟଙ୍କର ରାତିରେ ? —ସେଇ ଭୟଙ୍କର ସ୍ଥାନରୁ । କିଏ ତାକୁ ବାଟ କଢ଼େଇନେଲା ସେଇ ରାତିରେ ? କିଏ ସେ ବଜେଇଲା ସେଇ ରାତିରେ ପଦ୍ମତୋଳା, ଆଉ ସକାଳର ମହୁରି ଭଳି ସେଇ ଶିଶୁର କହିଁକହିଁ କ୍ରନ୍ଦନକୁ ଏଇ କାନେ କାନେ ? କାହିଁକି ? କେତେ ଲୋକ ତ ଶୁଣିଥିବେ ସେଇ ଅରକ୍ଷିତ ଶିଶୁର କ୍ରନ୍ଦନ । କାହାରି ହୃଦୟ ତ ତରଳିଗଲା ନାହିଁ ? କିଏ ମୋର ପାଦକୁ ବାଟ କଢ଼େଇନେଇଗଲା ସେଇ ରାତିରେ ? କିଏ ଭରିଦେଲା ଏତେ ସାହସ, ଏତେ ଦମ୍ଭ ଏଇ ଗୁଡ଼ତର ନିର୍ଜନ ଗୁମ୍ଫାଘରେ ? କାହିଁକି ? ମୁଁ ତ କୌଣସି ଧର୍ମଯାଜକ ନୁହେଁ ! ମୁଁ ତ ଯୀଶୁଙ୍କର ବରପୁତ୍ର ନୁହେଁ ! ସାମାନ୍ୟ ଏକ ସଂସାର-ଖାଉ ମଣିଷ ଥିଲି ମୁଁ ! କାହିଁକି ମୁଁ ଆବିଷ୍କାର କରିଥିଲି ତତେ ସେଇ ପଚାସଢ଼ା ନଳାର ଦୁର୍ଗନ୍ଧ ପୂତିମୟ ସ୍ଥାନରେ ? କି ଉଦ୍ଦେଶ୍ୟ ଥିଲା କାହାର—ମୋର ଏଇ ଆକସ୍ମିକ ଆବିଷ୍କାରର ପଛରେ ଆଉ ସେଇ ଆବିଷ୍କାର, ସେଇ ପରିଶ୍ରମ, ଆଉ ଅଦ୍ଭୁତ ସାହସର ଏଇ କଣ ଉପହାର ? କୃତଘ୍ନ !"

ସେଇ ଦାଢ଼ିର ଭର୍ତ୍ସନା ଶେଷ ହେବା ପୂର୍ବରୁ ଆଖି ଓଦା ଓଦା ହୋଇଯାଇଥାଏ ଜର୍ଜର । ତାର ମନେହୁଏ ଡାକ ଡାକ ସ୍ୱରରେ ସେ ଦଉଡ଼ିଯାଆନ୍ତା—ବାବା ! ବାବା ! ···ବା, ···ବା··· ! କାଳେ ସେ ଲୋକଟା ମିଳିଯାନ୍ତା ପୁଣି ଥରେ ।

ବେଳେବେଳେ ରାତିଅଧରେ ଏମିତି ହାଉଳି ଖାଇ ଉଠିବସେ ଜର୍ଜ । ସେ ସ୍ୱପ୍ନ ଦେଖୁ ନ ଥାଏ । ସେଇ ନିଃସଙ୍ଗ ମୁହୂର୍ତ୍ତରେ ସେ ତାର ନିଜ ସହିତରି ପ୍ରମତ୍ତ ଥାଏ ନାନା ଆଳାପ, ଆଲୋଚନା ଆଉ ଯୁକ୍ତିତର୍କରେ । ହଠାତ୍ ସେତିକିବେଳେ, ଯଦି ଦୈବାତ୍, ତାର ସମସ୍ତ ବାରଣ ସତ୍ତ୍ୱେ ସେଇ ଚିତ୍କାରଟା ଉଠେ—କ୍ୟାବିନ ଭିତରେ କମ୍ପା ଆଉ କେଉଁଠି, ଯେଉଁଠି ବୀର ସାମଲ ଅବା କାମାଖ୍ୟା ଭଳି ମଣିଷମାନେ ତାକୁ ଅଭୟ ଦେବାପାଇଁ ଘୁଙ୍ଗୁଡ଼ି ମାରି ଗଗନମଣ୍ଡଳ କମ୍ପାଉଥାନ୍ତି, ତା ହେଲେ ସର୍ବନାଶ !

ପ୍ରଥମେ ପ୍ରଥମେ ଏମିତି ବହୁବାର ଘଟିଥିଲା ଏଇ କ୍ୟାବିନ୍ ଜୀବନରେ । ରାତିଅଧରେ ଉଠିପଡ଼ି ଗୋଟାଏ ମାଆଛଡ଼ା କୁକୁରଛୁଆ ଭଳି ଯେତେବେଳେ ପ୍ରଥମେ ପ୍ରଥମେ ସେ ଚିତ୍କାର କରିଉଠେ, ସେତିକିବେଳେ ବୀର, କାମାଖ୍ୟା, ଗଜିଆ—ଏମିତି କି ବେଳେବେଳେ ବୁଢ଼ା ନଜିଆ ମିଆଁର ବ୍ରହ୍ମନାଦଜାରେ ସେ ଚୁପ୍ ହୁଏ ଆଉ ସେଇଠୁ ପଦ ପଦ କରି ସେ ଶିଖେ—ନିଜ କଥାକୁ, ନିଜର ବ୍ୟଥାକୁ କେମିତି ଜୋର୍ କରି ନିଜ ଭିତରେ ଚାପିରଖିବାକୁ ହୁଏ ।

ଆଜିକାଲି ଜର୍ଜ ନିଃସଙ୍ଗ ଜୀବନଟିକୁ ବଡ଼ ନିର୍ବିଘ୍ନ ଭାବେ ଉପଭୋଗ କରେ । ତାର ଏଇ ଉପଭୋଗକୁ ପ୍ରଶ୍ରୟ ଓ ଉତ୍ସାହ ମଧ୍ୟ ମିଳିଥାଏ ସେହି ବୁଢ଼ା କବିରାଜର ଦୋକାନ ଘରେ । ଏମିତି ମଧ୍ୟ ଦିନେ ଦିନେ ହୁଏ । ଦିନେ ଦିନେ ଜର୍ଜ ଜିମା ଦୋକାନ ଛାଡ଼ିଦେଇ ବୁଢ଼ା

Digitized by srujanika@gmail.com

କବରୀଜ କିଛୁସମୟ ପାଇଁ କୁଆଡ଼େ, କୌଣସି କାମରେ ଚାଲିଯାଏ । ସେତେବେଳେ ଦୋକାନର ସବେସର୍ବା ହୋଇ ବସିଥିଲାବେଳେ ଜର୍ଜର ଏକ ବିଚିତ୍ର କୌତୂହଳ ଜାଗ୍ରତ ହୁଏ । ହଠାତ୍ ବୁଢ଼ା କବରୀଜଠାରୁ ପାଇଥିବା ଯନ୍ତ୍ରକୌଶଳ ଶରୀରତତ୍ତ୍ୱରେ ଉଦ୍‌ବୃଦ୍ଧ ହୋଇଉଠେ ସେ । ଗୋଟାଏ ବିଚିତ୍ର ଧାରଣା ତାର ମନରେ ଉଦୟ ହୁଏ । ହଠାତ୍ ଏକ ବୈଜ୍ଞାନିକତା ଭିତରେ ଚେଇଁଉଠି ତାକୁ ନାନା ପ୍ରରୋଚନା ଦେବାକୁ ଆରମ୍ଭକରେ । ବହୁ ବିଚିତ୍ର କଳ୍ପନା ତା ଭିତରେ ଜାଗିଉଠି ଜର୍ଜକୁ ଅସ୍ତବ୍ୟସ୍ତ କରିପକାଏ । ସେଇ ଉଦ୍‌ଭଟ ଚିନ୍ତାକୁ ରୂପ ଦେବାପାଇଁ ବ୍ୟାକୁଳ ହୋଇଉଠି ଜର୍ଜ କବରୀଜର ଦୋକାନ ଭିତରେ ପଶି ଭିତରୁ କବାଟ ପକାଇଦିଏ । ହଠାତ୍ ସେଇ ନିର୍ଜନ ଘରଭିତରେ ପଶି ଥରେ କବାଟ ବନ୍ଦ କରିଦେଲା ପରେ ଯେତେ ନିଃସଙ୍ଗ ଓ ନୀରବ ଭଳି ଜର୍ଜ ନିଜକୁ ଜ୍ଞାନ କରୁଥାଏ, ନିମିଷକ ମଧ୍ୟରେ କୁଆଡ଼େ ଉଭେଇଯାଏ ତାର ସେ ସବୁ ଅନୁଭୂତି । ପକେଟ୍‌ରୁ ବାହାର କରେ ଜର୍ଜ ତାର ପରୀକ୍ଷାର ସାମଗ୍ରୀକୁ—ସେଇ ରବର କଣ୍ଢେଇଟିକୁ ।

ରବର କଣ୍ଢେଇ !

—ଶିଶୁର ଖେଳ ସାମଗ୍ରୀ !

—ଏକଦା ନିଭୃତତାର ସାଥୀ; ସହାନୁଭୂତିର ଉତ୍ସ !

—ଏବଂ ଶେଷରେ ଏକ ଅସମ୍ଭବ କୌତୂହଳୀ ତରୁଣର ନାନା ଉଦ୍ଭଟ କାଳ୍ପନିକ ଅନୁସନ୍ଧାନ ଆଉ ଗବେଷଣାର ସାମଗ୍ରୀ ।

ବୁଢ଼ା କବରୀଜର ସେଇ ଛାତି-ଦେଖା ରବରନଳୀର ଯନ୍ତ୍ରକୁ ଜର୍ଜ କାନରେ ଦିଏ । ଏଇ ରବରନଳୀ—ଯେ ଜୀବନର ସ୍ପର୍ଶକୁ ଅନୁଭବ କରି ପାରୁଥିଲା ଦିଏ ଜୀବନ-ପରୀକ୍ଷକ, ଜୀବନଅନୁସନ୍ଧିତ୍ସୁର କାନେ କାନେ । ସେଇ ରବରନଳୀକୁ କାନରେ ଦେଇ ଜର୍ଜ ରୋମାଞ୍ଚିତ ହୋଇଉଠେ । ନୂଆ ନୂଆ ଚିନ୍ତା, ନୂଆ ନୂଆ କଳ୍ପନା, ନୂଆ ଯୁକ୍ତି, ନୂଆ ଅନୁଭୂତି ତାକୁ ଅଭିଭୂତ କରିପକାଏ ।

ମନେକର, ତାର ଛାତି ଭିତରୁ ସେଇଭଳି ଧମ୍‌ଧମ୍ ଶବ୍ଦ ଉଠୁଥିବ, ତେବେ କଅଣ ବୁଝିବାକୁ ହେବ ? ସେ ଜୀବନ୍ତ ନା ନିର୍ଜୀବ ?

ଜର୍ଜ ତାର ରବର କଣ୍ଢେଇର ଛାତି ଉପରେ ଚାପିରଖେ ସେଇ ସର୍ବଜ୍ଞ ଯନ୍ତ୍ରଟିକୁ, ଆଉ ନିଃଶ୍ୱାସ ବନ୍ଦକରି କାନଡେରେ ଓ ଶୁଣେ, ଆହୁରି ଭଲ କରି ଚାପିଧରେ ଯନ୍ତ୍ରଟିକୁ ରବର କଣ୍ଢେଇର ନରମ ଛାତିରେ, ପୁଣି ନିଃଶ୍ୱାସ ବନ୍ଦକରେ, କାନ ଡେରେ ଓ ଶୁଣେ ।

କିଛି ଶୁଭେ ନା । ସେଇ ନିସ୍ତବ୍ଧ ପରିବେଶ ମଧ୍ୟରେ କେବଳ ନିଜର ଉତ୍କଣ୍ଠିତ ହୃତ୍‌ପିଣ୍ଡର ସ୍ପନ୍ଦନ ବ୍ୟତୀତ ଜର୍ଜ ଆଉ କିଛି ଶୁଣିପାରେନା । କିଛି ଶୁଣିପାରେ ନା ସେ ନିଶ୍ଚୟ; କିନ୍ତୁ ସେଇ ଜୀବନ-ଅନୁସନ୍ଧିତ୍ସୁର ଉତ୍ସାହ ଏତେ ଶୀଘ୍ର ମଉଳିଯାଏ ନା ।

ଠକ୍ ଠକ୍ କରି ଆଙ୍ଗୁଠି ଆଗରେ ଗୁଡ଼ାଏ ଠୁକୁରିଏ ଜର୍ଜ, ସେଇ କଣ୍ଢେଇଟିକୁ— ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ । କାଳେ ଜୀବନର ସୂକ୍ଷ୍ମମୂର୍ତ୍ତିରେ ଲାଗିଯାଇଥାଇପାରେ ଅଲଥା

Digitized by srujanika@gmail.com

ଆବର୍ଜନା, କାଠି କୁଟା କିଛି କିନ୍ତୁ ନା । କେବଳ ପ୍ରତିଟି ଠୋକର ସହିତ ଟିକିଏ ଟିକିଏ କୁଁ କୁଁ ଶବ୍ଦ ବ୍ୟତୀତ ନିଷ୍ଫଳ ଆଉ ନିଷ୍ପ୍ରାଣ ହୋଇ ପଡ଼ିରହେ ରବର କଣ୍ଢେଇଟି—କବିରାଜ ଦୋକାନର ପରୀକ୍ଷା ଟେବୁଲ ଉପରେ ଚିତ୍‌ପଟାଙ୍ଗ ହୋଇ—ପରୀକ୍ଷକର ଯନ୍ତ୍ର ତଳେ ।

ସାମାନ୍ୟ କେତୋଟି ଆଙ୍ଗୁଠି ଠୋକରକୁ ହୁଏତ ତା' ଜୀବନ କାନ ଦିଏନା; କିନ୍ତୁ ଜୀବନର ଏହି ବଧୀରତା ନିକଟରେ ଜର୍ଜ ମୁଣ୍ଡ ନୁଆଁଏ ନାହିଁ । କଣ୍ଢେଇଟିକୁ ସେହିଭଳି ଟେବୁଲ ଉପରେ ଶୁଆଇଦେଇ ସେ ଯାଏ କବିରାଜ ବୁଢ଼ାର କାଚ ଆଲମାରି ଆଡ଼କୁ; କିନ୍ତୁ କାଚ ଆଲମାରିରେ ଲଟକିଥିବା ମସ୍ତବଡ଼ ତାଲାଟିକୁ ଦେଖିଦେଇ ସେ ଅଟକିଯାଏ ।

ଉତ୍ସାହ ସମ୍ମୁଖରେ ଏଇ ସବୁ ବିଘ୍ନ ଜର୍ଜକୁ ଅଦୌ ଭଲଲାଗେନା । ସେ ଅସ୍ଥିର ହୋଇପଡ଼େ । ମନେ ମନେ କବିରାଜ ବୁଢ଼ାର ଚଉଦପୁରୁଷ ଉଦ୍ଧାରେ । ତା' ପରେ ଆଲମାରିର ତାଲାଟିକୁ ଥୋଡ଼ାଏ ଝିଙ୍କାଝିଙ୍କି କରେ; କିନ୍ତୁ ଆଲମାରି ଖୋଲେନା । ଆଲମାରିର କାଚ ଦେଇ ବୋତଲଗୁଡ଼ିକ ଭିତରେ କଳା, ଧଳା, ନାଲି, ନେଳି—ଭଲ ଭଲ ଚୂନା, ମୋଦକ ଖଣ୍ଡ ଇତ୍ୟାଦି ଉଙ୍କିମାରୁଥାଏ ତା' ଆଗରେ । କାଚର ମୁହଁକୁ ଚୁପି ଜର୍ଜ ବ୍ୟାକୁଳ ହୋଇ ଚାହେଁ ଆଲମାରି ଭିତରକୁ । ସତେ କି ଜୀବନକୁ ଧରି, ବାନ୍ଧି, ଚୂନା କରିବା ମୋଦକଭଳି ବଳ ତାକୁ ବୋତଲରେ ପୂରେଇ ଠିପିଦେଇ, ଆଲମାରିରେ ତାଲା ଠୁଙ୍କି ରଖିଦେଇ ଯାଇଛି ସେ କବିରାଜ ବୁଢ଼ା ।

କିନ୍ତୁ ଜର୍ଜ ନିରୁତ୍ସାହିତ ହୁଏ ନା । ସେ ଫେରିଆସେ ପୁଣି ସେଇ ରବରକଣ୍ଢେଇ ପାଖକୁ । ତା' ପରେ କ'ଣ ମନେହୁଏ ତାର କେଜାଣି, କଣ୍ଢେଇଟାକୁ କୋଳକୁ ନେଇ ସେ ଆରମ୍ଭକରେ ଆଉ ଏକ ପ୍ରକ୍ରିୟା । କିଏ ଜାଣେ ? ଜୀବନ ରହସ୍ୟ କେତେବେଳେ ଆପେ ଆପେ ଖୋଲିଦେବ ତାର ସୁନା ସିନ୍ଦୁକର ଦ୍ୱାର ।

ଜର୍ଜ ତା କଣ୍ଢେଇଟିକୁ ଖାଲି ହାତରେ ବହେ ମାଲିସ୍ କରିବସେ । ଏମିତି ଘଷି ଘଷି, କଣ୍ଢେଇଟା ଯେତେବେଳେ ତାର ଗାଲକୁ ଉତ୍ତପ୍ତ ଜଣାଯାଏ, ସେତେବେଳେ ଜର୍ଜ ସେଇ କଣ୍ଢେଇଟିକୁ ନେଇ ପୁଣି ଟେବୁଲ ଉପରେ ଶୁଆଇଦିଏ ଓ ପୁଣି ଥରେ ତାର ଗତିକୁ ପରୀକ୍ଷା କରେ ସେଇ ରବରନଳୀଟାଦ୍ୱାରା । ଅନେକ ସମୟ ଅପେକ୍ଷା କରେ ସେ । ହୁଏତ ଜୀବନର ଘୋର ନିଦ ଭାଙ୍ଗିବାକୁ ଟିକିଏ ଡେରି ଲାଗିପାରେ; କିନ୍ତୁ ନା—ନିର୍ଜୀବ ରବର-କଣ୍ଢେଇ ଭିତରେ, ଗଭୀର କନ୍ଦରେ ଶୋଇଥିବା ଜୀବନ ବାହାରି ପଡ଼ ଭ୍ରୂକ୍ଷେପ ନ କରି କେବଳ ଶୋଇରହେ—ନୀରବ, ନିଷ୍ଫଳ, ନିଷ୍ପନ୍ଦଭାବେ । ଜୀବନର ବରଫମୁଣ୍ଡା ସେମିତି କଠିଣ ଆଉ ଶୀତଳ ହୋଇ ପଡ଼ିରହେ । ସ୍ରୋତସ୍ୱତୀ, ବେଗମତୀ ଆଉ ତରଳ ହୋଇ ବନ୍ୟାପ୍ଲାବିତ ହୋଇଉଠେନା ସେ ।

ଖୁବ୍ ପିଲାଦିନେ ଘଟିଥିବା ଏହିଭଳି କେତେକ ଘଟଣା କଥା ଜର୍ଜର ମନେପଡ଼େ ଏହିଭଳି କେତେକ ବେଳରେ । ପିଲାଦିନେ ମଧ୍ୟ ସେ ଖେଳୁଥିଲା ଏଇ ରବରକଣ୍ଢେଇଟି ସହିତ । ସେତେବେଳେ ମଧ୍ୟ ଏଇଭଳି କେତେଟା ଖିଆଲ ନେଇ ସେ ଦେଖୁଥିଲା ଏଇ ନିର୍ଜୀବ ଖେଳଣାଟିକୁ; କିନ୍ତୁ ସେଦିନର ଧାରଣାଠୁଁ ଆଜିର ଧାରଣା ତାର ବହୁତ ପୃଥକ୍ ।

Digitized by srujanika@gmail.com

ପିଲାଦିନେ ଏଇ କଣ୍ଢେଇଟାକୁ ଠକ୍ ଠକ୍ କରି ବାଡ଼େଇଲାବେଳେ ତାର ଏଇ ଟାଁ ଟାଁ ଶବ୍ଦଟାକୁ ଜର୍ଜ ଅନୁମାନକରୁଥିଲା—ହୁଏତ ସେଇଟା ଥିଲା ତାର ଶାସିତର ଅନୁଭୂତିର ଗୋଟିଏ ପ୍ରତିକ୍ରିୟା ଅବା ପ୍ରତିବାଦ । ଶାସିତର କଷ୍ଟର ପ୍ରତିବାଦ ଜଣାଇବା ପାଇଁ ଜୀବ ଓ ନିର୍ଜୀବର ଅଧିକାର ସେତେବେଳେ ଥିଲା ସମାନ—ସେଇ ଶିଶୁ ଚକ୍ଷୁରେ । କାରଣ ପ୍ରତ୍ୟେକ ଶିଶୁ ପରି ପ୍ରତ୍ୟେକଟି ବସ୍ତୁ ଉପରେ ନିଜର ପ୍ରତିବିମ୍ବକୁଇ ଅନୁଭବ କରିବାର ଶକ୍ତି ଥିଲା ତାର । ଅନୁଭୂତି-ବହିର୍ଭୂତ ଜଡ଼ବସ୍ତୁର ସ୍ଥିତି ଯେ ସୃଷ୍ଟିରେ ସମ୍ଭବ, ହୁଏତ ଏ ଧାରଣାଇ ବିଶେଷ କରି ପାରି ନ ଥିଲା ତାର ଶିଶୁପ୍ରାଣକୁ ।

କିନ୍ତୁ ବୟସ ଓ ଅଭିଜ୍ଞତା ଆଜି ତାକୁ ଦେଖେଇଦେଇଛି ଅନେକ କିଛି କଥା । ସେ ଅବଶ୍ୟ ବୁଝିଛି ଏ ସଂସାରରେ ଜଡ଼ କିଏ, ଆଉ ଜୀବନ୍ତ କିଏ । କେତେଦୂର ପ୍ରତିକ୍ରିୟା-ରହିତ ବସ୍ତୁ କେତେଦୂର ଗଭୀର ଜଡ଼-ଧର୍ମୀ, ଏକଥା ଜର୍ଜ ହୁଏତ କ୍ରମେ ଅଧିକ ଅଧିକ ବୁଝିପାରିଥାଏ । କିନ୍ତୁ ସେ ବୁଝେନା ବା ବୁଝିବାକୁ ଇଚ୍ଛା କରେନା ଯେ ପ୍ରତିକ୍ରିୟା ହିଁ ଜୀବନର ଏକମାତ୍ର ପରୀକ୍ଷା ଓ ଏକମାତ୍ର ଧର୍ମ ବୋଲି । ପ୍ରତିକ୍ରିୟାର ବାହାରେ ମଧ୍ୟ ଜୀବନର ସ୍ଥିତି ସମ୍ଭବ—ସ୍ପଷ୍ଟ ନ ହେଲେ ମଧ୍ୟ ଏହି ମର୍ମର ଏକ ଅସ୍ପଷ୍ଟ ଧାରଣା ମନରେ ରହିଆସିଛି ତାର ବହୁ ପିଲାଦିନରୁ ।

ଏସବୁ କଥା ଆରମ୍ଭ ହୁଏ ସେଇ ବଗିଚ୍ଚ ଭିତରୁ ଯୋଉଠି ହସି ଖେଳି ଜର୍ଜ ବିତେଇ-ଥିଲା ତାର ପିଲା ବୟସର ଦିନଗୁଡ଼ିକୁ । ଏବେ ମଧ୍ୟ ମନେ ଅଛି ତାର ସେଇସବୁ ଦିନର ଅନେକ ଅନେକ କଥା ।

ସେଇ ଦାଢ଼ିଆ ବୁଢ଼ା, ଯାହାକୁ ସେ ସେତେବେଳେ ବାବା ବୋଲି ଡାକୁଥିଲା, ସେଇ ବୁଢ଼ା ଅପେକ୍ଷା, ବୁଢ଼ାର ସେଇ ବଗିଚ୍ଚଟି ଥିଲା ଜର୍ଜର ଅଧିକ ଘନିଷ୍ଠ ସାଙ୍ଗ । ଘର ପଛଆଡ଼ର ଏଇ ବଗିଚ୍ଚଟି ଥିଲା ତାର ଜୀବନର ପ୍ରାଥମିକ ବିଦ୍ୟାଳୟ, ଆଉ ଏଇ ବଗିଚ୍ଚ ମାଧ୍ୟମରେ ସେ ପାଇଥିଲା ମଧ୍ୟ ଜୀବନର ସର୍ବପ୍ରାଥମିକ ପରିଚୟ ।

କୌଣସି କାରଣରୁ ହେଉ ବୁଢ଼ା (ଜର୍ଜର ବାପା) ଗୋଟିଏ ଅଦ୍ଭୁତ ମଣିଷ ଥିଲା । ଭୀଷଣ ଏକା ଏକା ରହିବା ଲୋକ ସେ । ଖ୍ରୀଷ୍ଟିଆନ୍ ହିସାବରେ ମଝିରେ ମଝିରେ ଥରେ ଅଧେ ଚର୍ଚ୍ଚ ଯିବାଛଡ଼ା ଆଉ ପ୍ରାୟ ତାର କିଛି ସମ୍ବନ୍ଧ ନ ଥିଲା ବାହାର ଦୁନିଆଁ ସାଙ୍ଗରେ । ଯାହା ବା ଥିଲା, ସେତକ କଟିଗଲା ସେଇ ଛୁଆଟାକୁ ଘରକୁ ଆଣିବା ପରେ ।

ଛୁଆଟା ଯେତେବେଳେ ବଢ଼ିଉଠିଲା, ଆଉ ଜଳଜଳ ଆଖିରେ ଅଧିକ ଅଧିକ ବୁଢ଼ାକୁ ଚାହିଁଲା, ତାର ପାଟି ଫିଟିଲା, ଆହୁରି ବଡ଼ ବଡ଼ ଆଖିକରି ବୁଢ଼ାକୁ ଚାହିଁ ସେ ବହୁ ଅବୋଧ ପ୍ରଶ୍ନକଲା—ସେତେବେଳେ ଆରମ୍ଭହେଲା ବୁଢ଼ାର ପ୍ରକୃତ ସମସ୍ୟା, ଆଉ ପ୍ରକୃତ ପରୀକ୍ଷାର ବେଳ ।

ବୁଢ଼ାଟା ଏତେ ଭୟାଳୁ ଥିଲା ଯେ, ଏତେ ଛୋଟ ପିଲାଟାର ଜଳଜଳ କଳାଡୋଳାକୁ ବି ଦେଖିଦେଇ ସେ ଡରିଯାଉଥିଲା । ଅବଶ୍ୟ ବୁଢ଼ାର ଡର ଥିଲା ଆଉ ଏକରକମର । ସେ

Digitized by srujanika@gmail.com

ତର ମୂଳରେ ଅବିଶ୍ୱାସ ବା ଅନାସ୍ଥାର ଡର ନ ଥିଲା; ତାହା ଥିଲା ବରଂ ଏକପ୍ରକାର ଅଦ୍ଭୁତ ବିସ୍ମୟ ଓ ଅସମ୍ଭବ ବିଶ୍ୱାସର ରୂପାନ୍ତର ।

ପିଲାଟା ଯେତକ ଯେତକ ବଡ଼ ହେଇଉଠିଲା, ବୁଢ଼ାର ବିସ୍ମୟ ଓ ବିଶ୍ୱାସ ମିଶ୍ରିତ "ଭୟ" ସେତକ ସେତକ ଗାଢ଼ ହୋଇଉଠୁଥିଲା । ଏହି ରହସ୍ୟଜନକ ଭୟ ସହିତ କ୍ରମେ ମିଶିଲା ଛୁଆଟାର ନିରାପତ୍ତାର ଭୟ । ପ୍ରତ୍ୟେକ ମୁହୂର୍ତ୍ତରେ ବୁଢ଼ାର ଭୟ ହେଉଥିଲା ସତେ ବା ବାହାରର ବହୁ ଶତ୍ରୁ ପଡ଼ିଥିଲେ ସେଇ ଅଜ୍ଞାନ ଆଶ୍ରୟପ୍ରାର୍ଥୀ ଶିଶୁର ପଛରେ । ସତେ ବା ବାହାରେ ଅନେକ କେହି ଛକିବସିଥିଲେ, ଟିକିଏ ସୁଯୋଗ ପାଇଲେ ଛୁଆଟାକୁ ସେ ଘରୁ ଟେକିନେଇ ପୁଣି ତାକୁ ଟିକିଟିକି କରି କାଟି ନାଳାନର୍ଦ୍ଦମାରେ ମିଶାଇଦେବାପାଇଁ ।

ତେବେ. ଏହିସବୁ ଆଶଙ୍କାକୁ ଦବାଇଦେଇ ଛୁଆଟା ବଢ଼ିଉଠୁଥିଲା । ଯେଉଁସବୁ ବଢ଼ୁଥିଲା ମଧ୍ୟ ବୁଢ଼ାର ସେଇ ଅଦ୍ଭୁତ ବିସ୍ମୟ, ବିଶ୍ୱାସ ଓ ଆଶା—ଯାହା ପ୍ରତ୍ୟେକ ହିଂସ୍ର, ବୃଦ୍ଧ, ଧର୍ମପରାୟଣ ଖ୍ରୀଷ୍ଟିଆନର ମନରେ ବରାବର ବୃଦ୍ଧି ପାଉଥାଏ ।

ବହୁ ଦ୍ୱନ୍ଦ୍ୱ ଓ ଦ୍ୱିଧା ପରେ ବୁଢ଼ା ପିଲାଟିର ନାଁ ଦେଇଥିଲା ଜର୍ଜ । ଯୀସସ୍ ବୋଲି ନାଁ ଦେବାପାଇଁ ସାହସ କୁଲାଇଲା ନାହିଁ ତାର । କାରଣ ବୁଢ଼ା ଜାଣିଥିଲା ଯେ, ଏ ପୃଥିବୀରେ ଏପର୍ଯ୍ୟନ୍ତ ଅଗଣିତ ହିଂସ୍ରଜନ୍ତୁ ବଞ୍ଚିରହିଛନ୍ତି, ଯେଉଁମାନେ ଆଁ କରି ଟାକି ରହିଛନ୍ତି ଏହି ନିରୀହ ଶିଶୁଟିକୁ, ପୁଣି ଥରେ ଗଛରେ କଣ୍ଟାମାରି ଟାଙ୍ଗିଦେବା ପାଇଁ । ସେଇମାନେ ହିଁ ତାର ବେକ ଚିପି ଫୋପାଡ଼ି ଦେଇଥିଲେ ସେତିକାଳର ନାଳ ଭିତରକୁ; କିନ୍ତୁ ସେମାନେ କୃତକାର୍ଯ୍ୟ ହୋଇପାରିନାହାନ୍ତି । ଯୀଶୁଖ୍ରୀଷ୍ଟ ସେମାନଙ୍କ କବଳରୁ ଖସିଆସିଛନ୍ତି, ଏ ସମ୍ବାଦ ସେମାନଙ୍କୁ ଅଛପା ନାହିଁ । ସେମାନେ ପୁଣି ଅନୁଧାବନ କରୁଛନ୍ତି ତାଙ୍କର ଆହତ ଶିକାରର । ପୃଥିବୀରୁ ସ୍ୱର୍ଗକୁ ସବୁଦ୍ୱାର ରୁନ୍ଧିକରି ସେମାନେ ଗୋଡ଼େଇ ଗୋଡ଼େଇ ଖୋଜି ଖୋଜି ବୁଲୁଛନ୍ତି—କାହିଁଗଲା ସେ ? କାହିଁ ଗଲା ସେ: ସେ ମଡ଼ା ଦେହରୁ ଲୁଚି ବାହାରିଗଲା-ବେଳେ କହିଯାଇଚି ପୁଣି ଥରେ ଫେରିବାପାଇଁ ? ଗୋଡ଼ାଅ ! ଗୋଡ଼ାଅ ତାକୁ ! ଧରିଆଣ ପୃଥିବୀର ସମସ୍ତ ଶିଶୁଙ୍କୁ ! ତାଙ୍କର ଭିତରେ ଯଦି ଲୁଚିରହିଚି ସେ ଯୀଶୁ—ତା' ହେଲେ ମୂଳପୋଛ କରିଦିଅ ସେଗୁଡ଼ାକୁ ।

ତା' ପ୍ରତି ବୁଢ଼ାର ମନକଥା କିଛି ବୁଝେନା ଜର୍ଜ; କିନ୍ତୁ ସେ ଅନୁଭବ କରେ—ସେ ବୁଢ଼ାଟା ତାକୁ ଦେଖିଲେ କାହିଁକି କେଜାଣି ଟିକିଏ ଡରିଯାଏ । ତାର ପ୍ରତ୍ୟେକ କଥାର ଉତ୍ତର ଦେବାପାଇଁ ବୁଢ଼ା ସାମାନ୍ୟ ପଶ୍ଚାତ୍ପଦ ହୁଏ । ସତେ କି ପିଲାଟାର ସେ ପ୍ରଶ୍ନ ଯେ କେବଳ ଏକ ପ୍ରଶ୍ନ ବା ଏକ ଜଟିଳ ପରୀକ୍ଷା—ଏ ବିଷୟରେ ବୁଢ଼ା ନିଶ୍ଚିତ ହୋଇପାରେନା ।

ଏହିଭଳି ଏକ ରହସ୍ୟମୟ ଶୈଶବ ! ବଗିଚାର ଗହଳିଆ ଗଛଲଟାର ସ୍ୱାହାଲି ବ୍ୟତୀତ ପିଲାଦିନେ ପିଲାଙ୍କ ଗହଳି ଲାଗିଥିବା ଆଉ କୌଣସି ସ୍ୱାହାଲୀର ଦୁଆର ମାଡ଼ି ନ ଥାଏ ଜର୍ଜ । ଏପରି କୌଣସି ଗିର୍ଜାଘରକୁ ମଧ୍ୟ ବୁଢ଼ା ନେଇନାହିଁ ତାକୁ, ତାର ସାଙ୍ଗରେ । ବାହାର ଦୁନିଆଠାରୁ ସମସ୍ତ ସମ୍ପର୍କ କାଟି ବୁଢ଼ା ପିଲାଟିକୁ ପାଳୁଥିଲେ ମଧ୍ୟ ପିଲାଟି ପ୍ରତି ତାର

Digitized by srujanika@gmail.com

କେତେକ ଆବଶ୍ୟକୀୟ କର୍ତ୍ତବ୍ୟରେ ଅବହେଳା କରି ନ ଥିଲା; କିନ୍ତୁ ସେ ବୁଢ଼ାର ବ୍ୟକ୍ତିଗତ ଚେଷ୍ଟାଫଳରେ ସାଧାରଣ ଲେଖାପଢ଼ା କିଛି ଜାଣିବାକୁ ସମର୍ଥ ହୋଇଥିଲା ଜର୍ଜ । କିନ୍ତୁ ଏସବୁ ବିଷୟ ସହିତ ଗୋଟିଏ ଦିଗରେ ବୁଢ଼ାଟି ଥିଲା ଖୁବ୍ ସାବଧାନ ମଧ୍ୟ । ତାହା ହେଉଛି ଧର୍ମଶିକ୍ଷା । ଏ ଦିଗରେ ବୁଢ଼ାଟା ଯେ ଏକ ବ୍ୟତିକ୍ରମ ଥିଲା, ତାହା ନୁହେଁ । ଜାଣି ଶୁଣି ଜର୍ଜକୁ ସେ ଯେକୌଣସି ଧର୍ମଚର୍ଚ୍ଚାଠାରୁ ଦୂରେଇ ରଖିଥିଲା । ଏଥିପାଇଁ ସେଇ ଏକ-ଜିଦିଆ ଅଭିମାନୀ ପିଲାଟାର ବଡ଼ ବଡ଼ ଆଉ ଜଳନ୍ତା କଳା ଆଖି ଦୁଇଟା ଭି ପୂରାପୂରି ଦାୟୀ ଥିଲା । ସେଇ ରହସ୍ୟମୟ ଆଖି ଦୁଇଟା, ବିଚରା ସରଳ ବୁଢ଼ାଟିର ହୃଦୁ ବିଶ୍ୱରବୁଦ୍ଧିକୁ ତୁଚ୍ଛକରି କେବଳ ଜଳିବାକୁ ଆରମ୍ଭ କରିଥିଲା । ସେଇ ଆଖି ଦୁଇଟାର ସାମନାସାମନି ହୋଇଗଲେ, ବୁଢ଼ା ଘାବରେଇ ଯାଉଥିଲା । ଏଭଳି ଆଖିକୁ ଯେ ଆହୁରି ଫିଟାଇବାର, ଆହୁରି ଜଳାଇବାର ଆବଶ୍ୟକତା ଥାଇପାରେ, ସେଭଳି ଧୃଷ୍ଟତାଠାରୁ ବୁଢ଼ା ଆପେ ଆପେ ଦୂରେଇଯାଉଥିଲା । ବରଂ ସେଇ ଆଖିକୁ ଚାହିଁଦେଇ ବୁଢ଼ା କୃତକୃତ୍ୟ ହୋଇଉଠୁଥିଲା, ତାର ମୁଣ୍ଡ ନଇଁଯାଉଥିଲା, ତାର ଅନ୍ତରରେ ଅପାର ଆନନ୍ଦ ଓ ଗୌରବ ଅନୁଭବ କରି କେହି ନାଚିବାକୁ ଆରମ୍ଭ କରୁଥିଲା । ବେଳେବେଳେ କଅଣ ଭାବି ବୁଢ଼ାଟା ଆଖିରୁ ଲୁହ ଗଡ଼ାଇ ନତ-ଜାନୁ ହୋଇ ବସୁଥିଲା ମଧ୍ୟ ସେଇ ସୁପ୍ତ ଆଖି ଦୁଇଟାର ଶେଯ ପାଖେ— ଅବଶ୍ୟ ଜର୍ଜର ଅଜାଣତରେ ।

ଘର ପଛଆଡ଼େ, ଛୋଟ ବଗିଚା ଖଣ୍ଡିକରେ, ବୁଢ଼ା ଅନେକ ସମୟରେ କାମରେ ଲାଗିଥାଏ, ଆଉ ଠୁକୁଠୁକୁ ହୋଇ ପିଲାଟା ଗୋଡ଼େଇଥାଏ ତା' ପଛେ ପଛେ, ଏଠୁ ସେଠିକି ଓ ସେଠୁ ଏଠିକି । ଏଇ ହେଉଚି ସେଇ ବଗିଚା—ଯୋଉଠି ଜୀବନ ସବୁଠାରୁ ଅଧିକ ନିଭୃତଭାବେ ବସି ବସି ତାର ଜାଲଟିକୁ ବୁଣିଚାଲିଥାଏ । ଏଇଠି ଜୀବନ କେତେ ଚଞ୍ଚଳ ! କେତେ କର୍ମଠ ! ଅଥଚ ଖାଲି ଆଖିରେ ସେ ଦେଖାଯାଏ କେଡ଼େ ସରଳ ! ଯେତେ ଛୋଟ ଛୋଟ ସୂତାର ସାହାଯ୍ୟ ନେଇ ସୃଷ୍ଟି ହୁଏ ଏଇ ବିରାଟ ଜଟିଳ ସଂସାର, ସେ ସବୁର ଆଧାର ହେଉଛି ଏଇ ବଗିଚାଟି ସତେ ବା ।

ଏଇ ବଗିଚା ! କଅଁଳିଆ, ଗଜୁରି ଆସୁଥିବା ବୃକ୍ଷ, ଅନୁଭୂତ । ସଂଗ୍ରହକ୍ଷମ ଶିଶୁଟିକୁ ଏଠିସେଠି ଲଗାଇ ଲଗାଇ ପ୍ରଜାପତିଟିଏ ଭଳି ଏଠି ମୁକ୍ତଭାବେ ଘୂରି-ବୁଲୁଥିବା ଶିଶୁଟିର ପ୍ରତ୍ୟେକ ଅଧରଭରି ପ୍ରଶ୍ନର ଉତ୍ତର ଦେବାର କ୍ଷମତା ଅଛି ବା କାହାର ? କୋଉ ମାଳୀ-ବୁଢ଼ାର ଏତେ ସମୟ, ଏତେ ଧୈର୍ଯ୍ୟ, ଏତେ ଶକ୍ତି ଆଉ ଜ୍ଞାନର ଗରିମା ରହିଛି— ସେଇ ପ୍ରଶ୍ନର ସଠିକ ଉତ୍ତର ଦେବାପାଇଁ ?

ସେଗୁଡ଼ିକ କ'ଣ କେବଳ ଗୋଟାଏ ଶିଶୁର ପ୍ରଶ୍ନଭଳି ଶୁଭେ ? ସେ ଯେ ସ୍ୱୟଂ ସୃଷ୍ଟିର ପ୍ରଶ୍ନ, ସୃଷ୍ଟିକର୍ତ୍ତାର ପ୍ରଶ୍ନ, ସେ ଯେ ପରମ ଦାର୍ଶନିକର ପ୍ରଶ୍ନ । କିଏ ଦେଇପାରିବ ତାର ଏତେ ପ୍ରଶ୍ନର ଉତ୍ତର !

ଭୟାଳୁ ମଣିଷ-ଶିଶୁର ଏଇ ଅଦ୍ଭୁତ ପ୍ରଶ୍ନରେ ବିବ୍ରତ ହୋଇ ମିଥ୍ୟାର ଆଶ୍ରୟ ନେବା ସ୍ୱାଭାବିକ; କିନ୍ତୁ ଏଇ ରହସ୍ୟମୟ ଶିଶୁଟିକୁ ମିଛ କହି ଭୁଲେଇ ଦେବାର ଶକ୍ତି ବୁଢ଼ା

Digitized by srujanika@gmail.com

ପକ୍ଷରେ ଥିଲା ଅସମ୍ଭବ । ତେଣୁ ଜର୍ଜର ପ୍ରତ୍ୟେକ ଖବର ବୁଝିବା ଓ ବୁଝେଇବା ସଙ୍ଗେ ସଙ୍ଗେ ତାର ଶିଶୁସୁଲଭ ବିଶ୍ୱାସ ପ୍ରତି ବୁଢ଼ାର ଯଥେଷ୍ଟ ସମ୍ମାନ ଥିଲା ମଧ୍ୟ । ଖୁବ୍ କ୍ୱଚିତ୍ ଜର୍ଜର ସ୍ୱାଧୀନତା ଉପରେ ବୁଢ଼ା କରୁଥିଲା ହସ୍ତକ୍ଷେପ; କିନ୍ତୁ ପିଲାଟାର ସ୍ୱାଧୀନତା ବନ୍ଧିଥିଲା କେବଳ ସେଇ ଆବଦ୍ଧ ଘର ଓ ବଗିଚାଟାର କାନ୍ଥଗୁଡ଼ିକ ଭିତରେ । ପଦାକୁ ବାହାରିବାର ଜୋ' ନ ଥିଲା ପିଲାଟିର । କ୍ରମେ ନିରାପତ୍ତା ଦୃଷ୍ଟିରୁ ଏହିପରି ଆବଦ୍ଧ ହୋଇ ରହିବା ଏକପ୍ରକାର ଅଭ୍ୟାସଗତ ହୋଇଯାଇଥିଲା ଜର୍ଜର । ତେଣୁ ପଦାକୁ ଖସି ପଳାଇ ଯାଇ ବୁଢ଼ାକୁ ମନସ୍ତାପରେ ପକାଇବାର ସୁଯୋଗ ବା ଦୁର୍ଯୋଗ ଶେଷ ପର୍ଯ୍ୟନ୍ତ ପଡ଼ି ନ ଥିଲା କପାଳରେ ଜର୍ଜର ।

ସେଇ ଆବଦ୍ଧତା ଭିତରେ, ବୁଢ଼ା ଆଉ ବଗିଚା—ଏଇ ଦୁଇ ରହସ୍ୟମୟ ପୁରୁଷ ଓ ପ୍ରକୃତିର ପ୍ରଭାବରେ 'ଜୀବନ' ଭଳି ଅବୋଧ ଶବ୍ଦର ଯେଉଁ ଅର୍ଥ ଆପେ ଆପେ ପିଲାଟିର ମନକୁ ସ୍ପର୍ଶ କରିଥିଲା, ସେଇଟାଇ ଜୀବନରେ ଅନେକ ବାଟ ଗୋଡ଼ାଇଯାଇଥିଲା ଜର୍ଜକୁ ।

ଟେବୁଲ ଉପରେ ଘଷା, ଆଉଁସା ଏପରିକି ଯୋଉ ଦିନଠୁଁ କଣ୍ଟାଧରି ତାଲା ଫିଟେଇ ଶିଖିବାକୁ ଆରମ୍ଭ କଲା ସେ, ସେ ଦିନଠୁଁ କବିରାଜ ଆଲମାରିରେ ଥିବା ଯାବତୀୟ ପାଣିଆ, କାଠୁଆ, ବାସି ହୋଇଯାଉଥିବା ଦବେଇ, ଔଷଧର ଛୁଆଁଛୁଇଁ ପରେ କିମ୍ବା କବିରାଜ ଦୋକାନ ବାଡ଼ିରେ ଉଠିଥିବା ନାନାପ୍ରକାର ଗଛଲତାର ପତ୍ର, ଛେଲି, ଚେର, ମୂଳ, ଫୁଲ, ଫଳ ଘଷାଘଷି, ଶୁଙ୍ଘାଶୁଙ୍ଘି ପରେ ଯେତେବେଳେ କଣ୍ଢେଇଟା ଜୀବନ ପାଇ ଉଠେନାହିଁ, ସେତେବେଳେ ପୁଣି ଜର୍ଜର ମନେପଡ଼େ ସେଇ ପିଲାଦିନର ବଗିଚା ଭିତରର ସେଇ ଅଦ୍ଭୁତ ଘଟଣାଗୁଡ଼ାକର କଥା ।

ସେଦିନ ଜର୍ଜ ତାର ଶ୍ରେଷ୍ଠ ପଟାଳିଟାର ଗୋଟାଏ କଣରେ ବହୁଦିନ ହେବ ଜମା ହୋଇଥିବା ଗୋଟାଏ ଖଡଗଦାକୁ ଉଖାରୁଥାଏ, କେଜାଣି କାହିଁକି ଅନ୍ୟମନସ୍କ ଭାବେ । ଉଖାରୁ ଉଖାରୁ ଦୈବାତ୍ ଦାଆ ଅଗରେ ଗୋଟାଏ ବଡ଼ ମୁଣ୍ଡାଖଡ ଉଠିଗଲା । ଖଡ-ମୁଣ୍ଡାଟାକୁ ହାତରେ ଧରି ପିଲାଟା ସେଇ ଖଡର ଉଷୁମକୁ ତାର ଟିକି ଟିକି ହାତର ନରମ ପାପୁଲି ଭିତରେ ଅନୁଭବ କରି ବେଶ୍ ଆମୋଦିତ ହେଉଥାଏ । ଠିକ୍ ଏହି ସମୟରେ ତାର ଆଖି ପଡ଼ିଗଲା କଅଣ ଗୋଟାଏ ଗୋଲିଆ ଜିନିଷ ଉପରେ । ସେଇ ଜିନିଷଟିକୁ ଖଡ ଭିତରୁ ବାହାର କରି ହାତ ଉପରକୁ ଆଣି ତାକୁ ଏକଡ଼ ସେକଡ଼ ବୁଲେଇବାଲେଇ ନିଜର କୌତୂହଳ ମେଣ୍ଟାଉଥିଲା—ପିଲାଟା ସେଇ ଗୋଲ ଜିନିଷଟିକୁ ହାତ ଉପରେ ଅନୁଭବ କରୁ କରୁ ସେ ଭାବୁଥିଲା ବୋଧହୁଏ କିଛି ଗୋଟାଏ ଗଛର ମଞ୍ଜି ହେବ କି କଅଣ ସେଇଟା । ତା' ପରେ କିଛି ସମୟ ସେଇଭଳି ଅନ୍ୟମନସ୍କଭାବେ ସେଇ ଜିନିଷଟିକୁ ହାତରେ ଓଲଟପାଲଟ କରୁ କରୁ ହଠାତ୍ ଏକ ଅଦ୍ଭୁତ ଜିନିଷର ସ୍ପର୍ଶ ପାଇଲା ପରି ଚମକିପଡ଼ିଲା ସେ ।

ଆଶ୍ଚର୍ଯ୍ୟ ହୋଇ ପିଲାଟା ଯେତେବେଳେ ଆଉ ଥରେ ତାର ହାତପାପୁଲିକୁ ଚାହିଁଦେଲା, ସେତେବେଳେ ସେ ବୁଝିପାରିଲା ନାହିଁ ତାର ଟିକି ଟିକି ପାପୁଲି ଉପରେ କି କୁହୁକ ଖେଳ

Digitized by srujanika@gmail.com

ଲାଗିଥିଲା ସେଇ ମୁହୂର୍ତ୍ତରେ । ଟିକିକ ଆଗରୁ ଯୋଉଠି ସେଇ ଶୁଖିଲା, ଗୋଲିଆ ମଞ୍ଜିଟି ଲୋଟୁଥିଲା, ସେଠି ଆଉ ସେ ନ ଥିଲା । ହୁଏ ତ ସେଇ ନେଳିଆ, ହଳଦିଆ, ନାଲିଆ ଜିନିଷଟା, ସେଇ ମଞ୍ଜି ଭିତରୁ ବାହାରିପଡ଼ିଥିଲା: କିନ୍ତୁ ସେ ସେଠିକି ଆସିଲା କିପରି ?

ଏହି ପ୍ରଶ୍ନର କିଛି ସମାଧାନ କରି ନ ପାରି ପିଲାଟି ଅଦ୍ଭୁତ ଆଶ୍ଚର୍ଯ୍ୟ ହେଲା ଓ ମନକୁ ମନ ପଚାରିଲା—ଏ କଅଣ ଗୋଟାଏ ମଞ୍ଜି ହୋଇପାରେ ? ଏ ଯଦି ମଞ୍ଜି ହୁଏ, ତା'ହେଲେ ସ୍ତା ଭିତରକୁ ଏଇ ପାଣିଚିଆ ରଙ୍ଗିନ୍ ଜିନିଷଟା ଆସିଲା କୁଆଡ଼ୁ ? କୋଉ ଗଛର ମଞ୍ଜି ଏମିତି ହୋଇପାରେ ? ସେ ମନେ ପକେଇଲା—ବଗିଚାରେ ଥିବା ପ୍ରତ୍ୟେକ ଗଛଲଟାର କଥା; କିନ୍ତୁ ନା—କୌଣସି ସମାଧାନ ତାର ଛୋଟ ମନ ଭିତରେ ପଶି ପାରିଲାନାହିଁ ।

ହାତ ପାପୁଲି ଉପରର ସେଇ ଜିନିଷଟାକୁ ଜର୍ଜ ଆହୁରି ନଠେଇକରି ଚାହିଁଲା । ସେ ଯେତିକି ଯେତିକି ଚାହିଁଲା, ତାର ତୀକ୍ଷ୍ଣ ଜ୍ଞାନପିପାସୁ ଆଖି ଦୁଇଟି ସେତିକି ସେତିକି କଥା ଆବିଷ୍କାର କରି ଚଉଡ଼େଇ ହୋଇଯିବାକୁ ଲାଗିଲା । ସେ ଆବିଷ୍କାର କଲା ଯେ ଗୋଟାଏ ସୂତାଭଳି ସରୁ ଜିନିଷ ସେଇ ଲାଲ ଭିତରେ ଖସୁଥିଲା । ଜର୍ଜ ଆହୁରି ଟିକିନିଖି କରି ଦେଖିବସିଲା ଓ ହଠାତ୍ ତାର ଆଖି ଆବିଷ୍କାର କଲା, ସେଇ ସରୁ ସୂତାର ଗୋଟିଏ ମୁଣ୍ଡରେ ଥିବା ଦୁଇଟି ଛୋଟ ସ୍ପଷ୍ଟ କଳାବିନ୍ଦୁକୁ ।

ଘରଆଡ଼କୁ ଚାହିଁ ପିଲାଟା ଦେଖିଲା କେହି କୁଆଡ଼େ ନାହାନ୍ତି । ଘରଆଡ଼େ ଅଦ୍ଭୁତ ଭାବେ ନିସ୍ତବ୍ଧ । ତାର ବାବା ବୋଧହୁଏ ଘରେ ନ ଥିଲେ । ହଠାତ୍ କାହିଁକି କେଜାଣି ପିଲାଟା ଖୁବ୍ ଜୋର୍ ଚମକିପଡ଼ିଲା । ହାତ ଉପରୁ ସେହି ଲାଲିଆ ଜିନିଷଟିକୁ ପ୍ରାଣ-ବିକଳରେ ଫୋପାଡ଼ି ଦେଇ ସେ ତା ହାତକୁ ରଗଡ଼ି ରଗଡ଼ି ପୋଛିପକାଇ ଉଠିପଡ଼ି ଘର ଭିତରକୁ ଧାଇଁଗଲା । ଭୟରେ ତାର ଛାତି ଦମ୍‌ଦମ୍ ପଡ଼ୁଥିଲା, ଆଉ ଉଠୁଥିଲା ।

ଖତଗଦାର କମିଆ ସେଦିନ ଜର୍ଜକୁ ମହା ଚିନ୍ତା ଓ ବିସ୍ମୟରେ ପକାଇଦେଇଥିଲା । ଏହିପରି ଅନେକ ଅନେକ ଘଟଣା—ଅନେକ ଚମକେଇ ଦେଲାଭଳି କଥା—ଅନେକ ଶିଶୁସୁଲଭ ଆବିଷ୍କାର—ଉଦ୍ଭଟ କଳ୍ପନା—ସହସ୍ର ବିସ୍ମୟ ଆଉ ଅସଂଖ୍ୟ ଥର ପାଇଁ ଜୀବନର ନାନାରୂପ, ଗନ୍ଧ, ସ୍ପର୍ଶ, ସ୍ୱାଦର ଅନୁଭୂତି ଆଉ ପ୍ରତ୍ୟେକଟି ପାଇଁ ଗୋଟିଏ ଗୋଟିଏ ଶିଶୁସୁଲଭ ସ୍ୱତନ୍ତ୍ର ଯୁକ୍ତି ମଧ୍ୟ । କେବଳ ଯୁକ୍ତି ନୁହେଁ—ଶୈଶବର ଅସଂଖ୍ୟ ଦର୍ଶନ ।—ବହୁ ଦୂରବାଟ ମଣିଷର ଅଗୋଚରରେ ତାକୁ ଗୋଡ଼ାଇଯିବା ଭଳି ଦର୍ଶନ ମଧ୍ୟ ।

ଖତଗଦାର କମିଆ ଅନେକ ଦିନ ପର୍ଯ୍ୟନ୍ତ ପ୍ରକାଶ୍ୟରେ ଗୋଡ଼େଇଥିଲା ଜର୍ଜକୁ । ଅନେକ ଦିନ ପର୍ଯ୍ୟନ୍ତ ଜର୍ଜ ଚିନ୍ତାକରୁଥିଲା ସେଇ ହାତଛୁଆଁରେ ତରଳିଯାଉଥିବା ମଞ୍ଜିଟା ସେଇ ଶୁଖିଲା ଖତଗଦା ଭିତରକୁ ଆସିଥିଲା କିପରି ? ହାତଛୁଆଁରେ କେବଳ ତରଳିଯାଇ ନ ଥିଲା ତ ସେଇଟି, ତା' ଭିତରୁ ଲହ ଲହ ହୋଇ ଉଠିବାକୁ ଚେଷ୍ଟା କରୁଥିଲା ମଧ୍ୟ କି ଏକପ୍ରକାର ଅଦ୍ଭୁତ ଗଛ କିମ୍ବା ଲଟା । କେବଳ ଗଛ ଲଟା ନୁହେଁ, ଛୋଟ ଛୋଟ କଳା କଳା ଆଖି ଥିବାଭଳି ଗଛ କିମ୍ବା ଲଟା ମଧ୍ୟ ।

Digitized by srujanika@gmail.com

ତା'ର ମନେ ଅଛି, ସେଦିନ ସେ କେମିତି ଚମକିଥିଲା । କେମିତି ସେଇ ଆଖିଥିବା ଗଛକଥା ଶୁଣିଲା ପରେ ସାରା ଉଦ୍ଭିଦଜଗତ ପ୍ରତି ତା'ର ଧାରଣା ବଦଳି ଯାଇଥିଲା । କେମିତି ସେ ଚିନ୍ତା କରୁଥିଲା ସେହିଭଳି ଗୋଟାଏ ଅଦ୍ଭୁତ ଗଛର ସ୍ୱରୂପ ବିଷୟରେ, ଯାହାର ଶାଖା-ପ୍ରଶାଖାରେ କେବଳ ଡାଳ, ପତ୍ର, ଫୁଲ, ଫଳ ପାଇଁ ଜାଗା ନ ଥିଲା, ଜାଗା ଥିଲା ମଧ୍ୟ ହଳ ହଳ, କଳା କଳା, ମିଟିମିଟି ହେଉଥିବା ଆଖି, ଆଉ ଆଖିଡୋଳା ପାଇଁ । ଗଛର ଆଖିଗୁଡ଼ାକର ଚିନ୍ତା କେବଳ ତାକୁ ବିବ୍ରତ କରୁନଥିଲା ସେତେବେଳେ, ଅଧିକ ବିବ୍ରତ କରୁଥିଲା ସେଇ ଗଛର ଅବଶ୍ୟମ୍ଭାବୀ ଅଦ୍ଭୁତ ଫଳଗୁଡ଼ିକ ମଧ୍ୟ ।

ଜର୍ଜର ପିଲାଦିନ ସେତେବେଳେ ଶିହରି ଉଠିଥିଲା ସେହି ଫଳଗୁଡ଼ିକର କଥା ଚିନ୍ତା କରୁଥିଲାବେଳେ । ସେହି ଫଳର ମଞ୍ଜିଗୁଡ଼ିକ ।—ଜର୍ଜ ଗୁନିଆ ହେଉଥିଲା । ଭାବିଲା, ହୁଏତ ସେଇ ଫଳର ମଞ୍ଜି ସାଧାରଣ ଗଛର ମଞ୍ଜିପରି ଟାଣ, କଦା ଆଉ ଶୁଖିଲା ନହୋଇ ହେବ ଖଟଗଦାର ସେଇ ଅଦ୍ଭୁତ ମଞ୍ଜିଭଳି ନରମ, ଉଷୁମ ଆଉ ଶୀଘ୍ର ତରଳିଯାଉଥିବା ଗୋଟାଏ ଜାଉର ମଞ୍ଜି—ଯାହା ହୁଏତ ମାଟି, ପାଣି ଆଉ ପବନ ପାଇ ଶୀଘ୍ର ବଢ଼ିଉଠି ପାଲଟିଯିବ ଗୋଟାଏ ଭୟଙ୍କର ରୂପଧାରୀ ମଣିଷ ଆଉ ଗଛର ମିଶାମିଶି ଏକ ଅଦ୍ଭୁତ ଜୀବରେ ।

ସେଦିନ ସାରା ବଗିଚାର ସେଇ ଅସଂଖ୍ୟ ଶ୍ରେଣୀର ବଡ଼ ଗଛ, ଲଟା, ଘାସପତ୍ରକୁ ଚାହିଁ ଜର୍ଜ ଥରୁଥିଲା । ତାର ଭୟ ହେଉଥିଲା ସତେ ଯେମିତି ସେଇ ମଉନମୁହାଁ ଗଛଗୁଡ଼ାକ କାହାକୁ ଯେପରି ଛକି ବସିଛନ୍ତି ନିଜ ନିଜ ଜାଗାରେ ଏବଂ କେଉଁ ମୁହୂର୍ତ୍ତରେ ଟିକିଏ ସୁବିଧା ପାଇଲେ ହୁଏତ ସେମାନେ ମାଟିରୁ ଉଠିପଡ଼ି ହଠାତ୍ ଘରଆଡ଼କୁ ଖେଦିଯିବେ ।

ମଣିଷ-ଗଛଗୁଡ଼ିକର ଦଉଡ଼ାଦଉଡ଼ି ଚିତ୍ର ସହିତ ସେତେବେଳେ ସେ ମିଳେଇ ଦେଖିଥିଲା, ତାର ବାବାଠୁଁ ଥରେ ଶୁଣିଥିବା ସେଇ ଗପଟାର କଥାଗୁଡ଼ାକୁ । ପୃଥିବୀର ସେଇ ପ୍ରଥମ ମଣିଷ ଦୁଇଟା । ସେମାନଙ୍କୁ—କିଏ ଗଢ଼ିଥିଲା ? ସେମାନେ ଆସିଲେ କୋଉଠୁଁ ? ସେମାନେ କ'ଣ ସେଇ ସୁନ୍ଦର ବଗିଚାର ଏମିତି ଦୁଇଟା ସାଧାରଣ ଗଛ-ଥିଲେ, ଯୋଉ ଦୁଇଟା ହଠାତ୍ ଦିନେ ମଣିଷ-ଗଛରେ ପରିଣତ ହୋଇଗଲେ, ଆଉ ସେଇ ମଣିଷଗଛରୁ ଧୀରେ ଧୀରେ ମଣିଷ ହୋଇଥିଲେ ସେମାନେ ? ଆଉ, ଦିନେ ଦେଖିଲାବେଳକୁ ସେ ଦୁହିଁକା ଦିହେଁ ଦଉଡ଼ାଦଉଡ଼ି ମଧ୍ୟ ଆରମ୍ଭ କରିଦେଇଥିଲେ ?

ପିଲାଟାର ଏଇ ସମସ୍ତ ପ୍ରଶ୍ନ ସେଦିନ ପ୍ରଶ୍ନରେ ଇ ରହିଯାଇଥିଲା । ଯେତେ ଖୋଳାତାଡ଼ି ସେ ବିଷୟରେ ଯାହା କିଛି ପଚାରିଲେ ମଧ୍ୟ ବୁଢ଼ା ଉଁ କି ଚୁଁ ହେଇ ନ ଥିଲା ସେଦିନ । କେଜାଣି କଅଣ ଭାବୁଥିଲା ସେ ସେତେବେଳେ କିମ୍ବା ଆଦୌ କିଛି ଭାବିବାର ଶକ୍ତି ଇ ନ ଥିଲା ସେଇ ବୁଢ଼ାର ।—ଜର୍ଜ ଆଶ୍ଚର୍ଯ୍ୟ ହୁଏ । ଆଜି ମଧ୍ୟ ସେଇ ସମସ୍ତ ପ୍ରଶ୍ନ ନାନାରୂପ ଧରି ପହଞ୍ଚିଛନ୍ତି ଜର୍ଜର ମୁଣ୍ଡରେ ।

ପିଲାଦିନର ସେଇ ସ୍ମୃତି ସାଙ୍ଗେ ଜର୍ଜ ନଜିର ମିଆଁର କଥାଗୁଡ଼ିକୁ ବି ଯୋଡ଼ି ବସେ । ଖୋଦା କେମିତି ତିଆରିକଲେ ଏଇ ପୃଥିବୀକୁ । ସେ ଦେଖେ—ନଜିର ମିଆଁର ଯୁକ୍ତି ମଧ୍ୟ

Digitized by srujanika@gmail.com

ସମାନ ଥିଲା ତାର ନିଜର ଯୁକ୍ତିସଙ୍ଗତ । ନଜର ମିଆଁ ବି ତ ସେଇଆ କହେ । ସେ କି କହେ, ସେତେବେଳେ ସେଇ ଝକମକ ହୋଇ ଫୁଟୁଥିବା ଜଳନ୍ତା ପୃଥିବୀକୁ ସୂର୍ଯ୍ୟତ୍ତାପରୁ କେମିତି ଖୋଦା ବଞ୍ଚେଇ ଦେଇଥିଲେ, ସେଦିନ କେମିତି ମେଘକୁ ତାଙ୍କ ଖୋଦା ବର୍ଷିବାକୁ ଆଦେଶ ଦେଇଥିଲେ । କେମିତି ମୂଷଳଧାରରେ ମେଘ ବର୍ଷିଲା; ଧୂଳି, ବାଲି, ପାଣି ପବନରେ ଆକାଶ ଭରି ହୋଇଯାଇ ଅନ୍ଧାର ଘୋଟିଗଲା; ଅନ୍ଧାରର ପରେ ପରେ କେମିତି ଉଠିଲା ସେଇ ଅଣ୍ଡା ପୃଥିବୀ ସୀମାର ସେଇ ପ୍ରଥମ ଲାଲଟହଟହ ସୂର୍ଯ୍ୟ । ବରଫ ମିଳେଇଗଲା —ନଈ, ନାଳ, ସମୁଦ୍ର, ହ୍ରଦରେ ପୃଥିବୀର ରୂପ ବଦଳିଗଲା, ଆଉ ସେଇ ନୂଆ ରୂପକୁ ଆହୁରି ସତେଜ କରିଦେବାପାଇଁ ତା'ର ଭିତରୁ ଟହଲି ଟହଲି ଗଜୁରିଉଠିଲା ପୃଥିବୀର ପ୍ରଥମ ଦୁଇଟି ପତ୍ର । —ଡହଡ଼ହ ଫୁଟନ୍ତା ମରୁଭୂମି ଆଉ ସେଠି ନ ଥିଲା ।

"ଆଃ !" ଜର୍ଜର ଦେହ ପୁଲକିଉଠେ ।

"ନଜର ମିଆଁର କଥା ଯଦି ସତ ହୁଏ…" ଜର୍ଜ ଜଣେ ଚିନ୍ତାଶୀଳ ବ୍ୟକ୍ତିଭଳି ଗୁରୁତ୍ୱ-ପୂର୍ଣ୍ଣ ଭାବେ ଚିନ୍ତାକରେ, "ତା ହେଲେ ସେଇ ପ୍ରଥମ ମଣିଷ ଦିଇଟା ନିଶ୍ଚୟ ପ୍ରଥମେ ଦୁଇଟି ଗଛ ମାଡ଼ିଇ ଥିଲେ । ସେଇ ଗଛଗୁଡ଼ିଇ ମଣିଷ ହେଲେ ନିଶ୍ଚୟ ସେମାନେ !" କବିରାଜ ଦୋକାନର ସେଇ ଅନ୍ଧାରୁଆ କଣରେ ଲୁଚିଲୁଚି ଗବେଷଣା କରୁଥିବା ଝୋକାଟାର ଯୁକ୍ତିର ଧାର ସେଇଠି ଅଟକିଯାଇ ଚୂର୍ଣ୍ଣି ପଡ଼େନା । ସେ ଯୁକ୍ତି କରିଚାଲେ । ସତେ ବା ତାର ସେତେବେଳକାର ଯୁକ୍ତିର ବଳିଇ ଥିଲା ତାର କଙ୍କାଳର ଜୀବନ-ବଳ ! ସତେ ବା ଯୁକ୍ତି କରି କରି ସେ ତାର କଙ୍କାଳ ଭିତରର ନିଦ୍ରିତ ଶକ୍ତିକୁ ଚମୁଟି ଚିଆଁଇ ଦେଇ ପାରିବ !

ସେ ଯୁକ୍ତି କରିଚାଲେ । କୋଉ ଅଶିହା କାଳର ମସିଆ ଘଟଣାରୁ, କୋଉ ପିଲାଦିନର କେତେ ଦରପାଶୋରା ଘଟଣାରୁ, ସେଇ ଦାଢ଼ିଆ ବୁଢ଼ାର ମନଖୁସି ବୋଲର କେତେ ମଜାଗପରୁ, ନଜର୍ ମିଆଁର କେତେ ଗୁଲିଖଟି ଗପରୁ, କାଠ କ୍ୟାବିନ୍ ବୁଢ଼ୀର କଟାସମ୍ପା ଭିତରୁ, କବିରାଜ ବୁଢ଼ାର ଅମରତତ୍ତ୍ୱରୁ, ଆଉ ସବା ଶେଷରେ ଏଇ କେତେଟା ବାଘ-ମଣିଷ, ମାଙ୍କଡ଼-ମଣିଷ, ପୋକ-ମଣିଷ, ଘୁଷୁରି-ମଣିଷମାନଙ୍କର ଅଦ୍ଭୁତ ଗଳ୍ପ, ଅଦ୍ଭୁତ ରବ, ଅଦ୍ଭୁତ ଚିତ୍କାର, ଭାଷା, ଭାବର ଅସରନ୍ତି ସମୁଦ୍ର ଭିତରେ ଏତେଦିନ ପହଁରିବା, ଘିଂଘିବୁଡ଼ା ମାରିବା, ଢେଉର ଧକ୍କାଖାଇ ଉବେଇ ଟୁବେଇ ହୋଇ ଢୋକ ଢୋକ ପାଣି ପିଇଯିବାର ଅଭିଜ୍ଞତା ଭିତରୁ ନିଜର ଯୁକ୍ତି ପାଇଁ ଖୋରାକ କିଛି ବେଶି ଉଠେଇ ନଉଥିଲା ସେ ନିଜର ଏକାନ୍ତ ନିଭୃତ ଆଉ ନୀରବ ସମୟର ଯୁକ୍ତିପ୍ରବଣ ମନଟା ପାଇଁ ।

ପୁଣି ଓଲଟି ଓଲଟି ସେ ପ୍ରଶ୍ନକରେ । ବହୁ ଓଲଟପାଲଟ କରି ସେ ତାର କଙ୍କାଳଟିକୁ ଦେଖେ, ପରୀକ୍ଷା କରେ, ଅନୁଭବ କରେ । କିନ୍ତୁ କାହିଁକି କେଜାଣି ସେମିତି ନିଶ୍ଚଳ ହୋଇ ଆଉ ଛଟାଗାଳି ପଡ଼ିରହେ ସେଇ କଙ୍କାଳଟା ! ଜୀବନ ପାଇ ଉଠେନାହିଁ ସେ ।

ଜର୍ଜ କ୍ଲାନ୍ତ ହୋଇପଡ଼େ । କବିରାଜର ଗ୍ରୁଡ଼ଦେଖା ଯନ୍ତ୍ର ଆଉ ଦେହରେ ତାପ ମାପିବା ଯନ୍ତ୍ରକୁ ସେ ଯଥାସ୍ଥାନରେ ନେଇ ଥୋଇଦିଏ । କଙ୍କାଳଟିକୁ କୋଳକୁ ଆଣି ସେ ତାକୁ ନିରେଖିକରି ଅନେକ ସମୟ ଦେଖେ । ତାର ଧୈର୍ଯ୍ୟ ଭାଙ୍ଗିପଡ଼େ; କିନ୍ତୁ ସେ ନିରାଶ ହୁଏ

Digitized by srujanika@gmail.com

ନାହିଁ କିମ୍ବା ତାର ସେଇ ଅଦ୍ଭୁତ ଗବେଷଣାରୁ ବିରତ ହୁଏନାହିଁ । ପରଦିନ ପାଇଁ ଗବେଷଣାକୁ ବାକିରଖି ସେ ଉଠେ ।

ହଠାତ୍ ବାହାରେ ଦୁଆରବନ୍ଧ ପାଖରେ କାହାର ପାଦଶବ୍ଦ ଶୁଣି ସେ ଚମକିପଡ଼େ । ଗୋଟାଏ ମୁହୂର୍ତ୍ତ ଭିତରେ ମନରୁ ଓ ଦେହରୁ ସେଇ ଅଦ୍ଭୁତ ଚିନ୍ତାଗୁଡ଼ାକୁ ଝାଡ଼ି-ଝୁଡ଼ି ଦେଇ ସେ ଉଠି ଠିଆହୋଇପଡ଼େ ଓ କିଳିକିଳି ହୋଇ ଦୁଆରମୁହଁ ଆଡ଼କୁ ଚାହେଁ ।

କବିରାଜ ଦୋକାନର ସବୁ ଜିନିଷଗୁଡ଼ିକ ଉପରେ ଆଉ ଥରେ ଆଖି ପକେଇ ନେଇ ସେ ଆଖି ମଳିମଳି କବାଟ ପାଖକୁ ଆସେ ଓ କବାଟ ଫିଟେଇ ବାହାରର ଆଲୁଅକୁ ମିଂଜି ମିଂଜି ଆଖିରେ ଚାହେଁ ।

"କିବେ ଶଳା, ଶୋଇଥିଲୁଟି ? ଯାହା କହିଥିଲି କରିଛୁ ନା ନାହିଁ ବେ ?" ଦୁଆର-ବନ୍ଧକୁ ଘେରି ବୁଢ଼ା କବିରାଜ ଗୋଡ଼ ଫରକଟା କରି ହୁଙ୍କି ଠିଆହୋଇରହିଥାଏ ।

ନଚେତ୍, ଓଦା ଝାଳୁଆ ମୁହଁକୁ କାନି କଣରେ ପୋଛିପୋଛି, ପାନ ଟିଲେ କାଲି-ପାଟିରେ ଚୂକୁଲେଇ ଚୂକୁଲେଇ ଆସି ଠିଆହୋଇଥାଏ ଖୋଦ୍ ବୁଢ଼ୀ ।

"କଅଣ ଡାକତରବାବୁଙ୍କର କାମ ସରିଲା ଏତେବେଳେକେ ନା ଆହୁରି ଅଛି ମ ! ହଉ, ହଉ, ଦେଖିବ ଥାଉ ଆମର, କେଣି ଡାକତରୀ ପଢ଼ି ବାପ୍ପା ହଅନା ବାପ ! ଚାଆଲେ—ଗେଙ୍ଗା ମାରିଦେଇ ଫେଣି ବାହାରିପଡ଼ିବୁ—ମେତେ ସମିତେ ଚାକିରିକରି ପାଇଲଣି କିରେ ?"

ବୁଢ଼ୀ ମୁହଁକୁ ସିଧାସଳଖ ନ ଚାହିଁ ଜର୍ଜ ଡିଆଁଟାଏ ମାରେ । ଏକା ଡିଆଁକେ ରାସ୍ତା ପାର ହୋଇ ସେ କ୍ୟାବିନ୍ ଭିତରକୁ ପଶିଯାଏ ଓ ଆଖି ପିଛୁଡ଼ାକ ଭିତରେ ଭିତର ଘରକୁ ପଶିଯାଇ ସେଇ ଅନ୍ଧାରିଆ କାଛଥାକରେ କଙ୍କେଇଟିକୁ ଚୁପ୍‌କିନି ରଖିଦେଇ ଆସି ବାହାରେ ହାଜର୍ ହୁଏ ।

ଜୀବନର ଚକ ଆଉ ଟିକିଏ ଝୁଙ୍କିପଡ଼େ ସେଇ କାଦୁଅ ଗୋହିରି ରାସ୍ତାରେ !

ଦିନ ଚାଲିଯାଏ । ନଙ୍ଗର ମିଆଁ ର ମଲ୍ ବାସିଦିନ ସବୁ ଏପାଖ ସେପାଖ ହୋଇଗଲା ଜର୍ଜର ଏଇ କାଠକ୍ୟାବିନ୍ ରହଣି ଜୀବନରେ । ଦିନୋଟି ବର୍ଷ ପରେ ପୁଣି ଆସିଗଲା ସେଇ ରାତି ! ଘାଉଁକିନା ସତେ ବା ଘଣ୍ଟାର କଣ୍ଟା ଦଉଡ଼ା ବୁଲିଯାଇ ପୁଣି ରହିଗଲେ ସେଇଠି—ଯୋଉଠୁ ସେମାନେ ବାହାରିଥିଲେ ତିନିବର୍ଷ ତଳେ ।

ସେ ଗୋଟାଏ ଭୟଙ୍କର ରାତି । ବୀର, କାମାସ୍ତା ହେଉଛନ୍ତି ନଙ୍ଗରର ମଲ୍‌ଦେହକୁ ନେଇ ପୋତିଦେଇ ଆସିଲେ କୋଉଠି ଠାଏ; ଆଉ ସେଥୁ ତାକୁ ପର୍ଯ୍ୟନ୍ତ ପିଇଦେଇ ଝୁଲେଇ-ଝୁଲେଇକା ଦିହେଁ ପଶିଲେ ଦୋକାନରେ । ତା ପରେ ମନଇଚ୍ଛା ଗୁଡ଼ାଏ ଗୁଡ଼ାଏ ଖାଇ ପିଇ, ବକାବକି ହଟ୍ଟଗୋଳ କରିସାରି ମଲ୍ଲଭଲି ପଡ଼ିଯାଇ ରାତିସାରା ଗଁ-ଗଁ ହେଉଥିଲେ ଦଇଟାଯାକ । ସେ ରାତିରେ ଜର୍ଜର ଆଖି କଷାପଡ଼ିନାହିଁ ।

Digitized by srujanika@gmail.com

ସେଇ ଡରର ରାତଟା— ଦିନ ଦିନ ଲଗାଏତ ଭୟଙ୍କର ଝଡ଼ବର୍ଷା ପିଟିପିଟି ରାତଟାର ଡେଣାଟାକୁ ଝାଡ଼ିଦେଇ ପଳାଇଯାଇଥାଏ । ଗଛପତରୁ ଟପ୍‌ଟପ ହେଇ ତଥାପି ପାଣି ଗଳୁଥାଏ । ରାସ୍ତା ଉପରକୁ ନର୍ଦ୍ଦମାପାଣି ଉଠିଆସି ଠିଆ ହେଇ ରହିଥାଏ କ୍ୟାବିନ୍ ତଳେ ତଳେ । କିନ୍ତୁ ଏଇ ପାଣିକୁ ଦେଖି ଖୁସିହେବା ପାଇଁ ଖୋଦାଙ୍କର ଓଟଟି ଆଉ ନ ଥାଏ ।

ସନ୍ଧ୍ୟାବେଳୁ ସେ ଘରେ ଏକଜ୍ଞ ସେକଡ଼ ହଉଥିବା ଗୋଟିଏ ଆଟିଉଆଁ ବେଙ୍ଗ ବାରବାର ତାଆର ଆଖିକୁ ଲକ୍ଷ୍ୟକରି ଡେଇଁବାକୁ ଚେଷ୍ଟାକରୁଚି ଜାଣିପାରି ଜର୍ଜ ସେଇଟାଠୁଁ ସାବଧାନ ହେବାପାଇଁ ମୁହଁ ଘୋଡ଼େଇ ହେଇ ଶୋଇଲା ।

ଜର୍ଜ ଆଖିକୁ ନିଦ ଆସିଲାନାହିଁ । ବୀର ଯାହା ସବୁ କହିଥିଲା—ମାତାଲ ହେଇଥିଲେ ବି ହୋସ୍ ରଖି କିଛି କିଛି କଥା କହେ ସେ; କିନ୍ତୁ କାମାସ୍ବାଟା ବିଲ୍‌କୁଲ୍ କିଛି କହିପାରେନା; ସେ ଖାଲି ଟଳେ, ଆଉ ଯାହା କହିଆସୁଥାଏ ସେତକକୁ ଗଁ-ଗଁ ହେଇ ତଣ୍ଟିଭିତରେ ରଖିଦିଏ । ସେଇ ସବୁ କଥାଗୁଡ଼ାକ ମନେପଡ଼ିବା ସାଙ୍ଗେ ସାଙ୍ଗେ ଜର୍ଜ ମଧ୍ୟ ନିଜ ଆଖିରେ ଦେଖିପାରୁଥିଲା ସେଇସବୁ ଦୃଶ୍ୟକୁ । ସତେକି ସେଇ ଭୟଙ୍କର, ବୀଭତ୍ସ ଘଟଣା-ଗୁଡ଼ାକ ଆଉ ଥରେ ଘଟୁଥିଲା ତା ଆଖି ଆଗରେ—ତା ନିଜ ଦେଖିବା ପାଇଁ !

ବାହାରେ ଭୀଷଣ ବେଙ୍ଗରଡ଼ି । ଭିତରେ କାମାସ୍ବା ଆଉ ବୀରଙ୍କର ରଡ଼ି । ତା' ଭିତରେ ସେ ଖୋଜୁଥିଲା ହୁଏତ ଆଉ କିଛି ଗୋଟାଏ ରଡ଼ି ଶୁଣିବା ପାଇଁ । କିନ୍ତୁ ନା– ଆଉ କିଛି ଶୁଭୁ ନ ଥିଲା ସେଇ କାଳରାତିରେ । ହୁଏତ ସବୁକିଛି ଶବ୍ଦକୁ ଚିପି, ଡୁବାଇ ଦେଇ ନିଦରେ ଶୋଇପଡ଼ିବାକୁ ଚେଷ୍ଟାକରୁଥିଲା ସେ । ଏପରି କି ଗୋଟାଏ କାଚର ପାଣିଚଆ ଟିଂ ଶବ୍ଦ ବି ଶୁଣାଯାଉ ନ ଥିଲା କୋଉଠି । ରାତିର ଏକାଟିଆ ନିଶାଗର୍ଜନ ଭିତରେ ସବୁ ଶବ୍ଦ ମିଳେଇଯାଇଥିଲା । ବୃଦ୍ଧୀଟା ମଲାଣି କି ବଞ୍ଚିଚି ଜର୍ଜ ଜାଣିପାରୁ ନଥିଲା ।

ସନ୍ଧ୍ୟାବେଳେ, ଯେତେବେଳେ ବୀର ସାମଲ ଓଦା ସରସର ହୋଇ ଧପାଳ ଧପାଳ ଆସି ଧଇଁସଇଁ ହେଇ ଖବରଟା ଦେଲା ଯେ ନଜର ମିଆଁ ଉପରେ ମଟର ଚଢ଼ିଗଲା, ଆଉ ଏମିତି ଜୋର୍‌ରେ ଚଢ଼ିଯାଇଚି ଯେ ତାର ପାଚିଲା ବେଲ ଭଳି ମୁଣ୍ଡଟା ଛତୁ ହେଇଯାଇଚି, ଦହିଗୁଡ଼ାକ ରାସ୍ତାରେ ଏଣେତେଣେ ଛିଟିକି ପଡ଼ିଚି, ଲମ୍ବ ଯାଇଚି ଡାକତର ମାଇନା ପେଇଁ—ସେତେବେଳେ, ଜର୍ଜର ମନେଅଛି, କେମିତି ହେଇ ଖବରଟା ଶୁଣିଲା-ମାତ୍ରେ ତାର ଗୁଡ଼ିଭିତରର ଦୁକୁଦୁକିଟା ଫଡ଼ଫଡ଼ ହେଇ ଉଠି କୁଆଡ଼େ ଉଡ଼ିଯିବାପେଇଁ ବସିଥିଲା । ଆଉ ତାର ବି ମନେଅଛି, ସେତେବେଳେ ସେ ବଲବଲ କରି ଯୋଉ ଯୋଉ-ମାନଙ୍କ ମୁହଁକୁ ଅନେଇଥିଲା—କେମିତି ଦେଖାଯାଉଥିଲା ସେଇ ସେଇ ମୁହଁଗୁଡ଼ାକ ତାକୁ ସେତେବେଳେ । ବୀର, କାମାସ୍ବାଙ୍କ କଥା ତ ଛାଡ଼ । ବୀର ତ ସବୁବେଳେ ବୀର । ତାର ଗୋଟାଏ ମସ୍ତବଡ଼ କଣ୍ଟା ଗଲା । କାଲି ସକାଳୁ ମାଡ଼ିବସିବ ସେ ନଜର ମିଆଁର ଆସ୍ଥାନ । ଏଥର ସେ ହବ ମାଲିକ । କେହି ଆଉ ତାକୁ ପାଟିଫିଟେଇ ପାରିବେ ନାହିଁ । ତା' ପରେ କାମାସ୍ବା । ପୃଥିବୀରେ ଖଣ୍ଡିଏ ଶକ୍‌ସା ଆଉ ଶକ୍‌ସାପେଇଁ ସବାର ହେବାକୁ ଗୋଟିଏ ଅଫିସର ଘରର ଗୁଲୁଗୁଲିଆ ଇସ୍କୁଲିଆ ଝିଆ ହାତପାଆନ୍ତା ଥିବାଯାକେ ଆଉ କୋଉ ଚିନ୍ତା

Digitized by srujanika@gmail.com

ତା ମୁଣ୍ଡରେ ଡିଙ୍କ ଧାରେନା । ତେଣୁ ତା ମୁହଁରେ ବି ଆଉ କଣ ଅଧିକା ଟା ଥିଲା ଦେଖିବାକୁ ସେତେବେଳେ ? ତେବେ ଦେଖିବାର ମନ୍ଦ କିଛୁ ଥାଳ ସେଇ ବୁଢ଼ୀଟାର ମୁହଁରେ । ମୁହଁ ଘୋଡ଼େଇ ହୋଇ ଲୁଗା ଭିତରେ ଶୂନ୍ୟକୁ ଅନେଇ ଅନେଇ ଭାବୁଥାଏ କର୍ନ; ସେଇ କାଳୁଟିଆ ଅନ୍ଧାର ଘରେ ।

ପ୍ରଥମେ ପ୍ରଥମେ ବୁଢ଼ୀ ଆଦୌ ବିଶ୍ୱାସ କରିପାରି ନ ଥିଲା ସେଇ କଥାଟାକୁ । ବୀର ମୁହଁରୁ ସେଇ ଅଲେଖଣା କଥାଟା ଶୁଣି ସେ ଆଗ ବହେ ଶୋଧା ଗାଳି ଦେଇଗଲା ସେଇ ଅମଙ୍ଗୁଳିଆ ବୀର, କାମାଖ୍ୟା ଦୁଇଟାଙ୍କ ଉପରେ ।

ବୁଢ଼ୀର ଖୋଇଟା ବୀର, କାମାଖ୍ୟାଙ୍କୁ ଭଲଭାବେ ଜଣାଥିଲା । ଭଲହେଉ ବା ମନ୍ଦହେଉ କଥା ପଦିଏରୁ ଥୋଡ଼ାଏ ଶୋଧା ଗାଳି ଶୁଣିବା ଅଭ୍ୟାସ ତାଙ୍କର ଥାଏ । ବୀର, କାମାଖ୍ୟା ପଦିଲେ ପଦିଲେ ଆଉ କିଛି ନ କହି ଚୁପ୍ ହୋଇ ରହିଲେ ।

ବହୁତ ବେଳେ ଯାଇ ବୁଢ଼ୀ ବୀର କଥାକୁ ପତେଇଲା ଓ ଖୋଳତାଡ଼ କରି ପଚାରିଲା ।

ବୀରର ବକବା ଆରମ୍ଭ ହେଲା । କାମାଖ୍ୟା ଗୁମ୍ ମାରି ବସି ବସି ଖାଲି ମୁଣ୍ଡ ହୁଙ୍କାରିଲା । ବୀର କହିଯାଉଥାଏ । ସେଥିର ତା'ର ପାଳି ପଡ଼ୁଥାଏ । ବୁଢ଼ୀ ଯାହା କହୁଥାଏ ତାର କଥା ମଝିରେ, ସେଥିରେ ଚହଟି ଉଠି ବୀର ଶୁଣେଉଥାଏ—"ଆଲୋ ହେ ' ସେ ରଗରଗ ଆଉ ପଟିବ ନାହିଁ କହିଦଉଚି—ନଜର୍ ମିଆଁ ଆଉ ନାହିଁ ଯେ ଯାଇ ଭଲେଇ ହୋଇ ପଡ଼ିବୁ, ଫୁସ୍‌ଫୁସ୍ କିନା ଶୋଇଲାବେଳେ କାନରେ ତାର କହିଦଉଥିବୁ, ଆଉ ଯଦି ପାଟିକରୁ, ହେଇ, ସ୍ୱାକୁ ଗୁହାଁ···"

ବୀରର ହାତ ଦୁଇଟା ତାର ମୁଦ୍‌ଗରିଆ ବାହା ଦୁଇଟା ଉପରେ ଖଞ୍ଜି ପଡ଼ୁଥାଏ, ଆଉ ଶକତ ଶକତ ସେଇ ନଡ଼ିଆ ଭଳିଆ ଆବୁ ଦୁଇଟାକୁ ବାହା ଉପରେ ନଚେଇ ନଚେଇ ସେ କହୁଥାଏ—"ସତେ କି ଆମେ ତାକୁ ମାରିପକେଇଲୁ—ତା ନାଆଁରେ ମିଛ ନ କହିଲେ ଆମର ଖିଆ ହଜମ ହଉନାହିଁ । ହଇଲେ ହେ ! ସେ କଅଣ ଆମ ଭାଇ ନା ବିରାଦର ଯେ ଭାଇଚାରି ବାଣ୍ଟ ଯୋଗୁ ଆମେ ମରେଇଦେଲୁ ତାକୁ ? ତାର ତ ଯୋଗ ପଡ଼ିଲା—ଯୋଗ ନେଇ ତାକୁ ମଟର ମୁହଁରେ ମାଡ଼ିଦେଇ ଆଇଲା—ଆଖି ପିଛଡ଼ାକ ଭିତରେ ଛତୁକରି ଥୋଇଦେଲା ସେ ମଟର ଖଣ୍ଡିକ ତାକୁ—ଏମିତି ଛତୁ କରିଦେଲା ଯେ ନଜର୍ ଖୁଡ଼୍ କି ନୁହେଁ ବୋଲି ତାକୁ ଚିହ୍ନଟ କରିବାକୁ ଆମକୁ ପହରେ ନଗେଇ ଦେଲା—ନାକ ଯାଇ ପଡ଼ିଥିଲା କୋଉଠେଇଁ କାନ କୋଉଠେଇଁ ଆଖି ଡୋଳା ଦୁଇଟା କୋଉଠେଇଁ—ଛିନଛତର ହୋଇ କିଏ କୋଉଠେଇଁ ଯାଇ ପଡ଼ିଥିଲେ—ମୁହଁ ଆଉ ଥିଲା ଯେ ମୁହଁ ଦେଖନ୍ତୁ—ଖାଲି ପିନ୍ଧିଲା ଲୁଗା ଖଣ୍ଡିକ ଯୋଗୁଁ ତାକୁ ଯାହା ଚିହ୍ନଟ କରିକରି ଆଇଚୁ ଆମେ ଦହେଁ ଧପାଲି ଧପାଲି ତେତେ ଏ ଖବର ଦବାପେଇଁ—ଆଉ ତୁ ଏତେ ତମ ଦେଖଉଚୁ ଯେ ଆମେ କଅଣ କରିବୁ ? ଆମର ଦୋଷ କଅଣ ?"

ବୀରର ସ୍ୱର ଦବି ଦବି ଯାଉଥିଲା । ତାର ହାତର ଆବୁ ଦୁଇଟା ମିଳେଇଯାଇଥିଲା । ସେ ପୁଣି ନରମିଗଲା—କଅଣ ଭାବି, ଆଉ ତା' ପରେ ତାର ନାଲି ନାଲି ପାନଖିଆ, କୋଢ଼ଭଳି

ଗ୍ରମୁଦାନ୍ତ ଭଲ୍ଟଟା ଚକେଚକେ ଚମକ ଉଠିଲା । ସତେ କି ସେ ଖେଳ ହେଉଥିଲା ବୁଢ଼ୀ ଆଡ଼କୁ ଅନେଇ ଦେଇ ।

ବୁଢ଼ୀ ସେତେବେଳକୁ ଗୁମ୍ ମାରି ଯାଇ ବସିପଡ଼ିଥିଲା ଗୋଟାଏ କଣରେ । ତାର ଆଖି ଠିକଏ ହେଲେ ଓଦା ହୋଇ ନ ଥିଲା କି ମୁହଁରେ କୋଉଠି ଠାଏ ମାଉଁସ ଟାଣି ହୋଇକରି ଆଉ ଠାଆକୁ ଗ୍ଳଲିଯାଇ ନଥିଲା । ଆଖି ଡୋଳା ଯେମିତି ଠାଏକେରେ ରହିଥାଏ, ଆଉ ଏମିତିକରି ସେ ଅନେଇଥାଏ ଯେମିତି କି ସେ ଏକାଥରକେ ତା ଗ୍ରିପାଖର ସବୁ ଜିନିଷକୁ ଅନେଇ ହାଁକରି ରହିଯାଇଥାଏ ।

ବୁଢ଼ୀକୁ ଏମିତି ଠାଆକରେ ଚୁପ୍ ହୋଇ ବସି ହାଁକରି ଅନେଇବାର ଦେଖି ଖୀର କଅଣ ଭାବିଲା କେଜାଣି ଘୁଷୁରିଘୁଷୁରିକା ଆସି ସେ ତା ଦେହକୁ ଲାଗିକରି ବସିଲା ଭଳି ଆସି ବସିଲା ତା ପାଖରେ । ବୁଢ଼ୀର ଉଁ ନ ଥାଏ କି ଚୁଁ ନ ଥାଏ । ଗୋଟାଏ ଲମ୍ବା ହେଉଡ଼ି ମାରି ଖୀର ଘୁରୁ କରିଦେଲା ।

ମଝିରେ ମଝିରେ କାମାସ୍ତ୍ରାର ହୋସ ହେଲେ ସେ ଯେତେବେଳେ ପାଟି ଫିଟାଉଥାଏ ଖୀରର କଟମଟ ଆଖି ତାକୁ ଚୁପ୍‌କରିଦେଉଥାଏ । ଖୀର କିନ୍ତୁ ତା ବକବାରୁ ଓହ୍ଲାଉ ନ ଥାଏ । ଯେତେବେଳକୁ ତାର ରାଗ ଯାଇ ଚଢ଼ିଥାଏ ସେ ମଣିଷମାରୁ ମଟରବାଲା ଉପରେ । ଖୀର ଗପିଗ୍ଲଲିଥାଏ—"ଶାଲା, ବଦମାସ୍, ମାତାଲ୍, ଖୁଣୀ କାହାଁକା—ଚଢ଼େଇଦେଲା ସିନା, କଇ ତ ପାଇଚ—ପରଯ୍ୱେ, ଶଳା ପିଠିରୁ ବଲ୍‌କୁଲ୍ ସବୁତକ ଗ୍ରାଲ ଛଡ଼େଇ ଦେଇ ଆସିଚ ମୁଁ !—ଶାଲା ! ନଜର୍ ଗ୍ରଗ୍ରକୁ ମୋର ମାରିଦେଲା ! ଶଳାର ଟିକଏ ହେଲେ ଦିଲ୍ ନାହିଁ—ମଟରଗ୍ରପା କରିଦେଇ ଶାଲା ଛୁଟିଥେଲା—ଆଉ ସେ ବେଲୁବ୍ ବଜାର୍‌ବାଲା—ଚୁପ୍‌ହୋଇ ଠିଆହୋଇଥେଲେ ଓଲ କାହାଁକା—ପାଟିରୁ ବଚନ ବାହାରୁ ନ ଥିଲା । ଆରେ ହଇ ହୋ ! କଏ ମଲା ଅଇଲାରେ କାହାର ଯାଏ କେତେ, ଆସେ କେତେ ! ଏ ଯୁଗ ଶାଲା ସେଇଆ—ମଣିଷକୁ ଦେଖିଲା ତ ଗୋଡ଼େଇଚ ଆଁ କରି ଗିଳିଦବା ପାଇଁ ହୋ ! ଯଦି ଆପେ ଗିଳି ନ ପାରିଲା, ଆଉ କଏ ଗିଳୁଥେଲାବେଳେ ଆଁ କରି ଅନେଇଥିବ ସତେକି ମଉକା ପାଇଗଲେ ପୁଲାଏ ଯାଇ କାମୁଡ଼ି ଦେଅନ୍ତା ସେ ମଡ଼ାକୁ—କୁକୁର ବିଲୁଆ ଭଳି । ହେଲେ ଶାଲା ଡ୍ରାଇଭର ଯିବ କେତେ ଦୂର । ବର୍ଷା କୁଟିଦଉଥାଏ—ପାଣିଏ ପାଣିଏ ମଟର ଛୁଟେଇ ପଳେଇଥାଏ ସେ—ଦେଖଣାହାରିଏ ଯେଝାଯେଝାର ଆଗ୍ରା-ନେଇ ଓଲତଳେ ଠିଆହୋଇଥାନ୍ତି—କାଳେ ବର୍ଷାପାଣି ପଡ଼ିଯିବ ଦେହରେ । ମଟର ଛୁଟିକା ବାଜିଯିବ ଧୋବ ଲୁଗାରେ ।

ଶାଲା ଭରି ଚଲାଖ୍ ଡ୍ରାଇଭରଟାଏ ! ଛକ ଠଉଁ ଧରିନେଲା ତଳ ମେରଦା ରାସ୍ତା—ଯୋଉଥେରେ ନୋକ ବେଶି ଗ୍ଳଲନ୍ତିନ, ହେଲେ ରାସ୍ତା ଭଲଥାଏ । ଆଉ ତ ଟିକଏ—ତଳ ମେରଦାଠୁଁ ଯଦି ଧରିନେଇଥାନ୍ତା ବଡ଼ରାସ୍ତାକୁ ନା—ସେଇଠୁ ଉଡ଼ିଥାଆନ୍ତା ସେ—ଏମିତି ଗୋଟାଏ ଗେଅର୍ ପକେଇଥାନ୍ତା ଶାଲା ଯେ ବଲ୍‌କୁଲ୍ ଆସମାନରେ ଉଡ଼ିକନା ଚକ୍ ଚକ୍ ମାରି ବଜୁଳିମାର୍ଗେ ଉଡ଼ିଥାଆନ୍ତା । ଶାଲା ପଚ୍ଛମା ଡ୍ରାଇଭର—ହେଲେ ଶାଲାର କର୍ମ

Digitized by srujanika@gmail.com

ଖଗ୍ରପ...''

''ହେ ଅଲପେଇଷ !''

ହଠାତ୍ ଗୋଟାଏ କାନଫଟା ଶବ୍ଦରେ ଧଡ଼୍ କନା ଖାର ପାମଲର ମୁହଁ ବନ୍ଦ ହୋଇଗଲା । ତାର ହୋବ୍ ଫେରଲା । ନଦରୁ ଉଠିଲା ଭଳି ସେ ଚାହିଁଲା ବୁଢ଼ୀ ମୁହଁକୁ । କଅଣ ଭାବିଲା କେଜାଣି, ମୁହଁଟାକୁ ନେଫେଡ଼ିଦେଲା ।

ଜର୍ଜ ଖାଲି ଚକେଇ ବସିଥାଏ—ବୁଢ଼ୀ କଅଣ କହୁଚ ଶୁଣିବାକୁ । ବୁଢ଼ୀ ଚାହିଁଲା ଖାର ମୁହଁକୁ । ଖାର ସେମିତ ମୁହଁ ନେଫେଡ଼ି ବସିଥାଏ ବୁଢ଼ୀ ମୁହଁକୁ ଚାହିଁକର—ସତେ ବା...

ବୁଢ଼ୀ ମୁହଁରୁ ଖର କଅଣ ଦେଖିଲା କେଜାଣି ସେ ଟିକେ ଧଚ୍ଚପୁଛା ହେଲା, ଆଉ ଠିକ୍ ସେତକବେଳେ ଘଟିଲା ଯେଉଁଟା । ସେଇ ଗୋଟାଏ ଭଙ୍ଗା ମୁହୂର୍ତ୍ତ ଭିତରେ କେତେ କଥା ଘଟିଗଲା ଜର୍ଜର ଗ୍ରୁଡ ଭିତରେ । ପ୍ରଥମେ ଗୋଟାଏ କଏ ଟପ୍ କର ଫୋଡ଼ିଦେଲା ଗୋଟାଏ ଛୁଞ୍ଚିମୁନ ତାର ଗ୍ରୁଡ ଭିତରର ସେଇ ସବୁଠୁ ବେଶି କଅଁଳିଆ ଆଉ ନରମ ଜେଗାଟାରେ । ତା' ପରେ ପୁଣି କାଢ଼ିନେଲା ସେ ସେଇ ଛୁଞ୍ଚିଟାକୁ ସେଠୁ; କନ୍ତୁ ଯେତେ କାଢ଼ିନେଲେ ମଧ ସେଇ ଛୁଞ୍ଚିମୁନର ବଷ ଧୀରେ ଧୀରେ ଏମିତ କର ଯିବାକୁ ଲାଗିଲା ଯେ ତାର ସେଇ ଜ୍ୱାଳାରେ ଜର୍ଜର ସାରା ଦହ ଜଳିବାକୁ ଲଗିଲା ।

ବୁଢ଼ୀ ମୁହଁକୁ ଚାହିଁ ଖାର ଅପସର ଯାଉଥିଲା; କନ୍ତୁ ଖାରକୁ ସେମିତ ନଉଚ୍ଛୁଣା ଭଳି ଅପସରଯିବାକୁ ନ ଦେଇ, ଭେ କନା କାନ୍ଦଉଠି ବୁଢ଼ୀ ତାକୁ କୁଣ୍ଢେଇ ପକେଇଲା ଆଉ ବାହୁନ ଉଠିଲା—

''ଇରେ, ତେମେ ସମିତେ ମତେ ଏମିତ ଗ୍ରୁଡ଼ିକର ଚାଲିଯିବ କରେ ? ତେମେ ସମିତେ ମେତେ ଏମିତ ଅନ୍ତର କରକର ପଳେଇବ କରେ ? ତେମେ ଅଲପେଇଷେ ଏତେ ପେଞ୍ଚ ଖେଳକର ମେତେ ଭଣ୍ଡେଇ ଦଉଚ କାରେ ? ତମ ମନରେ ଏତେ କଥା ଥେଲାରେ ଅଲପେଇଷେ – ତମ ମନରେ ଏତେ କୁରୁରୁପି ଥେଲାରେ...''

କାବାକାଠ ହୋଇ ଜର୍ଜ ଚାହିଁରହିଥିଲା । ଗ୍ରୁଡ ଭିତରର ବଷଜାଲା ମରଯାଇ ତା ଜେଗାରେ ସେ ଯେ ଆଉ କଛି ଜାଲା ଆସି ପଶିଥିଲା କେତେବେଳୁ କେଜାଣି—ଜର୍ଜ କଛି ବୁଝିପାରୁ ନ ଥିଲା ।

କେତେବେଳକେ ଖାର ଉଠିଲା । ବୁଢ଼ୀ ସକେଇଲା ଅନେକ ବେଳ । କେତେବେଳକେ ତାର ପାଟି ଫିଟିଲା । ତା' ପରେ ଖାରକୁ ପାଖକୁ ଡାକ ବୁଢ଼ୀ କହିଲା—''ହଇରେ ହେ, ଟଚ୍ଚା ସିଏ ତମର ସବୁ ଯେତେବେଳେ, ତା ମୁହଁରେ ଟିକଏ ନଆଁ ତମମାନଙ୍କ ହାତରୁ ନ ନେଇ ସେ ଚାଲିଯିବ ! ଆରେ ଯାଅବା, ତମ ଭିତରୁ କଏ ହେଲେ ତା ମୁହଁରେ ଟିକଏ ନଆଁ ଦେଇକର ଆଇବ । ସିଏ ତ ଗଲା—ଆଉ କ'ଣ ତା'ଦେରେ ଟଚ୍ଚା ପାଇବ—ଟଚ୍ଚା ଟଚ୍ଚା ବୋଲି ଆଉ ଡାକବ କାହାକୁ ଏଥର ?''

ନଆଁ କଅଣ ଦଆହୁଏ, ସେଠି ଯେତେ ଲୋକ ଥିଲେ କେହି ବୁଝିଲେ ନାହିଁ ।

ଜର୍ଜର ଦହ ଶୀତେଇ ଉଠିଲା । ମୁହଁରେ ନଆଁ କ'ଣ ଦବାକଥା ଏ ବୁଢ଼ୀ କହୁଚ ?

Digitized by srujanika@gmail.com

ମଣିଷ ମୁହଁରେ ନିଆଁ ? ଏଡ଼େ ଏଡ଼େ ଆଖିକରି କର୍କି ଅନେଇଲା ସମସ୍ତଙ୍କ ଆଡ଼କୁ ।

ବୁଢ଼ୀ କଥାର ଉତ୍ତର ଆଉ କିଏ ଦବା ପୂର୍ବରୁ ବୀର ସାମଲ କହିଲା ଆଲୋ ହେ ! ନିଆଁ ଦବା କଥା କଅଣ କହୁଚୁ ? ତାର ମୁହଁ ଆଉ କୋଉ ଅଛି ଯେ ନିଆଁ ନବ ଯେ ? ମଝିରେ ଟଙ୍କ ସବୁ ସଫା କରିଦେଇଚି—ବାକିତକ ବର୍ଷା ଧୋଇ ନେଇଚି । ଶୁଖୁଚୁ ପରି ଦହିଗୁଡ଼ାକ ଛିଟିକା ମାରି ପଡ଼ିଚି—କାନ ଯାଇ ଏଠେଇଁ ତ ନାକ ଯାଇ ସେଠେଇଁ । ତା ବାଦ୍ ସେ ହେଲା ମିଆଁ – ତୋର କ'ଣ ମୁଣ୍ଡ ଖରାପ ହେଲାଣି କି ? ଆମେ ଏଠେଇଁ ଘର କରିକରି ରହିବା ନା ଛତରକୁ ଯିବା ? ଏକଥା ଶୁଣିଲେ ସେଣୁ ବର୍ଷି ଉଠିଆସିବେ ଜାଣିଚୁଟିକି ? ଆଲୋ ହେ ! ମଣିଷ ବଞ୍ଚିଥିଲାବେଳେ ସିନା ତୋଅର ହେଉକରି ଥିଲା ଯେ ତୋ ବୋଲରେ ଥିଲା, ଆଉ କରି ମଣିଷ ମଲା ବାଆଦ ବି ତୋଅର ହେଉକରି ଅଛି ? ବସ୍ତିବାଲାଏ ଏ ଘର ଛପର ଉଠେଇନେବେ ଜାଣିଚୁଟିକି ? ତାଙ୍କ ଧରମ ନିଆରା, ଆଉ ତୋ ଧରମ ନିଆରା ହୁଁ, ବୁଝି ଖବରଦାର—ନାଁ କଅଣ କଉଚୁ ବେ କାମାଖ୍ୟା ?''

ବୀର ସାମଲ ଆଖି ନାଲ୍ ନାଲ୍ କରି କାମାଖ୍ୟାକୁ ଚାହିଁଲା । କାମାଖ୍ୟା ଅନେକବେଳୁ ଘୁମେଇ ପଡ଼ିଥିଲା । ସଂସାରରେ କୌଣସି ଧରମ କଥା ତାର ସେ ନିଦକୁ ଭାଙ୍ଗି ପାରୁ ନଥିଲା । ସତେ କି ନିଜ ପାଖେ ସବୁ ଧରମ ସମାନ !

ବୀର କଥାରୁ କି ତା ମୁହଁରୁ କିଛି ତାର ମନକଥା କର୍କି ବୁଝିପାରିଲା ନାହିଁ । ତେବେ ମୁହଁରେ ନିଆଁ ଦବା କଥାଟା ତାକୁ ଧରିଲା । ତାକୁ କାହିଁକି ଉଚିତ ଶୁଣାଗଲା ସେ କଥାଟା —ଯେ ଚାଲିଯିବ ତାକୁ ଜଳିଯିବାକୁ ଛାଡ଼ିଦେବାଟା ଭଲ, ଆଉ ତାର ସେଇ ଚାଲିଯିବା ପେଇଁ ତାର ସେଇ ଏତେ .ଚହ୍ଲାପଣିଆ ମୁହଁଟାକୁଇ ପ୍ରଥମରୁ ଜଳିଯିବାଇ ଭଲ !

ବୁଢ଼ୀ ମୁହଁକୁ ଚାହିଁଲା କର୍କି । ସତେ ବା ସେ କହିବାକୁ ଚାହୁଁଥିଲା—ଯଦି ନିଆଁ ଦବା କଥା ହୁଏ, ତେବେ ସେ କିଆଁ ନ ଦବ ?

କିନ୍ତୁ ତାର ନିଆଁ ଦବା କଥା ଆଉ ହେଲାନାହିଁ । ବୀର କଥାକୁ ବୁଢ଼ୀ ବୁଝିପାରିଲା । ତେବେ ବୀର ଆଉ କାମାଖ୍ୟାଙ୍କ ଅନିଚ୍ଛା ସତ୍ତ୍ୱେ ବୁଢ଼ୀ ସେ ଦାଇଟାକୁ ପେଲିଲା—ନିଆଁ ନ ଦେଲେ ନାହିଁ ପଛେ—ନଜର ମିଆଁର ସେଇ ସାନମାନଅ ଦହଟାକୁ ପୋତିଦେବା ପାଇଁ ।

ବର୍ଷା ଛାଡ଼ିଯାଇଥାଏ । ବହୁତ ବେଳ ପଟାପଟି କରି ବୁଢ଼ୀ ବୀର ଆଉ କାମାଖ୍ୟାକୁ ରାଜି କରେଇଲା—ନଜର ମିଆଁର ମଲାଦହକୁ ନେଇ ଠା'କରେ ପୋତିଦବା ପେଇଁ । ସେତେବେଳକୁ ଅନ୍ଧାର ହୋଇ ଆସିଲାଣି । ବୀର ଅଉ କାମାଖ୍ୟା ବାହାରିଲେ । ଚାଲି ଚାଲି ହୋଇ ଦହଙ୍କାବନ୍ଧେ ଦୋକାନ ଓଳିତକୁ ରାସ୍ତାଯାକେ ଗଲେ, ତା ପରେ ଦହିଁକା ଦହେ ଗୋଟାଏ ଜେଗାରେ ଠିଆ ହୋଇ କରି ଫୁସୁରୁଫାସୁରୁ ହେଲେ । ତା ବାଦ୍ ବୀର କେଣ୍ଟିଲା କାମାଖ୍ୟାକୁ, ଆଉ କାମାଖ୍ୟା ବି ଛାଡ଼ିବା କିନ୍ତୁ ନୁହେଁ ।

ତୁ କହ—ବୀର କହିଲା ।

ନାଇଁ, ତୁ କହ— କାମାଖ୍ୟା କହିଲା ।

ଦୋକାନରୁ ତାଙ୍କର ଏ ଢଙ୍ଗ ଦେଖି ବୁଢ଼ୀ ଡାକ ମାରିଲା—"ଇଭେ କଅଣ କରେ ?

Digitized by srujanika@gmail.com

କରେ ଗୁପୁର୍-ଗୁପୁର କଥାଁ ହଉଚ ତମେ ମାଙ୍କଡ଼ ଦଇଟା ? ଇରେ ଝଅଟ ଯାଅ—ତମ ପେଇଁ କ'ଣ ଡାକ୍ତରଖାନା ଅନେଇ ବଇଥବ କରେ ଅଲପେଇଷେ ? ମେହେନ୍ତ୍ରର ହାତରେ କୋଉଠି ନାଇଁ କୋଉଠି ନେଇ ଫୋପାଡ଼ିଦେବେ ପରା ! ତମ ପେଇଁ ଏତେ କଥା କରିଥେଲ—ତାକୁ ଟିକେ କାନ୍ଧରେ ନେଇକରି ମଶାଣିରେ ପୋଡ଼ଦବାକୁ ତମ ଅଲପେଇଷଙ୍କର ଗଣ୍ଡିକି ନାଗିଯାଉଚ ?”

ଏତେବେଳଯାକେ ବୀର ତା' ପାରୁପର୍ଯ୍ୟନ୍ତ ଚେଷ୍ଟା କରି ଚୁପ୍ ରହିଥିଲା । ହଠାତ୍ ତାର ପିଠି ଚହଟିଗଲା ତା ଡାକ୍ତରକୁ । କାମାସ୍କାକୁ ଗୋଟାଏ ଧକ୍କା ମାରି ତାକୁ ତଳେ ଗଡ଼େଇ-ଦେଲା । ତା ପରେ ନିଜ ଅଣ୍ଟା ଦବାଣ୍ଡି ଦବାଣ୍ଡି ସେ ଆଗେଇ ଚାଲିଲା । ପଛକୁ ଫେରି ଚାହିଁଲାନାହିଁ ।

କାମାସ୍କାର ନିଶା ଟିକଏ ଖସିପଡ଼ିଲା—ସେଇ ବୁହୁକାବଡ଼ାରେ ! ସେ ବୁଲିବୁଲିକା ବୀର ଆଡ଼କୁ ଚାହୁଁଥିଲା ।

ବଡ଼ପାଟି କରି ବୀର ରାସ୍ତାଏ ଘାସ୍ତାଏ ଚାଲିଥିଲା ।

“ଚୁହି ଶଳେ ଦଉଚି—ସେତକ ଖରଚ କରିବି ତାର ଦଶ ଡବଲ୍ ଆଦାୟ କରିଦଉଚି ଚୁହି ! ମୋର ଠେଇଁ ପଇସା ଦେଖିଚ ତେମେ ସବୁ ? ରିକ୍ସା ଟାଣିକରି ପଇସା କମେଇବ, ଆଉ ମୋ ଗତର-ଖଟେଇ ଧନରେ ଚିବ ଏଇ ଶଳା ବଜାତ୍ ମିଆଁ ଟୋକାଟାର ମଡ଼ା । କଅଣ ନା ସେ ପୋଡ଼ାହବ ? ଶଳା ବଞ୍ଚିଥେଲା ମୋର ପଇସାରେ, ଆଉ ମରିବ ବି ସେ ମୋର ପଇସାରେ । ହାଁ ! ଏତେ ଦମାକ୍ ! ଆମେ ସବୁ କଅଣ କୁକୁର ! କୁକୁର ହେଇ ଅଇଁଠା ଚାଟିବାକୁ ପଡ଼ିଥାଆନ୍ତି ଆମେ ସବୁଦିନେ ? ଜୀଅନ୍ତାରେ ତ ଗଲା, ଏଇଲେ ମଲାରେ ବି ଅଣ୍ଟାରୁ ପଇସା କାଢ଼ିକରି ସ୍ବାକୁ ମୁଁ ନେବି—କଅଣ ନା ସେ କଉଚ ମୁହଁରେ ଟିକଏ ନିଆଁ ଦେଇଦେଉନ୍ତୁ—କାନ୍ଧରେ ଟିକଏ ବସେଇକରି ସ୍ବର୍ଗଦୁଆର ଦେଖେଇ ଦଉନ୍ତୁ—ଅ.ରେ ! ଇଏ କ'ଣ ଆମ ବୋପା ? ନା ଏ ଶାଳୀ ଆମ ମା' ବା ! ଶଳା ଜୀଅନ୍ତାରେ ସବୁ କହୁଥେଲା ସେ ମିଆଁ ଟୋକା—କଅଣ ନା ମୋର ବୋପା ନାଇଁ—ମୁଁ ଅଣବାରୁଆ ! ଶଳା ପାଉ ମଜା ଏଥର ! ଯାଉ ନରକକୁ ! ଯାଉ ଶଳା ଯାଉ—ମେହେନ୍ତ୍ରର ନିଅନ୍ତୁ ତାକୁ—ନିଆଁ ନାଇଁ କି ଫିଆଁ ନାଇଁ ଆମ ପାଖରେ—ଆମେ ତ ଜାଣି ଚିରଦଉଡ଼କଟା ।”

“ହେ ବୀର, ହେ !” ପଛରୁ ବଡ଼ପାଟିକରି ଡାକଛାଡ଼ିଲା ବୁଢ଼ୀ—“ଆରେ ହେ ଏକା ଏକା ରୁ ହୁଣ୍ଡାଟା ଚାଲିଯାଉଚୁ କୁଆଡ଼େ ବା ? ନେ, କାମାସ୍କାକୁ ସାଙ୍ଗରେ ନେ !”

ତା' ପରେ ବୁଢ଼ୀ କାମାସ୍କାକୁ ପାଖକୁ ଡାକିଲା । ଅଣ୍ଟାରୁ ତାର ପିତଳ କସ୍ତଟି ଫିଟେଇ ସେଥିରୁ କଅଣ କାଢ଼ି କାମାସ୍କା ହାତକୁ ବଢ଼େଇଦେଇ କହିଲା—‘ସ୍ବାକୁ ନେ—ତା ସାଙ୍ଗରେ ଯା—ସେମିତ ଗୁଡ଼ାଏ କଜିଆ କରନାଇଁ—ମୁର୍ଦ୍ଦାର ସେଣେ ପଡ଼ିଚ—ଆଗେ ତା କାମ କରିଦେଇ ତେଣିକି ଯାହା କରୁଥିବ—ବେଶି ଡେରିଯାକେ ରଇବ ନାଇଁ ।”

ସେମିତ ନବାକ୍ ହେଇ କାମାସ୍କା ଚାଲିଲା । ଆଗେ ଆଗେ ବୀର, ପଛେ ପଛେ କାମାସ୍କା ।

ଦୋକାନ କବାଟ ସନ୍ଧା ଫାଙ୍କରୁ ଦେଖୁଥିଲା ଜର୍ଜ—ଆଗରେ ଲମ୍ବା ରାସ୍ତା । ଆଗେ

Digitized by srujanika@gmail.com

ଆଗେ ବଢ଼ି ବଢ଼ି ପାହୁଣ୍ଡ ପକେଇ ଚାଲିଲା ସାମଲ । ଗୋଟାଏ ମସ୍ତବଡ଼ ନିଃଶ୍ୱାସ ନେଲା ଜର୍ଜ । ଆର ସାମଲର ଅବୁଝାବୁଝା ହାତ ବାହା ଦଉଟା ତା' ଆଖିରୁ ଯାଉ ନ ଥିଲା । ସେ ଜାଣୁଥିଲା ସେଇ ଅବୁଝା ବାହା ଦଉଟା କଅଣ ମୂଲ୍ୟ ଉଥିଲା ସେତେବେଳେ । ଏ ଘର ବର୍ତ୍ତମାନ ଆର ସାମଲର !—ଜର୍ଜ ଚମକି ପଡ଼ିଲା । ବୁଲିପଡ଼ି ସେ ବୁଢ଼ୀ ମୁହଁକୁ ଚାହିଁବ ବୋଲି ଭାବିଥିଲା । ବୁଢ଼ୀ କିନ୍ତୁ ସେଠି ନ ଥିଲା । ସେତେବେଳକୁ ସେ ଯାଇ ପଶିସାରିଥିଲା ସେଇ ଅନ୍ଧାରୁଆ ଘରଟା ଭିତରେ ।

ହଠାତ୍ ସେଇ ନଗ୍ନଛିଆ ଘରଟା ଖାଁ ଖାଁ ଗୋଡ଼େଇ ଆସିଲା ଜର୍ଜକୁ । ସେ ଉଠି ଠିଆ ହେଲା । କଅଣ ଭାବି ସେ ଚାଲି ଚାଲି ହୋଇ ସେଇ ଅନ୍ଧାରିଆ ଘରଟାର ଦୁଆରବନ୍ଧ ପର୍ଯ୍ୟନ୍ତ ଗଲା । ସେଠି କିନ୍ତୁ ଆଉ ଟପିପାରିଲା ନାହିଁ ସେ ସେଇ ଦୁଆରବନ୍ଧଟାକୁ । ମନେ କି ସେ ଦୁଆରବନ୍ଧକୁ ଆଉ ନ ଡେଇଁବା ପାଇଁ କସମ ଦେଇ ଚାଲିଯାଇଥିଲା ସବୁଦିନ ପାଇଁ ସେଇ ବୁଢ଼ା ନକର ମିଆଁ ।

"କଅଣ କରେ ? ଡର ମାଡ଼ୁଛି ? ଆସୁନୁଆର…" ଅନ୍ଧାର ଭିତରୁ କୋଉଠୁ ଗୋଟାଏ ଠା'ରୁ ବୁଢ଼ୀର ପାଟି ଶୁଣିପାରିଲା ଜର୍ଜ ।

ଜର୍ଜର ଦେହ ଶୀତେଇ ଉଠିଲା । ବୁଢ଼ୀର ପାଟିଟା କେମିତି କେମିତି ଶୁଭିଲା ତାର କାନକୁ । କେଡ଼େ ସୁନ୍ଦର, କେଡ଼େ ମିଠା କଣ୍ଠଟିଏ ସତେ ! ବାଘବାଘ ଟିକିଏ ବସିଯାଇ ସେ କଣ୍ଠ ଆହୁରି ଭଲ ଲାଗୁଥିଲା କାନକୁ; କିନ୍ତୁ କାହିଁକି କେଜାଣି ଗୋଟାଏ ଅଜଣା ଭୟ ସାରା ଜୀବନକୁ ଘୋଡ଼େଇ ରଖିଥିଲା ।

ସାମାନ୍ୟ ସାହସ ବାନ୍ଧି ଜର୍ଜ କହିଲା—"ହଇଲୋ ହେ !" ହଠାତ୍ ତାର ତଣ୍ଡି ଶୁଖି ଶୁଖି ଗଲା । ସେ ବୁଝିଥିଲା କେମିତି, ତା' ମୁହଁ ଲାଲ ପଡ଼ିଆସୁଥିଲା ସେତେବେଳକୁ । ମୁଣ୍ଡାଏ ଛେପ ଅଜାଣତରେ ଢୋକ ହୋଇଗଲା । ସେଇ ନୂଆ ସମ୍ବୋଧନଟା ଯୋଉଟା ହଠାତ୍ ତା ପାଟିରେ ପଶିଗଲା, ସେଇଟାକୁ ଆଉ ଥରେ ଜିଭ ଅଗରେ ପରୀକ୍ଷା କରୁ କରୁ କେମିତି କେଜାଣି ସେଇଟା ବାହାରିଗଲା ତା ପାଟିରୁ । ଏତେ ଦିନ ଯାକେ ସିଧାସଳଖ କେବେ ସେ ଏମିତି ଡାକ ନ ଥିଲା ବୁଢ଼ୀକି ।

ଜର୍ଜ ଚୁପ୍ ହୋଇଗଲା; କିନ୍ତୁ ଅନ୍ଧାରକୁ ନୀରବ ରହିବାର ଦେଖି ସାମାନ୍ୟ ନିଶ୍ଚିନ୍ତ ହେଲା ସେ । ଧୀରେ ଧୀରେ ତାର ନରଦରଫଟା କଣ୍ଠ କେତେଦିନରୁ ଯେ ଘାଗଡ଼ା ହୋଇ ଆସିଥିଲା, ସେଥିଭିତରେ ସେ ଯଥେଷ୍ଟ ଦମ୍ଭ ସଂଗ୍ରହ କରିସାରିଥିଲା । ଖାସ୍ ନିଜକୁ ନିଜେ ପରୀକ୍ଷା କରିବାପାଇଁ ଜର୍ଜ ଆଉ ଥରେ ସେ ଅନ୍ଧାରିଆ ଘରକୁ ସମ୍ବୋଧନ କଲା—
"ହଇଲୋ ହେ !"

ଏଥର କିନ୍ତୁ ଜର୍ଜ ଅଟକିଗଲା ନାହିଁ । ସେ ଆଉ ପାଦେ ଆଗେଇଗଲା ତାର କଥାରେ, ଆଉ କହିଲା—"ହଇଲୋ ମୁଁ ଟିକିଏ ଯାଆନ୍ତିନାହିଁ, ଦେଖି ଆସନ୍ତିନାହିଁ ସବୁକଥା ଟିକିଏ ନିଜ ଆଖିରେ—କେମିତି ସେ ମଲା, କାହିଁକି ମଲା, ଟିକିଏ ଦେଖି ଆସନ୍ତି ମୁଁ !

ଅନ୍ଧାର ଘର ଭିତରୁ ଝେଙ୍କି ଉଠିଲା ବୁଢ଼ୀ ଜର୍ଜ ଉପରେ । ସେ ପାଟିକରି ଉଠିଲା—

Digitized by srujanika@gmail.com

"ହଇରେ ହେ ! କଅଣ କହିଲୁ ? ତେତେ କଅଣ ନାଗିଲାଣି କରେ ? ଭୁଆ ବୋଲି ବକଟେ, ତୋର ଫେଣି ଏଡ଼େ ସାହସ ! ହଇରେ, ତୁ ଯିବୁ ମଶାଣିକି—ତାକୁ ଦେଖିବା ପେଇଁକି ?"

ତା ପରେ ଟିକିଏ ଚୁପ୍ ହୋଇ ପୁଣି ସେ କହିଲା—"ଶୁଣୁଚୁ, ସବୁ ତାକୁ ଚିହ୍ନି ହଉନାହିଁ, ଲୁଆଡ଼େ ଦହି ବାହାରି ପଡ଼ିଚି—ନାକ, କାନ, ଆଖି କିଛି ନାହିଁ, ଆଉ ତହିଁକି ଏ ଯୋଗିନାଗିଆ ବରଷା ପୁଣି ନାଗିଚି ତିନିଦିନ ତିନିରାତି ଧରି । ତୁ ଯିବୁ କୋଉଥିପେଇଁ ? ଡରିକରି ପେଣୁ ଆଇବୁ, ଆଉ ମେତେ ନଚେଇବୁ ରାତିଯାକ ? ଏଇ ମସୁଧା କରିଚୁ ତୁ ?"

"ଆଲୋ ଡରିବ କଅଣ ମ ?" ବିରକ୍ତ ହୋଇ ଜର୍ଜ ସେ ଗଳାପର କବାଟ ପାଖରୁ ଫେରିଆସିଲା ଆଲୁଅ ଆଡ଼କୁ ବାହାରକୁ ଓ ପୁଣି କହିଲା—"ମୀର ସାମଲକୁ ଡର-ମାଡ଼ୁନାହିଁ—ତାକୁ ପଠେଇଦେଲୁ ମତେ କଅଣ ଡରମାଡ଼ୁଚି ଯେ ଅଣ୍ଡିରେ ପୁରେଇ-କରି ରଖିଚୁ ତୁ ମତେ ? ମୀରଠୁଁ କଅଣ ମୋ ଜୋଅର୍ କମ୍ତି ବୋଲି ତୁ ଭାବୁଚୁ ? ସେ ବେଳ ଗଲାଣି…" ଆଉ କଣ କହିବ ବୋଲି ତାର ପାଟି ଖଲଖଲ ହେଉଥିଲା; କିନ୍ତୁ ସେ ଚୁପ୍ ହୋଇଗଲା । ଗୁଣୁଗୁଣୁ ହୋଇ କଅଣ ଗୁଡ଼ାଏ ମନକୁ ମନ ବକିଯାଇ ସେ ସେଠୁ ବାହାରିଆସିଲା । ହଠାତ୍ କାହିଁକି କେଜାଣି ମୀର ସାମଲ ଉପରେ ତାର ରାଗ ଚଢ଼ିଲା ।

ଜର୍ଜ ପାଦ ବଢ଼େଇଲା ଦୋକାନ ତଳକୁ । ତା ବାଦ ସେ ଚାଲିଲା ତାର ଠାବ ଜେଗାକୁ—କବିରାଜ ଦୋକାନ ପିଣ୍ଡାକୁ । କବିରାଜ ବୁଢ଼ାର ଦେଖାନାହିଁ ତିନିଦିନ ହେଲା । ପ୍ରବଳ ବର୍ଷା ଆଉ ଝଡ଼ରେ ଘରୁ ଗୋଡ଼ କାଢ଼ୁଚି କେତେକେ ବା ସେ !

କବିରାଜ ବାରଣ୍ଡାରେ ବସି, ସେଇ ଅନ୍ଧାର, ଟିପିଟିପି ମେଘ, ରାସ୍ତାର ପାଣି ଚବଚବ ଆଉ ବେଙ୍ଗର ରବକୁ ଆଖି କାନ ଦେଇ ଜର୍ଜ କେତେଗୁଡ଼ାଏ ସମସ୍ତ ଏଣୁତେଣୁ ଭାବିଲା । ତା ପରେ ହଠାତ୍ ତାକୁ କେମିତି ସବୁକଥା ନୂଆ ନୂଆ ଲାଗିଲା ।

ଆଜି ଆଉ କାହାପେଇଁ ରାତି ଦଶଟାକୁ ରୋଟି ସେକିବାକୁ ପଡ଼ିବ ନାହିଁ ତାକୁ । ଆଜିଠୁଁ ଆଉ ସକାଳେ କୋଇଲି ଗୋଟେଇଗଲାବେଳେ ସାଙ୍ଗରେ ନଜର୍ ଲୁସ୍ତ ତାର ନଥିବ । ନଜର୍ ମଲାଣି ଜାଣିଲେ ସେ କୋଇଲି ଗୋଟେଇ ବୁଢ଼ୀ ପୁଣି ଡାଆଣୀ ବେଶ ସାଜି ଆହୁରି ଚାରି ହାତ ଉଠିବ…

ଜର୍ଜ ତା ଡେଣା ଆଉ ଖୁଆ ଚାରିପାଖେ ହାତ ବୁଲେଇଲା । ସେଇ ଉଠିଲା ଉଠିଲା ଟାଣ ଟାଣ ମାଂସପେଶୀଗୁଡ଼ାକୁ ତା ଆଙ୍ଗୁଠି ଟିପରେ ଚିପି ଚିପି ସେ ଅନ୍ଧାରକୁ ଚାହିଁଥାଏ । କେତେବେଳକେ ବେକରେ ଝୁଲୁଥିବା ସେଇ ତାବିଜଟା ତା ଆଙ୍ଗୁଠିରେ ବାଜିଲା । ତାବିଜଟାକୁ ଆଙ୍ଗୁଠି ଅଗରେ ଖେଳେଇ ଖେଳେଇ ସେ ଭାବିଲା – ଫକୀର ବୁଢ଼ା ବୋଧହୁଏ ମଲାଣି, ନଇଲେ ନଜର୍ ମିଆଁର ଏତେକଥା ହୋଇଗଲା, କିଛି ଜାଣିପାରିଲା ନାହିଁ ତେଣେ ସେ ବୁଢ଼ା ଫକୀର ? ଯୋଉଠି ଥିଲେ ବି ତ ଧାଇଁଆସନ୍ତାଣି ସେ ଏତେବେଳକୁ !– ଯିଏ ମଣିଷ-ବିଷ ଛଡ଼େଇଦେଇପାରେ, ସେ ମଲାମଣିଷକୁ ଜୀବନ କିଆଁ ଦେଇ ନ ପାରିବ ?

କେତେବେଳ ପରେ ତାର ଖିଆଲ ହୁଏ । ସେ ହସେ । ହେଃ ! ମଲାମଣିଷକୁ କଅଣ

Digitized by srujanika@gmail.com

ବଞ୍ଚିବେ ମ ! ସେ କଅଣ ଖାଲି ମରିଚ ?—ତାର ପରା ହାଡ଼ଗୁଡ଼ାକ କୁଆଡ଼େ ମୁଣ୍ଡରୁ ବାହାରି ଛୁଟିକି ଯାଇଚ !—ତାର ନାକ, କାନ, ଆଖି ସବୁ ପରା କୁଆଡ଼େ ହୁଗୁଳି ଯାଇ ଏଣେତେଣେ ପଡ଼ିଚନ୍ତି ! ଏଗୁଡ଼ାକୁ ଏକାଠି କରି ପୁଣି ଯୋଡ଼ୁଚି କିଏ ନା ସେ ବଞ୍ଚିବ ?

ସେମିତି କବରିଜ ପିଣ୍ଡାରେ ପଡ଼ି ପଡ଼ି ଜର୍ଜ ଏଣୁତେଣୁ ଗୁଡ଼ାଏ ଭାବୁଥାଏ । ଏ ଭିତରେ ପୁଣି ଅସରାଏ ବର୍ଷା ଆସି ଛୁଟିଗଲାଣି । ଆଉ ତାକୁ ଭଲଲାଗିଲା ନାହିଁ ସେମିତି ଏକୁଟିଆ ହୋଇ ସେଠି ଅନ୍ଧାରରେ ବେଶି ସମୟ ବସିରହିବାକୁ । ପୁଣି ଚଦଚଦ କରି ସେ ଆସି ପହଞ୍ଚିଲା କ୍ୟାବିନ୍ ଦୁଆରମୁହଁରେ । ଦେଖିଲା ସେ—ଜୁକ୍‌ଜୁକ୍ ହୋଇ ଘର ଭିତରେ ଡିବିଟାଏ ଜଳିବାକୁ ଆରମ୍ଭ କରିଥିଲା । ପାଖଘର—ପଣ୍ଡିମା ମାଇକିନା ଘର ପିଣ୍ଡାରେ ବସି ବସି ଚରଣ ରାଓ ବୁଢ଼ା କଅଣ ଗୁଣୁଗୁଣୁ ହଉଥିଲା ।

ଜର୍ଜ ଡାକିଲା—"ହୋ ଚରଣକାକା !"

ଜର୍ଜର ସେ ଡାକଟା ପାଗଲା ଚରଣ ରାଓ ପ୍ରତି ଯେତେଦୂର ଉଦ୍ଦିଷ୍ଟ ନ ଥିଲା, ଉଦ୍ଦିଷ୍ଟ ଥିଲା ସେଇଟା ଅଧିକ ଭାବେ ସେଇ ନିରୁଟିଆ, କାଳୁଆ, ଅନ୍ଧାର ଜୁଡ଼୍‌ବୁଡ଼ୁ ରାତିଟା ପାଇଁ—ଯାହାକୁ କାଳରାତି ବୋଲି ବୁଢ଼ୀ କହେ ଅନେକ ସମୟରେ ।

ଚରଣ ରାଓ, ଜର୍ଜ ଡାକର କିଛି ଉତ୍ତର ଦେଲାନାହିଁ; କିନ୍ତୁ ସେଇ ଡାକଟା ତାର ସ୍ୱରକୁ ତେଜେଇ ଦେଇଗଲା ଭାରି । ଚରଣ ରାଓ ବଡ଼ ପାଟିକରି ଆରମ୍ଭକଲା ସେଇ ପଦଟାକୁ, ଯୋଉଟାକୁ ସେ ଏତେବେଳଯାକେ ଗୁଣ୍ଟୁଗୁଣୁ ହେଉଥିଲା :

"ଚନ୍ଦ୍ର ପ୍ରତିମା ପ୍ରାୟେ ଦିଶୁ ସୁନ୍ଦର
ଚିରି ଭିତରେ ଦେଖ କି ନାରଖାର ରେ !

× × × ×

ଛୁଇଁବେ ନାହିଁ ତୋତେ ବୋଲିବେ ମଡ଼ା
ଛ'ଖଣ୍ଡି କାଠ ହେବ ତୋ ପାଇଁ ଲୋଡ଼ା ରେ ।"

ଜହ୍ନଙ୍କା ମାରି ଜର୍ଜ ଆସି କ୍ୟାବିନ୍ ଦୁଆରବନ୍ଧ ଉପରେ ବସିଲା । ତା ପରେ ଗୋଡ଼କୁ ତଳକୁ ଝୁଲେଇ ଓଦା ପାଦ ଦିଇଟାକୁ ପବନରେ ଶୁଖୋଉ ଶୁଖୋଉ କାନଦେଲା ପାଗଳା ଚରଣ ରାଓର ଗୀତକୁ । କିଛି ବୁଝିପାରିଲା ନାହିଁ ସେ ଚରଣ ରାଓର ସେଇ ଗୀତରୁ; କିନ୍ତୁ ସେଇ ନିରୁଟିଆ ରାତିରେ ବେଙ୍ଗ ଆଉ ଝିଲ୍ଲୀର କରୁଣ ସ୍ୱର ସହିତ ଚରଣ ରାଓର ସେଇ ଏକତାରିଆ କନା ସ୍ୱରଟା ଖୁବ୍ କେମିତି ମାଡ଼ି ମାଡ଼ି ବସିଲା ତାର ମନକୁ ।

ଗୋଡ଼ ଜାକି ନେଇ ଉଠି ବସିଲା ଜର୍ଜ । ତାର ମନେହେଲା, ସତେ ଯେମିତି ଗୋଟାଏ ଚଉଦିଗବ୍ୟାପୀ ଖୋଲା ନିର୍ଜନ ପଡ଼ିଆରେ ଠିଆହୋଇଚି ସେ, ଆଉ ଖୁବ୍ ବହୁତ ଦୂରରୁ ତା'ରି ନାଆଁ ଧରି କିଏ ଗୋଟାଏ କୋଉଠୁ ଡାକୁଚି—ଏମିତିଆ ଡାକ, ଯାହାକୁ ଶୁଣିଲେ ବାଟ ଅଣ୍ଡାଳି ତାରି ଆଡ଼କୁ ଧାଇଁଯିବା ପାଇଁ ମନ ହଉଚି; ଅଥଚ ପାଦ ଉଠିବାକୁ ନାରାଜ, ଅଚଳ ହୋଇଯାଇଚି ସେ ।

ଗୋଡ଼ ଝାଡ଼ିଝୁଡ଼ି ଜର୍ଜ ଭିତରକୁ ପଶିଲା; କିଛି ନ କହି ଠାଏକରେ ଯାଇ ସେ ବସିଲା ।

Digitized by srujanika@gmail.com

ଟିକିଏ ଦୂରରେ, ଡିବି ଆଲୁଅ ଭିତରୁ ସେ ଦେଖୁଥିଲା ବୁଢ଼ୀକୁ । ଗୋଡ଼ ଯୋଡ଼ିକୁ ଯୋଡ଼ି-ଦେଇ ଆଣ୍ଠୁ ଦୁଇଟିକୁ ଉପରକୁ ଟେକି. କାହିଁକି ଆଉଜି ବସିପଡ଼ିଥିଲା·ସେ ।

ବହୁତ ସମସ୍ତ ତାକୁ ସେମିତି ଦେଖିଲା ପରେ ଜର୍ଜର ଇଚ୍ଛାହେଲା କିଛି କହିବାପାଇଁ ସେ ବୁଢ଼ୀଟାକୁ; କିନ୍ତୁ ସେତେବେଳେ କ'ଣ କହି ସେ ବୁଢ଼ୀର ନିଦ ଭାଙ୍ଗିବ ସେଭଳି କିଛି କଥା ପାଇଁଟିଲାନାହିଁ ତା ମୁହଁକୁ । ଚୁପ୍ ହୋଇ ବସିଲା ସେ ।

କେତେବେଳକେ ବୁଢ଼ୀ ପାଟି ଫିଟେଇଲା । ତା ଓଠିରେ ମୁଣ୍ଡାଏ କଫ ଘଡ଼ଘଡ଼ ହେଉଥାଲା । ସେଥିରୁ କିଛି ବୁଝିପାରିଲାନାହିଁ ଜର୍ଜ ।

"କ'ଣ କହିଲୁ ?" ଜର୍ଜ ପଚାରିଲା ।

ବୁଢ଼ୀ ଓଠି ଫାଙ୍କା କଲା; କିନ୍ତୁ କିଛି ନ କହି ପୁଣି ଗୁମ୍‌ମାରି ବସିଲା । ଜର୍ଜ ବି ଚୁପ୍ ହେଲା; କିନ୍ତୁ ସେତିକବେଳକୁ ଗୋଟାଏ ଆଖିଡ଼ିଆଁ ବେଙ୍ଗ କୋଉଠୁ ଆସି ବସିପଡ଼ିଲା ତା ଆଗରେ । ଡିବି ଆଲୁଅରେ ସେ ଜଣାପଡ଼ିଲା ସେଇ ଜନ୍ତୁଟାକୁ । ହାତ, ଗୋଡ଼ ଜାକିଜୁକି ନେଇ ଏକଲୟରେ ଜର୍ଜର ମୁହଁକୁ ଅନେଇ ବସିଥିଲା ସେ । ତାର ଓଠି ପାଖ ଚମ ମେଞ୍ଚାକ ଖୁବ୍ ଜୋର୍‌ରେ ଦୁଲୁଦୁଲୁ ହଉଥିଲା—ସତେ କି ଅନେକ କ'ଣ କଥା ସେ ବକି-ଯାଉଥାଲା ଜର୍ଜ ମୁହଁକୁ ଚାହିଁ । ଜର୍ଜ ଅନେଇଥାଏ ସେଇ ବେଙ୍ଗଟାକୁ—ଏକଲୟରେ ।

ହଠାତ୍ ସେ ଡେଇଁଲା । ଏମିତି ଅଚାନକ ଭାବେ ଡେଇଁ ସେ ଜର୍ଜ ଉପରେ ଲଥ୍‌କରି ପଡ଼ିଲା ଯେ ଜର୍ଜ ଆଉ କିଛି ଚିନ୍ତାକରିବା ପୂର୍ବରୁ ହଠାତ୍ ଆପେ ଡେଇଁପଡ଼ିଲା ।

"କ'ଣଟାଏ କରେ ?" ଚମକିଉଠି ବୁଢ଼ୀ ପଚାରିଲା ।

'ସେ କାହିଁକି ମୋ ଉପରକୁ ଡେଉଁଚି ଏମିତି ? ମୁଁ ତ ତାର କିଛି କରିନି ··"

ଏମିତି କହୁ କହୁ ବେଙ୍ଗଟା ପୁଣିଥରେ ଡେଇଁଲା—ଜର୍ଜ ଆଡ଼କୁ ।

"ଆରେ !" ଜର୍ଜ ପୁଣି ଥରେ କୁଦି ପଡ଼ିଲା, "ଏ କ'ଣ ମତେ ଦେଖି ଏମିତି ଡିଆଁ ମାରୁଚି ?"

ଜର୍ଜ ସାବଧାନ ହୋଇ ଠିଆହେଲା ବୁଢ଼ୀର ଆଢ଼ୁଆଳରେ । ପିଲାଟା ଡରୁଚି ଜାଣି ବୁଢ଼ୀ ମୁହଁ ବୁଲେଇଲା । ମୁହଁ ବୁଲେଇକରି ସେଇ ବେଙ୍ଗଟା ଆଡ଼କୁ ସିଧାସଳଖ ଅନେଇ ଏଥର ବୁଢ଼ୀ ଜଗି ବସିଲା ସେଇ ବେଙ୍ଗକୁ । ସେ କିନ୍ତୁ ଆଉ ଡିଆଁ ମାରିଲାନାହିଁ । କାହିଁ ଥାକରି ଦାନ୍ତକୁ ଜାବୁଡ଼ି ଧରି ସେ ବସିଥାଏ, ଆଉ ପାଟି ଧାଲୁପାଲୁ କରୁଥାଏ ।

କେତେବେଳକେ ନିଃଶ୍ୱାସ ମାରି ବୁଢ଼ୀ କହିଲା - "ପୋଡାପୋଡି କରିଦେଲେଣି ବୋଧେ ।" ତା'ପରେ ସେଇ ବେଙ୍ଗଟାକୁ ଚାହିଁ ସେ କହିଲା—"ବରଷ ବରଷର ନୋଭ ସହଜେ କ'ଣ ସିଏ ଛୁଟେ ? କେତେ ବାଗରେ ପରା ସେ ଆଇବ, ଚାହିଁବ, ଦେଖିବ, ଆଖିମିଟିକା ମାରିବ···ଆଉ ଦନ୍ତ ଆସପଡ ଖୋଜିବ ।"

ଜର୍ଜ କିଛି ବୁଝିପାରିଲା ନାହିଁ ବୁଢ଼ୀର ସେଇ ଖାପଛଡ଼ା କଥାକୁ । କିଏ ଆସିବ ? କିଏ ଚାହିଁବ ? କିଏ ଦନ୍ତ ଆସପଡ ଖୋଜିବ ? ବେଙ୍ଗ ?

ହଠାତ୍ ବେଙ୍ଗଟା ମାରିଲା ଆଉ ଗୋଟାଏ ଡିଆଁ । ଜର୍ଜ ବୁଢ଼ୀ ପଛପଟେ ଲୁଚିପଡ଼ିଲା ।

Digitized by srujanika@gmail.com

ସେ ପୁଣି ଉଠି ମୁଣ୍ଡ ସଳଖିଲାବେଳକୁ, ଯାହାହେଉ ସେ ଆଉ ସେଠି ନ ଥିଲା । କୁଆଡ଼େ ଅନ୍ଧାରରେ ମିଶିଯାଇଥିଲା ସେ ବେଙ୍ଗ ।

କିଛି ସମୟ ଚୁପ୍ ରହିଲା ପରେ ବୁଢ଼ୀ ପୁଣି କହିଲା –"ଏଥର ବୀର ସାମଲର ପାଳି ପଡ଼ିଲା । ଆଉ କିଏ ପଗ୍ଭରୁଚ କାହାକୁ ?· କିଏ କାହାକୁ ଆସପଡ ଦଉଚ ?"

ବୁଢ଼ୀ ଚୁପ୍ ହେଇଗଲା । କିଛି ସମୟ ଚୁପହେଇ ରହି ସେ ପୁଣି ପାଟି ଫିଟେଇଲା—"ଯୋଗିନୀଝିଅାକୁ ଦେଖୁନ, କେମିତି ଲାଲ ଟହଟହ ଆଖି କରି ଯେ ମୁହଁ ନେଫେଡ଼ି ମେଡେ ଗ୍ଭହୁଁଥିଲା—ଯୋଗିନୀଝିଅାର ମନ ହଉଚ ଖାଲି ଗ୍ଭେମ୍ପିଯାଆନ୍ତା ସେ କାହାକୁ ଆଉ, ଗ୍ଭେମ୍ପି ଦେଇ ଥୁକର ସିଠାଟାକୁ ଫୋପାଡ଼ଦେଇ ଯେ ପଳାନ୍ତା—ଖାଆଲି ଟିକିଏ ଉପାଯ୍ ପାଇଗଲେ ହଉ, ରହ ରହ ଅଳପେଇଷ, ନବୁ, ଖାଇବୁ, ଗ୍ଭେମ୍ପିବୁ. ତୋ ପେଟ ପୂରିବ ! ଏତେକାଳ ଗିଳାଗଲାକା ପେଟ ପୂରିଲା ନାହିଁ ଯେ…"

ଜର୍ଜର ମନେହେଲା ଅନେକ କିଛି ସେ ଯେମିତି ବୁଝିପାରିଲାଣି ଆଜକାଲି ବୁଢ଼ୀର ସେଇ ଠାର ଠାର କଥା । ତାକୁ ଖୁସି ଲାଗିଲା—ଯାହାହଉ, ବୀର ସାମଲକୁ ଭଲ ପାଉନାହିଁ ସେ ବୁଢ଼ୀଟା ! ତେବେ କାହାକୁ ସେ ଆଜକାଲି ଭଲ ପାଉଚ ?

ବୁଢ଼ୀ ବିଷୟରେ ଯେତେ ଯେତେ ସେ ଭାବିଲା, ତା ପରେ ସେଇ ମହମବତିର ଖୁଣ୍ଟଭଳି ବୁଢ଼ୀଟା ସେତିକି ସେତିକି ତାଆର ଆଡ଼କୁ ଢଳିପଡ଼ିଲା ଭଳି ଜଣାଗଲା ଜର୍ଜକୁ । ଖାଲି ସେତିକି ନୁହେଁ, ବୁଢ଼ୀ ବିଷୟରେ ଯେତେ ଯେତେ ତାର ଧାରଣା ଥିଲା, ଏଇ ବୀର, କାମାଖ୍ୟା, ଗଜଆ ଆଉ କଂବଗ୍ଭଜ ବୁଢ଼ା ଯେତେ ଯେତେ କଥା ପୂରେଇଥେଲେ ସେ ବୁଢ଼ୀ ବିଷୟରେ ତା ମୁଣ୍ଡରେ—ସବୁ କେମିତି ନରମି ଯାଉଥିଲା ସେଇ ବୁଢ଼ୀପଟକୁ ।

ମୁହଁ ଉପରେ ଲୁଗା ପକେଇ ଏମିତି କେତେ କଥା ବାରଗ୍ଭଉଥିଲା କରି ଖବୁ ଖବୁ ଜର୍ଜକୁ ଭରି ଅମୁହାଁ, ଅଯନ୍ତୀ ଲାଗୁଥିଲା । ବୀର ଆଉ କାମାଖ୍ୟାଙ୍କ କାନଫଟା ଘୁଙ୍ଗୁଡ଼ିରେ ନିଦ ବି ଆସୁନଥାଏ ତା ଆଖିକୁ ।

ଲୁଗାଟାକୁ ମୁହଁରୁ କାଢ଼ି ପକେଇ ଜର୍ଜ ଗ୍ଭହିଁଲା ଘରର ଅନ୍ଧାର ଭିତରକୁ । ଘରଆଡ଼ୁ ଖାଲି ମାଡ଼ିଆସୁଥିଲା ଘୁଙ୍ଗୁଡ଼ି ପରେ ଘୁଙ୍ଗୁଡ଼ିର ନୂଆର ।

"ଏଇ ବୀର !" ସେଇ କାନଫଟା ଶବଦଗୁଡ଼ାକୁ ଆଉ ବେଶି ସମୟ ବରଦାସ୍ତ କରି ନ ପାରି ଜର୍ଜ ମନକୁ ମନ କହିଲା, "ଏଇ ଶାଳା ଏ ଘର ଭିତରକୁ ପଶୁ ନ ଥିଲା—ପଶିବାକୁ ସାହସ କରୁ ନ ଥିଲା—ନଜର ମିଆଁ ବଞ୍ଚିଥିଲାବେଳେ ବାରଦୁଆର ହଉଥିଲା ଟିକିଏ ଶୋଇବା ପେଇଁ—ଏଇଲେ ସେ ଆସି ଶୋଇଚ ଏଠି ! ଆଉ କାଲିକି ବୋଧେ ସେ ଯାଇ ଶୋଇବ…"

ଜର୍ଜର ଦେହ ଜଳିଉଠିଲା । ହାତ ହଲେଇ ନିଜକୁ ନିଜେ ଥୋଡ଼ାଏ ବାହିଲା ସେ । ହଠାତ୍ ସେତିକିବେଳେ ତା ମନରେ ପଶିଗଲା ସେଇ ଭୟଙ୍କର ଧାରଣାଟା—ଓଃ ! ଜର୍ଜ ସେଇ ଅନ୍ଧାର ଭିତରେ ଉଠି ବସିପଡ଼ି ଘରଆଡ଼କୁ ଅନେଇଲା । ଗୋଟାଏ ଝାଳ ଓହ୍ଲେଇଗଲା ତା ଦେହରୁ ।

Digitized by srujanika@gmail.com

କଟିକଟି ଅନ୍ଧାର ଭିତରେ ଆଖି ମାଡ଼ି ସବୁ ଆଡ଼କୁ ଅନେଇଗଲା ଜର୍ଜ । ତାର ମନେ ହେଉଥିଲା, ସତେ ସେମିତ ଗୋଟାଏ ମନ୍ତ୍ରବଳ୍ ଛୁରୀ ଧରି ୱୀର ସାମଲ ସେଇ ଅନ୍ଧାର ଘର ସାରାଟାକୁ ଅଣ୍ଡାଳପକଉଥିଲା । ଗୋଟି ଗୋଟି କରି ସବୁ ତାର ସମକକ୍ଷ ଯୋଦ୍ଧାଙ୍କୁ ଏଇ ଅନ୍ଧାରରେ ଛୁରୀମାରିଦବାପାଇଁ ତିଆରି ହୋଇ ସେ ସେମିତ ବୁଲୁଥିଲା ଘରଟା ସାରା ।

ତା ଆଖିକୁ ଆଉ ନିଦ ଆସିଲାନାହିଁ । ସେଇ ଧାରଣାଟା ତାକୁ ଅସ୍ତବ୍ୟସ୍ତ କରି ପକାଇଲା ।

"ସତେ କ'ଣ ଏ ବୁଢ଼ୀଟା ପେଇଁ ୱୀର ସାମଲ ଏ କାମ କରିଦେଲା ? ନଜର ମିଆଁକୁ ଉଡ଼େଇଦେଇ ରଜା ହବା ପାଇଁ ଏ କାମ କରିଦେଲା ୱୀର ସାମଲ ?"

ଏ କଥା ମନକୁ ଆସିଲାମାତେ ଜର୍ଜ ସେଇ ଅନ୍ଧାର ଭିତରେ ଖାଲି ନାଲି, ନେଳି, ହଳଦି—ହରେକ୍ ରଙ୍ଗର ଚିହ୍ନ ସବୁ ଦେଖିବାକୁ ଲାଗିଲା । ସବୁଆଡ଼େ ତାର ଖାଲି ଲାଗି-ରହିଥିଲା ଯୁଦ୍ଧ, ଯୁଦ୍ଧ ଆଉ ଯୁଦ୍ଧ ।

ନଜର ଆଉ ୱୀର—ୱୀର ଆଉ ଜାମାସ୍ପା—ଜାମାସ୍ପା ଆଉ ଗଜିଆ—ଗଜିଆ ଆଉ ଶନିଆ—ଶେର୍ କା ବଚା—ସୁଅର୍ କା ବଚା—ସିଂହ, ବାଘ, ଗଧ, ଘୋଡ଼ା, ବଗ୍ରଡ଼, କୁକୁର—ଖାଲି ମେଳା ମେଳା ଭେଳା ଭେଳା ପଶୁଙ୍କର ଯୁଦ୍ଧ—ତା'ରି ଭିତରେ କାହାର ମୁଣ୍ଡର ଦହିଗୁଡ଼ାକ ଛୁଞ୍ଚାଡ଼ି ହୋଇ ପଡ଼ୁଥିଲା—କାହାର ହାତ, ନାକ, କାନ, ଆଖି, ନଖ, ଦାନ୍ତ, ଶିଂଘ, ହାଡ଼—ସବୁ ଛିନ୍ନଛିନ୍ନ ହୋଇ ପଡ଼ୁଥିଲା ଏଣେତେଣେ । ମହାଭୟଙ୍କର ଯୁଦ୍ଧ । ଆଉ ସେଇ ଯୁଦ୍ଧପଡ଼ିଆ ମଝିରେ ଠିଆହୋଇ ନଜର ପାନଖିଆ ଦାନ୍ତ ଦ'ଖଣ୍ଡକୁ, ସୁନ୍ଦର ସୁନ୍ଦର ଓଠ ଦଇଟାର ସରୁ ଫାଙ୍କ ଭିତରୁ ଦେଖେଇ, ଗାଲର ପୁଚୁକାପୁଚୁକା ଭାଙ୍ଗିଯା ପଡ଼ିଯାଇଥିବା ମାଉଁସ ଦ'ମେଣ୍ଟାକୁ ନଚେଇ ନଚେଇ, ଏଡ଼େ ଠୋପା ସିନ୍ଦୂର ତଳୁ କଳା ଜୁକୁଜୁକୁ ଆଖିରେ କିଏ ଜଣେ ଏକଲୟରେ ଅନେଇ ରହିଥିଲା ।

ଜର୍ଜର ଭୂମ ଟାଙ୍କୁରି ଉଠିଲା । ଇସ୍ ! କି ବୀଭତ୍ସ ଯୁଦ୍ଧ ! କିନ୍ତୁ ସେ କିଏ ? କିଏସେ ସେ ?—କିଏ ସେ ନଚ୍ଛେଉଚି ଏତେଗୁଡ଼ାଏ ସର୍ବସ ଜୀବଙ୍କୁ—ତାଙ୍କ ମଝିରେ ଏଡ଼େ ଦମ୍ଭରେ ଠିଆହେଇ—ଆଖିମିଟିକା ମାରି ମାରି—ସେଗୁଡ଼ାକୁ ନଚେଇ ନଚେଇ, ବେଦମ୍ କରି, ବ୍ୟତିବ୍ୟସ୍ତ କରି, ଖର୍ଚ୍ଚି ଭୁଜି, ଖଣ୍ଡ ଖଣ୍ଡ କରି—ଗୁଡ଼ାଏ କଣ୍ଢେଇ ଖେଳନା ଭଳି ତାଙ୍କୁ ଖର୍ଚ୍ଚି, ଫୋପାଡ଼ି ଖଣ୍ଡ ଖଣ୍ଡ କରି କିଏସେ ଖେଳୁଚି ଏଡ଼େ ଦମ୍ଭରେ ?

ଜର୍ଜ ଆଖି ଫରଚେଇ ଆହୁରି ବୁହିଁଲା ।

ବାହାରେ କୁକୁଡ଼ା ଡାକିଲା ।

କବାଟ ଫିଟେଇ ଜର୍ଜ ବାହାରକୁ ଆସିଲା ।

ପୂର୍ବଦିଗରେ ଆକାଶ ଧୀରେ ଧୀରେ ଫର୍ଚ୍ଚା ହେଇଆସୁଥିଲା ।

Digitized by srujanika@gmail.com

ନଜର ମିଆଁ ମରିବା ପରେ ପରେ ବାହାର ଦୁନିଆ ସହିତ ଜର୍ଜର ସମ୍ପର୍କଟା ଟିକିଏ ବେଶି ବଢ଼ିଉଠିଲା । ଦୋକାନ କାମ ବାଦ୍ ବାହାରର କାମପାଇଁ ବୁଢ଼ୀ ତାକୁ ବାହାରକୁ ପଠେଇବାକୁ ବାଧ୍ୟହେଲା । ତା ଛଡ଼ା ଘର କାମାସ୍ତାଙ୍କର ମତିଗତି ବି ବଦଳିଥିଲା । ବଡ଼-ସକାଳୁ ଉଠି ନିଜ ନିଜ କାମରେ ସେମାନେ ଯେ ପୁଅଡ଼େ ଛୁଟିଯାଉଥିଲେ, ଆଉ ଫେରୁଥିଲେ ରାତିରେ । ଦୋକାନକୁ ଫେରି ବୁଢ଼ୀ ଉପରେ ତାନ ଛଡ଼ାଇବା ଗୋଟାଏ ଆଦତ୍ ପଡ଼ିଯାଇଚି । ସେ ଭାବୁଚି ସତେକି ଦୋକାନ ଆଉ ଦୋକାନ ଲଗାସ୍ତ ସବୁ ଜିନିଷ ଯେମିତି ତା ବାପା ଅର୍ଜିଲା ସମ୍ପତ୍ତି । ଦିନେ ଦିନେ ସେ ବୁଢ଼ୀକୁ ଯାଚ୍ଛାତାଇ ଗାଳିଗୁଲଜ କରୁଚି । ଦିନେ ଅଧରାତିରେ ମାତାଲ ହେଇ ଫେରି ସେ ବୁଢ଼ୀ ସାଙ୍ଗରେ କଣ ଝିଟିଝିଟି ଲଗେଇଲା—ଖାଲି କଥାବାର୍ତ୍ତାରେ ନୁହେଁ, ହିଶାଖେଲରେ ସେ ବୁଢ଼ୀକୁ ଟଣାଓଟରା କରିବା ପର୍ଯ୍ୟନ୍ତ ଯାଇଥିଲା । ଘରର ଏଇ ଗୁଣ୍ଡାମି ଜର୍ଜକୁ ଭଲ ଲାଗୁନାହିଁ । ବିଶେଷତଃ ସେ ଗୁଣ୍ଡାଟାକୁ ବୁଢ଼ୀ ଦିହରେ ହାତଦବାର ଦେଖିଲେ ତାର ଦିହ ଜଳୁଚି । ଜର୍ଜ ଜାଣେ, ଏଥିଭିତରେ କୋଉଦିନ ହାତାହାତି ହେଇଯିବେ ସେ ଦିହେଁ । ଆଉ, ସେ ବି ଜାଣେ, ସେଇ ହାତାହାତିରେ ଘର ସାମଲଇ ଜିତିବ । ତା' ପରେ, ତା ନିଜକୁ ଏ ଦୋକାନ ଛାଡ଼ି ପଳେଇଯିବାକୁ ହବ । ସେ ପୁଣି ବାରଦୁଆର ଶୁଙ୍ଘିପିଣ୍ଡା ହବ, ଆଉ ରାସ୍ତାରେ ବୁଲିବ ।

ଜର୍ଜ ଆଶ୍ଚର୍ଯ୍ୟ ହୁଏ । ଏଇ କଅଣ ହେଇଗଲା ଦିନ କେଇଟା ଭିତରେ ! ଗୋଟାଏ ଲୁହାଖଡ଼ିକା ଦେଖେଇ ଯେ ଏକଘାଟରେ ବାଘ ବକରି ପାଣି ପିଆଉଥିଲା ସେ ବୁଢ଼ୀର କଅଣ ହେଇଗଲା ଆଜି ? କାହିଁକି ସେ ବରଦାସ୍ତ କରି ଚୁପ୍ ହେଇ ପଡ଼ିରହିଚି ସବୁକଥା ? ତାକୁ କ'ଣ ଜଣାପଡ଼ୁନାହିଁ ଏ ହାତଖଣ୍ଡିଆ ଗୁଣ୍ଡା ଘର ସାମଲର ମତଲବଟା କଅଣ ବୋଲି ? ତେବେ ସେ କାହିଁକି ଏମିତି ଗୁମ୍‌ମାରି ରହୁଚି ? କାହିଁକି ଘର ସାମଲକୁ ସାବାଡ଼୍ କରିଦଉନି ?

ସେ ଯାହାହଉ ପଛେ, ନଜର ମିଆଁ ମଲା ପରେ ପରେ ନିଜ ହାତରେ ଚଉଦପା' ହବା ପେଇଁ ତାକୁ ଗୋଟିଏ ସୁବିଧା ମିଳିଯାଇଚି । ଆଜିକାଲି ଦୋକାନ ପେଇଁ କୋଇଲା ଗୋଟେଇବା ଲାଗି ଜର୍ଜ ଏକା ଯାଉଚି ଷ୍ଟେସନ ଆଡ଼େ । ବର୍ତ୍ତମାନ ସେ ବଡ ହେଇ ଗଲାଣି । ରାତିବିକାଳି ଡାହାଣୀ ଟରୁଗୁଣୀଙ୍କୁ ଆଉ ଭୟ ନାହିଁ ତାର । ସିତ ଦିନଟାରୁ ଉଠି ବସ୍ତାଟାଏ କାନ୍ଧରେ ପକାଇ ସେ ଗୁରିଯାଉଚି ଆଜିକାଲି ରେଳଲାଇନ ଆଡ଼େ କୋଇଲା ଗୋଟାଇବା ପାଇଁ । ତେବେ, କୋଇଲା ଗୋଟେଇବା କାମ ବି ଆଜିକାଲି ବଡ଼ ମୁସ୍କିଲ୍ ହେଇପଡ଼ିଲାଣି । ପ୍ରଥମେ ଜର୍ଜ ହେଲା ଏକା ଲୋକ । ତା ଛଡ଼ା ଆଜିକାଲି ସେ କି ପ୍ରକାର ଗୋଟାଏ ନୂଆ ଇଞ୍ଜିନ ଲାଗିଲାଣି ଗାଡ଼ିରେ ଯେ ଆଗଭଳି କୋଇଲା ଆଉ ବେଶି ପଡ଼ୁନାହିଁ ରାସ୍ତାରେ । ଦିନୁ ଦିନ କୋଇଲା ଜିନିଷ ଅପୁର୍ବ ହେଇଯାଉଚି । ତା' ଛଡ଼ା କୋଇଲା ଗୋଟେଇବା ପେଇଁ ଆଉ ଜର୍ଜ ସଙ୍ଗରେ ଟକ୍କର ଦବା ପେଇଁ ଖାଲି ସେଇ ଆଗର । ନଜର ମିଆଁ ବେଳର ବୁଢ଼ୀ ଏକା ନାହିଁ । ଆହୁରି ଅନେକ ଅନେକ ଲୋକ

Digitized by srujanika@gmail.com

ଲାଗିଗଲେଣି ସେ କାମରେ । କେବଳ ସେତିକି ନୁହେଁ, କୋଇଲା ପେଇଁ ନୂଆ ବୁଦ୍ଧି ସବୁ ଲୋକଙ୍କ ମନକୁ ଜୁଟିଲାଣି । ସକାଳୁ ସକାଳୁ ଆମ୍ବପୁଷ୍ଟା ଏ, କି ନଡ଼ିଆ ଗୋଟାଏ ବସ୍ତାରେ ପୂରେଇ ଗୋଟାଏ କୋଇଲା ଗୋଟେଇ ମାଇକିନା ରାସ୍ତାରେ ପଇଁତରା ମାରୁଛି । ରେଲ-ଇଞ୍ଜିନ ଆସିଯିବାର ବେଳ ହେଲେ ସେ ଆଗ ଦଉଡ଼ିଯାଉଛି ଇଞ୍ଜିନ୍ ପାଖକୁ । ରେଲ-ଇଞ୍ଜିନର ଲୋକ ହାତକୁ ଭେଟିଟିକୁ ବଢ଼େଇ ଦେଇ ଆଖିବୁଜା ସେ ମାଇକିନା ଡିଆଁ ମାରୁଛି ରେଲ ଲାଇନେ ଲାଇନେ ଖଣ୍ଡେ ଦୂର ଆଗକୁ । ରେଲ ଯେତେବେଳେ ଛାଡ଼ୁଛି, ଜର୍ଜ ଦେଖେ ତ ଅନ୍ୟାନ୍ୟ କୋଇଲା ଗୋଟେଇଲାବାଲାଙ୍କ ଭିତରେ ସେ ମାଇକିନାର ଦେଖାନାହିଁ । ଦିନାକେତେ ଓଁରନବା ପରେ ଜଣାଗଲା କୋଉଠୁ, କୋଉ ବାଗରେ ଏତେ କୋଇଲା, ପୁଣି ଏତେ ଦୂରରୁ ପାଉଛି ସେ ମାଇକିନାଟା । ଏ କଥା ଜଣାପଡ଼ିବା ପରେ ସେ ମାଇକିନା ସାଙ୍ଗେ ବହେ ଫଟାପଟା କଲା ଲାଗିଗଲା ଜର୍ଜର । ହେଲେ, ଆଖର ସେଇ ମାଇକିନାଟାଇ ଜିତୁଛି । ପ୍ରତିଦିନ ବୋଝେ ବୋଝେ କୋଇଲା ଏକା ନେଇ ଫେରୁଛି । ଆଉ ସମସ୍ତେ ଭକୁଆ ହେଇ ରହିଚନ୍ତି । ଜର୍ଜ ଜାଣେ—ଦୋକାନ ଚୁଲିକୁ ତାଉ କରିବାକୁ ହେଲେ ବୁଢ଼ୀକୁ ଏଥର ଗୋବର ଗୋଟେଇ ଯିବାକୁ ପଡ଼ିବ । ନଜର ମିଆଁ ସାଙ୍ଗେ ସାଙ୍ଗେ କୋଇଲାର ଜମାନା ବି ଚାଲିଗଲା ।

ବାହାର ଦୁନିଆ ବିଷୟରେ ଅଭିଜ୍ଞତା କେବଳ ଏଇ କୋଇଲା ଗୋଟେଇବା କାମରେଇ ବଢ଼ିନାହିଁ—ଜର୍ଜର, ଆହୁରି ଅନେକ ଅନେକ ନୂଆ କଥା ତାର ଆଖି ଆଗରେ ପଡ଼ିଲାଣି, କାନରେ ବାଜିଲାଣି । ନୂଆ ନୂଆ କିସମର ଗନ୍ଧ ମଧ୍ୟ ପଶିଲାଣି ତା ନାକରେ, ଆଉ ନୂଆ ନୂଆ ଶବ୍ଦ ସାଙ୍ଗରେ ଚିହ୍ନା-ପରିଚିତ ହେଇଗଲା ବି ସେ ଏଥିଭିତରେ ।

ଜର୍ଜ ବେଳେବେଳେ ଭାବେ, ଯେତେବେଳେ ଟିକିଏ ଫୁରସତ୍ ପାଇ ସେ ବସିଯାଏ, ସେତେବେଳେ ସେ ଭାବେ, ଆଉ ଭାବି ଆଶ୍ଚର୍ଯ୍ୟ ହୁଏ ମଧ୍ୟ —କେଡ଼େ ବିଚିତ୍ର ଏଇ ସହର ! କେଡ଼େ ବିଚିତ୍ର ସ୍ଥାର ଭିନ୍ନ ଭିନ୍ନ ଚେହେରା, ରୂପ ! କେତେ ହରେକ୍ ରକମର ରଙ୍ଗ ଅଛି ସ୍ଥାର !

ଧୀରେ ଧୀରେ ଅନେକ ଚିଜ ଦେଖି, ବୁଝି, ଚିହ୍ନି ପାରିବାର ଶକ୍ତି ମଧ୍ୟ ଆସିଗଲାଣି ତାର ଆଖି ଦିଇଟାର । ଆଜି ଆଉ କେବଳ ଏଇ କାଠ କ୍ୟାବିନ୍‌ର ଗୋଦରା ବୁଢ଼ୀ କି ନଜର ମିଆଁର ଜଡ଼ିବୁଟି, କି ଚରଣ ରାଓର ଅଙ୍ଗାରଚିଜ କିମ୍ବା ବୁଢ଼ା କବିରାଜର ପୁରୁଣା ତାଳପତ୍ର ପୋଥିର ଅମରତତ୍ତ୍ୱ ଆଉ ତାକୁ ବେଶି ବଡ଼ ଲାଗୁନାହିଁ । ବର୍ତ୍ତମାନ ବାହାର ଦୁନିଆଁର ଆହୁରି ଆହୁରି ବଡ଼ କଥାମାନ ପଶିଲାଣି ତାର ମୁଣ୍ଡରେ ।

ଜର୍ଜ ବଡ଼ ହେଇ ଉଠୁଛି ।

ସାଇକେଲ ଦୋକାନି ହରି ମିସ୍ତ୍ରୀ କାବାହେଲା । ଟୋକାଟା ଯେ ଗୋଟାଏ ତାରିଫ୍ କାରିଗର ହବ, ଏଥିରେ ତାର ସନ୍ଦେହ ରହିଲାନାହିଁ । ଏତେ ଫୁର୍ତ୍ତି ଆଉ ଏମିତି ହାତ ଖଣ୍ଡେ ତାର ମିସ୍ତ୍ରୀ ଆଖି ଏତେଦିନ ଯାକେ ଦେଖି ନ ଥିଲା । ହରି ମିସ୍ତ୍ରୀ କଣେଇ କଣେଇ

Digitized by srujanika@gmail.com

ଚାହିଁଲା । ଡାହାଳିଆ ଡାହାଳିଆ ହାତ ଦିଇଟାର ସରୁ ସରୁ ଲମ୍ବ ଲମ୍ବ କାରିଗରି ଆଙ୍ଗୁଠି-ଗୁଡ଼ାକ ଲାଗିପଡ଼ିଥିଲେ କାମରେ । ଖୋଲା ଗାଡ଼ିଟାର ପଛ ଚକର ହବ୍ ଭିତରର ବଲ୍ ବିଅରିଂକୁ କେମିତି ହୁଗାଳି, ଖୋଲି, ସାଫ୍‌ସୁତର କରି, ବଲ୍ ବଦଳି କରି, ଗ୍ରିଜ୍ ଲଗେଇ ପୁଣି କସାକସି କରି, ଟାଲ୍‌ଚାଙ୍ଗି, ଗିଅରକେସ୍‌କୁ ଫିଟ୍‌ଫାଟ୍ କରି ପନ୍ଦର ମିନଟ୍ ଭିତରେ ପୁଣି ନୂଆ କରି ଯୋଇଦେଲା ସେ ଗାଡ଼ିଟାକୁ—କି ଫୁର୍ତ୍ତି, କି ଚେକ୍‌ଠୋକ୍ କାମ ! ହରି ମିସ୍ତ୍ରୀ ବୁଢ଼ାର ଛାତି କୁଣ୍ଢେମୋଟ ହେଇଯାଉଥିଲା ଟୋକାଟା ପେଇଁ । ସେ ମନକୁ ମନ ପ୍ରତିଜ୍ଞା କରୁଥିଲା— ନା, ନା, ତାକୁ ହାତରୁ ଅନ୍ତର କରିବା କଥା ନୁହେଁ—ଯେତେ ମାଗୁ ପଛେ, ଏଭଳି ଟୋକାକୁ କାରିଗର ହାତରୁ ଅନ୍ତର କରିବାର କଥା ନୁହେଁ । ହରି ମିସ୍ତ୍ରୀ ଆହୁରି ନିରେଖି ଅନେଇଲା ।

ଖଣ୍ଡେ ଧୋକଡ଼ା ମାଟିଆ ହାଫ୍ ପେଣ୍ଟ ଆଉ ସାଇକେଲ କଳାବୋଳା ଛିଉଛିଉନା ଗେଞ୍ଜି ଖଣ୍ଡିକ ଭିତରୁ ସେଇ ଫିନ୍‌ଫିନ ପତଳା ଗୋଡ଼ ଦିଖଣ୍ଡ ଆଉ ହାତ ଦିଖଣ୍ଡକୁ ଟିକିଏ ସମସ୍ତ ଚାହିଁଲା ହରି ମିସ୍ତ୍ରୀ । ପିଲାଟାଏ ! ଏପର୍ଯ୍ୟନ୍ତ ପାକଲ ହେଇନି ରୁମମୂଳ ! ବୟସ ଅଛି, ଦିମାକ୍ ବି ନରମ ଅଛି । ଶିଖିବ ଶିଖିବ ! ଶିଖେଇଲେ ନ ଶିଖିବ କିଆଁ ? ନିଶ୍ଚୟ ଶିଖିବ । ତା ବାଦ୍ କିଏ କହିବ···? ହରି ମିସ୍ତ୍ରୀ ଧୀରେ ଧୀରେ ବିଭୋର ହୋଇଗଲା, ଆଉ ମନକୁ ମନ କହିଲା—ଆରେ କିଏ ଜାଣେ ? ଖାସ୍ ଗୋଲାପ ମିଆଁର ମୁଣ୍ଡକୁ ତଳକୁ ଝୁଙ୍କେଇବା ପେଇଁ ଏ ଟୋକା ଏଠିକି ନ ଆସିଚି ବୋଲି ?

ଧୀରେ ଧୀରେ ଟୋକାଟାକୁ ଛାଡ଼ି ହରି ମିସ୍ତ୍ରୀର ମନ ଆଗକୁ ଉଡ଼ିଲା । ହଁ, ହଁ ଆସୁଚି—ଆସୁଚି ସେ ଦିନ—ଅଲବତ୍ ଆସୁଚି—ଏତେ ନିଶ୍ଚିତ ହେଇ କାମ ଯେ କରିବ ତାକୁ କିଅଣ ସବୁ ଦିନେ କର୍ମ ଆଖି ମିଟିକା ମାରୁଥିବ ! ଶାଳା ଚୋର, ଶାଳା ଗୋଲାପ୍ ମିଆଁ ଭଳି ବେଇମାନ୍ ମଣିଷ ଯଦି ବର୍ଷେ ପାଞ୍ଚଟାରେ ଏତେ ଉଚ୍ଚକୁ ଉଠିଯିବ, ଯେ ଗତର ଖଟେଇ ପନ୍ଦର ବରଷ ହେଲା କାମ ସାଧୁଚି, ତାକୁ କ'ଣ ଭଗବାନ୍ ଏମିତି ଠକିଦବ ? ଆସିବ ଆସିବ ସେ ଦିନ । ଦିନେ ଏଇ ହରି ମିସ୍ତ୍ରୀ ପୁଣି ସେ ମିଆଁ ଟୋକାଟାର ଦିମାକ୍ ଚାଙ୍ଗିବ । କରୁଆଉ ଶାଳା କେଡ଼େ ବଡ଼ ଦୋକାନ କରୁଚି । ତକ୍‌ଦିର ତ ଖୋଲିଚି—ହୁ ହୁ ହେଇ ମାଡ଼ି ଯାଉଚି—ଅବ ଫରେନ୍‌ରୁ ପାର୍ଟ ମଗେଇ ସାଇକଲ ଫିଟ୍ କରୁଚି ବୋଲି ହାମ୍‌ବଡ଼ା ଦେଖେଇହଉଚି—କାଲି ସକାଳେ ଫେରି ଶାଳାର୍ ମୁଣ୍ଡ ତଳକୁ ନ ହେଇଚି ଯଦି କହିବ ତୁମେ । ନାଇ ତ ଏଡ଼େ ବଡ଼ ମିସ୍ତ୍ରୀ, ହରି ମିସ୍ତ୍ରୀ ଭଳି ଲୋକ କ'ଣ ତା ଜୀବନଯାକ ଖାଲି ସାଇକେଲ ଚକାରେ ପେଚ୍ ପକେଇ ପକେଇ, ପମ୍ପ୍ ଠେଲେଇ ଠେଲେଇ ଦି' ପଇସା ଚାରିପଇସାର ବେପାରରେଇ ମରିଯିବ ? କଦାପି ନୁହେଁ, କଦାପି ନୁହେଁ—ଭାଗ୍ୟ ଅଛି—ଉପରେ ଯେ ଚାହିଁଚି ଜଳଜଳ କରି—ତାକୁ କିଛି ଅଛପା ନାହିଁ ।

ହରି ମିସ୍ତ୍ରୀ ପୁଣି ଟୋକାଟା ଆଡ଼କୁ ଚାହିଁଲା । ଟୋକାଟାର ଛାଞ୍ଚ ଦେଖି ତା' ମନ ପୁଣି କାହିଁକି ଦବିଗଲା । ଭବିଷ୍ୟତ ଚିନ୍ତାକୁ ପଛକୁ ପକେଇ ସେ ଆଗେ ଟୋକାଟା କଥା ବୁଝିବାକୁ ବସିଲା ।

Digitized by srujanika@gmail.com

ସାଇକେଲ୍‌ଟାକୁ ଫିକ୍ କରିଦେଇ, ତାକୁ ଷ୍ଟାଣ୍ଡରୁ ଓହ୍ଲାଇ, ତଳେ ରଖିଦେଇ, ସିଟ୍‌ର ପ୍ଲାଷ୍ଟିକ୍ ଘୋଡ଼ଣୀ ଉପରେ ଗୋଟାଏ ଥାପଡ଼୍ ମାରି ଅଳସ ଭଙ୍ଗି ଜର୍ଜ କହିଲା—"ମୁଁ ତେବେ ଯାଉଛି ହରି କାକା—ବୁଢ଼ୀଟା ସେଠେ କଟର କଟର ହଉଥିବ—ସେତେବେଳଠୁଁ ଆସିଲଣି—ଖୋଜୁଥିବ—ସନ୍ଧ୍ୟା ହୋଇଆସିଲଣି ଆଇଥେଲି କିରସିନ ଚାରିପଇସାର ନବାକୁ ଯେ, ଦେଖ୍ ଦେଖ୍ ସାଇକେଲ୍‌ଟା ପିଚ୍ଚ ବାଇ ହେଇଗଲା—ମୁଁ ଯାଉଚି— କାଲି ଆସିବି ।"

ହରି ମିସ୍ତ୍ରି ଟୋକାଟାର ତେଜା ତେଜା କଳା କଳା ଆଖି ଦିଇଟାକୁ ଆଉ ତାର ସେଇ ଲମ୍ବା ନାକ ଆଉ ନାକ ତଳର ଗ୍ରେଟ ଗ୍ରେଟ କଅଁଳ କଦଳୀ ଭ୍ରମ ଅଗକୁ ଚାହିଁଦେଇ ଖୋଲ ହେଲାଭଳିଆ କହିଲା—"ଯିବୁ ଘରି ?"

ଅନ୍ୟମନସ୍କ ହେଇ ସାଇକଲ ପଣ୍ଡିକୁ ଟିଣିଟିଣି କରି ଜର୍ଜ କହିଲା—"ହଁ ଯାଉଚି, କାଲି ଆସିବି । ତା'ପରେ ଟିକିଏ ଅଙ୍ଗେଇ ମଙ୍ଗେଇ ହେଇ ସେ ଠିଆହେଲା ।

ହରି ମିସ୍ତ୍ରି ଟୋକାଟାର ମନକଥା ବୁଝିପାରିଲା । ପକେଟରୁ ଟଙ୍କାଟିଏ ବାହାର କରି ଟୋକାଟା ହାତକୁ ବଢ଼େଇ ଦଉ ଦଉ ସେ କହିଲା—"ହେଇ ନେ ଏ ଟଙ୍କାଟା—ହେଲେ କାଲି ଆ. ଦେଖ, ଏଇ ଦଶଖଣ୍ଡ ସାଇକେଲ କାଲି ଅଏଲିଂ କରିବାକୁ ହେବ, ଟିକିଏ ଶୀଘ୍ର ଆସିବୁ ତ ହବ—କଅଣ ବୁଝିଲୁଟି ?"

ହରି ମିସ୍ତ୍ରି ହାତରୁ ଟଙ୍କାଟିକୁ ନେଇ, ପେଣ୍ଟ୍ ପକେଟରେ ପୂରେଇ ଜର୍ଜ ପୁଣି ଟିକିଏ ଠିଆହେଲା, ଆଉ କଅଣ କହିବ କହିବ ବୋଲି ହେଇ ରହିଗଲା ।

"କଅଣ କିରେ ! କଅଣ କହିବୁ କହିବୁ ବୋଲି ହେଇକରି ରହିଯାଉଚୁ—କଅଣ ଅଛି ତୋ ମନରେ କହୁନୁ—କହ; ମୁଁ ତ ତୋ ବାପ ସମାନ. ଲଜ କଆଁ କରୁଚୁ—ଦି' ମାସ ହେଲା ମୋ ସାଙ୍ଗରେ ଚଳପ୍ରଚଳ ହେଲୁଣି, ଅବସାକେ ମୋ ହୃଦକଥା ରୁ ବୁଝିପାରୁନୁ—ହଇରେ ! ହଇରେ ମୋ ପାଖରେ ତୋର ଲଜ କଅଣ ।"

ହରି ମିସ୍ତ୍ରି କଅଁଳେଇ କରି କହିଲା ଜର୍ଜକୁ ।

ଟୋକାଟା ତଥାପି ଅଙ୍ଗମଙ୍ଗ ହଉଥାଏ । ନେତେବେଳକେ ତା' ପାଟିରୁ ବଚନ ବାହାରିଲା—"ଗୋଟାଏ କଥା"—ମୁହଁ ବୁଲେଇ କାନ୍ଥଆଡ଼କୁ ଚାହିଁ ଜର୍ଜ କହିଲା, "ଗୋଟାଏ କଥା ପଚାରିବି, କହିବ ହରି କକା ?'

"କୋଉଟା ? କୋଉ କଥା କହୁନୁ—ଆରେ ଏ ସଂସାରରେ ଏମିତି କୋଉ କଥା ଅଛି ବା ଯୋଉଟା ତତେ ନ କହିବ ମୁଁ ! ଏମିତି କୋଉ ଜିନିଷ ଅଛି ମୋ ପାଖରେ, ଯୋଉଟା ତତେ ନ ଦେବ ମୁଁ ? ଆରେ ହେ '" ଟୋକାଟାକୁ ମନେଇବାପାଇଁ ହରି ମିସ୍ତ୍ରି ବିଭୋର ହେଇଗଲା ଆଉ କହିଲା, "ଆରେ ହେ ' ଏ ବୁଢ଼ାର ଆଉ କଅଣ ଅଛି ? ତିରିଶି ବରଷ ହବ ମାଇପ ମଲାଦିନୁ କାହାକୁ ଆଶ୍ରାକରି ଏ ଦିହ ପଡ଼ିଚି ? ସେ ହଉଚି ଏଇ ବେବସା । ଏ ସାଇକେଲଗୁଡ଼ାକୁ, ଏଇ କଳକବ୍‌ଜାକୁ ଆଶ୍ରାକରି ପଡ଼ିଚି—ଏଇ ଗୁଡ଼ାକୁ

Digitized by srujanika@gmail.com

ଘର୍ଘାର୍, ଠକ୍ଠାକ୍, ଝୁଣ୍‌ଝାଣ୍ କରି ସ୍ବାଙ୍କରି ଚକକୁ ଚଳେଇବାପେଇଁ ଏ ଦକ୍ଷ ପଡ଼ିଛି—ଏତେ ଦିନ ଏତେ ଶ୍ରମିକର ନୌକର ଆସିଲେ ଆଉ ଗଲେ; ହେଲେ ତୋ ଭଳି ଟୋକାଖଣ୍ଡେ ଦେଖି ନ ଥିଲି ଏଯାଏ, ଯିଏ କି କଲକବ୍‌ଜା ସାଙ୍ଗରେ ମଣିଷଛୁଆଙ୍କ ଦେହରେ ଖେଳିଖେଳିକା କାମ କରି ଆସିବ । ଏତେ ଦିନେ ମୁଁ ଡତେ ପାଇଛି । ତୋରି ହାତରେ ମୁଁ କଲକବ୍‌ଜାକୁ ଧୋପା ମନେଇବି, ଆଉ ତୋରି ହାତରେ ମୁଁ ସେଇ ନିମକହାରାମ୍ ଗୋଲାପ ମିଆଁକୁ ସାଧ କରିବି—ଶାଲା ବେଇମାନ୍ ! ଏଇ ଦୋକାନରୁ କାମ ଶିଖିଲା, ଇଆରି ଇଲମ ନେଇ ଅବ ମଣିଷ ବୋଲେଇ ହଉଛି । ଶୁ ଯଦି ବିସ୍ତୃତ ହବୁ, ସବୁ କଥା ହେବ । ଏବେ କହ, କୋଉ କଥା ଉତେ ଅପୂର୍ବ ହେଇଛି କହ ।"

'ହରି ମିସ୍ତ୍ରିଙ୍କୁ ଅଭସ୍ତ ଧାଇ କର୍ଜ ମୁହଁ ବୁଲେଇଲା ତା' ଆଡ଼କୁ, ତେବେ ତା ମୁହଁ ସେତେବେଳକୁ ରଙ୍ଗା ପଡ଼ିଯାଇଥିଲା । ପତଳା ମୁହଁର ନରମ ଚମଡଲକୁ ରକ୍ତ ବୁନ୍ଦାବୁନ୍ଦା ହେଇ ଉପରକୁ ବାହାରିଆସିଲା ଭଳିଆ ଦେଖାଯାଉଥାଏ ତା' ମୁହଁରୁ ।

ଏତେବେଳଯାକେ ହରି ମିସ୍ତ୍ରି କିଛୁ ବୁଝିପାରିଲା ନାହିଁ ଟୋକାଟାର ଇଙ୍ଗିତରୁ । ସେ ଆଶ୍ଚର୍ଯ ହେଲା । ବ୍ୟାପାରଟା କଅଣ ? ଦି'ମାସ ଭିତରେ ଏମିତି ଢଙ୍ଗ ତ ଏ ଟୋକାଠେଇଁ ଦେଖା ନଥିଲା ।

ହରି ମିସ୍ତ୍ରିର ମନେ ପଡ଼ିଲା । ଦି'ମାସ ତଳେ କେମିତି ଦିନେ ସନ୍ଧ୍ୟାରେ ସେ ଦେଖିଥିଲା ଏଇ ଟୋକାଟାକୁ ତା ଦୋକାନ ସାମନାରେ ନିହରପହର ହଉଥିବାର । ସେଦିନ କମିତି ତା' ମନରେ ସନ୍ଦେହ ହୋଇଥିଲା ।—କିଏ ଏ ଟୋକା ? କାହିଁକି ଏମିତି ନଡ଼ବଡ଼ ହଉଛି ଏ ତା ଦୋକାନ ଆଗରେ ? କେତେ ଦାମିକା ଜିନିଷପତ୍ର ଅଛି ଏ ଦୋକାନରେ । ଖାଲି ସାଇକେଲ୍ ନୁହେଁ; ଗ୍ରାମଫୋନ୍, ପେଟ୍ରୋମାକ୍ସ ଏମିତି କି ହରଗ୍ରମ ମାଲୁଆଡ଼ରି ରେଡ଼ିଓ ପର୍ଯ୍ୟନ୍ତ କେତେ ଯନ୍ତ୍ରପାତି ମରାମତି ହେବାପାଇଁ ପଡ଼ିଛି ଏ ଦୋକାନରେ । ଗୋଲାପ ମିଆଁ କ'ଣ ଆଉ ଲୋକ ପଠେଇଲା କି ? ଚୋରି କରି—ବଦ୍‌ନାମ କରି ଦୋକାନକୁ ଭଙ୍ଗେଇବା ପେଇଁ ? ଏମିତି ତ ଆଗରୁ ଅନେକ ଥର ହୋଇଥିଲା ।

ହରି ମିସ୍ତ୍ରି ଡାକିଲା ସେ ଟୋକାକୁ ତା' ପାଖକୁ ସେଦିନ । ବସି-ବସିକା ସେଦିନ ସେ ଗୋଟାଏ ହାରମୋନିୟମ୍ ସଜାଡ଼ୁଥାଏ । ଟୋକାଟା ହରି ମିସ୍ତ୍ରିର ଡାକରେ ପାଖକୁ ବି ଆସିଲା: କିନ୍ତୁ ଖାଲି କନକନ ହଉଥାଏ ସେ; ସତେକି ଦୋକାନଟାକୁ ଗିଳି ପକେଇବ !

ହରି ମିସ୍ତ୍ରି ଟୋକାଟାର ଆଖି ଦୁଇଟାକୁ ଚାହିଁଦେଇ ବୁଝିଗଲା । ଏ ଆଖି ଚୋରର ଆଖି ନୁହେଁ । ଏ ହେଉଛି କାଚଗ୍ର ଯୋଡ଼ାଏ ନିରୀଶିଆ ଆଖି । ଏ ଆଖି କିଛି ଦେଖିନାହାନ୍ତି । ଦେଖିବା ପେଇଁ, ଜାଣିବା ପେଇଁ ଖାଲି ହାଁ ହାଁ ହଉଛି ଏ ଆଖି । ହରି ମିସ୍ତ୍ରି ଟୋକାଟାକୁ ଆପପତଥା କରି ପାଖକୁ ଡାକିଲା ।

କେତେବେଳକେ ସେଦିନ ହରି ମିସ୍ତ୍ରି ବୁଝିଲା ଟୋକାଟା କ'ଣ ପେଇଁ ନିହଡ଼ବହଡ଼ ହଉଥେଲା ସେଠି, ଆଉ ସେଦିନରୁ ସେ ଠିକ୍ ଠଉରେଇନେଲା ଟୋକାଟାର ବୁଦ୍ଧିକୁ ବି । କଲକବ୍‌ଜା ପ୍ରତି ଟୋକାଟାର ଲୋଭ ଆଖି । ନାଇଁ ତ ଦେଖୁନ ! କେମିତି ପିଇଗଲା ଭଳି ସେ

Digitized by srujanika@gmail.com

ଦେଖୁଚ ମୋ ମର୍ମନ୍ତୁଆ ଯନ୍ତ୍ରଟାକୁ '

ହରି ମିସ୍ତ୍ରିର ଆମନ୍ତ୍ରଣଆ କଥା ଶୁଣି ଜର୍ଜ ଦୋକାନ ଦୁଆରମୁହଁ ପର୍ଯ୍ୟନ୍ତ ଆସିଲା, ଆଉ ଦୁଆରମୁହଁରେ ଥୁଆହୋଇଥିବା ସେଇ ଅଦ୍ଭୁତ କଳମାଇକିନିଆଟାକୁ ନିରେଖି ନିରେଖି, ହୃଗଛଡ଼ା ହୋଇ ଗୁନ୍ଦିଲା ।

ସେଦିନ କଥା ମନରେ ପଡ଼ିଗଲାରୁ ହରି ମିସ୍ତ୍ରିକୁ ହସ ମାଡ଼ିଲା । ଖାଲି ସେଇ କୁନୁକୁନିଆ, ତରଙ୍ଗ ତରଙ୍ଗ ଆଖି ଦିଇଟା, ଏ ଟୋକାର, ତାକୁ ଦେଖାଗଲା । କେମିତି ତରମର ସେ ଅନାଉଥାଏ ସେ ମାଇକିନା ମୂର୍ତ୍ତିଟାକୁ । ମନେ କି ଜାଣନ୍ତି ! ଖସ୍‌କିନା ତେଇଁପଡ଼ିବ ସେ ଟୋକାଟା ଉପରକୁ ଆଉ ରକ୍ତ ଶୋଷିନିବ !

ସେ ମାଇକିନା ମୂର୍ତ୍ତିଟା କିଛି ନୁହେଁ । ଖାଲି ଗରାଖଙ୍କୁ ଭଲେଇ କରି, ଗୋଲାପ ମିଆଁ ଦୋକାନରୁ ସ୍ୱାଡ଼କୁ ଟାଣିବା ପାଇଁ ରଖାହୋଇଥିଲା ସେଇଟା ଦୋକାନ ଆଗରେ । ମନ୍ଦର ଦିନ ପରିଶ୍ରମ କରି ହରି ମିସ୍ତ୍ରି ବନେଇଥିଲା ସେ ମାଇକିନାଟାକୁ । ସେ ମାଇକିନା ମୂର୍ତ୍ତିଟା ଅବଶ୍ୟ ଖାଲି ମୂର୍ତ୍ତିଟାଏ ନଥିଲା ! ସେ ବି ଗରାଖଙ୍କ ସେବା କରୁଥିଲା । ସେଇଟା କିଛି ନୁହେଁ; ଖାଲି ସାଇକେଲ ପମ୍ପ ଟାଏ ! ଗୋଟାଏ କାଠ ପଟାରେ ସ୍ପ୍ରିଙ୍ଗ୍ ଖଞ୍ଜାହୋଇ, ରଙ୍ଗ ବୋଳା ହୋଇଥିବା ଗୋଟାଏ ମାଇକିନା ମୂର୍ତ୍ତିଟାଏ, ଯାହା ଦେହରେ ଗୋଟାଏ ଫାଙ୍କ୍ ଆଉ ଚେନ୍ ଆଉ ପେଡ଼ାଲ ଖଞ୍ଜା ହୋଇଥିଲା । ସେଇ ପେଡ଼ାଲକୁ ହାତରେ ଧରି ଜୋର୍ ଘଣ୍ଟେଇ ଫାଙ୍କଟାକୁ ବୁଲେଇଲେ ଆଉ ସେଇ କାଠ ମାଇକିନିଆଟାର ମୁହଁରୁ ବାହାରିଥିବା ରବର ନଳୀଟାକୁ ନେଇ ସାଇକେଲ ଚକାର ଭଲ୍‌ପିନ୍ ମୁହଁରେ ଚପି ଧରିଲେ, ସେଇ ମାଇକିନାଟା ଢିଙ୍କି କୁଟିଲାଭଳିଆ ତଳକୁ ନଇଁ ପଡ଼ୁଥିଲା ଆଉ ଉପରକୁ ଉଠି ପଡ଼ୁଥିଲା, ଆଉ ସେଇଥିଭିତରେ ସାଇକେଲ ଚକାରେ ପମ୍ପ୍ ବି ଦେଇ ହୋଇଯାଉଥିଲା ।

ସେତେବେଳେ ଏଇ ଜିନିଷଟା ଥିଲା ଗୋଟାଏ ଅଦ୍ଭୁତ ଜିନିଷ ଏଇ ବଜାରରେ । ଖାସ୍ ସେଇଆକୁ ଦେଖିବାପାଇଁ ପ୍ରଥମେ ପ୍ରଥମେ ବହୁତ ଲୋକ ଜୁଣ୍ଡ ହଉଥିଲେ ହରି ମିସ୍ତ୍ରି ଦୋକାନ ଆଗରେ । ସେଇ ମାଇକିନା ହାତରେ ନିଜ ସାଇକେଲ ଚକାରେ ପମ୍ପ୍ ଟିକିଏ କରେଇନବାପାଇଁ ବହୁ ଗରାଖ ଜୁଟିଲେ ଦିନାକେତେ ! ପ୍ରାୟ ସବୁଯାକ ରିକ୍‌ସାବାଲା ଜାଣି ଛଳପଡ଼ୁଥିଲେ ଏଇ ଦୋକାନ ଆଡ଼କୁ ' କିନ୍ତୁ ଗୋଲାପ ମିଆଁ ବି ଛାଡ଼ିବା ଜନ୍ତୁ ନଥିଲା । ତା' ପରଦିନ ଦେଖିଲାବେଳକୁ ସବୁଯାକ ଗରାଖ ଯାଇ ଜୁଣ୍ଡ ହୋଇଥିଲେ ଗୋଲାପ ମିଆଁ ଦୋକାନରେ । ହରି ମିସ୍ତ୍ରି କାବା ହେଲା । ପୁଣି କଣ ହେଲା ? ଶୁଣ୍ ଶୁଣ୍ କଅଣ ନା ଗୋଲାପ ମିଆଁ ତା ଦୋକାନକୁ ମଗେଇଥିଲା ଗୋଟାଏ ଇଲେକ୍ଟ୍ରିକ୍ ପମ୍ପ୍ ଯୋଉଥିରେ ସୁଇଚ୍ ଟିପିଲେ ପମ୍ପ୍ ଆପେ ଆପେ ଦେଇ ହୋଇଯାଉଥିଲା । ଖାଲି ସେତିକି ନୁହେଁ, ଗୋଟାଏ ମାଇଚିଆକୁ ବେଶକରି ତାକୁ ବି ଆଣି ଦିନାକେତେ ସେ ବସେଇଲା ତା' ଦୋକାନ ଆଗରେ । ରିକ୍‌ସାବାଲା ଗରାଖ ତାକୁ ଦେଖି ଭୋଳ ହେଲେ, ତା'ରି ହାତରେ ପମ୍ପ୍ କରେଇନବାପାଇଁ ଦଉଡ଼ିଲେ ଗୋଲାପ ମିଆଁ ଦୋକାନ ଆଡ଼େ । ହରି ମିସ୍ତ୍ରି ସବୁ ଦେଖିଲା । ଚୁପ୍ ହୋଇ ରହିଲା । ସେ ଜାଣିଲା—ଗୋଲାପ ମିଆଁ ସାଙ୍ଗେ ଟକ୍କର

Digitized by srujanika@gmail.com

ଦବାକୁ ହେଲେ ଆଉ ପଇସା ତା ଅଣ୍ଟାରେ ନାହିଁ । ଯଦ ଗରାଖ ତା ଦୋକାନରୁ ଏଠିକି ଆସିବେ ତ ତା' ହେଲେ ଖାଲ ତା'ର କାଗଜର ହ୍ୱାଡ ଦେଖି ଆସିଲେ ଆସିବେ ।

ଏଇ ଟୋକାଟା ଆସି ପହଞ୍ଚିଥିଲ ସେତକବେଳେ । ଟୋକାଟାର ମନକଥା ବୁଝି ହର ମିସ୍ତି ତାକୁ ପଟାପଟି କଲ ଦୋକାନରେ ରହିଯିବା ପେଇଁ; ଟୋକାଟା ମର୍ଜି ଥିଲ । ପୁଣି କଅଣ ହେଲ ? ପୁଣି କଅଣ ମାଗୁଚ ସେ ? ହର ମିସ୍ତି ପୁଣି ପଗ୍ଚରଲ 'କରେ କଅଣ ମାଗୁଚୁ, ମାଗୁନୁ ' ଏମିତ ମାଇଚଆଙ୍କ ପର ଡଲକୁ ମୁହଁ ପୋଡଚୁ କାହିଁକ ? କହଲ ପଗ୍, ଏ ଦୋକାନ ଜାଣ ତୋ'ର—ତୁଇ କାମ କଲେ ଏ ଦୋକାନ ଗ୍ଲବ—ଯେତେ ଯେତେ ଲୋକ ରହଲେ ସବୁ ତ ମେ ମିଆଁ ଟୋକା କଣିନେଲ—ତାର ଇଚ୍ଛା, ଏ ଦୋକାନ ଖଙ୍ଗ୍ ଆଉ ଲକ୍ଷ୍ମୀ ତା'ର ଘରେ ବଜେ କରନ୍ତୁ । ଆଉ ହର ସାଲ ଗୋଟାଏ ଗୋଟାଏ ନୂଆ ବବ ଆଣି ସେ ଇସ୍ତେମାଲ କରୁ ! ମିଆଁ ଟୋକାର ତକ୍‌ଦର ଖୁବ୍ ଟାଣ୍ । ନହଲେ ମହଲ ନମ୍ବର ତାକୁ, ଖୁନ—କରେ ଏତେ ପଇସା ସେ ପାଇଲ କୋଉଠୁ ? ଖେଲାଗ୍ରମ ମାରୁଆଡ଼ିକୁ କଏ ମରେଇଚ ? ତା'ର ଧନରେ ଆଜି ତାର ଏ ଦୋକାନ ଉଗ୍ଧ ହେଉଚ ନା ଆଉ କ'ଣ ନଜ ଗଡର ଖଟେଇ ମାଲ୍ । ଶାଲ ମଟର ଏଜେନ୍‌ସି ନବ ବୋଲ କହୁଚ ନଅନ୍ତା ଭଲ, ଏ ସାଇକେଲ ବ୍ୟବସାୟ ଛାଡ଼ିଦଅନ୍ତା —ଖାଉନାହିଁ କ ଖୁଆଇ ଦଉନାହିଁ ଶଳା ।

ହର ମିସ୍ତି ଲୋକଟାକୁ ଏଇ କଛଦନ ଭିତରେ ବେଶ୍ ଚହ୍ନିସାଇଚ ଜର୍ଜ । ଖୁବ୍ ବଢ଼ିଆ ଲୋକଟାଏ । ଖୁବ୍ ଚଉଡ଼ା ଦଲ୍‌ବାଲ ମଣିଷ ! ଗ୍ରେଟଲୋକ ହେଇକର ଏତେ ଟିକେ ନାହିଁ ତା' ଦହରେ । ମାଗିଦେଲେ ସାଗ୍ ଦୋକାନ ଛାଡ଼ିଦେବା ଭଲ ମଣିଷ ସେ । ଏଇ କଛଦନ ଏ ଦୋକାନରେ କାମ କରବା ଭିତରେ ଜର୍ଜର ବେଶ୍ ମାସ୍ତା ଜମିଗଲାଣି ଲୋକଟା ପ୍ରତି, ଆଉ ଦୋକାନଟା ପ୍ରତି । ଯାହା ପଇସା ତ ଦଏ; କାମ କନ୍ତୁ ଠିକ ଶିଖାଏ । କଛ ଗୁମର ରଖେ ନାହିଁ । ଘରେ ବୁଢ଼ୀକି ବ ସେ କହନ୍ତୁ ଏ ହର ମିସ୍ତି କଥା । ବୁଢ଼ୀ ବ ପସନ୍ଦ କରେ ଲୋକଟାକୁ । ତା' ଛଡ଼ା ଜର୍ଜର ଇଚ୍ଛା ଏହ କଲକବ୍‌ଜା କାମରେ କୋଉଠି ଡୁବିଯିବା ପେଇଁ । କାହିଁକ କେଜାଣି, ଏଇ କଲକବ୍‌ଜା ଆଡ଼କୁ ତାର ମନ ଖୁବ୍ ଗ୍ଲୁଚ । କବଗ୍ଜର ଗନ୍ଧଆ ରବରନଲୀ, ଚୂନା, ବଟିକା ଆଉ ମୋଦକ ଅପେକ୍ଷା ଏଇ କାମଟା ତାକୁ ଭଲ ଲଗୁଚ । କେବଳ ପେଟକ ନୁହେଁ, ସେ ଜାଣେ ଏଇ ହର ମିସ୍ତି ହିଁ ହବ ତାର ଠିକ୍ ଗୁରୁ; କବଗ୍ଜ ନୁହେଁ । ହଜାରେ ଅମୃତବୃକ୍ଷର ସନ୍ଧାନ ସେ ନଶାଖୋର, ଅଫିମିଆ ବୁଢ଼ାଟା ପାଇଥାଉ ପଛକେ, ତାର ସେଇସବୁ ପୋଥି କୋଉ କାମକୁ ଆସିବାର ନୁହେଁ । ବରଂ ଯୋଉ ହର ମିସ୍ତି କାଠ, ବାଉଁଶ, ଲୁହା, ରବରକୁ ନେଇ ଅଦ୍ଭୁତ କଳ-କବ୍‌ଜା ସୃଷ୍ଟି କରପାରୁଚ, ଅଦ୍ଭୁତ ମଣିଷମୂର୍ତ୍ତି ତିଆର କରପାରୁଚ, ଆଉ ସେଇ ମୂର୍ତ୍ତିଗୁଡ଼ିକୁ ମନଇଚ୍ଛା ନଚେଇପାରୁଚ, କାମ କରେଇପାରୁଚ, ଆଉ କଏ ଜାଣେ ?—ହୁଏ ତ କଅନ୍ତା ମଣିଷଭଳ କଥାବାର୍ତ୍ତା କରେଇପାରୁଚ, ଗୀତ ବୋଲେଇପାରୁଚ ସେଗୁଡ଼ାଙ୍କୁ ! ଅମୃତବୃକ୍ଷର ସନ୍ଧାନ ତେବେ ଆଉ କେତେଦୂର ଏବାଟେ ?

Digitized by srujanika@gmail.com

ହରି ମିସ୍ତ୍ରିକୁ ଗୁରୁ ମାନି ଜର୍ଜ କାମ କରିଚାଲିଛି । ମାସକୁ କିଛି କିଛି ପଇସା ବି ହାତ ପଇଠ ହଉଚି ତାର । ବର୍ତ୍ତମାନ କାମ ଶିଖୁଛି, ପରେ କାମ ଶିଖିଗଲେ ହୁଏ ତ...।

ହରି ମିସ୍ତ୍ରିକୁ ତାର ମନକଥା ଖୋଲି ମାଗିବାପାଇଁ ଜର୍ଜର ଲାଜ ଧୀରେ ଧୀରେ କଟି ଯାଉଥିଲା । ମନର କୌତୂହଳକୁ ଆଉ ବେଶି ସମୟ ମନ ଭିତରେ ଚାପି ରଖିବାକୁ ଅସମର୍ଥ ହୋଇ ଜର୍ଜ ତା' ଗୁରୁ ମୁହଁକୁ ଚାହିଁଲା ଆଉ କହିଲା—"ହରି କକା ! ମୁଁ ସବୁ ବୁଝିଲି ଯେ—ତମ ଦୋକାନରେ ସାରାଜୀବନ ରହିଯିବାପାଇଁ ମୋର ଇଚ୍ଛା—ତେମେ ତ ମୋର ଗୁରୁ, ସବୁ କଥା ଶିଖେଇଲ—କିଛି ଅଛପା ରଖିନ; ହେଲେ ଗୋଟିଏ କଥା ମତେ ଅବତକ ଶିଖେଇନ କି ଦେଖେଇନ । ଏବେ ଦିନଯାକେ ପଚାରିବି ପଚାରିବି ବୋଲି ହଉଚି—ହେଲେ ଲାଜ ଲାଗୁଚି । ଲାଜ ଲାଗୁଚି କଅଣ କି—ସେଇ କଣ ଆଲମାରିରେ ଯେଉଁ କଙ୍କାଳଟି ତେମେ ଲୁଚେଇ କରି ରଖିଚ, ସେଇଟି କଅଣ, ଆଉ କାହିଁକି ରଖିଚ ? ତମେ ମତେ ସବୁ ମନ୍ତ୍ର ଶିଖେଇଲ ହେଲେ ସେଇ ମନ୍ତ୍ରଟି ଆଜିଯାକେ କାହିଁକି ଶିଖେଇନ ? ମତେ ଯଦି ସେଇ ଇଲମଟି ଦିଅନ୍ତ, ତା' ହେଲେ ..." ଜର୍ଜର ପାଟି ଲାଗିଗଲା । ସେ ଥତମତ ହୋଇଗଲା । ସେ ନିଜେ ବି ବୁଝିପାରିଲା ନାହିଁ କଅଣ ସେ କହୁଚି, ଆଉ କଅଣ ସେ ମାଗୁଚି ବୋଲି !

"କୋଉ କଙ୍କାଳ ?" ହଠାତ୍ ହରି ମିସ୍ତ୍ରିର ଗେଣ୍ଡାକେଶର ଭଳି ବଢ଼େଇ ହୋଇ ଯାଇଥିବା ଓଠ ଦିଇଟା ଚାପିଚୁପି ହୋଇ ଭିତରକୁ ପଶି ପଶି ଗଲା । ହରି ମିସ୍ତ୍ରିର ସେଇ ନୂଆ ଚେହେରା ଦେଖି ଜର୍ଜ ଆହୁରି ଥଙ୍କେଇଲା ।

"ଆବେ କେଉ କଙ୍କାଳ ?" ହରି ମିସ୍ତ୍ରୀ ଚଢ଼ିଉଠିଲା ।

ହରି ମିସ୍ତ୍ରିର ରାଗିବାର କାରଣ କିଛି ନ ବୁଝି ପାରି ଜର୍ଜ ବୋକାଭଳି ଅନେଇ ରହିଲା ତା' ଗୁରୁମୁହଁକୁ । ହରି ମିସ୍ତ୍ରିର ବାଦୁଆ ନିଶଗହଳକୁ ଦି' ଚାରିଟା ପାଚିଲା ନିଶ କେମିତି ହଲିଲା ହଲିଲା ଭଳି ଦିଶିଗଲା ତାକୁ । ସେ ଛାନିଆ ହେଲା ।

ଜର୍ଜର ଇଙ୍ଗିତରୁ ହରି ମିସ୍ତ୍ରି କଅଣ ବୁଝିଲା କେଜାଣି, ହଠାତ୍ ଖପା ହୋଇଗଲା । ହେଲେ ତା' ମୁହଁଟା ପିକଲ ଖସିପଡ଼ିଲାଭଳି ସେ ଦେଖାଯାଉଥିଲା । ହଠାତ୍ ତାତିଉଠି ହରି ମିସ୍ତ୍ରି ପଚାରିଲା—

"ହଇରେ ଟୋକା ! ଶଳା ତତେ ଦୁଧ-ଭାତ ଦେଇ ଏଇଥିପାଇଁ ପୋଷିଥିଲି ବେ ସାପୁଆଟୋକା ! ହଇରେ, ତତେ ସେ କଣ ଆଲମାରି ଫିଟେଇବାକୁ କିଏ କହିଲା ?"

ହରି ମିସ୍ତ୍ରି ଜର୍ଜ ଆଡ଼କୁ ମାଡ଼ି ମାଡ଼ି ଆସିଲା । ଭୟରେ ସେ ପଛେଇ ପଛେଇ ଗଲା । ସେ କିଛି ବୁଝିପାରୁ ନ ଥିଲା, କି ଭୁଲ ସେ କଲା, ଆଉ କଅଣ ପାଇଁ ହରି ମିସ୍ତ୍ରି ଏମିତି ତୋନାଲ୍ ମୋନାଲ୍ ହଉଚି ! ଦୋଷ ଭିତରେ ତାର ଏତିକି ଦୋଷ ଯେ ଦିନେ ହରି ମିସ୍ତ୍ରି ନ ଥିବାବେଳେ ସେ ସେଇ କଣ ଆଲମାରି ଫିଟେଇଥିଲା । ଫିଟେଇ ନ ଥାନ୍ତା । ହେଲେ ହରି ମିସ୍ତ୍ରିର ହାବଭାବ ଦେଖି ତାକୁ କଅଣ ଲାଗିଲା । ସେ ଗୋଟାଏ ସ୍କ୍ରୁ ଡ୍ରାଇ-କାଠି ନେଇ ସେଇ ଆଲମାରି ତାଲାକୁ ଫିଟେଇଥିଲା । ହେଲେ ଟଙ୍କା, ସୁନା କିଛି ତ ନ ଥିଲା ତା ଭିତରେ, କଙ୍କାଳ ଭିତରେ ଥିଲା ଗୁଡ଼ାଏ ଛିଣ୍ଡାଶାଢ଼ି, ବ୍ଲାଉଜ ଆଉ ମାଇପିଙ୍କା

କେଉଁଟା ଜିନିଷ । ବୋଧହୁଏ ହରି ମିସ୍ତ୍ରିର ମାଇପର ଜିନିଷ ଯେଉଁଗୁଡ଼ାକ । ହେଲେ ମାଇପ ତ ବହୁଦିନ ହେବ ମଲାଣି । ତାଆରି କଥା ମନେପକେଇବାପାଇଁ କାଳେ ଏଇ ଛିଣ୍ଡା ଶାଢ଼ି ବ୍ଲାଉଜକୁ ସାଇତି ରଖିଥିଲେ ରଖିଥିବ ହରି ମିସ୍ତ୍ରି । ଯା ଭାବି ଜର୍ଜ ସେ ଅଲମାରିକୁ ଖେଳେଇଲା । ଖେଳଉ ଖେଳଉ ସେ ପାଇଲା ଯେଉଁ ଜିନିଷଟାକୁ । ଚୁରିଚଉଡ଼ା ହୋଇ ସେଇଟି ରଖାଯାଇଥିଲା । ଜର୍ଜ ଯେତେବେଳେ ତାକୁ ଆଣି ହାତରେ ଧରିଲା, ସେତେବେଳେ ବି ସେ ଜାଣି ନ ଥାଏ ସେ ଜିନିଷଟି କଅଣ । ମଟର ଟିଉବ୍ ରବର ସବୁ ପେଚ୍ ପଡ଼ି ଯୋଡ଼ାଯୋଡ଼ି ହୋଇଥିବା ସେଇ ଜିନିଷଟିକୁ ଦେଖି ସେ ଆଶ୍ଚର୍ଯ୍ୟ ହେଲା । ସେଇଟିକୁ ଖୋଲି କରି ସେ ଦେଖେ ତ ରବରର ଦୁଇହାତ ଆଉ ଦୁଇଗୋଡ଼ ଭଳି ଚାରୋଟି ଅଂଶ ସେଥିରୁ ବାହାରିପଡ଼ିଲା । ତାକୁ ଡର ମାଡ଼ିଲା; ସେ ଚାରିଆଡ଼କୁ ଚାହିଁଲା । ଦୋକାନରେ କେହି ନ ଥିଲେ କି ରାସ୍ତାରେ ଲୋକ ବି ନ ଥିଲେ । ଖୁବ୍ ସନ୍ତର୍ପଣରେ ସେ ସେଇ ରବର ପୁଟୁଳିଟିକୁ ଖୋଲି ଦେଖେ ତ ସେଇଟି ଆଉ କିଛି ନୁହେଁ; ଅବିକଳ ଗୋଟାଏ ସ୍ତ୍ରୀଲୋକର ମୂର୍ତ୍ତି । ସେମିତି ମୁହଁ ଆଉ ଦେହ । ମୁଣ୍ଡରେ ଏଡ଼େ ବଡ଼ ଥୋପା ସିନ୍ଦୂର ଦିଆହୋଇଚି । ଦାଉଦାଉ ହୋଇ ଜଳୁଚି ସେ ସିନ୍ଦୂର । ତାର ଛାତି ଭିତର ଦପ୍‌ଦପ୍ ହେଲା । ତଥାପି ସାହସ କରି ସେଇ ଜିନିଷଟିକୁ ଦେଖୁ ଦେଖୁ ସେ ଦେଖିଲା ତାର ଗୋଟାଏ ଗୋଡ଼ର କାଣିଆଙ୍ଗୁଠି ଠେଇଁ ଲାଗିଚି ସମ୍ପଦବା ମୁହଁଟା । ଧୀରେ ଧୀରେ ସେଥିରୁ ଭଲ୍‌ଭଟିଉବ୍‌ଟାକୁ ସେ ଖୋଲିଲା ଓ ମୁହଁରେ ହାଉଆ ଠେଲିଲା । ଦେଖୁ ଦେଖୁ ଗୋଟାଏ ମାଇକିନା ସେଇ ସେମେଟା ରବର ଖୋଳ ଭିତରୁ ବାହାରି ପଡ଼ି ଠିଆହୋଇପଡ଼ିଲା ଜର୍ଜ ଆଗରେ । ସେଇ ମାଇକିନାଟାକୁ ଦେଖିଦେଇ ଜର୍ଜର ପିଳେଇ ପାଣି ହୋଇଗଲା । ବିକଳରେ ସେ ଭଲ୍‌ଭଟିଉବ୍‌ଟାକୁ ସେଇ ରବର ମାଇକିନାର କାଣି ଆଙ୍ଗୁଠିରୁ ଖୋଲି ଦେଇ ନିଃଶ୍ୱାସ ମାରିଲା । ମୁହୂର୍ତ୍ତକ ଭିତରେ ପୁଣି ଯେମିତି ସେମେଟା ହୋଇପଡ଼ିଥିଲା, ସେମିତି ସେମିତି ହୋଇଗଲା ରବରଟା । ବିକଳରେ ତାକୁ ଚଉଡ଼ାଚଉଡ଼ି କରି ଆଲମାରି ବନ୍ଦକରିଦେଇ ଜର୍ଜ ନିଃଶ୍ୱାସ ମାରିଲା । ସେଦିନଠୁଁ ଦୁ'ଦିନ ସେ ଦୋକାନ କାମକୁ ଆସିଲା ନାହିଁ । ହେଲେ ପରେ ସେଇ ରବର ମାଇକିନା କଥା ସେ ଭୁଲିଗଲା । ସେ ଦେଖିଲା ହରି ମିସ୍ତ୍ରିଠୁଁ ଏଇ ମନ୍ତ୍ର ହାସଲ ନକରିବାଯାକେ ତାର କଳକବ୍‌ଜା ପାଠ ପୂରା ହବନି । ସେଇଦିନଠୁ ସେ ହରି ମିସ୍ତ୍ରୀକୁ ଗୁରୁ ମାନି କାମ କଲା । ଆଜି ଗୋଟାଏ ଭଲ ବେଳା ଦେଖି ଲୋକଟାକୁ ସେ ସେକଥା କହୁଚି; ଅଥଚ ସେ ବୁଝିପାରିଲା ନାହିଁ, ଯଦି ଲୋକଟାକୁ ଗୁରୁ କଲା, ସେ ତେବେ ସବୁ କଥା କିଆଁ ନ ଶିଖେଇବ । ତାକୁ କିଆଁ କିଛି କଥା ପେଟରେ ରଖିବ, ଆଉ କିଛି କଥା ଶିଖେଇବ ସେ !

ଜର୍ଜ ମୁହଁ ଖୋଲିଲା । ସେ ହରି ମିସ୍ତ୍ରିକୁ ଉତ୍ତର ଦେଲା—"ହରି କାକା, ତେମେ ସତ ମୋତେ ଶିଷ୍ୟ କରିଚ ? ଏମିତି ରାଗୁଚ କିଆଁ ? ସେ ରବର ଜିନିଷଟାର କାମ କଅଣ, ଆଉ କାହିଁକି ସେଠି ସେ ଅଛି, ସେକଥା ପଚାରିଲେ ତୁମେ ଏମିତି ରାଗୁଚ କାହିଁକି ?"

ଜର୍ଜର ମୁହଁଭିଡ଼ଙ୍ଗ ସମ୍ଭାଳି ନପାରି ହରି ମିସ୍ତ୍ରି ଚାରିଆଡ଼କୁ କଟମଟ କରି ଚାହିଁଲା ।

Digitized by srujanika@gmail.com

ହଠାତ୍ ତା' ମନକୁ କଅଣ ଆସିଲା କେଜାଣି, ଗୋଟାଏ ବଡ଼ ମାସ୍କୁଲ ତା' ଗୋଡ଼ ପାଖରୁ ଗୋଟେଇ ଆଣି ସେ ଧାଇଁଆସିଲା ଟୋକାଟାଆଡ଼କୁ ।

ଭୟରେ ଜର୍ଜ ଦୋକାନ ବାହାରକୁ ପଳେଇଆସିଲା ।

ଆଜିଯାଏ ଜର୍ଜ ବୁଝିପାରେ ନାହିଁ କାହିଁକି ହରି ମିସ୍ତ୍ରି ଭଳି ଏଡ଼େ ଭଲ ମଣିଷଟାଏ ଏମିତି କୋପମୂର୍ତ୍ତି ହୋଇ ଉଠିଲା ? କଅଣ ଦୋଷ ତାର ? କଅଣ ସେ ମାଗିଲା ? କିଏ କୋଉଠି ସେ ହରି ମିସ୍ତ୍ରିର ମନରେ ଆଘାତ ଦେଲା । ସେଇଟା କଅଣ ଆଉ···? ଜର୍ଜ ଅନେକ କଥା ଭାବେ ମନେ ମନେ । ସେଇ ଛିଣ୍ଡା ଶାଢ଼ି, ବ୍ଲାଉଜ ଆଉ ଆଉ ଜିନିଷ ଭିତରେ ସେଇ ରବର ଜିନିଷଟା ଆଉ ତା ମୁଣ୍ଡର ନାଲି ସିନ୍ଦୂର ମେଞ୍ଚାକ ଗୋଟାଏ କେମିତି ଅଦ୍ଭୁତ ଛାପ ପକେଇଥାଏ ତାର ମୁଣ୍ଡରେ ।

ହରି ମିସ୍ତ୍ରି ଦୋକାନରୁ ବାହାରି ଆସିବାର ବର୍ଷକ ପରେ ବି ଜର୍ଜ ଭାବେ—କି ଅଦ୍ଭୁତ ଶକ୍ତି ସେଇ ଲୋକଟାର ! କି ହାତ ତାର ସେଇ କଳକବ୍‌ଜା ଉପରେ ! ଯାହା ଦେହରେ ହାତ ଦେଲା ତାକୁ ଜିଅନ୍ତା କରି ଥୋଇଦଉଥିଲା ! ତେବେ ଏ ହରି ମିସ୍ତ୍ରି କ'ଣ ଗୋଟାଏ ଗୁଣିଆ ? ଚରଣ ଗୁଁଓ ଭଳି କ'ଣ ମାଉଁସଖଣ୍ଡକୁ ଫୁଙ୍କି ଦେଇ ଏ ଜୀବନ ଦିଆଇପାରେ ? ନାଁ—ହୁଁ, ହରି ମିସ୍ତ୍ରି ଜୀବନ୍ୟାସ ଦବା ବାଗ ଚରଣ ଗୁଁଓଠୁଁ ଅଲଗା । ହରି ମିସ୍ତ୍ରି କଳ-କବ୍‌ଜା ଦାଗର ଲୋକ । ଚରଣ ଗୁଁଓ କିନ୍ତୁ ବିଶୁଦ୍ଧ ପାଗଳଟାଏ । ତାର କଥାବାର୍ତ୍ତାରେ ଠିକଣା ନ ଥାଏ । ସେ ଯାହା କରେ ସେ କଥା ଶୂନ୍ୟେ ଶୂନ୍ୟେ କରେ । କେହି ବୁଝି ପାରନ୍ତି ନାହିଁ ସେ ପାଗଳାଟାର କଥା । ହେଲେ ହରି ମିସ୍ତ୍ରି କଥା ନିଆରା । ଏଇ ଦାଗରେ କବିରାଜ ବୁଢ଼ାର ଅମରବୃକ୍ଷ କଥାକୁ ବି ଜର୍ଜ ମିଳେଇ କରି ଦେଖେ । ଏକାକଥା । ସେ ବି କୁଆଡ଼େ ମଲା ମଣିଷକୁ ଜୀବନ୍ୟାସ ଦେଇ ପାରିବ; କିନ୍ତୁ ଏ ତିନିଙ୍କ ଭିତରେ ବଡ଼ କିଏ ? ପାଗଲା ଚରଣ ଗୁଁଓ, ନା ଶ୍ରେଷ୍ଠ କବିରାଜ, ନା ଏ ହରି ମିସ୍ତ୍ରି ? ଜର୍ଜ ନିଜକୁ ପଚାରେ ଆଉ ବରାବର ହରି ମିସ୍ତ୍ରି ଆଡ଼କୁ ତାର ମନ ଯାଏ । ଜର୍ଜ ଭାବେ—ବଡ଼ହେଲେ ସେ ଏଇ କଳକବ୍‌ଜା ଦାଗରେ ମଣିଷ ହବ । କଳକବ୍‌ଜାକୁ ଆୟତ୍ତ କରିବ, କଳଖଞ୍ଜି କରି ମଣିଷକରି ସେଇ କଳ ହାତରେ ସେ କଳକୁ ଚଳେଇବ, ଆଉ ନିଜେ ମାଲିକ ହୋଇ ବସି ଦେଖୁଥିବ —ତାଆରି ଆଗରେ ତା'ର କଳର ଗୋଲାମମାନେ କାମ କରି ଯାଉଥିବେ । ଆଉ ଏ ମଣିଷ ଗୋଲାମମାନଙ୍କୁ ? ଜର୍ଜକୁ ହସ ମାଡ଼େ, ଆଉ ରାଗ ବି ଲାଗେ । କେଡ଼େ ବେଇମାନ ଏଇ ମଣିଷ ଗୋଲାମଗୁଡ଼ାକ ! ଆଉ କେତେବେଳେ ଯେ କ'ଣ ହୋଇଯାଉଛି ଏ ଗୋଲାମ ଗୁଡ଼ାଙ୍କର ! କୋଉ ଘଣ୍ଟରେ କୋଉ ଘୋଡ଼ା କୁଦୁଛି ଏ ମଣିଷମାନଙ୍କର ! ଏଗୁଡ଼ାଙ୍କୁ ନେଇ କି କାମ କରିବ ମଣିଷ ! କଳ ଆଉ ମଣିଷ ! କଳ ଆଗରେ ମଣିଷ କେଡ଼େ ଶ୍ରେଷ୍ଠ !

ଜର୍ଜ ଆଜି ଖୋଜି ବାହାରକରେ ତାର ପିଲାଦିନର ସେଇ ଶ୍ରେଷ୍ଠ ରବର ଖେଳଣାଟିକୁ, ଆଉ ତାର କାନ ମୋଡ଼ିଦେଇ ଗେହ୍ଲେଇ ଗେହ୍ଲେଇ ହୋଇ ତାକୁ କହେ—"ରହ, ସବ୍‌ରତ କର—ମୁଁ ଦିନେ ତତେ ଜୀବନ୍ୟାସ ଦେବି—ତତେ ମୁଁ ତୋ'ର ଗୋଡ଼ରେ

Digitized by srujanika@gmail.com

ଚଳେଇବ—ତୋର ମୁହଁରେ ହସେଇବ; ଆଉ ତୋର ଆଖିରେ କନ୍ଦେଇବ—ଗନ୍ଧ, ଦେଖିବୁ ମୋର ଶକ୍ତି କେତେ ?"

ଦୂରରେ ସ୍ୱାମୀ ସାମଲ ଆଉ ବାମାସ୍ତ୍ରୀ କଅଣ ଫୁସୁଫୁସୁ ହଉଥାନ୍ତି, ଆଉ ବୁଢୀଆଡ଼କୁ ଆଖି ମିଟିକାମାରି କଅଣ କଥାବାର୍ତ୍ତା ହେଇ ହସରେ ଗଡ଼ୁଥାନ୍ତି । ମୁହଁ ବନ୍ଦ କରି ବୁଢ଼ୀ ବସିଥାଏ । ପାଟି ଫିଟେଇବାର ଯୁ ନାହିଁ । ସ୍ୱାମୀ ବର୍ତ୍ତମାନ ଏ ଘରର ମୁଖିଆ ।

ହରି ମିସ୍ତ୍ରି ଦୋକାନ ଛାଡ଼ିବା ପରେ ପରେ ଜନାକେତେ ଜର୍ଜ ସହରର ଏଣେତେଣେ ବୁଲିଲା । ପ୍ରଥମେ କଲିକତା ସହରର ଗୋଟାଏ ରୁଟି କାରଖାନାରେ ସେ ନଉକରି ପାଇଲା । ଦୋକାନ ମାଲିକ ପଞ୍ଜାବୀ ମାସିକ ତିରିଶି ଟଙ୍କା ବର୍ତ୍ତନରେ ତାକୁ ନଉକରି ଦେଲା; କିନ୍ତୁ ଦ'ମାସ କାମ କରିବା ପୂର୍ବରୁ ଜର୍ଜ ସେ କାମ ଛାଡ଼ିଦେଲା । ପଞ୍ଜାବୀ ଲୋକଟା ଭଲ ନୁହେଁ । ଲୋକଟାର ଆଦତ୍ ଖରାପ । ସ୍ୱାମୀ ସାମଲ ଭଳିଆ ହୁଣ୍ଡାମସ୍ତିଆ ଲୋକଟାଏ । ହଇଁ ମ ମଦ ପିଏ, ଆଉ ପଞ୍ଜାବୀଙ୍କୁ ଡାକିକରି ବି ପିଆଏ । ମଦ ତ ଯାହା ପିଏ ପିଏ, ତା ଛଡ଼ା ଲୋକଟାଏ କିଛି ଠିକ୍-ଠିକଣା ନଥାଏ । କେତେବେଳେ ଯେ କଅଣ ତାର ମନ । ନିଜ ସ୍ତ୍ରୀଟାକୁ ନଶାଭୋଳରେ ହିଁ ମ ବାଡ଼ାଏ ସେ । ମାଇକିନିଆଟା ବି କିଛି କମ୍ ଜନ୍ତୁ ନୁହେଁ । ସେ ତା ବେଳେ ଦାଉ ସାଧେ । ସେ ମାଇକିନା ବି ଜର୍ଜ ସାଙ୍ଗରେ ଆଉ ତା ସ୍ୱାମୀ ସାଙ୍ଗରେ କାମ କରେ । ତାର କାମ ତେଣି ଚୁଲି ପାଖରେ । ଚୁଲିପାଖରେ ହରଦମ୍ ନଇଁପଡ଼ି ସେ କେକ୍ ଆଉ ରୁଟି ସେକିବା କାମ ତଦାରଖ କରେ ।

ମାଇକିନାଟା କେମିତି ମଣିଷ—ଏକଥା ଜାଣିବାକୁ ବେଶୀ ଡେରି ଲାଗିଲା ନାହିଁ ଜର୍ଜକୁ । ଏଡ଼େ ଉଞ୍ଚ, ଏଡ଼େ ଅସାଧିଆ ମାଇପିଟାଏ । ସଦାବେଳେ ଗୋଟାଏ ନେଳୀ ସାଲୁଆର ଆଉ କଳା ସିଲ୍‌କ ପଞ୍ଜାବୀ ସେ ପିନ୍ଧେ । ତା ଛଡ଼ା ତାର ବୁଖାଲିଆ ଗ୍ରୀବ ମଝିରେ ଖଣ୍ଡେ ଲାଲ ପତଳା ସିଲ୍‌କ ଓଢ଼ଣୀ ସେ ପକାଏ । ଖୁବ୍ ବେପରୁଆ ଲୋକଟାଏ । ଯେମିତି ପାରେ ସେମିତି ଠିଆ ହୁଏ, ଯେମିତି ପାରେ ସେମିତି ବସେ, ଆଉ ବହେ ବହେ ହସେ । ତା ଗୁଣପାଖେ କେହି ଲୋକ ଅଛି କି ନାହିଁ, ସେ ଚିନ୍ତା କରେ ନା ।

ସେ ଦୋକାନରେ ଆଗରୁ କାମ କରୁଥିବା ଜଣେ ପୁରୁଣା ଚାକରଠୁଁ ସେ ଶୁଣିଥାଏ—ସେଇ ମାଇକିନା ଆଉ ସେ ପୁରୁଷ ଦହିଙ୍କର ବୃତ୍ତାନ୍ତ । ଜର୍ଜ ଖୁବ୍ ଡରିମରି ଚଳେ ।

ଥରେ ଚୁଲି ଉପରେ ଝୁଙ୍କିପଡ଼ି ସେ ମାଇକିନା ରୁଟିଗୁଡ଼ାକ ଚୁଲିରୁ ବାହାର କରୁଥାଏ, ଆଉ ଗୋଟାଏ ଗୋଟାଏ କରି ରୁଟି ଜର୍ଜ ହାତକୁ ବଢ଼ାଇ ଦଉଥାଏ । ଜର୍ଜ ତାକୁ ଝଡ଼ାଝଡ଼ି କରି କାଗଜ ପ୍ୟାକେଟରେ ପୂରେଇ ରଖୁଥାଏ । ଗରମ ଗରମ ରୁଟିଗୁଡ଼ାକୁ ହାତରେ ଧରି ଏପଟ ସେପଟ କରୁ କରୁ ଜର୍ଜ ସେ ମାଇକିନିଆକୁ କଣ-ଆଖିରେ ଲକ୍ଷ୍ୟ କରୁଥାଏ । ସେ ନଇଁପଡ଼ିଥାଏ ଚୁଲି ଉପରେ । ତାର ବୁଖାଲିଆ ଗ୍ରୀବଟା ପ୍ରାୟ ଲାଗି-ଯାଇଥାଏ ସେଇ ତାତିଲା ଚୁଲି ଉପରେ ।

Digitized by srujanika@gmail.com

ହଠାତ୍ ସେ ମାଇକନାଟା ଜର୍ଜ ଆଡ଼କୁ ଘୁଞ୍ଚିଦେଲା । ଜର୍ଜର ଅଜାଣତରେ ଜଁଅ-ଧାସରେ ନାଲବର୍ଣ୍ଣ ଧରଥିବା ଚେଗାଚେଗା ଆଖିଦଇଟା ଜର୍ଜର ଆଖି ସାଙ୍ଗରେ ମିଶିଗଲା । ଜର୍ଜର ଦହ କଣ ହେଇଗଲା । ସେ ମୁହଁ ବୁଲେଇ ନେଇ କାମରେ ମନଦେଲା ।

ସେ ମାଇକନାଟା କଅଣ ଭାବିଲା କେଜାଣି ? ଟିକଏ ସମୟ ପରେ ସେ ଜର୍ଜକୁ ପାଖକୁ ଡାକିଲା । ଜର୍ଜ ଜାଣିଥିଲା ସେ କାହିଁକି ତାକୁ ଡାକୁଚି ବୋଲି । ତଥାପି ତା ପାଖକୁ ଗଲା । ତା' ଦହ ସେତେବେଳକୁ ବରଫ଼ପରି ପଣ ଥରୁଥିଲା । ମାଇକନାଟା ଜର୍ଜର ସେଇ ଜୀର୍ଣ୍ଣ ଦେହେଗଟାକୁ ଟିକଏ ସମୟ ତା ଆଖିରେ ଏପଟ ସେପଟ କଲା । ତା ପରେ ଟିକଏ ମୁରୁକିହସା ଦେଲା ।

ହଠାତ୍ ସେ ଅନୁଭବ କଲା ଗୋଟାଏ ମସ୍ତ ଲମ୍ବ, ମୋଟା ଆଉ ଭିଡ଼ମୋଡ଼ ହଉଥିବା ଅଜଗର କି ସେଇଭଳି ଗୋଟାଏ ଭୟଙ୍କର ସାପ ତା ବେକ ଚାରିପାଖେ ଗୁଡ଼େଇ ହେଇଗଲା; ଆଉ କ୍ରମେ କ୍ରମେ ତାକୁ ଚିପିବାକୁ ଲାଗିଲା । ଜର୍ଜ ଅଣନିଃଶ୍ୱାସୀ ହୋଇଗଲା । ସେ ଛଟିପିଟି ହେଲା । ତାର ଅଜାଣତରେ ଗୋଟାଏ ଗଁ-ଗଁ ଶବ୍ଦ ବି ସେ ଶୁଣିପାରିଲା ତା ନିଜ ବେକ ଭିତରୁ । ତା ପରେ କଅଣ ଗୋଟାଏ ଖରା କଷ୍ଟ ଅନୁଭବ କରି ସେ ଅନ୍ତର ଜୋରରେ ଛଟିପିଟି ହେଲା । ସେତେବେଳକେ ଗୋଟାଏ ଖୁବ୍ ତାତିଲା, ଗରମ ନିଃଶ୍ୱାସ ସେ ତା ମୁହଁ ଉପରେ ଅନୁଭବ କଲା । ତା ପରେ ତାକୁ କିଏ ଠେଲିଟାଏ ମାଇଲା । ଟିକଏ ଦୂରରେ ଛଟିହେଇ ଟଙ୍କ ମାଟି ଅଣ୍ଟାଳି ପକାଇଲା ଜର୍ଜ । ତାକୁ ଦଣ୍ଡଦଗ ଅନ୍ଧାର ଦେଖାଗଲା । ତାର ଆଖିରୁ ଜୁଳୁଜୁଳିଆ ପୋକ ବାହାରିଗଲା ।

କେତେବେଳ ପରେ ଯେତେବେଳେ ତା ଆଖିରୁ ଜୁଳୁଜୁଳିଆ ପୋକସବୁ ବାହାରିଗଲେ, ସେ ଉଠିବସିଲା । ପ୍ରଥମେ ସେ ଅନୁଭବ କଲା ଗୋଟାଏ ସାଙ୍ଘାତିକ କଷ୍ଟ ତା ନାକଦଣ୍ଡା ଉପରେ । ନାକଦଣ୍ଡାଟାକୁ ଆଉଁସୁ ଆଉଁସୁ ଟିକଏ ରକ୍ତ ବି ତା ହାତରେ ଲାଗିଲା । ନାକଟା ତା ଜାଗାରେ ଥାଇ ମଧ୍ୟ ନ ଥିଲାଭଳି ତାକୁ ଲାଗୁଥିଲା ।

ଜର୍ଜ ଦେଖିଲା—ଖଣ୍ଡେ ଦୂରରେ ଗୋଟାଏ ବାଘୁଣୀଭଳି ସେ ମାଇକିନିଆଟା ଛକିବସି ମୁରୁକେଇ ମୁରୁକେଇ ହସୁଥିଲା । ଜର୍ଜକୁ ତା ଆଡ଼କୁ ଚାହିଁବାର ଦେଖି ସେ ତାକୁ ଟିକଏ ଖତେଇ ହେଲା, ଆଉ ତାର ବଡ଼ ବଡ଼ ଚକ୍‌ଚକ୍ ମାରୁଥିବା କୋଡ଼ିଭଳି ଗୁମୁଦାନ୍ତକୁ ଦେଖେଇ କହିଲା—"ଖୁବ୍ ଅଚ୍ଛା ନାକଟାଏ—ମୁଁ ତୋ ନାକକୁ ଖାଇବି—ତା ବାଦ୍ ମୁଁ ତୋର ସେଇ କଇଁଫୁଲିଆ କାନକୁ ଖାଇବି—ତା ପରେ ମୁଁ ତୋର ସେଇ କଅଁଳିଆ ଜିଭକୁ ଖାଇବି—ମତେ ଦବୁ ତୁ ତୋର ସେସବୁକ ?"

ମାଇକିନିଆଟା ଗେଲରେ ସେମିତି କହୁଥିଲା କି ସତରେ ସେମିତି କହୁଥିଲା—ଜର୍ଜର କିଛି ଧାରଣା ନଥିଲା । ତେବେ ସେ ସେଇ ମାଇକନା ବୃତ୍ତାନ୍ତ ଆଗରୁ ସେଇ କାରଖାନାର ଗୋଟାଏ ପୁରୁଣା ଚାକରଠୁଁ ଶୁଣିଥିଲା । ଜର୍ଜ ସେ କଥାକୁ ବିଶ୍ୱାସ କରୁନଥିଲା; ଏବେ ବିଶ୍ୱାସ କରିବାକୁ ବାଧ୍ୟ ହେଲା । ଆଉ ସେ ଜାଣିଲା ଯେ ଦିନେ ନା ଦିନେ ସେ ମାଇକନା ତାକୁ ପ୍ରାଣରେ ଝୁଣିଦେବ ନିଶ୍ଚୟ ।

Digitized by srujanika@gmail.com

ସେ ମାଇକିନାର ଏମିତି କାମୋଡ଼ାକାମୋଡ଼ି ଆଦତ୍ ଜାଣିବାଦିନଠୁଁ ଜର୍ଜ ଆଉ ତା ପାଖ ପଶିଲା ନାହିଁ; କିନ୍ତୁ ବେଳେବେଳେ ଦୂରରୁ ସେ ତାକୁ ନଜର କରେ । ପିଞ୍ଜରା ଭିତରେ ଥିବା ବାଘୁଣୀଭଳି ଦୂରରେ ସେ ଜର୍ଜକୁ ଖୁବ ସୁନ୍ଦର ଆଉ କଉତୁକିଆ ଦିଶେ; କିନ୍ତୁ ସେ ସୁନ୍ଦର ଆଉ କଉତୁକିଆ ପଣରେ ଭୁଲି ସେ କେବେ ତାର ପାଖ ମାଡ଼େ ନାହିଁ ।

ଜର୍ଜକୁ ରାତିରେ କାରଖାନା ଜଗି ଶୋଇବାକୁ ପଡ଼େ । କାରଖାନା ଘରେ ଖଣ୍ଡିଏ ଖଟିଆ ପକେଇ ସେ ଶୁଏ । କାରଖାନାକୁ ଲଗି ତା ମାଲିକ ଘର । ରାତିଅଧଯାକେ ଭଦ୍ରଙ୍କର ମଦଗନ୍ଧରେ ପୁରାଉଠେ ଜାଗାଟା । ଖୁବ୍ ଗଣ୍ଡଗୋଳ, ଗର୍ଜନତର୍ଜନ, ଧସ୍ତାଧସ୍ତି ସବୁ କଅଣ ହୁଏ ସେଠି । ଦିନେ ଦିନେ ରାତିଅଧରେ ମଦ ଖାଇ ମାତାଲ ହୋଇ ସେ ମରଦ ଓ ମାଇକିନା ଦିହେଁ ବାଡ଼ିଆବାଡ଼ି, କଳିକଜିଆ କରନ୍ତି ଓ ପରଦିନ ସକାଳୁ ଉଠି ସେଇ କଳିକଜିଆରେ ଜର୍ଜକୁ ମଧ୍ୟସ୍ଥ କରନ୍ତି । ସେ ତାଙ୍କ ଗପରୁ କିଛି ବୁଝେନା । ତେବେ ସେ ଜାଣେ ଯେ ସେ କଳିଗୋଳ, ମାଡ଼ପିଟାପିଟି କଥା କିଛି ନୁହଁ; ଖାଲି ଗୋଟାଏ ରକମ ଖେଳ ।

ଦିନେ ଦିନେ ରାତିରେ ତା ମାଲିକର ଶୋଇବାଘରୁ ଗୋଟାଏ ଗୋଟାଏ ଅଦ୍ଭୁତ ଶବ୍ଦ ଶୁଣି ଜର୍ଜ ଚମକି ଉଠିବସେ । ସେ ଶବ୍ଦ ରାତିଅଧରେ, ଶୂନ୍‌ଶାନ୍ କଟିକଟି ଅନ୍ଧାର ରାତିରେ ଶୁଣିଲାବେଳେ ସେ ମନେକରେ—ସତେ ଯେମିତି ଗୋଟାଏ ଅଗନାଅଗନ୍ଧ ବନସ୍ତ ଭିତରେ ଆସି ସେ ଏକୁଟିଆ ଆଉ ନିତ୍ରାଣ ହୋଇ ବସିଛି । ତା ଚାରିପାଖଯାକ ବଣଜନ୍ତୁ । ଭୂତପ୍ରେତ ଆଉ ସବୁ ପ୍ରକାର ସାପ, ବିଛା, ଅସରପାମାନେ ଘେରି ରହି ନାନାପ୍ରକାର ଶବ୍ଦ ସୃଷ୍ଟି କରୁଛନ୍ତି । ଜର୍ଜ ସେ ଶବ୍ଦଗୁଡ଼ାକ ସମ୍ଭାଳି ପାରେନାହିଁ । ବିଶେଷତଃ ଯୋଉ ରାତିରେ ମାଡ଼ ଖାଇ ସେ ମାଇକିନାଟା ଗୋଟାଏ ଧର୍ମଛଡ଼ା ଦେଶୀ କୁକୁର ଭଳି ବସି ବାହୁନେ, ସେଇ ନିର୍ଜନ ରାତିଗୁଡ଼ାକ ତାକୁ ଖୁବ ମାଡ଼ ମାଡ଼ ପଡ଼େ । ତା'ର ମନେହୁଏ, ସତେ କି ସାରା ପୃଥିବୀଟା ଆଉ ଟିକିକେ ଖସିପଡ଼ିବ କୋଉ ରସାତଳକୁ ।

ଏମିତି ଏମିତି କିଛିଦିନ ପରେ ଜର୍ଜ ଦେଖିଲା ଯେ ଆଉ ସେ ପଞ୍ଜାବୀ ଦୋକାନର କାମକୁ ସମ୍ଭାଳି ପାରିବନାହିଁ । ସେ ଗର୍ଜନ, ତର୍ଜନ, ମଦୁଆ ଲୋକଙ୍କ ଗାଁ ଗାଁ ଶବ୍ଦ ଆଉ ତା' ଛଡ଼ା ପାଉଁରୋଟି ସେକିଲାଭଳି ନିବୁ'ଧିଆ କାମ ଆଉ ତା ଦିହରେ ସିବନାହିଁ ।

ସେ ପଞ୍ଜାବୀ ଦୋକାନ ଛାଡ଼ି ପଳେଇଆସିଲା । ଜର୍ଜଠୁଁ ବୁଢ଼ୀ ସବୁକଥା ଶୁଣିଲା । ତା ପରେ ସେ କହିଲା—"ଭଲ କରିଚୁ ପଳେଇଆଇଚୁ—ସେ ଯୋଗନୀଖାଇ ତୋ ଦିହର ସବୁ ରକତ ଶୋଷିସାରିଲାଣି—ସିଠାକରି ତେତେ ଛାଡ଼ିଦେଇଚ—ଏଥର ମନେ ରଖ, ଆଉ ସେମିତିକା ଅଲେଷେଣୀଙ୍କ ପାଖ ମାଡ଼ିବୁ ନାହିଁ ।"

ଆଜିକାଲି ସାର କ୍ୟାବିନ ଘରେ ଶୁଆବସା କରେ । ବୁଢ଼ୀ ସାଙ୍ଗରେ ତାର ବେଶ୍ ଜମିଲାଣି । ଖୁବ ହସ ଖୁସି, କଉତୁକ ଦିହଙ୍କ ଭିତରେ ! ଜର୍ଜର ହାଡ଼ ଜଳେ । ସେ ପୁଣି

Digitized by srujanika@gmail.com

କାମର ଓର କଲା ।

କାହିଁକି କେଜାଣି ହଠାତ୍ କାମାକ୍ଷା ଜର୍ଜର ସାଙ୍ଗ ହେଲା । ତାର ଭଲମନ୍ଦ କଥା ପଚରାଉଚରା କଲା । ସେ ଜର୍ଜକୁ ଶିଖେଇଲା ରିକ୍ସା ଟାଣିବାକୁ; କିନ୍ତୁ ରିକ୍ସାଟଣା କାମରେ ଜର୍ଜ ମନ ବଳୁଲାନାହିଁ । ସେ ଚାହୁଁଥିଲା—ଏ ଥର କାମାକ୍ଷାଙ୍କଠୁଁ ଟିକିଏ ଦୂରରେ ରହିବାକୁ ଓ ଆଉ ଗୋଟାଏ କିଛି କାମ କରିବାକୁ । ତଥାପି କାମାକ୍ଷା ଫାନ୍ଦରେ ପଡ଼ି ସେ କିଛି ଦିନ ରିକ୍ସାଟଣା କାମ ଆଦରିଲା ।

ଏଇ ରିକ୍ସାଟଣା କାମ ଯେତେ ବିରକ୍ତିକର ହେଉ ନା କାହିଁକି, ଇଆରି ଭିତରେ ଏମିତି କେତେଟା ଛୋଟ ବଡ଼ ଘଟଣା ଘଟିଲା, ଯାହା ତାର ଧରାବନ୍ଧା ଜୀବନକୁ ଓଲଟପାଲଟ କରିଦେଲା । ସବୁଦିନେ ସକାଳୁ ଉଠି କାମାକ୍ଷା ଆଉ ଜର୍ଜ ଦହିକା ଦହେଁ କିଛି ଗୁଲୁଗୁଲୁ ଆଉ ଚାହା ପକେଇଦେଇ ବାହାରିଯାନ୍ତି । ବୁଢ଼ୀ କାମାକ୍ଷାକୁ ଲୁଚେଇ ଜର୍ଜକୁ ଥୋଡ଼ାଏ ଭୁଟ ଛତୁଆ ଗୋଟାଏ କାଗଜ ଠୁଙ୍ଗାରେ ପୁରେଇ ଦେଇଦିଏ ଆଉ କହେ—"ସ୍ୱାକୁ ନେଇଥା, ଯେତେବେଳେ ଭୋକ ଲାଗିବ ପାଣି ଟିକିଏ ପକେଇ ବତୁରେଇ ଦେଇ ପାଟିକି ପକେଇଦେବୁ—ଲୁଣ ପକେଇ ଦେଇଛି—ସୁଆଦ ଲାଗିବ, ଖାଇଦେବୁ ଆଉ ଖବରଦାର୍, ଖାଲି ପେଟରେ ରହିବୁ ନାହିଁ; ନାହିଁ ତ ଆମ୍ବାବାଇ ଧରିପକେଇବ—ଭାରି କଦର୍ଯ୍ୟ ରୋଗ ସେଇଟା—ଯେ ରିକ୍ସା ଧରିଲା—ତାକୁ ଧରିଲା ଏ ରୋଗ । ଆଉ ଥରେ ଯଦି ଧରିଲା ମୋଡ଼ିଦେବ ଯେ ଏକବାରେ ଅନ୍ତ ତୁହାଇଦେବ । ମୋ ବୋଲ ମାନିବୁ, ସ୍ୱାକୁ ଖାଇବୁ.. "

କାମାକ୍ଷା ତା ମାଲିକର ଦଶଟା ରିକ୍ସାରୁ ମାଲିକକୁ କୁହାବୋଲା କରି ଜର୍ଜ ପାଇଁ ରିକ୍ସାଟାଏ ଠିକ୍ କରିଦେଲା । ରିକ୍ସାଟା ପୁରୁଣାଟାଏ ହଁ, ପାଞ୍ଚ ବରଷରୁ ବେଶି ହେଲାଣି; ହେଲେ ଯାକ ମ୍ୟୁନିସିପାଲିଟି ଲାଇସେନ୍ସ ପାଇଥାଏ । ଜର୍ଜର କପାଳରେ ସେଇ ଖଣ୍ଡିକ ପଡ଼ିଯାଏ । ତେବେ ତା ମନରେ ଦୁଃଖ ନ ଥାଏ; କାହିଁକି ନା କାମାକ୍ଷା ତାକୁ ବୁଝେଇ ଦେଇଥାଏ, ଅସଲ କଥା ।

କାମାକ୍ଷା ବୁଝେଇଥାଏ—"ଦେଖ, ଏ ଯେତେ ବୁଢ଼ା ନୂଆ ରିକ୍ସା ପାଇଛନ୍ତି, ସମିତେ ମରିବେ ଆଉ ବର୍ଷେ ଛ'ମାସରେ । ଗୋଟାକର ହାର୍ଣ୍ଣିଆ ବେମାରି ଅଛି, କୋଉଦିନ ଅପନ୍ତରାରେ ପଡ଼ି ମରିବ । ଆଉ ଗୋଟାଏ ବୁଢ଼ାତ ମରିବ ମରିବ ବୋଲି ହେଉଛି; ହେଲେ ତାର ପ୍ରାଣଟା ଟାଣ, ଅସଲ ମଲାବେଳକୁ ବର୍ତ୍ତିଯାଉଛି । ତାର ଛାତି ବେମାରି ଅଛି । ବଡ଼ ଡାକ୍ତରଖାନାକୁ ଯାଇଥିଲା ଯେ ଡାକ୍ତର ଆଲୁଅ ପକେଇ ଦେଖି କହିଛି ଯେ ରିକ୍ସାଟଣା ଛାଡ଼, ନାହିଁ ତ ମରିବୁ । ବୁଢ଼ା ସେଠୁ ଆସି ଯାଇଥିଲା କେଉ କବିରାଜ ପାଖକୁ । କବିରାଜ ମହାନ୍ ସିଆଣିଆ । ସେ ଡାକ୍ତର ରିପୋର୍ଟକୁ ଫୁଟ୍କିଟାଏ ମାରି ଉଡ଼େଇଦେଲା । କଅଣ ମୋଦକ ଆଉ ଚୂନା ଖାଇବାକୁ ଦେଇଛି, ଆଉ କହିଛି ଗେଣ୍ଡା ଖୋଳପାକୁ ପୋଡ଼ି ତାକୁ ଚୂନା କରି ଖାଇବାକୁ । ସେଇଥିରେ ଭୋଳ ହୋଇ ସେ ବେକୁବ୍ ବୁଢ଼ା ଏଇଲେ ଧପାଲିଛି—ତୁ ସବୁରି କର; ଆଉ ଦିନ ପନ୍ଦରଟାରେ ସେ ଖଷ୍ଟଙ୍ଗ୍ ଦବ, ଆଉ ତୁ ନୂଆ ରିକ୍ସାଟାଏ ହାତପଇଠ କରିବୁ .."

Digitized by srujanika@gmail.com

ତେବେ ପୁରୁଣା ରିକ୍ସାଟା ଜର୍ଜକୁ ବେଶୀ ଦଗା ଦେଇପାରେ ନାହିଁ । କଅଣ କଲେ ପୁରୁଣାକୁ ସାଧି କରି ଚଳେଇନେଇହବ, ସେ ମାମଲା ତାକୁ ଜଣାଥାଏ । ହରିମିସ୍ତ୍ରି ପାଖରେ ଜର୍ଜ କୃତକୃତ୍ୟ ହୁଏ ଏଥିପାଇଁ । ଅଯଥା ଇନାମ୍ ନ ଦେଲା ନାହିଁ ପଛକେ, ଯେତକ ଦେଇଚ ସେତକ ଯଥେଷ୍ଟ ।

ଧନଯାକ କାମାଖ୍ୟା ଯାଏ ଗୋଟାଏ ଆଡ଼େ, ଆଉ ଜର୍ଜ ଯାଏ ଆଉ ଗୋଟାଏ ଆଡ଼େ । ଜର୍ଜ ଜାଣେ କାମାଖ୍ୟାର ଖୋଇ । କୋଉ ଅଫିସରର ଗୁଲୁଗୁଲିଆ ପିଲାଙ୍କୁ ରିକ୍ସାରେ ବସେଇ ଇସ୍କୁଲକୁ ନିଏ, ସାଢ଼କୁ ନଜର ନଥାଏ ଜର୍ଜର । କାମାଖ୍ୟା ସେଥିରୁ କଅଣ ପାଏ, ସେ କିଛି ବୁଝେନା; ବରଂ ତାକୁ କାମାଖ୍ୟାର ଗପ ଶୁଣିବାକୁ ଭାରି ବିରକ୍ତ ଲାଗେ । ତେଣୁ କାମାଖ୍ୟା ସାଙ୍ଗେ ସାଙ୍ଗ ନ ହୋଇ ସେ ଆଉ ଆଡ଼େ ଯାଏ ରିକ୍ସା ନେଇ ।

ଜର୍ଜ ଜାଣେ—ଏ ରିକ୍ସାଗୁଡ଼ିକ ଗୋଟିଏ ଗୋଟିଏ ଫାନ୍ଦ । ଏଥିରେ ଗରାଖମାନେ ଆସି ପଡ଼ନ୍ତି । ଏକୁଟିଆ ହୋଇ, ଦଳ ଭିତରେ ନ ପଶି, ସେ ତାର ରିକ୍ସା-ଫାନ୍ଦଟିକୁ ଅଲଗା-କରି ବସାଏ । ଗରାଖ ପ୍ରାୟ ଭଲ ପଡ଼ନ୍ତି । ଦିନେ ଦିନେ ଧନଟଙ୍କାରୁ ଚାରିଟଙ୍କା ରୋଜଗାର ହୁଏ । ସେଥିରୁ ମାଲିକକୁ ଦେଢ଼ୋଟି ଟଙ୍କା ଧରେଇଦେଇ ବାକିତକକୁ ଅଣ୍ଟାରେ ମାରି ସେ ଫେରିଆସେ ସଂଜବୁଡ଼ିକୁ, ତା ଠାବ ଜେଗା ସେଇ କ୍ୟାବିନ ଘରକୁ । ଅଧିକାଂଶ ଦିନ ବୁଢ଼ୀ ତା ପାଇଁ ଅନେଇ ବସିଥାଏ । ଦୋକାନରେ ପହଞ୍ଚିବାମାତ୍ରେ ବୁଢ଼ୀ ତା ପାଇଁ ବାଢ଼ିଦିଏ ବେଲାଏ ପଖାଳ । ସେ ଖାଇବସିଲାବେଳେ ବୁଢ଼ୀ ତା ପାଖେ ବସି ବସି ତାକୁ ପଚାରେ ଦିନଟଯାକର ହାଲଚାଲ । ଜର୍ଜ କଥା କହୁ କହୁ ଘୁମେଇ ପଡ଼େ । ଏଥିଭିତରେ ବୀର, କାମାଖ୍ୟା ସବୁ ଫେରନ୍ତି । ବୀର ଆସି ପହଞ୍ଚୁ ନ ପହଞ୍ଚୁଣୁ ଗୁଡ଼ାଏ ହୁଲ୍ଲାକରେ । ବୁଢ଼ୀ ତୁନି ହେଇ ସବୁ ଶୁଣେ । ବୀର ପେଇଁ ଆଜିକାଲି ଏ ଘରେ ଗୃହଷ୍ଟୁଣ୍ଡ୍ ମାଫ୍—ଜର୍ଜ ଭାବେ । ତା ପରେ ବୀରର ତୋନାଲମୋନାଲ କଥା ଶୁଣୁ ଶୁଣୁ ସେ କେତେବେଳେ ଶୋଇଯାଏ । ଦିନର ଗଧ ଖଟଣି ପରେ ରାତିରେ ଆଉ ଗୋଳମାଳ କରିବାର ସୁ ନ ଥାଏ ଜର୍ଜର ।

କିନ୍ତୁ ଧୀରେ ଧୀରେ ଅନ୍ୟାନ୍ୟ ରିକ୍ସାବାଲାଙ୍କ ଭଳି ସେ କାମଟିକୁ ଆଦରିନେଲା । ରିକ୍ସାଟାଣିବା ଭଡ଼ କାମ ହଁ ହେଲେ ବେଳେବେଳେ ଜର୍ଜ ଭାବେ ଗୋଟାଏ କେମିତି ମଜା ବି ଅଛି ଏ ଭଡ଼ ସାଙ୍ଗରେ । ଦିହକୁ ତ ଭାରି କଷ୍ଟ କାମ, ତା ଛଡ଼ା ପେଟକୁ ତ ବରାବର କଷ୍ଟ, ଆଉ ଘରେ ଯାହାର ପିଲାପିଚିକା ଅଛନ୍ତି, ତାଙ୍କ କଥା ତ ଗୁଡ଼; କିନ୍ତୁ ଜର୍ଜର ସେ କଷ୍ଟ ତ ନଥିଲା । ଦିହକଷ୍ଟକୁ ଦିହରେ ମାରିବାର କ୍ଷମତା ଆସିଗଲା ଜର୍ଜର ଧୀରେ ଧୀରେ । କ୍ରମେ ସନ୍ତ୍ରବୁଡ଼ିକୁ ଆଉ ତା ଦିହ ମଜଗ୍ ହେଲାନାହିଁ । ଗୋଡ଼ହାତ ଯୋଲାବନ୍ଧା ବି ଟିକିଏ କମିଗଲା: କିନ୍ତୁ ଏ କଥା ହେଲା କେମିତି, ଆଉ ଏଡ଼େ ବଡ଼ କଷ୍ଟକୁ ଏ ଦିହ ପୁଣି ଦିହରେ ମାରିନେଲା କେମିତି ଜର୍ଜ ବୁଝିପାରେନାହିଁ ।

ଦିହ ବିଷୟରେ ବେଳେବେଳେ ଭାବିଲେ ଜର୍ଜକୁ ଆଶ୍ଚର୍ଯ୍ୟ ଲାଗେ । ସେ ତା ହାତଗୋଡ଼-ଗୁଡ଼ାକୁ ଚାହେଁ, ପରୀକ୍ଷା କରେ, ଆଉ ଗୁଡ଼ାଏ ଚପାଚପି କରେ । ସେ କିଛି ବୁଝିପାରେନା

Digitized by srujanika@gmail.com

କଅଣ ସେ ଜିନିଷଗୁଡ଼ାକ ! କି ଶବ୍ଦ ଅଛି ତାହିଁ ଭିତରେ ! ପୁଣି କି ଶବ୍ଦ ବଢ଼ି ବଢ଼ି ଚାଲିଛି ସେଥିଭିତରେ ଦିନକୁ ଦିନ ! ଆଜି ଯୋଉଟା କଷ୍ଟ, କାଲିକି ସେ ଆଉ କଷ୍ଟ ନୁହେଁ ! ଏମିତି ଏମିତି କଅଣଟା ବଢ଼ି ବଢ଼ି ଚାଲିଛି ତା ଭିତରେ ! ଆଉ ଯଦି ବଢ଼ି ବଢ଼ି ଚାଲିଛି, ହଠାତ୍ ଛିଡ଼ିପଡ଼ୁଛି କିଆଁ ସେ ଦିନେ ? ରୋଗ କିଆଁ ହଉଛି ? ପୁଣି ଦିହ ମରୁଛି କାହିଁକି ?

ଦିହ ସାଙ୍ଗେ ସାଙ୍ଗେ ମନକୁ ବି ଥୋଡ଼ାଏ ଚିହ୍ନିଲାଣି ଜର୍ଜ । ସେ ବୁଝିଲା—ଦିହଭଳିଆ ମନ ବୋଲି ବି ଗୋଟିଏ ଜିନିଷ ଅଛି—ଯିଏ ବଢ଼ୁଛି । ଆଜି ଯେ ତାକୁ କଷ୍ଟ ଲାଗୁଛି, ସେ କାଲିକି ତାକୁ ଭୁଲିଲାଣି । ହୁଏତ କଷ୍ଟ ବୋଲି ଗୋଟିଏ ଜିନିଷ ସେ ଆଜି ଜମା ଜାଣି-ପାରୁନାହିଁ । ତା ହେଲେ ଏ ମନ ବି କଅଣ ?

ଏମିତି ଯୋଉଦିନ ତା ମନକୁ ଗୁଡ଼ାଏ ଆବୁରୁଜାବୁରୁ କଥା ଆସି ପହଞ୍ଚେ, ସେ ଦିନ ସେ ଯାଇ କବିରାଜ ଦୋକାନରେ ହାଜର ହୁଏ । କବିରାଜ ବୁଢ଼ାକୁ ଦିହ ଆଉ ମନଙ୍କର କଥା ପଚାରେ । ବେଳେବେଳେ ବୁଢ଼ା ଜର୍ଜର ଏଭଳି କଥାରେ ଖୁସି ହୁଏ ଆଉ ମୁଣ୍ଡ ଟୁଙ୍ଗାରେ । ସେ ଜର୍ଜକୁ ପୁଣି ପୋଥିଆଡ଼କୁ ଟାଣେ, ଆଉ କହେ, "ସବୁ ଜିନିଷ ଅଛି ଏଇ ପୋଥିରେ । ପଢ଼ିଲେ ଜାଣିବୁ ।"

କିନ୍ତୁ ତାର ମନ ପୋଥିଆଡ଼କୁ ଚାଲେ ନାହିଁ । ସେ ବସିବସିକା କବିରାଜ ବୁଢ଼ା ସାଙ୍ଗେ ଗପ କରେ । ଗପ କରୁ କରୁ କଅଣ ସେ ଏମିତି କହେ ଯେ କବିରାଜ ବୁଢ଼ା ଦିନେ ଦିନେ ରାଗରେ ତାତିଯାଏ ଆଉ ତାକୁ ଯାଚ୍ଛାତାଇ କରି ଶୋଧେ । ଜର୍ଜ ଘରକୁ ପଳେଇ ଆସି ଶୋଇପଡ଼େ ଆଉ ଦିହ, ମନ କଥା ସବୁ ଭୁଲିଯାଏ ।

କ୍ରମେ ରିକ୍‌ସା କାମ ଜର୍ଜକୁ ଆରେଇଗଲା । ବିଶେଷତଃ ଯେତେବେଳେ ଦିହକଷ୍ଟକୁ ଥୋଡ଼ାଏ ସାଧ କରିବାର କ୍ଷମତା ତାର ଆସିଗଲା, ତାର ଆଉ କିଛି ପରବାଏ ନ ଥିଲା । ଯନ୍ତ୍ର ସାଙ୍ଗରେ ଯନ୍ତ୍ର ହେଇ ରହିଯିବାକୁ ତାକୁ ଆରେଇଗଲା । ଯନ୍ତ୍ର ସାଙ୍ଗରେ କେତେଦୂର ଯନ୍ତ୍ର ହେଇ ସେ ମିଶିପାରିଲାଣି, ତାର ମାପ ସେ ପାଏ ତାର ସବାରମାନଙ୍କଠାରୁ ।

ସାଧାରଣତଃ ପହିଲେ ପହିଲେ ସବାରମାନଙ୍କ ସଙ୍ଗେ ତାର ଭାରି ଖିଟିଖିଟି ଲାଗୁଥିଲା । କେତେ ବାଟକୁ କେତେ ପଇସା ଏ କଥା ସେ ଭଲକରି ମୁଖସ୍ଥ କରିଥାଏ । ଯଦି ସେଠିକି ନ୍ୟାଯ୍ୟ ପଇସାରୁ କିଛି କମ୍ କରି କିଏ ଦିଏ, ଜର୍ଜ ତା ପିଛାପଡ଼େ । ଏମିତି କି ବେଳେ-ବେଳେ ସେ ସବାରକୁ ମୁହେଁ ମୁହେଁ ଶୋଧିଦିଏ । ହେଲେ ଧୀରେ ଧୀରେ ତାର ସେ ବଦଭ୍ୟାସ ଛାଡ଼ିଗଲା । ସେ ଜାଣିଲା—ନ୍ୟାଯ୍ୟ-ଫ୍ୟାଯ୍ୟ ଧରିବସିଲେ, ଦିନେ ଦିନେ ପେଟ ଅପୋଷା ରହିଯିବ । ତେଣୁ ସେ ସବାରମାନଙ୍କ ସଙ୍ଗେ କଟାଳ ନ କରି ତାଙ୍କୁ ରିକ୍‌ସାରେ ଚଢ଼େଇଦିଏ, ଆଉ ଯଦି ଦରକାର ପଡ଼େ ତାଙ୍କ ମାଲପତ୍ର ବୋହିନିଏ ।

ପ୍ରଥମେ ପ୍ରଥମେ ଯାଚ୍ଛାତାଇ ସବାରମାନଙ୍କୁ ରିକ୍‌ସାରେ ସବାର କରି ନବା ପେଇଁ ସେ ମନବଳାଉ ନଥିଲା । ବିଶେଷତଃ ତା ରିକ୍‌ସାରେ ଡାକ୍ତରଖାନାରୁ ମଡ଼ା ନବା ପେଇଁ, କି କୋଉ ରୋଗୀକି ସେମିତି ମ୍ଳେଚ୍ଛ ଦେଖାଯାଉଥିବା ଲୋକଙ୍କୁ ନେବାପେଇଁ ସେ ମୁହେଁ

Digitized by srujanika@gmail.com

ମୁହେଁ ମନା କରି ଦେଉଥିଲା; କିନ୍ତୁ କାଳକ୍ରମେ ତାଙ୍କୁ ବି ସେ ସବାର କଲା । ମନରୁ ତାର ସବାରମାନଙ୍କ ପ୍ରତି ସବୁ ବିକାର ଓହ୍ଲେଇଗଲା । ଅନ୍ୟାନ୍ୟ ରିକ୍ସାବାଲାଙ୍କ ସଙ୍ଗେ ଟକ୍କର ଦେବାର କ୍ଷମତା ବି ତାର ଆସିଗଲା ।

ପ୍ରଥମେ ପ୍ରଥମେ ସବାରଠୁଁ ସେ ଦୂରଛଡ଼ା ହୋଇ ରହୁଥିଲା । ଗୋଡ଼ ଲମ୍ବେଇ ବସିଥିବା ସବାରର ପାଦ ଯଦି ତା ଦେହରେ ବାଜୁଥିଲା, ଜର୍ଜ ସାବଧାନ ହୋଇଯାଉଥିଲା ଓ ପଛକୁ ବୁଲି, ସବାର ଆଡ଼କୁ ଚାହିଁ "ସିଷ୍ଟୁ" ବୋଲି କହୁଥିଲା; କିନ୍ତୁ ଧୀରେ ଧୀରେ ସେ ଅଭ୍ୟାସ ବି ତାର ଓହ୍ଲେଇଗଲା । ସେ କେବଳ ହ୍ୟାଣ୍ଡେଲ ସିଧା ଧରେ, ଆଉ ପ୍ୟାଡ଼ଲ ମାରି ଚାଲେ; ଆଉ ପଛରୁ ସବାରର ବୋଲ ମାନି ବାଁ କି ଡାହାଣ ଯାହା ହୁଏ, ସେତିକି । ସେତିକି ଛଡ଼ା ଆଉ ବାଟ ଶେଷରେ ହାତ ପତେଇ ପଇସା ନେବା ଛଡ଼ା ଆଉ କିଛି କାମ ତାର ନ ଥାଏ—ସବାର ସହିତ । ସବାର ବି ସେମିତି । ଥରେ ସବାର ହେଲେ ସାଧାରଣତଃ ଆଉ କିଛି କଥା ନଥାଏ ତାର ରିକ୍ସାବାଲା ସହିତ ।

ପହିଲେ ପହିଲେ ରିକ୍ସା ଚଳେଇବା ସାଥେ ସାଥେ ଜର୍ଜ ତା ମନକୁ ବି ଚଳେଇଥିଲା କିଛି ନା କିଛି କାମରେ । ସାଧାରଣତଃ ଦୁ'ଜଣ କି ତିନିଜଣ ସବାର ହେଲେ ତାଙ୍କ ଭିତରେ ଯୋଉ ଯୋଉ କଥାମାନ ପଡ଼େ, ସେ କଥାକୁ କାନ ଦେଇ ଜର୍ଜ ତାଙ୍କ କଥାକୁ ବୁଝିବାକୁ ଚେଷ୍ଟା କରୁଥିଲା । ବେଳେବେଳେ ସେ ସବାରମାନଙ୍କ କଥା ଶୁଣି ସେ ହସିପକାଉଥିଲା କି ରାଗିଯାଉଥିଲା, କି କାନ୍ଦକଥା ପଡ଼ିଲେ ତା ମନ ବି ମରିଯାଉଥିଲା; କିନ୍ତୁ ଆଜିକାଲି ଆଉ ସେମିତି କିଛି ହୁଏ ନାହିଁ ଜର୍ଜର । ଏମିତିକି ମରଦ ମାଇକିନା ଯୋଡ଼ି ସବାର ହୋଇ ଯେତେବେଳେ ତା ପଛପଟେ ବସି ହସାହସି, ଚୁମୁଟାଚୁମୁଟି ଠୁଁ ଆରମ୍ଭ କରି ଆଉ ସବୁ-କଥା କରିଯାନ୍ତି ତା ରିକ୍ସା ଉପରେ, ସେତେବେଳେ ବି ପାଡ଼କୁ ଚାହିଁ, ତାଙ୍କ କଥା ଶୁଣିବାକୁ ବେଳ ନ ଥାଏ ଜର୍ଜର । ଥରେ ଏମିତି ଗୋଟାଏ କଥାରେ ବ୍ରହ୍ମଜାବୁଡ଼ାଟାଏ ସେ ଖାଇଥିଲା ତାର ଗୋଟିଏ ସବାରଠୁଁ । ଖାଲି ସେତିକି ନୁହେଁ, ସବାରଠୁଁ ଜାବଡ଼ା ଖାଇ ବି ସେ ତାର ରିକ୍ସାବାଲାପଣିଆ ଭୁଲିଯାଇ ହୁଣ୍ଡାମସ୍ତିଆ ହୋଇ ଗୋଟାଏ ଜାବଡ଼ା ଦେଇଥିଲା ତା ସବାରକୁ । କିନ୍ତୁ ସେ ସବୁ ହୁଣ୍ଡାମସ୍ତିଆଗିରି ଜର୍ଜ ଦେହରୁ ଓହ୍ଲେଇଗଲା । ସବାର ମାଡ଼ ଖାଇ ଯାଇ ପୋଲିସ୍‌କୁ କହିଲା । ଜର୍ଜ ଯେତେ ବୁଝେଇଲେ ବି କେହି ତା କଥା ମାନିଲେ ନାହିଁ । ରିକ୍ସା ଚାଲାଣ ହୋଇଗଲା, ଆଉ ସାତ ଦିନ ହାଜତରେ ରହି ସେଠୁ ମୁକୁଳିବା ଦିନଠୁ ଜର୍ଜର ସେ ଖରାପ ଆଦତ୍ ଚାଲିଗଲା ।

ତେବେ ସବୁ ସବାର ସମାନ ନ ଥାନ୍ତି । ଦିନେ ଦିନେ ଗୋଟାଏ ଗୋଟାଏ ଥୁରୁଥୁରୁ ବୁଢ଼ା କୁଆଡ଼ୁ ଆସି ସବାର ହୁଅନ୍ତି ତାର । ଏ ବୁଢ଼ାଗୁଡ଼ାକ ଭାରି ଗପୁଡ଼ି ବୁଢ଼ା । ଜମାରୁ ଚୁପ୍ ହୋଇ ବସିପାରନ୍ତି ନାହିଁ ଏମାନେ । ହଠାତ୍ ସଂସାରର ସବୁଯାକ କଥା ସ୍ବାଙ୍କ ଆଖିକି ଦେଖାଯାଏ, ଆଉ ସବୁକଥା ଜାଣିବାପାଇଁ ମନ ବଳାନ୍ତି ଏଗୁଡ଼ାକ । ରାସ୍ତାଯାକ ଯାହା ଦେଖୁଥିବେ ସବୁକଥା ଖୋଳତାଡ଼ ହୋଇ ପଚାରିହଉଥିବେ ଏମାନେ । ରିକ୍ସା-ବାଲାଟିଏ ଦେଖିଦେଲେ ସ୍ବାଙ୍କର ଜିଭ ଖଲ ଖଲ ହୁଏ; ସତେକି ଏଗୁଡ଼ାଙ୍କ ସାଙ୍ଗେ

Digitized by srujanika@gmail.com

ଗପିବା ପାଇଁ ଏମାନଙ୍କ ପରେ କେହି ଲୋକବାକ ନାହାନ୍ତି ! ତା ଛଡ଼ା ଏଗୁଡ଼ାଙ୍କର ଆହୁରି ଗୋଟାଏ ମହାନ୍ ବଦ୍‌ଗୁଣ ଅଛି । ରକ୍‌ସାରେ ଗୋଡ଼ ଦବା ବେଳଠୁଁ ଡାଗିଦା କରିଥିବେ ମଠେଇ ମଠେଇ ଯିବାକୁ । ଟିକିଏ ଜୋର ଗାଡ଼ି ଚାଲିଲା ତ ଧରିପକେଇବେ ତୁମ ଅଣ୍ଟାକୁ । ସତେକି ଜଲଦି ଜଲଦି ବାଟ ସରିଯିବାଟା ଭାରି ବାଧେ ସ୍ତ୍ରୀଙ୍କୁ ! ଜର୍ଜ ଏ ଲୋକଗୁଡ଼ାଙ୍କ ମନକଥା ବୁଝେ, ଆଉ ତାଙ୍କରି ବୋଲ ମାନି ମଠେଇ ମଠେଇ ଚାଲେ । ଜର୍ଜ ଭାବେ—ସତକଥା, ବାଟ ଯଦି ଶୀଘ୍ର ସରିଯିବ, ଏମାନେ ଏବେ କରିବେ କଅଣ ? କାହା ସଙ୍ଗେ ଗପିବେ ? କିଏ ସ୍ତ୍ରୀଙ୍କ ଗପ ଶୁଣିବ ?

ମାଇକିନା ସବାରିମାନଙ୍କ ଭିତରେ ବି ଜର୍ଜ ବୁଢ଼ୀଗୁଡ଼ାଙ୍କୁ ସବାର କରିବାକୁ ପସନ୍ଦ କରେନା । ଅଧିକାଂଶ ବୁଢ଼ୀ ଏକୁଟିଆ ସବାର ହେଲାବେଳେ ବୁଢ଼ାଙ୍କ ଭଳି ଗୁଡ଼ାଏ ଲୋଖାଏ ଗପି ହଇରାଣ କରନ୍ତି । ହେଲେ ଏଗୁଡ଼ାଙ୍କ ସବୁ ଗପ କେବଳ ଘରକଥା । ନିଜ ପିଲାଝିଲାଙ୍କ ଛଡ଼ା ସତେ କି ଏ ସଂସାରରେ ଆଉ କେହି ନାହାନ୍ତି । ଗୋଟାଏ ଗୋଟାଏ ବୁଢ଼ୀ ଅବଶ୍ୟ ପଚାରନ୍ତି—ଘର କୋଉଠି ? ବାପ ମା' ଅଛନ୍ତି କି ନାହିଁ ? ବାହାହେଲୁଣି କି ନାହିଁ ।

ଜଣକରୁ ଦୁ'ଜଣ ବୁଢ଼ୀ ହେଲେ ତ କଥା ସରିଲା । ଯାବତ୍ତ ବଦମାସି କଥାସବୁ କୁଆଡ଼ୁ ଶୂନ୍ୟରୁ ତୋଳାଆଣି ସେମାନେ କଥାବାର୍ତ୍ତା ହୁଅନ୍ତି, ଆଉ ବହେ ବହେ ହସନ୍ତି । ବଦମାସି କଥାବାର୍ତ୍ତା ହବାକୁ, ବଚ୍ ବଜାର ଉପରେ ଏତେ ଟିକେ ଲାଜ ନ ଥାଏ ତାଙ୍କର ସତେ କି ! ପିଲାଏ ଯୋଉ ଯୋଉ କଥାଗୁଡ଼ାକ କାମରେ କରି ପାରି ନ ଥିଲେ, ସେଗୁଡ଼ାକ କଥାରେ କଥାରେ ପାକୁଳି କରିନେଇ ଗିଳିପକାନ୍ତି ସତେ କି ! ବେଳେବେଳେ ସେଇ ଟାହୁଲଟାପରା କଥାଗୁଡ଼ାକ ଜର୍ଜ ଆଡ଼କୁ ମାଡ଼ିଆସେ । ସେତେବେଳେ ଜର୍ଜ ଆଖିକୁ କାଠ କ୍ୟାବନ୍‌ର ସେଇ ଗୋଦରା ବୁଢ଼ୀଟାର ମୁହଁଟା ଖାଲି ଦେଖାଯାଏ । ମନେ ମନେ ଭାରି ବିରକ୍ତ ହୁଏ—ସେ ବୁଢ଼ୀଟା ଉପରେ । ସେ ଭାବେ—କାହିଁ ? ଧନେ ହେଲେ ତ ସେ ବୁଢ଼ୀ ଦେଖେଇ ଶିଖେଇ ଏମିତିକଥା କଥା ପଦେ ତାକୁ କହେ ନାହିଁ । ସେ ବୁଢ଼ୀ କ'ଣ ଏ ସବୁ ବୁଢ଼ୀଗୁଡ଼ାଙ୍କଠୁ ଭିନ୍ନେ ? କ'ଣ ଭିନ୍ନେ ଧାତୁରେ ତା ଦେହଟା ଗଢ଼ା ?

ବୁଢ଼ୀଗୁଡ଼ାଙ୍କ ବାଦ୍ ମଝିବୟସର ମାଇକିନାଗୁଡ଼ାଙ୍କୁ ବି ସବାର କରିବାରେ ଜର୍ଜର ଭାରି ଡର । ଭାରି ପୋଡାମୁହିଁ ସ୍ତ୍ରୀଙ୍କ ଭିତରେ ଥାଆନ୍ତି ଖଣ୍ଡେ ଖଣ୍ଡେ । ଟିକିଏ ଇସ୍‌କିନା ହେଇଗଲେ ଦେହକୁ ଟାଣିନିଅନ୍ତି ସେମାନେ । ସେଗୁଡ଼ାଙ୍କ ପାଇଁରେ ଭାରି ହୁସିଆରରେ ଚଳପ୍ରଚଳ ହେବାକୁ ଜର୍ଜ ଶିଖିସାରିଥାଏ ।

ଏ ସମସ୍ତଙ୍କ ବାଦ୍ ଆଉ ଗୋଟାଏ ଜାତର ମାଇକିନା ଅଛନ୍ତି । ମୁହଁ ଦେଖି ଏଗୁଡ଼ାଙ୍କର ବୟସ କିଛି କହିହବ ନାହିଁ । ଦେଖାଯାଉଥିବେ ପଚିଶ ଛବିଶ ଭଳି; କିନ୍ତୁ ଚାଳିଶ ପେ ନ ଟପିଚନ୍ତି ଏକଥା କହିହବନାଇଁ ଆଦୌ । ଭାରି ହୁସିଆରରେ ଏମାନେ ଚାଲନ୍ତି, ଭାରି ହୁସିଆରରେ ବସନ୍ତି, ଖୁବ୍ ହୁସିଆରରେ କଥା କହନ୍ତି—ସତେ କି ଟିକିଏ ଦୋହଲିଗଲେ ଗୁଲଗାଲ୍ ହେଇ ସବୁ ହୁଗୁଳା ନଟ୍‌ବୋଲଟ୍‌ତକ ଗଳିପଡ଼ିବ ସ୍ତ୍ରୀଙ୍କ ଦେହରୁ । ଏଗୁଡ଼ାକ ଭାରି ତୋଖଡ଼ବାଜ ମାଇକିନିଆ । ଖୁବ୍ ହୁସିଆରରେ ସ୍ତ୍ରୀଙ୍କୁ ନବା-

Digitized by srujanika@gmail.com

ଆଣିବା କରିବାକୁ ହୁଏ । ସ୍ତ୍ରୀଙ୍କ ବେଶ-ପୋଷାକ ଦେଖିଲେ ଆଖି ଖୋସି ହୋଇପଡ଼େ; କିନ୍ତୁ ଏଗୁଡ଼ାଙ୍କୁ ଖାଲି ଘଡ଼ରେଇ ଦେଖିବାର କଥା । ଝାପ୍‌ସା ଆଲୁଅ ନ ହେଲେ କଡ଼ା ଆଲୁଅରେ ସ୍ତ୍ରୀଙ୍କର ସବୁ ଯୋଡ଼େଇ ଜେଗା ଦେଖାପଡ଼ିଯାଏ । ତେଣୁ ଦିନ ଆଲୁଅରେ ଏମାନେ ପ୍ରାୟ ବାହାରନ୍ତି ନାହିଁ ପଦାକୁ ।

ମାଇକିନା ସବାରଗୁଡ଼ାଙ୍କ ପ୍ରତି ଗୋଟାଏ ଅଚିହ୍ନା ଭୟ ଧୀରେ ଧୀରେ ଜର୍ଜ ମନରେ ପଶିବାକୁ ଲାଗିଲା । ସେମାନଙ୍କ ଆଡ଼କୁ ହଜାରେ ତାର ମନ ଟାଣିହେଉଥିଲେ ବି ହଜାରେଏକ ଥର ପେଇଁ ମନଭିତରେ କେହି ଗୋଟାଏ ହାଁ, ହାଁ, କରି ହାତ ବଢ଼େଇ ତାର ଗତିକୁ ରୋକିଦିଏ । ଜର୍ଜ ଚୁପ୍ ରହେ । ରିକ୍‌ସାରେ ବସିଥିବା ମାଇକିନା ସବାର ବି ଜାଣି ଚୁପ୍ ଥାଏ । କାହାର ଗରଜ ନାହିଁ, କିଏ ଗୋଟାଏ ଟୋକା ରିକ୍‌ସାବାଲା ସାଙ୍ଗେ ଗପ କରନ୍ତା ! ତେବେ ଜର୍ଜ ଜାଣେ—ତା ସାଙ୍ଗେ ଗପସପ କଲାବାଲା ମାଇକିନା ଗରାଖ ବି ଅଛନ୍ତି ଏ ସହରରେ । ତା' ଛଡ଼ା ସେ ନିଜର ଲମ୍ବ ଲମ୍ବ ଗୋଡ଼ ଆଉ ବାହା ଦଇଟାକୁ ଅନେଇଲାବେଳେ ବେଶ୍ ବୁଝିପାରେ ଏ ଦିଗରେ ତାର ମୂଲ କେତେ ! କିନ୍ତୁ ସାହସ କୁଳାଏ ନାହିଁ ତାର । କେବଳ ସାହସ ନୁହେଁ—ପେଟ ଭିତରୁ ବି କେମିତି ଗୋଟାଏ ଅଇ ଉଠାଏ ଏମିତିକିଆ ଗରାଖଙ୍କୁ ଦେଖିଲେ ।

ମାଇକିନା ସବାରଗୁଡ଼ାକ ଯେ ସବୁଠୁଁ ନିକୃଷ୍ଟ ଗରାଖ, ଏକଥା ଜର୍ଜ ମନେକରେ । ଏଭଳି ଗୋଟାଏ ଗୋଟାଏ ସବାରଙ୍କୁ ରିକ୍‌ସାରେ ବସେଇ ନେଲାବେଳେ ତାର ମନେ ହୁଏ, ସତେ ଯେମିତି କୌଣସି ମଣିଷଙ୍କୁ ପିଠିରେ ବସେଇ ସେ ନେଉନାହିଁ । ନଉଚି କୌଣସି ଗୋଟାଏ କିଛି କାଠ ତାବଲ ଯାହା ଭିତରେ ଗୁଡ଼ାଏ କାଚ ଜିନିଷ ଖୁନ୍ଦା-ହେଇଚି, କି ଗୋଟାଏ ଗୁଡ଼ମାଠିଆ ଯାହା ଭିତରେ ଗୁଡ଼ାଏ ପାଣିଆ ଭେଜାଲ ଗୁଡ଼ ଭର୍ତ୍ତି ହେଇଚି କିମ୍ବା ଗୋଟାଏ ଅଚିହ୍ନା ପୁଟୁଳି ବି ହୋଇପାରେ, ଯାହା ଭିତରେ ଚୋରରେ ଚାଲାଣ ହେଉଥିବା ଗଞ୍ଜା, ଅଫିମଠୁଁ ଆରମ୍ଭ କରି ଗୁଳି, ବାରୁଦ, ବୋମା ପର୍ଯ୍ୟନ୍ତ ମହା ବିପଜ୍ଜନକ ଜିନିଷସବୁ ଭର୍ତ୍ତି ହୋଇଚନ୍ତି ! ଏସବୁଠୁଁ ବଳି ବିପଜ୍ଜନକ କଥା ହେଉଚି, ଯେତେବେଳେ ଏମିତି ଅଚିହ୍ନା ସାମାନ୍ ତମ ପିଠିରେ ସବାର ହେଇ ଯାଉଥିବ, ତୁମେ ଜାଣିଥିବ ଯେ ସାମାନ୍ ଅଚିହ୍ନା ହେଲେ ବି ତାର ମୁଣ୍ଡଧାରତା ମାଲିକ କେହି ଅଛି, ଯାହା ପାଖରୁ ସାମାନ୍ ଆସୁଚି କି ଯାହା ପାଖକୁ ଏ ଯାଉଚି ! କିନ୍ତୁ ହଠାତ୍ ଦେଖିଲାବେଳକୁ ମାଲିକଫାଲିକ କେହି ଏ ସାମାନ୍‌ର ନାହାନ୍ତି, ଆଉ ତୁମେ ପୋଲିସ୍ ଫାଣ୍ଡିରେ ବନ୍ଧା-ହୋଇ ପଡ଼ିଚ—ଚୋରାମାଲ୍ ଚାଲାଣ ଅଭିଯୋଗରେ ! ଏମିତି ଜେଗାରେ ମାଲ ତୁମର ନୁହେଁ କି ତୁମେ ଭଡ଼ା ପାଇବ ନାହିଁ । ପାଇବ ଯଦି ପୋଲିସ୍ ଠେଙ୍ଗାରୁ କିଛି କିଛି ଖୋବା ।

ଏମିତି ବହୁବାର ଠକିଲା ପରେ ବି ସେ ୮ ମାଇକିନା ସବାରଙ୍କୁ ଭଲକରି ଚିହ୍ନିପାରିଲା ନାହିଁ । ଧୀରେ ଧୀରେ ସେ ଏମିତିକା ସବାରଙ୍କଠୁ ଦୂରରେ ରହିବାକୁ ଲାଗିଲା; କିନ୍ତୁ ଯେତେ ଦୂରେଇ ରହିଲେ ବି ସେ ବାରମ୍ବାର ହଇରାଣରେ ପଡ଼ିଲା ।

Digitized by srujanika@gmail.com

ଥରେ ଗୋଟାଏ କଲେଜପଢ଼ୁଆ ଝିଅ ତାର ରିକ୍ସାର ସବାର ହୋଇଥିଲା । ସେ ଝିଅର ଗୋଲମୁହଁ, ଛଉକା ଆଖି ଆଉ ଘୃଷେଣ୍ଡିକିଆ ବେଣୀଖଣ୍ଡକୁ ଦେଖିଲାବେଳଠୁ ଜର୍କ ଜାଣିଥିଲା, ବାଟରେ କିଛି ନା କିଛି ଗୋଳମାଳ ହେବ ନିଶ୍ଚୟ । ସେ ରିକ୍ସା କଟେଇ ନେଇ ଆସୁଥିଲା; କିନ୍ତୁ ଗୋଟାଏ ଖେଚେଡ଼ା ବୁଢ଼ା ରିକ୍ସାବାଲା ତାକୁ ସେଥିରେ ଧକେଇଲା । ସେ ଜର୍କ ର ରିକ୍ସାକୁ ଟାଣିଧରିଲା । ରିକ୍ସା ଅଟକିବା ମାତ୍ରକେ ଖପକରି ଛେଳି କୁଦା ମାରିଲା ଭଳି ଝିଅଟା ଆସି ବସିପଡ଼ିଲା ରିକ୍ସା ଉପରେ ।

ଜର୍କ ପଛକୁ ମୁହଁ ବୁଲେଇ ସେ ବୁଢ଼ାକୁ କଷିକରି ଗୋଧାଟାଏ ଦେବ ବୋଲି ଭାବିଥିଲା । ହେଲେ ପଛରୁ ଘୁରୁକ୍ ମାରିଲା ଭଳି ଚଲେଇ ଉଠିଲା ସବାର—"ଚଲ୍ —ଶୀଘ୍ରକର ।"

ଜର୍କ ରିକ୍ସା ଠେଲେଇଲା । ସେ ଜାଣିଥିଲା—ପଛରୁ ସେ ବୁଢ଼ା ରିକ୍ସାବାଲା ତା ସାଙ୍ଗକୁ କଅଣ ତେଣେ ଫୁସୁରୁଫାସୁରୁ କରି କହୁଥିଲା ।

ଥୋଡ଼ାଏ ବାଟ ପର୍ଯ୍ୟନ୍ତ ବେଶ୍ ଭଲରେ କଟିଲା । ହଠାତ୍ ପଛଆଡ଼ୁ ଶୁଭିଲା—"ତୋ ନାଁ କଣ କିରେ ରିକ୍ସା ?"

ସେ ଚମକିପଡ଼ିଲା । ପ୍ୟାଡ଼ିଲରୁ ଗୋଡ଼ ତାର ଓହରିଗଲା ଟିକିଏ । ମାଇକିନା ସବାର କଥାବାର୍ତ୍ତା କରନ୍ତି ହଁ, କିନ୍ତୁ ଏମିତି ଝଁଅଟ୍କିରି ଆପଣାର କରିପକେଇ ଆଉ ଏଡ଼େ କଅଁଳ କଥା କହିବାର ସେ ଏପର୍ଯ୍ୟନ୍ତ ଶୁଣି ନ ଥିଲା; ପୁଣି କଲେଜପଢ଼ୁଆ ଝିଅଙ୍କଠୁଁ !—ଯୋଉଗୁଡ଼ାଙ୍କ ଦମାକ୍ ମୁଣି ଭିତରୁ ଖାଲି ଧୂଳିଆଜନ୍ଦା କି ମୋଟା ନାଲି ପିମ୍ପୁଡ଼ି କେତୋଟି ଛଡ଼ା ଆଉ କିଛି କେବେ ବାହାରନ୍ତି ନାହିଁ ।

ସେ ଧିମେଇନେଲା ରିକ୍ସାର ଗତି । ରିକ୍ସା ପ୍ୟାଡ଼ିଲରେ ଗୋଡ଼ର ଗତି ଯେତିକି ଯେତିକି କମିଯାଉଥିଲା, ମନର ଗତି ତାର ସେତିକି ସେତିକି ବଢ଼ିଉଠୁଥିଲା । କଣେଇ କଣେଇ ସେ ପଛକୁ ଚାହିଁଲା । ସେ ଦେଖିଲା, ଝିଅଟା ଗୋଟାଏ କେମିତି ଶୋଷିଲା ଆଖିରେ ଅନେଇଥିଲା ତାର ପିଠିପଟକୁ ।

ରିକ୍ସାବାଲା ଟୋକା ତାକୁ କଡେଇ କଣେଇ ଚାହୁଁଛି ଜାଣି ଝିଅଟା ସତର୍କ ହୋଇଗଲା । ଟିକିଏ ଚମକିଲା ଭଳି ହୋଇ ସେ ତା ମୁହଁ ଉପରକୁ ଉଡିଆସିଥିବା ଛୋଟ ଛୋଟ କୁଞ୍ଚୁକୁଞ୍ଚୁ ବାଳ କେରକୁ ସାଉଁଳେଇ ଦେଲା ଓ ହଠାତ୍ ରିକ୍ସାଟାର ଗତି ଧିମେଇ ଯାଇଛି ଜାଣି ସାମାନ୍ୟ ବିରକ୍ତମିଶା କଣ୍ଠରେ କହିଲା—"ଚାଲରେ—ଟିକିଏ ଜୋର୍‌କରି ଚଲା—ଏମିତି ମଲାଙ୍କ ଭଳିଆ କିଆଁ ଚଲେଇଛୁ—ବେଶ୍ ଟାଣ୍‌ଟାଣ୍ ପେଣ୍ଡା ଦେଇଟା ତ ପାଇଛୁ ! ଟିକିଏ ଜୋର୍‌ରେ ଚଲା—ତେଣେ ସବୁ ସେ ଚାହିଁବସିଥିବେ !"

ସେ ଚାହିଁ ବସିଥିବେ ?—ତାର ଟଣ୍‌କି ଉଠୁଥିବା ଗୋଡ଼ ପେଣ୍ଡା ଦେଇଟା କାହିଁକି କେଜାଣି ପୁଣି ଥଣ୍ଡା ହୋଇଗଲା; କିନ୍ତୁ ଯାହାହେଉ, ରିକ୍ସାର ଗତି ବଢ଼ିଉଠିଥିଲା । ତେବେ ସବାର ବି ଗୋଟାଏ "ସେ" ଅଛି ? ମନେ ମନେ ପଚାରିଲା ଜର୍କ । କାହିଁ ? ମୁଣ୍ଡରେ ତ ସିନ୍ଦୁର ନାହିଁ । ଲୁଗାପଟା ଆଉ ହାବଭାବରୁ ତ ସେମିତି ଜଣାଯାଉନାହିଁ ! କେତେ ବା ଉମର ହେବ ? ହଁ, ଷୋହଳ ନାହିଁ ତ ସତର ! ନା, ନା, ଏତେ ହେବନାହିଁ !

Digitized by srujanika@gmail.com

ଷୋହଳ କଦାପି ହବନାହିଁ ! ଖାଲି ମୁହଁଟା ସିନା ଗୋଲଗୋଲିଆ ହୋଇ ଏତେ ଦେଖାଯାଉଚି— ନଇଲେ ହେ ତ—!

ପଛକୁ ଫେରି ସେ ଆଉ ଟିକିଏ ଚାହିଁଲା । ତା ପରେ ପୁଣି ସେ ତାର ଧାରଣାକୁ ଟିକିଏ ମୋଡ଼ାମୋଡ଼ି କସାକସି କଲା । ହଁ, ହଁ—ହବନାହିଁ କାହିଁକି ? ଷୋହଳ ନିଶ୍ଚୟ ହୋଇଥିବ ? କଲେଜରେ ପଢ଼ୁଚି—ଏତେ ଗାଦାଏ ବହି କୋଡ଼ରେ ଧରିଚି ! ବୋଧହୁଏ ଖୁବ୍ ପାଠୋଇ । ଖୁବ୍ ଉଞ୍ଚ ପାଠ ପଢ଼ୁଚି । ବୋଧହୁଏ ଷୋହଳ ନୁହେଁ—ଷୋହଳ ଟପି ଗଲାଣି କୋଉଦିନୁ ! ବୋଧହୁଏ ଉଣେଇଶି କି କୋଡ଼ିଏ ହବ: କିନ୍ତୁ ତାର ମନ ଭିତରେ ପୁଣି ଟିକିଏ କଅଣ ଛକାପଂଝା ହେଲା । ପଛକୁ ଫେରି ପୁଣି ଥରେ ଚାହିଁବାକୁ ମନ ତାର ଛଟପଟ ହେଲା । କଅଣ ସେ ଚିଜଟା ? ମନକୁ ମନ ସେ ପଚାରିଲା । ବହି ଉପରର ମଲାଟ ଉପରେ ସେ ଯୋଉ ଲୋକଟାର ଚିତ୍ର ଛପା ହୋଇଚି, ସେ କିଏ ? ସେଇ କ'ଣ ସ୍ୱାର ମନର ମଣିଷ ? ଖାସା ଚିତ୍ରଟିଏ ହୋଇଚି ତ ! ଖାସା ମୁହଁ ଆଉ ଖାସା ମୁଛ ! ତେବେ ସେ କ'ଣ ସେଇ ଚିତ୍ରକୁ ଅନେଇଥିଲା ଏକଲୟରେ ? ତାକୁ ନୁହେଁ ! ତା ପିଠିକୁ ନୁହଁ ! ନା, ନା—ଜର୍ଜର ମନ ଭିତରେ କିଏ କହିଉଠିଲା—ସେ କିଆଁ ତୋ ପିଠିକି ଚାହିଁବ ? କଅଣ ଅଛି ତୋ ପିଠିରେ ? ଛିଣ୍ଡା ଗେଞ୍ଜି ! ଛିଣ୍ଡା ବାଟେ ଦେଇ ଖୋଲା ଲଙ୍ଗଳା ଚମ ଟିକିଏ ? କଅଣ ଅଛି ସେଠି ଏମିତି ନିରେଖି ଦେଖିବାପାଇଁ ? ନା, ନା—ସେ ଚିତ୍ରକୁ ଚାହିଁଥିଲା, ଆଉ ମନେ ମନେ ଘର କଥା ଭାବୁଥିଲା ।

ଏହି ସମୟରେ ତାର ପିଠିପଟେ ପୁଣି ଟିକିଏ ରୁମ ଝାଙ୍କ୍ରି ଉଠିଲା । ତାର ମନେହେଲା —ଯେମିତି ତାର ପିଠିମଝି ଚିରାଗେଞ୍ଜିର ଜାଳିକବାଟଗୁଡ଼ିକ ବାଟେ କିଛି କିଛି ମଳୟ ଧସେଇ ପଶି ଆସିଲା ତା ଗୁଢ଼ଆଡ଼କୁ ।

ଗୋଟାଏ ଖୁଦ୍ ଚିହ୍ନାପରିଚିତ ଲୋକ ପରି ସେ ପଚାରିଲା ଜର୍ଜକୁ—"ଆଜି କି ସିନେମା ଅଛି କି ରେ ? କହିପାରିବୁ ?"

ସିନେମା ? ଜର୍ଜ ନିଜକୁ ନିଜେ ପଚାରିଲା, ଆଉ ତାର ଶୀତେଇ ଉଠୁଥିବା ଦିହକୁ କାଠକରି ରିକ୍ସା ପ୍ୟାଡ଼ଲକୁ ଗୋଡ଼ରେ ଜୋର୍ ଚାପିବାକୁ ଆରମ୍ଭ କଲା । ଧୀରେ ଧୀରେ ରିକ୍ସାଟା ଉଡ଼ିବାକୁ ଆରମ୍ଭ କଲା ।

ମଝିରାସ୍ତାରେ ଚାଲିଥିବା ଗୋଟାଏ ବୁଢ଼ାଲୋକ ଅତର୍କିତ ହୋଇ ପାଖେଇଗଲା । ଝିଅଟା ମୁରୁକି ମୁରୁକି ହସିଲା ଆଉ କହିଲା—'ହେ, ହେ, ସେ ବୁଢ଼ାଟାକୁ କିଆଁ ଡରେଉଚୁ ? ଦେଖିଲୁ କେମିତି ବକଲହୋଇ ସେ ଅନେଇଚି— ଛତାଟାକୁ ଉଞ୍ଚକୁ ଟେକିଧରିଲାଣି ସେ ।"

ଜର୍ଜର ମନ ଭିତରେ କଅଣ ଟିକିଏ ଉତ୍ତେଜ ହୋଇଯାଉଥିଲା । କିନ୍ତୁ ସେଇ ମନ ଭିତରୁ ପୁଣି ଗୋଟାଏ କିଏ ବାହାରିପଡ଼ି ଜୋର୍‌କରି ତା ଲଗାମଟାକୁ ଟାଣିଧରି କହିଲା— ହେ, ହେ, ହେ—ଖବରଦାର୍—ମାତିଯାଆନା—ଟିକିଏ ଠୋକର ପାଇଲେ ଯଦି ଏଇ ଅଚହ୍ନା ଛାବଳ ଭିତରର ସେଇ ବାରୁଦଟା ଫୁଟି ପଡ଼େନା !

ହଠାତ୍ ତାର ମନେପଡ଼ିଗଲା ଅନେକ କଥା । ବହୁ ରୋମାଞ୍ଚକର କାହାଣୀ ।

Digitized by srujanika@gmail.com

ଶକ୍ସାବାଲ୍ ନାଗେଶ୍ୱରସ୍ୱାର କାହାଣୀ ଆଉ ଅନୁଭୂତ । ଝଙ୍କାବାଲ୍ ଗ୍ରମେସ୍ୱାର ସେଇ ଦକ୍ଷିଣୀ ନର୍ସ ସାଙ୍ଗରେ ନଟରପଟର ହେବା କଥା ଓ ଫଚ୍ଛନ୍ତେ ସେଇ ନର୍ସ ହାତରୁ ମଣିଷହାଡ଼ରେ ମାଡ଼ ଖାଇବା କଥା—ଏମିତ ଅନେକ କଥା !

କିନ୍ତୁ ତଥାପି ସେ ସମ୍ଭାଳି ପାରୁନାହିଁ ତାର ମନକୁ । ସେ ମନ ଖାଲି ପଛିତକୁ ମାରବାକୁ ଲାଗିଲା । ବାରମ୍ବାର ସେ ଆଖି ପଛକୁ ବୁଲି ଅନେଇବାକୁ ବସିଲା । ବାରମ୍ବାର ସେ ନାକ, ଖାଲି ପଛରୁ ଆସୁଥିବା ନୂଆ ନୂଆ କନାର ବାସ୍ନାକୁ ବାରିବାକୁ ତତ୍ପର ହେଲା; ଆଉ କାନ ଖାଲି କହିଲା—ସେଇ ମିଠା ବଚନରୁ ଆଉ ଟିକିଏ ସେବା କରିବାକୁ ।

ହଠାତ୍ ତା ମନ ଭିତରେ କିଏ କହିଲା—ଆଃ, ଖୁବ ସୁନ୍ଦର ! ଖୁବ ସୁନ୍ଦର—ମିଠା ମୁହଁଟିଏ ! ଖୁବ ସୁନ୍ଦର କୃଷ୍ଣ କୁଞ୍ଚ ବାଳ ଦ'କେଶ ! ବଡ଼ ସନା ନୁହେଁ ! କିନ୍ତୁ ସୁନ୍ଦର—ନା, ନା ବଡ଼ ନୁହେଁ କାହିଁକି ? ସେଗୁଡ଼ାକ ସିନା କୃଷେଇ ହୋଇ ଯାଇଛନ୍ତି—ସିଂଭଲି—ନଚେତ୍ ଟାଣିଟୁଣିଦେଲେ ତ ଠିକହାତରୁ କମ୍ ଲମ୍ବା ହେବେନି ସେଇ ବେଣୀ ଦଉଡ଼ା—ନା, ଖୋସିଲା ଟପି ନାହିଁ ନିଶ୍ଚୟ । ବେଶ୍ ମିଠା ଆଉ ଚୁଆଙ୍କ ଭଳି କଥା କହୁଛ, ଆଉ ହସୁଚ । ବୁଢ଼ାକୁ ହୁରୁଡ଼େଇ ଦେଲା—ଖୁବ ଭଲ ଲାଗିଲା ତାକୁ—ସେ ବୋଧହୁଏ ଖୁନ୍ଦୁଁଚ—ମୋର ଗୋଡ଼ଠୁଁ ମୁଣ୍ଡଯାକେ ସବୁକୁ ସେ ତା ଆଖିରେ ଚୁଇଁ ଚୁଇଁ ଯାଉଚ—ହେଇ ! ବର୍ତ୍ତମାନ ସେ ଗୁହିଁଚ ତାର ଶକତ ଶକତ ବାହୁ ଦଉଡ଼ାକୁ ।

ଜର୍ଜ ତାର ମାଂସପେଶୀଗୁଡ଼ାକୁ ଟାଣକେଇ ଦେଲା ଟିକିଏ । ସେଗୁଡ଼ାକ ନିଶ୍ଚୟ ଠିଆ ହୋଇ ଯାଇଥିବେ—ତାର ଗୋଡ଼ପେଣ୍ଡାରେ—ହାତ ମୁଠାଠାରୁ କାଖ ଖୁଆଯାକେ—ପିଠି ଗୋଟାକଯାକ ସବୁଠି—ପଛରେ ଚକଚକରର ଆଖି ଘୂରୁଚ—ଗୋଡ଼ଠୁଁ ମୁଣ୍ଡଯାକେ । ସେ ଅସ୍ଥିର ହେଲା । ତା ଦେହ କସ୍‌ମସ୍ ହେଲା ।

କିନ୍ତୁ ସେ ଚୁପ୍ ରହିଲା । ଟିକିଏ ସମସ୍ତ ସବୁ ଚୁପ୍‌ଚାପ୍ ହୋଇଗଲା । ରାସ୍ତାରେ ଯାଉଥିବା ଅନ୍ୟାନ୍ୟ ଗାଡ଼ି-ଘୋଡ଼ାର ଶବ୍ଦ ଶୁଭିଲା । ଜର୍ଜ ସତର୍କ ହୋଇଆସୁଥିଲା । ଏହି ସମୟରେ ପୁଣି ଶୁଭିଲା ସେଇ ମିଠା ଶବ୍ଦଟା—ଯୋଉଟା ତାକୁ ପୁଣି ମାଡ଼ିଦେଲା ସେଇ ସପନର ସମୁଦ୍ର ଭିତରେ, ଯାହା ଭିତରୁ ସେ ମୁଣ୍ଡ ଟେକି ବାହାର ଦୁନିଆକୁ ଗୁହିଁବାକୁ ଆରମ୍ଭ କରୁଥିଲା, ସେତେବେଳେ ।

"ତତେ ପଚାରିଲି—ସିନେମା କଥଣ ଆସିଚ ବୋଲି—ତୋର କଅଣ ମୁହଁ ଫିଟେନାହିଁ କରେ ?"

"ମୁଁ ତ ଜାଣିନାହିଁ··· ଦେଇ !" ଶେଷ ଶବ୍ଦଟାକୁ ସେ ଢୋକିଦେଲା । ସତେ କି ଦେଇ, ମା କି ମେମ୍ କଅଣ ଡାକିବ ବୋଲି ଠିକ୍ କରି ନ ପାରି ସେ କଅଣଟାଏ କହିଦେଲା କେବଳ ।

"କଅଣ ହେଲା ? ତୁ ଜାଣିନୁ ? ମିଛୁଆ । ମତେ ଠକୁଚୁ । ମୁଁ ତତେ ତ ସବୁବେଳେ ଦେଖେ ସେଇ ସିନେମା ଘର ପାଖରେ ନଟରପଟର ହେଉଥିବାର—ଅନ୍ତତଃ ସେତେଥର ମୁଁ ଯାଇଚ ସିନେମା ଦେଖିବାକୁ ।" —ଝିଅଟି ଟିକିଏ ଚଢ଼ାଗଳାରେ କହିଲା ।

Digitized by srujanika@gmail.com

"କିଏ ? ମୁଁ ? ମତେ ଡେକିଚ ?..." ତାର ମୁହଁ ରଙ୍ଗା ପଡ଼ିଯାଇଥିଲା ସେତେବେଳକୁ । ସେ ଜାଣିଥିଲା—ପଛପଟୁ ଥାଇ ସେ ଟୋକୀ ସବୁ ଲୀଳା କରିସାରିଲାଣି । ତାର କାନ ଉପରେର ରକ୍ତସୁଅକୁ ବି ସେ ଦେଖିନଥିବ ନିଶ୍ଚୟ । ହୁଏତ ନଇଁପଡ଼ି ସେ ମୋଡ଼ିଦବ ସେଇ ନାଲ ନାଲ ଲାଜୁରା କାନକୁ । ତାର ଦେହ ଗରମ ହେଇଗଲା ସେକଥା ଭାବିଲା-ବେଳକୁ । ତଥାପି ସେ ଆଶ୍ଚର୍ଯ୍ୟ ହେଉଥାଲା ଆଉ ଦୁଗୁଡ଼େଇ ହେଇ ମନକୁ ମନ ପଚାରୁଥିଲା—"କଅଣ ହେଲା ? ଇଏ ପୁଣି ମତେ ଚିହ୍ନିଚ ? ହଜାରେ ରିକ୍‌ସାବାଲାଙ୍କ ମଝିରୁ ସେ ମତେ ଠଉରା କରିଚ ? କାହିଁ କେବେ ତ ଦିନେ ହେଲେ ସବାରି ହେଇନି । ...କିନ୍ତୁ, ତଥାପି ବି କଅଣ ଏ ସହରରେ ଚିହ୍ନିଚ ମତେ ? ନା ମିଛ କହୁଚ ? —କିନ୍ତୁ ମିଛ କାହିଁକି ସେ କହିବ ?"

ସେ ଗୋଟାଏ ଦମ୍ ନିଃଶ୍ୱାସ ନେଲା । ତାର ନିଶ୍ୱାସ ନିଦା ଢଙ୍ଗରୁ ସତେ କି ସେ କିଛି ଖବର କୋଉଁଠିକି ପଠେଇବା ପେଇଁ ଚାହୁଁଥିଲା; କିନ୍ତୁ ଖବର ଯାଇ ପହଞ୍ଚୁଥିଲା କି ନାହିଁ ସେ ଜାଣିପାରିଲାନାହିଁ ।

"ଆଚ୍ଛା ' ତୁ ସତ କହିବୁ ।" ହଠାତ୍ ଝିଅଟିର କଣ୍ଠସ୍ୱର ନରମିଗଲା । ସେ ଟିକିଏ ଅଟକିଗଲା—ସତେ କି ତା ମନକଥା ଖୋଲି କହିବ କି ନାହିଁ, ଏମିତି ଭାବି ଟିକିଏ ଥାଥା ମାମା ହେଇଗଲା ।

ଜର୍ଜ ଉତ୍କଣ୍ଠିତ ହେଇ ଅପେକ୍ଷା କରିଥାଏ ସେଇ ମିଠା ସ୍ୱରଟାକୁ । ଶେଷରେ ପଛପଟୁ ସେଇ ଅସମ୍ଭବ ଆବାଜଟା ଆସିଲା । ଭାରି ସୁନ୍ଦର ! ଏଃ । ଭାରି ସୁନ୍ଦର ! ରିକସା ଧକ୍‌କା ହେଇଯିବା ଉପରେ ଜର୍ଜ ମୁଠାକରି ଧରିଲା ତା ବ୍ରେକ୍‌କୁ ।

ପଛପଟୁ ସେ ପଚାରିଲା—"ଆଚ୍ଛା, ହଇରେ । ତତେ ଦେଖିଲାବେଳୁ ମୁଁ ଗୋଟାଏ କଥା ଭାବୁଚି ମନେ ମନେ—ମୁଁ ଭାବୁଚ ବୋଧହୁଏ ମୋ ଅନୁମାନ ସତ ! ଆଚ୍ଛା ! ତୁ ଗୋଟାଏ ଛବି ଦେଖିଚୁ ? —ସିନେମା ? —"ସହର ବଜାର" ବୋଲି ଗୋଟାଏ ପିକ୍‌ଚର ଆସିଥେଲା—ପ୍ରାୟ ଛ'ମାସ ତଳେ ! ଦେଖିଚୁ ?"

କିଛି ନ ବୁଝି ଜର୍ଜ ମୁଣ୍ଡ ହଲେଇଲା । ସେ ମୁଣ୍ଡହଲାର ଅର୍ଥ କଅଣ—ହଁ କି ନାହିଁ ବା ଆଉ କିଛି—ସେ ବିଷୟରେ ତାର ଖିଆଲ ନ ଥିଲା । ସେ କେବଳ ଅସ୍ତବ୍ୟସ୍ତ ହେଲାଭଳି ମୁଣ୍ଡ ହଲଉଥିଲା । ସତେ କି ତା ମୁଣ୍ଡରେ ଲାଗିଥିବା ସ୍ପ୍ରିଂଟିକୁ ପଛପଟୁ ଠୋକର ଦେଇ ଦେଇ ସେଇ ଝିଅଟା କେବଳ ହଲଉଥିଲା ।

ଜର୍ଜକୁ ମୁଣ୍ଡ ଟୁଙ୍ଗାରିବାର ଦେଖି ହଠାତ୍ ଉତ୍ସାହ ଓ ବିସ୍ମୟରେ ଫାଟିପଡ଼ିଲା ଭଳି ସେ ସ୍ୱର ଉଠେଇ କହିଲା—"ଏଁ ? ଏଁ ? ତୁ ସେଇ ? ତୁ ସେଇ ? ତୁ ସେଇ ରିକ୍‌ସାବାଲା, ଯୋଉ ରିକ୍‌ସାବାଲା ସେ ସହରରେ ତା ମାଲିକାଣୀକୁ ..." ଝିଅଟାର ସ୍ୱର ହଠାତ୍ ହଜିଗଲା ।

ଆଗରେ ଥାଇ ଜର୍ଜ କିଛି ବୁଝିପାରୁ ନ ଥିଲା କଅଣ ସବୁ ତା ପଛରେ ଘଟିଯାଉଥିଲା । ସେଇ ହଜିଲା ସ୍ୱର କଅଣ ସବୁ କହୁଥିଲା । ପଛକୁ ଫେରି ବାରବାର ଚାହିଁବାର କୁ ନ ଥିଲା

Digitized by srujanika@gmail.com

ତାର । ପାଖେ ପାଖେ ଅନ୍ୟାନ୍ୟ ରିକ୍ସାବାଲାମାନେ ତାକୁ ଟପି ଚାଲିଯାଉଥିଲେ । ସେ ରିକ୍ସାରୁ ଅନ୍ୟାନ୍ୟ କଲେଜ ଝିଅ, କଲେଜ ଟୋକା, ଷ୍ଟେସନରୁ ଆସୁଥିବା ଯାତ୍ରୀ ଦଉଚି, ମାଲ ବୋଝେଇ ହୋଇଥିବା ରିକ୍ସାଟାଏ ଓ ସେ ମାଲଗଦା ଉପରେ କଡ଼ପଟିଆ ହୋଇ ଚଢ଼ିଥିବା ବୁଢ଼ାଟିଏ—ସମସ୍ତେ ଟପି ଚାଲିଗଲେ ତାକୁ । କେହି ତାକୁ ଚାହୁଁ ନଥିଲେ ହଏତ; କିନ୍ତୁ ସମସ୍ତେ ତା'ର ଆଡ଼କୁ ମୁହଁ କରିଥିଲେ । ଘନ୍ଟାର ଛଣ ବୋଝେଇ ହୋଇଥିବା ଦାନ୍ତଟଣା ରିକ୍ସାଟାଏ ପର୍ଯ୍ୟନ୍ତ ଟଣଟଣ କଲା । କର୍କ୍ କାକୁ ରାସ୍ତା ଦେଲା ଆଉ ଆଗକୁ ସ୍ପର୍ଦ୍ଧି ପଛକଥା ଭାବୁଥିଲା ।

କିଛି ସମୟ ପରେ ସେ ଅନୁଭବ କଲା, ଗୋଟାଏ ସାପ ଯେମିତ ତାର ନଙ୍ଗଳା ଗୋଡ଼-ପେଣ୍ଡାରେ ଗୁଡ଼େଇଗୁଡ଼େଇ ହୋଇଯାଉଚି ଓ ପହଁର ପହଁର ଉପରକୁ ଉଠୁଚି । ସେ ତା ଗୋଡ଼ଟାକୁ ଝାଡ଼ିଦେଲା ଓ ତଳକୁ ଚାହିଁଲା । ଜାହିଁ କିଛି ନାହିଁ ତ ! ବୋଧହୁଏ ସବାରର ଶାଢ଼ୀର କାନିଟା କେମିତି ଉଡ଼ିଆସି ବାଜିଗଲା ତା ଦେହରେ । ତା ଦେହ ଶୀତେଇ ଉଠିଲା । ତାର ମନହେଲା, ଗୋଟାଏ ଦମ୍‌ରେ ତାହାଙ୍କୁ ହେଣ୍ଡେଲଟାକୁ ମୋଡ଼ି-ଦେଇ ସେ ଏକା ନିଶ୍ୱାସକେ ଛୁଟେଇ ନେବ ତାର ରିକ୍ସାଟାକୁ ସେଇ ନିଛାଟିଆ ନଈକୂଳ ରାସ୍ତାରେ ।

ଠିକ୍ ଏତିକବେଳେ ଗୋଟାଏ ବିଜୁଳି ଧକ୍‌କା ଖାଇଲା ଭଳି ସେ ଚମକି ଉଠିଲା । ବ୍ରେକ୍ ଉପରେ ତାର ଗୋଟାଏ ହାତ ଜୋର୍‌ରେ ଜାବ ପଡ଼ିଗଲା । ଆଉ ହାତଟା ତାର ଖସିଯାଇ ଯାଇ ପିଠିପଟେ ପଡ଼ିଲା । ତା ଦେହ ଛଟପଟ ହୋଇଗଲା । ସେ ଓହ୍ଲେଇ ପଡ଼ିଲା । ପିନ୍ଧିଥିବା ଗେଞ୍ଜିର ପିଠିପଟ ଚିରା କେଉଟା ଉପରେ ଟିପ ଆଉଁସିଆଣି ସେ ତାଟକା ହୋଇ ଦେଖିଲା—ଟିପ ଅଗରେ ତାର ରକ୍ତ ।

ଗୋଟାଏ ସେଫ୍‌ଟିପିନ୍‌ର ମୁନରେ ଲାଗିଥିବା ବୁନ୍ଦାଏ ରକ୍ତକୁ ଟିପ ଅଗରେ ନେଇ ନିଜର କୁଞ୍ଚୁକୁଞ୍ଚିଆ ବାଳ କେରାକ ଦେହରେ ଲେସି ଦେଇ ସେଇ ସେଫ୍‌ଟିପିନ୍‌ଟାକୁ ପୁଣି ତା ହାତରେ ପିନ୍ଧିଥିବା ପଟେ ସବୁ ସୁନାକାଚରେ ଓହଳେଇଦେଇ ସେଇ ଗୋଲମୁହଁ ଝିଅଟା ରିକ୍ସାରୁ ଓହ୍ଲେଇପଡ଼ିଲା ଆଉ କହିଲା—"ବ୍ରେକ୍ ବ୍ରେକ୍ ବୋଲି କହୁଚ—ଶୁଣାଯାଉ ନାହିଁ—ନା ? ତୁ କଅଣ ଭାବଚୁ କରେ ? ମୁଁ କ'ଣ ସେଇ ପୋଡ଼ୀ ମାଇକିନା କରେ—ଯାହା ପାରେ ତା କରିଦବୁ ତୁ ? ମୁଁ ନାସ୍ତି । ମୁଁ ନାସ୍ତି । ମୁଁ ହଉଚି କିଏ ଜାଣିଚୁ—ମୁଁ ଦ୍ରୌପଦୀ । ସେ ଦିନ ଦେଖିବାଦିନଠୁଁ ମୁଁ ପ୍ରତିଜ୍ଞା କରିଚି ତୁମମାନଙ୍କ ଭଳି ପାଷଣ୍ଡଙ୍କ ରକ୍ତରେ ମୁଁ ମୁଣ୍ଡ ବାନ୍ଧିବି । ତୋର ଏଡ଼େ ଦମାକ୍ ! ଏଡ଼େ ନିମକହାରାମ ! ସେ ପରି ତୋ ମାଲିକାଣୀ । ତୁ ତା ଅନ୍ନରେ ବଞ୍ଚୁ···ପାପୀ···"

ମେଞ୍ଚାଏ ଦେବଦାରୁ ଗଛ ଆଢ଼ୁଆଳରେ, ଗୋଟାଏ ବଡ଼ ବଙ୍ଗଳା ହତାର ଫାଟକ ଠେଲି ସେ ପଶିଯାଉଥିଲା । ବାଘ ଭଳିଆ କୁକୁରଟାଏ କୁଆଡ଼ୁ ଦୌଡ଼ି ଆସି ତା କାନ୍ଧରେ ଦୁଇ ଗୋଡ଼ ଦେଇ ଠିଆହୋଇ ଯାଇ ତା ମୁହଁକୁ ଚାଟିପକେଇଲା । ଝିଅଟା ତାକୁ ଆଉଁସି ଆଉଁସି ହତା ଭିତରର ଫୁଲବାଗାନ ଭିତରେ ଉଭେଇଗଲା ।

Digitized by srujanika@gmail.com

ପିଠିପଟକୁ ବାହାରୁଥିବା ରକ୍ତରୁ ଟିକିଏ ଟିପରେ ନେଇ ତାକୁ ଭଲକରି ପରୀକ୍ଷା କରି ଜର୍ଜ ତାକୁ ପୋଛିଦେଲା ସେଇ ରିକ୍‌ସା ହାଣ୍ଡଲ୍‌ରେ । ମାଲିକର ରିକ୍‌ସା ସେଥିକରେ ସନ୍ତୁଷ୍ଟ ହେଉ ବା ନ ହେଉ, ହାଣ୍ଡଲ୍ ବୁଲେଇ ସେ ଫେରିଲା । ପିଠିର ଖଣ୍ଡିଆ ଜାଗାଟା ଟିକିଏ ଶୁଖେଇ ହୋଇ ଉଠିଲା । ସେ ବୁଝିପାରିଲା ନାହିଁ ସେଇ ଘଣ୍ଟାକ ଭିତରେ ଯାହା ସବୁ ହୋଇଗଲା, ସେଗୁଡ଼ାକ ସବୁ ସିନେମା ନା କଅଣ ସବୁ ବୋଲି । ସେଗୁଡ଼ାକର ଫଟୋ ସବୁ ଅନ୍ୟ କିଏ ଉଠେଇଥିଲା କି ନାହିଁ ବୋଲି ଓ ଦିନେ ନା ଦିନେ କୋଉ ସିନେମା ଘରେ ବସି ସେ ଚିତ୍ରରେ ତା ନିଜ ଛବିକୁ ଏମିତି ରକ୍ତଜୁଡ଼ୁବୁଡ଼ୁ ହୋଇ ରିକ୍‌ସା ଚଲାଉଥିବାର ଦେଖିପାରିବ କି ନାହିଁ ବୋଲି ।

ଘରକୁ ଆସି ସେ କାମାକ୍ଷୀକୁ ସେଦିନର ଘଟଣା କହିଲା । ସେ ସବୁ କଥା ଶୁଣି କାମାକ୍ଷୀ ତା ପିକାଖିଆ କଳାଦାନ୍ତ ଦ'ପନ୍ତିକୁ ଦେଖେଇ ବଡ଼େ ହସିଲା—ତା ପରେ ଜର୍ଜର ପିଠି ଥାପୁଡ଼େଇ ସେ କହିଲା—"ଦେଖିଲୁ ! ମୁଁ କଅଣ କହୁଥିଲି ? ରିକ୍‌ସା ଚଲେଇବାଠୁଁ ଆଉ ସଉକିଆ କାମ ଏ ସଂସାରରେ ନାହିଁ । ମୋ କଥା ନ ଶୁଣିଥାନ୍ତୁ ଯଦି ସେଇ ବେକୁବ୍ କବିରାଜ ଦୋକାନରେ ପଡ଼ିପଡ଼ିକା ତୁ କଅଣ ପାଇଥାନ୍ତୁ ସେଇ ଶୁଖିଲା ପୋକଖିଆ ଚାଳପତ୍ରର ଶାହାସ୍ତରୁ ?"

ତା'ପରେ ସେ ଟୋକାଟାର ମୁହଁକୁ, ତାର ରୁକ୍ଷ ଟାଣୁଆ ବଣ୍ଡାଳିଆ ଟିପ ଅଗରେ ଟେକିଧରି କେମିତି ଗୋଟାଏ ଅବାଗିଆ କରି ତା ଆଖିକୁ ଚାହିଁଲା କଟମଟ କରି, ଆଉ କହିଲା—"ଆବେ ! ଡରିଗଲୁ କବେ । ଏଇ ଥରକରେ ? ତୁ ଜାଣିଚୁ ସେ ଟୋକାକୁ ! ରହ—ସବୁରି କର । ଓର ଉଣ୍ଡୁଥା—ସେ ତୋରକୁ ନେଇ ମୁଣ୍ଡରେ ନଗେଇଚ ତ ? ଭଲ କରିଚ । ସେ ଜାଣି ପହିଲା ଇସାବ୍ ଦେଲା । ଦିନେ ତାକୁ ସବାର୍ କରି ତା ଦ୍ରୌପଦୀପଣିଆ ଛଡ଼େଇଦେ । ନହେଲେ ଯଦି ସେବାଗେ ନ ହବ—ତାହେଲେ ଗୋଟାଏ କାମ କର —ଅମେଇସା ଦିନ ମଶାଣିକି ତୁ ଯାଇପାରିବୁ ? ସେଠୁ ଯଦି କଳାତୁଳସୀଚେର ଖଣ୍ଡିଏ ତୁ ଆଣିପାରନ୍ତୁନା—ତାହେଲେ ତ କାମ ଫତେ ! ଜୀବନ ତମାମ ସେ ବାନ୍ଧିଥାଆନ୍ତା ସେଇଠୁ ତା ବେଣୀକୁ—ତୋରି ରକତରେ—ତୋ ରକତ ଶୁଙ୍ଘି ଶୁଙ୍ଘି ସେ ଆସି ମହଜ୍ଜ-ଯାଆନ୍ତା । କ'ଣ କରିପାରିବୁ ନା ନାହିଁ ବେ ମାଇଚିଆ ଟୋକା ? କଳାତୁଳସୀ—ଅମେଇସା ରାତିରେ ମଶାଣିରୁ ଆଣିପାରିବୁ ତ ! ଦେଖେଇଁ ତୋ ଛାତି କେତେ ଟାଣ !"

ଜର୍ଜ କାମାକ୍ଷୀର ସେ ଆଖି ଆଉ ହସକୁ ଖାତିର୍ କରିନାହିଁ । ତେବେ ତାର ମନେ-ପଡ଼ିଗଲା—କେମିତି ସବା ପ୍ରଥମ ଦିନ, ଯୋଉଦିନ ସେ ଏ ଦୋକାନ ଓଳିତଳେ ଥିବ ଆଉ କାମାକ୍ଷୀଙ୍କ ସାଙ୍ଗରେ ତାର ପ୍ରଥମଥର ପେଣ୍ଡି ଦେଖାହୋଇଥିଲା, ଗୋଟାଏ ଜୁଲ କୁକୁର ଭଳି ସେ ଡରିଡରିକା ଶୁଙ୍ଘି-ଶୁଙ୍ଘିକା ସ୍ତ୍ରୀଙ୍କ ଚାରିପାଖେ ଘୂରପାକ ମାରୁଥିଲା—ଆଜି ସେ କାମାକ୍ଷୀ ଆଉ ନାହିଁ କି ସେ,ଜର୍ଜ ବି ଆଉ ନାହିଁ । ଆଜି ପାଞ୍ଚଜଣଙ୍କ ପାଖେ ସରିସା ହୋଇ ବସିଲାଣି ସେ । ପାଞ୍ଚ ଜଣ ବି ତା ବଧାକୁ ଆଡ଼େଇ ହୋଇ ରହିଣିଖିଲେଣି । କାମାକ୍ଷୀର ହାତଟାକୁ ଏକ ଥାପଡ଼କେ ଜର୍ଜ ଫୋପାଡ଼ିଦେଲା ତା ଦେହ ଉପରୁ ।

Digitized by srujanika@gmail.com

ହୋ ହୋ ହୋଇ କାମାସ୍ତା ହସିଉଠିଲା । ଜର୍ଜ ବ ସେଥିରେ ଯୋଗଦେଲେ । ସାର ସାମଲ ବ ସେଣୁ ଉଠିଆସି ହସରେ ଯୋଗଦେଲେ । ବୁଢ଼ୀ ଚୁଲିମୁଣ୍ଡରୁ ସେମାନଙ୍କୁ ଜଗା କରିଥିଲା । କଣେଇ କଣେଇ ଜର୍ଜ ତାକୁ ଜଗାକଲା । ସେ ଦେଖିଲା ବୁଢ଼ୀ ସେମାନଙ୍କ ହସଖୁସିରେ ଯୋଗଦେଉ ନ ଥିଲା । ସେ କେବଳ ଭୂକଟି ହୋଇ ବସିଥିଲା ସେଇ ଚୂଲି-ମୁଣ୍ଡରେ —ଯୋଉଠି ସେଦିନ ବ ସେ ବସିଥିଲା ।

କନ୍ତୁ ସେଦିନ ଆଉ ଆଜି ଭିତରେ କେତେ ତଫାତ୍ !

ଅନ୍ୟମାନେ ଯେତେବେଳେ ନିଶାଖେଳରେ ସେଇ ଦ୍ରୌପଦୀ କଥା ନେଇ ହସି ହସି ଗଡ଼ୁଥିଲେ, ସେତେବେଳେ ତାର ଆଉ ହସିବାର ଆବଶ୍ୟକତା ନ ଥିଲା । ସେମାନେ ଅଜି ତା ପାଇଁ ହସିନେଉଥିଲେ—ବହେ ବହେ ।

ବାହାର ଦୁନିଆ ସାଥିରେ ପରିଚୟ ହେବା ସଙ୍ଗେ ସଙ୍ଗେ ଭିତର ଦୁନିଆର ପରିଚୟ ବ ବେଶ୍ ପାଉଥାଏ ଜର୍ଜ । ଏଣିକି ସେ କାଠ କ୍ୟାବିନ୍‌ଠୁଁ ଦୂରଛଡ଼ା ହୋଇ ରହିବାକୁ ଶିଖିଲାଣି । ଏଣିକି ଆଉ ସେ ଶୋଦରା ବୁଢ଼ୀଟା ତାକୁ ଟାଣୁନାହିଁ, କି ଉକିମାରୁନାହିଁ ସେ ଜଳେ ବାଡ଼ଆଡ଼ ଜଳାକବାଟଟି ବାଟେ—ମାଲପା ମାରି ହୋଇ ବୁଢ଼ୀଟା ପଦାକୁ ଗଲାବେଳେ । ଏଣିକି କ୍ୟାବିନ୍ ଘରେ ନଶୋଇ, ବାହାରେ କବରୀକ ବାରଣ୍ଡାରେ ଶୋଇ ପଡ଼ୁଛି ଜର୍ଜ । ଦିନେ ଦିନେ ପଦାରେ ଅନ୍ୟ କୁଆଡ଼େ ଯାଇ ଶୋଇପଡ଼ୁଛି ସେ । ସେ ଶୋଇବାରେ କିଛି ଯାଏ ଆସେ ନାହିଁ ।

ବୁଢ଼ୀ ତଥାପି ଆଜିକାଲି ଚୁପ ଚୁପ ହେଉଛି ଜର୍ଜକୁ ଦେଖି । ବେଳେବେଳେ ତା ଓଠକୁ ଧରି କଅଣ କହି ସେ ବାହୁନି ଉଠୁଛି । ଯୋଉଦିନ ରାତିରେ ସେ ଘରକୁ ନ ଫେରୁଛି ତା' ଆରଦିନ ଖୁବ୍ ଗୁଡ଼ାଏ ଗାଳେଇ ହେଉଛି ସେ ।

ଜର୍ଜ ବୁଝେନା ବୁଢ଼ୀର କୋହ । ସେ ଜାଣେ କନ୍ତୁ, ସାର ସାମଲ ଆଜିକାଲି କ୍ୟାବିନ୍ ଘର ଭିତରେ ଶୋଉଛି—ଯୋଉଠି ଆଗେ ନଜର ମିଆଁ ବୁଢ଼ା ଶୋଉଥିଲା । ସେ ଜାଣେ ବ, ଏଇ ବୁଢ଼ୀ—ଯିଏ ପାଞ୍ଚ ବରଷ ଦିନଠୁଁ ସାର ସାମଲକୁ କୋଢ଼ର କାଖର କରି ମଣିଷ କରିଥିଲା ବୋଲି ସମସ୍ତଙ୍କୁ କହିହେଉଥାଏ, ଆଜି ସେ ବ କେମିତି ପଡ଼ିଛି ସେଇ ସାର ସାମଲର ଟାଣୁଆ ଆବୁଆ ବାହା ଦଇଟାର ଫାନ୍ଦ ଭିତରେ । ପୁରୁଷ କଅଣ, ସ୍ତ୍ରୀ କଅଣ—କଅଣ ଥାଏ ତାଙ୍କ ଭିତରେ ଓ କୋଉ ସୂତା ଖିଅରେ ଦୁହେଁ ବନ୍ଧାବନ୍ଧ ହୋଇ ଏ ସଂସାରରେ ଚାଲିଚଳନ୍ତି, ସେ ବୁଝିପାରେ । ବୁଢ଼ୀର ଚୁପ ଚୁପ ଡାକ, ତା ପେଇଁ ଭାରି କାନ୍ଦ ସବୁ ଗୋଟାଏ କେମିତି ଘୃଆଣ ଭଳି ଲାଗେ ତାକୁ । ଆଉ ବ ସେ ଜାଣେ, ଯଦି କୌଣସିମତେ ଆଜି ସେ ହୁଣ୍ଡା ସାର ସାମଲଟା ଖସିପଡ଼ନ୍ତା ତା' ଆସ୍ଥାନରୁ, ତା'ହେଲେ ବ କଅଣ ହୁଅନ୍ତା !

ତଥାପି ବୁଢ଼ୀ ଉପରେ ରାଗ କରେନାହିଁ ସେ । ସେ ଜାଣେ, ଯେତେବେଳେ ଘରୁ

Digitized by srujanika@gmail.com

ଡଡ଼ାଖାଇ ସେ ବାରଦୁଆର ବୁଲୁଥିଲା, ସେତେବେଳେ କେହି ତାକୁ ଆଶ୍ରା ଦଉ ନଥିଲେ; ଆଶ୍ରା ଦେଇଥିଲା ଏଇ ବୁଢ଼ୀ । ଖାଇ ସାମଲର ଗୁଣ୍ଡାମି, କାମାଖ୍ୟାର ଚକ୍ରବ୍ୟୂହଭଳ ଘେରିବେଇବା, ଚରଣ ରାଉତର, ରାମସିଂହର, ଏପରକି ନଜର ମିଆଁ ବୁଢ଼ା ପର୍ଯ୍ୟନ୍ତ ଜାଲୁଆରଙ୍କ ଦାଉରୁ ସମ୍ଭାଳି କରି ଏଇ ବୁଢ଼ୀ ତାକୁ ବଞ୍ଚେଇଥିଲା । କାହିଁକି ବଞ୍ଚେଇଥିଲା ସେ ଜାଣେନା—ଯେମିତି କି ସେ ଜାଣେନା କାହିଁକି ତାକୁ ଡାକ୍ତରଖାନାର ମଇଳାନଳାରୁ ସେ ଦାଢ଼ିଆ ବୁଢ଼ା ଟେକିଆଣି ବଞ୍ଚେଇଥିଲା ସେଦିନ । ତେବେ ମଣିଷ ଯାହା କରୁ ପଛକେ, ସବୁର ପିଛୁ ଯେ ସ୍ୱାର୍ଥ ବୋଲି ଗୋଟାଏ ଜିନିଷ ନାହିଁ, ଏହା ନୁହେଁ ।

ଜର୍ଜ ଧୀରେ ଧୀରେ ସବୁ ବେଶ୍ ବୁଝିପାରେ ଓ ଲୋକଙ୍କଠୁଁ ବେଶ୍ ଦୂରଛଡ଼ା ହୋଇ ଚାଲିଯାଏ । ଧୀରେ ଧୀରେ କବିରାଜ ବୁଢ଼ାଠୁଁ ବି ଦୂରେଇଗଲା ସେ । ସେ ଜାଣିଲା— ଅମୃତ ବୃକ୍ଷ ଫମୃତ ବୃକ୍ଷ ହୋଇ ଗୋଟାଏ କିଛି କଥା ନାହିଁ ଏ ସଂସାରରେ । ଯଦି ବା ଅଛି ତା'ହେଲେ ଏ ବୁଢ଼ା କବିରାଜକୁ ସେ କଥା ମାଲୁମ ନାହିଁ । କେମିତି ବା ହବ ? ଯୋଉ ଲୋକ ଆପେ ସଢ଼ି ମରୁଛି ରୋଗରେ--ସାମାନ୍ୟ ଅଣ୍ଟକୋଷଟାକୁ ଜବତ୍ କରିବା ପେଇଁ ଓଷଦ ପାଉନାହିଁ—ଗୋଟାଏ ବାଇ ଖେଞ୍ଚିଦେଲାବେଳକୁ କେଁ କେଁ ରଡି ଛାଡ଼ି ପଡ଼ିଯାଉଚି, ସେ କି ଅମରବୃକ୍ଷ ଚିହ୍ନି ବତେଇବ ତାକୁ ! ଏଇଥିପେଇଁ କବିରାଜ ବୁଢ଼ା ସାଙ୍ଗେ ବଚସା ହେବା ଦିନଠୁଁ ଜର୍ଜ ଆଉ ସେ ବୁଢ଼ାର ଦୁଆର ମାଡ଼େନାହିଁ । ବଚସାଟା ଆରମ୍ଭ ହେଲା ଏହିପରି ।

ଦିନେ ସନ୍ଧ୍ୟାବେଳେ ବସି କବିରାଜ ବୁଢ଼ା ସାଙ୍ଗେ ଗପସପ କରୁ କରୁ ବୁଢ଼ା କହିଲା— "ବୁଝିଲୁ, ଦିନ ଦିନର ତଳେ ଗୋଟାଏ ରୋଗୀକି ସଂଗ୍ରହ ଲୋକ ଆଣିଥେଲେ ମୋ ପାଖକୁ । ସେମାନେ କୋଉଠୁ ଖବର ପାଇଚନ୍ତି ଯେ ମୁଁ ଏମିତି କିଛି ଗୋଟାଏ ଓଷଦର ସନ୍ଧାନ ପାଇଚି ଯେ ସେ ସବୁ ରୋଗକୁ ଭଲକରିଦଉଚି । ସେମାନେ ଆସି ଭୂସ୍‌କିନା ମୋ ଗୋଡ଼ତଳେ ପଡ଼ିଗଲେ ଆଉ କହିଲେ—ହେ ମହାପୁରୁ ! ତୁମେ ରକ୍ଷାକର, ନଇଲେ ଗଲା । ଆମେ ହଜାରେ ଡାକତର ବଇଦ କଲୁ, କେହି ହେଲେ ଏଠାକୁ ବଞ୍ଚେଇ ପାରିବେ ବୋଲି କହିଲେ ନାହିଁ । ଡାକତର ଆଶା ଛାଡ଼ି ଆମେ ଏ ରୋଗୀକୁ ମଠକୁ ନେଲୁ; ମହନ୍ତ ମହାରାଜଙ୍କ ଯାବନ୍ତ ନେହୁରା ହେଲୁ, ଆଉ ବହୁ ବହୁ ମହାପୁରୁଙ୍କୁ ଦେଖେଇଲୁ । ହେଲେ କେହି ମହାପୁରୁ ଆମକୁ ବଚନ ଦେଇପାରିଲେ ନାହିଁ ଯେ ସେମାନେ ଏଠାକୁ ବଞ୍ଚେଇଦେଇ ପାରିବେ ବୋଲି । ଶେଷରେ ଆମେ ନିରାଶ ହୋଇ ଫେରିଲୁ । ରାତିରେ ଆମକୁ ସପନ ହେଲା ଯେ ଅମୁକଠେଇଁ ଅମୁକ କବିରାଜ ଅଛନ୍ତି—ସେଇଠିକି ଯାଅ । ତାଙ୍କର ଅମୃତ-ହାତ । ସେଇ ଜାଣନ୍ତି ମଲାମଣିଷଙ୍କୁ ଜିଅଁଇବାର ଉପାୟ । ତାଙ୍କର ଆଶିର୍ବାଦ ନିଅ— ରୋଗୀ ବଞ୍ଚିଯିବ ।"

"ସେଇଠୁ କଅଣ ହେଲା ? "ଜର୍ଜ ପଚାରିଲା । ପ୍ରଥମେ ପ୍ରଥମେ ସେ କବିରାଜ ବୁଢ଼ାର କଥାଟାକୁ ଅବିଶ୍ୱାସ କରିପାରିଲା ନାହିଁ କି ବିଶ୍ୱାସ କରିପାରିଲା ନାହିଁ ।"

"ସେଇଠୁ କଅଣ ହେଲା ?" ବୁଢ଼ା କବିରାଜ ଟୋକାଟାର ମୁହଁକୁ ତରାଟି କରି ଅନେଇ କହିଲା, "ଆରେ ! ସେଇଠୁ କଅଣ ହେଲା ଏକା ସେଇ ରୋଗୀ ଜାଣେ କି ମୁଁ ଜାଣେ ।

Digitized by srujanika@gmail.com

ରୋଗୀର ନାଡ଼ି ଚପିଲି ସେଇଠୁ । ଦେଖିଲି, ବାସ୍ତବିକ ଲୋକଟାର ମରଣ ସମସ୍ତ ଆସି ଉପଗତ । ମୋ ଗ୍ରନ୍ଥ ଦୁଡ଼୍‌ଦୁଡ଼୍ ହେଲା । ମୁଁ ସେତେବେଳକୁ ଜାଣିପାରିଥାଏ ସେ ରୋଗଟା କଅଣ ବୋଲି । ସେ ରୋଗ ସହଜରେ ଭଲ ହୁଏନାହିଁ । ତାକୁ କହନ୍ତି କର୍କଟରୋଗ । ମହାଦୁର୍ଦ୍ଦାନ୍ତ ସେ ରୋଗଖଣ୍ଡକ ବାବୁ; କିନ୍ତୁ ମୁଁ ସାହସ ହରେଇଲି ନାହିଁ । ବାହାର କଲି ପୋଥି । ଦି' ହଜାର ବର୍ଷ ତଳର ପୋଥି ବାହାର କଲି । ସେଇଠି ମୁଁ ପାଇଲି ସେ ରୋଗର ଚକିତ୍ସା । ଔଷଧ ଲେଖିଦେଲି ରୋଗୀକୁ । ଔଷଧ ତାଲିକା ନେଇ ରୋଗୀ ସମେତ ସେମାନେ ଘରକୁ ଗଲେ । ହେଲେ ରୋଗୀକୁ ଉଠେଇବା ପୂର୍ବରୁ ସେମାନେ ଜିଦ୍ ଧରିଲେ ଯେ ମୋ ପାଦଧୂଳି ଟିକିଏ ନେଇ ରୋଗୀ ମୁଣ୍ଡରେ ମାରିଦେବାପାଇଁ । ମୁଁ ସେତେ ମନାକଲେ ବି ସେମାନେ ମୋ ମନା ମାନିଲେ ନାହିଁ । ଆଖର ପାଦଧୂଳି ନେଲେ । ରୋଗୀ ମୁଣ୍ଡରେ ମରାହେଲା ସେ ଧୂଳି । ଆଉ ଆଜି ଶୁଣୁଚ ଯେ ସେ ରୋଗୀ କୁଆଡ଼େ ଭଲ ହେଇଗଲାଣି ।"

କବିରାଜ ବୁଢ଼ାର ଆଖିର ପଲକ ସେପର୍ଯ୍ୟନ୍ତ ପଡ଼ି ନ ଥାଏ । ସେ କହିଚାଲିଥାଏ— "କୃତକୃତ୍ୟ ହେଇ ସେ ଲୋକେ ଆଜି ଆସିଥିଲେ । ଆଉ, କହିଯାଇଚନ୍ତି ସେ ପନ୍ଦର ଦିନ ବାଦ୍ ପୂରା ଭଲହେଇଗଲେ ସେମାନେ ଗୋଟାଏ ଦଲହେଇ ଆସିବେ । କାହିଁକି ଆସିବେ ଜାଣିଚୁ ?" ବୁଢ଼ା ଗୋଟାଏ ଦମ୍ ଭିତରେ କହିଲା—"କାହିଁକି କହିଲୁ ? ହେଇଟି ! ସେମାନେ କୁଆଡ଼େ ମତେ ପୂଜାକରି, ବିମାନରେ ବସେଇ ସହର ସାରା ବୁଲେଇବେ ।"

ବୁଢ଼ା ଥମିଗଲା; ଆଉ ହଠାତ୍ ନିଜ କାନକୁ ନିଜେ ବିଶ୍ୱାସ କରିପାରୁ ନ ଥିଲା ସେମିତି ଗୋଟାଏ ଆମ୍ବିଲା ମୁହଁ କରି ସେ କହିଲା—"ହଇରେ ହେ ! ଏ ବୁଢ଼ା ବୟସରେ ଏତେ କଥା କଅଣ ଏ ଦେହରେ ସିବ ! ଯୋଉ ବୟସରେ ଏ ଦେହ ସେଇ କଥା ପାଇଁ ହକ୍‌ଦାର ହେଇ ବସିଥିଲା, ସେତେବେଳେ ତ ନୋଡ଼ରେ ଅଡ଼େଇ ଦେଇ ଏଇ ଲୋକେ ଯାଇ-ଥିଲେ ଡାକତରମାନଙ୍କ ଗୋଡ଼ ଘଷିବା ପାଇଁ । ଆଉ ଏତେବେଳେ ଆସି ମତେ ଦେଖାଉଚନ୍ତି ପାଲିଙ୍କି ସବାରି ଅଉ ରୋଶନି, ଫୁଲମାଳ । ଅରେ ଯାଃ ! ସେ ସବୁକୁ ଏକ ଗୋଇଠାରେ ଅଡ଼େଇ ଦେଇ ମୁଁ ଚାଲିଯିବା ଲୋକ । ମତେ ଦେଖାଉଚନ୍ତି କିଏ କଅଣ ? ମୁଁ କାହାକୁ ଖାତର୍ କରେ ? ସେମାଙ୍କଭଳି ପଣ ପଣ ଡାକତର, ନର୍ସ, କମ୍ପାଉଣ୍ଡର ସବୁ ଆଜି ମୋ ଗୋଡ଼ତଳେ ବସି ପାଠ ଶିଖିବେ ! ଦିନେ ନୁହେଁ, ମାସେ ନୁହେଁ, ବର୍ଷ ବର୍ଷ ଧରି ବାରବର୍ଷ ତପସ୍ୟା କଲେ ଭଲା ପାଇବେନା ତା ମର୍ମର ? ଗଦେଇଦେଇଚ ପୋଥି —ହଜାର ହଜାର ବର୍ଷ ତଳର ପୋଥି । ଗୁଣି ଗାରେଡ଼ିଠୁଁ ଆରମ୍ଭକରି କର୍କଟ ବ୍ୟାଧି ଯେଉଁ ସବୁ କଥାର ଇଲମ ରହିଚି ସେଠେଇଁ । ଆଉ ଆଜି ଏମାନେ ମତେ ବିମାନରେ ବସେଇ ଢୋଲ ବାଡ଼େଇ ବାଡ଼େଇ ନେବେ, ସହରସାରା ବୁଲେଇ ଆଣିବେ । ସେଇଥିରେ ମୁଁ ନିହାଲ ହେଇଗଲି । ସ୍ୱର୍ଗକୁ ଉଠିଯିବି ତା ପରେ ।"

କନ୍ନୁ କିଛି ନ କହି ଜର୍କି ଗୁମ୍‌ମାରି ବସିଥାଏ । ତାର ସନ୍ଦେହ ହଉଥାଏ—ଆଜି କ'ଣ ବଡ଼କରି ଟେଲାଟାଏ ପଡ଼ିଚକି ? ଜର୍କି ବୁଢ଼ାର ଆଖି ଦିଇଟାରୁ କଅଣ ଖୋଜି ପକାଇବାରେ

Digitized by srujanika@gmail.com

ବ୍ୟସ୍ତ ଥାଏ । ତା' ଅଜାଣତରେ ଗୋଟାଏ ଖଣ୍ଡି କାଶ ବାହାରିପଡ଼ିଲା ତଣ୍ଟିରୁ । ଆଉ ଯାଏ କୁଆଡ଼େ ! ସେ କାଶ ତ ଛମଣା ସାପକୁ ବି ଉସ୍କେଇ ନାଗ କରିଦେଲା ଭଳି କାଶଟାଏ ।

ବୁଢ଼ା ଜବରାଜ ସେତେବେଳକୁ ତାର ପାଚିଲା ଦାଢ଼ି କେରାକୁ ସାଉଁଲେଇ ସାଉଁଲେଇ ଶୂନ୍ୟକୁ ଅନେଇଥିଲା । ସତେ କି ପରମ ତୃପ୍ତିରେ ସେ ଗୋଟାଏ ସ୍ୱପ୍ନ ଦେଖୁଥିଲା ।

ହଠାତ୍ ତାର କ'ଣ ମନହେଲା—ସେ କିନ୍ନରକୁ ଗାରେଡ଼େଇ ଗାରେଡ଼େଇ ଚାହିଁଲା । କିନ୍ନରର ଆଖିରୁ ସେ କି ଇସାରା ଧରିନେଲା କେଜାଣି, ତାର ମୁହଁଟା ପୁଣି ପିତା ପିତା ହୋଇ ଆସିଲା । ହଠାତ୍, ଆଉ ସମ୍ଭାଳି ନ ପାରି ସେ କହିଲା—"ମୁଁ ଜାଣେ ରେ, ମୁଁ ଜାଣେ । ତମର ସବୁ ବଦ ଆଦତ୍ ମତେ ଭଲକରି ଜଣା । ମୁଁ କଣ ଜାଣିପାରୁ ନାହିଁ ତୋ ମନକଥା ତୁ ଭାବୁଚୁ ? ମୁଁ ଠିକ୍ ଠଉର କରିଚି । ତୋର ବିଶ୍ୱାସ ହଉନାହିଁ ମୋ କଥାରେ । ମୂଳରୁ ମୋ ଶାସ୍ତ୍ର ତତେ ପସନ୍ଦକୁ ଆସୁନାହିଁ—ସେକଥା କହୁନୁ ! ତତେ ମିଛଟାରେ ମୁଁ ଆଶାଦରି ବସିଚି ହୋ ! ଆରେ ତମେସବୁ ନିମକହାରାମ୍ ମଣିଷଗୁଡ଼ାକ ମୋରି ଘରପାଖେ ଘେରିଯାଇ ମତେ ମାରିବା ପେଇଁ ଛକିଚ ହୋ ! ଆଉ ମୁଁ ଓଲ ବୁଢ଼ାଟାବି ସେମିତି ହୋ ! ଏତକ କଥା ମୁଁ ଦେଖିପାରୁନାହିଁ ଏଇ ଆଖିରେ ? ଏଇଟାକୁ ଶିଷ୍ୟ କରିବାକୁ ତୁଚ୍ଛେଇଁକି ମୁଁ ଗୋଡ଼େଇଚି ହୋ ଏଇଟାର ମନ୍ତ୍ରରେ ! ଆରେ ଦେଖିଲ !"

ହଠାତ୍ କଅଣଟାଏ ଖୋଜି ପାଇଲା ଭଳି ଭୟ ଆଉ ଆଶ୍ଚର୍ଯ୍ୟ ମିଶା ଆଖିରେ ଅନେଇ ବୁଢ଼ା ମଉନ ହୋଇଗଲା । କଅଣଟାଏ ସ୍ୱରି ଜୋର୍ ଧକ୍କାଟାଏ ମାରି ତା ଭିତରର କୋଉ କବାଟଟାକୁ ଧଡ଼୍ କରି ବନ୍ଦକରି ପକେଇଦେଲା ସତେ ବା !

କିନ୍ନର ଚୁପ୍ ହୋଇ ବସିଥାଏ । ଉଁ କି ଚୁଁ ହଉ ନ ଥାଏ । ସେମିତି ହବାରେ କିଛି ଲାଭ ନଥିଲା—ସେ ଜାଣିଥାଏ ।

ତା' ପରେ ବୁଢ଼ାର ଓଲିଆ ମୁହଁ ପୁଣି ଫିଟିଗଲା ଓ ସେ ଗାଳି ଦେଇଗଲା—ଆରେ ହେ ! ଶତ୍ରୁ ତ ମୋର ଏଇଠି । ଛୁରି ତ ଏଇ ଅଣ୍ଟିରେ ! ଏଇ ତ କାଟିଦେଲା ମୋ ତଣ୍ଟି ? ଓହୋ କେଡ଼େ ବଡ଼ ଭୁଲଟାଏ ହୋଇଗଲା । ବାଟବଣା କରିଦେଲା ? ଭେଳିକି ଲଗେଇଦେଲା ?"

ବୁଢ଼ାର ସ୍ୱର ବନ୍ଦ ହୋଇଗଲା ଟିକଏ । କିନ୍ତୁ ତତ୍‌କ୍ଷଣାତ୍ ଉଚ୍ଚସ୍ୱରରେ ପାଠକରିବାକୁ ଆରମ୍ଭ କରିଦେଲା ସେ । ଚଉକି ଉପରେ ଛଟର-ପଟର ହୋଇ ସେ କହିଚାଲିଲା—

"କିନ୍ତୁ କେମିତି ଏକଥା ହେଲା ? ଏ ଆଖି କ'ଣ ଏତେ ଭୁଲ୍ କଲା ? ଆସିବା ଦିନ ତ ହଠାତ୍ ଦେଖିପକେଇ ମନେ ହେଉଥିଲା ଚହ୍ନିଲା ଚହ୍ନିଲା ଭଳି—ସତେକି ପୂର୍ବଜନ୍ମରେ କୋଉଠି ଦେଖା ହୋଇଥିଲା—କଲା ଟିକକ ବି ବେଶ୍ ଦେଖାଯାଉଥିଲା—ଭାବିଥିଲି ମଣିଷଟାଏ ହବ ବୋଲି । ଶିଷ୍ୟ କରିନେଲି ସେଇ ଆଶାରେ । କିନ୍ତୁ ଏ କ'ଣ ହେଲା ?

ତା ପରେ ହଠାତ୍ ତାଡ଼ହଠି ବୁଢ଼ା ରଡ଼ିଟାଏ ଛାଡ଼ିଲା—"ଆବେ ହେ କଲଦ ! ତୁ ଏତେ ଦିନଯାକେ ମତେ ଠକି ଦେଇଥିଲୁ ! ଶଳା, ବୁଢ଼ା ବକ୍‌ଯାବାଲା ହବାକୁ ଜନମ

Digitized by srujanika@gmail.com

ହେଉଚୁ; ଆଉ ମୁଁ ତତେ ବୈଦ୍ୟରାଜ କରିବା ପାଇଁ ଏଣେ ଗଣନା କରୁଚି । ତୋ ମୁଣ୍ଡରେ ଶିରପା ପିନ୍ଧେଇବା ପାଇଁ ମୋ ପ୍ରାଣ କାନ୍ଦଉଠୁଚି—ଗୋଟାଏ ମୂର୍ଖ ପାଇଁ ! ଆବେ ହୁଁ ବେ ହୁଁ । ଗଜମୂର୍ଖ ଆଉ ଭୁସୁଣ୍ଡିଙ୍କ ଲକ୍ଷଣ ସମାନ ! ଏତେଦିନଯାକେ ମୋ ମଗଜରେ ଢୁକି ନଥିଲା ଏ ତଥ୍ୟଟା । ଆବେ ହେ ଶିକ୍ଷାବାଲା ! ଯା ଯା ଘଣ୍ଟି ଟିଣ୍ ଟିଣ୍ କରିବୁ । ଠାକୁରଘଣ୍ଟା ଦେଲା କିଏ ତୋ ହାତରେ ?"

କବିରାଜ ବୁଢ଼ାର ଶୋଧନ ଏତେବେଳକେ ଜର୍ଜକୁ ବାଧିଲା । ସତେ କି ତା ମରମକୁ କିଏ ଧୀରେ ଧୀରେ ଉଖାରି ଦଉଥିଲା—ଗୋଟାଏ ମୁନିଆଁ ଛୁଞ୍ଚି ଅଗରେ । ଘୂରିଘୂରି ଗଲାଲା ଏଥର ବୁଢ଼ାର କଥା । ସତେ କଅଣ ସେ ବଳଦ ? ବଳଦଟିଏ ହୋଇ ରହିଯିବ କି ସତରେ ସେ ଜୀବନ ସାରା ? ଜର୍ଜ ଭିତରେ କିଏ ଟିକିଏ ଚଆଁ ପାଇ ଚେଙ୍କିଉଠିଲା ।

ସେତିକିବେଳେ ଝଅଟ୍‌କିନା ପିଲାଦିନର ଗୋଟାଏ ଘଟଣା କଥା କାହିଁକି କେଜାଣି ଝଲସି ଉଠି ପୁଣି ମିଳେଇଗଲା ତା ମନ ଭିତରେ । ଜର୍ଜର ମନେପଡ଼ିଲା ସେଇ ଦାଢ଼ିଆ ବୁଢ଼ା କଥା—ଯିଏ ତାକୁ ନଲାରୁ ଉଠେଇ ଆଣି ବଞ୍ଚେଇ-ବାଞ୍ଚେଇ ମଣିଷଟିଏ କରିଥିଲା । କଅଣ ସେ କହୁଥିଲା ? ଏଇ କଥା ତ ନୁହେଁ ! ଜର୍ଜର ଚେହେରା ଦେଖି ସେ ବି ତ କହୁଥିଲା—"ତୁ ବଡ଼ ହ ! ବଡ଼ହେଲେ ମହାପୁରୁଷ ହବୁ ତୁ ।" କିନ୍ତୁ ଆଜି ଏ କ'ଣ ହେଲା ? ଯୋଉ କାମରେ ନ ପଶିବ ବୋଲି ଏତେ ଭାବିଥିଲା, ଠିକ୍ ସେଇଥିରେଇ ତ ସେ ପଶିଗଲା । ସତେ କ'ଣ ବଳଦଟାଏ ହୋଇ ରହିଯିବାକୁ ହବ ଜୀବନ ସାରା !"

ବୁଢ଼ା କବିରାଜର କଥାଗୁଡ଼ାକ ଯେତିକି ଯେତିକି ଚେତେଇ ଦେଉଥିଲା ତାକୁ, ସେତିକି ସେତିକି ରଗେଉଥିଲା ବି ସେଗୁଡ଼ାକ ତାକୁ ।

କବିରାଜ ବୁଢ଼ା ପୁଣି କାହିଁକି ନରମିଗଲା ଆଉ କହିଲା—"ହେ ଟୋକା ! ମୋ ବୋଲ ମାନେ । କାଲିଠୁ ତୁ ସେ ଶିକ୍ଷାଟଣା ବେଉସା ଛାଡ଼୍, ଆଉ ଆସିକିରି ପୋଥିଧର ବସେ ଏଠି । ମୁଁ ତତେ ବର୍ଷ ଦିଇଟାରେ ପଣ୍ଡିତ କରିଦେବି । ଦେଖିବୁ କବିରାଜୀ ଶାସ୍ତ୍ର କଅଣ । କି ଅସାଧ୍ୟ ସେ ସାଧିପାରେ ! ଅମୃତବୃକ୍ଷର ସନ୍ଧାନ ସେଇ ଏକା ପାଇପାରେ, ଆଉ କେହି ନୁହେଁ, କୋଉ ଶାସ୍ତ୍ର ନୁହେଁ । କଅଣ କହୁଚୁ ? ଆସିବୁ ?"

ଜର୍ଜ ସେତେବେଳକୁ ବୁଢ଼ାକୁ ଭଲକରି ଚିହ୍ନିପାରିଥିଲା । ସେ ଜାଣିପାରିଥିଲା ବୁଢ଼ାଟା ବାୟାଟାଏ । ପିଲାଦିନୁ କଅଣ ଗୋଟାଏ କଥା ଢୁକିଚି ତା ମୁଣ୍ଡରେ । ସେଇଆକୁ କେନ୍ଦ୍ର କରି ସେ ବିଚରା ଧାଇଁଚି । ତେବେ ଏ ପାଗଳା ବୁଢ଼ାକୁ ଠୋଠା କରି କିଛି ଗୋଟାଏ କହିଦବା ପାଇଁ ତା ମନ ଚାହିଲା ନାହିଁ । ଏମିତି ଠୋଠା ଗୁଡ଼ାଏ ବକିବାରେ କିଛି ଲାଭ ନଥାଏ—ଏକଥାଟି ସେ ବେଶ୍ ବୁଝିଥାଏ ତା ଶିକ୍ଷାଟଣା ବେବସାୟରୁ—ଲାଭ ପାଇଁ, ମୁହଁ ବାନ୍ଧି ପଡ଼ି ରହିବା ପାଇଁ ବି ଠାଏ ଠାଏ ଦରକାର ।

ଜର୍ଜ କେବଳ ହସିଦେଲା ଟିକିଏ, ଆଉ କହିଲା—"କବିରାଜେ ! ମତେ ଆଉ ସେ କଥା କୁହନାହିଁ । ମୁଁ ତ ତମ ଶାସ୍ତ୍ର ଦି ଦି ବର୍ଷ ପଢ଼ିଲି—ହେଲେ ତମ ବାଟରେ ମୋ ମନ ବସୁନାହିଁ । ମୋ ବାଟ ବୋଧେ ଅଲଗା । ଯଦି ତମର କଲ୍ୟାଣ ଥିବ ତା' ହେଲେ

Digitized by srujanika@gmail.com

ସେଇ ବାଟରେ ବି ଉଠିଯିବି ମୁଁ !”

“ତୋ ବାଟ ? ତୋ ବାଟ କଅଣ ବେ !” ସେତେ ନରମେଇକରି କହିଲେ ବି ବୁଢ଼ା କବିରାଜ କାହିଁକି ଚହିଙ୍କି ଉଠିଲା ଆଉ ପାଟି ମେଲେଇ କହିଲା—“ହଇବେ ! ତୁ ମୋ ଶାସ୍ତ୍ରକୁ ନିନ୍ଦୁଛୁ ? ଆରେ ଆରେ, ମୁଁ କି ଭୁଲ କଲି—ଏ ବଳଦଟାକୁ ମୁଁ ବ୍ରହ୍ମଜ୍ଞାନ ଦେଲି କିଆଁ ? ଗୁଚ୍ଛାଟାରେ ଏ ଜାରଜାତକାଗୁଡ଼ାକୁ ବେଦମନ୍ତ୍ର ଦେଲି କିଆଁ ? ଏଇଲେ ମତେ ବ୍ରହ୍ମଜ୍ଞାନ ଦବାକୁ ବସିଲାଣି ଏ ପାଜି ! ଆରେ ଦେଖ ହୋ···”

ଜର୍ଜ ଆହୁରି ନରମିଗଲା । ବୁଢ଼ାକୁ ରଗେଇବା ତାର ଇଚ୍ଛା ନ ଥିଲା । ଯେତେହେଲେ ସେ ଗୋଟାଏ ବିଗର ଲୋକ—ତାକୁ ରଗେଇ ଲାଭ କଣ ? ଜର୍ଜ ନରମିଗଲା ଆଉ କହିଲା—“କବିରାଜେ, ମୋ କଥାକୁ ଭୁଲ ବୁଝିଲ କି ? ମୁଁ କଅଣ କହୁଚି ତୁମେ ଧରିପାରିଲ ନାହିଁ । ବୁଝିବସିଲେ ମୁଁ ଯାହା କହୁଚି ତୁମେ ତ ସେଇଆ କହୁଚ । ତୁମେ କହୁଚ, ମଲାମଣିଷଙ୍କୁ ଔଷଧ ଦେଇ ବଞ୍ଚେଇବ—ଯାହାକୁ ତୁମେ ଅମୃତବୃକ୍ଷ ବୋଲି କହୁଚ । ମୁଁ ବି ତ ସେଇଆ କହୁଚି । ମୁଁ କହୁଚି ମଲାମଣିଷଙ୍କୁ ବଞ୍ଚେଇବ କାହିଁକି, ମଣିଷଟାଏ ନୂଆକରି ତିଆରି କରି ନ ଦବ କାହିଁକି ?”

କବିରାଜ ବୁଢ଼ା ଚହଙ୍କି ଉଠିଲା—“ହଇବେ ହେ ! ଏ ଶଳା ମତେ ଥଟ୍ଟା କଲାଣି ! ହଇବେ ହେ ! ତୁ ଶଳା ଇଂରେଜ ଗୋଟାଏ—କଅଣ ଭାରି ଧମାକରେ କଥା କହି ଶିଖିଲୁଣି ? କବେ ! ଏ ଯୁଗ କଅଣ ହେଲା କି ? ଏ ଯୁଗରେ ଗୁରୁ, ବ୍ରାହ୍ମଣ ଗଲେ କୁଆଡ଼େ ? ହଇବେ ହେ, ତୁ କୋଉଦିନ ବ୍ରହ୍ମା ହେଇଗଲୁ ? ମଣିଷ ସର୍ଜନା କରିବୁ ? ଆଉ ମୂର୍ଦ୍ଧାର ବୋହିବ କଏବେ ଇଂରେଜରେ ? ଶଳା ଗଧ ! କହୁଚି ମୁଁ ବ୍ରହ୍ମା !”

ଜର୍ଜ ତଥାପି ରାଗିଲା ନାହିଁ । ସେ ପୁଣି ସେଇ ସାଧାରଣ ଗଳାରେ କହିଲା—“କବିରାଜେ ! ମୋ କଥା ଟିକିଏ ଶୁଣ । ମୁଁ ଏଥିଭିତରେ ଅନେକ ଗୁରୁ କଲିଣି । ହରି ମିସ୍ତ୍ରୀ ବୋଲି ମୋର ଗୋଟିଏ ଗୁରୁ ଥିଲା । ସେ ହଉଚି ସାଇକଲ ଦୋକାନୀ । ସେ ମତେ ଯନ୍ତ୍ରପାତି କାମ ଶିଖେଇଲା । ହେଲେ ମତେ ଶେଷ ଇଲମଟି ଦେଲା ନାହିଁ । ସେ ବି ତମେ ଯାହା କହୁଚ ସେଇଆ କରିଚି । ହେଲେ ମଲା ମଣିଷକୁ ନ ବଞ୍ଚେଇ ସେ ତା ଯନ୍ତ୍ରବିଦ୍ୟାରେ ଗୋଟାଏ ରବର କଣ୍ଢେଇକୁ ଫୁଙ୍କି ଗୋଟିଏ ଦିବ୍ୟ ସୁନ୍ଦରୀ ସ୍ତ୍ରୀ କରିଦଉଚି । ଆମ ଚରଣ ରାଓ ଯେମିତି ମନ୍ତ୍ରବଳରେ ତା ହାତ-ଅଙ୍କା ଚିତ୍ର ସାଙ୍ଗରେ ସୁରତ କରି ସେ କାମ ସାଧୁଚି, ହରି ମିସ୍ତ୍ରୀ ତା ଯନ୍ତ୍ରବଳରେ ବି ସେମିତି କାମ ସାଧୁଚି । ସେ ଦିହିଙ୍କି ଦେଖି କିଏ ନ କହିବ ଯେ ସେ ଦିହେଁ ଯୋଉ କମିଆଁ କରୁଛନ୍ତି, ତାହା ତୁମ କମିଆଁକୁ ବଳି ନ ପଡ଼ୁଚି ?

କବିରାଜ ବୁଢ଼ା ସେତେବେଳକୁ ରାଗରେ ଥରିଲାଣି । ସେ ଅସ୍ତବ୍ୟସ୍ତ ହେଇ କଡ଼ ଲେଉଟାଇ କହିଲା—“ଆବେ ହେ ! ହେ ମଫସଲ ଓଲୁ କାହାଁକା ? ରଅଖ୍ ତୋର ସେ ମଫସଲିଆ ହରି ମିସ୍ତ୍ରୀ ଆଉ ସେ ପାଗଲା ଚରଣ ରାଓ କଥା; ରଖି ଦେ ବେ ! ଆରେ ହେ !

Digitized by srujanika@gmail.com

—ଏ ଶଳାଏ ସବୁ ବାଘୁଆ ହେଇଗଲେଣି କରେ ? ଏ ଦେଶସାରା ମଣିଷ ବାଘୁଆ ହୋଇ-ଗଲେଣି କରେ ? କଅଣ ଯନ୍ତ୍ର ଯନ୍ତ୍ର—ଛୁରି, କଣ୍ଟୁରି, ଦାଆ, କୁରାଢ଼ି ହେଇ ବାଘୁଆ ହୋଇ-ଗଲେଣି କରେ ? ଏ ଦେଶରୁ ଶାସ୍ତ୍ରପୁରାଣ ସବୁ ଉଠିଗଲା କରେ ? ହଇବେ ହେ ! ସେ ମିସ୍ତ୍ରୀ ଟୋକା କଅଣ—ଆଉ ଏ ବ୍ରାହ୍ମଣ ବୁଢ଼ା କଅଣ—ସେ ଦାଆ କଣ୍ଟୁରି କଅଣ—ଆଉ ଏ ପୋଥିପୁରାଣ କଅଣ···ଆରେ, କାହାକୁ ଏ ଦେଶ କାହା ପାଖେ ନେଇ ଥୋଇଲାଣି ?"

ଜର୍ଜ ତିଆରି ହୋଇଥାଏ—ଜମା ନ ସରିବାକୁ । ସେ ଆସିଥାଏ କବିରାଜ ବୁଢ଼ା ପାଖେ ହିସାବ ନିକାଶ କରିବାକୁ ଆଜି କଥାରେ କଥାରେ—ମାଡ଼ ମରାମରିରେ ନୁହେଁ । ଜର୍ଜ ନରମ କରି ପୁଣି କହିଲା । ତାର ସ୍ୱର ଟିକିଏ ହେଲେ ଟଳମଟଳ ହେଉ ନ ଥାଏ । ସେ କହିଲା—"ହଁ, ସତ କଥା ଯେ ! ତୁମ ତୁଳନାରେ କି ହରି ମିସ୍ତ୍ରୀ, ଆଉ କି ଚରଣ ରାଉ ? ଗୋଟାଏ ରବର ଆଉ ଲୁହାକୁ ନେଇ ଖେଳୁଚ, ଆଉ ଗୋଟାଏ ଖାଲି ଅଙ୍ଗାର ଗାର ପୁଞ୍ଜାଏ ନେଇ ଖେଳୁଚ । ହେଲେ କବିରାଜେ ! ମତେ ଗୋଟାଏ କଥା ଯଦି ବୁଝେଇ ଦବ ତାହେଲେ ମୁଁ ସାରା ଜୀବନ ତମରି ଶିଷ୍ୟ ହେଇଯିବି । ମତେ କହିବ କି ତୁମେ ଯୋଉ ଜୀବନ ବୋଲି ଜିନିଷଟାକୁ ନେଇ ମଲା ମଣିଷ ଦିହରେ ପୂରେଇଦବ ବୋଲି କହୁଚ, ସେ ଜିନିଷଟି କଅଣ ? ଯଦି ତୁମେ ତାକୁ ଗୋଟାଏ ମୂର୍ଦ୍ଦାର ଦିହରେ ପୁରେଇ ଦେଇ ବଞ୍ଚେଇ ଦେଇପାରିବ, ତା ହେଲେ ସେଇଟାକୁ ଗୋଟାଏ ରବର କଣ୍ଢେଇ ଦିହରେ ପୂରେଇଦେଲେ ବି ତ ସେ ବଞ୍ଚିଯିବ ! ତା ହେଲେ ତମ ଅମରବୃକ୍ଷ କଅଣ ଆଉ ହରି ମିସ୍ତ୍ରୀର ଯନ୍ତ୍ର କଅଣ ? ଚରଣ ରାଉର ମନ୍ତ୍ର ବି କଅଣ ? ଏକା ଜିନିଷ ନୁହେଁ କି—ଏ ସବୁଗୁଡ଼ାକ ?"

କବିରାଜ ବୁଢ଼ା ଦାନ୍ତ କାମୁଡ଼ି ହେଲା । ଟୋକାଟାର ବହପ ବଢ଼ି ବଢ଼ି ଯାଉଚି ଜାଣି ତା ହାତ ଖାଲି ଶୁଳେଇ ହଉଥିଲା । ହେଲେ ବୁଢ଼ା ଆହାବ ଯାଉଥିଲା । ଟୋକାଟାର ସେଇ କଳାଗୁମର ଆଖି ଦିଇଟାକୁ ଦେଖି ଦେଇ ସେ ପଛେଇ ଯାଉଥାଏ । କେଜାଣି ! ମୂର୍ଖ ଲୋକ ! ପୁଣି ପଣ୍ଡିତ ଭଳିଆ କଥା କହୁଚି କଅଣ···

ସାହସ ପାଇ ଜର୍ଜ କହିଚାଲିଲା—"ଶୁଣ ! ଏଥିଭିତରେ ହରି ମିସ୍ତ୍ରୀକି ଛାଡ଼ି ମୁଁ ଆଉ ଜଣେ ଗୁରୁ କଲି । ସେ ବି ହଉଚି ଗୋଟିଏ ବୁଢ଼ା । ସେ ବୁଢ଼ା ଗୋଟାଏ ଅନ୍ଧୁଣୀ ବୁଢ଼ୀକୁ ଧରି ରାସ୍ତାରେ ଗୀତ ବୋଲି ବୋଲି ଯାଏ । ମୁଁ ସବୁଦିନେ ରିକ୍‌ସା ନେଇ ଗଲାବେଳେ ତାକୁ ପ୍ରାୟ ଭେଟେ । ସେ ମତେ କହେ—ପୁଅ ! ମତେ ଟିକିଏ ଅମୁକଠେଇଁ ଛାଡ଼ିଦେଇଆ । ମୁଁ ତାକୁ ରିକ୍‌ସାରେ ସବାରି କରି ନିଏ । ସେ ବୁଢ଼ା ମତେ ଭଡ଼ା ଦିଏ ନାହିଁ । ମତେ କହେ—ତୁ ବ'—ମୁଁ ଗୀତ ବୋଲୁଚି—ତୁ ଶୁଣିବୁ ।

"ପ୍ରଥମେ ପ୍ରଥମେ ମତେ ଖୁବ ଚଢ଼ ଲାଗୁଥିଲା । ଗୀତ-ଫିତ ମତେ ଭଲ ଲାଗୁ ନଥିଲା । ହେଲେ, ବୁଢ଼ା ଯୋଉଦିନ ମତେ ଜ୍ଞାନ ଦେଲା ଆଉ କହିଲା ଯେ ଗୀତ ହଉଚି ଗୋଟାଏ ମନ୍ତ୍ରର, ଯାହା ବଳରେ ଆଗେ ମୁନିଋଷିମାନେ ମଲାମଣିଷକୁ ବଞ୍ଚେଇ ଦଉଥିଲେ—ଖାଲି

Digitized by srujanika@gmail.com

ମଲ୍ଲମଣିଷ ନୁହେଁ, ଗୀତର ତେଜ ଏମିତି ଯେ, କୁଆଡ଼େ ସେଇ ତେଜ ସେତେବେଳେ ପଥର ଦେହରେ ଯାଇ ପଶୁଥିଲା ସେତେବେଳେ ପଥର ଆଖିରୁ ବି କୁଆଡ଼େ ପାଣି ନିଗିଡ଼ି ପଡ଼ୁଥିଲା । ଗୀତ-ବୋଲାଳିମାନେ ଏମିତି ଗୀତ ବୋଲିକରି ମେଘ ବି ବର୍ଷେଇ ଦେଉଥିଲେ ବର୍ଷା ନ ହେଉଥିବା ମେଘରୁ—ଖାଲି ଶବଦ ଜୋରରେ । ସେଇ ଦିନଠୁଁ ଗୀତ ଆଡ଼କୁ ମୋ ମନ ଗଲା । ଏବେ ମୁଁ ହରିଦିନ ସେ ବୁଢ଼ାକୁ ଭେଟିଲେ ଗୀତଟିଏ ମନ ଦେଇ ଶୁଣେ । ସେ ବୁଢ଼ା କହୁଚି—ଯଦି ମୁଁ ତା ଶିଷ୍ୟ ହୁଏ, ତା ହେଲେ ସେ ମତେ ଇଲମ ଦେବ । ମୁଁ ଗୀତ ବୋଲି ବୋଲି ମୋ ଘରର କଣ୍ଢେଇଙ୍କ ଜୀବନ ଦିଆଇ ଦିଅନ୍ତି । ଆଚ୍ଛା, ସେ ବିଦ୍ୟା ପୁଣି କଅଣ ? ତମ ବିଦ୍ୟା ଯାହା, ତାହାଠୁଁ ବେଶି ନ ହେଲେ ବି ସେତିକି ତେଜ ନୁହଁକି ? ହଁ ! ମୁଁ ସେ ବୁଢ଼ାକୁ ପୁଣି ପଚାରିଥିଲି । ପଚାରିଲି—ହଇଓ ! ଯଦି ତୁମ ବିଦ୍ୟା ଏତେ ଟାଣ ବୋଲି କହୁଚ, ତାହେଲେ ସେ ଅନ୍ଧୁଣୀ ବୁଢ଼ୀଟାର ଆଖି ଦିଇଟାକୁ କିଆଁ ଫିଟେଇ ଦେଇ ନ ପାରୁଚ ?”

କବିରାଜ ବୁଢ଼ା ମୁଣ୍ଡ ଟୁଙ୍ଗାରି ଉଠିଲା ଖୁବ୍ ଜୋର୍‌ରେ । ସତେ କି ତା ମନର ପ୍ରଶ୍ନଟା କେମିତି କଉଶଳରେ ବାହାରିପଡ଼ିଲା ଯେ ଟୋକାଠେଇଁ ।

ସ୍ୟାଡ଼କୁ ନଜର ନ ଦେଇ ଜର୍ଜ କହିଲା—“ଏ ପ୍ରଶ୍ନର ଉତ୍ତର ବୁଢ଼ା ଦେଲା—ଦେଲା ଯେ, ହେଲେ କଥାଟା ମୋ ମନକୁ ସେତେ ପାଇଲା ନାହିଁ । ପୁଣି ଅବିଶ୍ୱାସ କରିବାରେ ବା କଅଣ ଅଛି ? ବୁଢ଼ା କହିଲା—‘ଆରେ ହେ ! ତୋ ମନରେ ଏଇ ସନ୍ଦେହ ଅଛି ? ସେ କଥା କିଆଁ ଖୋଲିକରି କହୁନୁ ?’ ତା ପରେ ସେ ମତେ ପଚାରିଲା—‘ତେମେସବୁ ସେ ବୁଢ଼ୀକୁ ଅନ୍ଧୁଣୀ ବୋଲି ଭାବିଚ, ନାଇଁ ? ହେଲେ ତୁମେ କାହୁଁ ବୁଝିବ ବାବୁ ସେ ଅନ୍ଧୁଣୀ ଆଖି ବନ୍ଦ କରିକରି ବି କଅଣ ଦେଖିପାରୁଛି ଆଉ କଅଣ ଦେଖୁନାହିଁ ? ସାରା ପୃଥିବୀର ସାରତତ୍ତ୍ୱକୁ ସେ ଦେଖିଚି । ସେଇ ତତ୍ତ୍ୱଟିକକ ତ ହେଲା ଅସଲ । ସେଇ ତତ୍ତ୍ୱ ମିଳିବ ତାକୁ—ଯିଏ ମୋର ଶିଷ୍ୟ ହେବ, ମୋ ବୋଲି ଶୁଣିବ, ଆଉ ଏ ବୁଢ଼ାବୁଢ଼ୀ ଦିଇଟାଙ୍କର ସେବା ଟିକିଏ କରିବ, ତାଙ୍କ ଶେଷବେଳକୁ ମୁହଁରେ ଟିକିଏ ପାଣି ଦେବ, ତାକୁଇ ପ୍ରାପତ ହେବ ସେଇ ତତ୍ତ୍ୱଧନ ।

“ଛାଡ଼ ସେ ସବୁ କଥା ! ତେବେ ଯଦି ଏକଥା ମନେକର ସତ ହୁଏ, ଯେମିତି ତୁମ ଅମରବୃକ୍ଷ ତତ୍ତ୍ୱ ସତ ବୋଲି ଆମେ ମାନୁଚୁ—ତାହେଲେ ତମ ବିଦ୍ୟା କଅଣ, ଆଉ ସେ ଗୀତ-ବୋଲାଳି ବୁଢ଼ାର ବିଦ୍ୟା କଅଣ ? ଦୁହେଁ ତ ଏକା ଜିନିଷ । ଆଉ, ଦୁହେଁ ଅପୂର୍ବ ଜିନିଷ । ସଂସାରରେ ଏ ଦୁହେଁ ଅଛନ୍ତି କି ନାହିଁ ତା ତୁମରି ପରି ଗୁରୁମାନଙ୍କୁଇ ଜଣା .. ”

“ଗ୍ରେପ୍ ବେ !” କବିରାଜ ବୁଢ଼ା ଭୟଙ୍କର ଜୋର୍‌ରେ ଚିହିଙ୍କି ଉଠିଲା । କିନ୍ତୁ ତାର ହାତଟା ଜର୍ଜ ଆଡ଼କୁ ଚମକି ଆସିବ କଅଣ, ଆପେ ଆପେ ତାହା ଚମକିଗଲା ତା ନିଜ ଅଣ୍ଟା ତଳକୁ ।

Digitized by srujanika@gmail.com

ଦାନ୍ତକାମୁଡ଼ି କବିରାଜ ବୁଢ଼ା କଡ଼ ଲେଉଟାଇଲା । ତାର ଅଷ୍ଟାଙ୍ଗ ଶରୀର ଦୁହିଁ ହୋଇଗଲା ଭଳି ଦେଖାଯାଉଥିଲା ସେତେବେଳେକେ । କେତେବେଳେକେ ଅନ୍ତକୋଷ ଭିତରୁ ଗୋଟିଏ ଅପରିଚ୍ଛନ୍ନିଆ ଶବ୍ଦ କରି ବାଇଟା ଖସିଗଲା । ବୁଢ଼ା ଆଶ୍ୱସ୍ତ ହେଲା ।

ଜର୍ଜ ମନେ ମନେ ବୁଢ଼ାର ସେଇ ଚେହେରାକୁ ଦେଖି ହସିଲା, ଦୁଃଖ କଲା ଓ ଭାବିଲା —ଏଇ ମଣିଷ ଅମରତ୍ୱର ତତ୍ତ୍ୱ ଜାଣେ ? ମୁଁ ଏହାର ଶିଷ୍ୟ ହେବ ?

ଜର୍ଜ ଉଠି ଚାଲିଆସିଲା । ସେଇ ଦିନଠୁ କବିରାଜ ବୁଢ଼ା ପାଖରେ ତାର ଅପଡ଼ ହେଲା । ସେ ଆଉ ଆଜିକାଲି ଯାଏନା ସେ ବୁଢ଼ା ଦୋକାନକୁ । ଯିବା ପେଇଁ ତାର କିଛି ଆପତ୍ତି ନ ଥାଏ: ହେଲେ ସେ ବୁଢ଼ାର ହାମ୍‌ବଡ଼ା ଭାବଟା ତାକୁ ଭାରି ବିରକ୍ତ କରିଦେଲା ।

ସନ୍ଧ୍ୟାବେଳେ କାମରୁ ଫେରିଲା ପରେ ଜର୍ଜ ଆଉ ଶୋଇପଡ଼େନା । ସେ ଏବେ ଏକାଟିଆ ଗୁଡ଼ାଏ ବୁଲେ । କାମ କଲା ବେଳର ବେଶପୋଷାକ ବଦଳେଇ ସେ ଖଣ୍ଡିଏ ସଫା ପେଣ୍ଟ୍ ଆଉ ସଫା ଜାମା ପିନ୍ଧେ । ରିକ୍‌ସାଟଣା ପଇସା ଯାହା ମିଳେ ସେତକକୁ ସେ ଆଗ ଭଲ ବୁଢ଼ୀ ଜମା ଧରେଇଦିଏ । ସେଇତକରୁ ତାର ଖାଇବା ପିଇବା ଉଠିଯାଏ । ଆଉ ଯାହା କିଛି ବଳିଯାଏ, ତହିଁରେ ସେ ନିଜ ପାଇଁ ଜାମାପେଣ୍ଟ୍ ଖଣ୍ଡେ ଖଣ୍ଡେ କେତେବେଳେ କିଣିପକାଏ । ସହରର ତମାମ ବୁଲିବାରେ ସନ୍ଧ୍ୟା ବିତିଯାଏ । ସେ ବୁଲିବାରେ କିଛି ଅର୍ଥ ଥାଏ, ପୁଣି ନ ଥାଏ ବି ।

ସିନେମା ଦେଖିବା ପେଇଁ ସେ କାମାସ୍ତା ସାଥିରେ ଥରେ ଯାଇଥାଏ । ତା ପରଠୁଁ ଏଇ ସିନେମା ଦେଖାରେ ଖର୍ଚ୍ଚ ହୋଇଗଲା ଗୁଡ଼ାଏ ପଇସା ତାର । କିନ୍ତୁ ବୁଝେ—ବୁଝେ ନା ବି କିଛି ଅନେକ ବେଳେ ଅନେକ ଜିନିଷ ସେ ଏଇ ସିନେମା ଜିନିଷଟିରୁ ।

ସିନେମାର ଚଳନ୍ତା ଛବିଗୁଡ଼ାକ ତାକୁ ଦିନାକେତେ ଖୁବ୍ ଆଶ୍ଚର୍ଯ୍ୟ କଲେ । ପ୍ରଥମ ଦିନାକେତେ ସେ ସିନେମା ନ ଦେଖି ଏଇ ଛବିଗୁଡ଼ାକ ଯେ ଚାଲୁଛନ୍ତି ଓ ତହିଁରୁ ଏ ସିନେମା ଜନ୍ମ ହେଉଛି—ଏଇ ଧାରଣା କରୁ କରୁ ସିନେମା ଖତମ୍ ହୋଇ ସାରିଥାଏ । ହେଲେ ସେ ଅନେଇଥାଏ । ଘୋଘା ଆରମ୍ଭ ହୁଏ । ଗୋଟାଏ ବଜାର ଟୋକା ସେଇ ଘୋ-ଘାରେ ପଶି ତା ଆଗେ ଆଗେ ଚାଲିଥିବା ଗୋଟାଏ ଝିଅର ପଛ ଆଡ଼ୁଆ ପଚ୍‌କିନା ଫୁଲାଏ ଧାନପିକ ତା ପାଉଡ଼ରମଖା ଗାଲକୁ ଛାଡ଼ିଦେଇ ଗୋଟାଏ ଘବରପେଣ୍ଟରେ ସେଠୁ ଖସିଯିବାବେଳେ ଗୋଳମାଳଟାଏ ନଉଠିବାଯାକେ ଜର୍ଜର ଧ୍ୟାନ ଭାଙ୍ଗେ ନାହିଁ ।

ଦିନେ ଦିନେ ବି ଏମିତି ହୁଏ—ଛବି ଦେଖୁ ଦେଖୁ ହଠାତ୍ ଆଲୁଅଟା ଲିଭିଯାଏ । ସାଙ୍ଗେ ସାଙ୍ଗେ ଗୋଟାଏ ଯୋଉ ଗୋଳ ଉଠିଯାଏ ସେ ଗୋଳ ବେଳଟା ଟିକିଏ ହୁସିଆର ନ ହେଲେ ଯେ ଏତେ ବିପଦ ଥାଏ ସେକଥା ଜର୍ଜ ଜାଣି ନ ଥାଏ ।

ଦିନେ ସିନେମା ଦେଖୁ ଦେଖୁ ଜର୍ଜ ତାଜୁବ ହୋଇ ଭାବିଥାଏ—ଗୋଟାଏ ଫୁଲକଢ଼ର ପାଖୁଡ଼ା ଧୀରେ ଖୋଲି ଖୋଲି ଯାଉଥାଏ—ସତେ କି ଫୁଲଟା ଗୋଟାଏ କିଛି ଜୀବ,

Digitized by srujanika@gmail.com

ଯାହାର ଯାବ ପଡ଼ିଯାଇଥିବା ପଂଝାଟା ଧୀରେ ଧୀରେ ଖୋଲି ଖୋଲି ଯାଉଥାଏ ଆଉ ସେ କାହାକୁ ଛକବା ପେଇଁ ପ୍ରସ୍ତୁତ ହେଉଥାଏ । ଠିକ୍ ଏଇକଲବେଳେ ଜର୍ଜ ଅନୁଭବକଲା ଗୋଟାଏ ହାତ ଚୁପ୍ ଚୁପ୍ ହୋଇ କୁଆଡ଼ୁ ଆସି ତା ଅଣ୍ଟା ପାଖେ ପହଞ୍ଚିଗଲା । ଜର୍ଜ ଯେତେବେଳେ ବୁଲିପଡ଼ି ତା କଡ଼ ଲୋକଟାକୁ ଚାହିଁଦେଏ, ଆଲୁଅଟା ଧପ୍ ଜଳି ଲିଭିଗଲା । ସିନେମା ବନ୍ଦ ହୋଇଗଲା । ଘର ଅନ୍ଧାର । ଜର୍ଜ ସେ ଲୋକଟାର ମୁହଁକୁ ଦେଖିପାରିଲା ନାହିଁ । କିନ୍ତୁ ସେଇ ମୁହୂର୍ତ୍ତରେ ତାର କଅଣ ହେଲା କେଜାଣି ସେ ଗୋଟାଏ ମସ୍ତବଡ଼ ପାଟିକରି ହୋକନା ହସି ଉଠିଲା । କାହିଁକନା ସେ ଲୋକଟା ତାକୁ ଏମିତି ହଠାତ୍ କୁତୁକୁତୁଟାଏ କରିଦେବ ବୋଲି ସେ ଆଗରୁ ପ୍ରସ୍ତୁତ ନ ଥିଲା । ଲୋକଟା ଯେ ତାକୁ କାହିଁକି ଏମିତି କୁତୁକୁତୁ କରିଦେଲା, ଜର୍ଜ ଆଦୌ ବୁଝି ପାରିଲା ନାହିଁ । ସେ ହସିଦେଲା । କିନ୍ତୁ ହସିଦେଇ ଆଉ ଯାଏ କୁଆଡ଼େ ? ସତେ କି ତା'ର ହସକୁ ସାରା ଘରଟା ଛକି ବସିଥେଲା ! ତା ପାଟିରୁ ହସଟା ବାହାରିବ କି ନାହିଁ ଗୋଟାଏ ମା' କୋଡ଼ର ଛୁଆ, ତା ଆଗ ସିଟ୍‌ରୁ ଭେଁ କନା କାନ୍ଦି ଉଠିଲା । ଛୁଆଟା ଏମିତି ରାହା ଧରି କାନ୍ଦିଲା ଯେ ତା କାନ୍ଦରେ ସେଇ ପାଖାପାଖି ଆଉ ଦ' ଗୁରିଟା କାନ୍ଦୁରା ଛୁଆ ପାଳିଧରିନେଲେ । ପାଞ୍ଚଟାଯାକ ଛୁଆ ଯେମିତି ବୋବାଳି ଛାଡ଼ିଲେ ତାଙ୍କ ମା' ମାନେ ଚୁ ଚୁ କରି ତାଙ୍କୁ ବୁଝେଇ ବସିଲେ । ସେଇ 'ଚୁ' ଶବ୍ଦରେ କଅଣ ଅର୍ଥ ଥେଲା କେଜାଣି, ଗୋଟାଏ ଘାଗଡ଼ା ପାଟିଆ ମୋଟା ମଣିଷର ସ୍ୱର କୋଉଠୁ ଶୁଭିଲା—"ଠେକ ଆଣ୍ ଠେକ !

ଠେକ କଅଣ ? କିନ୍ତୁ ସେଇ ଠେକ ଶବ୍ଦଟାରେ କି ନିଆଁ ଥେଲା କେଜାଣି, ସେଇ ନିଆଁ ସାରା ଘରକୁ ଧରିଦେଲା—ଗୋଟାଏ ଆଖିପିଛୁଡ଼ାକ ଭିତରେ । ଦେଖ୍ ଦେଖ୍ ସାରା ଘର ରଡ଼ିଗୁଡ଼ିଲା—"ଠେକ ଆଣ ଠେକ !"

ଏଣେ ଚତୁର୍ଦ୍ଦିଗ ଅନ୍ଧାର । ତା ପରେ ଗୁଲିଲା ଗୋଟାଏ ନିଃଶ୍ୱାସରେ—ଠେକ, ଆଟିକା, ହାଣ୍ଡି, ଗରା ମାଠିଆ, ହଣ୍ଡା ଆଉ ଗୁହୁଁ ଗୁହୁଁ ଯେ ଶବ୍ଦଟା ବଢ଼ିଗଲା ଗୋଟାଏ ପାହାଡ଼ ଆକାରରେ ।

ଜର୍ଜ ହସି ଗୁଲିଚ ଖୁବ୍ ଜୋର୍‌ରେ—କାହିଁକ ନା ସେ ଲୋକଟା ସେମିତ କୁତୁକୁତୁ କରୁଥାଏ ତାକୁ ।

ହଠାତ୍ ଏଇକଲବେଳେ କଅଣ ହେଲା କେଜାଣି, ବହୁତ ଦୂରରୁ ଛିଟ୍‌କ ଆସି ଗୋଟାଏ ଆଠଣି କି ଟଙ୍କା ପଡ଼ିଲା ମୁତାବକ ଠଣ୍‌କନା ଗୋଟାଏ ଶବ୍ଦ ହେଲା । ଏପର୍ଯ୍ୟନ୍ତ ସେଇ ଅନ୍ଧାରରେ ସାରା ଘର ହସୁଥିଲା । ହଠାତ୍ ସେଇ ଠଣ ଶବ୍ଦଟା ଗୋଟାଏ କଅଣ କରିଦେଲା । ଗୁହୁଁ ଗୁହୁଁ ସାରା ଘରଟା ଦ'ଭାଗ ହୋଇଗଲା । ଗୋଟାଏ ଭାଗକେ ଗୁଲିଲା ହଠାତ୍ ଗୋଟାଏ ଗୋଳମାଳ । ଆଉ ଅଧାଟା ସେମିତ ହସୁଥାଏ କିନ୍ତୁ ଚୁପ୍ ରହୁଥାଏ । ଯୋଉ ଅଧକରେ ଗୋଳମାଳ ଲାଗିଲା ସେ ଅଧକରେ ଆରମ୍ଭଟା ଏମିତି ହେଲା—

ପ୍ରଥମେ ପଇସା ଯୋଉଠି ପଡ଼ିଲା, ସେ ଅଞ୍ଚଳରେ ଗୋଟାଏ ଲୋକ ଆଉ ଲୋକକୁ ପେଲି ଦେଇ ସେଇ ଅନ୍ଧାରରେ ପଇସାଟାକୁ ଦଗଣ୍ଡି ପକେଇଲା । ହଠାତ୍ ଆଉ ଲୋକଟି

Digitized by srujanika@gmail.com

ଥିଲା ଥିଲା, ଯେ ତାକୁ ପେଲିଥିଲା ତାକୁ ମାଇଲା ଗୋଟାଏ ବ୍ରହ୍ମ ଜାବୁଡ଼ା ସେଇ ଅନ୍ଧାରରେ । ତାପରେ ଚାଲିଲା ଯାହା ହବାର କଥା ।

ଏହି ସମୟରେ ଜର୍ଜ ଶୁଣିଲା ଘରର ମଝିଆମଝି ଜେଗାରୁ କିଏ ଗୋଟାଏ ମଣିଷ ପାଟିଟାଏ କରିଉଠିଲା—"ମାର୍ ସେ ପଇସାବାଲାଙ୍କୁ ! ଶାଳା ପଇସାକୁ ଟେକା ଭଳିଆ ଫିଙ୍ଗୁଛି ହୋ ଉପରୁ ତଳକୁ···ଆମ ମା' ଭଉଣୀଙ୍କି ହୋ !"

ହଠାତ୍ ସେଇ କଥାର ଉତ୍ତର ଦେଲା ଭଳିଆ କିଏ ଜଣେ କୁହାଟଟାଏ ମାରିଦେଲା—ସେଇ ପ୍ରଥମ ଲୋକର ପାଖାପାଖି ଅଞ୍ଚଳରୁ—"କପ୍‌ଟେଲିଷ୍ଟ ତାଡ଼ୁନ୍ ତାଡ଼ୁନ୍ । ତାଡ଼ୁନ୍ ତାଡ଼ୁନ୍ କପ୍‌ଟେଲିଷ୍ଟ ।"

ସେଇ ଦ'ପଦ ଡାକ କେମିତି କଅଣ ଧରିନେଲା କେଜାଣି, ସେଇ ମୁହୂର୍ତ୍ତରେ ଆଗରେ ଯୋଉ ଅଞ୍ଚଳରେ ଲୋକେ ଧସ୍ତାପସ୍ତା ହଉଥିଲେ ପଇସା ପେଇଁ ସେଇ ସବୁଜାଗା ଅଞ୍ଚଳରେ ଫୁଟିଲା ଗୋଟାଏ ମସ୍ତବଡ଼ ବମ୍ବାଜା ।

ତା' ପରେ ଚାଲିଲା କୁହାଟମାନ । ଓଃ, କି ବିପଦ ! କି ଦଳାଦଳି, ଚକଟାଚକଟି, କେଁ କାଁ, ଚେଁ ଚୁଁ, ରଖ ରଖ ଡାକ···କିଏ ଜାଣେ କଅଣ ହେଲା ? କିନ୍ତୁ ସେଇ ଅନ୍ଧାର ଭିତରେ ଖାଲି କଳକଳା ଶବ୍ଦ ଆଉ ଧାଁଧପଡ଼ର ଶବ୍ଦ ଛଡ଼ା ଆଉ କିଛି ବୁଝି ହଉ ନ ଥିଲା । କିଏ ମଲା ମଲା ଡାକ ଛାଡ଼ୁଥିଲା, ଆଉ କିଏ କୁହାଟ ମାରୁଥିଲା ।

ଇନ୍ କିଲାବ୍—

ପଇସାବାଲା କୋ—ଫାଡ଼୍‌ଦୋ ।

ସିନେମା ଘରକୋ—ଜାଡ଼୍‌ଦୋ ।

ବାଲ୍‌କନ୍ ଗୁଣ୍ଡିକୋ—ଉପାଡ଼୍‌ଦୋ ।

ଦୋ-ମହଲା କୋ—ଉଡ଼ାଦୋ ।

ତା'ର ଭିତରେ ଜଣେ କିଏ ଥିଲା ଥିଲା, ସେ ତାର ଯେତେ ଜୋର୍ ରଖିଥିଲା ସବୁକୁ ଲଗେଇ ଦାନ୍ତଭିଡ଼ ରଡ଼ିଟାଏ କରି ଉଠିଲା—ଶ୍ରମିକ ମଜ୍‌ଦୁର···କରେ ପୁକାର ।

ହଠାତ୍ ଜନତା ଘବଡ଼େଇଗଲା । ସ୍ୱାର ଉତ୍ତର କଅଣ ଦବ ବୁଝି ନ ପାରି ଜନତା ଟିକିଏ କାନ ଡେରିଲା ।

କ'ଣ ସ୍ୱାର ଉତ୍ତର ? ଜନତା ସେଇ ଅନ୍ଧାର ଘରକୁ ପଚାରିଲା । କିନ୍ତୁ ଉତ୍ତର ପରିବର୍ତ୍ତେ କୋଉଠି ଗୋଟାଏ କଅଣ ଠୋ-କିନା ରବାବ ହେଲା । ହଠାତ୍ ସେଇ ରବାବରେ ସବୁ ଚୁପ୍‌ଚାପ୍ ହୋଇଗଲା ।

ଜଣେ କିଏ ଜର୍ଜ କାନ ପାଖରେ ଫୁସୁଫୁସୁ ହେଇ କହିଲା—ପୁଲିସି ବନ୍ଧୁକ ମାରୁଛି । ସେତିକିରେ ଜନତାର ପିଲ୍ଭ ଏକାଥରକେ ତଳକୁ ଓହ୍ଲେଇ ଆସିଲା ।

ଘର ଏପର୍ଯ୍ୟନ୍ତ ଅନ୍ଧାର ହୋଇଥାଏ । କିନ୍ତୁ ସେଇ ଗୋଟାଏ ରବାବ ସବୁକୁ ଚୁପ୍ କରେଇଦେଲା । ତାର କେତେବେଳେ ବାଦ୍ ଯାଇ ଆଲୁଅ ଆସିଲା । ସେତେବେଳକୁ ଘର

Digitized by srujanika@gmail.com

ପ୍ରାୟ ଖାଲି ପଡ଼ିଯାଇଥିଲା । ପଛର ସବୁ ଲୋକେ ପ୍ରାୟ ପଳେଇଥିଲେ । ଉପରେ ବାଲକନିରେ ଗୋଟିଏ ହେଲେ ମଣିଷ ନଥିଲେ । ମଣିଷ କେବଳ ଥିଲେ ସେଇ ଆଗର ଅନ୍ଧାର ଭିତରେ—ଯାହା ଭିତରେ ଜର୍ଜ ପଶିଥିଲା ବି । ସେମାନେ ଆଉ ପଳେଇବାକୁ ବାଟ ପାଉ ନଥିଲେ । କାରଣ ତାଙ୍କ ଚାରିପାଖ ଦୁଆର କବାଟ ସବୁ ସେତେବେଳକୁ ବନ୍ଦ ହୋଇ ଯାଇଥିଲା । ବାଧ୍ୟ ହୋଇ ବାଡ଼ା ଡେଇଁଡିବା ଛଡ଼ା ଆଉ ବାଟ ନଥିଲା । ମଣିଷ-ଗୁଡ଼ାକ ଖାଲି ଥରୁଥିଲେ । ଦ' ଚାରିଟା ମାଇପି ଲୋକ ମୂର୍ଚ୍ଛା ହୋଇ ଯାଇଥିଲେ । କେବଳ ଗୃହାଧାରଣ କାନ୍ଦୁଥିଲେ ବୁଢ଼ୀଆ କେଉଁଟା—ସେମାନେ ବୋଧହୁଏ ସେଠିକେତେଲୁ ଗୃହା ଧରିଥିଲେ ।

ଆଲୁଅ ଆସିଥିଲା । ଏଥର ସିନେମା ଚାଲିଲା । ସିନେମା ବନ୍ଦ ହେଲା ନାହିଁ । ଖାଲି, ଜର୍ଜ ଦେଖିଲା—ପଛମାଗ୍ର ଘର ଖାଲି ପଡ଼ିଛି । ଦେଖିଲାବାଲା ଯାହା ଥିଲେ ସବୁ ଥିଲେ ଆଗରେ—ପରଦା ପାଖରେ । ସେଇମାନେଇ ସବା ଶେଷ ପର୍ଯ୍ୟନ୍ତ ବସି ସିନେମା ଦେଖିଲେ । ସେମାନଙ୍କ ସାଙ୍ଗେ ଜର୍ଜ ବି ବସିରହିଲା; କାରଣ ହକ୍ ପଇସା ଦେଇ ସିନେମା ନ ଦେଖି ଉଠି ପଳେଇବାକୁ ଯୁ କାହିଁ ତା' ଅଭ୍ୟାସରେ ।

ସେଇ ଅଭ୍ୟାସକଥା ମନେପଡ଼ିବାରୁ ଜର୍ଜ ବୁଲିପଡ଼ି ଭାବିଲା—କିଏ ତାକୁ ଏମିତି କୁରୁକୁରୁ କରିଦେଲା ? କିଏ ସେ ଝଲବା ଲୋକଟା ଯିଏ ଏତେ ଗଣ୍ଡଗୋଳ ଭିଏଇ ଦେଲା ଚୁପ୍‌ଚୁପ୍ ।

ବୁଲିପଡ଼ି ଯେତେବେଳେ ସେ ସେଇ ଲୋକଟାକୁ ଖୋଜେ, ଜର୍ଜ ଦେଖିଲା ସେ ଲୋକଟା ଗୋଟାଏ ଅଦ୍ଭୁତ ରକମର କେମିତି ଦେଖାଯାଉଛି । ପ୍ରଥମେ ପ୍ରଥମେ ସେ କିଛି ଠଉରେଇ ପାରିଲା ନାହିଁ ସେ ଲୋକଟାର ଚେହେରାରୁ । ସେଇଟା କି ଜାତିର ମଣିଷ—ମର୍ଦ୍ଦ କି ମାଇକିନିଆଁ ଜର୍ଜ ଠଉରି କରି ପାରିଲା ନାହିଁ । ତେବେ ଲୋକଟାର ଜଣ ଦାଢ଼ି ଅଛି ବୋଲି ଦେଖି ସେ ତାକୁ ମର୍ଦ୍ଦ ବୋଲି ଠଉରି କଲା । ତଥାପି ତାର ମନରେ ସନ୍ଦେହ ହେଲା । ଲୋକଟା ତାକୁ ବାରମ୍ବାର ଉଙ୍କିମାରିଲା । ତାର ସେ ଉଙ୍କି ମାରିବାରୁ ଜର୍ଜର ଗୁଡିରେ ଚମକ ପଶିଲା । ସେଠୁ କେମିତି ଉଦ୍ଧାର ପାଇବାପାଇଁ ସେ ଝଟ୍‌କିନା ସିନେମା ଅଧାରୁ ଉଠି ପଳେଇ ଆସିଲା । ସେଇ ଦିନଠୁ ସେ ଛବି ଦେଖିବାରେ ଭୋଳ ନ ହୋଇ ସିନେମା ଘରେ ବସିଥିବା ମଣିଷଙ୍କୁ ଭଲକରି ଠଉରି କଲା । କୋଉ ମଣିଷ ଯେ କେତେବେଳେ କେଉଁ ପ୍ରକାର ହୋଇ ଉଠିବ କେଜାଣି ? ସେଇ ଅବାଗିଆ ଲୋକଗୁଡ଼ାକ ପ୍ରତି ତାର ମନରେ କେମିତି ଗୋଟାଏ ଆଶଙ୍କା ହେଲା । ତା ପରଠୁଁ ଧୀରେ ଧୀରେ ଜର୍ଜର ସିନେମା ଦେଖିବା କମିଗଲା ।

ତେବେ ଏଇ ପ୍ରକାର ସାଧାରଣ ନାଗରିକ ଜୀବନ ଅବଶ୍ୟ ବେଶି ଦିନ ପାଇଁ ନଥିଲା । ସତେ କି ସବୁ ଅସମ୍ଭବ ଆଉ ଅଦ୍ଭୁତ କଥା ପେଇଁ ଗୋଟାଏ ଗୋଟାଏ ମଣିଷ ପୃଥିବୀରେ ସୃଷ୍ଟି ହୋଇଥାନ୍ତି, ଯାହାଙ୍କ ଜୀବନରେ ସାଧାରଣ ହୋଇ କିଛି କଥା ନାହିଁ ।

ସଂସାରକୁ ଆଉ ଗୋଟିଏ ବାଟେ ଦେଖିବା ପାଇଁ ଆଉ ବାଟେ ଶୁଣିବା, ଶୁଙ୍ଘିବା,

Digitized by srujanika@gmail.com

ଘୃଣିବା ଆଉ ଛୁଇଁବା ପାଇଁ ସତେ କି ତାଙ୍କର ଇନ୍ଦ୍ରିୟସବୁ ଆଗରୁ ଗଢ଼ାଯାଇଥାଏ ।

କିନ୍ତୁ ସେଇ ଇନ୍ଦ୍ରିୟ ସବୁ କିଏ ଗଢ଼ିଛି—ଭଗବାନ, ପ୍ରକୃତି କି ମଣିଷ, କି ଆଉ କିଏ ସେସବୁର ବିଚାର କରିବାର କିଛି ଆବଶ୍ୟକତା ନାହିଁ ଏଠି । ତଥାପି ସେଇ ସବୁକୁ ଯିଏ ଗଢ଼ିଥାଉ ପଛକେ, ଏଇ ସବୁ ଅଦ୍ଭୁତ ମଣିଷଙ୍କ ପାଇଁ ସେଇସବୁ ସାଧାରଣ ଘଟଣାଗୁଡ଼ାକ ଅସାଧାରଣ ଅନୁଭୂତି ଯେନ କାହିଁକି ଯେ ଆସନ୍ତି ସେ କଥା କେହି ଜାଣେ ନା । ତେବେ ବୁଝାଯାଏ ପ୍ରାୟ ଏତିକି—ଏଇ ଅଦ୍ଭୁତ ମଣିଷଗୁଡ଼ାକ ଜୀବନର ସବୁକିଛିକୁ ଓଲଟ-ପାଲଟ କରିବା ପାଇଁ ପ୍ରକାଣ୍ଡ ସମୟର ସୁଅ ସହିତ ଟକ୍କର ଦେଇ ବୋଧହୁଏ ଚାଲିଥାଏ ଆଉ ଗୋଟାଏ କିଛି ପ୍ରକାଣ୍ଡ ସୁଅ ଏବଂ ଯଦି ତାହା ପ୍ରକୃତରେ ସତ ହୋଇଥାଏ, ତାହା ହେଉଛି ସେଇ ସୁଅ ଯାହାର ନାମ ଘଟଣା । ସୁଅମୁହଁରେ ଭାସୁଥିବା ଯେକୌଣସି ପଦାର୍ଥକୁ ଏକଡ଼ ସେକଡ଼, ଓଲଟ ପାଲଟ, ଏପାଖ ସେପାଖ, ଏଠୁ ସେଠୁ, ଆଉ ତଳ ଉପର କରିଦିଏ ଏଇ ଘଟଣାର ପ୍ରବାହ । ଗୁଡ଼ାଏ ଛୋଟ ବଡ଼ ଟେକା-ପଥର ମାଡ଼ରେ ଇତସ୍ତତଃ ହୋଇଯାଉଥିବା ନଦୀ ସୁଅରେ ଭାସମାନ ପଦାର୍ଥ ଭଳି ଦୁଇଟି ପରସ୍ପର ପରି-ପୂରକ ସୁଅ ସତେ ବା ଅହରହ, ଖିଆଲମତ କାମ କରି ଚାଲିଛି ଏହି ସମସ୍ତ ସୁଅରେ ଭାସମାନ ପଦାର୍ଥଗୁଡ଼ିକ ଉପରେ ।

ପହଁରି ନ ଜାଣିଥିବା ଆଉ କେବଳ ଅଚେତନ ହୋଇ ଭାସୁଥିବା ବିଚରା ଜୀବଟି ସହିତ ବଡ଼ ସହଜରେ ଖେଳିପାରେ ଏଇ ଘଟଣା ବା ଟେକା ମାଡ଼ ! ଯେ ପର୍ଯ୍ୟନ୍ତ ଜୀବନ ଏମିତି ଅଚେତ୍ ଆଉ ନିଷ୍କ୍ରିୟ ହୋଇ ଭାସୁଥାଏ ସେ ପର୍ଯ୍ୟନ୍ତ ଏଇ ଟେକାମାଡ଼ହିଁ ନିୟନ୍ତ୍ରଣ କରିଥାଏ ତାର ଗତିକୁ । କିନ୍ତୁ ସଚେତ ଜୀବନର କଥା ତ ନିଆରା । ଟେକାମାଡ଼ ସମ୍ଭାଳି ସମ୍ଭାଳି ଯେଉଁ ମୁହୂର୍ତ୍ତରେ ସେ ସଚେତ ହୋଇଉଠେ—ତେଣିକି ଆଉ କ'ଣ କରିପାରେ ଏଇ ଘଟଣା ? ତେଣିକି ତ ମନଇଚ୍ଛା ସିଙ୍ଘିବୁଡ଼ା ମାରି ସେ ପହଁରେ । ତେଣିକି ତ ମନ ତାହାର ନିଜ ଗୁରୁ ହୋଇ ବାଟ କଢ଼ାଇନିଏ ।

କିନ୍ତୁ ମନକୁ ନିଜ ଗୁରୁ କରିବାର ଶକ୍ତି ଜର୍ଜର ନଥିଲା ସେ ପର୍ଯ୍ୟନ୍ତ । ସେ କେବଳ ସେମିତି ଭାସୁଥିଲା ଆଉ ଟେକାମାଡ଼ ଖାଉଥିଲା । ଭାସି ଭାସି ଆସିଥିଲା ସେ ଏ ପର୍ଯ୍ୟନ୍ତ—ଗୋଟିଏ ମେଡ଼ିକାଲ ନଳାର ପଚାପାଣିରୁ ସହରର ଗୋଟାଏ ଅନ୍ଧକୂପ ପର୍ଯ୍ୟନ୍ତ ।

ସେଦିନ ଘଟିଲା ଗୋଟିଏ ଛୋଟ ଘଟଣା । ବଡ଼ସକାଳୁ ଉଠି ରିକ୍ସା ନେଇ ସେ ଚାଲିଲା ଷ୍ଟେସନ ଆଡ଼େ ସବୁଦିନ ପରି, ସବାର ଖୋଜିବା ପାଇଁ । ରାତି ଏକେବାରେ ପାହି ନ ଥିଲା । ପାହିଯାଇଥିଲେ ବି ତାର କିଛି ସୂଚନା ନ ଥିଲା । ଶୀତରାତି ଶେଷର କୁହୁଡ଼ି ଆନ୍ଧାର ଜମାଟ ବାନ୍ଧିଆସୁଥିଲା । କୁହୁଡ଼ି ଆଉ ସହର ତମାମ୍ ଚୁଲି ହୋଇ ରହିଥିବା କୋଇଲା ଧୂଆଁ ଏକାଠି ଗୋଳେଇ ହୋଇ ଆନ୍ଧାର ବହଳ ହେଉଥିଲା । ମନେହେଉଥିଲା ସତେ କି ଗୋଟାଏ ରାତି ନ ପାହୁଣୁ ଆଉ ଗୋଟାଏ ରାତି ପୁଣି ମାଡ଼ିଆସୁଥିଲା । କେବଳ ରାତି ଛଡ଼ା ଏ ସହରରେ ଆଉ କ'ଣ ଦିନ ହେବ ନାହିଁ ? ତା ନାକ ଆଉ କାନ ଉପରକୁ ଜର୍ଜ ଟାଣି ଆଣିଲା ତା ମୁଣ୍ଡବନ୍ଧା ଗାମୁଛା ଖଣ୍ଡକୁ । ଆଖି ତ ସହଜେ ବନ୍ଦହୋଇଥିଲା ।

Digitized by srujanika@gmail.com

ବର୍ତ୍ତମାନ ନାକକାନ ବନ୍ଦ ହେଲେ । କିନ୍ତୁ ତଥାପି ଗୋଡ଼ ଦୁଇଟା ଝୁଲିଥିଲା ରିକ୍‌ସା ପ୍ୟାଡ଼ଲ ଉପରେ । ସେମାନେ ବନ୍ଦ ନ ଥିଲେ କି ବନ୍ଦ ହୋଇ ପାରୁନଥିଲେ । ସତେ କି ଆଖି, ନାକ, କାନ କେହିହେଲେ ବନ୍ଦ କରିପାରିବେ ନାହିଁ ତାଙ୍କର ସେଇ ଅନ୍ଧାଦୁନିଆ ଗୁଲିକୁ । ସହରର ଗଳିକନ୍ଧି ସହିତ ବେଶ୍ ପରିଚିତ ହୋଇସାରିଥିଲେ ସେମାନେ । ଆଖି, ନାକ, କାନର ପରିଚୟ ପାଇଁ ସେ ଦୁହେଁ ଆଉ ଅପେକ୍ଷା କରିନଥିଲେ କିଛି ବେଳ ପରେ ।

ବରଗଛମୂଳ ଷ୍ଟାଣ୍ଡରେ ସେ ରିକ୍‌ସା ଅଟକେଇଲା । ଟିକିଏ ଦୂରରେ ଅନ୍ୟାନ୍ୟ ରିକ୍‌ସାବାଲାମାନେ ଜମିବାକୁ ଆରମ୍ଭ କରିଥିଲେ । ଗାଡ଼ି ଆସିବାକୁ ଡେରିଥିଲା । ଜର୍ଜ ତାର ମୁଣ୍ଡବନ୍ଧା ଗାମୁଛାଟିକୁ ଫିଟୁଲା କଲା ଆଉ ରିକ୍‌ସାରୁ ହିଡ଼୍ ଟେକ ଦେଇ ଯାଇ ରିକ୍‌ସାରେ ବସିଲା ।

ସକାଳ ହୋଇଗଲା । ଗୋଟାଏ ଥୁଣ୍ଟା ଶିମିଳିଗଛ ପଛପଟୁ ଉଠିଆସୁଥିଲା ସୂର୍ଯ୍ୟ । ଥୁଣ୍ଟା ଗଛଟାର ଡାଳିଆଗୁଡ଼ାକ ପଛପଟୁ ସେ ସୂର୍ଯ୍ୟଟା କେମିତିକା କେମିତିକା ଦେଖାଯାଉଥାଏ । ସତେ କି କିଛି ଗୋଟାଏ ଠୋକର ଖାଇ ବହୁତ କେଗା ଚଢ଼କିଯାଇଥିଲା ସେ ନାଲି ପେଣ୍ଡୁଟା । ଦେଖୁ ଦେଖୁ ସୂର୍ଯ୍ୟକିରଣ ଆଉ ଟିକିଏ ତୋଫା ହୋଇଗଲା ।

ସେଇ ଥୁଣ୍ଟା ଶିମିଳିଗଛଟାକୁ ଦୈବାତ୍ ଅନେଇ ଦେଲା ଜର୍ଜ । ଫଟା ସୂର୍ଯ୍ୟଟା ବେଶ୍ ଶୀଘ୍ର ଶୀଘ୍ର ଉଠିଯାଉଥିଲା ଉପରଆଡ଼କୁ । କ୍ରମେ ତାର ନାଲି କିରଣ ହଳଦିଆ ହୋଇଆସିଲା । ସେଇ ହଳଦିଆ ପରଦା ଉପରେ ଟିକିକ ଆଗରୁ ଥୁଣ୍ଟା ହୋଇ ଠିଆହୋଇଥିଲା ଯୋଉ ଶିମିଳିଗଛଟା, ହଠାତ୍ ତାର କଅଣ ହୋଇଗଲା କେଜାଣି, ହ୍ୱାଲ୍ଲେର କରି ଜଳିଉଠିଲା ସେ !

କଅଣ ଗୋଟାଏ ବିଚିତ୍ର ଚମକରେ ଟୋକାଟାର ସାରା ଦେହର ଲୁମମାନ ଟାଙ୍କୁରି ଉଠିଲା । ଏକ ପଲକରେ ଅନେଇ ରହିଥିବା ତାର ଦୁଇଆଖିର ଭୁରୁ ଦୁଇଟା ଉପରକୁ ଉପରକୁ ଉଠିଯାଉଥିଲା । ହଠାତ୍ ଲାଲ ଲାଲ୍ ଲହଲହ ହଜାରେ ଜଭ ଭଳି ଜଳିଉଠିଲା ସେଇ ଥୁଣ୍ଟା ଶିମିଳ ଗଛଟାର ଅଷ୍ଟାଙ୍ଗ ଶରୀର । ଯେପରିକି ତା ପେଟର ଅଶେଷ ଭୋକକେଇ ସାରା ସୂର୍ଯ୍ୟଟାକୁ ଗ୍ରାସିଯାଉଥିଲା ସେଇ ଥୁଣ୍ଟା ଶିମିଳିଗଛଟା ।

ଜର୍ଜର ଦେହସାରା ଗୋଟାଏ ଝାଳ ବୋହିଗଲା । ସେ ଗାମୁଛା ବାହାରକରି ତା ମୁହଁ ଆଉ ଆଖିକୁ ପୋଛିଦେଲା ଖୁବ୍ ରଗଡ଼ାରଗଡ଼ି କରି ।

ତା ପରେ ସେ ପୁଣି ଦେଖିଲା ସେଇ ଥୁଣ୍ଟା ଶିମିଳର ଲହଲହ ଶତ ସହସ୍ର ଜଭ-ଗୁଡ଼ିକୁ; କିନ୍ତୁ ଏଥର ସେଗୁଡ଼ିକ ଆଉ ଜଭ ଭଳି ଦେଖାଯାଉ ନଥିଲେ । ଶିମିଳିଗଛର ଅଷ୍ଟାଙ୍ଗ ଶରୀରରେ ଖାଲି ନାଲିର ରଙ୍ଗସବୁ ମେଞ୍ଚାକୁ ମେଞ୍ଚା ବୋଳି ହୋଇଯାଇଥିଲା ।

ରକ୍ତାକ୍ତ ବସନ୍ତଋତୁର ପ୍ରଥମ ସୂଚନା···ଶିମିଳିଫୁଲ ।

ଧୀରେ ଧୀରେ ଆହୁରି ଜୋର୍‌ରେ ଜଳିଉଠିଲା ହଳଦିଆ ସୂର୍ଯ୍ୟ । ସେତେବେଳକୁ ସେଇ ଥୁଣ୍ଟା ଶିମିଳିଗଛ ଆଢ଼ୁଆଳରୁ ପୁରାପୁରି ଉଠିଆସିଥିଲା ସେ । ତା' ଦେହର ଚଢ଼କା କେଗାସବୁ ପୂରିଉଠିଥିଲା ।

Digitized by srujanika@gmail.com

କୁହୁଡ଼ି ମିଳେଇ ଯାଉଥିଲା । ଟପ୍‌ଟପ୍ ହୋଇ ଖସିପଡୁଥିଲେ କେତୋଟି କାକର ଟୋପା ତା ମୁଣ୍ଡ ଉପରର ଶକ୍‌ସା ଛାତ ଉପରେ—ବରଗଛରୁ । ଗାମୁଛା କାନରେ ଆଉ ଥରେ ମୁହଁ ଆଖି ପୋଛି ପରିଷ୍କାର କଲା ଜର୍ଜ ।

ଚମକି ଉଠି ବସିଲା ସେ । ସେ ଦେଖିଲା ତାର ଆଖି ଆଗରେ ସବାର ଧରି ଛୁଟି ଚାଲିଥିଲେ ଅନ୍ୟାନ୍ୟ ଶକ୍‌ସାବାଲାମାନେ । ଗାଡ଼ି ସେ କେତେବେଳେ ଆସି ପହଞ୍ଚିଗଲା, ଆଉ ଏତେବେଳଯାକେ ସେ କଅଣ କରୁଥିଲା ? ଆଉ ତ ସବାର ଦେଖାଯାଉ ନାହାନ୍ତି କାହିଁ କୋଉଠି ? ତା ଦେହରେ ଚମକ ପଶିଲା ପୁଣି ଥରେ । ଶକ୍‌ସା ନେଇ ଜର୍ଜ ଧାଇଁଲା ଷ୍ଟେସନ ଆଡ଼କୁ; କିନ୍ତୁ ସବାର ଆଉ ନଥିଲେ । ଜର୍ଜ ଶକ୍‌ସା ଫେରେଇଲା ସହର ଆଡ଼କୁ ।

ସେ ଫେରିଲା । ଗୋଟାଏ ଅଜଣା ଭୟ ତାକୁ ଗ୍ରାସ କରିଥାଏ । ଟଙ୍କାଟିଏ ବି ଗଲା । ହଠାତ୍ ସବୁକଥା କେମିତି ଗୋଟାଏ ଉଦାସିଆ ଲାଗିଲା ତାକୁ । ଓଃ ! କେତେ ଜଗିବ ମଣିଷ—ଗୋଟାଏ ଟଙ୍କାକୁ । ଚୁଟିଆ ମୂଷା ଭଳି କେତେବେଳେ ସେ କୋଉଠି ପଳେଇ-ଯାଉଚ ହାତରୁ !

ରାସ୍ତାକଡ଼ଯାକ ଠାଆକୁ ଠାଆ ଜମିଥିଲା ଗଦାଏ ଗଦାଏ ମଇଁଷି, ଛେଳି ଆଉ ହାଣ୍ଡି-ମାଠିଆ । ତାକୁ ଜଗି ପଡ଼ିରହିଥିଲେ ମନ୍ଦାକୁ ମନ୍ଦା ମଣିଷ—ଶରଣାର୍ଥୀ ଲୋକେ । ଘରଦ୍ୱାର ହରେଇ ଗଛମୂଳେ ଆଶ୍ରା ନେଇଛନ୍ତି । ଜମିବାଡ଼ି ହରେଇ ମଇଁଷି ଆଉ ହାଣ୍ଡିକୁ ଜଗି ପଡ଼ିଚନ୍ତି । ଜଗିଚନ୍ତି । ଜାଗା ଛାଡ଼ୁନାହାନ୍ତି । ମଝିରେ ମଝିରେ ଠାଏ ଠାଏ ଉଠୁଥିଲା ଗୋଟାଏ ଗୋଟାଏ ସରୁଆ ହଳଦିଆ-ଧଳା ମିଶା ଅଙ୍କାବଙ୍କା ଧୂଆଁ ଧାର । କୋଇଲା, କାଗଜ, ଛିଣ୍ଡା ସାଇକଲ ଟାୟାର, ରବର ଆଉ ଯା ଲଚ୍ଛି ଜାଳେଣି ଜିନଷରୁ ଉଠୁଥିବା ଉତ୍କଟ ଗନ୍ଧଟାଏ ସାରା ପବନକୁ ଆବୋରି ରଖିଥାଏ । ମଝିରେ ମଝିରେ ବାରି ହୋଇ ପଡ଼ୁଥିବା ମାଉଁସ ପୋଡ଼ା ଫୁଟୁଁଟିଆ ଗନ୍ଧଟା ଜର୍ଜକୁ ଚେତେଇଦେଲା । ଖିଆଲ ରାତି ସେ ରୁନ୍ଧିଲା ।

ସେ ଗନ୍ଧିଆ ଧୂଆଁ ଧାର ଭିତରେ ଗୋଟାଏ ଦଇଟା ବଡ଼ ମଣିଷଙ୍କ ମୁଣ୍ଡ ଝାପ୍‌ସା ଝାପ୍‌ସା ହୋଇ ଦେଖା ଯାଉଥାଏ ଓ ସେ ଧୂଆଁ ଓ ମୁଣ୍ଡକୁ ଘେରି ପଂକ୍ତିଏ ଛୁଆ କହୁଣି ମସ୍‌ମସ୍ ହୋଇ ହାମୁଡ଼େଇ ପଡ଼ୁଥାନ୍ତି—ସତେ କି ସେଇ ନିଆଁ ଭିତରକୁ ଖେଦିଯିବେ ! ସେଇ ଛୁଆଙ୍କ ଭିତରୁ ଯୋଉମାନେ ଟିକିଏ ବଡ଼ ବଡ଼ ସେମାନେ ଶ୍ରେଷ୍ଟ ଶ୍ରେଷ୍ଟ ଆଉ ନର୍କୋଶିଆ ପିଲାଙ୍କୁ ପଛକୁ ଠେଲିଦେଇ ମାଡ଼ିଯାଉଥାନ୍ତି ସେଇ ନିଆଁ ଆଡ଼କୁ । ଜୋର୍ ଯାହାର ନିଆଁ ବି ତାର ! ଜୋର ଅନୁପାତରେ ନିଆଁର ପାଖାପାଖିରେ ଠିଆହୋଇଥାନ୍ତି ସେ ଛୁଆଗୁଡ଼ାକ, ଆଉ ଯୋଉ ନବଳିଆ ଶ୍ରେଷ୍ଟ ପିଲାଗୁଡ଼ାକ କହୁଣୀ ମାଡ଼ ଖାଇ ପଛରେ ତଳ କରି ଠିଆହୋଇଥାନ୍ତି, ସେମାନେ ଖାଲି ରାହାଧରି କାନ୍ଦୁଥାନ୍ତି । ହେଲେ ସେ ରାହା ଆଉ ରଡ଼ିକୁ କାନ ଦେବାପାଇଁ କାହାର କାନ ଟିକେ କି ନାହିଁ, ସେଠିକା ମଣିଷଙ୍କର ! ସମସ୍ତେ ନିଜ ନିଜ କାମରେ ଲାଗିଚନ୍ତି । ଅନ୍ୟର ରାହାକୁ କାନେଇବା ପାଇଁ ବେଳ କାହିଁ ?

Digitized by srujanika@gmail.com

ଜର୍ଜର ଗୋଡ଼ ବନ୍ଦ ହୋଇଯାଇଚ କେତେବେଳେ—ତାର ଖିଆଲ ନାହିଁ । ସେ ଯେମିତ ଗୋଟାଏ ନର୍ଜୀବାଙ୍କ ଭଳ ବସିଚ ଶକ୍ତ ସିଟ୍ ଉପରେ । ମନେ କ ସେ ବ ଗୋଟାଏ ଗଛା ଧର କାନ୍ଦୁଚ ! କନ୍ତୁ ତାର ସେ ଗଛାକୁ ବ ଶୁଣିବାପେଇଁ କାହାର କାନ ନାହିଁ ।

ଜର୍ଜର କାନରେ ପଡ଼ଲା ପ୍ରଥମେ ତାର ନଜ ଗଛା । ତା' ପରେ ତା କାନରେ ପଡ଼ଲା ସେଇ ଗଛମୂଳରୁ ଉଠୁଥିବା ମଣିଷଛୁଆଙ୍କର କାନ୍ଦର ଗଛା । ତା ପରେ ହଠାତ୍ ସେ ଦୁଇଟା ପ୍ରକାରର ଗଛା ଏକାଠି ହୋଇ ମିଶିଗଲା । ସେ ଆଶ୍ଚର୍ଯ୍ୟ ହେଲା । ମନେ କ ଗୋଟାଏ ଜଙ୍ଗଲ ଭିତରେ ଘରକଣ ଜଙ୍ଗଲୀ ଜନ୍ତୁର ପ୍ରଥମ ଚକ୍କାର ପ୍ରଥମ ଥର ପାଇଁ ସେ ଶୁଣି ପାରଲା ଏତେ ଦନେ !

ମଣିଷଛୁଆର ପାଟି ତା କାନକୁ ନୂଆ ନୂଆ ଶୁଭଲା । ସେ ସେଇ ପାଟିକୁ ଚିହ୍ନିବ ଜାଣେଇଲା । ତା' ପରେ ଆଶ୍ଚର୍ଯ୍ୟ ହୋଇ ନଜକୁ ପଚାରଲା—ଏଗୁଡ଼ାକ କଏ ? କାହିଁକ ଜମିଚନ୍ତ ଏମାନେ ଏଠି ? ଆଉ କାହିଁକ ଏଭଳ ସୃଷ୍ଟିଛଡ଼ା ରଡ଼ଗୁଡ଼ାଏ କର କର ପୁଣି ଚୁପ୍ ହୋଇଯାଉଚନ୍ତ ଏମାନେ ! କାହିଁ ? କେହି ତ ଶୁଣୁନାହିଁ । ଶୁଣିବା ପେଇଁ କ'ଣ କେହି ନାହିଁ ?

ଜର୍ଜ ମୁଣ୍ଡ ଉପରକୁ ଉଠେଇଲା । ସୂର୍ଯ୍ୟ ପୁଣି ଛପି ଯାଇଥିଲା; କନ୍ତୁ ଏଥର ସେଇ ଥୁଣ୍ଟା ଶିମିଳିଗଛ ପଛପଟେ ନୁହେଁ, ସେ ଲୁଚିଥିଲା ସେଇ ବଙ୍କା ବରଗଛ ପଛପଟେ । ବଶେଷ କଛୁ ଦେଖାଯାଉ ନ ଥିଲା—କନ୍ତୁ ସୂର୍ଯ୍ୟ ଥିଲା ବୋଲ ଖାଲି ଗୋଟାଏ ଶୂନ୍ୟ ଆଭାସ ଥିଲା ତାର ଆଲୁଅରୁ ।

କନ୍ତୁ ସେତକରେ ଜର୍ଜ ସନ୍ତୁଷ୍ଟ ହେଲା ନାହିଁ । ତା ଆଖିରେ ପୁଣି ସେଇ ଧୂଆଁ ଧାର-ଗୁଡ଼ାକ ଭିତରେ ଛପି ଛପି ରହିଥିବା ବଡ଼ମଣିଷଗୁଡ଼ାଙ୍କ ମୁଣ୍ଡ ଆଉ ମୁଣ୍ଡର ଫୁରୁକ୍ତି ବାଳ କେତେଏ କେତେଏ ଦେଖାଗଲା । ଠାଆକୁ ଠାଆ ନିଆଁ ଆଉ ଧୂଆଁ; ପ୍ରତ ଠା' ଭିତରେ ଯୋଡ଼ାଏ ଲେଖାଏଁ ଲୁଖିବା ମୁଣ୍ଡର ଭୂତ ! ନିଆଁ ଭିତରେ ପଶି ଝପ୍ସ ଝପ୍ସ ହୋଇ ଧୂଆଁ ଶୋଷିଯାଉଚନ୍ତ ସେ ଭୂତ !

ଜର୍ଜକୁ ଡ଼ର ଲଗିଲା ସେଇ ଯୋଡ଼-ଯୋଡ଼କଆ ଭୂତଙ୍କୁ ଦେଖି । ମରକର ଭୂତ ହେଲା ପରେ ବ ପୁଣି ସେମିତ ଯୋଡ଼ଯୋଡ଼ ହୋଇ ରହିବାକୁ ନାକେଇଛନ୍ତ ସେଗୁଡ଼ାକ ! ଧୂଆଁ କୁହୁଲେଇ ଧୂଆଁର ଘେର ଭିତରେ—ମୁଣ୍ଡ ଚିହ୍ନିବ ଲୁଚେଇ ଦବାପେଇଁ ତଥାପି ନାକେଇଛନ୍ତ ଏ ଭୂତପଂକ୍ତାକ । ଗୋଟାଏ ଆକାଶ ତଳେ ଗୋଟାଏ କୁହୁଡ଼ି ଭିତରେ ଲୁଚିରହି ମଧ ଅଣ୍ଟିଲା ନାହିଁ । ଠାକୁ ଠାଆ ଧୂଆଁ କର ଠାଆକୁ ଠାଆ ଘର ତୋଳୁଚନ୍ତ ଧୂଆଁର । ଆଉ ପ୍ରତ୍ୟେକଟି ଧୂଆଁ କୁଆଡ଼େ ଗୋଟିଏ ଗୋଟିଏ ପରବାର । ଅଲଗା ଅଲଗା ଘର ଆଉ ଅଲଗା ଅଲଗା ପିଲାର ଅଲଗା ଅଲଗା ବାପ ଆଉ ମା' । ସବୁ ଅଲଗା । ତେବେ ଲଗା କଏ ?

Digitized by srujanika@gmail.com

ଟିକଏ ସମସ୍ତ ଭିତରେ ତାର ଧ୍ୟାନ ଖିଞ୍ଚିଲା । ତାର ରିକ୍ସାକୁ ସେଠି ଠିଆ ହେବାର ଦେଖି କେତେଗୁଡ଼ାଏ ଛୁଆ ସେତେବେଳକୁ ଜମିବାକୁ ଆରମ୍ଭ କରି ଦେଇଥିଲେ ତା ଚାରିପାଖେ । ପଂଝାଏ ଛୁଆ—ସବୁ ଅଲଗା ଅଲଗା । ଛୋଟ ବଡ଼, ମୋଟା ଆଉ ରୋଗା ଛୁଆ ବି ଗୋଟାଏ ଦୁଇଟା ଥିଲେ; କିନ୍ତୁ କୁଆଡ଼ୁ ସେ ମୋଟା ଛୁଆ ଦୁ'ଚାରିଟା ସେଇ ନ'ଅଙ୍ଗିଆ ପିଲାଙ୍କ ଭିତରକୁ ଆସିଲେ ଜର୍ଜ ଭାବି ପାରିଲା ନାହିଁ । କଅଣ ଖାଇ ସେ ଦୁଇଟା ଏମିତି ଖାସୁଲୁ ଖୁସୁଲୁ ହେଇଛନ୍ତି, ଆଉ ଅନ୍ୟଗୁଡ଼ିକ ହାଡ଼ମାଳ ଯେନ ଝୁଲୁଚନ୍ତି, ସେ କଥା ବି ଜର୍ଜ କିଛି ଠଉର କରି ପାରିଲା ନାହିଁ । ସେଇ ସବୁ ଅଲଗା ଅଲଗା ପିଲାଙ୍କୁ ଏକ ଆଖିରେ ଚାହିଁ ସେ ତାଙ୍କୁ ଦେଖିଲା । ହଠାତ୍ ସେ ଆବିଷ୍କାର କଲା ଯେମିତି ଆଉ କିଛି ଭିନ୍ନେ ନାହିଁ କେହି କାହାଠୁଁ । ସମସ୍ତେ ମିଶି ଏକାକାର ହୋଇଗଲେ; ଆଉ ସମସ୍ତଙ୍କ ଅଲଗା ଅଲଗା ଆଖି ଏକ ଜେଗାରେ ମିଳି ସେଇ ଗୋଟାଏ କଥା କହୁଥିଲା ।

କିନ୍ତୁ କଅଣ ସେ କଥା ?

ଜାବା ହେଇ ଜର୍ଜ ଚାହିଁଲା । ସେ ଦେଖିଲା—ସେଇ ଜେଗାକୁ ଚାହିଁ ସେ ଦେଖିଲା—ଯୋଉଠି ସେ ଦୁର୍ଭିଖିଆ ପିଲାଗୁଡ଼ାକ ଆଖି ଏକାଠି ମିଳିଯାଇ ଖୁମ୍ପି ଖାମ୍ପି ସେ ଜିନିଷଟାକୁ ଏକାକାର ଛିନ୍‌ଛତ୍ର କରିପକାଉଥିଲା ।

କିନ୍ତୁ କଅଣ ସେ ଜିନିଷ ?

ଜିନିଷ ନୁହେଁ । ପୁଣି ସେଇ ଚନ୍ଦ । ସେଇ ଚନ୍ଦ ଯେ ବାରମ୍ବାର ଆଖିକୁ ଭଣ୍ଡାଏ ଆଉ ମନକୁ ମେଣ୍ଟକରେ ସନ୍ତୁଷ୍ଟ କରିଦଏ, କିନ୍ତୁ ଦିହ ଛୁଆଁଇ ଦଏନାହିଁ !

ଲାଲ ଟହଟହ; ପେଛାପେଛା କଅଣ ଗୋଟାଏ ପ୍ରକାରର ମେଓ୍ୱା ହୁଏତ ସେଇଟା—କିଏ ଜାଣେ କଅଣ ତାର ଓ୍ୱାଜିବ ନାଆଁ ଆଉ କୋଉ ଦେଶରେ ଉପୁଜାଡ ହୁଏ ଏଇ ଅମୃତଫଳ । ମାତ୍ର ସେ ତ ପେଛା ପେଛା ହେଇ ପାଚ ଲେଟୁଥିଲା ତାର ରିକ୍ସା ଉପରେ । —ରିକ୍ସାର ସେଇ ପ୍ଲାଷ୍ଟିକ୍ ଖୋଳର ଗଦି ଉପରଟା ସାରା । ଆଃ ! କେତେ ତାଜା ! ସତେ କି ଅବା ତୋଳିଆଣି କେହି ପକେଇ ଦେଇ ଯାଇଚି ତାର ଅଜାଣତରେ । ଆଃ ! କି ରଙ୍ଗ ଏ ମେଓ୍ୱାର ! ଯିଏକୁ ଯେ ଖାଉଥିବ ତାର ଗାଲ ତ ଏମିତି ଲାଲ ପଡ଼ିଯିବ ; କିନ୍ତୁ ଯିଏକୁ କ'ଣ ଖାଇହବ ? ସତରେ କ'ଣ ପୃଥିବୀରେ ଏଭଳି ରଙ୍ଗର ରସାଳ ଫଳ ଅଛି ନା, ଏ ଖାଲି ଗୋଟାଏ ଚନ୍ଦ ମ !

ଜର୍ଜ ତା ପିଟିରୁ ରୁମାଲଟା ଟିକେ ପୋଛିଆଣିଲା ତା ହାତ ପାପୁଲିରେ ସେଇ ଚନ୍ଦ-ବଟନ ଫଳଫୁଲର ଅଙ୍କା ଗଦି ଉପରର ଚକ୍‌କଣ ପ୍ଲାଷ୍ଟିକ କନାଟାକୁ । ହାତ ପାପୁଲି ଲାଗି କୁହୁଡ଼ିଆ ଚକ୍‌କଣ ପ୍ଲାଷ୍ଟିକ କନାଟା ଉପରୁ ବାହାରିଗଲା ପରସ୍ତେ ଜମା ହୋଇଯାଇ ଥିବା କାକର । ଆହୁରି ଫୁଟି ଉଠିଲା ରଙ୍ଗଟା ଚୋପା ହେଇ । ଛୁଆଗୁଡ଼ାକ ଆହୁରି ପାଖକୁ ତାର ଲାଗିଆସିଲେ ।

"ହେ !" ଗୋଟାଏ ଛୁଆକୁ ଚାହିଁ ଜର୍ଜ ପଚାରିଲା, "ମେଓ୍ୱା ଖାଇବୁ, ମେଓ୍ୱା ! ଖାଇବୁ ଯଦି ଏଇ ଚାହୁଁ ସେ ଗଦି ଉପରକୁ—ସେ ଲାଲ ଟହଟହ ପେଛାଟାକୁ ଦେଖିବୁ ?

Digitized by srujanika@gmail.com

ଛୁଆଟା ସେତେବେଳକୁ ହାତ ପତେଇ ସାରିଥିଲା । ଜର୍ଜ ଦେଖିଲା—ମାଟି ଉପରୁ ହାତେ ଉଚ୍ଚର ଗୋଟାଏ ଡାଙ୍ଗ ଭଳି ସେ ପୋତା ହୋଇଥିଲା । ସେଇ ଡାଙ୍ଗର ଦୁଇଟା କୋଣାରେ ଦୁଇଟା ବାଆଁଶ ଦିଆହେଇଥିଲା ଆଉ ସେ ବାଆଁଶ ଦୁଇଟାର ଦି' ଛକ କୋଣାରେ ଝୁଲୁହେଇଥିଲା ସତେ କି ବାଳ ପୁଳାଏ ପୁଳାଏ, ଦୁଇଟି ପୁଟୁଳିରେ ପଶିଥିବା ମୁଣ୍ଡଟିଏ, ଆଉ ପେଟଟିଏ—ଚାଷକ୍ଷେତରେ ପୋତାହେଇଥିବା ହୁରୁଡ଼ାଟିଏ ଭଳି ।

ସେଇ ହୁରୁଡ଼ା ହାତ ପତେଇଚି ଶିକ୍ଷାବାଲା ଜର୍ଜ ଆଗରେ ଆଉ ତାର ଖୋପ ଭିତରୁ ଅନେଇଥିବା କଇଁଚ ଆଖିରେ ଜୁଳୁଜୁଳୁ କରି ସତେ କି ସେ କହୁଚି—"ଦେ ! ମେଓ୍ୱା ଫେଓ୍ୱା ଯାହା ରଖିଚୁ ଦେଇ ଦେ । ହେଲେ ଆଉ କାହାକୁ ତୁ ଚାହିଁନା—ଲଥ୍ କରି ଏଇ ଆଞ୍ଜୁଳା ଭିତରକୁ ତୁ ପକେଇଦେ ସେ ଲାଲ ଲାଲ ପେଣ୍ଡାଟକୁ, ଆଉ ମୁଁ ଖେଳିବି ଟିକିଏ ।"

ସେ ପିଲାଟାର ଅଦ୍ଭୁତ ଆଖି ଦୁଇଟାକୁ ଚାହିଁ ଚାହିଁ ଜର୍ଜ ଭାବୁଥିଲା—ଯଦି ଗୋଟାଏ ଛୁରୀ ଥାଆନ୍ତା—ହୁଏତ ଆଜି ମେଓ୍ୱା ଚାଖି ଏ ପିଲା ଅମର ହୋଇଯାନ୍ତା । ତାଡ଼ି, କାଟି ପେଣ୍ଡାକୁ ପେଣ୍ଡା ମେଓ୍ୱା ମୁଁ ୟାର ପାଟିରେ ଗଳେଇପକାନ୍ତି, ଆଉ ମାଲିକଙ୍କୁ ଫେରେଇ ଦିଅନ୍ତି ଏ ଚଷା ଗଦଟା—ଗୋଟାଏ ମେଓ୍ୱା ନ ଫଳିଥିବା ପ୍ଲାଷ୍ଟିକ୍ କନା ପକେଇଦବା ପେଇଁ । ନଚେତ୍ ଏକ ଏକ କେଞ୍ଚାରେ ଉଖାରି ଆଣି ଏଇ ଜୁଳୁଜୁଳା ଆଖି ଦୁଇଟାକୁ ଭଲ କରି ମେଓ୍ୱାଖିଆ ଶିଖେଇ ଦିଅନ୍ତି—ଯେମିତି କି ଆଉ ଦିନେ ସରଗର ଚାନ୍ଦ ଆଡ଼କୁ ହାତ ବଢ଼େଇ ଦିଅନ୍ତା ନାହିଁ—ଏଇ ବେକୁବ୍ ମଣିଷ ପିଲାଟା !

କିନ୍ତୁ ଜର୍ଜ ସେ ଆଖି ଦୁଇଟାକୁ ତାଡ଼ି ପାରିଲା ନାହିଁ କି ସେଇ ଚେମେଡ଼ା ପ୍ଲାଷ୍ଟିକ୍ କନାକୁ ବାଡ଼େଇ, କାଟି, ଚିରି ତାକୁ ମେଓ୍ୱା ଫଳେଇକରି ପିଲାଙ୍କ ହାତକୁ ବଢ଼େଇ ଦେଇ ପାରିଲା ନାହିଁ । ଖରା ଜୋର୍‌ରେ ପ୍ଲାଷ୍ଟିକ୍ କନାର ମେଓ୍ୱାଗୁଡ଼ାକ ଧୀରେ ଧୀରେ ଆହୁରି ଚହଟି ଉଠିଲେ ଓ ସେଥି ସଙ୍ଗେ ସଙ୍ଗେ ସେଇ ଜୁଳୁଜୁଳା ଆଖି ଦୁଇଟା ଆହୁରି ଜୁଳୁଜୁଳା ହୋଇ ଧୀରେ ଧୀରେ ପଦାକୁ ବାହାରି ଆସୁଥିଲେ ।

ହଠାତ୍ ଗୋଟାଏ ମୁହୂର୍ତ୍ତ ଭିତରେ ସେ ଚିନ୍ତାଟା ତା ମନକୁ ଆସିଗଲା । ଏମିତିକିଆ ଆଖି ଦୁଇଟାକୁ ଦିନେ ସେ ଦେଖିଥିଲା; କିନ୍ତୁ ସେ ହେଲାଣି କୋଉ ଦିନର କଥା—ସେତେବେଳେ ଦାଢ଼ିଆ ବୁଢ଼ା ବଞ୍ଚିଥିଲା, ଆଉ ସେ ଥିଲା ସେ ଘରର ସର୍ବେସର୍ବା । ସେ ଯାହା କହୁଥିଲା ବୁଢ଼ା ତାକୁ ମାନିଯାଉଥିଲା । ଖତଗଦାର ଅଦ୍ଭୁତ ମଞ୍ଜି ଆଉ ତାର ଅଦ୍ଭୁତ ଗଛର ଭ୍ରୂଣ; ଯେଉଁ ଗଛର ଆଖି ଦୁଇଟା ହବାର ସମ୍ଭାବନା ଥିଲା ସେ ଦିନ । ଆଖି ଥିଲାବାଲା ଗଛ ।—ଦାଢ଼ିଆ ମୁଣ୍ଡ ଟୁଙ୍ଗାରୁଥିଲା ତା'ର କଥାରେ । ଟିକିଏ ହେଲେ ପାଞ୍ଚିଲା ନାହିଁ କେଡ଼େ ବଡ଼ ମିଛଟାଏ ସେ ମାନିଯାଉଥିଲା—ଗୋଟାଏ ପାଞ୍ଚ ବରଷର ପିଲା ଆଗରେ । ସେ ପଚାରିଲା—ଏ ଗୋଟାଏ ଜାତର ଗଛ ? ଯୋଉ ଗଛର ଆଖି ଥାଏ ? ବୁଢ଼ା ମୁଣ୍ଡ ଟୁଙ୍ଗାରିଦେଲା । ଜର୍ଜ ସତ କରି ଯାଇଥିଲା, ଆଉ ମଧ୍ୟ ବିଶ୍ୱାସ କରିଥିଲା ସେଦିନ ସତରେ କୁଆଡ଼େ ଗୋଟାଏ ରକମର ଗଛର ଆଖି ଥାଏ ବୋଲି ।

Digitized by srujanika@gmail.com

କିନ୍ତୁ ହେଉଛି ! ହେଉଛି, ସାମନାରେ ଯେଉଁ ଗଛ ଠିଆହେଉଛି । ଏତକ୍ଷଣ ହୋଇଗଲାଣି କ'ଣ ସେଦିନର ଗଛ ?

ଜର୍ଜ ଛୁଆଟାର ଆପାଦ-ମସ୍ତକ ଚାହିଁଯାଉଥିଲା । ଛୁଆଟା ଜର୍ଜର ସେ ଚାହାଣିରୁ କଅଣ ଠଉରେଇଥିଲା କେଜାଣି, ସେ ବେଶି ବେଶି ତା ଆଡ଼କୁ ଲଗିଆସି, ହାତ ପତେଇ ମାଗୁଥିଲା—"ଏ ବାବୁ ! ଏ ଭଇଆ ! ମେଓ୍ୱା ଦେ । ମେଓ୍ୱା ଦେ···"

ଠପ୍ କରି ଗୋଟାଏ କଅଣ ପଡ଼ିଲା ତା ଶକ୍ତ ସିଟ୍ ଉପରେ—ସେଇ ଲାଲ ଟକ୍‌ଟକ୍ ମେଓ୍ୱାର ଚନ୍ଦ ଉପରେ । ଜର୍ଜ ବୁଲିପଡ଼ି ଚାହିଁଲା । ଗୋଟାଏ ଲାଲ ଟକ୍‌ଟକ୍ ଖାସ ସୁନ୍ଦର ବରଫଳ ସିଟ୍ ଉପରେ ପଡ଼ି ତଳ ଆଡ଼କୁ ଗଡ଼ିଯାଉଥିଲା । ତାର ପାଚିଲା ଚୋପା ଫାଟି ଟିକିଏ ରସ ବୋହିଯାଇ ସେଇ ପ୍ଲାଷ୍ଟିକ କଭରର ମେଓ୍ୱା ଚନ୍ଦକୁ ଭେସେଇ କରିଦେଲା । ଜର୍ଜ ସେଇ ଗଡ଼ିଯାଉଥିବା ବରଫଳଟାକୁ ଉଠେଇ ଆଣି ହାତରେ ଧଇଲା ।

ଆଃ, କି ସୁନ୍ଦର ! କି ନରମ ଆଉ ରସୁଆଳ ! ଇଏ ବି ଏକପ୍ରକାର ମେଓ୍ୱା !

ସତକୁ ସତ ଜର୍ଜ ପାଟିରୁ ଟିକିଏ ଲାଳ ବୋହିଆସୁଥିଲା । ଠପ୍‌କରି ସେଇ ବରଫଳର ମେଓ୍ୱାଟାକୁ ପାଟିରେ ପକେଇ ଦବାକୁ ଯାଉଛି ସେ, ଠିକ୍ ଏତିକବେଳେ ସେ ଦେଖିଲା ସେଇ ମାଗଲା ପିଲାଟାର ନାକରୁ ଭଡ଼ଭଡ଼ା ବାହାରି ଆସିଲା ମେଞ୍ଚାଏ ଶିଙ୍ଘାଣି ଆଉ ପୁଚ୍ କରି ସେଇ ମେଞ୍ଚାକୁ ପାଟି ଭିତରକୁ ଶୋଷାଡ଼ି ଦବାପାଇଁ ଛୁଆଟାର ନାଲୁଆ ଲାଲ ଟକ୍‌ଟକ୍ ଜିଭ ବାହାରି ଆସିଲା ପଦାକୁ ।

ଜର୍ଜ ଆଉ ସମ୍ଭାଳି ପାରିଲାନାହିଁ । ଛୁଆଟାକୁ ପାଖକୁ ଟାଣିଆଣି ତା ପାଟିରେ ଠପ୍‌କରି ପକେଇଦେଲା ସେଇ ଲାଲ ଟକଟକ ମିଠା ମେଓ୍ୱାଟାକୁ ! ପିଲାଟାର ପାଟି ବନ୍ଦ ହୋଇ-ଗଲା । ସେ ଗୋଟାଏ ଥର ପାଟି ଚାକୁଲେଇ ଢୋକଦେଲା ସେଇଟାକୁ ।

ପାଖ ପିଲାଟି କଅଣ ପାଇଗଲା ବୋଲି ଯୋଉ ପିଲା ଦି' ଚାରିଟା ହଠାତ୍ ବୁଝିପାରିଲେ ନାହିଁ, ସେମାନେ ପାଟି କରି ଉଠିଲେ—"ଏ, ଏ ମତେ, ମତେ, ମତେ ଦେ । ମୁଁ ମେଓ୍ୱା ଖାଇବି—ମେଓ୍ୱା ! ମେଓ୍ୱା ଦେ !"

ମେଓ୍ୱା !

ଶବ୍ଦଟା ବ୍ୟାପିଗଲା ଏକ ଆଖିପିଛୁଳାକ ମଧ୍ୟରେ । ତା ପରେ ଜର୍ଜ ଦେଖିଲା ରାସ୍ତାକଡ଼ରୁ ଗୋଟାଏ କୁଷ୍ଠରୋଗୀ, ଯିଏ ଏତେବେଳଯାକେ ଶୋଇ ଶୋଇ ଏ ଖେଳ ଦେଖୁଥିଲା—ସେ ମୁଣ୍ଡ ଉଠେଇ ଚାହିଁଲା ।

"ମେଓ୍ୱା ?"—ସେ ପଚାରିଲା ।

"ହଁ ମେଓ୍ୱା ।—ସେ ମେଓ୍ୱା ଖାଇଲା···"ଗୋଟାଏ ଛୁଆ ବିକଳ ହୋଇ କହି-ପକେଇଲା ।

କୁଷ୍ଠରୋଗୀଟା ଭୁସ୍‌କରି ଉଠିପଡ଼ିଲା । ଦୂରରୁ ଜର୍ଜ ଦେଖିଲା, ଗୋଟାଏ ଦଳଟା ମାଇକିନିଆ ସେ ଧୂଆଁ ଭିତରୁ ମୁଣ୍ଡ ଟେକି ଅନେଇଥିଲେ ଓ କଅଣ ଖବର ସେମାନେ ମଧ୍ୟ ଦଉଡ଼ିବାକୁ ଆରମ୍ଭ କରିଦେଲେ ।

Digitized by srujanika@gmail.com

ହଠାତ୍ 'ମେଓ୍ୱା' ଶବ୍ଦଟା ସ୍ତବ୍ଧ ହୋଇଗଲା । ଗୋଟାଏ ମହୁଫେଣାର ମାଛି ଭଳି ସେମାନେ ଉଠିପଡ଼ିଲେ ଆଉ କଲ୍‌ବଲିଆ ହେଇ ଦଉଡ଼ିବାକୁ ଆରମ୍ଭ କରିଦେଲେ ।

ଜର୍ଜ ବୁଝିପାରିଲା ସେ ବାଉଡ଼ିର ଫଳ କଅଣ ହବ । ତାର ଗୋଡ଼ ପେଣ୍ଡାରେ ଗୋଟାଏ ଅଜଗର ଭିଡ଼ମୋଡ଼ ହେଇ ଉଠିଲା । ଆଖି ମିଟିକିଲାକେ ମଧ୍ୟରେ ରିକ୍‌ସା ଉଡ଼େଇ ଦେଇ ଜର୍ଜ ଛୁଟି ଚାଲିଲା । ତା ବକ୍ଲେଇ ବଳିଆର । ସେ ବଞ୍ଚିଗଲା ।

ମେଓ୍ୱା ! ମେଓ୍ୱା !! ମେଓ୍ୱା !!! ଆମକୁ ମେଓ୍ୱା ଦେ ! ···ବହୁତ ଦୂରରୁ ସେ ଶୁଣିବାକୁ ପାଉଥିଲା ସେଇ ଅଦ୍ଭୁତ କାନଫଟା କୁହାଟମାନ ।

କିନ୍ତୁ ମେଓ୍ୱା ତ ତଥାପି ଫଳିଥିଲା ସେଇ ରିକ୍‌ସାର ଚକବଚକ ପ୍ଳାଷ୍ଟିକ କନା ଘୋଡ଼ିଆ ହୋଇଥିବା ଗଦିର ଅଷ୍ଟାଙ୍ଗ ଶରୀରରେ । ତାକୁ ଚୋରିକରି ନେବାର ଶକ୍ତି ବା ଥିଲା କାହାର ? ସେ ଯେ ତା' ମାଲିକ ରିକ୍‌ସାରେ ଫଳିଥିବା ମେଓ୍ୱା !

ଆଉ ଦିନକର କଥା ।

ସେଦିନ ସନ୍ଧ୍ୟାରେ ସେ ଟିକିଏ ଶୀଘ୍ର ଘରକୁ ଫେରିଲା । ସେତେବେଳକୁ ଦିନ ରତରତ ହଉଥାଏ । କ୍ୟାବିନ୍ ଓଳିତଳେ ପହଞ୍ଚି ସେ ଦେଖିଲା ଚରଣ ସାଓ ବୁଢ଼ା ପଟ୍ଟମା ମାଇକିନାର ପିଣ୍ଡାରେ ଗୁମ୍‌ମାରି ବସିଛି ।

ଜର୍ଜ, ଚରଣ ସାଓ ବୁଢ଼ାକୁ ବହୁଦିନ ହେବ ଦେଖି ନ ଥାଏ । କିନ୍ତୁ ପାଟିତୁଣ୍ଡ ନ କରି ସେ ସେଇ ପାଗଲା ବୁଢ଼ାକୁ ବହୁତ ସମୟ ନିଘା କଲା । ହଲଚଲ ନ ହୋଇ ବୁଢ଼ା ସେମିତି ଏକଧ୍ୟାନରେ ବସିଥିଲା—ସତେ କି କୋଉ ଯୁଗରୁ ଗୋଟାଏ ତପସ୍ୟାରେ ସେ ବସିଥିଲା !

ସାମ୍ନାକଡ଼ରୁ ଗୋଟାଏ ଗଛର ଛାଇ ଧୀରେ ଧୀରେ ଲମ୍ବି ଆସୁଥାଏ । ଆଉ ଟିକିକେ ସତେକି ସେ ଛାଇ ଗିଳିପକେଇବ ସେଇ ବୁଢ଼ାକୁ, ଆଉ ବୁଢ଼ା ସମେତ ତାର ପଛପଟେ ସେଇ ପଟ୍ଟମା ମାଇକିନାର କାନ୍ଥସାରା ଅଙ୍କା ହୋଇଥିବା ତାର ହାତଟଣା ସବୁ ଅଙ୍ଗାର-ଗାରଗୁଡ଼ାକୁ ଗିଳିଦେଇବ ମଧ୍ୟ ସେ ।

ଜର୍ଜ ଆଉ ଟିକିଏ ପାଖେଇ ଆସିଲା । ସେଇ ବୁଢ଼ାଟାର ଟିକିଏ ପାଖକୁ ଆସି ନିଘା-କରିବାକୁ ତାର ମନହେଲା । ହୁଏତ ସେ ଆସି ନ ଥାନ୍ତା । କିନ୍ତୁ କାହିଁକି କେଜାଣି ତା ମନ ଭିତରେ ଛପିରହିଥିବା ବହୁଦିନର କୌତୂହଳ ଟିକିଏ ଖଜବଜ ହେଇଗଲା । ପାଖେଇ ଆସି ସେ ଠିଆହେଲା ସେଇ କାନ୍ଥ ପାଖରେ । ମଉନମୁହାଁ ଚରଣ ସାଓ ତାକୁ ନଜର କରିଥିବ ନିଶ୍ଚୟ; କିନ୍ତୁ ସେ ଚୁପ୍ ରହିଲା । ତା ମୁହଁ ସେଇ ପଟ୍ଟମକୁ ଥିଲା । ସୂର୍ଯ୍ୟ ବୁଡ଼ିଯାଉଥିଲା ।

ସାମ୍ନା କଡ଼ ଗଛର ଛାଇଟା ଧୀରେ ଧୀରେ ସାରା କାନ୍ଥକୁ ଆବୋରି ନେଇଥିଲା । ତଥାପି କାନ୍ଥ ଉପରଯାକ ଆବୁରୁ ଜାବୁରୁ ହେଇ ଟଣାଯାଇଥିବା ଅଙ୍ଗାରର ଗାରଗୁଡ଼ିକ ସ୍ପଷ୍ଟଭାବେ

Digitized by srujanika@gmail.com

ଦେଖାଯାଉଥିଲା । ଆଲୁଅ ଅଭାବରୁ ମଇଳାକାଠର ଧଳାଅଂଶଟା ସେତେ ଭଲ ବାରି ହେଉ ନ ଥିଲା । ଠିକ୍ ଆଉ ପାଦେ ଆଗେଇ ଯାଉଥିଲା ଜର୍ଜ ।

ହଠାତ୍ ଗୋଟିଏ କମ୍ପିଆଁ ହେଲା କେମିତି କେଜାଣି । କାଠଟା ହାଲୋଳମୟ ହୋଇ ଜଳିଉଠିଲା । ଜର୍ଜ ଚମକି ଉଠିଲା । ଏ କଅଣ ହେଲା ? ଗୁଣିଆ ଚରଣ ସାଓ ଏ କ'ଣ କରିଦେଲା ? ବୁଲିପଡ଼ି ସେ ପଛକୁ ଚାହିଁଲା ।

କିନ୍ତୁ ବୁଢ଼ା ଚରଣ ସାଓ ସେମିତି ପଛମାମୁହାଁ ହୋଇ ବସିଥିଲା । ତାର ଉଁ କି ଚୁଁ ନ ଥିଲା । ଏକଲୟରେ ସେ ବୁଡ଼ିଯାଉଥିବା ସୂର୍ଯ୍ୟକୁ ଚାହିଁଥିଲା । ଜୀବନଯାକ ଏକ ଅଙ୍ଗାର-ମୁଣ୍ଡା ଆଉ ପରତ୍ରେ ପାଉଁଶିଆ ରଙ୍ଗ ଛଡ଼ା ତୃତୀୟ ରଙ୍ଗ ସେ ଦେଖି ନ ଥିଲା, ସେତେବେଳେ ସେ ଦେଖୁଥିଲା ସେଇ ବୁଡ଼ନ୍ତା ସୂର୍ଯ୍ୟରୁ ଥପ୍ ଥପ୍ ଝରିପଡ଼ୁଥିବା ଆକାଶର ଅସଂଖ୍ୟ ରଙ୍ଗକୁ ।

କିନ୍ତୁ ସେ ବେଶି ସମୟ ପାଇଁ ନୁହେଁ । ଗୋଟାଏ ଅଗନାଅଗନ୍ନ ବଣ ଭିତରକୁ ଚାଲୁଥିବା ଗୋଟିଏ ମଶାଲ ଆଲୁଅ ଭଳି ଗଛ ପତର ଫାଙ୍କରୁ ଟିକଏ ଦେଖାଦେଇ ସେ ରଙ୍ଗସବୁ ଡୁବିଗଲା । ତା ପରେ ଆକାଶଟା ଫିକା ପଡ଼ିଗଲା ।

ଜର୍ଜ ଆଖିମଳି ଉଠିଲା । ଯୋଡ଼ାଏ ବୁଢ଼ିଆଣୀ ଜାଲ ତା ଆଖିରେ ଯେମିତି ଛନ୍ଦି ହୋଇଯାଇଥାଏ । ସେଗୁଡ଼ାକୁ ମଳି ମଳିକି ବାହାର କରିଦେଲା । ସେ ବୁଢ଼ିଆଣୀ ଜାଲ ବାହାରିଗଲା; କିନ୍ତୁ ସାଙ୍ଗେ ସାଙ୍ଗେ ତା ଜେଗାରେ ଛୁଟିକି ପଡ଼ିଲା ଗୁଡ଼ାଏ ଆବୁରୁଜାବୁରୁ ଅଙ୍ଗାରଗାର ସେଇ କାଠ ଦେହରୁ; କିନ୍ତୁ କାଠଟା ବ କାହିଁ ? ସେ ବ କୁଆଡ଼େ ଉଭେଇ ଗଲା । ସତେ କି ଦେହ ଉପରେ ଅଙ୍କାଯାଇଥିବା ଚିହ୍ନଗୁଡ଼ାକୁ ହଠାତ୍ ଏକ ଛୁଦ୍ରମୟ ଶୂନ୍ୟ ଆଡ଼କୁ ଅଜାଡ଼ି ଦେଇ କାଗଜ ଫର୍ଦ୍ଦ ଭଳି କାଠଟା କୁଆଡ଼େ ଉଡ଼ି ଚାଲିଗଲା ।

ସନ୍ଧ୍ୟା ହୋଇ ଯାଇଥିଲା । ସବୁରଙ୍ଗ ବାଦ୍ ପଡ଼ିଯାଇ ବାକି ରହିଯାଇଥିଲା ମାତ୍ର ଦୁଇଟି ଶେଷ ରଙ୍ଗ । ଗୋଟିଏ ହଉଚି ସେଇ ପାଉଁଶିଆ ଆକାଶର ରଙ୍ଗ, ଆଉ ଆରଟି ହଉଚି ସେଇ ଆକାଶର ଅସଂଖ୍ୟ ଫାଟ ଜେଗା ବା ଆକାଶର ଆଁ ଭଳି ଦେଖାଯାଉଥିବା କଳା କଳା ଅସଂଖ୍ୟ ଅଙ୍ଗାରଗାର ।

ସେ ସବୁର ଅନୁଭୂତି ଯେ କଅଣ, ତା ବର୍ଣ୍ଣନା କରିବା ପାଇଁ ଜର୍ଜର ସେଇ ପତଳା ଖପୁରିରେ ଜୋର୍ ଥିଲା କି ନାହିଁ କେଜାଣି; କିନ୍ତୁ ତାର ଦେହସାରା ଲୋମଗୁଡ଼ାକ ଠିଆ ହୋଇଯାଇଥିଲେ ସେତେବେଳକୁ । ତାର ଆଖିର ପିଛୁଳା ପଡ଼ିବା ସେତେବେଳକୁ ବନ୍ଦ ହୋଇଯାଇଥିଲା । ସେ ଆଗରୁ ଶୁଣିଥିଲା—ଚରଣ ସାଓ ବୁଢ଼ା ଗୁଣୀ ଜାଣେ । ଗୁଣୀ ବଳରେ ସେ ମଲାମଣିଷର ଶୁଖିଲା ହାଡ଼ ଆଉ ଚମକୁ ଏକାଠି କରି ଜୀବନ୍ୟାସ ଦେଇପାରେ । ସେତେବେଳେ ସେ ସ୍ୱଚକ୍ଷୁରେ ଦେଖିବାକୁ ପାଇଲା ହୁଏତ ସେଇ ଗୁଣିଆ ଚରଣର କରାମତିଟାକୁ ।

ସେ ଦେଖିଲା—ଗୋଟାଏ ଧୂଳିଧୂସରିଆ ଶୂନ୍ୟ ଆକାଶରେ ଅଜାଡ଼ି ହୋଇ ପଡ଼ିଥିବା ସେଇ ଅଙ୍ଗାରଗାରଗୁଡ଼ାକ ପ୍ରଥମେ କାହିଁକି କେଜାଣି ଶିହରି ଉଠିଲେ—ତା' ପରେ

Digitized by srujanika@gmail.com

କାହାର ଫୁତ୍କାର ଶୁଣି ଚେତା ପାଇ ଉଠି ବସିଲାଭଳି ସେମାନେ ଥରବାକୁ ଲାଗିଲେ । ଦେଖୁ ଦେଖୁ ପ୍ରତ୍ୟେକ ଅଙ୍ଗାରଗାର ଭିତରେ ଯେଉଁସବୁ ସୂକ୍ଷ୍ମ ଶିରା-ପ୍ରଶିରା ସବୁ ଏଯାବତ୍ ଲୁଚି ରହିଥିଲା, ସେଗୁଡ଼ିକ ଭିତରେ ହାଲୁକାମାଣ ଉଠିଲା କିଛି ଗୋଟାଏ ତରଳ ସର୍ବ-ବ୍ୟାପୀ କମ୍ପନ ! ଅଙ୍ଗାରଗାରସବୁ ବଞ୍ଚି ଉଠିଲେ । ବଞ୍ଚି ଉଠିଲେ ସେମାନେ ।

ତା ପରେ ସେ ଦେଖିଲା—ସେଇ ଜୀବନ୍ତ ଅଙ୍ଗାରଗାରଗୁଡ଼ାକ ଧୂଆଁଳିଆ ଆକାଶ ଭିତରୁ ଇତସ୍ତତଃ ବଞ୍ଚିହୋଇପଡ଼ି ଏଣେତେଣେ ଧାଇଁବାକୁ ଆରମ୍ଭ କରିଦେଲେ । ଦେଖୁ ଦେଖୁ ସେଇ ଗାରଗୁଡ଼ାକ ପରସ୍ପରଆଡ଼କୁ ମୁହାଁଇଗଲେ ଓ ପରସ୍ପରକୁ ଆକ୍ରମଣ କରିବାକୁ ଆରମ୍ଭ କଲେ; କିନ୍ତୁ ସେମାନେ ପରସ୍ପରକୁ ଆକ୍ରମଣ କରି ଖାଇ ଶେଷକରିଦେବା ପୂର୍ବରୁ ସେମାନଙ୍କର ସେଇ ବିଚିତ୍ର ସମ୍ମିଶ୍ରଣ ଭିତରୁ ହଠାତ୍ ନୂଆ ନୂଆ ରୂପସବୁ ସୃଷ୍ଟି ହୋଇ-ଯିବାକୁ ଆରମ୍ଭ କଲେ ଏବଂ ଆଖିପିଛୁଳାକ ମଧ୍ୟରେ ସେଇ ଅଦ୍ଭୁତ ରୂପସବୁ ଲୁଚେଇ ହୋଇ ପଡ଼ିଲେ ସେମାନଙ୍କର ଅବାକ୍ ଦର୍ଶକର ଚତୁର୍ଦ୍ଦିଗରେ ।

କିନ୍ତୁ କିଏ ଏମାନେ ? ସତେ ଯେପରି କୁଢ଼ କୁଢ଼ ହୋଇ ଖଣ୍ଡିଆ, ହାତଭଙ୍ଗା, ଗୋଡ଼ଭଙ୍ଗା, ନାକଛେଚା, କାନଚିରା, ଓଠଫଟା, ଥନକଟା, ଅସଂଖ୍ୟ ମାଟି କଣ୍ଢେଇ ଗଳିପଡ଼ିଥିଲେ ତାର ଚାରିପାଖେ; କିନ୍ତୁ ସେମାନେ ଆସିଲେ କୁଆଡ଼ୁ ? କୋଉ କଣ୍ଢେଇ-ରଙ୍କୁଣୀ ବୁଢ଼ୀର ଚିରାମୁଣି ଭିତରୁ ହଠାତ୍ ଖସିପଡ଼ିଲେ ଏମାନେ ?

ଭୟରେ ତାର ହାତ ଗୋଡ଼ କୋଳ ମାରିଯାଉଥାଏ । ସେ ହୁଏତ ଚିଆଁଟାଏ ମାରି ସେଇ ଖଣ୍ଡିଆ କଣ୍ଢେଇର ପଞ୍ଝୁଆର ଭିତରୁ ପ୍ରାଣ ଘେନି ଖସି ପଳାଇବାକୁ ଚେଷ୍ଟା କରୁଥାଏ; କିନ୍ତୁ କାହିଁକି କେଜାଣି ତାର ହାତ ଗୋଡ଼ ଚଳୁ ନ ଥାଏ କିମ୍ବା ସାମାନ୍ୟ କଣ୍ଢେଇଗୁଡ଼ାଙ୍କୁ ଡରି ପଳାଇଯିବା ପାଇଁ ତାକୁ ଲାଜମାଡ଼ୁଥାଏ । କିନ୍ତୁ ତଥାପି ସେଇ କଣ୍ଢେଇଗୁଡ଼ାଙ୍କର ବୀଭତ୍ସ, ବିକୃତ ରୂପ ତାକୁ ବଡ଼ ଅସୁଖ ଲାଗୁଥାଏ ।

କିନ୍ତୁ ଅସୁଖ ବା ସୁଖର ବିଚାର ସତେ ବା କିଛି ନଥାଏ ସେଇ ବିଚରା ମାଟିକଣ୍ଢେଇ-ଗୁଡ଼ିକଙ୍କର ଗୋବର ମୁଣ୍ଡରେ । ସେମାନେ ସେମାନଙ୍କର ଦର୍ଶକର ଦହସାରା ପାଲୁବାଲୁ ହୋଇ ବୁଲିବାକୁ ଲାଗିଲେ । ଗୁହୁଁ ଗୁହୁଁ ସେମାନଙ୍କର ଆକାର ପୁଣି ବଦଳିବାକୁ ଲାଗିଲା । ପ୍ରତ୍ୟେକଟି ରୂପ ପୁଣି ସେଇ ମୂଳରୁ ଜୀଅନ୍ତା ଅଙ୍ଗାରଗାର ହୋଇ ଜର୍ଜର ଦହ-ସାରା ଛନ୍ଦୁରେଇ ହୋଇଗଲେ । ତା' ପରେ ସେଇ ପ୍ରତ୍ୟେକଟି ଗାର ଗୋଟାଏ ଗୋଟାଏ ସରୁ ଦୋମୁଣ୍ଡିଆ ସାପ ଭଳି ହୋଇ ତାର ଅଷ୍ଟାଙ୍ଗ ଶରୀରର ପ୍ରତ୍ୟେକ ଲୋମକୂପ ଭିତରେ ମୁହଁ ଗୁଞ୍ଜି, ଦେହ ଭିତରେ ଅଦୃଶ୍ୟ ହେବାକୁ ଚେଷ୍ଟାକଲେ ।

ତା ପରେ ଉଠିଲା ସେଇ ଲହଡ଼ିମାନ ଜର୍ଜର ଦହଯାରା । ସେଇ ଲହଡ଼ିରେ ଭାସିଯିବା ପୂର୍ବରୁ ଗୋଟିଏ ଲବଣ ପ୍ରତିମାଭଳି ସେ ହଜିଗଲା କୌଣସି ଆକାରହୀନ ସମୁଦ୍ରର ଅନନ୍ତ ଗର୍ଭରେ । ସେତେବେଳେ ଥିଲା ଚତୁର୍ଦ୍ଦିଗ ନୀରବ, ଶାନ୍ତ ଆଉ ଅନ୍ଧକାରମୟ । ସମୁଦ୍ର ଥିଲା, ଅଥଚ ନ ଥିଲା ସମୁଦ୍ରର ଗର୍ଜନ । ଲହଡ଼ି ଥିଲା, ଅଥଚ ନ ଥିଲା ଲହଡ଼ିର ସେଇ ହଲଚଲ୍ !

Digitized by srujanika@gmail.com

ଯେତେବେଳେ ତାର ହୋସ୍ ହେଲା, ସେ ଦେଖିଲା—ଘୁରିଆଡ଼ ଗାଢ଼ ଅନ୍ଧାରରେ ଗ୍ରାସ ହୋଇ ଯାଇଛି । ସେ ସନ୍ଧ୍ୟା କୁଆଡ଼େ ଉଭେଇ ଯାଇଛି । ଉଭେଇ ଯାଇଛି ମଧ୍ୟ ପଚ୍ଛିମା ମାଇକିନାର କାନ୍ଥର ସେଇ ଅଦ୍ଭୁତ ଅଙ୍ଗାରଗାରଗୁଡ଼ାକ । ବର୍ତ୍ତମାନ ଚତୁର୍ଦ୍ଦିଗ ଅଙ୍ଗାରରେ ଲିପା ହୋଇଛି ସତେ ବା !

ପ୍ରଥମେ ସେ କିଛି ବୁଝିପାରିଲା ନାହିଁ । ସେ କେଉଁଠି ଓ କାହିଁକି ସେଇ ଅନ୍ଧାର ଭିତରେ ସେଠି ଠିଆହୋଇ ରହିଛି ! କାହାକୁ ଅପେକ୍ଷା କରିଛି ସେ ? ଏ କ'ଣ ସେଇ ପଚ୍ଛିମା ମାଇକିନାର ପିଣ୍ଡା ନୁହେଁ ? ସେ ନିଜକୁ ନିଜେ ପଚାରିଲା—ଯୋଉଠି ମୁହଁ-ଅନ୍ଧାରବେଳୁଠୁଁ ଆରମ୍ଭ ହୁଏ ଭୂତପ୍ରେତମାନଙ୍କର ଲୀଳାଖେଳା ? ଚରଣ ରାଉର ପୋଷା ଡାହାଣୀ ଆଉ ଚିରଗୁଣୀମାନେ କଅଣ ଆଉ ମିଶ୍ଚି ମିଶ୍ଚି ଆଳୁଅ ସବୁ ହାତରେ ନେଇ, ସେଇ ପଚ୍ଛିମା ମାଇକିନାର ଘର ଭିତରେ ଚିଁ ଚିଁ ଶବ୍ଦ କରି ଡେଇଁକୁଦି ମଝି ପାଖଘରଟାକୁ ଅଥୟ କରିବେ ନାହିଁ ଆଜି ? କାହିଁ ଗଲା ସେ ଗୁଣିଆ ବୁଢ଼ା, କାହିଁଗଲେ ତାର ସେଇ ବିକୃତ ମାଇକିନିଆପଲ ? କୁଆଡ଼େ ଗଲା ସେଇ ହାତକଟା, ଗୋଡ଼କଟା, ନାକକଟା, କାନକଟା, କୁଜା, କେମ୍ପୀ, ଅନ୍ଧୁଣୀ ରୋଗିଣୀ, ମାଇକିନାଙ୍କର ପଟୁଆର; ଯୋଉମାନଙ୍କର କାନ୍ଧର ଦ' କଡ଼ରେ ରୋଗ, ଶୋକ, ଅନ୍ୟାୟ, ଅତ୍ୟାଚାର, ଲୋଭ ଆଉ ପାପକୁ ଯୋଡ଼-ଯାଉଁଳା କରି ଲଟକେଇ ଦେଇ, ଗୋଟାଏ ଗଧପଲ ପରି ତାଙ୍କୁ ଏକ ଗୋଠରେ ଅଡ଼େଇ ନେଇ ଧୋବାଗୁଠକୁ ମୁହେଁଇ ଦେଇଥିଲା—ସେଇ ପକ୍କା ତାମସାବାଲା ଚନ୍ଦକର ?

ଚରଣ ରାଓ ବୁଢ଼ାର କାଶଟା ତାକୁ ସ୍ମରଣ କରେଇଦେଲା ସବୁକଥା । ଝୋକାଟା ସତେ କି କୋଉ ଶୂନ୍ୟରୁ ଗଳିପଡ଼ିଲା ଲଥ୍ କରି ତଳକୁ । ହଠାତ୍ କୁଆଡ଼େ ଉଭେଇଗଲା ସବୁ ଆଜେବାଜେ କଥା ତା ମୁଣ୍ଡରୁ ।

ଧୀରେ ଧୀରେ ଚରଣ ରାଓର କାଶ ବଢ଼ିଲା । କୋହଲା ଉତ୍ତରପବନ ତା କଲିଜା ଭିତରକୁ ଖୋଚି ଦେଉଥିଲା । ସେ ଆଉରି ଜୋର୍‌ରେ କାଶିଲା ଓ ଧଇଁ ପେଲିଲା । ବୁଢ଼ାର ସେଇ ମୂର୍ଚ୍ଛନାଫଟା କାଶଟା ଜର୍ଜର କ୍ଲାନ୍ତ ସ୍ନାୟୁଗୁଡ଼ିକୁ ଆହୁରି ଅବଶ କରିଦେଲା । ଅନ୍ଧାର, ଅଣ୍ଡା ପବନ ଆଉ ସେଇ ଫମ୍ପା କାଶଗୁଡ଼ାକ ତାର ଦେହରେ ଜରିବାକୁ ଲାଗିଲା । ସେଇ ନିଚ୍ଛାଟିଆ ଭୂତପ୍ରେତର ରାଇଜରୁ ଛାଟିପିଟି ହୋଇ କୁଆଡ଼େ ନାହିଁ କୁଆଡ଼େ ପଳେଇ-ଯିବାକୁ ତାର ଆତମା ଡାକଟାଏ ମାଇଲା ।

କିନ୍ତୁ ଜର୍ଜ ଆତମାର ସେ ଡାକକୁ କାନ ଦେଲାନାହିଁ । ସେଇ ଅନ୍ଧାରରେ ଦରାଣ୍ଡି ସେ ବୁଢ଼ା ଚରଣ ରାଓ ପାଖକୁ ଆସିଲା । ଧୀରେ ଧୀରେ ସେ ଆଉଁସି ଦେଲା ବୁଢ଼ାର ଅଳ୍ପଫଟା ପିଠି ଉପରେ । ବୁଢ଼ା ଏଥର ଖାଲି ଗୁଡ଼ାଏ ଧଇଁ ପେଲିଲା । ତାର ସେଇ ଦୃଷ୍ଟିଛଡ଼ା କାଶ ଟିକିଏ କମି କମି ଆସୁଥିଲା ।

ଜର୍ଜ ଆଶ୍ଚର୍ଯ୍ୟ ହେଲା । ଏତେଦିନ ଧରି ସେ ଏଇ ଲୋକଟାକୁ କେତେ କେତେ ଆଖିରେ ଦେଖି ନ ଥିଲା ! କେତେ ଖୁନ୍, କେତେ ଡକେଇତି, ବଦମାସୀ କରିଥିବା ଆଉ ଜେଲ୍‌ଖାନାରୁ

Digitized by srujanika@gmail.com

ଖସି ପଳେଇଆସିଥିବା କଏଦୀ ବେଶରେ ଏ ବୁଢ଼ା ଆଜି ପର୍ଯ୍ୟନ୍ତ ଦୂରେଇ ରହି ନ ଥିଲା ତା'ଠାରୁ ! କେବଳ ତା' ଠାରୁ କାହିଁକି—ଏ ବସ୍ତିର ସବୁ ମଣିଷଙ୍କଠୁଁ ବି କେତେ ଦୂରରେ ରହିବା ପାଇଁ ସ୍ୱୀ ସେଇଁ ସମାଜ କେଉଁ ଠିକ୍ କରିଦେଇ ନ ଥିଲା ? କିନ୍ତୁ ଆଜି ଏଇ ଭୟଙ୍କର ଅନ୍ଧୁଆଁ ମଣିଷର ଏତେ ନିକଟରେ ବସି ସେ କ'ଣ କରୁଚି—ଏଇ କଟିମିଟି ଅନ୍ଧାରଟା ଭିତରେ ? ତାକୁ କ'ଣ କେବେ ଏଇ ଗୁଣିଆ ବୁଢ଼ା ବଶ କରିନେଲା ?

ଜର୍ଜର ଶୁଖିଲା ଟାଣୁଆ ହାତ ପାପୁଲିଟା ଉପରେ ବୁଢ଼ା ଚରଣ ରାଉତର ପଂଝାଟା ଧୀରେ ଧୀରେ ଚାପିହୋଇଯାଉଥିଲା ।

କିନ୍ତୁ ଆଜି ଜର୍ଜର କିଛି ଭୟ ନ ଥିଲା । ବୁଢ଼ାର ସେଇ ଦୃଢ଼ ହାତମୁଠା ଭିତରୁ ତାର ସେଇ ଏତେ ଦିନର ଅକୁହା ଆଉ ଅବୁଝା ମନଟା ସତେ କି ଜୋର୍‌କରି ନିଜର ଅନ୍ତରକୁ ବୁଝେଇ ଚାଲିଥିଲା । ଏତେଦିନକେ ଜର୍ଜ ବୁଝିପାରିଲା, କାହିଁକି ସେଇ ଚିତ୍ରକରର ହାତଟା ଏପରି ଚାପ ପଡ଼ୁଥାଏ ତାର ହାତମୁଠାର ପ୍ରତ୍ୟେକ ଜିନିଷ ଉପରେ ! କଅଣଟାକୁ ଧରିନେବାକୁ ଓ ଅକ୍ତିଆର କରିନେବାକୁ ଏ ବୁଢ଼ା ଏତେ ବ୍ୟସ୍ତ ବିକଳ ହୋଇପଡ଼େ !

ବୁଢ଼ାର ହାତମୁଠା ଭିତରେ ଥରେ ପଡ଼ିଗଲା ପରେ ତାର ଆଉ ଜୋ ନ ଥିଲା ସେଠୁ ମୁକୁଳି ପଳାଇଯିବା ପାଇଁ । ଆପେ ଆପେ ଜର୍ଜ ନିଜକୁ ସମର୍ପଣ କରିଦେଲା ସେଇ ପାଗଳା ବୁଢ଼ାଟାର ନିକଟରେ । ତାର ମନ ହେଉଥାଏ ସେଇ ମନୁଆ ଚିତ୍ରକର ବୁଢ଼ାର ଗୋଡ଼ତଳେ ପଡ଼ିଯାଇ ସେ କହିପକାନ୍ତା—

"ହେ ମନୁଆ ଚିତ୍ରକର ! ତୋ ଅଙ୍ଗାରଗାରକରେ ଯେ ଏତେ ଶକ୍ତି ଦେଲା, ତୁ ମତେ ଟିକିଏ ଦେଖେଇ ଦେ ତାକୁ ! ମୁଁ ତତେ ଗୁରୁ କରିନେଲି । ତୁ ମତେ ସେଇ ଚିତ୍ର-ଜଗତକୁ ନେଇ ଚାଲ । ତାର ଭିତରେ, ପ୍ରତ୍ୟେକ ବିନ୍ଦୁରେ ଜୀବନ ଦେଇ ମୁଁ ଆଉ ଥରେ ତିଆରି କରନ୍ତି, ସବାଡ଼ୁ ଦଉଛନ୍ତି ତୋର ସେଇ ଅଥରପା ମୂର୍ତ୍ତିଗୁଡ଼ାକୁ । ମୁଁ ଜାଣେ—ତୁ କିଆଁ ସନ୍ତାପି ହଉଚୁ ଏତେ; ମୁଁ ଜାଣେରେ ବୁଢ଼ା, ମୁଁ ଜାଣେ ! ସାରା ଦୁନିଆ ତତେ ଭୁଲ ବୁଝିଚି, ସାରା ଜଗତ ଢାଳିଦେଇଚି ତୋ ମୁଣ୍ଡରେ ତାର ସବୁତକ ଝାଟୁଆ । ସେଇ ଝାଟୁଆଗଦାରୁ ବାହାରକୁ ବାହାରିବାକୁ ବାଟ ଖୋଜୁ ଖୋଜୁ କେତେ ଅବାଟରେ ଚାଲିଯାଇଚୁ ତୁ—ଅବୁଝା ଚିତ୍ରକର ! ଦେ ! ମତେ ଦେ । ତୋ ମନ୍ତ୍ରତକ ମତେ ଦେଇ ଦେ ! ମୁଁ ଗୋଟେଇପୋଟେଇ ତୋର ଅଙ୍ଗାର ମୂର୍ତ୍ତିର କାନ୍ଧରୁ ସେଇ ଝାଟୁଆ ଗୁନ୍ଦୁଲି-ଗୁଡ଼ାକୁ କାଢ଼ିନେଇ ସମୁଦ୍ରରେ ପକାଇଦେବି—ଦେ, ମତେ ଦେଲୁ ସେ ଶକ୍ତି ।"

ବୁଢ଼ା ଚରଣ ରାଉତର ଚାପ ପଡ଼ିଥିବା ହାତ ମୁଠାଟିକୁ କୌଣସିମତେ ଫିଟେଇ ଜର୍ଜ ସେଠୁ ଉଠିଲା ।

ଚରଣ ରାଉତର ସେଇ ବିକଳାଙ୍ଗ ଚିତ୍ରଗୁଡ଼ିକ କାହିଁକି କେଜାଣି ଖୁବ ଭଲ ଲାଗିଲା ତାକୁ । ସହରର ବଜାରର ସେଇ ପୋକ-ମଣିଷ, ସାପ-ମଣିଷ, ମାଛ-ମଣିଷ, ଘୁଷୁରି-ମଣିଷ ବାଙ୍ଗ-ମଣିଷ ଆଉ ମାଙ୍କଡ଼-ମଣିଷଗୁଡ଼ାକୁ, ଆଗେ ନିଜର ମିଆଁ ସାଙ୍ଗେ ସାଙ୍ଗହୋଇ ବୁଲିବାକୁ ଗଲାବେଳେ, ଯୋଉ ଆଖିରେ ଦେଖୁଥିଲା ଜର୍ଜ—ସେଇଭଳି ଗୋଟାଏ ନୀରବ,

Digitized by srujanika@gmail.com

ନୈରାଶ୍ୟମସ୍ତ କୌତୂହଳ ଦୃଷ୍ଟିରେ ସେମାନଙ୍କୁ ଅନାଉଁ ଅନାଉଁ ଜର୍ଜ ସେଇ ଅଙ୍ଗାର ଚକଗୁଡ଼ିକର ପ୍ରେମରେ ପଡ଼ିଯାଇଥିଲା ।

ସେଦିନ ସାରାରାତ ଜର୍ଜର ଆଖିକୁ ଆଉ ନିଦ ଆସିଲା ନାହିଁ । ଟିକିଏ ଆଖି ବୁଜି ହୋଇଗଲେ ସେ ସପନ ଦେଖିବାକୁ ଲାଗିଲା । କଅଣ ସେ ସପନର ଅର୍ଥ କିଛି ସେ ଜାଣେନା; କିନ୍ତୁ ଯେତେଥର ଉଠି ମନରୁ ତାକୁ ପାସୋର ଦବାପାଇଁ ଚେଷ୍ଟାକରେ ଓ ନିଶ୍ଚିତ ହୋଇ ଶୁଏ, ସେତେ ଥର ସେ ପୁଣି ଦେଖାଦିଏ ।

ପ୍ରତିଥର ସେ ସପନ ଆରମ୍ଭ ହୁଏ ଗୋଟାଏ ବିନ୍ଦୁ ପ୍ରମାଣ ଜିନିଷରୁ । ପ୍ରଥମେ ସେ ବିନ୍ଦୁଟା ଗାଢ଼ ସବୁଜ ରଙ୍ଗ ଧରିଥାଏ । ଦେଖୁ ଦେଖୁ ସେଇ ସବୁଜ ବିନ୍ଦୁଟା ଖେଳେଇ ହୋଇଯାଏ ଓ ବଢ଼ି ବଢ଼ି ସେ ଗୋଟାଏ ସମୁଦ୍ରର ଆକାର ଧାରଣ କରେ । ଗାଢ଼ ସବୁଜ ରଙ୍ଗର ସମୁଦ୍ରଟା ଜର୍ଜର ନିଦ୍ରିତ ଆଖି ଦୁଇଟିକୁ ମୁଗ୍ଧକରି ରଖେ । ସାରା ଜୀବନକାଳ ମଧ୍ୟରେ, ସହରର ଅଣଓସାରିଆ ଗଳିରାସ୍ତା, ଆଉ କ୍ୟାବିନ୍ ଘରର କୋଇଲା ଧୂଆଁରୁ ଜାତ ଅଲକ୍ଷୁ ବ୍ୟତୀତ ଯୋଉ ଆଖି ଆଉ କିଛି ପ୍ରଶସ୍ତ ଜିନିଷ ଦେଖିନଥାଏ, ହଠାତ୍ ସେ ଆଖି ଆଗରେ ଆସି ଉଭାହୁଏ—ସମୁଦ୍ର ! ପୁଣି ଗୋଟାଏ ଗାଢ଼ ସବୁଜ ରଙ୍ଗର ସମୁଦ୍ର ! ଜର୍ଜର ହୁଏତ ମନେହୁଏ—ନଜର ମିଆଁ କହୁଥିଲା—ଖୋଦା ଉପରେ ଜମିନ୍ ଆଉ ଆସମାନ୍‌କୁ ସୃଷ୍ଟି କଲେ ! ଆସ୍‌ମାନର ଫିକା ନେଳୀରଙ୍ଗ କୁଆଡ଼ୁ ଆସିଲା, ଆଉ ଜମିନ୍‌ର ଗାଢ଼ ସବୁଜ ରଙ୍ଗ କୋଉଠୁ ଆସିଲା ! ଜମିନ୍ ! ଆଉ ଆସମାନ୍ ! ମା' ଆଉ ବାପ ! ଗୋଟାଏ ହେଉଚି ଦେହ, ଆଉ ଗୋଟାଏ ହେଉଚି ମନ ! ଗୋଟାକୁ ଧରିହେବ, ଆରଟା ଧରିବା ବାହାରେ । ତାର ଦେହ ନାହିଁ—କିନ୍ତୁ ସେ ଅଛି । ସେ ହେଉଚି ଶୂନ୍ୟ ଆସମାନ୍—ତା ରଙ୍ଗ ନେଳୀ—ଫିକା ନେଳୀ—ଶୁନ୍‌ଶାନ୍ ।

ଆସ୍‌ମାନ୍ ଆଉ ଜମିନ୍‌ର ବେଟୀ ହେଉଚି ଦରିଆ । ଏ ଦରିଆ ଏକ ଅଜବ୍ ବେଟୀ ! ଇଆର ଦେହ ଅଛି ଆଉ ମନ ବି ଅଛି । ମା'ର ଦେହ ଆଉ ବାପର ମନ ଘେନି ବେଟୀର ଜନ୍ମ । ରୂପ ବି ସେମିତି ଅଲଗା । ମା' ଭଳି ଟାଣ୍ ଦେହ ନାହିଁ କି ବାପ ଭଳି ଏକବାରେ ଶୂନ୍‌ଶାନ୍ ଖେଲେଖିଲେ ଆଦମୀ ଏ ନୁହେଁ ! ଖୁବ୍ ସୁରତ୍, କଅଁଳ ଆଉ ହରଦମ୍ କୁଆଁର ଉଠୁଥାଏ ଏଇ ବେଟୀର ଦେହ ତମାମ୍ । ହରଦମ୍ ମସ୍ତ ଆଉ ଚଞ୍ଚଳ । ସ୍ୱେ ହେଉଚି ପାଣି । ଏ ପାଣିର ରଙ୍ଗ ବି ସେମିତି ଧୁସର । ହର୍‌ଦମ ବଦଳିଚାଲିଥାଏ ଏ ପାଣିର ରଙ୍ଗ । କେତେବେଳେ ମା'ର ସବୁଜା କି ବାପାର ଫିକା ନେଳୀ—କଅଣ ଯେ କେତେବେଳେ ସ୍ୱାର ରୂପ ! ଖାଲି ସେତିକି ନୁହେଁ—ଏ ବେଟୀ ଏକ ଅଜବ୍ ବେଟୀ ! କିଛି ଠିକ୍-ଠିକଣା ନାହିଁ ସ୍ୱେ ବେଟୀର ! ଏକ ଏକ ଦିନ୍ ଏ ବେଟୀ ଏକ ଅଜବ୍ ରଙ୍ଗ ଧରିନିଏ । ସେ ଦିନ୍ ତାର ଦେହରେ ଶକତ ଶକତ ଲହଡ଼ିମାନ ଉଠେ । ସେ ଲହଡ଼ି ଏତେ ଟାଣ ଆଉ ଜୋରଦାର୍ ଯେ ଗୋଟାଏ ବୁଖାର୍ ଭଳି ସେ ଉଠେ ଦେହର ସବୁ ଗୁମର୍ ଫଟେଇ ! ଦେଖି

Digitized by srujanika@gmail.com

ଦେଖ୍ ଜମିନ୍ ଆସ୍‌ମାନ୍‌ର ବେଣ୍ଟୀ ଗୁଖାରରେ କମ୍ପି ଉଠେ ।

ଜର୍ଜ ସ୍ୱପ୍ନ ଦେଖୁଚ—ହଠାତ୍ ସେ ସବୁଜ ସମୁଦ୍ରଟା କମ୍ପି ଉଠିଲା । ଦେଖ୍ ଦେଖ୍ ତାର ରଙ୍ଗ ବଦଳିଗଲା । ତାର ପାଣି ରକ୍ତ ପାଲଟିଗଲା, ଆଉ ଟକମକ ହୋଇ ସେ ରକ୍ତ ଫୁଟିଲା ।

ଜର୍ଜ କଡ଼ ଲେଉଟେଇଲା । ତାର ଅଜାଣତରେ କଅଣଗୁଡ଼ାଏ ବକିବକେଇ ଉଠି ସେ ହୋସ୍ ପାଇ ଉଠିଲା । ତାର ଦେହସାରା ଝାଳରେ ଜୁଡ଼ୁବୁଡ଼ୁ ହୋଇଥିଲା । ଘରଟା ସାରା ଅନ୍ଧାର । ଉଠିବସି, ଲୁଗାକାନରେ ସାରା ଦେହଟାକୁ ପୋଛିଦେଇ ସେ ବଡ଼େ ଫୁଙ୍କିଲା ତାର ସେଇ ଗରମ ଝାଳୁଆ ଦେହଟାକୁ । ଦେହଟା ଟିକଏ ଥଣ୍ଡା ଲାଗିଲା । ସେ ପୁଣି ପଡ଼ିଗଲା ସେଇ ଝାଳ ଓଦା କନ୍ଥା ଉପରେ । ଟିକକ ପରେ ତାକୁ ନିଦ ଲାଗିଗଲା; କିନ୍ତୁ ପୁଣି ସେ ସପନ ଫେରିଆସିଲା ।

ଏଥର ପୁଣି ଗୁଡ଼ାଏ ସବୁଜ ରଙ୍ଗ ଧରି ସେ ଆସିଲା; କିନ୍ତୁ ଏଥର ସେ ସବୁଜ ରଙ୍ଗ ବଢ଼ି ବଢ଼ି ସମୁଦ୍ରରେ ପରିଣତ ନ ହୋଇ ସେଇ ବିନ୍ଦୁଟା ଧୀରେ ଧୀରେ ଗୋଟାଏ କେମିତି ଅବାଗିଆ ରୂପ ଧରିଲା । ସ୍ୱହୁଁ ସ୍ୱହୁଁ ସେ ରୂପଟା ଏକ ଚହ୍ଲା-ଚହ୍ଲା ରୂପରେ ପରିଣତ ହେଲା । ଦେଖୁ ଦେଖୁ ଗୋଟିଏ ଗ୍ରେଟ ପିମ୍ପୁଡ଼ି ସେଇ ରୂପ ଭିତରୁ ଜନ୍ମ ହେଲା । ଗ୍ରେଟ ପିମ୍ପୁଡ଼ିଟି ଜନ୍ମହେବା ମାତ୍ରେ କାୟା ବିସ୍ତାର କରିବାକୁ ଲାଗିଲା । ସ୍ୱହୁଁ ସ୍ୱହୁଁ ସେ ପିମ୍ପୁଡ଼ିଟା ତାର ଦୁଇଟା ଗୋଡ଼ ଉପରେ ଠିଆହେଲା । ତାର ଅନ୍ୟ ଚାରିଗୋଡ଼, ଚାରୋଟି ହାତ ହୋଇ ବଢ଼ି ଉଠିଲା । ତାର ଗୋଲ ଗୋଲ, ଚକା ଚକା ଆଖି ଦୁଇଟାର ଦୁଇ କଡ଼ରେ ଦୁଇଟା ଶୁଣ୍ଢ ଲହଲହ ହୋଇ ଶୂନ୍ୟ ଆଡ଼କୁ ବଢ଼ିଗଲା । ହଠାତ୍ ଗୋଟାଏ ମାଗିଖିଆ ଅରକ୍ଷିତ ଝିଅ ଭଳି ସେ ପିମ୍ପୁଡ଼ିଟା ଆସି ଠିଆହେଲା ଜର୍ଜର ସାମନାରେ, ଆଉ ତାର ଚାରିହାତ ପତେଇ ସେ ମାଗିଲା କିଛି ଜିନିଷ । ତାର କଥା କିଛି ବୁଝିବା ପୂର୍ବରୁ ସେ ପିମ୍ପୁଡ଼ି ତାର ଦୁଇଟା ସାପୁଆ ଶୁଣ୍ଢ ସେରେଇ ଦେଇ ଜର୍ଜକୁ ବାନ୍ଧିଦେଲା ଓ ଦେଖୁ ଦେଖୁ ଏକାଥରକେ ସେ ତାର ଶିକାରର ଗୋଟାଏ ଗୋଡ଼କୁ ଗିଳିଦେଲା ।

ସେଇ ମଣିଷଖିଆ ପିମ୍ପୁଡ଼ିଟାର କବଳରୁ ମୁକ୍ତି ପାଇବା ପାଇଁ ଜର୍ଜ ଖୁବ୍ ଛଟପିଟି ହୁଏ । କିନ୍ତୁ ପିମ୍ପୁଡ଼ି ତାକୁ ଛାଡ଼େନା । ଦେଖୁ ଦେଖୁ ତାର ଦୁଇ ହାତ ଆଉ ଦୁଇଗୋଡ଼ ଉଭେଇଗଲେ । ହାତ ଗୋଡ଼ ଶୂନ୍ୟ ହୋଇ ଜର୍ଜର ଗଣ୍ଡିଟା କେବଳ ପଡ଼ିରହିଲା । କିନ୍ତୁ ଆଶ୍ଚର୍ଯ୍ୟର କଥା, ହାତ ଗୋଡ଼ କଟିଗଲେ ମଧ୍ୟ ସେ ଗଣ୍ଡିଟା ସେମିତି ଚୁପ୍ ହୋଇ ପଡ଼ି-ରହିଲା । ତା ଦେହରୁ ପ୍ରାଣ ଛାଡ଼ି ନଥିଲା; କିନ୍ତୁ କଅଣ କପର ହୋଇଗଲା କେଜାଣି ସେ ଗଣ୍ଡିକୁ କଷ୍ଟ ବୋଲି କିଛି ଜିନିଷ ଲାଗୁ ନ ଥିଲା । କିଛି ସମୟ ଧରି ଖୁବ୍ ଆଶ୍ଚର୍ଯ୍ୟ ହୋଇ ଜର୍ଜ ଚାହେଁ ତା ନିଜର ସେଇ ନିଷ୍ଫଳ ଜୀଅନ୍ତା ଗଣ୍ଡିଟାକୁ । ସେ କିଛି ବୁଝି ପାରେ ନା ସେସବୁ କଅଣ ପରିବର୍ତ୍ତନ ହୋଇଯାଉଚି ତା ଦେହସାରା ! ସତେ କି ସେ ଦେହ ତାର ନୁହେଁ—ଆଉ କାହାର । ସତେ କି ସେ ଦେହର ବାହାରେ ଥିବା କିଛି ଜିନିଷ ! ପିମ୍ପୁଡ଼ି ଦେହଟାକୁ ଗ୍ରାସ କରୁଥିଲା—କିନ୍ତୁ ଦେହର ବହିର୍ଭୂତ ସେ ଜିନିଷଟାକୁ ଛୁଇଁ ପାରୁ ନ ଥିଲା କି କଷ୍ଟ ଦେଇପାରୁନଥିଲା ।

Digitized by srujanika@gmail.com

କିନ୍ତୁ ତାର ସେ ଅବସ୍ଥା ବେଶି ସମୟ ପାଇଁ ରହିପାରିଲା ନାହିଁ । ନିଃଶ୍ୱାସ ବନ୍ଦକରି ପାଣିରେ ବୁଡ଼ିଲା ଭିତରେ ଯେମିତି ମଣିଷ ପାଣି ଭିତରେ ଟିକିଏ ସମୟ ବେଶ୍ ଲୁଚିଯାଇ-ପାରେ, କିନ୍ତୁ ବେଶି ସମୟ ପାଇଁ ନୁହେଁ—ପାଣି ପୁଣି ଅଣନିଃଶ୍ୱାସୀ କରି ପକାଏ—ଛାତି ଫାଟିଗଲା ଭଳି ମନେହୁଏ—ପାଣି ଭିତରୁ ବାହାରିପଡ଼ିବା ବ୍ୟତୀତ ଆଉ ଉପାୟ ନଥାଏ । ସେମିତି, ହଠାତ୍, ଭୁସ୍‌କିରି ଉଠିପଡ଼ିଲା ଜର୍ଜ ସେଇ ଅଜଣା-ରାଜ୍ୟରୁ । ତାର ହାତ-ଗୋଡ଼କଟା ଗଣ୍ଡିଟା ଛଟ୍ ଛଟ୍ ହେଇଉଠିଲା । ଏତେବେଳଯାକେ ଥମିଯାଇଥିବା ଯନ୍ତ୍ରଣାର ତୋଫାନ୍ ହଠାତ୍ ଭାଙ୍ଗିପଡ଼ିଲା ତାର ମୁଣ୍ଡ ଉପରେ । ସେଇ ତୋଫାନ୍‌ରେ ପଡ଼ିଯାଇ ତାର ଗଣ୍ଡିଟା ଘିରି ଘିରି ହୋଇ ବୁଲେ, ଆଉ ସେଥି ସହିତ ଜର୍ଜ ଚିତ୍କାର କରିଉଠେ—ଅସଂଖ୍ୟ ପ୍ରକାରେ । କିନ୍ତୁ ତାର କୌଣସି ପ୍ରକାର ଚିତ୍କାର ସେଇ ଝଡ଼ର ଭୂତରାଜ୍ୟକୁ ଭେଦ କରି ବାହାରକୁ ଆସୁନଥିଲା, କି କାହାର କାନରେ ପଡ଼ୁନଥିଲା । ମାଗଣା ମଣିଷ-ପିମ୍ପୁଡ଼ି ତାକୁ ଟିକି ଟିକି କରି ଖୁମ୍ପି ଖୁମ୍ପି ତାରି ଭିତରେ ଖାଇଚାଲିଥିଲା ।

ଜର୍ଜର ନିଦ ଯେତେବେଳେ ଭାଙ୍ଗେ, ତାର ସାରା ଦେହ ବରଡ଼ାପତ୍ର ଭଳି ଥରୁଥାଏ ଓ ଝାଳରେ ଗାଧୋଇ ପଡ଼ିଥାଏ ସେ ସେତେବେଳେ; କିନ୍ତୁ ନିଦ ଭାଙ୍ଗିବାର ଟିକିଏ ପୂର୍ବରୁ ସେ ଏକ ବିଚିତ୍ର ଅନୁଭୂତି ମଧ୍ୟ ଦେଇ ସେଇ ଯନ୍ତ୍ରଣାମୟ ଜଗତରୁ ଫେରିଆସେ ବାସ୍ତବତା ଭିତରକୁ । ନିଦଭାଙ୍ଗିବା ପୂର୍ବରୁ ସେ ବରାବର ଦେଖେ ଯେ ସେଇ ଯନ୍ତ୍ରଣାର ତୋଫାନ୍ ଭିତରେ ଯୋଉ ଗଣ୍ଡିଟା ତାର ଘିରି ଘିରି ହୋଇ ଘୂରୁଥାଏ, ସେ ଗଣ୍ଡିଟା ହଠାତ୍ ଉଠିବାକୁ ଆରମ୍ଭ କରେ ଉପରକୁ । ଗୋଟାଏ ନାଭି ଜେଗାରୁ ଉପରକୁ ଉଠିଲା ଭଳି—ସବୁ କଷ୍ଟ ଭିତରେ ବି ଜର୍ଜର ଦେହଟା ଉଲୁସି ଉଠେ । କଅଣ ଗୋଟାଏ ଅନୁଭୂତି ତାର ପେଟ ଆଉ ଛାତି ଭିତରଟାକୁ ଫମ୍ପା ଫମ୍ପା ଭାବ ଆଣିଦିଏ ।

ସେଇ ଫମ୍ପା ଭିତରୁ ଚେଇଁ ଉଠି ଜର୍ଜ ଯେତେବେଳେ ଆଖି ଫିଟାଏ—ସେ ଦେଖେ ଚତୁର୍ଦ୍ଦିଗ ତା ଚାରିପାଖେ ପୂର୍ବପରି ଅନ୍ଧାର । ସେ ଯେ କୋଉ ଆଡ଼କୁ ମୁଣ୍ଡ ଆଉ କୋଉ ଆଡ଼କୁ ଗୋଡ଼ କରି ଶୋଇଥିଲା ଓ ଶୋଇଚି ବି, ସେ ବିଷୟ ସେ ଠଉରି କରି ପାରେ ନାହିଁ । ପାଖ ଘରୁ ଆସୁଥିବା ସାର ସାମଲର ଘୁଙ୍ଗୁଡ଼ି ତାର ଛାତିର ହେଇ ଫମ୍ପା ଜେଗାକୁ ପୂରଣ କରେ; କିନ୍ତୁ କେବଳ ପୂରଣ କରିଦିଏନା ସେ—ଧୀରେ ଧୀରେ ନିଦା ଆଉ ପଥର କରିଦିଏ ସେଇ ଘୁଙ୍ଗୁଡ଼ିଗୁଡ଼ାକ ଜର୍ଜର ଫମ୍ପା ଛାତିକୁ । ଜର୍ଜର ଛାତି ଭିତର କରତେଇ ହେଇଯାଏ । କାରଣ ଠିକ୍ ସେଇ ଘରୁ ସାର ସାମଲର ଘୁଙ୍ଗୁଡ଼ି ସାଙ୍ଗେ ମିଳିମିଶି ଗୋଟାଏ ଗମ୍ଭୀରିଆ ଆଉ କଫମିଶା ଘୁଡ୍ରୁ ଘୁଡ୍ରୁ ଶବ୍ଦ ବି ଆସି ତା କାନରେ ପଡ଼େ । ସେ ଜାଣେ ସେ ଶବ୍ଦ କଅଣ, ଆଉ କାହା ଛାତିରୁ ବାହାରୁଚି ମଧ୍ୟ ।

ଜର୍ଜର ଛାତି ଆହୁରି ଓଜନିଆ ହେଇଯାଏ । ସତେ କି ଠୋକିନା ଗୋଟାଏ ରବାଜ କରି ଫାଟିଯିବ ସେ ସେଇ ଅନ୍ଧାର ଭିତରେ ।

ଘନ ଘନ ନିଃଶ୍ୱାସ ଭିତରେ ଜର୍ଜ କଡ଼ ଲେଉଟାଏ । କବାଟ ଫାଙ୍କ ଭିତର ଦେଇ ବାହାରକୁ ଅନେଇବାକୁ ଚେଷ୍ଟାକରେ । କିନ୍ତୁ ନା— ବାହାର ଭିତର ହେଇ କିଛି

Digitized by srujanika@gmail.com

ଜଳୁଛି ନାହିଁ ସତେ ବା ! ଚାରିଆଡ଼େ ଛାଇହୋଇ ରହିଛି କେବଳ ଅନ୍ଧାର ! ସୂର୍ଯ୍ୟ ଚନ୍ଦ୍ର ନ ନକ୍ଷତ୍ର—ଗୋଟାଏ ତାରା ମଧ୍ୟ ଫୁଟି ନାହିଁ ସେ ଆକାଶରେ ।

କର୍ଣ୍ଣ ଆଖି ବୁଜିଦିଏ; କିନ୍ତୁ ଆଖିର କବାଟ ତା'ର ଆଉଜେଇ ହୋଇଥାଏ କି ନ ଥାଏ, ହଠାତ୍ ପୁଣି ଗୋଟାଏ ସବୁଜ ବନ୍ଦୁ ଦେଖାଇ ସେ ବାହାରେ । କର୍ଣ୍ଣ ଆଉ ଅପେକ୍ଷା କରିପାରେ ନାହିଁ ସେଇ ସବୁଜ ବନ୍ଦୁଟି ବିସ୍ତାର କରିବା ପର୍ଯ୍ୟନ୍ତ । ବନ୍ଦୁଟି ଠିକ୍ ବଢ଼ିବାକୁ ଆରମ୍ଭ କରିବା ସମୟରୁ ସେ ଚଳଚଳେଇ ଉଠେ ।

ରାତିରେ ଏମିତି କେତେ ଥର ସେ ଚଳଚଳେଇ ଉଠିଛି କେଜାଣି ? କିନ୍ତୁ ରାତିର ଶେଷ ପହରକୁ ଯେତେବେଳେ ସେ ପୁଣି ଥରେ ଚଳଚଳେଇ ଉଠି ଚେଇଁବସେ, ସେତେବେଳେ ତାହାର ଗୋଟାଏ ଉଷୁମ ଆଉ ନରମ ହାତ ନିଜର ଥଣ୍ଡା କପାଳ ଉପରେ ଅନୁଭବ କରିପାରି ସେ ଚମକି ଉଠିଲା । ସେ ବୁଝିପାରିଲା ନାହିଁ ଅନୁଭୂତିଟା ସେଇ ଭୟଙ୍କର ରାତିର ଗୋଟାଏ ସ୍ୱପ୍ନ ନା ସତ୍ୟ !

ଶେଯରୁ ଭୁସ୍‌କରା ଉଠିପଡ଼ିବ ବୋଲି ସେ ବାହାରିଲାବେଳକୁ ଜୋର୍‌କରି ସେଇ ହାତଟା ତାର କପାଳକୁ ଶେଯରେ ଚାପିଦେଲା ଓ କର୍ଣ୍ଣ ଲମ୍ବିକରି ପୁଣି ପଡ଼ିଗଲା ଶେଯରେ । ସେତିକିରେ ସେଇ ଅଚିହ୍ନା ହାତରେ ଥିବା ପ୍ରବଳ ଶକ୍ତିକୁ ଥରେ ବୁଝିନେଲା ପରେ ସେଇ ଶକ୍ତି ଉତ୍ତାପରେ ଗୋଟାଏ ବରଫପତର ଭଳି କର୍ଣ୍ଣର ଦେହହାତ ଥରିବାକୁ ଆରମ୍ଭ କଲା । ଚାରିପାଖରେ ଜମିକମି ଅନ୍ଧାର ସତ୍ତ୍ୱେ ସେଇ ହାତଟାକୁ ମିଳେଇ ଅନୁଭବ କରୁ କରୁ କର୍ଣ୍ଣ ପ୍ରାୟ ବେହୋସ୍ ହୋଇଯାଇଥିଲା ।

ପାଖ ଘରୁ ବାର ପାମଲର ଘଣ୍ଟ୍‌ଟ୍ରି, ବହୁ ଦୂରରେ ଶୁଭୁଥିବା ଗୋଟାଏ ମେଘ ଗର୍ଜନ ଭଳି କ୍ଷୀଣ ଅଥଚ ଦୃଢ଼ ହୃତ୍‌କମ୍ପ ଜାତ କରୁଥାଏ ।

ଏଇ ସମୟରେ କର୍ଣ୍ଣ ଶୁଣିପାରିଲା ଗୋଟାଏ ଅଦ୍ଭୁତ ଫୁସ୍ ଫୁସ୍ ଶବ୍ଦ ତା କାନ ପାଖରେ । କିଏ ଯେପରି କହୁଛି—"ଚୁପ୍ ହୁ ! ପାଟି କରନା—ସେ ଯୋଗିଣୀଖିଆ ଶୋଇଛି—ଶୋଉ ସେ ଏଇନେ ଉଠିଲେ କାଅଁ କରେଇ ଦବ—ଯୋଗଣୀଖିଆର ଜୋର୍ ମାଡ଼ ଯାଉଛି—ମେତେ ଜାବୁ କରି ରଖିଛୁ—ବୋହୂଭୁଆସୁଣୀ କରି ସେ ମତେ ତାଲା ପକେଇକରି ବାକ୍‌ସରେ ରଖିଛି—ମେତେ ଆଜକାଲି ସେ ତାଗିଦା କରୁଛି—ତାହାର ପାଖରେ କଥାବାର୍ତ୍ତା ତ କରେଇଦେଉନି—ଯୋଗଣୀଖିଆ କହୁଛି ମେତେ—ଏ ଦୋକାନ ଖର୍ଚ୍ଚିଦେ ! ସମିତଙ୍କୁ ଏ ଘରୁ ବାହାରକର ! ମୁଁ ଜାଣେ ସେ ଯୋଗିଣୀଖିଆର ମନକଥା—ଖାଲି ମେତେ ଜାଇଦାରେ ରଖିବା ପେଇଁ ସେ କହୁନାହିଁ ଏକଥା—ତୋ ଛିଙ୍କୁ ଯାଉନାହିଁ ହେ ଖଣ୍ଡିଆ ଦହରେ ।

"ରାତଯାକ ତୁ କାନ୍ଦବୋଉଛୁ । ଦିନଯାକ ଖରା ନାହିଁ, ତରା ନାହିଁ, ମଶାଣୀ, ପଡ଼ିଆ, ଜଙ୍ଗଲ, ବିଲ, ଗୋହିରି, ସବୁଠିଁ ତୁ ବୁଲୁଚୁ—ତାର ପିତାଶୁଣୀଙ୍କ ଆଖି ପଡ଼ୁଛ—ରାତଯାକ ତୁ ଜଳଜଳୋଉଛୁ—ମୋ ଜାନରେ କଅଣ ପଡ଼ୁନାହିଁ ତୁ ମନେକରୁଚୁ ? ହେଲେ, ଆପିବାକୁ ଯୁ ନାହିଁ ମୋର । ସେ ଯୋଗିଣୀଖିଆ ମୋ ଗୋଡ଼ ବାନ୍ଧି ପକେଇଛ—ମୋ ତୁଣ୍ଡ

Digitized by srujanika@gmail.com

ବନ୍ଦକରି ଦେଇନାହିଁ ସେ—ତୋ ଭୁଇ ଆଉ ମତେ ମଚେଡ଼ିଇ ଦଉନି ସେ । ମୁଁ ଜାଣେ ତୋ ପେଟରେ ଭାରି ଭୋକ । ସେ ଭୋକ ନମଳାଯାଏ ତୁ ଯାଉନଦଉଥିବୁ । ଛ' ଛ' ବରଷ ଧରି ଚଳେଇ ଆସିଲି—ଧରମଦେବତାଙ୍କୁ ସାକ୍ଷୀ ରଖି ତୋ ଆଡ଼କୁ ଆଡ଼ଆଖିରେ ଅନେଇ ନ ଥିଲି—ଭାବିଥିଲି କେତେ କଥା—ତୋ ମୁହଁକୁ ଚାହିଁଦବା ଦିନଠୁଁ ପେଟ ମୋର ପୂରି-ଯାଉଥିଲା—ତେଣେ ଲୁଣ ଲଙ୍କାମରିଚ ଦେଇ ପାଣିକ ପକେଇ ନ ଦେଇ ମୁଁ ତେତେ ଆଶରା ଦେଇଥିଲି ମୋ କୋଡ଼ରେ—ଭାବିଥିଲି ତୁଇ ଏକା ମଣିଷ ହବୁ—ମତେ ଚାହିଁବୁ—ମୁହିଁ ତୋର ମାଆ ବୋଲି ବିଚାର କରିବୁ—ଜଗତରେ ସବୁ ମାଆ-ପୁଅ ଯେମିତି ଚଳନ୍ତେ ସେମିତି ଚଳିବୁ ବୋଲି ଚାହିଁଥିଲି—ହେଲେ ମୁଁ ଜାଣେ—ତୋର କିଛି ଦୋଷ ନାହିଁ—ତୁ ଅଣ୍ଡିରପୁଅ—ତୋର ରକତ ସେଇ ଧାତୁରେ ଗଢା—ମହିଁ ମୋରି ଦୋଷ—ମୋରି ଅଦିନକପାଳ—ମେତେ ବିଧାତା ରାକ୍ଷାସୁଣୀ କରି ଜନମ ଦେଇ-ଥିଲା—ମୁଁ କାହୁଁ ପୁଅ ଘଇତା କରିଥାନ୍ତି ?

"ଗତଯାକ ତୋ ବଳାବଳି ମୋ କାନରେ ପଡ଼ୁଚି—ଖାଲି ଆଜି ନୁହେଁ—ଆଜିକୁ ଛଅ ବରଷ ହେଲା ତୋ କାନ୍ଦଣା ମୋ କାନରେ ପଡ଼େଣି—ସବୁ ବଳାବଳି ମୁଁ ଶୁଣେଣି, ବୁଝେଣି—ବୁଝେନ୍ତି ନାହିଁ କେମେତେରେ ! ଏଡ଼େ ଟିକେ ମାଆଛଡ଼ା କୁକୁରଛୁଆ—ଜାଡ଼ ରାତିରେ ଦରଶିଆ ହେଇ କାନ୍ଦୁଥିଲାବେଳେ ତା ମା' ଯଦି ତାର ପେଟକଥା ବୁଝିପାରେ, ମୁଁ ମଣିଷଟାଏ ହେଇକରି କ'ଣ ବୁଝିପାରୁନାହିଁ ତୁ ମନେକରୁଚୁ ? ସବୁ ବୁଝେଣି—ବାହା ପେଟର ଭୋକ ଏ ଜିଆଁନରା ମନ ନବୁଝିପାରେ ? ହେଲେ ଏ ଯାଏଁ ଉଠିଆସି ପାରୁ ନଥିଲି—ଧରମ ଯୋଗିନାଟିଆ ମୋ ଆଗରେ ହାତ ବଢ଼େଇ ହାଁ-ହାଁ କରି ଠିଆ ହଉଥିଲା—ଆଉ ତା ସାଙ୍ଗକୁ ସେ ଯୋଗିନାଟିଆ ବାଉ—ନଟର ମିଆଁ. ମଲା ବାସିଦିନଠୁଁ ଜାବୁଡ଼ି ଧରିଥିଲା ମୋ ଗୋଡ଼କୁ ।

ମୁଁ ଜାଣିଥିଲି ଦିନେ ନା ଦିନେ ତୋ ବୁଦ୍ଧି ହବ ! ସବୁକଥା ବୁଝିପାରିବୁ ତୁଇ—ମୋତେ ମାଆ ବୋଲି ଜାଣି କରି ମୋରି ପାଖରେ ସେତିକରେ ସନ୍ତୁଷ୍ଟ ହେଇ ରହିଯିବୁ ବୋଲି ଭାବିଥିଲି—ମାତର ଏ ଜନମରେ ସେ କଥା ଆଉ ହବନାହିଁ ମୁଁ ଜାଣେ ।

"ହଉ, ଯଦି ହବନାହିଁ ତ ନାହିଁ—ହେଲେ ମୋ ବାପା ! ମୋ ଧନ ! ତୁ ଆଉ ବଳାବଳେଇ କାନ୍ଦନା—ନେ—ନେ ଖା ! ମତେ ଖା ! ଖାଇ ଦେ ! ଖାଉନୁ ! ଖା—ଖାଆନ୍ତେ ଖା···ଯଦି ଏଇଥିରେ ତୋ ଭୋକ ମରିଯିବ, ତୋ ଅଗ୍ନି ସନ୍ତୋଷ ହବ—ତୋର ଭଲ ବୁଦ୍ଧି ହବ—ତୁ ମଣିଷ ହେଇ ଏ ସବଂଗିଳା ସଂସାରର ବ୍ରହ୍ମଅଗ୍ନିକୁ ଅଣ୍ଡା-କରିବୁ ତେବେ ନେ ! ନେ ଖା ! ମତେ ଖା ! ତୁ ଶାନ୍ତ ହ ! ଆରେ ଖାଇଦେ ମ ! ସେତେ ଖାଇଲେ ହେଲେ ଏ ଜିଆଁନରା ରକତ ମାଉଁସ କ'ଣ ସରୁଚି ହେଲେ ! ତେର ବରଷ ଦିନଠୁ ଆଜିଯାକେ କେତେ ପେଟୁଙ୍କୁ ମୁଁ ଖାଇବାକୁ ନ ଦେଇଚି—ଖାଲି ଖାଇଲେ ତା ନାହିଁ—ଚରିଗଲେ ମେତେ ସେରୁଡ଼ାକ ! ହେଲେ ମୁଁ ସରିଲି ନାହିଁ—ଅଃଆଜି ଦି' କୋଡ଼ି ଦିନ ପୁରି ଏଇ ଦିହରେ ଦି' କୋଡ଼ି ଭୁରି ବସା ବାନ୍ଧିଲା—ହେଲେ ଆହୁରି ଟିକିଏ

Digitized by srujanika@gmail.com

ରହିଯାଇଚ—ରକତ ମାଉଁସ ଶେଷ ହେଲ ନାହିଁ—ନେ ! ଖା ! ଖାଇଦଉନୁ ! ନେ ନେ ! ଗୁଟିଚୁଟି ଏ ଘଡ଼ା ଶେଷ କରଦେ । ସେ ତ ତେଣେ ଘୁଙ୍ଘୁଡ଼ି ମାରୁଚ ! ତାର ପେଟ ପୁରେଇ କର ଆଇଲ ଘର ପର—ତୋ ବାରବୁଢ଼ିଳଆ କଥା ଶୁଣିକର…”

ହଠାତ୍ ଗୋଟାଏ ଉଷୁମ ଲୁହ କ ଲହୁ ଟୋପା ଜର୍ଜର ତାଉଲ ଗାଲ ଉପରେ ଟପ୍ କର ଗଳପଡ଼ିଲା । ସେଇ ଅନ୍ଧାର ଭିତରେ କାନ ପାଖେ ଶୁଭୁଥିବା ଫାସୁଫାସୁ କଥା-ଗୁଡ଼ାକରୁ ଯୋଉ ନିଆଁ ଝୁଲ ଜର୍ଜର ଗାଲ ଉପରେ ପଡ଼ି ତାକୁ ଜଳେଇ ଦେଇଥିଲା, ସେଇ ଜଳନ୍ତା ଗାଲ ଉପରେ ଟୋପାଟା ପଡ଼ିଯାଇ ଗୋଟାଏ ଚେଁକର ମସ୍ତ ଶବ୍ଦ କରିଉଠିଲା । ତା ପରେ ଗୁହୁଁ ଗୁହୁଁ ସେଇ ପ୍ରଚଣ୍ଡ ତାତି ଭିତରୁ ଗୋଟାଏ ଆହୁର ଭୟଙ୍କର ହେମାଳିଆ ଶୀତର ଜୁଆର ତାର ସାରା ଦେହରେ ବ୍ୟାପିଗଲା । ତା ଦେହ ଭିତରୁ ଗୋଟାଏ ଭୂମ-ଉପୁଡ଼ା କାଲୁଆ ଝାଳ ଉଡ଼ିଗଲା । ସାଙ୍ଗେ ସାଙ୍ଗେ ସେଇ କଟିକଟି ଅନ୍ଧାର ଭିତରେ ଜର୍ଜ ଅନୁଭବ କରୁଥିଲା, ଯେମିତ ଗୋଟାଏ ତାଉଲ ଲଣ୍ଠନ କାଚରେ ପାଣି ବୁନ୍ଦାଏ ପଡ଼ିଗଲେ ଚଡ଼ଚଡ଼ ହୋଇ ସାରା କାଚଟା ଚଡ଼କ ଫାଟିଯାଏ, ସେମିତ ତାର ସାରା ଦେହ ଫାଟିଫାଟି ଯାଉଥିଲା ଓ ସେଇ ଫଟା ଜେଗାରୁ ଅସଂଖ୍ୟ ଟିକିଟିକି ଅଙ୍ଗାର ଗାରଭଳି ଜିଅନ୍ତା ଗାରରେ ଉଆର କଚ୍ଛ ଝିଙ୍କପୋକ କମ୍ବା ସେଇଭଳି କଛୁ ମାଟିରୁ ବାହାରୁଥିବା ଉଡ଼ନ୍ତା ପୋକ ଫୁର୍‌ଫାର୍ ହୋଇ ଉଡ଼ି ବାହାରିଗଲା ଓ ଦେଖୁ ଦେଖୁ ସେମାନେ ତାର ଆଖିବାଟ ଦେଇ ପୁଣି ମୁଣ୍ଡ ଭିତରେ ପଶି କୁଆଡ଼େ ଉଭେଇଗଲେ ସେଇଠି ।

କାନ ପାଖରେ ବୁଢ଼ୀର ଫାସୁଫାସୁ କଥା ଶୁଭୁଥାଏ ସେମିତ । ସତେ କ ତାର ଗୁଡର ବନ୍ଧ ଭାଙ୍ଗିଯାଇଥାଏ, ଆଉ ସେ ବନ୍ଧକୁ ବନ୍ଧେଇବା ପେଇଁ ଏଡ଼େ ଟିକେ ପିଲ ବା କ ଗୁର ! କନ୍ତୁ ତଥାପି ପାଣିର ଅଶେଷ ଧକ୍‌କା ଖାଇ, ଜ୍ଞାନଲାଭ କରିବା ପେଇଁ, କାହାର ଆଦେଶରେ ଜର୍ଜ ସେପର ପଡ଼ିରହିଥାଏ ସେଠି ।

ବୁଢ଼ୀ ଗୋଟାଏ ହୋହ୍‌ରେ ବକି ଗୁଲଥାଏ—“ଆସିଲ ଦନଠୁ ମୁଁ ତୋତେ ନଜର କରୁଚ—ସଦାସର୍ବଦା ସେଇ ନିଆଁ ମୁଁ ଦେଖିଚରେ ବାପ ତୋର ଠେଇଁ ! ତୁ କହ ନ କହ ମୁଁ ସଭିଙ୍କ ମନ ବୁଝିପାରେ । କାହା ପେଟରେ କେତେ ନିଆଁ ଏକଥା ମେଟେ ଜଳଜଳ ହୋଇ ଦେଖାଯାଉଥାଏ—ତମମାନଙ୍କ ପେଟ ଭିତରୁ । ହେଲେ, ତୋ ପେଟର ନିଆଁ ତ ଦେଖିଥେଲ, ଆଉ ତା ସାଙ୍ଗେ ସାଙ୍ଗେ ଦେଖିଥେଲ ଆଉ ଗୋଟାଏ ନିଆଁ ତୋର ସେଇ କାନ୍ଦୁରା ଆଖି ଦୁଇଟାରୁ । ତତେ ଦେଖିଲବେଳଠଉଁ ମୁଁ ଜାଣିଥେଲ— ଧରମ ଦେବତା ଶେଷକୁ ତତେ ପଠେଇଲ—ମୋ ଦୁଃଖ ବୁଝି ଶୁଣିବୁ— ତୋର ସବୁ ଓଜର ଆପତ୍ତିକୁ ପିଲ୍‌ଖେଳ ଭାବିକର ସହିନେଇଥିଲ । ଜାଣିଥେଲ ସଂସାରର ସବୁ ଝୁଆ ସମାନ—ସବୁ ସେମିତ ଅଝଟ ! ସାକ୍ଷାତ ଭଗବାନ ପର ମଣିଷଜନ୍ମ ହୋଇକର ମା’ ଯଶୋଦା ଗୁଡଚୁ ଦୁଧ ପିଇକର ଏତେ କାଣ୍ଡ ଭିଆଇଦେଇ ଗଲେ ଘର । ସଭିଙ୍କ ଆଖି ମାଆର ଗୁଡ ଉପରେ—ହେଲେ ବଡ଼ ହୋଇଗଲେ ଆପଣାଛୁଏଁ ସେ ଆଖି ମୁଦ ହୋଇ-ଯାଏ, ଆଉ ଗୋଟାଏ ଅଖି ତାଆର ଜେଗାରେ ଖୋଲ ହୋଇଯାଏ ! ମାଆ ମାଆ, ଆଉ

Digitized by srujanika@gmail.com

ପୁଅ ପୁଅ ହେଇକରି ରହିଛନ୍ତି । ହେଲେ ହୀରା, ଶନିଆଁ, ଗଞ୍ଜୁଆ, କାମାଖ୍ୟା—କେହି ଗୋଟାଏ ହେଲେ ମଣିଷ ହେଲେ ନାହିଁ—ସେଇମିତି ଛୁଆଙ୍କଭଳି ହାଁହାଁ ହେଇ ହେଇ ରହିଗଲେ ସେଗୁଡ଼ାକ—ଯମିତି ସେମିତି ଗୋରୁ, ମଇଁଷି, ଘୁଷୁରି ହେଇ ରହିଗଲେ—ଆଉ ଉଧେଇଲେ ନାହିଁ । ବାକି ତତେ ମୁଁ ଆଶା କରିଥିଲି—ଭାବିଥିଲି ଏଇ ମଣିଷ ହବ ! ଯାର ଭିତରେ ଦେବତା ବିଜେ କରିବେ ! ଯାର ଆଖିରେ ପଦ୍ମଫୁଲ ଫୁଟିବ ଆଉ ମୁଁ ସରଗକୁ ଯିବ । ମାଷକ ସେ ହେଲାନାହିଁ । ଏତେ ଦିନ ହେଲା ଏଇ କଥା ଚଳୁ ଥିଲା—ଆଆଜି ତୋ ବିକଳ କାନ୍ଦଣା ତୋ ବିଳିବିଳି ସବୁ ଶୁଣିଲି । ମୁଁ ଜାଣିଲି—ତୁ ପାଗଳ ହେଇଯିବୁ । ନାହିଁରେ ଧନ—ତମେ ସବୁ ମିଳିମିଶିକରି ମେତେ ଖାଇଦିଅ ପଛକେ, ତମେ କେହି ମୋ ଆଖିରୁ ଅନ୍ତର ହୁଅନା—କେହି ଘଡରେ ବିଳିବିଳେଇ ଉଠନା—ଯମିତି ଶୋଇପଡ଼ ଶାନ୍ତିରେ—ତୁମ ଆତମା ଶାନ୍ତି ହଉ—ଏ ଘୃଣା ସହିପାରିବ ନାହିଁ—ତୁମକୁ ନାରଖାର କରିଦବ ନାହିଁ ଏ ହାତ…"

ଜର୍ଜର ମୁଣ୍ଡ ଭିତରର ସ୍ନାୟୁମଣ୍ଡଳର ଚାରିପାଖେ, ଘଡର କୁହୁଡ଼ି ସକାଳକୁ ଧୂସର ବୁଢ଼ିଆଣୀ ଜାଲ ଉପରେ ବସାବାନ୍ଧିଲା ଭଳି ବସା ବାନ୍ଧିଥିଲା ପରସ୍ତ ପରସ୍ତ ଅନୁଭୂତି ଓ ବିହ୍ୱଳତା । ସକାଳ ଏ ପର୍ଯ୍ୟନ୍ତ ହୋଇ ନ ଥିଲା କିମ୍ବା ହେଇଯାଇଥିଲା ସେ ଜାଣେନା; କିନ୍ତୁ ବିହ୍ୱଳତା ଧୀରେ ଧୀରେ ମିଳାଇବାକୁ ଆରମ୍ଭକଲା ଏଥର ।

ଅନ୍ଧାର ଭିତରେ ଟିକିଏ ଆଲୁଅ ଦେଖିପାରିଲା ଜର୍ଜ । ହଠାତ୍ ସେଇ ଆଲୁଅ ଟିକକ ହାଲୋଲମୟ ହେଇ ଜଳିଉଠିଲା ଶୂନ୍ୟରେ । ସେଇ ଆଲୁଅର ମଶାଲ ପଛରୁ ଧାଡ଼ି ଧାଡ଼ି ହେଇ ବାହାରି ଆସିଲେ—ସେଇ ଟିକି ଟିକି ଝିଣ୍ଡିପୋକଗୁଡ଼ାକ—ଯୋଉମାନେ ଟିକକ ଆଗରୁ ତା ଦିହରୁ ବାହାରି ଆସିବାଟେ ପଶିଯାଇଥିଲେ ମୁଣ୍ଡ ଭିତରକୁ । ବାହାରି ଆସିଲେ ସେମାନେ, ପଦାକୁ ଉଡ଼ି ଚାଲିଲେ ଗୋଟିଏ ଗୋଟିଏ ହେଇ ସେମାନେ—ସରଲଗା ଅସଂଖ୍ୟ କଳା ଆଉ ଧଳାରେ ଅଙ୍କା ହେଇଥିବା ଚିହ୍ନ ଭଳି । ଚିହ୍ନ ! ହଁ, ହଁ, ଚରଣ ଗୁଓର ଅଙ୍ଗାର ଚିହ୍ନଭଳି ଚିହ୍ନ ସେଗୁଡ଼ାକ ।

କାହାର ନାକ କଟିଯାଇଛି । କାହାର କାନ ଜେଗାରେ ଲାଗିଛି ଗୋଟାଏ ମସ୍ତବଡ଼ ଡାକବାଜି ଯନ୍ତ୍ର । କାହାର ଆଖିରୁ ଦୁଇଟା ସାପ ଲହଲହ ଜିଭକାଢ଼ି, ଫଣା ଟେକି ଶୂନ୍ୟକୁ ଅନାଇ ରହିଛନ୍ତି । କାହାର ଜିଭ ମାଟିରେ ମାଇଲ ମାଇଲ ଲମ୍ବି ଲେଟିଯାଇ ସାରା ପୃଥିବୀଟାକୁ ଘୋଟିଯାଉଛି । କାହାର ପାହାଡ଼ ଭଳି ଥନର ଅଗରୁ ନିଆଁ ଆଉ ଧୂଆଁ ପ୍ରବଳ ବେଗରେ ଶୂନ୍ୟକୁ ଉଠି ସାରା ଆକାଶକୁ ଧୂଇ କରିଦେଇଛି । କାହାର ଥନରୁ ନଈ ସବୁ ବାହାରି ଏ ସଂସାରକୁ ଜଳାର୍ଣ୍ଣବ କରିଦେବାପାଇଁ ମତ୍ତହେଇ ଉଠିଛନ୍ତି ତ ଆଉ କାହାର ଥନରେ ଖଣ୍ଡାଘାଟ ଲାଗି ରକ୍ତର ସମୁଦ୍ର ସୃଷ୍ଟି ହେଉଛି । ସମସ୍ତେ କିନ୍ତୁ ଉଡ଼ିବୁଲୁଛନ୍ତି—ଧୁର୍‌ରଫାର୍‌—ଅସଂଖ୍ୟ ଭାବେ—ଅସଂଖ୍ୟ ଦିଗରେ—ଅମରମତି ହେଇ ।

ହଠାତ୍ ସେଇ ଧାରା ବନ୍ଦହେଇଗଲା । ମଶାଲଟା ଟିକିଏ ଦୋହଲିଗଲା । ମଶାଲର

Digitized by srujanika@gmail.com

ନିଆଁଝୁଲ ସବୁ ଖେଳେଇହୋଇ ପଡ଼ିଲା । ହଠାତ୍ ଆହୁରି ତୋଫା ହୋଇ ଜଳିଉଠିଲା ମଶାଲ । ଆଉ ସେଇ ତୋଫା ଆଲୁଅରେ ଜର୍ଜ ଯାହା ଦେଖିଲା, ସେଥିରେ ତାର ଫଙ୍ଗା ଲେପହୋଇ । ତାର ଦେହସାରା, ପ୍ରତି ଲୋମକୂପରୁ, ବିଦ୍ୟୁତ୍‌ପ୍ରବାହ ଖେଳିଯିବାକୁ ଲାଗିଲା । ତାର ହୃତ୍‌ପିଣ୍ଡ କଣ୍ଠାଗତ ହେବାକୁ ଲାଗିଲା । ଏକ କିମ୍ଭୂତ ଅନୁଭୂତି ତାକୁ ଗ୍ରାସ କରି ପକାଇଲା । ସେଇ ଅଦ୍ଭୁତ ମୁହୂର୍ତ୍ତିରେ ମଶାଲର ଶେଷ ଆଲୁଅରେ, ସେଇ ଆଲୋକ-ପ୍ରତିମା ନିଖୁଣ ନାରୀମୂର୍ତ୍ତିଟିକୁ ଦେଖିପକାଇବା ମାତ୍ରେ ଜର୍ଜ ତାକୁ ଚିହ୍ନିପାରିଲା । ସେ ଆଉ କୌଣସି ଚିଜ ନୁହେଁ—ବୁଢ଼ା ଚରଣ ସାଓର ଶେଷ ଚିଜ ! ନାରୀ ! ନିଖୁଣ ଅଙ୍ଗାରର ଗାର ଭିତରେ ଦାଉଦାଉ ହୋଇ ଜଳୁଥିବା ମୂର୍ତ୍ତିଟାଏ ! ଗୋଟିଏ ଗୋଟିଏ ଅମୃତ ହସ ତାର ଓଠରେ ଟାଣିଦେଇଥିଲା ତାର ଶିଳ୍ପୀ—ବୁଢ଼ା, ପାଗଲା ଚରଣ ସାଓ ।

ସେଇ ମୂର୍ତ୍ତି ଆସୁଥିଲା ହାତରେ ମଶାଲଟିଏ ଧରି—ସେ ଆସୁଥିଲା—ସେ ଆସୁଥିଲା···

ଜର୍ଜର ହୋସ୍ ବୁଡ଼ି ବୁଡ଼ି ଯାଉଥିଲା । ତାର ଥରିଲା ଥରିଲା ଓଠ ଦୁଇଟି କଅଣ ଉଚ୍ଚାରଣ କରୁଥିଲେ—ଯୋଉଟାକୁ ହୁଏତ ଏତେ ଦିନ ଧରି ଗୁପି ଗୁପି ରଖିଥିଲା ସେ ତା ନିଜ ଭିତରେ । କି ଏକ ଅଭିମାନକୁ ଭିତରେ ଗୁମ୍‌କରି ରଖିଦେବାପାଇଁ ଓ ତାକୁ ଚୋକି ନେଇ ହଜମ କରିଦେବା ପାଇଁ ଚେଷ୍ଟା କରୁଥିଲା ତାର ସେଇ ଶୁଖିଲା ଓଠର ପାଖୁଡ଼ା ଦୁଇଟି, କିନ୍ତୁ ପାରୁନଥିଲେ—ସେମାନେ ଲାଗିଆସୁଥିଲେ ପରସ୍ପର ଆଡ଼କୁ; ଆଉ ପୁଣି କେଉଁ ଶକ୍ତି ତାଙ୍କୁ ପରସ୍ପରଠୁଁ ଅଲଗା କରିଦେଉଥିଲା ।

"ମା !"

ଚମକି ପଡ଼ିଲା ବୁଢ଼ୀ ଟୋକାଟାର ସେ ଅଦ୍ଭୁତ ଡାକରେ । ଯୁଗ ଯୁଗ ଧରି ଯେଉଁ ଶବ୍ଦକୁ କାନ ଡେରି ବସିଥିଲା ସେ, ତାକୁ ଶୁଣିପକାଇବା ମାତ୍ରେ ବୁଢ଼ୀର ମୂର୍ଚ୍ଛନା ଫାଟିଯାନ୍ତା ନାହିଁ ତ ଆଉ କ'ଣ ହନ୍ତା ?

"ମୋ ଧନରେ ! ମୁଁ ମରିଯାଉଥାଏଁ ଲୋ ! ମୋ ଛାତି ଫାଟିଯାଉ ଲୋ ! ମୁଁ ନିଆଁକୁ ଚୁଲିକୁ ଯାଏଁ ଲୋ !"

ବୁଢ଼ୀ ଭେଁ ଭେଁ କାନ୍ଦ ପକାଇଲା ।

ଟୋକାଟାର ମୁଣ୍ଡକୁ ନିଜ କୋଳ ଉପରକୁ ଟେକିନେଇ ବୁଢ଼ୀ ତାକୁ ବାରମ୍ବାର ଚୁମା ଦେବାକୁ ଲାଗିଲା—ସେଇ ଭୂଆଁବୁଲା, ବାଇଆ ଟୋକାଟାର କପାଳକୁ ଆଉଁଷି ପକାଇଲା ।

ଆଜି ତା ଆଖିରେ ଏ ଭେଣ୍ଡା ମଣିଷଟା ମଣିଷ ନୁହେଁ—ଗୋଟାଏ ନିର୍ବୋଧ ମେଣ୍ଢାଛୁଆ । ବୁଢ଼ୀ ସେଇ ମେଣ୍ଢାଛୁଆଟିକୁ କୁଣ୍ଢେଇ ଧରି କାନ୍ଦୁନି ବାନ୍ଧୁନି ରାତିଟାକୁ ଫଟେଇ ସକାଳ କରିଦେଲା ।

ସକାଳକୁ ଜର୍ଜ ଦିହରେ ତାତିରେ ଖଇ ଫୁଟୁଥିଲା । ସେ ଆକଟା ହୋଇ କେତେବେଳୁ ପଡ଼ିଥିଲା । ଜରରେ ବାଉଳାବାଉଳି ହୋଇ କଅଣ ଗୁଡ଼ାଏ ଗପୁଥିଲା ସେ । ତା ମୁଣ୍ଡପାଖେ ବସି ବୁଢ଼ୀ ପାଣିପଟି ଚଢ଼ାଉଥିଲା ।

ତିନିଦିନ ପରେ ତା ଦିହରେ ବାହାରିଗଲା ଫୋଟକାସବୁ । ଖାଲି ସାମିଲ ଯାଡିକନ୍ଧା—

Digitized by srujanika@gmail.com

"ଏଠୁ ଉଠାଅ ଏ ଶାଳକୁ ! ଏ ଶାଳ ପାପୀ ! ଶଳା ଧରମକୁ ଆଖିମିଟିକା ମାରୁଥିଲା—ଏତେଦିନେ ପାଇଲା ଫଳ ! ତନେ କଅଣ ବା । —ଘଣ୍ଟାକରେ କେମିତି ତା ଫଳ ପାଇଗଲା ଦେଖ ! ରାତି ସାରା ଅନ୍ୟାୟ କଲା—ଶାଳା ମତେ ମଦ ପିଆଇ ଦେଇ ଅଚେତ କରିଦେଇ ନଗେଇଥିଲା ନାଚ—ପାଇଲୁ ! ପାଇଲୁ ଶଳା ! ଠାକୁରାଣୀ ନାହିଁ ବୋଲି କିଏ କହିଲା ? ମାର ଖାଇବ ତତେ ସେ—ସବ୍ରାଣ୍ଟ କର ! କେତେଦିନ ଆଉ ସେ ବରଦାସ୍ତ କରନ୍ତା ? ତାର କ'ଣ ଆଖି ନାହିଁ ? ସେ କ'ଣ ଦେଖୁନାହିଁ କି ପାପ କରି ଚାଲିଛି ଏ ଦୁଷ୍ଟନ୍ ଶାଳ ? ହଇରେ, ସେ ମା'ଟି ? ଶାଳର ପାପ ଆଖି ମା' ଭଉଣୀ, ମାଇପ ସମିତିଙ୍କୁ ଏକାକାର କଲା—ପୂଟାଅ ଶାଳର ଆଖିକୁ ! ଫୁଟାଅ ତାର ସେ କାନ ଦିଇଟାକୁ ! ଶାଳା କୋଢ଼ୀ ! ଶାଳ, ଧରମଛଡ଼ା ଜାନୁଆର··· !"

ଜର୍ଜର ହୋସ୍ ଥିଲା । ସେ ସବୁ ଶୁଣୁଥିଲା । କିନ୍ତୁ ପାଟି ତାର ଫିଟୁ ନଥିଲା । ମନ ଭିତରେ ବି କେମିତି ଗୋଟାଏ କାଇଁକି ହେଲାଭଳି ସେ ଅନୁଭବ କରୁଥିଲା ।

× × × ×

ମୁଣ୍ଡ ପାଖରେ ବସି ବୁଢ଼ୀ ଜର୍ଜର କପାଳ ଉପରେ ନଡ଼ିଆ ତେଲ ଆଉ କର୍ପୂର ଲେପୁଥିଲା । ଘରଯାକ ଝୁଣାଧୂଆଁରେ ଭରପୁର । ଦୋକାନ ହପ୍ତାଏ ହେଲା ବନ୍ଦ । ଗରାଖ ବି ଆପଣାଛାଏଁ ବନ୍ଦ । କାମାସ୍ବାର ଦେଖାନାହିଁ । କବିରାଜ ବୁଢ଼ା ବି ହପ୍ତାଏ ହେଲା ଦୋକାନ ଫିଟେଇ ନାହିଁ । କେହି କୁଆଡ଼େ ନାହିଁ । ଔଷଧ କି ପଥ୍ୟ ପେଇଁ କରାଟରେ ପଇସା ଗୋଟିଏ ବି ନାଇଁ । ବୀର ସାମଲ ପାଖ ମାଡ଼ୁନାହିଁ । ଠାକୁରାଣୀ-ଡରରେ କୁଆଡ଼େ ଯାଇ ଲୁଚିଛି । କିନ୍ତୁ ବୁଢ଼ୀ ବସିଛି ।

ଝୁଣା ଆଉ କର୍ପୂରର ବାସ୍ନା ଜର୍ଜର ଛିଣ୍ଡି ପଡୁଥିବା ସ୍ନାୟୁଗୁଡ଼ାକରେ କରିଯାଉଥାଏ । ତାର ସାରା ଦେହ କେମିତି ଗୋଟାଏ ଭାରଶୂନ୍ୟ ହୋଇ ଉପରକୁ ଉଠୁଥାଏ; କିନ୍ତୁ ତାର ଆଖି ଦିଇଟା ବୁଢ଼ୀର ମୁହଁ ଉପରେ ବାନ୍ଧିହୋଇଯାଇଥାଏ । ତାର ଦିହଟା ଯେତେ ଯେତେ ଶୂନ୍ୟକୁ ଉଠି ଗ୍ରହିପିଠି ହୋଇ ପଳେଇ ଯିବାପାଇଁ ଚେଷ୍ଟା କରୁଥାଏ, ସେତେ ସେତେ ସେ ବନ୍ଧନ ତାକୁ ତଳକୁ ଓଟାରୁଥାଏ । ସେ ମୁକୁଳି ପାରୁ ନଥାଏ ।

କେତେ ଦିନ ଧରେ ତାର ହୋସ୍ ହେଲା ସେ ଜାଣେନା; କିନ୍ତୁ ଆଖି ଫିଟେଇବା ମାତ୍ରେ ସେ ଦେଖିଲା ସେଇ ମୁହଁକୁ; ପୁଣି ଥରେ ଜୁକୁଜୁକୁ ହୋଇ ଦୀପଟିଏ ଜଳୁଥିଲା ତାର ମୁଣ୍ଡ ପାଖରେ । କେମିତି ଝୁଣା ଆଉ କପୂର ବାସନାରେ ସାରା କ୍ୟାବିନ ଘରଟା ମହକି ଉଠୁଥାଏ । କେତେଦିନ ଧରି ସେ ମୁହଁ ତାକୁ ଜଗିବସିଥିଲା—ଜର୍ଜ ନକେ ଜାଣେନା ।

ଟୋକାଟାକୁ ଆଖି ଫିଟାଇବାର ଦେଖି ବୁଢ଼ୀ ତା ନିଜ ଆଖି ପୋଛିଲା । ଜର୍ଜ ଦେଖିଲା—ବୁଢ଼ୀର ଶୁଖିଲା ଆଉ ନିର୍ଜୀବ ଓଠ ଦିଇଟା ଭିତରୁ କେମିତି ଗୋଟାଏ ଭୟ ଆଉ କୋହମିଶା ଆନନ୍ଦ ଉକୁଟି ଉଠିବାକୁ ଚେଷ୍ଟା କରୁଥିଲା । ମାତ୍ର କୋଉ ଅଦୃଶ୍ୟ ଶକ୍ତିକୁ ଡରି, ସତେ କି ସେ ଉଚ୍ଛୁଳା ଆନନ୍ଦକୁ ବାହାରକୁ ଦେଖେଇବାପାଇଁ ବୁଢ଼ୀ ଚାହୁଁ ନଥିଲା । ଜର୍ଜ ଆଖି ବୁଜିଲା ।

Digitized by srujanika@gmail.com

ଜର୍ଜର କପାଳରୁ ଘାଆ ଶୁଖିଲା । ଖୋଲପା ଛାଡ଼ିଲା । ଗୋଟିଏ ଗ୍ଲେଟ ଆରଶି ଆଗରେ ବସି ସେ ତାର ନିଜର ବଦଳିଯାଇଥିବା ସେଇ ମୁହଁଟାକୁ ଦେଖି ଆଶ୍ଚର୍ଯ୍ୟ ହେଲା । ସେ ମୁହଁଟା ତାକୁ କେମିତି କେମିତି ଦେଖାଗଲା ଓ ସେ ପୁଣି ବଳିବଳେଇ ଉଠିଲା—

"ଏଁ ? ଏ କ'ଣ ? ମୋ ମୁହଁ ଗଲା କୁଆଡ଼େ ? ମୋର ସେ ସୁନ୍ଦର ମୁହଁ ଗଲା କୁଆଡ଼େ ?"

ଜର୍ଜ ଘାତ ଖାଇଲା । ପ୍ରଥମ ଦିନ ଶକପା ନେଇ ସେ ପୁଣି ସକାଳୁ ବାହାରିଲା । ବୁଢ଼ୀ ପୁଣି ତା କାନରେ ବାନ୍ଧିଦେଲା ଛିରୁଆ ମୁଠିଏ, ଆଉ ଗଲାବେଳେ ତାର ସେଇ ଗାତ-ଗାତୁଆ ମୁହଁଟିକୁ ଟିକିଏ ଆଦରରେ ଆଉଁସି ଆଣି ବୁଢ଼ୀ ତା ଆଖିକୁ ଅନେଇଲା । ବୁଢ଼ୀର ଘିରପକା ଆଖିର ଦ' କଣରେ ଲୁହ ଜକେଇ ଆସିଲା ।

ଜର୍ଜ ତଳକୁ ମୁହଁ ପୋତି କହିଲା—"ମୁଁ ଜଲଦି ଲେଉଟି ଆସିବି ସେ, ତୁ ବେସ୍ତ ହୁଅନା ।"

ଜର୍ଜ ଦୋକାନରୁ ବାହାରିଆସି ସିଧାସଳଖ ଭେଲକଳ ପର୍ଯ୍ୟନ୍ତ ଚାଲିଆସିଲା । ମେନ୍ ରାସ୍ତାରେ ମୋଡ଼ ବୁଲିବାବେଳକୁ ସେ ଅନେଇଦେଲା ପଛକୁ । ଦୋକାନ ଦୁଆରବନ୍ଧରେ ସେ ଦେଖିଲା—ତା ଯିବା ବାଟକୁ ଅନେଇ ଯେମିତି ଠିଆହୋଇ ରହିଚ ବୁଢ଼ୀ । ଜର୍ଜର ଗୋଡ଼ ଛନ୍ଦିହୋଇଗଲା । କିନ୍ତୁ ସେ ପୁଣି ନିଜକୁ ସଜାଡ଼ ନେଇ ଆଗ ରାସ୍ତା ଧରିଲା ।

ସେଦିନ ସନ୍ଧ୍ୟାବେଳକୁ ଘରକୁ ଫେରି ଜର୍ଜ ଦେଖିଲା—ବୁଢ଼ୀ ଜରରେ କମ୍ପୁଚ । ସାର ସାମଲ ଆର ଘରେ ବସି କାହା ସାଙ୍ଗେ ଟୁପୁରୁ-ଟାପୁରୁ ହଉଚ । ଜର୍ଜକୁ ଦୋକାନରେ ପାଦଦବାର ଶୁଣି ସାରର ଟୁପୁରୁ-ଟାପୁରୁ ବନ୍ଦ ହୋଇଗଲା ।

କଥା କ'ଣ ନ ବୁଝିପାରି ଜର୍ଜ ଟିକିଏ ଆହାବ ଗଲା । ପ୍ରଥମେ ସେ ବୁଢ଼ୀ ପାଖକୁ ଯାଇ ତା କପାଳରେ ହାତ ଦେଇ ଜର ଦେଖିଲା । ବୁଢ଼ୀ କପାଳରେ ହାତ ଦବା ମାତ୍ରେଇ ତା ଦେହରେ ଗୁଡ଼ିକନା ଲଗିଲା ସେ ତାତ !

"ଇଲେ ମାଆ ଲେ !" ଜର୍ଜ ଚମକିଉଠିଲା ।

ବୁଢ଼ୀ ଆଖି ଖୋଲି ଚାହିଁଲା । ଏତେ ଜର ସତ୍ତ୍ୱେ ତାର ହୋସ୍ ଥିଲା । ତାର ଶୁଖିଲା ଓଠ ଦଇଟା ଫିଟିଯିବା ପେଇଁ ଚେଷ୍ଟା କରୁଥିଲା । ହେଲେ ଅଠା ଦିଆହେବା ଭଳି ସେ ଦଇଟା ଯୋଡ଼ି ହୋଇ ଯାଇଥାଏ । ଯେତେ ଚେଷ୍ଟା କଲେ ବି ବୁଢ଼ୀ ତାର ଓଠ ଦଇଟାକୁ ଫିଟେଇ ପାରିଲାନାହିଁ । ଓଠ ସଙ୍ଗେ ଲଗିଥିବା ସେଇ ଭଡ଼ାଓଟିରେ ବୁଢ଼ୀ ଅଣନିଃଶ୍ୱାସୀ ହୋଇ ଉଠୁଥାଏ । ତଥାପି ଓଠ ଦଇଟା ଆଉ ଖୋଲିଲା ନାହିଁ । ହଠାତ୍ ଗୋଟିଏ ଅଚହ୍ନା ଭୟରେ ବୁଢ଼ୀର ମସ୍ତ କମ୍ପିଉଠିଲା । ପ୍ରାଣମୂର୍ଚ୍ଛା ଶୋଷରେ ସେ ଆକଟା ହୋଇଗଲା । ତା ଦେହର ତାତ ଧୀରେ ଧୀରେ ବଢ଼ୁଥାଏ । ଜଳଜଳ ହୋଇ ଯୋଡ଼ି ଆଖି ଦଇଟା ଏତେ-ବେଳଯାକେ ଜର୍ଜକୁ ଅନେଇ ରହିଥିଲେ, ସେ ଆଖି ଦଇଟା ତାର ଧୀରେ ଧୀରେ ଟୁମୁକ ଉଠୁଥାଏ—ନାଲି କଟକଟ ହୋଇ ସେ ଦିହଟା ଫାଟିପଡ଼ିଲା ଭଳିଆ ଦେଖାଯାଉଥାଏ ।

Digitized by srujanika@gmail.com

ସେ ଆଖି ଦେଖି ଜର୍ଜର ମସ୍ତ ଥରିଗଲା । ଉଠିଯାଇ ପାଣି ଗିନାଏ ଆଣି ବୁଢ଼ୀ ମୁଣ୍ଡରେ ଓଦା ଆଙ୍ଗୁଠି ସେ ଚଳେଇଦେଲା ।

ପାଣିର କଳକଳ ଶବ୍ଦ ବୁଢ଼ୀର କାନରେ ବାଜିଲା । ତାର ଭ୍ରତ ପେଟ ସେତେବେଳକୁ ଶୋଷରେ ଫାଟିପଡ଼ୁଥାଏ । କିନ୍ତୁ ଓଠ ଦିଇଟା ତାର ଆଦୌ ଫିଟୁ ନଥାଏ କି ପାଟିରୁ ବଚନ ବାହାରୁ ନଥାଏ ।

ପାଣିର ସେଇ କଳକଳ ଶବ୍ଦକୁ କାନେଇ କାନେଇ ବୁଢ଼ୀର ପିଣ୍ଡରୁ ପ୍ରାଣ ଛାଡ଼ିଗଲା ।

ଜର୍ଜର ଆଖିରୁ ଦି' ଧାର ଲୁହ ଗଡ଼ିପଡ଼ିଲା ।

ବୁଢ଼ୀର ଶୁଖିଲା ମୁହଁକୁ ଜର୍ଜ ଶେଷଥର ପାଇଁ ଚାହିଁଲା । ସତେ କି ସେ ଶୋଇପଡ଼ିଥିଲା —ଗାଢ଼ ନିଦ ତାକୁ ଲାଗିଯାଇଚି କେତେବେଳେ । କିନ୍ତୁ ସେ ଭୁଲିଯାଇଥିଲା ଯେମିତି— ଶୋଇବା ପୂର୍ବରୁ ସେ ଭୁଲିଯାଇଚି ଯେମିତି—ତାର ଆଖି ଦୁଇଟାକୁ ବନ୍ଦ କରିବାକୁ । ସେ ଆଖି ଚାହିଁଥିଲା । ସବୁଦିନ ଭଳି ସେ ଆଖି ଚାହିଁଥିଲା; କିନ୍ତୁ କୁଆଡ଼କୁ ସେ ଚାହିଁଥିଲା ଆଜି କେଜାଣି ? ସେ ଆଖି ଜର୍ଜର ମୁହଁକୁ ଚାହିଁଚି କିମ୍ବା ଜର୍ଜର ମୁହଁ ଭିତର ଦେଇ ସେ ଆଖି ଚାହିଁଛି ତାର ପଛପଟେ ଆଉ କାହାକୁ ?

କିଏ ? ଜର୍ଜ ବୁଲି ଚାହିଁଲା ।

ନାହିଁ, କେହି ତ ନାହିଁ !

ତଥାପି ତାର ସନ୍ଦେହ ହେଲା । ଆଉ ଥରେ ବୁଲି ପଛପଟକୁ ତାର ଭଲ କରି ତଦାରଖ କଲା ସେ । ପଛପଟେ ଠିଆହୋଇଥିଲା କ୍ୟାବିନ୍ ଘରର ବଗିଛାଲ କଲେଇ କାନ୍ଥଟା । କଳା ମର୍ମର୍ । ତା ଉପରେ ବର୍ଷବର୍ଷର କୋଇଲା ଧୂଆଁ ଆଉ ଅଳନ୍ଧୁ । ସେଇ କାନ୍ଥର ଚତୁର୍ଦ୍ଦିଗକୁ ଖୋଜିଗଲା ଜର୍ଜ । ଚତୁର୍ଦ୍ଦିଗ କଳାମୟ । ଡିବିର ମିଞ୍ଜି ମିଞ୍ଜି ଆଲୁଅରେ ଆହୁରି ଧର୍ମଛଡ଼ା ଦେଖାଯାଉଥିଲା ସେ କାନ୍ଥ । ତେବେ ସେଇ କାନ୍ଥର ଗୋଟାଏ କଣକୁ ଝୁଲୁଥିଲା ଗୋଟାଏ ଚିତ୍ର । ସେଇ ଚିତ୍ରଟା ଉପରେ ବି ଜମିଯାଇଥିଲା ଅନେକ ବର୍ଷର କୋଇଲା ଧୂଆଁ । ଧୀରେ ଧୀରେ ହୁଏତ ସେ ଚିତ୍ରଟା କାନ୍ଥ ସଙ୍ଗେ ମିଳେଇଯାଉଥିଲା ।

କିନ୍ତୁ କି ଚିତ୍ର ସେଇଟା ? ଡିବିଟାକୁ ଟିକିଏ ଉଞ୍ଚକୁ ଧରି ଜର୍ଜ ଚାହିଁଲା—ସେଇ କଳା ମର୍ମର୍ ଅନ୍ଧାରକୁ । ହଠାତ୍ ସେଇ ଅନ୍ଧାର ଭିତରେ ସାମାନ୍ୟ ଡିବି ଆଲୁଅରେ ତାକୁ ଦେଖାଗଲା ସେଇ ମଳିନ ଚିତ୍ର ଭିତରୁ—ଗୋଲ ଗୋଲ ଯୋଡ଼ାଏ ଚକଡ଼ ଭଳି ଦିଇଟା ଜକଜକ କରୁଥିବା ଆଖି ! ଜଗନ୍ନାଥଙ୍କ ଆଖି ଭଳି ଆଖି ।

ଆଖି ?

ଚମକି ଉଠିଲା ଜର୍ଜ । ଯୁଗଯୁଗର ବଗିଛାଲ ଆଉ କୋଇଲା ଧୂଆଁ ମିଶା ଅଳନ୍ଧୁର ବହଳିଆ ଖୋଳପା ଭିତରୁ ଦିଶିଗଲା ଯୋଉ ଦିଇଟା ଆଖି—ସେଇ ଦିଇଟା ଆଖି ବା ଆପଣା ଛାଏଁ ଆପେ ଘୂରୁଥିବା ଆଲୁଅର ଚକାଦିଇଟା—ଆପଣା ଆଲୁଅର ଶକ୍ତ ଦଣ୍ଡା ଦିଇଟାକୁ ଏକାଠି ଠୁଳ କରି, ସତେ ବା ସେ ମାଇଲା ଏକ ଶକତ ଠୋକର ଜର୍ଜର ମଝି କପାଳକୁ ।

Digitized by srujanika@gmail.com

ସେ ଠିଆହୋଇପଡ଼ିଲା । କାନ୍ଥ ଆଡ଼କୁ ଆଗେଇଗଲା । ହାତରେ ଡବ ଆଉ ମନରେ ଆବିଷ୍କାରର ନିଶା । ସେ ଡରୁ ନ ଥିଲା କିମ୍ବା ଡରୁଥିଲା ସେ ନିଜେ ଜାଣେନା—କଅଣ ସବୁ ହୋଇଯାଉଥିଲା ତା ଭିତରେ ।

କାନ୍ଥପାଖକୁ ଆସି ସେ ଅଣ୍ଡାଳିଲା ସେଇ ବଳିଗ୍ରାଲବୋଲା କ୍ୟାବିନ୍ ଘରର କାନ୍ଥକୁ । ଚଯ ଦେହରେ ହାତ ବାଜିଲା କି ନାହିଁ ସେ ଜାଣେନା । କିନ୍ତୁ ତାର ଆଖି ବୁଜିହୋଇଗଲା । ଝରଝର ହୋଇ ଝରିପଡ଼ିଲା—କଅଣ ସେଗୁଡ଼ାକ କେଜାଣି—ହୁଏତ ଗୋଟାଏ କୋଉ ଯୁଗର ଶୁଖିଲା ଫୁଲମାଳରୁ ଝରୁଥିବା ଫୁଲର ଚୂନା—ତା ଟିପ ତଳୁ ଓ ପଡ଼ିଗଲା ସେଇ ଚୂନାଗୁଡ଼ାକ ତା ଆଖିରେ ।

ଜର୍ଜର ମୁହଁ ତଳକୁ ହୋଇଗଲା । ସେ ଆଉ ମୁହଁ ଉଠେଇ ସେଇ ଆଖିର ଆଲୁଅକୁ ଚାହିଁପାରିଲା ନାହିଁ । ତାର ଆଖି ଖୁବ୍ ଜୋର୍‌ରେ ଖୁଞ୍ଚି ଖୁଞ୍ଚି ହୋଇଗଲା ସେଇ ଚୂନା ଗୁଡ଼ାକ ପଡ଼ିଯିବାରୁ । ବହେ ପାଣି ଝରିପଡ଼ିଲା ତା ଆଖିରୁ ।

ବୁଢ଼ୀ ଚାଲିଗଲା ।

କିଏ ଯେମିତି ତା ଭିତରେ ସକେଇ ଉଠିଲା ।

ଚଯର ଗଳାରୁ ଶୁଖିଲା ଫୁଲମାଳଟାକୁ କାଢ଼ିଆଣିଲା ଜର୍ଜ । କଅଣ ଭାବି ସେ ସେଇ ମାଳଟାକୁ ତା ହାତମୁଠା ଭିତରେ ରଖି ମକଚିଦେଲା । ମସମସ ହୋଇ ଚୂନା ହୋଇଗଲା ଶୁଖିଲା ଫୁଲର ହାରଟା । ସେ ଫେରିଆସିଲା ମଡ଼ା ପାଖକୁ । ମଡ଼ାଟାକୁ ମନ୍ତ୍ର କଲାଭଳି ସେ ଛୁଞ୍ଚିଦେଲା ସେଇ ଫୁଲଚୂନାଟିକକୁ—ମଡ଼ାର ସ୍ତନପାଖେ ଓ ମଡ଼ାର ଶୁଖିଲା ଆଖିରେ । କିଛିଏ ସମୟ ଅପେକ୍ଷା କଲା ସେ । କିନ୍ତୁ ନା ! ମନ୍ତ୍ରଫନ୍ତ୍ର କିଛି କାମ୍ କଲା ନାହିଁ । ମଡ଼ା ଉଠି ବସିଲା ନାହିଁ କି ତାର ସେଇ ଜଳଜଳ ଚାହିଁଥିବା ଆଖି ଦଇଟା ବନ୍ଦ ହେଲାନାହିଁ ।

ବୁଢ଼ୀର ଦେହକୁ ଗୋଟାଏ ଲୁଗାରେ ଘୋଡ଼େଇ ପକେଇ ଜର୍ଜ ଉଠିଲା । କିନ୍ତୁ ଯା ପରେ କଅଣ—ସେ ବୁଝିପାରିଲା ନାହିଁ ।

ଷାରକୁ ଖବର ଦବାକୁ ସେ ଗଲା ଆର ଘରକୁ । ସେଇ ସୁଡ଼ଙ୍ଗଭଳି ଘରର ଦୁଆରମୁହଁ ପାଟରେ ଠିଆ ହୋଇ ସେ କବାଟ ଠକ୍ ଠକ୍ କଲା; କିନ୍ତୁ ସେଇ ଅମୁହାଁ ଘର ଭିତରୁ କିଛି ଉତ୍ତର ନପାଇ ସେ ଆଶ୍ଚର୍ଯ୍ୟ ହେଲା । ଏଇଠି ଥିଲା—ଗଲା କୁଆଡ଼େ ? ସେ କାବା ହେଲା ।

ତା ପରେ ସେ କବାଟ ଧଡ଼ଧଡ଼ କରି ଡାକିଲା—

"ଷାର ଭାଇ ! ହୋ ଷାର ଭାଇ !"

ଭିତରେ ତଥାପି ସବୁ ଚୁପ୍‌ଚାପ୍ ।

ଜର୍ଜ କବାଟରେ କାନ ଦେଲା । ତଥାପି ସବୁ ଚୁପ୍‌ଚାପ୍ । ସେ ପୁଣି କବାଟ ବାଡ଼େଇଲା ।

"ଷାର ଭାଇ ! ହୋ ଷାର ଭାଇ !"—କମ୍ପମିଶା ଗଳାରେ ସେ ଡାକିଲା ପୁଣି ଥରେ ।

କିନ୍ତୁ ସବୁ ନିସ୍ତବ୍ଧ । ଘୁରିଆଡ଼ ଅନ୍ଧାର । ଘର ମଝିରେ ମିଞ୍ଜି ମିଞ୍ଜି ହୋଇ ଡିବିଟାଏ

Digitized by srujanika@gmail.com

ଏକା ଏକା ଜଳୁଚ । ତା'ର ପାଖରେ ମଡ଼ା ଶୋଇଛି । ଲୁଗା ଘୋଡ଼ାଆହୋଇଚ ।

“ସାରଭାଇ ! ସାରଭାଇ ! କବାଟ ଫିଟାଅ !” ଜର୍ଜ ପୁଣି ଥରେ ଡାକଲା ।

ଏତକବେଳେ ଘର ଭିତରେ ଗୋଟାଏ ଅସମ୍ଭବ ଶବ୍ଦ ଶୁଣି ସେ କବାଟ ପାଖରେ କାନେଇଲା ।

ଏ କି ଶବ୍ଦ ! କେହି କାହାକୁ ଗୋଟାଏ ଚୁମା ଦଉଚ ! ନା—ଚୁମା ଦେଉନାହିଁ । ସତେ କି ଜୀବନମୂର୍ଚ୍ଛା ହୋଇ କେହି ଗୋଟାଏ କିଛି ପିଇଯାଉଚ !—କିନ୍ତୁ ଆଉ କିଛି ତ ନାହିଁ ! ଗିଲାସ ତଳରେ ଲାଗିଥିବା ସେଇ କୁହୁଡ଼ିଆ ପାଣି ବୁନ୍ଦା କେଇଟାକୁ ଅବା ଜୀବନମୂର୍ଚ୍ଛା ଶୋଷି ପକାଉଛି କେହିହେଲେ । ସେ ବୁନ୍ଦା ଆଉ ଜିଭପର୍ଯ୍ୟନ୍ତ ଆସିପାରୁ ନାହିଁ—ସେଇଠି ଗିଲାସ ତଳରେ ଲାଗିରହିଛି ସେ ବୁନ୍ଦାଟା । ଗିଲାସ ଥିବାଯାକେ ସେ ବୁନ୍ଦାଟା ସେ ସେଇଠି ଲାଗିଥିବ ! କେହି ତାକୁ ଶୋଷି ନେଇ ଗର୍ଭସ୍ଥ କରିପାରିବେ ନାହିଁ କି କାହାର ଶୋଷ ମାରିପାରିବ ନାହିଁ ସେ ବୁନ୍ଦାଟା ।

କିନ୍ତୁ କେହି ଜଣେ ତଥାପି ଜୀବନମୂର୍ଚ୍ଛା ହୋଇ ଚଁ ଚଁ କରି ଶୋଷିଯାଉଚ ସେଇ ଗିଲାସଟାକୁ ।

“ସାର ଭାଇ ! ସାର ଭାଇ ! କବାଟ ଫିଟାଅ !”—ଜର୍ଜ ପୁଣି ଡାକଟାଏ ମାରିଲା ।

ହଠାତ୍ ଧଡ଼୍‌କରି କବାଟ ଖୋଲିଗଲା । ଭୁସ୍‌କିନା ଚମକି ଆସି ହୁଣ୍ଡା ସାର ସାମଲ ଠିଆହୋଇ ପଡ଼ିଲା ଅତର୍କିତ ଭାବେ ଜର୍ଜର ସାମନାରେ ।

“କଅଣ କବେ ଶାଳା ? ସାର ଭାଇ ! ସାରଭାଇ ! କାହିଁକି ଚଲୋଉଚୁବେ ଶାଳା ରାତି-ଅଧରେ । ହାଁ ବେ ଶାଳା—ଶାଳା ତୁ ମୋ ଭାଇ କୋଉଦିନଠୁ ହେଲୁ ବେ ! ମୋ ମାଆ ତତେ ଜନମ କରିଥିଲା ? ଶାଳା, ନଲାନର୍ଦ୍ଦମାର ପୋକ—ଅଦଉତି କରୁଚ ମୋ ସାଙ୍ଗରେ ? ରାତିରେ ଟିକିଏ ଶୁଏଇ ଦଉନା ବି ଶାଳାଟା···”

ଜର୍ଜର ପାଟି ଆଫୁ ଆଫୁ ହୋଇଗଲା । ହୁଣ୍ଡା ସାର ସାମଲର ସାମନାସାମନି ସେ କେବେ ହୋଇନଥିଲା । ସେଇଟା ମଣିଷ ନୁହେଁ—ସାକ୍ଷାତ୍ ବାଘ୍‌ହାଟାଏ । ନଜର ମିଆଁ କହେ—ଶୁଅର୍ କା ବଚ୍ଚା !

ଜର୍ଜ କହିଲା—“ସାର ଭାଇ—ରାଗ ନାହିଁ—ଶୁଣ ! ଆମ ଉପରେ ବିପତ୍ତି ମାଡ଼ି ଆସିଲାଣି । ବୁଢ଼ୀ ଚାଲିଗଲା । ଏଇଲେ କଅଣ ହବ ? ତୁମେ ତ ଏ ଘରର ମୁରବି—ତୁମକୁ ପଚାରିବାକୁ ଆସିଥିଲି—ଏମିତି ରାଗ ହଉଚ କାହିଁକି ?”

“ସ୍ଟେପ୍ ବେ ! ଶଳା ମୁଁ ରାଗୁଚ ତୁଛେଇଁ କି ? ଶଳା ବୁଝିନଉଁ ମୁଁ କାହିଁକି ରାଗୁଚ ? କାହିଁ—ତୁଇ ପରା ଶଳା ସେ ବୁଢ଼ୀ ସଙ୍ଗେ ସୁରତ କରୁଥିଲୁ ବେ ଏତେ ଦିନ ଯାକେ ! ଓପେରେ ମା' ପୁଅ ହୋଇ ଭିତରେ ଭିତରେ···ଶଳା ମୋର ଯାଏ କେତେ ଆସେ କେତେ ବେ ! ତୁଇ ଶଳା ଯେ ବୁଢ଼ୀକୁ ମାରିଚୁ,'ତୁଇ ବୁଝୁନୁ ! ମେତେ କାହିଁ ଶୁଏଇ ଦଉନୁ ରାତିରେ ?”

ସେଇ ଅନ୍ଧାରିଆ ଘର ଭିତରେ, ଯାହାର ଦୁଆରବନ୍ଧକୁ ଆଡ଼ୁଆଳ କରି ହୁଣ୍ଡା ସାର

Digitized by srujanika@gmail.com

ସାମଲ ଠିଆହୋଇଥିଲା, ତା ଆର ଭିତରେ ନଜର ମିଆଁର ପୁରୁଣା ଖଟଟା ଟିକିଏ କଟକଟ ହେଲା । ଏ ଯେମିତ କଡ଼ ଲେଉଟାଇଲା ।

ଜର୍ଜ କିଛି ବୁଝି ନପାରି ଟିକିଏ ଅନ୍ଧାର ଭିତରକୁ ଗୁହିଁବ ବୋଲି ବେକଟାକୁ ଲମ୍ବାଉଥିଲା । ହଠାତ୍ ଗୋଟାଏ ଟାଣୁଆ ହାତ ତାର ଲମ୍ବା ବେକଟାକୁ ଧରିନେଲା । ବୀର ସାମଲର ଲୁହା ପଂଝାଟା ତା ବେକ ଉପରେ ଜାବ ମଡ଼ିଯିବା ପୂର୍ବରୁ ସେ ଶୁଣିଲା—ବୀର ସାମଲ ଦାନ୍ତ ଚେପିଦେଇ ଚେପିଦେଇ କହୁଥିଲା—"ଆବେ ହେ ଶାଲା, ହାରାମିକା ବଚ୍ଚା ' ସେମିତ ଉର୍ଦ୍ଦି ମାରୁଛୁ କିଅଣ ବେ ? ହମ୍ କିଣ ଚୋରି କରୁଚ ନା ଡାକା କରୁଚ ବେ ! ହକ୍ ସାଦି କଲାବାଲା ବିବି ହକ । ବିଶ୍ ରୁପିୟା ସେ ମାଇକିନା ପେଇଁ ମୁଁ ଖର୍ଚ୍ଚ କରିଚ । କିଅଟ ମୋଫତ୍ ପାଇଚୁ କି ବେ ' ଶାଲା—ଚିପିଦେବ ଏ ବଗ ବେକଟାକୁ ଯେ ।"

ଜର୍ଜର ନିଃଶ୍ୱାସ ଯେତେବେଳେ ଛୁଟିଯାଉଥିଲା, ସେତେବେଳେ ସେ ଶୁଣିପାରିଲା ଭିତରୁ ସେଇ ମାଇକିନାଟାର ହସ । ହସି ହସି ସେ ଗଡ଼ିଯାଉଥିଲା ସେତେବେଳେ । ସେଇ ହସଟା ଜର୍ଜର କାନରେ ପଡ଼ିବା ମାତ୍ରେ ସେ ତାକୁ ଚିହ୍ନିନେଲା ଏବଂ ସେଇ ମାଇକିନିଆଟାକୁ ଚିହ୍ନିବା ମାତ୍ରେଇ ତାର କଲିଜା ପାଣିଫାଟିଆସିଲା ।

ଏ କ'ଣ ସେଇ ମାଇକିନା ? ଜର୍ଜର ନିଃଶ୍ୱାସ ପୂରାପୂରି ବନ୍ଦହୋଇଗଲା । ଏ କିଣ ସେଇ ମାଇକିନା ? ସେଇ ଅର୍ଦ୍ଧନିଃଶ୍ୱାସୀ ଅବସ୍ଥାରେ ସେ ସେଇ ମାଇକିନାର ମୁହଁଟାକୁ ମନେପକେଇ ନେଉଥିଲା—ଯୋଉ ଅନ୍ଧୁଣୀ ମାଇକିନାକୁ ନିଦ୍ରାଭିଭୂତ ହୋଇ ଗଛମୂଳେ ବସି ଭିକ ମାଗୁଥିବାର ଦେଖି ଗୋଟାଏ କୁଷ୍ଠରୋଗୀ ତାକୁ ଜବରଦସ୍ତି ଧରିନେଇ ଯାଇଥିଲା । କୁଷ୍ଠରୋଗୀର ଆକ୍ରମଣରୁ ନିଜକୁ ବଞ୍ଚେଇବା ପେଇଁ ସେ ଅନ୍ଧୁଣୀର ପାଟି ଶୁଣି ଜର୍ଜ ରାସ୍ତାରେ ରିକ୍‌ସା ଅଟକେଇ ରାସ୍ତାକଡ଼ର ସେଇ ଭଙ୍ଗାଘରଟା ଭିତରକୁ ଭୁସ୍‌କିନା ପଶିଯାଇଥିଲା । ସେଇଠି ସେ ଦେଖିଥିଲା କ'ଣ ଏଇଆକୁ ? ଯେ ତଳେ ପଡ଼ି ବୋବାଳି ଛାଡ଼ୁଥିଲା, ଆଉ ତାକୁ ଘେରି ଚାରିଟା କୁଷ୍ଠରୋଗୀ ଛକି ବସିଥିଲେ ସେଇ ଅନ୍ଧାର ଘରେ—ଚାରିଟା ଶାଗୁଣା ଭଳିଆ ।

ଜର୍ଜ ପୁଣି ଥରେ ସେ ସ୍ୱରକୁ କାନେଇଲା । ହଁ, ଅବିକଳ ସେଇ ସ୍ୱର । ସେଇ ତ ! ସେ ହସୁଚି ନା କାନ୍ଦୁଚି ଏଇଲେ ? ସେଦିନ ସେ ଆଉ ହସୁନଥିଲା ତ ! କ'ଣ ଭୁଲ ହୋଇଗଲା କି ? ନଚେତ୍ ସେ କୁଷ୍ଠରୋଗୀଗୁଡ଼ାକ ଯେତେବେଳେ ଜର୍ଜକୁ ଦେଖି ତାକୁ ଏକ ସଙ୍ଗେ ଆକ୍ରମଣ କରିଉଠିଲେ, ଥୁଥୁ କରି ଲଣ୍ଡା ଲଣ୍ଡା ଛେପ ପକେଇ ସେମାନେ ଯେତେବେଳେ ତାକୁ ଘଉଡ଼ାଇନେଲେ, ସେତେବେଳେ ସେ ମାଇକିନା କୁଆଡ଼େ ଚୁପ୍ ହୋଇଗଲା ? ଭିଁ କି ଚୁଁ ତ ହେଲା ନାହିଁ । ତାର ସେ ହସ କି କାନ୍ଦ ତ ହଠାତ୍ ବନ୍ଦ ହୋଇଯାଇଥିଲା ।

ସେ ଅନ୍ଧୁଣୀ ଏଠି କିଅଣ କରୁଚି, ଆଉ ହୁଣ୍ଡା ବୀର ସାମଲକୁ ଏ ବୁଦ୍ଧି କିଏ ଦେଲା ? କିଣ ହବ ସ୍ତ୍ରୀର ଫଳ ? ଦିହ ଗରମ ମାରିବା ପେଇଁ ମଣିଷ କ'ଣ ଏଇଆ କରେ ଶେଷରେ ?

Digitized by srujanika@gmail.com

ବୀର ପେଇଁ ବା ସେ ଅନ୍ଧୁଣୀ କୁଷ୍ଠରୋଗୀ ଦଳର ମାଇକିନାଟା ପେଇଁ ଚିନ୍ତିତ ହେଲେ ଦୁଃଖ ନଥିଲା ଜର୍ଜର; କିନ୍ତୁ ଜର୍ଜର ଗ୍ଲାନି କାହିଁକି କେଜାଣି ଫାଟି ପଡ଼ୁଥିଲା । ହୁଏତ ସେ ଆଉ କାହାରି ପାଇଁ ବିଚଳିତ ହେଉ ନଥିଲା—ସେ ବିଚଳିତ ହେଉଥିଲା ତା ନିଜ ପାଇଁ । ତାର ମନେହେଉଥିଲା ସତେ କି ସେ ଆଉ ଥରେ ଜନ୍ମହବାପେଇଁ ଯାଉଚି—ଏଥର ବୀର ସାମଲ ହାତରେ ପ୍ରାଣ ଗଲା ପରେ; କିନ୍ତୁ ଏଥର ସେ ଜନ୍ମ ହବନାହିଁ ଗୋଟାଏ ମେଡ଼ିକାଲ ନଳାରୁ । ଏଥର ସେ ଜନ୍ମ ହବ ଗୋଟାଏ ଅନ୍ଧୁଣୀ, କୁଷ୍ଠରୋଗିଣୀ ପେଟର ସଢ଼ାପଚା ମାଉଁସ କୁଢ଼ରୁ । ଏଥର ସେ ଜନ୍ମହେଲେ ତାକୁ କୋଳ ଦାଢ଼ିଆ ବୁଢ଼ା ଆବିଷ୍କାର କରିବ ନାହିଁ । ଏଥର ସେ ଜନ୍ମହେଲେ ତାକୁ ଆବିଷ୍କାର କରିବ ଗୋଟାଏ କୁଷ୍ଠରୋଗୀର ଦଳ—ଯୋଉମାନେ ତାର ଆଖି ଫୁଟେଇ, ଦେହର ଚମଡ଼ାକୁ ଛୁରୀରେ କାଟି ସେଥିରେ ପୂଜ ଢାଳି, କୁଷ୍ଠରୋଗ ସୃଷ୍ଟି କରି ସହରର ତମାମ୍ ବୁଲେଇବେ ଜନ୍ମରୁ ଅନ୍ଧ ହେଇଥିବା ଗୋଟାଏ ରୋଗିଣୀ ଉଠଆଣି ଛୁଆଭଳି । ପଇସା ରୋଜଗାର କରିବେ । ଆଉ ସେଇ ପଇସାରେ ବେବସାୟ କରି ସେମାନେ କିଣିବେ ଆହୁରି ଆହୁରି ମାଇକିନା—ଦଳ ପେଇଁ—ଛୁଆ ତିଆରି କରିବା ପେଇଁ—ପଇସା ପେଇଁ—ପେଟ ପେଇଁ—ଜୀବନ ପେଇଁ ।

ଏକନିଃଶ୍ୱାସରେ ଏତେ କଥା ଭାବିନେବା ଭିତରେ ଏକ ଭୟଙ୍କର ଘୃଣା ଆଉ ବିଦ୍ରୋହ କୁହୁଳି ଉଠୁଥିଲା ଜର୍ଜର ନିଃଶ୍ୱାସରୁଦ୍ଧ ଗ୍ଲାନି ଭିତରେ । ତାର ମନ ହେଉଥିଲା ଏକ ବଜ୍ର ମୁଷ୍ଟିରେ ସାରା ମଣିଷ ସମାଜକୁ ଧ୍ୱଂସ କରି, ତା ଜାଗାରେ ଗୋଟାଏ ନୂଆ କରି ମଣିଷସମାଜ ସୃଷ୍ଟି କରିବା ପେଇଁ । ତା ଭିତରେ ଅଗ୍ନି ଜଳି ଉଠିଲା । ଖେପିହେଇ ଏତେବେଳଯାକେ ରହିଯାଇଥିବା ନିଃଶ୍ୱାସ ଗ୍ୟାସରେ ତାର ନିଆଁ ଧରିନେଲା—ସେ ଠୋ-କରି ଫାଟିପଡ଼ିଲା ।

ଗୋଟାଏ ଧକ୍କାରେ ସେ ତଳକୁ ଗଡ଼େଇ ପକେଇଲା ସେଇ ହୁଣ୍ଡା ଅସୁର ବୀର ସାମଲକୁ । ଅସୁରଟା ତଳେ ପଡ଼ିବା ମାତ୍ରେ ଜର୍ଜ ସେ ସୁଯୋଗକୁ ହରାଇଲା ନାହିଁ—ଗାଉଁ କରି ସେ ମାଡ଼ିବସିଲା ସେଇ ଅସୁରର ମୋଟା ବେକଟାକୁ । ବୀରର ଗାଁ ଗାଁ ଶବ୍ଦରେ ଘର ଅତଡ଼ା ପଡ଼ିଲା । ସେ ଶବ୍ଦରେ ପାଖ ସାଇପଡ଼ିଶାରୁ ମଣିଷ ଉଠିଆସିଲେ । କାମାଖ୍ୟା, ଚରଣ ରାଉ, ଶନିଆ, ଗଜିଆ, ଲଣ୍ଡ୍ରିବାଲି ମାଇକିନା, ତା ଶାଶୁ ଆଉ ଗୋଟିଏ ପିଲା, ଆଉ ପାଖ ଦର୍ଜି ଦୋକାନରୁ ଦର୍ଜିବୁଢ଼ା ଓ ତାଙ୍କ ହୋ-ହାରେ ତେଲକଲ ଛକମୁଣ୍ଡରୁ ଗୋଟିଏ ରିକ୍ସାବାଲା ବି ଉଠି ଆସିଲେ ।

ସେମାନେ ଆସି ପହଞ୍ଚିଲାବେଳକୁ ବୀରର ଶୋଇଲା ଘରୁ ସେ ମାଇକିନା ରଡ଼ି ଆରମ୍ଭ କରିଦେଲା । ପ୍ରଥମେ କାମାଖ୍ୟା ଆସି ଜର୍ଜକୁ ମାଡ଼ିବସିଲା । ଆଉ ଜଣେ କିଏ ରିକ୍ସାବାଲା ଧାଇଁଆସି ଜର୍ଜର ଥୋମଣିରେ ଗୋଟାଏ ବିଧା ଥୋଇଦେଲା । ହଠାତ୍ ତା ଉପରେ ଏ ମାଡ଼ କାହିଁକି ହେଉଚି ବୋଲି ବୁଝି ନପାରି ଜର୍ଜ କାବା ହେଇ ଠିଆହେଲା । ସେତିକିବେଳେ ଘରଭିତରୁ ସେ ମାଇକିନାର କାନ୍ଦଣା ତାର କାନରେ ପଡ଼ିଲା ।

Digitized by srujanika@gmail.com

ତା ପରେ ସାର ସାମଲ ସଫେଇ ଦେଲା । ସେ ଅଣନିଃଶ୍ୱାସୀ ହେଲାଭଳି କହିଯାଉ-ଥିଲା—"ଶୁଣ ଭାଇମାନେ ! ମୁଁ ସିନେମା ଦେଖି ଯାଇଥିଲି । ସିନେମାରୁ ଫେରିଲାବେଳକୁ ଦେଖେ ତ ମାଉସୀ ବୁଢ଼ୀ ମୋର ଜରରେ କମ୍ପୁଛି—ମୁଁ ଔଷଧ ପେଇଁ ଗଲି—ଯାକ୍ ଆସି ଦେଖିଲାବେଳକୁ ମାଉସୀ ମୋର ଗୁଲିଗଲାଣି । ମୁଁ ହାଉଳି ଖାଇ ଏ ଟୋକାକୁ ଡାକ ମାଇଲି । ଏ ଶଳା ବେଇମାନ୍ ଟୋକା ଘରଭିତରେ ମଝିଆ ପଟରୁ କବାଟ ବନ୍ଦକରି ଶୋଇଥିଲା । ମୋ ମନକୁ ସ୍ୱା ଉନ୍ଦ ଖସ୍ରପ ଥେଲା ଯେ ଏ ଶୋଇଛି । ମୁଁ ଯେତେବେଳେ ଜୋର୍‌କିନା କବାଟରେ ଧକ୍କାଟାଏ ମାରିଦିଏ, କବାଟ ଫିଟିଗଲା । ମୁଁ ସ୍ୱା ନାଁ ଧରି ଡାକିଲି—ଜର୍ଜ ! ଆରେ ଜର୍ଜ ! ଆରେ ଉଠ ! ଉଠ ! ଶୋଇଛୁ କଅଣ ! ଆରେ ଦେଖରେ ଏଣେ—ମାଉସୀ ଆମର ଗୁଲିଗଲାରେ—ଉଠ୍ ! ହେଲେ ମୋ ଡାକର କିଆଁ ଜବାବ ମିଳିବ ? ମୋ ମନରେ ଧୋକା ଖାଇଲି—କରେ ସ୍ୱାର ବି କଅଣ ହୋଇଗଲା କରେ ? ସ୍ୱା ଉନ୍ଦ ତ ଖସ୍ରପ ଥେଲା ! କଅଣ ହେଲା ବୋଲିକରି ଘର ଭିତରକୁ ଗୋଡ଼ଟାକୁ ବଢେଇ ଦିଅନ୍ତେ ମୁଁ ଏ ଶଳା ବେଇମାନ ଟୋକାଟାକୁ ଦେଖିପକେଇଲି—ମାଇପିଟାଏ ଆଣି ଘରେ ପୂରେଇ ସେ ଚୁପ୍ ହୋଇ ଶୋଇଛି—ମୋ ଡାକ ଶୁଣୁନାହିଁ ।

"ତଥାନ୍ତେ ମୋ ମନରେ ଦୟା ଆସିଲା—ହଁ, ପିଲାନୋକ, କଅଣଟାଏ ଭୁଲ କରିଦେଲା ତ ଦେଲା—ହେଲେ ମୁଁ ଆଉ ଯାଏ କୁଆଡ଼େ ? ମୁଁ ଆଉ ଗୋଟାଏ ପାଦ ବଢେଇ ଦେଇଛି କି ନାହିଁ, ବାବୁ, କୋଉଠି ସେ ଅନ୍ଧାରରେ ଥିଲା. ବାଘ ଭଳି ଝପଟି ଆସି ମୋ ବେକକୁ ଧରିନେଲା—ମତେ ମାଡ଼ିବସି ଏକଦମ୍ ଜୀବନରୁ ମାରି ପକେଇବ ବୋଲି ବସିଥେଲା—ଭାଗ୍ୟରୁ ତେମେମାନେ ଆସି ଜୁଟିବାରୁ ମୋ ପ୍ରାଣ ରହିଲା···"

ତାର ସଫେଇ ଶେଷହବା ପୂର୍ବରୁ ସେ ମାଇକିନା ବାହୁନା ଆରମ୍ଭ କରିଦେଇଥିଲା । ସେ ବାହୁନାରେ ଦରିଦେଗ ଫାଟିଗଲା ।

···"ଏଁ ଏଁ ଏଁ, ମେତେ ମାରି ପକେଇଲା ଲୋ ! ମେତେ ଅନ୍ଧୁଣୀ ଦେଖି ସେ ପୋଡ଼ାମୁହାଁ ମେତେ ଭୁଲେଇ କରି, ବାହା ହବ ବୋଲି ଜବାବ୍ ଦେଇ ଏଠିକି ଲୁଚେଇ କରି ଆଣିଥେଲା ଲୋ ! ମୋର ସବୁ ମାନଇଜ୍ଜତ କଡ଼ାକର କରିଦେଲା ଲୋ ! ସେ ଯୋଗମାଖିଆ ମୋଅର ସବୁ ଗିଣ୍ଡା ଲୁଟି ନେଇଗଲା ଲୋ ! ମତେ ମାହାରାଣୀ କରିଦେବ ବୋଲି କହି ମୋର ସବୁ ଧନ ଲୁଟିନେଲା ଲୋ !"

ଜର୍ଜ କଅଣ ପୁଣି କହିବ ବୋଲି ଯାଉଥିଲା—କିନ୍ତୁ କାହାର ଗୋଟାଏ ବ୍ରହ୍ମଚାବଡ଼ା ଆସି ବାଜିଲା ତା କାନମୁଣ୍ଡାରେ । ସେଇ ଚାବୁଡ଼ାକରେ ଦ'ଘେରୀ ଖାଇ ସେ ବୁଲିପଡ଼ିଲା । ତଥାପି ତାର ହୋସ ଥିଲା । ତଳେପଡ଼ି ତଥାପି ସେ ପାଟିକରୁଥିଲା । ଜନତା ବସ୍ତୁରକୁ ବୁଝାଇବା ପାଇଁ ସେ ତାର ପାରୁପର୍ଯ୍ୟନ୍ତ ଚେଷ୍ଟାକଲା—କିନ୍ତୁ ବୁଝେଇ ପାରିଲା ନାହିଁ । ତାର ହୋସ୍ ଗୁଲିଯିବା ପୂର୍ବରୁ ସେ ଶୁଣୁଥିଲା—କିଏ ଗୋଟାଏ କହୁଥିଲା—ଓଃ ! ଓ ଃ ମହାପାପ ! ମହାପାପିଷ୍ଠ ଏ ଟୋକା । ଏ ପାଜି ଟୋକା ଶାଳା ପକ୍‌କା ଅଛି । ନାହିଁ ତ ଟେ ମାଇକିନା କେମିତି ଆସିଲା ଏଠିକି ? ସେ ତ ଅନ୍ଧୁଣୀଟାଏ ?"

Digitized by srujanika@gmail.com

ସକାଳୁ ଯେତେବେଳେ ଜର୍ଜର ହୋସ୍ ହେଲା ସେ ଦେଖିଲା ଯେ ଲୋକେ ତାକୁ ଘେରି ଠିଆହୋଇଛନ୍ତି ଓ ତାକୁ ନେଇ ନାନା ରକମର ଗପ ଚାଲିଚି । କେବଳ ଲୋକେ ନୁହଁନ୍ତି—ଗୋଟାଏ ବ୍ରାହ୍ମଣ ବି ଠିଆହୋଇଚି—ତା କାନ୍ଧରେ ଗୋଟାଏ ଗଣ୍ଠିଲି ଆଉ କାଖରେ କେତୋଟି ପୋଥି ଆଉ ଧଳାକନା ପକା ଛତା ଖଣ୍ଡିଏ । ତାକୁ ଆଢୁଆଳ କରି, ଟିକିଏ ଦୂରରେ ଓଢ଼ଣାଟିଏ ପକେଇ ଗୋଟାଏ ମାଇକିନା ତୁନିହୋଇ ବସିଚି ।

ଜର୍ଜ ଆଖି ଫିଟେଇ ଚାରିଆଡ଼କୁ ଚାହିଁଥିବାର ଦେଖିବା ମାତ୍ରେଇ ଲୋକେ ହୋ ହୋ ହୋଇ ତାକୁ ଘେରିଗଲେ । ଜଣେ କିଏ ତାଙ୍କ ଭିତରୁ ମୁରବି ହୋଇ ସେମାନଙ୍କୁ ଚୁପ୍‌ଚାପ୍ କରିଦେଲା । ତା ପରେ ମୁରବି ଜଣକ ତା ପାଖକୁ ଆସି ତାକୁ କଟମଟ କରି ଅନେଇଲା । ଜର୍ଜ ତା ଆଖି ବୁଲେଇନେଲା । ଘୃଣାରେ ତା ଦେହ ଜଳିଯାଉଥିଲା ।

ମୁରବି ଜଣକେ କହିଲା—''ହେ ଟୋକା ! ଶୁଣ୍ ! ତୁ ଯୋଉ ପାପ କରିଚୁ ତାର ପ୍ରାୟଶ୍ଚିତ୍ତ ତତେ କରିବାକୁ ହେବ । ତୁ ଏ ମାଇକିନାକୁ କୋଉଠୁଁ ଆଣିଥିଲୁ ଆଉ କାହିଁକି ଆଣିଥିଲୁ କହ । ସତକଥା କହ । ନାହିଁ ତ ଚାହିଁ ଏ ଧଡ଼ାକୁ—ଏକା ପାହାରକେ···''

ଜର୍ଜ ତୁନି ରହିଲା । ଲୋକଙ୍କ ସାଙ୍ଗରେ ସେ ସତ ଆଉ ନ୍ୟାୟ ପେଇଁ ପାଟିତୁଣ୍ଡ କରିବା ପେଇଁ ଜୋର ନଥିଲା ତା ଦେହରେ । ସେ ଜାଣିପାରିଥିଲା—ଏ ସଂସାରକୁ ସତ୍ୟ ଆଉ ନ୍ୟାୟ ଆଣିବା ପାଇଁ ଯେତେ ଜୋର୍ ଦରକାର ସେତେ ଜୋର୍ ଏ ପର୍ଯ୍ୟନ୍ତ ମଣିଷ ଦେହରେ ଜନ୍ମ ହୋଇନାହିଁ । ମିଛ ପେଟରୁ ସତକୁ ସହଜରେ ଜନ୍ମେଇ ହେବ ନାହିଁ । ସେଥିପାଇଁ ଘୋଷରି ଓଟରି, ଟଣାଟଣି ଆଉ କଟାକଟି କରିବା ଦରକାର । କାରଣ ଗଲା ମୋଟା ଛୁଆ ମା' ପେଟରୁ ସହଜରେ ଜନ୍ମ ହୁଏନାହିଁ—ଯଦିବା ହୁଏ ତା'ହେଲେ ସେ ବଞ୍ଚେନାହିଁ ।

ଜର୍ଜକୁ ତୁନି ରହିବାର ଦେଖି ଲୋକେ ହୋ ହୋ ହେଲେ । ପଂଚାଏ କହିଲେ—''ଦେଖିଲ—ଶଳା କେମିତି ଚୋରଭଳି ଚୁପ୍ ହୋଇଗଲା ? ଆରେ ବାବୁ ! ବ୍ରହ୍ମଜାବୁଡ଼ାରେ ସତ ବାହାରେ ··''

ଜଣେ କିଏ ଦାଢ଼ିବାଲା ବ୍ରହ୍ମତତ୍ତ୍ୱବିତ୍-ରିକ୍ସାବାଲା ବାହାରି ପଡ଼ି କହିଲା—''ଆରେ ବାବୁ ! ମୁଁ ତ ଠିକ୍ ଜାଣେ । ମାଡ଼ର ମୂଳେ ଏ ଜଗତ । ମାଡ଼ ଦିଅ । ଠିକ୍ କରି ମାଡ଼ ଦିଅ । ଦେଖିବ, ଲୁହା କେମିତି ଜବତ୍ ହୋଇ ସୁନାପିଲା ଭଳି ସବୁ କାମ କରିଯିବ ସୁରୁଖୁରୁରେ—ପଜାଅ କେତେ ଦାଆ କଟୁରି ପକେଇବ । ହାତୁଡ଼ି ମୂଳରେ ସବୁ ବ୍ରହ୍ମ ଠୁଳ ହୋଇଚନ୍ତି ।''

ଲୋକମାନଙ୍କର ଗପସପ ଲାଗିଗଲା । ତାଆରି ଭିତରେ ଜର୍ଜ ବୁଝିଗଲା ତାକୁ ନେଇ କି ଖେଳ ସେଠି ଚାଲିଚି । ପାପର ପ୍ରାୟଶ୍ଚିତ୍ତ ବାହାନାରେ ସେମାନେ ସେଇ ଅଛୁଆଁଣୀ, କୁଷ୍ଠରୋଗିଣୀଟାକୁ ତା ବେକରେ ଛନ୍ଦିଦବାପେଇଁ ବସିଚନ୍ତି ।

ହଠାତ୍ କଅଣଟାଏ ଚାଉଁକିନା ତା ଅନ୍ତରରେ ଲାଗିଲା । ଜର୍ଜ କିଛି ବୁଝିପାରିଲା ନାହିଁ; କିନ୍ତୁ ତାକୁ କିଛି ବୁଝିବାକୁ ବା ବୁଝେଇବାକୁ ନଦେଇ ଜନତା ଭିତରୁ ମାମଲତ-

Digitized by srujanika@gmail.com

କାର ଜଣେ କିଏ ଗୋଟାଏ ଘୃଣ୍ଣଆ ପାଟି କରି ଉଠିଲା—"ଆବେ ହେ ବ୍ରାହ୍ମଣ ! ଆଁ ଟା କରି କଅଣ ଅନେଇଚୁ ବେ ! ଫିଟା ପୋଥି—ବୋଲ— ମନ୍ତ୍ର ବୋଲ ।"

ଘୃଣ୍ଣ ଘୃଣ୍ଣ ହୁ-ହୁ ହୋଇ ଜଳିଉଠିଲା ଗୋଟାଏ ନିଆଁ ଜର୍ଜର ଗାଲ ପାଖେ । ତା ଗାଲ ସେ ନିଆଁରେ ସିଝିଯିବାକୁ ସେ କଡ଼ ଲେଉଟେଇଲା । ଉଠି ବସିବାକୁ ଜୋର୍ ନଥିଲା ତା ଦେହରେ ।

ଭୂତ୍‌କିନା କିଏ ଗୋଟାଏ ତା ଖୁଆକୁ ଧରି ତାକୁ ଉଠେଇବସେଇ ଦେଲା । ଜର୍ଜର ଆଖିରୁ ଜକୁଜକୁଆ ପୋକ ବାହାରିଗଲା । ସେଇ ଜକୁଜକୁଆ ପୋକ ବାହାରୁଥିବା ଅବସ୍ଥାରେ ତାର ହାତଗଣ୍ଡି ପଡ଼ିଗଲା ।

ତା ଆଖିରୁ ସବୁତକ ଜକୁଜକୁଆ ପୋକ ଯେତେବେଳେ ବାହାରିଗଲେ, ସେତେ-ବେଳେ ଜର୍ଜ ଦେଖିଲା ସବୁକଥା ସଫା କରି । ସେ ଦେଖିଲା ତା ହାତ ଉପରେ ଆଉ ଗୋଟାଏ ଛଉଛଉକା ହାତ ରଖିଦେଇ ଜନତା ବିଗୃରନ ତାକୁ ଚରଦନପେଇଁ ଗୋଟାଏ କୁଣ୍ଢେଇଅର ପଘାରେ ଛନ୍ଦ ଦେଇ ମଲେଇଚ; ଆଉ ସେ ବନ୍ଧା ହେଇଚ ସେଇ ଖୁଣ୍ଟଭଳି ପୋଡା ହେଇଥିବା ମାଇକିନାଟାର ଦେହରେ । ଜର୍ଜର ମନେହେଲା ଏକ ଗୋଇଠାରେ ସେ ମାଇକିନା ସମେତ ସାରା ସଂସାରଟାକୁ ଗୋଟାଏ ବଲ୍‌ଭଳି ମାରି ଶୂନ୍ୟକୁ ଉଡ଼େଇ ଦିଅନ୍ତା । ଏକ ମୁଥକେ ଏଇ କୁରୁରୁପିଆ, ମିଛୁଆ, ଖଚୁଆ, ଗ୍ଧେର, ଜୁଆଗ୍ଧେର ସଂସାରକୁ ଚଟଣି ଟିକିଏ କରି ତାର କୃହ୍ମଉଦର ଭିତରକୁ ଫୋପାଡ଼ିଦେଇ ହଜମ କରିଦିଅନ୍ତା ।

କିନ୍ତୁ କଅଣ ହବ ? ଯିଏ ତା ମନକଥା ବୁଝିଆନ୍ତା, ସେଇ ନଳର ମିଆଁ ବୁଢ଼ାଟା ଯଦି ବଞ୍ଚିଥାଆନ୍ତା ? କି ସେଇ ଗୋଦରି ବୁଢ଼ୀଟା ବି ଯଦି ଆଉ ଦ'ଘଣ୍ଟା ବଞ୍ଚିଯାଇଥାଆନ୍ତା ? କିନ୍ତୁ ସେମାନେ ଆଜ କେହ ନାହାନ୍ତି । ତା ମନକଥା ଆଉ ଅସଲ ସତ କଥା ଯିଏ ବୁଝି ନଥିଲା, ତା ମୁହଁ ନିରଖିବାପେଇଁ ସେମାନେ ଆଜ ମରିଚନ୍ତି । ସେମାନେ ନାହାନ୍ତି ଏଇ ଜନତା ଭିତରେ । ଜନତା ଏଇଲେ ଗୋଟାଏ ମୁଠାଟାଣ, ମାଲିକ ନଥିବା ଦାଆ ଭଳି କାଟି ଗ୍ଧଲିଚ ତା ମନଇଚ୍ଛା ।

ଜନତା ତ ଯାଇଥିଲ—ବର୍ତ୍ତମାନ ତାର ସମସ୍ତ ରାଗ ଆସି ଠୁଳହେଇଚି ସଂସାରର ସେଇ ଗୋଟାଏ ଜୀବ ଉପରେ, ଯିଏ ଜର୍ମବଟିଏ ଭଳି ଘୋଡ଼େଇ ପୋଡ଼େଇ ହେଇ ବସି ରହିଥିଲ ତା ଆଖି ଆଗରେ । ପ୍ରଥମେ ଜର୍ଜ ଚିନ୍ତା କରିପାରିଲା ନାହିଁ—ଏଇ ମାଉଁସ-ପିଣ୍ଡୁଳାକୁ ନେଇ ସେ କରିବ କଅଣ ? କୁଆଡ଼େ ଯିବ ? କାହିଁକି ବା ଏ ବୁଜୁଲାଟାକୁ ସେ ବୋହିନବ ?

ରାଗରେ ଅଭିମାନରେ ଆଉ ଅପମାନରେ ଜର୍ଜ ଜଳିଯାଉଥାଏ; କିନ୍ତୁ ତାର ସେଇ ସବୁ ରାଗର ଫଳ କ'ଣ ହେଲା ?

ସେ ଉଠି ଠିଆହେଲା । ତାର ବର୍ତ୍ତମାନ ଏକମାତ୍ର ଚିନ୍ତା—କେମିତି ସେ ଏଇ କୁତ୍ସିତ ସମାଜ ଆଉ ତାର ଏଇ ଦଉ ବୋଝରୁ ମୁକୁଳିବ । ସମାଜ ବିରୁଦ୍ଧରେ ଏକା ଏକା ଠେଙ୍ଗା

Digitized by srujanika@gmail.com

ଧରିବାକୁ ତାର ବଳ କେତେ, ସେ କଥା ସେ ସେତେବେଳକୁ ଜାଣିନେଇଥିଲା । ତେଣୁ ସମାଜ ବିରୁଦ୍ଧରେ, ସତ୍ୟ ଆଉ ନ୍ୟାୟକଥା ପେଇଁ ଯୁଦ୍ଧ ଚଳେଇବା ଅପେକ୍ଷା ପଳେଇ ଯାଇ ଆତ୍ମରକ୍ଷା କରିବା ଚିନ୍ତା ତାର ମନର ସବା ଉପରେ ଖେଳୁଥିଲା ସେତେବେଳେ ।

ସେ ପାଦ ଉଠେଇଲା । ପାଦ ଉଠେଇ ଏକଡ଼ ସେକଡ଼କୁ ଚାହିଁ ସେ ଦେଖିଲା କେହି କୁଆଡ଼େ ନାହିଁ । ପଳେଇଯିବା ପାଇଁ ସବୁଆଡ଼ ସଫା । ପଳେଇଯିବାପାଇଁ ସବୁ ବାଟ ଏତେ ସଫା ? ସେ ଖୁବ୍ ଆଶ୍ଚର୍ଯ୍ୟ ହେଲା । କିଛି ନବୁଝିପାରି ସେ ଟିକଏ ଇତସ୍ତତଃ ହେଲା । ଟିକକ ଆଗରୁ ଜୋରଜବରଦସ୍ତି କରି ଯୋଉମାନେ ତାକୁ ମାଡ଼ବସି କାବୁକରି ତା ମୁଣ୍ଡ ଉପରେ ଏ ବୋଝଟିକୁ ଚଢ଼େଇ ଦେଇଗଲେ ବର୍ତ୍ତମାନ ବୋଝଟି ଲଦା ହେଇ ସାରିଲା ପରେ ସେମାନେ ପଳେଇଗଲେ କାହିଁକି ? ସେମାନେ କ'ଣ ଜାଣିନାହାନ୍ତି ଯେ ଏ ବୋଝଟିକୁ ଅନାୟାସରେ ମୁଣ୍ଡରୁ ତଳକୁ ଖସେଇ ପକେଇ ଝିଆଁଟାଏ ମାରି ଦେଇ ହୁଏ ? ଏ ପୁଣି କୋଉ ବିଶ୍ୱାସର କଥା—ଏଇ ନିର୍ବୁଦ୍ଧିଆ ସମାଜର । ଗତ ରାତିଠାରୁ ସେଇ ମୁହୂର୍ତ୍ତ ପର୍ଯ୍ୟନ୍ତ ଘଟିଯାଇଥିବା କଥାଗୁଡ଼ିକ ହେଜ କରୁ କରୁ, ସେଇ ନିଃସହାୟ ମୁହୂର୍ତ୍ତରେ ବି, ସେସବୁ କଥାଗୁଡ଼ିକ କେମିତି ଗୋଟାଏ ଖେଳ ଭଳି ବୋଧ ହେଲା ଜର୍ଜକୁ । ତାକୁ ହସ ଲାଗିଲା; କିନ୍ତୁ ହସ ଚାପି ଦେଇ ସେ ଗୋଡ଼ ଉଠେଇଲା ପଳେଇବାକୁ ।

ସେ ଫେରି ଚାହିଁଲା ପଛକୁ । ମାଉସି ପିଣ୍ଡୁଲା ସେମିତି ବସିଚି । କିଛି ବୁଝୁନାହିଁ ସେ । ମୂର୍ଖ ସମାଜ ଭଳି ସେ ବି ଗୋଟାଏ କିଛି ବିଶ୍ୱାସରେ ମୋହି ହେଇ ସେଠି ବସିଚି ।

ଜର୍ଜର ପାଦ ଅଟକିଗଲା । ଫେରିଆସି ସେ ସେଇ ମାଉସି ପିଣ୍ଡୁଲାକୁ କହିଲା—"ମୁଁ ଯାଉଚି···ତୁ ବସିଥା !"

ଅନ୍ଧୁଣୀ କିଛି ବୁଝି ପାରିଲା ନାହିଁ । ସେମିତି ମୋହି ହେଲାଭଳି ସେ ଉତ୍ତର ଦେଲା—"ହଉ, ମୁଁ ବଇଚି—ତୁମ ଆଇବାଯାକେ ମୁଁ ବଇଚି ଏଠେଇଁ । ଟିକେ ଜଲଦି ଆଇବ । ମତେ ଡର ମାଡ଼ୁଚି ଏକା ହେଇ ରହିବାକୁ ।"

ଷ୍ଟାଇଲେକଟାର ସେଇ କଥା କେଇପଦ ଜର୍ଜକୁ ବିସ୍ମିତ କଲା । ଚାଲି ଯାଉ ଯାଉ ସେ ପଛକୁ ପୁଣି ଥରେ ଫେରି ଅନେଇଲା । ମାଉସି ପିଣ୍ଡୁଲା ବସିଥିଲା—ନିଶ୍ଚିନ୍ତରେ । କିନ୍ତୁ ସେ ଯେ ହଠାତ୍ କାହିଁକି ଏତେ ନିଶ୍ଚିନ୍ତ ହେଇଗଲା, ଆଉ କୋଉ ବିଶ୍ୱାସରେ ସେ ବସିରହିଲା ସେଠି ?

ଜର୍ଜର ପାଦ ଛନ୍ଦୁରେଇ ହେଇଗଲା । ପଡ଼ି ଯାଉ ଯାଉ ସେ ଅଟକିଗଲା । ସେ ଜାଣିଲା—ତା ଦେହର ଜୋର ଧୀରେ ଧୀରେ ସରି ସରି ଯାଉଚି । ବର୍ତ୍ତମାନ ପ୍ରଧାନ ଚିନ୍ତା ତାର ହେଉଚି, କୋଉଠିକି ଯାଇ ଗ୍ରାସେ ପେଟପୁରା ଖାଇବାର ଯୋଗାଡ଼ କରିବା ।

Digitized by srujanika@gmail.com

ଦ୍ୱିତୀୟ ଭାଗ

ଏ ସହର ଏକ ଆଶ୍ଚର୍ଯ୍ୟମୟ ସହର । ଏହାର ପ୍ରତି କୋଣରେ ଆଶ୍ଚର୍ଯ୍ୟ ଭରପୂର ହୋଇ ରହିଛି । ଏହାର ପ୍ରତ୍ୟେକ ରାସ୍ତାରେ, ପ୍ରତି ଗଳିକନ୍ଦି, କୋଠା, ବଙ୍ଗଳା, ଗୁଳିଆ, କୁଡ଼ିଆ ଆଉ ମଇଦାନରେ କେବଳ ଆଶ୍ଚର୍ଯ୍ୟ ଠୁଳ ହୋଇ ରହିଚ । ସବୁ ଆଶ୍ଚର୍ଯ୍ୟ—କିଛିଟାଇ ସାଧାରଣ ନୁହେଁ । ଏହାର ପ୍ରତ୍ୟେକ ମଣିଷ ଏକ ଆଶ୍ଚର୍ଯ୍ୟମୟ ପ୍ରକୃତିର ଗନ୍ତାଘର । ପ୍ରକୃତି ଖାଲି ଦପ୍‌ଦପ୍ କରୁଚି ଏହାର ଅନ୍ତରେ ବାହାରେ—ଲିଭୁଚି ଜଳୁଚି ଆଉ ଜଳୁଚି ଲିଭୁଚି ସେ । ଏଇଲେ ସେ ଏଠିତ, ଆଉ ମୁହୂର୍ତ୍ତିରେ ସେ ଯାଇ ପହଞ୍ଚିଚ ସେଠି । ଘଡ଼ିକେ ଘୋଡ଼ା ଛୁଟୁଚି ତା'ର । କିନ୍ତୁ କାହିଁକି ସେ ଏତେ ବେଦମ୍ ହୋଇ ଛୁଟୁଚି ? ଏତେ ରୂପରେ, ଏତେ ଢଙ୍ଗରେ ଆଉ ଏମିତି ପାଗଳାଙ୍କ ଭଳିଆ ଏଣେତେଣେ କିଆଁ ଛୁଟିଚି ସେ ? କ'ଣ ଅଛି ଯାହାର ମୂଳରେ ? କଣ ସେ ଚାହେଁ ? କିଛି ଚାହେଁନା ସେ ? ତଥାପି ଏମିତି ସେ ଛୁଟୁଥାଏ—ବିପର୍ଯ୍ୟସ୍ତ ହୋଇ ଛୁଟୁଥାଏ ସେ ଖାଲି । ଯାହାର ନାଁ ପ୍ରକୃତି ?

ସହର ତମାମ୍ ଘୂରିଆସିଚ ଜର୍ଜ । ତାର ବେକାର ଗୋଡ଼ ଯୁଆଡ଼େ ତାକୁ ଟାଣିଚି ସିଆଡ଼େ ସେ ଯାଇଚି । ଘୂରିଆସିଚି ସେ ତାର ରିକ୍‌ସା ଟଣା ଦିନର ସବୁ ଚିହ୍ନା ପରିଚିତ ଗଳି । ସବୁ ଚିହ୍ନା ପରିଚିତ ମଣିଷଙ୍କୁ ଭେଟିଚି ସେ—ରାସ୍ତାରେ, ଦୋକାନରେ, ବଜାରରେ, ଛକରେ ଆଉ ପାର୍କରେ । କିନ୍ତୁ କିଏ ତାକୁ ଚିହ୍ନେ ?

ହେଇ—ବାବୁଟିଏ ଯାଉଚି । ଯାହାକୁ ସେ ଦିନେ ରିକ୍‌ସାରେ ନେଇଥିଲା । ଯା ସାଙ୍ଗରେ ସେଦିନ ଥିଲା •ସ୍ତ୍ରୀଲୋକଟିଏ—ଯାହାକୁ ସେ ବାବୁର ସ୍ତ୍ରୀ ବୋଲି ଜାଣିଥିଲା । କିନ୍ତୁ ଘରେ ନପହଞ୍ଚୁଣୁ ତା ରିକ୍‌ସାକୁ ଘେରି ପଂଚାଏ ଟୋକା ମିଳିଯାଇ ସେ ବାବୁ ସମେତ ସେ ସ୍ତ୍ରୀ ଲୋକଟାକୁ ଦେଲେ ଭଲ କରି କିଛି ଉତ୍ତମ ମଧ୍ୟମ । ହାଁ ହାଁ କରୁକରୁ କିଛିଟା ବି ବସିଗଲା ତା ନିଜ ପିଠିରେ । ଜର୍ଜ ସେ ଲୋକଟିକୁ ଚାହିଁଲା, ତା ଆଡ଼କୁ ଚହିଁଲା ଭଳିଆ ମୁହଁ ବି କଲା; କିନ୍ତୁ ଆଶ୍ଚର୍ଯ୍ୟ ହେଲା ସେ—ସେ ବାବୁ ତାକୁ ଚିହ୍ନିପାରିଲା ନାହିଁ ।

ହଉ, ନ ଚିହ୍ନିଲା ତ ନାହିଁ । ଜର୍ଜ ଆଉ ଟିକିଏ ଆଗେଇଗଲା ।

ବାଟରେ ଧାଡ଼ି ଧାଡ଼ି ଦୋକାନ ଭିତରେ ସେ ଅନେଇ ଅନେଇ ଚିହ୍ନା ଲୋକଙ୍କୁ ଦେଖିଲା । ଗୋଟିଏ ଦୋକାନ ଭିତରେ ସେ ଦେଖିଲା ଜଣେ ବାବୁ ବାବୁଆଣୀ ଆଉ ତାଙ୍କର ଯୋଡ଼ିଏ ଝିଅଙ୍କୁ । ସେମାନେ ସେଇଠି ଠିଆହୋଇ ଆଇସ୍‌କ୍ରିମ୍ ଖାଉଥିଲେ । ଜର୍ଜ ଚିହ୍ନିପାରିଲା ସେମାନଙ୍କୁ । ସେମାନେ କାମାଖ୍ୟାର ମାଲିକ । ଏ ଝିଅ ଦି'ଟାଙ୍କୁ ସେ କାମାଖ୍ୟାର ରିକ୍‌ସାରେ ଅନେକ ଥର ଦେଖିଚି । କାମାଖ୍ୟା ଏ ଝିଅ ଦିଇଟାଙ୍କ କଥା ଖୁବ୍ ଗପେ । ଜର୍ଜ ସେ ଝିଅ ଦିଇଟାଙ୍କୁ ଟିକିଏ ନିରେଖି କରି ଚାହିଁଲା । ଖାପ୍‌ସୁଲୁଖାପ୍‌ସୁଲୁ ହୋଇ ଖାସା ଝିଅ ଦିଓଟି । ନେଲି ଅଧାପେଣ୍ଟ ଆଉ ଧଳା ଜାମା ପିନ୍ଧି ଏକା ନଛର ଦିଇଟା ଝିଅଭଳି ଦେଖାଯାଉଚନ୍ତି । ବୋଧହୁଏ ଯାଆଁଳା ଝିଅ ଏ ଦିଇଟି । ହଁ,'ହୋଇଥିବେ ତ ।

Digitized by srujanika@gmail.com

କାମାକ୍ଷୀ ତ କହୁଥିଲା । ଜର୍ଜଙ୍କୁ ହସ ଲାଗିଲା—ଆହା, ବିଚାରୀ କାମାକ୍ଷୀ । ସେ ବି ଗୋଟାଏ ମଣିଷ । ଜୀବନ ଚାଲିଗଲା ବିଚାରୀର ଏଇ ଗୁଣ୍ଡୁଶ-ଗାଣ୍ଡୁଶ ଚଢ଼େଇଛୁଆ କେଇଟାଙ୍କ ପିଛା ଧରୁ ଧରୁ । ଦେଖ ତ ! ଦେଖ ତ । କେତେ ସୁନ୍ଦର, ବରଫଝିଆ, ଟିକି ଜୀବନ୍ତିଆ ଚଢ଼େଇ ଛୁଆ ଦିଇଟା ! ସ୍ୱାଙ୍କୁ ଧରିନେଇ, ସ୍ୱାଙ୍କ ବେକ ମୋଡ଼ିଦେଇ ରକତ ଟିକିଏ ଶୋଷିନେବା ପେଇଁ କିଆଁ ବାଇହୁଏ ସେ କାମାକ୍ଷୀ ? ଏମାନେ କ'ଣ ଏମିତିରେ ସୁନ୍ଦର ଦିଶୁନାହାନ୍ତି —ଏମିତି ଫୁର୍ର୍ ଫାର୍ର୍ ହେଇ ଉଡ଼ିଗଲାବେଳେ ? ଏମିତି ଟିକି ଟିକି ଅଣ୍ଟାରେ ଟିକିଟିକି ବରଫ ମୁଣ୍ଡା ଉଖାରି ଆଣି ପାଟିକି ପକେଇଦେଲାବେଳେ କ'ଣ କମ୍ ସୁନ୍ଦର ଦିଶନ୍ତି ଏମାନେ ? ତଥାପି କାହିଁକି ସ୍ୱାଙ୍କର ରକତ ଟୋପାକୁ କାମାକ୍ଷୀର ଏତେ ମନ ? କି ଅବର୍ଜା କଥା କହେ ସେ ଏ ପିଲାଙ୍କ ବିଷୟରେ···ଇଃ !

କାମାକ୍ଷୀ କଥା ମନେ ପକଉ ପକଉ ଜର୍ଜ ଭିତରେ ଚମକ ଲାଗିଲା ହଠାତ୍ । ଏଇଠି କୋଉଠି ଅଛି କି ଆଉ । କନକନ ହେଇ ଜର୍ଜ ଏକଡ଼ ସେକଡ଼କୁ ଚାହିଁଲା । କାମାକ୍ଷୀ ଆସିନଥିଲା । ସେ ଗୋଡ଼କାଢ଼ିଲା—ଆଗକୁ ।

କିଛି ବାଟ ଯିବା ପରେ ସେ ଭେଟିଲା ଗୋଟାଏ ମୋଟା ମଣିଷକୁ । ଦୋକାନ ଗଦିକୁ ଆଉଜି ସେ ମଣିଷଟା ହୁକା ଟାଣୁଥିଲା । ତା ଚାରିପାଖେ କାଚଲଗା ଆଲମାରିଗୁଡ଼ାକ ଝଲମଲ କରୁଥିଲା—ଖାଲି ସୁନା ଅଲଙ୍କାର ଆଉ ପଥର । ମୋଟା ଲୋକଟା ସେଇ ଆଲମାରିର ଝଲମଲ ଆଲୁଅକୁ ତା ହୁକ୍କାଧୂଆଁରେ ଘୋଡ଼େଇ ପକଉଥିଲା । ତାର ପର୍ବତଉଞ୍ଚ ପେଟ ଉପରେ ଗୋଟାଏ ଦ'ତିନିବର୍ଷର ଛୁଆ ଏକଡ଼ୁ ସେକଡ଼କୁ ଚଢ଼ାଚଢ଼ି କରୁଥିଲା । ଲୋକଟାର ବିରାଟ ପେଟର ମଥାନ ଉପରେ ଯେତେବେଳେ ସେ ଛୁଆ ପହଞ୍ଚେ ସେତେବେଳେ ପ୍ରତିଥର ସେଇ ବକଟେନାକୁ ଛୁଆ ତାର ବକଟେ ବକଟେ ଗୋଡ଼କୁ ଠେସ ଲଗେଇ ସେଠି ଠିଆହେବା ପାଇଁ ଚେଷ୍ଟା କରେ । କିନ୍ତୁ ଦଣ୍ଡେ ଠିଆହେଇଥାଏ କି ନଥାଏ, ମୋଟା ଲୋକଟାର ପ୍ରତି ନିଶ୍ୱାସରେ ପିଲାଟାର ଗୋଡ଼ ଥରଉଠେ । ଲଥ୍‌କରି ପୁଣି କଚୁଡ଼ି ହେଇ ପଡ଼େ ଛୁଆଟା ସେ ଲୋକଟାର ପେଟ ଆରପାଖକୁ । କିନ୍ତୁ ସେକଡ଼କୁ ଓଲଟିପଡ଼ିଲାମାତ୍ରେ ସେ ଆରମ୍ଭ କରିଦିଏ ତାର ପାହାଡ଼ ଚଢ଼ା ।

ଜର୍ଜ ହସେ । ସେ ପୁଣି ଆଶ୍ଚର୍ଯ୍ୟ ହୁଏ । ପିଲାଟାର ଭାରି ସାହସ । ଭାରି ଚେମେଡ଼ା ପିଲାଟାଏ—ଲାଗିଛି ତ ଲାଗିଛି ।

ଜର୍ଜ ଏ ମୋଟା ଲୋକଟିକୁ ବି ଚିହ୍ନେ—ଆଉ ସେ ଛୁଆଟିକୁ ବି ଚିହ୍ନେ । ସେ ଶୁଣିଛି —ତା ଚିହ୍ନାପରିଚିତ ରିକ୍ସାବାଲାଠୁଁ ଏ ଲୋକର ବୃତ୍ତାନ୍ତ । ଏଡ଼େ ବଡ଼ ପାହାଡ଼ଭଳି ମଣିଷର ଏତେ ଟିକେ ପିମ୍ପୁଡ଼ି ଭଳି ଛୁଆ । ସେ ଆଉ ସେଆଡ଼କୁ ନଜର ଦେଲାନାହିଁ । ମନକୁ ମନ ଟିକିଏ ହସି ସେ ବାଟ ଚାଲିଲା ।

କିଛି ବାଟ ଯାଇ ଜର୍ଜ ବଙ୍କେଇଲା—ନଈକୂଳ ରାସ୍ତାରେ । ରାସ୍ତାଟା ଟିକିଏ ନିକାଞ୍ଚନ । ପେଟରେ ଖୁବ୍ ଭୋକ ହେଲେ ଜର୍ଜ ଏଇ ନିକାଞ୍ଚନ ରାସ୍ତାକୁ ପଳେଇ ଆସେ । ଏଠିକାର ଖୋଲା, ନଈକୂଳିଆ ହାଉଆଟା ପେଟର ଭୋକକୁ ଅନେକ ପରିମାଣରେ ମାରିଦିଏ ।

Digitized by srujanika@gmail.com

ତା ଛଡ଼ା ନଈଧାରର ଚଳପାଣି ଟିକକ ବି ଭାରି ଆରାମ ଦିଏ ଶୁଖିଲା ତଣ୍ଡିକୁ । ତେବେ ନଈଧାରଟା ଟିକିଏ ଦୂରରେ । ଥୋଡ଼ାଏ ବାଲି ଟପିଲେ ଯାଇ ନଈଧାରରେ ପହଞ୍ଚିବାକୁ ହୁଏ । ତା ପରେ ଥରେ ସେଠି ପହଞ୍ଚିଲେ ତେଣିକି କର୍ଣ୍ଣିପଡ଼ି ପାଣିରେ ମୁହଁ ଲଗେଇ ପେଟେ ପେଟେ ପିଇଦେଇ ହୁଏ ।

କିନ୍ତୁ ଆଜି ଜର୍ଜ ମୁହାଁଇ ନଥିଲା ସେଇ ନଈଧାର ଆଡ଼କୁ । ସେ ଆଜି ମୁହାଁଇଥିଲା ସେଇ ବାବାଜି ଦୋକାନ ଆଡ଼େ, ଯୋଉ ବାବାଜି ଦୋକାନର ଗୁହ୍ଲା କଥା ଶୁଣିଥିଲା କିଛିଦିନ ତଳେ ତାର ଜଣେ ସାଙ୍ଗ ରିକ୍ସାବାଲାଠୁଁ । ସେ ଦୋକାନଟା କୁଆଡ଼େ ଏଇ ରାସ୍ତାରେ ପଡ଼େ—ଏଇ ରାସ୍ତାରେ—ଟିକିଏ ଦୂରରେ ଅବଶ୍ୟ । ହେଲେ ମାତ୍ରବର ଗୁହ୍ଲା ବନାଏ ସେ ବାବାଜି । ସେ ବାବାଜି ଖାଲି ଗୁହ୍ଲା ବଡ଼ ଆଉ ଗଞ୍ଜେଇ ବିକେ—ଏତିକି ଛଡ଼ା ଆଉ କିଛି ତା ଦୋକାନରେ ମିଳେ ନାହିଁ । ଖୁବ୍ ବେଶିହେଲେ କିଛି ଖଇସାଲଡ଼ୁ, କି ଫେଣାଏ କଦଳୀ ବ୍ୟତୀତ ଆଉ କୋଉ ଖାଦ୍ୟଦ୍ରବ୍ୟ ସେ ବାବାଜି ବିକେନା କି ନିଜେ ବି ମଧ୍ୟ ଖାଏନାହିଁ । କେବଳ ସେତିକି ନୁହେଁ—ଏ ବାବାଜି ବିଷୟରେ ଆଉ କେତେ କଥାମାନ ମଧ୍ୟ ସେ ଶୁଣିଥାଏ । ତା ମନରେ ବହୁଦିନ ହେବ ସେ ପାଞ୍ଚି କରିଥିଲା ଏ ବାବାଜି ମହାତ୍ମାଙ୍କୁ ଟିକିଏ ଭେଟିବା ପେଇଁ, ଆଉ ତା ଦୋକାନର ସେଇ ଅଦ୍ଭୁତ ଗୁହ୍ଲା ଟିକିଏ ଖାଇବା ପେଇଁ । କିନ୍ତୁ ଏତେ ଦିନଯାକେ ସେ ସୁଯୋଗ ଯୁଟି ନ ଥିଲା—ଆଜି ଯୁଟିଚି ସେ ସୁଯୋଗ ।

ଜର୍ଜ ଆଶ୍ଚର୍ଯ୍ୟ ହେଉଥିଲା । ସତେ କ'ଣ ଲୋକେ ଯାହାସବୁ କହନ୍ତି ସେ ବାବାଜି ବିଷୟରେ ସେଗୁଡ଼ାକ ସବୁ ସତ କଥା ? ସତେ କ'ଣ ସେ ବାବାଜି ହାତ ଏମିତି ଯେ ତା ହାତ ବାଜି ଗୁହ୍ଲା ଅମୃତ ହେଇଯାଏ ? ଆଉ ଯେ ପିଇବ ସେ ଗୁହ୍ଲାକୁ, ତାର ଭୋକ ଦିନସାରା ପେଇଁ ମରିଯିବ ? ତାର ଆଉ କିଛି ଖାଇବାର ଲୋଡ଼ା ନଥିବ ? ପେଟ ଆଉ ଜାଣିପାରିବ ନାହିଁ ତାକୁ ଭୋକ ଶୋଷ ହେଉଚି କି ନାହିଁ ?

ସେଇ ଅମୃତ-ଗୁହ୍ଲା ଲୋଭରେ ଜର୍ଜର ଗୋଡ଼ ଜଲଦି ଜଲଦି ଆଗକୁ ପଡ଼ିଲା । ସେ ଯେତିକି ଯେତିକି ଆଗକୁ ଆଗକୁ ଚାଲୁଥିଲା, ତା ମନ ବି ସେତିକି ଶୀଘ୍ର କାମ କରିବାକୁ ଲାଗିଲା ।

ସେ ମନକୁ ମନ ପଚାରିଲା—ଆଚ୍ଛା, ଏ ବାବାଜି କିଏ ? ଲୋକେ ଯାହା କହନ୍ତି ଯେ ଏ ବାବାଜି ସାକ୍ଷାତ୍ ବିଷ୍ଣୁଙ୍କର ଅବତାର । ଇଆର ଲକ୍ଷ୍ମୀ ଅଲକ୍ଷ୍ମୀ ବୋଲି ଦୁଇଟି ମାତା ଥାଆନ୍ତି । ସେଥିଭିତରୁ ଲକ୍ଷ୍ମୀ ମାତାଟି ପଥର ପାଲଟି କରି ରହିଛୁ; ଆଉ ଆର ମାତା ଯାହାର ନାଁ ଅଲକ୍ଷ୍ମୀ—ସେଇ ଏକା ମଣିଷ ଅବତାର ହେଇ ମଣିଷ ରୂପରେ ପ୍ରକଟ ହେଇଚି । ଏକଥା କେଉଁଣ ସତ ? ଆଉ ଏ ବି କେଉଁଣ ସତ ଯେ ସେଇ ପଥର ଲକ୍ଷ୍ମୀମୂର୍ତ୍ତିଟା ଦିଏ ସେ ବାବାଜି କୁଡ଼ିଆରେ ଦିନଯାକ ପଥରଖଣ୍ଡ ଭଳି ପଡ଼ିରହିଥାଏ, ମାତ୍ର ପ୍ରକୃତରେ ସେ ମୂର୍ତ୍ତି ରାତିରେ ଜୀବ ପାଇ ଉଠେ, ଆଉ ବେଶପୋଷାକ ପିନ୍ଧି, ହାରମାଳାର ଅଳଙ୍କାର

Digitized by srujanika@gmail.com

ପିଛ ଅନ୍ଧାର ଭିତରୁ ବାହାରିଆସି ବାବାଜି ପାଖକୁ ଯାଏ । ତା ପରେ ଆରମ୍ଭ ହୁଏ ଘମାଘୋଟ ଯୁଦ୍ଧ—ଦୁ' ସଉତୁଣୀ କଳି ଲକ୍ଷ୍ମୀ ଅଲକ୍ଷ୍ମୀଙ୍କ ଭିତରେ । କୁଆଡ଼େ ଧୂଳି ଉଡ଼ିଯାଏ ଚତୁର୍ଦ୍ଦିଗ ସେଇ ଯୁଦ୍ଧରେ । ଏ ଯୁଦ୍ଧ ପ୍ରତ୍ୟକ୍ଷରେ ଦେଖି ଦେଖଣାହାରି ବାଟୋଇମାନେ ଭେଟଣା ହୁଅନ୍ତି । ଆଉ ଏକଥା କଣ ସତ—ଲୋକେ ଦେଖନ୍ତି ଯେ ରାତି ତମାମ୍ ସେଇ ଯୁଦ୍ଧ ଲାଗିରହେ ଦୁ' ସଉତୁଣୀଙ୍କ ଭିତରେ । କେହି କାହାକୁ ନଗ୍ରେଡ଼ବନ୍ଧା । ଏକ ଆରେକକୁ ବଳିଆର । ହେଲେ ରାତିର ଶେଷ ପହରକୁ ଟଗ୍ଲିସ୍ତି ଅଲକ୍ଷ୍ମୀ ଯୁଦ୍ଧ କରି କରି ନସ୍ତାନ୍ତ ହେଇ ମୂର୍ଚ୍ଛାହେଇଗଲେ, ଲକ୍ଷ୍ମୀ ଜିତାପଟ ନେଇ ବାବାଜି ପାଖକୁ ଆସେ । ତା ପରେ ବାବାଜିର ଝୁଆଟାକୁ ଟାଣିଟାଣି ସେ ନେଇଯାଏ ନଈ ବାଲିଏ ବାଲିଏ । ଲକ୍ଷ୍ମୀମାତାର ହୀରାମାଳା ଖଣ୍ଡା ଝଲମଲ ଅଲଙ୍କାରର ଆଲୁଅକୁ, ଲୋକେ ରାତି ଜାଙ୍ଗୁଲୁଜାଙ୍ଗୁଲୁବେଳେ ବାଲିରେ ଦେଖିଚନ୍ତି ବୋଲି କହନ୍ତି । ବେଳେବେଳେ ଏଇ ହୀରାମାଳା ଗୋଟାଏ ଗୋଟାଏ ଲକ୍ଷ୍ମୀମାତା ବେକରୁ ଛିଣ୍ଡି ପଡ଼ିଥାଏ । ସକାଳକୁ ଜାଣିବା-ଶୁଣିବା ଲୋକେ ବି ପାଇଚନ୍ତି ସେ ହୀରାମାଳାରୁ ଖଣ୍ଡେ ଖଣ୍ଡେ । ଆଉ ବଡ଼ସକାଳକୁ ଯିଏ ବାଟରେ ଆସେ, ସେ କୁଆଡ଼େ ଦେଖିପାରିବ ସ୍ୱଚକ୍ଷୁରେ ଯେ ସକାଳ ପହରକୁ ନଈପାଣିରୁ ଉଠି ଏ ବାବାଜି ମନ୍ତ୍ର ବୋଲି ବୋଲି ଲକ୍ଷ୍ମୀମାତାର ପଥର ମୂର୍ତ୍ତିଟାକୁ କାନ୍ଧେଇ କରି ଦୋକାନକୁ ଫେରୁଥାଏ । ତେଣେ ଦୋକାନ ଦୁଆର ମୁହଁରେ ବାଲି ଫୁରୁକୁଟି କରି ଅଲକ୍ଷ୍ମୀ ରଡ଼ି ଛାଡ଼ୁଥାଏ । ହେଲେ ବାବାଜି ଫେରିଆସି ସବୁ ଠିକ୍‌ଠିକଣା କରିଦିଏ । ଆପଣା ହାତରେ କୋଇଲା ଚୁଲିରେ ଆଞ୍ଚଦେଇ ବାବାଜି କେଟ୍‌ଲି ବସାଏ । ଚାହା ହୁଏ । ପ୍ରଥମ ଚାହା ସେ ଦିଏ ସେଇ କଳିହୁଡ଼ୀ ଅଲକ୍ଷ୍ମୀକୁ । ସେଇତକ ଚାହା ପେଟରେ ପଡ଼ିଗଲେ ବିଚାରୀର ସବୁ ଭୋକ ମରିଯାଏ—ତା ପରେ ସେ ପୁଣି ଲାଗିପଡ଼େ ଦୋକାନ କାମରେ—ଏ ଗୁଡ଼ାକ କ'ଣ ସତ ? ଲୋକେ କହନ୍ତି ଏ ବାବାଜି ସାକ୍ଷାତ୍ ବିଷ୍ଣୁ ଅବତାର । ପୁରାଣରେ କୁଆଡ଼େ ଅଛି—କୋଉ ଯୁଗରେ ବିଷ୍ଣୁ ଗୋଟିଏ ଦରିଦ୍ର ଲୋକର ଘରେ ଅନ୍ଧାରରେ ପଶୁ ପଶୁ ତାଙ୍କ ଗୋଡ଼ବାଜି ଲୋକଟିର ଘରେ ଥିବା ଗୋଟିଏ ପଥରର ଲକ୍ଷ୍ମୀମୂର୍ତ୍ତି କୁଆଡ଼େ ଟଳିପଡ଼ିଲା । ବିଷ୍ଣୁଙ୍କର ସେ ହତାଦରକୁ ଲକ୍ଷ୍ମୀ ଠାକୁରାଣୀ ସହି ନପାରି ସାଙ୍ଗେ ସାଙ୍ଗେ ବିଷ୍ଣୁଙ୍କୁ ଅଭିଶାପ ଦେଲେ ଯେ, ସେ କଳିଯୁଗରେ ଯାଇ ଦରିଦ୍ର ନାରାୟଣଙ୍କ ପେଟର ଭୋକମାରିବା ସଙ୍ଗେ ସଙ୍ଗେ ପଥରର ଲକ୍ଷ୍ମୀମୂର୍ତ୍ତିକୁ ଭକ୍ତିଭ୍ ଦେଇ ଶିଖନ୍ତୁ । ସେଇ ଅଭିଶାପରେ ବିଷ୍ଣୁ ଏଇ ବାବାଜି ଅବତାର ଧରି ସାମାନ୍ୟ ଚାହା ଦୋକାନଟିଏ କରି ଦରିଦ୍ର ଲୋକଙ୍କୁ ଅମୃତ ପରିଷୁଚନ୍ତି । ଏଇ ବାବାଜିର ପ୍ରକୃତ ସ୍ତ୍ରୀ ହଉଚି ଏଇ ଅଲକ୍ଷ୍ମୀ । ସେ ବିଚାରି ବି କୋଉ ଯୁଗର ପାପ ଭୋଗ କରୁଚି । ଏ ସବୁ କଅଣ ସତ ? ହିଁ, ସତ ନହେଇଥିବ କିଆଁ ?

ଜିଜି ଚାଲିଥିଲି ରାସ୍ତାଏ ରାସ୍ତାଏ । କାହିଁ ସେ ବାବାଜି ଦୋକାନ ? କାହିଁ ? ଅମୃତ କାହିଁ ? ଏଣେ କରଡ଼ି ଜଳିବାକୁ ଆରମ୍ଭ କରିଦେଲିଣି ଯେ । ଆଉ କେତେ ଦୂର ?

Digitized by srujanika@gmail.com

ଖୋଲା ରାସ୍ତାରେ ଧୂଳିମଳି ନ ଥିବା ଖୋଲା ହାଉଆରୁ ଆଁ କରି ମନଇଚ୍ଛା ଆହୁରି ଥୋଡ଼ାଏ ପିଇଲା ଜର୍ଜ । କିନ୍ତୁ କାହିଁ—ଏ ଖୋଲା ପବନ ଯେମିତି ପେଟର ନିଆଁକୁ ଆହୁରି କୁହୁଳେଇ ଦେଉଚି । ମୁହଁ ବନ୍ଦକରି ଜର୍ଜ ନଈଆଡ଼କୁ ଚାହିଁଲା ।

ନଈ ! କୁଆଡ଼ୁ ଆସି କୁଆଡ଼େ ବୋହିଯାଉଚି ଏ ନଈ କେହି ଜାଣେନା । ପାଣି ସ୍ୱାର ଅମାପ । କେହି ପଚାରୁନାହିଁ ସ୍ୱାର ପାଣିକୁ । କାରଣ ସ୍ୱାର ପାଣି ପାଇଁ ପଇସା ଦେବାକୁ ପଡ଼େନା । କିନ୍ତୁ କି ଲାଭ—ଏତେ ପବନ, ଏତେ ପାଣି ଥାଇଁ ଥାଇଁ ତଥାପି ପେଟ ପୂରୁ ନାହିଁ । ବରଂ ପେଟର ନିଆଁ କୁହୁଳୁଚି; ତା ଭିତରେ ରାକ୍ଷସ ଆହୁରି ହାଁ ହାଁ ହୋଇ ଉଠୁଚି । ବେଳୁବେଳ ତାର ସ୍ୱର ଆହୁରି ବଢ଼ିଉଠୁଚି । ସେ ଗର୍ଜିବାକୁ ବଦାରିବାକୁ ଆରମ୍ଭ କଲାଣି; ହେଲେ କିଏ ତାର ଡାକ ଶୁଣୁଚି ?

ଜର୍ଜ ନଈବାଲିକୁ ଚାହିଁଲା । ନରମ ସୂର୍ଯ୍ୟକିରଣରେ ଝଟକି ଉଠୁଥିବା ନଈର ସୁନାବର୍ଣ୍ଣ ବାଲିଗୁଡ଼ାକୁ ଚାହିଁ ସେ ଭାବିଲା—ଏ ଖୋଲା ପବନ ଯେମିତି ମନଇଚ୍ଛା ମିଳୁଚି ଏ ନଈର ପାଣି ସେମିତି ମନେକର; ଯଦି ଏ ନଈବାଲିଟା ଗୋଟାଏ ଧାନଗଦା ପାଲଟି ଯାଆନ୍ତା ହଠାତ୍…

ଜର୍ଜ ଆଶ୍ଚର୍ଯ୍ୟ ହେଲା । ଖୁବ୍ ଆଶ୍ଚର୍ଯ୍ୟ ହେଲା । ତାର ନିଜ ଧାରଣା ନିଜକୁ ବିସ୍ମିତ କଲା । ବା ! ବଡ଼ ବିଚିତ୍ର କଥା ଏ ! ସତେ କଣ ଏ ନଈବାଲି କୋଉ କୁହୁକ ବଳରେ ଧାନ ପାଲଟିଯିବ ? ଭୋକ ହେଲା ମାନେ ଭୋକିଲା ପଥିକର ଭୋକ ମାରିବା ପାଇଁ ଏ ବିଚିତ୍ର କୁହୁକମୟ ପୃଥିବୀରେ ଏମିତି କଣ କୋଉ ଲୋକ ନାହିଁ ଯିଏ ଏ ନଈବାଲିକୁ ଧାନମୟ କରିଦିଅନ୍ତା ?

କିନ୍ତୁ ନା । ପରମୁହୂର୍ତ୍ତରେ ତା ମନରୁ ସେଇ ଅସମ୍ଭବ ସ୍ୱପ୍ନ ଉଭେଇଗଲା । ସେ ଭଲ କରି ଜାଣିଥିଲା, ଏ ସଂସାରରେ ଅନ୍ୟର ପେଟର ଭୋକ ବୁଝିବା ପାଇଁ କୌଣସି କୁହୁକ ମନ୍ତ୍ର ନାହିଁ । କେହି କାହାକୁ ଚିହ୍ନନ୍ତି ନାହିଁ ଏ ସହରରେ । ସମସ୍ତେ ସମସ୍ତଙ୍କର ଅଚିହ୍ନା । କେବଳ ନିଜ ପେଟର ଭୋକ ମାରିବା ପାଇଁ ସମସ୍ତେ ସମସ୍ତଙ୍କୁ ଚିହ୍ନା ଦିଅନ୍ତି ଆଉ କୁହୁକ କରନ୍ତି ଏଇ ସଂସାରରେ ।

ଜର୍ଜର ପାଦରୁ ବଳ କମି କମି ଆସୁଥିଲା । ସେ ଜାଣିଥିଲା, ଆଉ ସେଇ ବାବାଜୀ ଦୋକାନ ପର୍ଯ୍ୟନ୍ତ ସେ ଚାଲିଚାଲି ଯାଇପାରିବ ନାହିଁ । ଯିବାପାଇଁ ଜୋର୍ ନାହିଁ ତା ଦେହରେ । ଗୋଟାଏ ଲମ୍ବା ନିଶ୍ୱାସ ମାରି ସେ ବସିପଡ଼ିଲା ନଈବନ୍ଧ ଉପରେ । କିଛି ସମୟ ଧରି ସେ ସେଇ ଖୋଲା ଶୂନ୍‌ଶାନ ନଈବାଲିକୁ କେମିତି ଗୋଟାଏ ଖୋଲାମନରେ ନିଘାକଲା ।

ସୂର୍ଯ୍ୟକିରଣ ଟାଣ ହୋଇ ଆସୁଥିଲା । ବାଲିଗୁଡ଼ାକ ଅଧିକ ଅଧିକ ଝଟକିବାକୁ ଲାଗିଲା । ବାଲି ଉପରେ ବିଛୁଡ଼ି ହୋଇ ପଡ଼ିଥିବା ଟିକିଟିକି ଅଭ୍ରଖଣ୍ଡଗୁଡ଼ିକ ସୂର୍ଯ୍ୟର ତୀର୍ଯ୍ୟକ କିରଣରେ ଝକମକ ହୋଇ ଜଳିବାକୁ ଆରମ୍ଭ କରିଦେଲେ । ଏହି ସମୟରେ ବହୁତ ଦୂରରୁ କିଛି ଗୋଟାଏ ଡାଳଦିଆ ଶବ୍ଦ ଶୁଣି ଜର୍ଜ ଅନ୍ୟମନସ୍କ ହେଲା । ରାସ୍ତାରେ ଦୂରକୁ ଚାହିଁ

Digitized by srujanika@gmail.com

ସେ ଦେଖିଲା ଧାଡ଼ିଏ ଏକ ମସୃଣ ମଣିଷ ତାଳ ଦେଇ, ଗୋଡ଼ ପକେଇ ସହରଆଡ଼ୁ ଆସୁଛନ୍ତି । ଲୋକଗୁଡ଼ାକର ଏକ ରଙ୍ଗର ସେଇ ମାଟିଆ ଖାକି କନାର ଏକ ନମୁନାର ପୋଷାକ, ଏକ ନମୁନାର ଟୋପି ଆଉ ଜୋତା, ତାଙ୍କ ପିଠିରୁ ଓହ୍ଲାଇଥିବା ସେଇ ଏକ ନମୁନାର ମୂର୍ତ୍ତି ଆଉ ତାଙ୍କର ସେଇ ଏକ ତାଳଦିଆ ପାଦଶବ୍ଦ ଶୁଣି ଜର୍ଜ ସେମାନଙ୍କୁ ଠଉରକଲା । ସେମାନେ ହେଉଛନ୍ତି ପଲଟଣ ।

ଦୂରରୁ ପଲଟଣଗୁଡ଼ାକଙ୍କର ସେଇ ତାଳଦିଆ ପାଦଶବ୍ଦ ଶୁଣୁଶୁଣୁ ସେ ଗୋଟାଏ ହାଇ-ମାରିଲା; କିନ୍ତୁ ତାର ହାଇ ବନ୍ଦ ହୋଇଗଲା ହଠାତ୍ । ତାର ମୁଣ୍ଡ ଉପର ଦେଇ ଗୋଟାଏ ଉଡ଼ାଜାହାଜ ବେଶ୍ ପାଖରେ ଉଡ଼ିଚାଲିଗଲା । ତାର ବିକଟାଳିଆ ରବାଦ୍‌ରେ କାନ ଅତଡ଼ା ପଡ଼ିଗଲା । ଚମକିପଡ଼ିବା ସାଙ୍ଗେ ସାଙ୍ଗେ ଜର୍ଜ ଠିଆହୋଇପଡ଼ି ସେ ଉଡ଼ାଜାହାଜଟାକୁ ବି ଭଲକରି ଥରେ ଦେଖିନେଲା । ଏତେ ପାଖରେ ଗୋଟାଏ ଉଡ଼ାଜାହାଜ ଦେଖିବା ତା ପେଇଁ ସେଇଥିଲା ପ୍ରଥମ । ଉଡ଼ାଜାହାଜ ଯନ୍ତ୍ରର ଗର୍ଜନ ଉଭେଇଗଲା—ଯେତିକି ଶୀଘ୍ର ଆସିଥିଲା ସେ ସେତିକି ଶୀଘ୍ର ବି ଉଭେଇଗଲା ।

ଜର୍ଜର ଛାତି ଭିତରଟାର ଧୁକ୍‌ଧୁକ ସେ ପର୍ଯ୍ୟନ୍ତ ଚୁପ୍ ହୋଇ ନଥାଏ । ପଲଟଣ ଫଉଜ ସେଇ ଧୁକ୍‌ଧୁକ ସାଙ୍ଗେ ଗୋଡ଼ ପକେଇ ଚାଲିଗଲେ ତା ପାଖ ଦେଇ । ଜର୍ଜ ସେଇ ପଲଟଣ ମଣିଷଗୁଡ଼ାକୁ ଆଶ୍ଚର୍ଯ୍ୟ ହୋଇ ଚାହିଁଲା । ସେମାନେ ବି ଚାହିଁଲେ ତାକୁ—କାରଣ ଆଉ କୁଆଡ଼େ ଚାହିଁବାକୁ ଲୋକ ନଥିଲେ ସେ ଆଖପାଖରେ ।

ସେମାନଙ୍କୁ ଚାହିଁ ଜର୍ଜର ମୁହଁ ଶେତା ପଡ଼ିଗଲା । ସେମାନେ ବି ଗୋଟାଏ କେମିତିକା କେମିତିକା ଆଖିରେ ଚାହୁଁଥିଲେ ତାକୁ । ତାଙ୍କ ଭିତରୁ କିଏ ଗୋଟାଏ ମୁଣ୍ଡ ଟେଙ୍ଗାର ଆଖି ଠାରି ତାକୁ କେମିତି ଧମକେଇବା ଭଙ୍ଗିରେ ଚାହିଁ ମୁରୁକିହସା ଦେଲା ମଧ୍ୟ । ସତେ ଯେପରି ସେମାନେ କହୁଥିଲେ—"ବସିଥା, ବସିଥା—ତୁମ ମାଗଣାଖିଆ, ପୋଲିଖିଆ ଅଳସୁଆଙ୍କ ସହିତ ଦିନେ ଦେଖାହେବ ଯେ !"

ହଠାତ୍ କାହିଁକି କେଜାଣି ସେମାନଙ୍କୁ ଦେଖି ଜର୍ଜର ଈର୍ଷା ହେଲା । ତାର ମନହେଲା ଆଉ ଏ ନଈକୂଳଟାରେ ଏମିତି ଖୋଲା ହାଉଆ ଖାଇବାକୁ ନବସି ସେ ଯଦି ଚାଲନ୍ତା ତାଙ୍କ ପଛେ ପଛେ—ଏକ୍ ଦୁଇ, ଏକ୍ ଦୁଇ କରି କରି ! ତାଙ୍କଠୁ ମାଗି ସେ ବି ଯଦି ପିନ୍ଧନ୍ତା ସେମିତି ଗୋଟାଏ ଗ୍ରୁଣ୍ଡିସ୍ ପୋଷାକ ଆଉ ଟୋପି । ସେ ବି ଯଦି କାନ୍ଧରେ ପକାନ୍ତା ଗୋଟାଏ ବନ୍ଧୁକ ! ଆଉ ସେ ଚାଲନ୍ତା ଦୁମ୍ ଦୁମ୍ ଦୁମ୍ ଦୁମ୍—ଗୋଡ଼ ମିଳେଇ ଏଇ ଲୋକଗୁଡ଼ାଙ୍କ ସାଙ୍ଗେ । ମାଟିକୁ ଦୁଲୁକେଇ ଦୁଲୁକେଇ ଏକ ଦୁଇ କରି ସେ ଚାଲନ୍ତା ।

ନଈବନ୍ଧରୁ ଗଡ଼ି ସେ ଅପେକ୍ଷା କଲା କେତେବେଳେ ସେ ଧାଡ଼ିଟାର ଶେଷ ମଣିଷ ତାକୁ ଟପି ଚାଲିଗଲେ, ସବା ପଛରେ ସେ ଗୋଡ଼ ମିଳେଇ ଚାଲିବ ତାଙ୍କ ସାଙ୍ଗେ ।

କିନ୍ତୁ ସେ ପାରିଲା ନାହିଁ । ସେଇ ତାଳପକା ମଣିଷ ପାଦଶବ୍ଦ ଶୁଣୁ ଶୁଣୁ ଆଉର ଗୋଟାଏ ହାଇ ଆସିଲା ତା ମୁହଁକୁ । କ୍ରମେ ସେ ଶବ୍ଦଟା ଖାଲି ବିରକ୍ତିକର ଶୁଣାଗଲା ତା କାନକୁ । ସତେ କି ଯନ୍ତ୍ରଟାଏ ଏକ ତାଳକେ ଚାଲିଚି । ଢିଙ୍କିଟାଏ କୋଉଠି ପଡ଼ୁଚି ଆଉ

Digitized by srujanika@gmail.com

ଉଠୁଚି ସେଇ ଏକ ତାଳରେ । ତେଲକଳର ଇଞ୍ଜିନ୍ ଚାଲିଚି ।

ସେମାନେ ଚାଲିଯାଉଥିଲେ ଦୂରକୁ । ତାଙ୍କ ଗୋଡ଼ର ଚଳନ୍ତା ଛାଇସବୁ ରାସ୍ତାକଡ଼ର ଛୋଟ ଛୋଟ ବୁଦୁବୁଦୁକିଆ ଗଛ ଉପରେ ଚାଲୁଥାଏ । ପୁଣି ଗୋଟାଏ ହାଇ ଉଠେଇ ଜର୍ଜ ଦେଖୁଥିଲା ସେଇ ଛାଇଟାକୁ । ଗୋଟାକ ପରେ ଗୋଟାଏ—ତାଳଦଆ—ଅସରନ୍ତି ଛାଇଟାଏ । ଯେତେ କି ଗୋଟାଏ ମସ୍ତବଡ଼ ତେନ୍ତୁଳିଆ ବଗ୍ର ଚାଲିଚି ଧୀମେଇ ଧୀମେଇ—ଗୋଟାକ ପରେ ଗୋଟାଏ ତାର ଅସଂଖ୍ୟ ପାଦ ଆଗେଇ ଚାଲିଚି । ଆଉ ମସ୍ତ ଏକ ଲମ୍ବା ସେଇ ବଗ୍ରଟା ତାର ସେହି ଅସଂଖ୍ୟ ପାଦ ବଢ଼େଇ ଆବୋରି ପକଉଚି ଗୋଟାଏ କୋଉ ଡରକୁଳୀ ମାଇପିଲୋକକୁ । ଭୟରେ ସେ ମାଇପିଟିର ଛାତି ଖାଲି ଦୁଲୁକି ଉଠୁଚି । ସେ ଛଟିପିଟି ହଉଚି; କିନ୍ତୁ ପୋକଟା ତାକୁ ଆହୁରି ଜୋର୍‌ରେ ଜାବୁଡ଼ି ଧରି ଖାଲି ତାର ଦେହସାରା ଚିରି ଚିରି କରି ଧୀମେଇ ଧୀମେଇ ଘୂରିଯାଉଚି ତା ଦେହ ଚାରିପାଖେ ।

ଫଉଜ ଉଭେଇଗଲା ଆଖି ଆଗରୁ । ଆଖିର ଜର୍ଜ ଫଉଜର ପିଛା ଧରିପାରିଲା ନାହିଁ । ସେ ନିରାଶହେଇ ଫଉଜ ପଛକୁ କେବଳ ଚାହିଁରହିଲା । ଏହି ସମୟରେ ତାର ପଛପଟେ କାହାର ପାଦଶବ୍ଦ ସହିତ ତାଳଦଆ ବାଡ଼ି ଗୋବ ଭଳି ଶବ୍ଦ ଶୁଣି ସେ ପଛକୁ ଫେରି ଚାହିଁଲା । ସେ ଦେଖିଲା—ଟିକିଏ ଦୂରରୁ ଗୋଟାଏ କ୍ଷୀଣକାୟ ମଣିଷ ତା ଆଡ଼କୁ ଆସୁଚି; କିନ୍ତୁ ଲୋକଟା ଦୁଇ ଗୋଡ଼ରେ ଚାଲୁଥିଲେ ମଧ୍ୟ ତାର ଗୋଟାଏ ପାଖେ ଲାଗିଥିଲା ଗୋଟାଏ କାଠର ଗୋଡ଼ । କାଠର ଗୋଡ଼ ହେଉ ବା ଯା କିଛି ହେଉ, ଲୋକଟା ମାଟି ଧସେଇ ଚାଲିଥାଏ । ଆଗର ପଲଟଣ ଧାଡ଼ିର ପାଦତଳେ ମାଟି ଯେମିତି ଲସି ଯାଉଥାଏ, ହୁଏତ ଏଇ ଗୋଟାକ ଲୋକର ଚାଲିରେ ବି ମାଟି ସେମିତି ଦୁଲୁକୁଥାଏ ।

ଜର୍ଜ ଲୋକଟାକୁ ଆଡ଼େଇ ହେଇ ଗଲା । ଲୋକଟା ଟିକିଏ ମାତ୍ର ତା ଆଡ଼କୁ ନ ଚାହିଁ ସିଧା ବାଟ ଧରିଲା । ଯେତେ କି ସେ ଏ ଦୁନିଆଁରେ କାହାରିକୁ ଖାତିର୍ କରେନାହିଁ ।

ଜର୍ଜ ଆଶ୍ଚର୍ଯ୍ୟ ହେଲା । ଭୋକ ପୁଣି ଦାନ୍ତ ରଗଡ଼ିବାକୁ ଆରମ୍ଭ କରିଦେଇଥିଲା ତା ପେଟ ଭିତରେ; କିନ୍ତୁ ଖାଇବାକୁ କାହିଁ ? ଜର୍ଜ ତା ନିଜର ନିର୍ଜୀବ ଦ'ହାତ ଆଉ ଦ'ପାଦକୁ ଚାହିଁଲା । ଆଉ ଆଗରେ ଚାଲିଥିବା ଲୋକଟାର କାଠଗୋଡ଼କୁ ଚାହିଁଲା । ହଠାତ୍ କଅଣ ତାର ମନରେ ହେଲା କେଜାଣି, ସେ ଲୋକଟାର ପିଛା ଧରିଲା । ତାର ବିଶ୍ୱାସ ହଉଥିଲା—ବୋଧ ହୁଏ ଯେତେବେଳେ ଏ ପୃଥିବୀରେ ଗୋଟାଏ ଛୋଟାଲୋକ ଏତେ ବଳବାନ୍ ହେଇପାରେ, ଆଉ ଆପଣା ପେଟପାଇଁ ଯଥେଷ୍ଟ ଖାଇବା ଯୋଗାଡ଼ କରିପାରେ, ସେତେବେଳେ ଗୋଟିଏ ହାତ ଗୋଡ଼ ଥିବାବାଲା ମଣିଷ କିଆଁ ନଇବାଲାକୁ ଚାହିଁ ହାଁ ହାଁ ହବ ?

ଜର୍ଜ ଲୋକଟାର ପିଛା ଧରିଲା । ଅନେକ ବେଳ ଧରି ଲୋକଟା ତା ପଛେ ପଛେ ଆସୁଥିବା ମଣିଷଟାକୁ ଖାତିର ନକଲା ଭଳି ଚାଲିବାକୁ ଲାଗିଲା । ତଥାପି ଜର୍ଜ ତାର ଅନୁସରଣ କଲା । କେତେବେଳକେ ଲୋକଟା ବୁଲିକରି ଜର୍ଜକୁ ଟିକିଏ ଗାରଡ଼େଇ କରି ଚାହାଁଣି ହାଣି କର୍କଶ ଗଳାରେ ପଚାରିଲା—"କୁଆଡ଼େ କବେ ? କିଆଁ ପିଛୁରେ ମୋର ପଡ଼ିଚୁ ?"

Digitized by srujanika@gmail.com

ଜର୍ଜ କିଛି ନକହି ତା ପିଛୁ ଧଉଁଲା । ଲୋକଟା ଅଟକି ଗଲା । ଜର୍ଜ ତା ପାଖ ଧରିନେଲା । ପାଖକୁ ଆସିଲା ପରେ ଲୋକଟା ଜର୍ଜକୁ ଟିକେ ଉପରତଳ କରି ଚାହିଁ କଅଣ ଭାବିଲା କେଜାଣି, ମୁଣ୍ଡ ଝୁଙ୍ଗାଇ ଟିକିଏ ହସିଲା ଆଉ କହିଲା—

"କଅଣ ? ଭୋକ ? ନାଇଁ ? କାଆଁ ଜଳୁଚ ଧ୍ୱା ଭିତରେ··· ନାଇଁ···"

ହଠାତ୍ କହୁ କହୁ ଲୋକଟା ପଟ୍‌କିନ୍ ଜର୍ଜର ଖୋଳଡ଼ା ପେଟରୁ ପୂଲାଏ ମାଉଁସ ଧରି ଚମୁଟି ଦେଲା ଆଉ ହୋ ହୋ ହୋଇ ହସିଉଠି କହିଲା—"ମରୁନ ! ମରୁନ ତୁମେ ମାଗିଖିଆ ! ହାତ ଗୋଡ଼ ଧରି ଭିକ ମାଗୁଚୁ !"

ଜର୍ଜର ମୁହଁ ନାଲି ପଡ଼ିଗଲା । ସେ ସାମାନ୍ୟ ତେଜି ଉଠି କହିଲା—"କିଏ କହିଲା ମୁଁ ଭିକ ମାଗୁଚି ? ମୁଁ ତ ଭିକ ମାଗୁନାହିଁ ?"

"ଆଉ !" ଲୋକଟା ପୁଣି ହସି ଉଠିଲା ।

ସମ୍ଭାଳି ନପାରି ଜର୍ଜ କହିଲା—"ମୁଁ ଭିକ ମାଗୁ ନାହିଁ ହୋ ! ମୁଁ ତୁମ ପିଛୁ ଧରିଚି— ମୁଁ ଜାଣିବାକୁ ଚାହୁଁଚି କୋଉଠୁ କି ରୋଜଗାର କରି ଏ ପେଟଟା ଏଡ଼େ ମୋଟା ହୋଇଚି, ଆଉ ମୁଁ···"

ଜର୍ଜକୁ ଶେଷ କରିବାକୁ ନଦେଇ ଲୋକଟା ଆହୁରି ଜୋର୍‌ରେ ହସିଉଠିଲା—ସତେ କି ସେ ଖାଲି ତାର ସେଇ ରାକ୍ଷସିଆ ହସରେଇ ଜର୍ଜକୁ ଉଡ଼େଇ ଦବାପାଇଁ ଚାହୁଁଥିଲା ।

ସେ ହସରେ ଜର୍ଜର ସବୁ ଚେତ୍ନାଶକ୍ତି ଗଡ଼ବଡ଼ ହୋଇଗଲା । ଏହି ସମୟରେ ସେ ଶୁଣିଲା — ଲୋକଟା ପଚାରୁଥିଲା—"ପାହାଡ଼ ଚଢ଼ି ଆସେ ?"

ଜର୍ଜର ମନହେଲା ଲୋକଟା ବାଘୁଟାଏ । ହଠାତ୍ ତାର ଚେତ୍ନାଶକ୍ତି ପୁଣି ଫେରିଆସିଲା । ସେ ଭାବିଲା, ଏଥର ସେ ହସିବ; କିନ୍ତୁ ଲୋକଟା ତାକୁ ହସେଇ ଦେଲାନାହିଁ । ପୁଣି ଗୋଟାଏ କସିକରି ଚମୁଟା ଜର୍ଜ ପେଟକୁ ଦେଇ ସେ କହିଲା—

"ଶଳା କୋଢ଼ି ! ଏଇଥିରେ କହୁଚୁ ତୁ ମୋ ପିଛୁ ଧରିବୁ ? ଖାଇବା ଏଡ଼େ ଶସ୍ତା ? ନାହିଁ ? ଆ, ଯଦି ଦମ୍ ଅଛି ତ ଆ ମୋ ସାଙ୍ଗରେ । ପାହାଡ଼ ଚଢ଼ିବୁ ଆଉ ପଇସା କମେଇବୁ ।"

ଏତିକି କହି ଲୋକଟା ଜର୍ଜକୁ ପଛ କୁଲେଇ ପୁଣି ଦୁଲ୍ ଦୁଲ୍ କରି ଚାଲିବାକୁ ଲାଗିଲା । ଲୋକଟାର ହାବରେ ଆଉ ତା କଥାରେ କି ଶକ୍ତି ଥିଲା କେଜାଣି, ସେ ଚାଲିବା ମାତ୍ରେ ଜର୍ଜ ତାର ପଛେ ପଛେ ପୁଣି ଚାଲିବାକୁ ଆରମ୍ଭ କରିଦେଲା । ଏମିତି କିଛି ବାଟ ଚାଲିବା ଭିତରେ ଯାହାହେଉ ଆଗ ଲୋକଟା ତା ପଛ ଲୋକକୁ ସ୍ୱୀକାର କରିନେଲା, ତାର ସହଯାତ୍ରୀ ହିସାବରେ । କେତେବେଳକେ ସେ ଲୋକ ପଚାରିଲା—"ଆବେ ! ତୋ ନାଁ କଣ ?"

"ଜର୍ଜ !" ପଛର ଲୋକ ଉତ୍ତରଦେଲା ।

ଆଗ ଲୋକ ପୁଣି ଟିକେ ବୁଲି ପଛକୁ ଚାହିଁଲା ଆଉ ନାକଟେକି କହିଲା—"ଶଳା, କିରସ୍ତାନଟାଏ କିରେ ?"

କିରସ୍ତାନ କଅଣ ? ଜର୍ଜ ଆଶ୍ଚର୍ଯ୍ୟ ହେଲା । ତା ପରେ ସେ ବୁଝିପାରିଲା ଓ କହିଲା—

Digitized by srujanika@gmail.com

"ହିଁ ହିଁ, ମୁଁ କରସ୍ତାନ ! ହେଲେ ମୁଁ ନଜର ମିଆଁ ସାଙ୍ଗେ ଖାଏ, ଆଉ ସାର ସାମଲ ସାଙ୍ଗେ ଗୁହ୍ଳା ପିଏ, ଆଉ ବ୍ରାହ୍ମଣ କବରାଜଠୁଁ ଶାସ୍ତ୍ର ଶିଖିଚ ।"

ଲୋକଟା ଜର୍ଜଆଡ଼କୁ ନ ଚାହିଁ ଟିକଏ ହସିଲା ଆଉ କହିଲା—"ଆବେ ହଁ ବେ ! ବାର ଜାତ ତେରଗୋଲ, ବୈଷ୍ଣବ ହେଲେ ସବୁ ଗଲା । ମୁଁ ବୈଷ୍ଣବ ! ମୁଁ ବିଷ୍ଣୁଙ୍କର ବାହନ ! ମୋ ନାଁ ଗରୁଡ଼ ।"

"ତୁମ ନାଁ ଗରୁଡ଼ ? ତୁମେ ଜାତଫାତ ମାନ ନାହିଁ ?"

"ନାହିଁ ବେ ନାହିଁ । ଜାତଫାତ ମୁଁ ମାନେ ନାହିଁ । ମୋର ଗୁରଗୁରଟା ମାଇପ ! ଗୋଟାଏ ବ୍ରାହ୍ମଣୀ, ଗୋଟାଏ ହାଡ଼ିଆଣୀ, ଗୋଟାଏ ପଠାଣୀ ଆଉ ଗୋଟାଏ ଶଳା କ ଜାତ—ମୁଁ ଏ ପର୍ଯ୍ୟନ୍ତ ପଚାରିନାହିଁ ତାକୁ ।"

"ତୁମର ଗୁରଟା ଘରଯା ?"

ଏ ଲୋକଟା ଗୋଟାଏ ତାଳଫୋଟକା ମାଇଲା ଭଳି ହସି ଉଠିଲା ଆଉ କହିଲା—"କ ବେ ! ପସନ୍ଦ ଆସୁନାହିଁ ! ନାହିଁ ? ଏ ଖମମୂର୍ତ୍ତି ଦେଖିଚୁ ? ଏ ମୂର୍ତ୍ତିର ବେବସା କଅଣ ଏଇଲେ ଜାଣିଚୁ ? ଆ, ଦେଖିବୁ ଆ ! ହେଇ ଚାହାଁ ସେ ଆଡ଼କୁ !"

ଲୋକଟା ପାଦେ ଅଟକ ଯାଇ ଜର୍ଜର ଗୋଟାଏ ଖୁଆକୁ ଧରନେଲା ଆଉ ତାକୁ ପାଖକୁ ଟାଣିଆଣି ଗୋଟାଏ ଗଛ ସନ୍ଧରୁ ବହୁତ ଦୂରରେ ଥିବା ଗୋଟାଏ ମନ୍ଦର ଆଡ଼କୁ ବଣି ଆଙ୍ଗୁଠି ଦେଖେଇ କହିଲା—ହେଇ, ସେ ମନ୍ଦର ସେଠି ଦେଖୁଚୁ ! ହଜାରେ ଏକ ପାହାଚ ! ସେଇ ପାହାଡ଼ ଉପରେ ମୋର ଅସ୍ଥାନ । ମୁଁ ଯାଉଚ ମୋ ଆସ୍ଥାନକୁ ଅବ । ମୋର ଭକ୍ତମାନେ ଅବ ମୋ ପେଇଁ ଅନେଇ ବସିଥିବେ ସେଠି । ପାଆଁଶ ଖେପାକେ ସେ ପାହାଡ଼ ମୁଁ ଚଢ଼େ । ଆ, ଯଦ ବିଶ୍ୱାସ ନ ହେଉଚ ଦେଖିବୁ ଆ । ପାହାଡ଼ ଚଢ଼ିବା ମୋର ବ୍ୟବସାୟ । ଏଇ ବ୍ୟବସାୟରେ ମୁଁ ଗୁର ଗୁର ମାଇକନାଙ୍କୁ ବାହା ହେଇଚ ଆଉ ହଜାର ହଜାର ଭକ୍ତ ମୋ ଗୋଡ଼ତଳେ ଖଟୁଚନ୍ତ ନନ୍ଦ । ଆ ଦେଖିବୁ ଆ ।"

ଜର୍ଜ କଛ ବୁଝିପାରୁ ନଥାଏ; କନ୍ତୁ ସେମିତ ମନ୍ତ୍ରମୁଗ୍ଧ ହେଲାଭଳିଆ ସେ ଚାଲିଥାଏ ଲୋକଟା ପିଛୁ । ଏଭଳି ଏଇ ବଚଣ ଶକ୍ତିଶାଳୀ ଲୋକର ଭେଟ ପାଇ ତାର ଆଶ୍ଚର୍ଯ୍ୟର ସୀମା ନଥାଏ ।

ମଝିରେ ମଝିରେ ସେ କଅଣ ପ୍ରଶ୍ନ କରୁଥାଏ, ଆଉ ଲୋକଟା ତାକୁ କଅଣ ଉତ୍ତର ଦେଉଥାଏ । ହଠାତ୍ ଜର୍ଜର କଅଣ ମନେହେଲା କେଜାଣି, ସେ ପଚାରିଲା—ଆଚ୍ଛା ଗରୁଡ଼ଭାଇ !"

"ହୁଁ !"

ଲୋକଟାର ସେଇ ପଦକଥା ଉତ୍ତର ଶୁଣି ଜର୍ଜ ଚମକ ପଡ଼ିଲା । ଜର୍ଜର ମନେପଡ଼ଗଲା ସେଇ ଦନର କଥା । ନଜର ମିଆଁ ଆଉ ସେ କୋଇଲା ଗୋଟେଇ ବୁଢ଼ୀ କଥା । ତା ଦେହ ଶୀତେଇ ଉଠିଲା; କନ୍ତୁ ମନକଥା ଚୁପିଚୁପି ନେଇ ସେ ପଚାରିଲା—

"ତମର ଏ ଗୋଡ଼ !"

Digitized by srujanika@gmail.com

"ହୁଁ...!"

"ଏ ଗୋଡ଼ କଟିଲା କେମିତି ?"

"ହୁଁ !"

ଜର୍ଜର ଦେହର ସବୁ ଲୋମ ଟାଙ୍କୁରି ଉଠିଲା । ତଥାପି ସାହସ ବାନ୍ଧି ସେ କହିଲା-- "ମୁଁ ପଚାରୁଚି ତୁମ ଗୋଡ଼ କଟିଲା କେମିତି ?"

ହଠାତ୍ ଲୋକଟା ଚମକେଇ ଦେଲା ତାକୁ । ଗର୍ଜି ଉଠି ସେ କହିଲା, "ଆବେ ହଁ ବେ ହଁ ! ମୁଁ ଶୁଣୁଚି ! ଗୋଡ଼ କଟିଗଲା ନୁହେଁ—ଏ ଗୋଡ଼ କଟା ହୋଇଚି ।"

"ମାନେ ?" ଆଶ୍ଚର୍ଯ୍ୟ ହେଲା ଜର୍ଜ ।

"ମାନେ କଅଣ ବେ ଶାଳା ? ମାନେ ପଚାରୁଚୁ ! ମାନେ ଜନ୍ମହେବାର ଏକୋଇଶ ଦିନରେ ମୋର ଗୋଡ଼ କଟା ହୋଇଥିଲା । ମୁଁ ବାପର ବଡ଼ପୁଅ ବୋଲି ଜାଣିପାରୁନୁ ? ଶଳା ଫଟେଇଦଉଚୁ !"

ଲୋକଟାର ପଦେ ହେଲେ କଥା ବୋଧଗମ୍ୟ ହଉ ନ ଥିଲା ଜର୍ଜର । କିଛି ନ ବୁଝି ପାରି ସେ ଖାଲି ଗୁଁ ଘୁଁ ହେଲା । ପଚାରିବାକୁ ବି ସାହସ ହେଲାନାହିଁ । ଏଥର ଲୋକଟା ବ୍ୟଙ୍ଗସ୍ୱରେ ସବୁ କଥା ତାକୁ କେମିତି ରହସ୍ୟମୟ ଲାଗିଲା । ଲୋକଟାର ଶୋଧାକୁ ଖାତିର ନ କରି ସେ ପୁଣି ଥରେ ପଚାରିଲା—"ଗରୁଡ଼ଭାଇ !"

ଲୋକଟା ପୁଣି ଚହିଁଙ୍କି ଉଠି କହିଲା—"କବେ ! ଶଳା ଚହ୍ନି ପାରୁନୁ ! ଭାଇ କଅଣ ଡାକୁଚୁ ବେ ? ଡାକ୍—ଠାକୁର, ଭଗବାନ ବୋଲି ଡାକ ! ମୁଁ ଭଗବାନଙ୍କର ବାହାନ ବୋଲି ଜାଣିନୁ ? ମୋତେ ଲକ୍ଷ ଲକ୍ଷ ଲୋକ ପୂଜା କରନ୍ତି । ମୁଁ ! ମୁଁ ଭଗବାନଙ୍କ କଳା ସିନ ଜନ୍ମ । ପାହାଡ଼ର ତଳ୍ପ ଉପରକୁ ମୁଁ ଉଡ଼ିଯାଏ । ମୁଁ ଗରୁଡ଼ ଭଗବାନ ।"

ଲୋକଟାକୁ ଯାହାପାରେ ତା ଡାକିବାକୁ ଆଉ ହେଲା ରହିଲା ନାହିଁ ଜର୍ଜର; କିନ୍ତୁ ସେ ଜାଣିବାକୁ ଚାହୁଁଥିଲା ଲୋକଟାର ସେଇ ଗୋଡ଼ କଥା । କାହିଁକି ତାର ଗୋଡ଼ଟାକୁ ଜନ୍ମହବାର ଏକୋଇଶି ହବା ଦିନ କାଟିଦିଆଗଲା । ଭଲ ମଣିଷଟାକୁ କିଆଁ ଛୋଟାକରି ଦିଆଗଲା । ଜର୍ଜ ଖୋଳିତାଡ଼ି ବାରମ୍ବାର ପଚାରିଲା ସେଇ ଛୋଟା ଲୋକଟିକୁ । କେତେବେଳକେ ସେ ତାର ଉତ୍ତର ପାଇଲା ।

ଲୋକଟା କହିଲା—"ଆବେ ଓଲୁ ! ଯୋଉ ବଂଶରେ ଯୋଉ କଥା ଅଛି । ଆମ ବଂଶରେ ସେମିତି ଗୋଟାଏ କଥା ଅଛି । ଖାଲି ମୁଁ ନୁହେଁ, ମୋ ବୋପା, ଅଜା ହୋଇ ଅଠାନବେ ପୁରୁଷ ପର୍ଯ୍ୟନ୍ତ ବାପର ବଡ଼ପୁଅମାନେ ଛୋଟା—ସମସ୍ତେ ଏକଗୋଡ଼ିଆ । ଯେ ଏକଗୋଡ଼ିଆ ହୋଇ ଜନ୍ମ ନ ହୁଏ, ତା ଗୋଡ଼ ଆମେ କାଟିଦଉ—ଏକୋଇଶିଆ ଦିନ । ଏଇଟା ଆମର ଘରର ନିୟମ ।

"କିଣ ଗୋଡ଼ କାଟିବା ତମ ଘରର ନିୟମ ?" ଥଙ୍ଗେଇହୋଇ ଜର୍ଜ ପଚାରିଲା ।

"ଆବେ ହଁ ବେ ଶାଳା ।" ଲୋକଟା ଟିକିଏ କାଶିଲା ଆଉ କହିଲା, "ସେ ଆମ ଘରର ନିୟମ । ଯେମିତି ବ୍ରତହବା ବ୍ରାହ୍ମଣ ଘରର ନିୟମ । ପଇତା ନ ପକାଇଲେ ବ୍ରାହ୍ମଣ

Digitized by srujanika@gmail.com

ହବ କେମିତି ? କାନ ନ ଫୋଡ଼ିଲେ ଦନ୍ତ ସୁନ୍ଦ ହେବ କେମିତି ? ସେମିତି ଆମ ବଂଶର ଏ ଗୋଡ଼କଟା ନିୟମ ଅଛି । ଆମେ ହେଲୁ ଲେଙ୍ଗଟା ବଂଶ ।”

“ଲେଙ୍ଗଟା ବଂଶ ?”

“ହଁ ହଁ ବେ ! ଲେଙ୍ଗଟା ବଉଁଶ ! ଆମ ଘରକୁ ଗୋଟାଏ ଅଭିଶାପ ଥିଲା । ପୂର୍ବ-ପୁରୁଷରୁ କିଏ ଶଳା ପାପିଷ୍ଠ କଅଣ କରିଥିଲା କେଜାଣି, ତା ଗୋଡ଼ କାଟି ଲୋକମାନେ ତାକୁ ଏଇ ପାହାଡ଼ ପାଖରେ ପକେଇ ଦେଇ ଯାଇଥିଲେ । ସେ ଲୋକ ଘୁଷୁରି ଘୁଷୁରି ଏଇ ମନ୍ଦର ପାଖେ ହାଜର ହେଲା । ପାହାଡ଼ ତଳେ ବସି ମନ୍ଦରକୁ ଆସୁଥିବା ଲୋକଙ୍କୁ ଭିକ ମାଗୁଥିଲା । ଆଗେ ତ ଲୋକେ ଶଳା ଖୁବ ନାକଦାନ୍ତୁରା ଥିଲେ । ଟିକକ କଥାରେ ତାଙ୍କମାନଙ୍କ ଆଖିରୁ ଲୁହ ବନ୍ୟା ପଡ଼ୁଥିଲା । ଲେଙ୍ଗଟା ଦେଖିଲେ କଣା ଦେଖିଲେ ଲୋକେ ପଇସା ପକଉଥିଲେ । କ୍ରମେ ଏମିତି ମାଗିମାଗିକା ଆମ ବଉଁଶର ସେ କଟାଗୋଡ଼ିଆ ଲୋକର ଏତେ ଧନ ହେଲା ଯେ ସେ ଗୋଟାଏ ଧନୀଶେଠ୍ ବନିଗଲା । ଲୋକଟା ଖୁବ୍ ବୁଦ୍ଧିଆ ବି ଥିଲା—ନ ହେଲେ ସେ ଏ ବୁଦ୍ଧି କରିନଥାନ୍ତା । ସେ ଲୋକ ତା ପଇସା ବଳରେ ଗୋଟାଏ ବାହାହେଲା । ତାର ଗୋଟାଏ ପୁଅ ହେଲା । ପୁଅ ଯେମିତି ହେଲା, ଲୋକଟା ତାକୁ ଲୁଚେଇଦେଲା । ଏକୋଇଶାଦିନ ସେ କଅଁଳା ଛୁଆର ଗୋଡ଼ଟାକୁ କାଟିଦେଲା । ଏଣେ ସେ କଟାଗୋଡ଼ିଆ ଛୁଆକୁ ଔଷଧପତ୍ର ଦେଇ ଭଲକରି, ସେ ଛୁଆକୁ ନେଇ ମନ୍ଦର ପାଖରେ ଶୁଏଇ ଅଧିଆ ପଡ଼ିଲା । ଯିଏ ଆସିଲା ତାକୁ ଦେଖେଇ କହିଲା ଯେ ସେ ସପନ ଦେଖିଛି କୁଆଡ଼େ ଏ ବଉଁଶକୁ ଅଭିଶାପ ପଡ଼ିଛି । ଅଠାନବେ ପୁରୁଷ ପର୍ଯ୍ୟନ୍ତ ଏ ଅଭିଶାପ କାଏମ ରହିବ । ଅଠାନବେ ପୁରୁଷରେ ଏ ବଉଁଶ ଉପରୁ ଅଭିଶାପ ଯୋଉଦିନ ଯିବ ସେଦିନ ନିଜେ ଠାକୁର ଆସି ଏ ଲେଙ୍ଗଟାବଂଶକୁ ଉଦ୍ଧାର କରିବେ । ଲୋକେ ବିଶ୍ୱାସ କରିଗଲେ, ଆଉ ହେଲା ରୋଜଗାର ।

“ତୁମେ ତାହେଲେ ବଡ଼ଲୋକ ?”

“ବଡ଼ ଲୋକ ? ଶଳା କହିଲୁ ପରା ମୁଁ ନିଜେ ଖୋଦ ଭଗବାନ ! ମୋର ଘରଟା ଖରଚା ଆଉ ହଜାର ହଜାର ଭକ୍ତ !”

“ତୁମେ ବି ତାହେଲେ ତୁମ ପୁଅର ଗୋଡ଼ କାଟିବାକୁ ଠିକ୍ କରିଚ ?”

“କାଟିବା ଦରକାର ନାହିଁ । ଗୋଟାଏ ଗୋଡ଼ ଜନ୍ମରୁ ତାର ଏମିତି ଅବାଗିଆ ହୋଇଛି ଯେ ନ କାଟିଲେ ବି ଚଳିବ । ସେ ଗୋଡ଼ଟାକୁ ଯିଏ ଦେଖିବ ତାର କିଛି ପଇସା ପକେଇ ଦବାକୁ ଇଚ୍ଛା ହବ । ହେଲେ ସେ ଆଉ ପଇସା ମାଗିବନାହିଁ । ମୋର ଯଥେଷ୍ଟ ସମ୍ପତ୍ତି ଅଛି । ଆହୁରି ଅଠାନବେ ପୁରୁଷ ବସି ଖାଇଲେ ବି ସରିବ ନାହିଁ !”

“ତା ହେଲେ ତୁମେ ବସି ଖାଉନ—ତୁମେ କଅଣ କାମ କରୁଚ ?”

“ହୁଁ ଲୋକଟା ଗୋଟାଏ କେମିତି ତାଚ୍ଛଲ୍ୟଭରା ହସ ହସି କହିଲା, “ଆବେ ବେକୁବ୍, ମୁଁ କାମ କରେନାହିଁ । ମୁଁ ପୂଜା ପାଏ । ମୁଁ ଭଗବାନ । ପାହାଡ଼ଚଢ଼ା ମୋର ଗୋଟାଏ ଖେଳ । ଦେଖିବୁ ରହିଥା, ମନ୍ଦର ପାଖ ହୋଇଗଲେ କେମିତି ମୋର ଭକ୍ତମାନେ ମତେ

Digitized by srujanika@gmail.com

ଅଭ୍ୟର୍ଥନା କରି ଡାକନେବେ !"

କିନ୍ତୁ ଏତେବେଳଯାକେ ଅସଲ କଥାଟି ପଚାରିବାକୁ ଜର୍ଜ ଭୁଲିଯାଇଥିଲା । ହଠାତ୍ ସେ କଥାଟି ତାର ମନେପଡ଼ିଗଲା । ସେ ଡରଡର ହୋଇ ପଚାରିଲା—"ଆପ୍ପ ଗରୁଡ଼ଙ୍କଇ !"

"ପୁଣି ସେଇ ଡାକୁଚ ଶାଳା ! ଜବେ ଏତକ ମନେ ରହୁନାହିଁ—ଭଗବାନ ନ ହେଲେ ମହାରାଜ ଡାକ । ନହେଲେ ସ୍ୱାମୀ ଡାକ । ମୁଁ ଏ ଜଗତର ସ୍ୱାମୀ । ମୋର ବଳରେ ଏ ସଂସାର ଆଜଯାଏ ରହିଚି ।

"ଆଚ୍ଛା"—ଜର୍ଜ କଥାଟାକୁ ବାଗେଇ ନେଇ କହିଲା, "ହେ ମହାରାଜ ! ମୋର ଏଇ ସନ୍ଦେହ ଦୂର କର । ଦୟାକରି ମତେ କୁହ, ତୁମେ କପରି ଏଇ ଗୋଟାଏ ଗୋଡ଼ରେ ପାହାଡ଼ ଚଢ଼ିପାର ! ଆଉ ତୁମେ ଏ ବଳ କୋଉଠୁଁ ଓ କପରି ପାଇଲ ?"

ଲୋକଟା ଗୋଟାଏ ରାକ୍ଷସ ଭଳି ହୁଙ୍କାର ମାରି କହିଲା—"ଠିକ୍ ପଚାରିଲୁ ବତ୍ସ—ଠିକ୍ ପଚାରିଲୁ । ଆବେ ବୁଦ୍ଧୁ । ଏତକ ବୁଝୁନାହୁଁ ? ଆବେ ଗୋଟାଏ ଗୋଡ଼ କଅଣ ଦେ—ଯଦି ବିଲ୍‌କୁଲ୍ କିଛି ଗୋଡ଼ ନଥାନ୍ତା ତା ହେଲେ ବି ମୁଁ ପାହାଡ଼ ଚଢ଼ିପାରନ୍ତି । ଆବେ ବୁଝିଲୁ ଓଲୁଙ୍କ ବୋକରୁହା—ଗୋଡ଼ ପାହାଡ଼ ଚଢ଼େନାହିଁ—ଚଢ଼େ ମନ । ଯାହାର ମନ ଯେତେ ଟାଣ, ସେ ପାହାଡ଼ କଅଣ ବେ ସ୍ୱର୍ଗକୁ ବି ଚାଲିଯିବ ।"

ଜର୍ଜ ପୁଣି କାବାହେଲା । ଗୋଟିଏ ଆଶ୍ଚର୍ଯ୍ୟକୁ ଦୂର କରିବାକୁ ଗଲାବେଳେ, ଆଉ ଗୋଟିଏ ଆଶ୍ଚର୍ଯ୍ୟ ଆସି ପହଞ୍ଚିଲାଣି—ସେ ଦେଖିଲା । ତଥାପି ସାହସ ଆଉ ଧୈର୍ଯ୍ୟ ସଂଗ୍ରହକରି ସେ ଲୋକଟିକୁ ପୁଣି ପଚାରିଲା—"ଏ ମନବଳ ଜିନିଷଟି ଫେର୍ କଅଣ ମହାରାଜ୍ ?"

ଜର୍ଜର କେତରେ ଯାହାହଉ ଏଥର ବିରକ୍ତ ନହୋଇ ଲୋକଟି କହିଲା—"ମନବଳ ! ଆବେ ହଁ ବେ, ମନବଳ । ଖାଲି ମାତବୀର୍ ଜିନିଷ ସେ । ତୁମେ ଜାଣିନା ତୁମ ଉଦରରେ କେତେ ଶକ୍ତି ଅଛି । ତୁମେ ଜାଣି ବି ପାରିବନାହିଁ—ଆଖିର ମରିବ ସେମିତି ଘୁରୁଘୁରୁ ଘୁମୁରିକରି । କିନ୍ତୁ ମୁଁ ଜାଣିଚି ମୋ ବଳ କେତେ—ସେଇଥିପାଇଁ ମୁଁ ଆଗେ ଆଗେ ଚାଲିଚି, ଆଉ ତୁ ମୋ ପଛେ ପଛେ କୁକୁର ଭଳି ଗୋଡ଼ାଇଚୁ ।"

"ତେବେ ଆମେ କେମିତି ଜାଣିପାରିବୁ ? ଆମର କଅଣ ଉପାୟ ନାହିଁ ସେ ତତ୍ତ୍ୱ ଜାଣିବାପାଇଁ ?" ଜର୍ଜ ପୁଣି କଠୋର ହୋଇ ପଚାରିଲା ।

'ହୁଁ, ହୁଁ, ଜାଣିବ—ଜାଣିପାରିବ ନାହିଁ କାହିଁକି ?" ଲୋକଟା ଗୋଟାଏ ଚଗଲା ହୁଆଭଳି ହସିହସିକା କହିଲା, "ହେଲେ ସେ କଥା ଏତେ ସହଜ ନୁହେଁ । ନାହିଁ ଯଦି ଜାଣିବାରେ ଏତେ ଇଚ୍ଛା, ତାହେଲେ ଆ ମୋ ପାଖକୁ । ମୁଁ ସେଥିରୁ ଗୋଟାଏ କଙ୍କଡ଼ା ଗୋଡ଼ ତୋର ଭାଙ୍ଗିଦେବ । ତୁ ଆଗ ଲେଂଟା ହ ମୋରିଭଳି, ତାହେଲେ ଯାଇ ସେ ତତ୍ତ୍ୱ ତୁ ପାଇବୁ । ନାହିଁ ଯଦି ଗୋଡ଼କୁ ଏତେ ଲୋଭ, ତାହେଲେ ଚାଲ ମୋ ପଛେ ପଛେ—ଗଣ୍ଡାଏ ଖାଇବାକୁ ଦେବି—ପଡ଼ିରହିବୁ ମୋର ଗୋଲାମ ହୋଇ ।"

ଜର୍ଜକୁ ବଡ଼ ରାଗ ଲାଗିଲା—ଲୋକଟାର ସେଇ ଖାପଛଡ଼ା ଆଉ ବେପରୁଆ କଥାଗୁଡ଼ାକ ଶୁଣି । ତଥାପି ମନରାଗ ମନରେ ମାରି ସେ ପଚାରିଲା—"ତମେ ତ ଏଇଲେ କହୁଥିଲ

Digitized by srujanika@gmail.com

ମନବଳ କଥା—ପୁଣି ଗୋଡ଼କଥା କାହିଁ କହୁଚ ? ମୁଁ କଣ ଗୋଡ଼କଥା ପଚାରୁଛି ? ମନବଳ କଅଣ ଗୋଡ଼ରେ ଥାଏ ନା ମନବଳ ଥାଏ ହାତରେ ? ସେ ତ ମନରେ ରହିବାର କଥା ।"

"ଆବେ ଓଲୁ !" ଟୋକାଟାର ସେଇ ଝିଙ୍ଗୁଆ କଥାରେ ସାମାନ୍ୟ ବିରକ୍ତ ହୋଇ ଲୋକଟା କହିଲା, "ମୁଁ ଜାଣେ, ତୁ ଶାଳା ମୋ କଥା ବୁଝିପାରିବୁ ନାହିଁ—ତତେ ଯେତେ ବୁଝାଇଲେ ହବ କଅଣ ? ଆବେ, ମନବଳ ବୋଲି ଯୋଉ ଜିନିଷ ଅଛି—ତାକୁ ଦେହବଳ ବୋଲି ଜିନିଷ ଦାବିକରି ରଖିଛି । ମନବଳ ଦେହବଳଠୁ ବେଶି ହେଲେ କଅଣ ହବ ? ସଂସାରର ଏଇ ନିୟମ । ଆଗେ ସେଇଥିପାଇଁ ଦେହବଳକୁ ଖୋଜ । ତାହେଲେ ଯାଇ ମନବଳକୁ ପାଇବୁ । ଆଉ ଏ ଦେହବଳ ଅଛି କୋଉଠି ? ସେ ଅଛି ସେଇଠି—ତୋ କଙ୍କଡ଼ା ଗୋଡ଼ରେ ।"

ଜର୍ଜ ଚୁପ୍ ରହିଲା । ତାର ପୁଣି ସନ୍ଦେହ ହେଲା—ଲୋକଟା ଆଉ ବାସ୍ତାଟାଏ ନୁହଁ ତ ?

ଜର୍ଜକୁ ଚୁପ୍ ରହିବାର ଦେଖି ଲୋକଟି ପଛକୁ ଫେରି ଚାହିଁଲା । ସେତେବେଳକୁ ତା ଓଠରେ ଗୋଟାଏ କର୍ମିଠିଆ କୁରୁରୁପିଆ ହସ ଖେଳୁଥିଲା । ସେ ଜର୍ଜର ମୁହଁକୁ ଚାହିଁ କହିଲା—'ତୁ ଏବେ ମଧ ବିଶ୍ୱାସ କରିବାକୁ ନାରାଜ—ନାହିଁ, ମୁଁ ଜାଣେ । ତୁମେ ସଂଖ୍ୟାଏ ଅବିଶ୍ୱାସୀ ଗଧ ମୋ ପୃଥିବୀରେ ଜନ୍ମ ହୋଇଚ । ତୁମ ଅବିଶ୍ୱାସୀଙ୍କୁ ସର୍ବପ୍ରଥମେ ଲୋଟା, କଣା କି କାଲ କରିଦବାକୁ ପଡ଼ିବ; ନଚେତ୍ ତୁମର ଜ୍ଞାନ ହବନାହିଁ । ତେମେ ତ ହାତ ଗୋଡ଼ ଥାଇଁ ଅମରମଣ୍ଡି ହୋଇଯାଇଚ ନା ।"

ତା ପରେ ଲୋକଟି ଗୋଟାଏ ଦୀର୍ଘ ନିଃଶ୍ୱାସ ଛାଡ଼ିଲା ଆଉ କହିଲା—"ଆବେ ଗଧ, ଶୁଣ୍—ମନଦେଇ ଶୁଣ୍—ମୋ ନିଜ ବୃତ୍ତାନ୍ତ ଶୁଣ୍ । ଗୋଡ଼ କଟିଯିବାରୁ ମୋର କଅଣ ଲାଭ ହେଲା ଶୁଣ୍ । ଗୋଡ଼ କଟିଯିବାରୁ ମୋର ଦଇଟା ଲାଭ ହେଲା । ଏକରେ, ଦ'ଗୋଡ଼ଆଙ୍କଠୁଁ ବେଶି ଟଙ୍କା ମୁଁ କମେଇଲି ବସି ବସି । ଦୁଇରେ, ଦ'ଗୋଡ଼ଆଙ୍କଠୁଁ ବେଶି ନାଁ ବି କମେଇଲି ମୁଁ । କାରଣ ଦ'ଗୋଡ଼ିଆ ଦ'ଗୋଡ଼ରେ ଯାହା କରିପାରନ୍ତି ଅବସ୍ଥାଚକ୍ରରେ ପଡ଼ି ମୁଁ ସେକଥା କଲି ମୋର ଏଇ ଗୋଟାଏ ଗୋଡ଼ରେ ।

ଜର୍ଜ ଲୋକଟାର ଏକୁଟିଆ ଗୋଡ଼କୁ ଚାହିଁଲା । ସେ ଦେଖିଲା ପ୍ରକୃତରେ ସେ ଗୋଡ଼ଟା ଖୁବ୍ ମଜ୍‌ବୁତିଆ ହୋଇଚ । ଦ'ଗୋଡ଼ର କାମ ଚଳେଇ ନବ ସେ ପ୍ରକୃତରେ । କିନ୍ତୁ ସ୍ତ୍ରୀ ବୋଲି ପାହାଡ଼ ଚଢ଼ି ପାରିବ କଅଣ ମତେ ଏ ଗୋଡ଼ ?

ଜର୍ଜ ମନକଥା ଠଉରି କରିନେଲାଭଳି ଲୋକଟା କଟମଟ କରି ଟିକିଏ ସମସ୍ତ ଜର୍ଜର ଆଖିକୁ ଚାହିଁଲା । ତା ପରେ ଫେଁ କିନା ହସିଦେଇ କହିଲା—

"ଆବେ ହେ ଅବିଶ୍ୱାସୀ, ସେଣେ କଣ କନକନ ହୋଇ ଚାହୁଁଚୁ ? କହିଲି ପରା ମନବଳ ଗୋଡ଼ରେ ନାହିଁ—ମନବଳ ଅଛି ମନରେ । ତୁ ସେଣେ ଗୋଡ଼ରେ କଅଣ ଖୋଜୁଚୁ ବେ ବୁଦ୍ଧୁ କାହାଁକା ? ମନଦେଇ ଶୁଣ୍..."

ଲୋକଟା ଚାଲିବାକୁ ଆରମ୍ଭ କଲା ଆଉ କହିଲା—"ମତେ ଯେତେବେଳେ ତୋଅଣ

Digitized by srujanika@gmail.com

ବୟସ ହେଉଥାଏ, ସେତେବେଳେ ଏଇ କଣ୍ଟା ଗୋଡ଼କୁ ନେଇ, କୁଜାଟିଏ ହୋଇ, ହୋଇ ସେ ପାହାଡ଼ତଳ ବରଗଛଟା ମୂଳରେ ଝଣ୍ଡେ କନାକୁ ଚଉରିଚଉଡ଼ କରି ପକେଇ, ତାକୁ ଅପେକ୍ଷା କରି, ମୁଁ ବସୁଥାଏ । ମୋ ପାଖକୁ ମୋ ବୋପା, ବୋପାର ବୋପା, ଆଉ ତା ବୋପାର ବୋପା—ସେତେବେଳକୁ ସେ ବୁଢ଼ା ଅନ୍ଧ ବି ହୋଇଯାଇଥାଏ— ସେମାନେ ବସନ୍ତି । ଲୋକେ ଆସନ୍ତି । ଆମକୁ ଦେଖି ପଇସା ପକାନ୍ତି । ବୁଢ଼ା ବାପଟା ଆମର ଖୁବ କଥାଗୁଣ୍ଢିଆ ଆଉ ବେହେଲଟାଏ । ସେ ପେଟ ବାଡ଼େଇ ରଡ଼ିଛୁଡ଼େ—ହେ ବାବୁ ! ହେ ଦାତା ! ହେ ସ୍ୱାମୀ ! ଏ ଭ୍ରଷ୍ଟାବଂଶକୁ ଦୟାକର ! ଏ ଭ୍ରଷ୍ଟା ଗନ୍ଧର୍ବବଂଶକୁ ଦୟାକର ! ଏ ବଂଶ ଅମୁକ ଯୁଗରେ ଅମୁକ ଋଷିଙ୍କର ଅଭିଶାପ ପାଇ ଭ୍ରଷ୍ଟା ହୋଇଯାଇଛି । ଏ ବଂଶ ଠାକୁରଙ୍କୁ ତୁମ ପାଇଁ ଜଣେଉଛି । ହେ ଦାତା ! ହେ କର୍ତ୍ତା ! ହେ ମା କୁନ୍ତୀ ! ଏ ଦାତା ! ତୁମର ସବୁ ରୋଗ ବଇରାଗ, ଶାପ ଅଭିଶାପ ଆମେ ଝାଡ଼ିନେବୁ—ତୁମ ବଂଶରେ ଭ୍ରଷ୍ଟା କେମ୍ପା, କୁଜା, କଣା ଆଉ କେହି କୋଉ ଯୁଗରେ ବି ଜନ୍ମ ନହେବାପାଇଁ ଏ ଭ୍ରଷ୍ଟାବଂଶ କଇଲଣ କରୁଛି । ହେ ନୈନା ! ହେ ରଜା ! ଏ ଭ୍ରଷ୍ଟା-ବଂଶକୁ ଖାଇବାକୁ ଦେଇ ବଞ୍ଚେଇ ରଖ । ଯୁଗଯୁଗକୁ ଏ ମର୍ତ୍ତିପୁରରେ ଭ୍ରଷ୍ଟା ହୋଇ କେହି ଜନ୍ମ ନହେଉ । ଏ ବାର୍ତ୍ତା ମର୍ତ୍ତ୍ୟପୁରକୁ ଦେବାପାଇଁ ଏ ଭ୍ରଷ୍ଟାବଂଶ ଅବତାର ହୋଇଛି···"

ଲୋକଟା ତା ନିଜ କଥାରେ ନିଜେ ହସିଲା ଠୋ ଠୋ ହୋଇ । ତା ପରେ କହିଲା, "ଶଳା ବୁଢ଼ା, ପକ୍କା ଜଣେ । ଖୁବ୍ ଭଲେଇପାରେ । ଖୁବ୍ ରୋଜଗାର ବି କରେ ଶାଲା । ତାର ଥିଲେ ଆଠଟା ସ୍ତ୍ରୀ । ହେଲେ ଜନ୍ମରୁ ମୋ କଥା ଥିଲା ନିଆରା । ଏମିତି ମାଗିଯାଚି ବଡ଼ଲୋକ ହବାପାଇଁ ମୋର ମନ ବଳୁନଥାଏ । ଲୋକେ ଯେତେବେଳେ ମୋ ବୁଢ଼ାବାପାର କାନ୍ଦ ଶୁଣି ପଇସା ଗୋଟିଏ ଗୋଟିଏ ଆମ ପାଖକୁ ଫିଙ୍ଗି ଦିଅନ୍ତି, ସେତେବେଳେ ମୋର କୁଜା ବୋପା କେଉଁଠି ଥାଏ ଝପ୍‌କରି ଝାମ୍ପି ନେଇ ପଇସାଟାକୁ ରଖିଦିଏ ତାର ସେଇ ଖଣ୍ଡିଆ ଗୋଡ଼ତଳେ । ପ୍ରକୃତରେ ମୁଁ ଯେହେତୁ ସବୁଠୁ ପିଲାଥାଏ, ସେ ପଇସା ମୋର ନବାର କଥା । ହେଲେ ମୋ ବୋପା ଭାରି ଲୋଭୀ । ମୋର ବି ସେମିତି ପଇସା ଅଧିକା ଝାମ୍ପିବା ପାଇଁ ମନ ନଥାଏ । ମୋର ମନହୁଏ, କେହି ମତେ ପଇସା ପଛେ ନଦେଲା ନାହିଁ, ମୁଁ ଭ୍ରଷ୍ଟାବଂଶର ମଣିଷ ଆଉ ଆମେ ଗନ୍ଧର୍ବବଂଶ ଅଭିଶାପ ପାଇ ଏଠି ବସିଚୁ ବୋଲି ଭଲ କିଏ ମତେ ନମସ୍କାରଟାଏ କରନ୍ତା କି ଫୁଲଚନ୍ଦନ କିଛି ଦିଅନ୍ତା ! ସେ କଥା ନାହିଁ—ଖାଲି ପଇସା ! ମୁଁ ମୋ ଅଭିମାନରେ ବସିଥାଏ—ହେଲେ ପଇସା ବି ତ ଆସୁଥାଏ ।

ଏମିତି କିଛି ଦିନ ବିତିଗଲା । ବସି ବସି ମୁଁ କୁଜା ଧରିଯାଉଥାଏ । ହେଲେ ମତେ ବିସେଇ ଦିଉଚି କେତେବେଳେ—ଭାଗ୍ୟତ ପୁଣି ଅଛି ! ଅଭିଶାପ ବି କଟି କଟି ଯାଉଥାଏ । ମୁଁ ଶୁଣିଥାଏ ଯେ ମୋଠେଇଁ ଭ୍ରଷ୍ଟାବଂଶର ସନ୍ତାନଦେ ପୁରୁଷ କୁଆଡ଼େ ଶେଷ ହୋଇ ଯାଉଥାଏ । ଆଉ ଗୋଟିଏ ବଂଶ ବାକିଥାଏ ଅଠାନବେ ହେବାକୁ । କିନ୍ତୁ ମୁଁ ଆଉ ଧୈର୍ଯ୍ୟ ଧରିପାରୁନଥାଏ । ମୁଁ ଯେ ପ୍ରକୃତରେ ଗନ୍ଧର୍ବ ଆଉ ମୁଁ ଉଡ଼ିଯାଇପାରେ ଦିନେନା ଦିନେ

Digitized by srujanika@gmail.com

ପୁଣି ମୋ ବାସସ୍ଥାନ ସେଇ ସ୍ୱର୍ଗକୁ, ମୁଁ ବୁଝିପାରୁଥାଏ, କିନ୍ତୁ ମୋତେଇଁ ତ ମୋଟେ ସ୍ତାନଦେବେ ସଇଲ । ଆଉ ଗୋଟା ବର୍ଷଁଶ ବାକି ରହିଲା । ମୋ ମନ ରଡ଼େଇ ଖଡ଼େଇ ହଉଥାଏ ।

ଏଠିକିବେଳେ ମୋ ମନର ବଳ ଉଦୟ ହେଲା; କିନ୍ତୁ ତାକୁ କିଏ ଚେଡେଇଲା କାଣୁ ? ଯେଉଁମାନେ ସଦାବେଳେ ଚେତାନ୍ତି ମନକୁ—କେଉଁକାନ୍ତି ଉଠାନ୍ତି ମନକୁ— ସେଇ—ସେଇ ମାଇକିନା !"

"କୋଉ ମାଇକିନା ?" ଜର୍ଜ ଅଶ୍ଚର୍ଯ୍ୟ ହେଇ ପଚ୍ଚରିଲା ।

"ଶୁଣିବେ ଶୁଣ୍ ! ଏମିତି ବିକଳ କଥା ?" ଲୋକଟା ଜର୍ଜକୁ ଦବେଇଦେଲା । ତା ପରେ ଆରମ୍ଭ କଲା ପୁଣି—ଥରେ ଗୋଟାଏ ଖୁବ୍ ସୁନ୍ଦରୀ ମାଇକିନା ଯାତ୍ରୀ ଆସିଥେଲା । ଖୁବ୍ ବଡ଼ଲୋକ ଘରର ମାଇକିନା ହବ କି କଥଣ ! ଭାରି ଔପରମୁହାଁ ହେଇ ଚାଲୁଥାଏ, ବେପରୁଆ । ଇନ୍ଦ୍ର ଚନ୍ଦ୍ର ମାନୁନଥାଏ । ଚାଲିଲାବେଳକୁ ତାର ଗୋଡ଼ ତଳ ମାଟି ଲହସୁ-ଥାଏ । ମୁଁ ଜାଣେ, ଏଇଭଳିଆ ମାଇକିନାଏ ଦାନ ଖଇରାତ ତ କରନ୍ତିନାହିଁ, କେମିତି ଗୋଟାଏ ଟେକାମାଇଲାଭଳିଆ ପଇସା ଫୋପାଡ଼ନ୍ତି ସେମାନେ ମଣିଷ ଉପରକୁ, ସତେ ଯେମିତି ମାଙ୍କଡ଼ ହୁରୁଡ଼େଇବା ପେଇଁ ଟେକା ସବୁ ସେମାନେ ପକାନ୍ତି ମାଙ୍କଡ଼କୁ ଲକ୍ଷ୍ୟକରି ।

"ସେ ଆସିଲା, ଆମ ପାଖେ ଠିଆହେଲା । ମୋ ବୁଢ଼ାବାପା ସେମିତି ପେଟ ବାଡ଼େଇ ଭିକ ମାଗୁଥାଏ । ସେ ମାଇକିନା ଆସି ମୋ ଆଗରେ ଠିଆହେଲା । ମୋ କଟାଗୋଡ଼କୁ ଟିକେ ମୁହଁ ବିକୃତିଆ କରି ଚାହିଁଲା । ମୋର ତ ହାଡ଼ ଜଳିଗଲା । ଏହି ସମୟରେ ସେ ମାଇକିନା ତା ହାତ-ମୁଣି ଖୋଲିଲା । ମୋ ଦହତ ଜଳୁଥାଏ । ବର୍ତ୍ତମାନ ପବନ ବୋହିଲା । ଆହୁରି ଜଳିଲା ଦହ ! ମୁଁ ସେ ମାଇକିନାକୁ କଣ-ଆଖିରେ ଅନେଇଥାଏ ।

"ହଠାତ୍ ସେ ମାଇକିନା ଧାଲ ଥାଲ, ଗୋଟାଏ କଣାପଇସା ମୋ କନା ଉପରକୁ ପକେଇଦେଲା । ମୁଁ ତ ଫାଟିବି ଫାଟିବି ହଉଥିଲି, ଫାଟି ତ ଗଲି ।"

"ଫାଟିଗଲ ?" ଜର୍ଜ ବୋକାଙ୍କ ଭଳି ପଚ୍ଚରିଲା ।

"ଆବେ ହଁ ବେ ! ଫାଟିଗଲି—ଫାଟିଗଲି କ'ଣ ମୋ ପେଟ ଫାଟିଲା ? ତା ନୁହେଁ ! ଫାଟିଲି—କଡ଼୍ କରି ମୋ ମନର ଖୋଳପା—ଯୋଉ ଖୋଳପା ଏତେଦିନ ହବ ମାଡ଼ି ବସିଥେଲା ମୋ ମନକୁ । ସେ ମାଇକିନା ଯେମିତି ମୋ ଉପରକୁ ପଇସାଟାକୁ ଫୋପାଡ଼ି ଦେଲା—ମୁଁ କି ଅଉ ରହେ ! ସାଙ୍ଗେ ସାଙ୍ଗେ ମୋ ବୋପା ସେଇଟାକୁ ମାଡ଼ି ବସିବା ପୂର୍ବରୁ ମୁଁ ତାକୁ ମାଡ଼ିବସିଲି । ତା ପରେ ସେଇ ପଇସାକୁ ଧରି ମୁଁ ଛାଡ଼ିଲି ତାକୁ, ସେ ମାଇକିନା ମୁହଁକୁ ଲକ୍ଷ୍ୟ କରି । ମୁହଁରେ ନବାଜି ସେ ପଇସା ତା ଛାତିରେ ବାଜିଗଲା ।

"ସେ ମାଇକିନା ବି କମି ବଦ୍‌ରାଗି ନଥିଲା । ସାଙ୍ଗେ ସାଙ୍ଗେ ମୁଣିରେ ହାତ ପୂରେଇ, ଗୋଟାଏ ଟଙ୍କା ସେ କାଢ଼ିଆଣିଲା, ଆଉ ସେ ଟଙ୍କାଟାକୁ ପକେଇଲା ମୋଉପରକୁ । ଟଙ୍କାଟା ବାଜିଲା ମୋ ମୁଣ୍ଡରେ । ସେଠୁ ସେଇଟା ଗଡ଼ଗଡ଼ ଚାଲିଯାଉଥିଲା । ମୋ ବୋପା ତେଣୁ

Digitized by srujanika@gmail.com

ଘୁମୁରି ଆସିଲା—ତାକୁ ମାଡ଼ବସିବ ବୋଲି । କିନ୍ତୁ ମୋ ହାବୁଡ଼ରୁ ଯାଉଚ କୁଆଡ଼େ ସେ ? ମୁଁ ଧରିଲି ପୁଣି ସେ ଟଙ୍କାକୁ । ପୁଣି ତା ଗୁଡକୁ ଲକ୍ଷ୍ୟ କରି ମାଇଲି ସେ ଟଙ୍କାକୁ ।

"ଟଙ୍କାଟା ଏଥର ଯାଇ ବାଜିଲା ତା ପେଟରେ ! ମୁଁ ଦେଖିଚ—ସେ ମାଡ଼ରେ ମାଇକିନା କେମିତି ଚମକି ପଡ଼ିଲା । ଲୋକେ ବି ହୋ ହୋ ହୋଇ ହସିଉଠିଲେ । କଥାଟା ଖରି ବାଧିଲା ତାକୁ । ବାଧିବ ତ ! ବାଧିବା ପାଇଁ ମୁଁ ପକେଇଥିଲି ।" ଲୋକଟା ଦମ୍ ନେଲା ।

"ସେଇଠୁ ?" ଜର୍ଜ ବ୍ୟଗ୍ରହୋଇ ପଚ୍ଚରିଲା ।

"ରହ ! ରହ ! ସବୁରାତ୍ତ୍ର ଧରେ ବେଟା, ସବୁରାତ୍ତ୍ର କର ! କହୁଚ !" ଲୋକଟି ଟିକେ ଅଟକିଯାଇ ଜର୍ଜ ପାଇଁ ଅପେକ୍ଷା କଲା । ଜର୍ଜ ପାଖକୁ ଲଗିଆସିଲା । ଲୋକଟି ଜର୍ଜର କାନ୍ଧରେ ହାତ ଥାପୁଡ଼େଇ ଥାପୁଡ଼େଇ କହିଲା ।

ଲୋକଟା ନିକଟରେ ଠିଆହୋଇବେଲକୁ ଜର୍ଜର ହୋସ୍ ହେଲା । ଆରେ ବାପ୍‌ରେ—ଏଡ଼େ ଡେଙ୍ଗା ! ସେ ଯେ ମୋଟେ ତାର କାନ୍ଧ ଯାଏ !

ଲୋକଟି କିନ୍ତୁ ସେ ଆଡ଼କୁ ନଜର ରଖିଥିଲା କି ନାହିଁ କେଜାଣି—ସେ କହିଗଲା— "ସେଇଠୁ କଅଣ ହେଲା ନା—ଲୋକଙ୍କ ହସରେ ସେ ମାଇକିନାର ପିତଲ ଖସିପଡ଼ିଲା । ଯାଙ୍ଗେ ଯାଙ୍ଗେ ସେ ପୁଣି ଅଣ୍ଟାଳି ପକାଇଲା ତା ମୁଣି । ହାତ ପୂରେଇ ଗୋଟାଏ ପାଞ୍ଚଟଙ୍କିଆ ନୋଟ୍ କାଢ଼ିଆଣି ହାତରେ ଧରିଲା । ତା ପରେ ଲୋକଙ୍କୁ ଦେଖେଇ ଦେଖେଇ ସେ ସେଇ କରଡ଼ା ନୋଟ୍‌ଟାକୁ ଖସ୍‌ଖସ୍ କଲା ତାର ମୁଳଏମ୍, ଲାଲ ଟକ୍‌ଟକ୍ ଆଙ୍ଗୁଠି ଦୁଇଟା ଭିତରେ । ମୋ ବାପା, ବଡ଼ବାପା ସମସ୍ତେ ମିଳିଗଲେ ଏଥର । ଗୁଣିଲା ତାଙ୍କର ସେଇ ଭିକମଗା ଗୀତ ! ମୁଁ କିନ୍ତୁ ଛକିବସିଥାଏ ।

ଲୋକମାନେ ବି ଆଁ କରି ଅନେଇ ରହିଲେ । ପାଞ୍ଚ ଟଙ୍କା ବି କିଛି କମ୍ ନୁହେଁ । ଲୋକମାନଙ୍କୁ ଚୁପ୍ କରିଦେଇ ସେ ମାଇକିନା ମତେ ଅନେଇ ଗୋଟାଏ ଖରି ଦେଖେଇ ହେଲଭଲ ଆଖିଟାଏ ମାଇଲା ମତେ । ମୁଁ ମନେ ମନେ କହୁଥାଏ—ରହ ବେଟୀ'ରୁ ଆଗ ପକା ସେ ନୋଟ୍ ! ଏମିତି କହୁ କହୁ ସେ ମାଇକିନା ପକେଇଦେଲା ସେ ନୋଟ୍‌ଟାକୁ ! ଲୋକେ ଯାଙ୍ଗେ ଯାଙ୍ଗେ ମାଇଲେ ତାଳି ।

"ମୋ ବୋପା ସେତେବେଳକୁ ବଗଭଳି ଛକି ବସିଥାଏ । ନୋଟ୍‌ଟା ପାଖରେ ପଡ଼ିଚ କି ନାହିଁ ମାଡ଼ବସିଲା ତ ସେ । ମୁଁ କିନ୍ତୁ ନଗ୍ଲେଡ଼ବନ୍ଧା । ମାଇଲି ଏକ ଠେଲା ବୋପାକୁ । ସେ ଗଡ଼ପଡ଼ିଲା । ତା ହାତରୁ ନୋଟ୍‌ଟାକୁ ନେଲି; ତା ପରେ ବାପର ଜଙ୍ଘତଳୁ ଗୋଟାଏ ଆଠେଣି ବାହାର କରି ତା ଉପରେ ନୋଟ୍‌ଟାକୁ ଗୁଡ଼େଇଦେଇ ଧରିଲି । ଲୋକଙ୍କ ତାଳି ବନ୍ଦ ହୋଇଗଲା ହଠାତ୍ । ମାଇଲି ଗୋଟାଏ ଗୁଳିଭଳି ସେ ଆଠେଣି ସମେତ୍ ପାଞ୍ଚଟଙ୍କିଆ କରଡ଼ା ନୋଟ୍‌କୁ । ନୋଟ୍‌ଟା ତ ସେ ମାଇକିନା ଉପରୁ ଗଳିପଡ଼ିଲା, ହେଲେ ଆଠେଣି କୁଆଡ଼େ ଗଲା କେହି ଦେଖିନାହାନ୍ତି । କିଏ କିଏ କହିଲେ, ସେ ଆଠେଣି ତା ଲୁଗା ଭିତରେ କୋଉଠି ରହିଗଲା । ପୁଣି ହେଲା ତାଳି । ଗୋଟାଏ କିଏ ଥେଲି ଥେଲି, ଲୋକଙ୍କ

Digitized by srujanika@gmail.com

ଭିତରୁ ପାଟି କରି ଉଠିଲି—"ଜୟ ! ଗ୍ରେଟାବର୍ଣ୍ଣ କ ଜୟ ! ଜୟ, ଭଗବାନ ଗରୁଡ଼ଙ୍କ ଜୟ !"

"ସେ ପାଟିରେ ମୋ ଗୁଡ଼ ଭିତରେ କିଏ ଗୋଟାଏ ଢୋଲ ପିଟିଦେଲା । ମୁଁ ଚେଇଁ ଉଠିଲି ।"

"ଏହି ସମୟରେ ଘଟିଲା ସେ କଥା ?"

"କୋଉ କଥା ?" ଜର୍ଜ ଗୁନଆ ହେଲାଭଳି କହିଲା । ଲୋକଟା ଜର୍ଜର ସରୁ ବେକ-ମୂଳରେ ହାତ ପକେଇଥାଏ । ଟିକିଏ ଜୋର୍‌ରେ ସେ ତାକୁ ଚପିଦେଇ କହିଲା—"ଆବେ ଶୁନ୍ ! ଏମିତି ନହି ନଦେଖି ନଙ୍ଗଳା ହଉଚୁ କଆଁ ରୁ ବଗଛୁଆ ! ରହ । ଶୁଣ୍ !"

ତା ପରେ ସେ ଗୋଟାଏ ମସ୍ତ ନିଃଶ୍ୱାସ ମାରି କହିଲା—"ସେତେବେଳକୁ ତା ମୁହଁ ନାଲି ପଡ଼ିଗଲାଣି । ହେଲେ ମୁଁ ଗୁଡ଼ୁଚ କୋଉଠି ? କିନ୍ତୁ ମୁଁ ଜାଣିଥାଏ ତାପରେ ସେ ମାଇକିନା ନିଶ୍ଚୟ କିଛି ନା କିଛି କାଣ୍ଡ ଭିଆଇବ । କାହିଁକି ନା, ମାଇକିନାଙ୍କ ଦସ୍ତୁର ସେଇଆ । ତାଙ୍କ ମନର ଓଶମାନା ନମେଣ୍ଟିଲାଯାଏ ସେ ତମକୁ ଗୁଡ଼ିବେ ନାହିଁ । ମୁଁ ଛକି ବସିଥାଏ—କେମିତି ଏଥର ସେ କଅଣ କରିବ ! ହେଲେ ସେ ଯେ ଏ କାଣ୍ଡ କରିଦେବ ହଠାତ୍, ମୁଁ ସପନରେ ସୁଦ୍ଧା ଭାବିନଥାଏ ।

"ଆରେ ବାବୁ ! ଥିଲା ଥିଲା, ଗୋଡ଼ ଉଠେଇ ଗୋଟାଏ ଗୋଇଠା ତ କସିଦେଲା ସେ ମୋ ମୁହଁକୁ । ମୁଁ ମୋ ମୁହଁକୁ ଜାବୁଡ଼ି ଧରିଚ—ଏହି ସମୟରେ ହେଲା ହସରୋଳ ପୁଣି ଆରମ୍ଭ ସେ ଲୋକଙ୍କ ଭିତରେ । ମୁଁ ତ ଦେଖି ତାଜୁବ୍ । ଯୋଉ ଲୋକ ଏଇଲେ "ଗ୍ରେଟାବର୍ଣ୍ଣ କ ଜୟ" ବୋଲି ରଡ଼ି ଗୁଡ଼ୁଥିଲେ, ସେମାନେ ମାଇକିନାଟାର ଗୋଇଠାମାଡ଼—ଗୋଟାଏ ଗ୍ରେଟା ଲୋକକୁ ପୁଣି—ଏକଥା ଦେଖି ସେମାନେ ହସୁଚନ୍ତି । ମୋ ଭିତରେ ନିଆଁ ଜଳିଉଠିଲା ଖପ୍ପୁକିନା ଆଉ ଡୋ କରି ଫୁଟିଲା ମୋ ମନର ଖୋଲପା—ଏକଦମ୍ ବକଲ ସମେତ୍ !"

"ମୁଁ ସେତେବେଳେ ମୁହଁରୁ ହାତ ଖୋଲି ଦେଖେ, ସେ ମାଇକିନା ଚୁପ୍‌କିନା ଆଖିଟାଏ ହାଣି ଦେଇ ଖସି ଯାଉଥିଲା । ସେ ଯାଉଥିଲା ମନ୍ଦିରଆଡ଼କୁ—ପାହାଡ଼ ଉପରକୁ । ଦି ପାହାଚ ଯାଏ ଯାଇଥିଲା—ଆଗରେ ଅଛି ହଜାରେ ଏକରୁ ଦୁଇ କମ୍ ପାହାଚ । ମୋ ଭିତରେ ଗୋଟାଏ କିଏ ରବାଦ୍ କରି ଉଠିଲା—ଧ ! ସେ ମାଇକିନାକୁ ଧ ! ମୁଁ ତ ହୁଁକିନା କେତେବେଳେ ଉଠିଯାଇଚି । ମୋର କ'ଣ ଖିଆଲ ଅଛି ଯେ ମୋର ଗୋଟାଏ ଗୋଡ଼ ନାହିଁ, ମୁଁ ଗ୍ରେଟାଟିଏ । ମୋ ଭିତରେ ସେତେବେଳେ ଶହେ ସିଂହର ପରାକ୍ରମ ! ମୁଁ ତ ଆଖିବୁଜା ଉଠିଗଲି—ଆଖିବୁଜା ସେମିତି ଏକ ଗୋଡ଼ରେ ଡେଇଁପଡ଼ିଚି କେତେବେଳେ—ଦେଖ୍ ଦେଖ୍ ମାଇକିନା ଧାଇଁଚି ଆଗରେ—ମୁଁ ଧାଇଁଚି ପଛରେ । ପଛରୁ ଲୋକେ ହରିବୋଲ, ହୁଳହୁଳି ଗୁଡ଼ି ଧାଇଁଚନ୍ତି ମୋ ପଛେ ପଛେ । ମାଇକିନା ମୋ ଆଗରେ ଧଇଁସଇଁ ହୋଇ ଧାଉଁଥାଏ । ତାର ମୁକୁଳା କେଶ ମୋ ମୁହଁ

Digitized by srujanika@gmail.com

ଆଡ଼କୁ ଉଡ଼ିଆସୁଥାଏ—ତା ଦରଫିଟା ଲୁଗାର ପଣତଟା ମୋ ଦେହରେ ବାଜିଯାଉଥାଏ । ତାକୁ ଧରିନେଇ ମାଇକନାଟାକୁ ଅଳଗଥାର କରିନବା ପେଇଁ ମୁଁ ହାତ ବଢ଼ାଇ ଦଉଥାଏ । ହେଲେ ଟିକକେ ସେ ଖସିଯାଉଥାଏ ମୋ ମୁଠା ଭିତରୁ । ମୁଁ ଧଇଁସଇଁ ହେଇ ଯାଉଥାଏ । ମୋ କଲିଜା ମିଳେଇ ଯାଉଥାଏ । ତଥାପି ତ ମୁଁ ଧାଉଁଥାଏ । ମୋର ମନେଅଛୁ—ହଜାରେ ପାହାଚ ମୁଁ ଟପିଗଲି, ଆଉ ଗୋଟାଏ ପାହାଚ ଅଛୁ—ମାଇକନାର ଚୁଟିଟା ମୋ ହାତରେ ପଡ଼ିଗଲା ବୋଲି ମୋର ଖିଆଲ ଅଛୁ—ପଛରୁ ହରିବୋଲ ହୁଲହୁଲି ମାଡ଼ିଆସୁଚ । ମୁଁ ଯେତେବେଳେ ସେ ମାଇକନାଟାକୁ ଧରି ପକେଇବ ବୋଲି ଉହୁଙ୍କିଯାଏ—ଆରେ ବାବୁ ! ମୋ ଦେହରେ ତ ବଜ୍ରୁଳି ଭଳି କଅଣଟାଏ ଖେଳିଗଲା । ମୋ ଗୋଡ଼ ଖସିଗଲା । ମୁଁ ତ ମୁହଁମାଡ଼ି ପଡ଼ିଗଲି । ସେ ମାଇକନା ମୋ ହାତରୁ ଖସିଗଲା । ଆଖର ମୁଁ ତାକୁ ଧରିପାରିଲି ନାହିଁ ।"

"ସେଇଠୁ ?" ଜର୍କର ତଣ୍ଡି ଶୁଖିଯାଉଥିଲା ସେତେବେଳକୁ ।

"ସେଇଠୁ ?" ଲୋକଟା ହସିଲା ଆଉ କହିଲା, "ସେଇଠୁ ମୋର ଯେତେବେଳେ ଚେତା ହୁଏ, ମୁଁ ଦେଖେ ତ ଲୋକେ ଫୁଲ, ଚନ୍ଦନ, ଧୂପ, ଦୀପ ଧରି, ଖୋଳ କରତାଳ ଧରି କୀର୍ତ୍ତନ ଲଗେଇଚନ୍ତି ମୋ ଚାରିପାଖେ । ମୁଁ ଯେମିତି ଆଖି ଖୋଲିଲି, ଲୋକେ ଲମ୍ବଲମ୍ବ ହେଇ ପଡ଼ିଗଲେ ମୋ ଗୋଡ଼ତଳେ । ତା ପର ମୁହୂର୍ତ୍ତରୁ ମୁଁ ହେଲି ଭଗବାନ । ଲୋକେ ମତେ ଅବ ପୂଜା କରୁଚନ୍ତି । ଏଇ ଲୋକେ ମତେ ଯେପରି ଅର୍ଚ୍ଚନା କରୁଥିଲେ । ମୁଁ ଲୋକଙ୍କୁ କ୍ଷମାଦେଲି । ହେଲେ ମାଇକନାଗୁଡ଼ାଙ୍କୁ ମୁଁ କ୍ଷମା ଦେଇପାରିଲି ନାହିଁ । ଯଦ୍ୟପି ସେ ମାଇକନା ମତେ ଭଗବାନ କରେଇଦେଇ ଚଳି—ତଥାପି ମୋର ଦ୍ୱେଷ ସେଇ ଜାତ ଉପରେ । ସେମାନେ ପୁରୁଷକୁ ଭଗବାନ କରେଇଦେଇ ପାରନ୍ତି ସତ—ହେଲେ ତାଙ୍କ ଗୋଇଠାରୁ ଜାତ ଏ ଭଗବାନପଣିଆ ମୋର ଦରକାର ନାହିଁ । ମୁଁ ତେଣୁ ମାଇକନା ଦେଖିଲେ ମୋ ରାଗର ପ୍ରତିଶୋଧ ନିଏ ।"

"କେମିତି ? କେମିତି ପ୍ରତିଶୋଧ ନିଅ ?"—ଜର୍ଜ ପଚାରିଲା ।

"କେମିତି କଅଣ ବେ ?" ଲୋକଟା ବଢ଼ଦାର ହେଲାଭଳି କହିଲା—"ଏତିକି ବୁଝିପାରୁନୁ ରୁ ଓଲୁ ।" ତାପରେ କଣ୍ଠ ବକ୍ରତ କରି ସେ କହିଲା, "ଅବେ ହେ । ତୁ କ'ଣ କେବେ କୋଉ ମାଇକନା ପାଖ ମାଡ଼ିନୁ ?" ଲୋକଟା ଅପେକ୍ଷା କଲା ଟିକଏ ଜର୍କର ଉତ୍ତର ପେଇଁ; କିନ୍ତୁ ସେ କଥାର ଜବାବ ନ ପାଇ ସେ ପୁଣି କହିଲା— "ମାଇକନା ମୋର ଗୋଟାଏ ଖେଳ ଜିନିଷ ଅବକା ହେଇଚାନ୍ତି । ଘରେ ବୃଢିବୃଢି ମାଇପେ ଅଛନ୍ତି । ସେମାନେ ହେଲେ ମୋର ସ୍ତ୍ରୀ । ହେଲେ ବାହାରେ ଯେତେ ମାଇକନା ଭକ୍ତ ମୋର ଅଛନ୍ତି, ଆଉ ଯିଏ ଯିଏ ମୋଠୁ ହୁକୁମ ନେବାକୁ ଆସନ୍ତି, ସେମାନେ କେମିତି ସନ୍ତୁଷ୍ଟ ହୁଅନ୍ତି ଜାଣିଚୁ ?" ଲୋକଟି ଟିକିଏ ମୁରୁକିହସା ଦେଲା ।

"କେମିତି ?" ଜର୍କ ପଚାରିଲା ତଳକୁ ମୁହଁପୋତି ।

ଲୋକଟା ହସିଉଠିଲା ଗୋଟାଏ ରାକ୍ଷସିଆ ହସ, ଆଉ ଆଖି ତରାଟି ଜର୍କକୁ ଚାହିଁ ସେ

Digitized by srujanika@gmail.com

ତାର କାଠ ଗୋଡ଼ଟି ଦେଖେଇଲା ଆଉ କହିଲା—"ସମସ୍ତଙ୍କୁ ସନ୍ତୁଷ୍ଟ କରୁଚି ଏଇ ଗୋଡ଼ । ଏଇ ଗୋଡ଼ ଖଣ୍ଡିକ ! କିଏ ସୁଖ ନ ପାଏ ଏଇ କାଠ ଗୋଡ଼ର ପରଶ ଟିକକୁ ! ମୋର ଗୋଟାଏ ଗୋଇଠା ହଜାରେ ପାପ ଛଡ଼େଇ ଦିଏ । ଚାଲ୍ ଦେଖିବୁ—ମନ୍ଦିର ପାଖରେ ଗୋଟାଏ ମଠ ଅଛି । ପ୍ରତି ଗୁରୁବାର ଦିନ ସେଠି ଗୋଟାଏ ମେଳା ହୁଏ । ହଜାର ହଜାର ପାପୀ ସେଠାରେ ଅଧିଆ ପଡ଼ନ୍ତି । ହଜାର ହଜାର ମାଇକିନା—କିଏ ପାପପ୍ରଶସ୍ତ, କିଏ ଭ୍ରୂଣହତ୍ୟା, କିଏ ଆଉ କୋଉ କାନ ନ ଶୁଣିଥିବା ପାପ କରି ଆସି ସେଠି ଅଧିଆ ପଡ଼ନ୍ତି । ମୁଁ ତାଙ୍କ ପାପ ଛଡ଼ାଏ । ଆଗେ ମୋତେ ଲୋକେ ଗରୁଡ଼ ଉପାଧି ଦେଇଥିଲେ । ଏବେ ଏଇ ଗୋଇଠା ମାଡ଼ ଦିନଠୁ ସେମାନେ ମତେ ଏକଗୋଡ଼ିକିଆ ଭୈରବ ବୋଲି ଜାଣନ୍ତି । ଆଉ, ଏଇ ଭୈରବର ଗୋଇଠାମାଡ଼ କେମିତି ଟାଣ ଚାଲ ଦେଖିବୁ । ଏକ ଏକ ଗୋଇଠାରେ ବାଂଝ ସ୍ତ୍ରୀଲୋକର ପେଟରୁ ଛୁଆ ବାହାରିପଡ଼େ । ଏକ ଗୋଇଠାରେ ଗୋବଧ ଉଡ଼ି ପଳାଏ । ଦୁଇ ଗୋଇଠାରେ ମାଛୁଆପାତକ । ତିନି ଗୋଇଠାରେ ବ୍ରହ୍ମହତ୍ୟା···ଏମିତି ଗୋଇଠା ମାଡ଼ରେ ସବୁ ପାପ ମୁଁ ହରଣ କରେ । ମୁଁ ହଉଚି ଭଗବାନ । ମୁଁ ଗରୁଡ଼ ଥିଲି—ଏବେ ଭୈରବ ହେଇଚି ।"

ମନ୍ଦିର ପାଖ ହେଇଆସିଥିଲା । ମନ୍ଦିର ପାଖରେ ଜମିଥିବା ଲୋକଙ୍କ ଘୋ ଘୋ ଶବ୍ଦ ବି ଶୁଭାଗଲା ।

ଜର୍ଜ ମୁଣ୍ଡଟେକି ଚାହିଁଲା ।

ଲେଙ୍ଗଟା ଲୋକ ସେମିତି ଛୁଡ଼ିଫୁଲେଇ ଚାଲିଚି । ତାର କାଠ ଗୋଡ଼ର ଠୋକରରେ ମାଟି ଧୂଳିସି ଯାଉଚି । ହଠାତ୍ ଜର୍ଜର କଅଣ ମନେହେଲା କେଜାଣି, ସେ ଲେଙ୍ଗଟା ଲୋକର ପାଖକୁ ଲାଗିଯାଇ କହିଲା—

"ତୁମେ କ'ଣ ସତରେ ଭଗବାନ ?"

ଲୋକଟା ଟିକେ ତେରେଛେଇ କରି ତାକୁ ଚାହିଁ କହିଲା—"କାହିଁକି ? ଶଳା କ'ଣ ପାପଫାପ କରିଚୁ—ଛଡ଼େଇବୁ କି ?"

ଲୋକଟା କେମିତି ତା ମନକଥା ଜାଣିଲା ଭାବି ଜର୍ଜ ଆଶ୍ଚର୍ଯ୍ୟ ହେଲା । ହଠାତ୍ ତା ମନରେ ଦିଗୁଣ ହେଇ ସେ ଚନ୍ଦ୍ରା ଧକ୍କା ମାରିଲା । ଜର୍ଜ ତଳକୁ ମୁହଁ ପୋତିଲା । ତା ମନ ଭିତରେ କିଏ ଯେମିତି ଦୁଡ଼ୁବୁଡ଼ୁ ହେଇ କହିଲା—ହଁ, ହଁ, ତୁ ପାପ କରିଚୁ—ପାପ ! ଜୀବନଯାକ ଖୁବ୍ ପାପ କରିଚୁ ତୁ । ମାଆ ବୋଲି ଯିଏ ତତେ ପିଲାଟିଦିନୁ ଏକ ଆଖିରେ ଚାହିଁଆସିଥିଲା—ତୁ ତାକୁ କୋଉ ଆଖିରେ ଦେଖିଚୁ ! କେତେ ପାପ ଚନ୍ଦ୍ରା ତୁ କରିଚୁ ସେ ବୁଢ଼ୀଟାକୁ ଉପଲକ୍ଷ୍ୟ କରି ?

ଜର୍ଜର ମନ ଦବିଗଲା । ତାର ମନେହେଲା ସତେ ଯେମିତି ଗୋଟାଏ ମସ୍ତବଡ଼ ବୋଝ ହଠାତ୍ କିଏ ଆଣି ଲଦିଦେଲା ତା ମୁଣ୍ଡ ଉପରେ । ସେ ବୋଝତଳେ ପଡ଼ିଯାଇ ଜର୍ଜ ଗୁଁ ଗୁଁ ହେଲା । ଜର୍ଜର ମନେ ହେଲା ସେ ସେଇ ଭଗବାନ ଗୋଡ଼ତଳେ ପଡ଼ିଯାଇ କହନ୍ତା —ହେ ଭଗବାନ୍ ! ତୁ ମତେ ଗୋଇଠା ମାରି ମାରି ମୋ ଖପୁରି ଉଡ଼େଇ ଦେ—

Digitized by srujanika@gmail.com

ହେଲେ ମୋ ପାପ ଗ୍ରୁଟ୍ଟଯାଉ ।

ସେ ଏଇଆ କହିବାକୁ ଯାଉଚ, ଏଇ ସମୟରେ ପଡ଼ଘଡ଼ି ମାଇଲା ଭଳି ଗୋଟାଏ ବ୍ରହ୍ମଗୋଇଠାରେ ସେ ତଳେ କଚ୍ଚି ହେଇ ପଡ଼ିଲା ।

ଜର୍ଜର ମୁଣ୍ଡ ଘାଉଁରେଇଦେଲା । ସେ କିଛି ଭାବବା ବା କହିବା ପୂର୍ବରୁ ଆଉ ଗୋଟାଏ ବ୍ରହ୍ମ ଗୋଇଠା ବାଜିଲା ତା ପେଟରେ । ଜର୍ଜ ହାଉଳି ଖାଇ ପାଟିକରି ଉଠିଲା । କିନ୍ତୁ ପାଟିକରି ନପାରି ସେ କୁନ୍ଥେଇଲା ।

ଏହି ସମୟରେ ସେ ଦେଖିଲା, ସେଆଡ଼ୁ ମନ୍ଦିରଆଡ଼ୁ ବହେ ଲୋକ ଧାଇଁ ଆସୁଚନ୍ତି । ସମସ୍ତେ ହରିବୋଲ ହୁଳହୁଳି ପକାଉଛନ୍ତି ।

ଏହି ସମୟରେ ସେ ଦେଖିଲା ଗ୍ରେଟା ପୁଣି ଗୋଡ଼ ଉଠେଇଚ । ଜର୍ଜ ତା ମୁହଁକୁ ଭୂଇଁ ଦେଖିଲା—ସେ ଦାନ୍ତ କଡ଼ମଡ଼ କରୁଚ ଆଉ କହୁଚ—"ଶଳା ଦଗୋଡ଼ିଆ ! ମୋ ପଛେ ପଛେ ପଡ଼ି କେତେବେଳେ ମୋର ସବୁ ଗୁମର ଟେ୍ରଶକରି ନେଲା ହୋ ! ଶଳା ପାପିଷ୍ଠ ! ସ୍ୱାକୁ ଜୀବନରୁ ମାରିଦେବା କଥା ।"

"ଜୀବନରୁ ମାରିଦବ ? ଗୁମର କଅଣ ପଦାରେ ପଡ଼ିଲା ? ତୁମେ କଅଣ ତାହେଲେ ଭଗବାନ ନୁହଁ ?" ପଶ୍ଚରୁ ପଶ୍ଚରୁ ଗ୍ରେଟାର ଆହୁରି ଗୋଟାଏ ସାଙ୍ଘାତିକ ଗୋଇଠା ଆସି ବାଜିଲା ତା ଥୋମଣିରେ ।

ଜର୍ଜ ଜାଣିଲା—ଲୋକଟା ନଷ୍ଟେ ଗୋଟେ ଧପ୍‌ପାବାଜ । ତାର କିଛି ଗୁମର ପଦାରେ ପଡ଼ିଗଲାଣି—କିନ୍ତୁ କି ଗୁମର ଜର୍ଜ କିଛି ବୁଝିପାରିଲା ନାହିଁ । ତାକୁ ଜୀବନରୁ ମାରିଦବାକୁ ପଣକରି ଗ୍ରେଟା ପୁଣି ଗୋଡ଼ ଉଠେଇଲା ।

ଆହୁରି କୋର୍‌ରେ "ଜୟ ଜୟ ଭୈରବ ! ଜୟ ଜୟ ଭୈରବ" କହି ଲୋକେ ଧାଇଁ ଆସୁଥିଲେ ତେଣୁ ।

ଗ୍ରେଟାର ସେଇ ଗୋଇଠାରେ ଜର୍ଜ ଆଖିରୁ ଜୁଳୁଜୁଳିଆ ପୋକ ବାହାରି ଆସିଲେ । ସେ ଜାଣିଲା ଯେ ସେ ମରିବାକୁ ଯାଉଚ । ତାର ଅଷ୍ଟାଙ୍ଗ ଶରୀର ଥରୁଥାଏ । କେତେଦିନ ହେଲା ପେଟରେ ଅନ୍ନ ପଡ଼ିନଥାଏ । ଦିହରେ ବଳ ନଥାଏ ।

କିନ୍ତୁ ଗ୍ରେଟା ପୁଣି ଉଠେଇଲା ତା ଗୋଡ଼ ।

ତେଣୁ ହରିବୋଲ ହୁଳହୁଳିରେ ଗଗନ କମ୍ପିଲା ।

ହଠାତ୍ ସେଇ ଅଦ୍ଭୁତ ପରିସ୍ଥିତିରେ, ସେଇ ଆତଙ୍କଜନକ ପରିସ୍ଥିତିରେ ପଡ଼ି, ଜର୍ଜ ମୃତ୍ୟୁକୁ ଅପେକ୍ଷା କରୁଥିଲା । କିନ୍ତୁ କାହିଁକି ? କଅଣ ତାର ଦୋଷ ? କଅଣ ତାର ପାପ ? ପାପ କ'ଣ ଏପର୍ଯ୍ୟନ୍ତ ଗ୍ରୁଡ଼ିନାହିଁ ? ଏ କିଏ ? ଏ ଲୋକଟା କିଏ ? ଏ କିଏ ମୋ ଦିହରୁ ପାପ ଛଡ଼େଇବା ପେଇଁ ? କି ପାପ ଛଡ଼ଉଚ ଏ ? ସ୍ୱାକୁ ଏତେ ଶକ୍ତି ଦେଲା କିଏ ?

ଗ୍ରେଟାର କାଠ ଗୋଡ଼ ଶୂନ୍ୟକୁ ଉଠୁଥାଏ । ଆଖି ପିଛୁଡ଼ାକେ ସେ ଗୋଡ଼ ତାକୁ ଏଇଥର ଶେଷ କରିବ । ସେ ଗୋଡ଼ ଆସୁଚ, ହେଇ ଆସୁଚ ସେ ଗୋଡ଼ । ହେଇ ବସିଲା···

Digitized by srujanika@gmail.com

ହଠାତ୍ କଅଣ ହେଲା କେଜାଣି—ଜର୍ଜର ଶୁଖିଲା ମାଂସପେଶୀ ଭିତରେ ପ୍ରତ୍ୟେକ ସ୍ନାୟୁର ଦଉଡ଼ି ଟାଣିହୋଇ କଟକଟ ଡାକିଲା । ଜର୍ଜ ତାର ଶେଷ ନିଃଶ୍ୱାସ ନେବା ପାଇଁ ପ୍ରସ୍ତୁତ ହୋଇ ଉଠୁଙ୍କି ଉଠିଲା ।

ଆଉ ମୁହୂର୍ତ୍ତିରେ ଜର୍ଜ ଦେଖିଲା—ଗୋଟାଏ ଟାଣ ଆଉ ଓଜନିଆ ଜିନିଷ ତାର ଦ ବାହୁ ଭିତରେ ଲଟକିଛି ଆଉ ଗୋଟାଏ ଜବରଦସ୍ତ ହାତ ଗୋଟାକ ପରେ ଗୋଟାଏ ବ୍ରହ୍ମବିଧା କସିଦେଇ ଯାଉଚି—ତାର ମୁହଁକୁ, ଗାଲକୁ, ପେଟକୁ, ନାକଦଣ୍ଡାକୁ, କାନମୁଣ୍ଡାକୁ ଆଉ ବେକ ଘଣ୍ଟାକୁ ।

ବାସ୍ ! ସେତିକଟା ଯଥେଷ୍ଟ । ଜର୍ଜକୁ ଆଉ ଅଛପା ରହିଲା ନାହିଁ ଲୋକଟାର ଉଦ୍ଦେଶ୍ୟ ବାସ୍ତବିକ କଅଣ ବୋଲି । ଲୋକଟା ଯେ ବାସ୍ତବିକ ଭଗବାନ୍ ନୁହେଁ, ଗୋଟାଏ ଭଣ୍ଡ ଆଉ ହଜାର ହଜାର ମୂର୍ଖ ଲୋକଙ୍କୁ ଭଣ୍ଡେଇ ରଖିଚି, ଆଉ ତାଙ୍କ ଉପରେ ଅତ୍ୟାଚାର ଚଳେଇଚି, ଲୋକଟା ଗୋଟାଏ ଏକଶିଙ୍ଘା ଆଉ ବାସ୍ତାଏ—ଏଥିରେ ସନ୍ଦେହ ରହିଲା ନାହିଁ ତାର ।

ନିର୍ବୋଧ ଜନତା ସେତେବେଳକୁ ଶଙ୍ଖ, ମହୁରି, ହରିବୋଲ, ହୁଳହୁଳି ଦେଇ ନସ୍ତାନ୍ତ । ଜୟ ଜୟ ଭୈରବ ନାଦରେ ଆକାଶ ଫାଟିପଡ଼ୁଚି ।

ରାଗ ଆଉ ଘୃଣାରେ ଜର୍ଜର ମନ କୁହୁଳି ଉଠୁଥାଏ । ଲୋକଙ୍କର ଏ ଅନ୍ଧ ସ୍ତୁ ଚକ୍କାରରେ ତାର ମନ ଭିତରେ ବିଦ୍ରୋହ ଫାଟିପଡ଼ିଲା ।

ଲୋଟା ମାଗରୁଛି ବ୍ରହ୍ମବିଧାମାନ ।

ହଠାତ୍ ଲୋଟାର ସେଇ କାଠ ଗୋଡ଼ଟାକୁ ଉଠେଇଲା ଜର୍ଜ—ଶୂନ୍ୟକୁ ।

ଜନତା ତଥାପି 'ଜୟ ଜୟ ଭୈରବ' ରବ କରୁଥାଏ, ଆଉ ପଡ଼ୁଥାଏ ।

ଜର୍ଜର ହାତର କାଠଗୋଡ଼ ଯେତେବେଳେ ଦୁମ୍ କରି ପଡ଼ିଲା ସେ ଜାଣିଥିଲା ଯେ, ତାର ବ୍ରହ୍ମ ପାହାରଟା ବାସ୍ତବିକ୍ ସେଇ ଗୋଟାଏ ଲୋଟାର ମୁଣ୍ଡ ଉପରେ ପଡ଼ିନଥିଲା । ସେଇ କାଠଫାଳିଆଟା ପଡ଼ିଥିଲା ପ୍ରକୃତରେ ସେଇ ଅନ୍ଧ, ମୂର୍ଖ, କାଣ୍ଡଜ୍ଞାନଶୂନ୍ୟ ଜନତା ଉପରେ—ଯିଏ ନିଜର ମୁକ୍ତି ପାଇଁ ଶଙ୍ଖ, ହୁଳହୁଳି ପକେଇ ଗଗନ ପବନକୁ ଛାରଖାର କରୁଥାଏ ।

ହଠାତ୍ ଥପ୍ କରି ବାଜା, ହରିବୋଲ ସବୁ ବନ୍ଦହୋଇଗଲା । ଭୟଙ୍କର କ୍ଳାନ୍ତ ଆଉ ଅସହ୍ୟ ଯନ୍ତ୍ରଣାରେ ଜର୍ଜର ମୁଣ୍ଡ ଭିତରେ ପୁଣି କଅଣ ଗୋଟାଏ ପକ୍ଷୁଆ ପକ୍ଷୁଆ ହୋଇ ଗୁଡ଼େଇ ହୋଇଗଲା । ଜର୍ଜ ଟଳି ପଡ଼ିଲା—ବେହୋସ ହେଲା ।

× × × ×

କଅଣ ଗୋଟାଏ କଡ଼ା ଗନ୍ଧ ବାଜି ଜର୍ଜର ନାକ ପୋଡ଼ି ଉଠିଲା । ତାକୁ ବାନ୍ତି ମାଡ଼ି ଆସିଲା; କିନ୍ତୁ ବାନ୍ତି କରିବା ପାଇଁ ପେଟରେ ଥିଲା କଅଣ ? ସେ ବାଉଳା ହୋଇ ଉଠି ବସିପଡ଼ି ଦେଖେ ତ ଗୋଟାଏ ଝୁଣା ସଗ ଠିକ୍ ତା ନାକ ପାଖେ ଜଳୁଛି । ଝୁଣା ଧୂଆଁ ଭୁସ୍‌ଭୁସ୍ ହୋଇ ଉଠି ସିଧାସଳଖ ତା ନାକରେ ପଶୁଚି ଆଉ ସଗର ରଡ଼ନିଆଁର

Digitized by srujanika@gmail.com

ଧାସରେ ତା ଗାଲଟା ସିଝିଗଲା ଭଳି ଲାଗୁଚି । ଆଶ୍ଚର୍ଯ୍ୟ ହୋଇ ଜର୍ଜ ତା ନଜର ଚାରିପାଖକୁ ଚାହିଁଲା । ହୁଏତ ସେ କୋଉଠି ଥିଲା ସେ ବିଷୟରେ ତାର କୌଣସି ସ୍ପଷ୍ଟ ଧାରଣା ହୋଇପାରୁନଥିଲା । ସେ କେବଳ ଦେଖୁଥିଲା, ଦେହକେ ଉତ୍ପର ଫୁଲଗଦା ଭିତରେ ସେ ବସିଥିଲା । ସତେକି ସେମାନେ ତାକୁ ଫୁଲ ଭିତରେ ସମାଧି ଦେଇଦବା ପେଇଁ ବସିଥିଲେ । ଧୂପ, ଦୀପ, ହରିବୋଲ, ହୁଳହୁଳି ଦେଇ ସତେଯେପରି ସେମାନେ ତାକୁ ଗୋଟାଏ ମୁର୍ଦ୍ଦାର କରି ଶ୍ମଶାନକୁ ନେଉଥିଲେ । କିନ୍ତୁ ସେ ନିଜେ ଭଲକରି ବୁଝି ପାରୁଥିଲା ଯେ ସେ ମୁର୍ଦ୍ଦାର ନୁହେଁ—ମେ ଜୀଅନ୍ତା । ତା ନାଡ଼ି ଏବେ ବି ଚାଲୁଚି, ଆଉ ଛାତି ଦମ୍‌ଦମ୍ ହଉଚି । ସବୁଠୁ ବେଶି କଷ୍ଟ ହେଉଚି ସେଇ ପେଟରେ । କିନ୍ତୁ ସେମାନେ କିଛି ବୁଝିପାରୁନଥିଲେ ବୋଧହୁଏ ।

ପୁଣି ବହେ ଝୁଣା ଧୂଆଁ ହାଉଆ କରି କିଏ ତା ନାକ ଆଡ଼କୁ ଛାଡ଼ିଦେଲା । ଜର୍ଜ ଖୁବ୍ ଜୋର୍‌ରେ କାଶିଉଠିଲା । କାଶିବା ମାତ୍ରେ ସେ ଅନୁଭବ କଲା, ତାର ପ୍ରତ୍ୟେକଟି କାଶ ଉପସ୍ଥିତ ଜନତାକୁ ଆହୁରି ମୋହିକଲା । ଜର୍ଜର ପ୍ରତ୍ୟେକ କାଶରେ ଜନତାର ହରିବୋଲ ଧ୍ୱନି ଆକାଶର ଆହୁରି ଆହୁରି ଉଚ୍ଚକୁ ଫଣା ମେଲି ଉଠିଲା । ତା ପରେ ଜନତା ଗୋଟାଏ ଗୀତ ଗାଇଲା ଭଳି ଖାଲି କଣ୍ଠ ଥରେଇ କଅଣ କହୁଥିଲା ଏବଂ ସେଥିସହିତ ଜର୍ଜ ଲକ୍ଷ୍ୟ କଲା—ହଜାର ହଜାର ଲୋକ ହାତଯୋଡ଼ି ତାର ହୁକୁମ ଅପେକ୍ଷାରେ ସତେକି ଠିଆହୋଇ ରହିଛନ୍ତି ।

ଏ ସବୁର ଅର୍ଥ କିଛି ବୁଝିପାରୁ ନଥାଏ ଜର୍ଜ । ତାକୁ ସବୁ କଥା ଖାଲି ସ୍ୱପ୍ନଭଳି ଲାଗୁଥାଏ । ନଇକୂଳରେ ସେ ସ୍ତ୍ରେଟା ଲୋକ ସହିତ ଦେଖାହେବା ବେଳଠୁଁ ଏ ପର୍ଯ୍ୟନ୍ତ ସବୁ କଥା କେମିତି ଗୋଟାଏ ସିନେମା ଭଳିଆ ଲାଗୁଥାଏ ତାକୁ । ସେ ମନେ କରୁଥାଏ ସତେ କି ତାକୁ କୋଉ ସିନେମାବାଲା ଧରିଆଣି, ଔଷଧ ଖୁଆଇ, ଭୁଲେଇ ଦେଇ, ତାରି ଦ୍ୱାରା ସିନେମା କରୁଚନ୍ତି, ଆଉ ଦୂରରେ ରହି ତାର ଛବି ନଉଚନ୍ତି । ସେ ଛବି ସିନେମାଘରେ ଦେଖାହେବ । ଲୋକେ ଛ ଛ ଅଣା ପଇସା ଦେଇ ତା ଛବିକୁ ଆସି ଦେଖିବେ । ଦେଖିବ ବି ତାର ଛବିକୁ ହୁଣ୍ଡା ବୀର ସାମଲ, ଦେଖିବ କାମାସ୍ତ୍ରୀ ଆଉ ଦେଖୁଥିବ ବି ସେ ମାଇଚିଆ ଲୋକଟା—ଯାହା ଯୋଗୁଁ ସିନେମାଘରକୁ ସେଦିନ ପୁଲିସ୍ ଦଖଲ କରିନେଇଥିଲା । ଖାଲି ସେତିକି ନୁହେଁ, କବିରାଜ ବୁଢ଼ାର କାନକୁ ବି ଯିବ ତାର ନାଁ । ହରି ମିସ୍ତ୍ରି ସାଇକଲ ଦୋକାନି ସିନେମା ଦେଖି ଯାଇ କାବା ହବ । ଏ କ'ଣ ? —ସେ କହିବ—ଏ ଟୋକା କ'ଣ ଏଠି ? ପଞ୍ଜାବୀ ମାଇକିନା ସେ ରୁଟିବାଲୀ ବି ନିଶ୍ଚୟ ଦେଖିବ । ତା ପାଟିରୁ ନାଳ ଗଡ଼ିବ ସେ ଛବି ଦେଖି । ସମସ୍ତେ ଦେଖିବେ—ଯେମିତି ଏଇ ମୂର୍ଖ ଜନତା ବର୍ତ୍ତମାନ ତାକୁ ଦେଖୁଚି—ସେମିତି ।

ହଠାତ୍ ଜର୍ଜର ଧ୍ୟାନ ଭାଙ୍ଗିଲା । ସେ ଉଠି ବସି କାଶିବାରୁ ଦେଖି, ଜଣେ ଗେରୁଆ ଲୁଗା ପିନ୍ଧା ଗୋରା ତକତକ ଦାଢ଼ିଆ ମଣିଷ ତା ପାଖରେ ହାଜର ହେଲା । ସେ ଲୋକ ଆସି ତାକୁ ଦଣ୍ଡବତ ହେଲା ଆଉ ଥିଲା ଥିଲା ଗୋଟାଏ ମନ୍ତ୍ର ରଡ଼ି ଛାଡ଼ି ସେ କହିଉଠିଲା

Digitized by srujanika@gmail.com

—"ଜୟ ! ଦୈତ୍ୟ ସଂହାରକାରୀ ଭଗବାନ ପରଶୁରାମ ଙ୍କ ଜୟ ! ଜୟ କ୍ଷତ୍ରିୟ-ନାଶକାରୀ, ପାପନାଶକାରୀ ଭଗବାନ ଭୃଗୁପତି ଙ୍କ ଜୟ !"

ସାଙ୍ଗେ ସାଙ୍ଗେ ବହଳ ଜନତା ଦୁହା ଧରିଲା—"ଜୟ ! ଜୟ ! ଜୟ !"

ଜର୍ଜ କିଛୁ ବୁଝୁଥାଏ ଆଉ ବୁଝୁ ନଥାଏ ବି । ସେ କେବଳ ଆଶ୍ଚର୍ଯ୍ୟ ହେଉଥାଏ ଓ ସେ ଲୋକଟାକୁ ଘୁରୁମାନ କେବଳ ଭାବୁଥାଏ—ଆରେ ବାପ୍‌ରେବାପ୍ ! ମନରବଳ ଆଣି କୋଉଠି ଥୋଇଲଣି ମଣିଷକୁ ! ଏଠୁ କ'ଣ ବର୍ତ୍ତିଯାଇ ହବ ! କମ୍ପା ଜନତାର ଭଗବାନ ହେଇ ସେ ଚିରକାଳ ରହିଯିବ ଏଇ ସମାଧି ଭିତରେ ? କାହିଁକି କେଜାଣି ତାର ଗ୍ରାତ ଥରହର ହେଲା । ସେ ଲୋକଟା କଥା, ଆଉ ତାର ସେଇ ଶେଷ ପରିଣତି କଥା ଭାବି ତା ଦେହ ଆହୁରି ଥରିଲା ।

ଲୋକେ କିନ୍ତୁ ମାତି ଉଠୁଥିଲେ ।

ଜୟ ! ଜୟ ! ଜୟ ପରଶୁରାମ ଙ୍କ ଜୟ !

ଏହି ସମୟରେ ଜର୍ଜର କାନପାଖରେ କିଏ ଗୋଟିଏ ଫୁସ୍‌ଫୁସ୍ କରି କହିଲା—"ମହାରାଜ ! ହୁକୁମ ଦିଅ ଶୀଘ୍ର । ଆଉ ଡେରି କରନା—ଲୋକେ ପରା ଅଧସ୍ଥ ହେଲେଣି !"

ବାବା ହେଇ ଜର୍ଜ ଚାହିଁଲା ପଛକୁ । ସେ ଦେଖିଲା ତା ପାଖରେ ସେଇ ଗେରୁଆଁ ଲୁଗା ପିନ୍ଧା ଦାଢ଼ିଆ ବାବାଜୀଟା ନଇଁପଡ଼ି ତାକୁ ଚାହିଁ ମୁରୁକେଇ ମୁରୁକେଇ ହସୁଚି—ସତେ କି ସେ ତା ବିଷୟରେ ସବୁ ଜାଣେ । ସବୁ ଜାଣେ ସେ, କିଏ କୋଉ ଅବତାର ଆଉ କୋଉ ରୂପରେ କେତେବେଳେ ଆବିର୍ଭାବ କରେ ହଉଚି !

ତାର ସେଇ କଟକଟ ଲାଲଲାଲ ଆଖିକୁ ଚାହିଁଦେଇ ଜର୍ଜର ପିଳେହି ପାଣି ହୋଇଗଲା । କିନ୍ତୁ ଲୋକଟା ସେ ପ୍ରକୃତରେ କଅଣ ଭାବୁଥିଲା ତା ବିଷୟରେ କେଜାଣି ?

ଲୋକଟା ଜର୍ଜର ନିର୍ବୋଧ ଆଖି ଦଇଟାକୁ ଚାହିଁ କଅଣ ଭାବିଲା କେଜାଣି, ଆହୁରି ପାଖକୁ ନଇଁପଡ଼ି କହିଲା—"ମହାରାଜ ! ତୁମେ ଧୀର ହେଇ ବସ ! ଭୟ କରନା ଆଦୌ । ହୁକୁମ୍ ଦବା ଆରମ୍ଭ କର । ଆଉ ହେଇ ନାଅ, ଏ ଅଳଟି ନାଅ । ଯିଏ ଯାହା ଦେଉଚି ତାକୁ ନାହିଁ ନ କରି ଏ ଥାଳିରେ ପୁରାଅ । ତୁମେ ପରା ଭଗବାନ ! ତୁମେ ପାପୀ ଭୈରବକୁ ନାଶ କରିଚ । ତୁମେ ପରଶୁରାମ ଅବତାର ବୋଲି ଲୋକେ କହୁଚନ୍ତି । ଦିଅ, ହୁକୁମ ଦିଅ । ଆଉ ଏ ଥାଳ ନାଅ । ଡେରି କାହିଁକି କରୁଚ ?"

ଲୋକଟାର ମନକଥା ନ ବୁଝି ମଧ୍ୟ ବୁଝିପାରିଲା ଜର୍ଜ । ସେ ଜାଣେ, ଏ ଗେରୁଆପିନ୍ଧା ଲୋକଟି ମହା ଓସ୍ତାଦ୍ । ଏ ବୋଧହୁଏ ଏଠିକାର ଦଡ଼ପଣ୍ଡା । ବିଷ୍ଣୁଙ୍କର ସବୁ ଅବତାରର ଆଗେ ଆଗେ ଘଣ୍ଟବାଡ଼େଇବା ଏହାର କାମ ।

ଲୋକଟି ପୁଣି ତାକୁ ପଛରୁ କେଞ୍ଚିଲା । ଜର୍ଜର କଲିଜା ଆହୁରି ଜୋର୍‌ରେ ଥରିଉଠିଲା । ହୁକୁମ ଦବ ସେ ? ହୁକୁମ ? ଲୋକେ ତାର ହୁକୁମକୁ ଚାହିଁ ବସିଛନ୍ତି ? ହଠାତ୍ ତାର ପେଟ ଭିତରେ ପୁଣି ଗୋଟାଏ କିଏ ଭିଡ଼ମୋଡ଼ ହେଲା । କୋଉଠି ଥିଲା, କିଆଁ ହୁଳା ଭଳି ସେ ଜଳି ଉଠିଲା ସେଠି ।

ଜର୍ଜର ଅଜାଣତରେ ତାର ପାଟି ଫିଟିଗଲା ।

Digitized by srujanika@gmail.com

"ମତେ ଖର ଖେଳ !" ସେ କହିଲା ।

ସାଙ୍ଗେ ସାଙ୍ଗେ ଜୟ ଜୟ ଧ୍ୱନିରେ ଜନତା ଆହୁରି ତେଜି ଉଠିଲା । ଲୋକେ ଆହୁରି ଆହୁରି ତା ଆଡ଼କୁ ମାଡ଼ିଆସିଲେ । ଲୋକଙ୍କର ସେ ସମୁଦ୍ରକୁ ଏତେ ନିକଟରେ ଦେଖି ଜର୍ଜର ଛାତି ଆହୁରି ଜୋର୍ ପଡ଼ିଲା ଉଠିଲା ।

ଏହି ସମୟରେ ଜର୍ଜର ଆଖି ଆଗରେ ପଡ଼ିଗଲା ଗୋଟାଏ ଡାଲା । ଦିବ୍ୟ ସୁନ୍ଦର ଚକ୍ ଚକ୍, ହରରଙ୍ଗୀ ଫଳଫୁଲରେ ସେ ଡାଲାଟି ସଜଡ଼ା ହୋଇଥାଏ । ଡାଲାର ସେଇ ଗୋଲ ଗୋଲ ବିଚିତ୍ର ରଙ୍ଗର ଫଳଗୁଡ଼ାକୁ ଦେଖି ଜର୍ଜ ପାଟିରୁ ଲାଳ ବୋହିପଡ଼ିଲା । ଜବରଦସ୍ତ ସେ ଲାଳ ପାଟି ଭିତରେ ବନ୍ଦକରି ଜର୍ଜ ତା ମନ ଭିତରେ ଉଚ୍ଚାରଣ କଲା ସେଇ ଅଦ୍ଭୁତ ଶବ୍ଦଟିକୁ—ଯେ ଦିନେ ତା ପାଟିରୁ ଲାଳ ବୁହାଇ ଦେଉଥିଲା—କିନ୍ତୁ ଯେଉଁଦିନ ସେ ଲୁଚିଥିଲା ତା ଶକ୍‌ସାର ପ୍ଲାଷ୍ଟିକ୍ କନାର ରଙ୍ଗ ଭିତରେ । ଆଉ ଆଜି ସେ ଅଛି ତା ଆଗରେ । ଚିତ୍ର ବିଚିତ୍ର ଡାଲାରେ ସେ ଢଳ ଢଳ ହଉଚି—ଜର୍ଜ ଆଉ ଥରେ ଉଚ୍ଚାରଣ କଲା—ମେଓ୍ୱା ।

ସେ ଶବ୍ଦଟା କହୁ କହୁ ତା ହାତ ବଢ଼ିଗଲା ଡାଲାଟିଆଡ଼େ । ତା ହାତ ଭିତରେ ସେଇ ରଙ୍ଗବେରଙ୍ଗୀ ସୁନ୍ଦର ଫଳର ଚକ୍‌କଣ ଗ୍ଲେପାଟି ଲାଗିଲା । ଆହା ! ଏଇ ତାହେଲେ ମେଓ୍ୱା । ଛୁଆଗୁଡ଼ାକ ଆଉ ସେ କୁଷ୍ଠରୋଗୀ ସମେତ ଲୋକଗୁଡ଼ାକ ଏଇଥିପାଇଁ ବାୟା ହେଇଯାଉଥିଲେ ? ଏଇ ତାହେଲେ ମେଓ୍ୱା !

ଜର୍ଜ ଖୁବ୍ ସାହସ କରି ସେ ଫଳଟିକୁ ଧରିଲା; କିନ୍ତୁ ପୁଣି କ'ଣ ଗୋଟାଏ ଅଜଣା ଭୟ ତାକୁ ଗ୍ରାସକଲା । ପଛପଟୁ ଗେରୁଆ ଲୁଗା ପିନ୍ଧା ଲୋକ ତାକୁ କେଞ୍ଚୁଥିଲା—"ମହାରାଜ ! ଜଲଦି କର । ମୁଣି ସଜାଡ଼ । ଲୋକେ ଅଥୟ ହେଲେ ଯେ !"

ହଠାତ୍ ଜର୍ଜ ଉଠେଇ ଆଣିଲା ଗୋଟିଏ କଦଳୀ—ପାଚିଲା କଦଳୀ—ମେଓ୍ୱା ପରିବର୍ତ୍ତେ । ମେଓ୍ୱା ଖାଇବାପାଇଁ ସାହସ କୁଲେଇଲା ନାହିଁ ତାର । ତାର ଅଜାଣତରେ କଦଳୀଟିକୁ ଛଡ଼େଇ ପାଟିରେ ପକେଇ ସେଇଟିକୁ ଚୋଳ ଦେଲା ସେ । ହଠାତ୍ ପେଟର ଜାଳା ଟିକିଏ କମିଗଲା ତାର—ଜିଆଁରେ ପାଣି ପଡ଼ିଲାପରି । କଦଳୀଟା ଖାଇ ସାରି ଗ୍ଲେପାଟାକୁ ଫୋପାଡ଼ିଦେଇ ଜର୍ଜ ଆଉ ଗୋଟାଏ କଦଳୀ ପେଇଁ ହାତ ବଢ଼ାଉଚି, ଠିକ୍ ଏଇ ସମୟରେ ଗୋଟାଏ ଅଦ୍ଭୁତ ଚିତ୍କାର ଶୁଣି ତାର ହାତ ସ୍ଥିର ହେଇଗଲା । ସେ ଶୁଣିଲା ଆଉ ସ୍ୱଚକ୍ଷୁରେ ଦେଖିଲା ଯେ ଗୋଟାଏ ଲୋକ ଖାଲି ପଦନକୁ ଡିଆଁମାରି ହୋ ହୋ ହେଇ ନାଚୁଚି ଆଉ ତା ଅଇଁଠା କଦଳୀର ସେଇ ଗ୍ଲେପାଟାକୁ ଦାନ୍ତରେ ଧରି ଘ୍ରେବେଇ ଘ୍ରେବେଇ ସେ ରଡ଼ି ଛାଡ଼ୁଚି ମହା ଅନନ୍ଦରେ, ସତେ କି ବିରାଟ ବୋଝ ଗୋଟାଏ କିଏ ହଠାତ୍ ଦୈବବଳରେ କାଢ଼ିନେଲା ତା ମୁଣ୍ଡଉପରୁ—ସେ ରଡ଼ି ଛାଡ଼ୁଚି—"ଓହୋ ! ଓହୋ ! ହେ ଭଗବାନ ! ହେ ଭଗବାନ ! ତୁମେ ଏଇଠି ଅଛ ! ଆଉ ମୁଁ ତମକୁ କୋଡ଼ିଏବର୍ଷ ହେଲା ଖୋଜୁଚି ! ଜାଳପୋଡ଼ି ହେଇ ମୁଁ ମରୁଚି ତେଣେ କୋଡ଼ିଏ ବର୍ଷ ହେଲା ! ଆଉ ତମେ ଏଠି ବସି ମେଓ୍ୱା ଖାଉଚ ! ଓହୋ ! ଓହୋ ! ହେ ଭଗବାନ୍ ! ଆଉ ଥରୁଟିଏ ! ଆଉ ଥରୁଟିଏ ! ତମେ ତମ ପାଦପଦ୍ମରେ ଟିକେ ଖାଲି

Digitized by srujanika@gmail.com

ଛୁଇଁଦଅ ! ଏ ଘାଆ ଶୁଖିଯାଉ ! ଏ ରୋଗ ଭଲହୋଇ ଯାଉ !"

ବାସ୍, ଯେଉଁକଥପେଇଁ ଅପେକ୍ଷା କରିଥିଲା—ମହାସମୁଦ୍ର ! ତା ପରେ ହଠାତ୍ ଡେଇଁ-ପଡ଼ିଲା ସେ ସମୁଦ୍ର । ତାର ମହାଭୟଙ୍କର ଲହଡ଼ି ସବୁ ମାଡ଼ିଆସିଲା ।

ଜୟ ! ଜୟ ! ଜୟ ।

ହେ ଭଗବାନ୍ ! ତୁମେ ମତେ ଛୁଅଁ !

ହେ ଭଗବାନ୍ ! ତୁମେ ମତେ ଟିକେ ଖାଲି ଅନେଇଦଅ !

ଜର୍ଜ ଦେଖିଲା, ଖାଲି ତା ଦେହକୁ ଟିକଏ ଛୁଇଁଦବା ପେଇଁ ଶହ ଶହ, ହଜାର ହଜାର ଯାତ୍ରୀ ତେଣୁ ମାଡ଼ିଆସୁଚନ୍ତି ।

ତାର ମୁଣ୍ଡ ଘାଉଁରେଇଗଲା । ସେ କଚ୍ଛ ଠିକ୍ କରିପାରିଲାନାହିଁ ହଠାତ୍—ଭଗବାନ୍ ଭଳି ଦୃଢ଼ ହେଇ ବସିବ ନା ପ୍ରାଣରକ୍ଷା କରିବା ପାଇଁ ବାଟ ଦେଖିବ !

ଢେଉ ଉପରେ ଢେଉ ଚଢ଼ାଚଢ଼ି ହେଇ ତେଣୁ ମାଡ଼ି ଆସୁଚନ୍ତି । ଆଉ ଟିକେ ସେ ଭଉଁରୀ ଭିତରେ ପଡ଼ି ସ୍ୱୟଂ ଭଗବାନ୍ ମଧ୍ୟ ବୁଡ଼ିଯିବେ ଦବିଯିବେ ରସାତଳକୁ—ଯେମିତି ଦବିଥିଲା ସେଇ ଗ୍ରେଟା ! ଏକଗୋଡ଼ିକିଆ ଭୈରବ···

ଭଗବାନ୍‌ଙ୍କର ଆସନ ହଠାତ୍ ଟଳିପଡ଼ିଲା । ଜର୍ଜ ଦେଖିଲା ସେଇ ଗେରୁଆଲୁଗାପିନ୍ଧା ଲୋକଟି ପ୍ରାଣମୂର୍ଚ୍ଛା ଗୋଟାଏ ଚିତ୍କାର କରି ପଛରୁ ଦଉଡ଼ି ପଳେଇଲା । ସେତେବେଳକୁ ଲୋକେ ତାର ଆସ୍ଥାନକୁ ପେଶିଯାଇଥିଲେ । ସେମାନେ ମାଡ଼ି ଆସୁଥିଲେ, ଭଗବାନଙ୍କୁ ଛୁଇଁବା ପେଇଁ ଟିକଏ ।

ଜର୍ଜ ଦେଖିଲା ଶେଷ ସମୟ ଆସି ପହଞ୍ଚିଗଲା । ପ୍ରାଣରକ୍ଷା ବର୍ତ୍ତମାନ କର୍ତ୍ତବ୍ୟ । ଏଇ ସମୁଦ୍ର ଆଗରେ ଠିଆହେବା ଭଳି ମନବଳ ଏ ପର୍ଯ୍ୟନ୍ତ ଜନ୍ମିନାହିଁ ତା ମୁଣ୍ଡରେ । ସେ ବୁଡ଼ିଗଲା ସମୁଦ୍ର ଭିତରକୁ ।

ସମୁଦ୍ରର ଢେଉଠାରୁ ବହୁତ ଦୂରରେ, ଗୋଟାଏ ଥୁଣ୍ଟା ଗଛ ଦେଖି ଜର୍ଜ ତା ମୂଳରେ ଅଣ୍ଟାନେଲା । ତାର ଆଣ୍ଠୁ ଗଣ୍ଠି ଛିଣ୍ଡି ନହୁଲୁହାଣ ହେଇଥିଲା । ତା ବେକରେ ତଥାପି ଗୋଟାଏ ଦଉଟା ଫୁଲହାର ଝୁଲୁଥିଲା, ଆଉ ତା ଦେହରେ ଠାଏ ଦ'ଠା ଚନ୍ଦନ ଦାଗ ବ ସେମିତି ଲାଗିଥିଲା । ତାର କୋତଘ ପେଣ୍ଟ ଖଣ୍ଡ ଚିରି କନାଧଡ଼ି ହେଇଥିଲା ।

ଥୁଣ୍ଟା ଗଛ ଉପରେ ଚଢ଼ି ଜର୍ଜ ଲକ୍ଷ୍ୟ କଲା—ଦୂରରେ ମନ୍ଦିର ପାଖରେ ତଥାପି ଧସ୍ତପସ୍ତ ହେଇ ଗଡ଼ୁଥିଲେ ଅସଂଖ୍ୟ ଲୋକ । ଭଗବାନଙ୍କୁ ଆଙ୍ଗୁଠିରେ ଛୁଇଁବାର ମୋହ ତଥାପି ଲାଗିଥିଲା ସେଗୁଡ଼ାଙ୍କୁ । ସେମାନଙ୍କର ବିକଳ ଚିତ୍କାର, ଆର୍ତ୍ତନାଦ, ହୋ ହା, ଜୟଜୟକାର ଆଉ କୀର୍ତ୍ତନ ଧ୍ୱନି ସବୁ ଗୋଳେଇ ପୋଳେଇ ହେଇ ଦୂରକୁ ଗୋଟାଏ ଅତି ଅଦ୍ଭୁତ ପ୍ରକାର ଶବ୍ଦରେ ପରିଣତ ହେଇ ଶୁଣାଯାଉଥିଲା ।

ଏଇ ଭିତରେ ଜର୍ଜର ଦୃଷ୍ଟି ଥୁଣ୍ଟା ଗଛକୁ କଳୁଥାଏ ଅଳ୍ପେ ଅଳ୍ପେ ।

ହଠାତ୍ ଆଶ୍ଚର୍ଯ୍ୟ ହେଇ ସେ ମୂଳରୁ ଅଗଯାକେ ଗ୍ରହିଁ ଦେଇଗଲା ସେଇ ଥୁଣ୍ଟା ଗଛଟାକୁ ।

Digitized by srujanika@gmail.com

ଓଃ ! ପୁଣି ସେଇ ଥୁଣ୍ଟା ଗଛ !

ତା ହୃଦୟରେ ଭୟ, ବିସ୍ମୟର ଶିହରଣ ଜାତହେଲା । ଜଲଦି ଜଲଦି ଗୋଡ଼ ପକେଇ ସେ ଚାଲିଲା ସେଇ ବାଟେ—ଯୋଉ ବାଟେ ସକାଳେ ସେ ଯାଇଥିଲା ସେ ଗ୍ରେଟ୍ ଲୋକଟା ସାଙ୍ଗେ ଭଗବାନ୍ ହବାପେଇଁ !

ସେ ହସିଲା ବାସ୍ୱାଙ୍କ ଭଳି । କଅଣ ଗୁଡ଼ାଏ ମନକୁ ମନ ଗପିଲା ତା ପରେ ଚାଲିଲା । ବାଟ ଅସରନ୍ତି । ସେଇ ଅସରନ୍ତି ବାଟକୁ ସରନ୍ତି ମନେକରି ସେ ତରତର ହୋଇ ଚାଲିବାକୁ ଆରମ୍ଭ କରିଦେଲା । ସନ୍ଧ୍ୟା ପ୍ରାୟ ହୋଇଆସୁଥିଲା ।

—

ସେଇ ଅମୃତହସ୍ତ, କଳିଯୁଗର ବିଷ୍ଣୁ ଅବତାର ବାବାଜୀର ପତ୍ତା ଏ ପର୍ଯ୍ୟନ୍ତ ପାଇ ନଥିଲା ଜର୍ଜ । ବୋଧହୁଏ ଆଉ ପାଇବ ନାହିଁ ବି ତାର ପତ୍ତା । ବୋଧହୁଏ ପଛରେ କୋଉଠି ଛାଡ଼ିଦେଇ ଆସିଲାଣି । ଜର୍ଜ ତା ପଛକୁ ଅନାଏ । ପଛ ତାର ଫାଙ୍କା । ଚିହ୍ନା ମଣିଷର ପତ୍ତା ନାହିଁ । କେବଳ ସେଇ ଫାଙ୍କା ଜାଗାରେ ପଛକୁ ପଛକୁ ତାର ଲମ୍ବି ଯାଇଚି ନଈବନ୍ଧଟା—ଯାହାର କୂଳେ କୂଳେ ସେ ଚାଲିଚି ସେଇ ବିଷ୍ଣୁ ଅବତାରର ଖୋଜରେ । ପଛରେ ରହିଲାଣି କେତେ ଦିନର ରାସ୍ତା । ରହୁ । ଜର୍ଜ ଆଗକୁ ମୁହଁ ବୁଲେଇଲା ।

ସେଦିନର ସକାଳ ଖୁବ୍ ତୋଫା ହୋଇ ଆରମ୍ଭ ହୋଇଥାଏ । ଜର୍ଜ ଆଗକୁ ଚାହିଁଲା । ସୂର୍ଯ୍ୟକିରଣ ସିଧାସଳଖ ହୋଇ ତା ମୁହଁରେ ପଡ଼ିଲା । ଆଖି ମିଟି ମିଟି କରି ସେ ଅନେଇଲା ଆଗକୁ । ତଥାପି ସୂର୍ଯ୍ୟକିରଣ ଅଥୟ କଲା ତା ଆଖିକୁ । ଆଖିକୁ ଆଢ଼ୁଆଳ କଲା ସେ ସୂର୍ଯ୍ୟ ତେଜରୁ । ଟିକିଏ ଦୂରରେ ଗୋଟାଏ ଗଛ ଆଢ଼ୁଆଳରୁ ଧୂଆଁ ଉଠୁଥିବାର ଦେଖି ସେ ସିଆଡ଼କୁ ମୁହେଁଇଲା । ତାର ମନେହେଲା ବୋଧହୁଏ ବାବାଜି ଦୋକାନ ପାଖେଇ ଆସିଲା ।

ଗଛ ଆଢ଼ୁଆଳରୁ ଉଠୁଥିବା ସେ ଧୂଆଁର ଗନ୍ଧ ଆଉ ବାବାଜି ଦୋକାନର ବରା ଆଉ ଖପାଲଡ଼ୁର ବାସ୍ନା ହଠାତ୍ ତା ପେଟ ଆଡ଼କୁ ଚହଟିଗଲା । ଏତେବେଳଯାଏ ଚୁପ୍‌ଚାପ୍ ହୋଇ ଶୋଇ ରହିଥିବା ଜନ୍ତୁଟା ପୁଣି ଗଡ଼ପଡ଼ ହୋଇଗଲା । ଜଲଦି ଜଲଦି ପାଦ ପକେଇ ଧୂଆଁକୁ ଲକ୍ଷ୍ୟକରି ସେ ଚାଲିଲା । ବେକରେ ତା ଅନ୍ନ ବୁନ୍ଦି ହୋଇଗଲା ଭଳି ଲାଗୁଥିଲା । ଗତ ଚାରିଦିନ ଭିତରେ ସର୍ବମୋଟ ଛଅଟି ପଇସାର ମୁଢ଼ି ତାର ପେଟରେ ପଡ଼ିଥିଲା । ସେ ଛଅଟି ପଇସା ବି କୋଉଠୁ ଆସିଲା ସେ ବିଷୟରେ କିଛି ସଠିକ୍ ଧାରଣା ନ ଥିଲା ତାର । ହୁଏତ ସେ ପଇସା ତା ପକେଟରେ ପଡ଼ିଥିଲା । ହୁଏତ ସେ ପଇସା କେତୋଟିକୁ ସେଇ ଗେରୁଆଲୁଗାପିନ୍ଧା ଦାଢ଼ିଆ ବୁଢ଼ା ତା ପକେଟରେ ଗଳେଇ ପକେଇଥିଲା, ସେଦିନ ଠାକୁର ଦର୍ଶନ ବାଦତ ପ୍ରଥମ ବନ୍ଦନା, କି ଆଉ କିଏ ଦାଣ୍ଟୋଇ ଦୟାକରି ତା ଶୋଇଥିବା ଅବସ୍ଥାରେ ଦେଢ଼କ ପଇସା ଗଳେଇ ପକେଇ ପଳେଇଥିଲା !

ବେଳହୁବେଳ ଧୂଆଁ ଗନ୍ଧ ପ୍ରଖର ହୋଇ ଜଣାଗଲା । ଆଉ ଅଳପବାଟ ! ଜର୍ଜ ଗୋଡ଼ କାଢ଼ିଲା । ଟିକିଏ ବାଟ ଆଗେଇ ଯାଇ ସେ ପୁଣି ନାକରେ ବାରିଲା ସେ ଧୂଆଁକୁ ।

Digitized by srujanika@gmail.com

ଧୀରେ ଧୀରେ ଧୂଆଁର କାଠପୋଡ଼ା ଗନ୍ଧ ଭିତରୁ ଗୋଟାଏ ଫୁରୁକୁଟିଆ ଗନ୍ଧ ସେ ବାରି ପାରିଲା । ମାଉଁସ ପୋଡ଼ା ଗନ୍ଧ !

ମାଉଁସ ପୋଡ଼ା ଗନ୍ଧ ? —ତା ହେଲେ ଏ ବାବାଜି ନୁହେଁ ? ନା, ବୋଧହୁଏ, ନୁହେଁ । ସେତ ଅମୃତହସ୍ତା ! ଖାଲି ଚାହା ଟିକକେ ସେ ଧନକର ଭେକ ମାରିଦିଏ ! ଅତି ଜୋର୍ କଦଳୀ ଫେଣାଏ କି ଖସାଲଡ଼ୁଟାଏ ଥାଏ ତା ଦୋକାନରେ; କିନ୍ତୁ ଏ ତ ମାଉଁସ ପୋଡ଼ା ଗନ୍ଧ !

ଜର୍ଜ ପୁଣି ବାରିଲା ସେ ଗନ୍ଧକୁ । ହଠାତ୍ ନାକର ବହୁତ ତଳୁ ଧୀରେ ଧୀରେ ଲଟେଇ ଲଟେଇ ବାହାରି ଆସିଲା ଗୋଟାଏ ଖୁବ୍ ଚିହ୍ନା ପରିଚିତ ଗନ୍ଧ । ସେଥିସହିତ ଆଉ ଧୂଆଁର ଗନ୍ଧକୁ ମିଶେଇ ଦଇଟାଯାକ ଗନ୍ଧକୁ ଟିକିଏ ଏପଟ ସେପଟ କଲା ଜର୍ଜ—ତା ମନ ଭିତରେ । ସେ ମୁଣ୍ଡ ଟୁଙ୍ଗାରିଲା, ଆଉ କଅଣ ସବୁ ବୁଝିନେଲା ଭଳି ମନକୁ ମନ ହସିଲା, ଆଉ କହିଲା—"ହଁ, ହଁ, ଅବିକଳ ଏଇ ବାସ୍ନା ! ଛଅବର୍ଷ ତଳେ ଏମିତି ଗୋଟାଏ ବାସ୍ନା ଗୋଡ଼କୁ ବାନ୍ଧିପକେଇଥିଲା—କାଠକ୍ୟାବିନ୍‌ର ଗୋଦରିବୁଢ଼ୀକୁ ଦେଖି ଆଖି ବାନ୍ଧି ହୋଇଯାଇଥିଲା—ଆଜି ପୁଣି ସେଇ ବାସନା ! ପୁଣି ଫାନ୍ଦ ବସେଇଲାଣି କିଏ ।"

ଅନ୍ୟମନସ୍କ ହୋଇ ନଈପଟକୁ ନିଘା କଲା ଜର୍ଜ । ବାଲି ମଝିରେ ସରୁ, ନେଳୀ ପାଣିର ଧାର ତା ମଗଜକୁ କାମୁଡ଼ି ଧରିଲା । ହଠାତ୍ ରାଗିଯାଇ ଜର୍ଜ ସେ ନଈପାଣିକୁ ବହୁତ ଗାଳିଦେଲା । ତୁ ଗୋଟାଏ ଛେଠା ନଈ—ସେ ନଈକୁ ଗାଳିଦେଲା । ବାଲିକୁ ଚାହିଁ ଦାନ୍ତ ରଗଡ଼ି ସେ କହିଲା—ରହ ! ମୁଁ ତତେ ଖାଉଚି ! ତୁ କ'ଣ ଭାବୁଚୁ ମୁଁ ତତେ ଖାଇପାରିବି ନାହିଁ ? ମୁଁ ଏଇଲେ ସବୁ କିଛି ଖାଇପାରେ । ମୋର ସେ କ୍ଷମତା ହେଲାଣି । ମୋ ପେଟରେ ସବୁ କିଛି ଏଇଲେ ହଜମ ହୋଇଯିବ । ତୁ ସବ୍ରାତ୍ କର ! ମୁଁ ତତେ କେମିତି ଖାଉଚି ଦେଖ୍ ! ମୁଁ ଭଗବାନ୍ ! ଭଗବାନ୍ ପଦକୁ ଗୁଳି ମାରିଦେଇ ମୁଁ ପଳେଇ ଆସିଚି ! ମୁଁ ମେଓ୍ବା ଖାଉଥିଲି ! ବର୍ତ୍ତମାନ ତତେ ଖାଇବି ।

ହଠାତ୍ ତାର କ'ଣ ମନେହେଲା କେଜାଣି, ସେ ବନ୍ଧତଳକୁ ଓହ୍ଲାଇଯାଇ ବାଲିରେ ଚାହିଁଲା । କିଛି ଦୂରରେ, ବାଲି ଉପରେ ପଡ଼ିଥିବା କୌଣସି ଗୋଟିଏ ଜିନିଷକୁ ଲକ୍ଷ୍ୟକରି ସେ ଚାହିଁଲା । ଦଶ ପନ୍ଦର ଖୋଜ ବାଟ ଯିବାପରେ ହଠାତ୍ ତା ମୁଣ୍ଡ ଭିତରେ ଗୋଟାଏ ଖୁବ୍ ଉଜ୍ଜ୍ୱଳ ଆଲୁଅ ଝଟକିଗଲା । ବାଲି ଉପରକୁ ଝୁଙ୍କିପଡ଼ି ସେ ଖୁବ୍ ସନ୍ତର୍ପଣରେ ଉଠେଇ ଆଣିଲା ସେଇ ଜିନିଷଟିକୁ, ଆଉ ସେଇଟିକୁ ଦି ହାତର ଆଞ୍ଜୁଳା ଭିତରେ ଧରି ରଖି, ତାକୁ ବହୁତ ମକଚିମକଚି କଲା । ସେତେବେଳକୁ ତା ଛାତି ଭିତରଟା ଗୋଟାଏ କମ୍ପିତ ଭୟ, ବିସ୍ମୟ ଆଉ ଆନନ୍ଦାତିଶଯ୍ୟରେ ବିଭୋର ହୋଇଉଠିଥିଲା । ଜର୍ଜ ହାତମୁଠା ଖୋଲିଲା । ଜିନିଷଟିକୁ ନିଦ ମଳମଳ ଆଖିରେ ଚାହିଁଲା ଭଳି ଟିକିଏ ସମସ୍ତ ଚାହିଁଲା । ତା'ପରେ ସେଇଟିକୁ ତାର ହାତ ପାପୁଲି ଉପରେ ବହୁତ ଓଲଟପାଲଟ କଲା । ସୂର୍ଯ୍ୟକିରଣକୁ ଦେଖେଇ ସେ ଜିନିଷଟିକୁ ସବୁଆଡ଼ୁ ସେ ଦେଖିଲା । କିନ୍ତୁ କାହିଁ ? ସେ ଗଲା କୁଆଡ଼େ ? ଟିକିଏ ଦୂରରୁ ତ ଏତେ ଚକ୍‌ଚକ୍ କରୁଥିଲା ! ଆଲୁଅରେ ଆଖି ଜଲକା କରି ଦଉଥିଲା !

Digitized by srujanika@gmail.com

କିନ୍ତୁ ସେ ଗଲା କୁଆଡ଼େ ? କୁଆଡ଼େ ଗଲା ତାର ଏତେ ଆଲୁଅ ! କ'ଣ ? ପୁଣି ତାକୁ ଭଣ୍ଡେଇ ଦେଲା କିଏ ?

କନକନ ହେଇ ଜର୍ଜ ଘୃଣିଆଡ଼କୁ ଚାହିଁଲା । ସେତେବେଳକୁ ତାର ସ୍ନିକଲ ଝଲସିପଡ଼ୁଥିଲା । ଟିକିକ ଆଗରୁ ଝିଁଶ ଆସିଥିବା ଝିଁରଣା ତା ଭିତରେ ପୁଣି ପାକୁ ପାକୁ ହେଇଗଲା । ଯାହାକୁ ଏଡ଼େ ଆଶାକରି, ଗଙ୍ଗାର ଝିଁରଣାଟାଏ ଭାବି ସେ ଧାଇଁ ଆସିଥିଲା, ଦେଖିଲାବେଳକୁ ସେ ଝିଁରଣା ଝିଁରଣା ନୁହେଁ—ସେ ହଉଚି ଗୋରୁପାଦ ଖୁରାରେ ଦବି ଯାଇଥିବା ଟିକେ ଗାତ ଭିତରେ ଜମିଯାଇଥିବା ପାଣି !

ଜର୍ଜ ପଥରଟାକୁ ଫୋପାଡ଼ି ଦେଲା—ଖୁବ୍ ଦୂରକୁ—ଯେମିତି କି ସେ ଆଉ କୋଉ ବାଟୋଇକୁ ବଣା ନକରେ ।

ରାସ୍ତାରେ ପଡ଼ିଥିବା କାଗଜ ଖଣ୍ଡିକୁ, ଅନ୍ଧାର ରାତିରେ ନୋଟ୍‌ଟିଏ ବୋଲି ଭାବି ଟେକିନେଇ ତାର ଚରିକୁ ପରୀକ୍ଷା କରିସାରିଲା ପରେ ମନଭିତରେ ହତାଶା ଜନ୍ମିବା ଆଗେ ଆଗେ କୌଣସି ଏକ ଦୈବୀ ଆଶା ଯେମିତି ବିନା କାରଣରେ ଉପସ୍ଥିତ ହୁଏ ଓ ବାଟୋଇଟି ହଠାତ୍ ସଚେତନ ହୋଇଉଠି ବାଟ ଉପରେ ପଡ଼ିଥିବା ଅସଂଖ୍ୟ ଅଦରକାରୀ ବସ୍ତୁ ଭିତରୁ ଦରକାରୀ ବସ୍ତୁର ସନ୍ଧାନ କରିବାକୁ ମନବଳାଏ, ସେଇଭଳି ପଥରଟାକୁ ଫୋପାଡ଼ି ଦେଲା ପରେ ମଧ୍ୟ ଗୋଟିଏ ଅସମ୍ଭବ ଆଶା ମନ ଭିତରେ ଧୁଗୁବୁଗୁ ହେଇ ଉଠିଲା ଜର୍ଜର ।

ସେ ଆଉ ଥରେ ନଇଁପଡ଼ିଲା ବାଲି ଉପରକୁ ଓ ମୁଠାଏ ବାଲି ଧରି ସେ ତାକୁ ପବନ ଅଡ଼କୁ ଦେଖେଇ ଉଡ଼େଇ ଦେଲା ଆଉ ହାତର ପାପୁଲି ଉପରକୁ । ତା ପରେ ପାପୁଲିଟାକୁ ଫୁଙ୍କି, ପାପୁଲି ଉପରେ ଲାଗିଥିବା ଚକ୍‌ଚକ୍ ଅଭ୍ର ଗୁଣ୍ଡ କେଇଟାକୁ ସୂର୍ଯ୍ୟ ଆଡ଼କୁ ଦେଖେଇ ଅନାଇଲା ସେ ।

ନାଃ, ସେ ମୁଣ୍ଡ ହଲେଇଲା ଓ ମନକୁ ମନ କହିଲା—ନାଃ, ଏ ହୀରା ନୁହେଁ ! ହୀରା-ଗୁଡ଼ିକ ହରଡ଼ ଫଳ ପରି ଖୁବ୍ ତୋଫା । ଆଲୁଅ ଝିଁଶ ପଡ଼ୁଥାଏ । ଏଇ ନଈବାଲିରେ ଥାଏ । କିନ୍ତୁ ତା ପତ୍ତା କେହି ପାଆନ୍ତିନି । ନଜିର ମିଆଁ ପରା କହିଥିଲା—ଯାହାକୁ ମିଳେ ତକ୍‌ଦୀର୍‌ରେ ଥିଲେ ମିଳେ । ଅଉ ଯଦି ତକ୍‌ଦୀର୍‌ରେ ଥିବ—ଆଲ୍ଲା ଛପର୍ ଫାଡ଼୍ କର୍ ତାକୁ ପକେଇଦେବ ତୁମ ସାମନାରେ ।

ଜର୍ଜ ପୁଣି ଥରେ ନଇଁପଡ଼ିଲା ବାଲି ଉପରକୁ । ପୁଣି ମୁଠାଏ ବାଲି ଉଠେଇ ଆଣି ତାକୁ ପରୀକ୍ଷା କଲା । ପୁଣି ଫୋପାଡ଼ି ଦେଲା ତାକୁ, ପୁଣି ନଇଁପଡ଼ିଲା, ପୁଣି ଉଠେଇଲା ଆଉ ମୁଠାଏ ବାଲି ।

ତକ୍‌ଦୀର୍ କିଏସଟା କଅଣ, ଆଜି ଜର୍ଜ ତାକୁ ସେଇ ନଈବାଲିରେ ପରୀକ୍ଷା କରିନବାକୁ ମନ ଆଣ୍ଠୁ ବାନ୍ଧି ମୁଠାକୁ ମୁଠା ବାଲି ଭିତରେ ତାର ଅନ୍ୱେଷଣ କରୁଥିଲା । ସେତେବେଳକୁ ସେ ଭୁଲି ଯାଇଥିଲା ଯେ ଦିନ କେତେଟା ତଳେ ଏଇ ତକ୍‌ଦୀର୍ ଗୋଟାଏ ଅଚାନ୍ଧା ବେଶ ପକେଇ ଆସି ଉଭା ହୋଇଥିଲା ତାରି ଆଗରେ । ଆଖି ଠାର ମାରି, ସେଇ ଗେରୁଆ

Digitized by srujanika@gmail.com

ଲୁଗାପିନ୍ଧା, ଦାଢ଼ିଆ ବାବାଜୀର ଆଖି ଭିତରୁ ସେଇ ଡକଘରର ହରଡ଼ଫାଳ ଭଳି ଉଜ୍ଜଳ ଜହ୍ନମପ ଦିଇଟା ତାର କାନପାଖରେ ଫୁସ୍‌ଫୁସ୍ କରି କହୁଥିଲା ସେଦିନ—ମହାରାଜ୍ ! ଜଲ୍‌ଦି କର ମହାରାଜ ! ହୁକୁମ ଦିଅ ! ଜନତାକୁ ହୁକୁମ୍ ଦିଅ ! ହଜାର ହଜାର ରୋଗୀ, ବଡ଼ରୋଗୀ ତମ ହୁକୁମକୁ ଅନେଇ ବସିଛନ୍ତି, ଆଉ ଡେରି କର ନାହିଁ।''

କିନ୍ତୁ ଜର୍ଜ ସେ ସବୁକଥା ଭୁଲି ଯାଇଥିଲା ଆଜି । ସବୁ ଭୁଲି ସେ କେବଳ ନଈବାଲି-ଗୁଡ଼ାକୁ ତାଡ଼ିପକାଇଲା ! କିନ୍ତୁ କାହିଁ ? କାହିଁ ସେ ହରଡ଼ଫାଳ ? କାହିଁ ? ସେ ପଥରର ଲକ୍ଷ୍ମୀ ମୂର୍ତ୍ତି ବେକରୁ କ'ଣ ଗୋଟାଏ ହେଲେ ହରଡ଼ଫାଳ କାଳି ଗାଡ଼ରେ ଛିଣ୍ଡି ପଡ଼ି ପାରିନାହିଁ ଏଠି ? ବାବାଜୀ କ'ଣ ଏ ଅଞ୍ଚଳକୁ ଆସେନାହିଁ ? କାଳି ଗାଡ଼ରେ ସୁରତ କରିବାକୁ ସେ କ'ଣ ଏ ନଈକୂଳକୁ ଆସିନାହିଁ ?

ପେଟ ଭିତରର ଭୂକମ୍ପ ସହିତ ମନ ଭିତରେ ଆରମ୍ଭ ହୋଇଥାଏ ତାର ପ୍ରବଳ ଝଡ଼ ତୋଫାନ । ଦୂରରୁ ସେଇ ଅଭେଦା ମଣିଷଟାକୁ କଟାଟ ନଈବାଲିରେ ଏଭଳି ଏକାନ୍ତ ହୋଇ ବାଲି ଖୋଳୁଥିବା ଅବସ୍ଥାରେ ଯେ ଦେଖିଥିବ, ତା ମନକୁ ପାପ ଛୁଇଁଥିବ ନିଶ୍ଚୟ ।

କିନ୍ତୁ ଏ ଜନ-ମାନବହୀନ ପୃଥିବୀରେ ମଧ୍ୟ ଲୋକ ଚିହ୍ନିବା ପେଇଁ ମଣିଷର ଅଭାବ ନଥାଏ । ଲୋକଟି କେତେବେଳେ ଆସି ଚୁପ୍ ହୋଇ ତା ପଛରେ ଠିଆହୋଇଛି, ଜର୍ଜ ଜାଣେନା; କିନ୍ତୁ ସେ ଯେତେବେଳେ ଗୋଟାଏ ଝଙ୍କାର ଖାଇ ଦେଇ ପଚାରିଲା— ''କିଅଣ ? ହୀରା ଖୋଜୁଛ ? ହୀରା ?

ଚମକି ଉଠି ଜର୍ଜ ପଛକୁ ଚାହିଁ ଦେଖେ ତ, ଏଡ଼େ ଟିକିଏ ମଣିଷ ତା ପଛରେ ଠିଆ ହୋଇ ମୁରୁକେଇ ମୁରୁକେଇ ହସୁଛି ।

ଲୋକଟାର ବେଶପୋଷାକକୁ ଆଦୌ ନଜର ନ ଦେଇ ଜର୍ଜ ଲୋକଟାର ମୁହଁକୁ ଚାହିଁଲା । ତାର ମୋଟାମୋଟା ଚଉଡ଼ା ଚଉଡ଼ା ଆଉ ଖୁବ୍ ଗହଳିଆ ଭୂମର ଭୂଲତାତଳୁ ଥିର ହୋଇ ଅନେଇ ରହିଥିବା ସେଇ ପେଚୁଳିଆ ଆଖି ଦିଇଟାକୁ ଦେଖିଦେଇ ଆଉ ଥରେ ସେ ଚମକିପଡ଼ିଲା ।

''ଏ କିଅଣ ?'' ସେ ଆଶ୍ଚର୍ଯ୍ୟ ହେଲା । ''ଲୋକଟା ମୋ ମନକଥା ଜାଣିଲା କେମିତି ? ଏ ଗୁମର ତ କେବଳ ନଜର ମିଆଁକୁ ମାଲୁମ୍ ଥିଲା ! ଏ ତଥ୍ୟ ଏହାକୁ ମାଲୁମ ହେଲା କିପରି ?''

ଜର୍ଜକୁ ବିଶେଷ ଭାବିବାକୁ ସମୟ ନଦେଇ, ଅଚହ୍ନା ଲୋକଟି ତା କାନ୍ଧରେ ଗୋଟାଏ ହାତ ଥୋଇ, ତା ଆଖିରେ ଆଖି ମିଶେଇ ଟିକିଏ ମୁରୁକେଇ ହସି କହିଲା—''ବାପ୍ସା ହେଲ ? ହୀରା କ'ଣ ଏ ନଈବାଲିରେ ମିଳେ ? ସେ ନଈ ଦୋପରା । ସେ ନଈକୁ ଚାଲ । —ହୀରା ସେଠି ମିଳିବ । ଆସ—ମୋ ସାଙ୍ଗରେ ଆସ ।''

ଲୋକଟାର କଥା ବୁଝି ନପାରି ଜର୍ଜ ବୋକାଭଳି ଠିଆହେଲା ! ସେ କିଛି ଉତ୍ତର ଦେଇ ନାହିଁ ହଠାତ୍; ତଥାପି ତାକୁ ଭାରି ବିରକ୍ତ ଲାଗୁଥିଲା ନିଶ୍ଚୟ—ଲୋକଟା ଯେ ବୃଥାଟାରେ କାହିଁକି ଉପରେ ପଡ଼ି ଏତେ କଥା କହୁଛି । ତାର ଇଚ୍ଛାହେଲା ଲୋକଟାକୁ ଗୋଟାଏ

Digitized by srujanika@gmail.com

ଖାସା ଜବାବ ଦଅନ୍ତା । କିନ୍ତୁ କାହିଁକି କେଜାଣି, ସେଇ ନିର୍ଜନିଆ ନଈବାଲିରେ ସେ ଲୋକଟାର ଆଖି ଦେଖି ତା ଛାତିରେ ଦମକ୍ ଲାଗିଲା । ସେ ଚୁପ୍ ରହିଲା ।

ଟୋକାଟାକୁ ଚୁପ୍ ରହିବା ଦେଖି ସେ ଲୋକ ପୁଣି ଟିକିଏ ହସିଲା । ଆଉ ତା ବାହୁର ମାଂସପେଶୀକୁ ଟିକିଏ ପରୀକ୍ଷା କଲାଭଳି ଚିପି କହିଲା –“ହଁ, ଏଇ ହାତ ପାରିବ । ତେବେ ଏ ନଈବାଲିରୁ ଏ ହାତ ହିରା ବାହାର କରି ପାରିବନାହିଁ । ହିରା ଯଦି ନବାର ଇଚ୍ଛା ତ ଆସ । ମୁଁ ତୁମକୁ ଖୋଜୁଥିଲି । କେତେ ହିରା ନବ ଆସ । ଆମ ଘରର କାନ୍ଥଯାକ ତ ହିରା ଭର୍ତ୍ତି ରହିଛି !”

“କାନ୍ଥଯାକ ହିରା ଭର୍ତ୍ତି ରହିଛି ?” ଜର୍ଜ ଲୋକଟାକୁ ତାଳୁରୁ ତଳିପାଯାକେ ଚାହିଁଗଲା । ତାର ଗେଡ଼ା ଦେହ ଉପରେ ସେଇ ହାଫ୍‌ପ୍ୟାଣ୍ଟ ଆଉ କଲର୍‌ଚିରା ହାଫ୍‌ଶାର୍ଟ ଖଣ୍ଡିକୁ ଦେଖି, ତାକୁ ଗୋଟାଏ ସର୍କସର ଜୋକର୍ ମନେକରି ଜର୍ଜ ଫେଁକିନା ହସିଦବ ବୋଲି ଭାବିଥିଲା । ତେବେ ସେ ଲୋକଟାର କଥା କହିବା ଢଙ୍ଗରୁ ଜର୍ଜ କଅଣ ବୁଝିଲା କେଜାଣି ଚୁପ୍‌ହୋଇ ରହିଲା ସେ ।

ଗେଡ଼ା ଲୋକଟି ଏଥର ଜର୍ଜର ହାତକୁ ଧରି ତାକୁ ଟାଣିଲା ଆଉ କହିଲା—“ଆସ ! ଆଉ ଡେରି କରନାହିଁ । ମୋ ଘରକୁ ଯିବା ଆସ । କେତେ ହିରା ନବ ଆସ !”

ଜର୍ଜର ଛାତି ଦମଦମ ପଡ଼ୁଥିଲା, ଆଉ ଉଠୁଥିଲା । ସେ ଚାହିଁଥିଲେ ଏକ ଧକ୍‌କାକେ ଲୋକଟାକୁ ନଈବାଲିରେ ଶୁଏଇ ଦେଇ ତିଆଁଟାଏ ମାରି କୁଆଡ଼େ ଉଭେଇଯାଇଥାନ୍ତା ସେ କେଉଁଆଡ଼େ; କିନ୍ତୁ ଗତ କେତେଦିନର ଶ୍ରେକ ଉପାସର ଅଭିଜ୍ଞତାରୁ ତାର ଛାତି ଧୀରେ ଧୀରେ ପଥର ହୋଇଆସୁଥିଲା । ମନରୁ ଭୟ ଉଭେଇଯିବା ସାଙ୍ଗେ ସାଙ୍ଗେ ସେଠି ଯେମିତି ଏକ ବିରାଟ କୌତୂହଳ ସ୍ଥାନ ପାଉଥିଲା । ଲୋକଟା ସହିତ ଧରାପରା ନହୋଇ ସେ ଚାଲିଲା ତା ପଛେ ପଛେ—ଦେଖାଯାଉ କୁଆଡ଼େ ସେ ନଉଚି । କିଛି ନହେଲେ ଏ ହାତ ଆଉ ସ୍ୱାର ମୁଦ୍‌ଗରିଆ ବାହୁ ଦଇଟା ତ ଅଛି !

ଜର୍ଜ ସେ ଲୋକଟି ସହିତ ବନ୍ଧ ଉପରକୁ ଉଠିଲା । ବନ୍ଧ ଉପରକୁ ଉଠି ସେ ଚାରିଆଡ଼କୁ ଉଙ୍କି ମାରିଲା । ଦେଖିଲା, ଟିକିଏ ଦୂରରେ ରାସ୍ତାର କଡ଼ପଟିଆ ହୋଇ ଗୋଟିଏ କଇଁଚ ଛିଠିଆ ମଟର ଗାଡ଼ି ଥୁଆହୋଇଛି । ସେଇ ଗାଡ଼ିଟା ସେଠି ସେମିତି ରଖାଯାଇଥିବାର ଦେଖି ହଠାତ୍ କାହିଁକି କେଜାଣି ଜର୍ଜ ମନରେ ଗୋଟାଏ ଖଟକା ଲାଗିଲା । ସେ ଟିକିଏ ଥଙ୍ଗମଙ୍ଗ ହୋଇଲା । ତାର ମନେହେଲା, ସତେ ଯେମିତି ଗୋଟାଏ ଯନ୍ତା ସେଠି ଥୁଆ-ହୋଇଛି । କିନ୍ତୁ କାହା ପେଇଁ ?

ଜର୍ଜକୁ ଥଙ୍ଗମଙ୍ଗ ହବାର ଦେଖି, ସେଇ ପେଣ୍ଟ ଲୋକଟା ଟିକିଏ ହସିଦେଲା, ଆଉ ତା ପାଖକୁ ଲାଗିଆସି, ତା ହାତକୁ ଧରି ଟିକିଏ ଜୋର୍‌ରେ ଟାଣିଦେଇ କହିଲା—“ଡର ଲାଗୁଚି—ନାହିଁ ? କିନ୍ତୁ ଡରିବାର ଏଥିରେ କଅଣ ଅଛି କମ୍ରେଡ଼ ! ଏ ପୃଥିବୀରେ ଡର କାହାକୁ ? ତମେ ପରା ହିରା ଖୋଜୁଚ ? ଆସ !”

ଜର୍ଜର ଗୋଡ଼ ଦୁଇଟା ଛନ୍ଦୁରେଇ ହୋଇଗଲା । ଝୁଣ୍ଟି ପଡ଼ୁ ପଡ଼ୁ ସେ ଅଟକିଗଲା ।

Digitized by srujanika@gmail.com

ଗେଡ଼ା ଲୋକଟି କିନ୍ତୁ ତାକୁ ଟାଣି ନେଇ ଚାଲିଲା ସେଇ ମଟରଆଡ଼କୁ । ମଟର ପାଖରେ ପହଞ୍ଚି ଯାଇ ଗେଡ଼ା ଲୋକଟି ଜର୍ଜର ପିଠିକୁ ଟିକିଏ ଥାପୁଡ଼େଇ ଖୁବ୍ ନରମକଣ୍ଠରେ କହିଲା—"କିଛି ମନେକରିବ ନାହିଁ କମ୍ରେଡ୍ ! ଗାଡ଼ିଟାକୁ ଟିକିଏ ଅଣ୍ଡାଅ ତ ' ଏ ଏକ ଯାଚ୍ଛା ଗାଡ଼ି ! ଚାଲୁଥିବ ତ ଚାଲୁଥିବ, ଆଉ ବନ୍ଦ ହବ ତ ବନ୍ଦ ହବ । ଟିକିଏ ନ ଅଣ୍ଡେଇଲେ ଏ ନଚାଲେ !"

ହାଁ' କହି ଲୋକଟି ମଟରର ଆଗପାଖ ଦୁଆର ଖୋଲି, ଆପେ ଭିତରକୁ ପଶିଗଲା । ଜର୍ଜ ପଛରେ ଠିଆ ହୋଇ ରହିଲା । କିଛି ସମୟ ପରେ ଲୋକଟି ପୁଣି ମଟର ଭିତରୁ ମୁହଁ କାଢ଼ି ପଛକୁ ଚାହିଁଲା । ଜର୍ଜ ସେମିତି ଠିଆହୋଇଥାଏ । ଲୋକଟାର ସେ କଣ୍ଢେଇ ବେକ, ଚେପାନାକ, ଆଉ ମେଣ୍ଢାଆଖିକୁ ମଟର ଭିତରୁ ବାହାର ପଡ଼ୁଥିବାର ଦେଖିବା ପୂର୍ବରୁ ତା ଭିତରେ ଗୋଟାଏ ଅଚହ୍ନା ନିଆଁ ଜଳିବାକୁ ଆରମ୍ଭ କରିଥିଲା । ନଚେତ୍ ସେ ବୋଧେ ସେଇ ଅଦ୍ଭୁତ ବେକଟାକୁ ଦେଖି ଫେଁକନା ହସିଦେଇଥାନ୍ତା ।

ଲୋକଟି ଜର୍ଜର ମୁହଁକୁ ଦେଖି କଅଣ ଭାବିଲା କେଜାଣି, ହଠାତ୍ ପୁଣି ମଟରର ଦରଓ୍ବାଜା ପିଟାଇ ବାହାରକୁ ବାହାରିପଡ଼ିଲା ଓ ଆଖି ପିଛୁଡ଼ାକ ମଧ୍ୟରେ ଆସି ଠିଆହେଲା ଜର୍ଜ ପାଖରେ ।

"କଅଣ ହେଲା ? ସରିଗଲା କି ?" ଲୋକଟା ଗୋଟାଏ କପଟ ଓ୍ବଲୁ ଭଳି ପଚାରିଲା ଜର୍ଜକୁ ।

ଜର୍ଜର ପାଟିରୁ ବଚନ ବାହାରି ଆସୁଥିଲା—କିନ୍ତୁ ଜୋର୍ କରି ସେ ତାକୁ ରୋକିନେଲା; କାରଣ ସେ ଜାଣିଥିଲା ଯେ ଏଭଳି ଓ୍ବଲୁଙ୍କ ପାଖରେ ବଚନର ମୂଲ୍ୟ କିଛିନାହିଁ । ମୂଲ୍ୟ ଅଛି କେବଳ ଗୋଟିଏ ଜିନିଷର, ଯେଉଁଟାକୁ ଏତେ ଶୀଘ୍ର ଗୋଟାଏ ଲେଣ୍ଡି ସେଗୁଆଖିଆ ଲୋକ ଉପରେ ଖର୍ଚ୍ଚ କରିଦେବାକୁ ତାର ଇଚ୍ଛା ବିଲ୍କୁ ନଥିଲା । ବରଂ ସେ ଭାବୁଥିଲା, ସେଇଟାକୁ ସେଇ ମଟର ଠେଲାରେଇ ବ୍ୟବହାର କରିଦେଲେ ଯାଏ ।

ଗେଡ଼ା ଲୋକଟି ଜର୍ଜର ମୁହଁକୁ ଚାହିଁ ଟିକିଏ କଅଣ ପଢ଼ିନେଲା, ଆଉ ତା ପରେ ଟିକିଏ ହସି କହିଲା—

"ଶୁଣ କମ୍ରେଡ୍ ! ଏ ଆଖି ଢଇଟାକୁ ଟିକିଏ ଚାହିଁ ତ ଦେଖି !"

ଲୋକଟାର କଣ୍ଠରେ କି ଭୟଙ୍କର ସୂଚନା ସେ ପାଇଲା କେଜାଣି, ଚମକି ଉଠି ଜର୍ଜ ଚାହିଁଦେଲା ସେଇ ଆଖି ଢଇଟାକୁ । ହଠାତ୍ କାହିଁକି କେଜାଣି, ତାର ମନେହେଲା, ସେ ଗୋଟାଏ ଚିତ୍ର ଦେଖୁଛି । ଗୋଟାଏ ଚିତ୍ର—ଯୋଉଥିରେ ଗୋଟାଏ ଅନ୍ଧା କାଠଗଣ୍ଡିରେ ଅଙ୍କା ଚାଲିଥିବା ଗୋଟାଏ ଦରଗଢ଼ା ମଣିଷ ମୂର୍ତ୍ତିର ମୁହଁଟା ଶେଷହେବା ପୂର୍ବରୁ କିଏ ଭୁଲ୍‌ରେ ସେଥିରେ ଦୁଇଟା ଶୂନ୍ ଆଙ୍କିଦେଇ ସେ ଆଖିକୁ ଜୀବନ୍ୟାସ ଦେଇଦେଇଛି ।

ଲୋକଟା ତା ପିଠିକୁ ଧୀରେ ଧୀରେ ଥାପୁଡ଼େଇ ଥାପୁଡ଼େଇ କହୁଥିଲା—"ଡର କଅଣ କମ୍ରେଡ୍ ! ମୁଁ ତମକୁ ଠିକ୍ ଚିହ୍ନିଛି । ଦ ବ ଘଣ୍ଟା ଧରି ତମ ଘରର ଖୋଜାର ବାଗରୁ ମୁଁ ତମକୁ ଠିକ୍ ଧରିନେଇଛି । କିନ୍ତୁ ତୁମେ ଓ୍ବଲୁ । ଗୋଟାଏ ଜେଗାରେ ହଜେଇ ସେ ହାସକୁ

ଆଉ ଗୋଟାଏ ଜାଗାରେ ଖୋଜୁଛ ତୁମେ ! ଚାଲ—ମୋ ସାଙ୍ଗରେ ଚାଲ ! କେତେ ସୁନା ଗୋଟେଇ ପାରିବ ଚାଲ—ମୁଁ ଦେଖିବ ! ଆମେ ସବୁ ସୁନାଖଣିର ମାଲିକ !”

“ସୁନାଖଣିର ମାଲିକ ?” ଜର୍ଜର ଜିଭ ଲେଉଟିଲା ଓ ସେଥି ସଙ୍ଗେ ସଙ୍ଗେ ତାର ଆଖି ବି ଲେଉଟିପଡ଼ୁଥିଲା ।

ଲୋକଟି ହଠାତ୍ ଗମ୍ଭୀର ହୋଇଯାଇ କହିଲା—“କେବଳ ଖଣିମାଲିକ ଆମେ ନୁହେଁ ଜର୍ଜ୍—ଆମେ ଏ ପୃଥିବୀର ମାଲିକ ବି ! କିନ୍ତୁ ଆମେ ତୁମର କିଛି କ୍ଷତି କରିବୁ ନାହିଁ । ଆମେ ତୁମକୁ ଜାଣୁ । ତୁମେ ଆମ ଦଳର ଦୂତ ହୋଇ ଜନ୍ମ ହୋଇଛ ଏ ପୃଥିବୀରେ । ଆମେ ଏ ଜଗତକୁ ଉଦ୍ଧାର କରିବୁ, ଆଉ ତୁମେ ତାକୁ ପରିଚାଳନା କରିବ ।”

ଜର୍ଜ ଲୋକଟାର ପଦେହେଲେ କଥା ବୁଝିପାରିଲା ନାହିଁ । ସେ କେବଳ ବୋକାଭଳି ଚାହିଁଲା ତା ଆଖିକୁ ଓ ଦେଖିଲା ସେଇ ଅଦ୍ଭୁତ ଲୋକଟାର ଆଖି ଦୁଇଟାର ପଲକ ଆଦୌ ପଡ଼ୁନାହିଁ । ସେ ଆହୁରି ଆଶ୍ଚର୍ଯ୍ୟ ହେଲା । ଏ ପୁଣି କିଭଳି କଥା ? ଆଖିର ପଲକ ପଡ଼ୁନାହିଁ କାହିଁକି ତାର ? ଏ କଅଣ ଦେବତା ?

ଠିକ୍ ଏହି ସମୟରେ ଲୋକଟି ତା ମନକଥାର ଜବାବ ଦେବା ଭଳି କହିଲା— “ଡର ନା ଜର୍ଜ୍ । ଡର କାହାକୁ ? ମୁଁ ମଣିଷ ! ମଣିଷ ମଣିଷର କିଛି କ୍ଷତି କରେ ନାହିଁ । ମଣିଷର କ୍ଷତି କରେ ଭୂତ ।”

“ଭୂତ ?” ଜର୍ଜର ଛାତିରେ ପୁଣି ଛନକା ପଶିଲା । ସେ ଅନ୍ଧ ଲୋକଟାର ଆଖିକୁ ଚାହିଁପାରିଲା ନାହିଁ ।

ଲୋକଟି ଜର୍ଜ ପ୍ରଶ୍ନର ଆଉ କିଛି ଉତ୍ତର ନ ଦେଇ କେବଳ ହସିଦେଲା, ଆଉ ତାର ପିଠିରେ ହାତ ମାରିଲା ।

ଜର୍ଜ ମଟରର ପଛକୁ ଗଲା । ମଟର ଇଞ୍ଜିନ୍‌ରେ ତାଉ ଧରିଲା । ଇଞ୍ଜିନ୍ ଗର୍ଜି ଉଠିଲା ।

କିଛିଏ ସମୟ ପରେ ଜର୍ଜ ମନ୍ତ୍ରମୁଗ୍ଧ ହୋଇ ସେ ମଟରରେ ପଶିଗଲା, ଆଉ ଆଖି ପିଛୁଡ଼ାକ ଭିତରେ ସେ ଗେଡ଼ା ଲୋକଟି ତା ମଟରକୁ ଛୁଟେଇ ଦେଲା ପୁଣି ସହରର ରାସ୍ତାରେ—ଯୋଉ ରାସ୍ତାକୁ ଏତେ କଷ୍ଟରେ, ଏତେ ସମୟ ପରିଶ୍ରମ କରି ଛାଡ଼ିଆସିଥିଲା ସେ । ଚାହୁଁ ଚାହୁଁ ପୁଣି ହଡ଼ି ଉଠିଲା ଲୋକଗହଳି । ପୁଣି ପଡ଼ିଲା ସେଇ ରାସ୍ତା, ସେଇ ଘର ଆଉ କୋଠା । କିନ୍ତୁ ଏଥର ଜର୍ଜ ଆଶ୍ଚର୍ଯ୍ୟ ହେଲା, ସେଇ ସହରର କୌଣସି ଗୋଟିଏ ହେଲେ ଚିହ୍ନା ଲୋକ ତା ଆଖିରେ ପଡ଼ୁନଥିଲେ । ସମସ୍ତେ ଅଚିହ୍ନା; କିନ୍ତୁ ସମସ୍ତେ ଯେମିତି ତାକୁ ଚିହ୍ନିଥିଲେ । ହେଲେ କେବଳ ସେତିକି ଆଶ୍ଚର୍ଯ୍ୟ ତା ପାଇଁ ସୃଷ୍ଟି ହୋଇ ନଥିଲା ଏଇ ଅଜାଣି ଯାତ୍ରାରେ ।

କ୍ରମେ କ୍ରମେ ସବୁ କଥା ଓଲଟା ଓଲଟା ଦେଖାଗଲା ତା ଆଖିକୁ । ସେ ଖୁବ୍ ଆଶ୍ଚର୍ଯ୍ୟ ହେଲା । ଏମିତି ସବୁ କଥା ଓଲଟା କଅଣ ଦେଖାଯାଉଛି ସେ ! ଯୋଉ ଲୋକଗୁଡ଼ାକ ଠିକ ଆଗରୁ ମୁଣ୍ଡ ଉପରକୁ ଟେକି ପାଦରେ ରାସ୍ତା ଚାଲୁଥିଲେ—ହଠାତ୍ ସେମାନେ ଏପରି ଓଲଟା ଚାଲିବାକୁ ଆରମ୍ଭକଲେ କେମିତି ? ହଠାତ୍ ମୁଣ୍ଡ ତଳକୁ ଆଉ ଗୋଡ଼

Digitized by srujanika@gmail.com

ଉପରକୁ କର ଗୃହଲେ କଥାଁ ସେମାନେ ? ଏ କାହାର ଦୋଷ ? ଏ କ'ଣ ତା ଆଖିର ଦୋଷ ? ଏ କଣ ତାର ଛୁଟିଗୃହଥିବା ମଟରର ଦୋଷ ?

ଟିକଏ ସମସ୍ତ ପାଇଁ ସବୁ କିଛି ଭୁଲିଯାଇ, ଜର୍ଜ ମଟର କଡ଼ ଝରକା ଦେଇ ବାହାରକୁ ଟିକଏ ଉଙ୍କି ମାରିଲା; କିନ୍ତୁ ଏତେବେଳଯାକେ ଚୁପ୍ ହୋଇ ବସିଥିବା ସେଇ ମଟରର ମାଲିକ, ଗେଡ଼ା ଲୋକଟି ତା ଦେହରେ ମାଡ଼ ମାରି ତାକୁ ସତର୍କ କରେଇଦେଲା— "ସାବଧାନ ! ବାହାରକୁ ଗୃହଁନା ! ସେମାନେ ତୁମକୁ ଭଲକରି ଚିହ୍ନନ୍ତି ।"

ଜର୍ଜ ଲୋକଟିର ସେଇ ଅଦ୍ଭୁତ କଥାର ତାତ୍ପର୍ଯ୍ୟ କିଛି ବୁଝିପାରିଲା ନାହିଁ । ସେ ତା' ମୁଣ୍ଡକୁ ଭିତରକୁ ଟେକିଆଣିଲା, ଆଉ ତା ପରେ ଗୋଟାଏ କେମିତି ଅଭିଭୂତ ହୋଇ ବସି ରହିଲା । ସେ କିଛି ବୁଝିପାରୁ ନ ଥିଲା—କଅଣ ସବୁ ଘଟିଯାଉଥିଲା ସେଠି ତା ଭିତରେ— ତା ବାହାରେ ତା'ର ଚାରିପାଖେ, ତାକୁ କେନ୍ଦ୍ରକରି ।

ସେତେବେଳକୁ, କିଛି ଦିନ ହେଲା, ତାର ପୁରା ହୋସ୍ ଫେରିଆସିଥିଲା । ତାକୁ ଆଉ କିଛି ଜିନଷ ଓଲଟା ଦେଖାଯାଉ ନ ଥିଲା । ତାର ପେଟ ଭିତରେ ଭିଡ଼ମୋଡ଼ ଗ୍ରୁଟିପିଟି କେହି ହଉ ନ ଥିଲା । ତାର ଛିଣ୍ଡା ହାପ୍‌ପେଣ୍ଟ ଆଉ ଆପେ "ଭଗବାନ" ହବା ଦିନର ଛିଣ୍ଡା ଜାମାର ଧଡ଼ିସବୁ ଫୁରୁଫୁରୁ ହୋଇ ତା ଚାରିପାଖେ ଉଡ଼ୁ ନ ଥିଲା । ସବୁ ଠିକ୍ ହୋଇଯାଇଥିଲା । କିନ୍ତୁ, ତଥାପି···

"ବସ" !—ଗେଡ଼ା ଲୋକଟି ଜର୍ଜକୁ ଗୋଟିଏ ସାଧାରଣ ବେତଲଗା ଚଉକି ଆଡ଼କୁ ଟାଣିନେଇ ତାକୁ ସେଠି ଥାପିଦେଲା । ଜର୍ଜ ଚଉକିରେ ଖୁବ୍ ସତର୍କ ହୋଇ ବସିବା ପୂର୍ବରୁ ଥରେ ସେ ଗେଡ଼ା ଲୋକଟିର ଚତୁଃପାର୍ଶ୍ଵକୁ ଅନୁସନ୍ଧାନ କରିନେଲା ।

ଚତୁଃପାର୍ଶ୍ଵର ନିର୍ଜନତାକୁ ଟିକଏ ଆହୁରି ତୀବ୍ରଭାବରେ ଅନୁଭବ କରିବା ପାଇଁ ଜର୍ଜକୁ ସମସ୍ତ ଦେଇ ଲୋକଟି ଅନ୍ୟମନସ୍କଭାବେ ଘର କାନ୍ଥର ଚତୁର୍ଦ୍ଦିଗକୁ ଆଖି ବୁଲେଇନେଲା । ଲୋକଟିର ଅନ୍ୟମନସ୍କ ଆଖି ଦୁଇଟାକୁ ଜର୍ଜ'ର ସତର୍କ ଆଖି ଦୁଇଟି କିମ୍ଭୁ ଅନୁସରଣ କରୁଥିଲେ; କାରଣ ଘରର ନିର୍ଜନତା ଅପେକ୍ଷା ଗେଡ଼ା ଲୋକଟିର ସେଇ ଚେକା ଚେକା, କୁପ୍‌ଗୃପ୍ ଆଖି ଦିଇଟା ବରଂ ବେଶି ମାଡ଼ ମାଡ଼ ପଡ଼ୁଥିଲେ—ସେଇ ପରିସ୍ଥିତି ଭିତରେ । ତା' ସାଙ୍ଗକୁ ଘରର ସେଇ ଉଚ୍ଚା ଉଚ୍ଚା, ନଖୁଣ ସଫା, ଚୂନଧଉଳା ଗୃରୋଟା କାନ୍ଥ ଜର୍ଜର ଅବାଧ ସ୍ନାୟୁ-ସ୍ରୋତକୁ ବାଧ ଓ ବଶୀଭୂତ କରିବାକୁ ଆହୁରି ଜୋର୍ ଚେଷ୍ଟା କରୁଥିଲେ । ସତର୍କ ଆଖି ନେଇ ସେଇ ନୂତନ ପରିସ୍ଥିତିକୁ ଯେତେ ଯେତେ ଅନୁଭବ କରୁଥିଲା ସେ, କାହିଁକି କେଜାଣି ତାର ବାହୁର ମାଂସପେଶୀଗୁଡ଼ିକ ସେତିକି ଶିଥିଳତା ଅନୁଭବ କରୁଥିଲେ । ସେ ବୁଝିପାରୁନଥିଲା—କିଛି ଆଗରୁ ଯୋଉ ମାଂସପେଶୀମାନଙ୍କ ଉପରେ ନିର୍ଭର ରଖି ସେଦିନ ସେ ଏଇ ଗେଡ଼ା ଲୋକଟିର ଅନୁସରଣ କରିଥିଲା, ହଠାତ୍ କାହିଁକି ସେମାନଙ୍କର ଜୋର୍ କମି କମି ଆସୁଥିଲା, ସେଇ ପେଚୁଆଖିଆ ଲୋକଟି ପାଖେ । ଏଇ

Digitized by srujanika@gmail.com

ଝିଙ୍କିଏ ସମସ୍ତ ଭିତରେ ଏ ପେଶ୍ୱଆଷିଆ କ'ଣ କରିଦେଲା ତାର ହାତ-ଗୋଡ଼କୁ ? କୁଆଡ଼େ ଗଲା ତାର ସେ ଦେହ-ଜୋର୍, ଆଉ ମନବଳ ? ଯୋଉ ବଳରେ ସେ ଗୋଟାଏ ଉତ୍ପାତିଆ ଭୈରବକୁ ମାରି ଆପଣା ପାଇଁ ଭଗବାନ ଗାଦିଟିଏ ଆପେ ଅର୍ଜି ପାରିଥିଲା ! କୁଆଡ଼େ ଗଲା ସେ ଜୋର୍ ? ଏ ଟେଡ଼ା ଲୋକ କିଏ ? କି ମନ୍ତ୍ର ଜାଣେ ସେ ? କେମିତି ସେ ବଶକଲା ଏଇ ମୁଦ୍‌ଗରିଆ ବାହୁ ଦିଇଟାକୁ ?

ଚଉକି ଉପରେ ଜର୍ଜ ନିର୍ଲିପ୍ତଭାବେ ବସି ବସି ସେ ଗୁହୁଁ ଥିଲା ଚାରିଆଡ଼େ ଚତୁର୍ଦ୍ଦିଗକୁ— ସତର୍କ ଆଖିରେ; କିନ୍ତୁ କି ପ୍ରୟୋଜନ ଥିଲା ସେ ସତର୍କତାରେ—ଆଉ ସେ ଗୁହାଣିରେ— ଯେଉଁଠି ମାଂସପେଶୀଗୁଡ଼ାକ ମଶିଣର ଶୋଇଛନ୍ତି ନିର୍ଘୋଡ଼ ନିଦରେ ।

"ତମ ନାଁ ?" ଟାରବତା ଭରି ଲୋକଟା ହଠାତ୍ ପଚାରି ଉଠିଲା । ସେ ଏପରି ଆକସ୍ମିକ ଭାବେ ସେ ପ୍ରଶ୍ନଟିକୁ ପଚାରିଦେଲା ଯେ ଜର୍ଜ ଚମକି ଉଠି ସିଧାହୋଇ ବସିଲା ତାର ଚଉକିରେ, ଆଉ ମିଟିମିଟି କରି ଲୋକଟାର ମୁହଁକୁ ଗୁହିଁଲା ଓ ଆଶ୍ଚର୍ଯ୍ୟ ହୋଇ ନିଜ ମନକୁ ମନ ପଚାରିଲା—"ଏ କିଏ ? ଏ କ'ଣ ସେଇ ଲୋକ ନା ଆଉ କିଏ ? ଏପରି ନଜାଣିଲା ଭଳି ପଚାରିଲା କାହିଁକି ?"

କଅଣ ଟିକିଏ ତାର ମୁଣ୍ଡଭିତରେ ଉଖୁରେଇ ହୋଇଯିବା ମାତ୍ରେ ଜର୍ଜର ମୁହଁ ଆଉ କାନ ସେତେବେଳକୁ ଲାଲ ପଡ଼ିଯାଇଥିଲା ।

ଲୋକଟାର ଦୃଷ୍ଟି କିନ୍ତୁ ସେଆଡ଼କୁ ନଥିଲା । ପୁଣି ଯେମିତି ଅଜଣା ସ୍ୱରରେ ସେ ପଚାରିଲା—"ତମ ନାଁ ?"

"ମୋ ନାଁ ?" ଜର୍ଜ ମୁହଁ ଉପରକୁ ଆଉ ଗୋଟାଏ ହାବୁକା ମାରି ଉଠିଲା ଥୋଡ଼ାଏ ରକ୍ତ । ତା'ପରେ ହଠାତ୍ ସେ କଅଣ ବୁଝିଲା କେଜାଣି, ମୁଣ୍ଡାଏ ନିଆଁ ଚୋବାଇଲା ଭଳି ଛେପ ଢୋକି ନେଇ ସେ କହିଲା—"ମୋ ନାଁ ଜର୍ଜ । କେବଳ ଜର୍ଜ । ତମେ କ'ଣ ମୋ ନାଁ ଜାଣନା ?"

ସେ ଚୁପ୍ ହୋଇଯାଉଥିଲା; କିନ୍ତୁ ପୁଣି କଣ ସତେକି ତାକୁ ଚିମୁଟିଦେଲା । ଅଥୟ ହୋଇଉଠି ସେ କହିଲା—"ଓ ! ତୁମ ମତଲବଟା ତା'ହେଲେ ଏମିତିକଥା ! ନାଇଁ ? ତେମେ ମତେ ଚହ୍ଲାନା ପରି ! ତେମେ ମତେ କୁହୁକ କରୁଚ—ନାଇଁ ? ସେଇଥିପାଇଁ ଜାଣିସିହାଣିଆ ହେଲେ ପଚାରୁଚ—ମୋ ନାଁ କଅଣ ବୋଲି ? କହିଲି ତ ଜର୍ଜ ବୋଲି । ଆଉ ଯଦି ବେଶି ଖୋଲତାଡ଼ ହୁଅ, ତାହେଲେ ଦେଖ ! ଏମିତିକଥା ପ୍ରଶ୍ନର ଉତ୍ତର ମୁଁ ତେର୍ ଲୋକଙ୍କୁ ଦେଇଚ । ଆଉସବୁ ଚହ୍ଲା ଅଚହ୍ଲା ଲୋକଙ୍କର ଏମିତି ପ୍ରଶ୍ନର ଅସଲ ମତଲବ ମୁଁ ବୁଝିଥାଏ । ହେଲେ ତେମେ ଜାଣିରଖ—ମତେ କିଛି ଲାଜ ନାହିଁ । ଏ ସଂସାର ମତେ ଚହ୍ନିଛି ଭଲକରି । ମୋର ଜନ୍ମ ହୋଇଛି ନର୍ଦ୍ଦମା ଭିତରେ । ମୋ ବୋପା ହେଉଚି ଡାକ୍ତରଖାନାର ଝଙ୍କା ବରଗଛ, ଆଉ ମା' ହେଉଛି ଡାକ୍ତରଖାନାର ନର୍ଦ୍ଦମା । ମୁଁ ହଉଚି ସେଇ ବରଗଛ ଆଉ ନର୍ଦ୍ଦମାର ପିଲା । ମୋର ସାଙ୍ଗିଆ ଟାଙ୍ଗିଆ କିଛିନାହିଁ । ଖାଲି ଜର୍ଜ ! ଏବେ ବୁଝିଲ ତ ?"

Digitized by srujanika@gmail.com

ଏତେବଡ଼ କଥାଟାକୁ ଏତେ ସରଳଭାବେ, ଦାଉିକନା ଗୋଟାଏ ଦମ୍‌ରେ କହି ପକେଇଲା, ଏକଥା ଭାବିଲାବେଳକୁ ଜର୍ଜ'ର ଛାତି ଆହୁରି ଜୋର୍ ଜୋର୍ ପଡ଼ିଲା ଉଠିଲା । କିନ୍ତୁ ସେ ବୁଝିପାରିଲା ନାହିଁ ଭଲକରି, କାହିଁକି ଗୋଟାଏ ଟାଣ ପିଚ୍‌କାରୀ ଭଳି ତା ଛାତି ଫଟେଇ ସେଇ ସତ କଥାଟା ଏତେ ଜୋର୍‌ରେ ବାହାରି ଆସିଲା ପଦାକୁ । କାହିଁକି ? କଅଣ ମନ୍ତ୍ର କଲା ସେ ଲୋକଟା ?

ତା'ପରେ ଗୋଟାଏ ଲମ୍ବା ନିଃଶ୍ୱାସର ସମସ୍ତ ଧରି ସବୁ ଚୁପ୍‌ଚାପ ହୋଇଗଲା । ଲୋକଟି କେମିତି ଗୋଟାଏ ତଳକୁ କଚହୋଇ ପଡ଼ିଲାଭଳି ଆଁ କରି ଅନେଇ ରହିଲା ଜର୍ଜ'ର ମୁହଁକୁ । ଜର୍ଜ ବି ଟିକିଏ କାଇଲ ହେଲାଭଳି ବସି ପଡ଼ିଲା କିନ୍ତୁ ତା ମନ ଭିତରୁ ଗୋଟାଏ ମସ୍ତ ଭାରିଆ ବୋଝ ହଠାତ୍ ଖସିପଡ଼ିଲା ଭଳି ଅନୁଭବ କରି ସେ ଆଶ୍ଚର୍ଯ୍ୟ ହେଲା । ସେ ଆଶ୍ଚର୍ଯ୍ୟ ହେଲା ଯେ ଏତେବଡ଼ ବୋଝଟା ଏମିତି ହୁଦସ୍ତ କେମିତି ଖସି ପଡ଼ିଲା ? ଯୋଉ ମନ ଟିକକ ଆଗରୁ ଧନ୍ଦହଉଥିଲା, ସେ ମନ ଭିତରଲୁ ହୁଦସ୍ତ ଏତେ ଶକ୍ତ ପଶିଗଲା କୋଉଠୁ ?

ପେଚ୍ଛାଆଖିଆ ଲୋକଟି ଆଖି ମଳିଲା । ସତେ କି ଗୋଟାଏ ମସ୍ତବଡ଼ ଆଲୁଅ, ଯେଉଁଟା ହଠାତ୍ ତା ଆଖି ଆଗରେ ଦପ୍‌କରି ଜଳିଉଠି ତାକୁ ଜଳକା କରିଦେଇ ଫଟ୍‌କରି ଲିଭିଗଲା, ତା'ରି ପ୍ରଭାବକୁ ସଫାକରିବା ପେଇଁ ସେ ମଳୁଥିଲା ତା ଆଖି ଦଇଟାକୁ ।

ଆଖି ମଳି, ସଫାକରି, ସେଇ ସଫା ଆଖିରେ ଏଥର ସେ ଚାହିଁଲା—ତା ଆଖି ଆଗରେ ବସିଥିବା ସେଇ ମଇଳା ଭରପୁର ମଣିଷ ଟଚ'ଟାକୁ ! ଆଃ, କେତେ ଜୋର୍ ଆଖି ଝଲସେଇ ଦେଲା । ଲୋକଟାର ଦ'ଓଠ ଫାଟି ପେଟଭିତ୍ରୁ ହସ ଘରଘାକ ବୋହିଯାଇ ଲହଡ଼ି ମାରିଲା । ତା'ପରେ ସେ ଭୂସ୍‌କିନା ଠିଆହୋଇପଡ଼ିଲା । ଦ' ହାତକୁ ମୁଣ୍ଡ ଉପରକୁ ଟେକି ଘରଯାକ ବହେ ନାଚିଆସିଲା ସେ । ନାଚୁ ନାଚୁ ସେ ଭୋଳ ହୋଇଗଲା । ଭୋଳ ହୋଇ କଅଣ ଗୁଡ଼ାଏ ଗପିଗଲା ସେ । ତା'ପରେ ଗୋଟିଏ ଭୋଳ ଜାଉ୍ଁନିଆ ଭଳି ଧାଇଁଆସି ଜର୍ଜ'କୁ କୁଣ୍ଢେଇ ପକାଇଲା ସେ । ତାର ହାତ ଦଇଟା ଜାବ ପଡ଼ିଗଲା—ସେଇ ପାଗଳା ହାବ୍‌ଗୋଟାଳ ଟୋକାଟାର ଦ୍ୱାରପାଖେ—ଯାହାକୁ ସେ ଗୋଟେଇ ଆଣିଥିଲା ରାସ୍ତାରୁ କାଠ ଗୋଟାଏ ଅନ୍ଦାଜ କରି । ବର୍ତ୍ତମାନ ସେ ବୁଝିଲା—ତାର ଅନ୍ଦାଜ ସବୁବେଳେ କେତେ ସତ ଆଉ ଆଗଚଲା ।

ଜର୍ଜ'କୁ କୁଣ୍ଢେଇ ଧରି ଯେ ଲୋକ ତା ମନେ ମନେ ରଡ଼ି ଛାଡୁଥିଲା—ପାଇଚି ! ପାଇଚି ! ପାଇଚି !

ଲୋକଟାର ଜାବରୁ ମୁକ୍ତ ପାଇବାପାଇଁ ଜର୍ଜ ପ୍ରଥମେ ଟିକିଏ ହାତ ଛଟାଛଟି କଲା; କିନ୍ତୁ ସେ ଜାବ ଫିଟିବାର ନୁହେଁ ଜାଣି ସେ ଚୁପ୍ ରହିଲା । ଲୋକଟାକୁ ତା ମନ ଯାହା ସେଇଆ କରିବାକୁ ଛାଡ଼ିଦେଇ ନିଶ୍ଚଳ ହୋଇ ବସିଲା ଜର୍ଜ ।

ଲୋକଟା ପ୍ରଥମେ ଜର୍ଜକୁ କୁଣ୍ଢେଇ ଧରି ଆହୁରି ବହେ ପେଟଫଟା ହସ ହସିଲା ତା କାନ ପାଖେ । ହସି ହସି ବେଦମ୍ ହୋଇପଡ଼ିଲା ପରେ ଯେତେବେଳେ ତା ହାତ ଆପେ

Digitized by srujanika@gmail.com

ଆଧେ କର୍ଜର ଦନ୍ଦ ସ୍ୱଭାବଟି ଫିଟିଗଲା, ସେତେବେଳେ ଗୋଟାଏ ବଡ଼ ନିଃଶ୍ୱାସ ମାରି କର୍ଜ ଦୂରଛଡ଼ା ହୋଇ ବସିଲା—ସେ ଲୋକଠୁ । ତା' ପରେ ଲୋକଟାର ମୁହଁକୁ ଅନେଇ ସେଥିରୁ ସେ କଅଣ କିଛି ଖୋଜିବସିଲା । ଲୋକଟାର ଏଇ ବାସ୍ତାମି ହସ ପଛପଟେ କଅଣ ରହସ୍ୟ ଲୁଚିରହିଛି, ସେକଥା ଖୋଜି ବାହାରକରିବା ପାଇଁ ସେ ହଠାତ୍ ତତ୍ପର ହୋଇ ଉଠିଲା ।

କିନ୍ତୁ ସେପରି କିଛି କରିବା ପୂର୍ବରୁ ତା ଜୀବନର ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇ-ସାରିଥିଲା ।

କିଛି ସମୟ ପରେ ଜଣେ ଖାକି ପୋଷାକପିନ୍ଧା ଜଗୁଆଳି ସେ ଘର ଭିତରକୁ ଆସିଲା ଓ ତାର ମାଲିକଙ୍କୁ ସଲାମ୍ ବଜେଇ ଠିଆହେଲା ଗୋଟାଏ କଡ଼ପଟକୁ ।

କର୍ଜ ଲୋକଟାକୁ ତାଙ୍କୁରୁ ଚଳପାଯାଏ ଚାହିଁଲା । ସେ ଲୋକଟା ଗୋଟାଏ ଲୋକ ଜମ୍ମା ସବଜ ଭର୍ତ୍ତି ହୋଇଥିବା ହାରମିଧ୍ୟା ଛଆରି ରବରର ମଣିଷଟାଏ ସେମିତ ଖାଡ଼ା ହୋଇ, ହଲଚଲ ନହୋଇ ଠିଆହୋଇଥିଲା ସେଠି, ସେ ବିଷୟରେ ତାର ଟିକଏ ସନ୍ଦେହ ହେଲା ।

ତୃତୀୟ ଲୋକଟିର ଉପସ୍ଥିତିରେ ସାରା ବାତାବରଣର ଅବହାଓ୍ୱା ହଠାତ୍ ବଦଳିଗଲା । ସେଡ଼ା ଲୋକଟି ସେଇ ରବର ଲୋକଟିକୁ ଲକ୍ଷ୍ୟକରି ଖୁବ୍ ନରମ ଅଥଚ ହାକିମି ଗଳାରେ ପଗ୍ଗରିଲା—"କଅଣ ? ସବୁ ଠିକ୍ ହୋଇଛି ? ଡାକ୍ତର ଆସିଯାଇଛି ?"

"ଡାକ୍ତର ?"—କର୍ଜ ଚମକି ଉଠିଲା ।

କିନ୍ତୁ ଖାକି ପୋଷାକର ଲୋକଟି ମୁଣ୍ଡହଲେଇ ହଁ କରିବା ସାଙ୍ଗେ ସାଙ୍ଗେ ତାର ମାଲିକ ସାମନାରେ ଗୋଛାଏ କଅଣ କାଗଜ ରଖିଦେଇ ସଲାମ ବଜେଇ ଠିଆହେଲା । ସେଡ଼ା ଲୋକଟି କାଗଜ ଗୋଛାକ ହାତକୁ ନେଲା ଓ ଅନ୍ୟମନସ୍କଭାବେ କହିଲା—"ଅଚ୍ଛା !"

ଖାକିପିନ୍ଧା ଲୋକଟି ତା ପରେ ପୁଣି ସଲାମ ବଜେଇଲା ଓ ପାଦ ଗଣି ଗଣି ସେ ଘରୁ ଚାଲିଗଲା । ହଠାତ୍ ଗୋଟାଏ ଅଜଣା ଆଶଙ୍କା କର୍ଜକୁ ଗ୍ରାସକଲା । ସେ ତା ଚଉକିରେ କଡ଼ ଲେଉଟାଇଲା ।

ଚିଠି ବଣ୍ଡିଲ୍‌ଟି ହାତରେ ପଡ଼ିଯିବା ମାତ୍ରେ ଲୋକଟି ଖୁବ୍ ତତ୍ପର ହୋଇଉଠିଲା । ମୁହୂର୍ତ୍ତକ ପୂର୍ବରୁ ଯୋଉ ଲୋକଟି ଏମିତ ବାସ୍ତାଭଳି ଉପରକୁ ହାତ ଟେକି ନାଚୁଥିଲା, ସେ ଲୋକ ହଠାତ୍ ଗୋଟାଏ ପାଠୁଆ ଆଉ ଖୁବ୍ ବୁଦ୍ଧିଆ ଲୋକ ଭଳି ଗୋଟାକ ପରେ ଗୋଟାଏ ଚିଠି ସେ ତାଡ଼ାରୁ ଉଠେଇ ନେଇ, ଫଡ଼୍‌ଫାଡ଼୍ କରି ଲଫାଫାଗୁଡ଼ାକୁ ଚିରି ଫୋପାଡ଼ି ଦେଇ ଆଖିପିଛୁଡ଼ାକ ମଧ୍ୟରେ ଫର୍ଦ୍ଦ ଫର୍ଦ୍ଦ ଲେଖା କାଗଜରୁ ସବୁତକ ରସ ଶୋଷିନେଇ, ସେଗୁଡ଼ାକୁ ଗିଠ କରି ଜମେଇଦେଲା ତା ଟେବୁଲ ଉପରେ ।

ସବୁ ଭୟ ଆଉ ଆଶଙ୍କା ସତ୍ତ୍ୱେ, ଲୋକଟାର ସେଇ ସାପଭଳି ଘୂରିଯାଉଥିବା ଆଖିର ସେଭଳି ପଢ଼ିବା ଢଙ୍ଗ ଦେଖି କର୍ଜର ମନ ଭିତରେ କିଛି ଗୋଟାଏ ହାଇଁପାଇଁ ହେଲା । ତା ପାଖରେ ପଡ଼ିଥିବା ଖଣ୍ଡେ ଚିରା ଲଫାପା ଉପରେ ଲେଖାହୋଇଥିବା ଅକ୍ଷରଗୁଡ଼ାକୁ ସେ ଉଙ୍କିମାରିଲା ।

Digitized by srujanika@gmail.com

ଟପ୍‌ଟାପ୍ କରି କେଉଁଠୁ ଗୁଡ଼ାଏ ଛୁଞ୍ଚି ବାହାରି ଆସି ଫୋଡ଼ି ହୋଇଗଲା ତା ମନ ଭିତରେ । ଲଫାପା ଉପରୁ ଆଖି ବୁଲେଇନେଲା ଜର୍ଜ । ପୁଣି ଗୋଟାଏ ବାଦଲ କୁଆଡ଼ୁ ଆସି ଠୁଳ ହୋଇଗଲା ତା ମନ ଭିତରେ । ସତୃଷ୍ଣ ଆଖିରେ ସେ ଲଫାପା ଉପରେ ଅଙ୍କାବଙ୍କା ହୋଇ ଟଣା ହୋଇଥିବା ସେଇ ଗାରଗୁଡ଼ିକୁ ସେ ଅନେଇଲା ଆଉଥରେ । କିଛି ବୁଝି ପାରୁନଥିଲା ସେ—ସେଇ ଅବୋଧ ଗାରଗୁଡ଼ାକରୁ । କିନ୍ତୁ ଆଉ ଲୋକଟି କେତେ ଯେ କେତେ ରସ ଟାଣିନଉଥିଲା ସେଇ ଅବୋଧ ଗାରଗୁଡ଼ିକରୁ !

ଅସ୍ୱାଭାବିକଭାବେ ଜର୍ଜର ଆଙ୍ଗୁଠିଗୁଡ଼ିକ ଚାଲିଗଲା ତାର ଗାଲ ଉପରକୁ । ଗାଲ ଭିତରେ କଅଁଳିଆ ଆଉ ଗହଳିଆ ବୁଢ଼ର ଜଙ୍ଗଲ ଭିତରେ ଦଉଡ଼ି ଦଉଡ଼ି ସତେକି ସେ ଖାଲି ଧନ୍ଦି ହୋଇ ଯାଉଥିଲା ।

ଇତିମଧ୍ୟରେ ଲୋକଟିର ଚିଠିଦେଖା ଶେଷ ହୋଇସାରିଥାଏ । ସେ ପୁଣି ପାଲଟି ଯାଇଥିଲା ସେଇ ପେଚ୍‌ଆଖିଆ ଗେଡ଼ା ମଣିଷଟିରେ, ଯେ ତାକୁ ଡାକି ଆଣିଥିଲା ସ୍ୱପ୍ନ ଦେଖେଇବା ପେଇଁ ।

ଲୋକଟି କିନ୍ତୁ ହସିଲା ଆଉ ସେଇ ହସ ହସ ମୁହଁରେ ସେ ଡାକିଲା—"କମ୍ରେଡ଼୍ ଜର୍ଜ !"

ଲୋକଟି ସେମିତି ହସୁଥାଏ । ଭଲ ଲୋକଟିଏ ଭଳି ହସୁଥାଏ । ଘୃଣା ବା ତାଚ୍ଛଲ୍ୟର ଏତେ ଟିକେ ସୁରାକ୍ ନଥାଏ ମେ ହସରେ ।

ବୋକା ହୋଇ ବସିରହିଥାଏ ଜର୍ଜ । ଲୋକଟି କହିଲା—"କମ୍ରେଡ଼ ଜର୍ଜ ! ମୁଁ ହେଉଛି କମ୍ରେଡ଼୍ ଆନନ୍ଦ !—ଭଲ ହେବ, ମତେ ତୁମେ ଡାକ ଆନନ୍ଦ ଭାଇ—କାହିଁକିନା ଏ ଡାକଟା ମତେ ଭଲ ଲାଗେ । ଆଉ, ଏ ଡାକ ମତେ କାହିଁକି ଭଲଲାଗେ ସେକଥା ତୁମେ ପରେ ଜାଣିବ । ବର୍ତ୍ତମାନ ଆସ ମୋ ସାଙ୍ଗରେ । ମୁଁ ତମପାଇଁ ଗୋଟିଏ ଭଲ ଖବର ରଖିଚି ।"

"ଭଲ ଖବର ?" ଜର୍ଜ ଆଶ୍ଚର୍ଯ୍ୟ ହୋଇ ଚାହିଁଲା ସେଇ ପେଚ୍‌ଆଖିଆର ମୁହଁକୁ ।

"ହଁ !" ଲୋକଟି ମୁରୁକିହସା ମାରି ଜର୍ଜର ବୋକା ମୁହଁକୁ ଚାହିଁଲା ଆଉ କହିଲା—"କମ୍ରେଡ଼୍ ଜର୍ଜ ! ଆଜିଠାରୁ ନଈ ବାଲିରେ ସ୍ୱପ୍ନ ଖୋଜିବାକୁ ପଡ଼ିବ ନାହିଁ ତମକୁ··· ।" ଲୋକଟି ଟିକିଏ ଗଳା ଖଙ୍କାରି—ଉଦ୍ଦେଶ୍ୟପୂର୍ଣ୍ଣ ଭାବେ ଜର୍ଜକୁ ଚାହିଁ କହିଲା—"ତମକୁ ସ୍ୱପ୍ନପ୍ରାପ୍ତି ହଉ ବୋଲି ଉପରୁ ଖବର ଆସିଚି !"

"ଉପରୁ ଖବର ଆସିଚି ?" ଜର୍ଜର ମୁହଁ କଳାକାଠ ପଡ଼ିଆସୁଥିଲା । କାରଣ ବେଶି ମମସ୍ତ ଧରି ସେଇ ପେଚ୍‌ଆଖିଆ ଲୋକଟାର ସେଇ ରହସ୍ୟିଆ କଥାଗୁଡ଼ାକ ଆଉ ତା ବାହାରେ ଯାଉନଥିଲା ।

"ହଁ ! ହଁ କମ୍ରେଡ଼୍ ! ଉପରୁ ଖବର ଆସିଛି ! ପାର୍ଟିର ମାଲିକ, ଯେ କି ସ୍ୱପ୍ନଖଣିର ମାଲିକ, ଆଉ ସାରା ପୃଥିବୀର ମାଲିକ ମଧ୍ୟ ଯେ ହେବାପେଇଁ ଗୋଡ଼ ଟେକି ବସିଚି, ସେଇ ଲୋକ ଉପରୁ ଖବର ଦେଇଛି । ହୋଇ କିଅ ଚଢ଼ି ।"

ଲେନ୍‌ନଟି ଖଣ୍ଡେ କାଗଜ ଜର୍ଜର ହାତରେ ଗୁଞ୍ଜିଦେଲା ଆଉ ମୁରୁକେଇ ମୁରୁକେଇ ହସି କହିଲା—"ଖରେ ଭାଗ୍ୟବାନ୍ ତମେ କମ୍ରେଡ୍ ଜର୍ଜ ! ଆଉ ତୁମକୁ ଖୋଜି ଆଣି-ଥିବାରୁ ମୁଁ ମଧ୍ୟ ଭାଗ୍ୟବାନ୍ । କେମିତି ଜାଣିଚ ? ତେମେ ପାଇଲ ଖବର, ଆଉ ମୁଁ ପାଇଚ ସେଇ କଥା, ଯୋଉ କଥା ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଯୁଟେ । ସେଇଟା କଅଣ ଜାଣିଚ ? ସେଇଟା ହଉଚି ଦର୍ଶନ—ଭଗବାନଙ୍କ ଦର୍ଶନ ପାଇଁ ଅନୁମତି । ଏତେଦିନ ମୁଁ ଖୁନ୍ଦିବସିଥିଲି ସେଇ ସୁଯୋଗକୁ । ସେ ଆଜି ଆସିଚି । ଦେଇ ଦେଖ—ପାର୍ଟି ମାଲିକ ନିଜେ ଲେଖିଚନ୍ତି—ତାଙ୍କ ନିଜ ହାତର ଅକ୍ଷରରେ—ସେ ମୋତେ ଡାକିଚନ୍ତି ଆଉ କହିଚନ୍ତି ଆସ, ଆସ କମ୍ରେଡ୍ ଆନନ୍ଦ୍ ଭର୍ଷି ! ମୁଁ ତୁମର ନିଷ୍ଠାପର କାମ କଥା ବହୁଦିନ ହେବ ଶୁଣିଚି । ତୁମେ ଜଣେ କଳମ୍ବସ୍ । ତୁମେ ବହୁ ନୂତନ ଶବ୍ଦର ଆବିଷ୍କାର କରିଛ । ଆଉ ଏଇ ଯୋଉ ନୂତନ ମୁଣ୍ଡଟିକୁ ତୁମେ ନଈବାଲିରୁ ଆବିଷ୍କାର କରିଛ ବୋଲି ଲେଖିଛ, ତାର ରିପୋର୍ଟ ଶୁଣି ମୁଁ ବାସ୍ତବିକ ଆଶ୍ଚର୍ଯ୍ୟ । ଅତି ଶୀଘ୍ର ତାର ଅନ୍ୟାନ୍ୟ ରିପୋର୍ଟ ପଠାଅ ।"

ସେବୃଆଖିଆ ଲେନ୍‌ନଟି ଏକନାଗାଡ଼ରେ ତା ହାତର ଚିଠିଟିକୁ ପଢ଼ିଯାଉଥିବା ପୂର୍ବରୁ ସେଇ ଶେଷ ଧାଡ଼ିଟା ପାଖରେ ହଠାତ୍ ଅଟକିଗଲା ଏବଂ ଅତି ଆନନ୍ଦରେ ମରୁଆଲି ହେଲାଭଳି ସେ ପୁଣି ଜର୍ଜକୁ କୁଣ୍ଢେଇ ପକେଇ କହିଲା—"କମ୍ରେଡ୍ ! ମୁଁ ଯାଉଚି ଉପରକୁ । ମୋର ପ୍ରମୋସନ ହେଇଗଲା ବୋଲି ପାର୍ଟି ଚିଫ୍ ଲେଖିଚନ୍ତି—ଏଇ ତାଙ୍କ ଶେଷ ଧାଡ଼ିରେ । ମୁଁ ଉପରକୁ ଯିବି । ମୁଁ ହେବି ପାର୍ଟି ଚିଫ୍‌ଙ୍କର ନିକଟତମ କମ୍ରେଡ୍ ।"

ସେ ବାସ୍ନାଟାର ପଦେହେଲେ କଥା ଜର୍ଜ ବୁଝି ପାରିଲା ନାହିଁ । କ'ଣ ସେ କହୁଚି ? ପାର୍ଟି କଣ ? ଭଗବାନ କଣ ? ପ୍ରମୋସନ କଣ ? କିଏ କ'ଣ ? କ'ଣ ସବୁ ପାଲା ବୋଲୁଚି ସେଠି ତାର ଚାରିପାଖେ, ତାକୁ କେନ୍ଦ୍ରକରି ?

ସହର ତଳି ବସ୍ତି ଅଞ୍ଚଳର ଗୋଟାଏ ଅଶିକ୍ଷିତ ମଣିଷ ପିଲା । ଦୁଇ ବାହୁର ଦୁଇଟି ଟାଣୁଆ, ଆଟୁଆ ମାଉଁସପିଣ୍ଡୁଳାର କସରତ ଓ ସେଥିସଙ୍ଗେ ମିଶିରହିଥିବା ମନଗହନର ଗୋଟାଏ ଝାପ୍‌ସା ଝାପ୍‌ସା ହାଇଁପାଇଁଆ ଭୋକ ଛଡ଼ା ସେ ସଂସାରର ଆଉ କିଛି ପ୍ରାପ୍ୟ ଜାଣେନା, ତା ଆଖିରେ ସେଇ ମସ୍ତ ମସ୍ତ ଚୂନଧଉଳା କାନ୍ଥ ଆଉ ମୁଣ୍ଡ ଉପରର ସେଇ କଡ଼ି ବରଗା, ଚୂଅ, ଶେଣୀ-ହୀନ ଶୂନ୍ ଗୁଡ଼ିକଟାର ତଳେ ଘଟିଯାଉଥିବା ସେଇ ଅଦ୍ଭୁତ କାମିସ୍ତାଗୁଡ଼ାକର ଅର୍ଥ ବା କଅଣ ଥିଲା ?

କିନ୍ତୁ କମ୍ରେଡ୍ ଆନନ୍ଦ୍ ଭର୍ଷି ଆନନ୍ଦରେ ନାଚୁଥିଲା—କାହିଁକି ନା ସେ ଆବିଷ୍କାର କରିଥିଲା, ଗୋଟାଏ କଳମ୍ବସ୍‌ର ଆବିଷ୍କାରର ମୂଲ୍ୟ ସଙ୍ଗେ ଟକ୍କର ଦେଲାଭଳି ଗୋଟାଏ ଅପୂର୍ବ ଜିନିଷ—ଗୋଟାଏ ଅଦ୍ଭୁତ ମୁଣ୍ଡ—ସାମାନ୍ୟ ଖଣ୍ଡେ ପଥର ବଦଳରେ ।

କିନ୍ତୁ କିଏ ଏଇ ମୁଣ୍ଡ ? କି ମୂଲ୍ୟ ଏ ମୁଣ୍ଡର ? କିଏ ସୃଷ୍ଟି କରିଚି ସ୍ୱାକୁ ? କିଏ ଦେଲା ସେ ମସଲା ସେ ମୁଣ୍ଡରେ ?

ଏତେ କଥା ଚିନ୍ତା କରିବା ପାଇଁ ଗୋଟାଏ ସେବୃଆଖିଆ, ପ୍ରମୋସନ ଲୋଭୀ ପାର୍ଟି

Digitized by srujanika@gmail.com

ମଣିଷର ମୁଣ୍ଡରେ କେଉଁ କାହିଁ ?

ଲୋକଟାର ସେ ଅବାଗିଆ ଅବାଗିଆ କଥାର ମୁଣ୍ଡ ଗଣ୍ଡି କିଛି ଠଉର କରି ନପାରି ଜର୍ଜ୍ ଚୁପ୍ ହୋଇ ବସିଲା । କ୍ରମେ କ୍ରମେ ତାର ସାରା ଦେହ ନଷ୍ଟେଜ ହୋଇଯାଉଥିଲା । ତାର ଇଚ୍ଛା ହେଉଥିଲା ସେ ବଦ୍ଧେ କାନ୍ଦିପକାନ୍ତା । କେତେ ଆଉ ଲଢ଼ିବ ସେ ଏଇ ସମସ୍ୟା ବିରୁଦ୍ଧରେ ? ଏଇ ସମସ୍ୟା—ଯାହାର ନାଁ ଜୀବନ !

ଏହି ସମୟରେ ସେହି ଗବର ମଣିଷ ଭଳି ଖାକି ପୋଷାକପିନ୍ଧା ମଣିଷଟି ପୁଣି ଆସି ଠିଆହେଲା, ଆଉ ସଲାମ୍ କଲେଇଲା ।

ହଠାତ୍ର ନଦର କୁଠିଲାଭଳି, ଚମକି ଉଠି ମୋଇ ଗେଡ଼ା ଲୋକଟି ସେଇ ଖାକି ପୋଷାକ ପିନ୍ଧା ମଣିଷଙ୍କୁ ପଚ୍ଚରିଲା—"କଅଣ ହେଲା ? ଡାକ୍ତର ଡାକଚଲ୍ତ ? ସବୁ ଠିକ୍ ଅଛି ତ ?" ଗବର ଲୋକଟି ମୁଣ୍ଡ ହଲେଇ ହଁ କଲା ।

ହଠାତ୍ କମ୍ରେଡ୍ ଆନନ୍ଦଭଟ୍ଟି ଉଠି ଠିଆହୋଇପଡ଼ିଲା ଓ ଜର୍ଜର ହାତର କଚଟିକୁ ଧରନେଇ ଖୁବ୍ ନରମ ଗଳାରେ ଡାକିଲା—"ଆସ ! କମ୍ରେଡ୍ ! ଡାକ୍ତର ଅପେକ୍ଷା କରିଚନ୍ତି ତୁମକୁ ।"

"ଡାକ୍ତର ? କାହିଁକି ?" ଜର୍ଜର ତଣ୍ଟିରେ ମୁଣ୍ଡାଏ ଛେପ ଲଟିଲା । ସେ ଆପା ଅଫା ହୋଇଗଲା ।

କିନ୍ତୁ କମ୍ରେଡ୍ ଆନନ୍ଦଭଟ୍ଟି ମୁହଁରୁ ହସ ଉଭେଇ ଯାଇ ନଥିଲା । ସେ ହସୁଥିଲା— ଯେପରି କି ହସଛଡ଼ା କାନ୍ଦ କଅଣ ସେ ଆଦୌ ଜାଣିନଥିଲା ।

"ଆସ ! ଡେରି କରନା !" ସେ ପୁଣି ଟାଣିଲା ଜର୍ଜର ହାତକୁ ।

ଲୋକଟାର ସେ ହାତଟଣା ପ୍ରକୃତ ହଠାତ୍ ଖୁବ୍ ବିରକ୍ତିକର ଲାଗିଲା ଜର୍ଜଙ୍କୁ । ସେ ତା ନିଜ ହାତଟାକୁ ଛଡ଼ାଇ ଆଣିଲା ଅନ୍ୟ ଲୋକଟିର ହାତରୁ । ତା' ପରେ ଥୋଡ଼ାଏ ସାହସ ଅର୍ଜନ କରି କୁଆଡ଼ୁ ଆସିଗଲା ତା ଛାତିଭିତରକୁ । ସେ ଠିଆ ହୋଇପଡ଼ି, ଗେଡ଼ା ଲୋକଟାର ସାମନାସାମନି ହୋଇ କହିଲା—"ହୋ ! ତମେ କିଏ ? ମତେ ଏଠି ଏମିତି ବନ୍ଦୀ କରିଚ କାହିଁ ? ତୁମର ମତଲବ କଅଣ ? କୁଆଡ଼େ ନଉଚ ମତେ ? ମତେ କାହିଁ ତମେ ସେ ନର୍ଦ୍ଦମାରୁ ଧରି ଆଣିଲ—ମୁଁ ତ ମୋର ବୁଲୁଥିଲି ! ସେ ଡାକ୍ତର କିଏ ? ତା ସାଙ୍ଗେ ମୋର କାମ କଅଣ ? ମତେ କହ ସବୁକଥା ଫିଟେଇ-ଫାଟେଇ, ନଇଲେ ହୋଇ ଗଲା !"

ଜର୍ଜ ତାର ମୁଦ୍‌ଗରଆ ବାହୁ ଦଇଟାକୁ ସେ ଗେଡ଼ା ଲୋକଟାର ଆଗରେ ଟେକି ଧରିଲା ଉପରକୁ । ଗେଡ଼ା ଲୋକଟା ଟିକିଏ ହତଭମ୍ବ ହୋଇଗଲା । ଗୋଟାଏ ମୁହୂର୍ତ୍ତ ପାଇଁ ତାର ସେଇ ପେଚ୍ଚଆଖି ଭିତରେ ଗୋଟାଏ ପିଶାଚ ଉଙ୍କିମାରି ଉଠି ପୁଣି ଦବିଗଲା; କିନ୍ତୁ ସେ ପିଶାଚ ଆଦୌ ଛକି କଲା ନାହିଁ ଜର୍ଜର ।

ଗେଡ଼ାଲୋକଟି ହସି ହସି ଜର୍ଜର ହାତକୁ ପୁଣି ଧରନେଲା, ଆଉ ଟିକିଏ ପାଖିଲା ପାଖେଇ କଲଭଳି କହିଲା—"ଶୁଣ କମ୍ରେଡ୍ ! ହାଓ ଖୋଜୁଚ ! ତୁମେ ହାଓ ପାଇବ !"

Digitized by srujanika@gmail.com

ମୁଁ କଥା ଦଉଛି ! ଡରୁଛ କାହିଁ ? କିନ୍ତୁ ତୁମେ ସେଥିପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ । ତୁମକୁ ସେଥିପାଇଁ ପ୍ରସ୍ତୁତ କରିବାକୁ ଡାକ୍ତର ଅପେକ୍ଷା କରିଛନ୍ତି । ତା' ହେଲେ ତୁମ ମୁଣ୍ଡରୁ ସବୁ ଡର-ଭୟ ହଟେଇଯିବ । ବେଶି କିଛି କଥା ନୁହେଁ । ଆମେ ତୁମ ମୁଣ୍ଡ ଭିତରର ସବୁ ମଗଜର ଚିତ୍ର ନେଇ ଏଥିଭିତରେ ପରୀକ୍ଷା କରି ଦେଖିଛୁ । ପାର୍ଟି ଚିଫ୍—ଯେ ତେଣେ ଉପରେ ଅଛନ୍ତି, ସେ ବି ଦେଖିଛନ୍ତି । ଖାଲି ଦେଖି ନାହାନ୍ତି—ସେ ତୁମର ମଗଜକୁ ପୃଥିବୀର ଅଦ୍ୱିତୀୟ ମଗଜ ବୋଲି ତାଙ୍କ ଚିଠିରେ ଲେଖିଛନ୍ତି; କିନ୍ତୁ ତୁମ ମଗଜରେ ଠାଏ, ଗୋଟାଏ ଜାଗାରେ ସାମାନ୍ୟ ଗୋଳମାଳ ହେଇଯାଇଛି । ବଡ଼ ବଡ଼ ଡାକ୍ତର-ମାନେ ତୁମ ମଗଜର ଚିତ୍ରକୁ ଭଲକରି ପରୀକ୍ଷା କରିଛନ୍ତି ଓ ତେଣୁ ଉପରୁ ଆଦେଶ ଦେଇଛନ୍ତି ଯେ ତୁମ ମଗଜର ସେଇ ଗୋଳମାଳିଆ ଜାଗାଟିକକୁ ସଜାଡ଼ିଦେଲେ ତୁମେ ଜଣେ ଅସମ୍ଭବ ମଣିଷ ହୋଇଯିବ । ତା ପରେ ତୁମ ଉପରେ ପାର୍ଟିର ପୁରାପୁରି ବିଶ୍ୱାସ ରହିବ । ତୁମେ ରହିବ ପାର୍ଟିର ଗୋଟାଏ ଖୁଣ୍ଟଭଳି । ତୁମର ମଗଜର ଚିତ୍ର ସେ କଥା କହୁଛି !"

"ମୋ ମଗଜର ଚିତ୍ର ?" ଜର୍ଜ ଆଶ୍ଚର୍ଯ୍ୟ ହେଇ ଚାହିଁଲା ସେଇ ଗେଡ଼ା ଲୋକଟିର ମୁହଁକୁ ଓ ପଚାରିଲା, "ତମେ କେମିତି ଜାଣିଲ ମୋ ମଗଜରେ କଅଣ ଅଛି ବୋଲି ? ତେମେ କେତେବେଳେ ଚୋରି କଲ ମୋ ମଗଜକୁ ।"

ଗେଡ଼ା ଲୋକଟି ହସିଲା ଆଉ କହିଲା—"କମ୍ରେଡ଼୍ ! ତୁମେ ଆମକୁ ଚୋର ବୋଲି ଭାବିଛ, ନାହିଁ ? କିନ୍ତୁ କଅଣ ଅଛି ତୁମ ପାଖରେ—ଯାହା ସେଠୁ ଚୋରିହେଇଯାଇନାହିଁ ? ଏ ସଂସାର ଆଉ ଏ ସଂସାରର ଚୋର ମଣିଷମାନେ କଅଣଟା ଆଉ ଛାଡ଼ିଯାଇଛନ୍ତି ତୁମ ପାଖରେ ? ତୁମକୁ ଡାକ୍ତରଖାନାର ନଳାରେ ଫୋପାଡ଼ିଦେଇ ପଳି ତୁମର ସେଇ ମା' ଆଉ ବାପା—ଯିଏ ତୁମକୁ ଏ ସଂସାରକୁ ଆଣିଥିଲେ, ସେମାନେ ମଧ୍ୟ ତୁମକୁ ସହିନପାରି, ତୁମଠାରୁ ସେହି ନିଃଶ୍ୱାସଟିକକ ମଧ୍ୟ ତୁମ ଛାତିରୁ ଚୋରି କରିନେବା ପାଇଁ ଚେଷ୍ଟେଇ ନ ଥିଲେ । ତା ପରେ, ସେଇ ଘଟଣା ପରେ, ଆଉ କଅଣଟା ଅଛି କମ୍ରେଡ଼୍ ତୁମ ନିକଟରେ—ଯାହାକୁ ଆଉ କେହି ଚୋରିକରି ନବ ବୋଲି ଡରୁଛ ତୁମେ ? ତୁମେ ଯେ ସର୍ବହରା । ତୁମେ ଏ ସଂସାରର ସର୍ବହରା ସନ୍ତାନ । କିନ୍ତୁ ଭୟ କର ନା କମ୍ରେଡ଼୍ ! ତୁମେ କିମ୍ବା ମୁଁ ଏ ବିଶାଳ ସଂସାରର ଏକମାତ୍ର ସର୍ବହରା ନୋହୁ; ଆମ ପରି ଅସଂଖ୍ୟ ମଣିଷ ଅଛନ୍ତି ଏ ପୃଥିବୀରେ । ଏପରି କି ଏ ପୃଥିବୀର ସର୍ବଶ୍ରେଷ୍ଠ ଧନୀ ଆଉ ଶକ୍ତିଶାଳୀ ମଣିଷ—ଯାହା ହାତର ଆଙ୍ଗୁଠିରୁ, ଖାଲି ହୀରା ନୁହେଁ, ହୀରାର ଖଣିମାନ ଝୁଲୁଛି, ସେ ବି ବାଦ୍ ପଡ଼ି-ନାହାନ୍ତି, ଆମର ଏଇ ସୌଭାଗ୍ୟରୁ । ଏଇସବୁ ଭାଗ୍ୟବାନ୍ ମଣିଷ ଏକଜୁଟ ହେଇଛନ୍ତି ଏକ ପତାକା ତଳେ । ତୁମେ ବି ଆଜି ଯୋଗଦେଇଛ ସେଇ ଗୋଟାଏ ପତାକା ତଳେ । ତେଣୁ ମୋ ସାଙ୍ଗେ ସ୍ୱର ମିଶେଇ ତୁମେ ଚିତ୍କାର କର କମ୍ରେଡ଼୍ ! କୁହ—ଜୟ ! ଅମ୍ଭ-ମାନଙ୍କର ରିପବ୍ଲିକ୍ ସୋସାଇଟି ଅଫ୍ ସୋସାଲିଷ୍ଟିକ୍, ରିଭଲ୍ୟୁସନାରି ପାର୍ଟିର ଜୟ ! ଜୟ ! ମେଡ଼ିକାଲ ନାଳର ସର୍ବହରା ପିଲାର ଜୟ ! ଜୟ ହାଡ଼ଖୋଜାଳ ମଣିଷ ପିଲାର ଜୟ !"

Digitized by srujanika@gmail.com

ଜର୍ଜ ତଟସ୍ଥ ହୋଇ ଠିଆହୋଇଥିଲା । ରବର ମଣିଷ କୁଆଡ଼େ ଉଭେଇଯାଇଥିଲା । ସେଇ କୂଳଧଉଳା ସ୍ରୁଖ କାଛ ମଝିରେ ଠିଆହୋଇଥିଲେ ସେ ଦୁହେଁ—ଗୋଟାଏ ବସନ୍ତମୁହାଁ ଜଳଜଳିଆଆଖିଆ ଟୋକା, ଆଉ ଗୋଟାଏ ବାଙ୍ଗୁରୁ ପେଣ୍ଟୁଆଖିଆ ମଣିଷ । ଗୋଟିଏ ଦୂର ଚକ୍ରବାଳର ଧପ୍‌ଧପ୍ ଆଲୁଅ, ଆଉ ଗୋଟିଏ ନିଶାଚର ସମୁଦ୍ରଗାମୀ ଜଳଦସ୍ୟୁର ଜାହାଜ । ଦୁହେଁ ଦୁହିଁଙ୍କର ଉପସ୍ଥିତି ଅନୁଭବ କରିପାରୁଥିଲେ; କିନ୍ତୁ ଦୁହିଁଙ୍କର ଉପସ୍ଥିତି ମଧ୍ୟରେ ବ୍ୟବଧାନ ରୂପେ ଠିଆହୋଇଥିଲା ସେଇ ଦିଗନ୍ତବିସ୍ତାରୀ ଚକ୍ରବାଳ । ସେ ବ୍ୟବଧାନ ଆଉ କମିଯାଇ ନ ପାରେ । ତାହା ହେଉଛି ଦୁହିଁଙ୍କର ବ୍ୟବଧାନର ସୀମାରେଖା ।

ତା ପରେ ସେଇ ଅଦ୍ଭୁତ ଅବସ୍ଥାରେ ସେ ଗେଡ଼ା ଲୋକଟି ଜର୍ଜର ହାତ ଟାଣି ତାକୁ ନେଇଗଲା କେଉଁ ଏକ ଅଜଣା ରାଇଜକୁ । ଗୋଟାଏ ଅନ୍ଧାର ଘରର ପାହାଚ ଝୁଣ୍ଟି ଜର୍ଜ ଖସିପଡ଼ୁଥିଲା—ଗେଡ଼ା ଲୋକଟି ତାକୁ ରକ୍ଷାକରିନେଲା । ସେଇ ଅନ୍ଧାରେ ଅନ୍ଧାରେ ସେମାନେ କେତେ ଦୂର ଆଉ କେଉଁ ଦିଗରେ ଚାଲିଥିଲେ ଜର୍ଜ ଜାଣେନା । ସେ କିନ୍ତୁ ମନ୍ତ୍ରମୁଗ୍ଧହୋଇ ଚାଲିଥିଲା ସେଇ ଲୋକଟିର ପଛେ ପଛେ ।

ହଠାତ୍ ବିଜୁଳି ଭଳି ସେଇ ଦୃଶ୍ୟଟା ଚମକିଉଠି ପୁଣି ଉଭେଇଗଲା ଜର୍ଜର ମୁଣ୍ଡରୁ । ସେଇ ଅନ୍ଧାର ଭିତରେ ଯାନ୍ତୁ ଯାଉ ତାର ମନେପଡ଼ିଗଲା ସେଦିନର ସେଇ ସକାଳର ହୀରା ଖୋଜିବା କଥା—ଜକଜକ ଅଭ୍ରଖଣ୍ଡକୁ ହୀରାଖଣ୍ଡ ଭାବି ସେଦିନ ସେ ଗୋଟାଏ ତାତିଲା ନଈବାଲିରେ ଆଣ୍ଠେଇ ପଡ଼ି ଖୋଜୁଥିଲା ହୀରା । ସେଦିନ ହୁତୁହୁତୁ ହୋଇ ଜଳୁଥିଲା ନଈବାଲି ଆଉ ଜଳୁଥିଲା ବି ତା ଛାତି ଆଉ ପେଟ । କିନ୍ତୁ ସେଦିନ ତାର ସେଇ କଳନ୍ତା ମାଉଁସ ଆଉ ହାଡ଼ରୁ ବାହାରୁଥିଲା ଅସମ୍ଭବ ଗୋଟାଏ ଶକ୍ତି । ଆଜିର କଥା କିନ୍ତୁ ନିଆରା । ଆଜି ଆଉ ଜଳୁନାଇ ସେ ମାଉଁସ ଆଉ ହାଡ଼ । ଆଜି ଛାତି ଆଉ ପେଟ ଥଣ୍ଡା ପଡ଼ିଯାଇଚନ୍ତି । ଆଜି ସେ ନଈବାଲି ନାହିଁ କି ସେ ଜକଜକ ହୀରାଖଣ୍ଡ ନାହିଁ । ନାହିଁ ବି ସେ ତେଜୀୟାନ ସୂର୍ଯ୍ୟଟା—ମୁଣ୍ଡଉପରେ । ଆଜି ଚାରିଆଡ଼େ ଅନ୍ଧାର । ଆଜି ବାହୁର ମାଉଁସ ପିଣ୍ଡୁଳା ଦିଇଟା ଶିଥିଳ । କିନ୍ତୁ ସେଇ ଶିଥିଳ ବାହୁ ନେଇ, ସେଇ ଅନ୍ଧାର ଭିତରେ ସେ ଖୋଜିଚାଲିଚି ଗୋଟାଏ ହୀରାମୁଣ୍ଡାକୁ ।

ଗେଡ଼ା ଲୋକ ଆଗେ ଆଗେ ଚାଲିଚି । ଡାକ୍ତର ଅପେକ୍ଷା କରି ରହିଛନ୍ତି । ଆଉ ଟିକିକେ ତାର ମୁଣ୍ଡର ବାକ୍ସ ଖୋଲିହେବ । ଚକ୍ରରେ ଯୋଉ କେଗା ବିଗିଡ଼ା ଦେଖାଯାଉଚି ସେ କେଗା ସଜଡ଼ାହେବ । କିଏ ସଜାଡ଼ିବ ? ଡାକ୍ତର ? ଡାକ୍ତର କିଏ ? କଅଣ ସେଇ ହରିମିସ୍ତ୍ରୀ ଭଳିଆ ମଣିଷଟାଏ—ସେ ଯନ୍ତ୍ରପାତି ସଜଡ଼ାସଜଡ଼ି କରେ ? ଯେ ରବର ମଣିଷ ଦେହରେ ଯନ୍ତ୍ର ଖଞ୍ଜି ତାକୁ ପାଦରେ ଚଲାଏ ଆଉ ରାତିରେ ଭୋଗକରେ ?

ଇସ୍ ! ଜର୍ଜର ଦେହ ଶୀତେଇ ଉଠିଲା । ସେ ସେଇ ଅନ୍ଧାରରେ ଡାକିଲା—କମ୍ରେଡ୍ ଆନନ୍ଦଭଣ୍ଟି !

"କମ୍ରେଡ୍ ଜର୍ଜ !" ଉତ୍ତର ଆସିଲା ଟିକିଏ ଆଗରୁ, ସେଇ ଅନ୍ଧାରରୁ ।

Digitized by srujanika@gmail.com

ଜର୍ଜ ଆଶ୍ୱସ୍ତ ହେଲା । ସେଥି ମଧ୍ୟ ତ ସେଇ ଅନ୍ଧାର ଘରର ଉତ୍ତର ଶୁଣି ତାକୁ ବି ପୁଣି ଟିକିଏ ଡର ଲଗିଲା । ତଥାପି ସେ ନିଜକୁ ବୋଧଦେଲା—ହଁ ! ଏଇ ଅନ୍ଧାର ଘରେ ମୁଁ ହିଁ ତ ଏକା ନାହିଁ । ଆମେ ସମସ୍ତେ ଅଛୁ । ପାର୍ଟି ଚିଫ୍ ପର୍ଯ୍ୟନ୍ତ । ସମସ୍ତେ ସେଇ ଅନ୍ଧାରରେ ଅଣ୍ଡାଳିହେଉଛୁ ।

ସେଇ ଅନ୍ଧାରରେ ଆଉଟିପାଉଟି ହେବା କଥା ମନେ ପଡ଼ୁ ପଡ଼ୁ ତାକୁ ଟିକିଏ ବି ହସ ମାଡ଼ିଲା । ତାର ମନେପଡ଼ିଲା ସେଇ ନଅଛଟିଆ ଅନ୍ଧାର ଘରଗୁଡ଼ାକର କଥା—ଯେତେବେଳେ ଗୋଟାଏ ଅନ୍ଧାର ଘରେ ଶୋଇ ନିଜର ମିଆଁ ମାରୁଥାଏ ଲମ୍ବା ଲମ୍ବା ନିଃଶ୍ୱାସ ଆଉ ସେଇ ଘରେ ଗୋଟାଏ ଚୁଚୁନ୍ଦ୍ରାର ଚିଁ ଚିଁ ଶବ୍ଦକୁ କାନେଇ କାନେଇ ତା ଦେହ ଜଳିଯାଉଥାଏ । ଚୁଚୁନ୍ଦ୍ରାର ଶବ୍ଦକୁ ପାଣିକାଚର ଶବ୍ଦ ମନେକରି ସେ ଆଙ୍କିଯାଉଥାଏ କେତେ କେତେ ଥର । ଶେଷକୁ ସମ୍ଭାଳି ନପାରି, ସେଇ ଅନ୍ଧାରରେ ଦରାଣ୍ଡି ଦରାଣ୍ଡି ସେ ବାହାର କରେ ସେଇ ନିର୍ଜୀବ ରବର କଣ୍ଢେଇଟାକୁ, ଯାହାକୁ ସେ ଜୀବନ୍ତ ମନେକରି କେତେ ହଜାର ଚୁମା ନଦେଇଛି ସେ ଟିକି ରବର ପୁଚୁ ପୁଚୁ ଗାଲଟାରେ ତାର ଓ ସେଇ ରବରଗାଲକୁ କେତେହଜାରଥର ତା ଗାଲରେ ଘଷି କଥାବାର୍ତ୍ତା ନହୋଇଛି । ସେଦିନ ସେଇ ଅନ୍ଧାର ଭିତରେ ତା ମୁଣ୍ଡରେ ପଶିଥିଲା ସେଇ ନିଶା—ବଡ଼ହେଲେ ସେ ଉପାୟ ବାହାର କରିବ—ସେଇ ରବର କଣ୍ଢେଇକୁ ଜୀବନ୍ୟାସ ଦେଇ ସେ ଉଠେଇବ । କିନ୍ତୁ ଆଜିର ଅନ୍ଧାର ଭିତରେ ତାର ସେ ନିଶା କୁଆଡ଼େ—ବର୍ତ୍ତମାନ ଲାଗିଛି—ଗୋଟାଏ ପଥରର ନିଶା । ଚକ୍ ଚକ୍ କରି ଅନ୍ଧାରକୁ ଆଲୁଅ କରିଦେଉଥିବା ସେଇ ମହାମୂଲ୍ୟ ପଥର ଖଣ୍ଡେ ତାର ଲୋଡ଼ା—ଯୋଉ ପଥରର ଖଣିସବୁ ଝୁଲୁଛି ତାର ସେଇ ଅଦେଖା ପାର୍ଟି ଚିଫ୍ଙ୍କର ଅଦେଖା ହାତର ପ୍ରତିଟି ଆଙ୍ଗୁଠିରୁ ।

"କମ୍ରେଡ୍ ଜର୍ଜ !" ଆଉ ଥରେ ଡାକ ଆସିଲା ସେଇ ଅନ୍ଧାର ଭିତରୁ ।

"କମ୍ରେଡ୍ ଆନନ୍ଦଭଟ୍ଟି ! ଉତ୍ତର ଦେଲା ଜର୍ଜ ।

"ଡରଲାଗୁଛି କି ?" ଆର ଲୋକଟି ପଚାରିଲା ।

"ଡରିବାର କଅଣ ଅଛି ?" ଉତ୍ତର ଦେଲା ଜର୍ଜ, "ମୁଁ ବହୁତ ଅନ୍ଧାର ଦେଖିଛି । ନିଜର ମିଆଁ ସାଙ୍ଗେ କୋଇଲା ଗୋଟେଇବାକୁ ଯାଇଛି ପିଲାଦିନେ, ଅନେକ ଗାଡ଼ରେ, ଆଉ ଚିରଗୁଣୀର ଆଲୁଅ ଦେଖିଛି । ଡରି ନାହିଁ । ଆଜି କାହିଁକି ଡରିବି ?"

"କମ୍ରେଡ୍ ! ତୁମେ ଖୁବ ବୁଦ୍ଧିଆ ଆଉ ଖୁବ ସାହସୀ । ତୁମର ମସ୍ତିଷ୍କର ଚିହ୍ନରୁ ଆମେ ସେ କଥା ଜାଣୁ । ତୁମକୁ ସେଦିନ ନଇବାଲିରୁ ଡାକି ଆଣିଲାଦିନଠୁଁ ଆମେ ତୁମକୁ ଜାଣୁ ।"

"କିନ୍ତୁ ଜାଣିଲ କେମିତି ? ତୁମେ କଣ ସର୍ବଜ୍ଞ ?"

"ଆମେ ସର୍ବଜ୍ଞ ନୋହୁ କମ୍ରେଡ୍ ! ଆମେ ବୈଜ୍ଞାନିକ ! ବିଜ୍ଞାନ ଆମର ଅସ୍ତ୍ର । ତାହାର ବଳରେ ଆମେ ସବୁକଥା ଜାଣିପାରୁ ।"

"ସେ ପୁଣି କଣ ? ବିଜ୍ଞାନ କଅଣ କହୁଛ ?"

Digitized by srujanika@gmail.com

ବଙ୍କାନକୁ ତମେ ଚହ୍ନି ନାହଁ କମ୍ରେଡ୍ ? ବଙ୍କାନ ଗୋଟିଏ ମାଙ୍କଡ଼ ଭଳି ଜୀବ । ଅଧା ମଣିଷ ଅଧା ପଶୁ । କିନ୍ତୁ ସେ ସବୁ କଥା ଜାଣେ । ଆଗତ ଭବିଷ୍ୟତ କଥା ସେ ସବୁ କହିଦିଏ ।”

“କିଅଣ ହନୁମାନ ? ହନୁମାନ-ପ୍ରଶ୍ନ କଥା କହୁଚ ? ନଜର ମିଆଁର ଗୁରୁ—ଫକିର, ସେ ହନୁମାନ ପ୍ରଶ୍ନ କରି ସବୁକଥା କହିଦିଏ । ଏ କ'ଣ ସେଇ ହନୁମାନ ?”

“ହେଁ, ହେଁ—ତୁମେ ବଡ଼ ବୁଦ୍ଧିଆ ଲୋକ, କମ୍ରେଡ୍ ! ବଙ୍କାନକୁ ନଦେଖି ମଧ୍ୟ ତୁମେ ତାକୁ ଚହ୍ନିଚ । ସେଇ ବଙ୍କାନ ତୁମର ବୁଦ୍ଧି ମାପିଚି ଆଉ ତୁମ ମୁଣ୍ଡର ଖପୁରି ତଳର ଚିଠ ନେଇ ପାର୍ଟି ଚିଫ୍‌ଙ୍କ ପାଖେ ହାଜର କରିଚ । ଆଉ ସେଇ ବଙ୍କାନ କହିଚ—ତୁମେ ବଡ଼ ବୁଦ୍ଧିଆ, ତୁମର ଏତେ ବୁଦ୍ଧି ଅଛି ଯେ ଖୋଦ୍ ପାର୍ଟି ଚିଫ୍ ମଧ୍ୟ ଭୟରେ ଅସ୍ଥିର । ସେ ଚାହାନ୍ତି ନାହିଁ କୌଣସି ପାର୍ଟି ମେମ୍ବରର ମୁଣ୍ଡରେ ଏତେ ବୁଦ୍ଧି ରଖିବାକୁ । ସେ ପସନ୍ଦ କରନ୍ତି ନାହିଁ ଅତି ଚାଲାଖ ଲୋକଙ୍କୁ । ଦିନେ ମୋ ବୁଦ୍ଧି ମଧ୍ୟ ମପାହୋଇଥିଲା ଆଉ ସେଇ ବଙ୍କାନର ଉପଦେଶରେ ମୋ ମୁଣ୍ଡରୁ ଅଧିକା ବୁଦ୍ଧି ସବୁ କାଢ଼ି ନିଆହୋଇଥିଲା । ସେତେବେଳେ ମୁଁ କି ଥିଲି ତୁମରି ପରି ଜଣେ ହାବ୍ଲା ଖୋଜାଳି ଯୁବକ । କିନ୍ତୁ ମୁଁ ନଇବାଲିରେ ଆଣ୍ଠେଇପଡ଼ି ହାବ୍ଲା ଖୋଜୁନଥିଲି—ମୁଁ ଥିଲି ଯୁଦ୍ଧରେ ।

“ଯୁଦ୍ଧରେ ? ଏଁ ?”

“ହଁ କମ୍ରେଡ୍ ! ଯୁଦ୍ଧରେ । ହେଲେ ସେଠି ମୋର କାମ ଥିଲା ନିଆରା । ମୁଁ ଆଗରେ ଥାଇ ଯୁଦ୍ଧ କରୁନଥିଲି ।”

“ତେବେ ?”

“ହେଁ, ହେଁ, ମୁଁ ଯୁଦ୍ଧ କରୁଥିଲି ପଛରେ । ସୈନ୍ୟମାନେ ଯୁଦ୍ଧରେ ଯୁଦ୍ଧ କରି ଯାହା ସର୍ବାଙ୍ଗ ଧ୍ୱଂସ କରିନପାରନ୍ତି ତାହା ମୁଁ ଓ ମୋର ଅଧୀନସ୍ଥ ସୈନ୍ୟବାହିନୀ ଦ୍ୱାରା ଧ୍ୱଂସ ହେଉଥିଲା । କୌଣସି ସହରର ଗୋଟିଏ କୋଠାଘରକୁ ମୁଁ ଅଟୁଟ ରଖିଦେଉନଥିଲି କିମ୍ବା କୌଣସି ଝାଟିମାଟିର କୁଡ଼ିଆ ଘରର ଦରଓ୍ୱାଜାକୁ ନିବୁଜଭାବେ ବନ୍ଦ ହୋଇଥିବା ଅବସ୍ଥାରେ ମୁଁ ଛାଡ଼ି ଯାଉନଥିଲି । ସବୁ ଉଚତାକୁ ଭାଙ୍ଗି ଖାଲି ଢ଼ିପ, ଉଚ୍ଚାନୀଚ୍କୁ ମିଶେଇ ସମାନ କରିଦେଇ ଯାଉଥିଲି । ମୋର ଏଇ ମଇଚାଲା କାମକୁ ସେତେବେଳେ ନଜର କରିଥିଲା ଜଣେ ଲୋକ ଯେ ମତେ ଯୁଦ୍ଧ ପରେ ନେଇ ହାଜର କରିଥିଲା ଆଜିର ଏଇ ପାର୍ଟି ଚିଫ୍ ଆଗରେ । ଯେ ମତେ ହାଜର କରିଥିଲା ସେଠି, ସେଦିନ, ସେ ପାଇଥିଲା ପ୍ରମୋସନ୍ । ତାପରେ ହୋଇଥିଲା ମୋ ବୁଦ୍ଧିର ପରୀକ୍ଷା । ଅଧିକା ବୁଦ୍ଧି କିଛି ଥିଲା ନିଶ୍ଚୟ । ସେତକ କିନ୍ତୁ କାଢ଼ି ନିଆହୋଇଥିଲା । ଅବଶ୍ୟ ସେଦିନ ମୁଁ ଏମିତି ମନକଷ୍ଟ କରୁଥିଲି—ଠିକ୍ ଆଜି ଯେମିତି ତୁମେ ମନକଷ୍ଟ କରୁଛ । କିନ୍ତୁ କମ୍ରେଡ୍, ଚିନ୍ତାନାହିଁ । ଆମକୁ ଏକ୍ ଭଗବାନଙ୍କୁ ମାନିବାକୁ ହିଁ ପଡ଼ିବ—ନଚେତ୍ ଆମେ ବଞ୍ଚିପାରିବା ନାହିଁ । ପରସ୍ପର ଭିତରେ ବାଡ଼ିଆପିଟା ହୋଇ ମରିଯିବା ଆମେ—କେବଳ ଆମର ଏଇ ଅଧିକା ବୁଦ୍ଧି ଯୋଗୁ । ସେମିତି କୁକୁର ଭଳି ମରିବା ଅପେକ୍ଷା ଅଧିକା ବୁଦ୍ଧିତକ ବରଂ ସମୁଦ୍ର

Digitized by srujanika@gmail.com

ଭିତରକୁ ଫୋପାଡ଼ିଦବା ଭଲ !"

"କିନ୍ତୁ ସେ ଭଗବାନ କାହିଁ ? ଆମେ କ'ଣ ତାଙ୍କୁ ଦେଖିପାରିବା ?"

"ନିଶ୍ଚୟ ଦେଖିପାରିବ କମ୍ରେଡ୍ ! ନିଶ୍ଚୟ ଦେଖିପାରିବ । ଅପେକ୍ଷା କର । ତାଙ୍କଠେଇଁ ବିଶ୍ୱାସ ରଖ । ସେ ବଳେ ବଳେ ତୁମକୁ ତାଙ୍କ ପାଖକୁ ନେଇଯିବେ । ହେଇ, ମୁଁ କେମିତି ଯିବି ବୋଲି ଆଦେଶ ପାଇଛି ତାଙ୍କଠାରୁ । ଦେଖାଉଥିଲି ପରା ତମକୁ ସେ ଆଦେଶନାମା—ପଢ଼ିନ ?"

"ମୁଁ ପଢ଼ି ଜାଣେନା । ମୁଁ ମୂର୍ଖ ।"

"କିଛି ଚିନ୍ତା ନାହିଁ କମ୍ରେଡ୍ ଜର୍ଜ ! ତୁମେ ପଢ଼ି ଜାଣେନା—ସେ ବେଶି କିଛି କଥା ନୁହେଁ । କିନ୍ତୁ ସ୍ୱା ବୋଲି ତୁମେ ଭାବିନଥିବା ସେ ତୁମେ ମୂର୍ଖ ବୋଲି । ତୁମ ମୁଣ୍ଡର ଚନ୍ଦ ଦେଖି ସେଇ ବଙ୍କାଣି ମାଙ୍କଡ଼ କହୁଚି ଯେ ତୁମେ ହଉଚ ଗୋଟିଏ ହୀରାଖଣି । ତୁମ ମସ୍ତିଷ୍କ ଭିତରେ ଅଶେଷ ପରିମାଣରେ ହୀରା ଅଛି । ଖାଲି ତାକୁ ଖୋଳି ବାହାର କରି ପାରିଲେ ହେଲା ।"

"ମୋ ମୁଣ୍ଡରେ ହୀରା ଅଛି ?"

"ହଁ, ହଁ କମ୍ରେଡ୍ ଜର୍ଜ ! ଅସଂଖ୍ୟ ହୀରା ଭର୍ତ୍ତି ହେଇ ରହିଚି । କିନ୍ତୁ ତୁମେ ଅନ୍ଧ । ସେଇଥିପାଇଁ ତୁମେ ତାକୁ ଖୋଜୁଥିଲ ନଇବାଲିରେ । ଆମେ ତୁମକୁ ନଉଚୁ । ତୁମର ସେଇ ମୁଦା ଆଖିକୁ ଖୋଲିବୁ ।"

"ତା ପରେ ?"

"ତା ପରେ, ତୁମ ଆଖି ଖୋଲିଲେ ତୁମେ ଦେଖିପାରିବ ସ୍ୱଚକ୍ଷୁରେ ତୁମ ମସ୍ତିଷ୍କରେ କେତେ ହୀରା ଅଛି ବୋଲି । କେବଳ ସେତିକି ନୁହେଁ—ତୁମ ଆଖି ଖୋଲିଗଲେ ତୁମେ ବି ଦେଖିପାରିବ ଅନ୍ୟର ମସ୍ତିଷ୍କରେ କେତେ ହୀରା ଅଛି ।"

"ତା ପରେ ?"

"ତା'ର ପରପାଇଁ ତ ତୁମେ ପ୍ରସ୍ତୁତ ହେଇଚ କମ୍ରେଡ୍ ! ତା ପରେ ଲାଗିବ ଯୁଦ୍ଧ । ତୁମେ ବାହାରିବ ଅସ୍ତ୍ରଧାରଣ କରି ।"

"କିନ୍ତୁ କାହିଁକି ? ମୋ ନିଜଠାରେ ତ ଏତେ ହୀରା ଅଛି ବୋଲି କହୁଚ ତୁମେ—ମୁଁ କାହିଁକି ଯୁଦ୍ଧ କରିବି ?"

"ସେ ବିଷୟରେ ପ୍ରଶ୍ନ କରନା କମ୍ରେଡ୍ ! ଆଗ ଆଖି ଖୋଲ । ଦେଖିବ, ଆଖି ଖୋଲି ସାରିଲା ପରେ ତୁମେ କେମିତି ନିଜ ହୀରାକୁ ପର ହୀରା ସାଙ୍ଗେ ମିଶେଇ ଦେଖିବାକୁ ବାଧ୍ୟ ହେବ ଏବଂ ତା'ର ପରେ ପରେ ତମେ ବାହାରିପଡ଼ିବ ଝଣ୍ଡା ଧରି ମଇଦାନ ଉପରକୁ ।"

ହଠାତ୍ ଆନନ୍ଦଭର୍ତ୍ତିର କଥା ଶୁଣୁ ଶୁଣୁ ଜର୍ଜର ଗୋଡ଼ ଛନ୍ଦରେଇ ହୋଇଗଲା । ସେ ଝୁଣ୍ଟି ପଡ଼ିଲା ।

ଯନ୍ତ୍ରଣାରେ ଛଟପଟ ହେଇ ଜର୍ଜ ଡାକିଲା—"କମ୍ରେଡ୍ !"

ତଥାପି ସେଇ ଅନ୍ଧାର ଭିତରୁ ଉତ୍ତର ଭାସିଆସିଲା—"କମ୍ରେଡ୍ !"

Digitized by srujanika@gmail.com

ହୁଏତ କମ୍ରେଡ୍ ଆନନ୍ଦଭଞ୍ଜ ତାର ପଣ୍ଡିତ ବନ୍ଧୁଙ୍କର ପାଖେ ପାଖେ ଥାଇ ସେଇ ଉତ୍ତର ଦେଉଥିଲା । ନଚେତ୍ ତାହା ଥିଲା ସେଇ ଅନ୍ଧାର ଘରର ପ୍ରତିଧ୍ୱନି ମାତ୍ର ।

ହୁଏତ ଟିକକ ପରେ, ଜର୍ଜର ଖପୁରି ଭିତରର ସେଇ ଧଳା ଜିନିଷଟି ସେଦିନ ସନ୍ଧ୍ୟାରେ ତାକୁ ଅପେକ୍ଷା କରିଥିବା ଡାକ୍ତରଙ୍କର ହସ୍ତଗତ ହୋଇଥିଲା ।

ଅପରେସନ୍ ଟେବୁଲ ଉପରେ ତାକୁ ଶୁଆଇ ଦେଇ ଯେତେବେଳେ ତାର ମୁଣ୍ଡର ଚନ୍ଦ ଅନୁସାରେ ସେଇ ଅଧିକା ବୁର୍ଜର ଆସନଟିକୁ ସେଦିନର ବଙ୍ଗାଳୀ ଡାକ୍ତର ତାଙ୍କର ଛୁରୀ ଅଗରେ ଆସ୍ତେ ଆସ୍ତେ ଖୋଳି କରି ଦେଖୁଥିଲେ, ସେତେବେଳେ ଅଚେତ ଅବସ୍ଥାରେ ମଧ୍ୟ ଜର୍ଜ କେବଳ ସ୍ୱପ୍ନ ଦେଖୁଥିଲା—ଗୋଟାଏ ଗ୍ରେଟ ମାଙ୍କଡ଼ଛୁଆ ତା ମୁଣ୍ଡର ଏକଡ଼ୁ ସେକଡ଼କୁ ଓ ସେକଡ଼ୁ ଏକଡ଼କୁ ଗୁଡ଼ାଏ ଡିଆଁ ମାରୁଥିଲା । ତାକୁ ଧରିପକେଇବା ପାଇଁ ଜର୍ଜ ଯେତେ ଚେଷ୍ଟା କରୁଥିଲା, ତାର ହାତ କିନ୍ତୁ ଉଠୁନଥିଲା ଆଦୌ । ସତେକି ତାର ହାତଗୋଡ଼ ସବୁ ଅଚଳ ହୋଇପଡ଼ିଥିଲା ।

ରାତି ପ୍ରାୟ ଦଶଟା ବାଜିଲାଣି । ଜର୍ଜ ବିଛଣାରେ ପଡ଼ି ଛଟପଟ ହଉଚି । ତା ବଖରାର ଆଲୁଅ ତଥାପି ଲିଭିନାହିଁ । ତେଜି ବଜୁଳିବତିର ଆଲୁଅଟା ଆଖିକୁ ତାର ଖୁବ୍ ବାଧୁଥାଏ । କିନ୍ତୁ ଜାଣିଶୁଣି ସେ ଆଲୁଅଟାକୁ ସେ ଲିଭାଉନଥାଏ ।

ଜର୍ଜ କଡ଼ ଲେଉଟେଇଲା ଆଉ ତା ଦେହ ଉପରକୁ ଟାଣି ଆଣିଲା କମ୍ବଳଟିକୁ—ଗୋଡ଼ ତଳୁ । ରାତି ଶେଷଆଡ଼କୁ ଶୀତ ଟିକେ ଟିକେ ପଡ଼ୁଚି । କମ୍ବଳର ରୁମରୁମିଆ ଉଷୁମ ଖୋଳଟିକୁ ତା ଦେହରେ ଜଡ଼ାଇ ରଖି ସେ ଆଖି ବୁଜିଲା । ଆଖି ବୁଜେ ସେ—କିନ୍ତୁ ଶୋଇବା ପାଇଁ ନୁହେଁ—ଆକାଶ ପାତାଳ ଭାବିବା ପାଇଁ ।

କିନ୍ତୁ କଅଣ ସେ ଭାବୁଥିଲା ? କିଛି ନୁହେଁ । ଭାବିବା ପାଇଁ ସେଠି କିଛି ନଥିଲା । ଯାହା ଥିଲା, ଆଉ ଯାହା ଘଟିଥିଲା ଏଇ କେତେଦିନ ଭିତରେ, ସେସବୁ ଭାବନାସ୍ତରକୁ ଏତେ ଶୀଘ୍ର ଯାଇନପାରେ । ସେଗୁଡ଼ିକ କେବଳ ଗୋଟିଏ ଭସ୍ମ ଓ ବସ୍ତୁସ୍ତୂର ବାସ୍ତବବସ୍ତୁ ଭାବେ ଗୋଟିଏ ଗାଉଁଲି ସର୍ବହରା ମୁଣ୍ଡରେ ଚକ୍କର ମାରୁଥିଲା । ସେ ଯେତେ ବୁଦ୍ଧିମାନ୍ ଆଉ ଯେତେ ସାହସୀ ହେଉ ପଛକେ, ଏତେ ଅଳ୍ପଦିନ ଭିତରେ ଏତେ ଶୀଘ୍ର ସେସବୁ ଯାହା ତାକୁ କେନ୍ଦ୍ରକରି ଘଟିଯାଉଥିଲା, ସେସବୁକୁ ହଜମ କରିଦେବାର ଶକ୍ତି ଜର୍ଜର ନଥିଲା । ସେ କେବଳ ଅନ୍ଧ ଭଳି ଦେଖୁଥିଲା ତା ଚାରିପାଖର ସେଇ ବିଶାଳ ଜିନିଷଟାକୁ, ଆଉ ସେଇ ଜିନିଷଟାର ଯୋଉଠି ହାତ ବାଜିଯାଉଥିଲା ତାକୁ ଛୁଇଁଦେଇ ସେ କେବଳ ଆଶ୍ଚର୍ଯ୍ୟ ଓ ତନ୍ମୟ ହୋଇଯାଉଥିଲା । ବେଳେବେଳେ ସେ ସେଇ ତନ୍ମୟ ଅବସ୍ଥାରେ ସେ ନିଜକୁ ନିଜେ ପଚାରୁଥିଲା—"ଏସବୁ କଅଣ ଘଟୁଚି ? କିଏ ସବୁ ଏମାନେ ? ଏମାନେ ଏଠିକି ଆସିଲେ କିପରି ?"

ତା'ପରେ ସେ ଅଣ୍ଡାଳିପକାଏ ତା ନିଜକୁ ଆଉ ତା ଚାରିପାଖର ପରିସ୍ଥିତିକୁ ।

Digitized by srujanika@gmail.com

ଶୋଇଥିବା ବିଛଣାଟାକୁ ଅଣ୍ଡାଳିପକାଇ ତାର ପରିଷ୍କାର ଆଉ ମସୃଣ ଗୁଦରଟିକୁ ହାତରେ ବାରମ୍ବାର ପାଉଁସ କରୁ କରୁ ସେ ମନେପକାଏ—କବାଡ଼ି-ଦୋକାନ ପିଣ୍ଡାର ସେଇ ଖଦଖଦଡ଼ିଆ ଟାଇଲ୍ ଚଟାଣଟିକୁ ।

ଆଃ ! କି ଆରାମ ! ଏ ପୃଥିବୀରେ ମଣିଷଟିଏ ଶୋଇବା ପାଇଁ ଏତେ ସରଞ୍ଜାମ ଆଉ ଏମିତି ଶେଯ ସୁପାରି ଥାଏଟି ? ତେବେ ଏତେ ଦିନ କିଆଁ ଧନ୍ଦହେଉଥିଲା ସେ ? ଗୋଟାଏ ଧୂଳିଆଜନ୍ଦାଭଳି ଲୋଟିଯାଉଥିଲା କିଆଁ ସେ ?

କଅଁଳ ବିଛଣାଟା ଉପରେ ନିଜ ଦେହକୁ ଆଉ ଟିକିଏ ନିବିଡ଼ଭାବେ ଜଡ଼ାଇଦେଇ ଜର୍ଜ ମନକରେ ଆଖିବୁଜି ସାରା ଜୀବନ ଶୋଇଯିବାକୁ । କିନ୍ତୁ ଠିକ୍ ପରମୁହୂର୍ତ୍ତରେ ତାର ଆଖି ଖୋଲିଯାଏ । ତାର ମନେହୁଏ କେହି ଯେମିତି ତାକୁ ଛକି ବସିଛି—ଆଖି-ବୁଜିଦେଲା ମାତ୍ରେଇ ତାକୁ ଗାଉଁଜିନା ମାଡ଼ିବସିବ । ସେ ଆଉ ଏକ ଧକ୍କାକେ ଶେଯରୁ ନିକାଳି ଦେଇ ପୁଣି ତଳେ ଶୁଆଇଦେବ ତାକୁ ।

ଜର୍ଜ ଆଖି ଖୋଲେ । ବିଜୁଳି ଆଲୁଅରେ ଘରଦରକୁ ଅନାଏ । କେହି କୁଆଡ଼େ ନାହିଁ । ଘରର ଘୃରଟା ତେଙ୍ଗା ସର ସର ଚୂନ ଧଉଳା କାନ୍ଥ ସେମିତି ଠିଆହୋଇ ରହିଛନ୍ତି । ସେମିତି ଠିଆହୋଇ ରହିଛନ୍ତି ସେଇ କାଚ ପଛପଟେ କଳା, ଧଳା, ନାଲି, ନେଳି—ହରରଙ୍ଗୀ ବହିଗୁଡ଼ାକ—ଯାହାର ଅର୍ଥ ତାକୁ ଏ ପର୍ଯ୍ୟନ୍ତ ମଧ୍ୟ ଅଜଣା । ସେଇଗୁଡ଼ାକର ଶୁଖିଲା ପୃଷ୍ଠା ଭିତରେ କୁଆଡ଼େ ଅଛି ସେଇ ମନ୍ତ୍ର, ଯୋଉ ମନ୍ତ୍ର ବଳରେ ଏ ପୃଥିବୀ ଆତଯାତ ହୁଏ । ଯୋଉ ମନ୍ତ୍ର ବଳରେ ଏ ପାର୍ଟିଚିଫ୍ ତାର ଏଇ ବିଶାଳ ପୃଥିବୀଟାକୁ ଉଠାଏ ଆଉ ପକାଏ । କିନ୍ତୁ ଏ ପୃଥିବୀ କିଏ ? କିଏ ଏ ପାର୍ଟିଚିଫ୍ ? ସେ କ'ଣ ସତେ ଭଗବାନ୍ ସ୍ୱୟଂ ! କମ୍ରେଡ୍ ଆନନ୍ଦଭର୍ମି କ'ଣ ସେଇ ଭଗବାନଙ୍କର ବର ପାଇଯାଇଛି ସତେ ? ସେ କ'ଣ ସତେ ଏତେ ଶକ୍ତିଶାଳୀ ? ଭଗବାନଙ୍କ ଦୂତ ? ମଣିଷର ମନକଥା ବୁଝିବାର କ୍ଷମତା ଅଛି ଏ ଗେଡ଼ା, ପେଚାଆଖିଆଟାର ଏତେ ଟିକେ ମୁଣ୍ଡରେ । ଜର୍ଜ ଜିଭ କାମୁଡ଼ିଲା । ନିଜକୁ ଗାଳିଦେଲା । ଏ କ'ଣ ଭାବୁଛି ସେ ? ତେବେ କିଏ ତା ମୁଣ୍ଡ ଭିତରର ଛବି ଉଠେଇ ନଉନାହିଁ ତ କେହି ?

କମ୍ବଳଟାକୁ ଭୁସ୍କିନ ଦେହଉପରୁ କାଢ଼ି ଫୋପାଡ଼ି ଦେଇ ସେ ଶେଯରୁ ଉଠି ବସିପଡ଼େ । ତାପରେ ଟିପେଇ ଟିପେଇ ସେ ଯାଏ କାନ୍ଥର ସେଇ ଗୁପ୍ତ ଆଲମାରୀ ପାଖକୁ—ଯେଉଁଠି ଲୁକ୍‌କାୟିତ ରହିଥାଏ ତାର ପ୍ରାପ୍ତ ବରଟି—ପାର୍ଟିଚିଫଙ୍କର ଦାନ——ଯାହାକୁ ସେ ଖୋଜୁଥିଲା ଶୁଖିଲା ନଈବାଲିରେ । କିନ୍ତୁ ସେ ଆସି ଏଠି । ଧନ୍ୟ ତୁମେ ପାର୍ଟିଚିଫ୍ ! ଧନ୍ୟ କମ୍ରେଡ୍ ଆନନ୍ଦଭର୍ମି ! ଧନ୍ୟ ତୁମର ଶକ୍ତି ! କେତେ ଉଜାଲା ଆଲୁଅକୁ ଧରି ବାନ୍ଧି ରଖିଦେଇଛ ତୁମେ ଏଇ ଖଣ୍ଡେ ଛୋଟ ପଥର ଉପରେ ! ଏ ଯେ ସୁଦ୍ଧୁ ଜଳନ୍ତା ପଥର ଖଣ୍ଡିଏ ନୁହେଁ । ଏଥିରେ ଭରିରହିଛି ଶକ୍ତି, ଯେଉଁ ଶକ୍ତିରେ ଏ ପୃଥିବୀ ଆତଯାତ ହୁଏ ।

ଖୁବ୍ ସନ୍ତର୍ପଣରେ ଗୁପ୍ତ ଆଲମାରୀର କବାଟ ଖୋଲି ଗୁପ୍ତ କେଶରୁ ସେ ବାହାର

Digitized by srujanika@gmail.com

କରିଆଣେ—ସେଇ କଳାନ୍ତା ପଥରଖଣ୍ଡକୁ । ପ୍ରଥମେ କିଛି ସମସ୍ତ ସେଇ କିଆଁକୁ ହାତମୁଠାରେ ଧରିରଖି ତାକୁ ନିବିଡ଼ତମ ଭାବେ ଅନୁଭବ କରେ ଜର୍ଜ । ତା'ପରେ ଧୀରେ ଧୀରେ ହାତମୁଠା ଖୋଲି ବିଜୁଳି ଆଲୁଅରେ ତାକୁ ଏପଟ ସେପଟ କରି ପରୀକ୍ଷା କରୁ କରୁ ସେ ମନକୁ ମନ କହେ—ଏଇ ହେଉଚି ହୀରା ! ମୂଲ୍ୟ ଏହାର କେତେ ଲକ୍ଷ୍ୟ ଟଙ୍କା ! ଏଇ ମହାମୂଲ୍ୟ ସମ୍ପତ୍ତି ଆଜି ଅଛି ତାର ହାତମୁଠାରେ । କିନ୍ତୁ କାହିଁକି ଅଛି ସେ ? ସେ ଅଛି ତା ନିଜର ମୁଣ୍ଡଭିତରେ ଥିବା ଟିକିଏ ମସଲି ଯୋଗୁ—ଯୋଉ ମସଲିର ସନ୍ଧାନ ପାଇଚି ପାର୍ଟିଟିଫ୍ । ଯୋଉ ମସଲିର ଚିଜ ସେମାନେ ଉଠେଇ ନେଇଚନ୍ତି ତାର ମୁଣ୍ଡ ଭିତରୁ । ଆଉ ଏଇ ମସଲି ବଳରେ···

ଜର୍ଜ ଗୋଟାଏ ପାଦ ଫେରିଆସି ଠିଆହୁଏ ଅନ୍ୟ ଗୋଟାଏ ଆଲମାରୀ ଥାକ ପାଖରେ । ସେଠୁ ସେ ଗୋଟେଇ ନେଇ ହାତରେ ଧରେ ସେଇ ଧୂଳି ଜମିଯାଇଥିବା ଗ୍ଲେଟ ଖେଳଣା ଭଳି ମୂର୍ତ୍ତିଟିକୁ— ଯାହାର ନାଁ ଗ୍ଲୋବ୍ ବା ପୃଥିବୀ ବୋଲି କହି ତା ସହିତ ପରିଚୟ କରାଇ ଦେଇଥିଲି କମ୍ରେଡ଼୍ ଆନନ୍ଦଭଟ୍ଟି ସେଦିନ । ସେଇ ଝୁଙ୍କିପଡ଼ିଥିବା, ଇସତ୍ ଲାଜକୁଳୀ ଝିଅଟି ଦେହରୁ ସବୁଯାକ ମଳି ଝାଡ଼ିଦେଇ, ତାକୁ ତାର ମେରୁଦଣ୍ଡ ଉପରେ ଗୋଟାଏ ଆଙ୍ଗୁଠି ଚାପରେ ଘିର୍‌ଘିର୍ କରି ଘୂରେଇଦେଇ ଜର୍ଜ ମନେପକାଏ ସେଦିନର ବକ୍ତୃତାକୁ । ଯାହା କହି ପାର୍ଟିଟିଫ୍‌ର ପ୍ରତିନିଧି ସେଇ କମ୍ରେଡ଼୍ ଆନନ୍ଦ୍‌ଭଟ୍ଟି ତାର ମୁଣ୍ଡର ମସଲିଟିକୁ ଚିରଦିନ ପାଇଁ କିଣିନେଇଥିଲି ଆଉ କହିଥିଲି ଆଖିରେ ଆଖିଏ ଲୁହ ସହିତ—"କମ୍ରେଡ଼୍ ଜର୍ଜ ! ଆମ୍ଭମାନଙ୍କର ଏଇ କମ୍ଯୁନିକ୍ ସୋସାଇଟି ଅଫ୍ ସୋସିଆଲିଷ୍ଟ୍‌ଙ୍କ ରିଭଲ୍ୟୁସନାରୀ ପାର୍ଟିର ପରମପିତାଙ୍କ ପ୍ରତିନିଧି ଭାବେ ଶପଥ କରି ମୁଁ ଆଜି କହୁଚି ।"

ତା'ପରେ ଏଇ ଗ୍ଲେଟିଆ ପେଣ୍ଡୁ ଭଳି ଖେଳନାଟିକୁ ଦେଖେଇ ସେ ପୁଣି କହିଥିଲି, "କମ୍ରେଡ଼୍ ! ଏଇ ଗ୍ଲୋବ୍ । ଏଇ ସର୍ବହରାର ଗ୍ଲୋବ୍ । ଏଇ ଜନତାର ଗ୍ଲୋବ୍ । ଏଇ ନିର୍ଭବାଲିରୁ ହାଡ଼ ଖୋଜାଳିମାନଙ୍କର ଗ୍ଲୋବ୍‌କୁ ମୁଁ ଆହ୍ୱାନ କରି କହୁଚି—ହେ ପୃଥିବୀ ! ହେ ମା' ! ଆମେ ସମସ୍ତେ ତୋର ସନ୍ତାନ । ତୋର ପାଦ ନିକଟରେ ଠିଆହୋଇ ଆମେ ଆଜି ଶପଥ କରୁଛୁ—ଆମେ ତୋତେ ଏଇ ବନ୍ଧନରୁ ମୁକ୍ତି ଦେବୁ । ତୋ ପିଠି ପଡ଼ିଥିବା ଅସଂଖ୍ୟ ଜୋକମାନଙ୍କର ମୁହଁରେ ଲୁଣପାଣି ଢାଳି ଆମେ ତୋର ପବିତ୍ର ରକ୍ତକୁ ରକ୍ଷା କରିବୁ ଓ ତୋର ଏଇ ପବିତ୍ର ରକ୍ତକୁ ଅମୃତ ସ୍ତନରୁ ନିର୍ଗତ କରାଇ ଆମେ ତୋର ଅସଂଖ୍ୟ ସ୍ଥାବର ଜଙ୍ଗମ ସନ୍ତାନଙ୍କୁ ନୈଧିତ୍ୱ ଦାନ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ସେମାନଙ୍କର ନ୍ୟାଯ୍ୟ ଦାବୀ ମଧ୍ୟ ପ୍ରଦାନ କରିବୁ ।"

ସେଇ ଗେଡ଼ା ଲୋକଟିର ପାଗଳି କଥାରୁ କିଛି ବୁଝିପାରି ନଥିଲି ସେଦିନ ଜର୍ଜ । କିନ୍ତୁ ବର୍ତ୍ତମାନ ସେଇ ଗ୍ଲେଟ ଖେଳନା ଭଳି ଗ୍ଲୋବ୍‌ଟିକୁ ଗୋଟିଏ ହାତରେ ଧରି ତା ଦେହରୁ ମଳି ଝାଡ଼ି ଦେଉ ଦେଉ ତାର ମନ ଭିତରେ କ ଣିହରଣ କାହିଁକି ସେପରି ଜାତହେଲା କେଜାଣି, ସେଇ ଗ୍ଲୋବ୍‌ଟିକୁ ଓଠ ଉପରେ ଜାକି ଧରି ତାକୁ ବାରମ୍ବାର ଚୁମା ଦେଉ ଦେଉ, ତାର ମନେହେଉଥିଲି ସତେ ଯେପରି ତାର ସେଇ ପିଲାଦିନର ରବର କଣ୍ଢେଇଟି ରୂପ ବଦଳେଇ ଏଠି ଠିଆହୋଇଚି ଆଜି, ତା'ରି ସାମନାରେ ।

Digitized by srujanika@gmail.com

କିନ୍ତୁ ତଥାପି ଜର୍ଜର ମନ ସନ୍ତୁଷ୍ଟ ହୁଏନାହିଁ । ସେତେ ରୂପ ବଦଳେଇଲେ ମଧ୍ୟ ସେଇ ରବର କଣ୍ଢେଇକୁ ଆଜ ଜୀବନ୍ୟାସ ଦେଇପାରି ନାହିଁ ସେ । ତାର ପ୍ରତିଜ୍ଞା ତଥାପି ଅପୂର୍ଣ୍ଣ ।

ବିରକ୍ତ ହୋଇ ସେ ରଖିଦିଏ ଗ୍ଲୋବ୍‌ଟିକୁ ପୁଣି ତାର ସ୍ଥାନରେ । ରଖିଦିଏ ଯେ ସେଇ ଜଳନ୍ତା ପଥରମୁଣ୍ଡାଟିକୁ ତାର ଗୁପ୍ତ ଜେଗାରେ । ପୁଣି ନଗ୍ନ ହୋଇ, ଗୋଟାଏ ପ୍ରକୃତ ସଙ୍କୁହଗ୍ର ପରି ସେ ଫେରିଆସେ ତାର ଶେଯ ଉପରକୁ ଓ ପୁଣି ଟାଣିଆଣେ ସେଇ ନରମ, ଉଷୁମ କମ୍ବଳଟିକୁ ତା ଦେହ ଉପରକୁ ।

ତା ପରେ ଧୀରେ ଧୀରେ ଗ୍ରୁଇନିଦ ଲାଗିଆସେ ତାକୁ । ତାର ଆଖିପତା ମୁଦି ମୁଦି ହୋଇଯାଏ । କିନ୍ତୁ ହଠାତ୍ ବଲବଲେଇ ଉଠି କମ୍ବଳକୁ ପୁଣି ଫୋପାଡ଼ି ଦେଇ, ଦାନ୍ତ ରଗଡ଼ି ସେ ଗର୍ଜିଉଠେ—

"ନାଁ, ନାଁ ! ମୁଁ ଶୋଇବି ନାହିଁ । ମୁଁ ସଙ୍କୁହଗ୍ର । ଜମ୍ବେଜ୍ ଆନନ୍ଦ ଉଷ୍ଣି ଠିକ୍ କହୁଛି । ମୁଁ ସଙ୍କୁହଗ୍ର । ମୁଁ ଏଇ ସଙ୍କୁହଗ୍ରର ମାନ ଇଜ୍ଜତ ରଖିବି । ମୁଁ ଯୁଦ୍ଧରେ ମିଶିବି । ମୁଁ ବିପ୍ଳବ କରିବି । ମୁଁ ରକ୍ତର ହୋରି ଖେଳିବି । ମୁଁ ଜାଳିବି । ମୁଁ ମାରିବି । ମୁଁ ହାଣି, କାଟି ସବୁ ସଫା ଆଉ ସମତଳ କରିଦେବି । ମୁଁ କାଲି ଯିବି । ସେ ପୋଲଟାକୁ ଉଡ଼ାଇ-ଦେବି । ସେ ବଡ଼ଟ କୋଠାଟାକୁ ଡିନାମାଇଟ୍ ଦେଇ ଚୂନା କରିଦେବି । ମୁଁ ରେଲ-ଗାଡ଼ିକୁ ସଡ଼କ ଉପରୁ ଓଲଟାଇ ଦେବି । ଇଂଜିନ୍‌ରୁ ସବୁ କୋଇଲା ଜବରଦସ୍ତ ନେଇ ମୁଁ ବାଣ୍ଟିଦେବି ତାକୁ ହଜାର ହଜାର ରାତି ଉଜାଗର କୋଇଲାଗୋଟେଇ ଡାହାଣୀ, ଚିରଗୁଣୀ, ଭୂତପ୍ରେତ, ହାଡ଼ଭୁତୀ ଆଉ ହଜାରେ ନଜର୍ ମିଆଁଙ୍କ ଭିତରେ—ଯେପରି ଏ ପୃଥିବୀରେ କୋଇଲାର ଅଭାବ ଆଉ କାହାର ନ ରହେ । ସାମାନ୍ୟ କଳା କୋଇଲା ମୁଠାଏ ପାଇଁ ଯେମିତି ଏ ପୃଥିବୀର କୌଣସି ସ୍ତ୍ରୀଲୋକ ନିଜକୁ ଚିରୁଗୁଣୀ, ଡାହାଣୀ କରି ନ ଦିଏ ।"

ଧୀରେ ଧୀରେ ତାର ଦେହ ପୁଣି ଥଣ୍ଡା ହୁଏ । ଝରକା ବାଟ ଦେଇ ଝଲକାଏ କୋହଲା ପାହାନ୍ତିଆ ପବନ ତାର ମୁହଁ ଉପରେ ବାଜେ । ଶୋଇଲା ଲୋକର ମୁହଁରେ ପାଣିଛାଟ ବାଜିଲା ପରି ସେ ଚେଇଁଉଠେ ।

ଏଇ ସମସ୍ତଗୁଡ଼ିକ ବଡ଼ ଭୟଙ୍କର ମୁହୂର୍ତ୍ତରୂପେ ଆସି ପହଞ୍ଚେ ତା ପାଖେ । ଘର ଭିତରର ଫୋଫା ବିଜୁଳି ଆଲୁଅ, ଆଉ ଧଳାକାଚ ଓ ବାହାରର ଅନ୍ଧାରିଆ ଆକାଶ, ଆଉ ଥଣ୍ଡା ପବନ ମଝିରେ ଆଖି ମଳମଳ, ଠିଆହୋଇ ସେ କାବା-କାଠ ହୋଇ ସେଇ ଦୁଇ ଦିଗକୁ ଚାହେଁ । ହଠାତ୍ ସବୁ ସତ ଭିତରେ ପୁଣି ଗୋଟାଏ କେମିତି ସବୁ ମିଛର ସନ୍ଧାନ ପାଇଲା ଭଳି ଚମକିଉଠେ । ତାର ମନେହୁଏ ସତେ ଯେମିତି ସେ ଗୋଟାଏ କୁହୁକ ଦେଖୁଛି । କେବଳ ଦେଖୁନାହିଁ—କେଉଁ ଗୁଣିଆର ମନ୍ତ୍ରବଳରେ ସେ ବି ଏକ କୁହୁକ ଜିନିଷ ଭଳି ଖେଳ ହୋଇ ନାଚଯାଉଛି ଓ ପୁଣି ମନ୍ତ୍ର ବନ୍ଦ ହୋଇଗଲେ ସେ ଚୁପ୍‌ହୋଇ

Digitized by srujanika@gmail.com

ଠିଆହୋଇଯାଉଚ । କିନ୍ତୁ କଏ ସେ ଗୁଣିଆ ? କଏ ? କାହିଁ ସେ ?

ହଠାତ୍ ଘର ଭିତରଟା ଭାରି ଅସହ୍ୟଶୂନ୍ୟ ଲାଗେ ତାକୁ । ଖଟିଆ ଉପରୁ ଭ୍ରୂଷ୍କନା ଡେଇଁପଡ଼ି ଯାଇ ସେ ହାଜର ହୁଏ ଝରକା ପାଖରେ । ଝରକାର ମୋଟା ମୋଟା ଲୁହା ରେଲିଂ ଦୁଇଟିର ସଙ୍କୀର୍ଣ୍ଣ ଫାଙ୍କ ପାଖରେ ମୁହଁକୁ ଜାକି, ଦେହକୁ ଜାକି ସେ ଠିଆହୁଏ— ଯେତେ ଯେପରି ଗୋଟିଏ ଲୁନ ବଢ଼େଇ ପରି ଫୁର୍‌ର୍‌କନା ଉଡ଼ିଯିବାକୁ ସେ ଇଚ୍ଛାକରେ, ଝରକାର ସେଇ ଟିକିଏ ଫାଙ୍କରେ ।

କିନ୍ତୁ ସେ ଜାଣେ, ସେ ବର୍ତ୍ତମାନ ବନ୍ଦୀ । କୁଆଡ଼େ ଉଡ଼ିଯାଇ ପାରିବନାହିଁ ସେ । ସେ ବର୍ତ୍ତମାନ ପାର୍ଟିର ସମ୍ପତ୍ତି । ପାର୍ଟି ତାକୁ ତାଲିମ ଦେଉଚି । ସେଥିପାଇଁ ଉପଯୁକ୍ତ ପାରି-ତୋଷିକ ସେ ପାଇପାରିଛି ମଧ୍ୟ । କେବଳ ସେ ନିଜେ ନୁହେଁ—ତା ପାଇଁ ଆଉ ଜଣେ ମଧ୍ୟ ମହାମୂଲ୍ୟ ପାରିତୋଷିକ ପାଇପାରିଛି । ସେ ଲୋକ ପାଇଛି ଭଗବାନ୍ ଦର୍ଶନ, ଆଉ ସେ ନିଜେ ପାଇଚି ଲକ୍ଷେ ଟଙ୍କା ମୂଲ୍ୟର ପଥର ଖଣ୍ଡିଏ । ଭଗବାନ୍ ଆଉ ପଥର—ସବୁ ଛନ୍ଦାଛନ୍ଦି ହୋଇଯାଇଛନ୍ତି । ସେ ଛନ୍ଦାଛନ୍ଦିରୁ ମୁକୁଳିବାର ଉପାୟ ନାହିଁ ।

ଝରକା ରେଲିଂ ସନ୍ଧିରୁ ଜର୍ଜ ଚାହିଁଲା—ଉପରେ ପ୍ରଶସ୍ତ ଆକାଶ । ଏ ସେଇ ଆକାଶ ଯୋଉ ଆକାଶ ତଳେ ସେ ଶିକ୍ସା ଠେଲୁଥିଲା ଓ ଉପରକୁ ଚାହିଁ ସେଠି ଗଣୁଥିଲା ସେଇ ହୀରାମୁଣ୍ଡାଗୁଡ଼ାକଙ୍କର ସଂଖ୍ୟାକୁ । ଆଜି ବି ଜଳୁଚି ସେଠି ସେଇ ହୀରାମୁଣ୍ଡାଗୁଡ଼ାକ । ସେମାନଙ୍କ ଭିତରେ ସବୁଠୁଁ ବଡ଼ ହୀରାମୁଣ୍ଡାଟା ହୋଇ ସେଠୁ ଉଠି ଆସୁଛି—ପୂର୍ବଦିଗର ସେ ମୁଣ୍ଡରୁ !

ଅନେକ ସମୟ ପାଇଁ ଜର୍ଜ ଅନେଇରହିଲା ସେଇ ନେଳୀ ଆକାଶର ବିଶୁଦ୍ଧ ଆଲୁଅ ମୁଣ୍ଡାଟାକୁ । କେତେବେଳେ ତାର ମନେପଡ଼ିଲା—ଯୋଡ଼ାଏ ଶବ୍ଦ । ତାର ଓଠ ଭିତର ଦେଇ ସେ ଶବ୍ଦ ଥରଉଠିଲା—ଫକଆ ତାରା !

ଫକଆ ତାରା ?

ଜର୍ଜର ଦେହସାରା ଖେଳିଗଲା ଗୋଟାଏ ଲହରୀ । ତା ପେଟ ଭିତରୁ ଗୋଟାଏ କୋହ ଉଠିଆସିଲା । ଏକ ଆଖିରେ ସେ ଅନେଇରହିଲା ସେଇ ତାରାଟାକୁ ଓ ଯେତେ ଯେତେ ଧ୍ୟାନ ଦେଇ ସେ ତାକୁ ଅନେଇଲା, ସେତିକି ସେତିକି ପରିଷ୍କାରଭାବେ ସେ ଦେଖିପାରିଲା ସେଇ ମୁହଁଟାକୁ—ସେଇ ତାରାର ପଛପଟୁ ।

ନଜିର ଚାଚା !—ଜର୍ଜର ଗ୍ଳାଢ ଚିର ଉଠିଲା ସେଇ ଡାକଟା । ତା'ପରେ ଗୋଟି ଗୋଟି ହୋଇ, ପ୍ରତ୍ୟେକଟି ରୁମ ମୂଳରୁ ଉଠିଆସିଲେ ସେଇ କଥାଗୁଡ଼ାକ—ସେ ଦିନର । ସେଇ କଥା । କିନ୍ତୁ ପୁଣି ଏକ ନୂଆ ବାଗେ ନୂଆ କଥା ଭଳି ଉଠିଆସୁଥିଲେ ସେମାନେ । ନଥିଲା ସେଥିରେ ପୋଲଭାଙ୍ଗିବା କଥା, ନଥିଲା ସେଥିରେ ଖୁନ୍ ଆଉ ଡିନାମାଇଟ୍‌ର କଥା, ନଥିଲା ସେଥିରେ ରେଲଇଞ୍ଜିନ ଓଲଟେଇ ସେଥିରୁ କୋଇଲା ଚୁରି କରିବାର କଥା । କିନ୍ତୁ ସେମାନେ ତଥାପି ଥିଲେ ସେଇ କଥା—ସେଇ କୋଇଲା ଗୋଟେଇଯିବା କଥା; ସେଇ ଭୂତ ଭେଟିବା କଥା । ସେଇ ପାହାନ୍ତି ପହରର ନମାଜ୍ ପଢ଼ିବା କଥା ।

Digitized by srujanika@gmail.com

—ଆଚ୍ଛା ହୋ ଆକ୍‌ବର୍ ।

ସେଇ ଅଣ୍ଡାଥଣ୍ଡା, କାଲୁଆ, ଜାଡ଼ ପବନ ସାଥିରେ ପାହାନ୍ତ ପହରର ଏଇ ତାରା ତଳେ ନଜର ମିଆଁ ର ସେ ଡାକ ମଣିଷର ଘୁମ ଟାଙ୍କୁରି ଦଉଥିଲା । ଆଖିକୁ ଛଳଛଳ କରି ଦେଉଥିଲା । ଆଉ ସେତିକିବେଳେ ନଜର୍ ମିଆଁ କହୁଥିଲା—ମଲେ ସେ ଯାଇ ଡେରା ପକେଇବ ଏଇ ତାରାର ଦହରେ । ଜାଙ୍ଗୁଲୁ କାଙ୍ଗୁଲୁ ଗଛର ଫଙ୍କଆ ତାରା ଦହରେ ।

ଜର୍ଜର ଗ୍ରୀବ ଭିତରୁ ଅଇଣ୍ଠି ଉଠିଲା । କାହିଁ ଗଲା ସେ ଦିନ ? ଆଉ କାହିଁ ଗଲା ସେ ମନୋମୁଖୀ ବୁଲିବାର ଦିନ ?

ଗୋଟାଏ ମୁହୂର୍ତ୍ତ ପାଇଁ ଚମକ ଖେଳିଗଲା ତା ଗ୍ରୀବରେ । ସେ ଭାବିଲା ଝରକାର ରେଲିଂକୁ କାଟି ଯଦି ସେ ଏଇ ଦୋମହଲା ଉପରୁ ଡେଇଁପଡ଼ନ୍ତା । ଏଇ ଲକ୍ଷେ ହାତର ଜେଲଖାନା ଭିତରୁ ଖସିଯାଇ ସେ ଯଦି ପଳାନ୍ତା ପୁଣି ତାର ସେଇ ଅତି ପ୍ରିୟ କାଠଜ୍ୟାବିନ୍‌ଟିର ଓଳି ତଳକୁ ।

କନ୍ଥ ତଳକୁ ଚାହିଁ ସେ ଦେଖେ—ସବୁ ଅନ୍ଧାର ! ଅନ୍ଧାର ଛାଇ ବସିଛି ତଳେ ଆଉ ଉପରେ ବି—ସେଇ ଟିକଟିକ ତାରାଗୁଡ଼ାଙ୍କର ମଝିରେ ମଝିରେ । ଚତୁର୍ଦ୍ଦିଗ ଅନ୍ଧାର—କେବଳ ଏଇ ଜେଲଖାନାର ତୋଫା ବିଜୁଳି ଆଲୁଅ, ଆଉ ଧଳା କାନ୍ଥଗୁଡ଼ାକୁ ଛୁଡ଼ି-ଦେଲେ । ସେଇ ଅନ୍ଧାରରେ ଖାଲି ଭରପୂର ରହିଛି—ଭେକ, ଥଣ୍ଡା, ଆବଡ଼ାଖାବୁଡ଼ା ଟାଇଲ ଶେଯ, ଶୁଖିଲା ନଈବାଲି, କବିରାଜି ତାଳପତ୍ର ପୋଥି ଆଉ ଗୁଡ଼ାଏ ଅଙ୍ଗାର-ଗାରିଆ କାନ୍ଥ !

ସେଠି ସେତେ ଖୋଲା ଜେଗା ଥିବାର ଅନୁମାନ କରିହଉଥିଲେ ମଧ୍ୟ ସେଇ ଅନିର୍ଦ୍ଦିଷ୍ଟ ତଳଶୂନ୍ୟ ଅନ୍ଧାର ଭିତରକୁ, ଏତେ ଉଚ୍ଚରୁ ଡେଇଁପଡ଼ିବାର ଅର୍ଥ ସେ ଆତ୍ମହତ୍ୟା—ଏକଥା ଜର୍ଜ ମୁଣ୍ଡରେ ଢୁକିଗଲାଣି ଆଜିକାଲି । ତେଣୁ ସେ ଧୀରେ ଧୀରେ ଆଦରି ଯାଏ ତା'ର ସେଇ ଖାରିଖଣ୍ଡା, ଚୂନଧଉଳା କାନ୍ଥ ଆଉ ଶୂନ୍ୟଗ୍ରଜବାଲା ସେଇ ଜେଲ୍‌ଖାନାଟାକୁ !

ଠକ୍, ଠକ୍, ଠକ୍...

ବାହାରପଟୁ କିଏ କବାଟରେ ଠକ୍ ଠକ୍ କଲା । ଚହିଁକରି ଜର୍ଜର ନିଦ ଭାଙ୍ଗିଗଲା । ଧଡ଼୍‌ପଡ଼୍ ହୋଇ ସେ ଉଠି ବସିଲା—ତା ଶେଯରେ । ତା'ପରେ ଚଟ୍‌କରି ତକିଆତଳୁ ସେଇ ଜଳନ୍ତା ପଥରଖଣ୍ଡକୁ ହାତମୁଠା ଭିତରକୁ ଅଣ୍ଡାଳି ଆଣି ସେ ଚିପେଇ ଚିପେଇ ଗଲା ସେଇ ଗୁପ୍ତ ଆଲମାରି ପାଖକୁ । ସେଇଟିକୁ କାଇଦା କରି ସେଠି ରଖିଦେଲାପରେ ସେ ହାଇଟାଏ ମାରିଲା । ତା'ପରେ ବାହାରକୁ ଶୁଣେଇ ଶୁଣେଇ ପାଦଶବ୍ଦ କରି ସେ କବାଟ ପାଖକୁ ଆସିଲା ଓ କବାଟର କିଳଣୀଟିକୁ ଖୋଲିଲା—ଖୁବ୍ ସନ୍ତର୍ପଣରେ ।

"ଗୁଡ଼୍‌ମର୍ଣ୍ଣିଂ କମ୍ରେଡ୍ !"

ସବୁଦିନ ପରି କବାଟର କିଳଣୀଟାକୁ ଖୋଲିଦେଇସାରି, ଚଟ୍‌କରି ମୁହଁ ବୁଲେଇ-

Digitized by srujanika@gmail.com

ନେଇ ସେ ଚାଲିଯାଉଥିଲା ତା ଶେଯ ଆଡ଼କୁ । ଲୋକଟାର ମୁହାଁମୁହିଁ ସେ ହୁଏନା । ଲୋକଟି ନିସ୍ତବ୍ଧରେ ଭିତରକୁ ଆସେ ତା ପଛେ ପଛେ ଓ ଟେବୁଲ୍ ଉପରେ ଚାହା କପେ ଓ ଆଉ କିଛି ଖାଇବା ଜିନିଷ ରଖିଦେଇ ସେ ଟିକିଏ ଅପେକ୍ଷା କରେ । ପ୍ରତ୍ୟେକ ଥର ଘରଟାରୁ କଅଣ ଟିକିଏ ସେ ମନେ ମନେ ଚିହ୍ନିବାକୁ ଚାହେଁ । ଜର୍ଜ ପ୍ରଥମ ଦିନ ସେ ଲୋକଟାର ମୁହଁକୁ ଚାହିଁଥିଲା; କିନ୍ତୁ ସେଇ ଦିନଠୁ ସେ ଆଦୌ ଚାହେଁନାହିଁ ତାର ମୁହଁକୁ । ତାର ମନେହୁଏ ଧୂର୍ତ୍ତ ଖାର ସାମଲ ଯେମିତି ତା ପିଛା ପଡ଼ିଛି । ବେଶ ବଦଳେଇ ମୁଣ୍ଡରେ ବବୁର୍ଚିଭ ଟୋପି ପିନ୍ଧି ଯେମିତିକି ସେ ଗୋଡ଼େଇ ଆସିଛି ତା ପଛେ ପଛେ । ଲୋକଟାକୁ ଦେଖିଲେ ତାର ହାଡ଼ ଚଡ଼େ । ପୁଣି ଖାର ସାମଲ କଥା ମନେପଡ଼ିବାରୁ ସେ ଚିଡ଼ି ଉଠି ଆପଣାଛାଏଁ ଆପଣାକୁ କହେ—"ତୁମେ ଯୁଆଡ଼େ ଯାଅ ବାବୁ ! ତୁମକୁ କିନ୍ତୁ ଏ ଧୂର୍ତ୍ତ ଖାର ସାମଲ ଛାଡ଼ିବ ନାହିଁ । ତୁମେ ଯାଇ ସ୍ୱର୍ଗରେ ବି ରହ, ସେଠିବି ପଞ୍ଚାଏ ଖାର ସାମଲ ତମ ପିଛା ପଡ଼ିଥିବେ ! ଧନ୍ୟ ଖାର ସାମଲ ! ଧନ୍ୟ !" ଲୋକଟା ଇତ୍ୟବସରେ ଚାଲିଯାଇଥାଏ । ଚାଲିଯିବାକୁ ଅନୁମତି ପାଇଁ ମଧ୍ୟ ଅପେକ୍ଷା କରେନା ସେ । ଯେମିତିକି କଳମଣିଷଟିଏ ! ଆସିଲା—ଚାହା କପକୁ ଥୋଇଲା, ଟିକିଏ କଅଣ କାନେଇଲା କି ଶୁଙ୍ଘିଲା, ଆଉ ଚାଲିଗଲା । ଖାସା କଳଟିଏ ଏକା ! ସେ ଲୋକଟି ସେ ଘରୁ ବାହାରିଯିବାଯାକେ ଜର୍ଜ ଅପେକ୍ଷା କରିଥାଏ—ସେ ଗଲେ ଯାଇ ନିଃଶ୍ୱାସ ମାରେ ।

କିନ୍ତୁ ଆଜି କବାଟର କଳଣୀଟାକୁ ଖୋଲିଦେଇ ଠିକ୍ କବାଟକୁ ପଛ ବୁଲେଇଲା ବେଳେ ସେ ରହିଗଲା । ସେହି ନୂଆ ସ୍ୱର ଓ ସେଇ ନୂଆ ଡାକରେ ତା ଦେହ ଭିତରେ ଗୋଟାଏ ଝଁକମକ ମାରିହୋଇଗଲା । ଚମକିଉଠି ସେ ପଛକୁ ଫେରି ଚାହିଁଲା । ଧୀରେ ଧୀରେ ତାର ପାଟି ଖୋଲି ଆଁ ହେଇଗଲା, ଆଉ ତାର ଭ୍ରୂଲତା ଦୁଇଟା ଖୁନ୍ ଟାଣ୍ ଗୁଣଦିଆ ଧନୁପରି ବାଙ୍କି ଉଠି ମଡ଼ମଡ଼ ହୋଇ ଖସିଯିବାକୁ ବସିଲା ।

କିନ୍ତୁ ସ୍ତ୍ରୀଲୋକଟି ପ୍ରତ୍ୟେକ ଏଇସବୁ ଲକ୍ଷଣ ପାଇଁ ଆଗରୁ ପ୍ରସ୍ତୁତ ହୋଇ ରହିଥିଲା । କାରଣ, ଟୋକାଟାର ସେଇ ଭାବଭଙ୍ଗୀ ଦେଖି ସେ ଟିକିଏ ମୁରୁକେଇ ମୁରୁକେଇ ହସିଲା । ଆଉ ଗୋଟାଏ ସବ୍‌ଜାନ୍ତା ଭଳି ମୁଣ୍ଡ ଟୁଙ୍ଗାଇ ସେ ଜର୍ଜର ବଖରା ଭିତରକୁ ପଶିଆସିଲା ।

କବାଟକୁ ଛାଡ଼ିଦେଇ ଜର୍ଜ ଟିକିଏ ଅପସରିଗଲା । ସ୍ତ୍ରୀଲୋକଟି ତା ପଛେ ପଛେ ଆଉଜେଇ ଦେଲା କବାଟଟିକୁ ଓ କଳଣୀଟିକୁ ଭିତରପଟୁ ଭିଡ଼ିଦେଇ ସେ ସିଧାସଳଖ ଧରିନେଲା ଜର୍ଜର ଥଣ୍ଡା ଆଉ ନିର୍ଜୀବ ହାତଟାକୁ—ତା ନିଜର ଗ୍ଲେଟ, ନରମ, ଉଷୁମ ପାପୁଲି ଭିତରେ । ତାପରେ ସେ ଟିକିଏ ଅପେକ୍ଷା କଲା ଓ ଜର୍ଜର କୁମ୍ଭାଟୁଆ, ସ୍ଥିର ଅନିଦ୍ରା ଆଖି ଦିଇଟାକୁ ଜୋର୍ ଜବରଦସ୍ତ କରି ନିଜର ପିନ୍‌କଣ୍ଟା ଭଳିଆ ମୁନିଆଁ ଦୃଷ୍ଟିରେ ଗୁନ୍ଥିଦେଇ, ଟୋକାଟାକୁ କାବୁକରି ନେଇ ସେ କହିଲା—"ଭୟ କରିବାର କିଛି ନାହିଁ । ମୁଁ ଅନିଷ୍ଟ କରିବାକୁ ଆସିନାହିଁ । ମୁଁ କମ୍ରେଡ୍ ଆନନ୍ଦ୍ ଭର୍ଷ୍ଟିଙ୍କର ଆଦେଶରେ ଏଠାକୁ ଆସିଛି । ମୁଁ ତୁମର ଶିକ୍ଷୟିତ୍ରୀ—ମିସ୍ ଆଡ଼ାମସ୍—ମିସ୍ ମୁରିଏଲ୍

Digitized by srujanika@gmail.com

ଆଡ଼ାମସ୍ ! ଆଜଠାରୁ ତୁମେ ମୋର ଗୁରୁ ।"

ସ୍ତ୍ରୀଲୋକଟା ଯେତେବେଳେ ଉପରେ ପଡ଼ି ଆସି ତାର ହାତଟାକୁ ଧରିନେଲା, ସେତେ-ବେଳେ କ'ଣଟାଏ ଗୁନ୍ଥିକରି ତାତଲା ଜିନିଷ ତା ଚମଡ଼ାରେ ଲାଗିଗଲା ଭଳି ଅନୁଭବ କରି ଜର୍ଜ ହାତଟାକୁ ଝିଙ୍କିଦେଲା । ସେତିକବେଳେ ନିଜ ହାତ ଚମଡ଼ା ଉପରେ ପଡ଼ିଥିବା ସେଇ ବଡ଼କଟିଆ କଳା ହାତଟାକୁ ଲକ୍ଷ୍ୟ କରି ତାର ଦନ୍ତ ଇସ୍‌କରିହେଲା ।

"ବାବା ! ଏତେ କଳା ! ଏ ତ ସାକ୍ଷାତ୍ ମୃତ୍ୟୁର ମୂର୍ତ୍ତିଟାଏ !" —ଜର୍ଜ ପୁଣି ଥରେ ଗ୍ଭହିଁନେଲା—ସେଇ ମୂର୍ତ୍ତିଟାକୁ । ସ୍ତ୍ରୀଲୋକଟାର ସେଇ ମୂର୍ତ୍ତିକୁ ଦେଖି ଦେଖି ତାର ପିଲେହି ପାଣିହୋଇଯାଉଥିଲା । ତାର ମନ ହେଉଥିଲା କେମିତି ବାଟ ପାଇଲେ ସେଠୁ ଦୌଡ଼ି ପଳାନ୍ତା; କିନ୍ତୁ ଯିବ କୋଉବାଟେ ? ଦରଓ୍ୱାଜା ଖୋଲି ବାହାରକୁ ଯାଇ କିଛି ଲାଭ ନାହିଁ—କାରଣ ସେ ଘରର ବାହାରେ ଯିଏ, ଭିତରେ ସିଏ । ଏ ଘରର ଗୁମର ଏକା ଆନନ୍ଦ୍ ଭର୍ଷ୍ଣି ବ୍ୟତୀତ ଆଉ କାହାକୁ ଜଣାନଥାଏ । ଏ ଘର ହେଉଛି ପାର୍ଟିର ଗୁପ୍ତଘର ।

ବାରମ୍ବାର ବଜୁଲି ସକ୍ ଲଗେଇ ଜର୍ଜର ମୁଷଳ ବାହୁ ଉଇଁଟାକୁ ପଙ୍ଗୁ କରିଦେଇ, ସ୍ତ୍ରୀଲୋକଟାର ତାଲିମ ଆଖି ଦୁଇଟା ଥରେ ଏମୁଣ୍ଡ ସେମୁଣ୍ଡ ଘୁରିଗଲେ ଟୋକାଟାର ତାଳୁଠୁ ତଳପାଯାକେ । ତା'ପରେ ହୁଏତ ମୁଣ୍ଡ ହଲାଇ ମନକୁ ମନ ହୁଁ ମାରି ଗୋଟାଏ ଯୋଗିନୀ ବା ଭୂତ ପରି ସେ କହୁଥିଲା ଜର୍ଜକୁ—"ବେଶ୍ ନରମ ! ବେଶ୍ ପ୍ଲାଷ୍ଟିକ୍ ! ହାଡ଼ ପାକଲ ହୋଇନାହିଁ । ମୋଡ଼ିଦେଲେ ମୋଡ଼ିହୋଇଯିବ ଯେ ! ସ୍ୱାର ମୁହଁର ଚଣ୍ଡ ତ କହୁଚି ଯେ ମୋଡ଼ିହେଇଯିବ ।"

ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍ ପୁଣି ଥରେ ମୁଣ୍ଡ ଟୁଙ୍ଗାରିଲେ ।

ସେ ମୁଣ୍ଡ ଟୁଙ୍ଗୁରି ଯେତିକି ବଢ଼ୁଥିଲା, ଜର୍ଜର ଚମ ବାଟେ ବୋହିଯାଉଥିଲା ସେତିକି ବଜୁଳିର ସ୍ରୁଅ । ଗୋଟାଏ ମହମର ମୂର୍ତ୍ତିଭଳି ଜର୍ଜ କେବଳ ଠିଆହେଇ ରହିଲା । ସେ କିଛି ଠିକ୍ କରି ବୁଝିପାରୁ ନଥିଲା—କିଏ ଏ ସ୍ତ୍ରୀଲୋକ ! ଏ କି ଚେହେରା ସ୍ୱାର ! କି ଅଦ୍ଭୁତ ବେଶ ପୋଷାକ ସ୍ୱାର ! କି ଅଦ୍ଭୁତ କେଶ ସ୍ୱାର ମୁଣ୍ଡରେ ! ଆଉ କି ଅଦ୍ଭୁତ ସାହସ ! ହୁଦସ୍ତ ଧରିପକାଉଚି ହାତଟାକୁ, ଆଉ ମୁହଁକୁ ଗ୍ଭହିଁ ହସୁଚି । ସେ କିଛି ବୁଝିପାରୁ ନଥାଏ ।

ତେବେ ଏତିକି ସେ ବୁଝିଥିଲା ଯେ ତା ମୁଣ୍ଡ ଉପରେ ଆଉ ଏଣିକି ସେଇ ଗୋଦସ୍ତ ବୁଢ଼ିର ଅନ୍ଧାରିଆ, କାଠ ଜ୍ୟାବନ୍‌ର ନୁଆଁଣିଆ, ଅଲନ୍ଧୁଧରା ଛାତଟା ନ ଥିଲା । ସେଠି ବର୍ତ୍ତମାନ ଆସି ରହିଲାଣି ଗୋଟାଏ ମସ୍ତ ଉଚା ଚୂନଧଉଳା ଶୂନ୍‌ଗ୍ଭତ ।

ଟୋକାଟାର ହାତ ଧରି ତାକୁ ସେମିତି ଅଭିଭୂତ ଅବସ୍ଥାରେ ଗୋଟାଏ ଚଉକି ଉପରେ ଥାପିଦେଇ ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍ ତା'ର ମୁହାଁମୁହିଁ ହୋଇ ବସିଲେ ।

ଜର୍ଜ ସେମିତି ବୋକାଙ୍କ ଭଳି ଅନେଇଥାଏ ।

ହଠାତ୍ ମହିଳା ଜଣକ ପ୍ରଶ୍ନ କଲେ—"କି ? କଅଣ ମନେକରୁଚ ? ତୁମେ ଯୁଦ୍ଧରେ ମିଶିବ ପରା ! କମ୍ରେଡ୍ ଆନନ୍ଦ ଭର୍ଷ୍ଣି କହୁଥିଲେ···"

Digitized by srujanika@gmail.com

"ଯୁଦ୍ଧ ? କି ଯୁଦ୍ଧ ?"—ଜର୍ଜ ଆତୁର ବୋକାଙ୍କ ଭଳି ଚାହିଁଲା ।

ଭଦ୍ରମହିଳାଙ୍କ ଲାଲ ଟକଟକ ଆଉ ପାଳିଆ ଓଠ ଦଇଟା ଧୀରେ ଧୀରେ ଚିପିହୋଇ ଯୋଡ଼ିଏ ଗହର ଦଉଡ଼ି ଭଳି ଭିଡ଼ିହୋଇ ଯାଉଥାଏ ତାଙ୍କର ଦୁଇ କାନ ଆଡ଼କୁ ।

ହସି ହସି ସେ ଆପଣାର ପଶଚପ୍ପ ଆପେ ଦେଖିଭଳି କହିଲେ—

"ମୁଁ ଜାଣେ ବାବା, ମୁଁ ଜାଣେ । ଆଉ ସେଇଥିପାଇଁ ଯେ ମୁଁ ଆସିଛି । ତମେ କ'ଣ ଖିବଚ ମୁଁ ନଜାଣି ନଶୁଣି ଆସିଚ ଏଠାକୁ ?"

—ଜାଣେ ? କଅଣ ଜାଣେ ?

କାହିଁକି କେଜାଣି, ସେହି ସ୍ତ୍ରୀଲୋକଟାର କଣ୍ଠରୁ ଆସୁଥିବା କିଛି ଗୋଟାଏ ଅଜଣା ସୂଚନା ଜର୍ଜକୁ ଥରକେଇଦେଲା । କାହିଁକି କେଜାଣି ତାର କାନ ଦୁଇଟା ରଙ୍ଗା ପଡ଼ି-ଆସୁଥିଲା । ଆଗରୁ ଆଗରୁ ଯାହା ଟିକେ ଟିକେ ସେ ସେଇ ଅପରିଚିତା ସ୍ତ୍ରୀଲୋକଟାର ମୁହଁକୁ ଆଉ ଦେହକୁ ଅନାଇ ପାରୁଥିଲା—ଏଥରକ ତାର ମୁହଁଟା ତଳକୁ ହୋଇଗଲା । କିନ୍ତୁ ଏତେ କମ୍ ବୟସରେ କୌଣସି ମାଇପି ଲୋକର ପାଙ୍ଗସୁଙ୍ଗା ହୋଇ ଏମିତି କଥାବାର୍ତ୍ତା କରିବାର ଅଭ୍ୟାସ ତାର ନଥିଲା । ହଠାତ୍ ସେ ବଡ଼ ଅଡ଼୍ଆରେ ପଡ଼ିଗଲା । ସବୁଠୁ ବେଶି ଅଡ଼୍ଆରେ ପଡ଼ୁଥିଲେ ସେତେବେଳେ ତାର ସେଇ ଆଖି ଦୁଇଟା । ରହିବା ପେଇଁ ଠାବ ନପାଇ ସେମାନେ ଖାଲି ଏକଡ଼ ସେକଡ଼ ଆଉ କନକନ ହେବାକୁ ଲାଗିଲେ ।

"କମ୍ରେଡ୍ ! ମୁଁ ତମର ଶିକ୍ଷୟିତ୍ରୀ । ତେଣୁ ତମକୁ ସବୁକଥା ଶିଖାଇବାର ଅଧିକାର ମୋର ଅଛି । ମୁଁ ଜାଣେ—ଜୀବନରେ ଅନେକ ଅନେକ କଥା ତୁମେ ଶିଖିଯାଇଛ । କାରଣ ସବୁ କିଛି ଶିଖି ପାର ବୋଧହୁଏ ତୁମେ ବାହାରିଥିଲ ତମର ସେଇ ସ୍ୱାସ୍ଥ୍ୟ ସନ୍ଧାନରେ । ସ୍ୱାସ୍ଥ୍ୟସନ୍ଧାନୀ ଯୁବକ ତୁମେ । କିନ୍ତୁ ଦୟାକରି ଟିକିଏ ଉପରକୁ ଚାହିଁ—କିଛି ମନେ କରନା ।"

ଟିକିଏ ଜିପ୍ କରି ହସିଦେଇ ମିସ୍ ଆଡ଼ାମସ୍, ତାଙ୍କର ବାଁଗୋଡ଼ଟିକୁ ଡାହାଣ ଉପରୁ କାଢ଼ି ତଳେ ଥୋଇଲେ ଓ ତାକୁ ପୂର୍ବପରି ନହଲାଇ ଥୟ କଲେ । ସତେକି ସେ ତାଙ୍କର ସେଇ ଗୋଡ଼ଟା ଉପରୁ ଜର୍ଜର ସେଇ ଅସ୍ୱସ୍ତିକର ଦୃଷ୍ଟିଟାକୁ ଏଡ଼େଇ ନବାକୁ ଚାହୁଁଥିଲେ ।

ଜର୍ଜର ମୁହଁ ଆହୁରି ରଙ୍ଗା ପଡ଼ିଗଲା । ସେ ତାର ମୁହଁ ବୁଲେଇ ନେଲା ଅନ୍ୟଆଡ଼କୁ । ତାର ମନେହେଲା ଯେମିତି ସେଇ ସ୍ତ୍ରୀଲୋକଟା କେମିତି କେଜାଣି ତା ମନକଥା ପଢ଼ି-ନେଲା । ତାକୁ ଟିକିଏ ଲାଜ ମାଡ଼ିଲା । ହଠାତ୍ ସେଇ ଅଚହ୍ନା ସ୍ତ୍ରୀ ଲୋକଟାର ଉପସ୍ଥିତ ସେଇ ଘରଟା ଭିତରେ ଭର୍ତ୍ତି ହୋଇଗଲା ଓ ସେଇ ସ୍ତୁପରେ ଜର୍ଜ ବୁଡ଼ିହୋଇଗଲା ।

ଲାଲ ପଡ଼ି ନରମିଯାଇଥିବା ଲୁହାଟାକୁ ଥଣ୍ଡା ହେବାକୁ ନଦେଇ ହଠାତ୍କରି ଯେମିତି ବାଡ଼େଇ ଦବାକୁ ହୁଏ, ସେମିତି ଆଗ ଘର ଭିତରକୁ ପଶୁ ନ ପଶୁଣୁ ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍ ଆଗକରି ଧରିନେଲେ ସେଇ ତାତିଲା ଲୁହାଖଣ୍ଡକୁ ତାଙ୍କର ସେଇ ଅଦେଖା ଚୁମୁଟାଟାର ଭିତରେ । ତା'ପରେ ସେଇ ତାତିଲା ଲୁହା ମୁଣ୍ଡାଟା ଉପରେ ମାଡ଼ ଦେବା

Digitized by srujanika@gmail.com

ପାଇଁ ତାଙ୍କର ହାତରେ ହାତୁଡ଼ିଟାକୁ ଉଠେଇନବା ଭିତରେ, ଦି ଦାନ୍ତ ସନ୍ଧିରେ ଦମେ ନିଃଶ୍ୱାସ ଟାଣି ସେ ପୁଣି କହିଲେ—

“ମୁଁ ଜାଣେ ! ମୁଁ ଜାଣେ ! ମୁଁ କଅଣ ନ ଜାଣେ ? ମୁଁ ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍—ମୁହଁ ଦେଖି ମଣିଷ ଚିହ୍ନିପାରେ । ମୁଁ ଜାଣେ—”

ଜର୍ଜ ସେତେବେଳକୁ ଫଣା ଟେକି ଅନାଇବାକୁ ଆରମ୍ଭ କରିଦେଇଥିଲା । ତାର ସେଇ ଫଁ ଫଁ ଟା ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍‌ଙ୍କୁ ବେଶ୍ ଉତ୍ସାହିତ ଆଉ ସାମାନ୍ୟ ଉତ୍ତେଜିତ କରି ଦେଉଥିଲା ମଧ୍ୟ । ତାଙ୍କର ସେଇ ଗୋଟାଏ ଗୋଡ଼ ଉପରେ ଝୁଲୁଥିବା ଗୋଡ଼ଟି ଟିକିଏ ଜୋର୍‌ରେ ଦୋହଲିବାକୁ ଆରମ୍ଭ କରିଦେଇଥିଲା । କୌଣସି କୌତୁକପୂର୍ଣ୍ଣ ଘଟଣାର ସମ୍ଭାବନା ଥିଲେ, ସାଧାରଣତଃ ତାଙ୍କର ସେଇ ଗୋଡ଼ଟା ଟିକିଏ ଉତ୍ତେଜିତ ହୋଇ-ଉଠେ ।

ଅଚିହ୍ନା ସ୍ତ୍ରୀଲୋକଟାର ମୁହଁରୁ ନିଜର ଜନ୍ମବୃତ୍ତାନ୍ତ ଶୁଣିବାକୁ ଆଦୌ ଭଲ ଲାଗୁନଥିଲେ ମଧ୍ୟ ଜର୍ଜ ଚୁପ୍‌ହୋଇ ରହିଥିଲା । କାରଣ ସେ ଜାଣିଥିଲା ଯେ ସେତେବେଳକୁ ପାର୍ଟିର ଲୋକେ ହୁଏତ ତାର ଜନ୍ମବୃତ୍ତାନ୍ତ ଜାଣିସାରିଥିବେ । କାରଣ କଥାହୋସରେ ସେ ଦିନେ ହୁଏତ ଆନନ୍ଦଭିକ୍ଷି ଆଗରେ ତାର ଗତ ଜୀବନର ଅନେକଟା କଥା ସେ କହି ଦେଇ ଥାଇପାରେ; କିନ୍ତୁ ତାକୁ ସବୁଠୁଁ ବେଶି ଖରାପ ଲାଗୁଥିଲା ସ୍ତ୍ରୀଲୋକଟାର ସେଇ ଚେପେଟା ନାକଟା ଓ ନାକ ତଳକୁ ଥିବା ସେଇ ସାପଭଳି ଭଙ୍ଗିମୋଡ଼ି ହେଉଥିବା ମୋଟା ମୋଟା ଓଠ ଦିଇଟା । ସେଇ ମୋଟା ମୋଟା, ନାଲି ରଙ୍ଗବୋଳା ରବର ଦଉଡ଼ି ଦିଇଟା ଯେତିକି ଯେତିକି ଭଙ୍ଗିମୋଡ଼ି ହେଉଥିଲା, କାହିଁକି କେଜାଣି ତାର ହାଡ଼ ସେତିକି ସେତିକି ଜଳି ଉଠୁଥିଲା ।

ମନେ ମନେ ଜର୍ଜ ଚିଡ଼ିଉଠୁଥିଲା ଓ ପଚାରୁଥିଲା ନିଜକୁ ନିଜେ—ଏ ପୁଣି କି ତାମସା ? ଏଇଟା ପୁଣି କିଏ ? ଏ କଣ ଆନନ୍ଦଭିକ୍ଷିର ସ୍ତ୍ରୀ ନା କ'ଣ ? ଝାପା ମାଇକିନାଟାଏ ତ ! ମଣିଷଙ୍କ ଉପରେ ପଡ଼ି···

କିନ୍ତୁ ଜର୍ଜକୁ ଆଉ ତା ବିଷୟରେ ବିଶେଷ କିଛି ଭାବିବାକୁ ନ ଦେଇ ସ୍ତ୍ରୀଲୋକଟି ହଠାତ୍ ତାର ମନେପଡ଼ିଲା ଭଳି କହିଉଠିଲା—“କମ୍ରେଡ୍ ଜର୍ଜ ! ମୁଁ ଜାଣେ । ସ୍ତ୍ରୀଲୋକମାନଙ୍କ ପ୍ରତି ତମର ଭାରି ଘୃଣା । ଆଉ ଏ ଘୃଣାକୁ ତମର ମୁଣ୍ଡରେ ପୁରେଇଟ ଦେଇ ଗୋଟାଏ ମାଙ୍କଡ଼ି ମାଇକିନା—ଯିଏ ତମକୁ ନାଳୀକୁ ଫୋପାଡ଼ି ଦେଇଥିଲା—ମନେ ଅଛି ନା ? ସେଇ ଝଙ୍କା ବରଗଛ ତଳର ପକ୍କା ନର୍ଦ୍ଦମାଟା—ମେଢ଼କାଲର ପଚୁତିକ ପଚ୍ଚପାଣି ଯୋଉ ବାଟେ ଝରିଯାଏ । ଯୋଉଠି ପଡ଼ି ତୁମେ କୁଆଁ କୁଆଁ ହେଉଥିଲ । ଗୋଟାଏ ଦାଢ଼ିଆ ବୁଢ଼ା ତମର ସେ କୁଆଁ କୁଆଁ ଡାକକୁ ଶୁଣିଲା···ମନେପଡ଼ୁଛି ?”

ଜର୍ଜର ମୁଣ୍ଡ ଭିତରେ କୋଉଠି ଗୋଟାଏ କଅଁଳ ଥଲଥଲିଆ ଦହିଭଳି କିଛି ଗୋଟାଏ ଜିନିଷକୁ ଆବୋରିଥିବା ପରଦାଟି ସତେକି ଠୋକରି ଫାଟିଗଲା ।

Digitized by srujanika@gmail.com

ସରଳ ଆଉ ବେଶ୍ ନଗ୍ନପଦ ଦେଖାଯାଉଥିବା ସେଇ ବଡ଼ଲୁଗିଆ ମୂର୍ତ୍ତିଟା ତଳେ ସେ ଏତେ ରକ୍ତ ବୋହିଯାଉଥିଲା ଓ ସେଇଟା ଏତେ ଶୀଘ୍ର ଓ ଏଭଳି ଭୟଙ୍କର ଭାବେ ଫାଟି ପଡ଼ିବ, ଏକଥା ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍‌ଙ୍କର ଆଦୌ ଧାରଣା ନ ଥିଲା ।

ସେ ଆଉ କଅଣ ପଦେ କହିବାକୁ ଯାଉଥିଲେ, ଠିକ୍ ସେତିକବେଳେ ଯୋଡ଼ାଏ ମୁଦ୍‌ଗର ଭଳି କଅଣ ଜିନିଷ ହଠାତ୍ ଉପରକୁ ଉଠିଯାଇ ଦାଉକିନା ଆସି ପଡ଼ିଗଲା ସେଇ ଟେବୁଲ୍‌ଟା ଉପରେ । ସତର୍କ ହୋଇ ମିସ୍ ଆଡ଼ାମସ ଯେତେବେଳେ ଆପଣାର ମୁଣ୍ଡଟାକୁ ସେଇ ମୁଦ୍‌ଗର କବଳରୁ ଅଲଗେଇ ନବାକୁ ଯାଆନ୍ତି, ସେତେବେଳକୁ ଜନ୍ ଉଠି ଠିଆହୋଇ ପଡ଼ିଥିଲା ଓ କଟମଟ କରି ସେଇ ଅପରିଚିତା ସ୍ତ୍ରୀଲୋକଟାକୁ ସ୍ପଷ୍ଟ କହୁଥିଲା—"ହେ, ସାବଧାନ । ତୁ ଭୂତ ହୁ କି ପ୍ରେତ ହୁ, କି ଯିଏ ପାରେ ସେ ହୁ—ତୁ—ମୁଁ ତତେ କହି ଦେଉଛି ଖବରଦାର—ମୋ ସାଙ୍ଗରେ ଆଉ ସେଇ ଅଣ୍ଟା ନକଲ ଚଳିବ ନାହିଁ । ମୂଳରୁ କହି ଦେଉଚି ମୁଁ—ହିଁ—ମନେରଖ୍—ତୁମ ସବୁ ମାଇକିନାଙ୍କୁ ମୁଁ ଭଲକରି ଚିହ୍ନେ । ଖୁବ୍ ଖେଳିଚ । ଖୁବ୍ ନାକ କାନ କାମୁଡ଼ିଚ, ଆଉ ପିନ୍‌କଣ୍ଟାରେ ପିଠି ଫୁଟେଇଚ ମୋର । ମୁଁ ସବୁ ସହିଚ । ଆଉ ତୁ ଫେର ଆଜି ଆସିଚୁ । ଖେଳି ଖେଳି ମନ ଅସ୍ଥ ହେଇନାହିଁ ? ତୁ ଫେର୍ ଆସିଚୁ ? କଣ ତୁ ଚାହୁଁ ? କି ଦରକାର ତୋର ? ଫେର୍ ଫେର୍, ବାର ବାର କରି ସେଇ କଥାକୁ ସେଇ କଥାକୁ କହି ତମେସବୁ କି ଆନନ୍ଦ ପାଉଚ ? ତୁ କଅଣ ଜାଣିନୁ—ମୁଁ ମଣିଷ ନୁହେଁ ! ମୋ ବୋପା ମଣିଷ ନୁହେଁ ! ସେ ଗୋଟାଏ ବରଗଛ ! ଆଉ ମୋ ମା ବି ମଣିଷ ନୁହେଁ—ସେ ଗୋଟାଏ ମାଙ୍କେଡ଼ୀ—ବରଗଛ ଦହରେ ସେ ମାଙ୍କେଡ଼ୀ ବାସକରୁଥିଲା ତୁ ଜାଣିନୁ ? ବରଗଛ ଦହରେ ଯୋଉ ବ୍ରହ୍ମରାକ୍ଷସ ରହିଥେଲା ତାକୁ ଚହ୍ନିନୁ—ମୁଁ ସେଇ ବ୍ରହ୍ମରାକ୍ଷସ ଆଉ ସେଇ ମାଙ୍କେଡ଼ୀର ପିଲା—ଏବେ ହେଲା ? ଜାଣିଲୁ ତ ! ଏଥର ଚୁପ୍ କର । ଆଉ ବାରବାର କରି ପଚାରନା ମତେ ସେଇ କଥା । ମୁଁ ମଣିଷ ନୁହେଁ । ଆଉ ଗୋଟାଏ ଜସମର ଦେବତା । ଏ ଗୁମର ମୁଁ ଆଜିଯାକେ କହି ନଥିଲି କାହାକୁ—ନଜିର୍‌ମିଆଁ ମତେ କହିଥେଲା । ନଜିର୍‌ମିଆଁର ଫକିର ହନୁମାନ ପ୍ରଶ୍ନକରି ଏକଥା କହିଥେଲା ଆଉ ଏ କଥାକୁ ଗୁପ୍ତରେ ରଖିବାକୁ ମତେ କହିଥେଲା । ଅଙ୍କ କଷୁଚ ତତେ, ମନେରଖ ତୁ ।"

ଜନ୍‌ର ମୂହଁରୁ ସେଇ ନିଆଁ ଝୁଲଗୁଡ଼ାକ ଝଡ଼ିପଡ଼ିବା ପୂର୍ବରୁ ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍‌ଙ୍କର ଅନ୍ଧାରବର୍ଣ୍ଣ ମୁହଁ ଉପରେ ଏକ ବିଚିତ୍ର ପାଉଁଶିଆ ରଙ୍ଗ ବୋଳି ହୋଇଯାଇଥିଲା । ସେ ଆଦୌ ଆଶଙ୍କା କରିନଥିଲେ ଯେ ଗୋଟାଏ ଝାରଫାସ୍ତ୍ର ଜାରଜର ଦହରେ ଆଉ ମନରେ ଏତେ ତାତ ଆଉ ଏତେ ଗର୍ବ କେବେ ଆଇପାରେ ବୋଲି । ତାଙ୍କର ଅଜଣାତରେ ତାଙ୍କର ସେଇ ସନ୍ଧାନୀ ଆଖି ଦଇଟା ସେଇ ନିଆଁରଙ୍ଗ ପରି ଜଳୁଥିବା ଦହଟା ଉପରେ ତଳୁ ଉପରଯାକେ ଘୂରି ଆସିଲା । ହଠାତ୍ ସେମିତି ଘୁରୁଘୁରୁ ସେ ଆଖି ଦଇଟାର ପକ୍ଷୀ କୌଣସି ଗୋଟାଏ ଅଠାଳିଆ ଜିନିଷରେ ଲାଖିଗଲା ଓ ମିସ୍ ଆଡ଼ାମସ୍ ଯେତେବେଳେ ସଚେତ ହେଲେ, ତାଙ୍କର ମନେହେଲା ଯତେ ସେମିତି କିଛି ଗୋଟାଏ ମନ୍ତ୍ର ଉଚ୍ଚ କୋଠାଉପରୁ

Digitized by srujanika@gmail.com

ନେଇ ତାଙ୍କୁ ପେଲିଦେଲା । ଗୋଟାଏ ଡଙ୍ଗିଆ ମାଇଲା ଭଳି ଓ ସେ ନିକେ ଲଥ୍‌କିଣ ତଳେ ପଡ଼ି ଚେପା ହୋଇଯିବା ପୂର୍ବରୁ ସେଇ ଦୁର୍ବୃତ୍ତର ନର୍ଦ୍ଦସ୍ତ ହସଟା ତାଙ୍କର କଲିଜାକୁ ବିନ୍ଧି ଦେଲା । କେବଳ ସେତିକି ବୁଝେଁ—ତଳର ପଥର ଚଟାଣ ଉପରେ ବାଜି ତାଙ୍କ ଉପରୁ ଛିଟିକି ପଡ଼ୁଥିବା ରକ୍ତ ଆଉ ମାଉଁସରୁ ବାହାରୁଥିବା ଅଦ୍ଭୁତ ଶବ୍ଦ ଶୁଣି, ଡେଣ୍ଟ ଉପରୁ, ସେଇ ଶବ୍ଦର ଯୋଉ ପ୍ରତିଧ୍ୱନିର ଲହରିସବୁ ଖସିଆସିଲା—ଯେଉଁଗୁଡ଼ାକ ମଧ୍ୟ ବାଜି-ଯାଉଥିଲା ତାଙ୍କର କାନରେ ।

ଗୋଟାଏ ଦୋମହଲା ଉପରୁ ତଳେ ଖସିପଡ଼ୁଥିବା ବେଙ୍ଗଟିଏ ଭଳି ପାଲଟିଯାଇ ମିସ୍ ଅଡ୍ରାମସ୍ ଟିକିଏ ସମୟ ପାଇଁ ଅନେଇ ରହିଲେ ଶୂନ୍ୟକୁ । ତା ପରେ ହଠାତ୍ ତାଙ୍କର ଧ୍ୟାନ ଫେରିଆସିଲା ।

ସେତେବେଳକୁ ଜର୍ଜ ଥଣ୍ଡା ପଡ଼ିଯାଇଥିଲା । ବୋକାଙ୍କ ଭଳି ସେ ନିକେ ବି ଅନଉଥିଲା ଚତୁର୍ଦ୍ଦିଗକୁ । ସେ ନିଜେ ବୁଝିପାରୁନଥିଲା ସେଇ ଟିକିଏ ପୂର୍ବରୁ କଣ ତାର ହୋଇଗଲା ଓ କାହିଁକି ସେ ଏମିତି ଉତ୍ତ୍ୟକ୍ତ ହୋଇଉଠିଲା ? କିନ୍ତୁ ସବୁଠୁ ବେଶି ଆଶ୍ଚର୍ଯ୍ୟ ତାକୁ ଲାଗୁଥିଲା ଯେ କାହିଁକି ଓ କିଭଳି ଖାଲି ସେଇ ଧାରଣାଟା ହଠାତ୍ ପଶିଆସିଲା ତା ମୁଣ୍ଡକୁ । ମାଙ୍କେଡ଼ୀ ଆଉ ବ୍ରହ୍ମରାକ୍ଷସ—ନଜରମିଆଁ, ଫକୀର ଆଉ ହନୁମାନ ପ୍ରଶ୍ନ—କଅଣ ଗୁଡ଼ାଏ ସେ କହିଗଲା ? କାହିଁ କେବେ ତ ଏଭଳି କଥା ସେ ଶୁଣି ନଥିଲା କାହା ମୁହଁରୁ —ତା ନିଜ ସ୍ୱପ୍ନରେ । ତା ଛଡ଼ା ନଜର ମିଆଁ ତ କେବେଁ ଏଭଳି କଥା କହୁନଥିଲା ତାକୁ; ବରଂ ସେ କହୁଥିଲା ଯେ ସେଇ ଶୂଅରକା ବଚ୍ଚା ଙ୍କର ସାଙ୍ଗରେ କଥାବାର୍ତ୍ତା ନ ହେବାକୁ । କାରଣ ସବୁ ପବିତ୍ର ମୁସଲମାନ୍ ସେଇ ଗୋଟାଏ ଜୀବକୁଇ ଘୃଣା କରନ୍ତି । ଖୋଦାଙ୍କର ଆଲୁଅ ଯା ମୁହଁରେ ପଡ଼ିଥାଏ—ନଚେତ୍ ସେ ଦାଢ଼ିଆ ବୁଢ଼ା କହିଲା ଭଳି—

ଏଇ କଳା ଗୁମର ଆଖି ଦଇଟାକୁ ସେ ବୁଢ଼ା କେତେ ଡରୁ ନ ଥିଲା ସେତେବେଳେ ? ଆଉ ସେ ବୁଢ଼ୀ ? ବୁଢ଼ୀ ବି ତ କିଛି ଆଲୁଅର ସନ୍ଧାନ ପାଇଥିଲେ ବୋଲି କହୁଥିଲା । ହେଲେ କିଏ ତାକୁ କେବେ କହିଥିଲା ସେଇ ମାଙ୍କେଡ଼ୀ ଆଉ ବ୍ରହ୍ମରାକ୍ଷସ କଥା ? ଏ କଥା ତା ମୁଣ୍ଡକୁ ଆସିଲା କୁଆଡ଼ୁ ? କାହିଁକି ଆସିଲା ସେ ଅସମ୍ଭବ କଥାଟା ? ତେବେ କ'ଣ —ତେବେ କଅଣ···?

ତାର ଗତ ଅନିଦ୍ରା ଯୋଗୁ ପୋଡ଼ୁଥିବା ଆଖି ଦୁଇଟାକୁ ଆଉ ବେଶି ସମୟ ସମ୍ଭାଳି ନ ପାରି, ଜର୍ଜ ସେ ଦୁଇଟାକୁ ଜାବୁଡ଼ି ଧଇଲା ତାର ଦୁଇ ହାତର ପାପୁଲିରେ ଓ ଗୁମମାରି ବସିପଡ଼ିଲା । କିଛି ସମୟ ପାଇଁ ସବୁଆଡ଼ ନିସ୍ତବ୍ଧ ହୋଇଗଲା । କେବଳ ତାର ନିଜର ସାଁ ସାଁ ଶବ୍ଦ ଛଡ଼ା ସେ ଆଉ କିଛି ଶୁଣିପାରୁନଥିଲା ।

କିନ୍ତୁ ଟିକିଏ ସମୟ ପରେ ସେ ଉଠିଲା ଓ ଆଖି ଉପରୁ ହାତ କାଢ଼ି ସେ ମିଟି ମିଟି କରି ଚତୁର୍ଦ୍ଦିଗକୁ ଚାହିଁଲା । ତା ପରେ ହଠାତ୍ ଗୋଟାଏ କିଛି ଖର କଡ଼ା ବାସ୍ନାରେ ତାର ହୋସ୍ ହେଲା । ଟିକିଏ ସମୟ ଭିତରେ ସେ କଡ଼ା ବାସ୍ନାଟା ଘର ଭିତରର ପବନ ସାଙ୍ଗରେ ଧୀରେ ଧୀରେ ମିଳାଇଗଲା ଓ ଗୁହୁଁ ଗୁହୁଁ ଗୋଟାଏ ମନମତାଣିଆ ବିଦେଶୀ, ଅଚିହ୍ନା

Digitized by srujanika@gmail.com

ବାସନାରେ ମଶଗୁଲ ହୋଇଗଲା; ଏଥର ଭଲକରି ଦମେ ନିଃଶ୍ୱାସ ନେଲା ଜର୍ଜ । ତାର ମନେହେଲା—ଏଭଳି ବାସ୍ନା ସେ କେବେ କୋଉଠି ଶୁଙ୍ଘି ନଥିଲା । ତେବେ ତାର ହେଜ ହେଲା ଗୋଟାଏ ବାସ୍ନା କଥା—ଯାହାକୁ ସେ ଶୁଙ୍ଘିନଥିଲା, ମାତ୍ର ତାର ମହକ ବିଷୟରେ ଶୁଣିଥିଲା କେବଳ ସେଇ ବୁଢ଼ା ନଜିର୍ ମିଆଁଠୁଁ । ସେ କହୁଥିଲା—ଗୋଟାଏ କି କିସମର ଅତର ସେ—ଗୋଟାଏ ମସ୍‌ଜିଦ୍ ପାଖ ଏକୁଟିଆ କବର୍—ଦିନରେ ଫୁଟେ, ନା—ରାତିରେଇ ଫୁଟେ ସେ—ବିଶେଷ କରି ଯୋଉ ରାତିରେ ଆକାଶରେ ବୁଡ଼ୁଥାଏ ଗୋଟାଏ ଦ୍ୱିତୀୟା ଜହ୍ନ । ବାହାର ପବନରେ କାକର ଝରିଆସୁଥାଏ—କବର୍ ଉପରର ମାଟିଟା ଉଷୁମ ହୋଇଯାଏ—ଗୋଟିଏ ସୂତା ବହଳର ଫାଙ୍କ ହୋଇଯାଏ ସେଇ ଉଷୁମ ମାଟିରେ । ଜହ୍ନ ବୁଡ଼ି ବୁଡ଼ି ଯାଉଥାଏ । ତାପରେ ଉଠେ ସେଇ ଅତର ବାସ୍ନା । ସାରା ରାତିକୁ ମହକେଇ ଦେଇ ସେ ବାସ୍ନା ରାତିର ଅନ୍ଧାର ଭିତରେ ପୁଣି କୁଆଡ଼େ ମିଳେଇଯାଏ । ଠିକ ପରେ ନଜିର୍ ମିଆଁ ଫେରିଆସେ ସେଇ ମସ୍‌ଜିଦ୍‌ର ଫାଙ୍କା ମେଜିଆ ଉପରୁ—ଜକ୍ ଜକ୍ ହୋଇ ଜଳୁଥିବା ଗୋଟାଏ ନାଲିଆ ତାରା ତାକୁ ଅନ୍ଧାରରେ ବାଟ କଢ଼େଇ ନିଏ । ତା ପରେ ସେ ଯାଏ ସେଇ ଫାତିମା ବାଈର ଘରକୁ । ଫାତିମା ବାଈର ପୋଷା କାଳିଆ ବିରାଡ଼ିଟା ଅନ୍ଧାର ଭିତରୁ ଜକ୍ ଜକ୍ ହୋଇ ଚାହେଁ । ସେଇ ବିରାଡ଼ି ଆଖିର ଆଲୁଅରେ ବାଟ ଦେଖି ଦେଖି ଫାତିମା ବାଈର ନିରୁଛୁଟିଆ ଗଳି ଘର ଭିତରକୁ ପାଦ ବଢ଼ାଏ ନଜିର୍ ମିଆଁ । ଫାତିମା ବାଈର ପୋଷା ବିରାଡ଼ି ମିଆଉଁ ମିଆଉଁ କରି ଡାକି ଡାକି ନେଇଯାଏ ତାକୁ । ଭିତର ଘରୁ ଗୋଟାଏ ଛୁରି ବାହାରି ଆସି ତା ଦେହରେ ପଶିହୋଇ ଚାଲିଯାଏ । ଫାତିମା ବାଈର ଶୋଇଲା ଘରୁ ଡିବି ଆଲୁଅଟାଏ ଜଳିଉଠେ—ବାଟ ଘରଟା ଗନ୍ଧରେ ଫାଟିପଡ଼ୁଥାଏ—ବୋଧହୁଏ ସେଇ ଛୁରିଟା ଯୋଗୁ । ମଦରେ ଟୁଲ୍‌ଟୁଲ୍ ହୋଇ ସେ ଛୁରିଟା ଚାଲିଯାଉଥାଏ । ମୁହଁରୁ ତାର ମଦଗନ୍ଧ । ଦେହରୁ କିନ୍ତୁ ବାହାରୁଥାଏ ଆଉ ଗୋଟାଏ କିଛି ଗନ୍ଧ । ନା, ନା, ଗନ୍ଧ ନୁହେଁ—ଏମିତି ଗୋଟାଏ ବିଦେଶୀ ବାସ୍ନା । ଖୁବ୍ ସୁରତ୍ ବାସ୍ନା ।

ଠକ୍—ଠକ୍—ଠକ୍···

"କମ୍ରେଡ୍ ଜର୍ଜ !"

ସେଇ ଚହଲା ଚହଲା ଡାକରେ ଜର୍ଜର ଖିଆଲ ଭାଙ୍ଗିଯାଏ । ସେ ଆଖି ମଳି ମଳି ଉଠେ । ତାର ମନେହୁଏ ସତେ ଯେମିତି ଗୋଟାଏ ଯୁଗ ହେଲା ସେ ଶୋଇପଡ଼ିଥିଲା; କିନ୍ତୁ ନଜିର୍ ମିଆଁର ଛୁରିଟା—ଏଇ ସେ ଉଭେଇଗଲା । କିନ୍ତୁ ସେ ତ ମଲାଣି । କାହିଁ କେତେଦିନରୁ ମଲାଣି । ମଟର ଧକ୍‌କାରେ ତାର ମୁଣ୍ଡଟା ଛେଚି ହୋଇଯାଇଥିଲା ପରା । ତାର ମୁଣ୍ଡର ଦେହଗୁଡ଼ାକ ରାସ୍ତାଯାକ ଛିଟିକି ପଡ଼ିଥିଲା । ତାର ଆଖି, କାନ, ନାକ, ଜିଭ, ହାତ, ଗୋଡ଼ ···ସବୁ କିଛି ଗୁଲ୍‌ଗାଲ୍ ହୋଇ ଛିଟିକି ଯାଇଥିଲେ ପରା !

"କମ୍ରେଡ୍ ଜର୍ଜ !"

ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍‌ଙ୍କ ସେଇ ଡାକ, ଆଉ ସେଇ ଡାକ ସାଙ୍ଗରେ ମିଶିଥିବା କିଛି ଗୋଟାଏ ଅଦ୍ଭୁତ ଶବ୍ଦରେ ଜର୍ଜର ଖିଆଲ ପୁରାପୁରି ଛାଡ଼ିଯାଏ । ଚମକି ଉଠି ଚାହେଁ ସେ ।

Digitized by srujanika@gmail.com

ଯେତେବେଳକୁ ମିସ୍ ଆଡ଼ାମସନ୍‌ଙ୍କର ହାତ ମୁଣିର ମୁହଁଟି ଖୋଲିଯାଇଥାଏ । ସେଇ ଖୋଲା ମୁହଁରୁ ବାହାରୁଥିବା ଚମତ୍କାର ବାସ୍ନା ମଝିରେ ମିସ୍ ଆଡ଼ାମସନ୍‌ଙ୍କ ନାଲି ନାଲି, ଲମ୍ବା ଲମ୍ବା, ପାଲିସ୍ ବାଘନଖୀ ଆଙ୍ଗୁଠିଗୁଡ଼ିକ ଭିତରେ ଝପଟାଯାଇ ହୋଇଥିବା ଗୋଟାଏ କଚ୍ଛ ନେଳୀ ରଙ୍ଗର କାଗଜ ଜର୍ବକୁ ଆହ୍ଲାଦ ବିସ୍ମିତ କଲେ । ସେ ତାର ଡେଙ୍ଗା ଡେଙ୍ଗା ଆଖି ଦି'ଇଟାକୁ ଯେତେ ଜୋର୍ ପାରେ ସେତେ ଜୋର୍ ଫାନ୍ଦିଦେଇ ଦେଖେ କାଗଜ ଫର୍ଦଟାକୁ ।

କଅଣ ଏଇଟା ?—ହୁଏତ ସେ ମନେ ମନେ ପଚାରେ, କିନ୍ତୁ ତାର ମନକଥା ବିଲ୍‌କୁଲ୍ ପଢ଼ିପାରିଲା ଭଳି ସେ ସ୍ତ୍ରୀଲୋକଟି ଉତ୍ତର ଦିଏ—"ଏ ହେଉଛି ହନୁମାନ ପ୍ରଶ୍ନ ।"

"ହନୁମାନ ପ୍ରଶ୍ନ ?"

"ହଁ, ହଁ, ସେଇ ହନୁମାନ ପ୍ରଶ୍ନ । ପାର୍ଟିର ବିଖ୍ୟାତ ଫକୀରଙ୍କର ଯୋଉ ହନୁମାନଟି ଅଛି, ତାର ଅନ୍ୟନାମ ହେଉଛି ବୈଜ୍ଞାନିକ ହନୁମାନ । ସେ ହନୁମାନ ଏକ ତ୍ରିକାଳଜ୍ଞ ଜ୍ୟୋତିଷ । ତାର ପ୍ରତି ନଖକଣରେ ଥିବା ଗୋଟିଏ ଗୋଟିଏ ଯନ୍ତ୍ର ଦ୍ୱାରରେ ଆଗତ ଭବିଷ୍ୟତ ସବୁ କଥା ଲେଖିହୋଇଯାଏ । ସେଇ ହନୁମାନ ବୈଜ୍ଞାନିକର ଗଣନାରୁ ତୁମ ପାଇଁ ଉପର ମହଲରୁ ଏଇ କାଗଜଟି ଆସିଛି । ଏ ହେଉଛି ତମର ଜାତକ ।"

"ଜାତକ ? ମୋର ଜାତକ ? ଏଥିରେ ମୋର ଗଲା ଅଇଲାର ଲେଖାଅଛି ସବୁକଥା ?"

"ହଁ, ହଁ, ଗୋଟି ଗୋଟି ହୋଇ ସବୁକଥା ଅଛି ଏଥିରେ । ଠିକ୍ ଏ ଜାନହଅ । ମୁଁ ପଢ଼ି ଶୁଣାଉଛି ସବୁ ସତକଥା । ଜାତକର କୌଣସି କଥା ମିଥ୍ୟା ନୁହେଁ । ଏହାକୁ କୁହାଯାଏ ଗ୍ରାଫ୍ ବା ଜୀବନର ନକ୍‌ସା ।"

"ଗ୍ରାଫ୍ ? ଜୀବନର ନକସା ?"

"ହଁ, ଠିକ୍ କହୁଛ । ଏହାକୁ କୁହାଯାଏ ଗ୍ରାଫ୍ । ଏଇ ଦେଖ । ଏଇ ଗ୍ରାଫ୍ ବା ନକ୍‌ସାର ପ୍ରତ୍ୟେକଟି ବିନ୍ଦୁକୁ ଦେଖିନିଅ ଓ ମନେ ମନେ ଏଇସବୁ ବିନ୍ଦୁଗୁଡ଼ିକୁ ଗୋଟିଏ ରେଖାରେ ଯୋଡ଼ିଦେଇ ଯାଅ । ଏ ହେଉଛି ତୁମ ଜୀବନର ରେଖା । ତୁମର କପାଳର ସବୁ ରେଖା ଏଥିରେ ଅଛି । ଯୋଉ କପାଳକୁ ସାଧାରଣ ଲୋକେ ଦେଖି ନପାରନ୍ତି, ତାକୁ ସେଇ ବୈଜ୍ଞାନିକ ହନୁମାନ ଦେଖିନିଏ ଓ ଏଇଭଳି ରେଖାମାନ ଟାଣିଦିଏ ଏଇ କାଗଜ ଉପରେ । ଏ ହେଉଛି ପ୍ରୋଗ୍ରାମ—ତୁମ ପାଇଁ ପାର୍ଟିର ପ୍ରୋଗ୍ରାମ ।

"ପ୍ରୋଗ୍ରାମ ? ସେ ପୁଣି କଅଣ ? ବର୍ତ୍ତମାନ ତ ତାକୁ ଆଉ ଗୋଟାଏ କଅଣ ନାଆଁରେ କହୁଥିଲ । କଅଣଟି ତ ସେ ?"

"ଗ୍ରାଫ୍ ! ଗ୍ରାଫ୍ ! ଜାତକ । ତାର ଅନ୍ୟ ନା ହେଉଛି ପ୍ରୋଗ୍ରାମ ! ଜୀବନରେ ଯାହା ହବାର ହୋଇଯାଇଛି । ଏଣିକି ଯାହା କାମ କରିବ, ସବୁ ଏଇ କାଗଜଖଣ୍ଡକୁ ଦେଖି କରିବାକୁ ହବ । ଏଇ ମୁହୂର୍ତ୍ତଠାରୁ ଆରମ୍ଭକରି ତୁମର ଜୀବନର ସବୁ ଶେଷ ମୁହୂର୍ତ୍ତଟି ପର୍ଯ୍ୟନ୍ତ ସବୁ ସବୁ କଥା ଲେଖାହୋଇଛି ଏଥିରେ ।"

"ସବୁ କଥା ଲେଖାହୋଇଛି ?" ଚମକି ଉଠି ପୁଣି ଥରେ ପଚାରେ ଜର୍କ—"ସବୁ

Digitized by srujanika@gmail.com

କଥା ?— ମରିବାର କଥା ବି ?"

"ହଁ, ହଁ"—ମିସ୍ ଆଡ଼ାମସ୍ଙ୍କ ଗଳାରେ କାଶଟାଏ ଉଠିଆସୁଥାଏ । ତାକୁ ଜୋର୍ କରି ଚପାଇ ଦେଇ କହନ୍ତି ସେ—

"ହଁ ହଁ—ଏକବାରେ ମରିବାଯାଏ ।"

ଜର୍ଜର ଗଳାରେ ବି ଜମିଯାଏ ଥୋଡ଼ାଏ କଫ । ଗଳା ସଫା କରୁକରୁ ଗୋଟାଏ ଘାଉଡ଼ା ଗଳାରେ ସେ ପୁଣି ପଚାରେ—"ଆଚ୍ଛା, ମୁଁ କଅଣ ମରିବ ? କେବେ ମରିବ ? କେତେ ବର୍ଷ ଆଉ ରହିଛି—ଦେଖିଲ ଟିକିଏ ।"

"ଆଚ୍ଛା ! ବର୍ତ୍ତମାନ ମନଦେଇ ଦେଖ ତାହେଲେ । ଏଇ ଦେଖ ! ଦେଖୁଛ ? ଏଇ ବନ୍ଧୁକଟି ?—ଏ ହେଉଛି ତମର ଶେଷ ! ଏଇଠି ମରିବ ତମେ । ତମେ ମରିବ ବନ୍ଧୁକ ଆଗରେ । ଏଇ ଦେଖ ଏଇ ସୁନ୍ଦର ବନ୍ଧୁକଟିକୁ । ଏଠି ତମକୁ ଚତୁର୍ଦ୍ଦିଗରେ ଘେରିଆସୁଛନ୍ତି ସେମାନେ । କିନ୍ତୁ ତମେ ଟଳୁନାହଁ । ଅନ୍ୟମାନେ ଏଠୁ ଡାକ ପକାଉଛନ୍ତି ତୁମକୁ—ଫେରି ଆସ—ଫେରିଆସ କମ୍ରେଡ଼ ! କିନ୍ତୁ ନା—ତୁମେ ଦୃଢ଼ ! ତୁମେ ଅଟଳ । ତୁମେ ଲଢ଼ୁଚ । ତୁମେ ପାର୍ଟିର କର୍ମୀ । ତୁମେ ପାର୍ଟିର ତାଲିମ ପାଇଚ । ପାର୍ଟି ପାଇଁ ଜୀବନ ଦେବାକୁ ତୁମେ ପ୍ରତିଜ୍ଞା ନେଇଚ । ତୁମେ ପାର୍ଟିର ନିମକହାରାମୀ କରିବନାହିଁ । ତେଣୁ ତୁମେ ଅଟଳ । ତୁମେ ପଳେଇଯାଉ ନ । ହେଇ ଫୁଟୁଚି ଏଠଉଁ ମସ୍ତ ମସ୍ତ ଗୋଳାଭରା ବନ୍ଧୁକ । ହେଇ ଦେଖ ଏଠି । ଏଇ ରେଖାରେ ଠିଆହେଇଚନ୍ତି ଅସଂଖ୍ୟ ଯୁଦ୍ଧଘୋଡ଼ା । ହ୍ରେଷାରବ ଦେଇ ସେମାନେ ଆକାଶ ଫଟଉଚନ୍ତି । ତାଙ୍କ ଖୁରର ଧୂଳିରେ ଦିନ ହେଇଚି ରାତି । କିନ୍ତୁ ତୁମେ ଅଟଳ । ଅଟଳ ମହାମେରୁ ତୁମେ ।

"କିନ୍ତୁ ମୁଁ କାହିଁକି ଅଟଳ ? କାହିଁକି ଠିଆ ହେଇଚି ? ମୁଁ ସେଭଳି ଥିବି ? ସାମାନ୍ୟ ଅଫିସର ହୋଇ ଚଉକିରେ କଡ଼ ଲେଉଟାଇ ପଚାରିଲା ଜର୍ଜ । ମୁଁ ସେଠି କରୁଚି କଅଣ ? ଏମିତି ବୋକା ଭଳି ଠିଆହେଇଚି କାହିଁ ମୁଁ ସେଠି—ସେଇ କମାଣ ଆଗରେ ? ମତେ କ'ଣ ମରିବାକୁ ଡରମାଡ଼ୁନାହିଁ ?"

"ଡର ? ହେଃ ! ସର୍ବହରାର ଗୋଟାଏ ଡର କଅଣ ? ସର୍ବହରାର ଭୟ କଅଣ ? କଅଣଟା ବା ତାର ଅଛି ?" କୌଣସି ଅଯଥା ଶବ୍ଦ କରି, ଟୋକାଟାର ଧ୍ୟାନ ଭଙ୍ଗ ନ କରିବାକୁ ସାବଧାନ ହୋଇ ତାର ପ୍ରଶ୍ନର ଉତ୍ତର ଦେଉଥିଲେ ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍ ।

କିନ୍ତୁ ଜର୍ଜର ଧ୍ୟାନଭଙ୍ଗ ହେବାର କୌଣସି ଲକ୍ଷଣ ଦେଖାଯାଉ ନଥାଏ । ସେ ପଚାରୁଥାଏ ପ୍ରଶ୍ନ ପରେ ପ୍ରଶ୍ନ—

"ସର୍ବହରା ? କିଏ ସର୍ବହରା ? ମୁଁ ? ମୋ ଜାତକରେ ସେଇ କଥା ଲେଖାଅଛି ? ଟିକିଏ ଦେଖ ତ ।"

"ନିଶ୍ଚୟ—ନିଶ୍ଚୟ । ମୁଁ ଦେଖୁଚି । ଅପେକ୍ଷା କର ଟିକିଏ !"

ମିସ୍ ଆଡ଼ାମସ୍ ତାଙ୍କର ଡେବରି ହାତରେ ମୁନିଆ ବଣି ଆଙ୍ଗୁଠିର ନଖଟିକୁ ଓଟେଇ ନେଉଥିଲେ ଧୀରେ ଧୀରେ, ସେଇ ଅଦ୍ଭୁତ ନେଳୀ କାଗଜର ଗାରେ ଗାରେ । ସତେ କି

Digitized by srujanika@gmail.com

ସେ ଓହ୍ଲେଇ ଯାଉଥିଲେ ଗୋଟାଏ ଦୁଇମହଲାର କୋଠାର ସିଢ଼ି ଘର ଦେଇ ପାଦେ ପାଦେ କରି—ସେଇ ତଳକୁ ।

ତାର ଅଜାଣତରେ ଜର୍ଜର ଆଖି ମଧ୍ୟ ବୁଲିଯାଉଥିଲା ଆଉ କେଉଁଆଡ଼େ—ସତେ ବା ସେ ଖେଳେଇ ଖେଳେଇ ସେଇ ଗୁପ୍ତ ଆଲମାରୀର ଶକ୍ତ କବାଟଟାକୁ ଭେଦକରି ପଶି ଯାଉଥିଲା ତା ଭିତରକୁ ଓ ସେଇ ଉଜ୍ଜ୍ୱଳ ପଥରଖଣ୍ଡକୁ ବାର ବାର ସେଇ ଆଖିରେ ଓଜନ କରି ମନକୁ ମନ ଚିତ୍କାର ଛାଡ଼ୁଥିଲା—"କିଏ କହିବ ? କିଏ କହିବ ଯେ ଆଜି ସେ ସର୍ବହରା ! କାହିଁ ? ଆଜି ତ ସେ ଜଣେ ଲକ୍ଷପତି ! ମୁଣ୍ଡାଏ ହୀରାର ମାଲିକ ସେ ଆଜି ।"

କିନ୍ତୁ ପରମୁହୂର୍ତ୍ତରେ ତାର ମନଟା ମରି ମରି ଯାଉଥାଏ । କିଏ ଗୋଟାଏ ଖୁସ୍ ଖୁସ୍ କରି ତା ମନ ଭିତରର ମାଟିକୁ ଖୋଳି ସେଥିଭିତରେ ହୀରାଟାକୁ ଲୁଚେଇ ଦେଉଥାଏ ଓ କହୁଥାଏ —

ମୁଁ ଜାଣେ । ମୁଁ ଜାଣେ । ଏ ତମର ଜାରଜ ରକ୍ତର ଗୁଣ ! ପୃଥିବୀର ସବୁ ଜାରଜ ସନ୍ତାନ—ଯାହାଙ୍କର ବାପ ମା'ର ଠିକଣା ନଥାଏ—ସେମାନେ ସମସ୍ତେ ଏଇଭଳି ସର୍ବହରା ।"

ଗୋଟାଏ ଧକ୍କା ଖାଇଲା ଭଳି ଫେରିଆସେ ଜର୍ଜର ଆଖି ଦୁଇଟା—ସେଇ ଗୁପ୍ତ ମୋଟା କବାଟ ଉପରୁ । ତା ଦେହ ଥରେଇ ଉଠେ । ପୁଣି ମନେପଡ଼େ ସେଇ ମାଙ୍କେଡ଼ୀ ଆଉ ବ୍ରହ୍ମରାକ୍ଷସ କଥା । ପୁଣି ସେ ଆଶ୍ଚର୍ଯ୍ୟ ହୁଏ । ଇସ୍ ! ସତେ କଣ—ନା, ନା—ନଜର୍ ମିଆଁ କହୁଛି—ତା ମୁହଁରେ ଆଲୁଅ ଅଛି, ସ୍ୱର୍ଗର ଆଲୁଅ ।

ଏଇଭିତରେ ସେଇ ମୁନିଆଁ ବାଘନଖୀ ଆଙ୍ଗୁଠିଟା ଓହ୍ଲେଇ ଆସି 'ଅଟକି ଯାଇଥାଏ ସେଇ ଗାରର ମୂଳରେ । ଜର୍ଜର ସାରାଜୀବନ ଖୋଜା ସରିଚି । କିନ୍ତୁ କାହିଁ ? କାହିଁ ସେଇ ରେଖା ? ନାଃ, ନାଃ ।

ମିସ୍ ଆଡ଼ାମସ୍ ଖୁବ୍ ସାବଧାନଭାବେ ସେଇ ନୀରବତାଟିକୁ ଭାଙ୍ଗି କହନ୍ତି—"ନାଃ, ତମ ଜାତକରେ ଧନ ନାହିଁ କିମ୍ବା ମାନ ମଧ୍ୟ ନାହିଁ । ତମେଇ ପ୍ରକୃତରେ ସର୍ବହରା । କେବଳ ସର୍ବହରା ନୁହଁ—ତୁମଠାରେ ଆଉ ଏକ ଗୁଣ ଅଛି—ତୁମେ ହେଉଚ ସର୍ବହରାର ପୁଅ ।"

"ସର୍ବହରାର ପୁଅ ?"

"ହଁ, ହଁ ! ଏଇ ଦେଖ ଏଇ ବିନ୍ଦୁକୁ । ଏଇଠି ତମେ ଜନ୍ମ ହେଲ । ଏଇଠି ,ତମେ ଆସିଲ ମା' ପେଟକୁ । ଏଇଠି ତମର ଦଶମାସ ପୂରିଲା—ନ'ମାସ କେତେଦିନ ଅବଶ୍ୟ । ଆଉ ଏଇଠି ତମେ ମାଟି ଛୁଇଁଲ ।"

ଜର୍ଜର ଦେହରେ ଚମକ ପଶେ । ସେ ଝାଙ୍କିହୋଇ ବସେ । ତାର ଦେହସାରା ରୁମ ଟାଙ୍କୁରି ଉଠେ । କାହିଁକି କେଜାଣି ତାର ଇଚ୍ଛା ହୁଏ ମାଟିରେ ଶୋଇପଡ଼ି କୁଆଁ କୁଆଁ ହୋଇ କାନ୍ଦି ଉଠିବାକୁ; କିନ୍ତୁ ପୁଣି କେଉଁ ଅଦ୍ଭୁତ ଶକ୍ତି ତାକୁ ରୋକି ନିଏ । ସେ କଡ଼ ଲେଉଟାଏ ତାର ଆସନ ଉପରେ; କିନ୍ତୁ ତାର ଆଖିଟା ସେଇ ନେଳୀ କାଗଜର ସେଇ ବିନ୍ଦୁଟି ଉପରୁ ଟଳୁ ନଥାଏ ।

Digitized by srujanika@gmail.com

ମନ୍ତ୍ରମୁଗ୍ଧ ହେଲଭଳି ସେ ପଚ୍ଚରେ—

"ମୁଁ ଏଇଠି ମାଟି ଛୁଇଁଲି କେବେ ?"

"ହଁ, ହଁ, ଏଇଠି ତୁମେ ପ୍ରଥମ କରି ମାଟି ଛୁଇଁଲ କମ୍ରେଡ୍, ପ୍ରଥମ କରି ଛୁଇ ସୂରେଇ ଦମେ ନିଃଶ୍ୱାସ ନେଇ ତମେ ସଂସାରକୁ ଜଣେଇଦେଲ କୁଆଁ କୁଆଁ ଡାକ—ମୁଁ ଆସିଲି—ମୁଁ ଆସିଲି । କିନ୍ତୁ ତୁମର ସେ ଡାକ କାହାରି କାନରେ ପଡ଼ିଲାନାହିଁ ଏତେ ସହଜରେ । ତମର ଗୁଣପାଖେ ଘର ଘେରି ରହିଥିଲା—ତମର ସେଇ ସବହରା ମାଙ୍କଡ଼ୀ ମାଆଟି···

"ମାଙ୍କଡ଼ୀ ମାଆ ? ମାଙ୍କଡ଼ୀ ମାଆ ? ମୋ ମା ମାଙ୍କଡ଼ୀ ? ମୁଁ ସତେ ଗୋଟାଏ ମାଙ୍କଡ଼ର ଛୁଆ ? ଲେଖାଅଛୁ ସେଥିରେ ? ବୈଜ୍ଞାନିକ ଫକିରର ହନୁମାନ ପ୍ରଶ୍ନ ସେଇଆ କହୁଛି ମତେ ?" ଜର୍ଜ ଚିଲାଚିଲେଇ ଉଠିଲା । ତା ପରେ ଗୋଟାଏ ଠକ୍ କରି କିଛି ଅଦ୍ଭୁତ ଶବ୍ଦ ତାର କର୍ଣ୍ଣଗୋଚର ହେଲା । ସେଇ ଶବ୍ଦ ଶୁଣି ତାର ମନେହେଲା ଯେପରି ଗୋଟାଏ କିଛି ମୋଟା ଦଉଡ଼ି ହଠାତ୍ ଠକ୍‌କରି ଛିଣ୍ଡିଗଲା ତାର ମୁଣ୍ଡ ଭିତରେ । ସେଇ ଶବ୍ଦରେ ଆଶ୍ଚର୍ଯ୍ୟ ହୋଇ ଜର୍ଜ ଚତୁର୍ଦ୍ଦିଗକୁ ଗ୍ରହିଁଲା ଓ କଅଣ ଭାବି ତା ନିଜ ମୁଣ୍ଡକୁ ଦ'ହାତ ପାପୁଲିରେ ଜାବୁଡ଼ି ଧରିଲା । ତାର ସେଇ ଫୁଲ୍‌ଫୁଲ୍‌କିଆ ମୁହଁର ବସନ୍ତଚିହ୍ନ ଗୁଡ଼ାକରୁ ଉଛୁଳି ପଡ଼ୁଥିଲା ବହେ ବହେ ଝାଳ ।

ସେତେବେଳକୁ ମିସ୍ ଆଡ଼ାମସ୍‌ଙ୍କ ହାତ ମୁଠିର ଚୁଟିକଣୀଟି ପଡ଼ିଯାଉଥାଏ । ନେଳା କାଗଜଟି ଗ୍ରସ ଚହଟ ହେଇ ତାର ଭିତରେ ଅଦୃଶ୍ୟ ହୋଇଯାଉଥାଏ ।

କିନ୍ତୁ ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍‌ଙ୍କୁ ସେତିକିରେ ଗ୍ଳନ୍ତିଦେଇ ପାରିଲା ନାହିଁ ଜର୍ଜ । ମିସ୍ ଆଡ଼ାମସ୍ ବି ଗ୍ଳନ୍ତି ଦେଇ ପାରିଲେନାହିଁ ତାକୁ । ତାଙ୍କର ପ୍ରକୃତ ଦାୟିତ୍ୱ ଯେ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନଥାଏ ।

ଜର୍ଜ ପଚ୍ଚରେ—ତାର କଣ୍ଠରେ କେବଳ ଏକ ସବହରାର ପ୍ରଶ୍ନ ଆଜି ନଥାଏ । ତାର କଣ୍ଠରୁ ମଧ୍ୟ ଉଚ୍ଛୁଳି ଉଠୁଥାଏ ଏକ ପଥହରାର ପ୍ରଶ୍ନ । ଅସଂଖ୍ୟ ପ୍ରଶ୍ନ । ଭୟଙ୍କର ଅସନ୍ତୋଷର ପ୍ରଶ୍ନ ! ସାଙ୍ଘାତିକ ଅବିଶ୍ୱାସର ପ୍ରଶ୍ନ ! ପୁଣି ଚରମ ବିଶ୍ୱାସର ପ୍ରଶ୍ନ ବି ।

ଶେଷଥର ପାଇଁ ଜର୍ଜ ପଚ୍ଚରେ—

"ତାହେଲେ ତୁମେମାନେ ଜାଣିଚ ସବୁ ? ତୁମେ ଜାଣିଚ ତା ହେଲେ ମୁଁ କିଏ, ଆଉ ମୋର ଜାତଗୋତ୍ର କଅଣ ? ମୋର ମା' କିଏ ଆଉ ବାପା କିଏ ? ମୁଁ କେବେ କଅଣ ସେଇ ବ୍ରହ୍ମରାକ୍ଷସର ପୁଅ ? ସେଇ ବ୍ରହ୍ମରାକ୍ଷସ ଆଉ ସେଇ ମାଙ୍କଡ଼ୀ···"

"ହଁ, ହଁ, କମ୍ରେଡ୍ ! ତୁମେ ସେଇ ବ୍ରହ୍ମରାକ୍ଷସର ପୁଅ । ତାର ନା ହଉଚି—ବ୍ରୁନ୍‌ଆ ରାକ୍ଷସ । ଆଉ ତମ ମାର ନା ହଉଚି ସବହରା ରାକ୍ଷସୁଣୀ । ତମେ ଏଇ ବ୍ରୁନ୍‌ଆ ଆଉ ସବହରାର ଦୋମିଶା ସନ୍ତାନ । ଗୋଟିଏ ହେଉଚି ଏକ ଯକ୍ଷ ବା କିନ୍ନର ଏବଂ ଅନ୍ୟଟି ହେଉଚି ଏକ ମାଙ୍କଡ଼ୀ ଭିକାରୁଣୀ ବା ସବହରା ।"

"ତେବେ ମୁଁ କଅଣ ? କେଉଁ ଗୁଣର ଅଧିକାରୀ ମୁଁ ? ମୁଁ ମାଙ୍କଡ଼ ନା ଯକ୍ଷ ? ଟିକିଏ ସଫା କରି କହ । ମୁଁ ସବହରା ନା ବ୍ରହ୍ମରାକ୍ଷସ ? ଟିକିଏ ଆଗରୁ ତ ତୁମେ

Digitized by srujanika@gmail.com

କହୁଥିଲ ଯେ ମୁଁ ହେଉଚି ପ୍ରକୃତ ସଂହର୍ତ୍ତା । ମୋର କିଛି ହରାଇବାକୁ ଆଉ ବାକିନାହିଁ । ମୁଁ ନିର୍ଭୟ ଶଙ୍କର । କିନ୍ତୁ ପୁଣି କ'ଣ କହୁଚ ଯେ ମୁଁ ଗୋଟାଏ ଦୋମିଶା ବୋଇ ? ଟିକିଏ ବୁଝାଇଦିଅ । ମତେ ଭଲକରି ଜାଣିବାକୁ ଦିଅ ମୋର ଥାନ କେଉଁଠି ।" ବଲିବଲେଇ ଉଠେ ସେ ।

ଶିଳ୍ପିନୀ ମିସ୍ ଆଡ଼ାମସ୍‌ଙ୍କର ଠୋ ଠୋ ହସରେ ସାରା ଘରଟା ଫାଟିପଡ଼ିଲା ଏତେ-ବେଳକେ । ସେଥି ସହିତ କି ଏକ ତୀବ୍ର ଯନ୍ତ୍ରଣା ଛୁଟିଗଲା ମଧ୍ୟ କିନ୍ନରର ମୁହଁସାରା । ଯେତେ ଯେପରି ତାର ମୁହଁ ଉପରୁ ଉଟାରି ହୋଇ ଚାଲିଗଲା କୁଆଡ଼େ—କୌଣସି ଗୋଟାଏ ଜିନିଷ —ନାକ, କାନ କିମ୍ବା ଆଖି । ମୁହଁଟାକୁ ଅଣ୍ଡାଳି ଅଣ୍ଡାଳି ତାର ସେଇ ଲମ୍ବା ଆଉ ଉଚା ନାକଟାକୁ ପଞ୍ଚାଲା ତା ହାତରେ । ସେଇଥିକୁ ଜାବୁଡ଼ିଧରି କିନ୍ନର ଅଦ୍ଧାମରା ହୋଇ ରହିଗଲା । ମୁହଁ ଉପରର ଯନ୍ତ୍ରଣାଟା ଧୀରେ ଧୀରେ ନରମି ଯାଉଥିଲା । ତଥାପି ବୁଝିପାରିଲା ନାହିଁ କିନ୍ନର ସେଇ ବିଚିତ୍ର ସ୍ତ୍ରୀ ଲୋକଟାର ବ୍ୟଙ୍ଗଟା ହସର କାରଣ କଅଣ ଥିଲା ସେଇ ବିଜୟୋଲ୍ଲାସର ମୂଳରେ ।

ହସି ହସି ବେଦମ୍ ହୋଇ ମିସ୍ ଆଡ଼ାମସ୍ କହୁଥାନ୍ତି—

ଏଇ । ଏଇତ । ଏଇ ଗୋଟାଏ ମାତ୍ର ଜିନିଷ ! ନଚେତ୍ ତ ବେଶ୍ ଲୁଚିଯାଇଥିଲା ସେଇ ବିଶ୍ୱାସଘାତକ ବୁର୍ଜୁଆ । କିନ୍ତୁ ଲୁଚିବ କୁଆଡ଼େ ସେ ? ଅମୃତକୁଣ୍ଡରେ ଏତେ ଟିକିଏ ବିଷ ଅବା ଲୁଚିଛିବ କୁଆଡ଼େ ? ମେଡ଼ିକାଲର ପସ୍ତୁନଳୀ ଛିଣ୍ଡି ମହାସମୁଦ୍ରରେ ଝୋପାଡ଼ିଦେଲେ ମଧ୍ୟ ଏଇ ବିଶ୍ୱାସଘାତକ ମରିବ କୁଆଡ଼େ ? ସେ ସେ ବାରମ୍ବାର ଜନ୍ମହେବ ! ଦୁଗୁଣେଇ ଦୁଗୁଣେଇ ସେ ବଢ଼ିବ । ଯେତେ ଉକାରୁଣୀ, କୋଟି ବା ରତ୍ନାକରର ଅନ୍ତର୍ଣ୍ଣୀ ତାକୁ ପେଟରେ ମିଳେଇ ଦିବ କୁଆଡ଼େ ଏଇ ବିଶ୍ୱାସଘାତକର ପ୍ରତୀକ ! ଏଇ ବଦମାସ୍ ! ଏଇ ବେଇମାନ ନାକଟା ତମର କମ୍ରେଡ୍ ?

"ନାକ ?" ଏତେକଥା ଭିତରୁ କେବଳ ସେଇ ପଦେ ମାତ୍ର କଥାକୁ ଧରିପାରିଲା କିନ୍ନର । ତା ଛଡ଼ା ଆଉ କିଛି ବୁଝିପାରୁ ନଥିଲା ସେ ସେଇ ମୁଗୁନି ପଥର ଭଳି ମୂର୍ତ୍ତିଟାର କଥାକୁ ।

ହଁ, ହଁ ! ନାକ ! ନାକ ! ନାକ ! ଏଇ ଦୁର୍ଦ୍ଦାନ୍ତ ବିଶ୍ୱାସଘାତକ ଦସ୍ତାମାସ୍ତାଙ୍କନ ନାକର ବଂଶ ଲୋପ କରିଦେବାଇ ଆମର କର୍ତ୍ତବ୍ୟ—ପ୍ରତ୍ୟେକ ସଂହର୍ତ୍ତାର କର୍ତ୍ତବ୍ୟ । ପ୍ରତ୍ୟେକ ପାର୍ଟି କର୍ମୀର କର୍ତ୍ତବ୍ୟ । ଏଇ ନାକର ପର୍ବତକୁ କେତେଶ କେତେଶ କରି କାଟି ପୃଥିବୀକୁ ସମତଳ କରିଦେବାଇ ଆଜି ଆମର କର୍ତ୍ତବ୍ୟ । ପୃଥିବୀରୁ ଏଇ ନାକ ଆଉ ଦେହର ଗର୍ବକୁ ଧ୍ୱଂସ କରିବାଇ ଆମର ସ୍ଲୋଗାନ୍ । ଏଇ ନାକ ଆଉ ଦେହର ଗର୍ବକୁ ଧ୍ୱଂସ କରିବା ପାଇଁ ଆଜିର ଏଇ ବିପ୍ଳବର ସୃଷ୍ଟି । କାଟ ! କାଟିଦିଅ ସେଇ ନାକଦଣ୍ଡାକୁ । କାଟ ସେଇ ନାକର ବଡ଼ ବଡ଼ ପୋଲକୁ । କାଟ ଉଚା ଉଚା ଦୋମହଲା, ତିନିମହଲା, ଚଉମହଲା ଆଉ ନଭଶ୍ଚୁମ୍ବୀ ସେଇ କୋଠାଘରଗୁଡ଼ାକୁ । କାଟ । କାଟିଦିଅ ସେଇ ଲମ୍ବା ଲମ୍ବା ହାତ ଆଉ ଗୋଡ଼ର ରେଳଲାଇନ୍‌ଗୁଡ଼ାକୁ । ଫୁଟାଇ ଦିଅ ସେଇ ଆଖିକୁ—ସଂସାରରୁ ସବୁ ରଙ୍ଗ ଛଡ଼େଇ ନେଇ ଏକ ରଙ୍ଗରେ ଦେଖ ସଂସାରକୁ । ଏ ସଂସାର

Digitized by srujanika@gmail.com

ଏକରଙ୍ଗୀ । ଦ୍ୱିରଙ୍ଗୀ ନୁହେଁ କମ୍ରେଡ୍ ...।"

ତାରି ପରଠାରୁ ସେଇ ସ୍ତ୍ରୀ ଲୋକଟାର ସବୁ କିଛି କଥା ଅବୋଧ ରହିଗଲା ଜର୍ଜ ପାଖରେ । ସେ କେବଳ ସ୍ତମ୍ଭୀଭୂତ ହୋଇ ଅନାଇ ରହିଥାଏ । ତା ପାଇଁ ଆଉ ଚିନ୍ତା କରିବାର କିଛି ନ ଥାଏ । ଏଣିକି ତା ପାଇଁ ଅନ୍ୟମାନେ ଚିନ୍ତା କରିବାକୁ ଆରମ୍ଭ କରି ନେଇଥାନ୍ତି । ତା ପାଇଁ ପାର୍ଟି ପ୍ରୋଗ୍ରାମ ସବୁ ଅବୋଧ ଗାର ଆକାରରେ ଟାଣି ହୋଇ-ଯାଇଥାଏ—ଜନ୍ମଠାରୁ ମରିବା ପର୍ଯ୍ୟନ୍ତ । ଆଉ ସେ ମରିବା—କି ଅଦ୍ଭୁତ ମରିବା ସେ ।

ଜର୍ଜର ଦନ୍ତ ଶୀତେଇ ଉଠୁଥାଏ ।

କିନ୍ତୁ ସେ ମୂକ ହୋଇ ବସିରହିଥାଏ ।

ତାର ଛାତି, ପେଟ ଆଉ ମୁଣ୍ଡ—ତିନୋଟି ଖୋପ ଜେଲ'କୁ ଯେମିତି ହଠାତ୍ ଫାଙ୍କା କରିଦେଇ ଅଦୃଶ୍ୟ ହୋଇଯାଉଥାଏ ସେଇ ମୁଗୁନିପଥରର ମୂର୍ତ୍ତିଟା । କବାଟ ଆଢୁଆଳରେ ଆଖର ସେ ଅଦୃଶ୍ୟ ହୋଇଗଲା ମଧ୍ୟ ।

ଏହାପରେ ତାର ଚତୁର୍ଦ୍ଦିଗରେ ସେଇ ଚାରୋଟି ଚୂନଧଉଳା କାନ୍ଥ ଆଉ ମୁଣ୍ଡ ଉପରେ ଗୋଟିଏ ଶୂନ୍ୟସ୍ଥାନ ଛଡ଼ା ଆଉ କୌଣସି ବସ୍ତୁ ଦୃଶ୍ୟ ବା ବୋଧଗମ୍ୟ ହେଉନଥାଏ ତାର ।

ଏହିପରି ରାତି ପରେ ରାତି, ଦିନ ପରେ ଦିନ ମିସ୍ ଆଡ଼ାମସ୍ ଆସନ୍ତି ଆଉ ଯାଆନ୍ତି । ସେ ଚାଲିଯିବା ପର୍ଯ୍ୟନ୍ତ କୌଣସି ପ୍ରକାରେ ଜର୍ଜ ଧୈର୍ଯ୍ୟ ଧରି ବସିରହେ, ତା ପରେ ଆରମ୍ଭ ହୁଏ ଗୋଟାଏ ମର୍ମାନ୍ତକ ଯାଣ୍ଡଚକଟ । ସେତେବେଳେ ନାନା କଥା ଆସି ଢୁକିବାକୁ ଆରମ୍ଭ କରେ ତା ମୁଣ୍ଡରେ । ପ୍ରଥମରୁ ସେ ବୁଝିପାରେନାହିଁ ଯେ କାହିଁକି ତାକୁ ଧରିଆଣି ସେ ଗେଡ଼ା ଲୋକଟା ତାକୁ ବନ୍ଦୀ କରିଛି ଏଠି ? ଆଉ ଏ ମାଇକିନାଟା ବା କାହିଁକି ଲାଗିଚି ଏତେ ତା ପିଛା ? କାହିଁକି ଶୁଆଭଳି ପଢ଼ାଉଚି ତାକୁ ? କି ବିପ୍ଳବ ? କି ଯୁଦ୍ଧ ? ପୁଣି ଏଥିରେ ଏତେ ପେଞ୍ଚପାଞ୍ଚ ବା କଅଣ ?

କିନ୍ତୁ ସବୁକଥା ଧୀରେ ଧୀରେ ତାର ବୋଧଗମ୍ୟ ହୁଏ । ସେ ବୁଝିପାରେ ଅନେକଟା । ପାର୍ଟି ଜିନିଷଟି କଅଣ ଆଉ ସେ ପାର୍ଟି କଅଣ ଆଶାକରେ ତାଠୁଁ, ସେ ବିଷୟରେ ଟିକେଟିକେ ଧାରଣା ହୁଏ ତାର । କିନ୍ତୁ ସେ ବୁଝି ପାରେନା ଗୋଟିଏ କଥା—ସେଇଟି ହେଉଚି ଏ ବିପ୍ଳବ ନାଆଁରେ ଏମିତି ଚୋରାଲୁଚା କାମ ସବୁ କାହିଁକି ଚାଲେ ? ଯଦି ବିପ୍ଳବ କରିବାର କଥା, ତେବେ ବଡ଼ ରାସ୍ତା ଉପରେ ଚାଲନ୍ତୁ ଗୋଟାଏ ଗୋଟାଏ ବଡ଼ ପଟୁଆର । ସେ ପଟୁଆର ରଡ଼ିକରୁ, ରବାଦିକରୁ, ସ୍ଲୋଗାନ୍ ଦଉ ! ଯିଏ ତାର ପ୍ରତିରୋଧ କରୁଚି ତା ଆଗକୁ ଆସୁ ! ଷାର ପରି ଦୁଇ ପକ୍ଷ ଲଢ଼ନ୍ତୁ । ଶେଷକୁ ଯିଏ ଜିତୁଚି ସେ ନଉ ଏ ପୃଥିବୀକୁ, ଆଉ ରଜା ହଉ । ଏମିତି ଛକପଞ୍ଝା, ଲୁଚାଚୋରା କଥା ଚାଲେ କାହିଁକି ଏ ଦୁନିଆରେ ? ଏହି ସମୟରେ ତାର ମନେପଡ଼େ ସେଇ ଲୋକଟାର କଥା, ଯାହାକୁ ମାରିବାର ଭାର ତା ଉପରେ ଲଦି ଦିଆ ହୋଇଥାଏ । ଆଉ ସେ ପୁଣି କୁଆଡ଼େ ତା ବାପ ! ବ୍ରହ୍ମରାକ୍ଷସ ସେ !

Digitized by srujanika@gmail.com

କାହିଁକି କେଜାଣି ହେବ ବଢ଼େଇ ଉଠେ ଜର୍ଜର । ତାର ମନହୁଏ ଧଡ଼ା ଝଣ୍ଡେ ଧରି ଦଉଡ଼ି ଯାଇ ଏକା ପାହାରକେ ଲୋକଟାର ମୁଣ୍ଡକୁ ଚୁନା କରିଦିଅନ୍ତା । ସେ । ଲୋକଟା ଏକ ବଦମାସ୍ ନିଷ୍ଟସ୍ବ । ନଚେତ୍ ସେ ଏତେଦୂର ନିର୍ଦ୍ଦୟ ହୁଅନ୍ତା ନାହିଁ ଗୋଟାଏ କଅଁଳା ପିଲା ପ୍ରତି ।

କିନ୍ତୁ କିଛି ଦିନ ପରେ ସେ ବୁଝିପାରେ । ଯୋଉ ଲୋକଟିକୁ ତାର ବାପ ବୋଲି ଆଖ୍ୟା ଦିଆଯାଇ ତାକୁ ମାରିବାକୁ ଶିକ୍ଷା ଦିଆଯାଉଥାଏ, ସେ ଲୋକଟି ପ୍ରକୃତରେ ସେ ଗୋଟିଏ ଲୋକ ନୁହେଁ କି ସେ ବି ପ୍ରକୃତରେ ତାର ବାପ ନୁହେଁ, ଲୋକ ବୋଲି ଯାହାକୁ କୁହାଯାଏ ସେ ଯେ ବେଶ୍ ବୁଝୁଥିବା ତାଙ୍କୁ ଦେଖି ସେ ଭାବେ ପ୍ରକୃତରେ ଗୋଟିଏ ଶ୍ରେଣୀର ଲୋକ, ଆଉ ବାପ ବୋଲି ଯାହାକୁ କୁହାଯାଏ, ସେ ଯେ ପ୍ରକୃତରେ ସେଇ ଶ୍ରେଣୀର ଲୋକ ଯେଉଁମାନଙ୍କର ପ୍ରକୃତରେ ତେଲଘଡ଼ିକୁ ଆଶା ଆଉ ପୁଅ ମୁଣ୍ଡକୁ ଆଶା ରହିଥାଏ । ଫଳରେ ନା ତେଲଘଡ଼ି, ନା ପୁଅ ମୁଣ୍ଡ, କୋଉ ଆଡ଼କୁ ହେଇପାରନ୍ତି ନାହିଁ ଏମାନେ । ଏହାଦ୍ୱାରା କଅଣ ହୁଏ ? ଏହାଦ୍ୱାରା ଯୋଉ ଟ୍ରାଜେଡି ହୁଏ, ସେଥିରେ ତେଲ ଘଡ଼ି ଭାଙ୍ଗେ ଆଉ ପୁଅ ମୁଣ୍ଡ ବି ଯାଇ ପଡ଼େ ନଳା ପାଣିରେ । ଆଉ ଏଇ ବିଫଳପାଡ଼ିଆ ଭଳି ଲୋକଗୁଡ଼ିକ ହୁଅନ୍ତି ପୁଣି ଶାନ୍ତିପ୍ରେମୀ । ଶାନ୍ତି ବଜାୟ ନ ରହିଲେ ପୁଣି ସ୍ୱାଙ୍କର ଅବସ୍ଥା ଅସମ୍ଭାଳ । ଏଇ ମଟିମଝିକିଆ, ଦୋନାଗୁଡ଼ିଆ ଲୋକଙ୍କ ବା ମଧ୍ୟବିତ୍ତ ଲୋକଙ୍କୁ ମାରିବା ଘର ତା ଉପରେ ଦିଆହେଇଚି ବୋଲି ଧୀରେ ଧୀରେ ତାର ଜ୍ଞାନ ହୁଏ ।

ମିସ୍ ଆଡ଼ାମସ୍ ପ୍ରତିଦିନ ସକାଳେ ଆସନ୍ତି ଆଉ ଦୁଇ ତିନି ଘଣ୍ଟା କାଳ ଏଇ ଭଳି ଗପି ଗପି ବୁଝେଇ ବୁଝେଇ ଯାଆନ୍ତି । ତେବେ, ଏ ସବୁ ସତ୍ତ୍ୱେ ଜର୍ଜର ଗୋଟିଏ ସନ୍ଦେହ ରହିଯାଇଥାଏ । ସେ ତଥାପି ବୁଝିପାରେନା—କାଳେ ତାର ମନକଥା ସେଣେ ଆଉ କିଏ ଜାଣି ପାରୁଚି କି ନାହିଁ ବୋଲି ।

ମିସ୍ ଆଡ଼ାମସ୍ ଆଉ ଯୋଉ ଦିନ ତାକୁ କହିଦେଇଗଲେ ଯେ ସେ ଯାହା କରୁଛି ଓ ଯାହା ଭାବୁଛି, ତାହା ସେହି ନେଳୀ କାଗଜ ଉପରେ ତେଣେ ଯନ୍ତ୍ରଦ୍ୱାରା ଅନ୍ୟ ଘରେ ଲେଖିହେଇଯାଉଚି—ଏ କଥା ସତ କି ମିଛ ଏପର୍ଯ୍ୟନ୍ତ ବାରିପାରିନି ନାହିଁ ସେ । ତେଣୁ ବେଳେ ବେଳେ ବଡ଼ ଅସୁବିଧାରେ ପଡ଼ିଯାଏ ସେ । କୌଣସି କଥା ଭାବିବାକୁ ମନ ଚାହୁଁଥାଏ ଅଥଚ ସେ କଥା ଭାବିବାକୁ ପାପ ମନେକଲାଭଳି ଜଭ କାମୁଡ଼ି ସେ ମନକୁ ଫସଟ କରୁଥାଏ । ବେଳେବେଳେ ସେ ଖୁବ୍ ବ୍ୟସ୍ତ ହେଇପଡ଼େ । ତାର ମନେହୁଏ ନିଜକୁ ନିଜେ ଥୋଡ଼ାଏ ଗାଳିଦେବା ପାଇଁ, ଆଉ ଶୋଧିକରି କହିବାକୁ ଯେ—"ରେ ମୂର୍ଖ ମନ ! ତୋର କଅଣ ଏତିକି ଶକ୍ତି ନାହିଁ । ପର ଆଖିରୁ ନିଜକୁ ଲୁଚେଇ ଟିକିଏ ଗୁପ୍ତରେ ରହି ଆରାମ କରିବାକୁ ତୋର କ୍ଷମତା ନାହିଁ ? ତୋର ସବୁ ଖୋଲା ? ସବୁ ଲଙ୍ଗଳା ? ତୋର ଅନ୍ତ-ବୁକୁଲା ପର୍ଯ୍ୟନ୍ତ ସେମାନେ ଦେଖି ନଉଚନ୍ତି, ଆଉ ନେଉଥିବେ ମଧ୍ୟ । ଅଥଚ ତୁ ଏତେ ଟିକେ ବୋଲି କିଛି ଦେଖିପାରୁନୁ କଅଣ ଅଛି ସେଇ କାନ୍ଥଟା ଆରପାଖେ ! କଅଣ ଅଛି ହେଇ ସେଇ ଆକାଶର ସବୁ ଶେଷ ମୁଣ୍ଡରେ । ଏମିତି କି କଅଣ ଅଛି ତୋ ନିଜ ଭିତରେ—ଦେଖି ପାରୁନୁ ଏତିକି ? ତୁ ଏତେ ଦୁର୍ବଳ ଆଉ ତାଙ୍କମାନଙ୍କ ଆଖି ଏତେ

Digitized by srujanika@gmail.com

ଶକ୍ତିମାନ୍ ! ତତେ ଲଜ ଲାଗୁନାହିଁ ? ତୁ ବଣଭୁଆ ହେଇ ଓଧ ସାଙ୍ଗେ ସାଙ୍ଗ ବାଇ ହବାକୁ ମନ ବଳଉଚୁ ?"

ହଠାତ୍ ଜର୍କର ମନରେ ଡର ଉଦୟ ହୁଏ—କାଳେ ସେମାନେ ସବୁ ଜାଣିପାରୁଥିବେ ତା ମନକଥା । ବିକଳ ହେଇ ପ୍ରଥମେ ମନଟାକୁ ଲୁଚେଇ ପକେଇବା ପାଇଁ ସେ ବସେ । କିନ୍ତୁ ମନଟା ଲୁଚୁଚି ବା କାହିଁ ? ସେ ଯେ ହନ୍ତ୍ରଣେଇ ଫୁଟି ବାହାରିପଡ଼େ ।

ଏଇ ମନକୁ ଅନ୍ୟ ମାନଙ୍କଠୁଁ ଲୁଚେଇ ଟିକିଏ ସ୍ୱାଧୀନ ଭାବରେ ଚିନ୍ତା କରିବାକୁ ଥରେ ଗୋଟାଏ ଉପାୟ ପାଇଥିଲା ଜର୍କ ।

ଜର୍କ ଯୋଉ ବଖରାରେ ରହୁଥାଏ, ସେଇ ବଖରାକୁ ଲଗି ତାର ପାଇଖାନା ଓ ଗାଧୁଆ ଘର । ଗାଧୁଆ ଘରେ ଉପରୁ ପାଣି ଫୁଆର୍ କରି ଗାଧୋଇବାର ବ୍ୟବସ୍ଥା; କିନ୍ତୁ ଏତେ ସୁବିଧା ସତ୍ତ୍ୱେ ସେ ଘରଟା ଧୀରେ ଧୀରେ ଗୋଟାଏ ଜେଲଖାନାରେ ପରିଣତ ହେଇଥାଏ ତା ପାଇଁ । ବାହାରକୁ ଚାଲି ଯିବାର ସୁବିଧା ନଥାଏ । ତା ଛଡ଼ା କିଛି ବିଷୟରେ ଚିନ୍ତା କରିବା ମଧ୍ୟ ବିପଜ୍ଜନକ ବୋଲି ତାର ଧାରଣା । କାରଣ ତାର ସେଇ ଚିନ୍ତାକୁ ସେ ଅନ୍ୟ କାହାକୁ ଜଣେଇଦବା ପାଇ ଚାହୁଁନଥାଏ । ସେଗୁଡ଼ିକ ତାର ନିଜସ୍ୱ ଚିନ୍ତା । ମାତ୍ର ସେଇ ନିଜସ୍ୱ ଚିନ୍ତା ନ କରିବାକୁ ହି ମିସ୍ ଆଡ଼ାମସ୍ ଦେଇଥାନ୍ତି ଉପଦେଶ ।

ଗାଧୁଆ ଘରର ଗୋଟାଏ ବାଲଟିଟାକୁ ଦେଖି ସେଦିନ ତାର କଅଣ ମନହେଲା କେଜାଣି ଧାଇଁ ଯାଇ ବାଲଟିରୁ ସବୁତକ ପାଣି ତୁଛେଇ ପକେଇ, ସେଇ ଖାଲି ବାଲଟିଟାକୁ ଜର୍କ ତା ନିଜ ମୁଣ୍ଡ ଉପରେ ଉବୁଡ଼େଇ ପକାଇଲା ହଠାତ୍ ।

ସେଇ ବାଲଟି ଭିତରେ ଥରେ ମୁଣ୍ଡଟିକୁ ପୂରେଇ ଦେଲାମାତ୍ରେ କାହିଁକି କେଜାଣି ତାକୁ ମିଳିଲା ଟୁକ୍ ଆଶ୍ୱସ୍ତି— ସତେ ଯେମିତି ବାଲଟିଟି ଭିତରେ ମୁଣ୍ଡଟିକୁ ପୂରେଇ ଦେଲାମାତ୍ରେଇ ଫେରିଆସିଲା ତାର ନିରାପତ୍ତା । ମୁଣ୍ଡ ଆଉ ଠକି ପାରୁନଥିଲା ତାକୁ । କାରଣ ମୁଣ୍ଡ ଭିତରୁ ଯୋଉ ଭାବନାର ଢେଉସବୁ ବାହାରି କାନ୍ଥ ଆର ପାଖକୁ ପଳେଇ ଯାଉଚି ବୋଲି ସେ ଭାବୁଥିଲା, ସେଗୁଡ଼ିକ ସବୁ ବାଲଟି ଯୋଗୁଁ ଅଟକିଗଲେ ବୋଲି ମନେ ହେଲା ତାର ।

ଏଣିକି ଗୋଟାଏ ଚମତ୍କାର ଉପାୟ ପାଇଗଲା ବୋଲି ତାର ଧାରଣା ହେଲା ସେଇ ଅନୁଭୂତିରୁ । ତେଣୁ ଆଜିକାଲି କୌଣସି ଗୁପ୍ତକଥା ଚିନ୍ତା କରିବାକୁ ଯିବା ପୂର୍ବରୁ ସେ ବାଲ୍‌ଟିଟାକୁଇ ଓବୁଡ଼େଇ ପକଉଥିଲା ତା ମୁଣ୍ଡ ଉପରେ । ଓ, ସେଇ ଉପାୟରେ ସେ ମିସ୍ ଆଡ଼ାମସ୍‌ଙ୍କୁ ପରୀକ୍ଷା କରି ଜାଣି ପାରିଥିଲା ଯେ ଗୁପ୍ତକଥା ଚିନ୍ତା କରିବା ପେଇଁ ଗୋଟିଏ ସୁନ୍ଦର ଉପାୟ ଥିଲା—ତାର ହାତପାହାନ୍ତାରେ ।

ରାତି ପୁଣି ଆସେ । ପୁଣି ମୁଣ୍ଡ ଉପରେ ଜଳଉଠେ ସେଇ ବିରକ୍ତିକର ବିଜୁଳି ଆଲୁଅ । ଜର୍କ ଆଲୁଅ ଆଡୁ ମୁହଁ ବୁଲେଇନେଇ ଚାହେଁ ଅନ୍ଧାର ଆଡ଼େ । ରାତିର ଘନ ବାଇଗଣି

Digitized by srujanika@gmail.com

ରଙ୍ଗ ଭିତରେ ଗୋଟାଏ ଦଳଟା ତାରା ମିଟିମିଟି କରୁଥାନ୍ତି । ସେମାନଙ୍କ ଭିତରୁ ହୁଏତ ଗୋଟିଏ ତାରା ହୁଇଟ ମଣିଷମାନ୍ତ ତାରା, ଆଉ ଦ୍ୱିତୀୟଟି କଡ଼ଘୋଡ଼ା ତାରା । ଅନ୍ୟ-ଗୁଡ଼ିକ ମେଘତଳେ ଲୁଚିଥାନ୍ତି । ସେମାନେ ହୁଏତ ଆଉ ଟିକିଏ ବାହାରି ଆସିବେ ।

ଏଇ ତାରାଗୁଡ଼ାକ ଆଜିକାଲି ଖୁବ୍ ବିସ୍ମିତ କରନ୍ତି ତାକୁ । ଆଗରୁ ସେ ବୁଝିଥିଲା ସେମାନଙ୍କୁ । ବହୁତ ଦୂରରେ, କାହିଁ କେତେ ଦୂରରେ, ସାତ ଶଗଡ଼ ଜୋଇଲ୍ୟାଷ୍ଟା ନ ପାଇବା ଭଳି ଦୂରରେ ରହି ଆଖିଗୁଡ଼ିଏ ମିଟିମିଟି କରୁଥାନ୍ତି—ତଳକୁ ଚାହିଁ । ସତେ କି ତଳେ ନରକରେ ପଡ଼ି ସାଲୁବାଲୁରୁ ହେଉଥିବା ମଣିଷଗୁଡ଼ାଙ୍କୁ ସେମାନେ ଆଖିମିଟିକା ମାରୁଥାନ୍ତି ସେ ଉପରୁ । ଖୁବ୍ ପୁଣ୍ୟବାନ ଲୋକ କି ନା । ଉପରକୁ ଉଠିଚନ୍ତି ଯେତେବେଳେ .. !

ପିଲାଦିନର କଥା ମନେପଡ଼େ । ଏ ତାରାଗୁଡ଼ିକ କୁଆଡ଼େ ସାଧୁ ସନ୍ନ୍ୟାସୀଙ୍କ ଆଖି ।—ବୁଢ଼ା କହୁଥିଲା ପିଲାଦିନେ । ଏଥି ଭିତରୁ ଗୋଟିଏ ଆଖି ନଜର ମିଆଁ ର ତ ନିଶ୍ଚୟ । ପାହାନ୍ତିଆ ତାରା ହୋଇ ତାର ସେ ଆଖିଟା ଖୁବ୍ ଝକମକ କରେ—ପୂର୍ବ ଆକାଶରେ ।

କିନ୍ତୁ ସତେ କ'ଣ ଏ ତାରାଗୁଡ଼ିକ କାହାର ଆଖି ନୁହଁନ୍ତି ? ଏ ଗୁଡ଼ିକ ଗୋଟିଏ ଗୋଟିଏ ସୂର୍ଯ୍ୟ । ପ୍ରତ୍ୟେକର ଦେହରେ ଜଳୁଚି ଗୋଟିଏ ଗୋଟିଏ ଅଗ୍ନିକୁଣ୍ଡ । ଏତେ ଦୂରରେ ଅଛନ୍ତି ଯେ ଆଖି ପାଉନାହିଁ, ତେଣୁ ଖୁବ୍ ଅଣ୍ଡା ଆଉ ଜୁଳୁଜୁଳିଆ ପୋକଟିଏ ଭଳି ଗ୍ରେଟ ଆଉ ନିରୀହ ଦେଖାଯାନ୍ତି ସେମାନେ —ଏଠୁ ! ତଳୁ ! ସୂର୍ଯ୍ୟଟାଏ ପୁଣି ଏତେ ନିର୍ଜୀବ ଆଉ ନିରୀହ ଦେଖାଯାଇପାରେ ? ଯେତେ ଦୂରରେ ଥିଲେ ବି ତ ସୂର୍ଯ୍ୟ ସୂର୍ଯ୍ୟ, ଆଉ ଜୁଳୁଜୁଳିଆ ପୋକ ତ ଜୁଳୁଜୁଳିଆ ପୋକ । ତେଣୁ ତାରାଟାଏ ସୂର୍ଯ୍ୟ ହେଲା କପରି ? ମିସ୍ ଆଡ଼ାମସ୍ଙ୍କର ଉଦ୍ଦେଶ୍ୟ କ'ଣ ? ଏପରି ଗୋଟାଏ ସାଧୁ ସନ୍ନ୍ୟାସୀଙ୍କ ଆଖିକୁ ବଦନାମ କରି, ତାଙ୍କୁ କେତେବେଳେ ସୂର୍ଯ୍ୟ ଆଉ କେତେବେଳେ ବା ଜୁଳୁଜୁଳିଆ ପୋକ କରି କହିବାରେ ଲାଭ କଅଣ ଅଛି ତାଙ୍କର ?

ହଠାତ୍ ଏଇ ପ୍ରକାର ସନ୍ଦେହ ଆସି କେବେ କେବେ ତା ମନରେ ଥାନ ପାଇଲେ ସେ ସତର୍କ ହୋଇଯାଏ । ତାର ମନେହୁଏ, ସତେ ଯେମିତି କି ଏସବୁ ତାକୁ ଜୁଳୁଜୁଳୁ କରି କୋଉଠୁ ଅନେଇଚନ୍ତି ଆଉ ତା ମନକଥା ଟିପି ନଉଚନ୍ତି । ସେତିକିବେଳେ ତାର ଇଚ୍ଛା ହୁଏ ଦଉଡ଼ିଯାଇ ଗାଧୁଆଘରର ସେଇ ବଡ଼ ବାଲ୍‌ଟିଟା ଭିତରେ ମୁଣ୍ଡଟାକୁ ପୁରେଇ ଦେଇ ତାର ଏଇ ଅଖାଡ଼ୁଆ ଚିନ୍ତାଗୁଡ଼ାକୁ ଲୁଚେଇ ପକାଇବାକୁ ।

ତେବେ ପୁଣି ଆର ମୁହୂର୍ତ୍ତରେ ସେ ହସିଉଠେ । ନିଜ ଉପରେ ବିରକ୍ତ ହୋଇ ନିଜକୁ ଅଟା କଲାଭଳି ସେ କହେ—"ଲାଜମାଡ଼ୁନାହିଁ ! ତୁ ମଣିଷ ନା କଅଣ ମ ? ବାଲ୍‌ଟିଟା ଭିତରେ ଲୁଚିପଡ଼ିବାକୁ ଦଉଡ଼ିଚୁ ! ଆରେ ! ଯେ କାଛ ଭିତର ଫୁଟେଇ ଚାହୁଁଚି ଅଭି ମୁଣ୍ଡର ଖପୁରି ଭିତର ଦେଇ ଯାହାର ଦୃଷ୍ଟି ପଶିଯାଇପାରେ ସେ ଏଇ ସାମାନ୍ୟ ବାଲ୍‌ଟିର ଲୁହାକୁ ଭେଦ କରିପାରିବ ନାହିଁ ? ସେସବୁ କିଛି ଭେଦ କରିପାରେ । ତା ଆଖିରୁ ତୁମେ କେଉଁକଥା ଲୁଚେଇପାରିବ ?

Digitized by srujanika@gmail.com

ଏଣିକି ଜର୍ଜ ଆଉ ଗାଧୁଆଘରର ଭିତରୁ ବାଲ୍‌ଟି ଖୋଜେ ନାହିଁ । ହଠାତ୍ କେମିତି ଗୋଟାଏ ବେପରୁଆ ହୋଇ ସେ ଚାହେଁ ଆକାଶକୁ—ଏଇ ଘର ଗୁଡ଼ାକରେ । ମୁଣ୍ଡ ପଛପଟେ, ଶୂନ୍ୟସ୍ଥାନରୁ ଲଟକିଥିବା ଶକ୍ତିଶାଳୀ ବିଜୁଳିବତିଟି ଖୁବ୍ ଉଜ୍ଜଳ ହୋଇ ଜଳୁଥାଏ । ବାହାରେ କିନ୍ତୁ ଅନ୍ଧାର ବଢ଼ିଉଠୁଥାଏ ।

ଘନେ ଘନେ ଏଇଭଳି ଘରରେ ଝିଙ୍କା ବାଟଦେଇ ଆକାଶକୁ ଅନାଉଁ ଥିଲାବେଳେ ଗୋଟାଏ ମସ୍ତବଡ଼ ପ୍ରଜାପତି ଅନ୍ଧାରୁଆ ଉଠିଆସି ଠୋ କରି ପିଟି ହୋଇଯାଏ ତା କପାଳ ଉପରେ । ତା'ପରେ ଆପଣା ଠୋକର ଆପେ ସମ୍ଭାଳି ନପାରି ବିଚରା ପ୍ରଜାପତିଟି ଗୁଳ୍ କରି ଗଳିପଡ଼େ ଜର୍ଜର କୋଳ ଉପରେ । ଜର୍ଜ ତାର ଡେଣା ଦଇଟାକୁ ଧରି ଆଲୁଅକୁ ନେଇ ତାକୁ ପରୀକ୍ଷା କରେ ଓ ଆଶ୍ଚର୍ଯ୍ୟ ହୁଏ—ଯାହାର ଏଡ଼େ ଟିକିଏ ଡେଣାରେ ଏତେ ବାଗରେ କମକୁଟ କରି, ଏତେ ରଙ୍ଗର ମୁରୁଜ ପକେଇ ନକ୍ସି ନକ୍ସି ସ୍ଥାକୁ କିଏ ସଜାଇ ଦେଇଥାଏ, ଏତେ ଟିକେ ବୁଦ୍ଧି କେମିତି ସେ ଛୁଆଇ ନଦେଇଥାଏ ଏଇ ନବୁଦ୍ଧିଆ ପ୍ରଜାପତିଟାର ମୁଣ୍ଡରେ ? ଜର୍ଜ ହସିଦିଏ ଆଉ ମନକୁମନ କହେ—ଦେଖୁଚୁ ଆଗରେ ମଣିଷଟା ଠିଆହୋଇଚ, ଅଥଚ ଠୋକରି ପିଟିହୋଇ ଯାଇ ଆଖିପିଛୁଡ଼ାକ ଭିତରେ ଚଳପଡ଼ୁଚୁ ରୁ ମୂର୍ଖ ! ମୁଁ ଏବେ ତତେ ନେଇ କରେ କଅଣରେ ?

ପ୍ରଜାପତିକୁ ନେଇ ଜର୍ଜ ପୁଣି ବାହାରେ ଅନ୍ଧାର ଭିତରକୁ ଫୋପାଡ଼ି ଦିଏ; କିନ୍ତୁ ଆଖି ପିଛୁଡ଼ାକ ମଧ୍ୟରେ ସେ ପୁଣି ଉଡ଼ିଆସେ ସେଇ ଆଲୁଅ ଆଡ଼କୁ । ଯାହାହେଉ ଏଥର ସେ ଠୋକର ଖାଏ ନାହିଁ ଆଉ ଜର୍ଜ ଦେହରେ ବା ଅନ୍ୟ କୋଉଠି । ସିଧାସଳଖ ସେ ଉଡ଼ିଯାଏ ସେଇ ତାତିଲ ବଲବ୍‌ଟା ଆଡ଼କୁ । ତାପରେ ସେ ଚକ୍‌କର ମାରେ ସେଇ ଆଲୁଅଟାର ଚାରିପଟେ ।

ଜର୍ଜ ଆଉ ସେଆଡ଼କୁ ଦୃଷ୍ଟି ଦିଏନାହିଁ । ପଛକୁ ବୁଲି ସେ ପୁଣି ଅନ୍ଧାରଆଡ଼କୁ ଅନାଏ । ଏଥର ମେଘଭିତରୁ ଆହୁରି ଅନେକ ନୂଆ ନୂଆ ତାରା ମୁହଁ କାଢ଼ିଥାନ୍ତି । ସେମାନଙ୍କୁ ଚାହିଁ ଜର୍ଜ ମୁଣ୍ଡ ଟୁଙ୍ଗାରେ ଆଉ ସେମାନଙ୍କୁ ଉଦ୍ଦେଶ୍ୟ କରି କହେ—ମନେ ମନେ—

"ମୁଁ ଠିକ୍ ଜାଣେ ! ତୁମେ ସବୁ ଜଣେ ଜଣେ ମହା ଓସ୍ତାଦ୍ ଲୋକ ! ବଞ୍ଚିଥିଲାବେଳେ ଦିନଯାକ ଘୁରି ରାତିଯାକ ଶୋଉଥିଲ ଆଉ ଏଇଲେ, ମଲା ପରେ ଦିନଯାକ ଶୋଇ ଘୁରୁଁଚ ରାତିଯାକ ! କିଏ ଭଲ—ଦିନ ନା ରାତି ? କହିଲ ଭଲା ମତେ ?"

ସତେକି କୌଣସି ସଠିକ ଜବାବ ସେ ପାଏ ସେମାନଙ୍କଠୁଁ । ସେମିତି ମୁରୁକେଇ ମୁରୁକେଇ ହସେ ଆଉ ପୁଣି କଥାବାର୍ତ୍ତା ଆରମ୍ଭ କରିଦିଏ ତାପରେ ।

"ଶୁଣୁଚ ? ତମମାନଙ୍କ ନାଁରେ ଏଠି ତଳେ ଖୁବ୍ ବଦନାମ ହଉଚ । ଏଠି ପଂଖାଏ ତୁମକୁ କମ୍ପୁତକମାକାର ଭାବୁଚନ୍ତି । କିଏ କହୁଚ—ତୁମେ ସବୁ ଗୋଟିଏ ଗୋଟିଏ ସୂର୍ଯ୍ୟ ତ ଆଉ କିଏ କହୁଚ ତୁମେ ହଉଚ ଗୋଟିଏ ଗୋଟିଏ ଠକ । ପ୍ରକୃତ ସୂର୍ଯ୍ୟର ଆଲୁଅକୁ ଦିନରେ ଚୋରିକରି ତୁମେ ତାକୁ ରାତିରେ ଛାଡ଼ୁଛ ଆମଆଡ଼କୁ । ଆମେ ଭାବୁଚୁ, ସେ ଆଲୁଅ ତମର ନିଜର ଆଲୁଅ ବୋଲି ! ଆଚ୍ଛା, ମନେକର ସେ ଆଲୁଅ ତୁମର ଓ ତମ

Digitized by srujanika@gmail.com

ହୃଦୟରେ ଅଗ୍ନିକୁଣ୍ଡ ସବୁ ଜଳୁଚ । ତମେ ସବୁ ଗୋଟିଏ ଗୋଟିଏ ମହାସୂର୍ଯ୍ୟ—କିନ୍ତୁ ବାବୁମାନେ ! ମତେ ଟିକିଏ କହିଲ ଦେଖି—ତମମାନଙ୍କ ହୃଦୟରେ ଯେ ଯୋଉ ନିଆଁ ଜଳୁଛି, ତାକୁ ସର୍ବପ୍ରଥମେ କିଏ ଧରାଇଲା ମାଣ ଲଗେଇଦେଲା ତମଠେଇଁ ? କିଏ ତମକୁ ଜାଳେଇ ଦେଲା ? ତମକୁ ବାଧୁନାହିଁ ? ଆପଣା ନିଆଁରେ ଆପେ ଜଳି ପୁଣି ଆଖିମିଟିକା ମାଣ ଅନାଉଚ ଆମକୁ ! ଆଚ୍ଛା ଆଉ ଗୋଟିଏ କଥା । ଜଳିସାରିଲାପରେ ତମେ ସବୁ କଣ କରିବ ହେନେ ? ଏଠି ତ ଜୀବନସାରା ଜଳିଜଳି ମଲ; ଆଉ ସେଠି ଯାଇ ତାସ୍ ହେଲ । ପୁଣି ସେଠି ବି ଜଳୁଚ ? ତୁମେ ଯୁଆଡ଼େ ଯାଉଚ ସେଠି ତୁମ ହୃଦୟରେ ନିଆଁ ଟେଙ୍କି ଦଉଚନ୍ତି ? ତମେ ସାଧୁ ସନ୍ନ୍ୟାସୀ ସବୁ ଗୋଟିଏ ଗୋଟିଏ ପାଜି । ତମକୁ ଠିକ୍ ହେଇଚ ! ମର—ଏବେ ପୋଡ଼ି ମରୁଥାଅ ସେଠି ସେମିତ ସମସ୍ତେ !"

ଠକ୍, ଠକ୍, ଠକ୍...

କିଛି ସମୟ ପାଇଁ ଜର୍ଜ ଆଦୌ ବୁଝିପାରିଲା ନାହିଁ ସେ ଆବାଜଟା କୁଆଡ଼ୁ ଆସୁଥିଲା ବୋଲି । ତାର ମନେହେଉଥିଲା, ସତେ ଯେପରି ଖୁବ୍ ଦୂରରୁ, ସେଇ ତାରାମାନଙ୍କ ରାଜ୍ୟରୁ, କିଛି ଗୋଟାଏ ଶବ୍ଦ ଶୁଣାଯାଉଥାଏ ।

ଠକ୍, ଠକ୍, ଠକ୍......

ଏଥର ଶବ୍ଦର ପ୍ରଖରତା ଭାଙ୍ଗିଦେଲା ଜର୍ଜର ଧ୍ୟାନ । ସେ ସତର୍କ ହେଲା ଓ କବାଟ ଆଡ଼କୁ ଚାହିଁଲା । ତା ପରେ ସେ କାନ୍ଥ ଘଣ୍ଟାକୁ ଚାହିଁଲା । ରାତି ସାଢ଼େ ଆଠଟା । ଖାଇବା ସମୟ ।

କବାଟ ଖୋଲିଲା । ସେ ଭାବିଥିଲା ବବୁର୍ଚି ତା ପାଇଁ ଖାନା ନେଇଆସି କବାଟ ପାଖରେ ଅପେକ୍ଷା କରିଚ ବୋଲି; କିନ୍ତୁ ତା ନୁହେଁ । ବିସ୍ମିତ ହୋଇ ଦେଖିଲା ସେ—କବାଟ ପାଖରେ ତା ପାଇଁ ଯେ ଅପେକ୍ଷା କରିଥିଲା ସେ ଆଉ କେହି ନୁହେଁ—ସେ ହଉଚ ଖୋଦ୍ କମ୍ରେଡ୍ ଆନନ୍ଦଭଟ୍ଟି—ପାର୍ଟିର ଏକ ଗୁରୁତ୍ୱପୂର୍ଣ୍ଣ ଶାଖାର ମ୍ୟାନେଜର ସେ ବର୍ତ୍ତମାନ ।

ଏଠାକୁ ଆସିବାର କେତେଦିନ ପରେ ଯେ ଆଜି ସେ ଲୋକ ପୁଣି ମୁହଁ ଦେଖାଉଚ ! ପୁଣି ଆସିଛି ସେ ! କିନ୍ତୁ କାହିଁକି ?

ଜର୍ଜ ଟିକିଏ ଶଙ୍କିଗଲା ଆଉ ଅଭିବାଦନପୂର୍ବକ ପଛେଇ ଆସିଲା । ଗେଡ଼ା ଲୋକଟି ଗୋଟିଏ ଧୂର୍ତ୍ତ କୋକଣିଆଳୀ ଭଳି କବାଟ ଫାଙ୍କ ଭିତର ଦେଇ ଖସିଆସିଲା ଘର ଭିତରକୁ । ତା ପଛେ ପଛେ ବନ୍ଦ ହେଇଗଲା କବାଟ ।

"ଗୁଡ୍ ଇଭିନିଂ କମ୍ରେଡ୍ ଜର୍ଜ !"

ଲୋକଟାର କଣ୍ଠସ୍ୱରକୁ ଯେପରି ଚିହ୍ନି ପାରୁନଥିଲା ସେ । ଆଶ୍ଚର୍ଯ୍ୟ ହୋଇ ଜର୍ଜ ଚାହିଁଲା ଲୋକଟାର ମୁହଁକୁ । କାହିଁକି କେଜାଣି ତା ହୃଦୟରେ ବାଜିଗଲା ଗୋଟାଏ କାଳୁଆ ପବନ ।

ଏଇ ସେ ଲୋକ ? ଜର୍ଜ ପଚାରିଲା ନିଜକୁ—ଯେ ତାକୁ ନର୍ଦ୍ଦମାରୁ ଟାଣି ଆଣିଥିବା

Digitized by srujanika@gmail.com

ଅବସ୍ଥାରେ ଧରିଆଣିଥିଲା ? କେତେ କଅଣ ବଡ଼ ବଡ଼ କଥା କହିଥିଲା ? ସାରା ପୃଥିବୀଟାକୁ ଓଲଟେଇ ପକେଇବ ବୋଲି କହିଥିଲା । ପୃଥିବୀର ଗୋଟାଏ ପ୍ରତିମୂର୍ତ୍ତି ଆଣି ତା ହାତରେ ଗୁଞ୍ଜିଦେଇ ସେ ପ୍ରତିଜ୍ଞା କରିଥିଲା ଆଉ କହିଥିଲା ଯେ ଏଇ ଅଭାଗିନୀ ପେଇଁ ମା, ବାପ ଆଉ ସ୍ୱାମୀ ଯୋଗାଇଦେବ ସେ । ପୃଥିବୀ ବି ସେମିତି ଗୋଟାଏ ବୋକା ଝିଅଭଳି, ଅନାଥ ଆଶ୍ରମର ଝିଅଟିଏ ଭଳି ତା ହାତମୁଠାରେ ମୁଣ୍ଡପୋତି ଠିଆହୋଇ ରହିଥିଲା । କିନ୍ତୁ ପୁଣି ଏ କ'ଣ ହେଲା ? ଏତେ ଦିନ ଧରି ତାକୁ ଆଉ ସେଇ ବସ୍ତ୍ରୀ ପୃଥିବୀର ପ୍ରତିମୂର୍ତ୍ତି ସମେତ ସେ ଦହିଙ୍କୁ ଗୋଟିଏ କୋଠରୀ ଭିତରେ ବନ୍ଦ କରିଦେଇ ଏ ଲୋକ ଯାଇଥିଲା କୁଆଡ଼େ ଆଜିଯାକେ ? ଆଉ ଆଜି କାହିଁକି ସେ ଏଠି ଆସି ଦେଖାଉଛି ମୁହଁ ?

ଚମକି ପଡ଼ିଲା ଜର୍ଜ । ତାର ଇଚ୍ଛା ହଉଥିଲା ଦଉଡ଼ିଯାଇ ଗାଧୁଆଘରୁ ବାଲଟିଟା ଆଣି ତା ନିଜ ମୁଣ୍ଡ ଉପରେ ଉବୁଡ଼େଇ ପକେଇବାକୁ । କିନ୍ତୁ ତାର ଭୟ ହେଲା । ଜିଭ କାମୁଡ଼ି ପକେଇଲା ସେ । ଆରେ—ଲୋକଟା ଆଉ ଜାଣିନେଲା ନାହିଁ ତ ତା ମନକଥା ?

ଲୋକଟି କିନ୍ତୁ ଜର୍ଜର ମନକଥାକୁ କିଛି ମାତ୍ର ନବୁଝିଲା ଭଳି ମୁହଁକରି, ଜର୍ଜର ସାମନା ଚଉକିରେ ବସିପଡ଼ି ଏକଡ଼ ସେକଡ଼କୁ ଚାହୁଁଥିଲା—ଗୋଟାଏ ଚଗଲା ମାଙ୍କଡ଼ ଭଳି ।

ଜର୍ଜ ଦେଖିଲା—ଲୋକଟି ତା ମନକଥା ଧରିପାରୁ ନାହିଁ ଆଦୌ—କିନ୍ତୁ କାହିଁକି ? ମିସ୍ ଆଡ଼ାମସ୍ ପରା କହିଥିଲେ ଏ ଲୋକମାନେ ଯାଦୁଶାସ୍ତ୍ର ବା ସେଇଭଳି କିଛି ଗୋଟାଏ ବୈଜ୍ଞାନିକ ଶାସ୍ତ୍ର ପଢ଼ିଚନ୍ତି ବୋଲି । ଯାଙ୍କ ପାଖରେ ଥିବା ନେଲୀ କାଗଜରେ ପରା ସବୁକିଛି ଭାବନା ଗାର ଆକାରରେ ଲେଖିହୋଇଯାଏ ! କିନ୍ତୁ ଏ ଲୋକଟା କାହିଁକି କିଛି ବୁଝି-ପାରୁନାହିଁ ତ ?

କୁଆଡ଼େ ବୋଧହୁଏ ଭୁଲିଗଲଣି ଜଟଗା ତାର ସେ ପ୍ରତିଜ୍ଞା ! ମନେ ମନେ ଜର୍ଜ ପୁଣି ଶୋଧିବାକୁ ଆରମ୍ଭକଲା ସେ ଲୋକକୁ । ଏଇଗୁଡ଼ାକ କୁଆଡ଼େ ବିପ୍ଳବୀ ! ପୁଣି ଲକ୍ଷେ ହାରାର ମାଲିକ କୁଆଡ଼େ ଏଇ ଦଲାଲ୍ ! ଏଇମାନଙ୍କ ହାତରେ କୁଆଡ଼େ ପୃଥିବୀର ଭାଗ୍ୟଡ଼ୋର ! ଆଉ ଏଇମାନେ ପ୍ରତିଷ୍ଠା କରିବେ ସାରା ପୃଥିବୀରେ ସର୍ବହରାର ସାମ୍ରାଜ୍ୟ । ସବୁ ଲୋକଙ୍କୁ ସମାନ କରିବେ କୁଆଡ଼େ ଏଇମାନେ ! ମଲି ନାହିଁ ! ଆହା, ତମେ କିଏ, ଆଉ ଏ ପୃଥିବୀ କିଏ ?

ମୁହଁ ବୁଲେଇନେଲା ବିରକ୍ତିରେ ଜର୍ଜ । ସେଇ ସେଣ୍ଟୁଆର୍ଟିଆଣ୍ଟା ଆଡ଼କୁ ବେଶି ସମୟ ଧରି ଚାହିଁବାକୁ ଇଚ୍ଛା ହେଲା ନାହିଁ ତାର ।

ଏଥରକ ପାଳି ପଡ଼ିଲା ଲୋକଟିର । ସେ ଭଲକରି ବୁଝିପାରୁଥିଲା ଅବଶ୍ୟ ଜର୍ଜର ମୁହଁରୁ ତା ମନର ଅବସ୍ଥା । ସେ ଯେ ବିରକ୍ତ ହଉଚି ଆଉ ତାକୁ ଅବିଶ୍ୱାସ କରୁଚି, ଏ କଥା ସେ ବୁଝିପାରୁଥିଲା ଭଲକରି । କାରଣ ସେ ଦେଖିଚି, ତା ଜୀବନରେ ଯେତେ କମ୍ରେଡ୍‌ଙ୍କୁ ସେ ଭେଟିଚି, ପ୍ରତ୍ୟେକ କମ୍ରେଡ୍‌ର ମୁହଁରେ ସେଇ ଦୁଇଟି ଗାରର ଛକକୁ ସେ ଦେଖିଚି ଭଲକରି । ସେଇ ଛକର ଗୋଟାଏ ଗାର ଘୃଣା ଓ ଅନ୍ୟଟି ଅବିଶ୍ୱାସ । ଏ ଗାର ଦୁଇଟିର ଗଭୀରତା ଯେତିକି ଯେତିକି ବଢ଼ୁଥାଏ, କମ୍ରେଡ଼ର ମନ ସେ ସେତିକି ସେତିକି ପୋଖତ

Digitized by srujanika@gmail.com

ହୋଇଥାଏ—ଏ ଧ୍ରୁବ ସତ୍ୟକୁ ଲୋକଟି ବେଶ୍ ଅନୁଭବ କରିଥାଏ ।

ହଠାତ୍ ମନକଥା ପଢ଼ିଲାଭଳି ଜର୍ଜର ମୁହଁକୁ ଚାହିଁ କହିଲା ସେ—

"ମୁଁ ଜାଣେ—ତମର ସବୁଠିକ ଘର ଆସି ଠିକ ହେଲାଣି ଗୋଟାଏ କେଗାରେ କମ୍ରେଡ୍ ! ମିସ୍ ଆଡ଼ାମସ୍ ଜଣେ ମହାପ୍ରସୀ ମହିଳା ଆଉ ପ୍ରତିଭାବାନ୍ ଶିକ୍ଷୟିତ୍ରୀ ନିଶ୍ଚୟ । ଏତେ ଅଳ୍ପ ଦିନ ଭିତରେ ସେ ତାଲିମ କରିଦେଇପାରିଲେ ତେବେ !

ଜର୍ଜର ଗ୍ରୀବ ଭିତରେ ଝଣଝଣ କରି ଗୁଡ଼ାଏ କୁଚେଇ ହୋଇ ପଡ଼ିଲା ମେରୁକରେ । ଚମକି ଉଠି ସେ ଅନାଇଲା ସିଧାସଳଖ ଆର ଲୋକଟିର ଆଖିକୁ । ସେତେବେଳକୁ ଅପର୍ଯ୍ୟାପ୍ତ ରକ୍ତ ଆସି ଠୁଳ ହୋଇଥିଲା ତାର ନିଜ ମୁହଁରେ ଆଉ ଆଖିରେ । ଭୟ ଆଉ ଉଦବେଗ୍ନତା ମଧ୍ୟରେ ଚରିହୋଇ ତାର ମୁହଁ ଗୋଟାଏ ଆତତାୟୀର ରୂପ ଧାରଣ କରିଥାଏ —କିନ୍ତୁ ନିଜ ଚେହେରା ବିଷୟରେ ସେପର୍ଯ୍ୟନ୍ତ ଆଦୌ କିଛୁ ଧାରଣା ନଥିଲା ଜର୍ଜର ।

ଗେଡ଼ା ଲୋକଟି ତାର ମସ୍ତି ଭିତରେ ବେଶ୍ ଶଙ୍କିଯାଇଥିବ ନିଶ୍ଚୟ ଟୋକାଟାର ସେଇ ଚେହେରାକୁ ଦେଖି; କିନ୍ତୁ ଉପରକୁ ସେ ଗୋଟାଏ ମହାବଳ ବାଘ ଭଳି ଗର୍ଜିଉଠିଲା ।ସେ ଗର୍ଜନଟା ଆଉ କିଛି ଭାବର ସୂଚକ ନ ଥିଲା । ସେଇଟା ଥିଲା ଏକ ଗଭୀର ଆତ୍ମତୃପ୍ତି ଓ ପ୍ରତିହିଂସାର ହସ ।

ଲୋକଟା ଆକାରରେ ସେତେ ଗ୍ରେଟ ହେଲେ ବି ତାର ସେଇ ବିକଟାଳ ହସଟା ଜର୍ଜକୁ ପରାସ୍ତ କରିଦିଏ । ଥୋଡ଼ାଏ ରକ୍ତ ଦେଇ ମୁହୂର୍ତ୍ତିରେ ଝସିଗଲା ତା ମୁହଁରୁ । ଆଖିଟା ଅନେକ ସଫା ହୋଇଗଲା ବି । ତାର ପାଟି ମେଲାହୋଇ ଆଁ ଟାଏ ହୋଇଗଲା ମଧ୍ୟ । ତଥାପି ସେଇ ଅଦ୍ଭୁତ ଅବସ୍ଥାରେ ଭାବୁଥିଲା ସେ—

"ଏ ଲୋକ କିଏ ? କଅଣ ଚାହେଁ ଏ ? କାହାର ପ୍ରତିହିଂସା ନଉଚି ଏ ? ମୋର ? କି କ୍ଷତି କରିଚି ମୁଁ ଏହାର ? କିମ୍ବା ଏଭଳି ଅତ୍ୟାଚାର ଏଇ ଲକ୍ଷପତିମାନଙ୍କର ଗୋଟିଏ ଗୋଟିଏ ସ୍ୱପ୍ନ ।

ତେବେ ଲୋକଟି ପୁଣି ପଢ଼ିନେଲା ଜର୍ଜର ମନକଥା ସମ୍ଭବତଃ । ହଠାତ୍ ସେ ଅଭିନୟ କଲାଭଳି ତାର ସେହି ହସକୁ ବନ୍ଦକରି କଟମଟ କରି ଚାହିଁଲା ଓ କହିଲା—"କମ୍ରେଡ୍ ! ତେମେ ପଚାରୁଚ—କାହାର ପ୍ରତିହିଂସା ମୁଁ କରେ ? ନାହିଁ ?" ତାପରେ ପୁଣି ଗୋଟାଏ ଦମ୍ ହସରେ ଲୋକଟି ଫାଟିପଡ଼ିଲା, ଆଉ ବେଦମ ହୋଇ ସେ କହିଲା—

"ସେଇ କଥା କହିବା ପାଇଁ ଆଜି ଆସିଚି ମୁଁ ଏଠିକି । ତମେ ଜାଣ ନା, ଏଥିଭିତରେ କଅଣ ସବୁ ବଦଳିଗଲାଣି ତୁମ ଚାରିପାଖେ । ତୁମ ଛୁଏଁ ତୁମେ ଶୋଇଚ ଏଇ ନରମ ଗଦି ଉପରେ । ତୁମେ ଜାଣିଚ କମ୍ରେଡ୍ ?"

ଏଥର ଲୋକଟି ଜର୍ଜର ଦୃଷ୍ଟି ଅକର୍ଷଣ କଲା ଖତ୍ରଭାବରେ । ବୋକାଙ୍କ ଭଳି ଜର୍ଜ ଅନେଇଲା ପୁଣି ସେଇ ପେଚାଆଖି ବାଇଟାକୁ । ଜବରଦସ୍ତ କରି ସେ ତା ନିଜ ମନକୁ ସଯତ କରୁଥିଲା, ଯେପରି କିଛି ନ ଭାବେ ସେ ସେଇ ଲୋକଟା ବିଷୟରେ । ଲୋକଟା ମନ ପଢ଼ିପାରୁଛି ସେ !

Digitized by srujanika@gmail.com

କିନ୍ତୁ ଲୋକଟିର ମୁହଁରୁ ଗୋଟାଏ ଅସମ୍ଭବ ତେଜ ବାହାରୁଥାଏ ସେତେବେଳକୁ । ନିଜ ସ୍ୱରର ଉତ୍ତେଜନାକୁ ଯଥେଷ୍ଟ ସୃଷ୍ଟିଧର ଖବରଟି ଦେଲା ସେ—"ତୁମେ ଜାଣିଚ କମ୍ରେଡ୍—ଆମ ପାର୍ଟି ଫାଟିଗଲା ! ଜାଣିଚ ?"

"ଫାଟିଗଲା ? ପାର୍ଟି ଫାଟିଗଲା ? ସେ କି କଥା ? ପାର୍ଟି ଫାଟିଗଲା ? ସର୍ବହରାର ପାର୍ଟି ଫାଟିଗଲା ?" ଜର୍ଜର ମନକଥା ରହିଗଲା ମନରେ । କିନ୍ତୁ ଲୋକଟିକୁ କିଛୁ ଅଛପା ରହିଲା ନାହିଁ ତୋକାଟାର ମନକଥା । ଗୋଟାଏ ଆଖି ପିଛଡ଼ା ମଧ୍ୟରେ ସେ ବୁଝିନେଲା ଘୃଣା ଆଉ ଅବିଶ୍ୱାସ କେତେ ଦୂର ଗଭୀର ହୋଇଯାଉଥିଲା ସେହି ଟିପ୍‌ଟିପିକା ବଦନ୍ତ ଚିହ୍ନରେ ଚିହ୍ନିତ ଗୋଟାଏ ସର୍ବହରାର ମୁହଁ ଉପରେ ।

"ହଁ, ହଁ, ଫାଟିଗଲା । ଫଟେଇଦେଲି ମୁଁ । ସେଇ ଜାନୁଆରର କବଳରୁ ମୁଁ ମୋ ପାର୍ଟି ଶାଖାକୁ ଛଡ଼େଇ ଆଣିଲି । ଲୋକଟା ଏଡ଼େ ବଜ୍ଜାତ୍, ବଦମାସ ଆଉ ପାଜି ବୋଲି ଧାରଣା ନଥିଲା ମୋର । ସେଇ ବର୍ବର, ଦଗାବାଜ୍, ପାଜି, ଗ୍ରେର, ସଇତାନ୍‌ଟାକୁ ଭଗବାନ ବୋଲି ଆମେ ପୂଜା କରୁଥିଲୁ ସିନା—କିନ୍ତୁ ମୁଁ ଜାଣିଥିଲି ଦିନେ ନା ଦିନେ ସେ ଗଣ୍ଡଗୋଳ କରିବ । ସେଇଟା ଗୋଟାଏ ବଲ୍‌କୁଲ ହାରାମଜାଦା । ଲୋକଟାଏ ।"

ଲୋକଟାର କଣ୍ଠସ୍ୱର ଧୀରେ ଧୀରେ ତେଜି ଉଠୁଥାଏ । ଘୃଣା ଆଉ ପ୍ରତିହିଂସାର ଗୋଟାକ ପରେ ଗୋଟାଏ ଜିଭ ବାହାରିଆସୁଥାଏ ଯେତେ କି ତା' ତୁଣ୍ଡରୁ ।

କିନ୍ତୁ ଏଣେ ହଠାତ୍ ଫାଶୀଖୁଣ୍ଟରୁ ଖସିପଡ଼ୁଥିଲା ଭଳି ଜର୍ଜ ଛଟପଟ ହେବାକୁ ଆରମ୍ଭ କରିଦେଇଥାଏ; କିନ୍ତୁ ସେଗୁଆଖିଆ ଲୋକଟି ଆଗରୁ ଫାଶଟିଏ ଲଗେଇ ଦେଇଥାଏ ତା ବେକରେ । ବର୍ତ୍ତମାନ ଫାଶୀମଞ୍ଚାଟିକୁ ସେ ଖସେଇଦେଲା ଗୋଟିଏ ଗୋଇଠାରେ, ବିଚରା ଆସାମୀର ପାଦତଳୁ । ଆଉ ସେଇ ଗୋଟିଏ ଗୋଇଠାରେ ସାଙ୍ଗେ ସାଙ୍ଗେ ଜର୍ଜ ଟାଙ୍ଗି ହେଇଗଲା ଶୂନ୍ୟରେ ।

"ପାର୍ଟି ଚପ୍ ଉଡ଼ିଗଲା ! ଗୋଟିଏ ମୁହୂର୍ତ୍ତି ପୂର୍ବେ ଯେ ବିଶ୍ୱର ଭାଗ୍ୟବିଧାତା ହେଇ ବସିଥିଲା ସେ ଉଡ଼ିଗଲା ? ତାର ସେ ବିଶ୍ୱରୂପ ଉଡ଼ିଗଲା ମାତ୍ର ଗୋଟିଏ ଫୁତ୍କାରରେ ? ସେ ବର୍ତ୍ତମାନ ପାଜି, ଦୁଆଗ୍ରେର, ଠକ, ହାରାମଜାଦା, ସଇତାନ୍, ଦଗାବାଜ୍..."

ଏହି କଥା ହେଜୁ ହେଜୁ ଜର୍ଜର ଦେହ ଶୀତେଇଉଠିଲା । କେତେ ଦିନ ତଳର କଥା ମନେପଡ଼ିଗଲା ତାର । ହଠାତ୍ ତାର ଚତୁର୍ଦ୍ଦିଗରୁ ସେଇ ଏକଗୋଡ଼ିଆ ଭୈରବ-ମାନେ ବେଢ଼ିଆସୁଥିଲେ ତାକୁ । ହୁଏତ ତା'ର ଭିତରେ କୋଉଠି ବର୍ତ୍ତମାନ ରହିଯାଇଛି ବ ସେଇ ପାର୍ଟି ଚଫ୍‌ଟି ବିଚରା ! ଭାବୁଥିଲା ସେ...

କାବାକାଠ ହେଇ ଜର୍ଜ ଗୁହିଁଥାଏ କେବଳ । ସେ କିଛୁ ବୁଝିପାରୁ ନଥାଏ । ତାର ମନେହେଉଥିଲା, ତା ମୁଣ୍ଡ ଉପରେ ଥିବା ସେଇ ଶୂନ୍ୟସ୍ଥିତ ତଳର ମରୁ କିନଷର ନଥିଲା କିଛୁ ଗଡଗୋଳ । ସମସ୍ତେ ସେଠି ବାଘ୍ୱାଙ୍କ ଭଳି ଏଣେତେଣେ ଧାଁ-ଧପଡ଼ କରୁଥିଲେ ଓ ଭୂଆଁ ବୁଲୁଥିଲେ କେବଳ ।

ଏଥିଭିତରେ ଲୋକଟାର ସ୍ୱର ଚଢ଼ିଉଠିଲା ବେଶ୍ ଓ ତାର କଣ୍ଠର ଅଭିଯୋଗ

Digitized by srujanika@gmail.com

ହେଉଥିଲା ଆତୁର ଛବି । ଗୋଟିଏ ସାମାନ୍ୟ କୋଙ୍କଣିଆଲୀ ଭଳି ସେ ଆଉ ଦେଖାଯାଉ ନ ଥିଲା ଜର୍ଜର ଆଖିକୁ । ଲୋକଟା କହିଚାଲିଥିଲା ସେତିକବେଳୁ—"ସେ ପାଜିକୁ ଆମେ ଆଜିଯାଏ ଚିହ୍ନି ନ ଥିଲୁ କମ୍ରେଡ୍ ! ଆମେ ସବୁ ଭୋଳ ହେଉଥିଲୁ, ସ୍ୱପ୍ନ ଦେଖୁଥିଲୁ, ଆକାଶରେ ଆମର ଦୁର୍ଗ ସବୁ କରୁଥିଲୁ; ଆମେ ଭାବୁଥିଲୁ ପୃଥିବୀକୁ ସ୍ୱର୍ଗ ବନେଇଦବୁ । ଆମେ ଆଗାମୀ ଯୁଗର ମଣିଷକୁ ଦେବତା ବନେଇଦବୁ । ଭାବୁଥିଲୁ ସ୍ୱାପ ଗ୍ୱେର ଉପରଟାଏ ହୋ ! ଗତ ସପ୍ତାହରେ ପାର୍ଟି ବୈଠକରେ ସବୁ ସ୍ପଷ୍ଟ ହେଇଗଲା । ମୁଁ ଜାଣେ, ସେ ଲୋକ ମହାନ୍ ଠକ ଏକ । ସେ କେବଳ ଉକେଇ ବସିଲା—ଯୁଦ୍ଧ ଆରମ୍ଭ ହେବାଯାକେ । ବର୍ତ୍ତମାନ ଯେମିତି ଯୁଦ୍ଧ ହାଉଆ ପୃଥିବୀ ସାରା ବୋହିବାକୁ ଆରମ୍ଭକଲା—ଆଫ୍ରିକା ଜଙ୍ଗଲରେ କମାଣ ସବୁ ଫୁଟିବାକୁ ଆରମ୍ଭ କରିଦେଲା ଓ ଚରୁଦିଗରୁ ଯୁଦ୍ଧ ଘନେଇ ଆସିଲା, ସେଇଠୁ ସେ ଆରମ୍ଭ କରିଦେଲା ତାର ଗୁଲ୍‌ବାଜି । ଶାଳା ଠକ ! ବଦ୍‌ମାସ୍ । ମୁଁ ପରା ତାକୁ ଜାଣେ । ତାର ବାପ ମା'ର ଠିକଣା ନାହିଁ । ତାର ଗଡଗୋତ୍ର ଠିକ୍ ନାହିଁ ।"

କାବା ହେଇ ଚାହିଁଥାଏ ଜର୍ଜ । ତା'ର ଆଗରେ ଗୋଟିଏ ଭୁତ ଭଗବାନର ନାକ କାନ କାଟି, ତାକୁ ବେଇଜ୍ଜତ୍ କରି ଆଉ ଗୋଟିଏ ଭଗବାନ ବସୁଥାଏ ସେଇ ଆସନରେ । ଗୋଟିଏ ଭଗବାନର ମାଆ, ଭଉଣୀ, ଜୋରୁ, ବେଟୀକୁ ବିଚ୍ ବଜାରରେ ଆଣି ଲଙ୍ଗଳା କରି ବୁଲେଇବାରେ ଆର ଭଗବାନର କିଛି ଆପତ୍ତି ନ ଥାଏ । ଅଥଚ ଦୁହେଁଯାକ ଗୋଟିଏ ଗୋଟିଏ ଈଶ୍ୱର ! ଅନାଥିନୀ ପୃଥିବୀର ନାଥ ହେବାପାଇଁ ଲଗେଇଛନ୍ତି ଦୁହେଁ-ଯାକ ଧରାପରା ।

ଏତିକବେଳେ ପୁଣି ଜର୍ଜର ମନେପଡ଼ିଗଲା ସେ କଥାଟା । ପୁଣି ଜିଭ କାମୁଡ଼ି ପକେଇଲା ସେ । ମନହେଲା ତାର ଗାଧୁଆଘରକୁ ଦଉଡ଼ି ଯାଇ ସେ ପଶିଯାନ୍ତା ଗୋଟାଏ ବାଲ୍‌ଟି ଭିତରେ ।

କିନ୍ତୁ ଜର୍ଜର ମନକଥା ଧରିବାକୁ ବେଳ ନ ଥିଲା ସେ ଗେଡ଼ା ଲୋକଟିର ଅଙ୍କ । ସେ ବୁଝେଇ ଚାଲିଥାଏ ତାର ମହାତ୍ମ୍ୟ—ଜର୍ଜ ଆଗରେ । କହୁଥାଏ ସେ···

"ତୁମେ ତ ଜାଣ ଆମ ପାର୍ଟିର ପଲିସି । ମିସ୍ ଅ.ଡ୍ରାମସ୍ ନିଶ୍ଚୟ କହିଥିବେ ସେ କଥା ତୁମକୁ । ଆମର ପାର୍ଟିର ପଲିସି ହେଲା ଯୁଦ୍ଧ ।"

"ଯୁଦ୍ଧ ?" ଖୁବ୍ କ୍ଷୀଣକଣ୍ଠରେ କିଛି ନ ଜାଣିଲା ପରି ପଚାରିଲା ଜର୍ଜ ।

"ହଁ, ଯୁଦ୍ଧ ! କିନ୍ତୁ ଏ ଯୁଦ୍ଧ ଲୋକକ୍ଷୟ ପାଇଁ ନୁହେଁ କମ୍ରେଡ୍ ! ଲୋକମଙ୍ଗଳ ହେଲା ଏହାର ଲକ୍ଷ୍ୟ । ଆମେ ଜାଣୁଚୁ ଏ ପୃଥିବୀରେ ତିନୋଟି ପକ୍ଷ ଅଛନ୍ତି ବର୍ତ୍ତମାନ । ସେଥିଭିତରୁ ଦୁଇଟି ପକ୍ଷ ଅଛନ୍ତି ଯେଉଁମାନେ କି ଯୁଦ୍ଧ ପାଇଁ ଅଣେଇ ବସିଛନ୍ତି । ଆଉ ଗୋଟିଏ ପକ୍ଷରେ କେତେ ଦଲାଲ୍ ବା ମୁନାଫାଖୋର୍ ଅଛନ୍ତି ଯେ ଉକ୍ତ ଦୁଇ ପକ୍ଷରୁ ମୁନାଫା ଉଠେଉଛନ୍ତି; ଅଥଚ ଦୁଇ ପକ୍ଷ ମଝିରେ ଠିଆହେଇ ସେମାନେ ଯୁଦ୍ଧକୁ ବନ୍ଦ

Digitized by srujanika@gmail.com

କରୁଚନ୍ତି । ସେମାନେ ଯେ ଏଇ ସାରା ପୃଥିବୀଟି ପ୍ରତି ଦସ୍ତାପତ୍ର ନେଇ ଏ ଯୁଦ୍ଧ ବନ୍ଦ କରୁଛନ୍ତି, ତା ନୁହେଁ ! ଯୁଦ୍ଧ ବନ୍ଦ କରିବାର ଅସଲ ମତଲବ ସ୍ୱାଙ୍କର ହେଲା—ଆପଣାର ସ୍ୱାର୍ଥ ! କାରଣ ଯଦି ଯୁଦ୍ଧ ଲାଗିଗଲା ଓ ଗୋଟାଏ ପକ୍ଷ ସେ ଯୁଦ୍ଧରେ ଦୁର୍ବଳ ହେଇଗଲା ବା ଚଳଚଳାନ୍ତ ହେଇଗଲା, ତା ହେଲେ ସ୍ୱାଙ୍କର ଖୋରାକ ପୁଣି ଉଠିବ କେମିତି ? ସେ ଯୁଦ୍ଧରେ ଜୟୀ ହବ, ଯୁଦ୍ଧ ପରେ ସେ ଏ କଳଲପାତିଆ ଭଲଲୋକଙ୍କୁ ବା ପରୁଶିବ କାହିଁକି ? କିନ୍ତୁ ଚତୁର୍ଥ ମଣ୍ଡଳି ହେଲା ଆମର । ଆମେ ଚାହୁଁ ଏ ପୃଥିବୀରେ ଅତିଶୀଘ୍ର ଗୋଟାଏ ଯୁଦ୍ଧ ହେଇଯାଉ । ଖାଲି ସେତିକି ନୁହେଁ, ଆମେ ଚାହୁଁ ଏ ଯୁଦ୍ଧ ଏତେଦିନ ଧରି ହେଉ ବା ଏଭଳି ସାଙ୍ଘାତିକ ଭାବେ ହେଉ, ଯେପରି ସେଇ କଳଲପାତିଆ ଭଲଲୋକଙ୍କ ସାଙ୍ଗେ କାନ୍ଦକରୁଥିବା ଅନ୍ୟ ଦୁଇ ମଣ୍ଡଳି ବି ନିପାତ ହେଇଯାନ୍ତୁ । ଯଦି ବା ନିପାତ୍ନ ନ ହେବେ ତଥାପି ସ୍ୱାଙ୍କର କଲିଜାକୁ ଯୁଦ୍ଧ ଖାଇଯାଉ । ତା ପରେ, ଠିକ୍ ସେଇ ମଉକାରେ ଆମ ପକ୍ଷ ଯିଏ କି ଯୁଦ୍ଧରେ ଯୋଗ ନ ଦେଇ ଆପଣାର ଶକ୍ତି ସଞ୍ଚୟ କରି ଚୁପ୍‌ହେଇ ବସି ଖେଳ ଦେଖୁଥିବ, ସେତେବେଳେ ପାଳି ପଡ଼ିବ ତା'ର । ଅକ୍ଲେଶରେ, ଆଉ ଗୋଟିଏ ଛୋଟିଆ ଯୁଦ୍ଧରେ ଆମ ଦଳ, ସେଇ ତିନି ପୋକଖିଆ କଲିଜାବାଲା ପକ୍ଷଙ୍କୁ ନିଶ୍ଚିହ୍ନ କରିଦେଇ ବସିବ ସର୍ବେସର୍ବା ହେଇ । ଏଇ ଲକ୍ଷ୍ୟକୁ ଆଗରେ ରଖି ଆମର କମ୍ୟୁନିଷ୍ଟ୍ ପାର୍ଟିର ଫଉଜ ଆଜି ସାରା ପୃଥିବୀରେ ଜାଗତିଆର କମ୍ରେଡ଼୍ । ଆଉ ଠିକ୍ ଏତିକି-ବେଳେ ଦେଖ ତ ସେ, ନୁଆଁଗ୍ଲେର, ଠକ, ପାଜି, ହାରାମଜାଦା କରିଦେଲା କଅଣ ! ଆରେ ବାବୁ ! ମୁଁ ପ୍ରଥମରୁ କହୁଚି, ଏ ଖଣିମାଲିକ, ଏ କ୍ୟାପିଟାଲିଷ୍ଟ, ଏ ଧନକୁବେର ଲୋକ ସର୍ବହରାମାନଙ୍କ କଥା ବୁଝିପାରିବେ ନାହିଁ କମ୍ରେଡ୍‌କାଳେ । ବୁଝିବେ ଯେମାନେ ? ଯାହାର ଅପ୍ରିକା ହିରାଖଣିରୁ ବାହାରୁଥିବା ମୁଣ୍ଡା ମୁଣ୍ଡା ହିରା ପାଇଁ ଆଜି କୋଉ ଆମେରିକାର ତେଲଖଣିମାଲିକ ବୁଢ଼ାର ଷୋଳବର୍ଷର ସ୍ତ୍ରୀ ଅର୍ଡ଼ର ଫର୍ମାସୀ କରି ସ୍ୱାମୀର ଛାତିର ପାଚିଲାରୁମକୁ ଚରଚର ପାଚିଲା ରୁମଠୁ ଅଲଗା କରୁ କରୁ ଘୁମେଇ ପଡ଼ୁଥିବା ବୁଢ଼ାଟାର ଅଣ୍ଟା ଦବ୍ରି ପକାଏ– ଖଣ୍ଡିଏ ହଜାରେ ଡଲାର୍‌ର ଚେକ୍ ପାଇଁ । ଆହେ ! ସେ ଲୋକ କାହୁଁ ବୁଝିବ ଆମର ଦାବୀ ? ଆମେ ଯେ ସର୍ବହରା !"

ଲୋକଟି ଗୋଟାଏ ଦମ୍ ନିଏ । ତା' ପରେ କଅଣ ଭାବି ସେ ଝରକା ପାଖକୁ ଉଠିଯାଏ । ଝରକାଟାକୁ ଆଉଜେଇ ଆଣି ସେ ପୁଣି ଆସି ବସେ ତା ଜେଗାରେ—ଜର୍ଜର ସାମନାସାମନି ହେଇ ।

ତା ପରେ ସେ ପୁଣି ବଖାଣ କରେ ତାର ପାର୍ଟିର ନୀତି କଥା । ଅଧାକପାଳି ଉପରର ଗୋଟାଏ ଶିରା ହଠାତ୍ ଫୁଲିଉଠି ବଥେଇବାକୁ ଆରମ୍ଭ କରି ଦେଇଥାଏ ଜର୍ଜ ମୁଣ୍ଡରେ । ସେ କଡ଼ ଲେଉଟାଏ । ହଠାତ୍ ଉପରକୁ ଚାହିଁ ସେ ଦେଖେ ଯେ ସନ୍ଧ୍ୟାବେଳର ସେଇ ମୂର୍ଖ ପ୍ରଜାପତିଟା ସେମିତି ଚକ୍କର 'ଖାଇ ବୁଲୁଥାଏ ଜଳନ୍ତା ଆଲୁଅର ଚାରିପାଖେ । ମଝିରେ ମଝିରେ ସାହସ କରି ସେ ବଲ୍‌ବ୍ ଆଡ଼କୁ ମାଡ଼ିଯାଉଥାଏ । କିନ୍ତୁ ତାର ପକ୍ଷୀରେ ବା ପାଦରେ ଟିକିଏ ଟିକିଏ ଚେଙ୍କା ଲାଗିଗଲା ଭଳି ସେ ଚମକି ପଡ଼ୁଥାଏ ଓ ଆଲୁଅଠୁଁ

Digitized by srujanika@gmail.com

ଦୂରକୁ ଉଡ଼ିଯିବାକୁ ଚେଷ୍ଟା କରୁଥାଏ; କିନ୍ତୁ ବିଚରା ବାଟ ପାଉ ନ ଥାଏ । ପୁଣି ଫେରିଆସି ଘୂରୁପାକ ମାରୁଥାଏ—ସେଇ ଜଳକା କଲଭଲି ଆଲୁଅଟାର ଚାରିପାଖେ ସେଇ ମୂର୍ଖ ପ୍ରଜାପତିଟା ।

ଲୋକଟି ଗପିଚାଲିଥାଏ—"ଏ ପାର୍ଟି ହେଉଛି ସର୍ବହରାର ପାର୍ଟି । ଯାହାଙ୍କର ଜମି ନାହିଁ, ଜମା ନାହିଁ, ଘର ନାହିଁ, ଦ୍ୱାର ନାହିଁ, ଏପରି କି ସେମାନେ ଜାଣନ୍ତିନାହିଁ ତାଙ୍କର ମା' କିଏ ଆଉ ବାପା କିଏ । ଅଥଚ ଏଇ ପୃଥିବୀରେ ନିଶ୍ଚୟ କୋଉଠି ଅଛନ୍ତି ତାଙ୍କର ବାପ ମା' । ଏଇ ଲୋକଙ୍କର ସ୍ୱାର୍ଥରକ୍ଷା ପାଇଁ ସୃଷ୍ଟି ହୋଇଚି ଏଇ କମ୍ୟୁନିଷ୍ଟ ପାର୍ଟି । ଏ ପାର୍ଟି କୋଉ ଗୋଲବର୍ଣ୍ଣର ତରୁଣୀର ଅଶୀର୍ବାଦ ମିଲମାଲିକ ସ୍ୱାମୀର ଛାତିରୁ ଚୁମ ଉପାଡ଼ୁଥିବା କଅଁଳିଆ ଆଙ୍ଗୁଠିଟିଏର ଝାଳବୁହା ଶ୍ରମ ପାଇଁ, ସୁନାର ମୁଦି ଉପରେ ଖଣ୍ଡେ ହୀରାର ପାରିଶ୍ରମିକ ଦାବୀ କରୁଥିବା ସର୍ବହରାର ପାର୍ଟି ନୁହେଁ । ଏ ପାର୍ଟି କୋଉ ରାଜାରାଜୁଡ଼ାର ମର୍ଜି ଉପରେ ନିର୍ଭର କରୁଥିବା ପାର୍ଟି ନୁହେଁ । ଏ ହେଉଚି ଖୋଦ୍ ସର୍ବହରା କମ୍ରେଡ୍ ଆନନ୍ଦ ଭଞ୍ଜିର ପାର୍ଟି । ଏ କମ୍ରେଡ୍ ଚାଳିଶ ବର୍ଷ ତଳେ ଯୁଦ୍ଧଭୂଇଁରେ ଜନ୍ମ ହୋଇଥିଲା, ଆଉ ଏ କମ୍ରେଡ୍ ମରିବ ବି ସେଇ ଯୁଦ୍ଧଭୂଇଁରେ ।"

"ଯୁଦ୍ଧଭୂଇଁରେ ଜନ୍ମ ହୋଇଥିଲା···?" ଜର୍ଜର ମୁଣ୍ଡବାଥା କମିଗଲା ଟିକିଏ । କମ୍ରେଡ୍ ଆନନ୍ଦଭଞ୍ଜିର ଜନ୍ମକଥା ଶୁଣୁ ଶୁଣୁ ତାର ଅଧାକପାଳି ଉପରର ଫୁଲିଲା ଶିରଟାରୁ ରକ୍ତ ଅନେକ କମିଗଲା ।

କମ୍ରେଡ୍ ଆନନ୍ଦଭଞ୍ଜି କିନ୍ତୁ ନିଜ ଜନ୍ମବୃତ୍ତାନ୍ତ କହିଲେ ନାହିଁ ବିଶେଷ କିଛି, ମାତ୍ର ଗୋଟାଏ ଧଇଟା ପଦରେ ସେ ଶେଷକରି ଦେଲେ, ସେଇ କଥାଟାକୁ ।

ଗୋଟାଏ ଝିଅଲରେ ସେ କହିଚାଲିଥାନ୍ତି—"ଏ କମ୍ରେଡ୍ ଯୁଦ୍ଧଭୂଇଁର ପିଲା । ମା' ପେଟରେ ଥାଇ ଏ କମ୍ରେଡ୍ ଦେଖିଚି ଯୁଦ୍ଧ । ଯୁଦ୍ଧରୁଇ ଜନ୍ମ ଏ କମ୍ରେଡ୍‌ର—ଯେମିତି ମୁର୍ଦ୍ଦାର ଦେହରୁ ଜନ୍ମ ହୁଏ କୀଟ—ସେମିତି । ସେମାନେ କହନ୍ତି ମୋ ମା' ଥିଲା ଗୋଟାଏ ଚାଷୀଘରର ବୋହୂ । ସାତମାସର ଗର୍ଭକୁ ପେଟରେ ଧରି ସେ ଯେତେବେଳେ ଗହ୍ମର ବିଲରେ ଆଣ୍ଠେଇପଡ଼ି ବାଳୁଙ୍ଗା ବାଛୁଥିଲା ସେତେବେଳେ, କେତେବେଳେ ତା ଚାରିପାଖରେ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା—ଜାଣେନା ବିଚାରୀ । ସେ ବ୍ୟସ୍ତ ଥିଲା ବାଳୁଙ୍ଗା ଉପାଡ଼ିବାରେ । ପଛଆଡ଼େ ବନ୍ଧୁକ ଆବାଜ ଶୁଣି ସେ ଯେତେବେଳେ ଚାଲିପଡ଼ି ପଛକୁ ଚାହେଁ, ସେ ଦେଖେ, ସେଣୁ ଘୋଡ଼ସବାର ପଲଟଣମାନେ ବାଳୁଙ୍ଗା ବିଛାହୋଇ ସାରିଥିବା ବିଲଗୁଡ଼ାକୁ ଖେଦି ପକାଇ ନଈବଢ଼ି ଭଳି ମାଡ଼ିଆସୁଛନ୍ତି—ଜୀବନମୂର୍ଚ୍ଛା ! ଚାରିଆଡ଼କୁ ଚାହିଁ ପଳାଇ ଯିବାର ବାଟ ଯେତେବେଳେ ନ ପାଇଲା ସେଇ ଗର୍ଭିଣୀ ମାଇକିନିଆଟା, ସେତେବେଳେ ସେ ପ୍ରଥମେ ଚାହିଁଲା ତାର ପାଦତଳର କାଦୁଅ ପଚ୍‌ପଚ୍ ମାଟିକୁ । କିନ୍ତୁ ସେ ମାଟି ଫାଟିଗଲା ନାହିଁ କି ତାକୁ ତାର କୋଳରେ ଆଶ୍ରାଦେଲାନାହିଁ—କାରଣ ସେ ଥିଲା ଅସତୀ । ଚାଷୀଘରର ବୋହୂ କିନା ! ତେଣୁ ମାଟି ତାକୁ ନିରାଶ କଲା । ତାପରେ ସେ ଚାହିଁଲା ଶୂନ୍ୟକୁ—ବିଚାରୀ ଦେଖିଲା ଧର୍ମ ତାଆଡ଼କୁ କଟମଟ କରି ଅନେଇଚି,

Digitized by srujanika@gmail.com

ଆଉ ତାର ରଥରେ ଯୋଗ୍ଯ ହୋଇଥିବା ସାତଟାଯାକ ଘୋଡ଼ାଙ୍କୁ ପିଟିପିଟି ଫଟାଇ ଦଉଡ଼ ନୋଲା । ଏହି ସମୟରେ ହେଇ ଧର୍ମ ରାଜ୍ୟରୁ ଶୁଣାଗଲା ଶୂନ୍ୟବାଣୀ । ଗୋଟାଏ ଛଷ୍ଟାଣ ଖସିଲା ପରି ଖସିଲା ଗୋଟାଏ ବସ୍ତୁ ଚଢ଼େଇ—ବୋଧହୁଏ ଉଡ଼ାଜାହାଜଟାଏ । ତା' ପରେ ସେ ମାଇଲା ସେଇ ଝାମ୍ପଟା, ଯେଉଁ ଝାମ୍ପରେ ଛୁଟିକିପଡ଼ ବସୁଧାର ଗୋଟାଏ ଅଧ ମାଟି ଆଉ ପାଣି ଉପରକୁ ଟେକ ହୋଇଯାଇ ପୁଣି' ଖସିପଡ଼ିଲା ତଳକୁ । ତା ପରେ ଶୁଭିଲା ବଜଟାଳ ହ୍ରେସାରବ ଓ ଆଖି ପିଛଡ଼ାକ ମଧ୍ଯରେ ସେଇ ଶ୍ଯପକ୍ଷେତ ପରିଣତ ହୋଇ ଥିଲା ଏକ ଯୁଦ୍ଧଭୂମିରେ ।"—କମ୍ରେଡ୍ ଆନନ୍ଦ ଭର୍ଷି କହିଯାଉଥିଲା ତା ଜନ୍ମବୃତ୍ତାନ୍ତ ।

"ତେଣେ କିନ୍ତୁ ଯୁଦ୍ଧ ଚାଲୁଥିଲା ଯେଉଁଠି ମଣିଷ ଆଉ ଘୋଡ଼ାର ରକ୍ତରେ ଶ୍ଯପକ୍ଷେତ ଉର୍ବର ହେଉଥିଲା—ଭବିଷ୍ୟତ ବଂଶଧରମାନଙ୍କପାଇଁ । କିନ୍ତୁ ଆଜିର ବାଲୁଙ୍ଗା ବସ୍ତୁ ଶ୍ଯପକ୍ଷେତର ଶସ୍ୟ ଆଉ ଶସ୍ୟ ହୋଇ ନ ଥିଲା । ତା' ଉପରେ ପଡ଼ିଥିଲା ଶତ ପାଦର ଖୁରା ଆଉ ଚକ୍ର । ତଥାପି ବସୁଧା ଫାଟି ନ ଥିଲା—କାରଣ ସ୍ୱୟଂ ମା' ବସୁଧା ବି ଆଉ ସତୀ ବୋଲି ଗର୍ବ କରି ପାରୁ ନ ଥିଲା ।

"ମୁଁ ସେଇ ଯୁଦ୍ଧର କାଦୁଅରେ କୁଡ଼ୁବୁଡ଼ୁ ହେଉଥିବା ଅସତୀ ବସୁଧାର ପିଲା—ମୁଁ ଯୁଦ୍ଧର ପିଲା । ମୁଁ ଯୁଦ୍ଧ ଚାହେଁ—ଯୁଦ୍ଧ—କମ୍ରେଡ୍ !"

ଜର୍ଜର ସାମ୍ବ ଦେହରେ ଗୋଟାଏ କେମିତି ନିଆଁ ଲାଗିଆସୁଥିଲା ଭଳି ଜାଣିପାରୁଥିଲା ସେ । ଲୋକଟାର ଗୋଡ଼ଠାରୁ ମୁଣ୍ଡଯାକେ ଆଉଥରେ ଚାହିଁଲା ସେ । ସତେ କି ଦେଖୁଥିଲା ସେ ତାକୁ ସେଦିନ—ପ୍ରଥମ କରି ।

କିନ୍ତୁ ଲୋକଟି ସେତେବେଳକୁ ବଦଳେଇ ସାରିଥିଲା ତାର ସ୍ୱର । ଏଥର ତାର କଥାଗୁଡ଼ାକୁ ଗୀତଭାବରେ ନ ବୋଲି ସେ ବକ୍ତୃତା କରିବାକୁ ଲାଗିଲା । କହୁଥିଲା ସେ—"ଏଇ ଯୁଦ୍ଧରେ ଯୋଉ ସବୁ କମ୍ରେଡ୍ ଯୋଗଦେବେ, ସେଇ କମ୍ରେଡ୍‌ମାନଙ୍କୁ ଆଶ୍ୱାସନା ଦେଇ ଆମେ ପାର୍ଟିର ଇସ୍ତାହାର ପ୍ରକାଶ କରିଛୁ । ଏ ଇସ୍ତାହାରରେ ଆମେ କହିଛୁ ଯେ ଆଗାମୀ ଯୁଗର ମଣିଷଙ୍କୁ ଆମେ ସର୍ବତୋଭାବେ ସମାନ କରିବୁ । ଆମର ବୈଜ୍ଞାନିକମାନେ ଆମକୁ ସେ ବିଷୟରେ ଦେଇଚନ୍ତି ପ୍ରତିଶ୍ରୁତି । ସେମାନେ ଜବାବ ଦେଇଛନ୍ତି ଯେ ଯଦି ସେମାନଙ୍କୁ ଏ ସର୍ବତୋଭାବେ ସମାନ ମନୁଷ୍ୟର ଫର୍ମୁଲ୍‌ଟିକୁ କାର୍ଯ୍ୟକାରୀ କରିବାକୁ ଦିଆଯାଏ, ତାହେଲେ ସେମାନେ ତାହା କରିଦେବେ । ଏଇ ମୌଳିକ ପ୍ରସ୍ତାବ ଉପରେ ଆଲୋଚନା କରିବା ପାଇଁ ପାର୍ଟି ବୈଠକ ଆମେ ଡକାଇଥିଲୁ ଗତ ସପ୍ତାହରେ ।"

ଲୋକଟି ଟିକିଏ ଏକଡ଼ ସେକଡ଼କୁ କନକନ ହୋଇ ଚାହିଁଲା—ହୁଏତ ଅଭ୍ୟାସବଶତଃ; କିନ୍ତୁ ତା ପରେ ସେ ପୁଣି ତେଜିଉଠି କହିଲା—"କିନ୍ତୁ ସେହି ମୌଳିକ ପ୍ରସ୍ତାବ ଆଣିବା ପୂର୍ବରୁ ଆମେ କ'ଣ ଜାଣିଥିଲୁ ସେଇ କୁଆଡ୍ରେର ଲୋକଟାର ଭିତରି ଉଦ୍ଦେଶ୍ୟ ? ସେ ଯେ ଏତେଦିନ ଲୁଚେଇ ରଖିଥିଲା ତାର ସେଇ ଷଡ଼ଯନ୍ତ୍ରମୂଳକ ଉଦ୍ଦେଶ୍ୟକୁ !"

"ଷଡ଼ଯନ୍ତ୍ର ? ଲୋକଟା ଷଡ଼ଯନ୍ତ୍ର କରୁଥିଲା ?—ପାର୍ଟି ଚିଫ୍ ?" ଜର୍ଜ ଗୁଣୁଗୁଣୁ ହେବାକୁ ଆରମ୍ଭ କଲା ତାର ଅଜାଣତରେ ।

Digitized by srujanika@gmail.com

କିନ୍ତୁ ଗେଡ଼ା ଲୋକଟି ତାକୁ ତତ୍‌କ୍ଷଣାତ୍ ଚୁପ୍ କରିଦେଲା ।

"ହଁ, ହଁ, ପାର୍ଟିଚିଫ୍ ନୁହେଁ ତ ଆଉ କିଏ ?" କର୍ଣ୍ଣର ମୁହଁ ବନ୍ଦ କରିଦେଲା ସେ ସେତିକିରେ । ତା' ପରେ ପୁଣି ବୁଝେଇ ଚାଲିଲା—"ଆରେ ବାବୁ, ସାମ୍ୟବାଦ ଚାହେଁଲେ କଅଣ ? ସେ ରହିଲା କେଉଁଠି ? ଆମେ ପ୍ରସ୍ତାବ ଆଣିଲୁ ଯେ ଆଗାମୀ ଯୁଗର ସର୍ବତୋ-ଭାବେ ସମାନ ଯେଉଁ ମଣିଷଗୁଡ଼ିକଙ୍କୁ ତିଆରି କରିବାର ଭାର ବୈଜ୍ଞାନିକମାନେ ଗ୍ରହଣ କରିଛନ୍ତି ପ୍ରଥମେ ସେଇ ଯୋଜନାର ଗୋଟାଏ ଖସଡ଼ା ପ୍ରସ୍ତୁତ କରାଯାଉ । ଆମେ ପୁଣି ପ୍ରସ୍ତାବ ଆଣିଲୁ ଯେ ଆଗାମୀ ଯୁଗର ସର୍ବତୋଭାବେ ସମାନ ଯୋଉ ମଣିଷଗୁଡ଼ିକ ତିଆରି ହେବେ, ସେଇ ମଣିଷର ଦେହର ରଙ୍ଗକୁ ପୃଥିବୀର ସଂଖ୍ୟାଗରିଷ୍ଠ ଲୋକଙ୍କ ଦେହର ରଙ୍ଗ ସହିତ ସମାନ କରାଯାଇ ସର୍ବତୋଭାବେ ସମାନ ଏକ କଳାରଙ୍ଗରେ ରଂଜିତ କରାଯାଉ ପ୍ରଥମେ । ତା ପରେ ଆମର ଅନ୍ୟ ପ୍ରସ୍ତାବ ଥିଲା—ଉଚ୍ଚତା । ଆଗାମୀ ଯୁଗର ମଣିଷର ହାରାହାରି ଉଚ୍ଚତାକୁ ଚାରିଫୁଟ ପାଞ୍ଚଇଞ୍ଚ କରି ଦିଆଯାଉ ବୋଲି ପ୍ରସ୍ତାବ ଦେଲୁ ଆମେ । କାରଣ ଏ ଯୁଗରେ ମଣିଷର ଉଚ୍ଚତା ମଣିଷ ପକ୍ଷରେ ଆଉ ସହାୟକ ନ ହୋଇ ବରଂ ବିପଜ୍ଜନକ ହେବାକୁ ଯାଉଛି । କାରଣ ଦିନ ଆସୁଛି, ଯେତେବେଳେ ମଣିଷକୁ ଗାତ ଭିତରେ, ପର୍ବତ ଶିଖରରେ, ନହେଲେ ଗୋଟିଏ ବାକ୍ସ ଭିତରେ ବି ରହିଯିବାର ଆବଶ୍ୟକତା ପଡ଼ିପାରେ । ବାକ୍ସ ଭିତରେ ପଶି ମଣିଷ ହୁଏତ ପବନରେ ଉଡ଼ିବ; ନହେଲେ ପୃଥିବୀ ବାହାରେ ଯୋଉ ଅନାବିଷ୍କୃତ ଜେଗାସବୁ ରହିଛି, ଯାଇପାରେ ମଧ୍ୟ ସେଠାକୁ । ଯେତେ ଛୋଟ ବାକ୍ସ ହବ ସେତେ ଭଲ । ଏଥିପାଇଁ ଆଗାମୀ ଯୁଗର ମଣିଷକୁ···"

—'ଗାତ ଭିତରେ ? ବାକ୍ସରେ—? ମଣିଷ ପଶିବ ? ଏମିତି ଆଗାମୀ ଯୁଗ ଆସିବ ?'

ବୋକାଙ୍କ ଭଳି କର୍ଣ୍ଣର ଓଠ ଲେଉଟୁଥିଲା । କିନ୍ତୁ ତାର କିଛି କଥା ଶୁଣାଯାଉ ନଥିଲା ବାହାରକୁ ।

କର୍ଣ୍ଣର ନୀରବତା ଚେକାଆଖିଆ ଲୋକଟିକୁ ଆହୁରି ହିସାବିତ କଲା ସମ୍ଭବତଃ । ସେ କହିଯାଉଥାଏ—କେବଳ ଏଇ ରଙ୍ଗ ଆଉ ଉଚ୍ଚତା ନୁହେଁ—ଆମ ସ୍କିମ୍‌ରେ ଆମେ ନକ୍‌ସା ଦେଇଥିଲୁ—ପୁରାପୁରି—ବିଲ୍‌କୁଲ ଏକ ଛାଞ୍ଚାରେ ମଣିଷ ନିର୍ମାଣ ପାଇଁ । ତାର ନାକ, କାନ, ଆଖି, କପାଳ, ହାତ, ଗୋଡ଼ଠୁ ମୁଣ୍ଡର କେଶର ରଙ୍ଗ ପର୍ଯ୍ୟନ୍ତ—ଟିକିନିଖି ସବୁ ବିବରଣୀ । ଏଥିପାଇଁ ଆମେ ଇଂଜିନିୟରମାନଙ୍କର ମତ ନେଇଥିଲୁ ରୀତିମତ । ଆମର ଆଶା ଥିଲା, ଆମର ଏଇ ପ୍ଲାନ୍‌କୁ ପାର୍ଟି ଆଉ ପାର୍ଟିଚିଫ୍ ସ୍ୱୀକାର କରିନେବେ । କାହିଁକି ନ କରିବେ ? କଅଣ ଭୁଲ ଥିଲା ସେଥିରେ ? ଆମର ସେ ସ୍କିମ୍‌କୁ ତ ପାର୍ଟିର ବୈଜ୍ଞାନିକ-ମାନେ ବି ଗ୍ରହଣ କରିଯାଇଥିଲେ । କିନ୍ତୁ ଆମେ କ'ଣ ଜାଣିଥିଲୁ ସେ ଶାଳା, ଗ୍ରେର, କ୍ୟାମ୍ଚେର, ପାଜି ଗୋରା ଟୋକାଖଣ୍ଡିକ ପେଟରେ ଏତେ ଗୁହ ଥେଲା ବୋଲି ! ଶାଳା ହାରାମି !

Digitized by srujanika@gmail.com

"ଫଣ୍ଟ୍ୟାଗରଷ୍ଟଡା, ଏକ୍ସପାର୍ଟ ଓପିନିୟନ କନ୍ଥକୁ ଖାତର୍ କଲାନାହିଁ ସେ । ଶାଲ୍ଲ କହଲ କଅଣ ନା ଆଗାମୀ ଯୁଗର ମଣିଷର ରଙ୍ଗ କୁଆଡ଼େ ହବ—ଗୋରା । ଆଉ ସେଇ କୋଟି ମଣିଷର ଉଚ୍ଚତା କେତେ ହେବ ଜାଣ ?"

ଲୋକଟା କଟମଟ କରି ଚାହୁଁଥାଏ । ତାର ଗୋଲଗାଲ ଆଖି ଦୁଇଟା ଆଗ୍ରହର ଉନ୍ମୁକ୍ତ ଉଠିଥାଏ । ଯେତେ କି ସେ ଫାଟିବ ଆଉ ଟିକକେ ।

ଜର୍ଜ ଚୁପ୍ ରହିଥାଏ ।

ଲୋକଟି ତା ନିଜ ପ୍ରଶ୍ନର ଉତ୍ତର ଦିଏ ଆଉ ଠୋ'କରି ଫାଟିଗଲା ଭଳି ହସଟାଏ ହସୁ ହସୁ କହେ—"ସାତ ଫୁଟ ତିନଇଞ୍ଚ । ସାତଫୁଟ ତିନଇଞ୍ଚ ! ଆଉ ତାର ନାକ ହବ ଆ—ଠ—ଇ—ଞ୍ଚ ! ଆଆ ଠ ଠ ଠ—ଇଞ୍ଚ । ହେଃ, ହେଃ......"

ସେ ହସରେ ସାରା ଘର କମ୍ପି ଉଠେ । ଘର ସହିତେ ଘରର ମୂଳଦୁଆ କମ୍ପିଯାଏ । ମୂଳଦୁଆ ସହିତେ ମୂଳଦୁଆର ମୂଳଦୁଆ ନିଜେ ମେଦିନୀ ମଧ୍ୟ କମ୍ପି ଉଠେ ।

ଜର୍ଜ ତଟସ୍ଥ ହୁଏ । ଚତୁର୍ଦ୍ଦିଗକୁ ଚାହେଁ । ଏ କ'ଣ ? ଏ କ'ଣ ସବୁ ଘଟୁଚି ? ଏତେ ଟିକିଏ ସମୟ ଭିତରେ ଏତେ କଥା କେମିତି ଘଟିଯାଉଛି ? ଏ କିଏ ? କଅଣ ଏ କହୁଚି ? ପାର୍ଟି ଚିଫ୍ କିଏ ? ଆଗାମୀ ଯୁଗ କଅଣ ? ଆଉ ଏ ସର୍ବତୋଭାବେ ସମାନ ଜିନିଷଟି କଅଣ ? ଏଇ କଅଣ ମଣିଷ ? ତେଣେ ବଳୁଲବନ ସେମିତି ଜଳୁଥାଏ, ଆଉ ବିଚରା ଜଲକା ପ୍ରଜାପତିଟା ଆଲୁଅକୁ ଛାଡ଼ି ଏଥର ସେଇ ତେଙ୍ଗାସରସର ସିଧାସଳଖ ହୋଇ ଶୂନ୍ୟରୁ ଆଡ଼କୁ ଉଠିଯାଇଥିବା ପାଲିସ୍ ଚୂନଧଉଳା କାନ୍ଥଟାରେ ଖୋଜୁଥାଏ ଟିକିଏ ଆଶ୍ରା; କିନ୍ତୁ କାନ୍ଥରେ ପାଦ ତାର ଲାଗିଲା ମାତ୍ରେଇ ସେ ଖସିପଡୁଥାଏ ତଳକୁ ।

ଇତିମଧ୍ୟରେ ଲୋକଟା ଅନର୍ଗଳ କଅଣ ସବୁ ବକିବାକୁ ଆରମ୍ଭ କରିଦେଇଥାଏ । ସେ ହସୁଥାଏ, ପୁଣି ତେଜିଉଠି ତାର କଳ୍ପିତ ଶତ୍ରୁକୁ ଯାଚ୍ଛାତାଇ ଗାଳିଦଉଥାଏ । ମଝିରେ ମଝିରେ ଦମେ ଦମେ କାଶ ମଧ୍ୟ ତାର ଉଠୁଥାଏ । ସେଇ କାଶିବା ଅବସ୍ଥାରେ ସେ ଟିକିଏ ଅସ୍ତବ୍ୟସ୍ତ ହୋଇପଡୁଥାଏ । ତାର ମୁହଁରେ ବନ୍ଧୁଦନରୁ ସଞ୍ଚିତ ଶାରସବୁ ଖୁବ୍ ପାଖାପାଖି ଜାକହୋଇ ଆସୁଥାଏ । ତାର ଗୋଟାଏ ଆଖିପତା ଫଡ଼ଫଡ଼ ହୋଇ ଉଠୁଥାଏ । ତାର ଚେକା ଆଖି ଆଉ ଶୁଆନାକ ସବୁ ମିଶି ଏକ ଅଦ୍ଭୁତ ଚରିଭଳି ଦେଖାଯାଉଥାଏ ।

ଲୋକଟାର ସେଇ ଚରିରୂପକୁ ଦେଖି ତା ଉପରକୁ ଟିକିଏ ଦୟା ଆସୁଥାଏ ଜର୍ଜର ।

କିନ୍ତୁ କାହାରି ଦୟା ଉପରେ ନିର୍ଭର କରେନାହିଁ ସେଇ ଯୁଦ୍ଧଭୂମିର କୃଷକ ସନ୍ତାନ କମ୍ରେଡ୍ ଆନନ୍ଦଭଞ୍ଜ । ତାର ପ୍ରକୃତ ରୂପ ଏପର୍ଯ୍ୟନ୍ତ ସେ ପ୍ରକଟେଇ ନଥାଏ । କାଶ ଯେତେବେଳେ ବେଶି ଜୋର୍ ଉଠେ, ସେତେବେଳେ ସେ ହାତ ବୁଲେଇଆଣେ ତାର କୋଟ୍ର ଅନ୍ଦରମହଲରେ ଥିବା କୌଣସି ଗୋଟିଏ ପକେଟ୍‌ରେ । ଏଡ଼େ ଟିକିଏ ବୋତଲ ! ଦେଖୁ ଦେଖୁ ସେ ବୋତଲ ତା ହାତ ପାପୁଲି ଉପରେ ଚକ୍‌ଚକ୍ କରି ଉଠେ । ବୋତଲଟିକୁ ଟିକିଏ ଗାଲରେ ଘଷିଦେଇ ସେ କହେ—"କିଛି ପରବାଏ ନାହିଁ । ଯେତେବେଳେ ଆଉ ଉପାୟ ନମିଳିବ, ସେତେବେଳେ ମୁଁ ଜାଣେ, ରୁଇ

Digitized by srujanika@gmail.com

ବରାବର ଅଛୁ ମୋ ଦୋସ୍ତ ମୋ ପାଖରେ । ତେବେ ସବ୍ରାନ୍ତ୍ କର । ସେ ବେଳ ଆସୁ ।"

ତା ପରେ କଣ ଭାବି ଲୋକଟି ସେଇ କୁନିବୋତଲ ଭିତରେ ଥିବା ଟଳଟଳ ହେଉଥିବା ତରଳ ଜିନିଷଟିକୁ ଖୁବ୍ ଶୋଷିଲା ଆଖିରେ ଟିକିଏ ଚାହେଁ । ତା'ପରେ ପୁଣି ଥରେ ଫାଟିପଡ଼େ ପୁଟଭଳି, ସେଇ ଘୃଷାସିଆ ହସଟା ଭିତରେ ସେ ।

ତାର ହସଟା ଏଥର ଆହୁରି ନଗ୍ନ କରିଦିଏ କର୍ଣ୍ଣଙ୍କୁ । ତା ମୁହଁରୁ ଝାଳ ବୋହି ତାର ଗାଲ ଦିଇଟା ଖୁବ୍ ଥଣ୍ଡା ଲାଗୁଥାଏ । ସେ ବି ଚାହେଁ ସେଇ ଟିକି ବୋତଲଟିକୁ, ଆଉ ତା ଭିତରର ସେଇ ଟଳଟଳ ହେଉଥିବା ଜିନିଷଟିକୁ ।

କମ୍ରେଡ୍ ଆନନ୍ଦଭର୍ଷିଙ୍କର ଛାତି ଭିତରକୁ ଗୋଟାଏ ଦମ୍ ନୂଆ ହାଓ୍ୱା ପଶିଯାଏ । ସତେ କି ବହୁଦିନ ରୁଦ୍ଧ ହୋଇ ରହିଥିବା ଗୋଟାଏ ଗୁମ୍ଫା ଭିତରକୁ ପ୍ରଥମଥର ପେଲି ପଶିଯାଏ ଦମକାଏ ଥଣ୍ଡା ହାଓ୍ୱା !

ଧୀରେ ଧୀରେ କମ୍ରେଡ୍ ଆନନ୍ଦଭର୍ଷିଙ୍କର ଗୋଟାଏ ବୁଢ଼ା ଚଳର ପଂଝାଭଳି ଆଙ୍ଗୁଠି-ଗୁଡ଼ିକ ପୁଣି ହଜିଯାନ୍ତି ସେଇ ମୋଟା କମ୍ବଳରେ ତିଆରି କୋଟର ଅନ୍ଦରମହଲରେ ଥିବା ଗୁପ୍ତ ପକେଟ ଭିତରେ । ମୁହୂର୍ତ୍ତିକ ପରେ ସେମାନେ ପୁଣି ବାହାରିଆସନ୍ତି; କିନ୍ତୁ ଏଥର ଆଉ ସେଇ ଟିକି ବୋତଲଟା ନଥାଏ ସେଇ ଥରିଲା ଆଙ୍ଗୁଠିଗୁଡ଼ିକ ଭିତରେ । ବରଂ, ହଠାତ୍ ଗୋଟାଏ ନୂଆ ଚେତନା ପାଇଲା ଭଳି ତେଜି ଉଠିବସେ କମ୍ରେଡ୍ ଆନନ୍ଦଭର୍ଷି ।

ତା ପରେ, ତା ମୁହଁରେ ଏକ ଅଦ୍ଭୁତ ଆଲୁଅ ଖେଳିଯିବାର ଦେଖାଯାଏ । ଧୀରେ ଧୀରେ ଗୋଟାଏ ହାତର ପାପୁଲିରେ ଆପଣାର ଶ୍ଳେଟ ଛାତିଟିକୁ ଥାପୁଡ଼େଇ ଥାପୁଡ଼େଇ ଆଉ ହାତକୁ ମୁଠାକରି ଉପରକୁ ଟେକିଧରି ସେ ହଠାତ୍ କହିଉଠେ କମ୍ରେଡ୍ କର୍ଣ୍ଣ ! ଆଜିଠାରୁ ତୁମେ ସବୁହରା ଏକଜୁଟ ହୁଅ, ଆଉ ନିଜ ଆଖିରେ ମଣିଷକୁ ଚାହିଁ ଦେଖ । ତୁମର ଆଖି ଫିଟୁ । ତୁମେ ମଣିଷକୁ ଚିହ୍ନା । ହୋଇ ଦେଖ ।"

ହଠାତ୍ ଲୋକଟି କର୍ଣ୍ଣ ଆଗରେ ପଡ଼ିଥିବା ଟେବୁଲ୍‌ଟାକୁ ଗୋଟାଏ ବିଧାମାରି ଗର୍ଜିଉଠେ —"ଆଜିଠାରୁ ମୁଇଁ ଏଇ ପାର୍ଟିର ଚିଫ୍ ! ଏଇ ଗ୍ରେଟଫୁଟ ପାଞ୍ଚଇଞ୍ଚର କାଏମ୍ ରହିବ । ରହିବ । ଆଉ ରହିବ ! ସାତଫୁଟ ଛଅଇଞ୍ଚ କସ୍ପିନ୍ କାଲେ ହୋଇପାରିବ ନାହିଁ । ଏ ହେଉଛି କମ୍ରେଡ୍ ଆନନ୍ଦଭର୍ଷିଙ୍କର ପ୍ରତିଜ୍ଞା । ଏଇ ଗ୍ରେଟଫୁଟ ପାଞ୍ଚଇଞ୍ଚଇ ବସିବ ପୃଥିବୀର ଶୀର୍ଷରେ । ବସିବ । ବସିବ !"

ଏତେଦିନଯାକେ ସେଇ ଗେଡ଼ା, ପେଚାଆଖିଆ, ଶୁଆନାକିଆ, ଅଣ୍ଟେପୁରୁଣିଆ ଭଳି ଦେଖାଯାଉଥିବା ମଣିଷଟାର ପୁରୁଷତ୍ୱ ସନ୍ଧାନ ପାଇ ନଥିଲା କର୍ଣ୍ଣ । ସେ ତଟସ୍ଥ ହୋଇ କେବଳ ଚାହିଁ ରହିଥାଏ ।

ଲୋକଟାର ଆଖିରେ ରଙ୍ଗ ଜମି ଆସୁଥାଏ; କିନ୍ତୁ ସେ ରଙ୍ଗ ଯେତିକି ଯେମିତି ଜମି-ଆସୁଥାଏ, କର୍ଣ୍ଣ ଲକ୍ଷ୍ୟ କରୁଥାଏ, ଲୋକଟିର କଣ୍ଠସ୍ୱର ସେତିକି ସେତିକି ଗମ୍ଭୀର ହୋଇ ଉଠୁଥାଏ ।

Digitized by srujanika@gmail.com

ଲୋକଟି ଏଥର ଠିଆହୋଇପଡ଼େ । ସତେ କି ସେ ଆଉ ଚଉକିରେ ବସି ତାର ଶ୍ରେଷ୍ଠ ଦନ୍ତଟାକୁ ଉଞ୍ଚା ଟେବୁଲର ଆଢୁଆଳରେ ଛପାଇ ଦେବାକୁ ଚାହୁଁ ନ ଥାଏ । ଠିଆ ହୋଇପଡ଼ି ସେ ଜର୍ଜ ଆଡ଼କୁ ଝୁଙ୍କିପଡ଼େ । ତାର ହାତ ଦନ୍ତଟାକୁ ଉଡ଼ାଣି, ନିଜ ହାତ-ମୁଠା ଭିତରେ ଚପିଧରି ସେ ଆଗ ବଢ଼େ ଝିଙ୍କିପକାଏ ଜର୍ଜକୁ । ସତେ କି ସେ ତାର ସମସ୍ତ ବ୍ୟକ୍ତିତ୍ୱକୁ ସାରା ପୃଥିବୀ ଆଗରେ ଖୋଲିଦେବାକୁ ଚାହୁଁଥାଏ—ଯୋଉ ବ୍ୟକ୍ତିତ୍ୱକୁ ସେ ଆଉ ବେଶିବେଳ ଲୁଚାଇ ରଖିବାକୁ ଅକ୍ଷମ ହେଉଥାଏ ।

ଜର୍ଜକୁ ଗୁଡ଼ାଏ ଝିଙ୍କାଝିଙ୍କି, ଦୋହଲାଦୋହଲ କରିସାରି, ଖୁବ୍ ବଢ଼ୋଇ ହେଲାଭଳି ସେ ଶୂନ୍ୟକୁ ଚାହିଁରହେ । ସେତେବେଳେ ତା ମୁହଁରେ ଫୁଟିଉଠୁଥାଏ ଗୋଟିଏ ଶୂନ୍ୟ ଅର୍ଥ—ଯୋଉ ହସର ଅର୍ଥ କିଛି ଥାଏ, ପୁଣି ନ ଥାଏ ମଧ୍ୟ ।

ଲୋକଟାର ଆଖିରୁ ଗୁଡ଼ାଏ ନିଆଁ ଝୁଲ ଝରିପଡ଼ୁଥାଏ । ସେତେବେଳେ ସେ ଚକା-ଆଖି ଦନ୍ତଟାର ରୂପ ଅଦ୍ଭୁତ, ଅବର୍ଣ୍ଣନୀୟ । ଦନ୍ତଟା ଚକାକାରରେ ଘୂରୁଥିବା ବନ୍ହି ନିଆଁର ରୂପ ସତେକି ।

ଲୋକଟାର ହାବଭାବ ଦେଖି, ଜର୍ଜ ଏକାବେଳେ ତଟସ୍ଥ ହୋଇଯାଏ । ସେଇ ଅବସ୍ଥାରେ ସେ ପୁଣି ସେଇ ନଈବାଲିର ହାଡ଼ଗୋଡ଼ଟାଳି ଟୋକାଟି ଭଳି ସେଇ ଲୋକଟି ପାଖେ ଆତ୍ମସମର୍ପଣ କରି ଚୁପ୍ ରହିଯାଏ ।

"କମ୍ରେଡ୍ !" ସେତେବେଳକୁ ଲୋକଟି ଯାଇ ଠିଆହୋଇଥାଏ ଗୋଟାଏ ଟେବୁଲ ଉପରେ । ସେଇଠୁ, ସେ ଏକ ରହସ୍ୟମୟ କଣ୍ଠରେ ଡାକେ, "ମତେ ଚିହ୍ନିପାରୁଚ କମ୍ରେଡ୍ ? ମୁଁ କିଏ ? କିଏ ମୁଁ ?"

ଚମକିପଡ଼େ ଜର୍ଜ । ଏ ପୁଣି କି ଅବତାର ? ଏଥର ଜର୍ଜର ନିର୍ବୋଧ ଦୃଷ୍ଟିକୁ ନିର୍ବୋଧତର କରିଦେଲା ଭଳି ହସଟିଏ ହସି ଲୋକଟି ଦାନ୍ତ ଚପି କହେ—

"ତୁମେ ମତେ ଚିହ୍ନିପାରୁନା କମ୍ରେଡ୍ ? ତୁମେ ଥିଲ ମୋର ପ୍ରଧାନ ସେନାପତି—? ମନେ ପଡ଼ିଲା ଏବେ ? ମନେପଡ଼ିଲା ତ ? ମୁଁ ସେଇ ଯୁଦ୍ଧଭୂଇଁର ସନ୍ତାନ—ସମ୍ରାଟ ନେପୋଲିୟନ୍ ! ମୁଁ ସମ୍ରାଟ୍ । ମୁଁ ଯୁଦ୍ଧର ସନ୍ତାନ—ସମ୍ରାଟ ନେପୋଲିୟନ୍ । ଚିହ୍ନିଲ ଚିହ୍ନିଲ ଏଥର ?"

"ସମ୍ରାଟ୍ ନେପୋଲିୟନ୍ !" ଜର୍ଜର ଆଖିରେ ଖେଳିଯାଏ ଗୋଟାଏ ଝଲକ ଭିତରେ ସେଇ ଚିଡ଼ିଆ—ଯୋଉଟା ସହିତ ମିସ୍ ଆଡ଼ାମସ୍ ପରିଚୟ କରେଇ ଦେଇଥିଲେ ତାକୁ ସେଦିନ । ଗୋଟାଏ ଝଲକ ଭିତରେ ଖେଳିଯାଏ ମଧ୍ୟ ସେଇ ଅନାଥିନୀ ଗ୍ଲୋବ୍ କନ୍ୟାଟିର ଚେହେରା ଯାହାକୁ ବିବସ୍ତ୍ର କରି ଘିରିଘିରି ବୁଲେଇ ଦେଇଥିଲା ଏଇ ଲୋକ ସେଦିନ । ଯୁଦ୍ଧ, ଯୁଦ୍ଧଘୋଡ଼ାର ହ୍ରେସାରବ, ହାହାକାର ଆଉ ରକ୍ତର ବାସ୍ନା ଜର୍ଜର ଆଖି, କାନ ଆଉ ନାକ ବାଟ ଦେଇ ଛୁଟି ଚାଲିଥାଏ—ଗୋଟାଏ ବନ୍ଧୁକରୁ ବାହାରି ପଡ଼ୁଥିବା ପିନ୍‌କଣା ଭଳି, ଜର୍ଜର ମୁଣ୍ଡସାରା ।

Digitized by srujanika@gmail.com

"ତୁମେ ନେପୋଲିୟନ୍ ?" କର୍ଣ୍ଣର ସ୍ୱର କ୍ଷୀଣ ହୋଇଆସୁଥାଏ ।

କିନ୍ତୁ ସେଦିନ ସନ୍ଧ୍ୟାର ଭୂତ ହଠାତ୍ ଆହୁରି ଶିହରି ଫାଟିଉଠେ । ନିର୍ବୋଧକୁ ନିର୍ବୋଧତର କରି ସାରି ମଧ୍ୟ ସେ ସନ୍ତୁଷ୍ଟ ହୋଇ ପାରେ ନାହିଁ । ସମଗ୍ର ପୃଥିବୀକୁ ନିର୍ବୋଧତମ କରିବାର ପ୍ରତିଜ୍ଞା ନେଇଥାଏ କମ୍ରେଡ୍ ଆନନ୍ଦଭଞ୍ଜି ସେଇ ସନ୍ଧ୍ୟାରେ ।

କର୍ଣ୍ଣର ପ୍ରଶ୍ନରେ ଢଳାଙ୍କେ ଥମି ନ ଯାଇ, ଗେଡ଼ା ଲୋକଟିର ବ୍ୟକ୍ତିତ୍ୱ ଆହୁରି ଫୁଲିଉଠେ । ଆହୁରି ଗମ୍ଭୀର କଣ୍ଠରେ ସେ କର୍ଣ୍ଣର ପ୍ରଶ୍ନର ଜବାବ ଦିଏ —

"କେବଳ ସମ୍ରାଟ୍ ନେପୋଲିୟନ୍ ନୁହେଁ କମ୍ରେଡ୍ ! ତା ପରେ ପୁଣି ଥରେ ଜନ୍ମ ହେବାକୁ ବାଧ୍ୟ କଲା ଏ ପୃଥିବୀ ମତେ । ଯୁଗେ ଯୁଗେ ମୁଁ ଆସେ ଏ ପୃଥିବୀକୁ—ପାପକ୍ଷୀଣ ନାଶିବାକୁ । ସେମାନେ ମୋତେ ପୁଣି ଝୁରିଲେ । ମୋ ପାଇଁ ଯାଗ-ଯଜ୍ଞ ହେଲା । ତାଙ୍କର ଡାକକୁ ଏଡ଼ାଇ ନ ପାରି ମତେ ପୁଣି ଜନ୍ମହେବାକୁ ହେଲା । କିନ୍ତୁ ଏଥର ଅନ୍ୟ ଏକ ରୂପରେ—ସେ ରୂପରେ ସେମାନେ ମୋ ନାଁ ଦେଲେ—ହିଟ୍‌ଲର୍ ।"

"ହିଟ୍‌ଲର୍ ! ଆପଣ ସେଇ ମହାତ୍ମା ହିଟ୍‌ଲର୍ ?" ତଣ୍ଟି ପଡ଼ିଗଲା ଭଳି ଝାଳ ଗୋଟାଏ ଫସ୍‌ଫସ୍ ଆବାଜ ଆସୁଥାଏ କର୍ଣ୍ଣର ତଣ୍ଟିରୁ । ହୁଏତ ସେ ଖୁବ୍ ଉତ୍ତେଜିତ ହୋଇ-ପଡ଼ିଥାଏ କିମ୍ବା ଭୟରେ ଥରୁଥାଏ । ସେ ବୁଝିପାରୁ ନ ଥାଏ କିଛି । କେବଳ ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍‌ଙ୍କ କଣ୍ଠସ୍ୱରଟାଇ ଠାଇ-ଠାଇ ତା କାନରେ ବାଜୁଥାଏ ସେତେବେଳେ । ସତେ ଅବା ଏଇ ଭୟ ଓ ବିସ୍ମୟରେ ପଡ଼ି ଫୁଟି ନ ଯିବା ପାଇଁ ଆଗରୁ ପ୍ରସ୍ତୁତ କରିଥାନ୍ତି ତାକୁ ସେଇ ମନସ୍ୱିନୀ ମହିଳା ମିସ୍ ଆଡ଼ାମସ୍ ।

ଦୁଃସାହସର ମୂଳମନ୍ତ୍ର ରୂପେ ଏତେଦିନ ଯୋଉ ନାଆଁଟା ଘୋଷିହେଉଥାଏ, ସେଇ ଅଦ୍ଭୁତ ଦୁଃସାହସିକା ନାରୀ, ସେ କେବଳ ଏଇ ଦୁଃସାହସର ପ୍ରେମାଷ୍ଟକୁ ଖୋଜି ଖୋଜି ପୃଥିବୀ ସେକେଡ଼ରୁ ଏକେଡ଼ ଆଉ ଏକେଡ଼ରୁ ସେକେଡ଼ ଧାଁ ଧାଁପଡ଼ କରୁଥାଏ—ସେ କ'ଣ ସେଇ ମନ୍ତ୍ର କହୁଛି ? ଏ କ'ଣ ସେଇ ହିଟ୍‌ଲର୍ ? କିନ୍ତୁ କାହିଁ ତାର ସେ ବିଖ୍ୟାତ ଜଣ ଝଣ୍ଡିକ ? ଏଇଟା ଯେ ମାଙ୍ଗୁନାଟାଏ !

କିନ୍ତୁ କର୍ଣ୍ଣର ବିବ୍ରତ ଆଖିରେ ସେଇ ଅବ୍ୟକ୍ତ ସନ୍ଦେହର ଛାୟା ପେଣ୍ଟୁଆଣିଆର ଆଖିକୁ ବେଶ୍ ଦେଖାପଡ଼ିଯାଉଥାଏ ।

ହଠାତ୍ କମ୍ରେଡ୍ ଆନନ୍ଦଭଞ୍ଜି ନିଜର ଆଉ ଅଧିକ ପରିଚୟ ପ୍ରଦାନରୁ ନିବୃତ୍ତ ହୋଇ କହିଉଠନ୍ତି, "କମ୍ରେଡ୍ ! ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍‌ଙ୍କ ଭଳି ମନସ୍ୱିନୀ ମହିଳାଙ୍କର ଛାତ୍ର ହୋଇ ତୁମେ ଧନ୍ୟ । ତୁମେ ତାଙ୍କର ପରିଚୟ ପାଇନାହଁ । ପାଇପାରିବ ନାହିଁ ବୋଧହୁଏ । ତାଙ୍କଠାରେ ଦେବତ୍ୱ ପୂରିରହିଛି । ଆଖି ଖୋଲି ତାଙ୍କର କଳା ମୁଗୁନି ପଥରର ସମ୍ପୂର୍ଣ୍ଣ ଶରୀରକୁ ନିର୍ନିମେଷ ଚକ୍ଷୁରେ ଥରେ ଦେଖିନିଅ । ତୁମେ ତାଙ୍କୁ ଚହ୍ନିନେବ ଆଖିର ପଲକ ଭିତରେ । ସେ ହଉଚନ୍ତି ସ୍ୱୟଂ ସୃଷ୍ଟିର ଜନନୀ ! ମା' କାଳୀ ।"

"ମା କାଳୀ ! ସୃଷ୍ଟିର ଜନନୀ ? ଦେବତ୍ୱ ପୂରିରହିଛି—ନେପୋଲିୟନ୍‌ର···ଏଇ ତା ହେଲେ ଯୁଦ୍ଧଭୂମିର ମାଆ ? ହିଟ୍‌ଲର୍ କିଏ ? ହିଟ୍‌ଲର୍ ଆଉ ମା' କାଳୀ ! ମା' କାଳୀ···

Digitized by srujanika@gmail.com

ଆଉ୍ ହ୍ୱନ୍‌ଲର୍...”

ଟେବୁଲ୍ ଉପରେ ଠିଆହୋଇ ଟେଡ଼ା ପେଚୁଆଖିଆ ଲୋକଟି ଆରମ୍ଭ କରିଦେଇଥାଏ, ସେଇ ସନ୍ଧ୍ୟାରେ, ତାର ସେଇ ବିଖ୍ୟାତ ବକ୍ତୃତା, ଯେଉଁ ବକ୍ତୃତା ଜର୍ଜ ଭଳି ଅଗଣିତ ଅକିଞ୍ଚନ, ସର୍ବହରା, ସ୍ୱପ୍ନସନ୍ଧାନୀ ଯୁବକଙ୍କୁ ଯୁଗ-ଯୁଗଧରି ବିମୁଗ୍ଧ କରିଆସିଥାଏ । ଆବିଷ୍ଟ ଚକ୍ଷୁ, କର୍ଣ୍ଣ ଓ ଇନ୍ଦ୍ରିୟବର୍ଗଙ୍କୁ ସମ୍ପୂର୍ଣ୍ଣରୂପେ ସମର୍ପଣ କରି ଦଳର ଭାବି ନେତା କମ୍ରେଡ୍ ଜର୍ଜର ଶିକ୍ଷାର ସେ କେଉଁ ଅଧ୍ୟାୟ ଥାଏ କେଜାଣି; କିନ୍ତୁ ସେଇ ସନ୍ଧ୍ୟାର ସେଇ ମହାତ୍ମା ଓ ସେଦିନର ସେଇ ସାର୍ବଜନୀନ ନୂତନ-ପନ୍ଥୀ ଦଳର ବିପ୍ଳବୀ ଚେୟାରମ୍ୟାନ୍ କମ୍ରେଡ୍ ଆନନ୍ଦଭର୍ଷ୍ଟିଙ୍କର ତାହା ଥାଏ ହୁଏତ ଏକ ଯୁଗାନ୍ତକାରୀ ବକ୍ତୃତା ।

ସେଦିନ ସାରା ରାତି ଜର୍ଜର ହୃଦୟସାରା ଏକ ଅଜ୍ଞାତ ବିଷଜ୍ୱାଳାରେ ଜଳିବାକୁ ଲାଗିଲା । ସେ ଆଉ ବିଛଣାରେ ଶୋଇ ରହି ପାରିଲାନାହିଁ । ବାହାରର ଅନ୍ଧାର ତାକୁ ଆହୁରି ବିଷାକ୍ତ ଲାଗିଲା । ଆଠଘଣ୍ଟା ତଳେ ଯେଉଁ ଅନ୍ଧାର ଓ ତାରାଗଣ ତାକୁ ବିକଳ ଆଲୁଅର ବିପରୀତ-ମୁଖୀ କରି, ତାର ଅନ୍ତରକୁ ଭାବମସ୍ତ କରି ଶୂନ୍ୟକୁ ଟୋଳାଧରିଥିଲେ, ହଠାତ୍ ସେ ଅନ୍ଧାର ଏକ ସାଙ୍ଘାତିକ ବିଶ୍ୱାସଘାତକ ମଣିଷରୂପେ ଆସି ଠିଆହୋଇଥିଲା ତା ସାମ୍ନାରେ । କିନ୍ତୁ ସେ ଅନ୍ଧାରର ମୂଳପୋଛ କରିଦେବା ନିମିତ୍ତ ମନସ୍ଥକଲା ଜର୍ଜ । ଅସ୍ତବ୍ୟସ୍ତ ହୋଇ ଶେଯରୁ ଉଠିପଡ଼ି ତାର ମୁଣ୍ଡ ଉପରେ ଝୁଲୁଥିବା ସୁଇଚ୍‌ଟାକୁ ଟିପିଦେଲା ସେ । ଚାହୁଁ ଚାହୁଁ ସାରା ଘରଟା ଫାଟିପଡ଼ିଲା ଆଲୁଅରେ । ତାର ଆଖି ବି ମିଟିମିଟି ହୋଇଗଲା ସେଇ ଆଲୁଅରେ । ରାତିଯାକ କଷ୍ଟା ନ ପଡ଼ିଥିଲେ ବି ସେ ଆଖି ଆଲୁଅ ସମ୍ଭାଳି ପାରୁନଥାଏ । ତେଣୁ ଆଲୁଅର ଅତ୍ୟାଚାରରୁ ରକ୍ଷାପାଇବା ପାଇଁ ପୁଣି ବାହାରର ଅନ୍ଧାରକୁ ଚେରେଇ ଚେରେଇ ଚାହିଁବାକୁ ବାଧହୁଏ ସେ ।

ଇତିମଧ୍ୟରେ ଝରକାଆଡ଼କୁ ଉଠିଯାଇଥାଏ ଜର୍ଜ । ଝରକା ତଳର ଗଭୀର ଅନ୍ଧାରକୁ ପୁଣି ଲକ୍ଷ୍ୟ କରୁଥାଏ ସେ—ସନ୍ଧ୍ୟାବେଳ ପରି । ପୁଣି ସେ ଚାହୁଁଥାଏ ଆକାଶ ଆଡ଼କୁ । ଆକାଶ ସଫା ଥାଏ । ସନ୍ଧ୍ୟାବେଳ ଭଳି ମେଘ ଭିତରେ ଛପି ନଥାନ୍ତି ତାରାମାନେ । ଜକଜକ ହୋଇ ସାହାନ୍ତି ଆକାଶ ଭିତରୁ ଗୋଟାଏ କେମିତି ତାଚ୍ଛଲ୍ୟମିଶା ଆଖିମିଟିକା ମାରୁଥାନ୍ତି ସେମାନେ ସତେ କି !

ସେଇ ଆଖିମିଟିକା ମାରୁଥିବା ବଦମାସ୍ ତାରାଗୁଡ଼ାଙ୍କ ଆଡ଼କୁ ହାତ ଉଞ୍ଚେଇ ଜର୍ଜ କହେ—“ମୁଁ ଜାଣେ—ମୁଁ ଜାଣେ—ତୁମେ ସବୁ ସାଧୁସନ୍ଥ ନୁହଁ । ଖୁବ ପାଜି ଗୋଟିଏ ଗୋଟିଏ ତମେ । ତୁମେ ସେଇ ଘୃଣ୍ୟ ‘ବୁର୍ଜୁଆ’ ! ପରଠୁ ଚୋରି କରି ଆଲୁଅ ଆଣି ଦେଖେଇ ହଉଚ ତୁମେ । ନ ହେଲେ ଏ ଆଲୁଅସବୁ ତମେ ପାଆନ୍ତ କୋଉଠୁଁ ? କିଏ ଦେଲା ତମକୁ ? ତମେ ଯଦି ଜୋର କରି ଜାଣି ନ ଥାଆନ୍ତ, ଅନ୍ୟକୁ ଅନ୍ଧାରରେ ବୁଡ଼େଇ ତମେ ଯଦି ସାରା ଆକାଶର ଏକ ଆଲୁଅକୁ ଚୋରିକରି ଏଇ ମାତ୍ର ହଜାରେଟି ଆଖିରେ

Digitized by srujanika@gmail.com

ଆଣି ଠୁଳ କରିନଥାନ୍ତି, ତାହେଲେ ତେମେ ତାଙ୍କୁ ବୋଲେଇଥା'ନ୍ତ ବା କେମିତି ?

"ତେମେ ଆଜି ରଜା ବନିଚ ! ଆଉ, ତମର ସ୍ୱରପଟେ ସେଇ ଅନ୍ଧାରର ମହାସମୁଦ୍ର ଭିତରେ ଯେତେ ଆଲୁଅ ହରେଇଥିବା କୀଟ ଛଟପଟ ହଉଚନ୍ତି, ତାର ହିସାବ ରଖିଚ ?"

"ଏ ତ ଗଲା ତୁମ ପାପୀମାନଙ୍କ କଥା । ଆଉ, ସେଇ ମୃତ୍ୟୁ ଅନ୍ଧାରର କୀଟଗୁଡ଼ିକ ବି କୋଉ ଭଲ ? ସେମାନେ କଅଣ ଦୟାର ପାତ୍ର ? ସେମାନେ ନିଜେ ନିଜେ ଏକ ଏକ ପାପିଷ୍ଠ । ସେଇ ପାପୀ ମୂର୍ଖମାନଙ୍କ ପ୍ରତି ତମର ଏ ଅତ୍ୟାଚାରର ତ ଠିକ୍ ହେଉଚି ନଷ୍ଟସ୍ୱ— ନ ହେବ କାହିଁ ? ଯେ ସର୍ବହରା ବୋଲଉଥାଏ, ସେ ଯେବେ ନିଜକୁ ନିଜେ ଠକି ଠକି ଗୋଟିଏ ଗୋଟିଏ ନିର୍ଦ୍ଦମାର କୀଟଭଳି ବଞ୍ଚିରହିବାକୁ ଭଲ ମନେକରେ, ତା'ଠାରୁ ବଳି ଅଧିକ ପାପୀ ଭଲା କିଏ ? ଏଇ ଠକମାନଙ୍କୁ କିଏ କହେ ବିପ୍ଳବୀ ବୋଲି ? ସ୍ୱାଙ୍କ ଦେଇ ବିପ୍ଳବ ହବ ବୋଲି କିଏ କହୁଚି ସେ ମୂର୍ଖ ? ଏମାନେ ଯେବେ ବିପ୍ଳବ କରିବେ ବିପ୍ଳବର ପ୍ରତିରୋଧ କରିବ କିଏ ? ତମେ ଯଦି ତାଙ୍କୁ ଭଲ ବାଟରେ ନେବ, ସେମାନେ ପରା ଠିକ୍ ତୁମର ତୋଟି କାଟିବେ ।"

"ଠିକ୍ କରିଚ ! ତୁମେ ତାଙ୍କମାନେ ଠିକ୍ କରିଚ । ଏ ମୂର୍ଖଙ୍କ ମୁଣ୍ଡରୁ ଟିକିଟିକି ଆଲୁଅଟିମାନ କାଢ଼ିନେଇ ଆପଣା ଦେହରେ ଖଞ୍ଜି ଆପେ ଜଳଉଠିଚ ଆଉ ଅନ୍ଧାରକୁ ଯନ୍ତ୍ରଜହିତ୍ ହେଲେ ଆଲୁଅ ଯୋଗେଇଦଉଚ—ଠିକ୍ କରିଚ ତୁମେ । ତୁମେଇ ଜିତିଚ । ତୁମେଇ ଜାଣ କେମିତି ବଞ୍ଚିବାକୁ ହୁଏ, ଆଉ ଜଳିବାକୁ ହୁଏ ।

ଏକ ଭୟଙ୍କର ହେୟବୋଧରେ ତାର ସାରା ଦେହ ଆହୁରି ବିଯାକ୍ତ ହେଇଯାଏ । ଦେହ ଜଳୁଥାଏ, ବର୍ତ୍ତମାନ ମୁଣ୍ଡ ବି ଜଳିବାକୁ ଲାଗିଗଲା । ମହାତ୍ମା ହିଟ୍‌ଲର୍, ନେପୋଲିୟନ୍, ପାର୍ଟି ଚେୟାରମ୍ୟାନ୍ ସବୁରି କଥା ଗୋଟି ଗୋଟି ହେଇ ମୁଣ୍ଡ ଭିତରକୁ ଆସିଯାଏ ତାର । ସେଥି ସହିତ ଆସିଯାଏ ବି ଆଗାମୀ ଯୁଗର ମଣିଷ ଦେହର ସ୍କିମ୍ଟି । ଧୀରେ ଧୀରେ ଏକ ମଣିଷରୁ ସର୍ବତୋଭାବେ ସମାନ ଆଉ ଗୋଟିଏ ମଣିଷର ଚିତ୍ର ଆସି ଭୁଲିଯାଏ ତା ମୁଣ୍ଡରେ । ସେ ଦୁଇ ଚିତ୍ରର ସମ୍ମିଶ୍ରଣରେ ତା ପରେ ଆସେ ଆଉ ଗୋଟିଏ, ଅବିକଳ ସେଇ ସର୍ବତୋଭାବେ ସମାନ ମଣିଷ ଦୁଇଟି ପରେ ମଣିଷ ଗୋଟାଏ ତା ଆଖି ଆଗକୁ । ତା ପରେ ଆଉ ଗୋଟାଏ, ତା'ପରେ ଆଉ ଗୋଟାଏ, ତା ପରେ ଆଉ ଗୋଟାଏ, ତା'ପରେ ଆଉ ଗୋଟାଏ···ଏହିପରି ଗଲାଗଲା ହୋଇ ଚାଲିପଡୁଥାନ୍ତି ଓ ଗଲାପଡ଼ିବା ମାତ୍ରେ ଏକ ବିରାଟ ପଟୁଆର କରି ଧାଇଁବାକୁ ଆରମ୍ଭ କରିଦେଇଥାନ୍ତି ସେଇ କଳା କଳା ଅଙ୍ଗାର-ଗାରରେ ଅଙ୍କାହେଇଥିବା ଶ୍ରେଷ୍ଠ ଶ୍ରେଷ୍ଠ ସର୍ବତୋଭାବେ ସମାନ ମଣିଷଗୁଡ଼ିକ—ତାର ଆଖି ଆଗରେ ।

ଚରଣ ସ୍ୱରର ହାତଅଙ୍କା, ପଚ୍ଛିମା ମାଇକିନାର କାନ୍ଥ ଉପରେ ଝୁଲୁଥିବା ଅଦ୍ଭୁତ ଓ ସର୍ବତୋଭାବେ ଅସମାନ ମଣିଷମାନଙ୍କର ପଟୁଆରର ଚିତ୍ରଟା ବି ସାଙ୍ଗେ ସାଙ୍ଗେ ଆସିଯାଉଥାଏ ତା' ଆଖିଆଗକୁ । ସେଇ ଦୁଇଟିଯାକ ଚିତ୍ରକୁ ଆଖି ଆଗରେ ଧରି ସେ ପରୀକ୍ଷା କରୁଥାଏ । ଗୋଟାଏ ସର୍ବତୋଭାବେ ସମାନ ଓ ଏକାକାର; ଅନ୍ୟଟି ସର୍ବତୋ-

Digitized by srujanika@gmail.com

ଭାବେ ଅସମାନ ଆଉ ସର୍ବ ଆକାର ପ୍ରକାରର । ଏହାପରେ ଦୁଇ ଜାତିର ଦୁଇ କିସମର ମଣିଷ ଇତମଧ୍ୟରେ ଠିଆହୋଇଥାନ୍ତି ଆସି ଜର୍ଜର ଦୃଷ୍ଟି ସମ୍ମୁଖରେ ।

କେତେବେଳକେ ତାର ହୋସ୍ ହୁଏ । ଆକାଶକୁ ଚାହିଁ ସେ ଦେଖେ ବାହାରର ଅନ୍ଧକାରକୁ ଦୂରକରି କେତେବେଳେ ତାର ପ୍ରିୟ କୁଆଁତାରାଟି ପୂର୍ବ ଆକାଶରେ ଉଇଁ ଉଠି ସାରିଥାଏ ।

ନଜର ମିଆଁର ଆଖି—ଜର୍ଜର ମନେ ପଡ଼ିଯାଏ । ଆକାଶ ସାରା ତଥାପି ବିଛେଇ ହୋଇ ପଡ଼ିଥାନ୍ତି ଅନ୍ୟାନ୍ୟ ସାଧୁ-ସନ୍ନ୍ୟାସୀମାନଙ୍କର ଆଖିସବୁ । ସ୍ପଷ୍ଟ ହୋଇ ଦେଖା-ଯାଉଥାନ୍ତି ସେମାନେ, ତଥାପି ସେଇ ଫରଫଟିଆସୁଥିବା ଆକାଶରେ । କିନ୍ତୁ ଜର୍ଜ ଭଲକରି ଜାଣିଥାଏ, ସେମାନଙ୍କର ପରମାୟୁ ଆଉ ବେଶି ସମୟ ନୁହେଁ । କାରଣ ବହୁ-ଦୂରରେ, ସେଇ ପୂର୍ବ ଆକାଶର ତଳଭାଗଟା ତାତିଲା ଲୁହାର ବର୍ଣ୍ଣ ଧରିଆସୁଥାଏ । ଆଉ ଟିକକେ ଯେ ସବୁକୁ ଏକ ଆଲୁଅର ଜୁଆରରେ ଭସେଇ ଦେଇ ଉଠିଆସିବ ସୂର୍ଯ୍ୟ । ଜର୍ଜ ବୁଝିପାରୁଥାଏ ବେଶ୍ ।

କିନ୍ତୁ ଜର୍ଜ ଭୁଲିଯାଇଥାଏ । ହୁଏତ ସେ ମନେ ରଖି ପାରି ନ ଥାଏ ତାର ସେହି ପ୍ରିୟ ସୂର୍ଯ୍ୟଟି ସେ ଦିନ, ଚଉଚାଳିଶତ ସୂର୍ଯ୍ୟପରି ଫଟା ଫଟା ଦେହ ନେଇ ଉଠିବ କି ନା । ସେ ବିଷୟରେ ଭାବିବାକୁ ସମ୍ଭବତଃ ସେ ଭୁଲିଯାଇଥାଏ ।

ଏହା ପରେ ଅନ୍ୟ ଏକ ଅଧିବେଶନର ଆରମ୍ଭ ।

ପହଞ୍ଚିଥାନ୍ତି ମହୀୟସୀ ନାରୀ ମିସ୍ ଆଡ଼ାମସ୍ ।

ମା' କାଳୀ ।

ଆମେରିକାର ଚିକାଗୋ ସହରର ଏକ କୋଟିପତି ଘରର ଝିଅ ସେ ମହୀୟସୀ, ଏ ସମ୍ବନ୍ଧରେ ଆଦୌ ସନ୍ଦେହ ନ ଥାଏ ଜର୍ଜର । କିନ୍ତୁ ଏ ନାରୀ କଅଣ ସତେ ମା' କାଳୀ ? ସ୍ୱାମୀଙ୍କ ଠେଇଁ କ'ଣ ଭଗବତ୍‌ସତ୍ତା ଭରିରହିଛି ସତରେ ? ଏ ପୃଥିବୀକୁ ଏଇ ନାରୀ ହିଁ ସୃଷ୍ଟି କରିଚ ତେବେ ହିଁ ।

କିନ୍ତୁ ପାର୍ଟି ଚେସ୍ୱାରମ୍ୟାନ୍ କମ୍ରେଡ୍ ଆନନ୍ଦଭଟ୍ଟିଙ୍କର ମୁହଁରୁ ବାହାରିଥିବା ପ୍ରତ୍ୟେକ ଶବ୍ଦ ତ ସତ୍ୟ ବ୍ୟତୀତ ଆଉ କିଛି ହୋଇ ନ ପାରେ ।

ଏତେ ଦିନ ଧରି ସେଇ ପୁରୁଷର ଚର୍ଚ୍ଚା ଇ କରିଆସିଥିଲା ସେ । ବର୍ତ୍ତମାନ ଶକ୍ତିର ପରିଚୟ ସେ ପାଇଗଲା ସେଇ ପୁରୁଷର ମଧ୍ୟଦେଇ । ତାପରେ ପୁରୁଷ ଓ ଶକ୍ତି ଦୁହେଁ ମିଳିତ ହୋଇ ବର୍ତ୍ତମାନ ଠିଆହେଇପଡ଼ିଲେ ସେଇ "ହାରପଦାନୀ" ଯୁବକଟିର ଆଗରେ ।

ସହରର ଗଳିକନ୍ଦିରେ ବୁଲି ରିକ୍‌ସା ଚଳାଉଥିଲାବେଳେ, ଜର୍ଜ ତାର ସେଇ କ୍ଷୁଦ୍ର କାର୍ଯ୍ୟର ପରିସର ମଧ୍ୟରେ କହିଛୁ ପରିଚୟ ପାଇଥାଏ ଅବଶ୍ୟ ସେଇ ଅଶେଷ ରୂପଧାରିଣୀ ଶକ୍ତିର । ସେଇ ଶକ୍ତିର ଆଶୀର୍ବାଦ ଟିକିଏ ଲାଭ କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ

Digitized by srujanika@gmail.com

କି ଉପେକ୍ଷା, କି ଲାଞ୍ଛନା, କେତେ ପିନ୍ ଫୋଡ଼ା, କେତେ ମାଡ଼ଗୋଇଠା, କେତେ କଟାଶମା ଆଉ ପୋଲିସ ଲଠିର ଚୁମ୍ବନ ନ ପାଇଛି ଏଇ ସାଧକର ପିଠି ଖଣ୍ଡିକ । କିନ୍ତୁ ଆଜି ଆପେ ଆପେ ଆସି ଧରାଦେଇଛି ସେ ଜର୍ଜର ହାତରେ ଓ ଆପଣାଛାଏଁ ଆତ୍ମପ୍ରକାଶ କରିଛି ସେ ମହାସ୍ୱପ୍ନୀ ଶକ୍ତି ଆଜି ତା'ର ଆଗରେ —ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍ ।

ସେଦିନ ସକାଳ ତମାମ ଟେବୁଲକୁ ମୁହଁପୋତି ବସିରହିଥାଏ ଜର୍ଜ—ସତେ ଯେପରି ସେଇ ଜ୍ୱଳନ୍ତ ଶକ୍ତିର ଆଖି ଦଇଟାକୁ ସିଧାସଳଖ ଚାହିଁଦେବା ପାଇଁ ତାର ଆଖି ନାହିଁ ଆଜି । ଏବଂ ଯେଉଁ ଆଖି ଦଇଟାରେ ବା ସେ ଅନାନ୍ତା, ସେ ଦଇଟାକୁ ତାଡ଼ିଦେଇ ସେଇ ଶକ୍ତିର ଅର୍ଚ୍ଚନାରେ ଲଗେଇଦେଇଛି ସେ ।

ମିସ୍ ଆଡ଼ାମସ୍, ଟୋକାଟାର ସେଇ ପରିବର୍ତ୍ତିତ ଭାବକୁ ଲକ୍ଷ୍ୟ କରିଛନ୍ତି ଭଲକରି । ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନ ଥାଏ । ତାଙ୍କର ଅଭିଜ୍ଞ ଆଖି ଦୁଇଟି ଦ୍ୱାରା ଟୋକାଟାର ସେଇ ମୁହଁ ଆଉ ଭାବକୁ ଲକ୍ଷ୍ୟକରି ସେ ବେଶ୍ କିଛି ଜାଣି ନେଇଥାନ୍ତି ସେତେବେଳକୁ । ଟୋକାଟାର ଯେ "ବ୍ରହ୍ମଦର୍ଶନ" ହେଇଯାଇଛି, ଏଥିରେ ସନ୍ଦେହ ନ ଥାଏ ଆଉ ତାଙ୍କର । ସେ ଭଲକରି ବୁଝିପାରିଥିଲେ ଶିକ୍ଷାର କେଉଁ ସ୍ତରରେ ତାଙ୍କ ଦାୟିତ୍ୱରେ ରଖାଯାଇଥିବା ଛାତ୍ରଟି ପହଞ୍ଚିପାରିଥାଏ । ତାହାର ଗଣନା ତାଙ୍କ ନଖ ଅଗରେ ପ୍ରାୟ । ସେ ଜାଣିଥିଲେ—ଆଉ ସାମାନ୍ୟ କିଛିଟା ପାଲିସ୍ ମାତ୍ର ଯାହା ବାକି, ସେତିକି ପରେ ତାଙ୍କର କାର୍ଯ୍ୟ ସମ୍ପୂର୍ଣ୍ଣ । ତା ପରେ ତାଙ୍କୁ ପୁଣି ଡେରା ଉଠେଇବାକୁପଡ଼ିବ—କିଏ ଜାଣେ ଏଥର କୁଆଡ଼େ ?

ଜର୍ଜର ଆଙ୍ଗୁଠିଗୁଡ଼ିକ ଅନ୍ୟମନସ୍କଭାବେ ଲାଗିପଡ଼ିଥାଏ ଗୋଟିଏ ବହିର ପୃଷ୍ଠାଗୁଡ଼ିକ ଉପରେ । ସେଇଟି ପ୍ରକୃତରେ କୌଣସି ବହି ନୁହେଁ—ଗୋଟାଏ ସଚିତ୍ର ପାମ୍ଫଲେଟ୍‌ର ସମଷ୍ଟି । ମାତ୍ର ଯାହାକୁ ଗୋଟିଏ ପାଠ୍ୟପୁସ୍ତକ ଭାବି, ଜର୍ଜ ତାହାର ସଚିତ୍ର ପୃଷ୍ଠାଗୁଡ଼ିକୁ ନିଜର ପାଠ୍ୟରୂପେ ଅଭ୍ୟାସ କରୁଥାଏ ।

କୋଠରିର ନୀରବତା ଧୀରେ ଧୀରେ ଅସହ୍ୟ ହୋଇ ଉଠୁଥାଏ । ବିଶେଷ କରି ଗୋଟିଏ ଦେବୀପ୍ରତିମାର ସମ୍ମୁଖରେ ଏତେ ସମୟ ଧରି ନୀରବ ରହିବାଟା କେମିତି ମାଙ୍କୁ ମାଡ଼ି ପଡ଼ୁଥାଏ ଜର୍ଜକୁ । ସେ ବ୍ୟସ୍ତ ହୋଇ ଉଠୁଥାଏ । ତା ହାତର ବହିପୃଷ୍ଠାଗୁଡ଼ିକ ଆହୁରି ଶୀଘ୍ର ଶୀଘ୍ର ଓଲଟୁଥାଏ ।

ହଠାତ୍ ବହି ପୃଷ୍ଠାର ଗୋଟାଏ କିଛି ଛବି ପାଖରେ ତାର ଅଙ୍ଗୁଠି ଅଟକିଯାଏ । ଆଙ୍ଗୁଠିଟି ଅଟକିଯିବା ସାଥେ ସାଥେ ତାର ଏଠୁ ସେତିକି ଉଡ଼ିବୁଲୁଥିବା ପକ୍ଷୀରାଜ ମନଟି ମଧ୍ୟ ଅଟକିଯାଏ । ପ୍ରଥମେ ସାମାନ୍ୟ ମନୋଯୋଗ ସହିତ ଚିତ୍ରଟିକୁ ଚାହେଁ ଓ ଚାହିଁରହିବା ମାତ୍ରେ ସେ ଚମକି ଉଠେ । ତା' ପରେ କଅଣ ଖୋଜିଲା ଭଳି ଚିତ୍ରପ୍ରତିମାର ପ୍ରତ୍ୟେକ ଅବୟବକୁ ସେ ତନ୍ନତନ୍ନ କରି ଖୋଜିଯାଏ—ସତେ କି ସେ ବିଶ୍ୱାସ କରିପାରୁ ନ ଥାଏ ତାର ଆଖି ଦୁଇଟାକୁ । କିନ୍ତୁ ଅବିଶ୍ୱାସ କରିବାରେ ଆଉ ଥିଲା କଅଣ ? ସେଇ ଚେନାଆଖି ଅଉ ଶୁଆନାକକୁ ଦେଖିବା ପରେ ଆଉ ଅଧିକ କଅଣ ବା ଦେଖିବାର ଥିଲା ସେଠି ?

Digitized by srujanika@gmail.com

ଚିଟ୍ଠିର ତଳେ ଲେଖା ହୋଇଥିବା ଧାଡ଼ିଟିକୁ ବାରମ୍ବାର ପଢ଼ିଲା ସେ, ତା ପରେ ବାରମ୍ବାର ଘୋଷିହେଲା ସେ ମନ୍ତ୍ରଟିକୁ—

"—ସୃଷ୍ଟିର ପରିତ୍ରାଣ ନିମିତ୍ତ ଓ ସଂସାରରୁ ପାପପଙ୍କର ନାଶିବା ନିମିତ୍ତ ଯୁଗେ ଯୁଗେ ମୁଁ ଜନ୍ମହୁଏ । ମୁଁ ହିଟଲର ! ମୁଁ ପାର୍ଶି ଚର୍ଚ୍ଚ ! ମୁଁ... "

"ମୁଁ..."

ମିସ୍ ଆଡ଼ାମସ୍ ଗ୍ୱହିଁଥିଲେ ଏକଲୟରେ । ସେଇ ମୁଦ୍‌ଗରିଆ ବାହୁ ଦୁଇଟାକୁ କମ୍ପିତ ସପ୍ରଶଂସ ଦୃଷ୍ଟିରେ ଦେଖୁଦେଖୁ ସେ ଚିନ୍ତା କରୁଥିଲେ—ଏଇ ବାହୁତଳେ ଶୋଇରହିଛି କେତେ କ୍ଷୁଧା, କେତେ ତୃଷ୍ଣା, ଆଉ କେତେ କେତେ କାମନା ! ଏଇ ବାହୁ ଦୁଇଟିରେ ଗୁଡ଼େଇହୋଇ ରହିଛନ୍ତି କେଡ଼େ କେଡ଼େ ବିଷଧର ନାଗ । ଆଉ ଏଇ ହଉଛି ମୋର ସୃଷ୍ଟି ! ମୋର ହାତଗଢ଼ା ଶାଣଦିଆ ଇସ୍ପାତି ଛୁରୀ ଖଣ୍ଡେ ! ଖାଲି ଅପେକ୍ଷା କରି ବସିଛି ସେ— ଇସାରାକୁ । ଏଭଳି ତୀକ୍ଷ୍ଣ ଅସ୍ତ୍ରର ନିର୍ମାଣକୌଶଳ ପୃଥିବୀରେ ଜଣା ଆଉ କେଉଁ ଲୋକକୁ ? କେବଳ ସ୍ୱୟଂ ବିଶ୍ୱକର୍ମାର ହାତ ବ୍ୟତୀତ ଆଉ କେଉଁ ହାତ ଶିଖିଛି ଏ ନିର୍ମାଣ କୌଶଳ ?

ବେଶ୍ ଆତ୍ମତୃପ୍ତିର ସହିତ ମିସ୍ ଆଡ଼ାମସ୍ ଗୋଟାଏ ଲମ୍ବା ନିଶ୍ୱାସ ଗ୍ଛାଡ଼ିଲେ । ନୀରବତା ମଧ୍ୟରେ ସେଇ ନିଃଶ୍ୱାସର ଶବ୍ଦଟା ଗ୍ୱଉଁକରି ଲାଗିଗଲା ଜର୍ଜର କାନରେ; କିନ୍ତୁ କୌଣସି ପ୍ରଶ୍ନ ନକରି ସେ ମୁହଁ ଟେକି ଉପରକୁ ଗ୍ୱହିଁଲା ଦେବୀ ପ୍ରତିମାର ମୁହଁକୁ । ତା ପରେ କାହିଁକି କେଜାଣି ପୁଣି ଥରେ ଚମକପଡ଼ି ମୁହଁ ପୋତିଦେଲା ସେ ।

ଟୋକାଟାର ଏଇ ମୁହଁପୋତା ଲକ୍ଷ୍ୟକୁ ବେଶ୍ ଅନୁଭବ କରିପାରିଲେ ମିସ ଆଡ଼ାମସ୍ । ତାଙ୍କର ଓଠ ଚିରି ଜୋର୍‌କରି ବାହାରି ଆସୁଥିବା ହସକୁ ଗ୍ୱପିଧରି ମନକୁ ମନ ସେ କହୁଥିଲେ—

"ଦେଖ ! କି ଧୀର, କି ଭକ୍ତିମାନ୍, ଆଉ କି ଶାନ୍ତ । ଅଥଚ ଅଜସ୍ର ଶକ୍ତି ଭର୍ତ୍ତିହୋଇଛି ସେଇ ଦଉଡ଼ି ଭଳି ବଳା ହୋଇଥିବା ମାଂସପେଶୀ ଭିତରେ ।"

"ପୃଥିବୀର ପ୍ରତି କୋଣରେ, ପ୍ରତି ଜୀବରେ ଏହି ଭକ୍ତି ତ ସଞ୍ଚାରକରିବା ହେଲା ପ୍ରତ୍ୟେକ ଧର୍ମପ୍ରଗ୍ୱରକର କର୍ତ୍ତବ୍ୟ ଆଉ ଧର୍ମ । ନଚେତ୍ ଚିକାଗୋ ସହରର ରାଜପ୍ରାସାଦ ତ୍ୟାଗକରି ଏସିଆର ବାଉଁଶବଣ, ଆଫ୍ରିକାର ଘନ ଅନ୍ଧକାର, ଆଉ ସ୍କଟ୍‌ଲାଣ୍ଡର ଅନ୍ଧାରୁଆ କୋଇଲାଖାତ ଆଉ ଦୁର୍ଗନ୍ଧ ଡକ୍‌ୟାର୍ଡ଼ରେ ବୁଲି ବୁଲି ଜୀବନର ଅନୁସନ୍ଧାନ କରିବାର ଆବଶ୍ୟକତା ବା କଅଣ ଥାଏ ଜଣେ ମଣିଷର ? ଏଇତ ଧର୍ମ ଜୀବନର ! ଆଉ ଏଇ ଜୀବନକୁ ଅସମ୍ଭବ ସ୍ଥାନରେ ଆବିଷ୍କାର କରିବା ତ ଈଶ୍ୱର ସନ୍ତାନର ଆବିଷ୍କାର ।"

ଜର୍ଜ ଚୁପ୍ ହୋଇ ବସିଥାଏ । ମନ୍ତ୍ର ଆଉ ବ୍ରହ୍ମଜ୍ଞାନ ଗୁଡ଼ିକ ଧୀରେ ଧୀରେ ଭେଦ-କରୁଥାଏ ତାର ମସ୍ତିଷ୍କକୁ—ସେଇ ଚିଡ଼ ପ୍ରତିମାର ମଧ୍ୟରେ ।

ମହାସ୍ୱପ୍ନୀ ମହିଳା ମିସ୍ ଆଡ଼ାମସ୍ ଯେତେବେଳେ ନିଜର ଦୁଃଖାହସମସ୍ତ ସମଗ୍ର ଜୀବନର ଚିଡ଼ଟିକୁ ଗଭୀର ଆତ୍ମତୃପ୍ତିର ସହିତ ଆଉଥରେ ଲେଖାଏଁ ମନରେ ଖେଳେଇ ନଉଥିଲେ, ସେତେବେଳେ ଜର୍ଜ ତଥାପି ସେଇ ମନ୍ତ୍ର ପାରାୟଣ କରୁଥାଏ—

Digitized by srujanika@gmail.com

"ସୃଷ୍ଟିର ପରିତ୍ରାଣ ନିମିତ୍ତ ଓ ସଂସାରରୁ ପାପଭାର ନାଶିବା ନିମିତ୍ତ ଯୁଗେ ଯୁଗେ "ମୁଁ" ଜନ୍ମହୁଏ—ସୃଷ୍ଟିର ପରିତ୍ରାଣ ନିମିତ୍ତ ଓ ସଂସାରରୁ ପାପଭାର ନାଶିବା ନିମିତ୍ତ ଯୁଗେ ଯୁଗେ ମୁଁ ଜନ୍ମହୁଏ—ସୃଷ୍ଟିର···ମୁଁ ଜନ୍ମହୁଏ ! ମୁଁ ଜନ୍ମହୁଏ । ମୁଁ ·ମୁଁ ମୁଁ ମୁଁ··· ଜନ୍ମହୁଏ—ମୁଁ, ମୁଁ—" ସେଇ ଗୋଟିଏ ବାକ୍ୟକୁ ଯେତେ ଯେତେ ଥର ସେ ଆବୃତ୍ତି କରୁଥାଏ, ଧୀରେ ଧୀରେ ସେତିକି ରୋମାଞ୍ଚିତ ହୋଇ ଉଠୁଥାଏ ତାର ଦେହ ! ଏମିତି ବାରମ୍ବାର ଆବୃତ୍ତି କରୁ କରୁ ହଠାତ୍ ବେଳେବେଳେ ସେଇ 'ମୁଁ' ଶବ୍ଦ ଠେଇଁ ଟିକିଏ ଅଟକି ଯାଇ ଚମକିପଡ଼ିଲା ଭଳି ନିଜ ଚାରିଆଡ଼କୁ ଟିକିଏ ଚାହିଁଦିଏ ଓ ତା'ପରେ ପ୍ରକୃତିସ୍ଥ ହୁଏ । କାରଣ, ଚାରିଆଡ଼କୁ ଚାହିଁ ତାର ନିଜ ସ୍ଥିତିକୁ ନିର୍ଦ୍ଦିଷ୍ଟ କରିବାର ଟିକିଏ ପୂର୍ବରୁ ସେଇ "ମୁଁ" ଶବ୍ଦର ଗୁରୁ ଉଚ୍ଚାରଣରେ ଆପେ ବିମୋହିତ ହୋଇ ନିଜ ଭୁଲବଶତଃ ସେହି ପରକୀୟ "ମୁଁ"କୁ ନେଇ କେତେବେଳେ ଆପଣାଠାରେ ଆରୋପିତ କରିଦେଇଥାଏ କେ ଜାଣେ ? ଫଳରେ ଗୋଟିଏ ଭଗ୍ନ ମୁହୂର୍ତ୍ତ ପେଇଁ ସେ ହଡ଼ବଡ଼େଇ ଯାଏ ଓ ନିଜକୁ ନିଜେ ପଚାରେ—

"—ମୁଁ ? ମୁଁ ଜନ୍ମହୁଏ ? ବାରମ୍ବାର ଜନ୍ମନିଏ ? ଏ ପୃଥିବୀରୁ ପାପଭାର ନାଶିବା ପେଇଁ ?"

କିନ୍ତୁ ପରେ ସେ ବୁଝିପାରେ ନିଜ ଭୁଲ ଓ ଚଞ୍ଚଳ ଚେକାଆଖିଆ ମଣିଷଟିକୁ ଚାହିଁଦେଇ ସେ ପ୍ରକୃତିସ୍ଥ ହୁଏ । ତେବେ ସେଇ ଅଦ୍ଭୁତ ଶକ୍ତିପୂର୍ଣ୍ଣ ଶବ୍ଦ "ମୁଁ"ର ଉଚ୍ଚାରଣ ଗୋଟିଏ ଅସ୍ପଷ୍ଟ ଗାର ରହିଯାଉଥାଏ ତାର ମୁଣ୍ଡ ଭିତରେ, ସେଇ କ୍ଷୁଦ୍ର ଆତ୍ମଚେତନା ଭିତରେ ।

ତଥାପି ଏଇ ଅବସରରେ ତାଳୁଠାରୁ ତଳିପା ପର୍ଯ୍ୟନ୍ତ ଟିକିନିଖି ବିବରଣୀ ଦେଖିନେଇ-ଥିଲେ ମିସ୍ ଅ୍ୟାଡ଼ାମସ୍ ଟୋକାଟାଠାରେ ଏଥିଭିତରେ । ତାର ଟିପ୍ ଟିପ୍ ହୋଇ ବସନ୍ତଖିଆ ମୁହଁ, ସେଇ କଳା ମଚମଚ ଆଖି, ତାର ସୂକ୍ଷ୍ମ ଭ୍ରୂଲତା ଦୁଇଟା ସବୁ କିଛିକୁ ଟିପିଦେଇ-ଥିଲେ ସେ ମନେ ମନେ । କିନ୍ତୁ ଏସବୁ ଭିତରେ ତାଙ୍କର ହାତଗଢ଼ା ଶିଳ୍ପଟିର ସେଇ ଅକ୍ଷୁଣ୍ଣ, ତୀକ୍ଷ୍ଣ ଆଉ ଖଣ୍ଡାଧାର ପରି ଚେଷ୍ଟସ୍ୱାନ୍ ନାକଟାକୁ ଦେଖିଦେଲା ମାତ୍ରେ କାହିଁକି କେଜାଣି ତାଙ୍କ ମନରେ ଲଗିଲା ଗୋଟିଏ ଖଟକା । ନିଜର ଅଜାଣତରେ ତାର ସେଇ ଆଖିବୃଷ୍ଟିଆ ନାକଟାକୁ କେତେ ବାର ଯେ କିଏ ଓଲଟପାଲଟ କରି, ମନେ ମନେ କି ପ୍ରକାର କଳନା କରିଥାନ୍ତି ତାର ସ୍ୱଳ୍ପ ଜୀବନକାଳ ଭିତରେ ଏ ଧାରଣା ତାର ନଥାଏ । କିନ୍ତୁ ହଠାତ୍ ଗୋଟାଏ ଆହୁରି କିଛି ଶୁଭ ବା ଅଶୁଭ ଆବିଷ୍କାର କଲଭଳି ମିସ୍ ଅ୍ୟାଡ଼ାମସ୍ ହୁଏତ ତାଙ୍କର କ୍ଷୁଦ୍ରମୂନ ଭଳି ଗୋଳିଆ ଦୃଷ୍ଟିରେ ସେଇ ନାକଟାକୁ ହଠାତ୍ ଖୋଳିବାକୁ ଆରମ୍ଭ କରି ସାରିଥିଲେ ।

ଠାକୁରାଣୀଖିଆ ବିକୃତ ମୁହଁଟା ଭିତରେ, ଟୋକାଟାର ସେଇ ଦୈବାତ୍ ବଞ୍ଚିଯାଇଥିବା ନାକଟି ଯେ ସୌନ୍ଦର୍ଯ୍ୟର ସଙ୍କେତରୂପେ କାମ କରୁଥାଏ, ଏଥିରେ ସନ୍ଦେହ ନଥାଏ । କିନ୍ତୁ ମିସ୍ ଅ୍ୟାଡ଼ାମସ୍ଙ୍କ ଅଭିଜ୍ଞ ମଣିଷ ଚିହ୍ନିବା ଆଖିଦୁଇଟା ବଡ଼ ଅସ୍ୱାଭାବିକ ଭାବେ ପୂର

Digitized by srujanika@gmail.com

ବୁଲୁଥାଏ ସେଇ ନାକଟାର ଚାରିପାଖେ । ସତେ ଯେପରି ସେ ତାଙ୍କର ସ୍ମୃତିକୁ ଘନଘନ ହଣ୍ଟାଳି ଚାଲିଛନ୍ତି ସେଇ ଲମ୍ବା ନାକର ଦାଆଣ୍ଟା ସାହାଯ୍ୟରେ ।

କେତେବେଳେ ହଠାତ୍ ତାଙ୍କର ମନେହେଉଛି ଯେ ଏଭଳି ଗୋଟିଏ ନାକ ପୂର୍ବେ କୋଉଠି ଦେଖିଥିଲେ ବୋଲି । ତା'ପରେ ଆରମ୍ଭ ହେଲା ସେଇଠୁ ଗୋଟାଏ ଲମ୍ବା ଜଳଯାତ୍ରା ତାଙ୍କର ମନର ସମୁଦ୍ରରେ । କିଛିକ୍ଷଣ ପାଇଁ ମିସ୍ ଆଡ଼ାମସ୍ ଅଣ୍ଡାଳିବାକୁ ଆରମ୍ଭ କରିଦେଲେ ତାଙ୍କର ପିଛିଲା ଦିନର ଘଣ୍ଟାଗୁଡ଼ିକୁ । ଦୀର୍ଘ ଦଶବର୍ଷର ଦୁଃସାହସିକ ଦିନ-ଗୁଡ଼ିକ ଆଡ଼କୁ ହଠାତ୍ ମୁହାଁଇଗଲେ ସେ—ସେଇ ନାକର ସୂତ୍ର ଖୋଜି ଖୋଜି ।

ତାଙ୍କର ଅଜାଣତରେ କେତେବେଳେ, ସେହି ଲମ୍ବା ନାକର ସୂତ୍ରଟିକୁ ଅଣ୍ଡାଳି ଅଣ୍ଡାଳି ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍ ଓ ପାର୍ଟିର ସାର୍ବଜନୀନ ଦେବୀ ମିସ୍ ଆଡ଼ାମସ୍‌ଙ୍କର ଅଚେତନ ଆଙ୍ଗୁଠିଗୁଡ଼ିକ ଅଣ୍ଡାଳିସାରିଥାନ୍ତି ତାଙ୍କ ନିଜ ମୁହଁ ଉପରର ସେଇ ସାପଟାକୁ—ଯୋଉ ସାପ ସଦାସର୍ବଦା ନିଜର ଚଟକା ଫଣାଟିକୁ ଟେକି କେବଳ ଗୋଟାଏ ହାତ ଆସ୍ପଦକୁ ଅନେଇ ବସିଥାଏ । ହଠାତ୍ ନିଦ୍ରାଭଙ୍ଗ ହେଲା, ଯେ ସର୍ପର, ଆଉ ମନ୍ଦ୍ର ଗର୍ଜନ କରି ସୁ ସୁ ହେଇ ପବନ ଶୋଷିବାକୁ ଆରମ୍ଭ କଲା ସେ ମଧ୍ୟ ।

ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍‌ଙ୍କର ଖୁବ୍ ଇଚ୍ଛା ହେଲା ଟିକିଏ ନଇଁପଡ଼ି ସର୍ପର ସେଇ "ମିଲ୍‌ଟନ ଡଲର" ନାକଟାକୁ ଟିକିଏ ଆଉଁସିଦବାକୁ ।

କିନ୍ତୁ ନିଜର ସେଇ ଅଦମ୍ୟ ପିପାସାକୁ କୌଣସିମତେ ରୋକିନେଲେ । ସେ ନଇଁପଡ଼ି ଟେକାଟାର ସେଇ ଅସମ୍ଭବଭାବେ ତେଜ ଆଉ ଖରି କଉଚୁକିଆ ନାକଟିକୁ ଆଉଁସି ନ ପକେଇ, ଏଥର ଛକତସାରରେ ନିଜର ନାକକୁଇ ବାରମ୍ବାର ଓଟାରିବାକୁ ଲଗିଲେ ସେ । କିଛି ସମୟ ପାଇଁ ଆଙ୍ଗୁଠିର ସେଇ ପ୍ରବଳ ଆକର୍ଷଣକୁ ସମ୍ଭାଳି ନେଲା ନାକଟା । କିନ୍ତୁ ପରେ ପରେ ଆଙ୍ଗୁଠିର ଘର୍ଷଣ ଫଳରେ ତହିଁ ଉପରକୁ ଧୀରେ ଧୀରେ ଚଢ଼ିବାକୁ ଆରମ୍ଭ କଲା ଅଧିକ ରକ୍ତ । ପ୍ରଥମେ ବେଶ୍ ଉଷୁମ ଲାଗିଲା । ତା ପରେ ତାର ଉପର ଚମଟା ପୋଡ଼ିବାକୁ ଲାଗିଲା ଅବଶ୍ୟ । ତଥାପି, ଜର୍ଜର ଅଲକ୍ଷ୍ୟରେ ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍ ତାଙ୍କ ନିଜ ନାକଟିକୁ ସାଂଘାତିକ ଭାବେ ଦଳିବାରେ ଲାଗିପଡ଼ିଲେ ।

ଏଇ ଅବସରରେ ଜର୍ଜର ନିଜସ୍ୱ ସ୍ୱର ଧୀରେ ଧୀରେ ବଢ଼ିଉଠୁଥାଏ । ସେ ଜାଣେନା କଅଣ ସେ ପଢ଼ୁଥିଲା ସେତେବେଳେ; କିନ୍ତୁ ତାର ସ୍ୱରରୁ ବୁଝାଯାଉଥାଏ ସତେ ଯେପରି ସେ ଗୋଟାଏ ଗୀତ ବୋଲିବାକୁ ଆରମ୍ଭ କରିଦେଇଥାଏ—ମୁଁ—ମୁଁ—ମୁଁ—ମୁଁ ଉଁ—ଉଁ—ଉଁ—ଉଁ······

ଟୋକାଟାର ସେ ବିଚିତ୍ର ସଙ୍ଗୀତକୁ ମିସ୍ ଆଡ଼ାମସ୍ ଆଉ ସମ୍ଭାଳି ପାରିଲେ ନାହିଁ । ସେଇ ଉଁ ଉଁ ଶବ୍ଦଟା ବଡ଼ ବିରକ୍ତିକର ବୋଧହେଲା ତାଙ୍କୁ । ବିଶେଷତଃ ସେଇ ତୀକ୍ଷ୍ଣ, ପାହାଡ଼ଶୃଙ୍ଗ ଭଳି ଗୋଟାଏ ବିରାଟ ପୌରୁଷବାନ୍ ନାକ ପକ୍ଷରେ ସେଇ ନାକକାନ୍ଦୁରା ହିଁ ଉଁ ହେବାଟା ବଡ଼ ଜଘନ୍ୟ ବୋଧହେଲା ତାଙ୍କୁ ।

Digitized by srujanika@gmail.com

ଝୁଙ୍କିପଡ଼ିଲେ ଆଗକୁ ମିସ୍ ଆଡ଼ାମସ୍ । ତାଙ୍କର ଅସ୍ବାଭାବିକ ସ୍ପର୍ଶ ଆଣି ଆକ୍ରମଣ ଆଶ୍ଚର୍ଯ୍ୟ କରିଦେଲା ଜର୍ଜଙ୍କୁ । ବିଲ୍‌ବିଲ୍ କରି ସେ କେବଳ ଗୁଣ୍ଡିଲା ମେଇ ମୁହଁକୁ ।

ମାତ୍ର —ଶବ୍ଦଟା ରହିଗଲା ତାର ତଣ୍ଟି ଭିତରେ । କାରଣ ନାକବାଟେ ନିଃଶ୍ୱାସ ବନ୍ଦ ହୋଇଯିବାମାତ୍ରେ ପାଟିଟା ଆପେ ଆପେ ଖୋଲିଗଲା ତାର, ଏବଂ ମସ୍ତ ଏକ ଦମ୍ ପବନ ଭୁସ୍‌କରି ପଶିଗଲା ତା ଗଳା ଭିତରକୁ ।

ଏଥିମଧ୍ୟରେ ଜର୍ଜର ଆଖି ଡିମା ଡିମା ହୋଇଯାଇଥାଏ; କିନ୍ତୁ ଆଉ ଗୋଟାଏ ଝିଙ୍କା ମାରି ଦେଇ ମିସ୍ ଆଡ଼ାମସ୍ ତାର ନାକଟିକୁ ଛାଡ଼ିଦେଲେ ନିଜ ଖାପଚରୁ ଓ କହିଲେ— "ମିଲିଅନ୍ ଡଲାର୍ । କମ୍ରେଡ୍ ଜର୍ଜ । ଏ ମିଲିଅନ୍ ଡଲାର୍‌ର ନାକ ଝଣ୍ଡିକ ପାଇଲ କୋଉଠୁ ତମେ ?"

"ମିଲିଅନ୍ ଡଲାର୍ !" ବୋକାଙ୍କ ଭଳି ଗୁଣ୍ଡିଲା ଜର୍ଜ ।

"ହିଁ, ହିଁ, ଏକ ମିଲିଅନ୍ ଡଲାର ଦାମ୍ ହବ ନିଶ୍ଚୟ ତମର ଏ ନାକଝଣ୍ଡିକ କମ୍ରେଡ୍ । ତମେ ଜଣେ କ୍ୟାପିଟାଲିଷ୍ଟ । ମାମୁଲିକ କ୍ୟାପିଟାଲିଷ୍ଟ କମ୍ରେଡ୍ ।"

"କ୍ୟାପିଟାଲିଷ୍ଟ ? ମୁଁ କ୍ୟାପିଟାଲିଷ୍ଟ ?"

"କେବଳ କ୍ୟାପିଟାଲିଷ୍ଟ ନୁହଁ—ବିଶ୍ୱାସଘାତକ ଆଉ ପ୍ରତାରକ, ଶଠ ତୁମେ । କି ଆଶ୍ଚର୍ଯ୍ୟ—ବସନ୍ତ ରୋଗ ସାରା ମୁହଁଟାକୁ ବିନଷ୍ଟ କରିଚି—ଅଥଚ ସେ ଝଣ୍ଡିକ ? ସେଇ ଆଭିଜାତ୍ୟର ଚେରଖଣ୍ଡିକ ତଥାପି ରହିଗଲା···ରହିଯାଇପାରିଲା କେମିତି ?"

"ଆଭିଜାତ୍ୟ ? ଆଭିଜାତ୍ୟ କଅଣ ? ମୁହିଁ ସେ ସର୍ବହରା । ମେଣ୍ଟକାଲ ନର୍ଦ୍ଦମା ମୋର ମା' ଆଉ ଝିଙ୍କା ବରଗଛ ମୋ ବାପା । ଏ ଦୁହିଁଙ୍କ ପାଖରୁ ସେମାନେ ପଗ୍ ଆବିଷ୍କାର କରିଥିଲେ ମୋତେ ।"

"ମିଥ୍ୟାବାଦୀ ! ଚୁପ୍ କର ମିଥ୍ୟାବାଦୀ ! ତୁମେ ମତେ ବହୁବାର ଦଗାଦେଇଚ । କେବଳ ମତେ ନୁହେଁ—ମୋର ସମ୍ପ୍ରଦାୟ, ଏପରି କି ମୋର ଜନ୍ମକୁ ବି । ତୁମେ ଧପ୍‌ପାବାଜ୍ । ସ୍ୱୈର ।"

"ମୁଁ ଦଗାଦେଇଚି ? ମୁଁ ସ୍ୱୈର ? ଧପ୍‌ପାବାଜ୍ ? କେମିତି ?" ଚକାଭଉଁରି ପରି ଖେଳିଗଲା ସେଇ ଶବ୍ଦଗୁଡ଼ାକ ଜର୍ଜର ମୁଣ୍ଡରେ ।

"ହିଁ, ହିଁ, ତୁମେ ଧପ୍‌ପାବାଜ । ତୁମେ ସ୍ୱୈର । ମୋର ସର୍ବସ୍ୱ ଲୁଟିକରିଚ । ତମରି ଯୋଗୁ ମୁଁ ଆଜି ଘୂରିବୁଲୁଛି । ନାଳାନର୍ଦ୍ଦମା, ବଣଜଙ୍ଗଲ, କୋଇଲାଖଣି ଆଉ ଡକ୍‌ୟାର୍ଡ଼ର ଆବର୍ଜନା ଭିତରେ । ତୁମକୁଇ ଧ୍ୱଂସ, ଧୂଳିସାତ୍ କରିବାପାଇଁ ନେଇଚି ପ୍ରତିଜ୍ଞା । ନଚେତ୍ ମୁଁ ଆଜି ବସିଥାନ୍ତି ରାଜରାଣୀ ହୋଇ । ଚିକାଗୋ ସହରରେ ମୋ ବାପା ଏକ କୋଟିପତି ବ୍ୟବସାୟୀ । ତାଙ୍କର କଂସେଇଖାନା ଆଜି ସାରା ପୃଥିବୀପ୍ରସିଦ୍ଧ । ସେ ସୁଖସମ୍ପଦ ଛାଡ଼ି ଆଜି ବୁଲୁଚି ମୁଁ ମାଳୟର ବାଉଁଶବଣ ଭିତରେ, ଆଫ୍ରିକାର ଅନ୍ଧକାରରେ—ସେଣ୍ଟ୍‌ପିଟର ଦାଂଶନ ସହ୍ୟାକର ଘୂରୁଚି ମୁଁ । ମୁଁ ଏକ ଅତୃପ୍ତ ଆତ୍ମା । ଏକ ଅତୃପ୍ତ ଆତ୍ମାପରି ଘୂରୁଛି ମୁଁ ।"

Digitized by srujanika@gmail.com

"କନ୍ଲୁ, ମୁଁ କଅଣ କଲି ? ମୁଁ ବି ତ ଏକ ଅତୃପ୍ତ ଆତ୍ମା । ବାରମ୍ବାର ତେଣୁ ମୁଁ ଜନ୍ମ ହେଉଚି ।" ଜର୍ଜ ହଠାତ୍ ସତର୍କ ହେଲା । ସେ ଜାଣିପାରିଲା ଯେ କଅଣଗୁଡ଼ାଏ ଅବାନ୍ତର ଗପୁଚି । ତାର ଆଗରେ ସାକ୍ଷାତ୍ ମା' କାଳୀ ଉପସ୍ଥିତ । ତାଙ୍କୁ ଏଡ଼ାଇ ସେ କଅଣ କହୁଚି ?

"ହଁ, ହଁ ବାରମ୍ବାର ତମେ ଜନ୍ମହେଉଚ । ମୁଁ ଜାଣେ···ମୁଁ ଜାଣେ । ତମେ କ'ଣ ଭାବିଚ ମୁଁ ତମକୁ ଚହ୍ନିପାରୁନାହିଁ ?" ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍‌ଙ୍କର ରବର ଓଠ ଧିଇଟା ଧୀରେ ଧୀରେ ଭିତର୍‌ହେଇଯାଉଥାଏ ।

ଜର୍ଜ ଦେଖିଲା, ଯାହା ସେ ଏତେଦିନଯାକେ ଦେଖି ପାରି ନଥିଲା ସେଇ ମୁହଁରେ । ସେଇ କୁଞ୍ଚୁକୁଞ୍ଚିଆ କହରା କେଶ କେଶ୍ରକଠାରୁ ଆରମ୍ଭ କରି ଗୋଟାଏ ଚଟକା କପାଳ ଦେଇ ବୋହିଆସିଲା ଗୋଟାଏ କଅଣ ଅଦ୍ଭୁତ, ରହସ୍ୟମୟ ସୁଅ ସେଇ ଚଟକା, ଚଉଡ଼ା ଆଉ ଲ୍ରେଟ ସାପଫଣା ଭଳି ନାକ ଆଡ଼କୁ । ତା'ପରେ ସେ ପ୍ରବାହଟି ନିମଗ୍ନ ହେଲା ପରି ପଶିଗଲା ସେଇ ମୋଟା ମୋଟା ଚକ୍‌କଣ ଆଉ ଲାଲ ରବରର ଦଉଡ଼ିଭଳି ଓଠ ଧିଇଟା ସାଥିରେ । ତତ୍‌କ୍ଷଣାତ୍ ସେଇ ମୋଟା ଦଉଡ଼ି ଦିଇଟାର ଭିତରେ ବନ୍ଦ ହେଇଯାଇ ଯେ ସୁଅ ଚମ୍ପୁଡ଼ି ହେଇ ପଡ଼ିଲା ଗୋଟାଏ ଅସୁନ୍ଦରିଆ ପାଟିର ଦୁଇ ପାଖରୁ ।

ଖଣ୍ଡିଏ ଲ୍ରେଟ ରୁମାଲ କାଢ଼ିଆଣି ମିସ୍ ଆଡ଼ାମସ୍ ତାଙ୍କ ପାଟିର ଦୁଇ କଣକୁ ପୋଛିନେଲେ । ଉତ୍ତ୍ୟକ୍ତ ବା ବିବ୍ରତ ହୋଇପଡ଼ିଲେ ସାଧାରଣତଃ ତାଙ୍କ ପାଟିରୁ ନାଳ ବୋହିପଡ଼େ । ମୁହଁ ପୋଛିନେଇ ସେ ଜର୍ଜ ପାଇଁ ଅପେକ୍ଷା ନ କରି କହିଗ୍ଲଲେ—ମୁଁ ତମକୁ ଠିକ୍ ଉତ୍ତର କରିଚି । ମାତ୍ର ପଚଶଟି ବର୍ଷ ତଳର କଥା । ତମେ କ'ଣ ଭାବିଚ ମୁଁ ଏତେ ଶୀଘ୍ର ଭୁଲିଗଲି ସେ ଅପମାନ ?"

"ପଚିଶ ବର୍ଷ ତଳେ ? ଅର୍ଥାତ୍ ? ମୁଁ ତ ଜନ୍ମ ବି ହେଇ ନ ଥିଲି ସେତେବେଳେ ?" ଜର୍ଜ ନିଜକୁ ରକ୍ଷାକରିବା ପାଇଁ ଉଦ୍ୟତ ହେଉଥାଏ । କନ୍ଲୁ ତାର ସବୁ ଚତୁରପଣିଆକୁ ଦାବିଦେଇ ମିସ୍ ଆଡ଼ାମସ ଗର୍ଜି ଉଠିଲେ "ଚୁପ୍ କର ପାଜି, ମୁଁ ତୋତେ ଚହ୍ନେ ଭଲକରି । ମୁଁ ଜାଣିଚି—ତୁ ଜନ୍ମ ହେଇ ନଥିଲୁ ସେତେବେଳେ ତୁ ସେତେବେଳେ ହେଇଥିଲୁ ଗୋଟିଏ ଅଶୀ ବର୍ଷର ବୁଢ଼ା । ଆଉ ମତେ ହେଇଥିଲା ମାତ୍ର ଦଶବର୍ଷ ।"

"କଅଣ କହୁଛନ୍ତି ଆପଣ ?" ସନ୍ତ୍ରସ୍ତ ହୋଇଉଠିଲା ଜର୍ଜ । ଭୟରେ ତାର ହୃଦରୁ ଗୋଟାଏ ଝାଳ ବୋହିପଡ଼ୁଥାଏ । ଗୃହଆଡ଼କୁ ଗ୍ଲହିଁ ବାଟ ଖୋଜୁଥାଏ ସେ । କନ୍ଲୁ ବାଟ କାହିଁ ? ଗୃହଆଡ଼େ ଯେ ପାଟିର ମସ୍ତ ମସ୍ତ ଉଞ୍ଚ ଚୁନ ଧଉଳା କାନ୍ଥ । ଆଉ ଆଗରେ ଯେ ସେଇ ସର୍ବଶକ୍ତିମତୀ ସ୍ତ୍ରୀଲୋକଟି ଦୃଢ଼ଭାବେ ବାଟ ଓଗାଳି ଠିଆହେଇରହିଚି ।

"ମୁଁ ଠିକ୍ କହୁଚି ! ମୁଁ ଧର୍ମର ଶପଥ ନେଇ କହୁଚି ଯେ ମୁଁ ଠିକ୍ କହୁଚି । ମୁଁ ତତେ ଚହ୍ନେ ସଇତାନ । ତୁ ଯେତେ ଲୁଚେଇବାକୁ ବସିଲେ ମଧ୍ୟ ତୋ ଭିତରର ନରକାଗ୍ନି ଜଳଉଠୁଚି ହେଇ ସେଠି । ଦେଖିପାରୁଚୁ । ଆ, ଯଦି ନ ଦେଖି ପାରୁଚୁ ଏଇ, ନେ ତୋ ଦର୍ପଣ ଆଉ ଦେଖ୍ ତୋ ମୁହଁ । ମନେପକା ପିଛିଲା ଜୀବନ କଥା । ଆଭିଜାତ୍ୟର

Digitized by srujanika@gmail.com

ଗବ ଦେଖୋଉଚୁ—ନାହିଁ ? ଶୁ ରୂପ ବଦଳାଇ ଆସିଛୁ, ନାଇଁ ? ଭାବୁଥିଲୁ, ମୁଁ ତୋର ଏ ଅସମ୍ଭବ ବେଶ ଦେଖି ଭୁଲିଯିବି, ଆଉ ତୁ ସ୍ୱଚ୍ଛନ୍ଦରେ ତୋ କାମ କରିନେବୁ । ତୁ କ'ଣ ଭାବଚୁ---ଏତେ ସହଜରେ ହାସଲ କରିନେବୁ ତୋର ହେଇ ଘୃଣ୍ୟ ଅଭିଳାଷକୁ ? ଅସମ୍ଭବ ! ଅସମ୍ଭବ ! ଅସମ୍ଭବ !"

ମିସ୍ ଆଡ଼ାମସ୍ ପୁଣି ଥରେ ପୋଛିନେଲେ ତାଙ୍କର ଚଉଡ଼ା ପାଟିର ଜଣ ଦଉଡ଼ାକୁ । ତାଙ୍କର ସ୍ୱର ବଢ଼ିଉଠୁଥାଏ । ତାଙ୍କର ଚଳଚଳ ଆଖି ଦୁଇଟା ମଝିରେ ମଝିରେ ଝଲକି ଉଠୁଥାଏ ଓ ରାଗରେ ତାଙ୍କର ନାକ ଥରଉଠୁଥାଏ । ତାଙ୍କର ହାତ ମୂଠା ମୂଠା ହେଇ ଯାଉଥାଏ—ସତେ କି ତାଙ୍କୁ କାଳଣି ଲାଗିଗଲାଣି ପ୍ରକୃତରେ ।

ପିଛିଲାଦିନର ନଙ୍କରମିଆଁ କହୁଥିବା ମଶାଣିଚଣ୍ଡୀ ଆଉ କାଳିସିମାନଙ୍କ ବିଷୟରେ ଶୁଣିଥିବା ସବୁ ଅସମ୍ଭବ ଚମତ୍କାରିକ ଭୂତ ଭାବରେ ମାଡ଼ିବସିଥାଏ ଆସି ଜର୍ଜର ମୁଣ୍ଡ ଭିତରେ । ଭୟରେ ଗୋଟିପଣେ ଥରୁଥାଏ ସେ ।

"ହେ ବୁଢ଼ା—ଆରେ ହେ ଥୋବରା ବୁଢ଼ା, ଶୁଣ୍ ।" ମିସ୍ ଅଡ଼ାମସ୍ ଜର୍ଜକୁ ଲକ୍ଷ୍ୟକରି ଡାକିଲେ । କିନ୍ତୁ ତାଙ୍କର ସୂତୀକ୍ଷ୍ଣ ଆଖି ଦୁଇଟା କେବଳ ସେଇ ବସନ୍ତମୁହାଁ ଝୋକାଟା ଦେହରେ ଅଟକି ଯାଉ ନ ଥାଏ । ସେ ଆଖି ତୀର ଭଳି ଭେଦକରିଯାଉଥାଏ ସେଇ ଦେହକୁ ସତେ ବା ।

ଜର୍ଜ ବୁଲି ଚାହିଁଲା । କିଏ ? କିଏ ସେ ଅଛି ତା ପଛରେ, ଯାହାକୁ ଲକ୍ଷ୍ୟକରି କଥା କହୁଚ ଏ ଅଦ୍ଭୁତ ସ୍ତ୍ରୀଲୋକ ?

କିନ୍ତୁ ପଛରେ ତାର କେହି ନ ଥିଲେ; ପଛରେ ଥିଲା କେବଳ ଗୋଟାଏ ଝରକା, ଯାହାର ଆର ପାଖେ ଗୋଟାଏ ଫାଙ୍କା, ଖୋଲା ଆକାଶ ଛଡ଼ା ଆଉ କିଛି ନଥିଲା ବୋଲି ଜର୍ଜ ଜାଣିଥିଲା ।

କିନ୍ତୁ ସତେ କି ସେଇ ଆପାତତଃ ଶୂନ୍ୟତା ଭିତରେ କାହାକୁ ସବୁ ଦେଖିପାରୁଥିଲା ସେ ସ୍ତ୍ରୀଲୋକଟା । କହୁଥିଲା ସେ ସେମିତି—"ପ୍ରଥମ ବୟସରେ ତୁ ମୋ ବିଶ୍ୱାସରେ ଯେଉଁ ବିଷ ଦେଇଥିଲୁ, କ'ଣ ଭୁଲିଗଲୁ ସେ କଥା ? ମନେ ଅଛି ତୋର—ମୋ ବାପା ଯେ ଆଜି କୋଟିପତି ହେଇ ସାରା ପୃଥିବୀର ମାଂସ ବ୍ୟବସାୟକୁ ଏକଚାଟିଆକରି ହାତମୁଠା ଭିତରେ ରଖିପାରିଛନ୍ତି, ଦିନେ ସେ ଥିଲେ ତୋ ଘରର ଗୋଟାଏ ସାମାନ୍ୟତମ ନୌକର ? ମନେପଡ଼ୁଚ ? ମୋର ମାଆ ଯେତେବେଳେ ମରୁଥିଲେ ତାଙ୍କର ସେଇ ପ୍ରାଣାନ୍ତକ ଆଣ୍ଟୁଗଣ୍ଡି ବାତରେ ? ଆଉ, ତୁ ଆସିଥିଲୁ ପ୍ରାର୍ଥନା କରିବାକୁ ସେ ନ ମରିବା ପୂର୍ବରୁ, ମୋ ମାଆର ଆତ୍ମାର ସଦ୍‌ଗତି କାମନାକରିବାକୁ, ଯେହେତୁ ସେତେବେଳେ ତୁ ବୁଢ଼ା ଥିଲୁ ଜଣେ ମହାନ୍ ସଇତାନ୍—ଧର୍ମଯାଜକ । ଧର୍ମ ନାଆଁରେ ଜୀଅନ୍ତା ଲୋକକୁ ମୂର୍ଦ୍ଦାର କରି ତୁମେ ଯେଉଁମାନେ ମଣିଷକୁ ପଠାଅ ସ୍ୱର୍ଗକୁ । ମନେଅଛି ?

"ମୋ ବାପା ସେଦିନ ଯାଇଥିଲେ ତୋ ବଳରେ ହଳ କରିବାକୁ । ମୋ ମାଆର ହକ୍‌କା ଉଠୁଥାଏ । ମୁଁ ଧାଇଁଗଲି ତତେ ଡାକି ଆଣିବା ପାଇଁ ।

Digitized by srujanika@gmail.com

"ସିଡ଼ି ଘରର ଓଦା ପାହାଚ ଉପରେ ଯେତେବେଳେ ତୋର ଗୋଡ଼ ଖସିଯାଉଥିଲା, ତୁ ମୁହଁମାଡ଼ି ଓଲଟି ପଡ଼ୁଥାଉ, ମୁଁ ତତେ ଧରିନେଉ ମନେ ଅଛି ବୁଢ଼ା ? ମନେଅଛି ? ତୁ ମୋ କାନ୍ଧରେ ହାତ ପକେଇ ପାଦ ଗଣି ଗଣି ପାହାଚ ଚଢ଼ି ଚଢ଼ି ଓହ୍ଲାଉଥିଲୁ ? ମନେଯାଇଥାଉ—ଦୁଇ ମହଲ ଉପରୁ ପଡ଼ି ତୋର ହାଡ଼ଗୋଡ଼ ଆଉ ତୋର ଏଇ ଲମ୍ବା ନାକ ଖଣ୍ଡିକ ଚୂନ୍‌ଚୂନ୍ ହୋଇଥାଆନ୍ତା ? କିନ୍ତୁ ମୁଁ ବଞ୍ଚେଇଦେଲି ତତେ । ତା ପରେ ହେଲା କଅଣ ମନେଅଛି ?"

ମିସ୍ ଆଡ଼ାମସ୍ ପୁଣିଥରେ ପୋଛିଲେ ତାଙ୍କର ଓଠର ଦୁଇ ପ୍ରାନ୍ତକୁ ଓ ସେଇ ଗୋଟାଏ କଥା ଲହସରେ କହିଗ୍ଲଲେ—"ମୁଁ ଜାଣେ—ମୁଁ ଜାଣେରେ ବୁଢ଼ା—ତତେ ମୁଁ ଭଲକରି ଚିହ୍ନେ । ଛଳନାର ପ୍ରତିମୂର୍ତ୍ତି ତୁ । ଠକ । ପାଜି । ସ୍ୱୈର ଆଉ ଜ୍ୱାଷ୍ଟେର ତୁମେ ଆଉ ତୁମର ଧର୍ମପ୍ରଗ୍ୱରକ ଜାତି । ଏ ହାତରେ ଅହଂକାର ଆଉ ସେ ହାତରେ ଛଳନାକୁ ମୁଠେଇ ଧରିବା ତୁମର ଧର୍ମ । ତୁମେ ସବୁ ପାଜି, ଠକ—ମଣିଷକୁ ବଳିଦେଇ ତା'ରି ରକ୍ତରେ ତୁମେ ସନ୍ତୁଷ୍ଟ କରିବାକୁ ଗ୍ୱହଁ ଦେବତାକୁ ।

"ତତେ ମୁଁ ଜାଣେ । ତୁ ପାଜି ମହା ସଇତାନ୍ । ନଚେତ୍ ତୁ କଅଁ ସେଦିନ ସେଇ ସିଡ଼ିଘରେ ଚୁମା ଦେଇଥିଲୁ ମତେ ? ତେଣେ ମୋ ମା' ମରୁଥାଏ । ତଥାପି ତୋର ପାଇଁ ଗୋଡ଼ ମୋର ଛନ୍ଦୁରେଇ ହୋଇଗଲା । ଅଟକିଗଲି ମୁଁ । ଗ୍ୱଲିପାରିଲି ନାହିଁ । ମୋର ସାରା ଦେହ ଜଳିଯାଉଥାଏ ଯେତେବେଳେ ।"

"ତୋର ମନେଅଛିରେ ସଇତାନ୍, କେତେ ବିଷ ତୁ ଢାଳି ଦେଇଥିଲୁ ସେ ଦିନ ମୋର ଏଇ କାନମୂଳେ—ଯେତେବେଳେ ତୁ ଚୁମିଦେଲୁ ଏଇଠି, ଏଇ ଚେପେଟା କପାଳଟା ଉପରେ—ଯେତେବେଳେ ତୋର ଏଇ ଘୃଣ୍ୟ ନାକର ବିଷାକ୍ତ ଅଗରୁ ବର୍ଷୁ- ଥିଲା ବିଷ ଅବିଶ୍ରାନ୍ତଭାବେ ମୋର ଏଇ କାନ ଭିତରକୁ ।"

"ନା—ମନେରହିବ କାହିଁକି ? ତୁମେ ଯେ ଅଭିଜାତ, ସମ୍ଭ୍ରାନ୍ତ ଆଉ ଧନୀ । ତୁମର ଗୋରା ଚମ ପୁଣି ଉଚ୍ଚ ନାକ ଛଡ଼ା ଆଉ କଅଣ ଅଛି ମନେରଖିବାକୁ ଏ ସଂସାରରେ ? ବାକି ଯାହା ଅଛି ସେ ତ ଛଳନା । କିନ୍ତୁ ହେ ସଇତାନ୍, ତୁ ଯେତେ ରୂପ ବଦଳେଇ ଆ—ଯେତେପ୍ରକାର ଛଳନା ଯେନି ଆ—ମୁଁ ତୋର ଅଣ୍ଟା ଭାଙ୍ଗିଦେବି । ମୁଁ ଏ ପୃଥିବୀରୁ ସମସ୍ତ ଛଳନା ଶେଷ କରିବି । ମୋର ଏ ପ୍ରତିଜ୍ଞା ସେଇ ଦଶବର୍ଷ ବୟସରୁ । ଆଗାମୀ ଯୁଗର ମଣିଷର ଚିନ୍ତା ସେଇ ଦଶବର୍ଷ ବୟସରୁ ଆନ ପାଇଛି ଏ ମୁଣ୍ଡରେ । ମୁଁ ପ୍ରକୃତିର ଉପାସିକା । ଉପାସିକା କାହିଁକି—ମୁଁ ଯେ ସ୍ୱୟଂ ପ୍ରକୃତି । ମୁଁ ଶକ୍ତି । ମୁଁ କାଳୀ । ଛଳନାର ସୃଷ୍ଟିକର୍ତ୍ତ୍ରୀ ମୁଁ—ଆଉ ଧ୍ୱଂସକାରିଣୀ ମଧ୍ୟ ମୁଁ । ଆଗାମୀ ଯୁଗର ମଣିଷକୁ ମୁଁ ଉଲଗ୍ନ କରିଦେବାକୁ ଗ୍ୱହେଁ । ମୁଁ ତାକୁ ସର୍ବତୋଭାବେ ସମାନ କରିଦେବାକୁ ଗ୍ୱହେଁ । ମୁଁ ତାକୁ ଗୋଟିଏ ପିମ୍ପୁଡ଼ିମହାର ଅସଂଖ୍ୟ ପିମ୍ପୁଡ଼ି ଭିତରେ ପିମ୍ପୁଡ଼ିଟିଏ କରିଦେବାକୁ ଗ୍ୱହେଁ । ଏକ ଶ୍ରେଣୀର ବାହୁଚ୍ଛାୟା ତଳେ ଅସଂଖ୍ୟ ଏକାକାର ଆଉ ସର୍ବତୋଭାବେ ସମାନ ପିମ୍ପୁଡ଼ିଗୁଡ଼ିଏ ମୋର ଦରକାର । ମୁଁ ପ୍ରକୃତି । ତୁ ମତେ ଚିହ୍ନି ନ ଥିଲୁ ସେଦିନ ରେ

Digitized by srujanika@gmail.com

ବୁଢ଼ା ସଇତାନ୍ । ଆଉ ଆଜି ଚାହିଁ ମଧ୍ୟ ଚାହିଁ ପାରୁନାହୁଁ ତୁ ମତେ । ହୁଏତ ଚାହିଁ ପାରିଥାନ୍ତୁ ଅତି ସହଜରେ । କିନ୍ତୁ ତୋର ସେଇ ନାକ—ସେଇ ଛଳନାର ପ୍ରତୀକ ନାକଟାଇ ତୋର ମୁଣ୍ଡକୁ ସେଦିନ ଖାଇଦେଇଥିଲା ରେ ସଇତାନ୍ । ଆଉ ଆଜିବି ଖାଉଛି ଆଉ ଖାଇବ ମଧ୍ୟ । ତୋର ସେଇ ମୁଣ୍ଡକୁ ଫେରାଇ ଆଣିବା ପାଇଁ ମୁଁ ତୋର ଏଇ ନାକକୁ ଆଜି କାମୁଡ଼ି ଖାଇବି । ଖାଲି ସେତିକି ନୁହେଁ, ତୋର ଏଇ ଗୋରା ଚମକୁ ବି ଛେଲିଦେବି ମୁଁ । ସେଇ ଛେଲା ଜାଗାରେ ଅଙ୍ଗାର ଲେପିଦେବି ମୁଁ । ତା'ପରେ ଯାଇ ମନେପଡ଼ିବ ତୋର । ପାର୍ଟି ଚେୟାରମ୍ୟାନ୍ ଆଜି ଝୁଲୁଛି ମୋର ଆଙ୍ଗୁଠି ଅଗରେ । ଆଗାମୀ ଯୁଗର ମଣିଷର ନକ୍‌ସା ଅଛି ମୋର ତଳିମୁନରେ । ସେଦିନ ତୁ ମତେ ପିଲା ଦେଖି ଛଳେଇଥିଲୁ, ତୁ ଭଣ୍ଡ । ଆଜି ସେଇ ଛଳନାର ମୁଣ୍ଡ ମୁଁ ଖାଇବି । ଏଇ ଦେଖ୍ ଏ ଦାନ୍ତ ।"

ଆବିଷ୍ଟ ହୋଇ ଜର୍ଜ ଚାହିଁଲା ମିସ୍ ଆଡ଼ାମସ୍‌ଙ୍କ ମୁହଁକୁ । ଅଣନିଃଶ୍ୱାସୀ ହେଲାଭଳି ଗୋଟାଏ ମସ୍ତବଡ଼ ଦମକା ପବନ ଶୋଷି ନେଇ ସେ ଆଁ କରିଦେଲେ—ଛଳନାର ମୁଣ୍ଡଖାଇବା ପାଇଁ । ତାଙ୍କର ଆଁ ଭିତରର ସେଇ ଝିକିଝିକି ଆଉ ପୂର୍ବରୁ ଅଳ୍ପ ସୁନ୍ଦର ଦେଖାଯାଉଥିବା ଓ ଉଦ୍ଧମରୂପେ ଖଞ୍ଜାହୋଇଥିବା କୃତ୍ରିମ ଦାନ୍ତଗୁଡ଼ିକ ବଡ଼ ବିକଟ ଭାବେ ଝଲସିଉଠିଲା ଟୋକାଟାର ଆଖିରେ ।

ଗୋଟାଏ ମୁହୂର୍ତ୍ତ ପାଇଁ ମିସ୍ ଆଡ଼ାମସ୍‌ଙ୍କର ସେଇ ଗଭୀର ଅର୍ଥମୟ ବ୍ୟାଦାନ ଅଭିଭୂତ କରିଦେଲା ଜର୍ଜକୁ ଓ ସେଇ ଅଭିଭୂତ ଅବସ୍ଥାରେ ପୁଣି କୁଆଡ଼ୁ ଉଠିଆସିଲା ସେଇ ପରିଚିତ ଲହଡ଼ିଟା, ଯୋଉଟା ସେଦିନ କିଛି ବର୍ଷ ତଳେ, ସହରତଳି ଷ୍ଟେସନ ପାଖ ରିଫ୍ୟୁଜିକ୍ୟାମ୍ପ ସନ୍ନିକଟ ସେଇ ଥୁଣ୍ଟା ଶିମିଳିଗଛର ପଛପଟରୁ ଉଠିଆସୁଥିବା ଫଟା ଧୂଆଁର ପ୍ରତ୍ୟେକ କରଣ୍ଡୋରୁ ଉଠି ଆସି ପଶିଯାଉଥିଲା ତା ଦେହରେ । ପର ମୁହୂର୍ତ୍ତରେ ସଂଜ୍ଞାହୀନତାରୁ ଉଦ୍ଧାର ପାଇ ଜର୍ଜ ଯେତେବେଳେ ଅଳ୍ପ ଚେଇଁଉଠେ, ସେ ଦେଖିଲା, ଗୋଟାଏ ଭେକିଲା ବାଘୁଣୀ ଭଳି କିଏ ତାର ଏତେ ପାଖକୁ ଝୁଙ୍କିପଡ଼ି ତାକୁ କଟମଟ କରି ଚାହିଁଥାଏ, ଆଉ ଗୋଟାଏ ରକ୍ତ ଝରିପଡ଼ୁଥିବା ଭଳି ପାଲିସ୍‌ମରା ଲମ୍ବା ଲମ୍ବା ନଖର ପଂକ୍ତି ମାଡ଼ିଆସୁଥାଏ ତାର ମୁହଁ ଆଡ଼କୁ ।

ଚମକିଉଠି ମୁହଁ ଫେରାଇନେଲା ଜର୍ଜ । ନାକଟି ଅଳପକେ ବର୍ତ୍ତିଗଲା ଅବଶ୍ୟ । କିନ୍ତୁ ବିଜୁଳି ଭଳି ଝଲକିଉଠିଲା ଗୋଟାଏ ଚିତ୍ର ସେତେବେଳେ ତା ଆଖି ଆଗରେ । ସେ ଦେଖିପାରିଲା ଗୋଟାଏ ହୁତୁହୁତୁ ହୋଇ ଜଳୁଥିବା ରୋଟିଦୋକାନର ଚୁଲି ଭିତରୁ ଗୋଟାଏ ବିରାଟ ଜଳନ୍ତା କୋଇଲାଖଣ୍ଡ ହଠାତ୍ ଶୂନ୍ୟକୁ ଛିଟିକି ପଡ଼ିଲା ଓ ଧୀରେ ଧୀରେ ସେଇ କୋଇଲାଖଣ୍ଡକୁ ଫଟାଇ ଏକ ଭୟାବହ ନାରୀମୂର୍ତ୍ତି ଆତ୍ମପ୍ରକାଶ କଲା ତା ସମ୍ମୁଖରେ । ତାର କଳା କଟ୍‌କଟ୍ ସେଲୁଆର, ପଞ୍ଜାବି, ତାର କଳା କଟ୍‌କଟ୍ ମୁଣ୍ଡର ବାଳ ଆଉ ସେଇ ବୃଷାଳିଆ ଗୁଡ଼ରୁ ଜର୍ଜ ତାକୁ ଚାହିଁ ପାରିଲା, ଆଉ ତାର ସ୍ୱରକୁ ବି ଠଉରକଲା ବେଶ୍ । ନାରୀମୂର୍ତ୍ତିଟି ତାର ସେ ବିକଟାଳ ଦାନ୍ତ ଦେଖେଇ, ସେଇ ଚୁଲିଝିଙ୍କା ଉପରେ ଜମା

Digitized by srujanika@gmail.com

ହୋଇଥିବା ଫୁଲୁକା ଗୁଡ଼ିଗଦାଟାକୁ ଆଡ଼ଆଖିରେ ଅନେଇ କହୁଥାଏ—

"ନେ ! ସ୍ୱାଦୁ ଖା ! ତୋ ପେଟର କଥାକୁ ଶାନ୍ତ କର । ଆଉ ଆ, ଏଠିକି ଆ ମୋ ପାଖକୁ । ମୁଁ ତୋର ସେଇ କଉଡ଼ୁକଥା ନାକଟାକୁ ଟିକିଏ ଘଷେ । ତୋର ସେଇ ଛନଛନିଆ କାନଟାକୁ ଏଣିକି ଦେ । ତୋର କଳାଗୁମର ଆଖି ଦଇଟାକୁ ଦେଖେଇ—ମୁଁ ଟିକିଏ ଘୂରୁଲେଇ କରି ଦେଖେ । ଆଉ ଆ ଏଣେ । ମୁଁ ତୋର ସେଇ ନରମ ଜିଭଟାକୁ ଗେହ୍ଲିଦିଏ ଟିକିଏ । ମୋର ମନର ଶୋକ ଟିକିଏ ଥଣ୍ଡାହୋଇଯାଉ । ଆ ଆ, ମୋର ବାପାଟା ପରି । ପାଖକୁ ଆ । ଗେହ୍ଲି ନେ ଖା ! ଶୋକ ହଉଥିବ ···"

ଜର୍ଜର ପେଟର ଶୋକ ଆପେ ଆପେ ମରି ଆସୁଥାଏ । ଆଖି, ନାକ, କାନ, ଜିଭ ବଦଳରେ ପେଟଟାକୁ ବଞ୍ଚେଇ ରଖିବାର ଆବଶ୍ୟକତା ଆଉ ତାର ନ ଥାଏ ।

ଗୋଟିଏ କଡ଼ା ତୀବ୍ର ବାସ୍ନା ଜର୍ଜର ନାକ ଭିତରର ପ୍ରତ୍ୟେକ ସ୍ନାୟୁକେନ୍ଦ୍ରକୁ ଉତ୍ତ୍ୟକ୍ତ କରିଦେଲା । ସେ ବାସ୍ନାରେ ତାର ସ୍ୱପ୍ନ ଭାଙ୍ଗିଗଲା । ଆଖି ପିଛଡ଼ାକ ମଧ୍ୟରେ କୁଆଡ଼େ ଉଭେଇଗଲା ସେ ସ୍ୱପ୍ନପୁରୀର ଚଉଟା ତାର ଆଖି ଆଗରୁ ।

ଧୀରେ ଧୀରେ ସୁଗନ୍ଧର ତୀବ୍ରତା କମିଯାଇ ଏକ ମନମତାଣିଆ ବିଦେଶୀ ମହକରେ ସାରା ଘରଟି ଭରପୂର ହେଉଥାଏ ।

ଟୁକ୍ କରି ଗୋଟିଏ ଗ୍ଲେଟ ଆଉ ସାର୍ଥକ ଶବ୍ଦକରି ମିସ୍ ଆଡ଼ାମସ୍‌ଙ୍କର ଗ୍ଲେଟ ଚମଡ଼ା ଭ୍ୟାନିଟି ବ୍ୟାଗର ମୁହଁ ବନ୍ଦ ହୋଇ ଯାଇଥାଏ । ସେତେବେଳକୁ ତାଙ୍କର ପ୍ରଜ୍ୱଳିତ, ମର୍ଜିତ ନାକଟି ବହୁତ ଗୁଣରେ ଥଣ୍ଡା ପଡ଼ିଯାଇଥାଏ । ପାଉଡ଼ରର ବହଳ ଯୋଡ଼ଣୀ ତଳେ ଲାଲ ପଡ଼ିଯାଇଥିବା ନାକଟି ତାଙ୍କର ଅନେକ ପରିମାଣରେ ସ୍ୱାଭାବିକ ରଙ୍ଗ ଧରି ଆସିଥାଏ ।

କଥାଟାକୁ ଅଧା ରଖିଲା ଭଳି ହଠାତ୍ ଉଠିପଡ଼ିଲେ ତାଙ୍କ ଆସନରୁ ମିସ୍ ଆଡ଼ାମସ୍ ।

ମୁହୂର୍ତ୍ତକ ମଧ୍ୟରେ ସେ ଅଦୃଶ୍ୟ ହୋଇଗଲେ କବାଟ ପଛପଟେ । ତାଙ୍କର ପଛେ ପଛେ କବାଟଟି ଆଉଜେଇ ହୋଇଗଲା ଆପଣାଛାଏଁ ।

ବହୁ ଦୂରରେ ଗୋଟାଏ ସିଡ଼ିପରେ ମିସ୍ ଆଡ଼ାମସ୍‌ଙ୍କର ଗ୍ଲେଟ ଗ୍ଲେଟ ଆଉ ଅସ୍ପଷ୍ଟଭାବେ ଦୂରେଇଯାଉଥିବା ପାଦଶବ୍ଦକୁ କାନେଇ ରହିଥିବାବେଳେ ଜର୍ଜର ନାକ ସେଇ ଆବଦ୍ଧ ଘର ଭିତରେ ରହିଯାଇଥିବା ସେଇ ବିଦେଶୀ ସୁଗନ୍ଧଟିକୁ ଅଜାଣତରେ ଶୁଙ୍ଘିନେଇ ଉଲ୍ଲସିତ ହୋଇଉଠୁଥାଏ ।

ଶିଶ ବାରଟା ।

ପାର୍ଟି ଚେୟାରମ୍ୟାନ୍ କମ୍ରେଡ୍ ଆନନ୍ଦବର୍ଦ୍ଧନ୍ କି ବା ତାଙ୍କ ପରି କେହି ଜଣେ ଆସିଥିଲେ । ହଠାତ୍ କିଦରୁ ଉଠି ଜର୍ଜ ଠଉରେଇ ପାରି ନଥିଲା ସେ ଲୋକଟି ପ୍ରକୃତରେ କିଏ

Digitized by srujanika@gmail.com

ବୋଲି । କିନ୍ତୁ ସେ ଯିଏ ହୁଅନ୍ତୁ ପଛକେ, ତାର କଣ୍ଠରେ ଭୟ ଆଉ ବ୍ୟଗ୍ରତାର ସନ୍ଧାନ ମିଳୁଥାଏ ।

ତାଙ୍କର ନିରର୍ଥକ କଥାବାର୍ତ୍ତାରୁ କାନେଇ ଜର୍ଜ ଏତିକି ମାତ୍ର ବୁଝିପାରୁଥାଏ ଯେ କେଉଁଠାରେ ଯୁଦ୍ଧ ଲାଗିଲାଣି । ସାରା ପୃଥିବୀ ବ୍ୟାପିବାର ସମ୍ଭାବନା ଅଛି ସେ ଯୁଦ୍ଧ । ସେଥିପାଇଁ ବିଶେଷ ତତ୍ପର ହେଉଛି ପାର୍ଟି ।

ଆଶୁ ବିଶ୍ୱଯୁଦ୍ଧ ଦୃଷ୍ଟିରୁ ପାର୍ଟି ଭିତରେ ଏକ ନୂତନ ପ୍ରେରଣା ଖେଳିଯାଇଚି । କାମ କରିବାର ବେଳ ପାଖେଇ ଆସୁଚି । ସମସ୍ତଙ୍କୁ ସତର୍କ ରହିବାକୁ ଆଦେଶ ଦିଆଯାଇଛି ।

× × × ×

ପୁରାତନ ପାର୍ଟିଚିଫ୍‌ଙ୍କୁ କିଏ ଗୁଳିକରି ମାରିଦେଇଚି । ଗୋଟାଏ ହୋଟେଲ ଘରେ ତାଙ୍କର ରକ୍ତାକ୍ତ ଶବର ସନ୍ଧାନ ମିଳିଛି ।

× × × ×

ପାର୍ଟିର ନୂତନ ଇସ୍ତାହାର ପ୍ରକାଶ ପାଇଛି । ତାର ପ୍ରଥମ କେତୋଟି କଥା ହେଉଛି—"ଅଦ୍ୟାବଧି ହୋଇ ଆସିଥିବା ଶ୍ରେଣୀସଂଘର୍ଷର ଇତିହାସ ଶ୍ରେଣୀଗତ ଇତିହାସର ଶେଷ ପରିଚ୍ଛେଦ ନୁହେଁ କିମ୍ବା ତାହା ଶ୍ରେଣୀହୀନ ସମାଜର ଇତିହାସର ପ୍ରଥମ ପରିଚ୍ଛେଦ ନୁହେଁ ମଧ୍ୟ ।"

ଶ୍ରେଣୀସଂଘର୍ଷ ମାନବ ଇତିହାସ ସମୁଦ୍ରର ଏକ ସାଧାରଣ ନିତ୍ୟନୈମିତ୍ତିକ ଜୁଆର ମାତ୍ର—ଯେଉଁ ଜୁଆର ନିଜର ଗତିପଥରେ ଦୃଢ଼ ହୋଇ ଠିଆହୋଇଥିବା ସମୁଦ୍ରବେଳାରେ କେବଳ ମୁଣ୍ଡ ପିଟିପିଟି ପୁଣି ପଛେଇ ଯିବାପାଇଁ ଉଦ୍ଦିଷ୍ଟ । ସେ ଜୁଆର ସମୁଦ୍ରର ଶେଷ ଜୁଆର ହୋଇ ନ ପାରେ । ଯାବତ୍‌ଚନ୍ଦ୍ରାର୍କ ସମୁଦ୍ର ବିଦ୍ୟମାନ, ତାବତ୍ ଏକ ନିତ୍ୟ-ନୈମିତ୍ତିକ ନଗଣ୍ୟ ଘଟଣାରୂପେ ସାମୁଦ୍ରିକ ଜୁଆର ଏକ ସାଧାରଣ ଘଟଣା ମାତ୍ର ।

ଏହି ଦିଗନ୍ତବିସ୍ତାରୀ ବିଷମ ସମୁଦ୍ରକୁ ଶାନ୍ତ, ସ୍ଥିର ଆଉ ସୁଷମ କରିବାକୁ ହେଲେ ସର୍ବପ୍ରଥମେ ତାର ବକ୍ଷରେ ଉଠୁଥିବା ଏଇ ଶ୍ରେଷ୍ଠ ଶ୍ରେଷ୍ଠ ଭ୍ରଷ୍ଟବାସୀ ଢେଉମାନଙ୍କୁ ଚିରଦିନ ପାଇଁ ନିସ୍ତୂପ କରିଦେବାକୁ ହେବ । ଏହି ଶ୍ରେଷ୍ଠ ଶ୍ରେଷ୍ଠ ଢେଉଗୁଡ଼ିକୁ ବନ୍ଦ କରିଦେବା ମାତ୍ରେଇ ସେମାନେ ଯେତେବେଳେ ନିମ୍ନମୁଖୀ ହେବେ ଓ ଉପରର ଆପାତତଃ ସମତଳ ଜଳ ତଳେ ପ୍ରଳୟ ସୃଷ୍ଟି କରିବେ ଠିକ୍ ସେଇ ମୁହୂର୍ତ୍ତଟି ଏକ ମାହେନ୍ଦ୍ର ମୁହୂର୍ତ୍ତ । ସମଗ୍ର ସମୁଦ୍ର ଏଇ ମୁହୂର୍ତ୍ତରେ ଏକ ସର୍ବଗ୍ରାସୀ ଢେଉରେ ପରିଣତ ହେବ ଓ ଏହି ଐକନିଷ୍ଠ ଆକ୍ରମଣରେ ବେଳାଭୂମିର ପ୍ଲାବନ ସୁନିଶ୍ଚିତ । ଏହା ହିଁ ସର୍ବଶ୍ରେଷ୍ଠ ମହାଯୁଦ୍ଧର ଲକ୍ଷଣ ।"

ଇସ୍ତାହାରରେ ଆଉ ଟାଏ ଅଛି—"ବେଳାର ପତନ ହିଁ ସଂଘର୍ଷର ଶେଷ କଥା ନୁହେଁ । ବେଳାର ପତନ ହେଉଛି ଏକ ଅର୍ଦ୍ଧବିପ୍ଳବ । ବିଗତ ମହାଯୁଦ୍ଧଗୁଡ଼ିକ ଏଇ ଅର୍ଦ୍ଧବିପ୍ଳବରେ ସାହାଯ୍ୟ କରି ଆସିଛନ୍ତି କେବଳ; ସେମାନେ ପୂର୍ଣ୍ଣବିପ୍ଳବ ହୋଇ ନପାରନ୍ତି ।

ବେଳାର ପତନ ପରେ ପରେ ପୂର୍ଣ୍ଣବିପ୍ଳବ ନିମିତ୍ତ ସମୁଦ୍ର ହାତରେ ହାତହତିଆର ଥିବା ଦରକାର । ନଚେତ୍ ଅର୍ଦ୍ଧବିପ୍ଳବରେ ସବୁ ଶକ୍ତି କ୍ଷୟ କରିଦେଇ, ଠିକ୍ ସମୟରେ,

Digitized by srujanika@gmail.com

ଯେତେବେଳେ ସେଇ ବୈଷମ୍ୟ ସୃଷ୍ଟିକାରୀ ସ୍ଥଳଭାଗକୁ ଜଳାର୍ଣ୍ଣବ କରି ଏକାକାର କରି-ଦେବାର ବେଳ ଉପଗତ ହୁଏ, ଠିକ୍ ସେତିକବେଳେ ସମୁଦ୍ରର ବଳ ଲଙ୍ଘିଯିବାର ଦେଖାଯାଇଛି—ଅଭିଜ୍ଞତାରୁ ।

କମ୍ଯୁନିଷ୍ଟ ଶଭଲ୍ୟୁସନାରୀ ପାର୍ଟିର ଉଦ୍ଦେଶ୍ୟ ହେଲା ପୂର୍ଣ୍ଣବିପ୍ଳବ । ଏହାର କାର୍ଯ୍ୟକ୍ରମ ଆରମ୍ଭ ହେବ ଠିକ୍ ସମୁଦ୍ରବେଳାର ପତନ ଓ ସମୁଦ୍ରର ପୁନଃ ପ୍ରତ୍ୟାବର୍ତ୍ତନ ସମୟରେ ।

ଦୁଇ ପକ୍ଷର କଳହରେ ତୃତୀୟ ପକ୍ଷର ଲାଭ—ପ୍ରବଚନଟି କେବଳ ଯୁଦ୍ଧ ପାଇଁ ପ୍ରଯୁଜ୍ୟ ନୁହେଁ । ଏହା ମଧ୍ୟ ଶାନ୍ତି ନିମିତ୍ତ ଆବଶ୍ୟକ । ତେଣୁ କମ୍ଯୁନିଷ୍ଟ ଶଭଲ୍ୟୁସନାରୀ ପାର୍ଟି ଦୁଇ ପକ୍ଷର କଳହକୁ ସର୍ବଦା ସ୍ୱାଗତ କରେ । ଏହାର ପରେ ହିଁ ସର୍ବତୋଭାବେ ସମାନ ଓ ବୈଷମ୍ୟହୀନ ମନୁଷ୍ୟସମାଜ ସମ୍ଭବ ହେବ । ବେଳାର ପତନ ପରେ ଯେକୌଣସି ଏକ ଲହରୀ, ସାରା ବୈଷମ୍ୟମୟ ସ୍ଥଳଭାଗକୁ ନିଶ୍ଚିହ୍ନ କରିଦେଇ ସମସ୍ତ ପୃଥିବୀକୁ ଏକାକାର ଓ ଜଳାର୍ଣ୍ଣବ କରିଦେଇପାରିବ ।”

ଦିନ ଆଉ ରାତି, ରାତି ଆଉ ଦିନ ।

ଚୂନଧଉଳା କାନ୍ଥ, ଶୁନ୍‌ଗୁନ୍, ଜଳକା କରି ଦଉଥିବା ବିଜୁଳିବତୀ ଆଉ ଧଳାକାଗଜ ଉପରେ କଳା ଅକ୍ଷର ।

କାନ୍ଥଘଣ୍ଟା ଟିକ୍‌ଟିକ୍ କରି କାଟିଯାଉଚି । ଗୋଟିଏ ବୁଢ଼ା ଚୁଟିଆ ମୂଷା ଭଳି ସମୟର ମୂଳଗଣ୍ଡିକୁ କାଟି ଉଡ଼େଇଦେଇଯାଉଚି ସେ । କେତେ କଟିଯାଉଚି ଆଉ କେତେ ବାକି ଅଛି ଜାଣିବାର ଉପାୟ ନାହିଁ । ବାହାରେ ଅନ୍ଧାର ଆଉ ଆଲୁଅର ଗୃହ ଗୃହ ପ୍ରହରର ଜଗୁଆଳି । ରାତି ଆଉ ଦିନ । ଶକ୍ତି ଆଉ ପୁରୁଷ ।

କମ୍ରେଡ୍ ଆନନ୍ଦଭଟ୍ଟି ପାର୍ଟିର ଚେୟାରମ୍ୟାନ ଆଉ ମହାସ୍ୱମୀ ନାରୀ ଦେବୀ, ମିସ୍ ଏଡ଼ାମସ୍ । ସେଇ ସୂର୍ଯ୍ୟ ଆଉ ସେଇ ଚନ୍ଦ୍ର । ଏ ଦୁହିଁଙ୍କ ବ୍ୟତୀତ ଆଉ କିଛି ଦୃଶ୍ୟ ହେଉ-ନାହାନ୍ତି ବର୍ତ୍ତମାନ । ସେଇମାନେ ଆସୁଚନ୍ତି ଆଉ ଯାଉଚନ୍ତି ।

ପାର୍ଟି ତାହେଲେ କଏ ? ଏଇ ଦୁହେଁ ? ତାହେଲେ ସେ ନିଜେ କଏ ? ବାରମ୍ବାର-ଜନ୍ମ ହେଉଚି ସେ କାହିଁକି ? ସେ କଣ ସତରେ ପୂର୍ବଜନ୍ମରେ ଗୋଟିଏ ପାଦ୍ରୀ ଥିଲା ? ଅଶୀ ବର୍ଷର— ? ଦଶବର୍ଷର ଝିଅକୁ— ?

ନା, ନା, ଭୁଲ ବୁଝିଚି ସେ ଝିଅ । ଯେମିତି ସେ ନିଜେ ଭୁଲ ବୁଝିଥିଲା ସେଇ ଗୋଦରୀ ବୁଢ଼ୀଟାକୁ । ଆରମ୍ଭରେ ଥିଲା କଅଣ ଆଉ ତାର ଶେଷ ହୋଇଥିଲା କେମିତି ?

ନା, ନା—ପୂର୍ବଜନ୍ମରେ ସେ ପାଦ୍ରୀ ଫାଦ୍ରୀ କିଛି ହେଇ ଜନ୍ମ ହେଇ ନ ଥିଲା । ସେ ବୋଧହୁଏ ଥିଲା ସେଇ ଗୋଦରୀ ବୁଢ଼ୀର ପୁଅ କି ଝିଅ, ଯାହାକୁ ତାର ସ୍ୱାମୀ ନେଇ ଫୋପାଡ଼ି ଦେଇଆସିଥିଲା ନଳାରେ ।

ତାହେଲେ ହୁଏତ ସେଇଟା ପୂର୍ବଜନ୍ମର କଥା ବି ନହୋଇପାରେ । ସେ ବି ଏଇ ଜନ୍ମର କଥା ହୋଇପାରେ । ବୁଢ଼ୀ କ'ଣ ଭଲକରି ଦେଖିଥିଲା—ସେଇ ନବଜାତ ଶିଶୁଟି । ଝିଅଟାଏ ଥିଲା ବୋଲି କ'ଣ ସେ ଠିକ୍ କରି ଜାଣିଥିଲା ?

Digitized by srujanika@gmail.com

ଘ୍ରଡ ଭିତରେ ହଠାତ୍ ଗୋଟାଏ ଗୁମ୍ଗୁମ୍ ହୋଇ ଉଠିଲା । ଜର୍ଜ ଚାହିଁଲା ଚତୁର୍ଦ୍ଦିଗକୁ । ନାଃ, କିଛି ନାହିଁ । କିଛି ବଦଳି ନାହିଁ । ସେ ଦିନର ଆକାଶରେ ବି ଥିଲା ଏଇ କୁହୁଡ଼ି—ନଈକୂଳର ଥଣ୍ଡା ହାଓ୍ୱା ଆଉ ଆକାଶରେ ସୂର୍ଯ୍ୟ । ନଈବାଲିରେ ଥିଲା ଅସଂଖ୍ୟ ଅଭ୍ରଖଣ୍ଡ—ହୀରା ଭଳି ଚକ୍‌ଚକ୍ କରୁଥିଲା । ଆଜି ବି ସେଇଆ ।

ଜର୍ଜ ଆଉ ସେଇ ଶୁଖ୍ରା କାଠ ଆଲମାରିଟା ଆଡ଼କୁ ଚାହିଁଲାନାହିଁ । କାରଣ ସେ ଜାଣି-ପାରିଥିଲା ଯେ ସେଇ ଚକ୍‌ଚକ୍ କରୁଥିବା ଜିନିଷଟି ହୀରା ନୁହେଁ—ସେଇଟି ଖଣ୍ଡିଏ କୃତ୍ରିମ ହୀରା, କଟେଇ କାଚମୁଣ୍ଡାଟାଏ ।

ଜର୍ଜ ଉଠିଗଲା ଝରକା ପାଖକୁ ଓ ଜୋର୍ କରି ଝରକାଟାକୁ ବନ୍ଦ କରିଦେଇ ସେ ପୁଣି ଫେରିଆସିଲା ତା ବଡ଼ ଟେବୁଲ ପାଖକୁ । ନାଲି ରେକ୍‌ସିନ ମଲାଟ ବନ୍ଧେଇ ସେଇ ମୋଟା ବହିଟା ତାର ଦୃଷ୍ଟି ଆକର୍ଷଣ କଲା । ସେତିକିବେଳେ ସେ ବୁଝିଲା ହୁଏତ ସମସ୍ତର ବୁଢ଼ା ଚୁଟିଆ ମୂଷା କେତେ ଆବର୍ଜନା ଆଣି ଗଦେଇ ଦେଇ ଗଲାଣି ତା ମୁଣ୍ଡର ଖୋଲପା ଭିତରେ । ଦିନ ଥିଲା—ସେ ଗୋଟାଏ ଶୁକ୍ରାଟା ହସ ହସିଦେଉଥିଲା । ଯେତେବେଳେ ଖଣ୍ଡିଏ ଚଟି ଉପରର ଠିକଣା କେହି ପଢ଼ୁଥିବାର ଦେଖିପକେଇଲେ ତାର ଈର୍ଷା ହେଉଥିଲା । କିନ୍ତୁ ଆଜି ? ଗୁଡ଼ାଏ ମୋଟା ମୂଲ୍ୟହୀନ ବହିର ପୃଷ୍ଠାରୁ ଅକ୍ଷର କାଟିଆଣି ଚୁଟିଆ ମୂଷା ଗଦେଇଛି ସେଇ କ, ଖ, ଚ ଅକ୍ଷରଗୁଡ଼ାକୁ—ସରସାନ । କି ଲାଭ ଏ ଅକ୍ଷର-ଆଉ ଏ ବିଦ୍ୟାରେ ? କେବଳ ଆବର୍ଜନା ।

ନାଲି ରେକ୍‌ସିନ୍ ବନ୍ଧେଇ ବହିର ମଲାଟ ଉପରେ ସୁନା ଅକ୍ଷରରେ ଲେଖାହୋଇଥିବା ସେଇ ବଡ଼ ବଡ଼ ଅକ୍ଷରଗୁଡ଼ାକୁ ସାବଧାନ ହୋଇ ସେ ଦେଖେ ।

"ଆଗାମୀ ଯୁଗର ସମାଜ ଓ ସେଥିରେ ମଣିଷର ରୂପରେଖ ।" ଗୋଟାଏ ଅଳସ ଭଙ୍ଗି ଜର୍ଜ ଓଲଟାଏ ସେଇ ମୋଟା ମଲାଟଟାକୁ । ମଲାଟ ତଳୁ ପୁଣି ଗୋଟାଏ ମୂଷା ଭଳି ମଣିଷର ମୁହଁ ଉଙ୍କିମାରେ । ସେ ଲେଖକଟାର ଅଦ୍ଭୁତ ମୁହଁ ଜର୍ଜକୁ ବିରକ୍ତ କରେ । ତାର ଗୋଟାଏ ଆଖିର ପତା ଯଥାସ୍ଥାନ ତଳକୁ ନଇଁଆସିଥାଏ ଓ ତାର ଆଖିର ପୁଅଟିକୁ ଅଧାଲୁଚ୍ଛ କରି ଆର ଅଧକୁ ସେ ପାଠକର ଚୁଡ଼କୁ ଲକ୍ଷ୍ୟକରି ଖାଇଁକ୍ ଭାବେ ଖୋଞ୍ଚିଦିଏ । ତାହା ହୁଏତ ସେ କରେ ଦର୍ଶକର ଚୁଟକୁ ଡରଲେଇବା ପାଇଁ ନୁହେଁ, ବରଂ ଘ୍ରଡକୁ ବିଦୀର୍ଣ୍ଣ କରିଦେବା ଉଦ୍ଦେଶ୍ୟରେ ।

ଠପ୍‌କରି ବହିର ମଲାଟଟାକୁ ବନ୍ଦ କରି ଦିଏ ଜର୍ଜ ଠିକ୍ ସେଇ ଲେଖକଟାର ମୁହଁ ଉପରେ । ତା'ପରେ ଡେସ୍କ ଗୁଡ଼ି ସେ ଖାଲି ପଇଁତରା ମାରେ । ତାର ମାଂସ-ପେଶୀଗୁଡ଼ାକ ଖାଲି ଶକ୍ତ ହୋଇ ଉଠେ ।

ଟିକଏ ଦୂରରେ ଖାଇବା ଟେବୁଲ୍ ଉପରେ ଘୋଡ଼ାହୋଇ ରହିଥିବା ଟ୍ରେଟି ତାର ଦୃଷ୍ଟି ଆକର୍ଷଣ କରେ । ସନ୍ଧ୍ୟାବେଳୁ ବବୁର୍ଚ୍ଚି ଆଣି ରଖିଦେଇ ଯାଇଛି ସେଇଟି ।

ଆଜିକାଲି ବବୁର୍ଚ୍ଚି ସଲାମ୍ କରୁଛି—ଏ ଘରକୁ ପଶିଲାବେଳେ । ଆଗେ ସଲାମ୍ କରୁ ନ ଥିଲା ସେ ବଦ୍‌ମାସ । ପଶିଲାମାତ୍ରକେ ଆଗ ସେ ଶୁଙ୍ଘିଦେଉଥିଲା ସାରା ଘରଟାକୁ; କିନ୍ତୁ

Digitized by srujanika@gmail.com

ଅଜକାଲ ସେ ଆଉ ସେମିତ ଶୁଙ୍ଘାଶୁଙ୍ଘି କରେ ନାହିଁ ।

ମନ ଆଉ ଟେଣ୍ଡ ଅଡ଼କୁ ଯାଉନାହିଁ । ପେଟରେ ଭୋକ ନାହିଁ । ସତେ କ ବଗୁଚିର ସେ ସଲମ୍‌ଟା ଇ ମାରଦେଇଚ ଭୋକ ।

ଜର୍ଜର ପାଦ ତାକୁ ଟାଣିନଏ ଆଉ ଟିକଏ ଦୂରକୁ । କନ୍ତୁ ବେଶି ଦୂରକୁ ନୁହେଁ । ଦରଓ୍ବାଜା ଟପି ପାରେନାହିଁ ସେ । ସେ କ୍ଷମତା ଏପର୍ଯ୍ୟନ୍ତ ଆସିନାହିଁ ତାର । ବଗୁଚ ଠାରୁ ସଲମ୍ ପାଇବା ପର୍ଯ୍ୟନ୍ତ କ୍ଷମତା ମାତ୍ର ଆସିଚ ତାର । ବଡ଼-ବରକ୍ତ ହୁଏ ସେ । ଏକ ଘରେ ଏତେଗୁଡ଼ାଏ ଦନ ବନ୍ଦୀ ହୋଇ ରହବାର ଆବଶ୍ୟକତା କଅଣ ? ଏପର୍ଯ୍ୟନ୍ତ ସେ ବୁଝି ନାହିଁ ତାର ମର୍ମ । ହୁଏତ ସେ ଜାଣେ ଯେ ତା ପାଇଁ କାମ ଖୋଲନାହିଁ ବାହାରେ ଏପର୍ଯ୍ୟନ୍ତ । ହୁଏତ ତାର ତାଲମ୍ ଶେଷ ହୋଇନାହିଁ ଏଯାବତ୍ । ହୁଏତ ଠିକ୍ ବେଳ ଆସି ପହଞ୍ଚନାହିଁ ଏଯାକେ । କମ୍ବା ହୁଏତ ତାକୁ କାମ ଦେବାପାଇଁ ଭୁଲଯାଇଚ ପାର୍ଟି ।

କନ୍ତୁ ତାର କାମ କଅଣ ? ପ୍ରଭୁର ଆଉ ଲୋକମାନଙ୍କୁ ଏକାଠି କର, ମତେଇ, ଜନ ସମୁଦ୍ରର ଢେଉ ଢେଉ କୁଆରକୁ ଏକମୁହାଁକର ସାହାଣ ମେଲ ହୋଇଥିଲାବେଳେ ଭୂସ୍ୱର୍ଗନା ବେଲାଭୂମିକୁ ଆରପାଖକୁ ମାଡ଼ିଯିବା, ଆଉ ଆଖିପିଛୁଡ଼ାକେ ବେଲାଭୂମି ପାଖରେ ଥିବା ବସ୍ତୀଶ୍ରୁ ସ୍ଥଳଗ୍ରକୁ ଜଳାର୍ଣ୍ଣବ କରଦେବା । କନ୍ତୁ କାହିଁ ? ସେ ସମସ୍ତ ଆସିବ ବୋଲି ତ ଲେଖାଅଛୁ ବହିରେ । ପେଗୁଆଖିଆ ପାର୍ଟି ଚେୟାରମ୍ୟାନ ତ କହୁଚ ସେଇଆ; ଆଉ ଏ ଚେପେଟିନାକୀ ମା' କାଲୀ ବୋଲଉଥିବା ସ୍ତ୍ରୀଲୋକଟି ତ କହଆସୁଛୁ ସେଇଆ । କନ୍ତୁ ସେ ସମସ୍ତ ଆସିବ କେବେ ? ସେଇ ଯୋଉ ଢେଉ ଲଢେଇ ଖଣ୍ଡେ ଲଗିଥିଲ ଓ ଯାହା ବଣ୍ଣ-ଯୁଦ୍ଧରେ ପରଣତ ହେବ ବୋଲି କୁହାଯାଉଥିଲ ସେ କଣ ବ୍ୟାପିଯାଇନାହିଁ ଏପର୍ଯ୍ୟନ୍ତ ?

ଏସବୁ ଭିତରେ ବ ଆସନ୍ତ ମିସ୍ ଆଡ଼ାମସ୍ । ସବୁ ଦନ ପର ସକାଳୁ ଆ ଠକ୍ ଠକ୍ କରନ୍ତ ଦରଓ୍ବାଜା ।

ଆସନ୍ତୁ—ଜର୍ଜ କହେ ।

ଦରଓ୍ବାଜା ଫିଟେ ତା ମନକୁ । ମିସ୍ ଅଡ଼ାମସ୍ ପଶିଆସନ୍ତ । ଆଗେ ପଶିଆସିଲାବେଳକୁ ମୁଧୁକେଇ ମୁରୁକେଇ ହସଟିଏ ହସୁଥିଲେ ସେ । ତାଙ୍କ ମୁହଁ ଉପରର ସେଇ ରବର ଓଠ ଦଇଟା ଆଗେ ଯେମିତ ଭିଡ଼ମୋଡ଼ି ହେଉଥିଲ—ଏବେ କଛୁ ଦନ ହେଲ ସେମିତ ହେଉ-ନାହିଁ । ସେଇ ନାକ ଘଟଣା ଓ ତାଙ୍କର ବାଲ୍ୟଜୀବନର ସ୍ମୃତ ଗମ୍ଭୀର କରଦେଇଚ ତାଙ୍କୁ । ତଥାପି କୌଣସି ଗଭୀର ସନ୍ଦେହରେ ଆଟୁପାଟୁ ହେଉଥାନ୍ତ ସେ ।

ଦନେ ଦନେ ଖୁବ୍ ବରକ୍ତ ହୋଇ ଜର୍ଜ ପଗ୍ଭରେ ତାଙ୍କୁ—

କେବେ ମୁକ୍ତ ମିଳବ ମତେ ? କେବେ ମୁଁ ବାହାରକୁ ଯାଇ ଉଦ୍ଧାର କରବ ସେଇ ସର୍ବହରାମାନଙ୍କୁ ? ମତେ କଣ ମୁକ୍ତ ମିଳବନାହିଁ ଏଠାରୁ ଏ ବନ୍ଧଶାଳାରୁ ?

ତାଙ୍କର ଗମ୍ଭୀର ଗୁହାଣି ସଦାସର୍ବଦା ଖେଳୁଥାଏ ସେଇ ନାକ ଉପରେ । ସେ କହନ୍ତ ନାହିଁ କଛୁ । ଗମ୍ଭୀର ହୋଇ କେବଳ ଗୋଟାଏ ଗୁହାଣି ହାଣନ୍ତ, ଆଉ ଯେପର ସେଇ ଚ୍ହାଣି ଭିତରଦେଇ ଗୋଟାଏ କଛୁ ଗୂଢ଼ ଅର୍ଥରେ କହନ୍ତ—"ରହ ! ସବ୍ରାନ୍ତୁ କର ।

Digitized by srujanika@gmail.com

ସେ ବେଳା ଆସୁ ।"

କିନ୍ତୁ କେବେ ଆସିବ ସେ ବେଳା ? ଅସ୍ଥିର ହୋଇଉଠେ ଜର୍ଜ । ସେତେବେଳେ ତାର ମନେପଡ଼ିଯାଏ ପିଲାଦିନର ଗୋଟିଏ କଥା । ଏମିତି କଥା ପଦିଏ ।

ଏତେ ଟିକେ ପିଲା ହୋଇ ସେତେବେଳେ ସେ ସେଇ ଡ୍ରାଇ ଦୋକାନରେ ଆସ୍ତ୍ରା ନେଇଥିଲା, ସେତେବେଳେ ସାଇତ ସେଇ ଲଣ୍ଡ୍ରିବାଲା ମାଇକନାଟାକୁ ଦେଖିବାକୁ ତାର ଖୁବ ଇଚ୍ଛା ବଳୁଥିଲା । ଅନେକ ଥର ସେ ତା ଘରପାଖେ ଲଙ୍ଗରପଙ୍ଗର ହୁଏ । ଲଣ୍ଡ୍ରିବାଲା ସେତେବେଳେ ଲୁଗା କାଚୁଥାଏ । ତଳକୁ ଝୁଙ୍କୁଥାଏ, ଆଉ ଉପରକୁ ଉଠୁଥାଏ । ତାର ସୁନ୍ଦର ସରୁ ଅଣ୍ଟାଠେଇଁ ଦ'ଗ୍ରଣଭଗ ମାନିଁସ ଦ'ଗ୍ରଣଟା ମୋଟା ମୋଟା ସ୍ପ୍ରିଂଭଳି ଚମକି ଉଠୁଥାଏ । ସତେ ଯେମିତି ସେ ସ୍ପ୍ରିଂ ବଳରେଇ ସେ ଉଠୁଥାଏ ଆଉ ପଡ଼ୁଥାଏ—ହରମିସ୍ପୀର ସାଇକେଲ ପମ୍ପ କଳବାଲା କାଠ ବାଉଁଶ ଆଉ ରବରର ମାଇକନଆଁଟି ଭଳି । ପ୍ରତି ଥର ନଇଁପଡ଼ିଲାବେଳକୁ ଗୋଟାଏ ବଡ଼ ଶୀତେଇ ଉଠୋଉଥିବା ସ୍ ସ୍ ସ୍ ସ୍···ଶବ୍ଦ ବାହାରିଆସେ ତାର ଦାନ୍ତମଝିରୁ ।

ଆଁ କରି ଅନେଇଁଥାଏ ବାରବର୍ଷର ପିଲା ।

ଲଣ୍ଡ୍ରିବାଲା ମାଇକନାର ନଜର ପଡ଼ିଗଲେ ବେଳେବେଳେ ସେ ଏଡ଼େ ଏଡ଼େ ଆଖି କରି ଅନାଏ ଜର୍ଜକୁ । ତା'ପରେ ସେ ତା ଦାନ୍ତମଝିରୁ ଗୋଟାଏ ସ୍ ସ୍ ସ୍·· ଶବ୍ଦ କରି ଉଠି ନଇଁପଡ଼େ ଆଉ ଠୋ କରି ପାହାରେ ଦିଏ ଓଦା ଲୁଗାଟାକୁ ସେଇ କାଠପଟା ଉପରେ ।

ସେ ସମସ୍ତ ଶବ୍ଦ ମିଶି ସତେ କି ସେତେବେଳେ ଅବିକଳ ଏଇଆ କହୁଥିଲା—"ରହ, ସବୁର୍ କର । ସେ ବେଳା ଆସୁ ।"

ହଠାତ୍ ପିଲାଦିନର ଅନେକ ଅବୁଝା କଥା ବୁଝିହୋଇଯାଏ । ଜର୍ଜର ମୁହଁ ରଙ୍ଗା-ପଡ଼ିଯାଏ ।

ନାଁ, ଏ ନାକଟାକୁ କାଟିଦେବାକୁ ହେବ । ସ୍ଥା ଜାଗାରେ ଗୋଟାଏ ସର୍ବହରାର ନାକ ଆଣି ଲଗେଇବାକୁ ହେବ । କିନ୍ତୁ ଏ ନାକଟା କି ଛାଡ଼ କହୁଚ କାହାର ? ଜଣେ ସର୍ବହରାର ନାକ ବି କଅଣ ଉଚ୍ଚ ଆଉ ଲମ୍ବ ହୋଇ ନ ପାରେ ? ଲମ୍ବାନାକ କଅଣ ଏତେ ବିପଜ୍ଜନକ ସତେ ? ସର୍ବହରାର ଶତ୍ରୁ ?

ଏ ସନ୍ଧ୍ୟାନ୍ତରେ ବହୁଦିନ ତଳେ ମିସ୍ ଆଡ଼ାମସ୍ କହିଥିବା ଏକ ଗପ ତାର ମନେପଡ଼େ !

ସେ କହୁଥିଲେ—ଏଇ ନାକ ଯୋଗୁଁ ଥରେ କେମିତି ପାର୍ଟି ଉପରେ ପଡ଼ିଥିଲା ଘୋର ବିପଦ । ବିପଦ ଯେ ପକେଇଥିଲା, ସେ ହେଉଚି ଜଣେ ଫରାସୀ ଯୁବକ । ଫ୍ରାନ୍ସର 'ବିଉଟିସ୍ପଟ୍' ପ୍ୟାରି ସହରରେ ସେ ଥିଲା ଗୋଟିଏ ଶିଳ୍ପୀ ।

ଜର୍ଜ ଗ୍ଲୋବ୍‌ରେ ଦେଖିଚି ଏଇ ଫରାସୀ ଦେଶକୁ । ଏ ଏକ ବିଖ୍ୟାତ ଦେଶ । ପାର୍ଟି ନେତାଙ୍କର ପୂର୍ବଜନ୍ମରେ ଏକ ଅବତାର ଆବିର୍ଭୂତ ହୋଇଥିଲେ ଏଇଠି । ଏଇ ଦେଶର 'ବିଉଟିସ୍ପଟ୍' ଅର୍ଥାତ୍ ମିସ୍ ଆଡ଼ାମସ୍‌ଙ୍କ ଭାଷାରେ ସୁନ୍ଦରୀ ମୁହଁର କଳାଦାଗ ପ୍ୟାରି ସହରରେ

Digitized by srujanika@gmail.com

ଜନ୍ମ ହୋଇଥିଲେ ସେ । ପ୍ରକୃତରେ ସେ ଜନ୍ମ ହୋଇଥିଲେ କି ନାହିଁ କେହି ଜାଣେ ନା, କିନ୍ତୁ ସେ ଲୋକର ଇତିହାସ କହୁଥିଲା ଯେ ସେ ଜନ୍ମ ହୋଇଥିଲା ଓ ଗୋଟିଏ ମଇଳା ଖାତରେ ପଡ଼ି କୁଆଁ କୁଆଁ ହେଉଥିଲା ମଧ୍ୟ । ଜଣେ କେହି ବେଶ୍ୟା ଦୟାପରବଶ ହୋଇ ଏଇ ଛୁଆଟିକୁ ନେଇ ପାଳିଥିଲା । ଏ ଛୁଆ ଯେତେବେଳେ ବଡ଼ ହେଲା ଓ ତା'ର ମନ ଚିତ୍ରଶିଳ୍ପ ଆଡ଼କୁ ଗଲା, ସେତେବେଳେ ତା'ର ଚିତ୍ରଶିଳ୍ପର କେତୋଟି ବୈଶିଷ୍ଟ୍ୟ ଚରିତ୍ରଗତ ଗାରକୁ ଲକ୍ଷ୍ୟ କରି ଉକ୍ତ ବେଶ୍ୟାଟି ଯୁବକର ପ୍ରକୃତ ପିତା କିଏ ବୋଲି ଠିକ୍ କରି ଜାଣିପାରିଥିଲା । ସେ ଯୁବକର ପିତା ଥିଲେ ଫରାସୀ ଦେଶର ଏକ ବିଶିଷ୍ଟ ଶିଳ୍ପୀ ଯାହାଙ୍କର ଚିତ୍ରର ପ୍ରତ୍ୟେକ ଗାରର ସହିତ ଉକ୍ତ ଯୁବକର ଧରମ-ମାଆ—ସେଇ ବୁଢ଼ୀ ବେଶ୍ୟାର ପରିଚୟ ଥିଲା ବେଶ୍ ।

ଧରମ-ମା'ଠାରୁ ନିଜ ପିତାଙ୍କର ପ୍ରକୃତ ପରିଚୟ ପାଇ ଉକ୍ତ ଯୁବକ ନିଜର ଶିଳ୍ପର ନମୁନା ଧରି ପିତାଙ୍କର ସମ୍ମୁଖୀନ ହୋଇଥିଲା । ସେତେବେଳକୁ ସେ ଶିଳ୍ପୀ ଅତି ଦରିଦ୍ର ଅବସ୍ଥାରେ ପ୍ୟାରିସର କୌଣସି ଏକ ଅଖ୍ୟାତ ଗଳିରେ ବାସକରୁଥିଲେ ।

ପିତା-ପୁତ୍ରଙ୍କର ମିଳନ ଘଟିଥିଲା ଉକ୍ତ ଚିତ୍ରମାଧ୍ୟମରେ । ଯୁବକକୁ ନିଜର ପୁତ୍ର ରୂପେ ସ୍ୱୀକାର କଲେ ହେଁ, ବୃଦ୍ଧଶିଳ୍ପୀ ଯୁବକର ପ୍ରକୃତ ମାତାଙ୍କର ସନ୍ଧାନ କହିନଥିଲେ । କେବଳ ସେ କହିଥିଲେ—ତୋର ମା' ଆଜି ଏତେ ଉଚ୍ଚରେ ଯେ ତାଙ୍କୁ ଏତେ ରୂଢ଼ଭାବେ ତଳକୁ ଠେଲି ଫୋପାଡ଼ିଦେବା ଅମାନୁଷିକତାର ପରିଚୟସୂଚକ ହେବ ।

ତହିଁ ଅରଦିନଠାରୁ ଉକ୍ତ ଯୁବକ ଯୋଗଦେଲା ପାର୍ଟିରେ । ସମାଜରୁ ଉଚ୍ଚା, ନୀଚା, ଢାଲୁ, ଗଡ଼ାଣିଆ ସବୁକୁ ସମାନ କରି ମଡ଼ି ଚଳେଇଦବା ପାଇଁ ନେଲା ସେ ଶପଥ ।

ପାର୍ଟି ମିଟିଂରେ ଦେଇଥିଲା ସେ ଦିନ ଖୁବ୍ ଚମତ୍କାର ବକ୍ତୃତା ମଧ୍ୟ । ଲୋକଙ୍କୁ ଉଠେଇ-ଥିଲା ଆଉ ପକେଇଦେଲା ସେ ।

କିନ୍ତୁ ବିଶ୍ୱାସଘାତକତା ଥିଲା ତାର ରକ୍ତରେ । ତାର ଉଞ୍ଚା ନାକ ଦେଖି କେହି କେହି ଏ ସନ୍ଦେହ ପୂର୍ବରୁ କରିଥିଲେ । ଏ ନାକଟା ଯେ ତା ମା'ପଟୁ ଆସିଥିଲା, ସନ୍ଦେହ ନ ଥିଲା ଏଥିରେ । କାରଣ ତା ବାପର ନାକ ବୋଲି କିଛି ଗୋଟାଏ ଜିନିଷ ନ ଥିଲା କହିଲେ ଚଳେ । ବହୁ ପୁରୁଷ ଧରି ସେମାନେ ରାଜାରାଜୁଡ଼ାମାନଙ୍କ ଘରେ କ୍ରୀତଦାସ ହୋଇ ରହିଥିଲେ ଓ ପୁରୁଷ ପୁରୁଷ ଧରି ରଜା ଆଉ ରାଣୀଙ୍କର ପାଦତଳେ ନାକ ଘଷିବା ହେତୁ ବଂଶାନୁକ୍ରମିକ ଭାବେ ସେମାନଙ୍କର ନାକ ଛୋଟ, ଚେପଟା ଆଉ ନରମ ହୋଇଯାଇଥିଲା ବି । କିନ୍ତୁ ସେ ବଂଶରେ ଏଇ ଟୋକାଟାର ନାକଟାଇ ଥିଲା ଏକ ବ୍ୟତିକ୍ରମ ।

କ୍ରମେ ଏ ତଥ୍ୟ ସମସ୍ତ ପାର୍ଟି ଲୋକଙ୍କ ଭିତରେ ପ୍ରଚାର ହୋଇଗଲା । ଲୋକଟାର ନାକରେ ଯେ ଗୋଟାଏ ରାଜା କିମ୍ବା ଜମିଦାର ଘରର ରକ୍ତ ଚାଲୁଛି—ଏ କଥା କ୍ରମେ ପ୍ରକଟ ହୋଇଗଲା ।

ଥରେ ଗୋଟିଏ ଶ୍ରମିକ-ସଭାରେ ବକ୍ତୃତା ଦେଉଥିଲାବେଳେ ଜଣେ କିଏ ଦୁର୍ଦ୍ଦାନ୍ତ ଶ୍ରମିକ ତାକୁ ପଚାରିଥିଲା ଏଇ ପ୍ରଶ୍ନ । ସେ ପଚାରିଲା—"ହୋ ଜନନେତା ! ମୋ ପ୍ରଶ୍ନର ଉତ୍ତର ଦିଅ । ତୁମର ନାକ ଆଉ ମୋର ଏ ନାକ ଦେଖ । ମୁଁ ପଚାରୁଛି—ତୁମର ଦାୟିତ୍ୱ

Digitized by srujanika@gmail.com

କେଉଁଠି—ଏକ ଶ୍ରମିକସଂଘରେ ନା ଏକ ନାକରେ ଦାୟିତ୍ୱ ତୁମର ? ଯଦି ଶ୍ରମିକସଂଘରେ ତୁମର ଦାୟିତ୍ୱ ଅଛି ବୋଲି ଭାବୁଛ—ତାହେଲେ ଏଇ ନିଅ ଛୁରୀ । କାଟି ସେ ଲମ୍ବା ନାକକୁ ତୁମର ହାତରେ, ଆଉ ତମର ରକ୍ତରେ ଆଗ ତମ ଟିକା ଦିଅ । ତମ ଦେହରେ ଯୋଉ ସମ୍ଭ୍ରାନ୍ତ ଆଉ ଖାନ୍ଦାନି ରକ୍ତକଣିକା ଅଛି ଆଗ ତାର ପ୍ରାୟଶ୍ଚିତ୍ତ କର ।”

ଯୁବନେତା ହତ୍‌ବଡ଼େଇଗଲେ ।

ଜନତା ତାଳି ମାରିଲା । ହଠାତ୍ ମଞ୍ଚ ଉପରୁ ଡେଇଁପଡ଼ି ଖସି ପଳେଇଗଲେ ଯୁବନେତା । ସେ ଯାଇ ରାଜପରିବାରର ଆଶ୍ରୟ ନେଲେ । ସୈନ୍ୟବାହିନୀର କର୍ମଚାରୀ ହୋଇ ଶେଷରେ ସେ ଜନତାର ପ୍ରତିରୋଧ କଲେ । ପାର୍ଟିର ଅନେକ ଗୁପ୍ତତଥ୍ୟ ତାଙ୍କୁ ସାହାଯ୍ୟ କଲା । ସେ ପଦୋନ୍ନତି ପାଇଲେ; କିନ୍ତୁ ସେ ଉନ୍ନତି ବେଶି ଦିନ ପାଇଁ ନୁହେଁ । ଶେଷରେ ଦିନେ ସେ ପୁଣି ପଡ଼ିଗଲେ ଜନତାର ହାତୁଡ଼େ । ତାଙ୍କ ଗର୍ଦ୍ଦନ ଉପରେ ଜନତାର ଗିଲୋଟ ବସିବାପୂର୍ବରୁ ଜଣେ କିଏ ଶ୍ରମିକନେତାର କଟୁରି ଚପାକ୍ କରି ପଡ଼ିଲା ସେଇ ବିଶ୍ୱାସଘାତକ ଲମ୍ବା ନାକଟା ଉପରେ ।

ମରିବା ପୂର୍ବରୁ ସେ କେବଳ ଏତିକି ଶୁଣିପାରିଥିଲେ, ଜଣେ କିଏ ପାଗଳ ଭଳି ହୋ—ହୋ ହେଇ ହସିଉଠିଥିଲା ଆଉ କହିଥିଲା—

“ଏଥର ମର୍ ! ଆଉ ବେଟା । ମନେରଖ—ଯଦି ପୁଣି ଜନ୍ମ ହବାପାଇଁ ମନ ଥାଏ ତାହେଲେ ଗୁଡ୍ ସେ ହାଉମିଟିଙ୍ଗ୍ । ଏଥର ରଖିଦେଇଆ ତୋର ସେଇ ଚନ୍ଦନଟଣା ହାତ ଆଉ ତୋର ସେ ହାରାମଜାଦା ନାକଖଣ୍ଡକୁ । ଏ ସବୁ ପୁଞ୍ଜି—ବ୍ୟକ୍ତିଗତ ସମ୍ପତ୍ତି—ବ୍ୟକ୍ତିତ୍ୱର ଦାବୀ ଚଳିବ ନାହିଁ, ଚଳିବ ନାହିଁ ଆଉ ରେ ମୂର୍ଖ, ବୁଝୁଁଆ—ମନେରଖ ।”

ଫରାସୀ ଯୁବକର ଇତିକଥା ବିବ୍ରତ କରେ କର୍ଣ୍ଣଙ୍କୁ ।

ଦିନେ ଦିନେ କାନ୍ଦି କାନ୍ଦି ହୋଇ ସେ ମିସ୍ ଆଡ଼ାମସ୍‌ଙ୍କୁ ନେହୁରା ହୋଇ କହେ—“ମତେ ମୁକ୍ତିଦିଅ । ମୋର ଆଉ ସାରା ଲୋଡ଼ାନାହିଁ । ଏଇ ନିଅ ଏ ପଥରଖଣ୍ଡକ । ମୁଁ ଜାଣେ ଏ ପଥର ହୀରା ନୁହେଁ । ଏ ଖଣ୍ଡିଏ ସାମାନ୍ୟ ପଥର । ମୋର ହୀରା ଲୋଭ ମେଣ୍ଟିଗଲାଣି କେଉଁଦିନୁ ।”

ମିସ୍ ଆଡ଼ାମସ୍ ପୁଣି ଗମ୍ଭୀର ହୋଇ ବସନ୍ତି । ସେ ଗମ୍ଭୀର ମୁହଁ ଆଘାତ କରେ କର୍ଣ୍ଣର ପ୍ରାଣକୁ । ତାର ମନ ଆତଙ୍କିତ ହୋଇ ଉଠେ । ସେ ବିବ୍ରତ ହୋଇଉଠେ ଆଉ ଚିତ୍କାର କରିଉଠେ—

“ହେ ନାରୀ ! ତୁମେ ସନ୍ତୁଷ୍ଟ ହୁଅ । ଖାଇବାର କଥା ଯଦି ହସି ହସି ଖାଇଦିଅ । ଏମିତି ଗମ୍ଭୀର ମୁହଁ ଦେଖାଇ ଆଉ ଭୟଭୀତ କରନା ।”

ତା ପରେ ସେ ପୁଣି ନିବେଦନ କରେ—

“ଏଇ ନିଏ—ଯଦି ଏଇ ସାମାନ୍ୟ ନାକଟାଇ ମୋର ସବୁ ବିଘ୍ନ ସୃଷ୍ଟି କରୁଛି, ଆଉ ମୋର ମୁକ୍ତିପଥରେ ଗୋଡ଼ ଲମ୍ବେଇ ବସିଛି, ତା'ହେଲେ ନେ । ସର୍ବହରାର ପାର୍ଟି ପାଇଁ ମୁଁ ସର୍ବସ୍ୱ ତ୍ୟାଗ କରିବାକୁ ପ୍ରସ୍ତୁତ ଅଛି । ମୁଁ ସେଇ ଫରାସୀ ଯୁବକ ପରି ଭୀରୁ ନୁହଁ ।

Digitized by srujanika@gmail.com

ଆଉ ମୁଁ ପ୍ରତିଜ୍ଞା କରୁଛି—ଆଉ ଥରେ ଯଦି ମୁଁ ଜନ୍ମ ହେବାକୁ ବାଧ୍ୟ ହୁଏ, ତା'ହେଲେ ମୁଁ ମୋର ଏଇ ନାକଟାକୁ ବି ଛାଡ଼ିଦେଇ ଆସିବି । ମୁଁ ପଛେ ଗୋଟିଏ ସାମାନ୍ୟ ପିମ୍ପୁଡ଼ି ହୋଇ ଜନ୍ମ ହେବି, ନାକ ବଦଳରେ ମୁଣ୍ଡ ଉପରେ ଦୁଇଟି ଶୁଣ୍ଢ ଯେଣୁ ପଛେ ମୁଁ ବୁଲିବି—କିନ୍ତୁ ଏ ମର୍ଣିପଜନ୍ମ ମୁଁ ହେବିନାହିଁ ଆଉ ।''

କେତେବେଳେ ସେଇ ରବର ଓଠ ଦଇଟି ଟିକଏ ହଲଚଲ ହୋଇଉଠନ୍ତି । ଧୀରେ ଧୀରେ ଭିଡ଼ି ହୋଇ ସେ ଦୁଇଟି ଗୋଟିଏ କଡ଼କୁ ମୁହଁ ମୋଡ଼ନ୍ତି ।

ମିସ୍ ଆଡ଼ାମସ୍‌ଙ୍କ ମୁହଁମୋଡ଼ା ବାଙ୍କହସଟି ଆଶ୍ଚର୍ଯ୍ୟକରେ ଜର୍ଜକୁ । ସେତେବେଳେ ହଠାତ୍ ଜର୍ଜର ମନେହୁଏ ଯେ ସତକୁ ସତ ସେ ଆପେ ପାଲଟିଯାଇଛି ଆଉ ଏକ ଅନ୍ୟରୂପକୁ ଓ ତାର ଆଗର ସେଇ ନାରୀମୂର୍ତ୍ତିଟି ମଧ୍ୟ ଅନ୍ୟ ଏକ ରୂପରେ ଆସି ହାଜର ହୋଇଛି ସେଠି ।

ଗୋଟିଏ ଅଶୀବର୍ଷର ବୁଢ଼ା ·ତାର ଦଶବର୍ଷର ମୁଦ୍ଦନମୁହାଁ ନାରୁଣୀଝିଅକୁ ଟିକଏ ହସେଇବା ପେଇଁ ହୁଏତ ତାର ଜୀବନକାଳରେ ଅର୍ଜିତ ସବୁ କିଛି ଜ୍ଞାନ, ଗୌରବ, ଧନ ଆଉ ସମ୍ପତ୍ତିକୁ ଭୂଲୁଣ୍ଠିତ କରଦେବା ନିମିତ୍ତ ତିଆରି ହୋଇ ବସେ ଜର୍ଜର ପଶୁପକ୍ଷୀ ହୃଦସ୍ଥ ଅନ୍ତରାଳରେ ।

ତଥାପି ଏକ ନାରୀର ସାମାନ୍ୟ ଦଶଟି ବର୍ଷର ଗଭୀରତାକୁ କଳିବା ନିମିତ୍ତ ଜର୍ଜର ଅଶୀ ବର୍ଷର ଅଭିଜ୍ଞତା ତଥାପି ପାକଳ ହୋଇ ପାରବ ନାହିଁ କହ୍ଲିନ୍‌କାଲେ—ଏହା ଖୁବ୍ ବୁଝିପାରେ ସେ ।

ଏହି ପରପ୍ରେକ୍ଷୀରେ ଜର୍ଜର ମନେପଡ଼େ—ନଜର ମିଆଁ କହୁଥିଲା ଥରେ—''ସ୍ୱର୍ଗରୁ ଦେବତାମାନେ ଥରେ ମର୍ତ୍ତ୍ୟର ଦୂରତା କଳିବା ପେଇଁ ସାତଶଗଡ଼ କୋଇଳିସୂତା ବାନ୍ଧି ତଳକୁ ଖସାଇଲେ ମଧ୍ୟ ମର୍ତ୍ତ୍ୟର ତଳ ଠିକ୍ କରପାରଲେ ନାହିଁ । କିନ୍ତୁ ସାମାନ୍ୟ ନାରୀ ଆଙ୍ଗୁଠିଟାଏ ବଢ଼େଇ ଦେଇ ଆଖି କହିଦେଲେ ସ୍ୱର୍ଗରୁ ମର୍ତ୍ତ୍ୟ କେତେ ଦୂର ।''

ଯେଉଁ ଗଭୀରତାକୁ କଳିବା ପାଇଁ ଅଶୀବର୍ଷର ଧର୍ମଯାଜକର ବୁଦ୍ଧି ଅଳଙ୍କୁଳ ପାଏନାହିଁ, ସେଠିକି ନିଜ ନାକ ବଢ଼ାନ୍ତା କୋଉ ସାହସରେ ଜର୍ଜ ? ସେ ସବୁ ବୁଝେ—କିନ୍ତୁ ଚୁପ୍ ହୋଇ ରହେ । ତାର ସାହସ କୁଳାଏ ନା । ପାଞ୍ଚି ତପସ୍‌ଙ୍କର ଚେତାବନି ତାର ମନକୁ ଆସେ ।

''ମୋଲ୍ଲ କଳାରେ ତାଙ୍କର ଜନ୍ମ । ସଂସାରରୁ ପାପକ୍ଷୟ ନାଶିବା ପାଇଁ ମୁଁ ଯୁଗେ ଯୁଗେ ଜନ୍ମ ହୁଏ । ମୁଁ ହଟ୍‌ଲର୍ । ଆଉ ସେ ହେଉଛନ୍ତି ସାକ୍ଷାତ୍ ଜଗଦ୍ଧାତ୍ରୀ ଜନନୀର ଅବତାର୍—ମା କାଳୀ ।''

''ମା''..

ଏଇ ଶବ୍ଦଟି କେମିତି ଏକ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରେ ଜର୍ଜର ମନରେ । ତାର ମନେ ପଡ଼େ—ସେଇ ଗୋଟାଏ ଅନ୍ଧାର କଟିକଟି ଘର । ସେଇ ଫୁସ୍‌ଫୁସ୍ ଶବ୍ଦ—''ନେ— ଖା । ଖାଇଦେ । ମନ ସନ୍ତୋଷ ହୋଇଯାଉ । ସବୁ ବୁଝିଛି । ନେ ବାପା—ଖାଇଦେ । ଭୁ ଆଉ କାନ୍ଦନା ।''

Digitized by srujanika@gmail.com

ଏହା ସହିତ ମନକୁ ଆସେ ଘର, ସେଇ ଗୋଦଣ୍ଡ ବୁଢ଼ୀର ଅସୁନ୍ଦର ରୂପଟି ଯାହାକୁ ସେଦିନ ମା' ବୋଲି ସମ୍ବୋଧନ କରିବାକୁ କୁଣ୍ଠିତ ହୋଇନଥିଲା ସେ ।

ଦୁନିଆରେ କ'ଣ ମା'ର ରୂପ ଏତେ ବିଚିତ୍ର ?

ଜଣେ ଯାଚିଦିଏ—ନେ ମତେ ଖାଇଦେ ।

ଆଉ ଜଣେ ଆଁ କରି କହେ—ମୁଁ ତତେ ଖାଇବି ।

ଦୁହେଁ ତ ପ୍ରାୟ ସେଇ ଏକ କଥା କହନ୍ତି । କିନ୍ତୁ ଏତେ ଭିନ୍ନ ଆଉ ବିପରୀତ ଶୁଭେ କିଆଁ ସେଇ ଶବ୍ଦ ବିଭିନ୍ନ କଣ୍ଠରେ ?

ଆଶ୍ଚର୍ଯ୍ୟ ହୁଏ ସେ ।

ତଥାପି ଅପୂର୍ଣ୍ଣ ରହେ ଜର୍ଜର ତାଲିମ । ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍ ମତ ଦେଇଛନ୍ତି—ବିପ୍ଳବୀ ହେବାର ଯୋଗ୍ୟତା ଆସିନାହିଁ ତାର । ବିପ୍ଳବ ଲମ୍ବାନାକ ଆଉ ନାକକାନ୍ଦୁରାଙ୍କ ପେଇଁ ନୁହେଁ । ଭାବପ୍ରବଣତାର ସ୍ଥାନ ନାହିଁ ବିପ୍ଳବରେ । ଯୁଦ୍ଧକ୍ଷେତ୍ର ଯୋଦ୍ଧାଙ୍କ ପାଇଁ । ଯୁଦ୍ଧର ଉଦ୍ଦେଶ୍ୟ ହେଲା ଏଇ ନାକକାନ୍ଦୁରାଙ୍କ ପ୍ରଭାବରୁ ସମାଜକୁ ମୁକ୍ତକରିବା । ରକ୍ତ ପେଇଁ ରକ୍ତ ଆବଶ୍ୟକ । ଲୁହ, ନାଳ, ସିଙ୍ଗାଣିରୁ ରକ୍ତ ସୃଷ୍ଟି ହୁଏନାହିଁ ।

ଜର୍ଜ ଆବଦ୍ଧ ହୋଇ ରହେ ସେଇ ଗୋଟିଏ ଘର ଭିତରେ । ତାକୁ ଆବଦ୍ଧ କରି ରଖିବାକୁ ପାର୍ଟିର ଉପର ମହଲରୁ ଆଦେଶ କାଏମ୍ ରହେ ।

ଏବେ ଏବେ ଶିକ୍ଷୟିତ୍ରୀ ମିସ୍ ଆଡ଼ାମସ୍‌ଙ୍କ ବ୍ୟତୀତ ଆଉ କେହି ସେଇ ବଖରା ଭିତରକୁ ଯିବା ନିଷେଧ । ବବୁର୍ଚ୍ଚି ବି ନୁହେଁ ।

ଆଜିକାଲି ବବୁର୍ଚ୍ଚି ଆଉ ସଲାମ୍ କରେ ନାହିଁ । ଖାଇବା ଜିନିଷ ଗଳେଇଦିଆଯାଏ କବାଟ ଫାଙ୍କରେ ।

ପାର୍ଟିର ଡାକ୍ତର ଆସିଥିଲେ ପରୀକ୍ଷା କରିବା ପାଇଁ । ପରୀକ୍ଷା କରି ମତ ଦେଇଚନ୍ତି ସେ—ସମାଜର ଅସୁସ୍ଥ ବାତାବରଣ, ସହରତଳି ଅଞ୍ଚଳର କୁତ୍ସିତ ହାଓ୍ୱା ଆଉ ପିଲାଦିନର ଅତ୍ୟାଚାର ବିଚରା ସର୍ବହରାମାନଙ୍କୁ ଏଭଳି ନିଃସହାୟ କରିଥାଏ । ବିପ୍ଳବକୁ ଭୁଲାଇ, ମା' ମା' ଚିତ୍କାର କରି, ମାଆର ପଣତକାନି ତଳେ ଲୁଚିଯିବା ପାଇଁ ଏମାନଙ୍କର ଅବଚେତନ ମନ ଏମାନଙ୍କୁ ନିର୍ଦ୍ଦେଶ ଦିଏ । ପ୍ରତିହିଂସା ପରିବର୍ତ୍ତେ ଦୟା, ମାୟା, ନାକକାନ୍ଦଣା ଏମାନଙ୍କର ପରବର୍ତ୍ତୀ ଜୀବନର ସହଚର ହୁଏ ।

ସେ ପୁଣି ମତଦେଲେ—ଟୋକାଟା ପାଗଳ ହୋଇଯାଇପାରେ । ପାଗଳାମିର ଲକ୍ଷଣ ପ୍ରକାଶ ପାଉଚି ଧୀରେ ଧୀରେ । ଏହାକୁ ମୁକ୍ତ ଦିଆଯିବା ପୂର୍ବରୁ ଏହାର ମସ୍ତିଷ୍କର (—) ନର୍ଭକୁ କାଟିଦିଆଯିବା ଉଚିତ—ଯେପରି କି ପାଗଳ ଅବସ୍ଥାରେ ଏହାଦ୍ୱାରା ପାର୍ଟିର ଗୁପ୍ତ ତଥ୍ୟ କିଛି ପ୍ରକାଶ ପାଇନଯାଏ ।

କମ୍ରେଡ୍ ଅନନ୍ଦଭର୍ଷି ଆସିଥିଲେ । ଜର୍ଜ ପାଇଁ ସେ ଦୁଃଖ କଲେ ଓ ତାର ସମସ୍ତ

Digitized by srujanika@gmail.com

ଦାୟିତ୍ୱ ମିସ୍ ଆଡ୍ରାମସ୍‌ଙ୍କ ହାତରେ ଅର୍ପଣ କରିଛନ୍ତି । ତାଙ୍କର ଆଶା ହୁଏତ ନାରୀର ଆକର୍ଷଣ ଜଣେ ହତାଶ ସନ୍ନ୍ୟାସୀଙ୍କୁ ଆଶାବାଦୀ କରିପାରେ । ଜର୍ଜ ସହିତ ଖୋଲାଖୋଲି ଭାବେ ମିଳାମିଶା କରିବାକୁ ସେ ଶିଷ୍ୟିଣୀ ମିସ୍ ଆଡ୍ରାମସ୍‌ଙ୍କୁ ପରାମର୍ଶ ଦେଇଛନ୍ତି ।

"ସାଧୁସନ୍ଥମାନଙ୍କୁ ପରିତ୍ରାଣ କରିବା ପାଇଁ ଓ ସଂସାରରୁ ପାପଭାର ନାଶ କରିବା ପାଇଁ "ମୁଁ" ଜନ୍ମହୁଏ ।"

"ମୁଁ" ଜନ୍ମହୁଏ ? ଗୋଟାଏ ଦୀର୍ଘଶ୍ୱାସ ନେଇ ଜର୍ଜ ଏବଂ ପୁଣି ଥରେ ପଚାରେ ସେ ନିଜକୁ ନିଜେ—'ମୁଁ' ଜନ୍ମହୁଏ ? କିନ୍ତୁ କାହିଁକି ? ସଂସାରରୁ ପାପଭାର ନାଶିବା ପାଇଁ ? କିନ୍ତୁ ପାପ କ'ଣ ? ପୁଣ୍ୟ କ'ଣ ? କିଏ ସାଧୁ ? କିଏ ଅସାଧୁ ?

ଘରସାରା ପଇଁତରା ମାରି ମାରି ଥକିଗଲେ ସେ ଯାଏ ଝରକା ପାଖକୁ । ସେଇଟାହିଁ ଏକମାତ୍ର ଜାଗା । ସତେ କି ବିଶାଳ ମହାଶୂନ୍ୟର ପେଟରେ ଖୋଲା ହୋଇଛି ସେଇ ଝରକାଟା । ବାହାର ମହାଶୂନ୍ୟ ଅନ୍ଧାର ଭିତରେ ସେଇ ଚିରପରିଚିତ ତାରାଗୁଡ଼ିକ ସେମିତି ଆଖିମିଟିକା ମାରୁଥାନ୍ତି ତାକୁ । ସତେ କି ଆଖିମିଟିକା ମାରିବାଟାହିଁ ହେଲା ସେମାନଙ୍କର ଧର୍ମ । ସେମାନେ ଯୁଗ ଯୁଗ ଧରି, ସେଇ ଉପର ମହଲରୁ ଆଖିମିଟିକା ମାରି ଆସିଚନ୍ତି, ଆଉ ମାରିବେ ମଧ୍ୟ । ତଳେ ଠିଆହୋଇ ନିଃସହାୟଭାବେ ତାଙ୍କୁ ହାତ ଉଞ୍ଚେଇବା ଛଡ଼ା ଆଉ କିଛି ଉପାୟ ନାହିଁ । ତାଙ୍କୁ ସାଥ କରିବାକୁ ହେଲେ ସେଇ ଉପରକୁ ଯିବାକୁଇ ହବ—ତଳୁ ନୁହେଁ ।

ହୁଏତ ସେମାନେ ସାଧୁ-ସନ୍ନ୍ୟାସୀମାନଙ୍କର ଆଖି । ଏଥିରୁ ନିଶ୍ଚୟ ଗୋଟିଏ ଅଛି ନିଜର୍ ମିଆଁର । ଅଚ୍ଛା, ସେହି ଗୋଦରା ବୁଢ଼ୀ ବି ତ ଥାଇପାରେ ଏଥିରେ ? ନ ଥିବ କାହିଁକି ? ସେ କ'ଣ ପୁଣ୍ୟ କମେଇ ନାହିଁ ? ଝିଅ ସାମଲକୁ କୋଡ଼ର କାଖରେ କରି କେଅଣେ ମଣିଷ କରିନାହିଁ ସେ ? ନଚେତ୍ ସେଇ ଛତରଖିଆ ଟୋକାଟାର ଥାନ ଥିଲା କେଉଁଠି ଏଇ ବିରାଟ ଜଗତରେ ?

କିନ୍ତୁ ନା ! ତଥାପି ସେ ବୁଢ଼ୀର ଆଖି ତାରାଟିଏ ପାଲଟିପାରିନାହିଁ ନିଶ୍ଚୟ । ସେ ଆଖିର ନିଆଁ ଯେ ଲୁଆଡ଼େ ପାପର ନିଆଁ—ତାରାର ନିଆଁ ନୁହେଁ । ନିଆଁର ପୁଣି ନିଆଁ ଅଛି ଏ ସଂସାରରେ ?

କିନ୍ତୁ ଏ ପୁଣି କି କଥା ? ଗୋଟାଏ ନିଆଁ ଆଉ ନିଆଁଠୁ ନିଆରା ହୁଏ କେମିତି ? ସାଧୁସନ୍ନ୍ୟାସୀଙ୍କ ଧୁନିର ନିଆଁ କ'ଣ ସେଇ ଗୋଦରା ବୁଢ଼ୀର ମାଉଁସ ପୋଡ଼ି ଭସ୍ମ କରୁଥିବା କୋଇଲା ଚୁଲିର ରଡ଼ନିଆଁଠୁ ଭିନ୍ନ ତା'ହେଲେ ?

ନାଁ, ନିଶ୍ଚୟ ସେଇଠି କୋଉଠି ଅଛି ସେଇ ଆଖି ଦୁଇଟି ମଧ୍ୟ । ହୁଏତ ନିଜର ମିଆଁର ପାଖାପାଖି କେଉଁଠି ଜଳୁଛନ୍ତି ସେମାନେ ଶ୍ରେଷ୍ଠ ଶ୍ରେଷ୍ଠ ତାରା ଯୋଡ଼ିଏ ନିଶ୍ଚୟ—ନିଜର ମିଆଁ ଭଳି ବଡ଼ ବଡ଼ ନୁହେଁ ଅବଶ୍ୟ ।

Digitized by srujanika@gmail.com

ଜର୍ଜ ଅନାଇ ରହେ ଆକାଶକୁ—ଖବେ—ହେଁ ନଆଁ ରେ ନଆଁ ଯେମିତ, ତାସ୍ତରେ ପୁଣି ଅଛନ୍ତି ତାସ୍ତ। ଛୋଟ ତାସ୍ତ, ବଡ଼ ତାସ୍ତ, ମିଳମିଳ ତାସ୍ତ, ଧୂଆଁଳିଆ ତାସ୍ତ। ଏଗୁଡ଼ାକ ସବୁ କଅଣ ? ଆଲୁଅ ତ ଏକ। ଏକ ଅଲୁଅ, କିନ୍ତୁ ଛୋଟ ଓ ଆଉ ବଡ଼ ଆକାରର। କିନ୍ତୁ ଆକାର ସାଙ୍ଗରେ କଅଣ ଅଛୁ ଆମର ? ଆମେ ତ ଦେଖିବାକୁ ଚାହୁଁ ଆଲୁଅ। ଯାହାର ଆଲୁଅ ଅଛୁ, ସେ ତ ତାସ୍ତ।

ଅନେକ ସମୟ ଧରି ସେହି ଅସଂଖ୍ୟ ତାସ୍ତମାନଙ୍କ ମଧ୍ୟରେ, କାହାକୁ ଖୋଜିବସେ ଟୋକାଟା। ଧୀରେ ଧୀରେ ସାଧାରଣଭାବେ ଅଦୃଶ୍ୟ ଅସଂଖ୍ୟ ତାସ୍ତ ଦୃଷ୍ଟିଗୋଚର ହୁଅନ୍ତି ତାର। ସେମାନେ ବି ଆଖିମିଟିକା ମାରନ୍ତି ଜର୍ଜକୁ, ଆଉ ସେମାନେ ବି ସତେକି କହି ହୁଅନ୍ତି—ଆମେ ଅଛୁ ! ଆମେ ଅଛୁ ! ଆମେ ବି ତାସ୍ତ। ଆମର ବି ଥାନ ଅଛୁ ଏଠି।

ତା'ପରେ ଜର୍ଜର ଅନ୍ତର୍ଦ୍ରଷ୍ଟଦର୍ଶୀ ଆଖି ଦୁଇଟି ଆହୁରି କ୍ଷୁଦ୍ର ଆଲୋକର କାଟାଣୁ ସଦୃଶ ତାସ୍ତମାନଙ୍କୁ ଆବିଷ୍କାର କରିଜଠେ। ଉତ୍ସାହିତ ହୋଇ ସେ ସେମାନଙ୍କୁ ଆହୁରି ତନ୍ନତନ୍ନ କରି ପର୍ଯ୍ୟବେକ୍ଷଣ କରେ। ଧୀରେ ଧୀରେ ଅନ୍ଧକାରାଚ୍ଛନ୍ନ ଆକାଶର ପ୍ରତି ବିନ୍ଦୁରେ ଏକ ଏକ ତାସ୍ତ ଦୃଷ୍ଟିଗୋଚର ହୁଅନ୍ତି। କେତେବେଳକେ ସାରା ଆକାଶଟାଯାକ ଆଲୁଅ ବଛେଇ ହୋଇଯାଇଥିଲା ପରି ସେ ଦେଖିପାରେ। ସତେ କି ଟିକକ ଆଗରୁ ଯୋଉଠି ସେ କଟିକଟି ଅନ୍ଧାର ଦେଖିପାରୁଥିଲା, ସେଠି ବି ଏଇଲେ ଆଲୁଅର ଛୋଟ ଛୋଟ ଢେଉଟିମାନ ଉଠିବାକୁ ଆରମ୍ଭ କରିଦେଇଛି। ଅନ୍ଧାର ଆଉ କୋଉଠି ନାହିଁ।

ଆଲୋକର ତାରତମ୍ୟ ତା'ହେଲେ ଏଇ ଛୋଟ ବଡ଼ ଢେଉର ତାରତମ୍ୟ ଭଳି ! କେବଳ ଆକାରରେ ଛୋଟ ଆଉ ବଡ଼। ନଚେତ୍ ପ୍ରତ୍ୟେକଟି ଏକ ଏକ ଢେଉ ! ପ୍ରତ୍ୟେକ ଉଠୁଚନ୍ତି। ହୁଏତ ସମୁଦ୍ରର ଏମିତ ଜାଗା ନାହିଁ ଯୋଉଠି ସେମାନେ ଉଠୁନାହାନ୍ତି। କିନ୍ତୁ ବେଳାଭୂମିରେଇ ସେମାନେ ଦୃଶ୍ୟ ହେଉଚନ୍ତି।

ସେଦିନ ରାତିରେ ସେ ଏକ ଭୟଙ୍କର ସ୍ୱପ୍ନ ଦେଖିଲା। ସେ ଦେଖିଲା—ସେ ଆପେ ମରିଯାଇଛି। ତାର ମୃତଦେହକୁ ଗୋଟିଏ ଗାଡ଼ିରେ ଶୁଆଇ ସେମାନେ ସେଇ ଗାଡ଼ିଟାକୁ ପଛୁଆ କରି ଟାଣିନେଉଛନ୍ତି। ପ୍ରଥମେ ପ୍ରଥମେ ଗାଡ଼ିଟାର ଗତି ଓ ତାର ଘର୍ଘର ଶବ୍ଦରେ ତାକୁ ବେଶ୍ ନିଦ ଲାଗିଗଲା। ମଡ଼ାପରି ଛଳନା କରି ସେ ଶୋଇରହିଲା। କିନ୍ତୁ ଧୀରେ ଧୀରେ ସେ ଗାଡ଼ିର ଗତି ବଢ଼ିଉଠିଲା। ଆଖି ଖୋଲି ସେ ବାହାରକୁ ଚାହିଁଲା। ସେ ଦେଖିଲା—ପ୍ରବଳ ବେଗରେ ସେମାନେ ତାକୁ ଟାଣିନେଉଚନ୍ତି। ପଛୁଆକରି ଗାଡ଼ିଟାକୁ ଏତେ ବେଗରେ ଟାଣିନେବାରୁ ହୁଏତ ତାର ମୁଣ୍ଡରୁ ରକ୍ତଗୁଡ଼ାକ ସବୁ ଗୋଡ଼ଆଡ଼କୁ ଛୁଟିକି ଯାଉଥିଲା। ତାର ମୁଣ୍ଡ ବୁଲେଇଦେଲା। ଚାହୁଁ ଚାହୁଁ ବେଗ ଆହୁରି ବଢ଼ିଉଠିଲା।

ହଠାତ୍ ସବୁ କଥା କେମିତ ଓଲଟିଗଲା ତା ଆଖି ଆଗରେ। ଆଗରୁ ଯାହା ଯାହା ସବୁ ସିଧାସଳଖ କରି ସେ ଦେଖି ପାରୁଥିଲା, ହଠାତ୍ ସବୁଗୁଡ଼ାକ ବଙ୍କା ଆଉ ଓଲଟା

Digitized by srujanika@gmail.com

ହୋଇଗଲେ ।

ଜର୍ଜର ମୁଣ୍ଡ ଝାଙ୍କିଦେଲା । ସେ ଆଉ ଶବ ଭଳି ଚୁପ୍ ହୋଇ ପଡ଼ିରହି ପାରିଲା ନାହିଁ । ସେ ଖୁବ୍ ଜୋର କରି ଉଠିଲା । ହାତ ଗୋଡ଼ ହଲେଇ ସେମାନଙ୍କୁ ଜଣେଇଦେବାକୁ ଚାହୁଁଥିଲା ଯେ ସେ ବଞ୍ଚିଛି ବୋଲି । କିନ୍ତୁ ଆଶ୍ଚର୍ଯ୍ୟର କଥା, ସେ ଯାହା କହୁଥିଲା ଅନ୍ୟମାନେ ତାକୁ ବୁଝିବା ତ ଦୂରର କଥା, ନିଜେ ବି ନିଜ କଥା ବୁଝି ପାରୁ ନଥିଲା ସେ ।

ବାବାହୋଇ ସେ ଚତୁର୍ଦ୍ଦିଗକୁ ଅନେଇଲା । ସେମାନେ ବୁଝନ୍ତୁ ବା ନ ବୁଝନ୍ତୁ, ଚିତ୍କାର କଲା ସେ—"ହେ ! କିଏ ? କିଏ ତୁମେସବୁ ମୋତେ ଟାଣିନେଇ କୁଆଡ଼େ ପଳାଉଛ ?"

ଗାଡ଼ିର ଗତି ଯେତେବେଳେ ବନ୍ଦ ହୋଇଗଲା ସେତେବେଳେ ସେ ନିଜକୁ ନିଜେ ଚିହ୍ନି ପାରିଲା ନାହିଁ । ସେ ଦେଖିଲା ତାର ଦାଢ଼ି ଲମ୍ବ ଲମ୍ବ ହୋଇଯାଇଛି, ଆଉ ନଖସବୁ ବଢ଼ି କୋଡ଼ି ଭଳି ହୋଇଯାଇଛି । ଏକ ବିରାଟ ତପସ୍ୟାରେ ସେ ଏମିତି ବସିଛି କେତେକାଳ ତା'ର ଠିକଣା ନାହିଁ । ତାର ଚାରିପାଖେ ଅସଂଖ୍ୟ ପ୍ରକାର ଯନ୍ତ୍ରପାତି ଖେଳେଇ ହୋଇ ପଡ଼ିଛି । ସେଇ ଯନ୍ତ୍ରଗଦା ଉପରେ ବସି ସେ ଠୁକୁ ଠୁକୁ କରି କଅଣ ସବୁ କାଟି-ଚାଲିଛି, ଆଉ ଖଞ୍ଜି ଚାଲିଛି । ପ୍ରତି ମୁହୂର୍ତ୍ତରେ ତାର ହାତମୁଠା ଭିତରୁ ଫୁର୍ର୍ କରି ଉଡ଼ିଯାଉଛି ଗୋଟିଏ ଯନ୍ତ୍ରର କଣ୍ଢେଇ । ହାତମୁଠାରୁ ଆସିଲା ମାତ୍ରେ ସେ କଣ୍ଢେଇଟି ସତେ କି ଜୀଇଁଉଠୁଛି ! କ୍ରିରର୍ କରି ଟିକିଏ ହସିଦେଇ ସେ ଉଡ଼ିଯାଉଛି, କିନ୍ତୁ ଟିକିଏ ବାଟ ନ ଯାଉଣୁ ସେ ପୁଣି ଖସିପଡ଼ୁଛି । କିଏ ହାତେ ଦୂରରେ, କିଏ ଦି'ହାତ ବା କିଏ ଥୋଡ଼ାଏ ଦୂରରେ ଯାଇ ପଡ଼ୁଛି—ସମସ୍ତେ କିନ୍ତୁ ଖସିପଡ଼ୁଛନ୍ତି । ଆଉ ଖସିପଡ଼ିବା ପୂର୍ବରୁ ଏକ ବିକଟାଳ ଶବ୍ଦ କରି ସେମାନେ ମୁହଁମାଡ଼ି ପଡ଼ୁଛନ୍ତି । ସେଇ ଶବ୍ଦ ସାଙ୍ଗେ ସାଙ୍ଗେ ଗୋଟାଏ କଅଣ ଧୂଆଁଭଳି ଟିକିଏ ଜିନିଷ ସେଇ ଯନ୍ତ୍ରର କଣ୍ଢେଇ ଦେହରୁ ବାହାରି ଯାଇ ଆକାଶରେ ଘୂରିବୁଲୁଛି । ଟିକକ ପରେ ସେ ଧୂଆଁ ଅଦୃଶ୍ୟ ହୋଇଯାଉଛି ଓ ସେ ଚିତ୍କାର ପବନରେ ମିଳେଇଯାଉଛି ।

ଜର୍ଜ ଆଶ୍ଚର୍ଯ୍ୟ ହୋଇଲା । ଏଗୁଡ଼ାକ କଅଣ ସେ ଦେଖୁଛି ? ସିଏ ତ ମୂର୍ତ୍ତି ଗଢ଼ୁଛି ! ମୂର୍ତ୍ତି ଭିତରୁ ଏ ଧୂଆଁ, ଏ ହସ ଆଉ ଏ କାନ୍ଦ ଟିକିଏ ଟିକିଏ କୋଉଠୁ ବାହାରୁଛି ? ତେବେ କ'ଣ ଏ ମୂର୍ତ୍ତିସବୁ ଜୀବନ ପାଇ ଉଠୁଛନ୍ତି ? ତାର ହାତ କ'ଣ ଏଡ଼େ ଦକ୍ଷ ଯେ ସେ ହାତର ମୂର୍ତ୍ତି ଜୀଇଁଉଠୁଛନ୍ତି ? କିନ୍ତୁ, ତା'ହେଲେ ଏତେ ଶୀଘ୍ର, ଆଖିପିଛୁଳାକ ଭିତରେ ସେମାନେ ଏପରି ମରି ଢଳିପଡ଼ୁଛନ୍ତି କାହିଁକି ? ଆଉ ଏ ଧୂଆଁସବୁ କିଏ ? କୁଆଡ଼େ ଯାଉଛନ୍ତି ସେଇ ଧୂଆଁସବୁ ?

ଏହିପରି ଭାବୁ ଭାବୁ ହଠାତ୍ ଏକ ଭୟଙ୍କର ବିସ୍ଫୋରଣରେ ସେ ନିଜେ ଉଡ଼ିଯାଉଛି । ସେ ଠିକ୍ ଜାଣିପାରୁଛି, ସେଇ ବିସ୍ଫୋରଣଟା ଘଟିଥିଲା ତାର ସେଇ ଯନ୍ତ୍ର କୁଢ଼ ଭିତରୁ । ସତେ କି ତାର ସ୍ପର୍ଶ ପାଇ ଗୋଟାଏ ମୁହୂର୍ତ୍ତ ପାଇଁ ମଧ୍ୟ ସେ ଯନ୍ତ୍ରକୁଢ଼ର ପ୍ରତ୍ୟେକ ନିର୍ଜୀବ ଅଣୁ ପରମାଣୁରେ ଜୀବନର ଟିକିଟିକି ବିସ୍ଫୋରଣ ସବୁ ଘଟିଗଲା ଓ ପ୍ରତ୍ୟେକ ଟିକିଟିକି

Digitized by srujanika@gmail.com

ସେଇ ବିସ୍ଫୋରଣ ମିଶିଯାଇ ଏକ ପ୍ରଚଣ୍ଡ ବିସ୍ଫୋରଣ ସୃଷ୍ଟି କରି ତାକୁ ଉଡ଼ାଇଦେଲା—ସେଇ ଆଖିପିଛୁଳାକ ମଧ୍ୟରେ ।

ସେଇ ବିସ୍ଫୋରଣରେ କେତେଦୂର ସେ ଜନେ ଆହତ ହୋଇଥିଲା, ସେ ଜାଣେନା । କିନ୍ତୁ ତାର ମନେଅଛି—ସେ ଉଡ଼ିଯିବା ପୂର୍ବରୁ ତାର ହାତଗଡ଼ା କଣ୍ଢେଇଗୁଡ଼ିକ ଭଳି ସେ ବି ଟିକିଏ ହସିଦେଲା । ସତେ କି ଜୀବନର ଲୁଅରସବୁ ଫାଟିପଡ଼ୁଥିଲା ତା ଭିତରେ; କିନ୍ତୁ ହଠାତ୍ ସବୁ କିଛି ପୁଣି ବଦଳିଗଲା । ଧୀରେ ଧୀରେ ଭିଡ଼ା ପଡ଼ିଗଲା ସେଠି । ଗୁହୁଁ ଗୁହୁଁ ସେ ଖସିଲା ତଳକୁ । ତାର ଅଜାଣତରେ ଏକ ବିକଟ ଚିତ୍କାର କରି ସେ ଆପେ ପଡ଼ିଲା । ଠିକ୍ ଯେତେବେଳେ ତାର ଶରୀର ପୁଣି ଆସି ସେଇ ଗାଡ଼ି ଉପରେ ପଡ଼ିଗଲା ଓ ତତ୍‌କ୍ଷଣାତ୍ ସେ ଗାଡ଼ି ଆଲୁଅ ବେଗରେ ଆଗକୁ ଚାଲିବାକୁ ଆରମ୍ଭ କଲା । ସେ ଦେଖିଲା କିଛି ଗୋଟାଏ କଳା ଛାଇ ତା ଦେହରୁ ଛୁଟିକିପଡ଼ି ଆପେ ଆପେ ଯୋଡହୋଇଗଲା ସେ ଗାଡ଼ିର ପୁଅଙ୍କ ଦେହରେ ।

ଗାଡ଼ି ଚାଲିଲା ଆଗକୁ—ଯୁଆଡ଼ୁ ଆସିଥିଲା ପୁଣି ସିଆଡ଼କୁ । ସେଥିକବେଳେ ଅପେ ଆପଣାର ଗାଡ଼ି ଟାଣୁଥିଲାବେଳେ ସେ ନଜର କରିଥିଲା ସେମାନଙ୍କୁ—ଯେଉଁମାନେ ତାର କଡ଼େ କଡ଼େ ରହି ତାକୁ ସାହାଯ୍ୟ କରୁଥିଲେ । କିନ୍ତୁ ଏମାନେ କିଏ ? ଏମାନେ ବି ତ ସେଇ ଛାଇ ! କିନ୍ତୁ କାହାର ଛାଇ ଏମାନେ ? ଏମାନେ କଅଣ ସେଇ ଅପୂର୍ଣ୍ଣ, କ୍ଷୀଣକାୟ ଯନ୍ତ୍ରଗୁଡ଼ିକର ଛାଇ ?

ତାର ନିକଟତମ ଛାଇଟିର ମୁହଁକୁ ଚାହିଁ ଦେଖିଲା ଜର୍ଜ । ହଁ ! ଅବିକଳ ତ ! ତାର ଆଖିରୁ ଦୁଇଟା ନଳୀ ଲମ୍ବିଲା ଭଳି ଲମ୍ବି ଯାଇଥିଲା ବହୁତ ଦୂରକୁ । ତାର କାନ, ନାକ, ପାଟି, ମୁହଁ ଆଉ କିଛି ନ ଥିଲା । ଆଖିହିଁ ତାର ସର୍ବସ୍ୱ । ସେଇ ଲମ୍ବା ନଳୀର ଛାଇ ବ୍ୟତୀତ ତା ମୁହଁରେ ଆଉ କିଛି ନଥିଲା ।

ଏପଟକୁ ମୁହଁ ବୁଲେଇ ଜର୍ଜ ଚାହିଁଲା । ପ୍ରଥମେ ପ୍ରଥମେ ସେ କିଛି ଦେଖିପାରିଲା ନାହିଁ । କାରଣ ଗୋଟାଏ ଦୁର୍ଭେଦ୍ୟ ଧୂଆଁର କୁହେଳିକା ଭିତରେ ସେ ଛାଇ ଘୋଡ଼େଇ ହୋଇ ପଡ଼ିଥିଲା । କିନ୍ତୁ ଏତେ ଧୂଆଁ ଆସୁଥିଲା କୋଉଠୁ ? ଆହୁରି ନିକଟେଇ କରି ଜର୍ଜ ତାକୁ ଦେଖିଲା ।

ହଠାତ୍ ତା ଦେହ ଶୀତେଇ ଉଠିଲା । ଧଡ଼ପଡ଼୍ ହୋଇ ସେ ଉଠି ବସିଲା । ତାର ମନେ ହେଲା, ସେ ଆଉ ଥରେ ସେଇ କାଠ କ୍ୟାବିନ୍ ବାରଣ୍ଡାରେ ଶୋଇ ଶୋଇ ସେଇ ପଛମା ମାଇକିନାର କାନ୍ଥରେ ଅଙ୍କାହୋଇଥିବା ଚରଣ ଘୁଓର ସେଇ ବିସ୍ମୟର ଅଙ୍ଗାରର ସ୍ତ୍ରୀ-ଲୋକଗୁଡ଼ାଙ୍କର ଚିତ୍ର ଦେଖୁଥିଲା । ସେ କଥା ମନେପଡ଼ିବା ମାତ୍ରେ ସେଇ ପରିଚିତ ଲହରଟା ପୁଣି କୋଉଠି ଥିଲା, ବାହାରିଆସି ତାର ସର୍ବାଙ୍ଗକୁ ଆବୋରିନେଲା ।

ଜର୍ଜର ମନ ଭିତରେ ଏକ ବିଦ୍ରୋହ ଉଠିଲା । ତାର ମନେହେଲା ସେଇ ଦୋମହଲା ଉପରୁ ଡେଇଁପଡ଼ି ସିଧାସଳଖ ସେ ପଳେଇ ଯାଆନ୍ତା ସେଇ ଅପୂର୍ଣ୍ଣ, ବୀଭତ୍ସ ଅଙ୍ଗାରର ଚିତ୍ରଗୁଡ଼ାଙ୍କ ପାଖକୁ, ଆଉ ଖଣ୍ଡିଏ ଚୁନପୋଛ ଧରି ଲିପିଦେଇ ସଫା କରି ଦଅନ୍ତା ଯେ

Digitized by srujanika@gmail.com

ସେଇ ଅନ୍ଧାରର ଭୂତଗୁଡ଼ାଙ୍କ ।

କିନ୍ତୁ କାହିଁ ? ଯିବାପାଇଁ ବାଟ କାହିଁ ?

ପାଗଳଙ୍କ ଭଳି ଧାଇଁଯାଇ ସେ ଦୁମ୍‌ଦୁମ୍ କରି ଗୁଡ଼ାଏ ବାଡ଼ାଏ ସେଇ କବାଟକୁ । ତା' ପରେ ତାର ମନେପଡ଼େ—ପାର୍ଟି ଡାକ୍ତରର କଥା ।

ତା'ପରେ ମୁଣ୍ଡକୁ ଦ'ହାତରେ ଧରିନେଇ ସେ ବସିପଡ଼େ ଓ ବାହୁନିଲା ଭଳି କହିଉଠେ —"ମୁଁ କ'ଣ ପାଗଳ ? ମୁଁ କ'ଣ ସତରେ ପାଗଳ ହୋଇଗଲିଣି ? ଆହେ, ସେମାନେ କ'ଣ ସତ କହୁଚନ୍ତି ? ମୁଁ ପାଗଳ ? ମୋ ମୁଣ୍ଡର ନର୍ଭ କାଟିନେବେ ସତେ ସେମାନେ ? ମୋର ସବୁ ସ୍ମୃତିକୁ କାଢ଼ିନେବେ ସେ ଗ୍ରେଗ, ଡସ୍କର, ଖଣ୍ଡମାନେ ମୋ ମୁଣ୍ଡରୁ ?"

ଠିକ୍ ଏତକବେଳେ କିଏ ଗୋଟିଏ ଖୁବ୍ କ୍ଷୀଣ କଣ୍ଠରେ କହିଉଠେ ତା ଭିତରେ— ସଂସାରରୁ ପାପଭାର ନାଶିବା ପାଇଁ ମୁଁ ଜନ୍ମହୁଏ । ମୁଁ ! ମୁଁ !...

ତା'ପରେ ସେ ସ୍ୱର ବଢ଼ିଉଠେ । ଦାନ୍ତ ରଗଡ଼ି ଉଠି ଜର୍ଜ କେବଳ ଚିତ୍କାର କରେ— ମୁଁ ! ମୁଁ ! ମୁଁ !

ହଠାତ୍ ତାର ସାରା ଦେହର ମାଂସପେଶୀ ଶକ୍ତ ହୋଇ ଉଠେ । ତାର ମୁଦ୍‌ଗରଆ ବାହୁ ଦୁଇଟା ଭିତରୁ ଦୁଇଟା ଶିରା ନାଚିଉଠେ—ଥଡ଼୍ ଥଡ଼୍ ଥଡ଼୍ । ତା ପରେ ଘରସାରା ସେ ଧଇଁତରା ମାରି ଉଠେ ।

ଗୋଟି ଗୋଟି ହୋଇ ପୁଣି ମୂଳରୁ ଆଉଥରେ ଆରମ୍ଭ ହୁଏ ସେଇ ଲହଡ଼ିଗୁଡ଼ାକ— ତାର ମୁଣ୍ଡ ଭିତରେ ।

ସକାଳ ସାଢ଼େ ସାତଟା—

ଠକ୍, ଠକ୍, ଠକ୍...

କିଏ ? ମିସ୍ ଆଡ଼ାମସ୍ ?

"ଆଗାମୀ ଯୁଗର ମଣିଷର ଦେହର ରଙ୍ଗ ସବୁଜ ହେବ ବୋଲି ଆର୍‌ଜେଣ୍ଟିନାର ଏସ୍... ଠାରେ ହେଉଥିବା ଗୁପ୍ତ ପାର୍ଟି କନ୍‌ଫରେନ୍‌ସରେ ଠିକ୍ ହୋଇଚି । ଖୁବ୍ ଅପୋଜିସନ୍ ହୋଇଚି । ଗୋରା ମେମ୍ବରମାନେ କନ୍‌ଫରେନ୍‌ସରୁ ଉଠି ଆସିଛନ୍ତି । କିନ୍ତୁ ବହୁତ ଭୋଟରେ ପ୍ରସ୍ତାବଟି ଧାର୍ଯ୍ୟ ହୋଇଚି । ଆଫ୍ରିକା ଆଉ ଏସିଆର ମେମ୍ବରମାନେ ଆନନ୍ଦ ପ୍ରକାଶ କରିଛନ୍ତି...ଭଲ ହୋଇଚି । ବ୍ୟକ୍ତିଗତ ଭାବେ ମୋର କିଛି ଆପତ୍ତି ନାହିଁ ।"

× × × ×

"ପାର୍ଟି ଚିଫ୍ ଅଣ୍ଡର ଗ୍ରାଉଣ୍ଡରେ ଅଛନ୍ତି—ବୁର୍ଜୁଆ ଶତ୍ରୁମାନଙ୍କ ଗୋଇନ୍ଦା ସାରା ପୃଥିବୀ ଖୋଜିବୁଲୁଛନ୍ତି । ବିଶ୍ୱଯୁଦ୍ଧ ଖୁବ୍ ନିକଟରେ ଲାଗିଯିବ ବୋଲି ଆଶା କରୁଚି । ଗଣନା କରି ଦେଖାଯାଇଚି ଯେ ଏ ବିଶ୍ୱଯୁଦ୍ଧ ମାତ୍ର ଅଢ଼େଇ ଦିନ ସମୟ ନେବ—ତା ପରେ ? ତାପରେ ସାରା ପୃଥିବୀ ପାର୍ଟିର ସମ୍ପତ୍ତିରେ ପରିଣତ ହେବ ।"

× × × ×

"ଆଗାମୀ ଯୁଗର ମଣିଷର ମୁଣ୍ଡର (—) ନର୍ଭଟିକୁ ଗୋଟିଏ ନିର୍ଦ୍ଦିଷ୍ଟ ବୟସରେ

Digitized by srujanika@gmail.com

ଉଠେଇଦେବା ପ୍ରସ୍ତାବଟି ପାର୍ଟିର କେ···ଠାରେ ହେଉଥିବା ଗୁପ୍ତ କନ୍‌ଫରେନ୍‌ସରେ ଗୃହୀତ ହୋଇଛି । ତଦ୍‌ଦ୍ୱାରା ନିର୍ଦ୍ଦିଷ୍ଟ ଜ୍ଞାନଲାଭ ପରେ, ପରବର୍ତ୍ତୀ ବୟସରେ ମଣିଷର ମୁଣ୍ଡରେ ପ୍ରବେଶ କରୁଥିବା ଅଯଥା ବିତର୍କର ପ୍ରଭାବ ଆଉ ପରିଲକ୍ଷିତ ହେବନାହିଁ । ଏତଦ୍‌ବ୍ୟତୀତ ମଣିଷର ମସ୍ତିଷ୍କ-ବିକୃତ ସମ୍ପୂର୍ଣ୍ଣରୂପେ ଦୂରୀଭୂତ ହେବା ସଙ୍ଗେ ସଙ୍ଗେ ସାମାଜିକ ସମ୍ପର୍କ ଦୃଢ଼ୀଭୂତ ହେବ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି ।

ମଣିଷ ଚନ୍ଦ୍ରରେ ପହଞ୍ଚିଛି (?) ବୋଲି ନିର୍ଭରଯୋଗ୍ୟ ସମ୍ବାଦ ମିଳିଥିଲେ ସୁଦ୍ଧା ପାର୍ଟି ପକ୍ଷରୁ ତାହା ଯଥାର୍ଥଭାବେ ସ୍ୱୀକୃତ ହୋଇନାହିଁ । ତେବେ ପାର୍ଟିର ବିଭିନ୍ନ ନେତାମାନଙ୍କ ମଧ୍ୟରେ ଏହି ସମ୍ବାଦଯୋଗୁଁ ଗୁଞ୍ଜନ ପ୍ରକାଶ ପାଇଛି । କାରଣ ଯଦି ବିଶ୍ୱଯୁଦ୍ଧ ପୂର୍ବରୁ ମଣିଷର ସାମ୍ରାଜ୍ୟ ଚନ୍ଦ୍ରରେ ଗଢ଼ିଉଠେ, ତା'ହେଲେ ପୁଣି ଏକ ଆନ୍ତଃଉପଗ୍ରହ ମହାଯୁଦ୍ଧ ବ୍ୟତୀତ ବିପ୍ଳବ ଅସଂପୂର୍ଣ୍ଣ ରହିଯିବ ।"

× × × ×

ପାର୍ଟି ଚିଫ୍ ଅଣ୍ଡର ଗ୍ରାଉଣ୍ଡରେ ଜଥାପି ରହିଚନ୍ତି । ଅନିର୍ଦ୍ଦିଷ୍ଟ କାଳଯାଏ ସେ ଅଣ୍ଡର୍-ଗ୍ରାଉଣ୍ଡରେ ରହିବେ ବୋଲି ଗୁପ୍ତ ଖବର ପଠାଇଛନ୍ତି ।

"ଆଗାମୀ ମଣିଷର ନାକ ଏକ ଅଦ୍ଭୁତ ନାକ ହେବ ବୋଲି ପାର୍ଟିର ବୈଜ୍ଞାନିକ-ମହଲରେ କଳ୍ପନାଜଳ୍ପନା ଚାଲିଛି । କିନ୍ତୁ ସେମାନେ ଆଦୌ ଜାଣନ୍ତି ନାହିଁ ଯେ ପୃଥିବୀର ଭାବୀ ରକ୍ଷକ ଏଇ କମ୍ୟୁନିଷ୍ଟ୍ ପାର୍ଟିର ନେତୃବର୍ଗ ଆହୁରି ଅଦ୍ଭୁତ, ଆହୁରି ସୁନ୍ଦର ନାକ-ମାନଙ୍କର ପରିକଳ୍ପନା କରିଛନ୍ତି ।

"ଆଗାମୀ ଯୁଗର ମଣିଷ ଏକ ପିମ୍ପୁଡ଼ି ଭଳି ଦୁଇଗୋଡ଼, ଚାରିହାତ ଓ ଦୁଇ ଶୁଣ୍ଢବିଶିଷ୍ଟ ହେବ ବୋଲି ବୈଜ୍ଞାନିକମାନେ କଳନା କରି ଜାଣିପାରୁଛନ୍ତି । ଏହା ଫଳରେ ଆଗାମୀ ମଣିଷର ତେଜସ୍ୱିତାର ପ୍ରତିରୋଧ ଶକ୍ତି ଯଥେଷ୍ଟ ବଢ଼ିଯିବ ।

କିନ୍ତୁ ସେମାନେ ଆଦୌ ଜାଣନ୍ତି ନାହିଁ ଯେ ପୃଥିବୀର ଭାବୀରକ୍ଷକ ମଣିଷର ସର୍ବତୋ-ଭାବେ ସମାନ ଚେହେରାର ମଡ଼େଲକୁ ଠିକ୍ ଏଇ ପିମ୍ପୁଡ଼ି ଛାଞ୍ଚରେ ଗଢ଼ିଛନ୍ତି ।"

ଦିନ ଯାଏ । ପୁଣି ରାତି ଆସେ ।

ପାର୍ଟି ଚିଫ୍‌ର ଆଦେଶ ଅନୁସାରେ ସେ ଆସିଥିଲେ ଆହୁରି ଖୋଲାଖୋଲି ଭାବେ ମିଳାମିଶା କରିବାକୁ । ତାଙ୍କର ଆଶା—ହୁଏତ ନାରୀର ପ୍ରତ୍ୟକ୍ଷ ଆକର୍ଷଣ ଜଣେ ହତାଶ ସର୍ବହରାକୁ ଆଶାବାଦୀ କରିପାରେ ।

କାନ୍ଥଘଣ୍ଟା କୁଟ୍ କୁଟ୍ କରି କାଟି ଚାଲିଚି ସମୟର ମୂଳ ଗଣ୍ଡିକୁ । କାନ୍ଥଘଣ୍ଟା—ଗୋଟାଏ ବୁଢ଼ା ଚୁଟିଆ ମୂଷା ସେ ।

ମିସ୍ ଆଡ଼ାମସ୍ ଆସନ୍ତି । ଜର୍ଜର କାକର ହାତ ପାପୁଲିଟାକୁ ନିଜର ଉଷ୍ମ ହାତ ପାପୁଲି ଭିତରେ ଚାପିଧରନ୍ତି । ଆଜି ସେଇ ମୁହଁ ଉପରର ସେଇ ରହସ୍ୟମୟ ରବର

Digitized by srujanika@gmail.com

ଦହଡ଼ ଦଇଟାର ଭଡ଼ା ଓଟରକୁ ଆଖି ପୂରେଇ ଦେଖିବାର ସମୟ ବା ଧୈର୍ଯ୍ୟ ନଥାଏ ଜର୍ଜର । କିନ୍ତୁ ତାର ମନେପଡ଼େ—ସର୍ବ ପ୍ରଥମ ଦିନ କିପରି ଏଇ ଅପରିଚିତା ମହିଳା ନିଜକୁ ପରିଚିତା କରାଇଥିଲା ତା ନିକଟରେ । ଅବିକଳ ସେଇ ହାତ ଆଉ ସେଇ ଉଷ୍ମ—ଏଇ ହାତର ।

ତଥାପି ଜର୍ଜର ମୁହଁ ତଳକୁ ହୋଇଯାଏ । ତାର ଅଷ୍ଟାଙ୍ଗ ଶରୀରରୁ ଝାଳ ବୋହିଆସେ । ତାର କାନରେ ଖାଲି କେହି କହିଉଠେ—"ନେ ! ଖା ! ଖାଇ ଦେ ! ପେଟ ପୂରିଯାଉ । ମୋ ବାପାଟା ପରି…"

ମିସ୍ ଆଡ଼ାମସ୍ ଆଉ ଟିକିଏ ପାଖକୁ ଲାଗିଆସି ବସନ୍ତି । ତାଙ୍କର ଢାଳିଲା ଦେହରୁ ତାତି ଭେଦିଯାଏ ଜର୍ଜର ଜଙ୍ଘପାଖକୁ ଛୁଇଁଥିବା ତାଙ୍କ ଦେହର ଉତ୍ତପ୍ତ ଅଂଶଟିରୁ ।

ତମେ ଏମିତି ପାଖାପାଖି ହୋଇ ଚାଲୁଥିଲ ମୋର । ମୁଁ ଏମିତି ଧରିଥିଲି ତୁମର ହାତ । ଆମେ ଦୁହେଁ ପାହାଚ ଓହ୍ଲାଉଥିଲେ—ମନେପଡ଼ୁଛି ? ତମେ ପଡ଼ିଯାଉଥିଲ, ମୋର ପାଦକୁ ଝୁଣ୍ଟି । କିନ୍ତୁ ମୁଁ ତମକୁ ଧରିନେଲି ।

"ତମେ ଥିଲ ଅଶୀବର୍ଷର ବୁଢ଼ା । ତମର ପେଶା ଥିଲା ଲୋକଙ୍କୁ ଧର୍ମକଥା କହିବା । ତେଣେ ମାଆର ହିକ୍କା ଉଠୁଥିଲା । ତାର ହାତ ଗୋଡ଼ର ଗଣ୍ଠିସବୁ ଢୋଲ ଭଳି ଫୁଲି ଉଠୁଥିଲା—ମନେଅଛି ?"

ମିସ୍ ଆଡ଼ାମସ୍ ଆହୁରି ପାଖକୁ ଲାଗି ଆସିଲେ । ତାଙ୍କ ବିଶାଳ ସ୍ତନର ଅଗ୍ରଭାଗ ଜର୍ଜର ପିଠି ଛୁଇଁଲା ।

"ତମକୁ ମୁଁ ରକ୍ଷା କରିଦେଲି; ନହେଲେ ତୁମେ ପାହାଚ ତଳକୁ ପଡ଼ି ଛତୁ ହୋଇ ଯାଇଥାଆନ୍ତ । ତମେ ଚାହିଁଲ ମତେ କୃତଜ୍ଞତା ଜଣାଇବାକୁ । କାରଣ ତୁମର ଧର୍ମ ସେଇଆ କହୁଥିଲା । ଉପକାର ପାଇଲେ କୃତଜ୍ଞତା ଜଣାଇବାକୁ ତୁମେ ଆଗଭର ହୋଇ ଉଠ । ତେଣୁ ତୁମେ ଏହିପରି ଜଣାଇଲ ତୁମର କୃତଜ୍ଞତା…"

ଜର୍ଜର ପ୍ରତ୍ୟେକ ଲୋମମୂଳରୁ ଉଠିଆସିଲା ପୁଣି ଥରେ ସେଇ ଭୟଙ୍କର ଲହଡ଼ି । ଥୁଣ୍ଟା ଶିମିଳିଗଛ, ଫଟା ସୂର୍ଯ୍ୟ ଆଉ ଶହ ଶହ ଲହ ଲହ ଜିଭ ।

ମା କାଳୀ !

ମିସ୍ ଆଡ଼ାମସ୍ଙ୍କର କୃତ୍ରିମ ଦାନ୍ତ ଦ'ଖଣ୍ଡ ଜର୍ଜକୁ ଆହୁରି ଭ୍ରମରେ ପକେଇଦେଲା । ହଠାତ୍ ସେ ସେଇ ସାପପରି ବେଢ଼େଇ ହୋଇ ଯାଉଥିବା ହାତଟିକୁ ଜୋର୍‌କରି ତାର ବେକ ଚାରିପାଖୁ ଖୋଲି ଫୋପାଡ଼ି ଦେଇ ଉଠି ଠିଆହୋଇ ପଡ଼ିଲା । ଗୋଟିଏ ଦଶ ବର୍ଷର ଏଡ଼େ ଟିକେ ଝିଅ ଭଳି ଖଟର ଦାଢ଼ ଉପରେ ନିଃସହାୟ ଭାବେ ବସିଥିଲା ସେଇ ନାଟକର ନାୟିକା । ଆଉ ଗୋଟିଏ ଅଶୀବର୍ଷର ବୃଦ୍ଧ ଧର୍ମଯାଜକ ନାୟକ ଭଳି ସେଇ ଲମ୍ବାନାକା ଚୋକାଟା ଠିଆହୋଇଥିଲା । ତା ଦେହରେ ମାଛି ବସିପଡ଼ୁଥିଲେ ବି ଖସି-ପଡ଼ୁଥିଲା । କିଛି ସତେ କି ସେ ଦେହରେ ଲାଗେନା !

Digitized by srujanika@gmail.com

ମିସ୍ ଆଡ଼ାମସ୍‌ଙ୍କ ଶୀର୍ଣ୍ଣ ଚିତ୍କାରରେ ସେଇ ଘରର ଶୂନ୍ୟଭୂତଟା କଣ ହେଇଗଲା ଭଳି ଜଣାଗଲା ।

"ପଶୁ ! ବିଧର୍ମୀ ! ରାକ୍ଷସ !" ତାଙ୍କର ରବର ଦାନ୍ତର ଓଠ ଦଇଟା ଦୁହିଁ ହୋଇ ଯାଉଥିଲା ।

ତଥାପି ଏତେବେଳଯାଏ ଜର୍ଜ ନିଜକୁ ସେଇ ଅଶୀବର୍ଷର ଶିଥିଳ, ଲୋଳିତଚର୍ମ ବୃଦ୍ଧା-ରୂପେ ଚିନ୍ତା କରୁଥିଲା ।

ମିସ୍ ଆଡ଼ାମସ୍ ଗର୍ଜି ଉଠିଲେ—"ରେ ଠକ ! ଭଣ୍ଡ ! ପାଜି, ତୁ ତଥାପି ମରିନାହୁଁ ! ମୁଁ ତତେ ଅଭିଶାପ ଦେଇଥିଲି—ତୁ ନରକର କୀଟ ହେଇ ଜନ୍ମ ହବୁ । ତୋର ଆଖି, ନାକ, କାନ କିଛି ନରହୁ—ଯାହାର ବଳରେ ବଳୀୟାନ ହେଇ ତୁ ସେଦିନ ମୋର ପ୍ରେମଭିକ୍ଷାର ଝୁଲିରେ ଧୂଳି ଭର୍ତ୍ତିକରିଦେଲୁ । ଏଇ ତୋର ଧର୍ମ, ଏଇ ତୋର ପାପପୁଣ୍ୟ ବିଚାର ? ତୁ ମରିନାହୁଁ ?"

ହଠାତ୍ ଦୁମ୍‌କିନା ଶୂନ୍ୟରୁ ଝଣ୍ଟେ ମସ୍ତବଡ଼ ପଥର ଖସିପଡ଼ିଲା ଯେତେ ବା ଜର୍ଜର ଗ୍ରୀବ ଉପରେ । ତାର ଗୋଡ଼ ହାତ ଥରିଗଲା । ନିଜକୁ ଅଟକେଇ ନେବାପାଇଁ ସେ ଆଶ୍ରା ଖୋଜିଲା ।

ମିସ୍ ଆଡ଼ାମସ୍‌ଙ୍କ ଆଖିର ଦୁଇ କଣରେ ଜକେଇ ଆସିଲା ଲୁହ । ଜର୍ଜ ମୁହଁ ବୁଲେଇନେଲା । ମିସ୍ ଆଡ଼ାମସ୍‌ଙ୍କ ସ୍ୱର ଭାଙ୍ଗି ଭାଙ୍ଗି ପଡ଼ୁଥିଲା । ସେ କହିଚାଲିଥିଲେ—"ମୁଁ କି ଜାଣେ ? ତୋର ନାକର କେଉଁପୁଡ଼ାରେ କି ପବନ ବୋହୁଥିଲା ? ସେଥିରେ ଥିଲା ବାତ୍ସଲ୍ୟ ବା ଆଉ କିଛି—କିନ୍ତୁ କାହିଁକି ତୁ ଫୁଙ୍କିଦେଲୁ ସେଇ ମନ୍ତ୍ର ଏଇ କାନମୂଳରେ ? ମୁଁ କି ଜାଣେ କି ମନ୍ତ୍ର ସେ ! ମୁଁ କି ଜାଣେ ବସ୍ତପର କି ଭାଷା ? ତୋର ବସ୍ତପ ତତେ କି ଗୀତ ଶୁଣେଉଥିଲା, ଆଉ ମୋର ବସ୍ତପ ମତେ ବି କଅଣ ଶୁଣେଉଥିଲା !" ଆଖି କଣରେ ଜମିଯାଇଥିବା ଲୁହର ଝରଣା ଉଚ୍ଛୁଳିପଡ଼ିଲା ଓ ଦୁଇଟି ସ୍ୱତନ୍ତ୍ର ଧାରରେ ବୋହି ଯାଇ ସେ ଦୁଇଟି ଧାର ଧୀରେ ଧୀରେ ହଜେଇଗଲା ଓଠର ଦୁ'କଣରେ ।

ମିସ୍ ଆଡ଼ାମସ୍‌ଙ୍କ ସେଇ ରୂପଟା ହଠାତ୍ କାହିଁକି ଜର୍ଜର ଆଖିରେ ଝଲସି ଉଠିଲା । ତାର ମନେହେଲା, ଯେତେ ଯେମିତ ଗୋଟିଏ ନିରୀହ ଶିଶୁ ତାର ନିଜର ଲୁହକୁ ନିଜେ ଶୋଷି ଶୋଷି ଆପଣାର ଶୋଷ ମେଣ୍ଟାଉଚି— ବଡ଼ ଦସ୍ୟୁମିସ୍ୱଭାବେ ।

ମିସ୍ ଆଡ଼ାମସ୍‌ଙ୍କର ଭଙ୍ଗା ଭଙ୍ଗା କଣ୍ଠସ୍ୱର ଭିତରୁ ଗୋଟିଏ ଫାଟିଯାଇଥିବା ରବର କଣ୍ଢେଇର ଚିହ୍ନା ସ୍ୱର ଚିହ୍ନା ଭାସିଆସୁଥିଲା । ସେ କଣ୍ଠରେ ଅଭିଯୋଗର ସୀମା ନ ଥିଲା । ଅଭିଶାପର ସୀମା ନଥିଲା; କିନ୍ତୁ ତାହା କଅଣ ବାସ୍ତବରେ କିଛି ଅଭିଯୁକ୍ତ ଆଉ ଅଭିଶାପ-ଗ୍ରସ୍ତ କଣ୍ଠସ୍ୱରଠାରୁ କୌଣସି ଗୁଣରେ କମ୍ ନିରୀହ ଆଉ ନିଃସହାୟତାର ପ୍ରତୀକ ହୋଇଥିଲା ?

ପରମେଶ୍ୱରଗତ ହୀତଦାସର ପରିବାରର ଦଶବର୍ଷର କିଶୋରୀକନ୍ୟା । ମାଆର ମୃତ୍ୟୁଶଯ୍ୟା —ବାପା ହଲକୁଯାଇଚି । ଶେଷ ପ୍ରାର୍ଥନାର ଆବଶ୍ୟକତା—ଦୂରରେ ଅସ୍ପଷ୍ଟଘଣ୍ଟି—ଚର୍ଚ୍ଚର

Digitized by srujanika@gmail.com

ଘଣ୍ଟା ବାଜୁନୁଚ—ଖପଡ଼ା ପାହାଚ । ଗୋଟିଏ ଅଶୀବର୍ଷର ବୃଦ୍ଧ, ଶୁଷ୍କପ୍ରାଣ, ଧର୍ମଯାଜକ ! ଆଉ ପାଖେ ପାଖେ ଫୁଟୋନ୍ମୁଖୀ, ଉତ୍ତପ୍ତ ଆଗ୍ନେୟଗିରିର ସ୍ୱର୍ଣ୍ଣକାନ୍ତର ଚିରଶୃଙ୍ଗ !

ହଠାତ୍ ସେଇ ଅନ୍ଧାର ଘର ଭିତରେ ସେଇ ଅଶୀବର୍ଷର ବୁଢ଼ାଭଳି ଠିଆହୋଇଥିବା ଯୁବକଟି ଆଖି ଖୋଲି ଦେଖିଲା—ଏକ ଅତୃପ୍ତ ଆତ୍ମା, ଗ୍ରାଇଭଳି ଓହ୍ଲାଇ ଆସିଲା ଏକ ବିଶାଳ ଜନାକୀର୍ଣ୍ଣ ସହରର, ଏକ ବିଶାଳ ପ୍ରାସାଦର ଶିଖରଦେଶରୁ । ତାପରେ ପ୍ରାସାଦର କଡ଼େ କଡ଼େ ଯାଇଥିବା ଏକ ବିଶାଳ ଦୁର୍ଗନ୍ଧମୟ ନରକର ନାଳ ଦେଇ ସେ ଅସ୍ପଷ୍ଟ ଗ୍ରାସ୍ୱା, ମାଟିତଳର ଏକ ଅଜ୍ଞାତ ସୁଡ଼ଙ୍ଗପଥ ଦେଇ ପ୍ରବେଶ କଲା ଏକ ଘୋର ତମସାଚ୍ଛନ୍ନ ଅରଣ୍ୟ ଗର୍ଭରେ । ତା ପରେ ସେ ଅଦୃଶ୍ୟ ହୋଇଗଲା ।

, ମାଳୟର ଘନଜଙ୍ଗଲ, ଆଫ୍ରିକାର ଅନ୍ଧକାରମୟ ହୀରାଖଣିର ଗହ୍ୱର, ୟୁରୋପର ଦୁର୍ଗନ୍ଧମୟ ଡକ୍‌ୟାର୍ଡ଼, ଆଉ କୋଇଲାଖଣିର ମୃତ୍ୟୁଗର୍ଭର ଅତଳ ଗର୍ଭରେ ସେ ଗ୍ରାସ୍ୱା ଖୋଜୁଥିଲା ଯେପରି କୌଣସି ଦରହଜା ସ୍ମୃତିକୁ । ବହୁ ପ୍ରେରଣା ଆଉ ପ୍ରତାରଣାକୁ ବୁକୁରେ ଧରି ସେଇ ଦୁଃସାହସିକା ଗ୍ରାସ୍ୱାମୂର୍ତ୍ତି ଜୀବନର ସନ୍ଧାନରେ ବାହାରି ସତେ ଅବା ଆପଣାର ସନ୍ଧାନଇ ଆପେ ଆପେ କରୁଥିଲା ଏତେ କାଳ ।

ଜର୍ଜ ଆଗେଇଗଲା । ଶେଯର ଗୋଟାଏ କଡ଼କୁ ଝୁଲୁଥିଲା ସୁଇଚ୍‌ଟା । ସେ ଜାଣିଥିଲା— ସୁଇଚ୍ ଟିପିଲେ ପୃଥିବୀ ପୁଣି ଓଲଟି ପଡ଼ିବ । ସାମାନ୍ୟ ଗୋଟିଏ ସୁଇଚ ତଳେ ଆଜି ଆବଦ୍ଧ ହୋଇ ରହିଚି ପୃଥିବୀର ଭାଗ୍ୟ । ସମଗ୍ର ସଂସାରର ଜଗତର ଭାଗ୍ୟ । ସୁଇଚ ଟିପିବା ପୂର୍ବରୁ ଝରକା ପାଖକୁ ଝୁଙ୍କିପଡ଼ି ଜର୍ଜ ସେଇ ଖୋଲା ଆକାଶଟାକୁ ଟିକିଏ ଚାହିଁନେଲା । ସବୁଦିନ ଭଳି ଆଜି ବି ସେମାନେ ମିଟିମିଟି ହୋଇ ଆଖି ମାରୁଥିଲେ । ଜର୍ଜ ଜାଣିଥିଲା ସେଇ ମିଟି ମିଟି ହଉଥିବା ଆଖିଗୁଡ଼ିକ ଭିତରେ ନିଶ୍ଚୟ କୋଉଠି ଗୋଟାଏ ଥିବ ସେଇ ଆଖିଟା—ଯାହାର ଗୃହପାଖେ ସେଦିନ ସହରେ ଠାକୁର ବେକର ଶୁଖିଲା ଫୁଲକୁ ଚୂନାକରି ଛିଞ୍ଚିଦେଇଥିଲା ସେ ।

ସେ ନିଶ୍ଚୟ ସେଠି ସାଧୁସନ୍ନ୍ୟାସୀମାନଙ୍କର ରାଜ୍ୟରେ ଜେଗା ପାଇ ବସିଥିବ । କାରଣ ସେ ବି କୋଉଁର କାଖରେ କରି ମଣିଷ କରିଥିଲା—ପାଞ୍ଚବର୍ଷର ଛୁଆ ବୀର ସାମଲକୁ ।

ଏ ସଂସାରରେ ପାପ କଅଣ, ପୁଣ୍ୟ କଅଣ ? ଜଣେ କ୍ଷୁଧିତ ସଂସାରୀର ପାଇଁ ପାଇଁ ଖାଦ୍ୟ କଅଣ, ଆଉ ଅଖାଦ୍ୟ କଅଣ ?

ତଥାପି ଜର୍ଜର କାନରେ ସେଇ ମନ୍ତ୍ରଟା ବାରମ୍ବାର ବାଜି ଉଠୁଥାଏ—"ସଂସାରରୁ ପାପଭାର ନାଶି, ସାଧୁସନ୍ତଙ୍କୁ ପରିତ୍ରାଣ କରିବା ନିମିତ୍ତ ମୁଁ ଯୁଗେ ଯୁଗେ ଜନ୍ମହୁଏ···ମୁଁ ଜନ୍ମହୁଏ···ମୁଁ ଜନ୍ମ ହୁଏ···"

ତାରାମାନେ ତଥାପି ଦୀପ୍ତ ଜଳୁଥିଲେ । ଉପରେ ଥାଇ ବୁଢ଼ୀ ମଧ୍ୟ ହୁଏତ—

ଜର୍ଜ ଝରକାଟାକୁ ଆଉଜେଇ ଆଣିଲା ଓ ସୁଇଚ୍ ଟିପିଦେଲା । ଘୋଟିଆସିଲା ଅନ୍ଧାର ।

ସେଇ ଅନ୍ଧାର ଭିତରେ ମିସ୍ ଆଡ଼ାମସ୍‌ଙ୍କର ସେଇ ବାଘନଖୀ ଆଙ୍ଗୁଠିଗୁଡ଼ାକ ଅଣ୍ଡାଳି ପକାଉଥିଲେ ।

Digitized by srujanika@gmail.com

କିନ୍ତୁ କିଏଣ ସେ ଅଣ୍ଡାଳୁଥିଲେ ? କାହାକୁ ରମ୍ପୁଡ଼ି ବିଦାଶ ନିଜ ମନ ଭିତରେ ଲୁଚି ରଖିଥିବା ସେଇ ପଚଶ ବର୍ଷର କୁହୁଳା ନିଆଁକୁ ଶାନ୍ତ କରୁଥିଲେ ସେ ? ତାହା କଣ ଥିଲା ସେ ନାକଟା ? ସେ ଅଶୀବର୍ଷର ବୁଢ଼ାର ଆଭିଜାତ୍ୟର ଚୂଡ଼ାନ୍ତ ସେଇ ଲମ୍ବା ନାକଟା ? ସେଇ ଅଭଦ୍ର, ଅଶିକ୍ଷିତ, ଅନାର୍ଯ୍ୟ ବର୍ବର ନାକଟା ? ବାରମ୍ବାର ମଶ ମଧ୍ୟ ବାରମ୍ବାର ଜନ୍ମ ହୁଏ ଯୋଉ କୁତ୍ସିତ ନାକଟା ? ଇଃ ! ଇସ୍ ! ଇସ୍ !...ମିସ୍ ଆଡ଼ାମସ୍‌ଙ୍କର ସାରା ଦେହ କମ୍ପି ଉଠୁଥିଲା । ତାଙ୍କର ବୃଷାଳ ଗୁଡ଼ଟା ଫୁଲି ଫୁଲି ଉଠିଥିଲା—ଗୋଟାଏ ପୂର୍ଣ୍ଣିମୀରାତିର ଦଶଆ ଗୁଡିର ଜୁଆର ଭଳି ...ଏକ ଶେଯରେ ପାଖାପାଖି ହୋଇ ଶୋଇରହି ଦୁହେଁ ଶୁଣୁଥିଲେ । ମିସ୍ ଆଡ଼ାମସ୍‌ଙ୍କର ଭ୍ୟାନିଟି ବ୍ୟାଗ୍‌ର ମୁହଁ ଅନେକ ବେଳୁ ଖୋଲାଥିଲା । ଘର ଭିତରଟାରେ ଗୋଟାଏ ଚମତ୍କାର ବିଦେଶୀ ସୁଗନ୍ଧ ଭାସିଉଠୁଥିଲା । ମୁଣ୍ଡ ଉପରର ଶୂନ୍ୟତାକୁ ଗୁହିଁ ଗୁହିଁ ମିସ୍ ଆଡ଼ାମସ୍‌ଙ୍କ ଦେହର ଉତ୍ତାପକୁ ଖୁବ୍ ନିବିଡ଼ଭାବେ ଅନୁଭବ କରିବାର ମାଦକତାକୁ ସେଇ ବିଦେଶୀ ସୁଗନ୍ଧ ଆହୁରି ସାହାଯ୍ୟ କରୁଥିଲା ।

× × × ×

ମିସ୍ ଆଡ଼ାମସ୍‌ଙ୍କ ଗ୍ଲେଟ ପକେଟ ରେଡ଼ିଓରୁ ଶୁଣାଯାଉଥିଲା—ସକାଳର ସମ୍ବାଦ—

"ଆଗାମୀ ଯୁଗର ମଣିଷସମାଜ ନିମିତ୍ତ ଆଉ କୃଷିକାର୍ଯ୍ୟର ଆବଶ୍ୟକତା ନାହିଁ । ପାର୍ଟିର ବୈଜ୍ଞାନିକଙ୍କର ଗୃଷଲଙ୍କର ତଥ୍ୟ ପ୍ରକାଶ—ଆଗାମୀ ଯୁଗର ମଣିଷ ପାଇଁ କୃତ୍ରିମ ଖାଦ୍ୟ ପ୍ରସ୍ତୁତ କରାହେବ । ଏହା ଫଳରେ ପୃଥିବୀରେ ବୁର୍ଜୁଆ ଭୂମିମାଲିକମାନଙ୍କ ମଧ୍ୟରେ ପ୍ରକାଶ ପାଇଛୁ ଶୃଙ୍ଖଳା । କାରଣ ଗୃଷଜମିଠାରୁ ଖାଦ୍ୟ-ସମସ୍ୟାକୁ ଦୂରୀଭୂତ କରିବା ଫଳରେ ଜଳ ଓ ବାୟୁପରି ଭୂମି ମଧ୍ୟ ଚିରକାଳ ପାଇଁ ମୁକ୍ତ ହେବ । କେବଳ ସେତିକି ନୁହେଁ, ଏହି କୃତ୍ରିମ ଖାଦ୍ୟପ୍ରସ୍ତୁତିକରଣ ଓ ଭୂମି-ମୁକ୍ତି ଫଳରେ ବୁର୍ଜୁଆଶ୍ରେଣୀର ଧ୍ୱଂସ ସାଧନ ହେବା ସଙ୍ଗେ ସଙ୍ଗେ ଆଗାମୀ ଯୁଗର ସର୍ବତୋଭାବେ ସମାନ ମଣିଷସମାଜ ନିମିତ୍ତ ପ୍ରଜନନର ନିୟମ ସାମାନ୍ୟ କୋହଳ କରିଦେବାର ଆଶା ରହିଛୁ ।"

ଆଗାମୀ ଯୁଗର ମଣିଷକୁ ଦୀର୍ଘାୟୁ କରିବା ପାଇଁ ଯେଉଁ ପ୍ରସ୍ତାବ ପାର୍ଟିର (—) କନ୍‌ଫରେନ୍‌ସରେ ଆଲୋଚିତ ହୋଇଥିଲା, ତାହା ବହୁ ଭୋଟରେ ନାକଚ ହୋଇଯାଇଛି ।"

ଜର୍ଜ କଡ଼ ଲେଉଟାଇଲା । ତାର ଦେହ ଶୀତେଇ ଉଠୁଥିଲା । ମିସ୍ ଆଡ଼ାମସ୍‌ଙ୍କର ସେଇ ନାଲିପାଲିସମସ୍ତ ମୁନିଆ ନଖଗୁଡ଼ାକ ତାର ନାକମୂଳରେ ଟୁପ୍‌ଟାପ୍ ହୋଇ ଫୋଡ଼ି ହୋଇ ଯାଉଥିଲା ।

ରେଡ଼ିଓରୁ ସମ୍ବାଦ ପ୍ରସ୍ତୁର ଗୃଲିଥିଲା—

"ବିଶ୍ୱଯୁଦ୍ଧର ଆଶଙ୍କା ବଢ଼ିଉଠୁଚି । ପୃଥିବୀର ସବୁ କୋଣରେ ନିଆଁ କୁହୁଳିବାକୁ ଆରମ୍ଭ କଲାଣି ।

"ବୈଜ୍ଞାନିକମାନେ ମତ ଦେଇଛନ୍ତି ଏ ଯୁଦ୍ଧର କାର୍ଯ୍ୟକ୍ରମ ସର୍ବମୋଟ ଛଅଟି ଘଣ୍ଟାର ଏକ କ୍ଷୁଦ୍ର କାର୍ଯ୍ୟକ୍ରମ ହେବ । ପ୍ରଥମଦିନ ଉଡ଼ିବ ୟୁରୋପର ଛଅଟି ଷ୍ଟେଟ୍ ଆଉ ଏସିଆର ଏକ-ତୃତୀୟାଂଶ । ଦ୍ୱିତୀୟ ଦିନର କାର୍ଯ୍ୟକ୍ରମର ନାମ ଦିଆଯାଇଛି—ବୃହତ୍ତ ପ୍ୟାସିଫିକ

Digitized by srujanika@gmail.com

ପ୍ରୋଜେକ୍ଟ । ଏହି ପ୍ରୋଜେକ୍ଟ ଅନୁସାରେ ପ୍ରଶାନ୍ତ ମହାସାଗରକୁ ଆଟଲାଣ୍ଟିକ୍ ସହିତ ଏକଜାତି କରି ଏକ ସୁବୃହତ୍ ପ୍ୟାସିଫିକ୍ ଜଳଭାଗ ସୃଷ୍ଟି କରାହେବ । ଏହାର ଯୁଦ୍ଧୋତ୍ତର ସାମାଜିକ ଉପକାର ନିମିତ୍ତ ବୈଜ୍ଞାନିକମାନେ ଗବେଷଣା ଆରମ୍ଭ କରିଦେଇଛନ୍ତି ।

"ଏହି ବିଶ୍ୱଯୁଦ୍ଧର ତୃତୀୟ ଦିନର କାର୍ଯ୍ୟକ୍ରମରେ ପୃଥିବୀ ନିମିତ୍ତ ଏକ ନୂତନ ଭୌଗୋଳିକ ଇତିହାସ ସୃଷ୍ଟିର ପରିକଳ୍ପନା କରାଯାଇଛି ।

ଏହି ଦିନ ଅର୍ଦ୍ଧରାତ୍ରରେ ସମଗ୍ର ହିମାଳୟପର୍ବତଶ୍ରେଣୀକୁ ଧୂଳିସାତ୍ କରି ଦିଆଯିବ । ଫଳରେ ବିଗତ ଦୁଇଦିନ ଯୁଦ୍ଧ ପରେ ପୃଥିବୀରେ ଯେଉଁ ଯେଉଁ ନୂତନ ଅଞ୍ଚଳ ସବୁ ସୃଷ୍ଟି ହୋଇଥିବ, ସେଇ ସବୁ ଅଞ୍ଚଳରେ ତାପ ଓ ଜଳବାୟୁକୁ ସର୍ବତୋଭାବେ ସମାନ କରି ନିୟନ୍ତ୍ରିତ କରାଯାଇ ପାରିବ ।"

ମିସ୍ ଆଡ଼ାମସ୍‌ଙ୍କ ସାପୁଆ ହାତଟି ପୁଣି ଥରେ ଜର୍ଜର ବେକ ଚାରିପାଖେ ଭିଡ଼ିହୋଇ ଆସୁଥିଲା; କିନ୍ତୁ ପ୍ରତିବାଦ କରିବା ପାଇଁ ଆଉ ଧୈର୍ଯ୍ୟ ନଥିଲା ଜର୍ଜର ।

"ତମେ ସେଦିନ ଆଶ୍ରମଚତ୍ୱରରେ ଆଉଜି ବସି କଅଣ ଖଣ୍ଡିଏ ବହି ପଢ଼ୁଥିଲ । ପଛରୁ ପଛରୁ ଚୁପ ଚୁପ୍ ଆସି ମୁଁ ଏଇଭଳି ଭିଡ଼ିଧରିଥିଲି ତମର ଗଳାକୁ । ତମର ଗହଳିଆ ନାଚଲା ଦାଢ଼ିର ବଣରେ ମୁଁ ଏମିତି ଆଙ୍ଗୁଠି ଚଳାଉଥିଲି । ତମେ କିନ୍ତୁ ସେଦିନ ଛାଟି-ଦେଇଥିଲ ମୋ ହାତକୁ । ମୋ ଖୁଆଟା ଛିଣ୍ଡିପଡ଼ିଲା ଭଳି ଲାଗିଲା । ମୁଁ କାନ୍ଦିଲି । ତମେ ମତେ ଧରିନେଇ କୋଳରେ ବସାଇଲ, ଆଉ ଧର୍ମ ଉପଦେଶ ଦେଲ । ମୋର ହାଡ଼ ଜଳୁଥିଲା । ରାଗରେ ମୁଁ ତମକୁ ଏମିତି କାମୁଡ଼ିଦେଲି ।"

ଏଥର ସେ ଶବ୍ଦଗୁଡ଼ାକ କେଉଁ ରେଡ଼ିଓରୁ ଭାସିଆସୁଥିଲା, ଜର୍ଜ ବୁଝି ପାରି ନ ଥିଲା । ତାର ନାକମୂଳରୁ ତୀବ୍ର ଯନ୍ତ୍ରଣାର ସୁଅ ତାର ମସ୍ତିଷ୍କ ଆଡ଼କୁ ଛୁଟିଗଲାଥିଲା । ଅନେକ ସମୟ ପାଇଁ ସେ କିଛି ଶବ୍ଦ ବାରିପାରୁନଥିଲା ।

"କିନ୍ତୁ ଠିକ୍ ଏଇଭଳି ତମେ ତାର କିଛି ପ୍ରତିବାଦ କଲନାହିଁ । ମୁଁ ତୁମକୁ ଆହୁରି ପୁଣିଥରେ କାମୁଡ଼ିଦେଲି । ତଥାପି ବି ତୁମେ ତାର ପ୍ରତିବାଦ କଲନି । ମୁଁ ଜାଣି ନ ଥିଲି ତମେ ଧର୍ମପ୍ରଚାରକଗୁଡ଼ାକ ଏଡ଼େ କଠୋର ଆଉ ଏଡ଼େ ଶୁଷ୍କ ବୋଲି ।"

"ମୋର ଅଷ୍ଟାଙ୍ଗ ଶରୀର କିନ୍ତୁ ଜଳୁଥିଲା । ସେଇ ଶିଢ଼ିଘରୁ ତମର ନାକ ମୋ କାନମୂଳେ ଗେଞ୍ଜିଦେଇଥିଲା ସେଇ ନିଆଁ ଖୁଣ୍ଟାଟା । କିନ୍ତୁ ମୁଁ ଯେତେବେଳେ ଜଳି ଜଳି ପାଉଁଶ ହୋଇଯିବାକୁ ବସିଲି, ତମେ ଦେହକୁ ଟାଣ କରିଦେଇ ସବୁ ସହିଗଲ । ମୁଁ ତମ ଦେହକୁ ନଖରେ ରାମ୍ପି ବିଦାରି ଚିରିପକାଇଲେ ମଧ୍ୟ ତମ ଦେହକୁ କିଛି ଗଲାନାହିଁ । ଛଳନା କରି ତୁମେ କେବଳ ବସିରହିଲ ।

"କାନ୍ଦି କାନ୍ଦି ମୁଁ ଫେରିଆସିଲି ସେଦିନ । ସେଇ ଦିନ ରାତିରେ ମା' ମୋର ଚାଲିଗଲା ।"

"ପରଦିନ ତମେ ମତେ ଓ ମୋ ବାପକୁ ତୁମ ଘରୁ ବିଦାକରିଦେଲ ।"

"ଆମେ ଯୁଗ-ଯୁଗର ଦାସତ୍ୱଶୃଙ୍ଖଳରୁ ମୁକ୍ତ ହେଲୁ ସତ, କିନ୍ତୁ ଯେଉଁ ନିଆଁ ତମେ

Digitized by srujanika@gmail.com

ସେଦିନ ଗେଞ୍ଜି ଦେଇଥିଲି ତମର ସେ ଛଳନାମୟ ଆଭିଜାତ୍ୟର ନିଆଁ ଜ୍ୱଳାଇଲି ଜଳୁଥିବା ସେଇ ନାକଟାର ତଳୁ, ସେଇ ନିଆଁକୁ ସାରା ସଂସାରରେ ଛୁଇଁଦେବାର ପ୍ରତିଜ୍ଞା କରି ମୁଁ ବାହାରି ପଡ଼ିଲି ।

"ଆଜି ସେ ନିଆଁ କୁହୁଳୁଚି ପୃଥିବୀର ସବୁ କୋଣରେ, ସବୁ ଅନ୍ଧାର ଭିତରେ, ସବୁ ଗହୀରିଆ ଜଙ୍ଗଲ ଭିତରେ, ସବୁ କୋଇଲାଖାତରେ, ସବୁ ସହରତଳି ବସ୍ତି ଅଞ୍ଚଳରେ, ସବୁ ଦୁର୍ଗନ୍ଧମୟ ଡକ୍ ୟାର୍ଡ଼ରେ ।"

"ମୁଁ ଆଗାମୀ ଯୁଗର ମଣିଷକୁ ଅଭିଶାପ ଦେଇଚି । ମଣିଷ ହେବା ପୂର୍ବରୁ ସେ ଆଗ ପିମ୍ପୁଡ଼ି ହେଇ କିଛି ଅଭିଜ୍ଞତା ସଂଗ୍ରହ କରୁ । କୌଣସି ପିମ୍ପୁଡ଼ିଠାରୁ ଆଜିର ଏ ମଣିଷ ବଡ଼ ଲୁହେଁ । ମଣିଷ ବଡ଼ ଲୁହେଁ—। ଆଉ ସେଇ ପିମ୍ପୁଡ଼ି ମଣିଷକୁ ମୁଁ ଏମିତି ମକଚି ଦେବାକୁ ଚାହେଁ । ହେଇ ଏମିତି—ଏମିତି । ଏମିତି ଏମିତି ମୁଁ ଚାହେଁ ତାକୁ ମକଚି ଦେବାପାଇଁ ମୋ ପାଦରେ । ଆଉ ଏମିତି ବି ମୁଁ ଚାହେଁ—ସେ ମତେ ଏମିତି କାମୁଡ଼ୁ । ଏମିତି କାମୁଡ଼ିଧରୁ... "

× × × ×

ମଣିଷ ପିମ୍ପୁଡ଼ି ହେବ ?

ସେଇ ଅଦ୍ଭୁତ ଅବସ୍ଥାରେ ଜର୍ଜ ଦେଖୁଥିଲା ସେଇ ପିମ୍ପୁଡ଼ିମାନଙ୍କର ଝଟକୁ ଚଉଁକୁ । ସେ ଦେଖୁଥିଲା—ସକାଳ ଅନେକବେଳୁ ହେଇ ଯାଇଥିଲା । ଅନେକ ଉପରକୁ ଉଠି-ଯାଇଥିଲା ସେଇ ଫଟା ସୂର୍ଯ୍ୟଟା । ଏଥର କିନ୍ତୁ ସେ ସେଇ ଅୟସା ଶିମିଳିଗଛର ପଛପଟକୁ ଉଠୁ ନ ଥିଲା ସେ ଉଠୁଥିଲା ସତେ କି ଦ୍ୱିତୀୟ ଥର ପାଇଁ—ପୁଣି ଥରେ ସେଇ ଝଙ୍କା ବରଗଛଟାର ପଛପଟୁ ।

ଷ୍ଟେସନ ପାଖ ସେଇ ବିରାଟ ଝଙ୍କା ବରଗଛ ମୂଳେ ଶଡ଼କ ଯୋଇ ସେ ବସିଚି । ବରଗଛର ବିରାଟ ଗଣ୍ଡି ଉପରେ ଅଙ୍କା ହେଇଚି ଚୂନ ଆଉ ସିନ୍ଦୂରର ଦୁଇଟା ବିଶାଳ ଆଖିର ଚିହ୍ନ । ସେଇ ସିନ୍ଦୂରମଖା ଝଙ୍କା ବରଗଛକୁ କେନ୍ଦ୍ର କରି ଗଦାହେଇଚି ମନ୍ଦା ମନ୍ଦା ହେଁସ, କନାବୁଜୁଳା, ଆଉ ହାଣ୍ଡି ମାଠିଆ । ପୁଣି ପ୍ରତ୍ୟେକ ହେଁସ ଆଉ କନାବୁଜୁଳାକୁ ଘେରି ପଡ଼ିରହିଥିଲେ ମନ୍ଦାଏ ମନ୍ଦାଏ ମଣିଷ—ସ୍ତ୍ରୀ ପୁରୁଷ, ଶିଶୁ ବୃଦ୍ଧ, ମା' ପୁଅ, ବାପ ଝିଅ—କିଛିର ବାଛବିଚାର ନାହିଁ । ପିମ୍ପୁଡ଼ି ସେମାନେ ।

ତେଣେ ଅଲଆଗଦାରୁ ଉଠୁଚି ଗୋଟାଏ ଗୋଟାଏ ଗାର ଧଳା, କଳା ଆଉ ହଳଦିଆ ମିଶା ଧୂଆଁ । ରବରପୋଡ଼ା ଗନ୍ଧରେ ନାକ ଫାଟିଯାଉଚି । ମଝିରେ ମଝିରେ ପୋଡ଼ା ମାଉଁସର ଫୁରୁକୁଟିଆ ଗନ୍ଧ ମନେପକେଇଦଉଚି ବହୁ ପୁରୁଣା ଦିନର ସ୍ମୃତି ।

ନିଆଁକୁ ଘେରି ପଂଙ୍କ୍ତାଏ ପଂଙ୍କ୍ତାଏ କୁଆ । ସବୁଠାରୁ ଶ୍ରେଷ୍ଠ ଆଉ ଦୁର୍ବଳ ପିଲାଗୁଡ଼ିକ ନିଆଁଠାରୁ ଦୂରରେ ରହି ରଡ଼ିଛାଡ଼ୁଛନ୍ତି । ବଳୁଆ ପିଲାଗୁଡ଼ିକ କହୁଣି ମାରି ମାରି ନିଆଁ ଆଡ଼କୁ ମାଡ଼ି ମାଡ଼ି ଯାଉଚନ୍ତି ।

ମାଟି ଉପରୁ ହାତେ ଉଁଚର ଡାଙ୍ଗଟିଏ ପୋତାହେଇ ଭଲି ଗୋଟାଏ ଅରକ୍ଷିତ ଝୁଆ

Digitized by srujanika@gmail.com

କୁଳୁକୁଳୁ କରି ଅନେଇଚି ସେ ତାଙ୍କର ଉପର ମୁଣ୍ଡରେ ବନ୍ଧାହୋଇଥିବା ଟୋପିଏ କନାବୁଜୁଳା ଭିତରୁ । ଏ ହେଉଚି ସେଇ ମଣିଷ-ଗଛ—ଯାହାର ମଞ୍ଜିକୁ ସେ ଆବିଷ୍କାର କରିଥିଲା ସେଇ ଖଡଗଦାରୁ ।

ଦାଢ଼ିଆ ବୁଢ଼ା କହିଥିଲା—ତୁ ବଡ଼ ହେଲେ ଜଣେ ମହାପୁରୁଷ ହେବୁ । ଏଇ ମଣିଷ-ଗଛ ବଗିଚ୍ଚର ମାଳୀ ଯେ ତୁଇ ଜନ୍ମ ହେଇଚୁ, ସେକଥା ମତେ ଅଛପା ନାହିଁ ।

ଛୁଆଟା କେମିତି ବିକଳ ହେଇ ଅନେଇଚି ତା ଶିକ୍‌ସାର ପ୍ଲାଷ୍ଟିକ କନା ଉପରେ ଅଙ୍କା ହୋଇଥିବା ସେଇ କଳା କଳା, ଲାଲ ଲାଲ ମଚ୍‌ମଚ୍‌ ବାଇଗଣୀ ରଙ୍ଗର ଫଳର ଚିତ୍ରଗୁଡ଼ାକୁ ।

ଆଃ ! ଚମତ୍କାର ।

ତା ନିଜ ପାଟିରୁ ବି ଲାଳ ବୋହିଆସିଲା ।

ମେଓ୍ବା ଖାଇବୁ—ମେଓ୍ବା ? ଲାଲ୍ ଲାଲ୍, କଳା ମଚ୍‌ମଚ୍‌ ମେଓ୍ବା ?

ମଣିଷ ଗଛର ଛୁଆଟା ଘୁଞ୍ଚିଦେଉଚି ତାର ନାକ ତଳୁ ସେଇ ଶିଙ୍ଘାଣି ମେଞ୍ଚାଟାକୁ ।

ଅଫ୍‌କର କଅଣ ଗୋଟାଏ ପଡ଼ିଲା ଉପରୁ ।

ଲାଲ୍ ଟକ୍‌ଟକ୍. ପୁର୍ ପୁର୍ ବରଫଳଟିଏ ।

ନାଁ ସେଇଟାକୁ ମୁଁ ଖାଇବ ।

ଶିଙ୍ଘାଣି ଘୁଞ୍ଚିନେଉଚି ।

ମେଓ୍ବା ଖାଇବୁ ମେଓ୍ବା ?

ଛୁଆଟା ଆଖି ବୁଜି ଚୋବେଇଦେଲା ।

ମେଓ୍ବା ଶବ୍ଦ ପ୍ରଚଣ୍ଡ ହୋଇଗଲା ।

ଚତୁର୍ଦ୍ଦିଗରୁ ଧାଇଁଆସୁଛନ୍ତି ସେମାନେ । କୁଷ୍ଠରୋଗୀ ବିକଳ ହେଇ ରଡ଼ିଛାଡ଼ୁଚି—"କଅଣ ମେଓ୍ବା ? ଆହେ ମେଓ୍ବା ନା କଅଣ ?" ସେ ଉଠୁଚି । ଅନ୍ୟମାନେ ତେଣୁ ଧାଇଁଆସୁଚନ୍ତି ।

ଆଉ ଟିକକେ ସେମାନେ ତାକୁ ଘେରିଯିବେ । ମେଓ୍ବା ନ ପାଇଲେ ସେମାନେ ତାର ଶିକ୍‌ସାର ସେଇ ପ୍ଲାଷ୍ଟିକ୍ କନା ସମେତ ସବୁ କିଛି ଚିରି ଖାଇଦେବେ ।

ହାୟ ମେଓ୍ବା !

କର୍ଣ୍ଣ ଗୋଡ଼ ଉଠେଇଲା ପଳେଇଯିବା ପାଇଁ । କିନ୍ତୁ କାହିଁକି କେଜାଣି ତାର ଗୋଡ଼ ଚଳିଲା ନାହିଁ । ସେ ଛନ୍ଦୁର ହେଇ ପଡ଼ିଲା ।

ତାର ଆଖି ଶୂନ୍ୟକୁ ଉଠିଲା । କାହିଁ ? ଧର୍ମ କାହିଁ ? କିଏ ନ୍ୟାୟ, ସତ୍ୟ ଆଉ ଅହଂସାର ଶୂନ୍ୟ ଶବ୍ଦ ଶୁଣେଉଚି ଶୂନ୍ୟରୁ ?

କର୍ଣ୍ଣ ଦେଖିଲା—ମୁଣ୍ଡ ଉପରେ ଝଙ୍କା ବରଗଛର ପ୍ରତ୍ୟେକ ଡାଳରେ ଲାଲ ଟକଟକ ଫଳସବୁ ଲେଞ୍ଚି ହେଇଯାଇଥିଲା । ସବା ଉପର ଡାଳରେ ମଣିଷଟାଏ ଦଉଡ଼ିରେ ଝୁଲିଯାଇଥିବା ଭିଡ଼ିଆ ଫଟା

Digitized by srujanika@gmail.com

ପଟା ବାଘୁଆ ରଙ୍ଗ ବୋଲ ମୁହଁକୁ କଳା କରି ଓ ପୋଷାକରେ ଗୋଟିଏ ଲଙ୍ଗୁଡ଼ ଖୋସି ଏକ ବାଘ-ବାନର ମନୁଷ୍ୟର ବିଚିତ୍ର ରୂପ ଯେଉଁ ବସିଚି ଓ ମନଇଚ୍ଛା କୋଳି ତୋଳି ଖାଉଛି ।

ଜର୍ଜ ତାକୁ ଡାକିଲା—"ହେ ! କିଏ ତୁମେ ?"

ବ୍ୟାଘ୍ର-ମନୁଷ୍ୟ-ବାନର ଖେଙ୍କି ଉଠିଲା ଓ ଏକ ଅସ୍ପଷ୍ଟ ଭାଷାରେ ଉତ୍ତର ଦେଲା—"ମୁଁ ବଙ୍କାମି ! ତୁମର କଅଣ ଦରକାର ?"

"ତୁମେ ବଙ୍କାମି ? ତୁମେଇ ଶୂନ୍ୟକୁ ଚିତ୍କାର କରୁଥିଲ—ସତ୍ୟ, ଅହିଂସା ଆଉ ନ୍ୟାୟ ?"

"ହୁଁଃ..." ଜଣ୍ଟାଏ ଡାଳରୁ ସେ ଡାଳକୁ ଗୋଟାଏ ଡ଼ିଆଁ ମାରିଲା । ସେ ଅଟ୍ଟହାସ୍ୟ କରୁଥିଲା କିମ୍ବା ସମ୍ମତିପ୍ରକାଶ କରୁଥିଲା ତାହା ତାକୁଇ ଜଣା ।

ମେଓ୍ୱାଲେଖି ପିମ୍ପୁଡ଼ିଗଣ ବର୍ତ୍ତମାନ ଘେରିଆସୁଥିଲେ ଚତୁର୍ଦ୍ଦିଗରୁ । ଚତୁର୍ଦ୍ଦିଗରେ ସେଇ ଗୋଟାଏ ଶବ୍ଦ—

ମେଓ୍ୱା ! ମେଓ୍ୱା ! ମେଓ୍ୱା !

"ହେ ବଙ୍କାମି ! ତୁମେ ଏଇ ବୁଭୁକ୍ଷୁ ଜନତାକୁ ତାର ଈପ୍‌ସିତ ମେଓ୍ୱା ଖୁଆଅ । ତୁମର ଧର୍ମ ହେବ ।"

ବଙ୍କାମି ପୁଣି ଖେଙ୍କି ଉଠିଲା ଆଉ କହିଲା—"ଧର୍ମ ଫର୍ମ ମୁଁ କିଛି ଜାଣେନା । ମୁଁ ଜାଣେ—ପ୍ରାଣଧାରଣଇ ଆପଣାର ଏକମାତ୍ର ଧର୍ମ । ଏ ରାଜ୍ୟ ମୋର । ଏ ବଟବୃକ୍ଷର ଫଳସବୁ ମୋର । ଏ ମୋର ଆହାର । ସେମାନଙ୍କୁ ଦେଇ ମୁଁ ବଞ୍ଚିବ କିପରି ?"

"କିନ୍ତୁ ତୁମେ ତ ବର୍ତ୍ତମାନ ସତ୍ୟ, ଅହିଂସା ଆଉ ନ୍ୟାୟ କଥା କହୁଥିଲ ? କିନ୍ତୁ ତୁମେ ଧର୍ମରେ ବିଶ୍ୱାସ କରନାହିଁ ବୋଲି ଯେ କହୁଚ ?"

"ସତ୍ୟ, ନ୍ୟାୟ, ଅହିଂସା—ପ୍ରତ୍ୟେକ ବଙ୍କାମିର ତାହା ଏକ ବ୍ୟକ୍ତିଗତ ଧର୍ମ । ଏହି ବଟ-ବୃକ୍ଷରେ ସତ୍ୟ, ନ୍ୟାୟ ଆଉ ଅହିଂସା ବ୍ରତ ଆଚରଣ କରି ମୁଁ ବାସକରୁଅଛି । ମୁଁ କାହାର କ୍ଷତି ସାଧନ କରୁନାହିଁ । କିନ୍ତୁ ସ୍ୱା ବୋଲି ମୋର ରାଜ୍ୟ ଉପରେ ଆକ୍ରମଣ ହେଲେ ମୁଁ ସହ୍ୟ କରିବ କିପରି ? କିମ୍ବା ସେଥିପାଇଁ ଅନୁମତି ଦେବ କିପରି ? ଏହା ହିଁ ବଙ୍କାମିର ଧର୍ମ ।"

ଚତୁର୍ଦ୍ଦିଗରେ ବୁଭୁକ୍ଷୁ ଜନତାର ହାହାକାର ଶବ୍ଦ ଶୁଣାଗଲା । ସେଇ ଗୋଟିଏ ଶବ୍ଦ ବ୍ୟତୀତ ଆଉ କିଛି ଶୁଣାଯାଉ ନ ଥିଲା । ସମୁଦାୟ ରଙ୍କୁଙ୍କ କଲୋନୀ ଉଠିଆସିଲା । ତାଙ୍କର ପାଟିରେ ସହରର ବସ୍ତି ଅଞ୍ଚଳରୁ ଲୋକ ଘେରିଆସୁଥିଲେ । ରେଲଷ୍ଟେସନରେ ଗାଡ଼ି ଅଟକିଲା । ପାସେଞ୍ଜରମାନେ ଧାଇଁଆସୁଥିଲେ ।

ମେଓ୍ୱା...ମେଓ୍ୱା...ମେଓ୍ୱା...

ଗୋଟାଏ ହୋ ଉଠିଗଲା ଯେ ବରଗଛମୂଳେ ଗୋଟାଏ ଶକ୍ତିମାବାଲା ଟୋକାକୁ ଅବତାର ହେଇଚି । ସେ ହୁକୁମ ବାଣ୍ଟୁଚି । ତାର ହାତରୁ ବରଫଳଟିଏ ନିଏ ଖାଉଚି, ତାର ଦେହରୁ ରୋଗ ଶୋକ, ରୋଗ ଶୋକ ଚିରଦିନ ପାଇଁ ଉଭେଇଯାଉଚି । ସେ ଅମୃତ

Digitized by srujanika@gmail.com

ଫଳର ସନ୍ଧାନ ପାଇଚ । ତା'ର ହାତରୁ ଅମୃତ ଝରୁଚ ।

ଜନତାର ଘେର ଭିତରେ ପଡ଼ି ସେ ବାଣ୍ଟବଣା ହୋଇଯାଉଥିଲା ।

ବଟବୃକ୍ଷର ଶିଖରରୁ 'ଶଙ୍ଖଚିଲ' ମୁରୁକେଇ ମୁରୁକେଇ ହସୁଥିଲା । ଜର୍ଜର ଦେହରେ ସେଇ ହସର ପ୍ରତ୍ୟେକଟି କଣିକାରୁ ବର୍ଷୁଥିଲା ଅଜସ୍ର କ୍ଷୁଧିର ଅମୃତ ।

ତାର ବେକ ଉପରୁ ଅଜଗର ଓହ୍ଲେଇଯାଉଥିଲା । ଆତ୍ମସ୍ଥ ହୋଇ ଜର୍ଜ ଯେତେବେଳେ ତାର ନିଜ ଦେହକୁ ଅନୁଭବ କଲା, ସେତେବେଳେ ସେଇ କ୍ଷୁଦ୍ରଫୋଡ଼ା ଦାଗଗୁଡ଼ିକରୁ ଉଠୁଥିଲା ତୀବ୍ର ପୋଡ଼ା ଆଉ ଜ୍ୱାଳା ।

ସ୍ତ୍ରୀଲୋକଟାର ମୁନିଆ ନଖଗୁଡ଼ାକ ତାର ଦେହର ବହୁତ ଜାଗାରେ ଲାଗିଯାଇଥିଲା । ଅନେକ ଜାଗାରୁ ସାମାନ୍ୟ ରକ୍ତ ନିର୍ଗତ ହେଉଥିଲା ମଧ୍ୟ ।

ଧଡ଼ପଡ଼ ହୋଇ ସେ ଉଠିବସିଲା ।

ମିସ୍ ଆଡାମସ୍ ଗୋଟାଏ ଦୀର୍ଘ ହାଇ ମାରଲେ । ଜର୍ଜ ବୁଝିପାରିଲା ଖଟ ଉପରେ ସେମିତି ଲମ୍ବାଳିଆ ହୋଇ ଅଳସ ଭଙ୍ଗୁଥିବା ସ୍ତ୍ରୀଲୋକଟି ଅବଶେଷରେ ତାକୁ ମୁକ୍ତ ଦେଇଚ । ସେ ଆଉ ତାକୁ ବାନ୍ଧିରଖିବ ନାହିଁ । ତାଲିମ ଶେଷ ହୋଇଛି । ବର୍ତ୍ତମାନ କାର୍ଯ୍ୟର ସମୟ ଆସି ଉପସ୍ଥିତ । ସର୍ବହରାଦଳର ଅନ୍ୟତମ ନେତା ରୂପେ ସେ ବର୍ତ୍ତମାନ ସର୍ବହରାର କାର୍ଯ୍ୟରେ ଯୋଗଦେଇପାରିବ ।

"ମିସ୍ ଆଡାମସ୍ ।" ଧୀର କଣ୍ଠରେ ଜର୍ଜ ଡାକିଲା ।

"ଉଁ ।" ଖୁବ୍ ଅଳସ ଆଉ ମିଠା ଆବାଜଟିଏରେ ତାର ଦେହ ପୁଣି ଶୀତେଇ ଉଠିଲା ।

"ମୁଁ ବର୍ତ୍ତମାନ ମୁକ୍ତ ?"

"ହୁଁ ।" ସେଇ ପଦକଆ ଅଳସ ଉତ୍ତର ।

"ମା କାଳୀ ।" ଟିକିଏ ଅଣ୍ଟାଳିଆ ସ୍ୱର ଲମ୍ବେଇ ସେ ପୁଣି ଡାକିଲା ।

"ଉଁ...ଉଁ ।" ତାଙ୍କର ଆଖି ବୁଜି ବୁଜି ହୋଇଆସୁଥିଲା ।

"ମୁଁ ବର୍ତ୍ତମାନ ସଂସାର କାର୍ଯ୍ୟ ପାଇଁ ଉପଯୁକ୍ତ ?" ଜର୍ଜର ସ୍ୱର ଗମ୍ଭୀର ହେଉଥିଲା ।

"ନିଶ୍ଚୟ ! ନିଶ୍ଚୟ !" ଚମକି ଉଠିଲା ପରି ସେ ଆଖି ଖୋଲିଲେ । କଅଣ ଟିକିଏ ଖୋଜିଲା ଭଳି ଜର୍ଜର ମୁହଁକୁ ଚାହିଁଲେ । ତା'ପରେ ଆଖି ବୁଜିଦେଲେ ।

"ମୁଁ ସର୍ବହରାର ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବାକୁ ସମର୍ଥ ହୋଇଛି ?"

"ମୋତେ ବିରକ୍ତ କରନା—ନିଦ ମାଡୁଚ । ରାତସାରା ମୁଁ ଶୋଇନାହିଁ । ସାରା ଜୀବନ ମୁଁ ଶୋଇନାହିଁ । ମତେ ଶୋଇବାକୁ ଦିଅ ।"

"ତେବେ ମୁଁ ଯାଏଁ ।" ହଠାତ୍ ଜର୍ଜ ନିଜର ଇଚ୍ଛା ପ୍ରକାଶ କଲା । ସେ ଭାବିଥିଲା ବୋଧହୁଏ ତତ୍‌କ୍ଷଣାତ୍ ଗୋଟାଏ ନାଗସାପ ତାର ଗଳାରେ ଗୁଡ଼େଇ ହୋଇଯାଇ ତାକୁ ରୁଦ୍ଧଶ୍ୱାସ କରିଦେବ ।

କିନ୍ତୁ ସେପରି କିଛି ଉତ୍ତର ସେ ପାଇଲା ନାହିଁ । ଶୂନ୍ୟଛୁଡ ଆଉ ଚୁନଧଉଳା ଘର-

Digitized by srujanika@gmail.com

କାଛର ଆବଦ୍ଧସ୍ଥଳ ବର୍ତ୍ତମାନ ନୀରବ ।

ସେ ମୁକ୍ତ । ସେ ମୁକ୍ତ । ସେ ମୁକ୍ତ । ତାକୁ ବାନ୍ଧିରଖିବାକୁ ଆଉ କେହି ଚେଷ୍ଟା କରୁନାହିଁ ।

ହଠାତ୍ ଏକ ଅସମ୍ଭବ ନୈଃଶବ୍ଦ୍ୟ କୁଢ଼େଇ ହୋଇ ପଡ଼ିଲା ।

ଭୟଙ୍କର ନିଃସଙ୍ଗବୋଧ କରି ଜର୍ଜ ଚତୁର୍ଦ୍ଦିଗକୁ ଲକ୍ଷ୍ୟ କଲା । ମୃଦ୍ଦାର ଉପରେ ସ୍ପୀଲେଟ୍‌ଟା ପଡ଼ିରହିଥିଲା । ତାର ଏତେ ଚଞ୍ଚଳ ଆଉ ତରଳ, ମୁଖରିତ ଅବସ୍ଥବଗୁଡ଼ିକ ସବୁ ଶାନ୍ତ, ନିର୍ଜୀବ ଆଉ ନିଃସହାୟ ହୋଇ ପଡ଼ିରହିଥିଲେ ।

ହଠାତ୍ ସବୁକିଛି ବଡ଼ ଭୟଙ୍କର ଭାବେ ଅସହ୍ୟ ହୋଇଉଠିଲା । ନିର୍ଭିପରି ଜର୍ଜ ସେଇ ନିଶ୍ଚଳ ସମୁଦ୍ରଟାକୁ ଦୋହଲାଇ ଦେଲା । କୃତ୍ରିମ ଢେଉସବୁ ସୃଷ୍ଟି କରି ସେ ସମୁଦ୍ରକୁ ଅସ୍ତବ୍ୟସ୍ତ କରିପକାଇଲା ।

"ଆଃ । ବିରକ୍ତ କର ନାହିଁ କହୁଚି । ମତେ ନିଦ ଆସୁଚି । ତମେ ଯାଅ । ଯେ ଯୁଆଡ଼େ ଯିବ ଯାଅ । ମତେ କିନ୍ତୁ ଶୋଇବାକୁ ଦିଅ । ସାରା ଜୀବନ ଯେ ମୁଁ ଅନିଦ୍ରା ।"

"ମୁଁ ଚାଲିଗଲା ପରେ ତୁମେ କରିବ କଅଣ ?" ନିର୍ବୋଧ ଭାବେ ପଚାରିଲା ଜର୍ଜ ।

ମିସ୍ ଆଡାମସ୍‌ଙ୍କର ବିରକ୍ତିର ସୀମା ନ ଥିଲା । ସେ ଚିତ୍କାର କରିଉଠିଲେ—"ଚୁପ୍ କର । ବାରମ୍ବାର ମନାକରୁଚି—ପାଟି କର ନାହିଁ । ତମେ ଚାଲିଗଲେ ମୁଁ ବିଷ ଖାଇ ମରିଯିବି ନାହିଁ । ମୁଁ ଫେରିଯିବି ମୋର ଜନ୍ମସ୍ଥାନକୁ । ବାପା ମୋର କୋଟିପତି; ପୃଥିବୀ-ବିଖ୍ୟାତ ମାଂସବ୍ୟବସାୟୀ । ମୁଁ ସେଇ ମାଂସ ବ୍ୟବସାୟରେ ଯୋଗଦେବି ଓ ଏ ଦେହକୁ ଯେତିକି କଷ୍ଟ ଦେଇଚି ସେତିକି ସୁଖ ନ ଦେବା ପୂର୍ବରୁ ମୁଁ ମରୁନାହିଁ । ମୋ ଲାଗି ବ୍ୟସ୍ତ ହୁଅନା କମ୍ରେଡ୍ ଜର୍ଜ । ମୁଁ କୋଟିପତିର କନ୍ୟା । ମୁଁ ଆଉ ସେହି କ୍ରୀତଦାସର କନ୍ୟା ନୁହେଁ ଆଜି । ମୁଁ ଆଜି ମୁକ୍ତ । କିନ୍ତୁ ମୁଁ ତୁମକୁ ନେହୁରା ହେଉଚି କମ୍ରେଡ୍ । ମତେ ଶାନ୍ତି ଦିଅ । ମୁଁ ଶୁଏ । ଟିକିଏ ଶୋଇପଡ଼େ ।"

ସ୍ତବ୍ଧ ହୋଇ କିଛି ସମୟ ଠିଆହୋଇ ରହିଲା ଜର୍ଜ । ସବାଶେଷରେ ତାର ଓଠ ଫିଟିଲା —"ତେବେ ମତେ ପଥ ଦେଖାଅ । ବାହାର ଦୁନିଆକୁ ରାସ୍ତା କେଉଁଆଡ଼େ ?"

ତା ପରେ ସବୁ ପୁଣି ନୀରବ । ତାର କଥାର ଜବାବ ଆଉ ସେଇ ଶୂନ୍ୟଗର୍ଭ ତଳୁ ମିଳିଲା ନାହିଁ । ଏତେ ଦିନ ଧରି ଯେ ତାର ପଥ ରୁଦ୍ଧ କରିଥିଲା ସେ ବର୍ତ୍ତମାନ ନୀରବ, ନିର୍ବାକ୍, ନିଶ୍ଚଳ ଆଉ ସନ୍ତୁଷ୍ଟ । ସେ ଆଜି ଆଉ ସର୍ବହରାଶ୍ରେଣୀଭୁକ୍ତ ହୋଇ ରହିନାହିଁ । ସେ ବର୍ତ୍ତମାନ ଏକ କୋଟିପତି ଧନକୁବେରର କନ୍ୟା ।

ସେଇ ନୀରବତା ମଧ୍ୟରେ କାନ୍ଥଘଣ୍ଟା ଭିତରୁ ବୁଢ଼ା ଚୁଟିଆମୂଷାର କୁଟୁକୁଟୁ ଶବ୍ଦ ଖୁବ୍ ସ୍ପଷ୍ଟ ହୋଇ ଉଠିଲା । ସମସ୍ତ କାଟି କାଟି ଯାଉଥିଲା । ସେଇ କୁଟୁକୁଟୁ ଶବ୍ଦକୁ ଟିକିଏ କାନେଇ କଅଣ ସବୁ ସେ ଅନ୍ଦାଜ କଲା । ତାର ମନେହେଲା ସେ ଶବ୍ଦଟା ଯେମିତି ବହୁ ଦୂରରୁ ଆସୁଥିବା କୌଣସି ଯୁଦ୍ଧକ୍ଷେତ୍ରର ଗୁଡ଼ୁମ୍ ଗୁଡ଼ୁମ୍ ତୋପର ଆବାଜ୍ ।

ପୁଣି ସେଇ ଯୁଦ୍ଧ ! ପୁଣି ସଂଗ୍ରାମ ! ଲଢ଼େଇ ।

Digitized by srujanika@gmail.com

ଛାତର ପ୍ରତ୍ୟେକ ନିଃଶ୍ୱାସରେ ସେଇ ଲଢ଼େଇର ଆବାଜ୍ । ପ୍ରତି ରୁମ ମୂଳରେ ସେଇ ଲଢ଼େଇର ଆବାଜ୍ । ପଞ୍ଜର ପ୍ରତି କମ୍ପନରେ ସେଇ ଲଢ଼େଇର ଆବାଜ୍ ।

ଥୁଣ୍ଟା ଗଛରେ ପତ୍ର ଧରିଆସୁଥିଲା । ସୂର୍ଯ୍ୟ ଦାହର ଚକଡ଼ା କେଗାଗୁଡ଼ାକ ଅନେକ ଅଂଶରେ ପୂରିଉଠିଥିଲା ।

ସେଇ ଶାନ୍ତ, ନିଶ୍ଚଳ ଦେହଟି ଉପରେ ଜର୍ଜ ଟିକିଏ ନଇଁପଡ଼ିଲା । ବହୁ ଅଳ୍ପ ଅଙ୍କ ପରେ ଦଶବର୍ଷର ନିର୍ବୋଧ ଝିଅଟିଏ ଶୋଇଥାଏ ସେମିତି । ତାର ବୁକୁର ପ୍ରତ୍ୟେକ କମ୍ପନରେ କିନ୍ତୁ ସେଇ ଆବାଜ୍ । ସମସ୍ତଙ୍କୁ କୁଟୁକୁଟୁ କରି କାଟିଗ୍ଲଲିଚ ଗୋଟାଏ ବୁଢ଼ା ଚୂଟିଆମୂଷା ।

ସେ ମୂଷାର ଅବସ୍ଥିତି ସବୁଠାରେ —ସବୁକୁ ଫମ୍ପା କରିଦିଏ ସେ ।

ହଠାତ୍ କଅଣ ଭାବି ଗୋଟିଏ ଅଶୀବର୍ଷର ପାକଲ ବୁଢ଼ା ଭଳି ଜର୍ଜ ତାର ଆଦରର ନାତୁଣୀଟିର ଫିକାଶୁଖି କପାଳରେ ଏକ ଉଚ୍ଛ୍ୱାସଭରା ଚୁମ୍ବନ ଆଙ୍କିଦେଲା । ତାର ଡେଙ୍ଗା ନାକର ମୂନ ପୁଣି ଥରେ ଛୁଇଁଲା ସେଇ କାନମୂଳ ।

ହଠାତ୍ ଜର୍ଜର ବୟସ ଆହୁରି ବେଗରେ ବଢ଼ିବାକୁ ଲଗିଲା । କିନ୍ତୁ ଝିଅଟି ତା ଆଗରେ କ୍ରମେ କ୍ରମେ ଆହୁରି ଶ୍ରେଷ୍ଠ, କୋମଳ ଏବଂ ଦୟନୀୟ ଭାବେ ନିଃସହାୟ ହୋଇଉଠିଲା ।

ତା ପରେ ସମଗ୍ର ଜଗତଟା ଏକ ସଦ୍ୟୋଜାତ ଶିଶୁରୂପ ଧାରଣ କରି ତା' ଆଖି ଆଗରେ ପଡ଼ିଥିବାର ସେ ଦେଖିପାରିଲା ।

ଧୀରେ ଧୀରେ ତାର କୁଆଁ କୁଆଁ କାନ୍ଦରେ ସମଗ୍ର ଶୂନ୍ୟ ଆକାଶ ମଧ୍ୟ ଭରିଉଠିଲା ।

ସେଇ ଶିଶୁଟିକୁ ନିଜର ବାହୁ ଭିତରେ ଭିଡ଼ିଧରି ଜର୍ଜ ପଳେଇ ଆସିଲା ରାଜପଥକୁ । ଗ୍ଲୋବଟା ଘିରି ଘିରି ହୋଇ ଥରେ ବୁଲିଗଲା ତାର ବାହୁ ଭିତରେ ।

ପାର୍ଟି ଚିଫ୍ ଅଣ୍ଡର ଗ୍ରାଉଣ୍ଡରେ ଆତ୍ମଗୋପନ କରିଥିଲେ । ଶିକ୍ଷୟିତ୍ରୀ ମିସ୍ ଅ.ଡ଼ାମସ୍ ନିଜର କାର୍ଯ୍ୟ ସୁନ୍ଦରରୂପେ ସମ୍ପାଦନ କରି ନିଘୋଡ଼ ନିଦରେ ଶୋଇପଡ଼ିଥିଲେ । ଜର୍ଜର ବାଟ ସଫା ହୋଇଯାଇଥିଲା ।

ସେ ବର୍ତ୍ତମାନ ମୁକ୍ତ ! ହୁଏତ ଜାବୋନ୍ନ କ୍ରି ।

କିନ୍ତୁ ମୁକ୍ତ କାହିଁ ?

ରାଜପଥର ଆଲୋକରେ ଜର୍ଜ ଦେଖିପାରିଲା—ସେମାନେ ଧାଡ଼ି ବାନ୍ଧି ଗ୍ଲଲିଛନ୍ତି । କାହାର ପାଦର ଛିଣ୍ଡା କାନଭାସ୍ ଜୋତା ଭିତରୁ ପୁଜ ଅ.ଉ ରକ୍ତ ବୋହି ବୋହି ରାଜପଥକୁ ଦୂଷିତ କରୁଥିଲା । କାହାର ହାତର ଚେପା ଟିଣ ଟିନା ଭିତରେ ଜମିଥିବା ପୁଞ୍ଜାଏ ଧାନମିଶା ଖୁଦ ଖଇକୁ ଲକ୍ଷ୍ୟକରି ଗୋଟାଏ କୁଆ ବାରମ୍ବାର ଝାମ୍ପମାରୁଥିଲା । ଆଉ ହାତରେ ହାପୁ ହାପୁ କରି ହୁଡ଼େଇ ହୁଡ଼େଇ ସେ ପାଦ ଗଣି ଗଣି ଗ୍ଲଲୁଥିଲା । କାହାର ବା ହାତ ଆଦୌ ନଥିଲା, ସେଇ ଦୁଷ୍ଟ କୁଆର ଦୌରାତ୍ମ୍ୟରୁ ଆପଣାର ଦାନ୍ତରେ ଧରାହୋଇଥିବା ସେଇ ଟିଣଟିନାର ଖଇପୁଞ୍ଜାକୁ ରକ୍ଷା କରିବା ପାଇଁ । କୁଆ ଆସୁଥିଲା ଆଉ ମନଇଚ୍ଛା ଝାମ୍ପ ମାରି ନେଉଥିଲା ।

ସବା ପଛରେ ଗୋଟିଏ ଅନ୍ଧୁଣୀ କୁଷ୍ଠରୋଗିଣୀ ବାଡ଼ି ଠୁକ୍ ଠୁକ୍ କରି ଗ୍ଲଲିଥିଲା । ତାର

Digitized by srujanika@gmail.com

କାଖରୁ ଗୋଟିଏ କଅଁଳାଛୁଆ ଜୁକୁଜୁକୁ କରି ଅନେକ ବଚନ ପୃଥିବୀର ପ୍ରତ୍ୟେକ ମୂହ୍ୟମାନ ବସ୍ତୁକୁ ଅନାଇ ଆଚମ୍ବିତ ହେଉଥିଲା ।

ଜର୍ଜର ଗ୍ରନ୍ଥ ଭିତରେ ଏକ ବଡ଼ସ୍ଟ ତୋପ ହଠାତ୍ ଫୁଟିଉଠିଲା । ତା ପରେ ସେ ଶୁଣିଲା —ସେଇ ତୋପର ପ୍ରତିଧ୍ୱନି ଚତୁର୍ଦ୍ଦିଗରୁ ବିସ୍ତୃତ ହୋଇ ପଡ଼ିଲା ।

ଫମ୍ପା ଗ୍ଲୋବଟି ତା ହାତରୁ ଖସିପଡ଼ିଲା—ଯେମିତ ଦିନେ ଖସିପଡ଼ୁଥିଲା ସେଇ ରବର କଣ୍ଢେଇଟି— ସେଇ ଗୋଦଶ୍ରିଘୁଡ଼ୀର ମୃତ୍ୟୁ ସୁବନ୍ଧୁ ।

ଏକାନଶ୍ୱାସକେ ସେ ଧାଇଁଗଲା । ଅରୁଣୀ, କୁଷ୍ଠରୋଗିଣୀଟିକୁ କୁଣ୍ଢାଇ ପକାଇ ତାର ଜ୍ୱଳନ୍ତ ମୁହଁ ଆଉ ଉଦ୍ଧତ ନାକ ଉପରେ ବାରମ୍ବାର ଚୁମା ଦେଇ ସେ ଚିତ୍କାର କରି ଉଠିଲା—

ମୁଁ ଫେରିଆସିଚି । ମୁଁ ଫେରିଆସିଚି । ହେଇ ଦେଖ୍, ମୁଁ ଫେରିଆସିଚି ।

ଅରୁଣୀର ହାତରୁ ଖସିପଡ଼ିଲା ସେଇ ନବୀନାର ବାଡ଼ି ଖଣ୍ଡିକ । ତାର ଆଖିରୁ ଦୁଇଧାର ଲୁହ ବୋହିଗଲା । ତାର ପାଟିରୁ ସେ ବେଶ୍ ଚହ୍ନିପାରିଲା ତାକୁ । ନ ଚହ୍ନିବା କପଣ ? ଜୀବନରେ ତା ସହିତ ସବମୋଟ ଦିନଥର ଦେଖାହୋଇଥିଲା । ଥରେ ସେ ଆସିଥିଲା କୁଷ୍ଠରୋଗୀଙ୍କ ଆକ୍ରମଣରୁ ତାକୁ ରକ୍ଷାକରିବାକୁ । ଆଉ ଥରେ ସେ ଆସିଥିଲା ପୃଥିବୀର ଭବି ବଂଶଧରକୁ ନରକରୁ ଉଦ୍ଧାର କରିବାକୁ । ଆଉ ଆଜି ସେ ଫେରିଆସିଚି ପୁଣି ତାର କଥା ରକ୍ଷାକରି । କିନ୍ତୁ ଆଜି ବି ସେ ଠକିଯାଇଚି ।

ଅରୁଣୀ ଭେ-ଭେ ହୋଇ କାନ୍ଦିଉଠିଲା ।

ଅଚହ୍ନା ଶିଶୁଟିକୁ ଜର୍ଜ ତା ନିଜ କୋଳକୁ ଆଣିଲା । ତାର ଲାଲ ଲାଲ ମେଓ୍ୱାଭଳି ଗାଲ ଦୁଇଟାକୁ ବାରମ୍ବାର ଚୁମା ଦେଇ ସେ ତାର ଛୋଟ ଛୋଟ କଳାଗୁମର ଆଖି ଦୁଇଟାକୁ ଚୁମ୍ବିଲା ।

ତାର ମନେପଡ଼ିଲା ସାର ସାମଲର ମୁହଁଟା । ମନେପଡ଼ିଗଲା ବି ସେଇ ବୁଢ଼ୁକାନୁଡ଼ା ଆଉ ସେ ରାତିର ହୃଦୟଗଲି କଥା ।

କିନ୍ତୁ ଆଜି ସେ ନିର୍ବିକାର ।

ତାର ବିକାର ନା ଅଛି କୁଷ୍ଠର ଗଳିତ ଚର୍ମରେ, ନା ଅଛି ଅରୁଣୀର ନେତ୍ରହୀନଭଳି ମୁଦା ଆଖିରେ, ନା ଅଛି ଶିଶୁଟିର ଛୋଟ ଛୋଟ ଆଖିଡୋଳା ଭିତରର ସେଇ ସାର- ସାମଲର ପୁଅଟି ହୃଦୟରେ ।

ସମସ୍ତ ଜଗତ ଏକ ଶିଶୁରୂପ ଧାରଣ କରି ତାକୁ ଅନେଇ ରହିଥିଲା । ତାର ସବୁ ଦୋଷକୁ କ୍ଷମା କରି ତାକୁ କାଖରେ ଧରିବା ବ୍ୟତୀତ ଆଉ କ'ଣ ବା କର୍ତ୍ତବ୍ୟ ଥିଲା ଜଣେ ବାସ୍ତବ ସବହରା ପକ୍ଷରେ ?

ସବହରା ଜନତାକୁ ପଛରେ ରଖି ଆଗେ ଆଗେ ଜର୍ଜ ଚାଲିଥିଲା । ତାର ଗୋଟାଏ ହାତରେ ଥିଲା ସେଇ ସରଳତା ଆଉ ସବତୋଭାବେ ସମାନ ଆଗାମୀ ଯୁଗର ମାନବ ଶିଶୁର ପ୍ରତୀକଟି । ଅନ୍ୟ ହାତ ତାର ମୁଠା ହୋଇ ଉଠିଯାଇଥିଲା ସ୍ୱର୍ଗକୁ ।

Digitized by srujanika@gmail.com

ତାର ବାହୁ ଓ ବେକମୂଳର ପ୍ରତ୍ୟେକ ମାଂସପେଶୀ ଟାଣି ଓଟାରି ହୋଇ ଉଠୁଥିଲା । ସେ ଚିତ୍କାର କରୁଥିଲା—କେବଳ ସେଇ ଗୋଟାଏ ପଦ—ମେଓ୍ୱା ଦିଅ—ମେଓ୍ୱା—ମେଓ୍ୱା ···ସେମାନଙ୍କୁ ମେଓ୍ୱା ଦିଅ ।

ମନ୍ଦିରର ରାସ୍ତା କଡ଼େ କଡ଼େ ଜମିଯାଇଥିଲେ ଅଗଣିତ ଦର୍ଶକ । ଆଗରେ ଘୋଡ଼ସବାର ପୁଲିସ ଫଉଜ ମିଳି ରୋଗୀମାନଙ୍କର ବାଟ ବନ୍ଦ କରିଦେଇଥିଲେ ।

ଜର୍ଜ ଚିତ୍କାର କରୁଥାଏ – ସେମାନଙ୍କୁ ମେଓ୍ୱା ଦିଅ ମେଓ୍ୱା । ସେଇ ବଗିଚା ଗଛର ମେଓ୍ୱା । ସତ୍ୟ, ନ୍ୟାୟ, ଅହିଂସା ବୃକ୍ଷର ମେଓ୍ୱା—ଯାହାକୁ ସେଇ ମର୍କଟ-ବଗିଚା ଦଖଲ କରିନେଇଛି ।

ତାର କଥା କେହି ବୁଝିପାରୁ ନଥିଲେ ।

ହଠାତ୍ ଶୂନ୍ୟରେ ଗୋଟାଏ ଦୋ ଫଟକା ଶବ୍ଦ ହେଲା । ଘୋଡ଼ାସବାର ପୁଲିସର ଫାଙ୍କା ଆବାଜ ଜନତାକୁ ସନ୍ତ୍ରସ୍ତ କରିଦେଲା ।

ଜନତା ଛତ୍ରଭଙ୍ଗ ଦେଉଥିଲା ।

ହଠାତ୍ କିଏ ଗୋଟାଏ କେଉଁଠି ନିଆଁ ଲଗାଇଦେଲା ।

ହରିବୋଲ । ହରିବୋଲ । ହରିବୋଲ ।

ତତ୍କ୍ଷଣାତ୍ ହରିବୋଲ ଧ୍ୱନିରେ ଆକାଶ ଉଛୁଳି ପଡ଼ିଲା । ସତେ ଯେପରି ପ୍ରସ୍ତାବିତ ତୃତୀୟ ମହାଯୁଦ୍ଧର ଆରମ୍ଭ ହୋଇଗଲା ।

ଘୋଡ଼ାମାନେ ହ୍ରେଷାରବ ଦେଇ ଚିତ୍କାର କରି ଉଠିଲେ । ଘୋଡ଼ାମାନଙ୍କର ଖୁରାରୁ ଉଠୁଥିବା ଧୂଳିରେ ଗଗନମଣ୍ଡଳ ଆଚ୍ଛାଦିତ ହେଲା ।

କିନ୍ତୁ ସେ ସବୁ ବେଶି ସମୟ ପାଇଁ ନୁହେଁ । ଗୋଟିଏ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ପରି ସେ ହ୍ରେଷାରବ ବନ୍ଦ ହୋଇଗଲା । ସଙ୍ଘର୍ଷର ଶେଷ ହୋଇଆସୁଥିଲା ।

ଗୁଳିଟା ଆସି ଚଟ୍‌କରି ତାର ମୁଣ୍ଡର ଗୋଟାଏ ପାଖ ଦେଇ ପଶି ଅନ୍ୟପାଖେ ବାହାରି ଚାଲିଗଲା । କେତେଗୁଡ଼ିଏ ମୁହୂର୍ତ୍ତ ପାଇଁ ସେ କିଛି ଧାରଣା କରି ପାରିଲାନାହିଁ ।

କିନ୍ତୁ ତାର ଶେଷ ଅନୁଭୂତିଟି ତାକୁ ଅଶେଷ ଯନ୍ତ୍ରଣାରୁ ରକ୍ଷାକଲା ।

ଆଖି ବୁଜିଦେବା ପୂର୍ବରୁ ସେ ଦେଖିଲା—ଗୋଟିଏ କିଏ ଅତି ସ୍ଥୂଳକାୟ ମଣିଷ ତା ପାଖକୁ ଆସିଲା । ତାର ଶୁଖିଲା ତଣ୍ଟିରେ ଟୋପାଏ ପାଣି ଗୋଟିଏ ଲୋଟାରୁ ଢାଳିଦେଇ, ସେ ଜର୍ଜକୁ ମୁକ୍ତ କରିଦେଲା । ତାର କାଖରୁ ସେଇ ଶିଶୁଟିକୁ ଉଠାଇ ନେଇ ସେ ମହାତ୍ମା ତାକୁ ବଢ଼ାଇଦେଲେ ତାଙ୍କର ପଛପଟେ ଛାଇଭଳି ଠିଆହୋଇଥିବା ଅନ୍ୟ ଗୋଟିଏ କାହାର ହାତକୁ । ଦୁଇହାତ ବଢ଼ାଇ ଦେଇ ସେ ଛାଇଟି ମଧ୍ୟ ସ୍ୱୀକାର କରିନେଲା ସେଇ ଦାନଟିକୁ ।

ହଠାତ୍ ଭୁଲିଯାଇଥିବା ଅସଂଖ୍ୟ ଯନ୍ତ୍ରଣା ଆରମ୍ଭ ହୋଇ ଆସୁଥିଲା ତାର ମୁଣ୍ଡ ଭିତରେ । ତାର ତଣ୍ଟି ଫଟାଇ ସେଇ ଶେଷ ଚିତ୍କାରଟି ବାହାରି ଆସିଲା—ମା···

ତାର ତଣ୍ଟି ପୁଣି ଶୁଖିଗଲା ।

Digitized by srujanika@gmail.com

ଅଚହ୍ନା ସ୍ତ୍ରୀଲୋକଟି ମୋଟା ଲୋକର ପଛପଟୁ ବାହାରିଆସିଲା । ଝିଅଟିକୁ କାଖରେ ଧରି ତାର ଓଢ଼ଣା ଆଢୁଆଳରୁ ସେ ଜର୍ଜ୍‌କୁ ଚାହିଁଲା ।

ମୋଟାଲୋକଟା ଚୁ ଚୁ କଲା ।

ଅଚହ୍ନା ସ୍ତ୍ରୀଲୋକଟିର ଓଢ଼ଣା ଖସିପଡ଼ିଲା । ଗୋଟାଏ କ୍ଷୁଧିତ ଚିତ୍କାର କରି ତା ଛାତିର ଛୁଆଟା ଚିତ୍କରି ଉଠିଲା—କିନ୍ତୁ ପରକ୍ଷଣରେ ସେ ପୁଣି ଚୁପ୍ ହୋଇଗଲା ।

ଆଖି ବୁଜିଦେବା ପୂର୍ବରୁ ଏକ ବିଚିତ୍ର ଅନୁଭୂତି ଜର୍ଜ୍‌କୁ ଅଭିଭୂତ କରିଦେଲା । ସେ ଦେଖିଲା, ଗୋଟିଏ ପାଉମାଙ୍କଡ଼ କୁଆଡ଼ୁ ବାହାରି ଆସି ତା ମୁଣ୍ଡପାଖେ ବସିଲା ଓ ତାର ଲମ୍ବା ନାକଟାକୁ ଖୁପୁରେଇବାକୁ ଲାଗିଲା । ତା ପରେ କଅଣ ଭାବି ସେ ନିର୍ବୋଧ ମାଙ୍କଡ଼ଟା ତାର ଛାତିର ଏପଟରୁ ସେପଟରୁ ଓ ସେପଟରୁ ଏପଟକୁ ଅନବରତ ଡେଇଁବାକୁ ଲାଗିଲା ।

Digitized by srujanika@gmail.com